ରାଜର୍ଷି

# ଶ୍ରୀ ବିକ୍ରମଦେବ ବର୍ମ ରଚନାଳୀ

ପ୍ରକାଶକ—

ଶ୍ରୀ ଗୋପୀନାଥ ମହାନ୍ତି. ଏମ୍: ଏ:

ରାଜର୍ଷି ବିକ୍ରମଦେବ ବର୍ମାଙ୍କ କୃତ

# ଶ୍ରୀବିକ୍ରମଦେବ ବର୍ମ ରଚନାମାଳା

ପ୍ରକାଶକ :—

ଶ୍ରୀ ଗୋପୀନାଥ ମହାନ୍ତି, ଏମ୍‌: ଏ:

ପ୍ରଥମ ଦେବ ସଂସ୍କରଣ ।

ମୂଲ୍ୟ—ମନୋଯୋଗ ସହ ଆମୂଳଚୂଳ ପାଠ ।

# ସୂଚୀପତ୍ର


| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ବନ୍ଦନା | ୧ | ଅଦ୍ଭୁତ ସତ୍ୟ | ୫୫ |
| ପ୍ରାର୍ଥନା | ୨ | ସ୍ୱର୍ଣ୍ଣୋପଦେଶ | ୫୭ |
| ସରସ ଗୀତାବଳୀ | ୩ | ପରମ ପବନକୁ | ୫୮ |
| ଅନ୍ତର୍ଲିପି ଅଧ | ୧୪ | ଅଦ୍ୱୈତେ ଜ୍ଞାନ | ୫୮ |
| ସୁଧାକର ତତ୍ତ୍ୱ | ୧୮ | ମଥୁରା ବାସ | ୫୮ |
| ପ୍ରଶ୍ନୋତ୍ତର ଗୀତ | ୧୮ | କେତେ ଦେଶଭକ୍ତ | ୫୯ |
| ସ୍ୱର୍ଣ୍ଣ ତତ୍ତ୍ୱ | ୧୯ | ନିର୍ଦ୍ଦେଶିକା ପ୍ରୀତ | ୫୯ |
| ସୁନା ରୁପା | ୨୦ | ଉପଦେଶ | ୬୦ |
| ଶୀତଳ ପଦ୍ୟ | ୨୦ | କଥଭୂଷାଭର | ୬୧ |
| ରସ ବିଷୟ | ୨୧ | ନୀତି-ବାକ୍ୟାବଳୀ | ୬୧ |
| ଋତୁ ବର୍ଣ୍ଣନ | ୨୨ | ଗୌରୀ ସ୍ତବ ଅଧ | ୬୩ |
| ଗୁରୁ ଦକ୍ଷିଣା | ୨୯ | ଶ୍ଳୋକ ପଞ୍ଚକ | ୬୫ |
| କି ହେଲା | ୩୩ | ବସ୍ତ୍ରର ମାଳିକା | ୬୮ |
| ଏବେ ଚଳଣି | ୩୩ | ଶ୍ରୀକୃଷ୍ଣ ପଞ୍ଚରତ୍ନ ସ୍ତୋତ୍ରଂ | ୭୧ |
| ବେଦ ପୌରୁଷେୟ | ୩୪ | ଶ୍ରୀମାଧବ ପଞ୍ଚରତ୍ନ ସ୍ତୋତ୍ରଂ | ୭୧ |
| ଖ୍ରୀଷ୍ଟଭକ୍ତି | ୩୪ | ଶ୍ରୀକୃପାମ୍ବୋଧ୍ୟଷ୍ଟକଂ | ୭୨ |
| ଜାହ୍ନ ଜାହ୍ନିଁ ତଳେ | ୩୫ | ଶ୍ରୀ ଅନ୍ନତାଷ୍ଟକଂ | ୬୩ |
| ଅପୂର୍ବ ବିଧାତା | ୩୫ | ଶ୍ରୀଶିବ କବଚ | ୭୪ |
| ପ୍ରହେଳିକା | ୩୬ | ନବଗ୍ରହ ସଗ୍ରନ୍ଥ ସ୍ତବ | ୭୫ |
| ଲୋକୋକ୍ତି | ୩୭ | ଶ୍ରୀସ୍ୱନଚନ ଗୀତ | ୭୫ |
| ରାଜଧର୍ମ | ୫୪ | ଶ୍ରୀ କେଶବ ଭଜନା | ୭୯ |
| ଏ ଭବନ୍ତ ଅନ୍ତର | ୫୫ | ଶ୍ରୀକୃଷ୍ଣ ନାମମାଳା | ୮୨ |

| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ଶ୍ରୀଧର ନବରତ୍ନମାଳା | ୮୩ | ଗୁଣବତୀ ପତ୍ନୀ | ୩୩୫ |
| ଗୋପାଳ ନବଗ୍ରହ ମାଳା | ୮୪ | ସୁଲକ୍ଷଣା | ୩୪୪ |
| ମଂକୋକିଳ ଶ୍ଳୋକ | ୮୫ | ଲଳିତା | ୩୫୧ |
| ଶ୍ରୀ ଚୈତନ୍ୟସ୍ତୋତ୍ର | ୮୬ | ନିଜ ଗାଡ଼େ ନିଜେ ପଡ଼େ | ୩୫୫ |
| ଭକ୍ତ ସଙ୍ଗୀତ | ୮୭ | ବାଳିକା ବିବାହ | ୩୫୮ |
| ଦଣ୍ଡକ | ୧୦୫ | ଭୂତ ଭୟ | ୩୬୭ |
| ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ତତ୍ତ୍ୱ | ୧୦୬ | ଅଙ୍ଗହୀନ ଅନ୍ନକଷ୍ଟୀ | ୩୭୨ |
| ନୈଷ ରହସ୍ୟ | ୧୦୭ | କାଦମ୍ବରୀ କଥାସାର | ୩୭୬ |
| ଶୋଇପଡ଼ ଘାସ | ୧୧୦ | ଭେଦ କେବଳ ପାତ୍ରାଳିରେ ରାଘବରାଜ…… | ୩୮୯ |
| ଜ୍ୟୋତିଷ କବିତା | ୧୧୧ | ଗ୍ରୀକ ପୁରାଣ କଥା | ୩୯୫ |
| ତୁଳସୀ ରାମାୟଣ ଅଦ୍ଭକାଣ୍ଡ | ୧୧୫ | ରାଜାଶ୍ରୟ ବିଧାନ | ୩୯୮ |
| ଶ୍ରୀ ଗୋବିନ୍ଦମନ୍ଦିରକାବଳିଃ | ୩୧୫ | ଅର୍ଥବିବାହାତଙ୍କ | ୪୦୦ |
| ଶୀରରେ ମୂର୍ତ୍ତ ଜୀବ | ୩୨୩ | ଭଣ୍ଡ ଧର୍ମୀ | ୪୦୫ |
| ପୁରୁଷୋତ୍ତମ ଗ୍ରୁନ୍ଦ୍ରସ | ୩୨୫ | ବୁଦ୍ଧ ଚରିତ ନାଟକ | ୪୦୭ |
| ଗୋବରଆ | ୩୨୯ | ଉତ୍କଳ କୁନ୍ଦମାଳା ନାଟକ | ୪୩୯ |


ସମାପ୍ତ

**ମୂଲ୍ୟ ଟ ୩୯ ଙ୍କା ମାତ୍ର**

# ଭ୍ରମ ସଂଶୋଧନ

ଏ ବହିରେ କେତେକ ସ୍ଥଳରେ ମୁଦ୍ରଣ ପ୍ରମାଦ ଥିବାରୁ ତାହାର
ଶୁଦ୍ଧିପତ୍ର ଦିଆଗଲା

| ଅଶୁଦ୍ଧ | ଶୁଦ୍ଧ |
|---|---|
| କମ୍ପା ଓ କମ୍ପାଇଁ | କପାଁ, କପାଇଁ |
| ଉପେଖିବା, ଉପେଖିଲା | ଉପେକ୍ଷିବା, ଉପେକ୍ଷିଲା |

ବହିର ଯେଉଁ ସ୍ଥାନରେ ଥିବ
ଶୁଦ୍ଧଟି ଗ୍ରହଣ କରିବ ।

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୪୯ | ୨ | ଖୋଜେ ପରଦୋଷ | ପାଞ୍ଚେ ପରନାଶ |
| ୬୨ | ୭ | ସନିଧ୍ୟାଚରଣ | ସତ୍‌ନିଧ୍ୟାଚରଣ |
| ୭୪ | ୨ | ମୁଦାକରଂ | ମୁଦାପ୍ରଦାଂ |
| ୧୨୭ | ୨୩ | ଗାମ୍ବିର | ଗାମ୍ଭିର |
| ୧୪୫ | ୧୧ | ନିପଦାଳି | ଜ୍ଞପଦାବଲୀ |
| ୧୫୪ | ୮ | ଭବାନିଙ୍କ | ଭବାନୀଙ୍କ |
| ୨୭୪ | ୧୨ | ନି | କି |
| ୩୦୪ | ୩ | ଚ୍ୟୁତାଦ୍ଧ | ଚୂତାଦ୍ଧ |
| ୩୨୩ | ୨୨ | ପୁରଙ୍କୁ | ପୁରକୁ |
| ୩୫୨ | ୨୭ | ଧର୍ମକାଣଙ୍କୁ | ଧର୍ମକାଣକୁ |
| ୩୫୭ | ୧୪ | ଶୁଅଚ | ଶୁଅଇଛି |
| ୩୬୧ | ୧୧ | ବୋଥ | ବଥ |
| ୩୯୩ | ୨୫ | ଜନନି | ଜନନୀ |

ଜନନୀ ପ୍ରଭୃତି ( ୀ ) ଈକାର ସମ୍ବୋଧନରେ ( ି ) ଇକାର ହୋଇ ଥିବାରୁ
ତାହା ( ୀ ) ଈକାର ହେବ ।

# ଭୂମିକା

୧୮୬୯ ସାଲରେ ଜନ୍ମହୋଇ ଅଜୀବନ ସାହିତ୍ୟସେବା କରି ନାନାଦି ଗ୍ରନ୍ଥ ପ୍ରଣୟନ କରିସାରିଲା ପରେ ୧୯୪୭ ସାଲରେ ଶ୍ରୀ ବିକ୍ରମ ଦେବ ବର୍ମାଙ୍କ 'ରଚନାଙ୍କ' ଏକତ୍ର ପ୍ରକାଶିତ ହେଲା । ତାଙ୍କର ଚରିତ-ସୁଲଭ ବିନୟରେ ଏହାକୁ 'ଗ୍ରନ୍ଥାବଳୀ' କରିବାକୁ ସେ ଅନିଚ୍ଛୁକ ହେଲେ । ସାହିତ୍ୟ-ରାଜ୍ୟରେ ସେ ସୁପ୍ରସିଦ୍ଧ, ସେ 'ସାହିତ୍ୟ ସମ୍ରାଟ୍‌', 'କଳାପ୍ରପୂର୍ଣ୍ଣ' 'ବିଦ୍ୟାସାଗର' । ସେ D. Litt, Doctor of Letters । ସେ ଅନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରୋ-ଚ୍ୟାନ୍‌ସେଲର, ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକ ସମିତିର ସଭ୍ୟ । ଉତ୍କଳ ଦେଶରେ ସେ ବିଶାଳ ଜୟପୁର ଜମିଦାରୀର ଅଧିକାରୀ, ଜୟପୁରର 'ମହାରାଜ' ଯାହାଙ୍କ ରାଜ୍ୟରେ ଭବିଷ୍ୟତର ଉତ୍ତମା ବିଦ୍ୟୁତ୍‌ ଶକ୍ତି ଅବସ୍ଥିତ । ସେ ପ୍ରାଚୀନ ନନ୍ଦପୁର ରାଜବଂଶର ଅବତଂସ । ମନୁଷ୍ୟ ସମାଜରେ ସେ ଦାନବୀର । ୧୯୩୧ ରେ ଜୟପୁରର ରାଜଗାଦି ପାଇଲା ପରଠାରୁ ବର୍ଷକୁ ୧ଲକ୍ଷ ଟଙ୍କା ହିସାବରେ ଏ ପର୍ଯ୍ୟନ୍ତ ସେ ଅନ୍ଧ୍ର ବିଶ୍ୱବିଦ୍ୟାଳୟକୁ ୧୫ ଲକ୍ଷ ଟଙ୍କା ଦାନ କରି ସାରିଲେଣି, ଏବଂ ତାହା ପୂର୍ବରୁ ମଧ୍ୟ ୧୯୨୧ ସାଲରେ ବିଶାଖପାଟଣାରେ ରହୁଥିଲା ସମୟରେ ତାଙ୍କର ଦାନ ଓ ବିଦ୍ୟୋତ୍ସାହ ସକାଶେ ଭାରତ ସରକାରଙ୍କଠାରୁ ସେ ଖ୍ୟାତି-ପଦ ପାଇ ସାରିଥିଲେ । କଟକ ମେଡ଼ିକେଲ୍‌ କଲେଜକୁ ତାଙ୍କର ଦାନ ୧ ଲକ୍ଷ ୩୦ ହଜାର ଟଙ୍କା । ୰ପ୍ରହରାଜଙ୍କ ଭାଷାକୋଷକୁ ଦଶହଜାର ଟଙ୍କା । ୰ଚନ୍ଦ୍ରମଣି ମହାନ୍ତିଙ୍କ ଗ୍ରନ୍ଥାବଳୀର ସେ ପ୍ରଧାନ ପୃଷ୍ଠପୋଷକ । ନୀଳକଣ୍ଠଙ୍କ 'ନବଭାରତ' ତାଙ୍କର ବିପୁଳ ଦାନ ପାଇଥିଲା । ଶ୍ରୀ ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତା ବହି ଓ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁଙ୍କ Hill tribes of Jeypore ସେ ନିଜ ଖର୍ଚ୍ଚରେ ଛପାଇଥିଲେ ଏବଂ ଅନେକ ଓଡ଼ିଆ କବି, ପତ୍ରିକା, ଗ୍ରନ୍ଥ ଓ ଅନୁଷ୍ଠାନ ତାଙ୍କଠାରୁ ଦାନ ପାଇଛନ୍ତି । ତାହା ଛଡ଼ା ତେଲୁଗୁ ପତ୍ରିକାମାନଙ୍କୁ ତାଙ୍କର ସହସ୍ର ସହସ୍ର ଟଙ୍କା ଦାନ, ବିଶାଖପାଟଣାର ନାରୀ ଚିକିତ୍ସାଳୟ, Industrial Museum, ଅନ୍ଧ୍ର ରଙ୍ଗମଞ୍ଚ ଏସବୁ ଦେଶରେ ତାଙ୍କର ଅକ୍ଷୟ କୀର୍ତ୍ତି ଏବଂ ସେ ଦେଶର ଅଗଣନ ଲୋକ ତାଙ୍କର ଅନ୍ନରେ ପ୍ରତିପାଳିତ । ସେ ଜଣେ ଉଚ୍ଚ କୋଟିର କର୍ମୀ । ନିଜେ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲେ ବୋଲି ସେ ଗର୍ବ ଅନୁଭବ କରନ୍ତି । ସେ ବିଶାଖ-

ପାଠଶାଳ 'ଓଡ଼ିଆ ସମାଜର' ପ୍ରତିଷ୍ଠାତା; ଦେଶମିଶ୍ରଣ ଆନ୍ଦୋଳନରେ ଜଣେ ପ୍ରଧାନ ଉଦ୍ୟୋକ୍ତା ଏବଂ ୧୯୧୪ ସାଲର ଉତ୍କଳ ସମ୍ମେଳନୀର ସଭାପତି, ଯାହାଙ୍କ ଶ୍ରଦ୍ଧାରେ ଉତ୍କଳର ବ୍ୟାସକବି ଫକୀରମୋହନ ଉତ୍କଳ-ଭ୍ରମଣରେ ଲେଖିଛନ୍ତି :—

"ଏହିପରି ଜଣେ ଯେବେ ଥାଆନ୍ତେ ଭିତରେ
ଭୁଲିଥାନ୍ତି ମୁହିଁ ଦାଉ ପଡ଼ାର ନାଶରେ"।

ଅନ୍ଧ୍ରଦେଶରେ ସେ ଅନ୍ଧ୍ର-ଜାତୀୟ ଜୀବନର ଅଧିପତି। ୧୯୧୭ ରେ ସେ ଅନ୍ଧ୍ରଇଣ୍ଡିଆନ୍ କନ୍‌ଫରେନ୍ସର ସଭାପତି ହୋଇଥିଲେ। ୧୯୨୩ ରେ ଅନ୍ଧ୍ର ସାହିତ୍ୟ ପରିଷଦର ସଭାପତି ହୋଇଥିଲେ। ତାଙ୍କୁ ଅନ୍ଧ୍ର ଭାରତୀ ତୀର୍ଥ ୧୯୩୩ରେ 'ସାହିତ୍ୟସମ୍ରାଟ୍' Lord of Letters', ଅନ୍ଧ୍ର ବିଶ୍ୱବିଦ୍ୟାଳୟ ୧୯୩୮ରେ 'କଳାପ୍ରପୂର୍ଣ୍ଣ' D. Litt ଉପାଧିମାନ ଦେଲାପରେ କ୍ଷତ୍ରିୟ ସମାଜର ସଭାପତି ହୋଇ ଗ୍ରାମ ବରମ୍‌ପୁରରେ ଯେତେବେଳେ ସେ ପଦାର୍ପଣ କଲେ, ସେତେବେଳେ ୩୫୦ ପ୍ରୋଫେସର୍ ଯୋଗ ହୋଇଥିବା ସୁସଜ୍ଜିତ ସମାଜରେ ତାଙ୍କ ବିଶେଷ ଅଭିନନ୍ଦନ କରା ହୋଇଥିଲା ଏବଂ ଓ୍ୱାଲ୍‌ଟେୟାରରେ Jeypore College of Technology & Sciences ଅନରେ ତାଙ୍କର ପ୍ରତିମୂର୍ତ୍ତି ଉଦ୍‌ଘାଟନ କଲାବେଳେ ଶ୍ରୀମତୀ ସରୋଜିନୀ ନାଇଡୁ ଯେପରି ଭାବରେ ତାଙ୍କ ଅଭିନନ୍ଦନ କରିଥିଲେ ତାହା କେବଳ ଦେବତାମାନଙ୍କୁ ସମ୍ଭବ। ନାନା ବ୍ୟକ୍ତି ନାନା ଭାବରେ ତାଙ୍କୁ ପ୍ରଶଂସା କରନ୍ତି, ଓଡ଼ିଶାରେ ଚିନ୍ତାମଣି ମହାନ୍ତିଙ୍କର 'ଜୀବନୀ' ତାହାର ନମୁନା ମାତ୍ର। ଅନ୍ଧ୍ର ଦେଶରେ ତାଙ୍କ ପ୍ରଶଂସା କରି ଯାହା ଲେଖା ହୋଇଛି ତାହା ଅନେକ ବୃହତ୍ ପୁସ୍ତକ ହେବ ଏବଂ ଜୟପୁରର ମହାରାଜ—ସ୍ୱୟଂ ସେ ଯେଉଁ 'ଜୟପୁର ରାଜ ବଂଶାବଳୀ' ଲେଖିଛନ୍ତି ତାହା ଦକ୍ଷିଣଦେଶରେ କଲେଜ-ପାଠ୍ୟ।

ଏହି ପଣ୍ଡିତ ମହାଶୟଙ୍କର ଓଡ଼ିଆ ରଚନାବଳୀ ଏକତ୍ର ହୋଇ ଏଥିରେ ପ୍ରକାଶିତ ହେଲା। ଆଧୁନିକ ଓଡ଼ିଆ ସାହିତ୍ୟିକମାନଙ୍କ ମଧ୍ୟରୁ ଅନେକଙ୍କର ଜନ୍ମପୂର୍ବରୁ ଶ୍ରୀ ବିକ୍ରମଦେବ ବର୍ମା 'ପ୍ରଦୀପ', 'ମୁକୁର', 'ଉତ୍କଳସାହିତ୍ୟ' ପ୍ରଭୃତିରେ ଜଣେ ପ୍ରଧାନ ଲେଖକ ଥିଲେ। ତାହା ପରେ ମଧ୍ୟ ଅନେକାଂଶ ପତ୍ରିକାରେ ସେ ଲେଖୁଥିଲେ। ସେ ତେଲୁଗୁ, ସଂସ୍କୃତ ଏବଂ ଓଡ଼ିଆ ଏ ତିନି ଭାଷାରେ ଲେଖନ୍ତି। ତେଲୁଗୁ ପତ୍ରିକାମାନଙ୍କରେ ତାଙ୍କର ଅନେକ ରଚନା ଅଛି। ଅନ୍ଧ୍ରଲିପିରେ ତାଙ୍କର ଅମୂଲ୍ୟ ଦାନ 'କୃଷ୍ଣାର୍ଜ୍ଜୁନ ଚରିତମ୍' କାବ୍ୟ ଏବଂ "ମାନବତୀ ଦେବ" ନାଟକ ଯାହା ଅନ୍ଧ୍ର ବିଶ୍ୱ-

ବିଦ୍ୟାଳୟର କଲେଜପାଠ୍ୟ ହୋଇଥିଲା । ସଂସ୍କୃତରେ ସେ ଅସାଧାରଣ ପଣ୍ଡିତ ଏବଂ ଭାଷାତତ୍ତ୍ୱବିତ୍ । ଓଡ଼ିଆରେ ତାଙ୍କର "ସଙ୍ଗୀତ ରାଧାମାଧବ ନାଟକ" ସମ୍ବନ୍ଧେ ବ୍ୟାସକବି ଫକୀରମୋହନ ଲେଖିଥିଲେ :—

"ସୁନ୍ଦର କରିଛ ରାଧାମାଧବ ନାଟକ
ପଢ଼ି ଜ୍ଞାନ କରେ ମୋର ଜୀବନ ସାର୍ଥକ ।"

ସେହିପରି ତାଙ୍କର "ଯଜୁର୍ବେଦୀୟ ସନ୍ଧ୍ୟା ପ୍ରୟୋଗ", "ଦ୍ୱିଜାଚମନ ବିଧାନ" ଏବଂ ଅସଂଖ୍ୟ ଶ୍ଳୋକମାଳିକା । ସଂସ୍କୃତ ଭାଷାରେ ତାଙ୍କର ରଚନା ଅର୍ଥ ଗୌରବ ମଣ୍ଡିତ, ସୁଲଳିତ ଏବଂ ନିର୍ଦ୍ଦୋଷ । ଓଡ଼ିଆ ଭାଷାରେ ତାଙ୍କର କୃତି ଗୁରୁତର ଅଟଇ ଏବଂ ତାର ଏହି ରଚନାବଳୀରେ ସନ୍ନିବିଷ୍ଟ । ଏଥିମଧ୍ୟରୁ ଗୀତାର ଓଡ଼ିଆ ଅନୁବାଦ 'ଭଗବଦ୍ ଗୀତାମହାତ୍ମ୍ୟ', ମୋହମୁଦ୍ଗରର ଅନୁବାଦ 'ଶ୍ରୀଗୋବିନ୍ଦ ମଞ୍ଜରିକାବଳୀ', 'କାଦମ୍ବରୀ କଥା ସାର', କୋଟିଏ ପ୍ରାଚୀନ ସଂସ୍କୃତ ନାଟକର ଅନୁବାଦ 'ଉଜ୍ଜ୍ୱଳ କୁନ୍ଦମାଳା' ଏବଂ ହିନ୍ଦି ତୁଳସୀ-ରାମାୟଣର ଅଯୋଧ୍ୟାକାଣ୍ଡର ଓଡ଼ିଆ ଅନୁବାଦ 'ଶ୍ରୀ ତୁଳସୀ ବିନୟ ରାମାୟଣ' ଅଛି । କବିଙ୍କର ମୌଳିକ କୃତି 'ବୁଦ୍ଧ ଚରିତ' ନାଟକ ପ୍ରସିଦ୍ଧ । ତାଙ୍କର ଅନେକ ଖଣ୍ଡ କବିତା 'ସରସ ଗୀତାବଳୀ' ଓ 'ଚନ୍ଦ୍ରର ମଲ୍ଲିକା' ନାମରେ ପ୍ରକାଶିତ ହୋଇଥିଲା ଏବଂ ଅସଂଖ୍ୟ କବିତା ଓ ଶ୍ଳୋକ ଛିନ୍ନ ପତ୍ର ରୂପେ ଜୟପୁର ବିଜୟ ପ୍ରେସରୁ ଅନେକ ସମୟରେ ପ୍ରକାଶ ପାଉଥାଏ । ଆରମ୍ଭରୁ କେତୋଟି ସରସ ଅଦ୍ଭୁତ ରସାତ୍ମକ କବିତା ଛଡ଼ା ତାଙ୍କର ଅଧିକାଂଶ କବିତା କ୍ରମଶଃ ଗମ୍ଭୀର ଭାବପୂର୍ଣ୍ଣ, ସ୍ତୁତି, ଜଣାଣ, ଉପଦେଶାତ୍ମକ କବିତା, ଧର୍ମ ସଙ୍ଗୀତ ଓ ନୀତିପଦ୍ୟ । ସେ ଜଣେ ଅସାଧାରଣ ପଣ୍ଡିତ ଏବଂ ଅଦ୍ୱିତୀୟ ସମାଲୋଚକ । 'ନବରସ' 'ଅଳଙ୍କାର' 'ନୃତ୍ୟକଳା', 'ସମାସ', 'ଅବର୍ଣ୍ୟ ବିଚାର', 'ଦୃଷ୍ଟକାବ୍ୟାନୁବାଦ', 'ସାଂଖ୍ୟ ଦର୍ଶନ' 'ମେଘଦୂତ' ପ୍ରଭୃତି ତାଙ୍କର ଉତ୍କୃଷ୍ଟ ସମାଲୋଚନା-ସାହିତ୍ୟ ଏବଂ ଅନେକ ଓଡ଼ିଆ ପତ୍ର ଯଥା 'ଗୁଣ୍ଡିଚା', 'ଧର୍ମଘଟ', 'ସମ୍ମେଳନ' ବିଷୟରେ ତାଙ୍କର ବିଚାର ସ୍ୱରୂପ ଖଣ୍ଡ ଖଣ୍ଡ ପ୍ରବନ୍ଧ ଅଛି । ଗଦ୍ୟ ସାହିତ୍ୟରେ ତାଙ୍କର ଅନେକ ପ୍ରବନ୍ଧ ଏବଂ କ୍ଷୁଦ୍ର ଗଳ୍ପ ଅଛି ଏବଂ ଓଡ଼ିଶା ଗଦ୍ୟ ସାହିତ୍ୟର କ୍ରମବିକାଶର ଇତିହାସ କଳ୍ପେ ସେ ଗୁରୁତ୍ୱ ପ୍ରଣିଧାନଯୋଗ୍ୟ । ପ୍ରାକୃତିକ ଜଙ୍ଗଲର ଭୂସ୍ୱର୍ଗ ପରି, ତରଙ୍ଗାୟିତ ପୂର୍ବଘାଟ ପର୍ବତମାଳା ଅବୋଧ ସୁଦୂର କୋରାପୁଟ ଓ ଗଞ୍ଜାମ ମାଡ଼ୁଗୁଳ ଅଞ୍ଚଳ । ସେଠି ଋଷି ଦେବ ପାହାଡ଼ ଓ ପର୍ବତୋପରି ପ୍ରାଚୀନ ଆଦିମ ମନୁଷ୍ୟର ବସତି । ସେଠି ରାମାୟଣଯୁଗର ମାଲ୍ୟବନ୍ତଗିରି, ପର୍ବତ ଓ ନଦୀ, ରାମଚନ୍ଦ୍ରଙ୍କ

ସଖା ଲେଖ ପରଜା କୃଷାଣଙ୍କୁ, ଖରଦୂଷଣ ତ୍ରିଶିରଙ୍କର ଆଧୁନିକ ସଂସ୍କରଣ ଶିକାରୀପ୍ରାୟ ସାହୁକାରପଲ । ରାଜନୈତିକ ପରିବର୍ତ୍ତନାଦି ଘଟିଛି ଆଜି ଗଙ୍ଗରାଜ ମାଡ଼ଗୁଳର ଓଡ଼ିଆ ପୁଅ ମାନ୍ଦ୍ରାଜର ପ୍ରଜା, ଡୁଡୁମା ଜଳପ୍ରପାତରୁ ମାନ୍ଦ୍ରାଜର ଅଧେ, କିନ୍ତୁ ସେଠି ମନୁଷ୍ୟ ସମାଜ ବିଶେଷ ବଦଳି ନାହିଁ । ହଜାରେ ବର୍ଷ ପୂର୍ବର ମନୁଷ୍ୟର ସଂସ୍କୃତି ସେହିପରି ରହିଛି । ଆପଣା ଆପଣା ଜାତିର ସ୍ୱାତନ୍ତ୍ର୍ୟ ସମ୍ପନ୍ନ ପର୍ବତ ଖୋଲ ଭିତରେ ସେକାଳର ସମାଜକୁ ଜୀଅନ୍ତ ରଖି ବଞ୍ଚି ରହିଛନ୍ତି ମନୁଷ୍ୟ, ଯେଉଁମାନେ ବୈଦିକ ପଦ୍ଧତିରେ ଅଗ୍ନିକୁ କାଠିରେ କାଠି ଘଷି ନିଆଁ ବାହାର କରନ୍ତି ଏବଂ ସେ ଦେଶରେ ଅଛି ପ୍ରାଚୀନ ଯୁଗର ସରଳତା, ସତ୍ୟପ୍ରିୟତା, ଶିଷ୍ଟାଚାର, ବିନୟ, ନିରାଡ଼ମ୍ବର ସୌନ୍ଦର୍ଯ୍ୟ । ଶ୍ରୀରାମଦେବଙ୍କର ସାହିତ୍ୟିକ ବ୍ୟକ୍ତିତ୍ୱର ପୃଷ୍ଠପଟ ଏହି, ସେ ପ୍ରାଚୀନ ନନ୍ଦପୁର ରାଜବଂଶଜ ।

ସଂସ୍କୃତିବାନ୍ ପ୍ରାଚୀନ ସାହିତ୍ୟିକ, ସତସ୍ତରି ବର୍ଷ ବୟସ୍କ ଦୀର୍ଘକାୟ ବୃଦ୍ଧ, ଅଦ୍ୟାପି ସବଳ, ଅଦ୍ୟାପି କର୍ମଠ । ଘଣ୍ଟାପରେ ଘଣ୍ଟା ଠିଆ ହୋଇ କବିତା କହି ପାରନ୍ତି, ଏ ବୟସରେ ମୁଣ୍ଡା ଦୁଇକୋଶ ଚାଲନ୍ତି, ଅଦ୍ୟାପି ସାହିତ୍ୟଚର୍ଚ୍ଚା କରନ୍ତି, ରଚନା କରନ୍ତି । ପ୍ରାଚୀନ ଆଚାର, ମସ୍ତକରେ ଶିଖା, ପରିଧେୟ ସାଧାରଣ ଓ ଅତି ନିରାଡ଼ମ୍ବର, ବିଦେଶୀ ଖାଦ୍ୟ ଛୁଅନ୍ତି ନାହିଁ, ଚିନି ପରିବର୍ତ୍ତେ ଗୁଡ଼ ଖାଆନ୍ତି, ସିଗାରେଟ୍ ପରିବର୍ତ୍ତେ ପିକା ଟାଣନ୍ତି । ତାଙ୍କର ପ୍ରିୟ ଖାଦ୍ୟ ଓଡ଼ିଶୀ ପିଠାପଣା ଓ ଅଦାପିପୁଳି ମିଶିଥିବା ଗୁଡ଼ଦିଆ କଫି । ଏ ଯୁଗରେ ଅତି ନିଷ୍ଠାପର, ଏକାଦଶୀ, ବ୍ରତ, ଉପବାସ ଯଥା ନିୟମରେ କରନ୍ତି ଏବଂ ଯଥା ନିୟମରେ ପୂଜା କରନ୍ତି । ଆପଣା ଜୀବନରେ ପ୍ରାଚୀନ ସଂସ୍କୃତିର ପ୍ରତ୍ୟେକ ନିୟମ ଓ ସଦ୍‌ଗୁଣ ଧାରଣ କରିବାକୁ ସେ ସଦା ପ୍ରୟାସୀ । ଗର୍ବ ନାହିଁ, ଦମ୍ଭ ନାହିଁ, ଅତି ସରଳ । ଆପଣାକୁ ତୁଚ୍ଛ ଜ୍ଞାନ କରନ୍ତି । ପରକୁ "ମହୋଦୟ ! ମହାଶୟ !" ସମ୍ବୋଧନ କରି ବହୁମାନ କରନ୍ତି ତାଙ୍କ ପରି ଲୋକଙ୍କର ଅଦ୍ଭୁତ ବିନୟ ଦେଖି ଆଶ୍ଚର୍ଯ୍ୟ ଲାଗେ । ତାଙ୍କର ନୀତି ଅତି ଦୃଢ଼, ସେ ନିଜର ସ୍ୱାର୍ଥ ବା ସୁବିଧାକୁ ମୋଡ଼ି ତାହାର ପ୍ରଭାବରେ ପଡ଼ିବାକୁ ଚାହାନ୍ତି ନାହିଁ ଏବଂ ପରର ଉପକାର କରିବା ଛଡ଼ା ଅନ୍ୟ ସମୟରେ ଆପଣାର ସାହିତ୍ୟଚର୍ଚ୍ଚା ଓ ଭଗବତ୍‌ଚିନ୍ତାରେ ବୁଡ଼ି ରହିଥାନ୍ତି । ତାଙ୍କର ଏହି ବ୍ୟକ୍ତିତ୍ୱର ପ୍ରଭାବ ତାଙ୍କର ରଚନାବଳୀର ରୁଚି, ବିଷୟ ବସ୍ତୁ, ଭାଷା, ଭାବ ଓ ଶୈଳୀ ଉପରେ ପଡ଼ିଛି ଏବଂ ସେ ଗୁଡ଼ିକ ବୁଝିବାକୁ ହେଲେ ଏହି ବ୍ୟକ୍ତିତ୍ୱର ପରିଚୟ ଆବଶ୍ୟକ ।

ଶ୍ରୀ ବନମଦେବ ବର୍ମଙ୍କର ବ୍ୟକ୍ତିତ୍ୱର ଗଠନକୁ ଏବଂ ତାଙ୍କର ସାହିତ୍ୟକୁ ତାଙ୍କର ଜୀବନୀ ହିଁ ଗୋଟିଏ ବିଶିଷ୍ଟ ମୌଳିକ ରୂପ ଦେଇଅଛି । ତାଙ୍କର ପିତା ଶ୍ରୀକୃଷ୍ଣଚନ୍ଦ୍ର ଦେବ ଜୟପୁର ରାଜବଂଶଜ । ସେ ମାନ୍ଦ୍ରାଜର ଶ୍ରୀକାକୋଲ ତାଲୁକାର ପର୍ବତାଲ୍‌ପେଟ ବ୍ରାହ୍ମଣଶାସନରେ ରହୁଥିଲା ସମୟରେ ସେଠାରେ ତା ୨୮।୭।୧୮୬୯ରିଖରେ ବନମଦେବ ଜନ୍ମ ହୋଇଥିଲେ । ଅତଏବ ଜନ୍ମତାରିଖ ଅନୁସାରେ ସେ ଭଞ୍ଜୋତ୍ତର ଯୁଗର, ଯେଉଁବେଳେ ଆମ ଦେଶରେ ନୀତି, ଚରିତ୍ର, ବ୍ରହ୍ମଚର୍ଯ୍ୟ, ଆଧ୍ୟାତ୍ମିକତା ପ୍ରଭୃତି ଆଦର୍ଶ ହୋଇଥିଲା ଓ ସଂସ୍କୃତ ହିଁ ସମ୍ମାନାର୍ହ ବିଦ୍ୟା ହୋଇଥିଲା । ଜନ୍ମକାଳରୁ ତାଙ୍କ ଉପରେ ଅନ୍ଧ୍ରପରିବେଷ୍ଟନୀର ପ୍ରଭାବ ପଡ଼ିଥିଲା । ସେଠାରେ ୩ବର୍ଷ କାଳ ସେ ତେଲୁଗୁ ପ୍ରାଥମିକ ବିଦ୍ୟାଳୟରେ ପଢ଼ିଥିଲେ ଏବଂ ଜଣେ ବ୍ରତିରାଜୁ ତାଙ୍କୁ ତେଲୁଗୁ ଭାଷାରେ ବାଳରାମାୟଣ, ନୀତିମଞ୍ଜରୀ ଓ କୃଷ୍ଣଶତକ ପଢ଼ାଇଥିଲେ । ବନମଦେବ ଘରେ କିଛି ଓଡ଼ିଆ ପଢ଼ିଥିଲେ । ତାଙ୍କ ପୁରୋହିତଙ୍କ ଭାଇ ରଘୁନାଥ ରଥ ତାଙ୍କୁ କେଶବ କୋଇଲି, ବାରମାସୀ କୋଇଲି, ଗୋପୀଭାଷା, ଗୋପଲୀଳା ପ୍ରଭୃତି ପଢ଼ାଇଥିଲେ । ପରେ ସାହି-ତ୍ୟରେ ବନମଦେବ ଆପଣାର କାବ୍ୟ ଓ କବିତାରେ ସରଳ ଓଡ଼ିଆ ଭାଷା ବ୍ୟବହାର କଲେ ଏବଂ ନିଜର ଅସାଧାରଣ ସଂସ୍କୃତଜ୍ଞାନ ଯୋଗୁଁ ସେଥିରେ ସଂସ୍କୃତ ସାହିତ୍ୟର ନୀତି ଏବଂ ବ୍ୟାକରଣ ଅବଲମ୍ବନ କଲେ । ୧୮୭୫ ରୁ ୧୮୮୫ ପର୍ଯ୍ୟନ୍ତ ସେ ମାନ୍ଦ୍ରାଜ ସହରରେ ରହିଥିଲେ । ୧୮୮୫ ରୁ ୧୯୩୧ ପର୍ଯ୍ୟନ୍ତ ବିଶାଖପାଟଣାରେ ଥିଲେ ଏବଂ ତହିଁରୁ ପ୍ରଥମ ଦଶବର୍ଷ ଘରେ ପଢ଼ି ସଂସ୍କୃତ, ତେଲୁଗୁ, ଓଡ଼ିଆ ଓ ହିନ୍ଦୀସାହିତ୍ୟରେ ଦୁର୍ଦ୍ଧର୍ଷ ପଣ୍ଡିତ ହେଲେ ଏବଂ ସାହେବ ଶିକ୍ଷକ ରଖି ଇଂରେଜୀ ଶିଖିଲେ । ତେଲୁଗୁ ସାହିତ୍ୟ ମଧ୍ୟ ସଂସ୍କୃତ ସାହିତ୍ୟର ନିୟମର ଅନ୍ୱିତ ଏବଂ ଅଦ୍ୟାବଧି ତେଲୁଗୁ କାବ୍ୟ ଦୀର୍ଘ-ସମାସ ଉପମା ମଣ୍ଡିତ ଏବଂ ତେଲୁଗୁ ନାଟ୍ୟକଳା ଭରତନାଟ୍ୟସୂତ୍ରରେ ଗୁମ୍ଫିତ । ଏହି ପ୍ରକାର ସଂସ୍କୃତ ନିୟମର ପ୍ରଭାବ ବନମଦେବଙ୍କ ସାହିତ୍ୟ ଉପରେ ପଡ଼ିଥିଲା । ତେଣୁ ସେଥିରେ ଯମକ, ଅନୁପ୍ରାସ, ଅଳଙ୍କାର ଆଦି, ଶୁଦ୍ଧ ରସ ଓ ସଂସ୍କୃତ ବ୍ୟାକରଣର ନିୟମ ବିଶୁଦ୍ଧ ଭାବରେ ଅଛି । ଆପଣା ଜୀବନର ୬୨ ବର୍ଷ କାଳ ତେଲୁଗୁ ଦେଶରେ ରହି ସେ ଦେଶର କର୍ଣ୍ଣଧାର ହେବା ସଙ୍ଗେ ସଙ୍ଗେ ସେ ଅନ୍ଧ୍ର ସାହିତ୍ୟର ଯଶସ୍ୱୀ ଲେଖକ ହେଲେ ।

ତାଙ୍କର ସହଜ ମନରେ ଏହି ପ୍ରଭାବର ପ୍ରତିକ୍ରିୟା ସ୍ୱରୂପ ଆପଣାର ଜାତୀୟତା ବଜାୟ ରଖିବା ଉଦ୍ଦେଶ୍ୟ ସ୍ୱଭାବତଃ ପ୍ରଖର ହୋଇଥିବ ଏବଂ

ସେହି ମତତତ୍ତ୍ୱ ଅନୁଯାୟୀ ସେ ତେଲୁଗୁ ଅର୍ଥାତ୍ ସଂସ୍କୃତ ଶବ୍ଦ ପ୍ରୟୋଗରୁ ଆପଣାଙ୍କୁ ମୁକ୍ତ କରି ନେଇ କଥିତ ସରଳ ଓଡ଼ିଆଭାଷାରେ ତାଙ୍କର ଅଧିକାଂଶ କାବ୍ୟ ଓ କବିତା ଲେଖିଛନ୍ତି ଏବଂ ପ୍ରାଚୀନ ଓଡ଼ିଆ କବିମାନଙ୍କର ଆଦର୍ଶ ତାଙ୍କୁ ପ୍ରଭାବିତ କରିଛି । ୯ବର୍ଷ ବୟସରେ ତାଙ୍କର ମାତାଙ୍କର ଏବଂ ୧୫ବର୍ଷ ବୟସରେ ତାଙ୍କର ପିତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କର ଧାର୍ମିକ ବୈଚିତ୍ର୍ୟ, ଉଦାସୀନତା ଓ ଅଧ୍ୟାତ୍ମ କଥା ସେହି ଦାରୁଣ ଆଘାତର ଶୁଭଫଳ । ୨୩ ବର୍ଷ ବୟସରେ ତା ୫।୫।୮୧ ରିଖରେ ସେ ଜୟପୁରର ମହାରାଜ ହେଲେ । ତାହା ପୂର୍ବରୁ ଅନେକ ସମୟରେ ଅନେକ ପ୍ରକାର ଭାଗ୍ୟବିପର୍ଯ୍ୟୟ ତାଙ୍କୁ ସହିବାକୁ ପଡ଼ିଥିଲା । ସେହି କାରଣରୁ ସାଧାରଣ ରାଜାମାନଙ୍କର କୌଣସି ପ୍ରକାର ବିଳାସ, ବ୍ୟସନ, ଗର୍ବ, ଆଡ଼ମ୍ବର ତାଙ୍କର ନାହିଁ । ତାଙ୍କ ଚରିତ୍ରରେ କୃତ୍ରିମତା ନାହିଁ ଏବଂ ସେ ଧୀର, ପ୍ରାଜ୍ଞ, ସମଦର୍ଶୀ ଓ ଅଭିମାନ-ଶୂନ୍ୟ ଏବଂ ପରଦୁଃଖକାତର । ରାଜପଦର ଲହରୀ ଆସିବା ପୂର୍ବରୁ ସେ ଆପଣା ଚରିତ୍ରକୁ ଦୃଢ଼ କରି ଗଢ଼ି ସାରିଥିଲେ । ସେହି କାରଣରୁ ମଧ୍ୟ ସେ ରାଜକାର୍ଯ୍ୟର କୋଳାହଳରୁ ସମ୍ପୂର୍ଣ୍ଣ ନିର୍ଲିପ୍ତ ଏବଂ ଅନ୍ତରର ସଂସ୍କୃତିରେ ନିମଗ୍ନ ଏବଂ ତେଣୁ ସାହିତ୍ୟ ତାଙ୍କର ବ୍ୟସନ ନୁହେଁ, ତାଙ୍କର ଜୀବନ ।

କବିଙ୍କ ଏହି ପ୍ରକାର ବ୍ୟକ୍ତିତ୍ୱର ପରିଚୟ ମଧ୍ୟ ମିଳେ ତାଙ୍କ ସାହିତ୍ୟରୁ, କାରଣ ତାଙ୍କର ସାହିତ୍ୟ ସେହି ଜାତିର ସାହିତ୍ୟ, ଯହିଁରେ କବି ଆପଣାକୁ ହିଁ ପ୍ରକାଶ କରିଥାନ୍ତି । ସାଧାରଣ କୈଶୋରମନର ଦୃଷ୍ଟିଛବି ପରି 'ପ୍ରେମଗୀତାବଳୀ', ସେଥିରେ ଦେହର ଆକାଙ୍କ୍ଷା ଅତି କମ୍ ଏବଂ ଆତ୍ମାର ଅଧିକାଂଶ ତାହା ହିଁ । ଆଉ ବାକି କବିତା କିନ୍ତୁ ପ୍ରକୃତ ପ୍ରାଚୀନ କବିଙ୍କ ଛାଞ୍ଚରେ ଢଳା ହୋଇଛି । ସେ ସମୟର ଅଭିବ୍ୟକ୍ତି ସିଧା, ସଳଖ, ସରଳ ଓ ପ୍ରକୃତ ଥିଲା ଏବଂ ସେହିଁରେ ବଳ ଥିଲା । ଦୁର୍ବଳ ଆତ୍ମସର୍ବସ୍ୱ Neurotic କବିତାର ଉପାସକମାନେ ଯେପରି ଅଭିବ୍ୟକ୍ତିକୁ ନାକ ଟେକି ନୂଆଯୁଗର କଳ ଠୁଁ ବହୁକାଳ ପଛରେ କହିଲ ପରେ ହଠ୍‌ମାନଙ୍କ ସାହିତ୍ୟ ଓ ଆଧୁନିକ Realism ବାଟେ ତାହାର ଜାଗରଣ ହୋଇଛି । ବିକ୍ରମଦେବଙ୍କ କବିତା ସ୍ଥାନେ ସ୍ଥାନେ Metaphysical ହୋଇଯାଇଛି । ତାହାର ଉଦାହରଣ ସ୍ୱରୂପ :—

"ହୃଦ ଏବେ ହୋଇ ଗଲେ ଦେବଳ ଅଟେ ରସବତୀ
ନିତ୍ୟ ସେବା ତୁଚ୍ଛ, ତୋ ଦେହଳି ଫଣୀଙ୍କ"
( ସ୍ମରେ ରମଣୀ ମଣି— )

ଏବଂ ଉପାସ୍ୟ ଚତୁଷ୍ଟୟର ଉଦାହରଣ ସ୍ୱରୂପ ଲେଖାହୋଇଥିବା—

“କି ଉପାୟ ଅଛି କରିବି ପ୍ରାଣବାନ୍ଧବ” ଗୀତଟି ଦେଖାଯାଇପାରେ । ଏପରି ଗୀତ ଖୁବ୍ ଅଳ୍ପ । ୧୯୦୮ ସାଲରେ କବିଙ୍କର ବିବାହ ହେଲା । ସେଉଥିରୁ ମାନସିକ ଦମନପ୍ରକ୍ରିୟା ବିଚାର ସ୍ଥଳରେ ଏହି ପ୍ରକାର ‘ଦୈହିକ କ୍ଷୁଧାର୍, ସେଥିରୁ ସଂଧାନେ ହେତୁ ରହିଲା ନାହିଁ । କ୍ରମେ ମନ ନାରୀକୁ କେବଳ ଫଳଦାୟିକା ବୋଲି ନ ଭାବି ତା’ର ବିଧାତାସୃଷ୍ଟ ସୌନ୍ଦର୍ଯ୍ୟକୁ ସୌନ୍ଦର୍ଯ୍ୟ-ଗ୍ରାହୀପଣ ହୋଇ ଦେଖି ଲାଗିଲା । ଏପରି ମାନସିକ ଅବସ୍ଥାର ଫଳ ସ୍ୱରୂପ “କିସ ଦେଖିଲାରେ ନୟନ ବେନି ମୋହର” ପ୍ରଭୃତି କବିତା । କବି ଲେଖିଲେ :—

‘‘ଗେଲେ ନବବାଳୀ ମନ୍ଦେ ମନ୍ଦେ ଚାଲି, ହରେ ମନ ଧୀରଙ୍କର
ଧରିରେ ଚପଳା ନିର୍ମିତ ପିତୁଳା ଧୀରେ କି କରେ ବିହାର ।
ପ୍ରଲମ୍ବ କୁନ୍ତଳ ଖୋପାରେ ମଣ୍ଡିଳ ବିକସିତ ମଲ୍ଲୀସର
କାଳିନ୍ଦୀ ମଧ୍ୟରେ ବଡ଼େ କି ସୁନ୍ଦରେ ଗଙ୍ଗା ହୋଇ ଧାର ଧାର ।’’

ଜ୍ଞାନଚର୍ଚ୍ଚା ଓ ବୟୋବୃଦ୍ଧି ସଙ୍ଗେ ସଙ୍ଗେ କ୍ରମେ କବିଙ୍କ ମନ ଭଗବତ୍ ଭାବକୁ ଅଣ୍ଟାଇଲା । ତାହାପରେ ତାଙ୍କର ସମୁଦାୟ ସାହିତ୍ୟ ଧର୍ମ-ସମ୍ବନ୍ଧୀୟ ଅଥବା ନୀତିସମ୍ବନ୍ଧୀୟ । ଏଥିରେ ମଧ୍ୟ ମନର ଭିନ୍ନ ଭିନ୍ନ କ୍ରମରେ ଭିନ୍ନ ଭିନ୍ନ ସ୍ତରର କବିତା ଜନ୍ମ ହୋଇଛି । ପ୍ରଥମ ଫଳକରେ ନିଜର ଅନୁଭୂତ ରୂପରେ ଶାସ୍ତ୍ରରୁ ନେଇଥିବା ଧର୍ମଭାବର ପ୍ରଭାବ ଅଧିକ । ଏପରି ପଦ୍ୟାବଳୀରେ ସଂସ୍କୃତ ଭାଷା କିମ୍ବା ପ୍ରାଚୀନ ଓଡ଼ିଆ ଧର୍ମଗ୍ରନ୍ଥର ପ୍ରଭାବ ହିଁ ଅଧିକ ଦେଖାଯାଏ । ସଂସ୍କୃତ ଶ୍ଳୋକର ଓଡ଼ିଆ ଅର୍ଥ ବା ସଂସ୍କୃତ ଶାସ୍ତ୍ରର ଓଡ଼ିଆ ଅନୁବାଦଗୁଡ଼ିକ କବିଙ୍କର ଏହି ମାନସିକ କ୍ରମର ମାନସପୁତ୍ର । ‘ବସ୍ତ୍ରରମାଳିକା’ ‘ଗୋବିନ୍ଦ ମାଧବ ଗୋପାଳ କେଶବ, ‘ନେତ୍ର-ରହସ୍ୟ’, ଅଷ୍ଟକ, କବଚ, ସ୍ତବ ପ୍ରଭୃତି, ଶ୍ରୀଗୋବିନ୍ଦ-ଅକ୍ଷରକାବଲୀ, ତୁଳସୀ ରାମାୟଣ ପ୍ରଭୃତି ଏହି ଶ୍ରେଣୀର । କବି ପ୍ରବୀଣ ହୋଇଗଲେ, ଅନେକ ସମୟରେ ନାନା ରୂପରେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ ଓ ଜଣାଣ କରିବାକୁ ଲାଗିଲେ । ନାମ-କୀର୍ତ୍ତନ ଓ ମହିମା-ବର୍ଣ୍ଣନର କବିତା ଗୁଡ଼ିକ ଏହି ସମୟର । ଅନାସକ୍ତି ବଢ଼ିଗଲା, ଧର୍ମ ଓ ଧ୍ୟାନ ଛଡ଼ା ଅନ୍ୟ କେଉଁଥିରେ ମନ ରହିଲା ନାହିଁ ! ଏହିପରି ମନୋଭାବର ଧର୍ମ-ସଙ୍ଗୀତ ଗୁଡ଼ିକ କ୍ଷୁଦ୍ର, ମୌଳିକ ଏବେ ରୂପକବହୁଳ । ‘କରୁଣାକରେ କର କରୁଣାର ସାଗର,’’ ‘‘ଗୋବିନ୍ଦ ମାଧବ ଗୋପାଳ କେଶବ ପାପସମୂହ ବିନାଶ,’’ ‘ଚୌତିସ୍ତବ’ ପ୍ରଭୃତି ପଦ୍ୟ ଏହି ପ୍ରକାରର । ଜୀବନରେ ଅନନ୍ତର

ଅତଏବ ସେ ଲୋକମାନଙ୍କର କଲ୍ୟାଣ ଲାଗି ଏହି ମାନସିକ ଅବସ୍ଥାରେ କବି-ପଦ୍ୟରେ ଓ ଗଦ୍ୟରେ ତାଙ୍କର ଅଧିକାଂଶ ରଚନାରେ ଅନେକ ନୀତିକଥା ଲେଖିଛନ୍ତି । ଏହି ନୀତିକଥା ସୁକ୍ତ ସରଳ ଓ ଦୃଢ଼ । ଜୀବନର ନାନାବି-ଅବସ୍ଥା ସହିତ ତାଙ୍କର ନିବିଡ଼ ପରିଚୟ ଥିବାରୁ ଭଲରୁଁ ମନ୍ଦଯାଏଁ ସମସ୍ତଙ୍କ ପ୍ରତି ତାଙ୍କର ସହାନୁଭୂତି ଅଛି । କୌଣସି ମନୁଷ୍ୟ ସମ୍ପୂର୍ଣ୍ଣ ମନ୍ଦ ଏପରି ମତ-ତାଙ୍କର ନୁହେଁ । ତାଙ୍କର 'ଗୁରୁଦକ୍ଷିଣା' କବିତାରେ କାହାଣୀର ନାୟକ ଗୋଟିଏ ଚୋର, ଏକେ ଦୋଷ ଆଉ ତା'ର ଗୋଟିଏ ଗୁଣ ଥିଲା, ସେ ମିଛ କହୁ ନ ଥିଲା ତା'ର ଏହି ସୁଗୁଣ ପାଇଁ କିପରି ତା'ର ଉନ୍ନତି ହେଲା ତାହା ଏହି ଗଦ୍ୟରେ ବର୍ଣ୍ଣିତ ହୋଇଛି । ସେହିପରି ସେ 'ଶିବଶୋପଦେଶ' ଲେଖିଛନ୍ତି । ସେ ନିଜର କବିତାର ପ୍ରଚାରୀ ନୁହନ୍ତି । ଯେତେବେଳେ ତାଙ୍କର ବିଶ୍ୱାସ ଆସିଛି ଯେ-କୌଣସି ରଚନାରେ ଲୋକଙ୍କର ଉପକାର ହୋଇପାରେ ସେତେବେଳେ ସେ ଲେଖିଛନ୍ତି । ତୁଳସୀ ଦାସଙ୍କ ରାମାୟଣକୁ ସେ ଅନୁବାଦ କରୁଥିଲେ । ଅଯୋଧ୍ୟାକାଣ୍ଡ ସାରି ଯେତେବେଳେ ସେ ସମ୍ବାଦ ପାଇଲେ ଯେ ଓଡ଼ିଆ ଭାଷାରେ-ଅନ୍ୟ କେହି ତୁଳସୀ ରାମାୟଣକୁ ଅନୁବାଦ କରି ଛାପ ସାରିଛନ୍ତି ସେତେ-ବେଳେ ସେ ଅନୁବାଦ ବନ୍ଦକଲେ ।

"ତା ଅନୁବାଦିତ ଅବିର
ମୁଦ୍ରିତ ହୋଇଛି ଶବର
ପ୍ରାପ୍ତରେ ପ୍ରବେଶି ଜାଣିଲି
ଇତର କାଣ୍ଡ ନ ବଳିଲି ।"

ତାଙ୍କର ସହାନୁଭୂତି ଓ ସତ୍ୟାବୋଧର ଦୃଷ୍ଟାନ୍ତ ତାଙ୍କର ଜୀବନୀ ।

"ନିର୍ହେତୁକା ପ୍ରୀତି କୃପା ବୋଲାଏ ଜଗତେ
...    ...    ...
କୃପାପୂର୍ଣ୍ଣ ହୃଦୟରେ ଭେଦାଭେଦ ଜ୍ଞାନ
ପାପାପାପ ବିବେଚନା ନ କରନ୍ତି ସ୍ଥାନ"

ଏହିପରି ସେ ଲେଖିଛନ୍ତି ଏବଂ ଏହିପରି ତାଙ୍କର ଚରିତ । ଅଳ୍ପ-କଥାରେ ସବୁ ଧର୍ମ ସାର ପ୍ରକାଶି ସେ ଲେଖିଛନ୍ତି :—

"ଅଦ୍ୱୈତେ ଜ୍ଞାନ, ଯୋଗାଂଶେ କର୍ମ ଦ୍ୱୈତେ ଭକ୍ତି
ଭଗବାନରେ ସମର୍ପଣ କର୍ମରେ ତ୍ୟାଗାସକ୍ତି
ପରନିନ୍ଦା ନାହିଁ ଦୁଷ୍ଟେ ଦୟା ଶିଷ୍ଟଜନେ
ଅହିଂସା କେବଳେ ସାଧୁତା ଶତ୍ରୁପକ୍ଷ ପରେ

ଏ ମତମାନଙ୍କରେ ଏ ନବକ ପ୍ରଧାନ
ସାଧାରଣ ଧର୍ମମାନ ସର୍ବରେ ସମାନ ॥

ଏହିପରି ଜ୍ଞାନୀ ଅଥଚ ଦୈନନ୍ଦିନ ଜୀବନରେ ଅତି ନମ୍ର ଅତି ବିନୟୀ କବି ନିହିତ ସତ୍ୟକୁ ଅବଲମ୍ବନ କରି ଆଡ଼ମ୍ବର ଶୂନ୍ୟ ହୋଇଛନ୍ତି । ତାଙ୍କର ଏହି ଚରିତ୍ରର ଆଦର୍ଶ ତାଙ୍କର ଗୋଟିଏ ପଦ୍ୟରୁ ଜଣାପଡ଼େ :—

“ପରମ ପୁରୁଷଙ୍କୁ ଅଭିଷେକ କାହିଁକି
ଦିଗ୍‌ବସନଙ୍କୁ କିମ୍ପା ବସ୍ତ୍ରସ୍ତର
ଯଜ୍ଞନାଶଙ୍କୁ ଯଜ୍ଞସୂତ୍ର କି ହେତୁରୁ
ଭସ୍ମଲେପଙ୍କୁ କର୍ପୂର ମଳୟ ଗନ୍ଧ
ବ୍ୟୋମକେଶଙ୍କୁ ପୁଷ୍ପନିଚୟ କି ହେତୁରୁ
ଧୂପ କପାଳି ଶ୍ମଶାନ ଗୃହଙ୍କୁ—...”

ବିଚାରରେ ଓ କାର୍ଯ୍ୟରେ ଏହି ଆଦର୍ଶର ଉପାସକ ହୋଇଥିବାରୁ ପ୍ରତ୍ୟେକ ପ୍ରକାର ଭଣ୍ଡପଣିଆର ସେ ବିରୋଧୀ । ‘ଭଣ୍ଡଧର୍ମୀ’ ବୋଲି ତାଙ୍କର ଗୋଟିଏ ପ୍ରବନ୍ଧ ଅଛି ଏବଂ ସେମାନଙ୍କୁ ଶ୍ରେଣୀ ବିଭାଗ କରି ହାସ୍ୟରସରେ ପଖାଳିବା ପାଇଁ ସେ ଗୋଟିଏ ପଦ୍ୟ ଲେଖିଛନ୍ତି—

“ ନାହିଁ ନାହିଁ ଟଳେ । ମୁକ୍ତି ଭାବିଲେ ।
ପ୍ରାତଃ ସମୟରେ କାଠର ପାଣିରେ ପାଣିକୁଅ ପରି ବୁଡ଼ିଲେ ହେଲେ”

ଯାହାକୁ ମୀରା ଭଜନ “ନାତ ନାହନସେ ହରି ମିଲ୍‌ତୋ ଜଲଜନ୍ତୁ ହୋଇ” ସହିତ ତୁଳନା କରାଯାଇ ପାରେ । ଆଧୁନିକ ସଭ୍ୟତା ଅନେକ ପ୍ରକାର ଭଣ୍ଡାମି, ଅନାଚାରନୀତି, ଶଠତା ଆଣିଛି ଏବଂ ଏଥିରେ ସେ କ୍ଷୁବ୍ଧ ଏହା ତାଙ୍କର ଏବଚଳନ” ଓ “ବିହେଲି” ଏଦୁଇଟି ପଦ୍ୟରେ ପରିସ୍ଫୁଟ । ସେ ଲେଖିଛନ୍ତି:-

ସଂସ୍କୃତ ଭାଷାନଭିଜ୍ଞ ବେଦାର୍ଥ କହଇ
ବ୍ୟାକରଣ ଜ୍ଞାନହୀନ କାବ୍ୟ ବିରଚଇ
ସଦ୍‌ଦର୍ଶନ ବିହୀନ ନିଚଇ ରଚଇ
କିଛି ନ ଜାଣିବା ବ୍ୟକ୍ତି ବୋଲାଏ ପଣ୍ଡିତ
... ... ...
ସନ୍ଧ୍ୟା ବନ୍ଦନାନଭିଜ୍ଞ ବିପ୍ରକୁଳ ଜ୍ୟେଷ୍ଠ
ବ୍ୟାଧ ବ୍ୟାପାର ତତ୍ପର କ୍ଷତ୍ରିୟକୁଳ ଶ୍ରେଷ୍ଠ
... ... ...

ପ୍ରଜାଗଣ ପ୍ରପୀଡକ        ଅଟେ ଖ୍ରଜୋତ୍ତମ
ଅପତ୍ୟଗ୍ରାସୀ ବୋଲାଏ    ବିବେକ ସତ୍ତମ
...        ...        ...
କଳୁଷ କର୍ମ ନିବୃତ୍ତି        ଖ୍ରୀଷ୍ଟିଙ୍କ ଅଗ୍ରଣୀ
ଜଗଦୀଶ ଭକ୍ତିରତ        ମୂଢ଼ ଚୂଡ଼ାମଣି"

ଯେଉଁମାନେ ପାଶ୍ଚାତ୍ୟ ସଭ୍ୟତାରୁ କେବଳ ଆଡ଼ମ୍ବର ଓ ଚରିତ୍ର-ଦୋଷ ହିଁ ଶିଖନ୍ତି ସେମାନେ ଏହି କବିଙ୍କର ହାସ୍ୟର ପାତ୍ର। ବିଲାତ ଯିବା ଲୋକଙ୍କ ସମ୍ବନ୍ଧେ ସେ ଲେଖିଛନ୍ତି :—

"ଖ୍ରୀଷ୍ଟ ଭକ୍ତ ପ୍ରବର ଯେ ହୁଅଇ
ଲର୍ଡସ୍ ସପ୍ପର ମାତ୍ର ସେ ଲଭଇ।
ଇଂଲଣ୍ଡକୁ ଯିବା ପ୍ରତ୍ୟେକ ନର
ସବୁ ସମୟରେ ଲର୍ଡସପ୍ପର
ଲର୍ଡସ୍ ଲିଷ୍ଟ ଅନ୍ତ
ଲର୍ଡସ୍ ଟେବଲର ଲଭେ ଦେଇ ଭାଗ।"

ତାଙ୍କର ଗଳ୍ପ 'ଗୁଣବତୀ ନୋନୀ'ରେ ନାରାୟଣ ନାୟକର ପୁଅ ବିଲାତ ଫେରନ୍ତା ପୂର୍ଣ୍ଣ ଚନ୍ଦ୍ରର ଘର ବାହୁଡ଼ାରେ ସେ ଏହି ଭଳି ସମାଲୋଚନା କରିଛନ୍ତି—

"ନାରାୟଣ ଫର୍ଷ୍ଟ କ୍ଲାସ ଗାଡ଼ିରେ ଓ ସେକେଣ୍ଡ କ୍ଲାସ ଗାଡ଼ିରେ ଖୋଜି ନିଜ ତନୟଙ୍କୁ ନ ଦେଖି ଚିନ୍ତାନ୍ୱିତ ହୋଇ ଠିଆ ହୋଇଥାନ୍ତେ, ପାଦେ ବୁଟ୍, ଅଙ୍ଗେ ଓଭରକୋଟ୍, ଶିରେ ହ୍ୟାଟ୍ ଧାରଣ କରିଥିଲା ଏକ ବ୍ୟକ୍ତି ଥାର୍ଡ କ୍ଲାସ ଗାଡ଼ିରୁ ଓହ୍ଲାଇ ପ୍ଲାଟଫର୍ମରେ ତାର ପୂର୍ବ ପରିଚିତ ଜନୈକ ବ୍ୟକ୍ତି ଜୁଟେ କଥାରେଣି କିବ ଅଙ୍ଗ୍ଲ ଭାଷାରେ ସମ୍ଭାଷଣ କରୁଥିଲା। ନାରାୟଣ ମଧ୍ୟ ସାହେବ ବୋଲିବା ଜୋରରେ କିଛି ଦୂର ଘୁଞ୍ଚିଲା। କଥୋପକଥନ କରୁଥିଲା ବ୍ୟକ୍ତି ହଠାତ୍ ପୂର୍ବସ୍ଥିତ ବ୍ୟକ୍ତି ଆଗନ୍ତୁ ବ୍ୟକ୍ତିଙ୍କୁ କହିଲେ "ଗୁଡ୍ ଡେ ପୂର୍ଣ୍ଣଚନ୍ଦ୍ର" ବୋଲି ଯାନ୍ତେ ଆଗନ୍ତୁ ବ୍ୟକ୍ତି ନିଜାତ୍ମଜ ବୋଲି ଜାଣି ତାଙ୍କ ଆଡ଼କୁ ନାରାୟଣ ଯାଇ ମୁଣ୍ଡ ଟେକି ଚାହିଁଲା।

ଏହି ସବୁ ଉଦାହରଣ ଗୁଡ଼ିକରୁ ତାଙ୍କର ହାସ୍ୟପ୍ରିୟତାର ପରିଚୟ ମିଳେ। ସେ ତେଜସ୍ୱୀ, ଅନ୍ତର୍ଦ୍ଦର୍ଶୀ ଓ ହାସ୍ୟପ୍ରିୟ ଥିବେ ତାଙ୍କର ପ୍ରତ୍ୟେକ ଶବ୍ଦ ଅର୍ଥପୂର୍ଣ୍ଣ। 'ଲାଞ୍ଚୋତ୍କୋଚ' ବୋଲି ଅଠ ଷ ପର୍ଯ୍ୟନ୍ତ ଯେଉଁ କଥାଗୁଡ଼ିକ ସେ ଠିକ କରିଛନ୍ତି ତହିଁରୁ ତାଙ୍କର ଏହି ଅର୍ଥପୂର୍ଣ୍ଣ ଗମ୍ଭୀର ରହସ୍ୟପ୍ରିୟତା ସ୍ପଷ୍ଟ ଜଣା ପଡ଼େ, ଉଦାହରଣ ସ୍ୱରୂପ :—

"ଅଳାଅ ଘରର ଘରେ; ପସରା ପୁରେ ପୁରେ ।
ଅଈ କାଟିବା ସୂତା ଅଜା ପଇତାକୁ ନଅଣ୍ଟ ।
ଏ ଗାଁକୁ ସେ ଗାଁ ଯେତେ ଦୂର, ସେ ଗାଁକୁ ଏ ଗାଁ ସେତେ ଦୂର ।
କଟକ ଯାଇଁ ଘୋଡ଼ାବାଲ ଅଣିଲୁ ।
ଟେକା ମୋର, ଭଣ୍ଟା ତୋର ।
ଠକ ନାଏ ଫାଙ୍କି, ରଜା ନାଏ ଟଙ୍କି ।
ବଜାର ଖଜା, ଦେଉଳ ଦାଅଁକୁ ପୂଜା ।
ମାଙ୍କଡ଼କୁ ଦେଖି ଲୁହ ଖଟାଉ,
ସେ ତୋତେ ଖଟାଏ ତୁ ଜାଣୁ ନାହିଁ ।
ଯତ ଦେଢ଼ ସେର, ଜଠା ଅଢ଼ାଇ ସେର ।

କବି ବାମଦେବ ସଂସ୍କୃତ ସାହିତ୍ୟ ସୂତ୍ରକୁ ଅବଲମ୍ବନ କରନ୍ତି ଏବଂ ସେଥିରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ । ସଂସ୍କୃତ ସାହିତ୍ୟ-ସୂତ୍ର ଓ ସଂସ୍କୃତ ବ୍ୟାକରଣ ବିଷୟରେ ଚର୍ଚ୍ଚା କରି କରି ସେ କ୍ଳାନ୍ତ ହୁଅନ୍ତି ନାହିଁ । ଥରେ ଗୋଟିଏ ନାଟକର ଅଭିନୟ ଦେଖିବା ସମୟରେ ବାରମ୍ବାର ବୃନ୍ଦା ନାମଟି ଉଚ୍ଚାରିତ ହେଉଥିବା ଶୁଣି ସେ ଉଠି ପଡ଼ି ଅବର୍ଗୀୟବକାର ବିଷୟରେ ଗୋଟିଏ ବକ୍ତୃତା ଦେଇଥିଲେ । ସେ ବିଷୟରେ ତାଙ୍କର ରଚନାଟିଏ ମଧ୍ୟ ଅଛି । 'ନବରସ' ବିଷୟରେ ସେ ପଦ୍ୟ ଲେଖିଛନ୍ତି ଏବଂ 'ସମାସ' ବିଷୟରେ ଖଣ୍ଡିଏ ପୁସ୍ତିକା ଛପାଇଥିଲେ । ଅନେକ ଓଡ଼ିଆ ଶବ୍ଦ ବିଷୟରେ ସେ ବିଚାର ଲେଖିଛନ୍ତି ଏବଂ ନୃତ୍ୟକଳା ଶାସ୍ତ୍ରକ ମତ ବିଷୟରେ ସେ ପ୍ରବନ୍ଧ ଲେଖିଛନ୍ତି । ତାଙ୍କ 'ବ୍ରଜ ଚରିତ' ନାଟକ ଭରତ ନାଟ୍ୟର ସବୁ ନିୟମ ମାନି ଲେଖା ହୋଇଛି । ଭାଷା ଉପରେ ସର୍ବଦୌ ତାଙ୍କର ବୈୟାକରଣିକର ଦୃଷ୍ଟି । ଶବ୍ଦଲିଙ୍ଗର ଦ୍ୱୈତ୍ୟ ଗୁଡ଼ିକ ଓଡ଼ିଆରେ ମଧ୍ୟ ସେ ବ୍ୟବହାର କରନ୍ତି, ତାର ଉଦାହରଣ ଦ୍ୱିତୀୟା ବିଭକ୍ତିରେ 'କୁ'—

"ଦ୍ୱିଷନ୍ତି ଭାବ ଠାରେ ଦେଖି ସ୍ୱାମ ଭକ୍ତିକୁ ।
ପରେ ତାକୁ କହିଲୁ ଶିବ ସେ ଚରିତକୁ ।"

... ... ...

"ଅଦ୍ୟେ ସୃଜନ ସେ ତେଜ୍ଞଙ୍କର ସମ୍ବାଦକୁ ।
କର୍ଣ୍ଣ ମୁଖେ ପାନ କରେ ଲଭ ଅନନ୍ଦକୁ ।"

... ... ...

"ଧୀରତାକୁ କେଜାଣି ଥିବେ ରେ ତରୁଣୀ"
"ମୋଦର ଉତ୍କଣ୍ଠାକୁ ଭର ଶ୍ରୀଧର ।"

ନିଜେ ତେଲୁଗୁ ସାହିତ୍ୟରେ ଜଣେ ସୁପ୍ରସିଦ୍ଧ ଲେଖକ ହୋଇଥିବାରୁ ତାହାର ପ୍ରଭାବ ମଧ୍ୟ ତାଙ୍କ ରଚନା ଉପରେ ସ୍ଥାନେ ସ୍ଥାନେ ପଡ଼ିଛି । ତେଲୁଗୁରେ ବହୁବଚନରେ 'ଲୁ' ପ୍ରତ୍ୟୟ ହୁଏ, ତାହା ସଂସ୍କୃତର 'ଳି' ପ୍ରତ୍ୟୟରୁ ସମ୍ଭୂତ । ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା ଓଡ଼ିଆରେ ବହୁବଚନରେ 'ଳି' ପ୍ରତ୍ୟୟ ବ୍ୟବହାର କରିଛନ୍ତି, ଯଥା :—

ରଚନାଳି, ଷଡ଼ିପୁଳି, ବୃଷଭାଳି, ଧର୍ମାଳି, ପାପାଳି, ଦେବାଳି, ଦୀନାଳି ଇତ୍ୟାଦି ଏକବଚନ ବହୁବଚନର ଉପଯୁକ୍ତ ବ୍ୟବହାର, ହ୍ରସ୍ୱ ଦୀର୍ଘ ନିୟମ, ଭାଷାର ସଂସ୍କୃତ ବ୍ୟାକରଣ ସିଦ୍ଧ ଗଠନ ଏସବୁ ପ୍ରତି ତାଙ୍କର ତୀକ୍ଷ୍ଣ ନିଘା ଅଛି । ଗଦ୍ୟ ଓ କାବ୍ୟ ସରଳ ଓଡ଼ିଆରେ ଲେଖା ହୋଇଛି କିନ୍ତୁ ଆପଣାର ଚିତ୍ତ ବିନୋଦନ ପାଇଁ ସ୍ଥାନେ ସ୍ଥାନେ ସମାସ ପ୍ରଚୁର ବ୍ୟବହାର କରିହୋଇଛନ୍ତି । ସ୍ଥାନେ ସେ ଲେଖିଛନ୍ତି—

"ଧନ ତେଜ ସୁଖଦ । ଶ୍ରୀହରି ଚନ୍ଦନ ତେଜ ସୁଖଦ ।
ମନ ବଳେ ହୁଡ଼ି ନାହିଁ କାହିଁକି ।
... ... ...
ମୁକ୍ତିସଦ୍ୟୋବାର୍ଥି ବନ୍ଦନ ସୁଖଦ ...
... ... ...
ଶ୍ରୀମାର୍ତ୍ତଣ୍ଡେଶ୍ୱରାର୍ଚ୍ଚନ ସୁଖଦ ।"

ତାଙ୍କର ସାହିତ୍ୟିକ ଭାଷାର ସ୍ୱରୂପଗତ ବିଶିଷ୍ଟତା ତାଙ୍କର ଚରମ ଉତ୍କର୍ଷ 'ରୂପ ଦର୍ପଣ' ନାଟକର ଭରତବାକ୍ୟ ହୋଇଥିବା ଏହି ନିମ୍ନଲିଖିତ ଶ୍ଳୋକରୁ ଜଣାପଡ଼େ—

"ଯୋକେତ ବାଧା ଜଗତେ ନ ଥାଉ
ଲୋକଙ୍କ ଅଜ୍ଞାନ ବିନଷ୍ଟ ହେଉ
ଦୁଦେଶ୍ଖ ସନ୍ତାପ ଲୁଚନ୍ତୁ ଯାଉ
ଜୀବାଳି ନିର୍ବାଣ ଦଶାକୁ ପାଉ ।"

'ପ୍ରହ୍ଲାଦୋଦ୍ଧାର ବୃତ୍ତାନ୍ତ' ଗ୍ରନ୍ଥରେ ନନ୍ଦପୁର ସହରକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି "ଯେ (ନନ୍ଦପୁର) ପୂର୍ବକର ରାଜଶେଖର ବଂଶଜ ହୋଇ କୈଳାସ ପରି, ବେଦଚତୁଷ୍ଟୟ ଋଷିର ହୋଇ ଚତୁରାନନ-ଭବନ ପରି, ଚତୁର୍ଥ ନିବାସ ହୋଇ ବିଷ୍ଣୁ ପରି, ପୁଣ୍ୟଜନାଗାର ହୋଇ

ଲଙ୍କାପୁର ପରି, କୁବଳୟ ହୃଦ୍ୟ ହୋଇ ଚନ୍ଦ୍ରମଣ୍ଡଳ ପରି, ବିଦ୍ୟାଧରଯୁକ୍ତ ହୋଇ ହିମାଚଳ ପରି, ହରିଲ୍ଲଳିତବଚନଲ୍ଲଳିତ ହୋଇ ଜମ୍ବାଳହ୍ରଦସ୍ଥ-କମଳ ପରି, ଶିଖିଗମନଯୁକ୍ତ ହୋଇ ସୁରସେନାନୀ ପରି, ପରନ୍ତୁ ଜଳିତ ହୋଇ କୁସୁମ୍ଭକର ପରି ଏବଂ ପ୍ରବାଳ ଭୂଷିତ ହୋଇ ଯୁବତୀହସ୍ତ ପରି ଦର୍ଶକ ମନୋହର ହୋଇଥିଲା ।"

କିନ୍ତୁ ତାଙ୍କର ଅଧିକାଂଶ ରଚନା ସରଳ ଓଡ଼ିଆରେ । ଯାହାଙ୍କର ଶିକ୍ଷା ଓ ଭାବନା ସଂସ୍କୃତରେ, ଯାହାଙ୍କର ଅଧିକାଂଶ ଦିନ କଟିଛି ଅନ୍ୟ ଦେଶରେ, ସେ ଯେ କେତେ ସୁନ୍ଦର ସରଳ ଓ ଲଳିତ ଓଡ଼ିଆରେ କବିତା ଲେଖି ପାରିଛନ୍ତି ତାହା ହିଁ ଆଶ୍ଚର୍ଯ୍ୟର ବିଷୟ :—

"ଜୀବରେ ମୂଢ଼ ଜୀବ । ଛାଡ଼େ ମମକାର ଭାବ ।
ଏ ଘଟକୁ ଛାଡ଼ି ଦିନେ ଯିବୁ ଉଡ଼ି
କେଣୁ ବୋଲାଇ ତୁ ଜୀବ—।"

ତୁଳସୀ ରାମାୟଣରେ—

ଦିନେକ ମାତା ରାମଙ୍କୁ ମାଜଣା କରାଇ
ବେଶ କରି ଗଜଦନ୍ତ ଦୋଳାରେ ଶୁଆଇ । ୧୫୨୧
ଇଷ୍ଟ ଦେବତା ପୂଜା ନିମିତ୍ତ ନିଜ କରେ
ନାନାବିଧ ପିଷ୍ଟକ କରି ରଚି ଭାବରେ । ୧୫୨୨
ଦେବତାଙ୍କୁ ପୂଜି ପାକଶାଳାକୁ ଗମିଲେ
ସେଠାରେ ଭୁଞ୍ଜୁଥିଲେ ପୁତ୍ରକୁ ଦେଖିଲେ । ୧୫୨୩
ସେ ଚକିତା ହୋଇ ଦୋଳି କତକୁ ଗମନ
କରି ଅନାଇଁଲେ ଟହିଁ ଶୋଇଛି ନନ୍ଦନ । ୧୫୨୪

ତାଙ୍କର କଥିତ ଓଡ଼ିଆ ଗଞ୍ଜାମର ବୋଲି । ତାହାର ପ୍ରଭାବ ସ୍ଥାନେ ସ୍ଥାନେ ତାଙ୍କ ସାହିତ୍ୟିକ ଭାଷା ଉପରେ ପଡ଼ିଛି—

'ଏକେଦିନ' 'ଟହିଁ' 'କସ' 'ଦେଖିବାର' 'ପଗୁରନ୍ତେ' 'ବୋଇଲେ' 'ଜାଦେ' 'ମାଜ' 'ନିକଟେ' ପ୍ରଭୃତି ତାହାର ପରିଚୟ । ଗଦ୍ୟରେ ଏହାର ପ୍ରଭାବ ଅଧିକ । ଉଦାହରଣ ସ୍ୱରୂପ—

ଏ କ୍ଷୁଦ୍ର ଗଳ୍ପ ତାହାର ନିଦର୍ଶନ । ଏହା କେବଳ କଳ୍ପିତ ନୋହୁ ସତେ ଚଳେଇ ବିଷୟ ଅଟେ ।

ଗୋଟିଏ ବୁଢ଼ା କବାଟ ପିଟାଉଥିଲା । ତା'ର ବୟସ ପ୍ରାୟଶଃ ଷାଠିଏ, ବର୍ଣ୍ଣ କୋଇଲା ପରି, ମୁଣ୍ଡର ବାଳ ଚେନ୍ଦୁଲା ପାଟ୍ଟ ପରିସ୍ଫେ, ଅଖି ଦୁଇଟି ଚେନ୍ଦୁଲା ପତରର ପରି ଓସାର, ମୁହଁ ଲେଭାଉ ପରି, ଅଗକୁ ବାହାରିଥିଲା ଦୁଇଟି ଦାନ୍ତ ଲଉ ଚକ୍ଷି ପରି ଦିଶେ ।

( 'ନାଚଗ.ଡ଼େ ନାଚେ ମଡ଼େ' )

ସେ ସନ୍ଧ୍ୟା ସମୟରେ ରଙ୍ଗାସ୍ୱାମି ମାଧବସ୍ୱାମିର ଗୃହରେ ପହଞ୍ଚି ଦେଖିଲେ ଯେ ଲଳିତା ଏକାକିନୀ ହୋଇ ମେଜ ନାଚଟେ ଥିଲା । ...ସେ ଯୁବତୀ ସହସା ଚୌକିରୁ ଉଠି କେତେ ପାଦ ପଛକୁ ଘୁଞ୍ଚି ବୋଇଲେକି "ତୁମ୍ଭେ ଏପରି ଅନ୍ୟାୟାଚରଣ କର ନାହିଁ ।" "ରଙ୍ଗାସ୍ୱାମି ତତ୍ପରଦିନ ଉପଯୁକ୍ତ ବ୍ୟକ୍ତିଙ୍କୁ ମାଧବସ୍ୱାମି ନିକଟକୁ ପଠାଇ ଲଳିତାକୁ ମଗାଇଲେ" (ଲଳିତା)

ସେହିପରି ପଦ୍ୟରେ—

କେ ତୋର ମା'ଉପ କେ ତୋର ମିଶିପ

କେ ତୋହର ସୁତାସୁତ —(ଧାଇଁଲେ ପଇଁଲେ ବୁଡ଼ି)

ଏହିସବୁ ବାକ୍ୟର ଛନ୍ଦରେ ମଧ୍ୟ ଗଞ୍ଜାମର ବୋଲି ଶୁଣାଯାଏ ।

ଉପରୋକ୍ତ ଅଲୋଚନା କଲେ ଜଣାଯାଏ ଯେ ଓଡ଼ିଆ ଭାଷାର ପ୍ରାଚୀନ ବିଶେଷତ୍ୱସବୁ ଗଞ୍ଜାମର ଚଳିତ ବୋଲିରେ କେତେକ ପରିମାଣରେ ଅଛି ଏବଂ ଉତ୍ତର ଅଞ୍ଚଳରେ ସେସବୁ କାଳକ୍ରମେ ଲୋପ ହୋଇ ଯାଇଛି । ଆଧୁନିକ ଓଡ଼ିଆ ସାହିତ୍ୟରେ ଏପର୍ଯ୍ୟନ୍ତ ଅଧିକାଂଶ ଲେଖକ ଉତ୍ତର ଅଞ୍ଚଳର ହୋଇଥିବାରୁ ଗଞ୍ଜାମର ଏ ବିଶେଷତ୍ୱ ସେମାନଙ୍କ ଭାଷାରେ ନାହିଁ । ଦକ୍ଷିଣ ଅଞ୍ଚଳର କବିଙ୍କ ଭାଷାରେ ସ୍ଥାନେ ସ୍ଥାନେ ଦକ୍ଷିଣ ଦେଶର ବୋଲିର ପ୍ରଭାବ ଦେଖିବା ଉଚିତ ନୁହେଁ, କିନ୍ତୁ ଆଶ୍ଚର୍ଯ୍ୟ ଏହିକି ଯେ ତାଙ୍କର ଅଧିକାଂଶ ଲେଖା ସକଳ ସାର୍ବଜନୀନ ଓଡ଼ିଆ ଭାଷାରେ ଯାହା ଉତ୍ତର ଓଡ଼ିଶାର ସେହିକି ଦକ୍ଷିଣ ଓଡ଼ିଶାର ସେହିକି ।

ସେହି ଭାଷାରେ ବ୍ୟାକରଣର ସବୁ ନିୟମ ମାନି ସେ ତାଙ୍କର ବନ୍ଦନା, ସ୍ତୁତି, ଜଣାଣ ଓ ନାଟକଆଦି ସାହିତ୍ୟ ସୃଷ୍ଟି କରିଛନ୍ତି । ଏପରି ସାହିତ୍ୟରେ ଭକ୍ତି ରସ ହିଁ ପ୍ରଧାନ, ଅନ୍ୟ ରସ ପାଇଁ କବିଙ୍କର ଚିତ୍ତବୃତ୍ତି ଚଳଚଞ୍ଚଳ ଓ ସଚେତ ରହିବାର ସମ୍ଭାବନା ନାହିଁ । ଭଗବାନଙ୍କ ଧ୍ୟାନରେ ଲୀନ ରହିଥିବାବେଳେ ଉଦ୍ଗାର ଆନନ୍ଦରେ ସେ ଯେଉଁସବୁ ରଚନା କରିଛନ୍ତି ସ୍ଥାନେ ସ୍ଥାନେ ତାହା ଗତାନୁଗତିକ ଶୈଳୀକୁ ଲଙ୍ଘିଦେଇ ନୂଆ କଳେବର ନେଇଛି । ତାହାର କେତୋଟି ଉଦାହରଣ :—

" ରାମ ଜେ ଜେ । ପୂତନାମ ଜେ ଜେ ।

... ... ...

ଦେବ ଜେ ଜେ । ବାସୁଦେବ ଜେ ଜେ ।

... ... ...

ଶ୍ରୀଶ ଜେ ଜେ । କୋଶଳେଶ ଜେ ଜେ ।"
" ଜୟ ! ରାଧା ମନୋହର । ଆନନ୍ଦ ସାଗର ।
ଗୋବିନ୍ଦ ଶ୍ରୀଧର । ଜେ । ଜେ । ଜେ ।

... ... ...

ରବିକୁଳନନ୍ଦନ । ନୀରଜ ଲୋଚନ ।
ପାପୌଘ ମୋଚନ । ଜେ । ଜେ । ଜେ ।"

ଏହି ପୁଣ୍ୟନାମ ଗାଇବା ସଙ୍ଗେ ନାନା ତାଳରେ ନାନା ରାଗିଣୀରେ ସେ ପଦ୍ୟ ରଚନା କରିଛନ୍ତି । ନିଜେ ସଂସ୍କୃତ, ଓଡ଼ିଆ, ତେଲୁଗୁ, ବଙ୍ଗଳା ଓ ହିନ୍ଦୀ ଭାଷାରେ ସେ ସୁପଣ୍ଡିତ ଏବଂ ରାଗରାଗିଣୀରେ ସେ ଅତି ନିପୁଣ । ତେଲୁଗୁ ସାହିତ୍ୟରେ କ୍ଷେତ୍ରୟର 'ପଦ୍ୟାଲୁ' ନାନା ରାଗରାଗିଣୀ ସମ୍ବଳିତ ଏବଂ ମହାତ୍ମା ୰ ତ୍ୟାଗରାଜଙ୍କ କୃତ ଭାରତରେ ଅଦ୍ୱିତୀୟ । ତେଲୁଗୁ ସଙ୍ଗୀତ ଅନୁଶୀଳନରେ କବି ଶନ୍ନମଦେବ ମୋହନା, ମନୋହରୀ, ଚଳବାଳ, ନାଥନାମକ୍ରିୟା, ନାଟକୁରଞ୍ଜି ପ୍ରଭୃତି ରାଗରେ ଗୀତ ବାନ୍ଧିଛନ୍ତି ଏବଂ 'ମସ୍ତ-କୋଟି ସୁନ୍ଦରାଙ୍ଗା' 'ନିନ୍ନେ ନାମ୍ମିନାନୁ', 'କୋବାମା ପେହିଲ୍ଲକ୍ଷ' 'ଦେବ ଗଜାନନ' 'ମାଁଈ ସାମାସ୍ୱା ମିଦେବରସ' 'ଓ୍ୟାରମୁଲୋସାଗି' ପ୍ରଭୃତି ପ୍ରସିଦ୍ଧ ତେଲୁଗୁ ଗୀତକୁ ଅନୁସରଣ କରିଛନ୍ତି । ସେହିପରି ସେ ଝିଂଝୋଟି, ବେହାଗ, ଖମାଚ, ସିନ୍ଧୁ ଖମାଚ୍, ମାସ୍ତ୍ରା ମାଳବଗୌଡ଼ା, ଆନନ୍ଦଭୈରବୀ ପ୍ରଭୃତି ହିନ୍ଦୀ ରାଗିଣୀରେ ପଦ୍ୟ ରଚିଛନ୍ତି । ପ୍ରାଚୀନ ଓଡ଼ିଶୀ ରାଗରାଗିଣୀରେ କବି ଅତି ପଣ୍ଡିତ । ଓଡ଼ିଶୀ କଲ୍ୟାଣୀ, କୋଢ଼, ହନୁନ୍ତ୍ରବୋଢ଼, ବରାଡ଼ି, ପାନ୍ତ୍ରବରାଡ଼ି, ଅଷାଢ଼ ଶୁକ୍ଳବାଣୀ, ସାବେରି, ଧନାଶ୍ରୀ, କଉଶିକ, ଗୁର୍ଜ୍ଜରୀ ପ୍ରଭୃତି ରାଗରାଗିଣୀରେ ସେ ଅନେକ ପଦ୍ୟ ଲେଖିଛନ୍ତି । ଲୋପ ହୋଇ ଯାଉଥିବା ସଂସ୍କୃତ ଭିତରୁ ସବୁ ନ ହେଲେ ସୁଦ୍ଧା ଅନେକ କଥା ତାଙ୍କୁ ଜଣା ଅଛି ଏବଂ ସେହିପରି ଅନେକ ଛନ୍ଦ ସେ ସାଉତି ରଖିଛନ୍ତି ।

ଯନ୍ତ୍ର ସମାଲୋଚନାର ଉପାୟ ହୁଏ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ ଏବଂ ଯନ୍ତ୍ର ଭାବ ଉଦ୍ଦେଶ୍ୟ ହୁଏ ସାହିତ୍ୟରେ 'କ'ଣ' 'କିପରି' 'କାହିଁକି' ର ସମାଧାନ ତାହା ହେଲେ ଶ୍ରୀଯୁକ୍ତ ବିକ୍ରମଦେବ ବର୍ମାଙ୍କ 'ରଚନାଳି' ସମାଲୋଚକ—ପାଠମାନଙ୍କର ଗବେଷଣା ଓ ଅନନ୍ଦର ବିଷୟ ହେବ । ତାହା ଷାଠିଏ ବର୍ଷର କଠୋର ସାଧନାର ଫଳ,—ଜାତୀୟ ସାହିତ୍ୟର ଇତିହାସରେ ଗୋଟିଏ ଯୁଗ । ୧୮୬୯ ରେ ଜନ୍ମ, ୧୯୪୬ କୁ ଅଦ୍ୟାପି ଲେଖୁଛନ୍ତି ! ଯଶ ଅର୍ଜିବା ପାଇଁ ଅନ୍ୟ ଉପାୟ ଥିଲା, ଜୀବନଧାରଣ ପାଇଁ ସାହିତ୍ୟ ଉପରେ ନିର୍ଭର କରିବାକୁ ପଡ଼ି ନାହିଁ । ତଥାପି ସାହିତ୍ୟ ଚର୍ଚ୍ଚାରେ ସେ ବ୍ରତୀ ରହିଛନ୍ତି । କାହାର ମତକୁ ଅପେକ୍ଷା ରଖି ନାହାନ୍ତି, କାହାର ପ୍ରଶଂସା ବା ନିନ୍ଦାକୁ ଅନେଇ ବସି ନାହାନ୍ତି, ଆପଣାର ରୁଚି ଅନୁଯାୟୀ ଆପଣାର ରଚନା ଚାଲିଛି, ଅଟକି ନାହିଁ । ୧୮୬୯ କୁ ଆମେ ଫେରିଯାଇ ପାରିବା ନାହିଁ, କିନ୍ତୁ ଏ ଆଦର୍ଶ—ନମସ୍ୟ । ଇତି ।

ବରଗଡ଼ }
୧ । ୬ । ୪୬ }

ଶ୍ରୀ ଗୋପୀନାଥ ମହାନ୍ତି



ରାଜର୍ଷି, ମହାରାଜା ଶ୍ରୀ ଶ୍ରୀ ବିକ୍ରମଦେବ ବର୍ମା



ଶ୍ରୀ ରାଧାକୃଷ୍ଣାଭ୍ୟାଂ ନମଃ ।

ଶ୍ଳୋକୌ:—

ହୃଦୟକମଲମଧ୍ୟେ ଚିନ୍ତୟେ ଭାନୁପୁତ୍ରୀଂ ।
ସଲିଲଭବଜଦାସ୍ୟାଂ ପଦ୍ମିନୀଂ ପଦ୍ମହସ୍ତାଂ ।
ଛବିଲଜିତସୁବର୍ଣ୍ଣାଂ ନୀରଜାତାୟତାକ୍ଷୀଂ ।
ଧରବରଧରପାର୍ଶ୍ୱସ୍ଥାୟିନୀଂ ମୁକ୍ତିଦାତ୍ରୀଂ ।।

●

ହୃଦୟକମଲମଧ୍ୟେ ଭାବୟେ ବାସୁଦେବଂ ।
ନବଜଲଧରବର୍ଣ୍ଣଂ ପୁଣ୍ଡରୀକାୟତାକ୍ଷଂ ।
ଅରିଜଲଜଗଦାମ୍ଭୋଜାତହସ୍ତଂ ସୁରେଡ୍ୟଂ
କନକବସନଯୁକ୍ତାଙ୍କିତାଙ୍ଗଂ ମୁକୁନ୍ଦଂ ।

●

ଶ୍ରୀ ବିକ୍ରମଦେବ ବର୍ମା

# ଶ୍ରୀ ବିକ୍ରମଦେବବର୍ମ-ରଚନାଳି

ରାଗ ବସନ୍ତ—ଅଷ୍ଟାକ୍ଷର ଶୁକ୍ଳବାଣୀ

ଭ ଣ ବନ୍ଦ୍ୟ ! ଘେନ ମୋର ବିନୟ ।
ର ନ୍ଦ ଧର ! ମୋରେ ହୋଇ ସଦୟ ।
ନ ମେ ନେଇ ଚିତ୍ତହଂସକୁ ମୋର ।
ଶ୍ରୀ ଶ ! ରଖ ପଦପଙ୍କେରେ ତୋର
ଏତେ ସେ ମାଗଇ । ଦ୍ୱିତୀୟ ବର୍ଣ୍ଣେ ଯା ନାମ ରାଜଇ । ୧ ।

ଗୋ ଣ ନ୍ଦ । ହରେ ରାମ କୃଷ୍ଣ ବୋଲ ।
ସ ନ୍ଦ ମନେ ମୋର ଭୃଣ୍ଡ ନଟେଲା ।
ପ୍ରେ ମେ ସଦା କରୁଥାଉ କୀର୍ତ୍ତନ ।
ଚୈ ଶ ବ ! ନ ଉଚ୍ଚାରୁ କୁବଚନ ।
ଏତେ ସେ ମାଗଇ । ଦ୍ୱିତୀୟ ବର୍ଣ୍ଣେ ଯା ନାମ ରାଜଇ । ୨ ।

ଅ ଣ ରତ ମୋର ଅନ୍ତଃକରଣ ।
ଘ ନ୍ଦ ଗଞ୍ଜନ ! ମୁନୀଶରଞ୍ଜନ !
ବୃ ମେ ଅନୁରକ୍ତ ନୋହୁ ତୋହର ।
ଦ ଶ ରୂପକୁ ଧ୍ୟାଉ ଦାମୋଦର !
ଏତେ ସେ ମାଗଇ । ଦ୍ୱିତୀୟ ବର୍ଣ୍ଣେ ଯା ନାମ ରାଜଇ । ୩ ।

ର ଣ ଶଶୀ ନେତ୍ର ! ଭାବ ମୋହର ।
ବ ନ୍ଦ ପଥର ନୋହୁ ନିରନ୍ତର ।
ଭ ମେ ଶ ବନ୍ଦିତ ! ପରୋପକାର ।
ବ ଶ ହେଉ ଜଗନ୍ମୋହନାକାର !
ଏତେ ସେ ମାଗଇ । ଦ୍ୱିତୀୟ ବର୍ଣ୍ଣେ ଯା ନାମ ରାଜଇ । ୪ ।

ଛ ଣ ଛବି ତୋଃ କୁସୁମଶର !
ନ ନ୍ଦ ହର ମୋତେ ଭବସାଗର ।
ଦ୍ରୁ ମେ ପକାଇ ଜାତ ନିଷ୍କଳଙ୍କ ।
ଯ ଶ ରେ ଲଗାଅ ନାହିଁ କଳଙ୍କ ।
ଏତେ ସେ ମାଗଇ । ଦ୍ୱିତୀୟ ବର୍ଣ୍ଣେ ଯା ନାମ ରାଜଇ । ୫ ।

# ସରସ ଗୀତାବଳୀ

(୧) ରାଗିଣୀ ଝିଞ୍ଝୋଟି । ରୂପକ ତାଳ ॥

( ଚେଲ୍ ଚେଲ୍ଲେ ସଖି—ପ୍ରଭୃ )

ପାହି ଶଙ୍କରି ! ପାଟଳାଧରି !
ପାହିମାଂ, ସମସ୍ତ ନିତ୍ତୁର୍ଭୟଙ୍କରି । ପଦ ।
କଞ୍ଜଲୋଚନି ! କଷ୍ଟମୋଚନି !
ଗୃହୁଶାରଦାମ୍ବୁଜାତଶାନ୍ତବଦନି । ୧ ।
ସର୍ବମଙ୍ଗଳେ ! ଭକ୍ତବତ୍ସଳେ !
ମତ୍ତଭୃଙ୍ଗଜାଲନୀଳଦୀର୍ଘକୁନ୍ତଳେ । ୨ ।
ପାପହାରିଣି ! ଶୂଳଧାରିଣି !
ସୁରଦାନବାଳିଗର୍ବଖର୍ବକାରିଣି । ୩ ।
ସିଂହବାହିନି ! ଶମ୍ଭୁମୋହିନି !
ବନ୍ଦମେଶଚିତ୍ତନୀରଜାତବାସିନି । ୪ ।

---

(୨) ରାଗିଣୀ ଖରହରପ୍ରିୟା । ରୂପକ ତାଳ ।
( ବିନା ଦୋଷେ ନବୀନା—ପ୍ରଭୃ )

ରାଧାଚିତ୍ତବିତ୍ତଚୋର । ମୋ ପାପ ହର । ପଦ ।
ଗୋପୀନେତ୍ର ନୀଳୋତ୍ପଳାର୍ଚ୍ଚିତଶରୀର । ରାଧା ।
ନନ୍ଦଦାସମାନସ ମାନସରାଜହଂସ
ଦନୁଜକୁଳସାରସରୋହିଣୀବର । ୧ ।
ନବୀନଘନଶ୍ୟାମ ଅଙ୍ଗବିଜିତକାମ
ଉମାବାମଦେବନୁତପାଦ ଯୁଗଳ । ୨ ।
ମୁଖଜିତକଳଙ୍କ ହୀନରାକାଶଶାଙ୍କ
ମୁନୀନ୍ଦ୍ରହୃଦୟଚକୋରପ୍ରମୋଦକର । ୩ ।

ସୁରସବିଳାସ ଧୃତହରିତବାସ
ସତୀଜନଗଞ୍ଜନକର ମୁରଲୀଧର । ୪ ।
ନାଗରଛନ୍ଦମଲ୍ଲୀସ୍ରୀ କେକୀପୁଚ୍ଛଚୂଳୀୟା
ବ୍ରଜବନିତାପାଲଟାବାସ ତସ୍କର । ୫ ।
ଶ୍ରୀଅପ୍ପି ମହାଦେବୀ ଚାରୁ ଜଳଜ ରବି
ଶ୍ରୀମତୀ ବଦନ କଞ୍ଜ ମଉ ଭ୍ରମର । ୬ ।

---

(୩) ରାଗିଣୀ ଭୈରବପ୍ରିୟା । ରୂପକ ତାଳ ।
( ବିନା ଦୋଷେ ନନ୍ଦନା—ପ୍ରଭ )

ସଦା ନୟନେ ନାଚନ୍ତି ଜ୍ଞାପ-ମୂଲୀୟା
ପାସୋର ନୁହେଁତ ମନୁ ଧେନୁ-ଧୂଳିୟା । ପଦ ।
ଅଖଣ୍ଡ ସୁଧାକର ଜଣି ମୁଖ ସୁନ୍ଦର
ମନ୍ଦ ମନ୍ଦରେ ହସିବା ସେ ମୁରଲୀୟା । ୧ ।
ତାର ବସନ ଭୂଷା ମୋ ହୃଦେ କଲେ ବସା
ରସାକୂଳା ସତୀ ଧୃତ ଧର ଠାଳୀୟା । ୨ !
ନବୀନ ଜଳଧର ପର ଛବି ସୁନ୍ଦର
ଖଣେ ଖଣେ ଖଣେ ମୋତେ ବାଙ୍କଚୂଳୀୟା । ୩ ।
ସିନ୍ଧୁଁ ଚିଅ ଠାଣି ମୋ ଦମ୍ଭ ଦିଏ ହାଣି
ନ ଜାଣି ଗୁନ୍ଧିଲି ଅରେ ଗୁଞ୍ଜମାଳୀୟା । ୪ ।
ଏ ମନୋହର ସେହୁ ବଚନେ ନୁହେଁ କହୁ
ଶ୍ରୀ ଅପ୍ପି ମହାଦେବିଙ୍କ ସେ ସଖାଳିୟା । ୫ ।

---

(୪) ରାଗିଣୀ ଖରହରପ୍ରିୟା—ରୂପକ ତାଳ ।
( ବିନା ଦୋଷେ ନବୀନାରେ—ପ୍ରଭ )

ଦେଖ ଅରେ ରୂପ ବର, ନନ୍ଦକୁମର । ପଦ ।
ବନୁ ଧେନୁ ଆଣିବାର ଦେଖିବ ତାର । ଦେଖ ।
ନୂତନ ଘନେ ବର୍ହୁ ମୁରଲୀକି ବଜାଇ
ଗୋପୀଜନେ ମେଲେ ଚାଲି ଚାଲି ନାଚିବାର । ୧ ।

ବନ ଧାତୁରେ ଚିତ୍ର ବିଚିତ୍ର ତାର ଗାତ୍ର
ନେତ୍ର ଭୁଲି ବ୍ରଜ-ନାରୀଙ୍କି ଫିଙ୍ଗିବାର । ୨ ।
ନାନା ଜାତି କୁସୁମ ପିନ୍ଧନ୍ତି ଘନଶ୍ୟାମ
କୋଟି କାମ ସମ ତନୁ ଧୂଳି ଧୂସର । ୩ ।
ଗୋପୀ ନେତ୍ର କୁମୁଦ କରିବା ପାଇଁ ମୋଦ
ବ୍ରଜ ଦାଣ୍ଡେ ନଭେ ଉଦେ ଏ ନିଶାକର । ୪ ।
ଶୋଭା ଜାଲ ପକାଇ ମନ ମୀନକୁ ସହି
ଘେନି ଯିବ ଏବେ ବୃଷଭାନୁ-ସୁତାର । ୫ ।
ଶ୍ରୀ ଅମ୍ବି ମହାଦେଈ ଦେଖିବା ପାଇଁ ଲୋଭି
ଉଭା ହୋଇଛନ୍ତି ଧରି ଲଳିତା କର । ୬ ।

---

(୫) ରାଗିଣୀ ବେହାଗ—ଅଦ୍ଧା ତାଳ ।

( ଯମୁନା ପୁଳିନେ—ପ୍ରଭୃ )

କିଏ ସେ ନାଗର ସହି ଦିଶେ କେଡ଼େ ସୁନ୍ଦର । ପଦ ।
ବର ମାନବତୀ ଗଣ ଚିତ୍ତ ବିତ୍ତ ତସ୍କର । କିଏ ।
ଅକଲଙ୍କ କଳାକର ସମ ମୁଖ ମନୋହର
ମଞ୍ଜୁ କଳାପି କଲାପ ମସ୍ତକରେ ଭାସୁର । ୧ ।
ସଜ ସରୋଜକୁ ଜିଣି ଚାହାନ୍ତେ ନୟନ ବେନି
ଭଙ୍ଗୁ ହୀନ ପକ୍ୱ ବିମ୍ବ ଫଳ ପରି ଅଧର । ୨ ।
ସୁକୁମାର ଅପଘନ ନବୀନ ଘନ ସମାନ
କଟି ତଟେ ପୀତ ପଟେ ସୌଦାମିନୀ ପ୍ରକାର । ୩ ।
ତାର ଲଳିତ ଚାହାଣି ବଡ଼ିଶକୁ ପକାଇଣି
ବଳେ ଉଠାଇ ନେଲା ମୋ ମନୋମୀନ ସତ୍ୱର । ୪ ।
ଯେ ସର୍ବ ଲୋକ ଲୋଚନ କୁମୁଦ ନିଶା ରମଣ
ଯାର ପାଦ-ପଦ୍ମେ ଚିର ଶ୍ରୀ ବିକ୍ରମ କିଙ୍କର । ୫ ।

## (୬) ରାଗିଣୀ ମାନ୍ଧାମାଲବଗୌଡ଼ା—ରୂପକ ତାଳ

(ଯୋଖାନେ ଛଲ—ପ୍ରତ)

ନ ଜାଣି ପୀରତି କଲି, ବାଉଲୀ ହେଲି । ପଦ ।
ଘୋର ଚିନ୍ତା ପାରାବାରେ ଚିତ୍ତକୁ ବୁଡ଼ାଇ ଦେଲି । ନ ଜାଣି ।
ତାଙ୍କ ସୁନ୍ଦର ରୂପକୁ    ନ ବିଲୋକିବା ଲବକୁ
ଲୋଡ଼ଲ ପୂର୍ଣ୍ଣ ଲୋଚନେ ଯୁଗ ପରାଏ ଗଣିଲି । ୧ ।
ନିରତେ ତାଙ୍କ ପ୍ରେମରେ    ରତ ହୋଇ ମୁଁ ମନରେ
ଅଶନ ବାସ ଭୂଷଣ ବିଷ ସମାନ ମଣିଲି । ୨ ।
କୁଳ ଶୀଳ ଗୁରୁଜନ    ଭୟ ଲାଜ ଅଭିମାନ
ସଜନୀ ସମାଜ ସ୍ନେହ ସକଳ ସୁଖ ତେଜିଲି । ୩ ।
ଭାନୁ କିରଣ ତାପକୁ    ମଳୟ ବାତ ଘାତକୁ
ଅନଙ୍ଗ ବାଣ ଗଣକୁ ମୋର ତନୁ ସମର୍ପିଲି । ୪ ।
କୃଷ୍ଣଚନ୍ଦ୍ର ଦେବ ସୁତ    ବିକ୍ରମଦେବ ବଦତ
ହରି ସଙ୍ଗ ନିତ୍ୟ ବୋଲି ମନରେ ଯା ଭାବିଥିଲି । ୫ ।

---

## (୭) ରାଗିଣୀ କଲ୍ୟାଣୀ—ମଣ୍ଠରୂପ

(ପଗୁର ପ୍ରିୟ ସଖୀ—ପ୍ରତ)

କେ ତୋ ନାଗର ବର    କେତେ ସୁନ୍ଦରତର
ଦେଖିବା ମଣି ତାର ।
ବର୍ଣ୍ଣ୍ୟ ମାନସ ମୋର । ପଦ ।
ବଦନ କଳଙ୍କ    ପୂର୍ଣ୍ଣ ନିଶି ନାୟକ
ସେହି ନିର୍ମଳ ମୁଖ ।
ସମ ନୁହେ ନିକର । ୧ ।
ପଙ୍କଜ ଦଳକୁ ଜିଣି    ତୋର ନୟନ ବେନି
ଫୁଲ୍ଲଦଳ ସୁହାଣି ।
ଲଭେ ଦପମ କେ । ୨ ।

ନୀଳ ମଣିଙ୍କ ବଳି କୋମଳ, ଚଞ୍ଚଳ
ହୃଦୟ ଗୁଞ୍ଜ ମାଳ ।
ଦିଶଇ ମନୋହର । ୩ ।

ମାନିନୀ ସମିତର ମାନ କରନ୍ତେ ଚୂର
କିବା ମଦନ ବୀର ।
ନବୀନ ଅବତାର । ୪ ।

ବ୍ରଜେନ୍ଦ୍ର ମଣି ଦେବ ଚିତ୍ତ ଧାରଧର ବ ।
ବର୍ଣ୍ଣିବାକୁ ସୂକ୍ଷ୍ମ ବ ।
ମନକୁ ଅଗୋଚର । ୫ ।

---

(୮) ରାଗିଣୀ ପାନ୍ତବରାଡ଼ି—ରୂପକ ତାଳ

( ପଣ୍ଡୁର ଲତାକୁ ସନ୍ଦେଶ—ପ୍ରଶ୍ନ )

କି ଉପାୟ ଆଜ କରିବ, ପ୍ରାଣ ବାନ୍ଧବୀ । ପଦ ।

ସଙ୍ଗୀ ମୋତେ ତେଜି ଯେ ରେ । ଚନ୍ଦ୍ରାବଳୀ ପ୍ରେମ ରଜ୍ଜୁରେ ।
ବନ୍ଧାହୋଇ ମାତିଣ ତାରେ ।
ଏଠାକୁ ନ ଆସନ୍ତି ବାରେ । କି ଉପାୟ ।
ବାଲ୍ୟକାଳ କେଳି ପାସୋରି, ଭାମାକୁପାରେ ।
ମୋତେ ପିଙ୍ଗିବାର ହେ ହରି । ନ୍ୟାୟ ନୁହେ ବୋଲି ଜଣାଇ ।
ଅଣେ ବୋଲି ଦୂତୀ ପଠାଇ ଥିଲି ମୁଁ କି କରିବ ସଖୀ ।
ଶ୍ୟାମ ପାଶେ ଆସିଲେ ନାହିଁ । ୧ ।
ତୁମ୍ଭରେ ଅନ୍ୱେଷି ନାରୀକି, ମୋହନ ତୁମ୍ଭେ ।
ରସିବାର ଜଣା ନୋହେ କି । ଏପରି କହି ଅଣେ ବୋଲି ।
ସଜନୀକି ପଠାଇଥିଲି । ଅନୁତାପ ମାତ୍ର ପାଇଲି ।
ଭେଦୋପାୟେ ମୁଁ ନ ଲଭିଲି । ୨ ।
ବିମ୍ବ ସମାଧର ପୀୟୂଷ, ପ୍ରେମାଲିଙ୍ଗନ ।
ଚୁମ୍ବନ ହେମାଙ୍ଗ ସ୍ପର୍ଶ, କହଣ ଦାନଦେବି ବୋଲି ।
ଅଣିବାକୁ ପେଷିଲି ଆଲି । ମିତଣି ! ଅକୃତକାର୍ଯ୍ୟ ହେଲି ।
ଦାନୋପାୟରେ ନ ପାଇଲି । ୩ ।

ବକ୍ରମ ଚଣ୍ଡାସ୍ତୁ ଭଜନ୍ତୁ, ଅପେ ମୁଁ ଯାଇ ।
ଡାକିଲେ ଦେଖାଇ ଦୈନ୍ୟଙ୍କୁ । କି ଜାଣି ଭାବ ଯାଇ ରହି ।
ତାଙ୍କେ ଭଜନ ହେବାକୁ ସହି । ଫୁଲ ମାଳେ ମାଇଲ ମୁହିଁ
ଦଣ୍ଡୋପାସ୍ୟେ ପାଇଲ ନାହିଁ । ଅଜ । ୪ ।

—o—

(୯) ରାଗିଣୀ ଖମ୍ବାଜ—ଅଦ୍ଧତାଳ

( ଅହା କି ଲପନ ମାଧୁରୀ—ପ୍ରଭ )

ଏକିନା ଶ୍ୟାମ ଚରଣେ କି ପଡ଼ିଲି । କୁଳ ଧରମକୁ ଏଡ଼ିଲି ।
ମୁରଲୀ ଗାନେ ରସି । ଥାଇ ମୁଁ ଦବା ନିଶି ।
ଅଜ ବଶପୂ ଗୁଡ଼ିଲି । ୧ ।
କୁସୁମ ତୋଳିବା ଛଳେ । ଯାଇ ଯମୁନା କୂଳେ
ମେ ହଜକୁ ସଦା ଲୋଡ଼ିଲି । ୨ ।
ତା ଲାଗି ହେଲି ମୁଁ ବାଇ । ସଜନୀ ତାକୁ ନ ପାଇ
ଅନବରତରେ ସଢ଼ିଲି । ୩ ।
ଶ୍ରୀ ବିକ୍ରମ ଦେବ କେନ୍ଦ, ନବ ନୀର ଜାତ ମିନ୍ଦ ।
ପନ୍ଥରେ ଭେଟେ ଦଉଡ଼ିଲି । ୪ ।

---

(୧୦) ରାଗିଣୀ ହିନ୍ଦୁସ୍ତାନୀ ଭଣି ଅଠତାଳ, ଅଣା ବାଣୀ ବୃନ୍ଦେ—ପ୍ରଭ

ଲୋ ଦୁଃଖ ଜଣାଇ । ମାନସ ମଣାଇ । ଅଣେ ପ୍ରାଣେଶଙ୍କୁ ସହି ।
ତୋଷିଲ ଏ ରେଳ ବଢ଼ିଲା । ମନ୍ଦ । ମଳୟ ମରୁତ ବହିଲା ।
ସକା ସୁଧାକର । ଜାଳେ ଦେହ ମୋର ।
ପ୍ରୀତାକୁ ବିଙ୍ଗ ଚମ୍ପିଲା । ୧ ।
ବତ ଦେନା ପବଣ ଧାରି ଅତ । ନିର୍ଦ୍ଦୟ ହୃଦୟକୁ ବହି ।
ପାଇ ଚଣ୍ଡ କାଣ୍ଡ । ମୋ ଲଳିତ ପିଣ୍ଡ ।
ଖଣ୍ଡ ଖଣ୍ଡ ବିଦାରଇ । ୨ ।
ମାନନା ମାନସ ଚୈରିଙ୍କୁ । ଶନ୍ତ । ନୀଳ ସମାନ ଶରୀରଙ୍କୁ ।
ନ ଦେଖିଲେ ଏବେ । ନ ବଞ୍ଚିବ ଲବେ ।
ବିକ୍ରମ ଚଣ୍ଡାସ୍ତୁ ବୁଝିଙ୍କୁ । ୩ ।

---

ରାଗିଣୀ ମୋହନା । ଅଦ୍ଧତାଳ ।

( ମାରବୋଟସୁନ୍ଦ ରଙ୍ଗା—ସ୍ତୁତ )

ତୁମ୍ଭ ପ୍ରେମେ ହୋଇ ଭୋଳ ରାମା ପାଏ ଖେଦ ଗୁଳ୍‌ । ପଦ ।
ଅନ୍ନ ନୀର ନିଦ୍ରା ବାଳା    ଛାଡ଼ି ଅତି କ୍ଷୀଣା ହେଲା
ବେଶ ଭୂଷା ଛାଡ଼ିଦେଲା ବାଞ୍ଛି ତୁମ୍ଭ ଗାଢ଼ କୋଳ । ୧ ।
ଅହେ ଗୋପୀ ଚିତ୍ତଚୋର    ଚନ୍ଦ୍ର କାନ୍ତେ ମାର ବୀର ।
ନେତ୍ର ସାରିକାଳି କୀର    ହୋଇଛନ୍ତି ତାର ଭାଳ । ୨ ।
ବନମେଘ ଚିତ୍ତ ଭଞ୍ଜ    ସୁରଜାରରାଜରାଜ ।
ଦୂର ହେଲା ତାର ଓଜ ଏତେ ଦୁଃଖ ତାକୁ ଦେଲ୍‌ । ୩ ।

---

ରାଗିଣୀ ମାଞ୍ଜି । ମିଶ୍ରରୂପ ତାଳ ।

( ଜଣା ପଡ଼ିଲାରେ—ସ୍ତୁତ )

ରୂପ ଦେଖିଲାରେ ନୟନ ବେନି ମୋହର । ପଦ ।
ନବୀନ ସୃଷ୍ଟିକି କରଅଛି ଜାକ ପାଅଁ ପାଅଁ ବାଣୀବର ।
ଚମ୍ପାଗୋରୀ ପୀତ ବସନ ପିନ୍ଧନ୍ତି, ଲମ୍ବ ଦ୍ୱାରେ ମନୋହର
କାମ ହେମ ଦଣ୍ଡେ    ପୀତ ପଟ ଖଣ୍ଡେ,
ଲଗୁଥିବା ପରକାର । ୧ ।
ଗେଲେ ନବବାଳୀ, ମନ୍ଦେ ମନ୍ଦେ ଗୁଳ୍‌, ହରେ ମନ ଧୀରଙ୍କର,
ଧରାରେ ଚପଳା    ନିର୍ମିତ ପିତୁଳା
ଧୀରେ କରେ କି ବିହାର । ୨ ।
ଗୁହେଁ ନେନ ଡୋଳା, ଖେଳାଇ ଅବଳା, ଚଉଦ୍ୱାର ବାରମ୍ବାର
ସୁବଣଦ ଘନ    ନୀଳୋତ୍ପଳଗଣ,
ବୃଷ୍ଟି କରେ କି ଅପାର । ୩ ।
ପ୍ରଳମ୍ବ କୁନ୍ତଳ, ଖୋପାରେ ମଞ୍ଜୁଳ, ବିଜଡ଼ିତ ମଲ୍ଲୀ ସର,
କାଳନ୍ଦୀ ମଧ୍ୟରେ    ରାଜେ କି ସୁନ୍ଦରେ,
ଗଙ୍ଗା ହୋଇ ଧାର ଧାର । ୪ ।

ଏ ନାସି ସାହାରେ, ହରିଙ୍କ ନିକରେ, ଏଥର ଜଣିବ ମାର,
ଶ୍ରୀ ବିକ୍ରମ ଦେବ    କବି ମନୋଭାବ ।
ପ୍ରେମ ପୂର୍ଣ୍ଣ ନିଶାକର । ୫ ।

---

ରାଗିଣୀ ବେହାଗ । ଅଦ୍ଧ ତାଳ ।

( ଯମୁନା ପୁଲିନେ—ପ୍ରଭ )

ଶୁଣ ରେ ରମଣୀ ମଣି    ମୋ ବିନୟ ବାଣୀକି । ପଦ ।
କେତେ ତପେ ଲଭିଅଛି ସେହି ଶୂଳପାଣିଙ୍କି । ଶୁଣ ।
ଅକାରଣେ ମାନ କର    କାହିଁକି କନକଗୋରି ।
ଲୁଟା କେଳ ବସିଅଛୁ ଅନାଇ ଧରଣୀକି । ୧ ।
ତୁହି ଏକା ମୋର ଗତି    ବୋଲ୍ ଅରେ ରସବତୀ !
ନିଶ୍ୱମ କରିବି ତୁହିଁ ତୋ ରୋମାଳି ଫଣୀଙ୍କି । ୨ ।
ପିଇବି ତୋର ଅଧର    ଅମୃତକୁ ସମାଦର ।
କେବେ ଦେଖି ନାହୁଁ ବୋଲି ଇତର ତରୁଣୀକି । ୩ ।
ବହନେ ପଦ୍ମମୁଣି    କର ରଖ ମୋର ପ୍ରାଣ ।
ନ ଦେଇ ମଦନ ଅବାରଣ ବାଣ ଶ୍ରେଣୀଙ୍କି । ୪ ।
ଶ୍ରୀବିକ୍ରେନ୍ଦ୍ର ମଣି ଦେବ    ବନ୍ଦନୀ ଜୀବ ବାନ୍ଧବ ।
ତୋର ଅନାଦରେ କୁସ୍ତୁ ଲୋପ ହେବ ଏଣିକି । ୫ ।

---

ରାଗିଣୀ କାମୋଦ । ଅଦ୍ଧ ତାଳ ।

( ଜଲେ ନାସ୍ପିନାଲି—ପ୍ରଭ )

ମାନ କି ଉଚିତ , ମୋ ପରାଣ ମିତ । ପ ।
ତୋର ଗାର ତାର , ପଦ ଦାସ ମୁଁ ତ । ମାନ କି ।
ମୋ ନେତ୍ର ସୁଖଦ , ତୋ ମୁଖ ବିଶଦ ।
କଞ୍ଜ କୋକନଦ , ପଦ୍ମପ୍ରେ ଦଣେ ବ । ୧ ।

ନୟନରୁ ନୀର , ବହୁ ଧାର ଧାର ।
ଉରବାସ ତୋର , ହୁଏ ଅଭିଷିକ୍ତ । ୨ ।
ଯୋଷା ଶରେଭୂଷା , ଫୁଲ୍ଲ ସୁନାସା ।
ହସା ମିଶା ଭାଷା , ପ୍ରକାଶ କ୍ୱଚିତ । ୩ ।
ଅବନୀ ଦେଖଣ , ମୋ ଅଙ୍ଗ ମଣ୍ଡନ ।
ଭର ତୁ ବହନ , ମୋ ମାଗୁଣି ଏ ତ । ୪ ।
ବିକ୍ରମ ବନ୍ଦିତ , ରମା ପ୍ରାଣନାଥ ।
ନନ୍ଦନ ଶପଥ , ଦୋଷୀ ମୁଁ ନୁହେଁ ତ । ୫ ।

---

ବନିତା ବାତାଳ , ସ୍ୱାଦୁ ଗୋଠାପାଳ ।
ହେଲେ ମଧ୍ୟ ସ୍ୱଭାବରେ ।
ଉଷ୍ଣ ବୃନ୍ତ ମୂଳ , ହୋଇ ସୁକୋମଳ ।
ଅତ୍ୟନ୍ତ ସ୍ୱାଦୁ ଲାଗରେ ॥

---

ରଗିଣୀ ସାବେରୀ । ମିଶ୍ର ରୂପ ତାଳ ।

( ପ୍ରାଣବନ୍ଧୁରେ—ପ୍ରଭ )

ରସବତୀ ରେ ! କାଶହାସୀ ଚମ୍ପା ବସୁ ଶ୍ରୀମୁଖ ପୋଛ ରେ । ପ ।
ଦାସେ ବିନା ଦୋଷେ ମାନ କର । ସରସୀରୁହ ପାଣି ଗଣ୍ଡେ ଭର ।
ବସୁନ୍ଧରାରେ ଲୁଣ୍ଠି ସୁନ୍ଦରୀ,
ବସି କାନ୍ଦୁ ଉର ମେଳ ଗଳୁଣି ଚନ୍ଦ୍ରରେ । ୧ ।
ମାର ପ୍ରହାରୁଛି ମୋତେ ଶରେ, କର ନେହ ପ୍ରଭ ବାଣ ତାରେ ।
ତୋର ଉରବାସ ଅଢ଼ଣୀରେ,
ତବେ ବର୍ଷ ନାଶ କରେ ମୋହର ଶ୍ରାନ୍ତିରେ । ୨ ।
କର ଉଦେ ହାସ ରଜନୀଶ, ତୋଷି ଦେଇ ଅଧର ପୀୟୂଷ,
ସ୍ମର କେଳିରେ ରସିଣ ନାଶ,
ମୋର କାମ ତମ ତୃଷା ଖେଦ ଝଟତରେ । ୩ ।

ଢର ଅଚ୍ଛୁ ଯେବେ ଦୋଷ ମୁହିଁ, ବର ବାହୁପାଶେ ବାନ୍ଧ ସହି ।
ଭର ହୃଦୟ କାରାରେ ନେଇ,
କରଜ କୁନ୍ତରେ କବା ଭୂଷ ସୁଦନ୍ତ ରେ । ୪ ।
ଶ୍ରୀ ବକ୍ରମଦେବରାଣ ମିତ, କଲେ ଅନାଦର ଅଭ ସତ ।
ଫୁଲବାଣେ ଅଙ୍ଗ ଲୋପ କାନ୍ତ,
ବୋଲ ହକାରବା ହୋଇବଟି ସୁମତରେ । ୫ ।

---

ରାଗିଣୀ ତୋଡ଼ି । ମିଶ୍ରରୂପ ତାଳ ।

( ଶ୍ୟାମ ସମ କମନୀୟ—ପ୍ରଭୃ )

ବାରେ ମୋରେ କରେ କୃପାରେ ହେମଦେହୀ । ପ ।
ଚନ୍ଦ୍ର କାମ କାନ୍ତ ଦର୍ଶ କରେ ଯାହି । ବାରେ ।
ଅନନ୍ଦରେ ମନ୍ଦ ହାସ     ଚନ୍ଦ୍ରିକା କର ପ୍ରକାଶ ।
ନାଶେ ମଦନ ଅନ୍ଧାର ପ୍ରାଣସହୀ । ୧ ।
ଦେଇ ଗାଢ଼ ଅଲିଙ୍ଗନ     ମୋର ତପ୍ତ ଅପଘନ ।
ବେଗରେ କାକର କରେ ଗୁନ୍ଦମୁହିଁ । ୨ ।
ଯାଉଛୁ ମୋର ଜୀବନ     ରକ୍ଷା କରେ ଜୀବ.ଧନ ।
ଗୃହୁ ବିମ୍ବାଧରୁ ସୁଧା ରସ ଦେଇ । ୩ ।
ବକ୍ରମ ଦେବ ବନ୍ଦତ     ହର ତନୁକ ଶପଥ ।
ଅଭ ମୁହିଁ ସମ୍ଭାଳ ପାରବ ନାହିଁ । ୪ ।

---

କନକ କାନ୍ତା କୀର୍ତ୍ତି ଅଟେ କ କାର ଜୟ ।
ସେଥିରେ ଲଗ୍ନ ହେବା ମନ ସଦା ଅଥୟ ॥

---

ରାଗିଣୀ ହିନ୍ଦୁସ୍ଥାନୀ ଭୈରବୀ—ଅଦ୍ଧାତାଳ ।

ଯିବୁ ପର ଗୁଁ'ଲେ ରେ ସଜନୀ ବହନେ ସୁଧାକରାନନୀ । ଯିବୁ ।
କୁଞ୍ଜରେ ମୋହନ ଏକଲା ହୋଇଣ ତୋରେ ଚାଉ ରହିଣ ।
ଧୀରତାକୁ ତେଜିଣ ଥିବେ ରେ ତରୁଣୀ । ଯିବୁ । ୧ ।
ନ ଗଲେ ବେଗରେ କେଳି ସମୟରେ ବିତ ଯାଇ ଯିବଟରେ ।
ଇଚ୍ଛା ବଳିଥିବ ରେ କୁଞ୍ଜର-ଗାମିନୀ । ଯିବୁ ।
ମାଧବ ମେଳନ ପ୍ରୀତିରେ କରଣ କାମନାପ୍ରବର୍ଦ୍ଧନ ।
ଚକ୍ଷେ ଲଗା ଅଞ୍ଜନ ବିକ୍ରମ ବନ୍ଦିନୀ । ଯିବୁ । ୨ ।

---

ରାଗିଣୀ ମୁଖାରୀ । ଅଦ୍ଧାତାଳି ।

( ରାତା ଦେ ସାଖୀ—ପ୍ରଭୃ )

ପ୍ରାଣ ସଙ୍ଗିନୀ, ଅଣ୍ଟେଇ ହୁଅ ତୁ ତୂର୍ଣ୍ଣ । ପଦ
ମୋତେ ରତିପତିଙ୍କ ଦେଇ ସେ ପାପିନୀକ,
ଅପେ ରଖିଲେ ଶ୍ରୀକାନ୍ତ । ୧ ।
ତାଙ୍କ ଠାରେ ମୋ ମନ ଲାଗିବା ଠାରୁ ଅନ୍ନ,
ପାଣି ବିଷ ହୋଇଲାଣି । ୨ ।
ଶ୍ୟାମ ଅଙ୍ଗାରେ ପ୍ରଭା ରାତ୍ର ମୋତେ ସୁମତି,
ହୋଇଅଛି ହର ରଜନୀ । ୩ ।
ପୁରୁଷମାନଙ୍କର ପ୍ରୀତି ବାଣୀ ପ୍ରକର,
ନୀରବ ଗାର ତରୁଣୀ । ୪ ।
ବିଚ୍ଛେଦ ସବୁ କାଳେ ଯାଇବାକୁ ମୋ ଭାଲେ,
ଲେଖିଛି ତ ବାଣୀକାନ୍ତ । ୫ ।
ରାଜେନ୍ଦ୍ର ମଣି ଦେବୀ ମାନସ ଭୃଙ୍ଗ ରବି,
ବେଣୁଧର ଶଠାଗ୍ରଣୀ । ୬ ।

---

ରାଗିଣୀ ବେହାଗ । ଅଦ୍ଧତାଳ ।

( ଯମୁନା ପୁଲୀନେ—ପ୍ରଭ )

ବନେ କୁଞ୍ଜ ଅଜ କେତିଡ ରମ୍ୟରେ ବିରାଜୁଛି । ପଦ ।
ଯେଣୁ ରାଧା ବେଣୁପାଣି ସଙ୍ଗ ସେହୁ ପାଉଛି । ବନେ ।
ମୂଳ ପ୍ରକୃତି ପୁରୁଷ ସେଥି ମାନବୀ ମାନୁଷ
ରୂପରେ କରବା ଖେଳା ନେହାନନ୍ଦ ଦେଉଛି । ୧ ।
କିବା ମୀନକେତୁ ସ୍ୱର୍ଣ୍ଣ— କାର ଆପଣା ସୁବର୍ଣ୍ଣ
ରାଜ ପଟ୍ଟରେ କଷି ତା ବାନ ଭଲେ ଦେଖୁଛି । ୨ ।
କିବା ଦିବ୍ୟ ଶାଳଗ୍ରାମେ ହେମ ରେଖା ମହାଧାମେ
ଶୋଭ ଭକ୍ତବୃନ୍ଦ ଶତେ ଭକ୍ତିକି ଜନ୍ମାଉଛି । ୩ ।
କିବା କାଳ ନୀରଦରେ ଚଞ୍ଚଳା ପ୍ରକାଶି ସ୍ଥିରେ
ଭାରଦ୍ୱାଜ ବିକ୍ରମେଣ ମୋଦ ପ୍ରଦା ହେଉଛି । ୪ ।

---

ଅଷାଢ଼ ଶୁକ୍ଳବାଣୀ ।

ବାରାନିଧି ସୁତା ମାନସ ହର ।
ଗଜେନ୍ଦ୍ର ରକ୍ଷକ ଧୃତ ମନ୍ଦର ।
ଇନ୍ଦ୍ର ପୁର ଅଦ୍ଧ ନ ମାଗେ ହର ।
କୋମଳ ଚରଣେ କର କଂକର ।
ମହିମା ମାଗୁଛି । ଦ୍ୱିତୀୟ ବର୍ଣ୍ଣେ ଯାର ନାମ ଅଛି । ୧ ।
ନାରାୟଣ ବିଷ୍ଣୁ ତ୍ରିଲୋକେଶ୍ୱର ।
କଂଜେକ୍ଷଣ ଶଙ୍ଖରଥାଙ୍ଗଧର ।
ଚନ୍ଦ୍ର ମୁଖ ସେବାରେ ଥିବ ସଦା ।
କମଳା ସଙ୍ଗେ ହେଉ ଏହୁ ବାଦା ।
ମହିମା ମାଗୁଛି । ଦ୍ୱିତୀୟ ବର୍ଣ୍ଣେ ଯାର ନାମ ଅଛି । ୨ ।

ହେ ରାମ ସୀତା ମୁଖ ପଦ୍ମ ରବ ।
ସଜେଶ୍ବର ପାତକ ଗିରି ପବ ।
ଇନ୍ଦ୍ର ନୀଳ ଛବ ତୋ ପାଦ ପଦ୍ମ ।
ମମ ହୃଦୟେ ସଦା କରୁ ସଦ୍ମ ।
ମଣିମା ମାଗୁଛି । ଦ୍ବିତୀୟ ବର୍ଣ୍ଣେ ଯାର ନାମ ଅଛି । ୩ ।

ଧରାଧର ଶୌରି କରୁଣା କର ।
ସାଜେଣି ସାଜ ବୃଷଭାନୁଜାର ।
ସାନ୍ଦ୍ର ବୃନ୍ଦାବନ ନିକୁଞ୍ଜେ ନିତ ।
ସମସ୍ତ କରୁଥିବ ଗୋପୀପତି ।
ମଣିମା ମାଗୁଛି । ଦ୍ବିତୀୟ ବର୍ଣ୍ଣେ ଯାର ନାମ ଅଛି । ୪ ।

ଶ୍ରୀ ଶ୍ରୀସେଶ୍ବରୀ ରଞ୍ଜନ ଗୋବିନ୍ଦ ।
ଦ୍ବିଜେନ୍ଦ୍ର ସନ୍ନୁତ ପଦାରବିନ୍ଦ ।
ଇନ୍ଦ୍ର ଆଦି ଦେବ ବୃନ୍ଦ ପୂଜିତ ।
ନାମ ଭଜନେ ରହୁ ମୋର ଚିତ୍ତ ।
ମଣିମା ମାଗୁଛି । ଦ୍ବିତୀୟ ବର୍ଣ୍ଣେ ଯାର ନାମ ଅଛି । ୫ ।

---

କଲ୍ୟାଣ ଆଡ଼ାଣ୍ଟ ।

ପାର୍ବତୀ ମେଦିନୀ । ହରପ୍ରିୟା ବହ୍ନି । ଏ ଗୃହ ନାମ ପଞ୍ଚାକ୍ଷରେ ।
କହ ସେ ହେରମ୍ବ, ନାମ ପୂର୍ଣ୍ଣ ହେବ
ଧାତା ଆଦ୍ୟ ବର୍ଣ୍ଣ ଲୋପରେ ।
ଏଡ଼ିଲେ । ବେନି ଅକ୍ଷର ଶକ୍ରଧର ।
ହେବ ତିନି ବର୍ଣ୍ଣ । ଛାଡ଼ିଲେ ମଦନ । ଗୃହ ବର୍ଣ୍ଣ ସ୍ଥାନେ ଉଦ୍ଧର । ୦ ।
ଉତ୍ତର :—ଉମା କୁମାର ।

ଅଷାଢ଼ ଶୁକ୍ଳବାଣୀ ।

କି ଅବା ଶରଦ ଶଶାଙ୍କ କଳା ।
କି ଅବା ସେବତୀଚମ୍ପକମାଳା ।
କିଅବା କଳିକା ତପ୍ତ କାଞ୍ଚନ ।
କି ଅବା ଦାମିନୀ ନୁହେ ଏମାନ ।
ମୋର ପୂର୍ବ ତପ । ଉଭା ହୋଇଛି ଧରି ବାଳା ରୂପ । ୦ ।

---

ଅଷାଢ ଶୁକ୍ଳବାଣୀ ।

ରାମା ରତନ ମେଲାଣିକି କରି ।
ଘନକୁନ୍ତଳା ଯିବ ଦେଶାନ୍ତର ।
ଜନପଡ ଅଙ୍କ ଅବଙ୍କା ମୁହିଁ ।
ନ କରି ପାରି ଯାଉଅଛି ସଖୀ ।
କରିବର ଗଣ୍ଡ । ଚିବୁକ ଧରୁଛି ଘେନ ବନିତା ।
ମାଧବ ସୁତ ବାଧାରୁ ତୋହର ।
ଅନନ ମୁକୁର ମ୍ଳାନ ନ କର ।
ତମ୍ବାମ ଦନ ରତି ସଖୀ ସଙ୍ଗେ ।
ରେ ଗୁଣବନ୍ତୀ ବଞ୍ଚିଥାଅ ରଙ୍ଗେ ।
ପୁଣି ଚିନ୍ତା ତେଜ । ଦାସ୍ୟ ସେଦ ନିକରେ ଭୋଗ ବୃଜ । ୨ ।
ମନ୍ତ୍ର ମୋହନୀ କିସ ଜଣାଇବ ।
ତୁ କି ନ ଜାଣ ମୋ ପ୍ରାଣବାନ୍ଧବୀ ।
ପ୍ରଥ ଚରଣର ଦ୍ୱିତୀୟ ବର୍ଣ୍ଣ ।
ଘେନି ପାଳ ମୁହିଁ ଯାଅନ୍ତେ ଧନ ।
ବୋଲ ଏକ ଧୀର । ବହ୍ନିଲ ଧର ନିଜ ପ୍ରିୟା କର । ୩ ।
( ମାନ ନ କରବୁ ଧନ ମାଗୁଣି ଏତକ )

ଅଷାଢ଼ ଶୁକ୍ଳବାଣୀ

ତିନି ବର୍ଣ୍ଣେ ନାମ ବିଭପତିର ।
ସେ ପୁଣି ପ୍ରାର୍ଥୀ ହେବ ଜଳଦର ।
ପ୍ରଥମବର୍ଣ୍ଣ ଲୋପେ ନାଟ୍ୟ ସ୍ଥାନ ।
ଦ୍ୱିତୀୟ ଲୋପେ ସହବାସ ଜାଣ ।
ତୃତୀୟ ଲୋପରେ ।
ବଳ ବୋଲି ଅର୍ଥ ସକେ ଲୋକରେ । ୦ ।

ଉତ୍ତର :—ସାରଙ୍ଗ ।

---

ଶ୍ଲୋ । କସ୍ମିନ୍ ଦେବେ ବେଦସ୍ତୁଷ୍ଟଃ କିଂ ଜଲନ୍ତରଶୈଳୁକଃ ।
ସଂସ୍କୃତୋତ୍କଳ ଭାଷାଭ୍ୟାମେକମେବୋତ୍ତରଂ ବଦ ॥

ଉତ୍ତର :—ଧନଦେ ।

ଶ୍ଲୋ । କୁସଭାତାନ୍ତ କୋଦଣ୍ଡଂ ଭୂଷିତଃ କେନ ଭାଷତେ ।
ସଂସ୍କୃତୋତ୍କଳ ଭାଷାଭ୍ୟାମେକମେବୋତ୍ତରଂ ବଦ ॥

ଉତ୍ତର :—କଳଦେ ।

ଶ୍ଲୋ । କସ୍ମିନ୍ ଦଯୋନ୍ନୁପଃଖ୍ୟାତୋ ଗୋପଂ କିଂ ବକ୍ତି କର୍ଷକଃ ।
ସଂସ୍କୃତୋତ୍କଳ ଭାଷାଭ୍ୟାମେକମେବୋତ୍ତରଂ ବଦ ॥

ଉତ୍ତର :—ପାଳନେ ।

---

ଅଷାଢ଼ ଶୁକ୍ଳବାଣୀ ।

ନାମ ଶୁଣିଲେ ଶ୍ରବଣେ ପବିତ୍ର । ଦାମ ବଢ଼ାଇଲେ ଆଦର ପାତ୍ର ।
ଧର୍ମ ନିକଟ ବାସ ନିଃପଦ । ଧାମ ଭାଙ୍ଗିଲେ ନରକ ସୁଖଦ ।
ମନରେ ବିଚାର । ଜଣା ନ ଗଲେ ଗୁରୁଙ୍କୁ ପଚାର । ୦ ।

## ଅଷାଢ଼ ଶୁକ୍ଳବାଣୀ ।

ବାତ ଅଗ୍ନି ଜନକର ପରର ।
ଶତରେ ଜର୍ଜ୍ଜର ହୋଇବା ନର ।
ସାତ୍ତ୍ୱ ରାଜ ଯୋଗ ସାଧି ନ ପାର ।
ଗତି ଭବ ସଂସାରେ ହୁଏ ଢାର ।
ଚରରେ ଏଦ୍ୱାର । ଭାବ ଯେ ଜାଣଇ ସେ ଅଟେ ଧୀର । ୦ ।

---

## ସୁଧାକର ତତ୍ତ୍ୱ ।

ଅଟେ ସୁଧାକର । ସୁଧା ପରି କର । ନୁହେ ସୁଧାର ଆକର ।
ତା କର ସମୂହ । ଉହ ସିନା ଗ୍ରହ । ହୁଏ କି ? ସୁଧାର ଘର ॥

---

## ଅଷାଢ଼ ଶୁକ୍ଳବାଣୀ ।

କଏ ବେଳ ଲୋକେ ସୁଖ ଦାୟକ ।
କିସ ଇହ ପର ଭୋଗ ସାଧକ ।
କିସ ନ ଥିଲେ ବୃଥା ଏ ଜୀବନ ।
କିସ ଅଟଇ ଇନ୍ଦସ୍ ସଦନ ।
ଉତ୍ତର ବଖାଣ । ନିବର୍ଣ୍ଣେ ସବ୍ୟାପ ସବ୍ୟେ ସମାନ । ୦ ।
ଉତ୍ତର :—ନନ୍ଦନ । କନକ । ନୟନ । ଜଳଜ ବା ନଳିନ ।

---

କଏ ଦିଅଇ ଶାଶ୍ୱତ ସୁଖକୁ । କଏ ଘାଣ୍ଟି ଚକଟଇ ମନକୁ ।
କିସ ନାରଖାର କରେ କରମ । କିସ ରମ୍ୟ ହୋଇ ଜନ୍ମାଏ ଭ୍ରମ ।
ଉତ୍ତର ବଖାଣ । ପଞ୍ଚବର୍ଣ୍ଣେ ସବ୍ୟାସବ୍ୟେ ସମାନ । ୦ ।
ଉତ୍ତର :—ନନ୍ଦନନ୍ଦନ । ରମାକୁମାର । ରତ୍ନସଭର । ନବଯୌବନ ।

---

ମଦ ମଦନାହୁଁ ଜଗତେ କିଏ ।
ବୀରେ କି କରୁଥିଲେ ରଣେ ଜୟେ ।
କିସ ତୋଷଇ ସାରଙ୍ଗ ମାନସ ।
ଜନେ ଧର୍ମ ଛାଡ଼ିବା ହେତୁ କିସ ।
ଉତ୍ତର ବଖାଣ ।
ସପ୍ତବର୍ଣ୍ଣେ ସବ୍ୟାସବ୍ୟେ ସମାନ । ୦ ।

ଉତ୍ତର ଃ—ରମାନନ୍ଦନମାର । ବରଜଲଜରବ । ନବନଳିନବନ । ଧର୍ମପଥ୍ୟପର୍ଧ ।

---

କାହିଁକି ପୂଜା ପାଏ କୁଳହୀନ ।
ପୂଜ୍ୟତର ହୁଏ ସୁକୁଳ ବନ ।
ମୂର୍ଖଜନ ଲଭେ ଜନସମ୍ମାନ ।
ମାନ୍ୟତର ହୋଇ ହିଜେ ବିଦ୍ୱାନ
ସେହେତୁ ବଖାଣ ।
ନବ ବର୍ଣ୍ଣେ ସବ୍ୟାସବ୍ୟେ ସମାନ ।

ଉତ୍ତର ଃ—ରସାବରଗୌରବସାର ।

---

## ରାବଣ ତତ୍ତ୍ୱ

ଦଶଶିରକଣ୍ଠନାଦେ କାନ୍ଦିଲା ସେ ଯେଣୁ ।
ଦଶକଣ୍ଠରାବଣ ନାମଟି ଦଉ ତେଣୁ । ୧ ।
ନମାର୍ଥ ବ୍ୟବହାରର ପ୍ରଥାତ ବିଦିତ ।
ଦଶକଣ୍ଠ ବୋଲି ରାବଣ ବୋଲି ବିଖ୍ୟାତ । ୨ ।
କଣ୍ଠ ପ୍ରଭୃତପଦ ଶ୍ରୀବାଲ୍ମୀକି ଭାପରେ ।
ସମନ୍ୱିତ ହେଲା ଦଶପଦ ସହିତରେ । ୩ ।

ରତ୍ନ ନ ବୁଝି ଦଶଶିର ସଂଶୟ ଭର ।
ବୋଲିଣ କଳ୍ପନା କଲେ ଆଣ କଳେବର । ୪ ।

କୋହଲେ ପାଦଦ୍ୱୟ ଚେତେ ଶରୀର ଭାର ।
ବହି ପାରିଲାବ ? ଅନ୍ଧେ ପଣ୍ଡିତେ ବିଚାର । ୫ ।

କେଉଁଠ ଚନ୍ଦ ସୂର ପାଇ ଗର୍ଭ ଜନନୀ ।
ପ୍ରସବ ପାରିଲା କି ? ଅଭ୍ର ସନ୍ତାନ ଭଣ୍ଣ । ୬ ।

ଜଗତେ ଚନ୍ଦ୍ରପ ଶିଶୁ ଜନମିଲେ ହେଲେ ।
ବିଗତ ଗର୍ଭ ହେବ କାହିଁକି ? ବୋଲାଗଲେ । ୭ ।

---

ସୁନା ରୁପା ଦେଖ କର ଘଟେ ଧେଲଥିବା ଜନକୁ କହନ୍ତ ।
ଜନକକୁ ସମ ରୂପାକୁ ବିଷମ ସଂଖ୍ୟାରେ କ୍ରମ ଚିହ୍ନିଲ । ୧ ।

ଦକ୍ଷିଣ କରସ୍ଥ ପଦାର୍ଥ ଚିହ୍ନିତ ଅଙ୍କକୁ ସମ ସଂଖ୍ୟାରେ ।
ବାମକର ଗତ ପଦାର୍ଥ ଚିହ୍ନିତ ଅଙ୍କ ବିଷମ ସଂଖ୍ୟାରେ । ୨ ।

ଗୁଣି ଲବ୍ଧ ଦୁଇ ଯତନେ ମିଶାଇ ହିସାବକୁ ବୁଝ ଜ୍ଞାନ ।
ସେ କହିବା ଅଙ୍କ ଯଦି ବିଷମାଙ୍କ ଦକ୍ଷିଣ ପାଣିରେ ସୁନା । ୩ ।

ଯଦି ସେ ସମାନ ସଂଖ୍ୟା ସୁଦକ୍ଷିଣ ହସ୍ତରେ ଥାଏ ରଜତ ।
ଦକ୍ଷିଣ କରସ୍ଥ ଦ୍ରବ୍ୟବ୍ୟତିରିକ୍ତ ଦ୍ରବ୍ୟ ବାମେ ଥାଏ ସତ । ୪ ।

---

ଶୀଟକପଦ୍ୟ :—

ଯେ କଲା ବ୍ରହ୍ମାର ଅନନ୍ତ କମଳକୁ ରମଣୀ ରତ୍ନଶ୍ରୀଙ୍କ ନୃତ୍ୟ ସଦନ ।
ଯେ କଲା ବିଷ୍ଣୁର ଦିବ୍ୟ ନୃପୀଠକୁ ଭାନ୍ତାର କମଳାସୁ ସିଂହ ପୀଠ,
ଯେ କଲା ବାମଦେବର ଶୁଭ୍ରମଞ୍ଜୁଳ ଦେହକୁ ବାମାର ଅର୍ଦ୍ଧଭାଗ ।
ଯେ କଲା ଚନ୍ଦ୍ରକୁ ସମାଧିକଷ୍ଟ, ହା ହେତୁରୁ ଦାଣଶଙ୍କନଶିପ୍ତୁକ୍ତ ।

ସେହି ଜଗଦେକବୀର ଶ୍ରୀବାଳଚଉ—
ମଥନକର ପୁଷ୍ପକାଣ୍ଡକୋଦଣ୍ଡହସ୍ତ ।
ମୀନକେତନ ଦର୍ପକ ଶବ୍ଦ ଚରିତ ।
ଭଡ ହୃଦୀଶ୍ୱର ବିକ୍ରମ ପ୍ରଣତ ପାଦ ॥

---

## ରସ ବିଷୟ

ଶ୍ରୀରାଧାକୃଷ୍ଣାଭ୍ୟାଂ ନମଃ । ଶ୍ରୀସୀତାରାମାଭ୍ୟାଂ ନମଃ ॥

କଞ୍ଜ ବଦନର ଚୂତ ନାକର ନୀଳୋତ୍ପଳ ଲୋଚନ ଯୁଗଳର
ନବମାଳିକା କଳିକା ଦାନ୍ତର ଅଶୋକ କୁସୁମ ବରାଧରର
ହେବାରୁ ସମାନ; ସେ ଫୁଲଙ୍କୁ ଶର କଲା ମଦନ ।

---

କୋଣଲା ମଞ୍ଜି ସୁବର୍ଣ୍ଣ ସ୍ଥାଳରେ ହୋଇ ସମ୍ପୂର୍ଣ୍ଣ
ମଧ୍ୟରେ ହରଣ ଖୁରୁ ପର୍ଯ୍ୟେ ତୋର ॥

---

## କାମୋଦୀ । ଅଦ୍ଧତାଳ

କାହିଁ ପାଇଁ ଏ ରୁଷା ରମଣୀ । ବରପଟ୍ଟୀର ହାସିନୀ । ପଦ ।
ଅକାରଣେ ତେ ର । ମୁଖାମ୍ବୁଜାତର ।
ଅତୁଲ ସୁନ୍ଦର ଛଳ ହେଲା ଦୂର । ୧ ।
ନବୀନ ନଳିନ । ସମାନ ନୟନ ।
—ଯୁଗଳରୁ ବଳ ବହେ ଅନୁକ୍ଷଣ । ୨ ।
ବିକ୍ରମ ବିନୂତ । ମଦନ ଶପଥ ।
ନ କର ଗୁପତ । କାରଣ କହତ । ୩ ।

---

## ଋତୁ ବର୍ଣ୍ଣନ

( ରାଗିଣୀ—ପୁନ୍ନାଗ । ତାଳ—ଏକ )

ଦେଖ ହେମନ୍ତ ସମୟ,
ଅଖଣ୍ଡଳ ଚୃପଶୂନ୍ୟ ଶୂନ୍ୟ ହିମମୟ । ପ ।
ସର ସ୍ୱଚ୍ଛ ଜଳେ ହଂସକୁଳ ସୁଖେ ରତ ।
ପୂର୍ବବ୍ରଜ ଅମ୍ବରତେ ହସନ୍ତୀ ସଂଯୁତ । ୧ ।
ନବ ଛାତ୍ର ଗୁରୁକଣ୍ଠେ ଧାରଣେ ଆସକ୍ତ ।
ଭର ଦେଇ କୃଷକାଳି ଋଣରୁ ବିମୁକ୍ତ । ୨ ।
ଅରବିନ୍ଦମିତ୍ର କରେ ମାନସ ସରାଗ ।
ସରସିଜାତ ଶୀତେ କରେ ସେ ବିରାଗ । ୩ ।
ବୀର ଶ୍ରୀ ବିକ୍ରମଦେବବର୍ମାର ମାନସ ।
ନିରନ୍ତର ଶ୍ରୀ କେଶବ ଧ୍ୟାନେ ଲଭେ ତୋଷ । ୪ ।

---

( ରାଗିଣୀ—ହରକାମୋଦୀ । ତାଳ—ରୂପକ )

ଶିଶିର ସମୟ—ପୀଡ଼ାର ଆଳୟ । ପ ।
ସେ ତ କଲ୍ପ ଶତଦଳଙ୍କ ପ୍ରଳୟ । ଶିଶିର ।
ପିକ କଳସ୍ୱନ, ବର୍ଦ୍ଧନ ସାଧନ,
ବକୁଳ ରସାଳସାଳରେ ଶୋଭନ । ୧ ।
ରଜନୀ ପ୍ରମାଣ, ହୋଇ ପ୍ରବର୍ଦ୍ଧନ,
ବଳାରେ ଜନଙ୍କୁ କରାଏ ଶୟନ । ୨ ।
ହିମ ପାରାବାର, ମଦର ମକର,
ବିଯୋଗିଜୀବନ ନାଶନେ ତତ୍ପର । ୩ ।
ଛଣାରେ ପ୍ରଚୁର, ରବ ଦିବାକର,
କବଳ କରସ୍ପର୍ଶମାନଙ୍କୁ କାତର । ୪ ।

ବିକ୍ରମେଶ ଚଉ, ହୋଇ ଭକ୍ତିଯୁତ,
ହିଥିବା ମାଧବ ପୂଜନେ ନିରତ ।୫।

---

( ରାଗିଣୀ—ଅନନ୍ଦ ଭୈରବୀ—ତାଳ—ସିପୁଟ )
ଏ ବସନ୍ତ ଋତୁବର
ଦେଖ କେଡ଼େ ମନୋହର । ପଦ ।
ବିଯୋଗୀ ସନ୍ତାପକର । ସଂଯୋଗୀ ସନ୍ତାପ ହର । ଏ ବସନ୍ତ ।
କୁନ୍ଦ କୁନ୍ତ ମାର ମିତ । ଶୁକ ସାରୀ ସେନାନ୍ୱିତ ।
ବସନ୍ତ ନୃପ ଉଦ୍ଧତ । ଶରତ୍ରି ହନନ କର ।୧।
ମାଧବୀ ଲତାରେ ଚୂତ । ସାଳ ହୋଇଛନ୍ତି ବେଷ୍ଟିତ ।
ସପ୍ରେମେ କାନ୍ତା'ରେ କାନ୍ତ । ତାଡ଼ାଲିଙ୍ଗିତ ପ୍ରକାର ।୨।
ନବମଲ୍ଲୀ ବାଲୀବ୍ରାତ । ରଙ୍ଗେ ହୋଇ କୁସୁମିତ ।
ହରେ ମଧୁବ୍ରତ କାନ୍ତ । ମନୋଧନକୁ ସତ୍ୱର ।୩।
ଦେଖି ରସାଳ ସୁଫଳ । ଆନନ୍ଦରେ କୋକିଳ ।
ଭକ୍ଷିବାକୁ କଳ କଳ । ହୋଇଛନ୍ତି କର୍ଣ୍ଣ ମଧୁର ।୪।
ମାର ଶରେ ହୋଇ ଭୋଳ । ଖେଳୁଛନ୍ତି ନାନା ଖେଳ ।
ଅଗ୍ରମେ ତୋଷେ ସକଳ । ଯୁବା ନାଗରୀ ନାଗର ।୫।
କେବଦ ମେଦ ବର୍ଦ୍ଧନ । ଦିବ୍ୟ ନାଟକ ରଚନ ।
କରଣେ ବିକ୍ରମ ମନ । ସିନ୍ଧୁଜା ସୁଧାକର ।୬।

---

( ରାଗିଣୀ—ସୌରାଷ୍ଟ୍ର । ତାଳ—ଅଠ )
ଗ୍ରୀଷ୍ମ ସମୟ । ପ ।
ଚନ୍ଦନ ଲେପନେ ଶୀତଳାମ୍ବୁ ପାନେ ଆସକ୍ତ ଜନ ହୃଦୟ । ଗ୍ରୀଷ୍ମ ।
ରଜନୀ ନିତାନ୍ତ ହୋଇ ସଙ୍କୁଚିତ ଦିବସ ବେଶୀ ବଢ଼ିଲା ।
ପରିଶ୍ରମ ସ୍ଥାନେ ଅଙ୍ଗ ପ୍ରତିକ୍ଷଣେ ଘର୍ମ ସଲିଳ ସ୍ରବିଲା ।୧।
ଶିରୀଷ କନକ ମଲ୍ଲିକା କେତକ କୁସୁମଚୟ ଫୁଟିଲା ।
ପନସ ରସାଳ ଜମ୍ବୁ ନିମ୍ବୁ-ଜାଳ—ଫଳ ପ୍ରଚୁର ଫଳିଲା ।୨।

ଧରଣୀଧରରେ ଛପିନ ଗର୍ଭରେ ଦାବାନଳ ପ୍ରଜ୍ୱଳିଲା ।
ମଳୟ ପବନ ହୋଇ ସଙ୍ଗୋପନ ଝଡାଘ ବାତ ବୋହିଲା । ୩ ।
ହୋଇ ଶୀତ୍କର ବିଶୋଷିତ ନୀର ନିର୍ଝର ଦେହ ଦହିଲା ।
ଧୂଳି ଗଗନକୁ ଅସ୍ଥଦ ନେହକୁ ସହଜରେ ଘୁଡାଇଲା । ୪ ।
ରସିକା ରସିକ ମାନସ ଉଦାକ ଭେଳା କରଣେ ରସିଲା ।
ବିକ୍ରମ ଦେବର ଚିତ୍ତ ନିରନ୍ତର ତ୍ରିବିକ୍ରମକୁ ଚିନ୍ତିଲା । ୫ ।

—✱—

( ରାଗିଣୀ—ଧନାଶ୍ରୀ । ତାଳ—ଅଠ )

ଶ୍ରାବଣ ମାସ ଏବେ ଅଇଲାରେ । ପ ।
ଉତ୍ସାହ କୃଷକର ବଢ଼ିଲା ରେ । ଶ୍ରାବଣ…
କାଳ ଜଳଧର ।
ସନ୍ଧୁ ପର ସ୍ୱର ।
ଶଶାଙ୍କ ମଣ୍ଡଳକୁ ଗ୍ରାସିଲାରେ । ୧ ।
ସନ୍ତତ ବିଜୁଳି ।
ଗଗନେ ପ୍ରବଳି ।
ଲୋଚନ ପ୍ରତିବନ୍ଧ ହୋଇଲା ରେ । ୨ ।
ଘୋରେ ମେଘରାଜି ।
ଗରଜି ଗରଜି ।
ହୃଦୟ କମ୍ପନକୁ ବଢିଲାରେ । ୩ ।
ଏ ବରଷା କାଳ ।
ବିରହୀଙ୍କ କାଳ ।
ବୋଲି ଭେକ ରବରେ କହିଲାରେ । ୪ ।
ଇନ୍ଦ୍ରିୟ ପ୍ରବର ।
ବିକ୍ରମଦେବର ।
ମାନସ ରଚନାରେ ମଜ୍ଜିଲାରେ । ୫ ।

( ରାଗିଣୀ—ମନୋରମା । ତାଳ—ଏକ । )

ଦେଖ ଶାରଦ ସମୟ ହୋଇଲା ରେ । ପ ।
ଅମ୍ବୁଜାରବିମ୍ବ ସ୍ୱଚ୍ଛେ ଦଶିଲା ରେ । ଦେଖ ।
ତଡ଼ାଗ ନିର୍ମଳ ତୋୟ । ତୋୟଜାତ କୁବଳୟ ।
ଯୁତ ହୋଇ ଲୋଚନକୁ ମୋହିଲା ରେ । ୧ ।
ହୋଇ ନାତିଶୀତ ନାତି, ଖରକରକରକାନ୍ତି ।
ସକଳ ଜନମନକୁ ତୋଷିଲା ରେ । ୨ ।
ଶସ୍ୟରେ କେଦାର ରାଜୀ । ମରକତ ପର ସାଜି ।
କୃଷୀବଳପ୍ରକରକୁ ରଞ୍ଜିଲା ରେ । ୩ ।
ଶାରଦୀୟ ନବରାତ୍ର । ବର୍ଷରୁ ଅତି ପବିତ୍ର ।
ଲୋକଜନନୀପୂଜନ ବଢ଼ିଲା ରେ । ୪ ।
ଚଉ ବାମଦେବବର । ଶ୍ରୀ ରାଧିକାଦାମୋଦର ।
ପାଦକଞ୍ଜ ସେବନରେ ମଜ୍ଜିଲା ରେ । ୫ ।

---

( ରାଗିଣୀ—ଖମାଚ । ତାଳ—ଏକ । )

ରାଧାସ୍ୟସାରସଦିବାକର ପାହିମାଂ । ପ ।
'ଗୋପୀନେତ୍ରନୀଲୋତ୍ପଳ ସୁଧାକର ପାହିମାଂ । ରାଧା ।
ନିଗମଚୟ ହାରକ । ଶଙ୍ଖାସୁର ବିଚ୍ଛେଦକ ।
କର୍ପର ଧୃତମନ୍ଦରଧରାଧର ପାହିମାଂ । ୧ ।
ଧରଣୀଧାରଣଦନ୍ତ । କୃତହେମଲୋଚନାନ୍ତ ।
ମନୁଜ କଣ୍ଠୀରବସ୍ୱରୂପଧର ପାହିମାଂ । ୨ ।
ବଳିଗର୍ବନାଶକ । ବସୁନ୍ଧରାଧବାନ୍ତକ ।
ରାବଣବଂଶସରୋଜକରୀବର ପାହିମାଂ । ୩ ।
ତପନସୁତାଭେଦନ । ଅତିକରୁଣାସଦନ ।
ବାମ ବନ୍ଦିତ କଳ୍କି ରୂପଧର ପାହିମାଂ । ୪ ।

---

କାଳଦୀର୍ଘ ଦେଶ ଚତୁରସ୍ର ଦ୍ରବ୍ୟଘନ ।
ଚତୁଃପାର୍ଶ୍ୱ ଅଟେ ସେହୁ ଯେ ସୃଷ୍ଟିକାରଣ ॥

---

## ନିଦାଘ ସମୟ

ଅହୋ ! ଭୀଷ୍ମ ଗ୍ରୀଷ୍ମ ଋତୁ ମଧ୍ୟାହ୍ନ ସମୟ ।
ପ୍ରପଞ୍ଚ ପ୍ରଚଣ୍ଡ ଚଣ୍ଡକର କରମୟ ॥
ସୂର-କର କର ଘାତ ଲଭି ଜନ୍ତୁମାନେ ।
ବିହ୍ୱଳ ବିକଳ ହୋଇ ସ୍ଥିତ ଅଣ୍ଡା ଥାନେ ॥
ଘର ଭିତରେ ଉତ୍ତାପ ଦାଣ୍ଡେ ଝାଞ୍ଜି ବାତ ।
ଯେସନେ ଆଗରେ କୂପ ପଛେ ଆଡେ ଖାତ ॥
ବର୍ଷାକାଳେ ପ୍ରଭବିବା ତରୁ ଲତା ପାଇଁ ।
ପ୍ରଦେଶ ଯୋଗାଇବାକୁ ନିଜ ଶରୀରେ ଧ୍ୟାଇ ॥
ପରହିତକର ଗୁଣେ କଳିତ କାନନ ।
ଦାବାନଳରେ କରଇ ଅଙ୍ଗ ବିସର୍ଜନ ॥
ମାତ୍ର ଜନ୍ତୁଙ୍କ କଷ୍ଟ ସେ ମନେ ନ ଭାବଇ ।
ମମକାର ତ ଜଗତେ ପ୍ରବଳ ଅଟଇ ॥
ପ୍ରଭଞ୍ଜନ ପଶ୍ଚିମରୁ ପ୍ରଖରରେ ବହି ।
ନିଜ ବଳ ମହିମାକୁ ଲୋକେ ପ୍ରକଟଇ ॥
ଶୀତଳତା ବହି କୂଅପାଣି ବଡ ସ୍ଥାଇ ।
କୃତୀ ହେଲେ ମାନବଙ୍କ ପ୍ରଶଂସାକୁ ପାଇ ॥
ଜଳ ସଂଗ୍ରହ କରଣେ ମୃତ୍ତିକାର ପାତ୍ର ।
ହେମ ରୌପ୍ୟ ପାତ୍ରଠାରୁ ଅତ୍ୟାଦର ପାତ୍ର ॥
ତପନ ଅପଣା କରେ ଗ୍ରୀଷ୍ମ ପ୍ରଭାବରୁ ।
ଜଳ ପାନକରେ ଜଳସ୍ଥାନମାନଙ୍କରୁ ॥
ସଲିଳବିହୀନ ହେଲେ ତଟିନୀ ତଟାକ ।
ଅତି ଦୁଃଖୀ ବାଟେ ଯାଉଥିବା ଲୋକଯାକ ॥
ଖଟରେ ଥିବା ମନ୍ତ୍ରେ ଛାୟାକୁ, ଛାୟାରେ ।
ଥିବା ଲୋକେ କୁଡ଼ଅକୁ, ସାନ କୁଡ଼ଅରେ ॥

ବାସ କରୁଥିବା ଜନେ ସୁନ୍ଦର ସୌଧକୁ ।
          ସୌଧସ୍ଥ ନରେ ବାଞ୍ଛନ୍ତି ହେମ ପର୍ବତକୁ ॥

ସବୁଙ୍କର ଅନ୍ତ ଅଛି ନଶ୍ୱର ଜଗତେ ।
          ମାତ୍ର ମାନବ ବାଞ୍ଛାର ଅନ୍ତ ନାହିଁ ସତେ ॥

କୁଟୀରନିବାସୀ ସୁଖେ ନିଦ୍ରିତ ସୌଧରେ ।
          ଚନ୍ଦନଚର୍ଚ୍ଚିତ ବ୍ୟକ୍ତି କୋମଳ ତଳ୍ପରେ ॥

କଙ୍କର ସେବିତ ହୋଇ କରେ ଜାଗରଣ ।
          ବୋଧହୁଏ ତୃପ୍ତି ମାତ୍ର ତାହାର କାରଣ ॥

ଅକର୍ମୀ କର୍ମୀ ସକଳେ ଝାଳେ ଜର୍ଜ୍ଜରିତ ।
          ଘିଅର ଗୁଡ଼କେ ଅଙ୍ଗ ହୁଅଇ ପୂରିତ ॥

ଅଭୋକ୍ତା ଦୁର୍ବଳ, ଭୋକ୍ତା ପୀଡ଼ିତ ଶୋଷରେ ।
          ମୃଗତୃଷ୍ଣା ପ୍ରସରଇ ମରୁ ପ୍ରଦେଶରେ ॥

କୁକୁରେ ଜିଭ ଲମ୍ବାଇ ସୁଶୀତଳ ସ୍ଥଳେ ।
          ପଡ଼ି ରହି ଧଇଁ ସଇଁ ହୁଅନ୍ତି ବିକଳେ ॥

ଶିରୀଷ କେତକୀ ହେମପୁଷ୍ପକ ପୁଷ୍ପିତ ।
          ଆମ୍ର ଜମ୍ବୁ ପନସାଦି ଫଳ ବିରାଜିତ ॥

କୃଷକେ କର୍ମନିବୃତ୍ତ; କାରୁ କର୍ମିଗଣ ।
          ପେଟ ପାଇଁ କାର୍ଯ୍ୟକର ସହଇ କଷଣ ॥

ଶୀତଳ ଜଳ ପ୍ରକୃତ ସାମାନ୍ୟ ପଦାର୍ଥ ।
          ପଥିକଙ୍କୁ ଦେଇ ଜନେ ହୁଅନ୍ତି କୃତାର୍ଥ ॥

ଦୁଃଖଦ ଦିନବୃଦ୍ଧି ସୁଖଦାୟପାୟସ୍ୟ ।
          "ପାପୀ ଚିରାୟୁଃ; ସୁକୃତୀ ଗତାୟୁଃ" ନାସ୍ତ୍ୟସ୍ୟ ॥

ପାବକ ଯୁବକ; ଚଉଜାତ ପଳାତକ ।
          ଶୀତ ମୟୂଖ ମାଳିଆ ଦାଣେ ତେଜ ଝଳକ ॥

ନିଦାଘ ବାମନାଧିପତ୍ୟ ଋତୁବର ।
          ଲୋକଖେଦପ୍ରଦ ହେବା ମହିମା କାଳର ॥

## ହେମନ୍ତ ସମୟ

କୃତାନ୍ତ ଦନ୍ତ ସମାନ ହେମନ୍ତ ସମୟ ।
ଉପଗତ ଭର ପ୍ରାଣିଶ୍ରେଣୀ ଚଳେ ଭୟ ॥
ଶସ୍ୟରୂପଶୂନ୍ୟ ଶୂନ୍ୟ ହୋଇଛି ଧୋବଲା ।
ପୁଷ୍କରିଣୀ ପରିଶୁଦ୍ଧ ସୁଶୀତଳଜଳା ॥
ନିର୍ଜୀବ ପ୍ରତିମା ମଧ୍ୟ ଜାଡ଼ ଡ଼ରକୁଳା ।
ଘୋଡ଼ଲାଗି ହୋଇ ବହ୍ନି ସେବନେ ଆକୁଳା ॥
ରଜା ପରଜା ସମସ୍ତେ ଶୀତରେ କମ୍ପିତ ।
ଦେହୁଁ ଖଦ ବାଡ଼ିବାକୁ ନିତାନ୍ତ କୁଣ୍ଠିତ ॥
ସୌଧେ ମନ୍ଦିରେ କୁଟୀରେ ହସନ୍ତି ସିଜ୍ଜଇ ।
ସକଳ ଜନମାନସ ଉଷ୍ଣକୁ ବାଞ୍ଛଇ ॥
ପାବକ ଦହନାତ୍ମକ ହେଲେ ମ୍ଳାନପ୍ରଭ ।
ଅତ୍ୟନ୍ତ ଶୀତଳ ହେଲା ରଜନୀବଲ୍ଲଭ ॥
ଲୋକଙ୍କର ପ୍ରିୟ ହେଲେ ଇନ ହୁତାଶନ ।
ଅପ୍ରିୟ ହୋଇଲେ ହିମକରଣ ପବନ ॥
ଅହୋ ! ଦେଶ କାଳ କର୍ମ ପରିବର୍ତ୍ତନରେ ।
ପ୍ରିୟ ଅପ୍ରିୟ ଅପ୍ରିୟ ପ୍ରିୟ ଜଗତରେ ॥
ନର ଶରୀର ଖଦଡ଼ା କାକାଙ୍ଗ ଚକ୍ରୁଣ ।
ନିଶାରେ ପ୍ରକଟେ ଗ୍ରାମପ୍ରାନ୍ତେ ଶିବାସ୍ବନ ॥
ପତ୍ର ସାନ ପତ୍ନୀ ବଡ଼ ରହିବା ନିଳୟ ।
ପରି ଦିନ ହ୍ରାସ ରାତ୍ରି ଅଭୃତ ସମୟ ॥
ଫଳି ଅଛନ୍ତି ଅତ୍ୟପାଫଳ କର୍ମରଙ୍ଗ ।
ନେଉଅ ବଦରୀ ଲେମ୍ବୁ କମଳା ନାରଙ୍ଗ ॥
ସଂଛୁ କୁହୁଡ଼ିରେ ସବୁଅଙ୍ଗ ଅଚ୍ଛାଦିତ ।
ସେବନ୍ତୀ ଗୋଲାପ ଲୁବଲୟ କୁସୁମିତ ॥

ଧାବା ଖଣ୍ଡିରେ ନିଶାରେ ଜାନୁ ଧରି କୋଳେ ।
ଦୀନହୀନ ଜନ କାଟେ ଏ କାଳ ନୀରୋଳେ ॥
କମ୍ବଳ ଉପରେ ଭରି ପାଳ ପାଞ୍ଚ ତଳେ ।
ଖେତରେ ଶୟନ କରେ କର୍ଷକ ନିଷ୍ଠଳେ ॥
ଅଧିକମୂଲ୍ୟ ରେଶମୀୟ ବିବିଧ ବସନ ।
ପିଧାନରେ ଧନୀ କରେ ସମୟ ଯାପନ ॥
ଯେତେ ବଡ଼ଲୋକ ହେଲେ ନତ ଶୟନରେ ।
ଭିକାରି ବାପୁଡ଼ା ଭିକ ଲଭେ ଅଧିକରେ ॥
ଶୀତବାଧା ସହି ମୃଗ ମାରିବା ଆଶାରେ ।
ମୃଗୟୁ ବନେ ପଲ୍ଲରେ ବସଇ ନିଶାରେ ॥
ଆଶାଦେବୀର କିଙ୍କର କଷ୍ଟକୁ ସହଇ ।
କୁଣ୍ଠିତ ନୋହି କୁତ୍ସିତ କର୍ମକୁ କରଇ ॥
ଶସ୍ୟଭରିତ ଖେତକୁ ବିଲୋକି କୃଷକ ।
ନିର୍ଭରାନନ୍ଦ ଲଭଇ ତାଉଁ ତେଜି ଦକ ॥
ଶ୍ରୀ କେଶବ ନାରାୟଣ ପାଳିତ ସମସ୍ତ ।
ଲୋକଭୟଙ୍କର ହେବା ଦୁଃଖର ବିଷୟ ॥

—o—

## ଗୁରୁ ଦକ୍ଷିଣା

ପୂର୍ବ ଜନୈକ ଧରଣୀସୁର ବାସ କରେ ।
ଗୋଟିଏ ନଗର ପ୍ରାନ୍ତ କାନନ ମଧ୍ୟରେ ॥
ସେ ଶବର ସହବାସୁଁ ହୋଇ କର୍ମଭ୍ରଷ୍ଟ ।
ସମ୍ପତ୍ତି ହରି ପାନ୍ଥଙ୍କୁ ଦିଏ ନାନା କଷ୍ଟ ॥
ତା ଲାଭ ଅନ୍ତରତ ହୃଦୟ ପାଷାଣ ।
ହତ୍ୟାକରଣରେ କରିଯୁଗ ବଡ଼ ଠାଣି ॥
ଦିବସେ ସେ ଡକାଏତ, ରଜନୀରେ ଚୋର ।
ହୋଇଥାଏ ନିରନ୍ତର ମଦ-ନିଶା ଖୋର ॥
ସେ ପୁଣି ନିର୍ଭୀକ ସଦା ପାପକର୍ମ ରତ ।
କେବଳ କନକ ମାତ୍ର ତାହାର ଦୈବତ ॥

ସାହସ ବାକ୍ୟନେ ତାହାଠାରେ ହଣେ ନାହିଁ ।
ଆଉ କେଉଁ ଭଲଗୁଣ ଖୋଜିଲେ ତୁହାଇ ॥
ଦିନେ ପଥେ ଯାଉ ଯାଉ ଏକ ଯତିବର ।
ବାର୍ଦ୍ଧିବଣ୍ଟି ହୁଅନ୍ତେ ତା ନୟନ ଗୋଚର ॥
ତାହାର ହୃଦୟ ଦେଶେ ସଦ୍ଭାବ ଜନ୍ମିଲା ।
ସେ ଯତିଙ୍କି ନମି ନମ୍ରେ ଏମନ୍ତ ଭାଷିଲା ॥
'କୃପା କର ମୋ ଅତିଥି ହୋଇ ତୁମ୍ଭେ ଆଜ ।
ମଧ୍ୟାହ୍ନ ଭିକ୍ଷା ଗ୍ରହଣ କର ଯତିରାଜ' ॥
ଏତେ ଶୁଣି ଯତିବର ବୋଇଲା ଏପରି ।
ସନ୍ନ୍ୟାସୀ ହୋଇଲେ ସର୍ବ ସଙ୍ଗ ତ୍ୟାଗ କରି ॥
ପତିତ ଭିକ୍ଷା ଗ୍ରହଣ ନିଷିଦ୍ଧ ଅଟଇ ।
କିପରି ତାହା କରିବି ବୋଲି ମୁଁ ଭାବଇଁ ॥
ବ୍ରାହ୍ମଣ ହୋଇ ସ୍ୱକୀୟ ଧର୍ମକୁ ତେଜିଲୁ ।
ନିନ୍ଦିତ ଶବର-ସଙ୍ଘ ସଙ୍ଗ ଆଚରିଲୁ ॥
ସେ ତଙ୍କ ମାନଙ୍କ ନୃଶଂସ, ଗୈରବୃତ୍ତି କରୁ ।
ମାନବୀ ମାନବଙ୍କର ଧନ ପ୍ରାଣ ହରୁ ॥
ଏ ହେତୁରୁ ତୁ ହୋଇଲୁ ନିକୃଷ୍ଟ ପତିତ ।
ତୋ ଦତ୍ତ ଭିକ୍ଷା ଗ୍ରହଣ ନୁହଇ ଉଚିତ ॥
ଏତେ ଶୁଣି ସେ ବ୍ରାହ୍ମଣ ପ୍ରଣମି ଯତିଙ୍କି ।
ଅତ୍ୟନ୍ତାନୁରୋଧ କଲା ଭରି ବିନତିକି ॥
ତେଣୁ ଯତିପ୍ରବରର ହୃଦୟ ତରଳିଲା ।
ବାରମ୍ବାର ବାରମ୍ବାର ସେ ଏ ରୀତିରେ ଭାଷିଲା ॥
ଦେଲେ ମୁଁ ବାଞ୍ଛା କରିବା ଗୁରୁ ଦକ୍ଷିଣାକୁ ।
ଗୁରୁରୂପେ ମାଗିବା ତୋ ଘରେ ଭୁଞ୍ଜିବାକୁ ॥
ତା ଶୁଣି ବିପ୍ର ଭାଷିଲା ତୁମ୍ଭ ବାଞ୍ଛା ଯାହା ।
ନିର୍ବାର ସତ୍ୟ ଅବଶ୍ୟ ଦେବି ମୁହିଁ ତାହା ॥
ସେ ବଚନେ ତୁଷ୍ଟ ଯତି ବୋଇଲା ସତ୍ବର ।
ଅନୃତ ଗୁରୁଦକ୍ଷିଣା ରୂପେ ଦାନ କର ॥

ମାତ୍ର ମନେ ରଖ ଭଲେ ଦତ୍ତ ହୁଏ ଯାହା ।
କେଉଁ ଅବସ୍ଥାରେ ମଧ୍ୟ ଗ୍ରାହ୍ୟ ନୁହେ ତାହା ॥
ପରେ ସେ ବିପ୍ର ବୋଇଲା, ଦେଲି ଅନୃତକୁ ।
ଯତ ଭୁଞ୍ଜି ହୃଷ୍ଟେ ଗଲା ଦେଇ ଆଶିଷକୁ ॥
ସେହି ଦିନଠାରୁ ବିପ୍ର ତେଜି ଅନୃତକୁ ।
ପୂର୍ବପରି କରେ ଅନ୍ୟ କାର୍ଯ୍ୟାନ୍ତରସ୍ତୁକୁ ॥
ଚୋରାଇବାକୁ ସେ ଏକ ଅନ୍ଧାର ରାତିରେ ।
ବୁଲୁଥିଲା ନଗରର ଗୋଟିଏ କନ୍ଦରେ ॥
ଜନମତ ଜାଣିବାକୁ ନୃପ ସେ ନଗରେ ।
ପ୍ରତ୍ୟେକ ଗଳିରେ ବୁଲେ ପ୍ରଚ୍ଛନ୍ନ ବେଶରେ ॥
ନୃପତି ବିପ୍ରକୁ ଦେଖି, ଏଠାରେ କାହିଁକି ।
ବୁଲ ବୋଲି ପୁଚ୍ଛନ୍ତେ ସେ କହିଲା ଏତିକି ॥
ଏ ନଗରପ୍ରାନ୍ତ ବନେ ମୁଁ ବାସ କରଇଁ ।
ବିପ୍ର ହୋଇ ଚୋରପଣେ ଜୀବନ ଯାପଇଁ ॥
ଏଠାକୁ ଆସିଲି ଏବେ ଚୋରି କରିବାକୁ ।
ବୁଲୁଅଛି ମୁହିଁ ସ୍ଥାନ ଠଉରାଇବାକୁ ॥
ନୃପତି ଶୁଣି ନିରାଟ ସତ୍ୟବାଣୀ ତାର ।
ବୋଇଲା ମାନସେ ଲଭି ଅତି ଚମତ୍କାର ॥
ମୁହିଁ ମଧ୍ୟ ଚୋର, ଆସ ମିଶି ଚୋରାଇବା ।
ଯାହା ଲଭ୍ୟ ହେବ ସମେ ବଣ୍ଟନ କରିବା ॥
ରାଜଶୟନ ମନ୍ଦିର ଗୁପ୍ତପଥ ମୁହିଁ ।
ଭଲେ ଜାଣଇଁ, ମୋ ସଙ୍ଗେ ଶୀଘ୍ର ଆସ ତୁହି ॥
ଏତେ ବୋଲି ନୃପ ବିପ୍ର ସଙ୍ଗେ ସ୍ୱଶୟନ—
ଭବନରେ ପ୍ରବେଶିଲା ଅବାଧେ ବହନ ॥
ସେଠା ଏକ କରଣ୍ଡରେ ଥିଲା ରତ୍ନଚୟ ।
ଦିଓଟିକି ବାଣ୍ଟିନେଇ ସେହି ଜନଦ୍ୱୟ ॥
ତୃତୀୟଟି ନୁହନ୍ତେ ବିଭାଜ୍ୟ, କରଣ୍ଡରେ ।
ତାକୁ ଛାଡ଼ି ପଳାୟନ କଲେ ତରତରେ ॥

ପରଦିନ ନରବର ବସି ଆସ୍ଥାନରେ ।
ଦୂତ ପେଷି ସେ ବିପ୍ରକୁ ଅଣାଇ ଦର୍ପରେ ॥
ଗତ ରାତି କଥ ଛଳ ବୋଲି ପଚାରିଲା ।
ସେ ବିପ୍ର ନିର୍ଭୟେ ସବୁ ସତ ବଖାଣିଲା ॥
ତା ଶୁଣି କୋଷାଧ୍ୟକ୍ଷକୁ କହିଲା ନୃମଣି ।
ତୁ ଯାଇ ଦେଖେ ମନ୍ଦରେ ଅଛି ଦିବ୍ୟ ମଣି ॥
ରାଜାଦେଶରେ ସେ ଯାଇ କରଣ୍ଡ ଭିତରେ ।
ରତ୍ନକୁ ଦେଖି ଏମନ୍ତ ପାଞ୍ଚିଲା ଲୋଭରେ ॥
ଏହାକୁ ମୁଁ ଅସ୍ମାଧୀନ ସ୍ୱକରେ କରିବି ।
ସେ ତସ୍କର ମସ୍ତକରେ ଦୋଷକୁ ଲଦିବି ॥
ଏତେ ଭାବି ସେ ରତ୍ନକୁ ଅଣ୍ଟିରେ ଖୋସିଲା ।
ନୃପତି ଛାମୁକୁ ଯାଇ ଏମନ୍ତ ଭାଷିଲା ॥
ଦେବ ! ଏ ଚୋର ନିବାଠ ଅନୃତ୍ୟ କହିଲା ।
ତନୋ'ଟି ରତ୍ନଯାକ ଏ ନିଷ୍ଟୟ ହରିଲା ॥
ତାହା ଶୁଣି ସତ ଜାଣି ନୃପତି ବହନ ।
ତାକୁ ଶୋଧନ କରାଇ କଢ଼ାଇ ରତନ ॥
ବୋଇଲା ତୁହି ତସ୍କର ପୁଣି ମିଥ୍ୟାବାଦୀ ।
ସେ ବ୍ରାହ୍ମଣ ଚୋର ହେଲେ ମଧ ସତ୍ୟବାଦୀ ॥
ତୁହି ଏହିକ୍ଷଣି ଏହି ଦେଶ ତ୍ୟାଗ କର ।
ତୋହର କାର୍ଯ୍ୟ କରିବ ସେହି ବିପ୍ରବର ॥
ରାଜାଦେଶେ କୋଷାଧ୍ୟକ୍ଷ ଦେଶ ବର୍ଜିଲା ।
ବିପ୍ର କୋଷାଧ୍ୟକ୍ଷ ହୋଇ ସୁଖରେ ରହିଲା ॥
ସତ୍ୟ ବଚନ ମହିମା ଅସୀମ ଅଟଇ ।
ଲୋକଦ୍ୱୟରେ ଶାଶ୍ୱତ ସୁଖକୁ ଦିଅଇ ॥

## କି ହେଲା

ସମସ୍ତେ ହୋଇଲେ ସମାଲୋଚକ ।
ବାଳକେ ହୋଇଲେ ବଡ ପାଠକ ।
ନୀଚ ଲୋକେ ହେଲେ କୁଳନାୟକ ।
ବୁଦ୍ଧିହୀନେ ହେଲେ ଭୂମିନାୟକ ।
କମଳଦାରକ—
ସୃଷ୍ଟି ବର୍ତ୍ତମାନ ବିପଜ୍ଜନକ ॥

---

ହଳଧରେ ହେଲେ କଲମଧର ।
ବଣୁଆଏ ହେଲେ ପଣ୍ଡିତ ବର ।
ଅକୁଳୀନେ ହେଲେ ପ୍ରଭୁ ପ୍ରବର ।
କୁଳୀନେ ହୋଇଲେ ତାଙ୍କ ଗୃକର ।
ଏମାନ ନିକର ।
କଳି ମହିମା ବୋଲି ମନେକର ॥

---

## ଏବେ ଚଳଣି

ସଂସ୍କୃତ ଭାଷାଁନଭିଜ୍ଞ ବେଦାର୍ଥ କହଇ ।
ବ୍ୟାକରଣ ଜ୍ଞାନହୀନ କାବ୍ୟ ବିରଚଇ ॥
ସନ୍ଦର୍ଭ ଜ୍ଞାନବିହୀନ ରଚଇ ଚରିତ ।
କିଛି ନ ଜାଣିବା ବ୍ୟକ୍ତି ବୋଲାଏ ପଣ୍ଡିତ ॥
ପରବନିତା ଲମ୍ପଟୀ ସନ୍ୟାସୀ ଶେଖର ।
ପ୍ରାଣୀପ୍ରକର ହିଂସକ ବୈଷ୍ଣବ ପ୍ରବର ॥
ସନ୍ଧ୍ୟା ବନ୍ଦନାନଭିଜ୍ଞ ବିପ୍ରକୁଳ ଜ୍ୟେଷ୍ଠ ।
ବ୍ୟାଧ ବ୍ୟାପାର ତତ୍ପର କ୍ଷତ୍ରିୟକୁଳ ଶ୍ରେଷ୍ଠ ॥
ପରଧନାପହାରକ ବଦାନ୍ୟ ବୋଲାଏ ।
ଜନପ୍ରତାରଣେ କର ସମ୍ମାନକୁ ପାଏ ॥

ରାଗ-ତାଳ-ଜ୍ଞାନହୀନ ପ୍ରଶସ୍ତ ଗାୟକ ।
ଲୋକ ଜ୍ଞାନଶୂନ୍ୟ ବ୍ୟକ୍ତି ଦେଶର ନାୟକ ॥
ଅକ୍ଷର ଲେଖନଜ୍ଞାତା ସମାଲୋଚକେଶ ।
ଗଣିକା ବିଠ ଅଟଇ ରସିକ ନରେଶ ॥
ଅଭକ୍ଷ୍ୟଭକ୍ଷକ ନର ଅଟେ ଭୋଗୀଶ୍ୱର ।
ବେଶାଡ଼ମ୍ବର ସଂଯୁକ୍ତ ସଭ୍ୟ ସ୍ତ୍ରୀରବର ॥
ପ୍ରଜାଗଣ ପ୍ରପୀଡ଼କ ଅଟେ ରାଜୋତ୍ତମ ।
ଅସତ୍ୟଭାଷୀ ବୋଲାଏ ବିବେକ ସତ୍ତମ ॥
ପରବନିତା ବିମୁଖ ଅଟେ ନପୁଂସକ ।
ସରଳଗାମୀ ବାତୁଳ କି ଅବା ବାଳକ ॥
କଳୁଷକର୍ମନିବୃତ୍ତ ଭୀରୁଙ୍କ ଅଗ୍ରଣୀ ।
ଜଗଦୀଶ ଭକ୍ତିରତ ମୂଢ଼ ଚୂଡ଼ାମଣି ॥
ଏପରି ମନୁଜପୂର୍ଣ୍ଣ ବର୍ତ୍ତମାନ ଲୋକ ।
ଭାବୁକ ହୃଦୟସ୍ଥଳେ ଜାତ ହୁଏ ଶୋକ ॥

———o———

ବେଦପୌରୁଷେୟ ଅଟେ ବିଶ୍ୱ ଦୁଃଖମୟ ।
ସବୁକ୍ଷଣିକ ପ୍ରାନ୍ତରେ ଅଭାବ ନାସ୍ତିୟ ॥
କର୍ମସନ୍ୟାସରେ ଶୂନ୍ୟ ହୁଅଇ ଜନନ ।
ଅହିଂସା ପରମ ଧର୍ମ ବୋଲେ ବୌଦ୍ଧଜନ ॥

———✱———

ଖ୍ରୀଷ୍ଟ ଭକ୍ତ ପ୍ରବର ଯେ ହୁଅଇ ।
ଲର୍ଡ୍ସ ସପ୍ପର ମାତ୍ର ସେ ଲଭଇ ।
ଇଂଲଣ୍ଡକୁ ଯିବା ପ୍ରତ୍ୟେକ ନର ।
ସବୁ ସମୟରେ ଲର୍ଡ୍ସ ସପ୍ପର ।
ଲର୍ଡ୍ସ ଲଞ୍ଚ ଅଜ
ଲର୍ଡ୍ସ ଡ଼ିନର ଲଭେ ଦେଇ ଭାଜ ।

## ଗୀତ ସ୍ୱଗିଣୀ ନାଥନାମକ୍ରିୟା—ଅଦ୍ଧତାଳ

( ଓ ନବନାଗର ରଙ୍କେ—ପ୍ରଭୃ )

ନାହିଁ ନାହିଁ ତଳେ । ମୁକ୍ତି ଭାବିଲେ । ପଦ ।
ପ୍ରାତଃ ସମୟରେ । ଠାକୁର ପାଣିରେ
ପାଣିକୁଅ ପର ବୁଡ଼ିଲେ ହେଲେ । ନାହିଁ । । ୧ ।
ପାଉଁଶ ଧୂସର । ହୋଇ ବୃକ୍ଷ ଖର
ଶୀତରେ ଚର୍ମରେ ଗଡ଼ିଲେ ହେଲେ । ନାହିଁ । ୨ ।
ନାମ[illegible]ଭାଲକୁ । ଧୂପରେ ଦେହକୁ
ମଣ୍ଡି ବାଘ ପର ଦାଗିଲେ ହେଲେ । ନାହିଁ । ୩ ।
ଜଟାକୁ ମୁଣ୍ଡରେ । ଦାଢ଼ିକୁ ଥୋଡ଼ରେ
ପୋଷି ଭାଲୁ ପର ବୁଲିଲେ ହେଲେ । ନାହିଁ । ୪ ।
ଗୋଟି ଗୋଟି ଧରି । ମାଳି ଲେଖାକରି
ଗୋମୁଖୀ ଝୋଲିରେ ଜପିଲେ ହେଲେ । ନାହିଁ । ୫ ।
ହୋଇ ଜ୍ଞାନ ଯୁତ । ବିକ୍ରମ ବଦତ
ହରିରେ ଶରଣାପନ୍ନ ନୋହିଲେ । ନାହିଁ । ୬ ।

---

## ଅପୂଜିତ ବିଧାତା

ଥିବାରୁଟି ତୁଳସୀ ବିଲ୍ୱପତ୍ର
ପୂଜା ପାଉଛନ୍ତି ହରି ତ୍ରିନେତ୍ର ।
ପତ୍ରହୀନରୁ ବିଧି ଅପୂଜିତ ।
ସେହି ବିରଚି ସମଗ୍ର ଜଗତ ।
ନିଜ ପୂଜା ପାଇଁ ।
ପତ୍ର ଗୋଟି ରଚି ପାରିଲା ନାହିଁ ॥

## ପ୍ରହେଳିକା

ଶ୍ଲୋକ :—ପ୍ରଜାଙ୍କ ସର୍ବଦା ଦୃଶ୍ୟ, କଦାବା ଦୃଶ୍ୟ ଭୂପର ।
ଅଦୃଶ୍ୟ ସର୍ବ କର୍ତ୍ତ୍ୱର, ପଣ୍ଡିତେ କହ ତା କିସ ?

---

ରାଗିଣୀ—ତୋଡ଼ୀ । ତାଳ—ଅଦ୍ଧା

ମଦ ମହୁଲା ମଞ୍ଚର । ମୂଳାଧାରଟି ଜଙ୍ଗର
ତାଙ୍କୁ ମୂଢ଼ ମାନ ଗ୍ଲଟେ ବୋଲୁଛନ୍ତି କବି । ପ୍ର ।
ମଦ ଶିଶି ଥିଲେ ଛାଟେ । ମଦବତୀ ଥିଲେ ଖାଟେ
ମଞ୍ଚମଣ୍ଡଳରେ ଚକ୍ରବର୍ତ୍ତୀ ହୋଇବ । ୧ ।
କବାବ ମୋ ତୁଣ୍ଡେ ଥିଲେ । ଶିଗରେଟ ହାତେ ଥିଲେ
ନିଶ୍ଚୟ ସରଗଭୋଗ ମୁହିଁ ପାଇବ । ୨ ।
ଶିଶି ଗୋଟା ଯାକ ପିଇ । ପଡେଁ ନାହିଁ ଗଡେଁ ନାହିଁ
ମୋ ସମରେ ବୀର କେହୁ ବୋଲି ବୋଲିବ । ୩ ।

---

ବିଷ ସହଜାତା ଲକ୍ଷ୍ମୀ ରଖି ଜୀବନକୁ—
ମାନ୍ଦ କରେ ଅନ୍ଧ ମୂକ ବଧିର ଜନକୁ ॥

## ଲୋକୋକ୍ତିଭିତ

### ଅ

ଅଛି ବ୍ୟାଧିର ସାଧନ; ନାହିଁ ବିଧିର ସାଧନ ।
ଅଧିକ ଜ୍ଞାନୀର ଅନୁମାନ ଅଧିକ ।
ଅବିବେକୀ ସ୍ନେହଠାରୁ ବିବେକୀ ବିରୋଧ ଶ୍ରେୟସ୍କର ।
ଅମିତ ହେଲେ ଅମୃତ ବିଷ ।
ଅରକ୍ଷିତ ଦୈବ ରକ୍ଷିତ ।
ଅମଙ୍ଗଳ ପାଇଁ ମଙ୍ଗଳ ପାଇଁ; ଶ୍ରମରେ ଅରଜା ସମ୍ପତ୍ତି ସଞ୍ଚ ।
ଅଧର ମଧୁର; ହୃଦୟ ଗର ।
ଅଳିଆ ଘରେ ଘରେ; ପସରା ପୁରେ ପୁରେ ।
ଅଥବା ଅଖୁ ବଙ୍କା ହେଲେ; ମାଧୁର୍ଯ୍ୟ ଗୁଣ ନୁହେ ଛଡ଼ଲ ।
ଅନ୍ତ୍ରେ ପିତା ଦନ୍ତ୍ରେ କଷା; ମୁଣ୍ଡେ ପାଦେ ତେଲ ଘଷା ।
ଅନ୍ନ ପାଇଁ ଏକ ପ୍ରାଣ ଅଧରୋଷ୍ଠୁ ଦୂର ହୋଇଥିବା ଦେଖି;
ଜୀବିକା କାମିନୀ ବନ୍ଧୁ ମିତ୍ର ଦୂର ।
ହେଲେ କିଏ ହେବ ଦୁଃଖୀ ।

### ଆ

ଆଣ୍ଠି କାଟିବା ସୁତା; ଅଜା ପଇତାକୁ ନଅଣ୍ଠି ।
ଆଗରେ ଖାତ; ପଛରେ ଗାତ ।
ଆତୁରର ଅଦ୍ଧ ନାହିଁ; ଅନାତୁରର ଅନ୍ତ ନାହିଁ ।
ଆପଦରେ ମନାସନ୍ତି; ସମ୍ପଦରେ ପାଶୋରନ୍ତି ।
ଆଶାର ଅନ୍ତ ନାହିଁ; ଆତ୍ମାର ଅଦ୍ଧ ନାହିଁ ।
ଆସନ୍ତା କାଲଠାରୁ ଆସିଲା କାଲ ଭଲ ।
ଆହାରେ ବ୍ୟବହାରେ ଲଜ୍ଜା ରଖ ଦୂରେ ।
ଆପଣା ଅଜନ ଦଣେ ଅଦର୍ଶେ; ଭବ ଦୋଷ ଦଣେ ବୁଧ ବିମର୍ଷେ ।
ଆଶା ଦୁଃଖର କାରଣ; ନିରାଶା ସୁଖର କାରଣ ।
ଆଶା କିଙ୍କରୀ ଅଟେ ଯାର; ଜଗତ କିଙ୍କର ତାହାର ।

### ଇ

ଇଟାର ଘର, କୂଅର ନୀର, ଶୀତେ ତାତି ଖରା କାଳେ କାକର।

### ଈ

ଈର୍ଷାରେ ମାନବ ନଷ୍ଟ; ବର୍ଷାରେ ପାନ୍ଥର କଷ୍ଟ।

### ଉ

ଉତ୍ତମ କରେ ଅପକାରୀର ଉପକାର।
ମଧ୍ୟମ କରେ ଉପକାରୀର ଉପକାର।
ଅଧମ କରେ ଅପକାରୀର ଅପକାର।
ଦୁଷ୍ଟ କରେ ଉପକାରୀର ଅପକାର।
ଉପକାର କଲେ; ଅପକାର ଘଟେ।
ଉପରେ ମାରିଲେ ବ୍ରହ୍ମହତ୍ୟା; ତଳେ ମାରିଲେ ଗୋ ହତ୍ୟା।
ଉଦରସ୍ଥ ବ୍ରହ୍ମଜ୍ଞ; ଉପର ସନ୍ୟାସିଜ୍ଞ।

### ଋ

ଋଣ ଶେଷ, ରୋଗ ଶେଷ, ବହ୍ନି ଶେଷ ନ ରଖ।

### ଏ

ଏଆଡ଼େ ହେଲେ ବୈଦ୍ୟ ସମ୍ମାନ; ସେଆଡ଼େ ହେଲେ ବୈତରଣୀ ଗୋ ଦାନ।
ଏ ଗାଁରୁ ସେ ଗାଁ ଯେତେ ଦୂର; ସେ ଗାଁ କୁ ଏ ଗାଁ ସେତେ ଦୂର।
ଏ ସେ ଲଙ୍କର ମଞ୍ଜି ମାନ।
ଏକ ଦେଶର ନୃପୋତ୍ତମ, ଅନ୍ୟ ଦେଶରେ ପ୍ରଜା ସମ।

### ଐ

ଐଶ୍ୱର୍ଯ୍ୟର ଅବଧି ନାହିଁ।

### ଓ

ଓଠ ଡେଇଁଲେ ହାଟରେ ଥାଏ।
ଓଦା ଗୋଡ଼ରେ ଖାଇବ; ଶୁଖିଲା ଗୋଡ଼ରେ ଶୋଇବ।

## କ

କଣ୍ଟକ ଯାଇଁ ଘୋଡ଼ାବାଳ ଅଣିଲା ।
କଣ୍ଠାର ଭୂଷାଠାରୁ କଲମଭୂଷା ଠାଣ ।
କଥାର କଣ୍ଟାର ନାହିଁ ।
କନ୍ଦ, ପାଣ ସଭା ମଧ୍ୟ କର୍ଣ୍ଣୀର ବୈଷ୍ଣବୋତ୍ତମଃ ।
ଶୃଙ୍କୁଣ୍ଡା ବନଦେଶେଷୁ ହିଁଙ୍କାର ମନ୍ତ୍ର କୋକିଳଃ ।
କରନ୍ତେ କରନ୍ତେ କାମ ସୁକର;
ଖାଆନ୍ତେ ଖାଆନ୍ତେ ପିଠା ମଧୁର ।
କରରକାଚ ଦେଖିବାକୁ ମୁକୁର କାହିଁକି ?
କଲି ପାପ କହିଲେ ଯାଏ ।
କସ୍ତୂରୀ ମଲେହେଁ ଖଟା ମରେ ନାହିଁ ।
କଳ୍ପିତ ରତ୍ନର କାନ୍ତି ଅଧିକ ।

କଂସାର ଘର ବିଲେଇ, ପିତଳ ଶବଦେ ଡ଼ରଇ ନାହିଁ ।
କାଣ୍ଡି କି ଜାଣଇ କନକବାନି ? କାଲ କି ଜାଣଇ ବୀଣାର ଧ୍ୱନି ?
କାଣି ଶଏଜଣ କୂପରେ ମଗନ ।
କାର କରମରେ ଖିର ଖିରସା, ଲଡ଼ୁ କାର କରମରେ,
କାର କରମରେ ଖାରଆ ଖଡ଼ା, ଚୈବାଇ ଚୈବାଇ ମରେ ।
କିଏ କରେ ବନେ କଣ୍ଟାକୁ ମୁନ ? କେ ଶିଖାଏ ମୀନକୁ ସନ୍ତରଣ ?
କୁକୁର ଲାଙ୍ଗୁଳ ବାଉଁଶ ନଳିରେ ମାସ ସରଳ ।
କୁକୁରର ମା ହେଲେ, ମୁଖ ଯାକ ଚୁଟେ ।
କୁଣ୍ଢା ଲୁଞ୍ଜି ଧରି, ତରିବାକୁ ପାଞ୍ଚ ମହାନଦୀ ବାରି ?
କୁଣ୍ଢା ବସିଲେହେଁ ସିଂହାସନେ, ଖତକୁଡ଼ ଥାଏ ତାର ମନେ ।
କୁଳ ଜାଣି ବନ୍ଧୁ କର; ସ୍ଥଳ ଜାଣି ବାସ କର ।
କୋଟିଏ କାକରେ ଗୋଟିଏ ପିକ । କୋଟିଏ ଦୁଃଖରେ ଗୋଟିଏ ସୁଖ ।
କୋଟିଏ ବିଦ୍ୟା ପେଟ ପାଇଁ; କାଟିବା ସୁତା ହାଟ ପାଇଁ ।
କବିତ୍ୱ ଲକ୍ଷଣ, ବଚନ ରଚନ, ତା ସର୍ବଜନଙ୍କୁ ଜଣା,
ମାସ ତା ରସରେ, ପୂର୍ଣ୍ଣ କରଣେ ଯଣ୍ଡିତେ ହୁଅନ୍ତି ବଣା ।

କାଉ ହୋଇ କାଳେ ଜୀଇଁବା ଠାରୁ,
କୋଇଲି ହୋଇ ଛୋଡ଼ଏ ଦିନ ଜୀଇଁବା ଭଲ ।
କାଢ଼ିଲୁ କଣ୍ଟା—ମାଡ଼ିଲୁ ଖୁଣ୍ଟା ।

### ଖ

ଖଜୁରି ମୂଳରେ ପିଇଲେ ଦୁଧ, ମଣିଷେ ବୋଲନ୍ତି ପିଉଛୁ ମଦ ।
ଖଣ୍ଟି ପୋଡ଼ି ଖାଇ ଖାଇବା ଲୋକ ।
ଖସକୁ ଧର—ଗସ୍ତରେ ଭର ।
ଖାଦ୍ୟ ଅପ୍ରାପ୍ୟ ଦରିଦ୍ରର, ଭୋକ ଅପ୍ରାପ୍ୟ ଧନୀକର ।

### ଗ

ଗଉଡ଼ କାନ୍ଦେ ଗୋରୁ ପାଇଁ; ଚମାର କାନ୍ଦେ ଚମ ପାଇଁ ।
ଗଜ ହସ୍ତର ଦ୍ୱିଜ ହସ୍ତର ସ୍ଥିରତା ନାହିଁ ।
ଗତି ନ ଥିବା ମାଇପର ମତି ନ ଥିବା ମଣିଷ ।
ଗତିହୀନର ଗତି ଶ୍ରୀପତି ।
ଗଧର ଛୁଆ ଗଧକୁ ଗେହ୍ଲା ।
ଗଧ ଦେଇ ଗଡ଼ୁ ଆଣିବା ।
ଗଧ କି ଜାଣେ ଗନ୍ଧର ଗନ୍ଧ ?
ଗଲେ ବାଲ; ଆସିଲେ ତାଲ ।
ଗାଇବା ତୁଣ୍ଡ, ବାହବା ହାତ, କେବେ ନୁହନ୍ତି ତୃପତ ।
ଗାଈ ହେଲେହେଁ କଳା, ଦୁଧ ତ ତାର ଧଳା ।
ଗାତର ବେଙ୍ଗର ଗାତ ଏକା ଜଗତ ।
ଗୋଟିଏ ମିଛ ଢାଙ୍କିବାକୁ କୋଟିଏ ମିଛ ଦରକାର ।
ଗୋଟିଏ ଖାପରେ ଦୁଇଟି ଖଣ୍ଡା ରହନ୍ତି ନାହିଁ ।
ଗୋଟିଏ ପଦ ଭଲ ନରକୁ, ଗୋଟିଏ ମାଡ଼ ଭଲ ଗୋରୁକୁ ।
ଗୋଡ଼ ଖସିଲେ କାଢ଼ି ହୁଏ, କଥା ଖସିଲେ କାଢ଼ି ନୁହେ ।
ଗୋବିନ୍ଦନିଧର ଗୋବରଅ ହୁଏ, ଗୋବରଅ ଗୋବିନ୍ଦନିଧର ହୁଏ ।
ଗ୍ରାସକୁ ନାହିଁ ଭାତ; ନାସରେ ବାସ ଘୃତ ।

ଗଡ଼ୁଥିବା ଶିଳାରେ କାଦୁଅ ଲାଗେ ନାହିଁ।
ଗୀତ ପଦେ ନ ଗାଇବା ମଣିଷ ନାହିଁ ।
ଭାତ ମୁଠେ ନ ରାନ୍ଧିବା ମାଇପ ନାହିଁ ।
ଗୌରବ ଦେଇ ଗୌରବ ଅଣ ।

## ଘ

ଘରକୁଟୀ; ଘରଣୀ ମର୍କଟୀ ।
ଘର ତୋଳି ଦେଖ, ବାହା କରି ଦେଖ ।
ଘରର ଚୋର ପରମେଶ୍ୱରର ଅଗୋଚର ।
ଘରଣୀ ବାନ୍ଧଇ ଗୋଡ଼କୁ; ସନ୍ତାନ ବାନ୍ଧଇ ତୁଣ୍ଡକୁ ।
ଘରେ ଜଣି, ବାହାରେ ଜଣ ।
ଘରେ ମାର୍ଜାର; ବାହାରେ ମହାବଳ ।
ଘରଣୀ ନାହିଁ, ଗର୍ଭ ନାହିଁ, ପୁଅର ନାଁ ପୁରୁଷୋତ୍ତମ ।

## ଚ

ଚୁଟିଣ ଚଟିକୁ, ଛାଡ଼ିଲା ବ୍ରତକୁ ।
ଚୋର ଗଲା ଛ ମାସେ କୁକୁର ଭୁକିଲା ।
ଚୋର ଚୋରିକି ବାହାରି ଗଲେ, ସଙ୍ଗୋଳି ଯିବା ଲୋକକୁ ସଜା ।
ଚୁହିଲେ କଳନ୍ତର ସୃଷ୍ଟି, ମୂଳର ହୁଅଇ ବିନଷ୍ଟି ।
ଚୁଲ୍ଲୀ ଫୁଙ୍କା ନାରୀଙ୍କ ପୁଲାଏ ହେଲେ ମିଳେ ।
ଚେକା ମୋର; କଣ୍ଟା ତୋର ।

## ଛ

ଛଠକେ ଜୀବନ ଉଡ଼ିଯାଏ; ସବୁକାଳେ କଥା ରହିଥାଏ ।
ଛାଡ଼ ବୋଇଲେ ସାପର କୋପ,
ଗିଳ ବୋଇଲେ ବେଙ୍ଗର କୋପ ।

## ଜ

ଜଗତେ ସ୍ୱଚ୍ଛତା—ପ୍ରଥମ ଦେବତା ।
ଜଗତେ ଜଣାଶୁଣା ଦ୍ୱିଜ, ପଇତା ଖୋଜା କି ଗରଜ ?
ଜାତ କଲା ଧାତା, ହାତ ଦେବ ମନେ ନ କର ଚିନ୍ତା ।
ଜିଭରେ ପୀୟୂଷ; ଗର୍ଭରେ ବିଷ ।

ଜାଣି ଘୁଡ଼ଇ ବଜ୍ଞାନୀ, ନ ଜାଣି ଘୁଡ଼େ ଅଜ୍ଞାନୀ ।
କୁରବା ଭେଣ୍ଡୀ ବୃନ୍ଦଗୃସ୍ତ, ହୁଅନ୍ତି ଲୋକାନିଷ୍ଟକାସ୍ତ ।

ଝ

ଟଳା ହୁଏ ଲୁହା ଲାଗି ଗଲେ; ଟଳା ନୁହେ ମନ ଲାଗି ଗଲେ ।

ଞ

ଜ୍ଞାନ ଧ୍ୟାନ ପଠନ—ଦାନ ସମ୍ମାନ ଧନ ।

ଟ

ଠାକୁଅଗାଲ୍ଲକୁ କିଏ ରସିବ ?
ଲେଖିର ଦୁଆରେ କିଏ ବସିବ ?
ଠାଙ୍ଗସ୍ ମୁଣ୍ଡରେ ନ ଉଠେ କେଶ;
ଖାଉଥ ବିଲରେ ନ ବଢ଼େ ଶସ୍ୟ ।

ଠ

ଠକ ନାଏ ଫାଙ୍କି; ରଜା ନାଏ ଠକି ।

ଡ

ଡାଳର ଲାଭ ଫଳ ନୁହେ; ମାଆର ଲାଭ ପିଲା ନୁହେ ।
ଡାଳରେ ବସାଇ, ମୂଳକୁ ଛେଦଇ ।
ଡେଣା ଘା ରେ ଭେଙ୍କି ପାହାର ।

ଢ

ଢୋଲ୍ ଫଟାଇବାକୁ ଫୋଲ ଲୋକ ଚାହିଁକି ?

ତ

ତନୁ ବଳଠାରୁ ମନୋବଳ ବେଶୀ ।
ତାଳ ବାଜେ ନାହିଁ ଏକ କରେ
ତାଳି ହୁଏ ନାହିଁ ଏକ କରେ ।
ତମ୍ଭାଶ ଚୂଟି ଏକ ହୁଏ; ତନୋଟି ଖୋଷା ଏକ ନୁହେ ।
ତୁଳସୀ ବନରେ ଗଞ୍ଜାଇ ଗଛ ।

## ଥ

ଥଟା ବଚନ ଅଜାଙ୍କୁ; ବଟା ହଳଦି ଅଙ୍ଗକୁ ।
ଥିବାଲୋକ ଥିବାଲୋକଙ୍କୁ ଦିଏ;
ନ ଥିବାଲୋକ ଥିବାଲୋକଙ୍କୁ ଦିଏ
ଥିଲେ ଅଜ୍ଞାନରେ ଆନନ୍ଦ, ଜ୍ଞାନ ବାଢ଼ିବା ଅଟେ ମନ୍ଦ ।

## ଦ

ଦରିଦ୍ର କାନ୍ଦେ ଖାଦ୍ୟ ପାଇଁ, ଧନୀ କାନ୍ଦେ ଧନ ପାଇଁ ।
ଦାରିଦ୍ର୍ୟ ଦ୍ୱାରସ୍ଥ ହୋଇଲେ, ପ୍ରୀତି ଝିଡ଼କି ବାଟେ ଚଳେ ।
ଦିଅ ଯା ଦେଇପାର; ନିଅ ଯା ଦରକାର ।
ଦୁଷ୍ଟ ସଙ୍ଗେ କି ହାସ୍ୟ ? ବୈଦ୍ୟଠାରେ କି ରହସ୍ୟ ?
ଦୁଷ୍ଟ ହୋଇଲେ ଜାତ, ପୃଷ୍ଟର ପରାଭବ ।
ଦୂରର ଅଚଳ; ଦୃଷ୍ଟିକି ନିର୍ମଳ ।
ଦୂରର ଦୁଇଟିଠାରୁ କୋଡ଼ର ଗୋଟିଏ ଲାଭଜନକ ।
ଦେଉଳର ଘଣ୍ଟି ଗଲେ, ଦେବଳର କି ନଷ୍ଟି ?
ଦେଲେ ଭୁବର; ନ ଦେଲେ ଶୂକର ।
ଦୋଷହୀନ ନର ଧରାରେ ଅଗୋଚର ।
ଦଶ ମଣିଷ ଗୃଲିଲେ ବାଟ ।
ଦଶ ଖଡ଼କା ବୁଣିଲେ ଖାଟ ।
ଦଶ ପଥର ବସିଲେ ହାଟ ।
ଦଶ ପାଇକ ମିଶିଲେ ଥାଟ ।
ଦବା କାଣକୁ ଦାପ କାହିଁକି ?
ନିଶାଖୋର ମୀଠ କି ଜାଣେ କି ?

## ଧ

ଧନଲବ୍ଧ ଯତି, ଦଣ୍ଡ ପ୍ରଣାମରେ ନ ଲଭେ ତୃପ୍ତି ।
ଧରମ ପାଇଁ ଭରଣେ ଦେଲେ,
ଗୌଣୀ ସାନ ବୋଲି ଗୋଳ କଲା ।
ଧନ ଥିଲେ ନ ଥାଏ ମନ, ମନ ଥିଲେ ନ ଥାଏ ଧନ ।

## ନ

ନଟୀ ବେଶ ହେଉ ହେଉ, ନଗର ଲୋକେ ନାସ୍ତ ।
ନଦୀ ତୀରରେ ନାବିକ ଭାଇ, ନଦୀ ତରିଲେ ନାବିକ ବାଇ ।
ନ ପୂରିବା ହାଣ୍ଡି ଟହଲଇ, ଅପୂରିତ ନାବ ଦୋହଲଇ !
ନାବ ସୋପାନ ପଣ୍ଡିତ, ପରକୁ ତାରନ୍ତି ନିଜେ ନ ତରନ୍ତି,
ଏହା ବଡ଼ ଅଚମ୍ବିତ ।
ନାମ ମୋଟ, ଗ୍ରାମ ଛୋଟ ।
ନିଜ ଗାଡେ, ନିଜେ ପଡେ ।
ନିଜ ଚୁଟିରେ ହାସ, ପର ଚୁଟିରେ ବେଶ ।
ନଟର ବେଦନ, ଭଟର ପ୍ରମାଣ, ଶଠ ମିଥ୍ୟାପଣ,
ଅଠିଙ୍କଟି ଜାଣ ।
ନଅରର କୁକୁର—ବାହାରରେ କୁଞ୍ଜର ।
ନହୁଣୀ ଧର ଧିଅକୁ ଖୋଜଇ ।
ନିଜର ଅପରାଧ ଢଳେ; ପରର ଅପରାଧ ଭାଳେ ।
ନିର୍ବୁଦ୍ଧିଆ ବନ୍ଧ ବସିଲେ. ନିଶ ପୋଡ଼ିଲା ।
ନୀର ଖୋଜେ ଖାଲକୁ, ଚୋର ଖୋଜେ ମାଲକୁ ।

## ପ

ପହଁରିବା ଲୋକର ଖାଲ ନାହିଁ,
ବିହରିବା ଲୋକର ବେଗ ନାହିଁ ।
ପଙ୍କ ପୋଛା ଖୁଣ୍ଟ, ଯୋଆଡ଼େ ଟାଣିଲେ ସେଆଡ଼େ ନତ ।
ପଡ଼ି ଗଡୁଥିବା ପଥରରେ ପଙ୍କ ଲାଗେ ନାହିଁ ।
ପତ୍ନୀ ପତି କଳି—ପ୍ରହର ଗୃହ ।
ପତ୍ନୀର ଗୃହ ପ୍ରବେଶ; ପତିର ଶ୍ମଶାନେ ପ୍ରବେଶ ।
ପଥରରୁ ପଟ କାଢ଼ିବା ଲୋକ ।
ପଲମରୁ ଗଲା; ଚୁଲ୍ଲୀରେ ପଡ଼ିଲା ।
ପତି ବ୍ରାହ୍ମଣଙ୍କୁ ଦେଲେ, ପତ୍ନୀ ବୈଷ୍ଣବଙ୍କୁ ଦଏ ।
ପାଣିର ଗାର, ମାଟିର ଗିର ।
ପାଟ ପିନ୍ଧିବାକୁ ଦଏ, ପଠା ଧର ପଛେ ଧାଏଁ ।

ପାର ନାହିଁ ସମୁଦ୍ରର, ଧଡ଼ ନାହି ଅକାଶର ।
ପାତ୍ର ଦେଖି ଦାନ; କ୍ଷେତ୍ର ଦେଖି ଧାନ ।
ପିଠା ଯେଉଁଠାବେ, ପିମ୍ପୁଡ଼ି ସେ ଠାବେ ।
ପିଣ୍ଡ ବଢ଼ିଲେ ହାଣ୍ଡି ବଢ଼େ
ପୁରୁଷ ବାଞ୍ଛାର କରତା ପୁରୁଷୋତ୍ତମ ଫଳଦାତା ।
ପୁଲି ଦେଲେ ଜନ ଖାଇବ; ଗାଳିଦେଲେ କିଏ ସହିବ ?
ପେଜ ପିଇବା ଲୋକର ନାଶ ଠେକିବାକୁ ଗୃକର କି ଦରକାର ।
ପେଟ ଖଣୀ ସମାନ; ଭୁଣ୍ଡ ଛୁଇଁ ମୁନ ।
ପେଟ ପୁରିଲେ, ଫେଣା ପିତା ।
ପୋକ ସାନ, ରଡ଼ି ଠାଣ ।
ପ୍ରାଣଗଲେ ଯାଉ; ମାନ ମାନ୍ୟ ଥାଉ ।
ପିଠାଉ ପରମାଣେ ପିଠା; ପଦାର୍ଥ ରକମରୁ ସିଠା ।
ପୁତ୍ରବ ବରଦେଲେ ହେଲେ, ପୂଜାରି ବରକୁ ନ ଦେଲେ ।
ପ୍ରଜାଙ୍କୁ ନ୍ୟାୟରେ ନ ପାଳିବା ନୃପ, ସିଂହାସନ ଖଟ କୁଢ଼ ।
ବୋଇତ କଖାରୁ କିବା କନ୍ଦମୂଳ, ମିଶା ବେଶର ଭେଷଣ୍ଡ ।

ଫ

ଫଳିବା ଗଛକୁ ଶିଳା ପ୍ରହାର;
ଚଳିବା ଲୋକକୁ ଚଳାଏ ନର ।
ଫୁଲ ବିନା କଣ୍ଠା, ଧନ ବିନା ବଣ୍ଠା ।

ବ

ବଜାର ଖଜା, ଦେଉଳ ଦିଅଁକୁ ପୂଜା ।
ବଜ୍ର କାଟେ ବଜ୍ରକୁ; ନିଜେ ନାଶେ ନିଜକୁ ।
ବଢ଼ିବାଠା ଛିଡ଼ିବା ପାଇଁ ।
ବଣ ବରାହ ଫସଲ ଖାଇଲେ, ଗାଁ ବରାହର କାନ କାଟିଲେ ।
ବଣିର ଉପରେ ବ୍ରହ୍ମାସ୍ତ୍ର ।
ବଳ ଯାର, ମୁଲ ତାର ।
ବଳଦ ଚଷେ; ଘୋଡ଼ା ଗରସେ ।
ବଳରେ କରିବାଠାରୁ କଳରେ କରିବା ସହଜ ।

ବଳହୀନର ମାଇପ ହେବାଠାରୁ
ବଳବାନର ପୋଇଲା ହେବା ଉଚିତ ।
ବଳଦ ପ୍ରସବିଲା ବୋଲନ୍ତେ; ବାଛୁରିକି ବାନ୍ଧ ବୋଲେ ।
ବଳୀର ଭୋଜ୍ୟ ଅଟେ ରାଜ୍ୟ, ଦୁର୍ବଳ ସବୁଠାରେ ତ୍ୟାଜ୍ୟ ।
ବାଜିଲା ଠାରେ ବାଜେ, ହଜିବା ଘରେ ହଜେ ।
ବାଢିବା ଲୋକ ବନ୍ଧୁ ହୋଇଥିଲେ,
କୋଠାରେ ହେଲେ ବସ ।
ବାମନର ବୁଦ୍ଧି ମହଣେ; ବାମାର ସାହସ ଭରଣେ ।
ବାୟାର ବିକାର ବାର, ଜାୟାର ବାଆଁଶ ହଜାର ।
ବାରଣସୀ ଗଲେ ସବୁ କୁକୁର; କିଏ ଗୃହିବ ଅଇଁଠା ପତର ।
ବାର ପାଠ ଭାତ ପାଇଁ, ସବୁ ଫାନ୍ଦ ସୁଖ ପାଇଁ ।
ବାହାରେ ଜଳ ହେଲେ ଘରେ ପଶିବ;
ଘରେ ଜଳ ହେଲେ କୋ'ଠାକୁ ଯିବ ?
ବିଛାର ଲାଙ୍ଗୁଳ, ସାପର ଶିର, ଖଳର ସର୍ବାଙ୍ଗ ବିଷର ଘର ।
ବିରାଡ଼ିର ଖେଳ—ମୂଷିକର କାଳ ।
ବିଷ ଦେଇ ହେବ ହେଲେ ସ୍ନେହରେ;
ଦୁଧ ଦେଇ ହେବ ନାହିଁ ବୈରରେ ।
ବେଶ୍ୟାର ଘରପୋଡ଼ି ଯାଉଥିଲେ;
ଝିଠେ ଖଠେ ପକାଅ ବୋଲେ ।
ବାଇଗଣ ପରିବାରେ, ବିଦେହଜା ବନିତାରେ
ବୀର ରାଘବ ରଜାରେ, ବର ଧଶରେ ।
ବ୍ୟସନ ପରିତୃପ୍ତି ପାଇଁ, କୁବେର ଧନ ଅଣ୍ଟେ ନାହିଁ ।
ବାଙ୍କ ଭ୍ରମ କଦାବା । ହୁଅଇ ସମାଦୃତ ।
ମଧୁପ ମଧୁକର ନାମରେ ବ୍ୟବହୃତ ।

ଭ

ଭକତ ନ ଥିବା ଅର୍ଚ୍ଚନା, ପନ ପୁଷ୍ପଙ୍କ ଛତ ଚିନା ।
ଭଲେ ବିଚାରିଲେ ନାରୀ ନୁହଇ ଅବଳା;
ତାର ଉପଯୁକ୍ତ ନାମ ଅଟଇ ସବଳା ।
ଭିତ୍ତିରେ ପଢ଼ିବା ଅଦ୍ଭୁତ, ଲୋକଙ୍କର ମନ୍ଦର ସମ୍ମତ ।

ଭାତ ଖାଇବା ଘରେ ଗାତ ଖୋଳଇ ।
ଭାଇଁଆଙ୍କୁ ଭାତ ଦେଲେ, ଲୋକୋପକାର ହୁଏ କି ?
ଭିନ୍ନେ ମତ ମୁଣ୍ଡେ ମୁଣ୍ଡେ; ଭିନ୍ନେ କଥା ତୁଣ୍ଡେ ତୁଣ୍ଡେ ।
ଭୁକିବା କୁକୁର କାମୁଡ଼େ ନାହିଁ ।
ଭୋକ ସ୍ୱାଦ ନ ମଣେ; ନିଦ ସ୍ଥାନ ନ ଗଣେ ।
ଭୋଜରାଜ ପରି ରାଜାଥିଲେ; କାଳିଦାସ ପରି କବି ଥାଏ ।
ଭକ୍ତି କ୍ଷେତ୍ରକୁ ତନ୍ତାଇ ସୁଜ୍ଞାନ ସଲିଳେ,
କର୍ମବୀଜକୁ ରୋପିଲେ ମୁକ୍ତି ଶସ୍ୟ ମିଳେ ।
ଭାତ ନାହିଁ ଗରାସକୁ; ବାସନା ତେଲ ନିଶକୁ ।
ଭୁଞ୍ଜଇ ଏକଥର ଯୋଗୀ,
ଭୁଞ୍ଜଇ ଦୁଇଥର ଭୋଗୀ,
ଭୁଞ୍ଜଇ ତିନିଥର ରୋଗୀ,
ଚୁରିଥର ଯେ ପ୍ରାଣ ତ୍ୟାଗୀ ।
ଭ୍ରମର କୀଟକାଖ୍ୟାନ୍ୟାୟଃ; ଭ୍ରମରୁ କଥିତ ନିଷ୍ଟୟଃ ।

## ମ

ମଣ୍ଡା ଭାଙ୍ଗିବାକୁ ଖଣ୍ଡା କାହିଁକି ?
ମନୋବ୍ୟାଧିକୁ ନାହିଁ ଓଷ, ସାହସୀକକୁ ନାହିଁ ତ୍ରାସ ।
ମନୁଜ ପ୍ରକୃତି, ମଶାଣିରେ ସିନା ପାଏ ନିଷ୍କୃତି ।
ମସ୍ତିଷ୍କ କାକର, ତଳିପା ତାତି;
ଆରୋଗ୍ୟ ଲକ୍ଷଣ ବୋଲି କହନ୍ତି ।
ମସ୍ତିଷ୍କ ଜାତ ବୁଦ୍ଧି—ମରଣାବଧି ।
ମାଆକୁ ଯେ ମାରେ, ମାଉସୀକି ସେ କି ପାଳେ ?
ମାଆକୁ ଦେଖି ଝିଅକୁ ଆଣ, ଦୁଧକୁ ଦେଖି ଗାଈକୁ କିଣ ।
ମାଆ ପେଟକୁ ଦେଖେ, ମାଇପ ପିଠିକୁ ଦେଖେ ।
ମାଆ ଥିବାଯାଏ ମାଆ ଘର, ମାଇପ ଥିଲେଟି ଶାଶୁଘର ।
ମାଇପ ହାତରେ ଧନ ନ ବଢ଼େ,
ମିଣିପ ହାତରେ ପିଲା ନ ବଢ଼େ ।
ମାଇପର ମିଛ ପଥର ପ.ଟେର,
ମିଣିପର ମିଛ ଫାଟ ବାଉ ଫର ।

ମାତା ଯେପରି ସୁତା ସେପରି, ବୀଜ ଯେପରି ବୃକ୍ଷ ସେପରି ।
ମାନବ ସେବା—ମାଧବ ସେବା ।
ମାନବ ବାଞ୍ଛଇ, ମାଧବ କରଇ ।
ମାଙ୍କଡ଼ ହାତର ପଇଡ଼ ପରି ଲୋଭୀର ଧନ ଚେଲା ।
ମାଙ୍କଡ଼କୁ ଦେଖି ତୁହି ଖତାଉ,
ସେ ତୋତେ ଖତାଏ ତୁ ଜାଣୁ ନାହୁଁ ।
ମିଳିଲେ ବାଘର ଆହାର, ନ ମିଳିଲେ ସାପର ଆହାର ।
ମୁଣ୍ଡ ମୁଣ୍ଡନ ଅକାରଣ, ମନୋମୁଣ୍ଡନ ପ୍ରୟୋଜନ ।
ମୂର୍ଖଜନ କି ଜାଣଇ ପୁରାଣ କଥା ?
ବନ୍ଧ୍ୟାନାରୀ କି ଜାଣଇ ପ୍ରସୂତିର ବ୍ୟଥା ।
ମୂର୍ତ୍ତି ସାମାନ୍ୟ, କୀର୍ତ୍ତି ଅଗଣ୍ୟ ।
ମିତ୍ରଦୋଷ ଦେଖାଏ, ଶତ୍ରୁ ଗୁଣ ଦେଖାଏ ।
ମୂଦରେ ଦେବା ଦ୍ରବ୍ୟ ମୁଠାଏ ଅଣ୍ଟେ ।
ମୋତି ପଙ୍କରେ ପଡ଼ିଲେହେଁ ମୋତି,
ଭୂତ ଗଗନରେ ଉଡ଼ିଲେହେଁ ଭୂତ ।
ମାଙ୍କଡ଼ ହାତରେ ମାଣିକ, ଧଅନ୍ତେ ହୁଏ କି ସାର୍ଥକ ।
ମିଷ୍ଟ କଥା ବଡ଼ ମିଠା, ତା'ର ସମେ ନାହିଁ ପିଠା ।

## ଯ

ଯତ ଦେଢ଼ ସେର, ଜଠା ଅଢ଼ାଇ ସେର ।
ଯଥାର୍ଥବାଦୀ ଲୋକ, ବିରୋଧୀ ।
ଯାର କାନ ଶଏ ମାତ୍ର ଲାଭ ଏକ,
ଜଗତରେ ସେହି ଏକା ବଡ଼ଲୋକ ।
ଯାହାର ଉନ୍ମାଦ, ତାହାର ପ୍ରମୋଦ ।
ଯାହାର ପ୍ରାଣ ତାକୁ ମଧୁର; ଯାହାର ଜାର ତାକୁ ସୁନ୍ଦର ।
ଯାହାଠି ଅନିଷ୍ଟ ତୋହର, ତାକୁ ଇତରେ ନ ଆଦର ।
ଯାହା ଦିଏ ଯାହା ଖାଏ, ତାହା ମାତ୍ର ତା'ର ହୁଏ ।
ଯେଉଁ ଦେଶରେ ନର ଥିବ, ସେଠାରେ ଚଳଣି କରିବ ।
ଯେ ହାତ ନ ପସାରେ ସେହି ଗୋଡ଼ ପସାରେ,
ଯାହାର ତୃପ୍ତି ଥାଏ, ସେହି ଧନୀ ସଂସାରେ ।

ଯେଉଁ ଦେଶରେ ନର ଥିବ, ସେଠାର ଚଳଣି କରିବ ।
ଯେ ଖୋଜେ ପର ଦୋଷ, ତାର ହୁଏ ବିନାଶ ।
ଯେ ପାଞ୍ଚେ ପର ଭଲ, ତାର ହୁଏ ମଙ୍ଗଳ ।
ଯୋଗୀ ଯୋଗୀ ଅଲିଙ୍ଗନେ ଝଡ଼ଇ ପଉଁଶ,
ରୋଗୀ ରୋଗୀ ସମ୍ମିଳନେ ବଢ଼ଇ ବିରସ ।
ଯେ ହୁଏ ଆଶାର କିଙ୍କର, ସେହୁ କିଙ୍କର ଜଗତର ।

## ର

ରଖିଲେ ନହୁଣୀ ବକର ମଥାରେ,
ବକ ଧରାପଡ଼େ ଗୃହିଣି ବିନାରେ ।
ରାଜା ଗଜ ଚଢ଼ିଲେ, ପରଜା ଗଛ ଚଢ଼ିଲା ।
ରାଗରୁ ଜାତ ହୁଏ ଦୁଃଖ, ତ୍ୟାଗରୁ ଜାତ ହୁଏ ସୁଖ ।
ରାଣ୍ଡର ପୁଅ ଷଣ୍ଢକୁ ଠେଙ୍କେ ।
ରାମାୟଣ ଯାକ ଶୁଣି ସୀତା ରାମର କିସ ହେବ ବୋଲିଲା ।

## ଲ

ଲଙ୍କାରେ ଯେ ପ୍ରାଣୀ ଜନମନ୍ତି, ବାଆନ ହାତ ପରମାଣ ।
ଲକ୍ଷାଧିପତି କିବା ଭିକ୍ଷାଧିପତି ।
ଲୁଛିବା ଘା ପୋଛିଲେ ଯିବ କି ?

## ଶ

ଶହେ ଯାଏ ଟଙ୍କାକୁ ପୋଷ ।
ଶଏ ହେବା ପରେ ସୁଖରେ ବସ ।
ଶକ୍ତିହୀନ ସାଧୁ ରୂପ ଧରେ ।
ଶସ୍ତା ବୋଲି କାଣୀକି ଘରଣୀ କରିଲେ,
ଶହେ ହାଣ୍ଡି ଦାନକୁ ଭାଙ୍ଗିଦିଏ ହେଲେ ।
ଶାଶୁ ନ ଥିବା ବୋହୂ ଗୁଣବତୀ,
ବୋହୂ ନ ଥିବା ଶାଶୁ ଶୀଳବତୀ ।
ଶାଶୁ ଭାଙ୍ଗିଲା ହାଣ୍ଡି ଫଟାଫଟା,
ବୋହୂ ଭାଙ୍ଗିଲା ହାଣ୍ଡି ନୂଆଁଟା ।
ଶାଶୁ ମଲେ, ବୋହୂ କାନ୍ଦିବା ପର ।

ଶାଶୁ କଥା ଠେଙ୍ଗ, ବୋହୂ କଥା ଆଙ୍ଗ ।
ଶୁଷ୍କ ବଚନ ଶୂନ୍ୟଙ୍କର, ମାନବେ ଜଗତେ ପ୍ରଚୁର ।
ଶ୍ଳେଷ୍ମେ ଛିଙ୍କ, ପିତ୍ତେ ହାଇ; ବାତେ ହାଙ୍କା ଜାଣ ଭାଇ ।

ଷ

ଷଣ୍ଡ ପ୍ରସବିଲେ, ହାଣ୍ଡିଏ ଦୁଧ ଦେବ ।

ସ

ସତ କହିଲେ; ସବାଙ୍କ କଷ୍ଟ ।
ସମ୍ବଲର ସମସ୍ତେ ବନ୍ଧୁ ।
ସମସ୍ତେ ସବାରି ଚଢ଼ିଲେ, ବୋହିବ କିଏ ?
ସମୁଦ୍ରରେ ପହଁରି ହୁଏ, ସଂସାରରେ ପହଁରି ନୁହେ ।
ସାନ ସାପକୁ ମଧ୍ୟ ବଡ଼ ବାଡ଼ିରେ ମାର ।
ସାବତପୁଅ ହାତେ ସାପର ମାରଣ
ସୁଖିଙ୍କର ରୋଗ ନାହିଁ, ସୁମଧୁର ଔଷ ନାହିଁ ।
ସୁତାର ସୁନା ମଧ୍ୟ ସୁନାରି ହରେ ।
ସୁଖ ଦୁଃଖ ବେନି ଯାମଳ; ଗୋଟିଙ୍କ ପରେ ଗୋଟିଏ ପ୍ରଚଳେ
ସନ୍ୟାସୀର ମାଇପ ସଣ୍ଡ ନୁହେ; କବା ଅହ୍ୟ ନୁହେ ।

ହ

ହର୍ତ୍ତାକୁ କର୍ତ୍ତା; କର୍ତ୍ତାକୁ ବିଧାତା ।
ହାରିବା ଲୋକର ତୋଷ ନାହିଁ;
ମାରିବା ରୋଗର ଔଷ ନାହିଁ ।
ହସ୍ତୀ ଜାଣେ ପାପ, ମାଆ ଜାଣେ ବାପ ।

——:୦:——

ଅନାବଶ୍ୟକ ଚନ୍ଦ୍ରାୟୁଧ, କାଠକୁ କରିବାକୁ ବଧ ।
ଅନ୍ଧକୁ ଅଦରଶ ଦେଖାଇବା ଯେମନ୍ତ;
କାଲକୁ ବୀଣା ଶୁଣାଇବା ତେମନ୍ତ ।

ଅନ୍ଧ ଗୋଡ଼ ହେବ କି ଖଞ୍ଜର ଲଗୁଡ଼ ।
ଅଧିକ ବନ୍ଧୁ ଅଧିକ ହେଲେ ଅମିଳା ପାଗଳ ।
ଉପକାରର ଅପକାରୀ ଦାନବ,
ଉପକାରର ଉପକାରୀ ମାନବ,
ଅପକାରର ଉପକାରୀ ଦେବ ।
ଉଇଁ ହେଲେହେଁ କଣା ଦାନା ନ ହୁଏ ଉଣା ।
କଙ୍କଡ଼ାର ବାଟ, କୁତାର ଲାଙ୍ଗୁଳ ।
ଦୁଷ୍ଟର ଚଳନ ନୁହେ ସରଳ ।

କ

କାନ୍ଥର କାନ ଅଛି ।
କାଳକୁ କହିବାର ବୃଥା, ଅଳସୁଆଙ୍କର ପ୍ରଥା ।
କୁତ ର ଲାଞ୍ଜ ଧରି ହେବ କି ପହଁର ।
କେତେଦିନ ଅନ୍ଧାର, କେତେଦିନ ଉଜ୍ଜ୍ୱଳ ।
ଖାତ ଖୋଳନ୍ତେ, ଭୂତ ବାହାରିଲା ।
ଖାଦ୍ୟକୁ ଅସୁର, କାମକୁ ଶୂକର ।
ଗୋଡ଼ ଖସିଲେ କାଢ଼ି ହୁଏ,
ତୁଣ୍ଡ ଖସିଲେ କାଢ଼ି ନୁହେ ।
ଘଡ଼ିଇ ନ ପାଇ ଘରେ ଧୂଆଁ ଦେବା ପରି ।
ଘରର ଚୋର ଗଣେଶର ଅଗୋଚର ।
ଘୁଷୁରି କି ଜାଣେ କସ୍ତୁରୀର ବାସ ।
ଚଢ଼େଇକୁ ଛତା ଅଢ଼େଇ ।
ଛାଇ ରୂପ ପତଙ୍ଗ; କମିଯିବ ସାଙ୍ଗେ ।
ଛେଳିର ଦେହ ହେଲେ ଧୂମା, ବଢ଼ଇ ପାଳକ ଗାରିମା ।
ଜନନ ଦାତା, ଦାନା ଦେବତା ।
ଡାଲ ଦେଇ ଡାଲ ନିଏ ।
ତୁଣ୍ଡକୁ ବୁଜି କାନ ପରକୁ ଦିଅ,
ହେଳରେ ଅଗ ମୂଳେ ପଣ ହୁଅ ।
ତୁଣ୍ଡ ଭଲହେଲେ ମଣ୍ଡଳ ଭଲ ।
ତୁଣ୍ଡ ମୁଣ୍ଡକୁ ଦଣ୍ଡପାତକ ।

ଦଣ୍ଡବତ ମଧ୍ୟ, ଚଣ୍ଡୀ ଶାଶୁର ମୁଣ୍ଡ ଘାରେ ।
ଦରିଦ୍ର କାନ୍ଦେ ଖାଦ୍ୟ ପାଇଁ, ଧନୀ କାନ୍ଦେ ଧନ ପାଇଁ ।
ଦରିଦ୍ର ଲୋକେ ଜ୍ଞାନ ହୀନ, ନଗଣ୍ୟ ବାଳୁତ ସମାନ ।
ଦାଷ ଢକାଇବ ଧନେ ହୁଏ ଧୂତ ।
ଦାସ୍ୟର ଦୋଷ ଦଣ୍ଡବତେ ଶେଷ ।
ଧନଙ୍କଥା କାର୍ଯ୍ୟ ନାଶେ, ଜଣୀ କଥା ଧନ ନାଶେ ।
ଦେବା ଲୋକଙ୍କୁ ଦେଖିଲେ, ମଲ୍ଲ ଲୋଭ ଉଠେ ।
ଧର୍ମଙ୍କୁ ଧାନ ମାପିଦ୍ୟନ୍ତେ, ଗଉଣି ସାନ ବୋଲି ଗୋଳକଲ୍ଲ ।
ଧରମ ହୀନ, ଲଗାମ ନ ଥିବା ଘୋଡ଼ା ସମାନ ।
ନାରୀଧନ ସୁନ୍ଦରତ୍ୱ, ନରଧନ ବବୁଧତ୍ୱ ।
ନିଜେ ନ କହ ପ୍ରୀତି ଅଙ୍ଗୀକାର,
ପର ମୁଖରୁ ତା ଶୁଣି ଯାଉ ।

ପାପୁଲି ଘାରେ ପାହାର ମାଡ଼
ପାଷାଣକୁ ବାଧା ମାରିବ କାହିଁକି,
ପାପୁଲି ବଥା କରିବ ତାହିଁକି ।
ପିକ କାକ ଅଙ୍ଗାର ଭଲକୁଳ,
ଶତଧୌତରେ ନୁହନ୍ତି ଶୁକ୍ଳ ।
ପୁଅଥିଲେ କଦର,ଝିଅ ପିଠା ନଜର ।
ପୁସ୍ତକ ଗଲେହେଁ ପୂଜିତ ହେବକ ।
ପୋଇଲପୁଅ ମଧ୍ୟ ପଇସା ହେଲେ ପ୍ରଭୁ ।
'ପ୍ରେମ ବିନା ଅନ୍ନ ପ୍ରେତାନ୍ନ ।
ବ୍ୟର୍ଥ ମୁଣ୍ଡ ମୁଣ୍ଡନ, ସାର୍ଥ ବାଞ୍ଚୀ ମୁଣ୍ଡନ ।
ବାଇ ନିଜର ଅନନ୍ଦ ଭର ।
ଚଉଦଲ୍ଲ ବିଶ୍ୱାସ କର; ବନଦୁଡ଼ା ଭାଙ୍ଗିବା ଯବ ।
ବଣି ଉପରେ ବ୍ରହ୍ମାସ୍ତ୍ର ।
ବାଜେ ମାଙ୍କ ମାଡ଼ରେ,ମିଶେ ଧନ ଧନରେ ।
ବାଡ଼ି ନ ଥିଲେ ମେଣ୍ଡି କାମଡ଼େ ।
ବୁଧ ନାମ ଧାରଣାରୁ,ଓଧାକା ଜାଳିବାରେ ସାରୁ ।

ଭଜନ କରିବା ସମସ୍ତେ ଭକ୍ତ ନୁହନ୍ତି ।
ମଣିକର୍ଣ୍ଣିକାରେ ବୁଡ଼ିଲେହେଁ ଶନି ଛାଡ଼େ ନାହିଁ ।
( ମରେନାହିଁ ) ମରୁନାହିଁ କି ମଇଁଷି ଛାଡ଼ୁ ନାହିଁ ।
ମା ଦେଖେ ପେଟ, ମାଇପ ଦେଖେ ଘଣ୍ଟ ।
ମା ପରି ଝିଅ—ବାପ ପରି ପୁଅ ।
ମାର୍ଜାର ଖେଳ, ମୂଷାର କାଳ ।
ମୁଣ୍ଡମାଳାରେ ମୂର୍ଖନର, ଗୃହ ନିର୍ମିତ ଓଳିଳର ।
ମୂଷା ମରେ ନାହିଁ ବେଶୀ ଲୋକରେ ।
କାର୍ଯ୍ୟ ହୁଏ ନାହିଁ ବେଶୀ ଦାସରେ ।
ଯାହା ଦିଏ ଯାହା ଖାଏ, ତାହା ମାତ୍ର ତାର ହୁଏ ।
ଯାହା କହ ତାହା କର, ଯାହା ଭଲ ତାହା ଧର ।
ରହସ୍ୟ ମେଲଇ ନିଶା—ସମୟ ହରଇ ପଶା ।
ରକ୍ଷକ ଭକ୍ଷଣ କରିବା ପରି ।
ଲାଗୁଆ ଦେଲେ ଗ୍ରାହକ ବଢ଼ନ୍ତି ।
ମାନ ଧନ ହୋଇଯାଏ କମତି ।
ବଶଗ ହେଲେ ତୁ ପ୍ରଭୁର, ଖଟାଇ ପାରିବୁ ଗୃହର ।
ଶରଟ ବଢ଼ିଲେ ବିମ୍ବକ ।
ଶାଶୂ ନ ଥିବା ବୋହୂ ସରଳା,
ବୋହୂ ନ ଥିବା ଶାଶୂ କୋମଳା ।
ଶୀଘ୍ର ଖାଇ ଶୀଘ୍ର ଶୁଅ, ବୈଦ୍ୟଙ୍କୁ ହାତ ନ ଦିଅ ।
ଶୋଇଥିଲେ ହେଲେ ଗଜ, ଘୋଡ଼ାଠାରୁ ହୁଏ ଉଚ୍ଚ ।
ସବୁ ସମୟରେ ମାତା ମାତା, ବିମାତୃ ଲାଗଯାଏ ପିତା ।
ସ୍ୱଭାବ ବଦଳଇ ନାହିଁ—ଅପ୍ରାପ୍ୟ ପ୍ରାପ୍ୟ ହୁଏ ନାହିଁ ।
ହାଡ଼ ନ ଥିବା ଜିଭର ଅଟକ ନାହିଁ ।
କ୍ଷେତ୍ରଜାଣି ବୁଣ ବାହନ, ପାତ୍ରଜାଣି ଦିଅ ଦାନ ।

—✱—

ସ୍ନେହକୁ ସୌଖ୍ୟକୁଦାସ୍ୟକୁ । ଅଥବା ଜନକ ସୁତାକୁ ॥
ଲୋକଙ୍କ ଆରାଧନ ପାଇଁ । ତେଜିଲେ ବ୍ୟଥା ମୋର ନାହିଁ ॥

---

ସୁପ୍ତ ମାନବମାନଙ୍କୁ ଉଠାଇବା ପାଇଁ । ଶ୍ରୁତିହୃଦ୍ୟସ୍ୱରେ ଖଗେ ଗାଆନ୍ତି ଜଠାଇ ॥
ହୃତ କଳାତଶୀତଳ ମାରୁତ ମନ୍ଦରେ । ପ୍ରସର ସକଳାଙ୍ଗ ପ୍ରତ୍ୟଙ୍ଗସ୍ପର୍ଶକରେ ॥

---

ବନ୍ଦେ ରାମଂ ମେଘଶ୍ୟାମଂ । ଶାନ୍ତାକାରଂ ସର୍ବାଧାରଂ ।
ସାକେତେଶଂ ଦାସାଧୀନଂ । ରକ୍ଷଃକାଳଂ ସୀତାଲୋଲଂ ॥

---

ରାଗିଣୀ ଶଙ୍କରାଭରଣ—ଆଦତାଳ ।

ସେ ଭାରତ ଅମ୍ଭର । ପ୍ରପଞ୍ଚବର । ପ ।
ଧରଣୀରେ ଯେ ନନ୍ଦନ । ଯହିଁ ଅମ୍ଭେ ଖଗଗଣ ।
ଅଭାବ କର ଖଣ୍ଡନ । ସୁଖେ କରୁ ବିହରଣ । ୧ ।
ଦେଶରକ୍ଷଣ ନିମିତ୍ତ । ଦ୍ୱାସ୍ଥ ପରି ଅବିରତ ।
ଉତ୍ତରେ ଥିବା ଉନ୍ନତ । ହିମାଳୟଗିରିଯୁତ । ୨ ।
ଦକ୍ଷିଣ ମହାସାଗର । ପୂର୍ବାପରେ ପୟାଗର ।
ବାହୁଯୁଗେ ନିରନ୍ତର । ଅଲଙ୍ଘି ଥିବା ଭୂସ୍ଥଳ । ୩ ।
ଭାଗୀରଥୀ ଗୋଦାବରୀ । କୃଷ୍ଣା ଯମୁନା କାବେରୀ ।
ପ୍ରଭୃତି ନଦୀଙ୍କ ବାରି । ଯହିଁ ଶସ୍ୟ ଦିଏ ଭରି । ୪ ।
ଯେ ସର୍ବଧର୍ମୀ ସୋଦର । ଭାବେ ଥିବା ପାଇଁ ପୁର ।
ପ୍ରିୟ ଯେ ଶ୍ରୀ ବିକ୍ରମର । ଜନ୍ମସ୍ଥାନ ମନୋହର । ୫ ।

---

## ଅଦ୍ଭୁତ ସତ୍ୟ

ସମୁଦ୍ରଯାତ୍ରୀ ତୃଷାରେ ହୁଏ ପ୍ରପୀଡ଼ିତ ।
ଅଜୀର୍ଣ୍ଣପ୍ରାପ୍ତ ଧନୀ ମିଷ୍ଟ ଭୋଜନ ରହିତ ॥
ଦୁଷ୍ଟ ରାଜାର ସେବକ ସତ୍ୟବ୍ରତ ତ୍ୟାଗୀ ।
ଦୁଷ୍ଟାବନିତାର ପତି ସଦା ଦୁଃଖଭାଗୀ ॥
ମତ୍ସରଯୁକ୍ତଜନର ମନ ରଗରଗ ।
ସୁମଫଳହୀନ ନଗ ହୁଏ ଗଡଖଗ ॥
ଊଷର କ୍ଷେତ୍ର ହୁଅଇ ସର୍ବ ଶସ୍ୟହୀନ ।
ମହାଧନୀ ହେଲେ ମଧ୍ୟ ଲୋଭୀ ଅତି ଦୀନ ॥
ବଳୀ ମଧ୍ୟ ଧୃତିହୀନ ହୋଇଲେ ଦୁର୍ବଳ ।
ସୁଧୀ ମଧ୍ୟ ଦୁଷ୍ଟ ମୈତ୍ରୀବଶୁଁ ହୁଏ ଖଳ ॥
ହେମ ପଞ୍ଜରସ୍ଥ ଶୁକ ନୀଡ଼କୁ ବାଞ୍ଛଇ ।
ସାଧୁ ମଧ୍ୟସ୍ଥିତ ବକ ବାମାକୁ ପାଞ୍ଚଇ ॥

ସିଂହାସନସ୍ଥିତ ଶ୍ୱାନ ବାଞ୍ଛେ ଖତଗଦା ।
ଅନ୍ତଃପୁରସ୍ଥିତା କାନ୍ତା ସଦା ଲୋଡ଼େ ପଦା ॥
ଧନୀ ବନ୍ଧୁ ଧନାର୍ଜନେ ହୁଏ ଛଟପଟ ।
ଦୁର୍ବିଦଗ୍ଧ ହୃଦୟରେ ଗରବ ଉକ୍ରଟ ॥
କେବଳ ମଧୁରଭୋକ୍ତା ବାଞ୍ଛାଙ୍କରେ ଖଟା ।
ଅଙ୍କ ମନାସେ ବଙ୍କକୁ କରିବାକୁ ଅଠା ॥
କୁଳଟା ଲଜ୍ଜାଖିତବହୀନା ହୋଇଥାଏ ।
ପ୍ରପଞ୍ଚସୁଖ ବିରାଗୀ ନିତ୍ୟ ସୁଖ ପାଏ ॥

---

## ରାବଣୋପଦେଶ

ବ୍ରହ୍ମାସ୍ତ୍ରରେ ବଦ୍ଧ ହୋଇ ପଡ଼ନ୍ତେ ବମଣ ।
ତାହା ଦେଖି ଲକ୍ଷ୍ମଣଙ୍କୁ ଜାନକୀରମଣ ॥
ଅପଣା କତକ ରାଇ ବୋଇଲେ ଏମନ୍ତ ।
ଦଶକଣ୍ଠ ସମୀପକୁ ଯାଇ ତୁ ତୁରନ୍ତ ॥
ନପର ମୁଖ୍ୟ କର୍ତ୍ତବ୍ୟ କାର୍ଯ୍ୟନିଚୟକୁ ।
ତାଙ୍କୁ ପଚ୍ଛୁର ପ୍ରକଟ ଅତ ବନୟକୁ ॥
ବହୁଶତାବ୍ଦି ଧରାକୁ ପାଳ ନିପୁଣରେ ।
ନୃପଧର୍ମ ମର୍ମବେତ୍ତା ସେ ମାତ୍ର ଜଗରେ ॥
ଅହା ! କାଳବଶୁଁ ପରଭୁବନ ଗମନ ।
କରୁଅଛନ୍ତି ସେ ଏବେ ତେଜ ଅପଧନ ॥
ସେ ଗମନ୍ତେ ନୃପେ ନିଜ କରଣୀୟ କାର୍ଯ୍ୟ—
ଜ୍ଞାନରୁ ବଞ୍ଚିତ ହେବେ ଏହା ଅନିବାର୍ଯ୍ୟ ॥
ତେଣୁ ଅଉ ବିଳମ୍ବ ନ କର ଯାଅ ତରେ ।
ଏତେ ଶୁଣି ସୁମିତ୍ରାଜ ରାବଣ ପାଶରେ ॥
ପ୍ରବେଶନ୍ତେ ତାଙ୍କୁ ଦେଖି ସବଣ କମିଲ ।
ଅଦ୍ୟ ଧନ୍ୟ ହେଲି ବୋଲି ଅନନ୍ଦେ ଭାସିଲ ॥
ତାହା ଶୁଣି ରାମାନୁଜ ବୋଇଲେ ଏମନ୍ତ ।
ଅହେ ମହାରାଜ ତୁମ୍ଭେ ଅତ ପୁଣ୍ୟବନ୍ତ ॥

ନୃପ କର୍ତ୍ତବ୍ୟ କର୍ମାଳି ମୁଖରୁ ତୁମ୍ଭର ।
ମୋ ହ୍ରାସ ଜଣିବାକୁ ମୋ ଅଗ୍ରଜ ତତ୍ପର ॥
ତେଣୁ କୃପାରେ ମୋତେ ସେ ସବୁ ବିବରଣ ।
ଢର କହ ଅହେ ପରାଜିତ-ଦେବଗଣ ॥
ଏତେ ଶୁଣି ଦନୁଜେଶ ଦୀର୍ଘଶ୍ୱାସ ତେଜି ।
ହୀନ ସ୍ୱରରେ ବଚନ ପ୍ରକାଶିଲ ହେଜି ॥
ରାମ ସର୍ବଙ୍କ ସର୍ବେଶ ସମସ୍ତ କାରଣ ।
ତାହାଙ୍କର ଅଜ୍ଞାତ ଏ ଜଗତେ କଅଣ ?
ସେ ମୋତେ କୃପା ପ୍ରକଟି କତଙ୍କି ମୋହର ।
ତୁମ୍ଭଙ୍କୁ ପ୍ରେଷିଲେ ସିନା ଅହେ ବାରବର ॥
ଅନେକ ତ ନୃପତିର ସ୍ୱଧର୍ମଚିତ ।
ସେ ସବୁ କହି ପାରିବ ନାହିଁ ମୁଁ ସମ୍ପ୍ରତ ॥
ମୋର ପ୍ରାଣବନ୍ଧୁ ସ୍ୱସୃ ପ୍ରସ୍ଥାନ କଲେଣି ।
ଗୋଟିଏ ମାତର କହି ପାରିବ ସେ ଘେନ ॥
ଜଗତେ ଗୋଟିଏ ଭାଗ ଭୂମି, ତିନି ଭାଗ
ସଲିଳ ପ୍ରବର୍ତ୍ତମାନ ଅହେ ମହାଭାଗ ॥
ସେପରି ସ୍ଥିତ ଅଯୁକ୍ତ ବୋଲି ବିଚାରିଲି ।
ଅବ୍ଧି ତୃତୀୟାଂଶ ପୋତିବାକୁ ନିରୂପିଲି ।
ପ୍ରାଣିଙ୍କ ନରକ କଷ୍ଟ ଶୂନ୍ୟ କରିବାକୁ ।
ଅବଧାରିଲି ଶମନଲୋକ ଧ୍ୱଂସିବାକୁ ॥
ପୁଣି ସକଳେ ସ୍ୱର୍ଗରେ ନିର୍ଭର ଯିବାକୁ ।
ସ୍ଥିର କଲି ସୋପାନାଳି ମୁଁ ଗଢ଼ାଇବାକୁ ॥
କରିବା କରିବ ବୋଲି ସେ କାର୍ଯ୍ୟସିଦ୍ଧୟ ।
ନ କରି କାଳ ଯାପି ମୁଁ ଲଭୁଅଛି ଲୟ ॥
ଏଣୁ ନୃପତି ସତର୍କ ହୋଇ ନିରୂପିତ—
କାର୍ଯ୍ୟମାନଙ୍କୁ ସେଷଣି କରିବା ଉଚିତ ॥
ଏତିକି ମାତ୍ର କହନ୍ତେ ରାବଣର ପ୍ରାଣ ।
ଶରୀରକୁ ତେଜି କଲା ଶୂନ୍ୟକୁ ପ୍ରୟାଣ ॥

ପରମପବିତ୍ରଙ୍କୁ ଅଭିଷେକ କାହିଁକି ।
ଦିଗ୍ବସନଙ୍କୁ କିମ୍ବା ବସ୍ତ୍ର ଯୁଗ୍ମ ।
ଯଜ୍ଞ ନାଶଙ୍କୁ ଯଜ୍ଞସୂତ୍ର କି ହେତୁରୁ ।
ଭସ୍ମଲେପଙ୍କୁ କିମ୍ବା ମଳୟଗନ୍ଧ ।
ବ୍ୟୋମକେଶଙ୍କୁ ପୁଷ୍ପ ନିଚୟ କି ହେତୁରୁ ।
ଧୂପ କିମ୍ପାଇଁ ଶ୍ମଶାନ ଗୃହଙ୍କୁ ।
ଦୀପ କାହିଁକି ବହ୍ନି ସୂର୍ଯ୍ୟେନ୍ଦୁ ନେତ୍ରଙ୍କୁ ।
ବିଷ-ଭକ୍ଷଙ୍କୁ କିମ୍ପା ମିଷ୍ଟ ଭୋଜ୍ୟ ।
ଈଶପାଦ ନୀରେଜରେ ଭକ୍ତ କଳିତ ।
ମାନସର ସମର୍ପଣ ମାତ୍ର ସମୁପଯୁକ୍ତ ।
ସମ୍ପୂର୍ଣ୍ଣର ସମାରୋହ ଅନୁପଯୁକ୍ତ ।
ପଣ୍ଡିତେ ଚିତ୍ତରେ ଭଲେ ଭାବନ କର ।

ଅଦ୍ୱୈତେ ଜ୍ଞାନ ମୈମାଂସେ କର୍ମ ଦ୍ୱୈତେଭକ୍ତି ।
ଇସ୍ଲାମରେ ସମର୍ପଣ ବୌଦ୍ଧେତ୍ୟାଗାସକ୍ତି ॥
ପବିତ୍ରତା ଜାରଥୁଷ୍ଟ୍ରେ ପ୍ରେମ ଖ୍ରୀଷ୍ଟମତେ ।
ଅହିଂସା ଜୈନେ ସାଧୁତା ଇହୁଦୀଙ୍କମତେ ॥
ଏ ମତମାନଙ୍କରେ ଏ ନବକ ପ୍ରଧାନ ।
ସାଧାରଣ ଧର୍ମମାନ ସବୁରେ ସମାନ ॥

ମଥୁରାବାସ ସାଧୁସଙ୍ଗ ନାମ କୀର୍ତ୍ତନ ।
ଭାଗବତ ଶ୍ରବଣ ହରିମୂର୍ତ୍ତି ପୂଜନ ॥
ଏହି କର୍ମ ପଞ୍ଚକ ପ୍ରତ୍ୟେକ ବୈଷ୍ଣବର ।
କର୍ତ୍ତବ୍ୟ ତରିବାକୁ ଘୋର ଭବସାଗର ॥

ଶ୍ଳୋ । ମତଂ ଚୈତନ୍ୟଦେବସ୍ୟ ଭେଦାଭେଦାଖ୍ୟମୁତ୍ତମଂ ।
ନଚକେବଳମଦ୍ୱୈତଂ ନଚଦ୍ୱୈତଂ ପ୍ରଭେଦକଂ ॥

---

କେତେ ଦେଶଭକ୍ତ ଦ୍ୱିଭବେ ବିଭକ୍ତ
ନରମ ଚରମ ପନ୍ଥୀ ।
ଉଦାସୀନ କେତେ ଦେଶଦ୍ରୋହୀ କେତେ
ଏ ଦେଶେ ଏବେ ଅଛନ୍ତି ।

ନିର୍ହେତୁକା ପ୍ରୀତି କୃପା ବୋଲାଏ ଜଗତେ ।
କୃପା ବିଭ୍ର ସମ ବିଭ୍ର ନାହିଁ ନାହିଁ ସତେ । ୧ ।
ତା ହର୍ତ୍ତାର ଅଗୋଚର ଦାନେ କ୍ଷୀଣ ନୋହି ।
ପ୍ରକାଶ ଲଭଇ କ୍ରମେ ବିବର୍ଦ୍ଧିତ ହୋଇ । ୨ ।
ତା ଦାତାର ଗ୍ରହୀତାର ସମ୍ଭୋଷୋତ୍ପାଦକ ।
ମାନସ ଶାନ୍ତି ଦାୟକ ପ୍ରମୋଦ ବର୍ଦ୍ଧକ । ୩ ।
ଈଶ୍ୱରାନନ୍ତ କଲ୍ୟାଣ ଗୁଣମାନଙ୍କରେ ।
କୃପା ଗୁଣ ଶ୍ରେଷ୍ଠତମ ଅଟଇ ନିଶ୍ଚରେ । ୪ ।
ଜଳଦରୁ ବର୍ଷାଧାରା ଖସିବା ବିଧରେ ।
ଈଶ୍ୱରଠାରୁ ଖସେ ସେ ଅଦୃଶ୍ୟରୂପରେ । ୫ ।
ମର୍ତ୍ତେ ତା ନିବାସସ୍ଥାନ ସଜ୍ଜନ ହୃଦୟ ।
ଯାହା ସରଳ କୋମଳ ସଦା ଧର୍ମମୟ । ୬ ।
କୃପାପୂର୍ଣ୍ଣ ହୃଦୟରେ ଭେଦାଭେଦ ଜ୍ଞାନ ।
ପାତ୍ରାପାତ୍ର ବିବେଚନ ନ ଲଭନ୍ତି ସ୍ଥାନ । ୭ ।
ଅଖଣ୍ଡେ ବହିଲେ କୃପାହଂସ ହୃଦୟରେ ।
ଲୋଭାଦି ଦୁର୍ଗୁଣଗଣ ଭାସିଯାଏ ଡରେ । ୮ ।
ଜଗଦଧୀଶ୍ୱରଠାରେ ଭୁତ କୃପାକର ।
କୃପାଇବାଇ ଅବର କୃପା ରତ୍ନାକର । ୯ ।

ନିପତିତ ପ୍ରଭାନିଧି ସଂକ୍ରୁଦ୍ଧଦୀପ୍ତି ।
ବୋଲି ନିରନ୍ତର ନରଗଣ ମାନନ୍ତୀସ୍ତି । ୧୦ ।
ମାତ୍ର କୃପାହୀନ ହେଲେ ସେହି ଦୀନଜନ ।
ହୋଇ ନ ପାରନ୍ତି ସେ ସେ ପଦାବ୍ଜ ଭଜନ । ୧୧ ।

---

ଶ୍ଳୋ । ସହସା ବିଦଧୀତନକ୍ରିୟାମ ବିବେକଃ ପରମାପଦାଂ ପଦଂ ।
ବୃଣତେହି ବିମୃଶ୍ୟକାରଣଂ ଗୁଣଲୁବ୍ଧାସ୍ୱୟମେବସମ୍ପଦଃ । ୦ ।
ଅନୁବାଦ—
କାର୍ଯ୍ୟକୁ କରିବ ନାହିଁ ସତ୍ୱର ।
ଘୋର ବିପତ୍ତି ଲଭେ ଅଜ୍ଞନର ।
ଗୁଣଲୁବ୍ଧ ସମ୍ପଦ ନିଜେ ତରେ ।
ବିବେକବାନକୁ ବରଣ କରେ ।
ଅହେ ସୁପଣ୍ଡିତ ।
ଏହା ଭାରବି କବିଙ୍କ କଥିତ । ୦ ।

---

ଶ୍ଳୋ । ଦୁରାଶା ଦୁର୍ଦ୍ଦଶାଚୈବ ମମଭାର୍ଯ୍ୟେ ପତିବ୍ରତେ ।
ଦୁରାଶା ପୁରତୋଯାତି ଦୁର୍ଦ୍ଦଶାମାଂନମୁଞ୍ଚତି । ୦ ।

ଅନୁବାଦ—
ଦୁରାଶା ମୋର ପ୍ରଥମ କଳତ୍ର ।
ଦୁର୍ଦ୍ଦଶା ଅଟେ ଦ୍ୱିତୀୟ କଳତ୍ର ।
ପ୍ରଥମା ମୋ ଆଗେ ଗମନକରେ ।
ଦ୍ୱିତୀୟା ମୋତେ ନ ଛାଡ଼େ ପ୍ରେମରେ ।
ହେ ନରପ୍ରବର ।
ଏହି ବ୍ୟବସ୍ଥା ମୋର କୁଟୁମ୍ବର । ୦ ।

---

ଭବେଦ୍ବର୍ଣ୍ଣାଗମାଦ୍ଧଂସଃ ସଂହୋବର୍ଣ୍ଣବିପର୍ଜୟାତ୍ ।
ଗୂଢ଼ୋତ୍ମା ବର୍ଣ୍ଣ ବିକୃତେ ର୍ବର୍ଣ୍ଣଲୋପାତ୍ ପୃଷୋଦରଃ ॥

ଅସାର ସଂସାରେ ସୁକୃତିକୁ ମିଳେ
ପଞ୍ଚଲକାରାତ୍ମାଜାୟା ।
ଅନୁକୂଳାଶୀଳ— ଯୁକ୍ତା ସୁକୁଳଜା
କୁଶଳା ବିମଳ କାୟା । ୦ ।

---

କିସ ଭକ୍ଷ୍ୟାକର କିଏ ମକରନ୍ଦ ପାୟୀ ?
ବୃନ୍ଦା କାନନରେ କିସ କଲେ କହ୍ନାଇ ?
ଶିଶୁ କି ସଦୃ ଏ ବିଷ ପ୍ରତି ପଦ କିସ ?
ଉଲ୍ଲାସ କରଇ କିସ ଦେବତା ମାନସ ?
ସୁଧୀ ସମ୍ବୋଧନାବ୍ୟୟ କିସ କଣାଇଲ ?
ସୁଚେଶ ଶରଦ୍ବସ୍ତ୍ର ହେମ ସାରଙ୍ଗ ଲୀଳା ।୦।

---

## ନୀତି-ବାକ୍ୟାବଳୀ

ଶ୍ରୀରାଧା କୃଷ୍ଣାଭ୍ୟାଂ ନମଃ

ଜନକ ଉପନୟନକର ଭୟ-ତ୍ରାତା ।
ଅନ୍ନଦ ଉପାଧ୍ୟାୟ ଏ ପାଞ୍ଚଜଣ ପିତା ॥
ଜନନୀ ଜ୍ୟେଷ୍ଠଜ-ପତ୍ନୀ କଳତ୍ରର ମାତା ।
ଗୁରୁପତ୍ନୀ ନୃପପତ୍ନୀ ଏ ଅଟନ୍ତି ମାତା ॥
ଅନାଥ ପ୍ରେତ ସଂସ୍କାର ଦରିଦ୍ରରେ ଦାନ ।
ଆର୍ତ୍ତରକ୍ଷଣ ଏ ତିନି ଯଜ୍ଞର ସମାନ ॥
ଦୁଷ୍ଟାଭାର୍ଯ୍ୟା ଶଠମିତ୍ର ସର୍ପସ୍ଥିତପୁର ।
ଅବଶୀଭୂତ ଭୃତ୍ୟର ପ୍ରାଣ ନାଶ କର ॥

ମିତ୍ର ଧନ ଜଳାଶୟ ପଣ୍ଡିତ ବିହୀନ ।
ଜନପଦ ହୁଏ ନାହିଁ ବାସ ଯୋଗ୍ୟ ସ୍ଥାନ ॥
ବେଦ ପଠନର ଫଳ ଅଗ୍ନିକାର୍ଯ୍ୟ ଜାଣ ।
ଧନ ସମ୍ପାଦନ ଫଳ ଭୋଗ ଏବଂ ଦାନ ॥
ଦାର ଗ୍ରହଣର ଫଳ ସନ୍ତାନୋତ୍ପାଦନ ।
ଶାସ୍ତ୍ର ପଠନର ଫଳ ସତ୍କ୍ରିୟାଚରଣ ॥
ମୂଢ଼ ଗୃହେ ଗ୍ରାମଣୀ ସ୍ୱଗ୍ରାମେ ଧନୀବର ।
ସ୍ୱଦେଶେ ଧୀର ସର୍ବତ୍ର ପୂଜିତ ଜ୍ଞକର ॥
ନଖି ଦନ୍ତି ଶୃଙ୍ଗି ଲଜ୍ଜାହୀନା ବିଦ୍ୟାଯୁତ ।
ଦୁର୍ଜନ ସର୍ବତ୍ର ତ୍ୟାଜ୍ୟ ହେବା ସମୁଚିତ ॥
ମାତୃହୀନ ଶିଶୁପ୍ରାଣୀ କଳତ୍ର ରହିତ ।
ଯୌବନ ଶାନ୍ତ ବିହୀନ ତପ ବ୍ୟର୍ଥ ସତ ॥
ମଣ୍ଡନକୁ ବସ୍ତ୍ର ଜନ ତଢକ ସୁଗୁଣ ।
ସ୍ତ୍ରୀ-କି ଲଜ୍ଜା ବ୍ୟଞ୍ଜନକୁ ଲବଣ ପ୍ରଧାନ ।
ଗୁଣବତୀ ଜାୟା ଶିଶୁ ମୃଦୁଳ ବଚନ ।
ପ୍ରୀତି ପ୍ରଦତ୍ତ ଭୋଜନ ଅମୃତ ସମାନ ॥
ଦାରିଦ୍ର୍ୟ ବାର୍ଦ୍ଧକ୍ୟ ଚୌର୍ଯ୍ୟ ଭିକ୍ଷା ରୋଗ ଋଣ ।
ବାର୍ଦ୍ଧକ୍ୟେ ଯୁବତୀ ଭାର୍ଯ୍ୟା ଉଚ୍ଛିଷ୍ଟ ଭୋଜନ ॥
ଏ ଆଠୋଟି ଅଷ୍ଟ କଷ୍ଟ ବୋଲ୍ ମତେଁ ଖ୍ୟାତ ।
ଏମାନଙ୍କରୁ ବର୍ଜିତ ନର ପୁଣ୍ୟବନ୍ତ ॥
ମଶା ମାଛି ଷଣ୍ଢ ବେଶ୍ୟା ଭିକ୍ଷୁକ ମୂଷିକ ।
କରଗ୍ରାହୀ ଚୌର ନରମାନଙ୍କ ପୀଡ଼କ ॥
ସତୀଭାର୍ଯ୍ୟା କୀର୍ତ୍ତିଯୁତ ସୁତ ହିତକର ।
ଜ୍ଞାତି କଷ୍ଟହର ମିତ୍ର ବିଶ୍ୱସ୍ତ କିଙ୍କର ॥
ଆବଶ୍ୟକ ବିତ୍ତ କ୍ଷୀର ସମ୍ପଦ ଗୋ-ବ୍ରାତ ।
ଉର୍ବର କ୍ଷେତ୍ର ଏ ଆଠ ଅଷ୍ଟୈଶ୍ୱର୍ଯ୍ୟ ସତ ॥
ଧନୀ କୁଟୁମ୍ବରେ ପ୍ରଭୁ ସଭାରେ ଅଧ୍ୟକ୍ଷ ।
ବନ୍ଧୁ ବାନ୍ଧବ ଦୃଷ୍ଟିରେ ଅଟେ ଅତି ଦକ୍ଷ ॥

ହରି ବୋଲିବା ବର୍ଣ୍ଣ ଦ୍ୱୟ ଯେତେକ ହରି ପାରେ ।
ସେତେକ ପାତକ ପ୍ରକର ନାହିଁତ ଏ ସଂସାରେ ॥
ସେହି ବର୍ଣ୍ଣ ଦ୍ୱୟ ସଂଯୁତ - ନାମ ଆନ୍ତେ କାହିଁକି ?
ପାତକୀ ଡରଇ ଯମନ ଘୋର ଦଣ୍ଡ ତଥିକି ॥

---

ହେ ଦ୍ୱିତୀୟ ମତ ଯୁକ୍ତ, ସେହି ଷଷ୍ଠୀ
ପଞ୍ଚମ ଲକ୍ଷ ଶୋଭିତା ।
ଏକାଦଶ ପଦ୍ମୋ— ଧରି ନବମଶ୍ରୀ,
ଲୋକେ ସପ୍ତମ ବର୍ଜିତା ॥
ଦଶମ ଧ୍ୱଜାଦି ଗତିରେ ଅକ୍ରାନ୍ତା
ହୋଇ ନିର୍ଜଲେ ଦ୍ୱାଦଶ ।
ଚତୁର୍ଥ ପରିଏ ସମ୍ମୂର୍ଚ୍ଛିତା ଲଭେ
ଅଷ୍ଟମ ବେଦନାଭୃଶ ॥
ଏବେ ତୁମ୍ଭେ ଆଉ ବିଲମ୍ବ ନ କରି
ସତ୍ୱର ହୁଅ ତୃତୀୟ ।
ଜଗତେ ପରର ଉପକାର ନିଷ୍ଠେ
ଲକ୍ଷଜନ କରଣୀୟ ॥

---

## ଗୌରୀ ସ୍ତବ

ବେଦଘନବନ— ମୟୂରୀ, ବେଦାନ୍ତ-
ମଞ୍ଜୁଳାରାମ ଭ୍ରମରୀ,
ପ୍ରଣବ ପଞ୍ଜର— କୀରୀ, ଜୟ ଜୟ
ଗୌରୀ ତ୍ରିପୁର ସୁନ୍ଦରୀ ।

---

ଶ୍ଲୋକଃ—ବନ୍ଦେଽହଂ ବୃଷଭାନୁଜାଂ ବ୍ରଜବଧୂବର୍ଗାଧିକାଂ ରାଧିକାଂ ।
ଗୋବିନ୍ଦାତ୍ମମୁଦାକରାଂ ସୁରନୁତାଂ ଗୋଲୋକଧାମସ୍ଥିତାଂ ।
ବୃନ୍ଦାରଣ୍ୟ ବିହାରିଣୀଂ ଭଗବତୀଂ ପଦ୍ମାନନାଂ ପଦ୍ମିନୀଂ ।
ନୀଲାମ୍ଭୋଜଦଲେକ୍ଷଣାଂ ଶ୍ରିତଜନବ୍ରାତାବନୀଂ ଶ୍ରୀମତୀଂ ॥

---

## ରାଗିମାଳିକା ( ମୁନବରବାଣୀ )

ନମେ ଷଡ଼ାନନ ତାତ ! ବନ୍ଦ୍ୟ ! ନେଇ ମୋର ଶିର ।
ସ୍ୱପାଦେ କରେ ସ୍ଥାପନ । ନନ୍ଦନନ୍ଦନ ଏ । ୧ ।
ବୃଷଭାନୁସୁତାବର । ସତ୍ୟରୁ ନୋହୁ ଅନ୍ତର ।
କେବେ ହେଁ ମୋହର ମନ । ନନ୍ଦନନ୍ଦନ ଏ । ୨ ।
ସୁରମିଥୁନ ପୂଜିତ । ମୋ ହୃଦକୁ ଅବିରତ ।
କରେ ହୃଦୀସ୍ୱସଦନ । ନନ୍ଦନନ୍ଦନ ଏ । ୩ ।
ଯଦୁକୁଳୀର ତନୁଜ । ହୋଇ ବୋଲାଉ ଗୋପଜ ।
ଶିବଚରିତ ନିଦାନ । ନନ୍ଦନନ୍ଦନ ଏ । ୪ ।
ଅସୁରେଭ କଣ୍ଠୀରବ । ମୋର ହୃଦୟରୁ ଜୀବ—
ହଂସାକୁ କରେ ନାଶନ । ନନ୍ଦନନ୍ଦନ ଏ । ୫ ।
ଗୋପକନ୍ୟା ପିନ୍ଧା ଶାଢ଼ୀ । ଚୋର ! ସତ୍ପଥ ନ ହୁଡ଼ି ।
ମୋଠାରୁ କରୁ ଗମନ । ନନ୍ଦନନ୍ଦନ ଏ । ୬ ।
ନ କର ରକ୍ଷଣ ମୋର । ଅତୁଳାକୀର୍ତ୍ତିରେ ତୋର ।
ନ କରେ ମସି ଲେପନ । ନନ୍ଦନନ୍ଦନ ଏ । ୭ ।
ପବିତ୍ର ନାମକୁ ତୋର । ସଦା ଜପୁ ତୁଣ୍ଡ ମୋର ।
ଗୋପୀମୁଖ କଞ୍ଜଦ୍ରୁଣ । ନନ୍ଦନନ୍ଦନ ଏ । ୮ ।
ଦ୍ରବ୍ୟଶାର୍ଙ୍ଗ ଧନୁର୍ଦ୍ଧର । ମୋତେ ତାପତ୍ରୟୁଁ ତାର ।
ମୋରେ ହୋଇ ସକରୁଣ । ନନ୍ଦନନ୍ଦନ ଏ । ୯ ।
ମକରକଣ୍ଠ ଛେଦିଲୁ । ବାରଣ ପ୍ରାଣ ରଖିଲୁ ।
କୃପା କୁଣ୍ଠାନ୍ତଃକରଣ । ନନ୍ଦନନ୍ଦନ ଏ । ୧୦ ।

ପାପାବ୍ଧି କୁମ୍ଭକୁମାର । ମୋ ପାପ ଲକ୍ଷ ସତ୍ୱର ।
କୃପାରେ କରେ ଦମନ । ନନ୍ଦନନ୍ଦନ ଏ ! ୧୧ ।
ମୀନାଦିରୂପଧାରକ । ବିକ୍ରମବର୍ମ ପାଳକ ।
କରେ ମୋତେ ଭକ୍ତି ଦାନ । ନନ୍ଦନନ୍ଦନ ଏ । ୧୨ ।

---

## ଶ୍ଳୋକପଞ୍ଚକ

ଶ୍ରୀଧର ପୀତପଟାନ୍ୱିତ ଶୌରେ
ନୂତନନୀରଜନେତ୍ର ମୁରାରେ !
କେଶବ ମାଧବ କୁଣ୍ଡିସୁତାରେ
ବାମନ ପାହି ଶିଖଣ୍ଡକମୌଳେ । ୧ ।
ଜୟ ନୀରଜନାଭ ହରେ ଶୌରେ
ନରସିଂହ ଜନାର୍ଦ୍ଦନ କଂସାରେ
କମଲାନନ ସାରସମାଳେ
ଦନୁଜ ସ୍ତୂପ ଭୂଧର ଦମ୍ଭୋଳେ । ୨ ।
ବ୍ରଜୀଶପ୍ରପାଳଂ ସୁବର୍ହ୍ଵକୋଳଂ
ସରୋଜାତନେତ୍ରଂ ଘନଶ୍ୟାମଗାତ୍ରଂ
ରମାଶ୍ଲିଷ୍ଟଦେଶଂ ନତାଶାମରେଶଂ
ଚିଦାନନ୍ଦରୂପଂ ସଦାହଂ ପ୍ରପଦ୍ୟେ । ୩ ।
ଅମ୍ଭୀରହନାଳନେତ୍ରାଭିରାମ
ଗୋପାଳ ଗୋବିନ୍ଦ ଜୀମୂତ ଭାମ
ବ୍ରଜେଶ ସୁଧେଶ ଯୋଗୀଶପାଳ
ରକ୍ଷସ୍ୱ ମାଂ କୃଷ୍ଣ ଦୈତ୍ୟାଳିକାଳ । ୪ ।
ଶ୍ରୀଚିଦାନନ୍ଦନୀ ଦେବତାବନ୍ଦନୀ
ପୂର୍ଣ୍ଣଚନ୍ଦ୍ରାନନା ପୁଣ୍ଡରୀକେକ୍ଷଣା
କୃଷ୍ଣସନ୍ତୋଷିଣୀ ଭକ୍ତସଂଭାବନୀ
ଗୋପହ୍ରମାଧ୍ୱିକା ରାଧିକା ପାତୁ ମାଂ । ୫ ।

---

## ଅଦ୍ଧ ତାଳ

ଗୋବିନ୍ଦ ମାଧବ । ଗୋପାଳ କେଶବ ।
ଶ୍ରୀମୁଖ କଂଜଭ୍ରମ । ବନ୍ଦଇଁ ରାମ । ୧ ।
ସାରସ ଲୋଚନ । ପାତକ ମୋଚନ ।
ଅନଙ୍ଗଜିତ ସୋମ । ବନ୍ଦଇଁ ରାମ । ୨ ।
କୌସ୍ତୁଭ ଭୂଷଣ । ତାପ ବିମୋଚନ ।
ରୂପ ବିଜିତ କାମ । ବନ୍ଦଇଁ ରାମ । ୩ ।
କିଙ୍କର କଳ୍ପକ । ସଂସୃତି ତାରକ ।
ପୂତ ମଧୁର ନାମ । ବନ୍ଦଇଁ ରାମ । ୪ ।
ପୀତପଟାବୃତ । ଦେହ ବିରାଜିତ
ନିତ୍ୟ ପରମ ଧାମ । ବନ୍ଦଇଁ ରାମ । ୫ ।
ଶଙ୍କର ରଞ୍ଜନ । ସଙ୍କଟ ଭଞ୍ଜନ ।
ନୀଳ-ଜଳଦ ଶ୍ୟାମ । ବନ୍ଦଇଁ ରାମ । ୬ ।
ସୂରକୁଳୋଦ୍ଭବ । ଭୂମିସୁତାଧବ ।
ଭୂଷିତ ବନ ଦାମ । ବନ୍ଦଇଁ ରାମ । ୭ ।
ନିର୍ଜର ସେବିତ । ବିକ୍ରମ ପୂଜିତ ।
ଦାନବକୁଳ ଭୀମ । ବନ୍ଦଇଁ ରାମ । ୮ ।

---

ଅରୁଣାଧର କନକାମ୍ବର କରୁଣାର୍ଣ୍ଣବ ମୂଦରେ ।
ବରୁଣାଳୟ ତନୁଜାପ୍ରିୟ କରୁଣାକର ତରରୋପ ।
ଶରଣାଗତ ଜନ ପାଳକ ଚରଣାଙ୍କିତ ଭଜ ହେ ।
ମରଣାନ୍ତକ ଭୟ ନାଶନ କାରଣ ତ ଚତୁର ହେ । ୧ ।
କମଳାସନ ବିନୁତାଖ୍ୟସୁ କମଳାମୁଖ ସୁଗ ହେ ।
କମଳାନନ ନତ ବିକ୍ରମ କମଳାମତ ହର ହେ । ୨ ।

---

ଶ୍ରୀରାଧା କୃଷ୍ଣାଭ୍ୟାଂ ନମଃ

ପାଙ୍କହାସ୍ତ୍ର ସୁବ୍ରଳା ବନ୍ଦିତ ଦ୍ରବ୍ୟ ପୀତପଟାବୃତ ।
ଦୀନ ଦାସ ବିଷାଦ ମୋଚନ ସୋମଭାସ୍କର ଲୋଚନ ।—
ମୌନି ପାଳମନୋବ ଶଙ୍କର ଦୁଷ୍ଟ ଦୈତ୍ୟ ଭୟଙ୍କର ।
ନୀଳ ନୀରଦଭା କଳେବର ରାଧିକାବର ପାହିମାଂ ।—
ଗୋପୀକାଜନ ଚିତ୍ତ ଚନ୍ଦନ ଗୋକୁଳାଧିପନନ୍ଦନ ।
ଘୋର ପାତକରାଶି ନାଶନ ନୂତନାମ୍ବୁରୁହାନନ ।—
ଯାମଳାର୍ଜୁନ ଭୂଜ ଭଞ୍ଜନ ସାମ୍ବ ମାନସ ରଞ୍ଜନ ।
ନୀଳ ନୀରଦଭା କଳେବର ରାଧିକାବର ପାହିମାଂ ।—
ବ୍ରହ୍ମଗର୍ବ ପୟୋଧି ଶୋଷଣ ରମ୍ୟ କୌସ୍ତୁଭ ଭୂଷଣ ।
ବେଣୁ ଗାନ କଳା ବିଶାରଦ ଜୀବ ଶାଶ୍ୱତ ମୋଦଦ ।—
ସାମ ଗାନ ବିଲୋଲ ମାନସ ପାଦ ନିନ୍ଦିତ ସାରସ ।
ନୀଳ ନୀରଦଭା କଳେବର ରାଧିକାବର ପାହିମାଂ ।—

---

ଅତସୀ ଚମ୍ପକ    ନୀଳ କୁବଳୟ    ଜବା ମଲ୍ଲିକା କୋରକ ।
ପୁଣ୍ଡରୀକ କଞ୍ଜ    ମୁକୁଳ ସବାସ    କୋକନଦ ପୁନ୍ନାଗକ ॥
ସଂଯୁତ ବିଚିତ୍ର    ବଲ୍ଲରୀ ଧରାରେ    ମନ୍ଦେ କର ବିହରଣ ।
ଯୋଗୀ ବିଯୋଗୀଙ୍କ    ନିଶ୍ଚଳ ଚଞ୍ଚଳ    ମାନସ କରେ ହରଣ ॥

—:୦:—

## ବସ୍ତ୍ରର ମାଳିକା

( ଅଷାଢ଼ ଶୁକ୍ଳବାଣୀ )

ଜୟ ବିପ୍ରଭବ ପ୍ରାଣଦାୟକ । ରବିଭବ ଘୋରଦଣ୍ଡ ମୋଚକ
ଶୁକ୍ଳସଲିଳଜଦଳଲୋଚନ । ଯଶୋମତୀ ପ୍ରମୋଦ ପ୍ରବର୍ଦ୍ଧନ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧ ।

ଆତ୍ମସ୍ୱରୂପ ପ୍ରଜାପତି ତାତ । ଅଙ୍ଗୀରସନୂତପାଦକଞ୍ଜାତ
ଜୟ ଶ୍ରୀମୁଖ ଶଶାଙ୍କ ଚକୋର । ଯୋଗିଜନ ଭାବତତ୍ତ୍ୱ ଗୋଚର
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୨ ।

ବାୟୁବାଳକ ସେବିତ ଚରଣ । ଜୟ ବିଧାତୃଗର୍ବ ସଂହରଣ
ଜଗଦୀଶ୍ୱର ସୁଦାମାର କଷ୍ଟ । ବହୁ ଧାନ୍ୟ ଧନରେ କଲ ନଷ୍ଟ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୩ ।

ଖଳପ୍ରମାଥୀ ତୁହି ଧର୍ମପାଇଁ । ନିବନ୍ଧନ ହିଂସା ତୋହଠେ ନାହିଁ
ବୃଷଧ୍ୱଜଜପିତନାମ ବର । ଚନ୍ଦ୍ରଭାନୁସୁତାବେଦ୍ଧ ସୋଦର
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୪ ।

ସ୍ୱଭାନୁଦୀପ୍ତସମସ୍ତ ଭୁବନ । ଘୋରଭବାବ୍ଧି ତାରଣ କାରଣ
ଦିନକରବଂଶପାର୍ଥିବବର । ନିରଞ୍ଜନ ଅବ୍ୟୟ ପରାତ୍ପର
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୫ ।

ହୁଏ ତୋ କୃପାପାତ୍ର ସର୍ବଜ୍ଞତ । ସର୍ବକର୍ତ୍ତା ସର୍ବଧାସ୍ତ ତୁହି ତ
ବାସକରେ ତୋ ବଚସଧୀ ନାକରେ । ହୁଏ ପ୍ରକୃଷ୍ଟ ବିକୃତ ତୋହରେ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୬ ।

ଖର ଦୂଷଣ ତ୍ରିମସ୍ତସୂଦନ । ଦଶରଥ ନୃପ ଜ୍ୟେଷ୍ଠ ନନ୍ଦନ
ବିଜୟିଦିବ୍ୟଶତାଙ୍ଗ ଚାଳକ । ପାଣ୍ଡୁ ତନୟ ଜୟସହାୟକ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୭ ।

ରୂପେ କୋଟିମନ୍ମଥଙ୍କୁ ଜିଣିଲ । ସୂର୍ପଣଖାକୁ ଦୁର୍ମୁଖୀ କରିଲ
ଚେଲଜିତହେମ ଲମ୍ବିତ ସର । ବିଲମ୍ବୀ ନ ଲଭେ ଫଳ କାର୍ଯ୍ୟର
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୮ ।

ଚିଦ୍‌ବିକାଶିକ ଶାର୍ବସ୍ୱତମର । ଦ୍ରବ୍ୟ ପରିଏ ତୁହି ଅଗୋଚର
ତୋର ନାମ ଭବାବ୍ଧିପ୍ଳବ ସତ । ମଧ୍ୟ ଶୁଭକୃତ ଶୋଭକୃତ ତ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୯ ।

କ୍ରୋଧୀ ହୁଡ଼େ ବିଶ୍ୱାମିତ୍ରବଧରେ । ବିଶ୍ୱବସୁ ବିଶ୍ୱାବସୁ ରୂପରେ
ଶତ୍ରୁକୁ ତୁ ପରାଭବ କରିଲ । ପ୍ଲବଙ୍ଗଙ୍କରେ ସେତୁ ବନ୍ଧାଇଲ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୦ ।

ଜ୍ଞାନଭକ୍ତିକର୍ମଙ୍କ କୀଳକକୁ । ଭଲେ ବୁଝାଇଲ ଧନଞ୍ଜୟକୁ
ସୌମ୍ୟରୂପେ କରୁ ଜଗତ୍ପାଳନ । ରୌଦ୍ରରୂପେ ତୁ କରୁ ତନ୍ନାଶନ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୧ ।

ଜ୍ଞାନୀଏ ବିନା ସାଧାରଣନରେ । ତୋତେ ଜାଣି ନ ପାରିଲେ ମୋହରେ
ତୁ ବିରୋଧିକୃତ୍‌ଦୋଷକ୍ଷମାକର । ତେଣୁ ବୋଲାଉଛୁ କ୍ଷମାସାଗର
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୨ ।

ତୁ ଅପରାଧାବିତ ବୃଷଭଙ୍କୁ । ବାନ୍ଧି ଘେନିଲ ସୁଦନ୍ତାହସ୍ତକୁ
ନୁହେ ପ୍ରମାଦୀ ତୋହର କିଙ୍କର । ସଚ୍ଚିଦାନନ୍ଦ ଧୃତ ଧରାଧର
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୩ ।

ରାକ୍ଷସକୁଳ ବନଦାବାନଳ । ପାତକ ତୂଳକରାଶି ପିଙ୍ଗଳ
ବିନତଜାଳ ସୁକ୍ତରେ ତାର୍କିକ । ତୋର ସ୍ତୁତିକି କରୁଥାଏ ଠିକ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୪ ।

ତୋ ଦାସ କରେ ସିଦ୍ଧାର୍ଥୀ ଜନକୁ । ରୌଦ୍ରୀ ଲଭଇ ନାହିଁ ମଙ୍ଗଳକୁ
ଦେବ ତୋ କୃପା ବିହୀନେ ଦୁର୍ମତି । କେବେ ହୋଇ ପାରେ ନାହିଁ ସୁମତି
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୫ ।

ହୋଇ ଆନକଦୁନ୍ଦୁଭିର ସୁତ । ବୋଲାଇଲ ତୁହି ଗଉଡ଼ ପୁତ
ରୁଧିରୋଦ୍ଗାରି କରି ମାରିଚକୁ । ପ୍ରେଷଣ କଲ ଦେବ ଭୁବନକୁ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୬ ।

ପୁଣ୍ଡରୀକାକ୍ଷ ରକ୍ତାକ୍ଷି ହୋଇଲ । ଯେଉଁ ସମୟେ କଂସକୁ ଦମିଲ
ନୋଧ ନ କରି ଭୃଗୁ ମୁନିଠାରେ । ପାଦଚିହ୍ନକୁ ବହିଲ ହୃଆରେ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୭ ।

ଉଚ୍ଚାରିତ ହେଲେ ତୋନାମ ଥରେ । ଜନ୍ମପରମ୍ପରାକୁ କ୍ଷୟ କରେ
ତୋ ପଦରେ ବିକ୍ରମବର୍ମାର୍ପିତ । ବସ୍ତ୍ରମାଳିକା ଗୀତ ପୂରିତ
ଇନ୍ଦିରାତୋଷଣ । ମଞ୍ଜୁଳକୌସ୍ତୁଭମଣିଭୂଷଣ । ୧୮ ।

## ଶ୍ରୀକୃଷ୍ଣ ପଞ୍ଚରତ୍ନ ସ୍ତୋତ୍ରଂ

ଶ୍ରୀଯଶୋଦାସୁତଂ । ଶ୍ୟାମନୀଳଦ୍ୟୁତିଂ । ପୂର୍ଣ୍ଣଚନ୍ଦ୍ରାନନଂ ।
ପୁଣ୍ଡରୀକେକ୍ଷଣଂ । ବଲ୍ଲବୀ ବଲ୍ଲଭଂ । ବେଣୁଗାନ ପ୍ରିୟଂ ।
ରାଧିକାରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୧ ।

କେଶବଂ ମାଧବଂ । କଂସ ବଂଶାନ୍ତକଂ । କୋଟିମାରପ୍ରଭଂ
ରାମପାଲାନୁଜଂ । ଗୋପିକାପ୍ରାଣଂ । ଗୋପଗୋପୀଶ୍ୱରଂ
ରାଧିକାରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୨ ।

ମଞ୍ଜୁପାଦାମ୍ବୁଜଂ । ମେରୁଧୀରଂହରଂ । ସ୍ୱର୍ଗନାଥାର୍ଚ୍ଚିତଂ
ସର୍ବଦେବେଶ୍ୱରଂ । ଦାୟ କଳ୍ପଦ୍ରୁମଂ । ଦାନବାରିଂ ବିଭୁଂ
ରାଧିକାରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୩ ।

ଅଚ୍ୟୁତଂ ଗୋପତିଂ । ଯାଦବେନ୍ଦ୍ରଂ ବିଧୁଂ । ପୀତବାସାନ୍ୱିତଂ
ପାପତୂଲାନଳଂ । ବିଶ୍ୱସୃଡ୍‌ବନ୍ଦିତଂ । ବେଦବେଦ୍ୟଂପରଂ
ରାଧିକାରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୪ ।

ବାମଦେବାର୍ଚ୍ଚିତଂ । ବାଞ୍ଛିତାର୍ଥପ୍ରଦଂ । ମନ୍ଦହାସାନ୍ୱିତଂ
ମୁକ୍ତିଦଂ ସୁନ୍ଦରଂ । ଶ୍ରୀଧରଂ ଭୂଧରଂ । ଶ୍ରୀକରଂ ବାମନଂ
ରାଧିକାରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୫ ।

ଇତି ଶ୍ରୀ ମଦ୍ୱିକ୍ରମଦେବବର୍ମ ବିରଚିତଂ ଶ୍ରୀକୃଷ୍ଣଚନ୍ଦ୍ରପଞ୍ଚରତ୍ନସ୍ତୋତ୍ରଂ ସମ୍ପୂର୍ଣ୍ଣଂ ॥

---

## ଶ୍ରୀରାଧିକାଧବ ପଞ୍ଚରତ୍ନ ସ୍ତୋତ୍ରଂ

ଶ୍ରୀଜନାର୍ଦ୍ଦନ । ସର୍ବକାରଣ । ନିଷ୍କଳଙ୍କ ନିରଞ୍ଜନ ।
ଦେବ କେଶବ । କୃଷ୍ଣମାଧବ । ଯାମଳାର୍ଜୁନଭଞ୍ଜନ ।
ନୀଳକନ୍ଧର । ପିଞ୍ଛଶେଖର । ପାର୍ବତୀପତି ରଞ୍ଜନ ।
ରାଧିକାଧବ । ଦୀନବାନ୍ଧବ । ପାହିମାଂ ଭବ ସାଗରାତ୍ । ୧ ।

ପୂର୍ଣ୍ଣରୁଷପ । ମଣ୍ଡଳାନନ । ଶ୍ରୀହରେ ମୁରଲୀଧର ।
ମାରମୋହନ । ନୀରଜେକ୍ଷଣ । ଗୋପିକା ପଟ୍ଟତସ୍କର ।
ଦେବ ପୂଜିତ । ପାଦପଙ୍କଜ । ପଦ୍ମନାଭ କୃପାକର ।
ରାଧିକାଧବ । ଦୀନବାନ୍ଧବ । ପାହିମାଂ ଭବ ସାଗରାତ୍ । ୨ ।
ରାମ ସୋଦର । ହାଟକାମ୍ବର । ଗୁଞ୍ଜହାର ସୁଶୋଭିତ ।
ବଲ୍ଲବୀମୁଖ । କଞ୍ଜଷଟ୍ପଦ । ଦାସ କାମ୍ୟଫଳ ପ୍ରଦ ।
ଦୈତ୍ୟ ଭୀକର । ମଙ୍ଗଳାକର । କୋଟିଦର୍ପକ ସୁନ୍ଦର ।
ରାଧିକାଧବ । ଦୀନବାନ୍ଧବ । ପାହିମାଂ ଭବ ସାଗରାତ୍ । ୩ ।
ମେରୁ ଭୂଧର । ଧୀର ଶଙ୍କର । ମୌନିମାନସ ଚନ୍ଦନ ।
ନିତ୍ୟ ନିର୍ମଳ । ଭକ୍ତବତ୍ସଳ । ନିର୍ବିକଳ୍ପ ନିରାମୟ ।
ସୃଷ୍ଟି ପାଳନ । ବିଶ୍ୱନାଶନ । ହେତୁ ଭୂତ ପରାତ୍ପର ।
ରାଧିକାଧବ । ଦୀନବାନ୍ଧବ । ପାହିମାଂ ଭବ ସାଗରାତ୍ । ୪ ।
ସୁରରକ୍ଷକ । ବୈରିମାରକ । ବିଷ୍ଟପାବଳୀ ନାୟକ ।
ମୁକ୍ତିଦାୟକ । ଦୁଃଖ ନାଶକ । ଘୋର ପାତକ ହାରକ ।
ନନ୍ଦବାଳକ । ପୂତନାନ୍ତକ । ରାସମଣ୍ଡଳ ମଧ୍ୟଗ ।
ରାଧିକାଧବ । ଦୀନବାନ୍ଧବ । ପାହିମାଂ ଭବ ସାଗରାତ୍ । ୫ ।

ଇତି ଶ୍ରୀ ମଦ୍ବିକ୍ରମଦେବବର୍ମଣା ବିରଚିତଂ ରାଧିକାଧବ ପଞ୍ଚରତ୍ନ ସ୍ତୋତ୍ରଂ ସମ୍ପୂର୍ଣ୍ଣଂ ।

---

## ଶ୍ରୀକୃପାମ୍ଭୋଧ୍ୟଷ୍ଟକଂ

ଶ୍ରୀ ସୀତାପ୍ରାଣନାଥୋ ବା ରାଧିକା ଚିତ୍ତବଲ୍ଲଭଃ ।
କୃପାବାରିନିଧିର୍ଭୂତ୍ୱା ପାତୁମାଂ ପାପପୀଡ଼ିତଂ । ୧ ।
କୋଶଳେଶ୍ୱର ପୁତ୍ରୋ ବା ଗୋପଭୂପତି ନନ୍ଦନଃ ।
କୃପାବାରିନିଧିର୍ଭୂତ୍ୱା ପାତୁମାଂ ପାପପୀଡ଼ିତଂ । ୨ ।

---

ରାଘବାନ୍ୱୟ ଦୀପୋ ବା ଯାଦବାନ୍ୱୟ ଭୂଷଣଃ ।
କୃପାବାରିନିଧିର୍ଭୂତ୍ୱା ପାତୁମାଂ ପାପପୀଡ଼ିତଂ । ୩ ।

କୋଦଣ୍ଡ କାଣ୍ଡ ହସ୍ତୋ ବା ବିଚିତ୍ର ମୁରଲୀଧରଃ ।
କୃପାବାରିନିଧିର୍ଭୂତ୍ୱା ପାତୁମାଂ ପାପପୀଡ଼ିତଂ । ୪ ।

ପୌଲସ୍ତ୍ୟ ଗୋତ୍ରହର୍ତ୍ତା ବା କଂସବଂଶ ବିନାଶକଃ ।
କୃପାବାରିନିଧିର୍ଭୂତ୍ୱା ପାତୁମାଂ ପାପପୀଡ଼ିତଂ । ୫ ।

ଯୋଗିଚିତ୍ତନିବାସୋ ବା ଗୋପୀମାନସମନ୍ଦିରଃ ।
କୃପାବାରିନିଧିର୍ଭୂତ୍ୱା ପାତୁମାଂ ପାପପୀଡ଼ିତଂ । ୬ ।

କିରୀଟ ଯୁକ୍ତମସ୍ତୋ ବା ଶିଖଣ୍ଡାନ୍ୱିତମସ୍ତକଃ ।
କୃପାବାରିନିଧିର୍ଭୂତ୍ୱା ପାତୁମାଂ ପାପପୀଡ଼ିତଂ । ୭ ।

ଦୂର୍ବାଦଳବର୍ଣ୍ଣୋ ବା ଶକ୍ରନୀଳସମପ୍ରଭଃ ।
କୃପାବାରିନିଧିର୍ଭୂତ୍ୱା ପାତୁମାଂ ପାପପୀଡ଼ିତଂ । ୮ ।

କୃପାମ୍ଭୋଧ୍ୟଷ୍ଟକଂ ଦିବ୍ୟଂ ସର୍ବପାପ ପ୍ରଣାଶନଂ ।
ରଚିତଂ ବିକ୍ରମେଶେନ ଭାରଦ୍ୱାଜେନ ଭକ୍ତିତଃ । ୯ ।

---

## ଶ୍ରୀ ସହିତାଷ୍ଟକଂ

ଗିରୀଶନନ୍ଦନୀଶୋ ବା କ୍ଷୀରାବ୍ଧିତନୟାବରଃ ।
ଶ୍ରୀଦେବୀ ସହିତୋ ଭୂତ୍ୱା ପାତୁମାଂ ଶରଣାଗତଂ । ୧ ।

ଧୃତଶାର୍ଦ୍ଦୂଳଚର୍ମୋ ବା ଧୃତହେମାମ୍ବରାବୃତଃ ।
ଶ୍ରୀଦେବୀ ସହିତୋ ଭୂତ୍ୱା ପାତୁମାଂ ଶରଣାଗତଂ । ୨ ।

ବାଜୀଭୂତ ମହୋକ୍ଷୋ ବା ବିହଙ୍ଗପତିବାହନଃ ।
ଶ୍ରୀଦେବୀ ସହିତୋ ଭୂତ୍ୱା ପାତୁମାଂ ଶରଣାଗତଂ । ୩ ।

କପର୍ଦ୍ଦଚନ୍ଦ୍ରଚୂଡ଼ୋ ବା କଣ୍ଠବରରାଜିତଃ ।
ଶ୍ରୀଦେବୀ ସହିତୋ ଭୂତ୍ୱା ପାତୁମାଂ ଶରଣାଗତଂ । ୪ ।

ଶୁଦ୍ଧସ୍ଫଟିକବର୍ଣ୍ଣୋ ବା ନବୀନଘନଦ୍ୟୁତିଃ ।
ଶ୍ରୀଦେବୀ ସହିତୋ ଭୂତ୍ୱା ପାତୁମାଂ ଶରଣାଗତଂ । ୫ ।

କପାଳ ଶୂଳହସ୍ତୋ ବା ଶଙ୍ଖଚକ୍ର ଗଦାଧରଃ ।
ଶ୍ରୀଦେବୀ ସହିତୋ ଭୂତ୍ୱା ପାତୁମାଂ ଶରଣାଗତଂ । ୬ ।

ସୂର୍ଯ୍ୟେନ୍ଦୁ ବହ୍ନିନେତ୍ରୋ ବା ପୁଣ୍ଡରୀକ ଦଳେକ୍ଷଣଃ ।
ଶ୍ରୀଦେବୀ ସହିତୋ ଭୂତ୍ୱା ପାତୁମାଂ ଶରଣାଗତଂ । ୭ ।

କୈଳାସ ନଗନାଥୋ ବା ବୈକୁଣ୍ଠପୁରନାୟକଃ ।
ଶ୍ରୀଦେବୀ ସହିତୋ ଭୂତ୍ୱା ପାତୁମାଂ ଶରଣାଗତଂ । ୮ ।

ଶ୍ରୀସହିତାଷ୍ଟକଂ ପୁଣ୍ୟଂ ତାପତ୍ରୟନିବାରଣଂ ।
ରଚିତଂ ଭକ୍ତି ଭାବେନ ଶ୍ରୀ ବିକ୍ରମେଶବର୍ମଣା । ୦ ।

---

## ଶ୍ରୀହରିକବଚ

ଶ୍ଳୋ—ଶିରୋମେଶ୍ରୀଧରଃପାତୁ ଲଲାଟଂ ଧରଣୀଧରଃ ।
ଲୋଚନେପୁଣ୍ଡରୀକାକ୍ଷଃ ଶ୍ରବଣେ ବିଷ୍ଟରଶ୍ରବାଃ ।
ନାସିକାଂ କେଶବ ପାତୁ ନୃହରିର୍ବଦନଂମମ ।
ଜିହ୍ୱାଂ ସର୍ବେଶପର୍ଯ୍ୟଙ୍କଃ ଶଙ୍ଖଚକ୍ର ଧରୋ ଗଳଂ ।
ବାହୁପାତୁ ଚତୁର୍ବାହୁ ର୍ଭକ୍ତସୌଖ୍ୟକରଃ କରୌ ।
ଗର୍ଭଂ ଦାମୋଦରଃ ପାତୁ ବକ୍ଷଃଶ୍ରୀବତ୍ସଲାଂଛନ ।
ନାଭିଂମେପଦ୍ମନାଭସ୍ତୁ ପୃଷ୍ଠଂମେ ପାତୁ ବାମନଃ ।
ଇନ୍ଦ୍ରାସ୍ତ୍ରାଣି ହୃଷୀକେଶୋ ଜାନୁମେ ମଧୁସୂଦନଃ ।

ଅଘାସୁରପରେ ଜଂଘେମମପାଦୌ ତ୍ରିବିକ୍ରମଃ ।
ସର୍ବାଂଗଂପାତୁମେ କୃଷ୍ଣଃ ଶ୍ରୀମତୀ ପ୍ରାଣବଲ୍ଲଭଃ ।
ଅନ୍ତରୀକ୍ଷେ ସ୍ଥଳେ ନୀରେ ପାତୁମାଂ ସର୍ବଦେଶଗଃ ।
ଦିବସେ ସୂର୍ଯ୍ୟମଧ୍ୟସ୍ଥଃ ରାତ୍ରୌ ରାତ୍ରିଞ୍ଚରାନ୍ତକଃ ।
ସନ୍ଧ୍ୟୟୋର୍ବାସୁଦେବସ୍ତୁ ପାତୁମାଂ ସର୍ବଦାହରିଃ ।
ଯେ ଚେଦଂ କବଚଂ ଦିବ୍ୟଂ ପଠନ୍ତି ଭକ୍ତିଭାବତଃ ।
ତେ ତରନ୍ତି ସୁଖେ ନୈବ ମହୋପଦ୍ରବସାଗରଂ ।

ଇତି ଶ୍ରୀ ବିକ୍ରମଦେବବର୍ମ ବିରଚିତଂ ଶ୍ରୀହରି କବଚଂ ସମ୍ପୂର୍ଣ୍ଣଂ ।

---

## ନବଗ୍ରହ ସଂଗ୍ରହ ସ୍ତବ

ନମଃସୂର୍ଯ୍ୟାୟ ସୂର୍ଯ୍ୟାୟ ନମଃ ଶୀତକରାୟତେ ।
ମଙ୍ଗଲାୟ ନମସ୍ତୁଭ୍ୟଂ ବୁଧାୟତେ ନମୋନମଃ ।
ଧୀଷଣାୟ ନମସ୍ତୁଭ୍ୟଂ ଶୁକ୍ରାୟ କବୟେ ନମଃ ।
ନମୋଽର୍କଜାୟ ମନ୍ଦାୟ ନମୋ ରାହୁଗ୍ରହାୟତେ ।
ନମୋଽସ୍ତୁକେତବେ ତୁଭ୍ୟ ମିତିସଂଗ୍ରହସଂସ୍ତବଃ ।
ଦୈନଂଦିନଂପଠେଦ୍ୟସ୍ତୁ ଗ୍ରହପ୍ରୀତିକରୋ ଭବେତ୍ ।

ଇତି ଶ୍ରୀ ବିକ୍ରମଦେବ ବିରଚିତୋ ନବଗ୍ରହସଂଗ୍ରହସ୍ତବଃ ସମାପ୍ତଃ ।

---

## ଶ୍ରୀରାମଚରିତ ଗୀତି

ଶ୍ଳୋ । ଶୃଙ୍ଗାରଂଧରଣୀସୁତା ବିହରଣେ ବୀରଂଧନୁର୍ଭଞ୍ଜନେ ।
କାରୁଣ୍ୟଂରଜାବନେଽଦ୍ଭୁତରସଂ ସିନ୍ଧୌପଥଃକଳ୍ପନେ ।
ହାସ୍ୟଂଛିନ୍ନବିଖଣ୍ଡନେ ଭୟକରଂ ବୀଭତ୍ସମଭ୍ୟାଗମେ ।
ରୌଦ୍ରଂରାବଣ ସୂଦନେଦ୍ୱିଜଜନେଶାନ୍ତଂବପୁଃପାତୁନଃ । ୦ ।

ଶୁଣ—ଶ୍ରୀରାମ କଥା ସୁଧାସ୍ଥାନକୁ ।
ପାପାଳି ଗାଢ଼ାନ୍ଧକାରେନକୁ । ପ ।
ତ୍ରେତା ଯୁଗେ ରକ୍ଷମାନେ ବଳି ।
ଦେବଙ୍କ ମହତ୍ତ୍ୱ ଦେଲେ ଡଳି । ୧ ।
ଦେବଙ୍କୁ ବଳେ କଲେ କିଙ୍କର
ତାହାଙ୍କ ଫୁଲ୍ଲହେଲା ଦୁର୍ଭର । ଶୁଣ । ୨ ।
ଦେବାଳି ଏକାସ୍ତରେ ବିଷ୍ଣୁକୁ ।
ଏମନ୍ତ ଜଣାଇଲେ ଦୁଃଖକୁ । ୩ ।
ସର୍ବେଶ ଅନନ୍ତ ଲକ୍ଷ୍ମୀବର ।
ଗୋବିନ୍ଦ ମୁକୁନ୍ଦ ଦାମୋଦର । ୪ ।
ଲଙ୍କେଶ-ଦେବାରି-ସେ ରାବଣ ।
ତା ତାପ ଅମାପ ନାରାୟଣ । ୫ ।
ଅମ୍ଭଙ୍କୁ ବଞ୍ଚାଅ ତାହା ଶୁଣି ।
ବୋଲେ ରମାକାନ୍ତ ଚିତ୍ତେ ଗୁଣି । ୬ ।
ମୁଁ ହେବି ମର୍ତ୍ତେ ଦଶସ୍ୟନ୍ଦନ ।
ଭୂପାଳ ଜ୍ୟେଷ୍ଠାସତୀ ନନ୍ଦନ । ୭ ।
ତୁମ୍ଭେ ହୁଅ ରୁଷ କୀଶାବଳୀ ।
ରକ୍ଷୋଗଣ ଦେବା ଅମ୍ଭେ ଦଳି । ୮ ।
ତାହା ଶୁଣି ମୋଦେ ଦେବେ ଗଲେ ।
ବନେ ପର୍ବତେ କ୍ରମେ ଜନ୍ମିଲେ । ୯ ।
ଶ୍ରୀକାନ୍ତ ରାମାକାରେ ରଜତ ।
ସେ ଭକ୍ତ ହେଲା କୈକେୟୀ ସୁତ । ୧୦ ।
ସର୍ପାଧିପ ହୋଇଲା ଲକ୍ଷ୍ମଣ ।
ସେ ଶଙ୍ଖ ଶତ୍ରୁଘ୍ନ ନାମେ ଘେନ । ୧୧ ।
ଲକ୍ଷ୍ମୀ ମିଥିଳାରେ ସୀତାକୃତ ।
ତେବେ ଗଲା ବର୍ଷ କେତେ ବିତ । ୧୨ ।
ବିଶ୍ୱାମିତ୍ର ରାମ ସୌମିତ୍ରିଙ୍କୁ ।
ନେଲା ଜଗିବାକୁ ତା ଯାଗକୁ । ୧୩ ।

ସୁବାହୁ ତା ମାତା ଶ୍ରୀରାମର ।
ବାଣେ ମରିଲେ ମାରୀଚ୍ଚାସୁର । ୧୪ ।
ପ୍ରଯାତ ପାରିବାରେ ହୋଇଲା ।
ସେ ଯାଗ ନିର୍ବିଘ୍ନରେ ପୂରିଲା । ୧୫ ।
ପରେ ମୁନି ବେନି ଭ୍ରାତା ତୁଲେ ।
ଗଲା ମିଥିଳାକୁ କୌତୁହଳେ । ୧୬ ।
ବାଟେ ରାମପାଦ ମାହାତ୍ମ୍ୟରେ ।
ଶିଳା ବାଳା ହେଲା ଆଶ୍ଚର୍ଯ୍ୟରେ । ୧୭ ।
ଶ୍ରୀରାମ ଗିରିଶ ବାଣାସନ ।
ମୃଣାଳ ପ୍ରାୟେ କଲା ଖଣ୍ଡନ । ୧୮ ।
ସୀତା ରାମଚନ୍ଦ୍ର-ବୀରେଶଙ୍କୁ ।
ସେ ମାଣ୍ଡବୀ କୈକେୟୀ ସୂନୁକୁ । ୧୯ ।
ସେ ଊର୍ମିଳା ଲକ୍ଷ୍ମଣାଖ୍ୟାତ୍ମଜଙ୍କୁ ।
କନ୍ୟା ଶ୍ରୁତକୀର୍ତ୍ତି ଶତ୍ରୁଘ୍ନଙ୍କୁ । ୨୦ ।
ଦଶ୍ରାନ୍ତେ ବିବାହ ହେଲା ପରେ ।
ଅଯୋଧ୍ୟା ସର୍ବେ ଗଲେ ମୋଦରେ । ୨୧ ।
ବାଟେ ଭୃଗୁରାମ ଗର୍ବାଚଳ ।
ଶ୍ରୀରାମ ବଜ୍ରରେ ହେଲା ଚୂର । ୨୨ ।
କୈକେୟୀର କାମନା ପୂରଣେ ।
ସୀତା ଲକ୍ଷ୍ମଣଙ୍କ ସଙ୍ଗେ ବନେ । ୨୩ ।
ଶ୍ରୀରାମ ବୁଲନ୍ତେ ତାରେ ଦୁଷ୍ଟ ।
ବିରାଧ କବନ୍ଧ ହେଲେ ନଷ୍ଟ । ୨୪ ।
ସେ ସୂର୍ପଣଖାର ନାକ କାନ ।
ଦେଲା କାଟି ଊର୍ମିଳା-ରଞ୍ଜନ । ୨୫ ।
ମାରୀଚ ଲଙ୍କେଶ ପ୍ରୋତ୍ସାହରେ ।
ସୁବର୍ଣ୍ଣ କୁରଙ୍ଗ ହେଲା ତରେ । ୨୬ ।
ଶ୍ରୀରାମ ସୌମିତ୍ରି ସୀତା ବୋଲେ ।
ତାହା ପଛେ ଖୋଜି ଗୋଡ଼ାଇଲେ । ୨୭ ।

ଲଙ୍କେଶ ସନ୍ୟାସୀ ରୂପେ ଧରି ।
ନେଲା ଜାନକୀଙ୍କି ଲଙ୍କାପୁରୀ । ୨୮ ।
ମାରୀଚଙ୍କୁ ମାରି ଭ୍ରାତା ତୁଲେ ।
ଶ୍ରୀରାମ ସୀତାଙ୍କୁ ଖୋଜେ ଭଲେ । ୨୯ ।
ସୀତେଶ ସୁଗ୍ରୀବ ହେଲେ ମିତ୍ର ।
ଇନ୍ଦ୍ରାତ୍ମଜ ରାମବାଣେ ହତ । ୩୦ ।
ସୁଗ୍ରୀବ କିଷ୍କିନ୍ଧା ରାଜା ହୋଇ ।
ଚେଷ୍ଟା କଲା ସୀତା ଖୋଜା ପାଇଁ । ୩୧ ।
ବାତାତ୍ମଜ ଲଙ୍ଘି ପାରାବାର ।
ଲଙ୍କାପୁରେ ଖୋଜେ ସୀତାକାର । ୩୨ ।
ସୀତାଙ୍କୁ ଅଶୋକାରଣ୍ୟେ ବନ୍ଦ ।
ସମୋଦନ୍ତ ଭାଷି ଅତ୍ୟାନନ୍ଦୀ । ୩୩ ।
କେତେ ଦାନବଙ୍କୁ ସେ ନାଶିଲା ।
ଲଙ୍କାପୁରୀ ଅଗ୍ନିରେ ପୋଡ଼ିଲା । ୩୪ ।
ତା ଠାରୁ ରାମ ବାର୍ତ୍ତା ଜାଣିଲା ।
ସେନା ସହିତରେ ଯାତ୍ରା କଲା । ୩୫ ।
ବିଭୀଷଣ ଅସି ରାମାଶ୍ରିତ ।
ହେଲା ସେତୁ ସାଗରେ ନିର୍ମିତ । ୩୬ ।
ସର୍ବେ ସିନ୍ଧୁ ପାରି ହେଲେ ଭଲେ ।
ଲଙ୍କାକୁ ପ୍ରତାପରେ ଧ୍ୱଂସିଲେ । ୩୭ ।
ଯୁଦ୍ଧେ ମେଘନାଦ ପ୍ରାଣୀବଳୀ ।
ସୁମିତ୍ରାଜ ବାଣ ଦେଲା ଗିଳି । ୩୮ ।
ରାମାସ୍ତ୍ରେ କୁମ୍ଭକର୍ଣ୍ଣାସୁର ।
କଲା ଦେବଲୋକରେ ମନ୍ଦିର । ୩୯ ।
ଲଙ୍କେଶ ପ୍ରାଣୀବଳୀ ମାରୁତ ।
ରାମାସ୍ତ୍ର ସର୍ପରେ ଭକ୍ଷିତ । ୪୦ ।
ଦୁଷ୍ଟାସୁରେ ସର୍ବେ ହେଲେ ହତ ।
ବିଭୀଷଣରେ ଲଙ୍କା ପାଳିତ । ୪୧ ।

ପର୍ଯ୍ୟଙ୍କିତା ଜାନକୀ ପାବକେ ।
ସର୍ବେ ବର୍ଷିଲେ ସୁଖେ ପୁଷ୍ପକେ । ୪୨ ।

ପ୍ରବେଶିଲେ ତରେ ସାକେତରେ ।
ସର୍ବେ ମଗ୍ନହେଲେ ଆନନ୍ଦରେ । ୪୩ ।

ହେଲେ ଅଭିଷିକ୍ତ ସୀତାରାମ ।
କଲେ ସୁତ ମାନବାଳି କ୍ଷେମ । ୪୪ ।

ଶ୍ରୀ ବିକ୍ରମ ଦେବ ଶିରୀବ୍ଜର ।
ଜପା ରଚ୍ଚ ପ୍ରାୟେ ସେ ଭାସୁର । ୪୫ ।

---

ଶ୍ଳୋ । ଶୃଙ୍ଗାରଂଖଲୁରାଧିକା ବିହରଣେ ବୀରଂବୃଷାବନ୍ଧନେ ।
କାରୁଣ୍ୟଂସୁଜନାବନେଽଭୂତରସଂଗୋବର୍ଦ୍ଧନୋଦ୍ଧାରଣେ ।
ହାସ୍ୟଂରୁକ୍ମି ପରାଭବେ ଭୟଂକରଂ ବିଭତ୍ସମ ଭ୍ୟାଗମେ ।
ରୌଦ୍ରଂରାକ୍ଷସମର୍ଦ୍ଦନେମୁନିଗଣେ ଶାନ୍ତଂ ବପୁଃ ପାତୁନଃ । ୦ ।

---

## ଶ୍ରୀ କେଶବ ଷୋଡଶୀ

ରାଗ—କୌଶିକ ।

( ରାଧା ଧର ସଖିଙ୍କର—ବୃତ )

କମଳଦଳ ଲୋଚନ । କଳି କଲୁଷ ମୋଚନ ।
କମନୀୟ ମୃଦୁକାୟ । କେଶବ ଜୟ ଏ । ୧ ।

ଖଗାଧିପତି ବାହାନ । ଖଚରଗଣ ପାଳନ ।
ଖମଣି ସୁତାନାୟକ । ଖଳ ନାଶକ ଏ । ୨ ।

ଗୋବର୍ଦ୍ଧନ ଗୋଵର୍ଦ୍ଧର । ଗୋବିନ୍ଦ କରୁଣାକର ।
ଗୋପାଳକୃଷ୍ଣ ଶ୍ରୀକର । ଗୋଲୋକେଶ୍ୱର ଏ । ୩ ।

ଘନକାନ୍ତି ଜିତକାଳ । ଘନତମାଳେନ୍ଦ୍ରନୀଳ ।
ଘଟନାଦି ମୁନିଧ୍ୟେୟ । ଘନେଶ ଜ୍ଞେୟ ଏ । ୪ ।

ନବନୀତାପହାରକ । ନରକାସୁରମାରକ ।
ନବନଳିନ ଲପନ । ନନ୍ଦନନ୍ଦନ ଏ । ୫ ।

ଚଞ୍ଚଳା ମାନସ ହର । ଚକ୍ର ବିରାଜିତ କର ।
ଚତୁର୍ମୁଖାର୍ଚ୍ଚିତ ସମ । ଚରଣୋତ୍ତମ ଏ । ୬ ।

ଛତ୍ରବିଳା ବିହରଣ । ଛତ୍ମାମୃଗଧରାନନ ।
ଛିଦ୍ର ଦାନବ ମସ୍ତ । ଛେଦନ ହସ୍ତ ଏ । ୭ ।

ଜଳଜ ପଦ ଯୁଗଳ । ଜବାକାନ୍ତି ପାଦତଳ ।
ଜନ ପ୍ରବର ରଞ୍ଜନ । ଜଗନ୍ମୋହନ ଏ । ୮ ।

ଝାଟ ବିହରଣ ରତ । ଝଷବରକେତୁ ତାତ ।
ଝଷାନଳତାପ ହର । ଝଷ ଶରୀର ଏ । ୯ ।

ନିଷ୍କଳଙ୍କ ନିର୍ବିକଳ୍ପ । ନିରଞ୍ଜନ ସର୍ପତଳ୍ପ ।
ନିର୍ବିକାର ହୃତପାପ । ନିତ୍ୟ ସ୍ୱରୂପ ଏ । ୧୦ ।

ଟସ୍କର ଗଉଡ଼ ଘର । ଟୋକୀ ଲୁଗାମାନଙ୍କର ।
ଟଙ୍କଧର ବିନୁବେଶ । ଟହକ ହାସ ଏ । ୧୧ ।

ଠାଣି ତୋ ତନୁ ପ୍ରକାର । ଠକଙ୍କର ଅଗୋଚର ।
ଠିକଣା ନାହିଁ ତୋହର । ଠାକୁର ମୋର ଏ । ୧୨ ।

ଡିଣ୍ଡିର ଜିଣା କିରତ । ଡୌଲ ପୂରଣ ମୂରତ ।
ଡମ୍ବରୁ ପରି ମଧ୍ୟମ । ଡରର ଯମ ଏ । ୧୩ ।

ଢଳଢଳ ଗୋଇଙ୍କର । ଢେମଣ ପୁଣି ତାଙ୍କର ।
ଢମାଳିରେ ତୁଷ୍ଟ ମନ । ଢମ ଗଞ୍ଜନ ଏ । ୧୪ ।

ଅପ୍ରମେୟ ଅଧୋକ୍ଷଜ । ଅଚ୍ୟୁତ ଅନନ୍ତ ଅଜ ।
ଅଖିଳ ଜଗଦାଧାର । ଅନେକାକାର ଏ । ୧୫ ।

ତପନ ଚନ୍ଦ୍ର ନୟନ । ତପସ୍ୱୀ ପ୍ରକମ୍ପନ ।
ତରଣୀକୁଳ ଭୂଷଣ । ତାପ ଶୋଷଣ ଏ । ୧୬ ।

ଥଙ୍କଳେ ତୋ ପଦେ ମନ । ଥୟ ହୁଏ ଏ ନିଦାନ ।
ଥଙ୍କିତ ହେଉ ମୋ ମତି । ଥଳଳ ସ୍ଥିତ ଏ । ୧୭ ।

ଦାମୋଦର ବାସୁଦେବ । ଦମିତ କ୍ରୂର ଦାନବ ।
ଦର୍ପକ କୋଟି ସୁନ୍ଦର । ଦୟାସାଗର ଏ । ୧୮ ।
ଧୀରାଳ ଦୁର୍ଜ୍ଞେୟ ତତ୍ତ୍ୱ । ଧ୍ୟାନ ଗୋଚର ମହତ୍ତ୍ୱ ।
ଧୂର୍ତ୍ତ କଂସ ପ୍ରାଣହର । ଧରଣୀଧର ଏ । ୧୯ ।
ନାରାୟଣ ଜନାର୍ଦ୍ଦନ । ନାକେଶ ଗର୍ବ ଭଞ୍ଜନ ।
ନାଗାଧୀଶ୍ୱର ବରଦ । ନତ ନାରଦ ଏ । ୨୦ ।
ପରଂବ୍ରହ୍ମ ପରାତ୍ପର । ପୌଲସ୍ତ୍ୟ ବଂଶାନ୍ତକର ।
ପରମ ପବିତ୍ର ନାମ । ପୁରୁଷୋତ୍ତମ ଏ । ୨୧ ।
ଫଣି ଫଣା ରଙ୍ଗସ୍ଥଳ । ଫୁଲ୍ଲାମ୍ବୁଜ କରତଳ ।
ଫଗୁ ତୋ ଓଷ୍ଠ ନିକଟେ । ଫଜିତ ଅଟେ ଏ । ୨୨ ।
ବଳି ସର୍ବସ୍ୱ ହାରକ । ବକତୁଣ୍ଡ ବିଦାରକ ।
ବୁଦ୍ଧ ବୈନତେୟ ଧ୍ୱଜ । ବଳାବରଜ ଏ । ୨୩ ।
ଭକ୍ତପାଶ ବଦ୍ଧ ଚୋର । ଭକ୍ତ ନ ଶୁଣେ ଯମର ।
ଭଇଁପଦଶ୍ଚ ଶବଦ । ଭଜନ ମୋଦ ଏ । ୨୪ ।
ମଞ୍ଚେ ଖଳଙ୍କୁ ଜନ୍ମାଇ । ମାରିବାକୁ ଜନ୍ମପାଇ ।
ମହାଭୂତ ନୀତ ଚୋର । ମନ୍ଦରଧର ଏ । ୨୫ ।
ଯଦୁକୁଳାବ୍ଧି ତପନ । ଯାମଳାର୍ଜୁନ ଭଞ୍ଜନ ।
ଯତି ହୃଦୟ ସଦନ । ଯମୀ ଭେଦନ ଏ । ୨୬ ।
ରାଧିକା ନୟନୋତ୍ପଳ । ରାକାସୁଧାଂଶୁମଣ୍ଡଳ ।
ରମ୍ୟ କୌସ୍ତୁଭ ଧାରକ । ରାସ ରସିକ ଏ । ୨୭ ।
ଲାଞ୍ଛିତ ଶ୍ରୀବତ୍ସ ଗାନ । ଲୋଲୁପ ମଧୁସୂଦନ ।
ଲକ୍ଷ୍ମୀ ରଞ୍ଜିତ ହୃଦୟ । ଲଙ୍କା ବିଳୟ ଏ । ୨୮ ।
ବ୍ରଜସ୍ତ୍ରୀନ୍ୟ ତୋତେ ଦେଲେ । ବାମା ମୁକତି ଲଭିଲେ ।
ବିଚିତ୍ର ଲୀଳା ତୋ ଗୀତ । ବିଶ୍ୱାଧିପତି ଏ । ୨୯ ।
ଶିବ କାର୍ମୁକ ଖଣ୍ଡନ । ଶିଖଣ୍ଡ ଶିରେ ଭୂଷଣ ।
ଶମ୍ପାସମ ଚେଲାବୃତ । ଶେଷ ସେବିତ ଏ । ୩୦ ।
ଷଡଙ୍ଗ ସହିତାଗମ । ଷଡ଼ଭଙ୍ଗ ଶାସ୍ତ୍ରାଗମ ।
ଷଡ୍ଗୁଣ ଗୁଣ ସଂଯୁତ । ଷଡ଼ାସ୍ୟନୂତ ଏ । ୩୧ ।

ସଙ୍କର୍ଷଣ ବେଣୁଧର । ସବାଙ୍କ ପରଶୁ କର ।
ସନାତନ ମୂଳକନ୍ଦ । ସଚ୍ଚିଦାନନ୍ଦ ଏ । ୩୨ ।

ହେମ କଶିପୁ ମାରଣ । ହତ ମ୍ଲେଚ୍ଛ ପାପିଗଣ ।
ହୃତ କିଙ୍କର ବୃଜିନ । ହସ୍ୟ ବଦନ ଏ । ୨୩ ।

କ୍ଷନ୍ତ ବିକ୍ରମଙ୍କ ଦୋଷ । କ୍ଷମାକର ହୃଷୀକେଶ ।
କ୍ଷୀର ସାଗର ମନ୍ଦର । କ୍ଷୁମନୋହର ଏ । ୩୪ ।

---

## ଶ୍ରୀକୃଷ୍ଣ ନକ୍ଷତ୍ରମାଳା

ରାଗ ଗୁଜ୍ଜରୀ । ଭାଗବତ ବାଣୀ ।

ଜୟ ଶ୍ରୀକୃଷ୍ଣ ନନ୍ଦନାନ । ନକ୍ଷତ୍ରମାଳା ମୋଦେ ଧେନ । ୧ ।
ମରାଳାଶ୍ୱିନୀ ନୂତନାମ । କାନ୍ତିବିଜିତ କୋଟି କାମ । ୨ ।
କୌସ୍ତୁଭ ଭରଣୀ ମୁକୁନ୍ଦ । କର୍ମ ଫଳଦ ଆନନ୍ଦକନ୍ଦ । ୩ ।
କୃତ୍ତିକା କୋଦର ମଣ୍ଡନ । ପୂଜିତ ଚରଣ ନଳିନ । ୪ ।
ରୋହିଣୀ ନକ୍ଷତ୍ର ସମ୍ଭୂତ । ପବିତ୍ର ସାମଗାନ ପ୍ରୀତ । ୫ ।
ମାନବ ମୃଗଶୀର୍ଷ ଧୃତ । ଶିଖଣ୍ଡ କଳାପ ଅଚ୍ୟୁତ । ୬ ।
କଣ୍ଠଶୋରସାର୍ଦ୍ରାପଘନ । ବିକଚ କମଳ ଲୋଚନ । ୭ ।
କୁଟେଲ ପୁନର୍ବସୁ ପ୍ରଦ । ନନ୍ଦିତ ପଲ୍ଲବ ଶ୍ରୀପଦ । ୮ !
କାନ୍ତିଦୂଷିତ ପୁଷ୍ୟ ରାଗ । ରକ୍ଷିତ ପୀଡ଼ା ଯୁତ ନାଗ । ୯ ।
ବ୍ରଜବନିତା ଶ୍ଳେଷାଦର । ପଙ୍କଜ ନାଭି ଦାମୋଦର । ୧୦ ।
ଭୀମ ଘାତୁକ ଜନପର । ଧୃତ ଗୋବର୍ଦ୍ଧନ ଭୂଧର । ୧୧ ।
ସୁଭଦ୍ରା ପୂର୍ବ ଫାଲ୍ଗୁନୀପ । ମୂଳସ୍ଥ ମନୋହର ରୂପ । ୧୨ ।
ଗୋବିନ୍ଦ ଅର୍ଘ୍ୟ ମାନ୍ୟବର । ମୁରଲୀ ଯୁକ୍ତ ବିମ୍ବାଧର । ୧୩ ।
ବଜ୍ରମତ୍ସ୍ୟାଦ୍ୟ ରେଖାବ୍ରାତ । ଶୋଭିତ ସୁହସ୍ତାମ୍ବୁଜାତ । ୧୪ ।
ଚିତ୍ରାଭ ବିଚିତ୍ର ଚରିତ । ସକଳ ଭୁବନ ପବିତ୍ର । ୧୫ ।
ପବନାଶନ ବରତଳ୍ପ । ନିଷ୍କଳ ନିତ୍ୟ ନିର୍ବିକଳ୍ପ । ୧୬ ।

ଲଳିତା ବିଶାଖା ପ୍ରଦତ୍ତ । ତାମ୍ବୁଲାସ୍ୱାଦାସକ୍ତ ଚିତ୍ତ । ୧୭ ।
ସୁଦାମ ମୈତ୍ର ଭବନାଶ । ରାଧାସ୍ୟ ନୀରଜ ଦିନେଶ । ୧୮ ।
ସକଳ ନାଗର କନିଷ୍ଠ । ଜ୍ୟେଷ୍ଠାଦ୍ଧ ଜ୍ୟେଷ୍ଠ ସର୍ବଶ୍ରେଷ୍ଠ ।୧୯।
ଅଚ୍ଚରଚର ମୂଳାଧାର । ଅଗାଧ ଜଳଧି ଗମ୍ଭୀର । ୨୦ ।
ପୂର୍ବାଷାଢ଼ାମ୍ବୁଦ ସମାନ ! ନୀଳ ଶରୀର ଭାସମାନ । ୨୧ ।
ରଚିତ ବିଷ୍ଣୁ ଦେବଗଣ । ସମସ୍ତ କାରଣ କାରଣ । ୨୨ ।
ମୁଖାଭିଜିତ ସୁଧାକର । ଅବୃତ ଦିବ୍ୟ ପୀତାମ୍ବର । ୨୩ ।
ଶ୍ରବଣାଙ୍କିତ ସୁକୁଣ୍ଡଳ । ନିର୍ଜିତ ତପନ ମଣ୍ଡଳ । ୨୪ ।
ମୋକ୍ଷ ଧନଦ ଜନାର୍ଦ୍ଦନ । ତପସ୍ୱିମାନସ ସଦନ । ୨୫ ।
ଚତୁଃଶତାଳଯୂଥ ନାୟକ । କିଙ୍କର ସଙ୍କଟ ହାରକ । ୨୬ ।
ଦେବ ଅପୂର୍ବ ଭାଦ୍ରପଦ । ବାରଣ ବିର ମଙ୍ଗଳଦ । ୨୭ ।
ବେଦ ଶଗାଙ୍କ ଲୋକୋତ୍ତର । ଭାଦ୍ରପଦାଗାର ଶ୍ରୀଧର । ୨୮ ।
ରେବତୀ ମନୋହରାନୁଜ । ଶମିତ ଦୁଷ୍ଟାସୁରବ୍ରଜ । ୨୯ ।
ଜୟ ବନମଦେବ ବର । ମାନସ ସାରସ ଭ୍ରମର । ୩୦ ।

---

## ଶ୍ରୀଧର ନବରତ୍ନମାଳା

ରାଗ କଉଶିକ । ମୁନବର ବାଣୀ

( କୁସୁମ ଗୁଙ୍ଗଡ଼ା କରେ—ପ୍ରଭ )

ପାଦପଦ୍ମ ରାଗଜିତ । ବାଳପଦ୍ମିନୀ ଦୟିତ ।
ମୁଖଜିତ ସୁଧାକର । ଜୟ ଶ୍ରୀଧର ହେ । ୧ ।

ଦେବକୀ ଗର୍ଭ ଶାମ୍ବୁକ । ମୁକ୍ତାଫଳ ଶ୍ରୀନାୟକ ।
ରୂପଜିତ କୋଟି ସ୍ମର । ଜୟ ଶ୍ରୀଧର ହେ । ୨ ।

ମୃତ ବିପ୍ର ବାଳ ଜୀବ— । ଦାୟକ ଦେବାଧିଦେବ ।
ଗୋପୀ ଚିତ୍ତ ବିତ୍ତ ହର । ଜୟ ଶ୍ରୀଧର ହେ । ୩ ।

ଽ ଅମରକଳ୍ପିତ ଫଳ । ଅସୁର ସନ୍ତତି କାଳ ।
ପାଳିତ ମୁନି ପ୍ରକର । ଜୟ ଶ୍ରୀଧର ହେ । ୪ ।

କୀର୍ତ୍ତିକାନ୍ତ ପୁଷ୍ପରାଗ । ରଞ୍ଜିତ ମହାର୍ଘ ନାଗ ।
ସଂବେଷ୍ଟିତ ପୀତାମ୍ବର । ଜୟ ଶ୍ରୀଧର ହେ । ୫ ।

ବଜ୍ରଧର ଗଦାଧର । ଚୂର୍ଣ୍ଣ କରଣ ଭିଦୁର ।
ରାଧାସ୍ୟ କଞ୍ଜ ଭ୍ରମର । ଜୟ ଶ୍ରୀଧର ହେ । ୬ ।

ନୀଳ ଲୋହିତ ବନ୍ଦିତ । ସାମବେଦ ଗାନ ରତ ।
ମୋହନ ମୁରଲୀଧର । ଜୟ ଶ୍ରୀଧର ହେ । ୭ ।

ବିପ୍ର ଗୋମେଷ ରକ୍ଷକ । କର୍ମଫଳ ବିଧାୟକ ।
କରଧୃତ ଧରାଧର । ଜୟ ଶ୍ରୀଧର ହେ । ୮ ।

ପାପ ବିଦୁର ଜନକ । ପୁତ୍ରିକା ପ୍ରାଣ ନାୟକ ।
ବିନତ ବିକ୍ରମେଶ୍ୱର । ଜୟ ଶ୍ରୀଧର ହେ । ୯ ।

——✱——

## ଗୋପାଲ ନବଗ୍ରହ ମାଳା

ରାଗ କଳ୍ୟାଣ । ମୁନିବର ବାଣୀ

( ରାଧା ଧର ସଖୀକର—ବୃତ୍ତ )

ଘୋରାସୁର ବିନାଶକ । ନିର୍ଜର ବୃନ୍ଦପାଳକ ।
ଜିତାର୍କ ସୁଧାଂଶୁ ଭାଲ । ଜୟ ଗୋପାଳ ହେ । ୧ ।

ନକ୍ରେଶ ଶୀର୍ଷ ଛେଦକ । ହସ୍ତୀ ମୋକ୍ଷ ସନ୍ଧାୟକ ।
କାନ୍ତି ଜିତ ଶକ୍ରନୀଳ । ଜୟ ଗୋପାଳ ହେ । ୨ ।

କୁଜନ ଦୂର ସୁଜନ— । ଗଣ ହୃଦୟ ସଦନ ।
ଭକ୍ତ ସଂକୀର୍ତ୍ତନ ଲୋଲ । ଜୟ ଗୋପାଳ ହେ । ୩ ।

ବିବୁଧ ସମୂହ ଗୀତ । ପୂତନାମାବଳୀ ଖ୍ୟାତ ।
ସଂରକ୍ଷିତ ଦାସ ଜାଲ । ଜୟ ଗୋପାଳ ହେ । ୪ ।

ରାଧାନନ ସୁଧାକର । ଜୀବଞ୍ଜୀବ ଦାମୋଦର ।
ଧୃତ ରମ୍ୟ ପୀତଚେଲ । ଜୟ ଗୋପାଳ ହେ । ୫ ।
ପୁରାନ୍ତକ ବନ୍ଧୁ ସ୍ତୁତ୍ୟ । ନିର୍ବିକାର ନିତ୍ୟ ସତ୍ୟ ।
ମଣ୍ଡିତ ସୁଗୁଣ ଶୀଳ । ଜୟ ଗୋପାଳ ହେ । ୬ ।
ମୁନୀଶନୀରଯାବନ । ପରାତ୍ପର ଜନାର୍ଦ୍ଦନ ।
ଦୁଷ୍ଟ ଶିଶୁପାଳ କାଳ । ଜୟ ଗୋପାଳ ହେ । ୭ ।
ପାତକତମୋ ଭାସ୍କର । ଭବାବ୍ଧି ନାବିକ ବର ।
ବିଭଞ୍ଜିତାର୍ଜୁନସାଲ । ଜୟ ଗୋପାଳ ହେ । ୮ ।
ମକରକେତୁ ଜନକ । ନିତ୍ୟାନନ୍ଦ ପ୍ରଦାୟକ ।
ଶ୍ରୀବିକ୍ରମଦେବ ପାଳ । ଜୟ ଗୋପାଳ ହେ । ୯ ।

---

## ମତ୍ତକୋକିଳ ଶ୍ଳୋକ

ରାଗିଣୀ ହିନ୍ଦୁସ୍ଥାନୀ ଭୈରବୀ ।

ଅଦ୍ଧାତାଳ ।

ରାଧିକାମୁଖକଞ୍ଜଭାସ୍କର ବିମସୋଦର ପାହିମାଂ ।
ଭକ୍ତହୃତ୍କମଳଜାତମନ୍ଦର ଭର୍ବ୍ବସୁନ୍ଦର ପାହିମାଂ । ୧ ।
ଗୋପିକାବସନାଳିତସ୍କର ଗୋଷ୍ଠସଞ୍ଚର ପାହିମାଂ ।
ପୂତନାଦିନିଶାଚରାସୁର ପୂତନାହର ପାହିମାଂ । ୨ ।
ଶାରଦାମ୍ବରମଣ୍ଡଳାନନ ଶାନ୍ତକେତନ ପାହିମାଂ ।
ପଙ୍କସମ୍ଭବପତ୍ରଲୋଚନ ପଙ୍କମୋଚନ ପାହିମାଂ । ୩ ।
ରାସମଣ୍ଡଳମଧ୍ୟଶୋଭନ ରାଣିଭୂଷଣ ପାହିମାଂ ।
ଦାରୁଣାମରବୈରିସୂଦନ ଦାସପାଳନ ପାହିମାଂ । ୪ ।
କଞ୍ଜଜାଦିସୁପର୍ବରକ୍ଷକ କଷ୍ଟହାରକ ପାହିମାଂ ।
ଗୋପଦର୍ପବିଲୋପକାରକ ଗୋପବାଳକ ପାହିମାଂ । ୫ ।

ଗୋପିକେକ୍ଷଣମୋଦଦାୟକ ଗୋତ୍ରଧାରକ ପାହିମାଂ ।
ବିକ୍ରମେଶ୍ବରଦୁଃଖନାଶକ ବିଶ୍ବପୋଷକ ପାହିମାଂ । ୬ ।

---

## ଶ୍ରୀ ଚୈତନ୍ୟଶ୍ରେଷ୍ଠତ୍ୱ

ରାଗ ବରାଡ଼ି ।

ଆଷାଢ଼ଶୁକ୍ଳବାଣୀ ।

ହେ ନବଦ୍ୱୀପଶଶାଙ୍କ ଗୌରାଙ୍ଗ । ଭକ୍ତହୃଦୟ ତାମରସ ଭୃଙ୍ଗ ।
ତୁମ୍ଭ ସମେ କେଉଁ ଦେବ ଅଛନ୍ତି । ତ୍ରିମୂର୍ତ୍ତିରେ ବିଷ୍ଣୁ ଶ୍ରେଷ୍ଠ ବୋଲନ୍ତି ।
ତାଙ୍କ ଅବତାର । ମାନଙ୍କେ ଗୁରୁ ରାମ ବେଣୁଧର । ୧ ।

ଶୁଣ ଶ୍ରୀରାମ ଯେତେ କଥା କଲେ । ବିଶ୍ୱାମିତ୍ରଙ୍କ ଯଜ୍ଞକୁ ରଖିଲେ ।
ଶିଳାକୁ ସୁଶୀଳା ସ୍ୱରୂପ କରି । ସୁଗ୍ରୀବକୁ ଦେଲେ କିଷ୍କିନ୍ଧ୍ୟାପୁରୀ ।
ପାଣିରେ ପଥର । ଭସାଇ ବିଧ୍ୱଂସିଲେ ଲଙ୍କାପୁର । ୨ ।

ବିଭୀଷଣକୁ ଲଙ୍କା ରାଜ୍ୟ ଦେଇ । ସୀତାଙ୍କୁ ଅଗ୍ନିପରୀକ୍ଷା କରାଇ ।
ମରିଥିଲା ସୈନ୍ୟକୁ ଜିଆଁଇଲେ । ମାରୁତିଙ୍କି ବ୍ରହ୍ମା ହେବୁ ବୋଇଲେ ।
ଦେଇ ଭୂମିଧନ । ତୋଷିଲେ ବହୁ ଦରିଦ୍ର ବ୍ରାହ୍ମଣ । ୩ ।

ଆବର ଅଯୋଧ୍ୟାଚରାଚରଙ୍କୁ । ଦେଲେ କାରଣ ବୈକୁଣ୍ଠସ୍ଥାନକୁ ।
ସେ ନା ବିରଜାନଦୀ କି ଡିଆଁଇ । ନ ପାରିଲେ ହେ ଚୈତନ୍ୟଗୋସାଇଁ ।
ପାପତୃଣାନଳ । ଆଶ୍ରିତପଞ୍ଚଜନକଳ୍ପ ସାଳ । ୪ ।

କହିବି କୃଷ୍ଣ କଲା କାର୍ଯ୍ୟମାନ । ଦେଖିଣ କଲେ କୋଳକୁ କାଞ୍ଚନ ।
ଯଶୋଦାନନ୍ଦଙ୍କୁ ଆନନ୍ଦୀ କରି । ଗୋପୀଙ୍କି ତୋଷିଲେ କେଳି ଆଚରି ।
କୁବୁଜାକୁ ହରି । କରୁଣାରେ କଲେ ଦିବ୍ୟସୁନ୍ଦରୀ । ୫ ।

ବନ୍ଦରୁ ମାତାପିତା ମୁକୁଳାଇ । ମଥୁରା ଉଗ୍ରସେନ କରେ ଦେଇ ।
ଗୁରୁପତ୍ନୀଙ୍କ ମଲା ପୁଅ ଦେଲେ । ସୁଦାମାଦରିଦ୍ରକୁ ଧନୀ କଲେ ।
ପଣ୍ଡୁକୁମାରଙ୍କୁ । ଦେଲେ ହସ୍ତିନାପୁର ସମ୍ପଦକୁ । ୬ ।

ମୁଚକୁନ୍ଦକୁ ତପସ୍ୟା ବତାଇ । କାମ୍ୟବରମାନ ବଦୁରେ ଦେଇ ।
ଉଦ୍ଧବକୁ କହି ଯତନେ ଜ୍ଞାନ । କଲେ ଦୁଷ୍ଟନାଶ ଶିଷ୍ଟପାଳନ ।
ସେ କାହାକୁ ହେଲେ । ଗୋଲକେ ବାସ ଦେଇ ନ ପାରିଲେ ॥
'ନହ ଦେବ ତୁମ୍ଭର ଦାସଜନଙ୍କୁ । ହେଲେ ଦେଇଛ ଗୋଲକ ବାସକୁ
୯ଣୁ ଅଟ ତୁମ୍ଭେ ସର୍ବ ଦେବେଶ । ତୁମ୍ଭ ପାଦପଦ୍ମେ ମୋହର ଆଶ ।
ବିକ୍ରମ ବନ୍ଦିତ । ମୋରେ କୃପାକର ଖଣ୍ଡି ଦୁରିତ । ୮ ।

---

ରାଗିଣୀ ଝିଞ୍ଜୋଟ—ଅଦ୍ଧତାଳ ।

( ରସମାନସ—ସ୍ତୁତି )

ଶ୍ଳୋ । ଶରଣାଗତଜନପାଳକ ଚରଣାର୍ଚ୍ଚିତକଞ୍ଜହେ ।
ମରଣାଦ୍ୟଖିଳଭୟସଞ୍ଚୟହରଣାଧିକବଳହେ ।
ଅରୁଣାଧର ଜନକାମ୍ବର ପୁରୁଣାପରଜନରେ ।
ବରୁଣାଳୟତନୁଜାପ୍ରିୟ କରୁଣାକର ତରରେ । ୦ ।

---

ରାଗିଣୀ ମୋହନା । ତାଳ ମିଶ୍ରରୂପ ।

ଧନ ତେଉଁର ସୁଖକି । ଶ୍ରୀହରି ଚରଣ ତେର ସୁଖକି । ପଦ ।
ମନଭଲେ ବୁଝି ନାହିଁ କାହିଁକି । ଧନ ।
କ୍ଷୀର ଶର୍କରାଳ ଭୋଜନ ସୁଖକି ।
ନୀରଜାକ୍ଷ ନାମ କୀର୍ତ୍ତନ ସୁଖକି । ଧନ । ୧ ।
ଦାରପୁତ୍ର ପୌତ୍ର ମେଳନ ସୁଖକି ।
ଶ୍ରୀରମେଶ ଭକ୍ତ ମିଶ୍ରଣ ସୁଖକି । ଧନ । ୨ ।
ଅସ୍ଥିର ପ୍ରପଞ୍ଚ ସେବନ ସୁଖକି ।
ସୁସ୍ଥିରଚ୍ୟୁତାଙ୍ଘ୍ରି ବନ୍ଦନ ସୁଖକି । ଧନ । ୩ ।
ଶନ୍ଦଭୋଗ ସଞ୍ଚୟାର୍ଜନ ସୁଖକି ।
ବିକ୍ରମାର୍ଚ୍ଚିତେଶ୍ୱରାର୍ଚ୍ଚନେ ସୁଖକି । ଧନ । ୪ ।

---

ରାଗିଣୀ ନାଥନାମାକ୍ରିୟା—ଅଦ୍ଧତାଳ

( ଓ ନବାନାଗରକେ—ପ୍ରତି )

ନାହିଁ ନାହିଁ ଡଲେ । ମୁକ୍ତି ଭାବିଲେ । ପଦ ।
ପ୍ରାତଃ ସମୟରେ । କାକର ପାଣିରେ ।
ପାଣିକୁଅଁ ପରି ବୁଡ଼ିଲେ ହେଲେ । ନାହିଁ । ୧ ।
ପାଉଁଶେ ଧୂସର । ହୋଇ ବୃକ୍ଷ ଖର ।
ଖାତରେ ଚର୍ମରେ ଗଡ଼ିଲେ ହେଲେ । ନାହିଁ । ୨ ।
ନାମରେ ଭାଲକୁ । ଛାପରେ ଦେହକୁ ।
ମଣ୍ଡି ବାଘ ପରି ଦିଶିଲେ ହେଲେ । ନାହିଁ । ୩ ।
କଣ୍ଠାକୁ ମୁଣ୍ଡରେ । ଦାଡ଼ିକି ଥୋଡ଼ିରେ ।
ପୋଷି ଭାଲୁ ପରି ବୁଲିଲେ ହେଲେ । ନାହିଁ । ୪ ।
ଗୋଟି ଗୋଟି ଧରି । ମାଳା ଲେଖାକରି ।
ଗୋମୁଖୀ ଝୋଲିରେ ଜପିଲେ ହେଲେ । ନାହିଁ । ୫ ।
ହୋଇ ଜ୍ଞାନ ଯୁତ । ବିକ୍ରମ ବଦତ ।
ହରିରେ ଶରଣାପନ୍ନ ନୋହିଲେ । ନାହିଁ । ୬ ।

---

ରାଗିଣୀ କଲ୍ୟାଣୀ—ଅଦ୍ଧତାଳ

( ତାଣ୍ଡବନୃତ୍ୟ—ପ୍ରତି )

ହୀରକନିଭଦେହଂ । ଭଜାମ୍ୟହଂ । ପଦ ।
ମୌନିଗଣାର୍ଚ୍ଚିତଂ । ନିର୍ଜର ସେବିତଂ ।
ବାରଣମୁଖ ତାତଂ । ୧ ।
ଗୋପତି ବାହନଂ । ପାବକ ଲୋଚନଂ ।
ଭୂମିଧର ସୁତେଶଂ । ୨ ।
ପନ୍ନଗ ଭୂଷଣଂ । ପାତକ ଶୋଷଣଂ ।
ମାରତ ସୁମ-ବାଣଂ । ୩ ।

ତାଣ୍ଡବ ଲ୍ଲସଂ । ଚକୋମଲ ମାନସଂ
ଧାର ଧର ନିବାସଂ । ୪ ।
ଅନ୍ଧକ ନାଶକଂ । ବିକ୍ରମ ପାଳକଂ ।
ପାଣିଧୃତ ପିନାକଂ । ଭଜାମ୍ୟହଂ । ୫ ।

---

ରାଗିଣୀ ବେହାଗ । ରୂପକ ତାଳ ।
( ଜୟତି ତେଽଧିକଂ—ପ୍ରଭୃତି )
ପାହି ଶଙ୍କରି । ପାଟଳାଧରି ।
ପାହିମାଂ ସମସ୍ତ ନିର୍ଜର ଭୟଙ୍କରି । ପଦ ।
କଞ୍ଜ-ଲୋଚନା । କଷ୍ଟ-ମୋଚନା ।
ରୁରୁଶାରଦାମ୍ବୁଜାତଶାନ୍ତବାନନା । ୧ ।
ସର୍ବମଙ୍ଗଳେ । ଭକ୍ତବତ୍ସଳେ ।
ମତ୍ତଭୃଙ୍ଗଜାଲ ନୀଲ ଦୀର୍ଘ କୁନ୍ତଳେ । ୨ ।
ପାପହାରିଣି । ଶୂଳଧାରିଣି ।
କ୍ରୂରଦାନବାଳି-ଗର୍ବ-ଖର୍ବ-କାରିଣି । ୩ ।
ସିଂହବାହନା । ଶମ୍ଭୁମୋହନା ।
ବିକ୍ରମେଶ ଚିତ୍ତ ନୀରଜାତ ବାସିନା । ୪ ।

---

## ପଲ୍ଲବୀ

ସୁର ରକ୍ଷକ ଜିତ ରାକ୍ଷସ ନର ପକ୍ଷ ସରସିଜାକ୍ଷ ।
ବିମତ ଶିକ୍ଷଣ ବହୁଦକ୍ଷ ଦାସ ମୋକ୍ଷଦାୟକ ॥

ରାଗ ନାଟକୁରଙ୍ଗୀ । ଅଦ୍ଧ ତାଳ ।

( ନ ଭାଙ୍ଗରେ ଶୁଭାଙ୍ଗି—ପ୍ରଭ )

ଚେଜ ସବ ମାନସ । ଭଜ ହୃଷୀକେଶକୁ । ପଦ ।
ଦ୍ୱିଜରାଜ ଶ୍ରୀମୁଖୀ । ବ୍ରଜବଧୂଜାରକୁ । ଚେଜ ।
ଶ୍ରୀନାରଦ ସୁତାଦ୍ଧ । ମୁନିସ୍ତୁତ୍ୟ ଦେବକୁ ।
ଭାନୁ ନରେଶାତ୍ମଜା । ମନୋଧନ ହାରକୁ । ୨ ।
ସ୍ମରହର ମାନସ । ସାରସ ସମ୍ପ୍ରାଶ୍ୱକୁ ।
ହରହସ୍ତାଜାର୍ଚ୍ଚିତ । ନୀରଜ ପ୍ରପାଦକୁଁ । ୨ ।
ନନ୍ଦ ହୃଦୟାନନ୍ଦ । ସିନ୍ଧୁ ପୂର୍ଣ୍ଣ ସୋମକୁ ।
ବୃନ୍ଦାରକ ବନ୍ଦିତ । ବୃନ୍ଦା ବିପିନେଶକୁ । ୩ ।
ନୀଳମଣି ଶ୍ୟାମଳ । ଲଳିତ ଶରୀରକୁ ।
କଳିତାପକାର୍ପାସ । ପ୍ରଳୟାଗ୍ନିସ୍ୟାଶକୁ । ୪ ।
ସବ ଗୋପିକା ଗୃହ । ନବନୀତ ଚୋରକୁ ।
ରବିକୁଳ ସମ୍ଭବ । ଶ୍ରୀ ବିକ୍ରମପାଳକୁ । ୫ ।

---

ରାଗିଣୀ ଭୂପାଳ । ଅଠତାଳ ।

( ସାମୀଲେ ଆସ୍ତା—ପ୍ରଭ )

ଦେବ ଉଠ ହେ । ପଦ ।
ଦେବଗଣାର୍ଚ୍ଚିତ । ଚନ୍ଦନଚର୍ଚ୍ଚିତ ।
ନୀଳାଙ୍ଗଶୋଭିତ । ଉଠ ହେ । ଦେବ ।
କୋକେ ବିରାଜିଲେ । ସାରସେ ଚେତିଲେ
ସାରଙ୍ଗ ଚୁମ୍ବିଲେ ଉଠ ହେ । ୧ ।
କାକେ ତ ରାବିଲେ । ଇନ୍ଦ୍ର ଦିଶାଚଲେ
ଭାନୁ ପ୍ରକାଶିଲେ ଉଠ ହେ । ୨ ।

ଶ୍ରୀମତୀନାୟକ | ଗୋଗଣପାଳକ |
ଗୋପବିହାରକ ଜୟ ହେ |
କାମପାଳାନୁଜ | ବସୁଦେବ ତ୍ମଜ |
ଦ୍ୱିଜପ୍ରିୟାତ୍ମଜ ଜୟ ହେ | ୨ |
ପାତକଶୋଷଣ | କୌସ୍ତୁଭଭୂଷଣ |
ପୁଣ୍ୟସଂପୋଷଣ ଜୟ ହେ |
ଶୀତଳସ୍ୱନନ | ସଜ୍ଜନରଞ୍ଜନ |
ଅର୍ଜୁନଭଞ୍ଜନ ଜୟ ହେ | ୩ |
ଶକଟଗଦାନ୍ତକ | ଦାନବମାରକ |
ଧର୍ମସଂରକ୍ଷକ ଜୟ ହେ |
ବିକ୍ରମ କିଙ୍କର | ଚିତ୍ତାବ୍ଜଭାସ୍କର |
ଧୃତପୀତାମ୍ବର ଜୟ ହେ | ୪ |

---

ରାଗିଣୀ ବେହାଗ—ରୂପକତାଳ

( 'ଜୋବାମାମୋହଲ୍ଲକ—ପ୍ରଭ )

ଜୟ ତୁ ରାଧାବର | ଶ୍ରୀକର | ପଦ |
ବେଦଚୈର ଖଳ | ଶଙ୍ଖାସୁରକାଳ |
ବରମୀନାବତାର | ଶ୍ରୀକର | ୧ |
ସଚରାଚର | ପ୍ରପଞ୍ଚଧର |
ଧୃତକମଠାକାର | ଶ୍ରୀକର | ୨ |
ସୁରପତପର | ହିରଣ୍ୟାକ୍ଷହର |
ଆଦିପଙ୍କଶୂକର | ଶ୍ରୀକର | ୩ |
ହୃତଦେବବପୁ | ହିରଣ୍ୟକଶିପୁ |
ନୃହରିକେଶରୀଶରୀର | ଶ୍ରୀକର | ୪ |
ସ୍ୱୀକୃତାସୁରେନ | ଦତ୍ତରସାଦାନ |
ବିବିଧବାମନାବତାର | ଶ୍ରୀକର | ୫ |

କ୍ରୂର ନୃପକୁଳ— । ବନଦାବାନଳ ।
ଘୋରପରଶୁଧର । ଶ୍ରୀକର । ୬ ।
ରାବଣଦନୁଜ— । କଜମଣ୍ଡଗଜ ।
ଜାନକୀପ୍ରାଣେଶ୍ୱର । ଶ୍ରୀକର । ୭ ।
ରେବତୀ ଲୋଚନ— । ଚକୋର କୌଶୀନ ।
ହଳମୂଷଳଧର । ଶ୍ରୀକର । ୮ ।
ଅତ୍ୟନ୍ତ ଦୂଷିତ— । ଯଜ୍ଞପଶୁଘାତ ।
ଶ୍ରୀବୁଦ୍ଧ କଳେବର । ଶ୍ରୀକର । ୯ ।
ମ୍ଳେଚ୍ଛଗଣ ଘନ— । ପ୍ରଳୟ ପବନ ।
କଳ୍କି ଶସ୍ତ୍ରଧର । ଶ୍ରୀକର । ୧୦ ।
ସୂରକୁଳୋଦ୍ଭବ । ଶ୍ରୀ ବିକ୍ରମଦେବ ।
ଷଣ୍ଡକଞ୍ଜଭାସ୍କର । ଶ୍ରୀକର । ୧୧ ।

---

ରାଗ ନାଟକୁରଞ୍ଜୀ—ରୂପକତାଳ

( ଜାରେଜାରୁ—ପ୍ରଭ . )

ଦେବଦେବ କୃଷ୍ଣ ବାସୁଦେବ ପାହିମାଂ ।
ଭବଜାତତାତ ବିଶ୍ୱପାଳ ତ୍ରାହିମାଂ । ପଦ ।
ଅମଳଜଳଜପତ୍ରନେତ୍ର ହାଟକାମ୍ବର ।
ଅମରସଙ୍ଘବନ୍ଦିତପାଦକମଳ ଭୂଧର । ୧ ।
ଶ୍ରୀମତୀମୁଖାମ୍ବୁଜାତଭୃଙ୍ଗ କେଶବ ।
ଦାସ ଲୋଲକ୍ଷୀରଜଳଧିବାସ ମାଧବ । ୨ ।
ବାରଣବରରକ୍ଷ ପକ୍ଷୀବାହ ବାମନ ।
ନୀଳଘନାଭ ନୀଳକଣ୍ଠ ପାପସୂଦନ । ୩ ।
ଚକ୍ରହସ୍ତ ପଦ୍ମନାଭ ଶକ୍ରସନ୍ନୁତ ।
ବିକ୍ରମେଶ ବରଦ ମୌନିବୃନ୍ଦବନ୍ଦିତ । ୪ ।

---

ରାଗିଣୀ ବେହାଗ—ରୂପକତାଳ

( କୋବାମା—ପ୍ରତି )

ଶ୍ରୀ କାଳିନ୍ଦୀନନ୍ଦନ ! ପାତୁ । ପଦ ।

ବାଞ୍ଛା ତଦାୟିନି । ପାପବିନାଶିନି । ଶ୍ରୀ ।
ରାକା ନିଶାପତି— । ଶାନନେ ଶ୍ରୀମତି ।
ଦିବ୍ୟ ହେମକାନ୍ତି ଗାତ୍ରବିନୋଦିନି । ୧ ।
ରାଧା ସର୍ବସ୍ୱର— । ପ୍ରଦାୟିନି ଦେବ ।
ବନ୍ଦିତ ମାଧବ— ମାନସହାରିଣି । ୨ ।
କଞ୍ଜଦଳେକ୍ଷଣେ । ସର୍ବସୁଲକ୍ଷଣେ ।
ଗୋପରାମାମଣି ପଙ୍କେରୁହପାଣି । ୩ ।
ଦିବ୍ୟନୀଳାମ୍ବର— । ଧାରିଣି ସୁନ୍ଦର ।
ରୂପିଣି ଶ୍ରୀବୀର—ବିକ୍ରମରକ୍ଷିଣି । ୪ ।

---

ରାଗିଣୀ ସିନ୍ଧୁ ଖମାଚ—ଅଦ୍ଧାତାଳ

( ଦେବ ଗଜାନନ—ପ୍ରଭ )

ଶ୍ରୀହରି ତୋଷିଣି । ମଞ୍ଜୁଳ ଭାଷିଣି ।
ଦୀନାଳି ପୋଷିଣି । ନମସ୍ତୁତେ । ପଦ ।
ଦେବୀ ନାରାୟଣି ! କାରଣ କାରିଣି ।
ପଙ୍କ-ବିମୋଚନି । ନମୋସ୍ତୁତେ । ୧ ।
ପଙ୍କେରୁହାସନେ । ପଙ୍କେରୁହାନନେ ।
ପଙ୍କଜଲୋଚନେ । ନମୋସ୍ତୁତେ । ୨ ।
ମଙ୍ଗଳ ଦେବତେ ।ମୌନୀନ୍ଦ୍ର ବନ୍ଦିତେ ।
ସୁପର୍ବସନ୍ନୁତେ । ନମେ ସ୍ତୁତେ । ୩ ।
ସମ୍ପତ୍ତି-ଦାୟିନି । ସଙ୍କଟ ନାଶିନି ।
ସନ୍ତାପ-ହାରିଣି । ନମୋସ୍ତୁତେ । ୪ ।

ବିକ୍ରମ ବନ୍ଦନ । ସାଗର ନନ୍ଦନ ।
ହାଟକ ବର୍ଣ୍ଣନ । ନମୋସ୍ତୁତେ । ୫ ।

---

ରାଗିଣୀ ପୂର୍ଣ୍ଣାମୋଦ—ଏକତାଳ ଦ୍ରୁତଗତି

ରାଧିକା ପ୍ରାଣେଶ । ଖଣ୍ଡ ମୋର କ୍ଲେଶ । ପଦ ।
ମାଧବ ଗୋପାଳ କୃଷ୍ଣ ହୃଷୀକେଶ । ରାଧିକା ।
ଜଳଜଲୋଚନ । ରାକା ଚନ୍ଦ୍ରାନନ ।
ଗୋପିକା ମାନସ ସାରସ ଦିନେଶ । ୧ ।
କଲୁଷଧ୍ୱଂସନ । ଶ୍ରୀ ନନ୍ଦନନ୍ଦନ ।
କଂସବଂଶ ଘୋର କାନନ ହୁତାଶ । ୨ ।
କମଳ ପ୍ରପାଦ । ଗୋବିନ୍ଦ ମୁକୁନ୍ଦ ।
ପୀତାମ୍ବର କ୍ରୂର ରାକ୍ଷସ ବିନାଶ । ୩ ।
କନକାଦ୍ରିଧୀର— । ନୀଳାଦ୍ରି ସୁନ୍ଦର ।
ବିକ୍ରମପାଳକ ବିନତ ଗିରଣ । ୪ ।

---

ରାଗ ହିନ୍ଦୁସ୍ଥାନୀ ଭୈରବୀ—ଅଦ୍ଧତାଳ

( ନିକୁଞ୍ଜକୁ ଯା ରେ ସଖି—ପ୍ରଭୃତି )

କରୁଣାଭରେ କର । କରୁଣାରସାକର । ପଦ ।
ସୁଜନାଳିପାଳକ । ଗଜରାଜ ରକ୍ଷକ
ଅଜଶଙ୍କରାଦିନିର୍ଜର ସଙ୍ଘ ନାୟକ । ୧ ।
ନବନୀତ ହାରକ । ଧ୍ରୁବ ମୋଦ ଦାୟକ
ଭବଘୋର ସାଗର-ପଥ କର୍ଣ୍ଣଧାରକ । ୨ ।
ସରସୀରୁହାମ୍ବକ । ସୁର ଶାନ୍ତିବାଚକ ।
ଶରଣାପ୍ତ ବିକ୍ରମ-ସକଳାଘମୋଚକ । ୩ ।

## ରାଗିଣୀ ମୁଖାରି—ଅଦ୍ଧତାଳ

( ବାଜାରେ ସଖି—ପ୍ରଭୃତି )

ପାହି ଶ୍ରୀରାଧିକେଶ । ହୃଷୀକେଶ । ପଦ ।
ଗୋବିନ୍ଦ ମାଧବ । ଗୋପାଳ କେଶବ । ପାପ ସମୂହ ନାଶ । ୧ ।
ମୌନି ପ୍ରପାଳକ । ଦାନବ ମାରକ । ଧୃତହରିତବାସ । ୨ ।
ଯଶୋମତୀ ବାଳ । ନିଶାଚର କାଳ । ବାମନ ଜଗଦୀଶ । ୩ ।
ବୃନ୍ଦାବନାନଙ୍ଗ । ଗନ୍ଧ ଚର୍ଚ୍ଚିତାଙ୍ଗ । ବନ୍ଦିତ ଗିରିଜେଶ । ୪ ।
ମିତ୍ର କଳ୍ପସାର । ଶତ୍ରୁ ତୃଣାନଳ । ନେତ୍ରାଭିରାମବେଶ । ୫ ।
ବାସୁଦେବାଚ୍ୟୁତ । ବାସବ ପୂଜିତ । ଦାସ ବିକ୍ରମ ପୋଷ । ୬ ।

—✱—

## ରାଗିଣୀ ପୂରି କଲ୍ୟାଣୀ—ଅଦ୍ଧତାଳ

ଧରଧର ହେ ନାହିମାଂ । ପଦ ।
ବର ବ୍ରଜବନିତା ବଦନ କଞ୍ଜ- ତପନ ପରହରହେ । ନା ।
କ୍ଳେଶ ବିଧ୍ୱଂସନ । କେଶୀ ବିମର୍ଦ୍ଦନ । ଯଶୋଦାନନ୍ଦନ । ଦାସହୃଚନ୍ଦନ ।
କେଶବସୁନ୍ଦରାକାରଜିତ କୋଟି ମାର ହେ । ନା । ୧ ।
ମୌନିଚିତ୍ତନିବାସ । ଭାନୁକୁମାରୀଶ । ଅନନ୍ତ ଲୋକେଶ । ମନୋହର ବେଶ ।
ଶ୍ରୀ ନନ୍ଦସୁତ ସଂସାରୋଦଧିକର୍ଣ୍ଣଧାର ହେ । ନା । ୩ ।
ଶକ୍ରାଦିବନ୍ଦନ । ଶଶିସମାନନ । ନକ୍ର ବିନାଶନ । ଶିଖିଚୂଡ଼ ପାଳନ ।
ବିକ୍ରମଦେବାର୍ଚ୍ଚିତ-ଶ୍ରୀ କଳିତ ଶରୀର ହେ । ନା । ୪ ।

---

## ରାଗିଣୀ ଝିଞ୍ଜୋଟି । ମିଶ୍ରରୂପ ।

( କହହେ କେଲେ କେତେ—ପ୍ରଭୃତି )

ଶ୍ରୀମତୀଶ ବଳ । ଶ୍ୟାମସୁନୋଖଲ ।
ଭୀମ ପାହିମାଂ ଗିରିଧର ହେ । ଶ୍ରୀ । ପଦ ।

ପୀତବାସଧର । ପୂତନାନ୍ତକର ।
ପୂତଦେହ ସାରସ ମୁଖ ହେ । ୧ ।
ଗୋପଭୂ ବରଜ । ପାପକଞ୍ଜ ଗଜ ।
ଗୋପ ଗୋପିକା ପ୍ରିୟ କର ହେ । ୨ ।
ସାର ବେଣୁଧର । ଧୀର ତାପ ହର ।
ବୀର ବକ୍ରମାର୍ଚ୍ଚିତ ପଦ ହେ । ୩ ।

—o—

ରାଗିଣୀ କେଦାର । ଅଦ୍ଧତାଳ ।

ମୋରେ କରୁଣାକୁ କର ଶ୍ରୀଧର ।
ବାରେ ଭବସାଗରରୁ ଉଦ୍ଧର । ପଦ ।
ଅଳି ହର ରଞ୍ଜନ । ବଜନପ ବାହନ ।
ବ୍ରଜ ବନିତାଗଣ । ଇଜତରୁଣାରୁଣ । ୧ ।
ନନ୍ଦ ତନୟ ବର । କୁନ୍ଦନ ପଟ ଧର ।
କୁନ୍ଦରଦନ ଅର —। ବନ୍ଦ ମୁଖ ରୁଚର । ୨ ।
ଅରକୁଳ ମାରକ । କର ପନ୍ତ ପାଳକ ।
ଗିରବର ଧାରକ । ଦୁରିତ ନିବାରକ । ୩ ।
ଶନମୁଖ ବନ୍ଧୁ । ଚନ୍ଦ ବନ୍ଧୁ ଶୁଭଦ ।
ଚନ୍ଦ୍ରକର ମୁକୁନ୍ଦ । ବକ୍ରମନୁତ ପଦ । ୪ ।

---

ରାଗିଣୀ ଖମାଚ । ଅଦ୍ଧତାଳ ।

( ଶ୍ୟାମଗୁଣ ଗଣ—ପ୍ରତି )

ଶ୍ରୀମତୀ ମୁଖ ସରସିଜ ଭ୍ରମର । ଜୟ ଜୟ ଦାମୋଦର । ପଦ ।
ଶଙ୍କରାଦ ସୁରବ୍ରାତ । ମୁକୁଟମଣି ରଞ୍ଜିତ
କୋମଳପଦାମ୍ବୁ ଜାତ । ଯୁଗଳ ନଖ ପ୍ରକର । ଶ୍ରୀମତୀ ॥

କୋଟି ଶଶଧରାନନ ଜିତ ଜଳଜ ନୟନ
ତମାଲ । ଶ୍ୟାମଳ ।
ସୁକୁମାର ତନୁବର । କାନ୍ତି ମଞ୍ଜୁଳ ।
ଦିବ୍ୟ ରତ୍ନହାର ଜାଲ ଶୋଭିତ ହୃଦୟସ୍ଥଳ
ମୁରଲୀ ଗାନ ବିଭୋଳ ହରିତ ବସନ ଧର । ୧ ।

ନନ୍ଦ ନୃପତି ନନ୍ଦନ ଦାସ ହୃଦୟ ଚନ୍ଦନ
ଗୋବିନ୍ଦ । ମୁକୁନ୍ଦ । ସର୍ବଜଗଦାହ୍ଲାଦକନ୍ଦ ପରମାନନ୍ଦ ।
ମୁନି ମାନସ ମାନସ ବିହରଣ ରାଜହଂସ
ଦୃତ ସମସ୍ତଙ୍କ ରକ୍ଷ ଧୃତ ଗୋବର୍ଦ୍ଧନଧର । ୨ ।

ଭାରଦ୍ୱାଜ ଗୋତ୍ରଜାତ ଶ୍ରୀ ବିକ୍ରମଦେବ ନୁତ
କେଶବ । ମାଧବ । ବ୍ରଜ ବନିତା କୁମୁଦରଜନୀ ଧବ
କଂସ ବଂଶ ଘୋରବନ ଦାବ ପାବକ ସମାନ
ପ୍ରପାଳିତ ସାଧୁଜନ ରାସ ରସିକ ଶ୍ରୀକର । ୩ ।

ରାଗିଣୀ ହରିକାମୋଦୀ—ଅଦ୍ଧତାଳ

( ଏମାନନୀ କୋମଳୀ—ପ୍ରତି )

ଭଜାମି ଜନାର୍ଦ୍ଦନଂ । ଶଶିବିମ୍ବାନନଂ । ପଦ ।
ଶାମଳଗାତ୍ରଂ । ସାରସନେତ୍ରଂ । ଶ୍ରୀନୁତଗାତ୍ରଂ । ଶୁଭଚରିତ୍ରଂ । ହୃଦ । ୧ ।
ନିର୍ଜରପାଲଂ । ଦାନବକାଲଂ । ମୁରଲୀଲୋଲଂ । କୃତଜ୍ଞଶୀଲଂ । ହୃଦ । ୨ ।
ମନ୍ଦରଧରଂ । ସିନ୍ଧୁ ଗମ୍ଭୀରଂ । ଜଗଦାଧାରଂ । କୁଧରଧରଂ । ହୃଦ । ୩ ।
ସୁନ୍ଦରବେଶଂ । କୌସ୍ତୁଭଭୂଷଂ । ବିକ୍ରମପୋଷଂ । ହୃତକଲୁଷଂ । ହୃଦ । ୪ ।

ରାଗିଣୀ ବେହାଗ—ରୂପକତାଳ

( ଏସନାରେ ଭାଇ ସକଲମିଳିଏ—ପ୍ରତି )

ମୁରଲୀଧର ରାଧାବର । ପଦ ।
ଦୁଃଖ ପାରାବାରରୁ ମୋତେ ପାରକର । ମୁରଲୀ ।
ନନ୍ଦନନ୍ଦନ । ମୁନିରଞ୍ଜନ ।
ସୁଦାମା ଦାରିଦ୍ର୍ୟଭଞ୍ଜନ ଶ୍ରୀକର । ୧ ।
ଜଡ଼ୁପାନନ । ଜଳଜେକ୍ଷଣ ।
ପଞ୍ଚାଳୀ ସଂକଟ ନିବାରଣକର । ୨ ।
ଶିବ ପୂଜିତ । ପଦକଂଜାତ ।
ବାରଣ ରକ୍ଷକ ଗୋବିନ୍ଦ ଶ୍ରୀଧର । ୩ ।
ସୁର ସୁନ୍ଦର । ଧୃତଭୂଧର ।
ପାଣ୍ଡବ ପାଳକ ଦୀନଖେଦହର । ୪ ।
କରୁଣାକର । ଭକ୍ତମନ୍ଦାର ।
ଶ୍ରୀ ବକ୍ରମଦେବ ଶତ୍ରୀମୁକ ସୁର । ୫ ।

---

ରାଗିଣୀ ନାଟକୁରଞ୍ଜି—ଅଦ୍ଧତାଳ

( ଶ୍ରୀମତୀ ଶ୍ରୀପତି ବୃନ୍ଦା—ପ୍ରତି )

ଭଜମନ ମାଧବ ଜଳଜଚରଣକୁ । ପଦ ।
ଅଜଗିରିଶାଦିଦେବେଚ୍ଛିତଧନକୁ । ଭଜ ।
କଜଦଳ ଲୋଚନୀ । ବ୍ରଜକୁଳ କାମିନୀ ।
ବ୍ରଜହୃଦୟାମ୍ବୁଜରାଗ ରଞ୍ଜନକୁ । ୧ ।
ସାରହୀନ ସଂସ୍କୃତ । ଘୋରତରଙ୍ଗିନୀ ପତି ।
ତାରଣ କାରଣ ପ୍ରଧାନ ସାଧନକୁ । ୨ ।
ପ୍ରବଳାଘ ନାଶିନୀ । ଭୁବନାଳି ପାବନୀ ।
ଭବନାଶିନୀ ଗଙ୍ଗା-ସମ୍ଭବ ସ୍ଥାନକୁ । ୩ ।

ତରଣିକୁଳୋଦ୍ଭବ । ବର ବିକ୍ରମଦେବ ।
ପରମମନୋମ୍ବୁଜବାଳ ତପନକୁ । ୪ ।

—o—

ରାଗିଣୀ ହନୁମନ୍ତତୋଡ଼ି । ଅଦ୍ଧା ତାଳ ।

( ହା ପ୍ରିୟା ନେଡ଼ାବାସୀ—ପ୍ରଭ )

ରାଧିକାନନ କଞ୍ଜ ଭାସ୍କର ନାହିମାଂ ମୁରଲୀଧର । ପଦ ।
ଗୋପିକାଜନ ଚେଲ ତସ୍କର ପାହିମାଂ ଜଗଦୀଶ୍ବର । ରାଧିକା ।
କୋଟି ପୂର୍ଣ୍ଣ ସୁଧାକରାନନ ସାରସେକ୍ଷଣ କେଶବ ।
କାନ୍ତି ନନ୍ଦିତ ନୀଳ ନୀରଦ କାଞ୍ଚନାମ୍ବର ମାଧବ । ୧ ।
ସାମଗାନ ବିଲୋଲ ଶ୍ରୀକର ବିଶ୍ୱପାଳ ସନାତନ ।
ଦେବ ପୂଜିତ ପାଦ ପଙ୍କଜ ବାସୁଦେବ ଜନାର୍ଦ୍ଦନ । ୨ ।
ପାପ ତାପ ସମୂହ କାନନ ଦାହ ପାବକ ଶ୍ରୀଧର ।
ମୌନି ରଞ୍ଜନ ବିକ୍ରମେଶ୍ୱର ମାନସାମ୍ବୁଜ ମନ୍ଦର । ୩ ।

—o—

ରାଗିଣୀ ବେହାଗ—ରୂପକ ତାଳ

( ରାଖାଲ୍ ନାଗରୀ—ପ୍ରଭ )

ଶ୍ରୀଶ କୃପା ମୋରେ କର । ପଦ ।
ଏ ଭବପାରାବାରୁଁ ମୋତେ ତାର । ଶ୍ରୀଶ ।
ଶ୍ରୀରାଧିକା ମୁଖାରବିନ୍ଦସୂର । ନିର୍ଜିତ ମୀନକେତନ ଶରୀର ॥
ଲୋଚନନିନ୍ଦିତୋମଳ ସରୋଜ । ପ୍ରପନ୍ନମାନବାଳିକଳ୍ପଭୂଜ ॥
ବାରଣଖେଦବାରଣସୁଧୀର । ଦ୍ରୌପଦୀମାନ ସଂରକ୍ଷଣ ବୀର ॥
ତପ୍ତବାଲୁକାଭୂମୀକରବାସ । ବିକ୍ରମଦେବ ମାନସ ନିବାସ ॥

ରାଗିଣୀ ଚକ୍ରବାକ—ଅଦ୍ଧତାଳ

( ମାଈସାମାସ୍ୱାମିଦେବରା—ପ୍ରଣ୍ଡ )

ରାଧାନନ ସାରସସୁର । ଜୟ ଶ୍ରୀଧର । ପଦ ।
ନନ୍ଦପୁତ୍ର । କଞ୍ଜନେତ୍ର । ନୀଳଗାତ୍ର । ପାର୍ଥମିତ୍ର । ରାଧା । ୧ ।
ଶଙ୍କରମୂଖସୁରଂ । ସଙ୍କଟଙ୍କରପର । ପଙ୍କଜଚୟହର ।
କଙ୍କରଶୁଭଙ୍କର । ରାଧା । ୨ ।
ବାମଦେବକୃତ । ବିକ୍ରମ ବନ୍ଦିତ । କାମଦେବ ପ୍ରିୟ ତାତ
ସୋମସୁର ନେତ୍ର । ମୌନି ସନ୍ନୁତ ।
ଶ୍ରୀ ମନୋହରାଙ୍ଗରାଗରାଜିତ । ରାଧା । ୩ ।

---

ରାଗିଣୀ ନାଥନାମକ୍ରିୟା—ମିଶ୍ରରୂପ ତାଳ

ରାମ ରାଘବ । ରାମ ରାଘବ । ରାମ ରାଘବ । ପାହିମାଂ ।
କୃଷ୍ଣ କେଶବ । କୃଷ୍ଣ କେଶବ । କୃଷ୍ଣ କେଶବ । ରକ୍ଷମାଂ । ପଦ ।
କ୍ଲେଶ ଖଣ୍ଡନ । ତ୍ରାସ ନାଶନ । ଦାସ ପାଳନ ପାହିମାଂ ।
ପଙ୍କଜାନନ । ପଙ୍କଜେକ୍ଷଣ । ପଙ୍କମୋଚନ ରକ୍ଷମାଂ ॥
ଗୋପିକାଜନ- । ଚିତ୍ତରଞ୍ଜନ । ମାର ମୋହନ ପାହିମାଂ ।
ଦେବତାବନ । ଦୈତ୍ୟସୂଦନ । ସୃଷ୍ଟିକାରଣ ରକ୍ଷମାଂ ॥
ଇନ୍ଦ୍ରିରାଧର । ଶ୍ୟାମସୁନ୍ଦର । ହାଟକାମ୍ବର ପାହିମାଂ । ,
ବିକ୍ରମେଶ୍ୱର । ଚିତ୍ତସାଗର । ତାରକାବର ରକ୍ଷମାଂ ॥

---

ରାଗିଣୀ ଖରହରପ୍ରିୟା—ରୂପକ—ତାଳ

ରାଧିକା ମୁଖାବ୍ଜତପନ । ଜୟଜୀରେ ଜାତନୟନ । ପଦ ।
କଙ୍କର ପ୍ରମୋଦ ବର୍ଦ୍ଧନ । ଅଙ୍ଗୁଳଧୃତ ଗୋବର୍ଦ୍ଧନ । ୧ ।
ବଲ୍ଲବୀଜନହୃଚ୍ଚନ୍ଦନ । ଯଶୋଦାନନ୍ଦ ସୁନନ୍ଦନ । ୨ ।

ଶଙ୍କର ମାନସ ରଞ୍ଜନ । ଦାନବଗର୍ବବିଭଞ୍ଜନ । ୩ ।
ଶାରଦଶଶିକୋଟିବଦନ । ବିକ୍ରମେଶ ଚିତ୍ତ ସଦନ । ୪ ।

---

ରାଗିଣୀ ଝିଞ୍ଜୋଟି—ରୂପକ ତାଳ

ଜୟ-ସର୍ବେଶ ଦେବେଶ ନୀଳାଙ୍ଗ ହେ ।
ରାଧା ମୁଖାମ୍ବୁଜସାରଙ୍ଗ ହେ । ପଦ ।
ଗୋବିନ୍ଦ ଦାସୀକୃତେଶାନ ହେ ।
ଗୋପୀଗଣପ୍ରେମସୁସ୍ଥାନ ହେ । ୧ ।
ଦାସାଳିକଞ୍ଜେନ ଗୋପାଳ ହେ ।
ଶ୍ରୀ ବିକ୍ରମେଶଙ୍ଘ୍ରିସଚ୍ଛୀଳ ହେ । ୨ ।

---

ରାଗ ହିନ୍ଦୁସ୍ତାନୀଭୈରବୀ—ଅଦ୍ଧତାଳ

ଯାଦବାନ୍ୱୟ କ୍ଷୀରସାଗର ପୂର୍ଣ୍ଣଶଶି ମନୋହର । ପଦ ।
ସାଦରେ ଏହି ଦୀନମାନବ ଠାବରେ କରୁଣାକର । ଯାଦ ।
ଗୋପକାମିନୀନିର୍ମଳାନନନୀରଜାତଦିବାକର ।
ପାପକୂପରେ ମଗ୍ନ ହୋଇଲି ମୋତେ ଶୀଘ୍ରରେ ଉଦ୍ଧର । ୧ ।
କ୍ରୂରଦାନବସଙ୍କୁଳାଟବିଦାହକାନନପାବକ ।
ମୋର ତାପ ବିଦାର ବେଗରେ ସେବକାବଳିକଳ୍ପକ । ୨ ।
ଅନ୍ତହୀନ ଶ୍ରୀ ବିକ୍ରମେଶ୍ୱରସନ୍ନୁତାଙ୍ଘ୍ରିକସୁନ୍ଦର ।
ସନ୍ତତେ ମନ ମୋର ତୋହର ପାଦପଙ୍କଜରେ ଭର । ୩ ।

---

ରାଗିଣୀ କଲ୍ୟାଣୀ—ରୂପକ ତାଳ

ରାଧେ ଦେବାଳନୁତେ । ପାହିମାଂ ଭାରତେ । ପଦ ।
ପାତକତାପବିନାଶିନି ! ଭାନୁଧରବର ନନ୍ଦନି !

। ରସ ବିଳାସ ବିନୋଦିନି ! ରାଧେ ॥
ଶାରଦରାକେନ୍ଦୁ ବଦନେ । ଜିତକୁନ୍ଦ ସୁରଦନେ ।
ଯୋଗିରାଜ ସଦା ଭାବିତ । ବ୍ରଜ ପଙ୍କଣି ସଦନେ ॥
କେଶବ ମାନସହାରିଣି ! କୁଞ୍ଜକୁଟିର ବିହାରିଣି !
ସଂସ୍କୃତସାଗର ତାରିଣି । ବିକ୍ରମ ରକ୍ଷଣ କାରିଣି ! ରାଧେ ॥

---

## ରାଗିଣୀ କାମୋଦୀ—ଅଦ୍ଧତାଳ

( କଳେନାମ୍ନି ନାନ୍ନ—ପ୍ରଭି )

ଏତିକି ମାତର । ମାଗୁଣି ମୋହର । ପଦ ।
କେଶବ ମାଧବ କୃଷ୍ଣ ଦାମୋଦର । ଏତିକି ।
ଜୀବ ଯିବାବେଳେ । ନାଚୁଥି ମୋ ଗଳେ ।
ରାଧିକାମୋହନନାମ ସ୍ଫୁଟେ ଭଲେ । ୧ ।
ବାରେ ତ୍ରିଭଙ୍ଗୀରେ । ନୀଳଶରୀରରେ ।
ମୋତେ ଦେଖାଦିଅ ଜୀବିତ ଶେଷରେ । ୨ ।
ଶ୍ରୀଧର ତୋହର । ବେଣୁର ସୁସ୍ବର ।
ହେଉ ନିବାରକ ମୋ ମୃତବାଧାର । ୩ ।
ତୀରରେ ଗଙ୍ଗାର । କିମ୍ବା କାଳିନ୍ଦୀର ।
ଲୀନକୁ ପାଉ ଏ ମୋହର ଅଙ୍ଗାର । ୪ ।
ବିକ୍ରମ ବନ୍ଦିତ । ଦେବଗଣାର୍ଚ୍ଚିତ ।
ମୋର ମନୋରଥ ହେଉ ସମ୍ପୂରିତ । ୫ ।

---

## ରାଗିଣୀ କୀରବାଣୀ—ଅଦ୍ଧତାଳ

ରାମ ଜେ ଜେ । ପୂତନାମ ଜେ ଜେ ।
ଭାନୁବଂଶ କ୍ଷୀରସିନ୍ଧୁ ସୋମ ଜେ ଜେ । ପଦ ।
ଦେବ ଜେ ଜେ । ବାସୁଦେବ ଜେ ଜେ ।
ଦାସୀଭୂତବ୍ରହ୍ମବାମଦେବ ଜେ ଜେ । ୧ ।

ଶ୍ରୀଶ ଜେ ଜେ । କୋଶଳେଶ ଜେ ଜେ ।
କୀର୍ତ୍ତିନନ୍ଦକେଶଚନ୍ଦ୍ରଭାଶ ଜେ ଜେ । ୨ ।
ବୀର ଜେ ଜେ । ମେରୁଧୀର ଜେ ଜେ ।
ବିକ୍ରମେଶ ଚିତ୍ତକଞ୍ଜସୂର ଜେ ଜେ । ୩ ।

---

### ରାଗିଣୀ ହରକାମୋଦୀ—ଅଦ୍ଧତାଳ

( ସର୍ବେଷାଂନୋ—ପ୍ରତି )

ଶ୍ଳୋ । ଜୟ ଜୟ କେଶବ, ଧରଣୀସୁତାଧବ, ତରଣିକୁଳୋଦ୍ଭବ, ଜୟ ନୃହରେ ।
ଜୟ ଜଗଦୀଶ୍ୱର, ବରକନକାମ୍ବର, ଜୟ କରୁଣାକର, ବିଧୃତଗିରେ ॥
ଜୟ ସୁର ରଞ୍ଜନ, ଦିତିସୁତ ଭଞ୍ଜନ, ସରସିଜ ଲୋଚନ, ବିନତବିଧେ ।
ଜୟ ମୁନି ତୋଷଣ, ଯଦୁକୁଳ ଭୂଷଣ,କଲୁଷ ବିଶୋଷଣ,ସୁଗୁଣନିଧେ ॥

---

### ରାଗିଣୀ ଶଙ୍କରାଭରଣ—ଅଦ୍ଧତାଳ

( ଶ୍ରୀ ରାମାଗୃନ୍ଦବନ—ପ୍ରତି )

ଜୟ । ରାଧାମନୋହର । ଆନନ୍ଦସାଗର ।
ଗୋବିନ୍ଦ ଶ୍ରୀଧର । ଜେ । ଜେ । ଜେ । ପଦ ।
ପାହିମାଂ ହରେ ତ୍ରାହିମାଂ । ଜୟ ।
ରାଜୀବାନନ । ନୀରଜ ଲୋଚନ ।
ପାପୌଘମୋଚନ । ଜେ । ଜେ । ଜେ । ୧ ।
ଦେବାଳିପାଳକ । ଦୈତ୍ୟ ନାଶକ ।
ବିଶ୍ୱାଧିନାୟକ । ଜେ । ଜେ । ଜେ । ୨ ।
ଗୋପୀଗଣ ବନ୍ଦିତ । ମୌନିଗଣ ସନ୍ନୁତ ।
ପୀତାମ୍ବରବୃତ । ଜେ । ଜେ । ଜେ । ୩ ।

ଗୋପାଳ ଭୂଧର । ଶ୍ରୀ ବିକ୍ରମେଶ୍ୱର ।
ଚନ୍ଦ୍ରାବ୍ଜଭାସ୍କର । ଜେ । ଜେ ।ଜେ । ୪ ।

---

ରାଗିଣୀ ଖମାଚ । ଅଦି ତାଳ ।

( ଦେବ ଗଜାନନ—ପ୍ରଭ )

ଶ୍ରୀ ରସାନାୟକ । ମାର ରୂହାମ୍ବକ ।
ବାରଣ ରକ୍ଷକ । ହେଉ ତୋ ମଙ୍ଗଳ ।ପଦ ।
ସୋମ ହୃଚନ୍ଦନ । ସୋମ ସମାନନ ।
ସୋମକ ସୂଦନ । ହେଉ ତୋ ମଙ୍ଗଳ । ୧ ।
ଙ୍କଙ୍କର ରଞ୍ଜନ । ପଙ୍କ ବିଶୋଷଣ ।
ପଙ୍କଜ ଲୋଚନ । ହେଉ ତୋ ମଙ୍ଗଳ । ୨ ।
ଶକ୍ର ପରାନ୍ତକ । ନକ୍ର ବିଚ୍ଛେଦକ ।
ବିକ୍ରମ ପାଳକ । ହେଉ ତୋ ମଙ୍ଗଳ । ୩ ।

---

ରାଗିଣୀ କୀରବାଣୀ । ରୂପକ ତାଳ ।

( ଓ୍ୟାରାମୁ ଲେ ସାଗି—ପ୍ରଭ )

ଜୟ ଜୟ ବୃଷଭାନୁସୁତା ନୟନୋତ୍ପଳ ଭାରେଶ । ପଦ ।
ନୟପଥ ସଞ୍ଚାର ମନୁଜ ଭୟ ବିନାଶ ଜଗଦଧୀଶ । ଜୟ ।
ସମର ଶମିତ ଦୁଷ୍ଟ କଂସ କମଳା ଭବନ ଶ୍ରୀନିବାସ ।
କମଳ ନୟନ ପୀତବାସ ବିମଳ ଚରିତ ଗୋପବେଶ ।୧।
ହୃତ ସୁରଗଣ ଚିନ୍ତ୍ୟ,ତାପ ଧୃତ ଜଳଜଗଦାରିଗୃପ ।
ନତ ସୁରବର ନୀଲରୂପ ନତପରଜନ ବିକ୍ରମେଶ । ୨ ।

---

## ବଗଣୀ ତୋଡ଼ି । ଅଦ୍ଧ ତାଳ

( ଅସ୍ମାକଂଉତ୍କଳ ବାସିନାଂ—ପ୍ରଭ )

ଶ୍ରୀବ୍ରଧେଶ ନନ୍ଦ ଗୌରୀଶ । ଜଗଦୀଶ୍ୱରତେ ମଙ୍ଗଳଂ । ପଦ ।
ନୀଳଘନାଘନରୁଚିଶରୀର । ଶ୍ରୀଲଳିତାନନ ଚନ୍ଦ୍ର ଚକୋର ।
ଗୋପସତୀଜନ ମାନସ ଚୋର । ଜଗଦୀଶ୍ୱରତେ ମଙ୍ଗଳଂ । ୧ ।
ଗୋପଧରବର ଲଳିତ ପୁତ୍ର । ନୂତନ ନୀରଜ ସୁନ୍ଦର ନେତ୍ର ।
ବିକ୍ରମ ମାନସ ସାରସ ମିତ୍ର । ଜଗଦୀଶ୍ୱରତେ ମଙ୍ଗଳଂ । ୨ ।

---

## ଦଣ୍ଡକ

ଶ୍ରୀରୁକ୍ମିଣୀ କାମିତାକାର, ସାକାର, ଲୀଳାନରାକାର
ସର୍ବାମରାଧାର, ଗୋବର୍ଦ୍ଧନୋଦ୍ଧାର
ବୃନ୍ଦାଟବୀଚାର ଦୀନାଳି ମନ୍ଦାର
ପାଥୋଧି ଗମ୍ଭୀର ଗୋବିନ୍ଦ, ଗୋପାଳ
ଗୋପାଙ୍ଗନା ଲୋଲ ଧୀରାବଳୀ ପାଳ
ଭକ୍ତୋଘଣୀଲ ସନ୍ନୀଳ କାଳାମ୍ବୁଦଶ୍ୟାମ
ମୌନୀନ୍ଦ୍ରହୃତ୍ଧାମ, ବ୍ୟୋମାସୁର ପ୍ରାଣ ବିଧ୍ୱଂସ,
ମନ୍ଥାଚଳୋଦ୍ଧାର ଉଦାର, ମର୍ତ୍ତ୍ୟ ଦ୍ୱିପାମିତ୍ର
ବୈରୋଚନ ଧ୍ୱଂସ
ଦୁଷ୍ଟାବନୀନାଥ ସଂହାର ପୌଲସ୍ତ୍ୟପଙ୍କେଜମତ୍ତେଭ
ସୂର୍ଯ୍ୟାତ୍ମଜାଭେଦ ବୃନ୍ଦାଙ୍ଗ ନୀରୁଦ୍ଧବାସନ୍ଧକାରେନ
ଧାତ୍ରୀଶ୍ୱରେନ୍ଦ୍ରାଦିଦେବାଳି ସମ୍ପୂଜ୍ୟ,
ସଂସାର ଘୋରାବ୍ଧିରେ ମଜ୍ଜି ତୋ ଦିବ୍ୟ ପାଦାବ୍ଜ
ପୂଜାକୁ ପାଶୋରି ଦେଲି ମୁଁ ପାପୀ ଅଟେ ଦେବ ।
ବାରେ କୃପା ମୋରଠାରେ ତୁ ବିସ୍ତାର ।

କାରୁଣ୍ୟ ସମ୍ପୂର୍ଣ୍ଣ ବାସୋଜ୍ଜ୍ୱଳ ସ୍ୱର୍ଣ୍ଣ ପୂର୍ଣ୍ଣେନ୍ଦୁ ବିମ୍ବାସ୍ୟ
କାସାରଜାତାକ୍ଷ ସର୍ବକ୍ରିୟା ଦକ୍ଷ
ତୋ ଭକ୍ତିଦାନେ ଭଲେ ଅଦ୍ୟ ନିସ୍ତାର ମୋତେ
ନମସ୍ତେ ନମସ୍ତେ ନମସ୍ତେ ନମଃ ।

---

ସବୁଠାରେ ଆପ, ପୂରଥିଲେ କୂପ, ହୁଏ ଯେତେ ଉପଯୁକ୍ତ ।
ଲଭ୍ୟହେଲେ ବୋଧ, ବ୍ରାହ୍ମଣର ବେଦ, ଚଯୃ ତେତେ ଉପଯୁକ୍ତ ॥

---

ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ତତ୍ତ୍ୱ ।

ବାସୁଦେବ ମନ୍ତ୍ରରେ ପୂଜିତ ବଳଦେବ ।
ଅନ୍ୟ ନୁହେ ସେ ଅଟେ କେବଳ ମହାଦେବ ।
ସୁଭଦ୍ରା ଭୁବନେଶ୍ୱରୀ ମନ୍ତ୍ରରେ ପୂଜିତା ।
ସାକ୍ଷାତରେ ବ୍ରହ୍ମା ଅଟେ ସେ ନୁହେ ବନିତା ।
ଗୋପାଳାଷ୍ଟାଦଶାକ୍ଷରୀ ମନ୍ତ୍ରରେ ପୂଜିତ ।
ଜଗନ୍ନାଥ ପ୍ରତ୍ୟକ୍ଷରେ ଅଟେ ତ ଅଚ୍ୟୁତ ।
ତାଙ୍କ ପଛେ କ୍ରମରେ ତାହାଙ୍କ ଶକ୍ତିତ୍ରୟ ।
ବିମଳା ସରସ୍ୱତୀ ଲକ୍ଷ୍ମୀ ସ୍ଥିତା ନିଶ୍ଚୟ ।
ଏଣୁ ତ୍ରିମୂର୍ତ୍ତ୍ୟାତ୍ମିକ ତ୍ରିଶକ୍ତ୍ୟାତ୍ମିକ ହୋଇ ।
ପୁରୀ ବିରଜଇ କ୍ଷେତ୍ରବର ନାମ ପାଇ ।
ଏ ତତ୍ତ୍ୱ ନ ଜାଣି ଲୋକେ ଅନେକ ପ୍ରକାରେ ।
କହୁ ଅଛନ୍ତି ନିଜ ନିଜ ମତାନୁସାରେ ॥

---

# ନେତ୍ରରହସ୍ୟ

ଜୟ ସକଳ ଲୋକତାତ । ବିଶୁଦ୍ଧ ଗୁଣ କ୍ରିୟାତୀତ । ୧ ।
ନିତ୍ୟ ସଚ୍ଚିଦାନନ୍ଦମୟ । ମୂ ନିରଞ୍ଜନ ଅଦ୍ୱିତୀୟ । ୨ ।
ନିରାକାର ଶୂନ୍ୟ ସ୍ୱୟଂଜାତ । କଲ୍ୟାଣ ଗୁଣଗଣ ଯୁକ୍ତ । ୩ ।
କହିବି ଅନ୍ତର୍ଲକ୍ଷ୍ୟ ସ୍ଥିତ । ଯହିଁରେ ବଦ୍ଧ ଯୋଗିମତ । ୪ ।
ବାହ୍ୟ ଲକ୍ଷ୍ୟରେ ଯେ ଅଣ୍ଡାଣ୍ଡ । କଥିତ ଏହି ଭୂମିଖଣ୍ଡ । ୫ ।
ପିଣ୍ଡାଣ୍ଡ ସଚରାଚର । ବ୍ରହ୍ମାଣ୍ଡ ଆକାଶ ନିକର । ୬ ।
ଅନ୍ତର୍ଲକ୍ଷ୍ୟରେ ଯେ ଅଣ୍ଡାଣ୍ଡ । ସେ ନେତ୍ରଡୋଳା ଯେ ପିଣ୍ଡାଣ୍ଡ । ୭ ।
ସେହି ପିତୁଳା ଯେ ବ୍ରହ୍ମାଣ୍ଡ । ସେ ମଧ୍ୟ ଚହ୍ଲା ଅଖଣ୍ଡ । ୮ ।
କହିବି କରି ବିବରଣ । ଭୂତ ପଞ୍ଚକର ଲକ୍ଷଣ । ୯ ।
ଅକ୍ଷିର ଚତୁର୍ଦ୍ଦିଗ ରଙ୍ଗ । ପଞ୍ଚମଭୂତ ଭୂମିଭାଗ । ୧୦ ।
ସଲିଳାକାର ଧୋବଡୋଳା । ଅନଳରୂପ କଳାଡୋଳା । ୧୧ ।
ମଧ୍ୟର ସୁନୀଳ ପବନ । ତନ୍ମଧ୍ୟଛିଦ୍ରଟି ଗଗନ । ୧୨ ।
ତଦନ୍ତରର ଚିତ୍ସ୍ୱରୂପ । ଅଖଣ୍ଡ ପରଂବ୍ରହ୍ମ ରୂପ । ୧୩ ।
ଏ ତତ୍ତ୍ୱ ଜାଣେ ଯେଉଁ ଜନ । ସେ ବ୍ରହ୍ମବିଦ୍ୟାରେ ନିପୁଣ । ୧୪ ।
ନିଗୂଢ଼ତତ୍ତ୍ୱ ତ୍ରିବେଣୀର । ପ୍ରକାଶ କରିବି ଏଥର । ୧୫ ।
ଅକ୍ଷିର ଡୋଳା ଜହ୍ନୁକନ୍ୟା । ମଧ୍ୟର ସୁନୀଳ ଯମୁନା । ୧୬ ।
ମଧ୍ୟେ ଯେ ବିଦ୍ୟୁଲ୍ଲତା ସ୍ଥିତ । ବିରାଜେ ସେହି ସରସ୍ୱତୀ । ୧୭ ।
ସେ ତ୍ରିମଧ୍ୟେ ଭାସମାନ । ନିଷ୍କଳାବ୍ରହ୍ମ ନିରଞ୍ଜନ । ୧୮ ।
ମାୟାରେ ବିମୋହିତ ହୋଇ । ନର ଏ ତତ୍ତ୍ୱ ନ ଜାଣଇ । ୧୯ ।
ତିନିମୂର୍ତ୍ତିଙ୍କର ଆକାର । ରହସ୍ୟ କରିବି ପ୍ରଚାର । ୨୦ ।
ନେତ୍ର ଚତୁର୍ଦ୍ଦିଗ ଆରକ୍ତ । ଅକାରରୂପି ବ୍ରହ୍ମା ସତ । ୨୧ ।
ଧବଳ ଡୋଳା ଯେ ଉକାର । ସ୍ୱରୂପି-ବିଷ୍ଣୁ ସର୍ବେଶ୍ୱର । ୨୨ ।
କଳାଡୋଳା ମକାର ରୂପୀ । ରୁଦ୍ର କନକଗିରି ରୂପି । ୨୩ ।
ବ୍ରହ୍ମ ପ୍ରଣବ ଅନ୍ତର୍ଗତ । ଲାଗି ନ ଲାଗି ପଞ୍ଚଭୂତେ । ୨୪ ।
ନିଦ୍ରା ସଙ୍ଗମ ଅଦ୍ଧ ଜାଣ । ସେଠାରୁ ହୁଅନ୍ତି ଜନନ । ୨୫ ।
କହିବି ଶକ୍ତି ପଞ୍ଚକର । ତତ୍ତ୍ୱକୁ ଏଥୁ ଅନନ୍ତର । ୬ ।
ପାର୍ଶ୍ୱର ଲାଲ କ୍ରିୟାଶକ୍ତି । ଧବଳା ମାତ ଜ୍ଞାନଶକ୍ତି । ୨୭ ।

କଳା ନିଷ୍ଟୟେ ଇଚ୍ଛା ଶକ୍ତି । ସତେ ସୁନୀଳ ଆଦ୍ୟ ଶକ୍ତି । ୨୮ ।
ତନ୍ମଧ୍ୟେ ରାଜେ ଯେଉଁ ଜ୍ୟୋତି । ସାକ୍ଷାତେ ସେହି ପରା ଶକ୍ତି । ୨୯ ।
ମଣ୍ଡଳ ତ୍ରୟର ରହସ୍ୟ । ଏଥର କରିବି ପ୍ରକାଶ । ୩୦ ।
ବହ୍ନିମଣ୍ଡଳ କଳାଡୋଳା । ଶଶାଙ୍କ ମଣ୍ଡଳ ପିତୁଳା । ୩୧ ।
ଜ୍ୟୋତିସ୍ୱରୂପ ତନ୍ମଧ୍ୟର । ଭାସ୍କର ମଣ୍ଡଳ ନିକର । ୩୨ ।
ସେ ଜ୍ୟୋତି ମଧ୍ୟେ ଜ୍ଞାନ ଖ୍ୟାତ । ଯହିଁରୁ ସବୁ ହୁଏ ଜ୍ଞାତ । ୩୩ ।
ସଦସଦ-ଚିତ୍ ଚିଦାନନ୍ଦ । ପଦକୁ କରିବି ବିଶଦ । ୩୪ ।
ଭିତରେ ଥିବା ଦିବ୍ୟ ଜ୍ୟୋତି । ସଦ୍ରୂପ ନାମରେ ପ୍ରଖ୍ୟାତି । ୩୫ ।
ଅସଦ ଜଡ଼ ଦ୍ରବ୍ୟମାନ । ଜଗତେ ହୁଅନ୍ତି ନାଶନ । ୩୬ ।
ଚିଦକୁ ବିଜ୍ଞାନ ବୋଲନ୍ତି । ଅଚିଦ ଭ୍ରାନ୍ତି ସେ ପ୍ରକୃତି । ୩୭ ।
ପରିହରଣି ଜଡ଼ଭ୍ରାନ୍ତି । କେବଳ ମୁଁ ସଚ୍ଛିଦାକୃତି । ୩୮ ।
ବୋଲି ଚେତନ୍ତେ ଯେଉଁ ମୋଦ । କେବଳ ସେହି ନିତ୍ୟାନନ୍ଦ । ୩୯ ।
ଯେ ମହାବାକ୍ୟ ତତ୍ତ୍ୱ ମସି । ତାହାକୁ କହିବି ପ୍ରକାଶି । ୪୦ ।
ତତ୍ପଦ ପ୍ରଜ୍ଞାନ ବାଚକ । ତ୍ୱଂପଦ ଜୀବ ପ୍ରକାଶକ । ୪୧ ।
ପ୍ରଜ୍ଞାନେ ମନ ଲୟକଲେ । ପ୍ରତ୍ୟକ୍ଷ ଅସି ପଦ ଭଲେ । ୪୨ ।
ସେ ନାଦ ବିନ୍ଦୁ କଳା ପଦ । ତ୍ରୟକୁ କରିବି ବିଶଦ । ୪୩ ।
ନାଦ କଳାଡୋଳା କେବଳ । ବିନ୍ଦୁ ଅଭ୍ୟନ୍ତର ସୁନୀଳ । ୪୪ ।
ତାର ଭିତରେ ଥିବା ଜ୍ୟୋତି । କଳା ନାମରେ ପାଏ ଖ୍ୟାତି । ୪୫ ।
ସେ କଳା ମଧ୍ୟର ନିଷ୍କଳା । ବ୍ରହ୍ମସ୍ୱରୂପ ସେ ଏକଲା । ୪୬ ।
ଇଡ଼ା ପିଙ୍ଗଳା ସୁଷୁମ୍ନାର । ଗୂଢ଼ତା କରିବି ପ୍ରଚାର । ୪୭ ।
ସାଧାରଣରେ ବାମନାଡ଼ି । କଥିତ ହୁଏ ଇଡ଼ା ବୋଲି । ୪୮ ।
ପିଙ୍ଗଳା ଦକ୍ଷିଣର ନାଡ଼ି । ସୁଷୁମ୍ନା ମଧ୍ୟଗତ ନାଡ଼ି । ୪୯ ।
ଗୂଢ଼ରେ ବିଚାରନ୍ତେ ଇଡା । ନୟନେ ଥିବା କଳାଡୋଳା । ୫୦ ।
ପିଙ୍ଗଳା ନାଡ଼ି ତନ୍ମଧ୍ୟର । ବିନ୍ଦୁ ସେ ସୁନୀଳ ଆକାର । ୫୧ ।
ନୀବାରଶୂକ ପରି ତହିଁ । ମଧ୍ୟରେ ଛିଦ୍ରେକ ରାଜଇ । ୫୨ ।
ସେହି ସୁଷୁମ୍ନା ସେହି ମେରୁ । ଶିଖରେ ସେ ଭ୍ରୂମଧ୍ୟ ଗୁରୁ । ୫୩ ।
ସେ ବ୍ରହ୍ମ ରନ୍ଧ୍ର ଆପୋଜ୍ୟୋତି । ନାଦାନ୍ତର୍ଗତେ ମହାଜ୍ୟୋତି । ୫୪ ।
ଚାରିପ୍ରକାରେ ମୁକ୍ତିସ୍ଥାନ । ମର୍ମକୁ କରିବି ଆଖ୍ୟାନ । ୫୫ ।
ସାଲୋକ୍ୟ ଯେ ଧବଳ ଡୋଳା । ସାମୀପ୍ୟ ମୁକ୍ତି ଯେହ୍ନେ କଳା । ୫୬ ।

ସାରୂପ୍ୟ ସୁନୀଳ ମଧ୍ୟର । ସାୟୁଜ୍ୟ ଯେ ସୂକ୍ଷ୍ମବର । ୫୭ ।
ଷଟ୍‌ଚକ୍ର ରହସ୍ୟ ବିଧାନ । ଏଥର ହୋଇବ କଥନ । ୫୮ ।
କହନ୍ତି ସର୍ବସାଧାରଣେ । ମୂଳାଧାରକୁ ଗୁହ୍ୟସ୍ଥାନେ । ୫୯ ।
ସ୍ୱାଧିଷ୍ଠାନକୁ ସେ ଲିଙ୍ଗରେ । ମଣିପୂରକୁ ସୁନାଭିରେ । ୬୦ ।
ହୃଦୟ ମଧ୍ୟେ ଅନାହତ । ଚକ୍ର ହୁଅଇ ବିରାଜିତ । ୬୧ ।
କଣ୍ଠ ଦେଶରେ ବିଶୁଦ୍ଧିକୁ । ଭ୍ରୂମଧ୍ୟଦେଶେ ଆଜ୍ଞେୟକୁ । ୬୨ ।
ବୋଲନ୍ତି ପୁଣି ସହସ୍ରାର । କମଳଶିର ରେ ସୁନ୍ଦର । ୬୩ ।
ଏହା ଅନନୁଭବ ଲକ୍ଷ୍ୟ । କହିବି ଅନୁଭବ ଲକ୍ଷ୍ୟ । ୬୪ ।
ନୟନସ୍ଥାନ ମୂଳାଧାର । ଯେ ଅଟେ ଭୂମିକି ଆଧାର । ୬୫ ।
ସେହି କାରଣ ନାସିକାର । ଚତୁଃସଂଖ୍ୟକ ଦଳ ତାର । ୬୬ ।
ସେ ଚକ୍ରବର ର ନାୟକ । ଯେ ମହାପ୍ରଭୁ ବିନାୟକ । ୬୭ ।
ଆଖିର ଲିଙ୍ଗସ୍ୱାଧିଷ୍ଠାନ । ଅଟଇ ସେ ଜଳର ସ୍ଥାନ । ୬୮ ।
ସେ ଅଟେ ଜିହ୍ୱାର କାରଣ । ତାହାର ଷଡ୍‌ଦଳ ପ୍ରମାଣ । ୬୯ ।
ସେହି ଚକ୍ରର ଅଧିନେତା । ସୃଷ୍ଟିକାରକ ଯେ ବିଧାତା । ୭୦ ।
ଧବଳଡ଼ୋଳା ମଣିପୁର । ସ୍ଥାନ ଅଟଇ ସେ ଅଗ୍ନିର । ୭୧ ।
ସେହି କାରଣ ନୟନର । ଦଶସଂଖ୍ୟକ ଦଳ ତାର । ୭୨ ।
ସେହି ଚକ୍ରର ଅଧିକାରୀ । ସୃଷ୍ଟି ପାଳକ ଦେବ-ହରି । ୭୩ ।
କଳା ଡ଼ୋଳାଟି ଅନାହତ । ଯହିଁ ନିବାସ କରେ ବାତ । ୭୪ ।
ସେ ଅଟେ କାରଣ ଚର୍ମର । ଦ୍ୱାଦଶଦଳଟି ତାହାର । ୭୫ ।
ସେହି ଚକ୍ରର ଅଧିପତି । ସୃଷ୍ଟିହାରକ ପଶୁପତି । ୭୬ ।
ସୁନୀଳ ବିନ୍ଦୁଟି ବିଶୁଦ୍ଧି । ଯେହି ଗଗନର ଆସ୍ପଦ । ୭୭ ।
ସେହି କାରଣ ଶ୍ରବଣର । ଷୋଡ଼ଶ ଦଳରେ ସୁନ୍ଦର । ୭୮ ।
ସେ ଚକ୍ରବରର ଅଧିପ । ଜୀବ ଯେ ଈଶ୍ୱର ସ୍ୱରୂପ । ୭୯ ।
ମଧ୍ୟର ଛିଦ୍ରଟି ଆଜ୍ଞେୟ । ଅନ୍ତଃକରଣର ନିଳୟ । ୮୦ ।
ଇନ୍ଦ୍ରିୟ ବ୍ୟାପାର କାରଣ । ଦୁଇ ଦଳରେ ଭାସମାନ । ୮୧ ।
ସେ ଚକ୍ର ପ୍ରଶସ୍ତର ଧବ । ପରମାତ୍ମା ଯେ ସଦାଶିବ । ୮୨ ।
ଅନ୍ତର ଜ୍ୟୋତି ସହସ୍ରାର । କମଳ ବାଙ୍ମନଗୋଚର । ୮୩ ।
ତନ୍ମଧ୍ୟେ ପ୍ରଣବ ସ୍ୱରୂପ । ଅଖଣ୍ଡ ପରଂବ୍ରହ୍ମରୂପ । ୮୪ ।
ସଦ୍‌ଗୁରୁ ପ୍ରସାଦରୁ ପ୍ରାଣୀ । ଏହି ନିଗୂଢ଼ ତତ୍ତ୍ୱ ଜାଣି । ୮୫ ।

ଶମଦମାଦି ଗୁଣ ବଢ଼ି । କାମାଦି ଶତ୍ରୁକୁଳ ଦହି ।୮୬ ।
ଦୟା ସୁନୃତ ଶୌଚ ଆଦି । ସୁଗୁଣଗଣଙ୍କୁ ସମ୍ପାଦି । ୭ ।
ଆତ୍ମାନାତ୍ମାଙ୍କୁ ଜ୍ଞାନ କରି । କଥିତ ଲକ୍ଷ୍ୟ ଅନୁସରି । ୮୮ ।
ନିଜ ମନକୁ ଲୀନ କଲେ । ହୁଅଇ ଅମନସ୍କ ଭଲେ । ୮୯ ।
ହୁଅନ୍ତେ ମାନସ ରହିତ । ନର ହୁଅଇ କୃତକୃତ୍ୟ । ୯୦ ।
ମାନସଲୀନ ନିତ୍ୟାନନ୍ଦ । ମାନସବ୍ୟାପକଟି ବନ୍ଧ । ୯୧ ।
ଯୋଗ ବିହୁନେ ମନ ଲୀନ । କଦାପି ନ ହୁଏ ପ୍ରମାଣ । ୯୨ ।
ଅହଂ ବ୍ରହ୍ମାସ୍ମି, ତତ୍ତ୍ୱମସି । ପ୍ରଭୃତି ମହାବାକ୍ୟ ରାଶି । ୯୩ ।
ଯେତେ ଘୋଷିଲେ କାର୍ଯ୍ୟ ନାହିଁ । ଯୋଗାଭ୍ୟାସକୁ ଦୂରେ ଥୋଇ । ୯୪ ।
ଯୋଗକୁ ଲକ୍ଷ୍ୟଟି ପ୍ରଧାନ । ସେ ଲକ୍ଷ୍ୟ କେବଳ ନୟନ । ୯୫ ।
ସ୍ୱକୀୟ ନେତ୍ର ଲକ୍ଷ୍ୟ ତେଜି । 'ଅଜ୍ଞାନୀ ହେଉଥାଏ ଖୋଜି । ୯୬ ।
ନୟନ ଲକ୍ଷ୍ୟ ଜନ କଲେ । ଭବବନ୍ଧରୁ ତରେ ହେଲେ । ୯୭ ।
ମହର୍ଷି ଦତ୍ତାତ୍ରେୟ ପ୍ରୋକ୍ତ । ନେତ୍ର ରହସ୍ୟ ସମାପତ । ୯୮ ।
ଶ୍ରୀଭାରଦ୍ୱାଜ ଗୋତ୍ର ଜାତ । କ୍ଷତ୍ରିୟ ଜାତିରେ ସମ୍ଭୂତ । ୯୯ ।
ଶ୍ରୀ କୃଷ୍ଣଚନ୍ଦ୍ରଦେବ ସୁତ । ବିକ୍ରମ ଦେବ ବିରଚିତ । ୧୦୦ ।

ଏହି ଶ୍ରୀ ମହର୍ଷିଦତ୍ତାତ୍ରେୟ ପ୍ରୋକ୍ତ ନେତ୍ର ରହସ୍ୟ ସମ୍ପୂର୍ଣ୍ଣ ।

---

ଖାଇ ପତ୍ର ଘାସ । 'ପୋଷିବାରୁ ମାଂସ ।
ମୃଗ ବଧାର୍ହଭାଜନ ।
ମାଂସ ଖାଇ ଭଲେ । ମାଂସ ବଢାଇଲେ ।
କିସ ଭୋଗିବଟି ଜନ ॥

---

## ଜ୍ୟୋତିଷ କବିତା

ଅଙ୍କ ଦଣ୍ଡ ଅନ୍ତର୍ଦ୍ଦଶା ଦିବସର ତନ୍ନଦିନ ବତ୍ସରର ।
ଧ୍ରୁବ ତାକୁ ଇଷ୍ଟ ଦଶାରେ ଗୁଣିଲେ ଲବ୍ଧ ହୁଏ ପ୍ରତ୍ୟନ୍ତର ॥

---

| | | | |
|---|---|---|---|
| ୭ | ୯ | ୪ | ୧୪ |
| ୨ | ୧୬ | ୫ | ୧୧ |
| ୧୩ | ୩ | ୧୦ | ୮ |
| ୧୨ | ୬ | ୧୫ | ୧ |

ଗିରିର୍ବ୍ରହ୍ମାମ୍ବୁଧିର୍ଲୋକାଃ
ନେତ୍ରଂ ଭୂପଃ ଶରଃ ଶିବଃ ।
ତ୍ରୟୋଦଶସ୍ତ୍ରୀଦିଙ୍ଣାଗାଃ
ସୂର୍ଯ୍ୟାଋତୁସ୍ତିଥିଃ ଶଶୀ ॥

---

ତାରାନାଥ ଜଳ　　ଭାସ୍କର ଅନଳ
ଭୂମୃତ୍ତିକା ଛାୟାତମ ।
ଘୋଡ଼ାନ୍ତି ରବିଙ୍କ　　ତାରେଶ ଶଶିଙ୍କ
ଭୂଭାଁ ଗ୍ରହଣେ ନିୟମ ॥

---

ଭପଞ୍ଜର ସ୍ଥିର　　ଭୂପ୍ରତି ବାସର
ରବିର ପ୍ରଦକ୍ଷିଣରେ ।
କରଇ ଗ୍ରହଙ୍କ　　ନକ୍ଷତ୍ରମାନଙ୍କ
ଉଦୟାସ୍ତ ସଙ୍କ୍ରମରେ ॥

---

**ଅର୍ଥାତ୍ :—**

ଶ୍ଳୋଃ—ଭପଞ୍ଜରଃ ସ୍ଥିରଃ ଭୂରେ ବାବୃତ୍ୟାବୃତ୍ୟା ପ୍ରାତି ଦୈବସିକୌ ।
ଉଦୟାସ୍ତମୟୌ ସମ୍ପାଦୟତି ଗ୍ରହନକ୍ଷତ୍ରାଣାଂ । ୦ ।

---

ଆର୍ଯ୍ୟଭଟ୍ଟ :—

ଶ୍ଳୋଃ—ଚନ୍ଦ୍ରୋଜଲମର୍କୋଽଗ୍ନି ମୃର୍ଭୂଚ୍ଛାୟାତମସ୍ତଦ୍ଧି ।
ଛାଦୟତିଶଶୀସୂର୍ଯ୍ୟଂ ଶଶିନଂ ମହତୀଚଭୂଚ୍ଛାୟା । ୦

---

ପରୋପଦିଷ୍ଟ ଜନନ କାଳ ଦଣ୍ଡ ଲିତା ।
ସଂସ୍ଥାପିକ୍ରମରେ ସେହି ସବୁ କର ଲିତା ॥
ସେ ସଂଖ୍ୟାକୁ ଦୁଇଶହ ପଚାଶରେ ହର ।
ଶେଷକୁ ଗ୍ରହଣ କର ଲବ୍ଧ ପରିହରି ॥
ତାହା ପନ୍ଦରରୁ ଊଣା ହେଲେ ସ୍ତ୍ରୀ ନିଦାନ ।
ତିରିଶିରୁ ଊଣା ହେଲେ ନର ବୋଲି ଜାଣି ॥
ପଞ୍ଚାଳିଶୁଁ ଊଣା ହେଲେ ନାରୀର ଉତ୍ପତ୍ତି ।
ଷାଠିଏରୁ ଊଣା ହେଲେ ପୁରୁଷ ସନ୍ତତି ॥
ପଞ୍ଚୋସ୍ତରରୁ ନିଊନ ହୋଇଲେ ରମଣୀ ।
ବୋଲି ନିଃସନ୍ଦେହେ କହି ଅଛେ ଧୀରମଣି ॥

---

କୌଣସି ଅଙ୍କକୁ ଦ୍ୱିଗୁଣ କର ।
ଦଶକୁ ମିଶାଇ ଦୁଇରେ ହର ॥
ଲବ୍ଧରୁ ପୂରବ ଅଙ୍କ ଫେଡ଼ିଲେ ।
ଶେଷ ପାଞ୍ଚ ମାତ୍ର ହୁଏ ଦେଖିଲେ ॥

---

ଗୃହସ୍ଥ ଚୈତ୍ରକୁ ଆଦ୍ୟକରି ଗଣି ।
ଗତମାସ ସଂଖ୍ୟା ଦୁଇରେ ଗୁଣି ।

ତହିଁ ଗତ ଦିନ ସଂଖ୍ୟା ମିଶାଇ ।
ଚଇତାକୁ ପ୍ରାରମ୍ଭି ଗଣନ୍ତେ ଭାଇ ।
ଅଭିଷ୍ଟ ଦିନର ।
ନକ୍ଷତ୍ର ପ୍ରାପ୍ତଣ ହୁଏ ଗୋଚର । ୦ ।

---

ସଦୁଗ୍ଧଂପୃଥୁକଂପୌଷେଦଧ୍ନାବାଚସମନ୍ୱିତଂ ।
ଭୁବନେଶାୟଯୋଦଦ୍ୟାସ୍ତ୍ରଂକାମମବାପ୍ନୁୟାତ୍ । ଇତି ।

---

ଶ୍ଳୋ । ବର୍ହାପୀଡ଼ାଭିରାମଂ ମୃଗମଦତିଲକଂ କୁଣ୍ଡଳାକ୍ରାନ୍ତଗଣ୍ଡଂ ।
କଞ୍ଜାକ୍ଷଂ କମ୍ବୁକଣ୍ଠଂ ବିକଟିତବଦନଂ ସାଦର ନ୍ୟସ୍ତବେଣୁଂ ।
ଶ୍ୟାମଂଶାଙ୍ଗଂ ତ୍ରିଭଙ୍ଗଂ, ସଦରୁଣବଦନଂ ଭୂଷିତଂବୈଜୟନ୍ତ୍ୟା ।
ବନ୍ଦେ ବୃନ୍ଦାବନସ୍ଥଂ ଯୁବତିଶତବୃତଂ ବ୍ରହ୍ମଗୋପାଳରୂପଂ ॥

---

# ତୁଲସୀ ରାମାୟଣ ସମ୍ବନ୍ଧେ

ବିଶାଖପଟ୍ଟଣ
୪।୪।୧୯୨୬--

ପାଠକେ,

ସଂସ୍କୃତାଦି ଭାଷାମାନଙ୍କରେ ଏକବଚନ ଏବଂ ବହୁବଚନ ନିୟମିତରୂପେ ପ୍ରଯୁକ୍ତ ହେଉଥିଲେହେଁ ଉତ୍କଳକବିମାନେ ନିଜ ହୃଦୟରେ "ପୂଜ୍ୟତ୍ୱାଦ୍‌ବହୁବଚନଂ" ଲାଗି ରହିବାରୁ ପରି ଏକବଚନ ପ୍ରଯୋଜ୍ୟ ସ୍ଥାନମାନଙ୍କରେ ପ୍ରାୟଶଃ ବହୁବଚନ ପ୍ରୟୋଗ କରନ୍ତି ! ସେମାନେ "ଏକମେବାଦ୍ୱିତୀୟଂ ବ୍ରହ୍ମ"ଠାରେ ମଧ୍ୟ, ବହୁବଚନ ବ୍ୟବହାର କରି ତଦ୍‌ଗୌରବକୁ ହ୍ରାସ କରି ଦିଅନ୍ତି । କିନ୍ତୁ ଉତ୍କଳଭାଷାରେ ବହୁବଚନ ସର୍ବତ୍ର ବ୍ୟବହୃତ ବୋଲି କୁହାଯାଇ ପାରେ ନାହିଁ । "ଦୁଷ୍ଟ ବିନାଶି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ।" "ତୁଲେ ରାମ ରାମ ରାମନେତ୍ରା ଘେନି ବନେ" "ବିନୋଦରେ ସଙ୍ଗେ ଘେନି ହରେ ଦୀନବନ୍ଧୁ" "ଈଶ୍ୱର ସ୍ୱତନ୍ତ୍ର ସ୍ୱୟଂ ଭଗବାନ ତୁହି" "ଈଶଶେଷାଦିସେବକସେବ୍ୟ ଏକା ତୁହି" ପ୍ରଭୃତି ପଦ୍ୟପାଦମାନଙ୍କରେ ପ୍ରାଚୀନ କବିବରେ ଏକବଚନ ସମୁଚିତରେ ପ୍ରୟୋଗ କରିଥିଲେହେଁ ଅର୍ବାଚୀନ କବିମାନେ ସେ ପ୍ରଥାକୁ ନିରନ୍ତରେ ଅବଲମ୍ବନ କରୁ ନ ଥିବା ଦୁଃଖର ବିଷୟ ଅଟେ । ଏବେ ତାକୁ ବଦଳାଇଲେ, ଏ ସବୁକୁ ଥିବା ଅଭ୍ୟାସଦୋଷରୁ ଓଡ଼ିଆ କାନ ସୁଖ ନ ପାଇବା ତଥ୍ୟ । ତଥାପି ଯେଉଁ ସ୍ଥାନରେ ଯେଉଁ ବଚନ ରହିବା ଉଚିତ, ସେହି ସ୍ଥାନରେ ସେହି ବଚନ ପ୍ରଯୁକ୍ତ ହୋଇ ଏହି ଆଦିକାଣ୍ଡ ରଚିତ । ଅତଏବ ଏଥି ବଚନମାନ ସଂଶୋଧିତ ନୋହୁ । ଇତି ।

ବିବୁଧବିଧେୟ,
**ଶ୍ରୀ ବିକ୍ରମଦେବ ବର୍ମା**

## ବିଜ୍ଞାପନ

ତୁଳସୀ—ବିକ୍ରମ ସଂଜ୍ଞାରେ । ସରଳ ଓଡ଼ିଆ ଭାଷାରେ ॥
ତୁଳସୀ ଦାସ ରାମାୟଣ । ଅନୁବାଦକୁ ମୁଁ ରଚନ ॥
କରିବାକୁ ସଙ୍କଳ୍ପି ଅଦ୍ଧା— । କାଣ୍ଡ ରଚିଲି ହୋଇ ମୋଦ୍ଧା ॥
ଗୋଟିଏ ନଷ୍ଟି ସେ କାଳରେ । ଘଟିଲା ମୋର ନିବାସରେ ॥
ତା ପରେ ରାମେଶ୍ୱର ଗଲି । ତେଣୁ ରଚନା ବନ୍ଦ କଲି ॥
ତା ଅନୁବାଦିତ ଅବର । ମୁଦ୍ରିତ ହୋଇଲା ଖବର ॥
ସ୍ୱପ୍ନରେ ପ୍ରବେଶି ଜାଣିଲି । ଇତର କାଣ୍ଡ ନ ରଚିଲି ॥
ମାତ୍ର ଯା ହୋଇଛି ରଚିତ । ତାକୁ କୀଟାଦିରୁ ରକ୍ଷିତ ॥
କରିବା ବାଞ୍ଛାରେ ମୁଦ୍ରଣ । କରାଇ କଲି ପ୍ରକଟନ ॥
ସୁଧୀସମ୍ମତା ହେଲେ ସିନା । ଉତ୍ତମା ମୋ ପଦ ରଚନା ॥
ଏପରି ବୋଲେ ସାଧୁକର୍ମୀ । ବୀର—ବିକ୍ରମ ଦେବ ବର୍ମୀ ॥

# ତୁଳସୀ ବିକ୍ରମ ରାମାୟଣ

## ଆଦିକାଣ୍ଡ

ଜୟ ଜୟ ଶ୍ରୀମତୀଶ ନିଷ୍କଳ ସାକାର ।
ପରଂବ୍ରହ୍ମ ଜଗଦୀଶ ଚରାଚରାଧାର ।୧।
ସର୍ବମୟ ସର୍ବଶକ୍ତି ସର୍ବଜ୍ଞ ନିର୍ଗୁଣ ।
ନିଷ୍କଳଙ୍କ ନିର୍ବିକାର ନିତ୍ୟ ନିରଞ୍ଜନ ।୨।
ପ୍ରଜ୍ଞାନ ସ୍ୱରୂପ ସଚ୍ଚିଦାନନ୍ଦ ଅଚ୍ୟୁତ ।
ଅଭବ ପୁରୁଷୋତ୍ତମ ଅନାଦି ଅନନ୍ତ ।୩।
ଅପର ବାଲ୍ମୀକି-ଶ୍ରୀତୁଳସୀ ଦାସ କୃତ ।
ରାମାୟଣ ହିନ୍ଦିରେ ହୋଇଅଛି ପ୍ରକାଶିତ ।୪।
ମୋର ପୂର୍ବ ଭାଗ୍ୟରୁ ଉତ୍କଳ କବିବରେ ।
ତାର ଅନୁବାଦ କରି ନାହାନ୍ତି ସାଦରେ ।୫।
ତଦନୁବାଦ ମୁଁ କରି ସରଳ ଭାଷାରେ ।
ତୋ ପଦ- ପଙ୍କଜେ ସମର୍ପିବାକୁ ବାଞ୍ଛୁରେଁ ।୬।
ହେ କୃପାସାଗର ମୋ ଏ ବାଞ୍ଛା ପୂର୍ଣ୍ଣ କର ।
ମୋର ଅନୁବାଦ ପାଉ ସର୍ବଜନାଦର ।୭।
ଭାରତ ଦକ୍ଷିଣାପଥେ ଅଛି ଦେଶବର ।
ଯାର ରାଜଧାନୀ ହୋଇଥିଲା ନନ୍ଦପୁର ।୮।
ଯାର ବର୍ତ୍ତମାନ ରାଜଧାନୀ ଜୟପୁର ।
ଯେହୁ ଅଟେ ସର୍ବଶସ୍ୟମାନଙ୍କ ଆକର ।୯।
ତାର ପ୍ରଥମାଧିପତି ଦେବ ବିନାୟକ ।
ଭାରଦ୍ୱାଜ ଗୋତ୍ରଜ ଭାନୁବଂଶଦୀପକ ।୧୦।
ଅଷ୍ଟାଦଶ ନୃପେ କ୍ରମେ ତାଙ୍କ ସନ୍ତତିରେ ।
ଧର୍ମମାର୍ଗେ ପ୍ରଜା ପାଳି ରାଜିଲେ ଖ୍ୟାତିରେ ।୧୧।
ତତ୍ପରେ ଜନ୍ମିଲେ ମହାରାଜ ରାମଚନ୍ଦ୍ର ।
ଯାହାଙ୍କୁ ବୋଲନ୍ତି କଳିଯୁଗ ରାମଚନ୍ଦ୍ର ।୧୨।

ତାଙ୍କ ପୁତ୍ର ଶ୍ରୀ ବିକ୍ରମଦେବ ନୃପମଣି ।
ସମସ୍ତ ପ୍ରଶସ୍ତ ଗୁଣମାନଙ୍କର ଖଣି । ୧୩ ।
ଶରପଞ୍ଚକ ମାର ଗ୍ରହଣ କଲା ପର ।
ଜାୟାପଞ୍ଚକଙ୍କୁ ସେ ଥିଲେ ଗ୍ରହଣ କର । ୧୪ ।
ସେମାନଙ୍କ ଗର୍ଭୁଁ ବେଳ୍ପ ସୁତା ଷଟ୍ ସୁତ ।
ଜନମି ମହୀମଣ୍ଡଳେ ହେଲେ ପ୍ରକାଶିତ । ୧୫ ।
ପ୍ରଥମଜ ମହାରାଜ ରାମଚନ୍ଦ୍ର ଦେବ ।
ଦ୍ୱିତୀୟ ନନ୍ଦନ ବୀର କୃଷ୍ଣଚନ୍ଦ୍ର ଦେବ । ୧୬ ।
ବୀର ବିଶ୍ୱମ୍ଭର ଦେବ ତୃତୀୟ ତନୟ ।
ସୁନ୍ଦରମଣି ଶ୍ରୀ ଗୁଣମଣି ସୁତାଦ୍ୱୟ । ୧୭ ।
କୃଷ୍ଣଚନ୍ଦ୍ର ଦେବଙ୍କର ପତ୍ନୀ ରେଖାଦେବୀ ।
ଶଶିବଂଶଜାତା କ୍ଷମା ଗୁଣରେ ଭୂଦେବୀ । ୧୮ ।
ତାଙ୍କ ଗର୍ଭ ଶୁକ୍ତିରେ ଜନ୍ମିଲେ ମୁକ୍ତା ପର ।
ସୁବର୍ଣ୍ଣ ଦେବୀ ପାରଳାଖେମୁଣ୍ଡୀ ଈଶ୍ୱରୀ । ୧୯ ।
ତତ୍ପରେ ଶାଳିବାହାନ ଶକ ସତରଶ ।
ଏକାଶୋଇ ଯୁଗ୍ମମାସ ପନ୍ଦର ଦିବସ । ୨୦ ।
ରବିବାର ରାତି ମେଷଲଗ୍ନରେ ଜନ୍ମିଲ ।
ଶ୍ରୀ ବିକ୍ରମ ଦେବ ବର୍ମ ନାମକୁ ଲଭିଲ । ୨୧ ।
ଅକ୍ଷରାର୍ଥ ରସଛନ୍ଦୋମଙ୍ଗଳକାଳର ।
କର୍ତ୍ତ୍ରୀ କର୍ତ୍ତା ଜୟ ଜୟ ବାଣୀ ଗଣେଶ୍ୱର । ୨୨ ।
ଶ୍ରଦ୍ଧାରୂପିଣୀ ଶିବାଙ୍କୁ ବିଶ୍ୱାସ ସ୍ୱରୂପ ।
ଶିବଙ୍କୁ ଭକ୍ତିଭାବରେ ବନ୍ଦଇଁ ଅମାପ । ୨୩ ।
ସେ ଦେବୀ ଦେବଙ୍କ କୃପା ବିନା ସ୍ୱହୃଦୟ ।
ସ୍ଥିତ ପ୍ରଭୁଙ୍କୁ ଦେଖି ନ ପାରେ ସିଦ୍ଧଚୟ । ୨୪ ।
ଜୟ ଜ୍ଞାନମୟ ନିତ୍ୟ ଗୁରୁରୂପ ସୋମ ।
ବକ୍ର ହେଲେହେଁ ଯାର ଅଶ୍ରୟେ ବନ୍ଦ୍ୟ ସୋମ । ୨୫ ।
ସୀତା ରାମ ଗୁଣଗଣ ପୁଣ୍ୟ ବନେ ଗତ ।
କଲା କବୀଶ କପୀଶ ଦ୍ୱୟଙ୍କୁ ମୋ ନତ । ୨୬ ।

ଜୟ ଶୁଭଙ୍କରୀ ସୃଷ୍ଟିସ୍ଥିତ୍ୟନ୍ତକାରିଣୀ ।
କ୍ଳେଶନାଶିନୀ ସୀତା ରାମମନୋହାରିଣୀ । ୨୭ ।
ଯାହାର ମାୟାରେ ବଶ୍ୟ ଅଖିଳ ଜଗତ ।
ପିତାମହ ପ୍ରଭୃତି ଦେବତାଏ ସତତ । ୨୮ ।
ଯାର ସତ୍ତ୍ୱରୁ ରଜ୍ଜୁରେ ସର୍ପଭ୍ରମ ପରି ।
ସକଳ ସତ୍ୟ ବୋଲି ହୁଏ ପ୍ରତୀତ ସବୁରି । ୨୯ ।
ଯାର ଚରଣ କେବଳ ସଂସାର-ସାଗର ।
ତରଣେଚ୍ଛୁଙ୍କର ଅଟଇ ନାବବର । ୩୦ ।
ଯେ ସର୍ବକାରଣ ପର ଯେ ଈଶ ଯେ ହରି ।
ସେହି ରାମଚନ୍ଦ୍ରଙ୍କୁ ନମସ୍କାର ମୋହରି । ୩୧ ।
ନିଖିଳ ପୁରାଣ ନିଗମାଗମ ସମ୍ମତ ।
ରାମାୟଣୋକ୍ତ ପୁଣି ଅନ୍ୟଠାରୁ ଗଚ୍ଛିତ । ୩୨ ।
ରାମ କଥାକୁ ସ୍ୱାନ୍ତ ସୁଖ ପାଇଁ ହୃଦରେ ।
ତୁଳସୀ ଦାସ ରଚିଲେ ଅତି ମନୋହରେ । ୩୩ ।
କୃପା କରନ୍ତୁ ସ୍ମୃତ କାର୍ଯ୍ୟସିଦ୍ଧିଦ ଗଣେଶ ।
ବୁଦ୍ଧିରାଶି ଶୁଭଗୁଣନିଧି ବାରଣାସ୍ୟ । ୩୪ ।
ଯାହାର କୃପାରେ ମୂକ ହୁଅଇ ବାଚାଳ ।
ପଙ୍ଗୁ ହେଲେ ଚଢ଼ିଯାଏ ଗିରିବରଜାଳ । ୩୫ ।
ସେହି କୃପାକର ସର୍ବକଳିମଳହର ।
ରାମ କରୁଣା ମୋରେ ପ୍ରସନ୍ନ ନିରନ୍ତର । ୩୬ ।
ନୀଳାମ୍ବୁଜଶ୍ୟାମ ନବଜଳଜନୟନ ।
କ୍ଷୀରାବ୍ଧିଶୟନ କରୁ ମୋ ହୃଦସଦନ । ୩୭ ।
ମୋରେ କୃପା କରୁ ଦୀନପାଳ କୃପାକର ।
କୁନ୍ଦେନ୍ଦୁ ସମ ଦେହ ଗୌରୀଶ ସ୍ମରହର । ୩୮ ।
ଯା ବଚନ-ରବିକର ନାଶେ ମୋହତମ ।
ଯେ କୃପାବ୍ଧି ଯେ ନରରୂପ ପୁରୁଷୋତ୍ତମ । ୩୯ ।
ସେ ଗୁରୁ ଚରଣ ବର ନୀରଜଯୁଗକୁ ।
ବନ୍ଦଇଁ ଏକାଗ୍ର କରି ମୋର ମାନସକୁ । ୪୦ ।

ବନ୍ଦଇଁ ଗୁରୁଦେବପାଦାମ୍ବୁଜପରାଗ ।
ଧୃତ ସୁରୁଚ ସୁବାସ ସରସାନୁରାଗ । ୪୧ ।
ଅମୃତମୟ ଚୂର୍ଣ୍ଣ ଜ୍ଞାନପ୍ରାପ୍ତି ସାଧନ ।
ଜନଙ୍କର ସକଳ ଭବରୋଗଶମନ । ୪୨ ।
ପୁଣ୍ୟମୟ ଶମ୍ଭୁଦେହ ବଭୂତ ସମାନ ।
ମଞ୍ଜୁଳ ମଙ୍ଗଳପ୍ରଦ ଆନନ୍ଦନଧାନ । ୪୩ ।
ଯେ କରେ ଶିଷ୍ୟାଳଚତ୍ତ ମୁକୁର ସଦୃଶ ।
ଯାର ତଳକରେ ଗୁଣଗଣ ହୁଏ ବଶ । ୪୪ ।
ଗୁରୁପଦନଖମଣିକାନ୍ତି ଭାଗ୍ୟକର ।
ଦବ୍ୟଦୃଷ୍ଟିପ୍ରଦ ମହାମୋହତମୋହର । ୪୫ ।
ତାହା ସିଦ୍ଧାଞ୍ଜନ ବଙ୍କ ସାଧକଙ୍କୁ ଗିର ।
ବନଭୂଗର୍ଭ ନଧାନ ଦେଖାଇବା ପର । ୪୬ ।
ରାମଚରତ ଗୁପ୍ତନଧି ଗୋଚର କରେ ।
ଜ୍ଞାନାକ୍ଷି ମେଲେ ଭବତମିର ଦୁଃଖ ହରେ । ୪୭ ।
ବବେକ ଦୃଷ୍ଟି ତାହାଦ୍ୱାରା କର ବମଳ ।
ବର୍ଣ୍ଣଇଁ ରାମ ଚରତ ଭବ ତୁଳାନଳ । ୪୮ ।
ମୋହ ଜନତ ସଂଶୟ ହରଣ ନମିତ୍ତ ।
ମହୀସୁର ପଦକ ଜନମଇଁ ସନ୍ତତ । ୪୯ ।
ସାଧୁ ଚରତ ମଙ୍ଗଳ କାର୍ପାସ ସଦୃଶ ।
ବଶଦ ଗୁଣମୟ ଫଳଯୁତ ନୀରସ । ୫୦ ।
ଦୁଃଖ ସହନ୍ତୁ ପରଛିଦ୍ରାଚ୍ଛାଦନକର ।
ଅଟଇ ବାଞ୍ଛନୀୟ ସମସ୍ତ ଜନଙ୍କର । ୫୧ ।
ମଙ୍ଗଳ ଗୁଣଖନ ସୁଜନ ସମାଜଙ୍କୁ ।
ପ୍ରଣାମ କରଇଁ ମୁଁ ବସ୍ତାର ବନୟଙ୍କୁ । ୫୨ ।
ତାହା ଅଟେ ଜଙ୍ଗମ ତୀର୍ଥରାଜ ପ୍ରୟାଗ ।
ତହିଁ ଭକ୍ତ ଜାହ୍ନବୀ କର୍ମ ଯମୁନା ଯୋଗ । ୫୩ ।
ବ୍ରହ୍ମ ବଚ୍ଚର ସରସ୍ୱତୀ ଅନ୍ତର୍ବାହନୀ ।
ରାଜେ ବଶ୍ୱାସବଟ ପାତକ ଧର୍ଷଣୀ । ୫୪ ।

କଥିତ ହରି ହର ଚରିତ ଶୁଭଙ୍କର ।
ଜନ ସୁଲଭ ସୁସେବ୍ୟ କଳିମଳହର । ୫୫ ।
ଅକଥନୀୟ ପ୍ରଭାବ ସମାଦରଣୀୟ ।
କ୍ଳେଶ ଖଣ୍ଡନ ଚତୁର୍ବର୍ଗଦ ବନ୍ଦନୀୟ । ୫୬ ।
ପ୍ରୟାଗେ କାକ ବକ ହୁଅନ୍ତି ପିକ ହଂସ ।
ସତ୍ସଙ୍ଗ ପ୍ରଭାବେ ଖଳ ହୁଏ ସାଧୁତଂସ । ୫୭ ।
ସତ୍ସଙ୍ଗୁ ବାଲ୍ମୀକି ନାରଦ ଘଟ ତନୁଜ ।
ହୀନଜନ୍ମ ଲଭି ମଧ୍ୟ ହେଲେ ଋଷିରାଜ । ୫୮ ।
ସତ୍ସଙ୍ଗ ବିନା ଉପକାରିତା ମତିଗତି ।
ଭୂତ କାଉଁ ପାଏ ନାହିଁ କିଷ୍ଟେ ପ୍ରାଣିତତି । ୫୯ ।
ସୁଜନ ସଙ୍ଗ ବିନା ବିବେକ ଜନ୍ମେ ନାହିଁ ।
ରାମକୃପା ବିନା ତାହା ଲଭ୍ୟ ହୁଏ ନାହିଁ । ୬୦ ।
ଶୁଭମୂଳ ସତ୍ସଙ୍ଗ ସିଦ୍ଧିର ଫଳାକାର ।
ଇତର ସାଧନଯାକ ଫୁଲ ପରକାର । ୬୧ ।
ଶଠ ସଜ୍ଜନ ସଙ୍ଗରୁ ହୁଅଇ ସୁଜନ ।
ଯେସନେ ଲୁହା ସ୍ପର୍ଶମଣିଯୋଗରୁ କାଞ୍ଚନ । ୬୨ ।
ବିଧିବଶେ ସୁଜନ କଲେହେଁ କୁସଙ୍ଗକୁ ।
ଫଣିମଣି ପରି ଅନୁସରେ ସ୍ୱଗୁଣକୁ । ୬୩ ।
ସାଧୁଜନ ମହିମାକୁ କବି ବୃହସ୍ପତି ।
ବାଣୀ ବ୍ରହ୍ମା ହରି ହର ବର୍ଣ୍ଣି ନ ପାରନ୍ତି । ୬୪ ।
ଦିବ୍ୟରତ୍ନ ମୂଲ୍ୟକୁ ଶାକବଣିକ ପରି ।
ତାକୁ କହି ପାରିବି କି ଅଜ୍ଞ ମୋର ସରି । ୬୫ ।
ସଜ୍ଜନ ସମ ଚିତ୍ତକୁ ବନ୍ଦଇଁ ତୁହାଇ ।
ଯାର ପରାପର ଭେଦ ଲେଶ ହେଲେ ନାହିଁ । ୬୬ ।
ଯେସନେ ଅଞ୍ଜଳିସ୍ଥିତ ସୁମ ପାପୁଲି ଦୁଇ ।
ସମାନ ଭାବରେ ମାନି ବାସିତ କରଇ । ୬୭ ।
ସୁଜନ ମନ ସରଳ ଜଗଦ୍ଧିତ ହୁଏ ।
ସୁସ୍ୱଭାବ ବାଳକକୁ ମଧ୍ୟ ଭକ୍ତି ଦାଏ । ୬୮ ।

ଶତବାର ବନ୍ଦଇଁ ଖଳଗଣଙ୍କୁ ସେହୁ ।
ନିମନ୍ତ୍ରଯୋଜନରେ ହୁଏ ଅତି ପୁଣ ସ୍ନେହୀ । ୬୯ ।
ପରଦୁଃଖେ ସୁଖୀ ପରସୁଖେ ଦୁଃଖୀ ମାନି ।
ମଣେ ପର ହାନିଲାଭ ନିଜ ଲାଭହାନି । ୭୦ ।
ଶ୍ରୀଧର ଶଙ୍କର କୀର୍ତ୍ତି ରାକାଚନ୍ଦ୍ର ରାହୁ ।
ପରାର୍ଥନାଶନରେ ସାକ୍ଷାତ୍ସହସ୍ରବାହୁ । ୭୧ ।
ଅନ୍ୟ ଦୋଷ ଦର୍ଶନେ ନିଶ୍ଚେ ସହସ୍ର ନେତ୍ର ।
ଇତର ନ ରହିତ ଘୃତ ମକ୍ଷିକା ମାତ୍ର । ୭୨ ।
ତେଜରେ ଅଗ୍ନିସ୍ପର୍ଶ କ୍ରୋଧରେ ପ୍ରେତପତି ।
ଅବଗୁଣପାତକ ଧନରେ ଧନପତି । ୭୩ ।
ପରାର୍ଥଧୂମକେତୁ ହୋଇ ଜ୍ୱଳିବାଠାରୁ ।
କୁମ୍ଭକର୍ଣ୍ଣ ପରି ଶୋଇ ରହିବା ସୁଗୁରୁ । ୭୪ ।
ପରଦୋଷ ଶ୍ରବଣେ ବାଞ୍ଛି ଅୟୁତେ କାନ ।
କଥା କହେ ଇନ୍ଦ୍ରଙ୍କର ବଜ୍ରର ସମାନ । ୭୫ ।
ଶସ୍ୟ ବିନାଶି ମିଳିବା କରକାର ପ୍ରାୟେ ।
ପରହାନି କରି ନିଜେ ବିନାଶକୁ ପାଏ । ୭୬ ।
ଅନ୍ୟର ନିନ୍ଦା ରଟନେ ସହସ୍ରବଦନ ।
ଖଳଦୁର୍ଗୁଣ କିଏ କରି ପାରେ କଥନ । ୭୭ ।
ଶତ୍ରୁମିତ୍ର ବାଞ୍ଛି ରହିତ—ଉଦାସୀ ନର ।
ଚରିତ୍ର ଶୁଣିଲେ ଜଳେ ହୃଦୟ ଖଳର । ୭୮ ।
ସ୍ନେହରେ ପାଳିତ ହେଲେ ମଧ୍ୟ ବଳିଭୁକ ।
ମାଂସାଶନ କେବେ ଛାଡ଼େ ନାହିଁ ଏହା ଠିକ । ୭୯ ।
ସେପରି ମୁଁ କଲେ ହେଲେ ସସ୍ନେହ-ବିନୀତ ।
ମୋର ଅଶୁଭ ସାଧନେ ବ୍ରତ ଖଳଚିତ୍ତ । ୮୦ ।
ସଦସଜ୍ଜନଙ୍କୁ ମୁଁ ନମଇଁ ପାଇ ମୁଦ ।
ବିଯୋଗେ ପ୍ରଥମ ଯୋଗେ ଦ୍ୱିତୀୟ ଖେଦଦ । ୮୧ ।
ଜଳରେ କଞ୍ଜ ଜୋକ ଯେପରି ସୁଧାଗର ।
ପର ଏକ ଗର୍ଭାଶୟେ ଜନ୍ମ ଦୁହିଙ୍କର । ୮୨ ।

ଗଙ୍ଗା କର୍ମନାଶା ମତ ଚନ୍ଦ୍ର ବହ୍ନି ପର ।
ଅମୃତ ଗରଳ ପ୍ରାୟେ ଭଲ ମନ୍ଦ କର । ୮୩ ।
ସ୍ତୁତିର ନିନ୍ଦାର ପାତ୍ର ହୋଇ ଏ ଜଗତେ ।
ଲଭନ୍ତି ଯଶ ଅପଯଶ ସତକୁ ସତେ । ୮୪ ।
ଦୁହେଁ ଗୁଣାଗୁଣ ତତ୍ତ୍ୱ ସମ୍ୟକେ ଜାଣନ୍ତି ।
ମାତ୍ର ପୂର୍ବ ବାସନାବଶରେ ପ୍ରବର୍ତ୍ତନ୍ତି । ୮୫ ।
ସନ୍ତ ସୁଗୁଣଖଣି ଖଳ ଦୁର୍ଗୁଣରାଶି ।
ଯେ ବିଧିରେ ଅଗାଧ ଅପାର ଜଳରାଶି । ୮୬ ।
ସେମାନଙ୍କ ସଂଗ୍ରହ ପରିତ୍ୟାଗ ନିମିତ୍ତ ।
ତଦ୍ଗୁଣ ସ୍ୱଭାବ କିଛି ଜାଣିବା ଉଚିତ । ୮୭ ।
ବିଶ୍ୱ ଅଟେ ଗୁଣ ଦୋଷ ମିଶ୍ରିତ ନିକର ।
ଗୁଣାଧିକ ଅମର ଦୋଷାଧିକ ଅସୁର । ୮୮ ।
ଭଲମନ୍ଦ ବେନି ସମେ ବିଧିକୃତ ବୋଲି ।
ବେଦପୁରାଣେତିହାସମାନଙ୍କର ବୋଲି । ୮୯ ।
ପୁଣ୍ୟ ପାପ ସୁଖ ଦୁଃଖ ସୁଜନ ଦୁର୍ଜନ ।
ଉଚ୍ଚ ନୀଚ ଦିନ ରାତି ଜନନ ମରଣ । ୯୦ ।
ବ୍ରହ୍ମମାୟା ଈଶ୍ୱର ଜୀବ ଅମୃତ ଗର ।
ଉଚ୍ଚଜାତି ନୀଚଜାତି ବିବୁଧ ଅସୁର । ୯୧ ।
ଭାଗ୍ୟ ହତଭାଗ୍ୟ କାଶିକା ମଗଧ ଦେଶ ।
ଗଙ୍ଗା କର୍ମନାଶା ମାଳବ ମରୁ ପ୍ରଦେଶ । ୯୨ ।
ବୈରାଗ୍ୟ ବିଷୟାସକ୍ତି ବିପ୍ର ବ୍ୟାଧତତି ।
ନୃପତି ଭିକାରି ସ୍ୱର୍ଗ ନରକ ପ୍ରଭୃତି । ୯୩ ।
ସକଳ ଚରାଚର ଗୁଣାବଗୁଣଯୁତ ।
ଗୁଣାଗୁଣ ବିଭାଗ ଶାସ୍ତ୍ରାଳିରେ କଥିତ । ୯୪ ।
ନୀରକୁ ଛାଡ଼ି ହଂସ କ୍ଷୀର ପିଇବା ମତ ।
ଦୋଷକୁ ଛାଡ଼ି ସନ୍ତ ଘେନଇ ଗୁଣତତ । ୯୫ ।
ବିଧିଦତ୍ତ ବିବେକୁଁ ଗୁଣ ଦୋଷ ଗୋଚର ।
ତେବେହେଁ ଜୀବେ ମାୟାବଶ୍ୟ ହେଲେ ନିକର । ୯୬ ।

ଭାଲ କର୍ମ ସ୍ୱଭାବ ପ୍ରେରଣରେ ସୁକୃତ ।
ତ୍ୟାଗ କରି ଏକଦା ଆଚରଇ ଦୁଷ୍କୃତ । ୯୭ ।
ସେପରି ଦୋଷକୁ ହରିଭକ୍ତ ହେଲେ ନାଶେ ।
ପବିତ୍ରବନ୍ତ ହୋଇ ବିଖ୍ୟାତରେ ପ୍ରକାଶେ । ୯୮ ।
ସତ୍ସଙ୍ଗ କଲେ ହେଲେ ସୁକୃତଜ୍ଞ ଦୁର୍ଜନ ।
ତାହାକୁ ଛାଡ଼େ ନାହିଁ ସହଜାତ ଦୁର୍ଗୁଣ । ୯୯ ।
ସଜ୍ଜନ ବେଶରେ ଠକ ହେଲେହେଁ ପୂଜିତ ।
ସ୍ୱରୂପ ଜ୍ଞାତ ପରେ ନ ହୁଏ ନିର୍ବାହିତ । ୧୦୦ ।
ଅବସ୍ଥା ସହୁ ରାବଣ କାଲନେମିଙ୍କର ।
ଇହାର ବିବରଣରେ ପୁରାଣ ନିକର । ୧୦୧ ।
ସୁଜନ କୁତ୍ସିତ ବେଶେ ମଧ୍ୟ ପ୍ରପୂଜିତ ।
ମାରୁତି ଭୂପତି ଚରଣରୁ ବନ୍ଦିତ । ୧୦୨ ।
ମହାଜନ ସହଚର ଲଭଇ ଲାଭକୁ ।
ନୀଚ ଜନର ସଙ୍ଗୀ ପାଏ ଅପଚୟକୁ । ୧ ୩ ।
ଧୂଳି ଉଠଇ ଊର୍ଦ୍ଧ୍ୱଗତ ପବନ ସଙ୍ଗୁ ।
ତଳେ ପଡ଼ି କାଦୁଅ ନୀଚଗ ନୀର ସଙ୍ଗୁ । ୧୦୪ ।
ସୁଜନ ଗୃହ ଶୁକ ରାମ ହରି କହଇ ।
ଦୁର୍ଜନ ମନ୍ଦିରରେ ଥିଲେ ଗାଳି ଦିଅଇ । ୧୦୫ ।
ଧୂମକୁ ସଙ୍ଗରେ ଧରେ ଅଳନ୍ଧୁ ଅଙ୍ଗାର ।
ସୁସଙ୍ଗେ କାଳି ହୋଇ ହେଉ ଗ୍ରନ୍ଥ ଲେଖାର । ୧୦୬ ।
ସେହିପରି ଜଳାଗ୍ନି ବାତ ଯୋଗେ ମେଘ ହୁଏ ।
ଜଗକୁ ପୋଷଣ କରି ଅତି ସୁଖ ଦିଏ । ୧୦୭ ।
ସଙ୍ଗାନୁରୂପରେ ଗ୍ରହ ବାତୌଷଧିପଂକ୍ତି ।
ଜଳ ହୁଅନ୍ତି ଭଲ ମନ୍ଦ ଏହା ପ୍ରକଟ । ୧୦୮ ।
ଶୁକ୍ଳ କୃଷ୍ଣ ବୋଲି ପକ୍ଷ ଯୁଗର ନାମରେ ।
ଭେଦ ଥିଲେହେଁ ତାହା ନାହିଁ ପରମାଣରେ । ୧୦୯ ।
ମାନ ଶଶି ପୋଷଣରୁ ପ୍ରଥମଟି ବନ୍ଦ୍ୟ ।
ତଦାପି ଶୋଷଣବଶୁଁ ଦ୍ୱିତୀୟଟି ନିନ୍ଦ୍ୟ । ୧୧୦ ।

ଚରାଚର ସର୍ବ ରାମମୟ ବୋଲି ଜାଣି ।
ଉତ୍ପଦାଙ୍କୁ ବନ୍ଦଇଁ ଯୋଡ଼ି ଦେନି ପାଣି । ୧୧୧ ।
ଦେବ ଦାନବ ଗନ୍ଧର୍ବ ନାଗ ଖଗ ନର ।
ପିତୃ ପ୍ରେତ କିନ୍ନର ନମଇଁ କୃପାକର । ୧୧୨ ।
ଜଗୃ ରାମମୟ ବିଶ୍ୱ ଯହିଁରେ ଚୌରାଶୀ ।
ଲକ୍ଷ ଜୀବରାଶି ଭୂଜଳାକାଶନିବାସୀ । ୧୧୩ ।
ନୂତ କରେଁ ବଳବୁଦ୍ଧିହୀନ ମୁଁ ଡୁମ୍ବର ।
କିଙ୍କର ମୋତେ ସର୍ବେ ସଦ୍ଭାବେ କୃପାକର । ୧୧୪ ।
ରାମଗୁଣ ଅଗାଧ ଅବାଙ୍ମନୋଗୋଚର ।
ମୁଁ ବୁଦ୍ଧିହୀନ କରେଁ ବାଞ୍ଛା ତଦ୍ବର୍ଣ୍ଣନର । ୧୧୫ ।
ମୋ ମତ ରଙ୍କ ଶ୍ରେଷ୍ଠ ମୋ ରୁଚି ଭଲ ବଡ଼ ।
କୃତ ନାଟ୍ୟ ହେଲି ମୁହିଁ ସାହସୀ ଜଡ଼ । ୧୧୬ ।
ଗୁଡ଼ ନ ପାଇବା ଲୋକ ସୁଧା ପିଇବାକୁ ।
ଇଚ୍ଛା କରିବା ପରି ମୁଁ ପାଞ୍ଚେ ବର୍ଣ୍ଣିବାକୁ । ୧୧୭ ।
ଏହୁ ଦୋଷକୁ ସହୁ ଧୀରେ ଶିଶୁ ବଚନ ।
ସମାନ ମୋ ବର୍ଣ୍ଣନକୁ କରନ୍ତୁ ଗ୍ରହଣ । ୧୧୮ ।
ଶିଶୁବାଣୀ ଶୁଣି ମା ବାପ ମୋଦ ଲଭନ୍ତି ।
କୁଟିଳ କ୍ରୁର ମୂର୍ଖ ଶଠ ଜନେ ହସନ୍ତି । ୧୧୯ ।
ସରସ ହେଉ ବା ନୋହୁ କବିତ୍ୱ ନିଜର ।
ହୁଅଇ ଆନନ୍ଦକର ଆପଣା ମନର । ୧୨୦ ।
ପର କବିତ୍ୱ ଶୁଣି ମୁଦିତ ହେବା ନରେ ।
ଅଛନ୍ତି ଜଗତରେ ଅତ୍ୟନ୍ତ ସାମାନ୍ୟରେ । ୧୨୧ ।
ନିଜ ବଢ଼ିରେ ବଢିବା ତଟିନୀ ତଡ଼ାଗ ।
ଶ୍ରମ ଜନରତ୍ୟେ ପରିପୂର୍ଣ୍ଣ ଭୂମିଯାକ । ୧୨୨ ।
ମାନ୍ୟ ଇନ୍ଦୁ ବୃଦ୍ଧି ଦେଖି ବଢିବା ସାଗର ।
ସମାନ ଜନ ଦୁର୍ଲ୍ଲଭ ଅଟଇ ନାଗର । ୧୨୩ ।
ଭାଗ୍ୟହୀନ ମୁଁ ବଢ଼ାଇ ଅଛି ଅଭିଳାଷ ।
ଶ୍ରୀ ରାମାୟଣ ରଚନ୍ତୁ କହିବାକୁ ପ୍ରକାଶ । ୧୨୪ ।

ମୋର ଗ୍ରନ୍ଥ ଶୁଣି ଖଳେ କଲେ ଉପହାସ ।
ସୁଜନେ ସନ୍ତୋଷୀ ହେବେ ଏହା ମୋ ବିଶ୍ୱାସ । ୧୨୫ ।
କାକ ପିକନାଦକୁ ବକ ହଂସଚଲକୁ ।
ଭେକ ସାଷ୍ଟୁଚିତକୁ ସଂସିଦ୍ଧ ନିନ୍ଦବାକୁ । ୧୨୬ ।
ସେପରି ସତ୍କାବ୍ୟକୁ କରନ୍ତି ନିନ୍ଦା ଖଳେ ।
ତେଣୁ ତହିଁରେ ମୋର ଲକ୍ଷ୍ୟ ନାହିଁଟି ତଳେ । ୧୨୭ ।
ରାମଭକ୍ତିହୀନ କବିବରଙ୍କୁ ମୋହର ।
କୁକବିତା ହସାଇବ ହାସ୍ୟରସ ପରି । ୧୨୮ ।
ମୋ କାବ୍ୟ ଅଜ୍ଞଙ୍କୁ ଭକ୍ତିହୀନଙ୍କୁ ନୀରସ ।
ସୁମନାଙ୍କୁ ହରିହରଭକ୍ତଙ୍କୁ ସରସ । ୧୨୯ ।
ହେଲେହେଁ ମୁଁ ଅକବି ଶାସ୍ତ୍ରକଳାନଭିଜ୍ଞ ।
ରାମ କଥା ଯୋଗୁଁ ମୋ କାବ୍ୟ ତୋଷିତ ବିଜ୍ଞ । ୧୩୦ ।
ବର୍ଣ୍ଣାର୍ଥ ଛନ୍ଦୋଭାବ ଦୋଷଗୁଣାଲଙ୍କାର ।
ଶୈଳୀରସଜ୍ଞାନ ନିଷ୍ଟେ ଲୋଡ଼ା କବିତାର । ୧୩୧ ।
ଏହାଙ୍କୁ କିଛିହିଁ ମୁହିଁ ଜାଣେ ନାହିଁ ବୋଲି ।
ଖାଲି କାଗଜେ ଲେଖି କହିବି ବାହୁ ଟେକି । ୧୩୨ ।
ମୋ କବିତ୍ୱ ଗୁଣହୀନ ହେଲେହେଁ ତହିଁରେ ।
ଲୋକପ୍ରସିଦ୍ଧି ଏକ ଗୁଣ ମାତ୍ର ପ୍ରସରେ । ୧୩୩ ।
ତେଣୁ ବିମଳ ବିବେକ ସଂଯୁତ ସୁଜନେ ।
ତାକୁ ଶୁଣିବା ଇଚ୍ଛା କରିବେ ନିଜ ମନେ । ୧୩୪ ।
ସେ ଗୁଣଟି ରଘୁନାଥ ନାମ ମାତ୍ର ଯାହା ।
ଉଦାର ପୂତ ଶ୍ରୁତିପଦ ମୁକୁଟରେ ରହା । ୧୩୫ ।
ବେଦ ପୁରାଣଙ୍କ ସାର ଅମଙ୍ଗଳହର ।
ଯାହାକୁ ଜପନ୍ତି ସଦା ପାର୍ବତୀ ଶଙ୍କର । ୧୩୬ ।
ଯେପରି କାନ୍ତା ହେଲେ ମଧ୍ୟ ସର୍ବାଲଙ୍କୃତା ।
ବସନ ବିନା କଦାପି ନୁହଇ ଶୋଭିତା । ୧୩୭ ।
ସେପରି କବିତା ହେଲେ ମଧ୍ୟ ଗୁଣଯୁତା ।
ରାମନାମହୀନେ କେବେ ନୁହେ ପ୍ରଶଂସିତା । ୧୩୮ ।

ନିର୍ଗୁଣ କବିତ୍ୱ ଯୁକ୍ତ ହେଲେ ରାମଗୁଣେ ।
ତାଙ୍କୁ ପ୍ରୀତିରେ ପଢ଼ନ୍ତି ଶୁଣନ୍ତି ସୁଜନେ । ୧୩୯ ।
ପୁଷ୍କରସେ ମାନ ଭୃଙ୍ଗ ପ୍ରୀତି ହେବା ମତ ।
ଭକ୍ତି ରସରେ ପରିତୁଷ୍ଟ ସୁଜନତତ । ୧୪୦ ।
ଏହାରେ ନ ଥିଲେ ମଧ୍ୟ କବିତାନ୍ୟଗୁଣ ।
ଶ୍ରୀରାମ ପ୍ରତାପ ତ ହୋଇଅଛି ବର୍ଣ୍ଣନ । ୧୪୧ ।
ଏଣୁ ବିଶ୍ୱାସ ହୁଅଇ ସୁସଙ୍ଗରୁ ଏହି ।
ନିଷ୍ଟଯ୍ୟରେ ଲଭିବ ଜଗତରେ ବଡ଼ାଇ । ୧୪୨ ।
ଧୂଆଁ ସ୍ୱଭାବେ କଡ଼ୁଆ ହେଲେ ମଧ୍ୟ ଗୁରୁ ।
ବାସନାରେ ମନ ମୋହେ ଅଗୁରୁ ସଙ୍ଗରୁ । ୧୪୩ ।
ତେହ୍ନେ ଅଜ୍ଞ କବିତ୍ୱ ମଧ୍ୟ ଜଗନ୍ମଙ୍ଗଲ ।
ରାମଚରିତ ସଂଯୋଗୁ ହୁଅଇ ମଞ୍ଜୁଲ । ୧୪୪ ।
ତୁଳସୀଦାସ କୃତ ରାମଚନ୍ଦ୍ର ଚରିତ ।
ଶୁଭଦ କଳିଦୁଃଖହର ଅତି ପବିତ । ୧୪୫ ।
ଯେହ୍ନେ ଚିତାଭସ୍ମ ଶିବଦେହ ଯୋଗୁଁ ଗେୟ ।
ବନ୍ଦ୍ୟ ସ୍ରୋତଜଳ ନଦ୍ୟା ହେତୁ ଗ୍ରହଣୀୟ । ୧୪୬ ।
ତେହ୍ନେ ମୋର ନିଃସାର ନିରଲଙ୍କାର ହେୟ ।
କବିତ୍ୱ ହରିକଥାରୁ ବୁଧକର୍ଣ୍ଣପେୟ । ୧୪୭ ।
ମଳୟେ ଚନ୍ଦନ ସହ ଆନ ବୃକ୍ଷମାନ ।
ଇନ୍ଧନ ନୋହି ଲଭନ୍ତି ସୁଜନ ସମ୍ମାନ । ୧୪୮ ।
ସେପରି ଶ୍ରୀରାମ କୀର୍ତ୍ତି ସହିତେ ମୋହର ।
କବିତ୍ୱ ବ୍ୟର୍ଥ ନୋହି ପାଇବ ବୁଧାଦର । ୧୪୯ ।
ଯେମନ୍ତ କ୍ଷୀରପାନ ସମୟରେ ଗାବୀର ।
ଆକାର ବର୍ଣ୍ଣ ଚର୍ଚ୍ଚା ହୁଏ ନାହିଁ ଚତୁର । ୧୫୦ ।
ତେମନ୍ତ ରାମଚରିତ ଶ୍ରବଣେ କଥନେ ।
କବିତାର ଛଟା ଲଗେ ନାହିଁ ସାଧୁମନେ । ୧୫୧ ।
ସର୍ପମଣି ଖନିରତ୍ନ ଗଜମୁକ୍ତାରାଜ ।
ମୁକୁଟେ କାନ୍ତାଦେହେ ଲଭନ୍ତି ଅତି ତେଜ । ୧୫୨ ।

ତେବେହେଁ ସୁକବି କବିଙ୍କ ସୁଜନ ଲପନ ।
ଶ୍ରବଣ ପ୍ରାପ୍ତିରେ ପାଏ ଅଧିକ ଶୋଭନ । ୧୫୩ ।
କବି ପ୍ରୀତିବଶୁଁ ବିଧିଭବନରୁ ଧାଇଁ ।
ଆସିବା ବାଗ୍‌ଦେବୀ ଶ୍ରମ ନିବାରଣ ପାଇଁ । ୧୫୪ ।
ରାମ ଚରିତ ନିର୍ମଳ ତଡ଼ାଗ ବିହୁନେ ।
ଆନ ସାଧନ ନାହିଁ ଖୋଜିଲେ ଏ ଭୁବନେ । ୧୫୫ ।

ଏଣୁ କବି ବୁଧେ ହରିଗୁଣ ମାତ୍ର ଗାନ୍ତି ।
ନରଗୁଣ ବର୍ଣ୍ଣନେ ବାଣୀ ପାଏ ଅଶାନ୍ତି । ୧୫୬ ।
କବି ହୃଦୟ ସାଗର ମତି ଶୁକ୍ତି ପୁଣି ।
ବଚନ ସ୍ୱାତୀ ବୃଷ୍ଟି ସୁବାରିର ବର୍ଷଣ । ୧୫୭ ।
ଏ ଯୋଗେ କବିଙ୍କ ମୋତି ଜନ୍ମି ହରିଗୁଣ ।
ସୂତ୍ରେ ହୋଇ ହାର ହୁଏ ସଜ୍ଜନଭୂଷଣ । ୧୫୮ ।
ଯେ କଳିଜାତ ସେ ହଂସରୂପ ବକାଭକ ।
କପଟ ଭକ୍ତ ହୋଇ କାଞ୍ଚନ ପ୍ରତାରକ । ୧୫୯ ।
ବେଦମାର୍ଗ ତ୍ୟାଗ ନିନ୍ଦ୍ୟ ପନ୍ଥାଗ ପଥିକ ।
କଳିର ଆପେ ଧର୍ମ ପ୍ରଚାରକ ନାୟକ । ୧୬୦ ।
କାମ କ୍ରୋଧ ଦାସ କଳିମଳପୂର୍ଣ୍ଣ ପାତ୍ର ।
ତାଙ୍କୁ ନମଇଁ ପଢ଼ିଲେ ନୁଆଁଇ ମୋ ଗାତ୍ର । ୧୬୧ ।
ତାର ଦୁର୍ଗୁଣଗଣ ହୁଏ ବର୍ଣ୍ଣନାତୀତ ।
ଅଳ୍ପ କହିଲି ଏଥୁ ଚେତିବ ବିଜ୍ଞବ୍ରାତ । ୧୬୨ ।
ଭାବଇଁ ଶୁଣି ମୋ ବହୁ ବିନୟ ବଚନ ।
ଗ୍ରନ୍ଥକୁ ନିନ୍ଦିବ ନାହିଁ ଅଜ୍ଞ କେଉଁ ଜନ । ୧୬୩ ।
ଅଥବା କୁଶଙ୍କାକୁ କରି ନିନ୍ଦନ୍ତି ଯେହୁ ।
ମୋରଠାରୁ ବୁଦ୍ଧିହୀନ ଅଟେ ନିଶ୍ଚେ ସେହୁ । ୧୬୪ ।
କବି ମୁଁ ନୁହେଁ ବିଜ୍ଞ ନାମେ ନାହିଁ ମୋ ବାଞ୍ଛା ।
ରାମଚରିତ ବର୍ଣ୍ଣିବି ଯେମନ୍ତେ ମୋ ଇଚ୍ଛା । ୧୬୫ ।
ଅପାର ବିଷ୍ଣୁଙ୍କ ରାମ ଚରିତ କୁଠାରେ ।
ସଂସାରବିମଗ୍ନ ମୋ ଅଳ୍ପ ବୁଦ୍ଧି କୋଠାରେ । ୧୬୬ ।

ଯେଉଁ ପ୍ରଚଣ୍ଡ ବାତ ଉଡ଼ାଏ ମେରୁ ଧର ।
ତା ସମ୍ମୁଖେ ତୁଲା ଦଶା ଜେତେକ ମାତର । ୧୬୭ ।
ତେମନ୍ତ ରାମ ପ୍ରଭାବ ତାକୁ ବର୍ଣ୍ଣିବାକୁ ।
ମୋ ମାନସ ପାଉଅଛି ଅଧିକ ଦକାକୁ । ୧୬୮ ।
ଶ୍ରୀରାମ ଗୁଣକୁ ବାଣୀ ବାଧି ନିଜସ୍ୱନ ।
ଶେଷ ନିଗମାଗମ ଶାସ୍ତ୍ରପୁରାଣଗଣ । ୧୬୯ ।
ଏ ନୁହେ ଏ ନୁହେ ବୋଲି ମାନି କହି ପାରି ।
ସଦା ଗାନ କରନ୍ତି ବ୍ରହ୍ମାନନ୍ଦରେ ପୂରି । ୧୭୦ ।
ମନକୁ ବଚନକୁ ରାମଚନ୍ଦ୍ର ମହତ୍ତ୍ୱ ।
ଗୋଚର ହେବା ଅତି ଦୁର୍ଲ୍ଲଭ ଏହା ତତ୍ତ୍ୱ । ୧୭୧ ।
ଅଥବା ଗୋଚର ହେଲେ ତହିଁ ବାଣୀମତି ।
ମଗ୍ନ ହୋଇ ରହନ୍ତି ଲଭି ଅମ୍ବ୍ରାସ୍ଥିତି । ୧୭୨ ।
ଏକ ସଚ୍ଚିଦାନନ୍ଦ ନାମରୂପ ରହିତ ।
ଅଜ ସର୍ବବ୍ୟାପକ ବିଶ୍ୱରୂପ ଅଚ୍ୟୁତ । ୧୭୩ ।
ନିରୀହ ପରମାତ୍ମ ଭଗବାନ ଶରୀର ।
ଧରି ଜଗତେ କଲେ ଲୀଳା ନାନାପ୍ରକାର । ୧୭୪ ।
ସେ ଲୀଳା କେବଳ ଭକ୍ତଗଣ ହିତ ଲାଗି ।
ରାମ ପରମ କୃପାଳୁ ଦାସେ ଅନୁରାଗୀ । ୧୭୫ ।
ଯେ ହୁଅଇ ଶ୍ରୀହରି ଶରଣାପନ୍ନ ଥରେ ।
ତାହାର ପତନ ଆଉ ନାହିଁ ବ୍ରହ୍ମାଣ୍ଡରେ । ୧୭୬ ।
ସବଳ ସର୍ବେଶ୍ୱର ଦୀନଜନବାନ୍ଧବ ।
ସରଳ ସ୍ୱଭାବ ସୀତାଦେବୀ ପ୍ରାଣଧବ । ୧୭୭ ।
ତଦ୍ଦିବ୍ୟଚରିତକୁ ଧୀର ଜନେ ବର୍ଣ୍ଣନ୍ତି ।
ନିଜ ବଚନଚୟକୁ ପବିତ୍ର କରନ୍ତି । ୧୭୮ ।
ତାଙ୍କ ଆଶୀର୍ବାଦୁଁ ରାମପାଦାବ୍ଜେ ମୋ ମଥା ।
ରଖି ରଚିବି ସୀତାରାମଙ୍କ ପୁଣ୍ୟକଥା । ୧୭୯ ।
ରାମାୟଣ ରଚୟିତୃ ମୁନିମାନଙ୍କର ।
ମାର୍ଗକୁ ଅନୁସରିବା ସୁଲଭ ମୋହର । ୧୮୦ ।

ରାଜା ରହିଁଲେ ଶଙ୍ଖ ମହାନଦୀ ଉପରେ ।
କ୍ଷୁଦ୍ର ପିପୀଲିକାଗଣ ମଧ ହେଲେ ତରେ । ୧୮୧ ।
ଏପରି କରି ନିଜ ମନର ସମାଧାନ ।
ବିରଚିବି ମନୋହର ରଘୁବରାଖ୍ୟାନ । ୧୮୨ ।
ପୂରିବାକୁ ମୋ ମନୋବାଞ୍ଛା ହରିଚରିତ ।
ରଚୟିତୃ ବ୍ୟାସାଦି ମୁନିପାଦେ ମୁଁ ନତ । ୧୮୩ ।
କଳିଯୁଗେ ଜନ୍ମି ରାମଗୁଣାଳି ବର୍ଣ୍ଣନ ।
କରିଥିବା କବିଙ୍କି ମଧ କରେଁ ନମନ । ୧୮୪ ।
ଦେଶଭାଷାମାନଙ୍କରେ ଶ୍ରୀରାମ କଥାର ।
ଭୁକ୍ତାଧୁନିକ ଭାବି କବିଙ୍କି ନତି ମୋର । ୧୮୫ ।
ସେମାନେ କୃପାଭରେ ଦିଅନ୍ତୁ ମୋତେ ବର ।
ଯେମନ୍ତେ ଲଭିବ ମୋ ଗ୍ରନ୍ଥ ସୁଜନାଦର । ୧୮୬ ।
ସଜ୍ଜନାଦରି ନୋହିଲେ କବିଶ୍ରମ ବୃଥା ।
କବିତା ବାଳରଚନା ସମାନେ ଗଣିତା । ୧୮୭ ।
ଜାହ୍ନବୀ ପରି କୃତି ଭୂତି କୀର୍ତ୍ତି ସବୁରି ।
ହିତ କରନ୍ତୁ ରାମଚନ୍ଦ୍ର କଥା ମନୋହରୀ । ୧୮୮ ।
ମୋର କବିତାହିଁ ଅସୁନ୍ଦରୀ ଏଣୁକରି ।
ତୁଲ୍ୟହୀନ ମୈତ୍ରୀ ବୋଲି ସନ୍ଦେହ ମୋହରି । ୧୮୯ ।
ସବୁ ଭଲ ହୁଏ ସଜ୍ଜନାଳି କଲେ ଦୟା ।
ଶାଣିବାସେ ମଧ୍ୟ ରମ୍ୟ ପାଠସୂତା ସିଅଁ । ୧୯୦ ।
ହେ ସୁଜନେ କୃପା କର କବିତ୍ୱ ମୋହରି ।
ଅତ୍ୟୁଜ୍ଜ୍ୱଳ ହେଉ ରାମଚନ୍ଦ୍ର ଯଶ ପରି । ୧୯୧ ।
ସୁଜନଗଣ କବିତ୍ୱ ସରଳ ନିର୍ଦ୍ଦୋଷ ।
ଶତ୍ରୁର ମନରେ ମଧ୍ୟ ଜନ୍ମାଏ ସନ୍ତୋଷ । ୧୯୨ ।
ନ ଥିବାରୁ ମୋ କବିତ୍ୱେ ସେହି ଗୁଣଗଣ ।
ସଜ୍ଜନ କୃପାଭିକ୍ଷା କରେଁ ମୁଁ ପୁଣ ପୁଣ । ୧୯୩ ।
କବି ବୁଧମାନସ ମାନସସରୋବର ।
ସୀତାରାମ ପଙ୍କଜ ଚରଣ ହଂସବର । ୧୯୪ ।

ସୁଜନେ କୃପା କଲେ ସେହି ମଙ୍ଗଳରାଜ ।
ମୋ ଚିତ୍ତ କ୍ଷୁଦ୍ର ତହିଁକେ ବିହରିବ ଆଜ । ୧୯୫ ।
ଯେ ରଚିଲା ରାମାୟଣେ କାଠିନ୍ୟ ଖରରେ ।
ଦୋଷ ଦୂଷଣରେ ମାନ୍ଦ ବିଦ୍ୟମାନ କରେ । ୧୯୬ ।
ସେ ଆଦ୍ୟ କବି ବାଲ୍ମୀକି ପାଦାବ୍ଜଯୁଗକୁ ।
ନମେଁ ଯୋଡ଼ି ମୋ କରକମଳ ଯୁଗଳକୁ । ୧୯୭ ।
ଯେ ମନ୍ଦା ରାମଗୁଣ ବର୍ଣ୍ଣନା ଲଭିକାର ।
ଯେ ଏ ସଂସାର ନୀରନିଧିର ପୋତାକାର । ୧୯୮ ।
ସେ ବେଦଚତୁଷ୍ଟୟକୁ ହୋଇ ନତଦେହ ।
ନମଇଁ ବାରମ୍ବାର ଦର୍ଶାଇ ଭକ୍ତି ସ୍ନେହ । ୧୯୯ ।
ଯାହା ଯଶ ଏ ବ୍ରହ୍ମାଣ୍ଡ କ୍ଷୀର ରତ୍ନାକର ।
ସଜ୍ଜନେ ଯହିଁ କାମଧେନୁ ସୁଧା ଚନ୍ଦ୍ରର । ୨୦୦ ।
ଦୁଷ୍ଟ ସନ୍ତତି ଯହିଁରେ ହୁଏ ହଳାହଳ ।
ସେ ବିଧିଙ୍କି ବନ୍ଦେଁ ମୁଁ ଯୋଡ଼ି କରକମଳ । ୨୦୧ ।
ବିବୁଧ ବୁଧ ବିପ୍ର ଗ୍ରହଗଣଙ୍କୁ ମୁହିଁ ।
ମନୋରଥ ସିଦ୍ଧି ପାଇଁ ଭକ୍ତିରେ ନମଇଁ । ୨୦୨ ।
ସ୍ନାନେ ପାନେ ପାପକୁ କଥନେ ଶ୍ରବଣରେ ।
ଜାଡ଼୍ୟକୁ ନାଶିବା ଗଙ୍ଗାବାଣୀଙ୍କି ମୁଁ ସ୍ମରେ । ୨୦୩ ।
ମୋ ବାଞ୍ଛାଫଳଦ ମାତୃ ପିତୃ ଗୁରୁ ରୂପ ।
ସୀତା ରାମଙ୍କ ଦାସ ମିତ୍ର ପ୍ରଭୁ ସ୍ୱରୂପ । ୨୦୪ ।
ଦାସବତ୍ସଳ ଦୀନଜନ ବାନ୍ଧବ ହେବା ।
ଅଞ୍ଜନାସୁତଙ୍କୁ କରେଁ ମୁହିଁ ସଦା ସେବା । ୨୦୫ ।
ବର୍ଣ୍ଣମେଳନଶୂନ୍ୟ ଜପନୀୟମନ୍ତ୍ରିନ ।
ଅବୋଧାର୍ଥ ହେଲେହେଁ ପ୍ରଭାବେ ଅସମାନ । ୨୦୬ ।
ହେବା ଶାବରମନ୍ତ୍ରଙ୍କୁ ଉମାହର ଭଲେ ।
କଳିଯୁଗଜାତ ହିତ ନିମିତ୍ତ ରଚିଲେ । ୨୦୭ ।
ସେ ଶିବା-ଶିବଙ୍କୁ ନମି ଶୁଭ ମୋଦାକର ।
ଶ୍ରୀରାମଚରିତକୁ ବିରଚିବି ଏଥର । ୨୦୮ ।

ସେ ଦେବୀଦେବ କୃପାରୁ ପୁସ୍ତକ ମୋହର ।
ବିରାଜିବ ଭକ୍ତ ଶିରେଯୁକ୍ତା ସ୍ରକ୍ ପରି । ୨୦୯ ।
ଯେ ମୋ ଗ୍ରନ୍ଥକୁ ପଢେ ଶୁଣେ ଜାଣେ ସେ ଜ୍ଞାନ ।
ଲଭି ପାପ ନାଶି ରାମଭକ୍ତ ହୁଏ ଜାଣ । ୨୧୦ ।
ମୋ ସ୍ୱପ୍ନେ ଜାଗରଣେ ପ୍ରସନ୍ନ ଗୌରୀହର ।
ଏଣୁ ମୁଁ ଯାହା କହେ ତାହା ସତ୍ୟ ନିକର । ୨୧୧ ।
ରାମାପ୍ତ ପୁଣି ପାପହରା ସରଯୂଯୁତ ।
ସାକେତକୁ ତଦ୍‌ବାସୀଙ୍କି ନମେଁ ମୁଁ ବହୁତ । ୨୧୨ ।
ଅଯୋଧ୍ୟାବାସୀ ମାନେ ପ୍ରାଣୀ ନୁହେ ନାରକୀ ।
ସୀତା ନିନ୍ଦକେ ମଧ୍ୟ ପାପହୀନା ରଜକୀ । ୨୧୩ ।
ବିଶ୍ୱସୁଖଦ ଖଳ ପଙ୍କଜ ହିମରାଶି ।
ରାମଚନ୍ଦ୍ରାବିର୍ଭାବ ପ୍ରାଚୀ କୁଟିଳକେଶୀ । ୨୧୪ ।
ସାକେତେଶ୍ୱର ପ୍ରଥମ ମହିଷୀ ଯେ ବାଳା ।
ଯାକୁ ସୃଷ୍ଟି କରି ବ୍ରହ୍ମା ସୁରଶ୍ରେଷ୍ଠ ହେଲା । ୨୧୫ ।
ସେ କୌଶଲ୍ୟାକୁ ବନ୍ଦଇଁ ସେ ଦେବୀ ସ୍ୱସୁତ ।
ଦାସ ବୋଲି ମୋରେ କୃପା କରିବ ଏ ସତ । ୨୧୬ ।
ରାମବିଚ୍ଛେଦ ହେଲା ମାତ୍ରେ ପ୍ରିୟଦେହକୁ ।
ତେଜି ଯେ ଦେଖାଇଲା ସମ୍ପୂର୍ଣ୍ଣ ବାତ୍ସଲ୍ୟକୁ । ୨୧୭ ।
ଯେ ଅଯୋଧ୍ୟାନାଥ ସେ ଦଶରଥର ପାଦ—
ଯୁଗଳକୁ ପ୍ରଣମଇଁ ମୁଁ ଲଭି ପ୍ରମୋଦ । ୨୧୮ ।
ଯେ ମହାଯୋଗୀ ଯାର ଗୂଢ଼ ଭକ୍ତିକି ରାମ ।
ଦର୍ଶନ ପ୍ରକଟିଲା ଯେହୁ ଅବାପ୍ତକାମ । ୨୧୯ ।
ସେ ବିଦେହ ନୃପକୁ ତାହା ପରିବାରକୁ ।
ବାରମ୍ବାର ନମଇଁ ଦେଖାଇ ମୋ ପ୍ରେମକୁ । ୨୨୦ ।
ମୁଁ ବନ୍ଦଇ ଭରତକୁ ଯାହାର ମାନସ ।
ଲୋଭୀ ଭୃଙ୍ଗ ନ ତେଜେ ରାମପାଦସାରସ । ୨୨୧ ।
ପୁଣି ଯା ବ୍ରତନିୟମବିବରଣାତୀତ ।
ଯାହାର ପ୍ରଶଂସା କରେ ମହାମୁନିବ୍ରାତ । ୨୨୨ ।

ସୁମିତ୍ରାସୁତ ରାମଚନ୍ଦ୍ର କୀର୍ତ୍ତି ବନ୍ଧୁଙ୍କ ।
ଶେଷାବତାର ମେଘନାଦର ନିବାରକ । ୨୨୩ ।

ଭକ୍ତଗଣ ସୁଖପ୍ରଦ ସୁଗୁଣ ସଦନ ।
ଲକ୍ଷ୍ମଣର ପାଦାବ୍ଜକୁ ମୋହର ନମନ । ୨୨୪ ।

ଭରତାନୁଗ ସୁମିତ୍ରା ଦ୍ୱିତୀୟ ନନ୍ଦନ ।
ବୀର ଶତ୍ରୁଘ୍ନଙ୍କୁ ମୁହିଁ କରଇଁ ବନ୍ଦନ । ୨୨୫ ।

ଯେ ଦୁଷ୍ଟ ରାକ୍ଷସ ବନପାବକ ସମାନ ।
ଯାହାର ଯଶକୁ ରାମ ନିଜେ କଲେ ଗାନ । ୨୨୬ ।

ଯାହାର ହୃଦୟେ ସଶସ୍ତ୍ର ରାମନିବାସ ।
ଯାହାର ନାମ ପିଶାଚଗଣ ମହାତ୍ରାସ । ୨୨୭ ।

ସେ ବୀରାଗ୍ରଣୀ ବାତସୁତର ପ୍ରସାଦକୁ ।
ପ୍ରଣାମ କରଇଁ ମୁହିଁ ଲଭି ପ୍ରମୋଦକୁ । ୨୨୮ ।

ବିଭୀଷଣ ସୂର୍ଯ୍ୟଜ-ସୁଗ୍ରୀବ ଜାମ୍ବବଙ୍କୁ ।
ନମଇଁ ଅଙ୍ଗଦାଦ୍ୟ କପି ଋକ୍ଷମାନଙ୍କୁ । ୨୨୯ ।

ଅହୋ ! ସେମାନେ କେତେ ପୁଣ୍ୟକୁ ଆଚରିଲେ ।
ନୀଚ ଦେହେ ଥାଇ ରାମଦର୍ଶନ ପାଇଲେ । ୨୩୦ ।

ନିଷ୍କାମ ଶ୍ରୀରାମ-ଭକ୍ତିଯୁକ୍ତ ସୁରାସୁର ।
ନର ଖଗ ମୃଗଙ୍କୁ ନମସ୍କାର ମୋହର । ୨୩୧ ।

ମୋ ସାଷ୍ଟାଙ୍ଗ ନମସ୍କାର ଜ୍ଞାନପ୍ରବରଙ୍କୁ ।
ଶୁକ ସନକ ନାରଦ ପ୍ରଭୃତି ମୁନିଙ୍କୁ । ୨୩୨ ।

ଜଗନ୍ମାତା ଜନକସୁତା ଶ୍ରୀରାମସତୀ ।
ସୀତାପାଦେ ବନ୍ଦଇଁ ଲଭିବାକୁ ସଦ୍‌ଗତି । ୨୩୩ ।

ଭକ୍ତ ଦୁଃଖାନ୍ତ ନିମିତ୍ତ କାର୍ମୁକ ମାର୍ଗଣ ।
ଭକ୍ତସୁଖଦାନ ପାଇଁ କୃପା ଶାନ୍ତି ଗୁଣ । ୨୩୪ ।

ଧାରଣ କରିଥିବା ରାମପାଦଯୁଗକୁ ।
ନିଷ୍କପଟରେ ପୁଣି କରେଁ ମୁଁ ନମନକୁ । ୨୩୫ ।

ବାଗର୍ଥ ସ୍ଥିତ ବାରି ବୀଚି ପରି ନାମରେ ।
ମାତ୍ର ଭେଦ ହୋଇ ଜ୍ଞାନିଜନଙ୍କୁ ମୂଦରେ । ୨୩୬ ।

ପାଳୁଥିବା ଜାନକୀ ରାମଙ୍କୁ ଭକ୍ତିଯୁକ୍ତ ।
ହୋଇ ମୁହିଁ ପ୍ରଣାମ କରଇଁ ଶତ ଶତ । ୨୩୭ ।
ଅଗ୍ନି ସୂର୍ଯ୍ୟ ଚନ୍ଦ୍ର ଜନ୍ମ କାରଣ ନିର୍ଗୁଣ ।
ପ୍ରଣବାକାର ମୂର୍ତ୍ତି ବଯ୍ୟମୟ ସଗୁଣ । ୨୩୮ ।
ଅନୁପମ ବାଗତୀତ ଶ୍ରୀରାମ ନାମକୁ ।
ବାରମ୍ବାର କରେ ମୁଁ ସାଷ୍ଟାଙ୍ଗ ପ୍ରଣାମକୁ । ୨୩୯ ।
ରାମନାମ ମହାମନ୍ତ୍ର ଶଙ୍କର ଜପଇ ।
କାଶିରେ ମୁକ୍ତି ନିମନ୍ତେ ପ୍ରଦାନ କରଇ । ୨୪୦ ।
ସେ ମହାମନ୍ତ୍ରକୁ ସଦା ଜପି ଗଣେଶ୍ୱର ।
ଅଗ୍ରପୂଜ୍ୟ ହୋଇ ଲୋକେ ପାଇଲେ ଆଦର । ୨୪୧ ।
ସେ ନାମକୁ ଭୟରେ ତ ଲେଉଟାଇ ଜପି ।
ଆଦ୍ୟ କବି ଶୁଦ୍ଧ ହୋଇ ହେଲେ ବଡ଼ ତପୀ । ୨୪୨ ।
ସହସ୍ରନାମ ସମାନ ବୋଲି ପଶୁପତି—
ମୁଖୁଁ ଶୁଣି ସେ ନାମ ସଦା ଜପେ ପାର୍ବତୀ । ୨୪୩ ।
ଜାଣି ଅମ୍ବିକା ହୃଦୟ ଭାବକୁ ତ୍ରିନେତ୍ର ।
ସେ ସ୍ତ୍ରୀରତ୍ନକୁ କଲେ ଆପଣା ଅର୍ଦ୍ଧଗାତ୍ର । ୨୪୪ ।
ରାମନାମ ପ୍ରଭାବେ ଶଙ୍କର ବିଷପାନ ।
କ୍ଷତି କିଛି ନ କରି ହେଲା ସୁଧା ସମାନ । ୨୪୫ ।
ଭକ୍ତିବର୍ଷା ସଭୁକ୍ତି ଅଟେ ଶାଳିଶୁଭଦା ।
ରାମ ବେନି ଅକ୍ଷର ଶ୍ରାବଣ ଭାଦ୍ରପଦ । ୨୪୬ ।
ସେ ବେନି ବର୍ଣ୍ଣ ଅତି ମଧୁର ସୁଶୋଭନ ।
ଭକ୍ତିଜୀବନ ଅକ୍ଷରମାଳାର ଲୋଚନ । ୨୪୭ ।
ସଂସ୍ମରଣ କରିବା ଲୋକଙ୍କ ଇହ ପର ।
ଲୋକ ଦ୍ୱୟେ ସକଳବିଧ ମଙ୍ଗଳକର । ୨୪୮ ।
ଶ୍ରବଣର ମନନର କଥନର ଯୋଗ୍ୟ ।
ରାମଚନ୍ଦ୍ର ଲକ୍ଷ୍ମଣଙ୍କ ପରିଜନ ଭାଗ୍ୟ । ୨୪୯ ।
ବ୍ରହ୍ମ ଜୀବଙ୍କ ପରିଯୋଗ ବର୍ଣ୍ଣନାତୀତ ।
ଲୋକବାଣରେ ନରନାରାୟଣ ସାକ୍ଷାତ । ୨୫୦ ।

ଲୋକହିତ କରଣେ ସୂର୍ଯ୍ୟଚନ୍ଦ୍ରଙ୍କ ତୁଲ ।
ଭକ୍ତିବରବିହାର ଦୁଇଟି କାନ ଫୁଲ । ୨୫୧ ।
ସୁଗତ ପୀୟୂଷର ସ୍ୱାଦୁ ତୋଷ ସମାନ ।
ଧରି ଧରଣିରେ କୂର୍ମ ଶେଷ ସ୍ଥିତ ଜାଣ । ୨୫୨ ।
ଭକ୍ତଚିତ୍ତ ନିର୍ମଳ କଞ୍ଜଭୃଙ୍ଗ ଯୁଗଳ ।
ରସନା ଯଶୋମତୀର ଦାମୋଦର ବଳ । ୨୫୩ ।
ଛନ୍ଦମୁକୁଟମଣି ପ୍ରାୟେ ଅକ୍ଷରଦ୍ୱୟ ।
ପରେ ବିରାଜଇ ସେହି ଦିବ୍ୟ ବର୍ଣ୍ଣଦ୍ୱୟ । ୨୫୪ ।
ବିଚାରିଲେ ନାମ ରୂପ ବେନି ବରାବର ।
ସ୍ୱାମୀ ଦାସଙ୍କ ପରି ସୁପ୍ରୀତ ପରସ୍ପର । ୨୫୫ ।
ଅନାଦି ବାଗତୀତ ଜ୍ଞାନଗମ୍ୟ ଅଦ୍ୱୟ ।
ପରମାତ୍ମାର ଉପାଧି ନାମରୂପ ଦ୍ୱୟ । ୨୫୬ ।
କେ ବଡ଼ କେ ସାନ ତହିଁ ଭାବନ୍ତୁ ପଣ୍ଡିତେ ।
ନାମାଧୀନ ରୂପ ରୂପଜ୍ଞାନ ନାମ ସତେ । ୨୫୭ ।
ନାମକୁ ନ ଜାଣିଲେ ନିଜ କରତଳର ।
ପଦାର୍ଥ ଭଲରୂପେ ହୁଏ ନାହିଁ ଗୋଚର । ୨୫୮ ।
ରୂପକୁ ନ ଦେଖି ମଧ୍ୟ ସ୍ମରିଲେ ନାମକୁ ।
ପଦାର୍ଥ ସ୍ନେହବଶରେ ଦିଶଇ ମନକୁ । ୨୫୯ ।
ନାମ ରୂପ ଯୁଗଳ ବାକ୍ୟର ଅଗୋଚର ।
ମାତ୍ର ଜଣା ପଡ଼ିଲେ ମାନସ ସୁଖକର । ୨୬୦ ।
ନିର୍ଗୁଣ ସଗୁଣ ସାକ୍ଷୀ ନାମଟି ନିକର ।
ସେ ଶବ୍ଦବସ୍ତୁବୋଧକ ଦ୍ୱିଭାଷୀ ପ୍ରବର । ୨୬୧ ।
ରାମନାମ ମଣିଦୀପ ଦେଲେ ଦେହାବାସ ।
ଜିହ୍ୱାଦ୍ୱାରେ ଭିତର ବାହାର ପରକାଶ । ୨୬୨ ।
ଇନ୍ଦ୍ରିୟଚୟକୁ ଦମି ବିଷୟ ବିରାଗୀ ।
ହୋଇଥିବା ଯୋଗୀ ମଧ୍ୟ ନାମ ଜପି ଜାଗି । ୨୬୩ ।
ଅବାଙ୍ମନୋଗୋଚର ନାମରୂପ ରହିତ ।
ନିରୂପମ ବ୍ରହ୍ମାନନ୍ଦ ଲଭଇ ସନ୍ତତ । ୨୬୪ ।

ନାମ ଜପରେ ମାୟା ଗୂଢ଼ଗଣ୍ଠି ବିଦ୍ଧତ ।
ପୁଣି ଅଣିମାଦ୍ୟ ସିଦ୍ଧି ନିଚୟ ପ୍ରାପତ । ୨୬୫ ।
ନାମ ଜପି ଆର୍ତ୍ତିକ ଆର୍ତ୍ତି କରଇ ଦୂର ।
ଚତୁର୍ବିଧ ଭକ୍ତଙ୍କର ନାମଟି ଆଧାର । ୨୬୬ ।
ଚତୁର୍ବେଦେ ଚତୁର ଯୁଗେ ନାମର ପ୍ରାଧାନ୍ୟ ।
ଅନ୍ୟ ଗତି ବିହୀନଙ୍କୁ କଳିରେ ଅତି ମାନ୍ୟ । ୨୬୭ ।
ରାମଭକ୍ତିରସପାନାସକ୍ତ ମନୋମୀନ ।
ମଗ୍ନ ନାମ ପ୍ରେମସୁଧା ହ୍ରଦେ ମଜ୍ୟମାନ । ୨୬୮ ।
ନାମ ଶ୍ରେଷ୍ଠ ଅଟଇ ଯେଣୁ ତାର ବଶଗ ।
ପରଂବ୍ରହ୍ମ ନିର୍ଗୁଣ ସଗୁଣ ରୂପ ଯୁଗ । ୨୬୯ ।
ସୁଜନ ମାନ ଜାଣେ ଭକ୍ତର ଭାବନାକୁ ।
କହଇଁ ମୁହିଁ ଏବେ ନିଜ ବିବେଚନାକୁ । ୨୭୦ ।
ଦାରୁଗର୍ଭାଗ୍ନି ପରି ବ୍ରହ୍ମ ନିର୍ଗୁଣ ରୂପ ।
ପ୍ରତ୍ୟକ୍ଷ ବହ୍ନି ପରି ତା ସଗୁଣ ସ୍ୱରୂପ । ୨୭୧ ।
ସେ ରୂପଦ୍ୱୟ ଇନ୍ଦ୍ରିୟ ନିଚୟାଗୋଚର ।
ସେ ସୁଗୋଚର ହୁଏ ନାମଦ୍ୱାରା ମାତର । ୨୭୨ ।
ବ୍ରହ୍ମ ରାମଙ୍କଠାରୁ ନାମଟି ବଡ଼ ବୋଲି ।
ଏଣୁକରି କହିଲି ମୋ ମାନସରେ ଭାଳି । ୨୭୩ ।
ଅଦ୍ୱିତୀୟ ବ୍ୟାପକ ସଚ୍ଚିଦାନନ୍ଦାଚ୍ୟୁତ ।
ସର୍ବକାରଣ କାରଣ ବିକାରରହିତ । ୨୭୪ ।
ବ୍ରହ୍ମ ବିରାଜୁଥିଲେହେଁ ସର୍ବ ହୃଦାକାଶେ ।
ଅକାରଣେ ପ୍ରାଣୀ ଖିନ୍ନ ହୁଏ ଦୁଃଖେ ତ୍ରାସେ । ୨୭୫ ।
ନାମରେ ନିର୍ଗୁଣ ବ୍ରହ୍ମ ହେଲେ ନିରୂପିତ ।
ରତ୍ନଦ୍ୱାରା ମୂଲ୍ୟ ପରି ସେହୁ ପ୍ରକଟିତ । ୨୭୬ ।
ନିର୍ଗୁଣ ବ୍ରହ୍ମଠାରୁ ନାମ ବଡ଼ ଏ ଭାବେ ।
ସଗୁଣ ରାମ ବିଷୟ ବିଚାରିବା ଏବେ । ୨୭୭ ।
ରାମ ଯେ କଷ୍ଟୀ ହୋଇ କରିଲା ସୁର ହିତ ।
ନାମ ଅନାୟାସେ କରେ ଭକ୍ତଙ୍କୁ ସୁଖିତ । ୨୭୮ ।

ରାମଦ୍ୱାରା ମୁକ୍ତା ଏକ ମୁନିର ସୁଶ୍ରୋଣୀ ।
ନାମଦ୍ୱାରା ସାଧୁ ହୋଇ ମୁକ୍ତ ଖଳଶ୍ରେଣୀ । ୨୭୯ ।
ଶତ୍ରୁଦ୍ୱୟଙ୍କୁ ମାର ବିଶ୍ୱାମିତ୍ର ମୁନିର ।
ଜନପ୍ରଦେହଣ ଦମନ କଲା ରଘୁବର । ୨୮୦ ।
ଦାସଙ୍କର କାମାଦ୍ରି ରିପୁଙ୍କୁ ନାମ ନାଶେ ।
ଯେମନ୍ତେ ତମିରକୁ ପ୍ରଭାକର ବିନାଶେ । ୨୮୧ ।
ଶ୍ରୀରାମ କେବଳ ଭବକାମୁଁକ ଖଣ୍ଡନ ।
ନାମ ଅଟଇ ଘୋର ଭବଭୟଭଞ୍ଜନ । ୨୮୨ ।
ଦଣ୍ଡକ କାନନ ହେଲା ରାମରେ ରାଜିତ ।
ପାପିଗଣ ହୁଅଇ ନାମେ ପବିତ୍ରୀକୃତ । ୨୮୩ ।
ରାମଦ୍ୱାରା ମର୍ଦ୍ଦିତ ନିଶାଚର ସନ୍ତତି ।
ନାମଦ୍ୱାରା ଖଣ୍ଡିତ କଳିକଳୁଷତତି । ୨୮୪ ।
ଶ୍ରୀରାମଦ୍ୱାରା ଶବରୀ ଜଟାୟୁ ପ୍ରଭୃତି ।
ସୁସେବକମାନେ ମାତ୍ର ପାଇଲେ ମୁକତି । ୨୮୫ ।
ନାମଦ୍ୱାରା ଲମ୍ପଟ ଶଠ ଖଳ ମାନବ—
ନିଚୟ ହେଲେ ମୁକ୍ତ ହୁଅଇ ଏହା ଧ୍ରୁବ । ୨୮୬ ।
ରାମ ଶରଣ୍ୟ ସୁଗ୍ରୀବ ବିଭୀଷଣଙ୍କର ।
ପ୍ରସିଦ୍ଧ ନାମ ଶରଣ୍ୟ ଦୀନସମୁହର । ୨୮୭ ।
ଋକ୍ଷବାନରଗଣଦ୍ୱାରା ଅତି ଶ୍ରମରେ ।
ସେତୁ ବନ୍ଧାଇଲା ରାମ ଲବଣସାଗରେ । ୨୮୮ ।
ସୁରବା ମାନେ ନାମ ଶୁଖାଇ ଦିଏ ଘୋର—
ସଂସାରବାରିଧିକି ଧୀରେ ! ତାରତମ୍ୟ ବିସ୍ତୃର । ୨୮୯ ।
ସକୁଳ ରାବଣଙ୍କୁ ରାମ ନାଶି ଭୂମିଜା—
ସଙ୍ଗେ ଅସି ସୁରେଡ୍ୟ ସାକେତେ ହେଲା ରାଜା । ୨୯୦ ।
ନାମ ପାଠକ ସେନାଯୁକ୍ତା ମାୟାକୁ ତରେ ।
ଜଣି ବସେ ବ୍ରହ୍ମାନନ୍ଦ ସିଂହପୀଠବରେ । ୨୯୧ ।
ନାମ ଅଟେ ସର୍ବଶ୍ରେଷ୍ଠ ବରଦ ବରଦ ।
ଏ ହେତୁରୁ ଶଙ୍କର ଗୃହୀତ ରାମପଦ । ୨୯୨ ।

ରାମ ନାମ ସଦା ଜପି ଉମେଶ ଅମର ।
ଅମଙ୍ଗଳ ବେଶରେ ମଧ୍ୟ ମଙ୍ଗଳାକର । ୨୯୩ ।
ଶୁକ ସନକାଦି ସିଦ୍ଧେ ନାମ ପ୍ରସାଦରେ ।
ବ୍ରହ୍ମାନନ୍ଦକୁ ଭୋଗ କରନ୍ତି ନିରନ୍ତରେ । ୨୯୪ ।
ନାମଗାନେ ଜଗତ୍‌ପ୍ରିୟ ହରିହରଙ୍କର ।
ପ୍ରିୟରୂପେ ବିଦିତ ନାରଦ ମୁନିବର । ୨୯୫ ।
ନାମପ୍ରଭାବେ ହରିକୃପାକୁ ଲଭି ବର ।
ଭକ୍ତଗଣପ୍ରବର ହେଲା ପ୍ରହ୍ଲାଦାସୁର । ୨୯୬ ।
ନାମ ଜପି ଧ୍ରୁବ ଉଚ୍ଚ ସ୍ଥାନକୁ ପାଇଲା ।
ନାମ ଜପି ମାରୁତି ରାମକୁ ବଶ୍ୟ କଲା । ୨୯୭ ।
ଅଜାମିଳ ପିଙ୍ଗଳା ଗଣିକା ଗଜପତି ।
ହରିନାମ ମହିମାରୁ ଲଭିଲେ ମୁକତି । ୨୯୮ ।
ମୁହିଁ କହି ପାରିବି କି ନାମର ମହତ୍ତ୍ୱ ।
ସ୍ୱୟଂ ରାମଚନ୍ଦ୍ର ଜାଣେ ନାହିଁ ତାର ତତ୍ତ୍ୱ । ୨୯୯ ।
ରାମନାମ କଳିକଳ୍ପତରୁ ଶୁଭବାସ ।
ଯାକୁ ଜପି ତୁଳସୀ ହେଲା ତୁଳସୀଦାସ । ୩୦୦ ।
ଗୃହିଯୁଗେ ଜନକାଳେ ଜନଲୋକେ ଦୁଃଖୀ ।
ହରିନାମକୁ ଜପିବା ମାତ୍ରେ ହୁଏ ସୁଖୀ । ୩୦୧ ।
ନାମ ଜପ ସର୍ବପୁଣ୍ୟଫଳଦ ଅଚ୍ୟୁତ ।
ପ୍ରୀତିକର ବୋଲି ଶାସ୍ତ୍ର ପଣ୍ଡିତଙ୍କ ମତ । ୩୦୨ ।
କୃତରେ ଧ୍ୟାନେ ତ୍ରେତାଯୁଗେ ମଖେ ଦ୍ୱାପରେ ।
ଅର୍ଚ୍ଚନେ କଳିରେ ନାମ ଜପେ ନର ତରେ । ୩୦୩ ।
କଳିଯୁଗେ କେବଳ ହରିନାମ କୀର୍ତ୍ତନ ।
କଳୁଷାବ୍ଧି ସନ୍ତରଣ ପ୍ରଧାନ ସାଧନ । ୩୦୪ ।
ରାମନାମ ମାତୃପିତୃ ରୂପରେ ନରକୁ ।
ଲୋକଦ୍ୱୟରେ ରକ୍ଷା କରେ ଦେଇ ସୁଖକୁ । ୩୦୫ ।
କଳିଯୁଗେ କର୍ମ ଭକ୍ତି ଜ୍ଞାନାବଲମ୍ବନ ।
ନୋହିବାରୁ ଶ୍ରୀହରି ନାମ ମାତ୍ର ଶରଣ । ୩୦୬ ।

କଳି ଅତି କପଟୀ କାଳନେମି ବିଦ୍ୱାନ ।
ହରିନାମ ସୁମତି ସମର୍ଥ ହନୁମାନ । ୩୦୭ ।
କଳି ହେମକଶିପୁ ହରିନାମ ନୃହରି ।
ଯାପକ ରକ୍ଷିତ ହୁଏ ପ୍ରହ୍ଲାଦର ପରି । ୩୦ ।
ମାୟାର ସତ୍ତ୍ୱଗୁଣ ଅଟଇ ଶାନ୍ତିମୟ ।
ରଜୋଗୁଣ ଅଟେ ନାନା କାମନାନଳମୟ । ୩୦୯ ।
ତମୋଗୁଣ କ୍ରୋଧାଳସଯୁକ୍ତ ତିନିଗୁଣ ।
ମିଶିଥିବାରୁ ଅସୁଖୀ ମାୟାବଦ୍ଧ ଜନ । ୩୧୦ ।
ଯେ ଶ୍ରଦ୍ଧାଯୁକ୍ତ ହୋଇ ଜପଇ ହରିନାମ ।
ସେହି ସର୍ବଦା ସୁଖୀ ଲଭି ଚିତ୍ତବିଶ୍ରାମ । ୩୧୧ ।
ରାମନାମ ସ୍ମରି ନମି ସ୍ୱର୍ଣ୍ଣପାଦଙ୍କଜେ ।
ରାମଚରିତ ବର୍ଣ୍ଣନ କରିବି ସହଜେ । ୩୧୨ ।
ରାମ ଅନୁପମ କୃପାମ୍ବୁଧି ପ୍ରଭୁବର ।
ଏଣୁ ମୁଁ କୁସେବକ ହେଲେ ମଧ୍ୟ ମୋହର । ୩୧୩ ।
ସକଳ ଦୋଷମାନ ମାର୍ଜିତ ନିଶ୍ଚେ ହେବ ।
ଲୋକଜନେ ବନ୍ଦିତ ପ୍ରଭୁ ଉତ୍ତମସ୍ୱଭାବ । ୩୧୪ ।
ଷଡ଼ଗୁଣଶାଳୀ ବିବେକଯୁତ ନରବର ।
ଲୋକପାଳଙ୍କର ଅଂଶ ନିର୍ମିତ ନୃପବର । ୩୧୫ ।
ଧନୀ ଦରିଦ୍ର ସୁମତି କୁମତି ନାଗର ।
ଗ୍ରାମସ୍ଥ ସୁକବି କୁକବି ଧୀର ପାମର । ୩୧୬ ।
ସକଳ ନାରୀ ନରେ ରାଜାଙ୍କୁ ପ୍ରଶଂସନ୍ତି ।
ଅନୁରୂପେ ଭୂମିପ ସମ୍ମାନକୁ ଲଭନ୍ତି । ୩୧୭ ।
ସାକେତପତି ରାମ ଅପ୍ରାକୃତ ପୁରୁଷ ।
ଜ୍ଞାନହୀନ ସେବକ ମୁଁ କରୁଛି ସାହସ । ୩୧୮ ।
ସଦ୍‌ବୁଦ୍ଧି ଦେଇ ଋକ୍ଷ କପିଙ୍କୁ ମନ୍ତ୍ରୀ କରି ।
ତାଙ୍କଦ୍ୱାରା ସେତୁକୁ ବନ୍ଧାଇ ଅଛୁ ହରି । ୩୧୯ ।
ଏଣୁ କୃପାପୂର୍ଣ୍ଣ ରାମ ମୋର ଅଭିଳାଷ ।
ନିଶ୍ଚୟରେ ପୂରାଇବ ବୋଲି ମୋ ବିଶ୍ୱାସ । ୩୨୦ ।

ଜଗତେ ରାମଦାସ ମୋତେ ବୋଲନ୍ତି ନରେ ।
ମୁହିଁ ମଧ୍ୟ ପ୍ରକଟଇଁ ସେହି ପଦ୍ଧତରେ । ୩୨୧ ।

ମାତ୍ର କେଉଁଠାରେ ସୀତାନାଥଙ୍କ ପ୍ରଭୁତ୍ୱ ।
କେଉଁଠାରେ ଛାର ତୁଳସୀଦାସ ଦାସତ୍ୱ । ୩୨୨ ।

ମୋ ବଡ଼ ଅଳି ଦୋଷୁଁ ରାମ 'ମୋତେ ନରଙ୍କ—
ଲୋକୁଁ ଅତି ଘୃଣାକରେ ବୋଲି ମୋର ଦଙ୍କ । ୩୨୩ ।

ମାତ୍ର କୃପାସାଗର ଶ୍ରୀରାମ ସ୍ୱଚିତ୍ତରେ ।
ମୋର ଅପରାଧକୁ କେବେ ହେଲେ ନ ସ୍ମରେ । ୩୨୪ ।

ଜନର ମନୋଭାବକୁ ମାତ୍ର ରାମ ଦେଖେ ।
ପଦା ଚୂଲ ଚଳଣିକି ସେ ତ ନ ନିରେଖେ । ୩୨୫ ।

ଶ୍ରୀରାମ ହୃଦୟେ କର୍ମଦୋଷ ଲାଗେ ନାହିଁ ।
ଗାଢ଼ ଭକ୍ତିରସମାତ୍ର ଲାଗଇ ନିଠାଇ । ୩୨୬ ।

ଯେଉଁ କୁକର୍ମ କର ବାଳି ପ୍ରାଣ ଛାଡ଼ିଲା ।
ସେହି କୁକର୍ମକୁ ତ ସୁଗ୍ରୀବ ଆଚରିଲା । ୩୨୭ ।

ତାକୁ ବିଭୀଷଣ ମଧ୍ୟ କଲା ଦୁହେଁ ଭଲେ ।
ଭରତ ପୂଜିତ ହୋଇ ସଭାରେ ବସିଲେ । ୩୨୮ ।

ରାମ ଗଛର ମୂଳେ ବାନରେ ତା ଉପରେ ।
ବାସ କରୁଥିଲେ ବନେ ଥିଲା ସମୟରେ । ୩୨୯ ।

ରାମ ସମ କ୍ଷମାନିଧି ସଦ୍‌ଗୁଣ ସାଗର ।
ବ୍ରହ୍ମାଣ୍ଡରେ ଆଉ କେ ନାହିଁ ଏହା ନିଶ୍ଚର । ୩୩୦ ।

ରାମ ! ତୁ ନିଜେ ପୁଣି ସବୁଙ୍କଠାରେ ଭଲ ।
ବୋଲିବା ତଥ୍ୟ ହେଲେ 'କର ମୋର 'ମଙ୍ଗଳ । ୩୩୧ ।

ଏହିପରି ନିଜ ଗୁଣ ଦୋଷଙ୍କୁ ବଖାଣି ।
ସକଳ ଜନଙ୍କୁ ଯୋଡ଼ି 'ମୋର ବେନି ପାଣି । ୩୩୨ ।

ବର୍ଣ୍ଣିବି ନିର୍ମଳ ଯଶ ଶ୍ରୀରାମଚନ୍ଦ୍ରର ।
ଶୁଣି ଘୋର କଳି ପାପଚୟ ନାଶ କର । ୩୩୩ ।

ଯାଜ୍ଞବଲ୍କ୍ୟ ଭରଦ୍ୱାଜ ମୁନୀଶଙ୍କୁ ଯାହା ।
ପୂର୍ବେ କହିଥିଲା ଏବେ ବର୍ଣ୍ଣିବି ମୁଁ ତାହା । ୩୩୪ ।

ଅହେ ସୁଜନେ ! ସେ ବେମାନଙ୍କର ସମ୍ବାଦକୁ ।
କର୍ଣ୍ଣ ମୁଖେ ପାନ କରି ଲଭ ଆନନ୍ଦକୁ । ୩୩୫ ।
ପ୍ରଥମରେ ଏ ଦିବ୍ୟ କଥାକୁ ରଚି ହର ।
ଗିରିଜାକୁ ଶୁଣାଇଲେ ହୋଇ କୃପାଭର । ୩୩୬ ।
ଭୁଶୁଣ୍ଡୀ କାକଠାରେ ଦେଖି ରାମଭକ୍ତିକୁ ।
ପରେ ତାକୁ କହିଲେ ଶିବ ସେ ଚରିତକୁ । ୩୩୭ ।
ସେ କାକଠାରୁ ତାକୁ ଯାଜ୍ଞବଲ୍କ୍ୟ ଶୁଣିଲେ ।
ସପ୍ରେମରେ ଭରଦ୍ୱାଜ ମୁନିଙ୍କି କହିଲେ । ୩୩୮ ।
ସେ ବକ୍ତୃ ଶ୍ରୋତୃ ମୁନିଦ୍ୱୟ ସମାନଶୀଳ ।
ସମଦର୍ଶୀ ବିଜ୍ଞାନୀ ଗୁଣଗଣଶୀଳବାଲ । ୩୩୯ ।
ଯେ ଜ୍ଞାନେ ଜାଣେ କରତଳାମଳକ ପରି ।
କାଳତ୍ରୟକୁ ଯେହୁ ସୁଜ୍ଞ ଭକ୍ତ କେଶରୀ । ୩୪୦ ।
ସେମାନେ ରାମକଥାକୁ କହନ୍ତି ପ୍ରଚୁରେ ।
ଶୁଣନ୍ତି ମନ ଦେଇ ବୁଝନ୍ତି ଉତ୍ତମରେ । ୩୪୧ ।
ବରାହକ୍ଷେତ୍ରେ ସ୍ୱଗୁରୁ ମୁଖରୁ ଶୁଣିଲି ।
ମାତ୍ର ବାଲ୍ୟ ହେତୁ ତାକୁ ଭଲେ ନ ଜାଣିଲି । ୩୪୨ ।
ବକ୍ତା ଆବର ଶ୍ରୋତା ଅଟନ୍ତି ଜ୍ଞାନୀବର ।
ଶ୍ରୀରାମଚନ୍ଦ୍ରଚରିତ ଅଟେ ଗୂଢତର । ୩୪୩ ।
କେମନ୍ତେ ତାକୁ ଜାଣିବ ଜୀବ ତ ଅଳ୍ପଜ୍ଞ ।
କଳିମଳଗ୍ରାସନରୁ ହୋଇଛି ଅତ୍ୟଜ୍ଞ । ୩୪୪ ।
ତଥାପି ଗୁରୁମୁଖରୁ ବାରମ୍ବାର ଶୁଣି ।
ଯା କିଛି ମୁଁ ବୁଝିଅଛି ତାକୁ ମନେ ଗୁଣି । ୩୪୫ ।
ଦେଶ ଭାଷା ପ୍ରବନ୍ଧ ରୂପରେ ବିରଚିବି ।
ନିଜ ବ୍ୟଗ୍ର ମାନସକୁ ଭଲେ ପ୍ରବୋଧିବି । ୩୪୬ ।
ମୋର ଅଳ୍ପବୁଦ୍ଧିକି ଜ୍ଞାନକୁ ଅନୁସରି ।
ପୁଣି ରାମ ପ୍ରେରଣ ହୃଦେ କରିବା ପରି । ୩୪୭ ।
ରଚିବି କଥାକୁ ଯେ ଭବାମ୍ବୁଧିତରଣୀ ।
ଆବର ଭ୍ରମମୋହସନ୍ଦେହନିବାରଣୀ । ୩୪୮ ।

ଆଉ ସେ କଥା ଅଟେ ବୁଦ୍ଧି ଚିତ୍ତାକର୍ଷିଣୀ ।
ସର୍ବଜନରଞ୍ଜନୀ କଳିତାପହାରିଣୀ । ୩୪୯ ।
ସେହି ଅଟଇ ଜ୍ଞାନ-ପାବକର ଅରଣୀ ।
ପାପ-ସର୍ପ-ଗରଳ ହରଣେ ଦିବ୍ୟ ମଣି । ୩୫୦ ।
ପୁଣି କଳି-କାମଧେନୁ ସନ୍ତୁସଞ୍ଜୀବନୀ ।
ଭ୍ରମ ଭେକ ସର୍ପୀଧରୀ ସୁଧାତରଙ୍ଗିଣୀ । ୩୫୧ ।
ଅସୁରାନୀକ ସମ ନରକବିନାଶିନୀ ।
ବୁଧହିତ କରଣେ ପ୍ରତ୍ୟକ୍ଷ କାତ୍ୟାୟିନୀ । ୩୫୨ ।
ସଜ୍ଜନସମାଜ-ପୟୋରାଶିର ଇନ୍ଦିରା ।
ଭବଭଞ୍ଜନୀ ବିଶ୍ୱଭାର ବହନେ ଧରା । ୩୫୩ ।
ଯମଦୂତମୁଖ ମ୍ଳାନ କରଣେ ଯମୁନା ।
ଜୀବନ୍ମୁକ୍ତ ପ୍ରଦାନେ ବନାରସ ପାଠେଣା । ୩୫୪ ।
ସୀତା ମନୋହର ମୋଦଦାନରେ ତୁଳସୀ ।
ଦାସମାନସମରାଳ ମାନସସରସୀ । ୩୫୫ ।
ଶିବପ୍ରିୟକରଣେ ସେ ହିମଗିରିସୁନ୍ଦରୀ ।
ସର୍ବସମ୍ପତ୍ତିଖନୀ ସକଳ ସିଦ୍ଧିଦାନ୍ତୀ । ୩୫୬ ।
ସକଳ ସଦ୍‌ଗୁଣ ବୃନ୍ଦାରକ ବୃନ୍ଦାଦିତି ।
ଭୂମିସୁତା ଦାଶରଥି ଭକ୍ତି ପରମିତି । ୩୫୭ ।
ଭକ୍ତବୁଦ୍ଧି ରମଣୀମଣ୍ଡନ ଚିନ୍ତାମଣି ।
ଭକ୍ତଙ୍କ ଧର୍ମାର୍ଥକାମମୋକ୍ଷପ୍ରଦାୟିନୀ । ୩୫୮ ।
କର୍ମ ଭକ୍ତି ଜ୍ଞାନ ଯୋଗ ବୈରାଗ୍ୟଙ୍କ ଖଣି ।
ବ୍ରତନିୟମାଦିଙ୍କର ବୀଜସ୍ୱ ରୂପିଣୀ । ୩୫୯ ।
ଭକ୍ତଚିତ୍ତ ବନଗତ ପାପେଭସିଂହିକା ।
କାମକ୍ରୋଧଲୋଭାଦି କୁରଙ୍ଗଶିରୁଧାତକା । ୩୬୦ ।
ଘୋର ସନ୍ତାପ ତମିର ପ୍ରଭାକର ପ୍ରଭା ।
କବିଚିତ୍ତ ଚକୋର ଶାରଦୀୟ ଚନ୍ଦ୍ରାଭା । ୩୬୧ ।
ପତିତଙ୍କୁ ପାବନ କରଣେ ଜହ୍ନୁଜାତା ।
କର୍ମବନ୍ଧ ଛେଦନରେ ଦାରୁଣାସିଭୂତା । ୩୬୨ ।

ସଜ୍ଜନଚକୋପୃଲ ପୂର୍ଣ୍ଣିମା ଚନ୍ଦ୍ରକଳା ।
ଭକ୍ତ ଜନନୀ ଅତୁଳା ବିମଳା ସଫଳା । ୩୬୩ ।
କୁତର୍କି କୁମାର୍ଗଗ ଶଠ ପାଷଣ୍ଡଚୟ ।
ଦହନ କରଣେ ବହ୍ନିଶିଖା ଏ ନିଶ୍ଚୟ । ୩୬୪ ।
ଏପରି ଅଲୌକିକ କଥା ଯେ ଶୁଣି ନାହିଁ ।
ଏବେ ଶୁଣି ସେ ବିସ୍ମିତ ହେବ ମନେ ଧାୟି । ୩୬୫ ।
ରାମାବତାର ବହୁତ ରାମାୟଣ ଶତ ।
କୋଟିଏ ହେତୁରୁ ଜ୍ଞାନୀ ନୋହିବ ବିସ୍ମିତ । ୩୬୬ ।
ବେଦ ପୁରାଣ ସମୁଦ୍ର ରାମକୀର୍ତ୍ତି ଜଳ ।
ମୁନିଗଣ ମେଘି ଭକ୍ତ ବୀଜ ବୃକ୍ଷ ବଳ । ୩୬୭ ।
ଅନେକ ମୁନିଏ ତ କଳ୍ପତରୁ ସମାନ ।
ଶ୍ରୀରାମଚରିତ୍ରକୁ କରିଅଛନ୍ତି ଗାନ । ୩୬୮ ।
ଏମନ୍ତ ଭାବ ତୁମାର ଏହି ପୁସ୍ତକଠାରେ ।
ଅନାଦର କରିବା ଅନୁଚିତ ହେ ଧୀରେ । ୩୬୯ ।
ଶ୍ରୀରାମ ଅନନ୍ତ ତଦ୍‌ଗୁଣଗଣ ଅନନ୍ତ
ତଚ୍ଚରିତ୍ର ପ୍ରଚୁର ଶୁଦ୍ଧ ପୁଣି ଅଦ୍ଭୁତ । ୩୭୦ ।
ଏ ପ୍ରକାରେ ସମସ୍ତ ସନ୍ଦେହ ଦୂର କରି ।
ଗୁରୁପାଦଯୁଗଳେ ନିଜ ଶିରକୁ ଭରି । ୩୭୧ ।
ଦୋଷ ଛାଡ଼ି ଗୁଣ ମାତ୍ର ଘେନ ବୋଲି ମୁହିଁ ।
ପୁଣି ସବୁଙ୍କୁ ଓଳଗି କଥାକୁ ବର୍ଣ୍ଣଇ । ୩୭୨ ।
ସାକେତେ ଚୈତ୍ର ଶୁକ୍ଳ ନବମୀ କୁଜବାର ।
ରାମୋଦୟ କାଳ ତେଣୁ ତାଙ୍କୁ ନତି ମୋର । ୩୭୩ ।
ପ୍ରଥମେ ଶଙ୍କର ରଚି ଏହି ଚରିତ୍ରକୁ ।
ଦ୍ୟାନ କଲେ ମାନସ ରାମାୟଣ ନାମକୁ । ୩୭୪ ।
ବିଷୟଦାବାନଳତପ୍ତା ମତ୍ତ-ହସ୍ତିନୀ ।
ରାମାୟଣ ମାନସପ୍ରାପ୍ତି ହେଲେ ସୁଖିନୀ । ୩୭୫ ।
ନିଶ୍ଚୟରେ ରାମାୟଣ ଅଟଇ ମାନସ ।
ସପ୍ତକାଣ୍ଡ ତା ସୋପାନ ରାମକୀର୍ତ୍ତି ରସ । ୩୭୬ ।

ପଦ୍ୟାଳି ନୀରପୂର ଅଳଙ୍କାର ତରଙ୍ଗ ।
ଧ୍ୱନି କୋକନଦ ଗୁଣ ବିଶଦ ସାରଙ୍ଗ । ୩୭୭ ।
ଶୈଳୀ ନୀଳନୀରଜ ଶଯ୍ୟା ରକ୍ତ କୁବଳ ।
ଜାତି ଶୁକ୍ଳ କୁବଳୟ ସ୍ୱଚ୍ଛ ନୀଳୋତ୍ପଳ । ୩୭୮ ।
କର୍ମ ରତ୍ନ ଚକ୍ରବାକ ଭକ୍ତିମନୋଭୃଙ୍ଗ ।
ଜ୍ଞାନମାନସମରାଳ ସଦା ତହିଁ ସଙ୍ଗ । ୩୭୯ ।
ନବରସ ଜଳଚରଚୟ ଅଛି ତହିଁ ।
ଦୁଷ୍ଟଜନାଳିଙ୍କର ଦୁଷ୍ପ୍ରାପ୍ୟ ସେ ଅଟଇ । ୩୮୦ ।
ମୋ ମନକୁ ସେ ସରୋବରରେ ସ୍ନାନ କରାଇ ।
ସୀତାରାମପଦାବ୍ଜ ଚତୁଷ୍ଟୟକୁ ଧ୍ୟାୟୀ । ୩୮୧ ।
ଶିବାଶିବଙ୍କୁ ନମି ବେନି ତପସ୍ୱୀଙ୍କର ।
ସମ୍ବାଦକୁ କହଇ ଶୁଣ ଜନନିକର । ୩୮୨ ।

## ଯାଜ୍ଞ୍ୟବଲ୍କ୍ୟ ଭରଦ୍ୱାଜ ସମ୍ବାଦ

ଦୟାଶମଦମନିଧି ରାମପଦଦାସ ।
ଭରଦ୍ୱାଜ ମୁନି କରେ ପ୍ରୟାଗରେ ବାସ । ୩୮୩ ।
ସୁରାସୁର କିନ୍ନର ସିଦ୍ଧ ଗନ୍ଧର୍ବ ନରେ ।
ମକରଗତ ରବି ମାଘରେ ପ୍ରୟାଗରେ । ୩୮୪ ।
କରନ୍ତି ତ୍ରିବେଣୀ ସ୍ନାନ ମାଧବ ଦର୍ଶନ ।
ବଟସ୍ପର୍ଶନ ଭରଦ୍ୱାଜାଶ୍ରମ ଲୋକନ । ୩୮୫ ।
ତେବେ ସେଠାରେ ହୁଏ ଯୋଗୀ ମୁନି ମେଳନ ।
ତହିଁ କରାଯାଏ ପରଂବ୍ରହ୍ମ ନିରୂପଣ । ୩୮୬ ।
ପୁଣି ଧର୍ମଚର୍ଚ୍ଚା ଈଶଗୁଣାନୁବାଦନ ।
କର୍ମ ଭକ୍ତି ଜ୍ଞାନ ବୈରାଗ୍ୟ ତତ୍ତ୍ୱ କଥନ । ୩୮୭ ।
ପ୍ରୟାଗେ ମାଘକୁ ଏପରି ପୂର୍ଣ୍ଣ କରନ୍ତି ।
ନିଜ ନିଜ ନିବାସକୁ ସମସ୍ତେ ଚଳନ୍ତି । ୩୮୮ ।
ଏକକାଳେ ପୂର୍ଣ୍ଣ କରି ମାଘ ନିୟମକୁ ।
ଯାଜ୍ଞବଲ୍କ୍ୟ ଗମିଲେ ଭରଦ୍ୱାଜାଶ୍ରମକୁ । ୩୮୯ ।

ସେ ମୁନିଙ୍କ ଭରଦ୍ୱାଜ ନମି ପୂଜା କରି ।
ପୁରତରେ ବସି ପ୍ରଶ୍ନ କଲେ ଏହିପରି । ୩୯୦ ।
ଅହେ ବେଦତତ୍ତ୍ୱଜ୍ଞ ମୋହର ମାନସକୁ ।
ଗୋଟିଏ ସନ୍ଦେହ ଦେଉଅଛି ସନ୍ତାପକୁ । ୩୯୧ ।
ତାକୁ କହିବାକୁ ମୋର ମାନସ ଲଜ୍ଜିତ ।
ନ କହିଲେ ତ ଅନ୍ତଃକରଣ ପ୍ରପୀଡ଼ିତ । ୩୯୨ ।
ବୁଧେ କହନ୍ତି ଗୁରୁଠାରେ ଗୋପନ କଲେ ।
ନିର୍ମଳ ଜ୍ଞାନ ଲଭ୍ୟ ହୁଅଇ ନାହିଁ ଛଳେ । ୩୯୩ ।
ଏଣୁ ମୋର ସଂଶୟକୁ କରିବି ପ୍ରକାଶ ।
ମୋରେ କୃପା କରି ତଥ୍ୟ କହି ତାକୁ ନାଶ । ୩୯୪ ।
ପୁରାଣୋପନିଷଦାବଳୀରେ ପ୍ରକଟିତ ।
ଶ୍ରୀ ରାମନାମ ପ୍ରଭାବ ଅଟେ ଅପରିମିତ । ୩୯୫ ।
ସେ ନାମକୁ ସଦା ଜ୍ଞାନଗୁଣମୟ ନିତ୍ୟ ।
ସଦାଶିବ ଜପ କରି ହୁଏ କୃତକୃତ୍ୟ । ୩୯୬ ।
ମରଣ ସମୟେ ତାକୁ ହୋଇ ଉପଦେଷ୍ଟା ।
କାଶୀର ପ୍ରାଣୀଗଣ ମୁକ୍ତିରାଜ୍ୟ ପ୍ରବିଷ୍ଟ । ୩୯୭ ।
ସେ ନାମବାଚ୍ୟ ରାମ କିଏ ମୋତେ କହ ତା ।
ଜନୈକ ରାମ ଅଛଇ ମୋହରେ ବଦ୍ଧ ତ । ୩୯୮ ।
ଏ ରାମ ଅଯୋଧ୍ୟାପତି ଦଶରଥସୁତ ।
ଜାୟା ବିଯୋଗ ଦୁଃଖରେ ଅତି କ୍ରୋଧାନ୍ୱିତ । ୩୯୯ ।
ରଣ କରି ସକୁଳ ରାବଣକୁ ନାଶିଲେ ।
ପତ୍ନୀ ଘେନି ସାକେତେ ନରପତି ହୋଇଲେ । ୪୦୦ ।
ସେହି ଏହି ରାମ କି ? କିମ୍ବା ଭିନ୍ନ ଅଟେ ।
ଏ ସନ୍ଦେହଟି ମୋହର ମନରୁ ନ ତୁଟେ । ୪୦୧ ।
ବିଜ୍ଞବର ! ସାକଲ୍ୟେ କହି ସେ ବୃତ୍ତାନ୍ତକୁ ।
ଦୂର କରି ମୋହର ମାନସ ସଂଶୟକୁ । ୪୦୨ ।
ଏ ବାଣୀ ଶୁଣି ଯାଜ୍ଞବଲ୍କ୍ୟ ମନ୍ଦ-ହାସରେ ।
ବୋଇଲେ ରାମ ଜ୍ଞାତ ତ ତୁମ୍ଭରେ ସ୍ପଷ୍ଟରେ । ୪୦୩ ।

ନିଜକରଣରେ ତୁମ୍ଭେ ରାମଭକ୍ତିଫଳଙ୍କ ।
ରାମତତ୍ତ୍ୱ ତୁମ୍ଭର କରତଳାମଳକ । ୪୦୪ ।

ତଦ୍‌ଗୂଢ଼ କଥା ମୋ ମୁଖୁଁ ଶୁଣିବାକୁ ସିନା ।
ଏମନ୍ତ ପ୍ରଶ୍ନଟିକି କଲ ତୁମ୍ଭେ କଳ୍ପନା । ୪୦୫ ।

ମନଦେଇ ଶୁଣ ମୁଁ କହଇଁ ରାମକୀର୍ତ୍ତି ।
ମହାମୋହ-ମହିଷଦନୁଜ-ଦୁର୍ଗାମୂର୍ତ୍ତି । ୪୦୬ ।

ପୁଣି ମୁନି ମାନସ ଚକୋର ଚନ୍ଦ୍ରକଳା ।
ଯାହା ପୂର୍ବେ ଶିବରେ ବର୍ଣ୍ଣିତ ହୋଇଥିଲା । ୪୦୭ ।

ସେ ଶିବାଶିବସମ୍ବାଦରୂପ ସଚ୍ଚରିତ ।
ପବିତ୍ରରୁ ପବିତ୍ର ବିଚିତ୍ରରୁ ବିଚିତ୍ର । ୪୦୮ ।

ତ୍ରେତାଯୁଗେ ଏକକାଳେ ଭବାନୀ ମହେଶ ।
ଯାଇ ଅଗସ୍ତି ଆଶ୍ରମେ କରନ୍ତେ ପ୍ରବେଶ । ୪୦୯ ।

ସେ ଦେବୀଦେବଙ୍କୁ ଜାୟାଯୁକ୍ତ କୁମ୍ଭସୁତ ।
ପ୍ରଣମି ପୂଜନ କରି ହେଲେ ପ୍ରମୋଦିତ । ୪୧୦ ।

ରାମକଥାକୁ ହରିଭକ୍ତିକି ପରସ୍ପର ।
"କଥନ ଶ୍ରବଣ କରି ତୁଷ୍ଟ ମୁନି ହର । ୪୧୧ ।

ଏମନ୍ତେ କେତେକାଳ କାଟି ସେ ଆଶ୍ରମରେ ।
କୈଳାସକୁ ଗଲେ ଶମ୍ଭୁ ଉମା ସହିତରେ । ୪୧୨ ।

ସେ ସମୟେ ଧରାଭାର ହରିବାକୁ ହରି ।
ତପନକୁଳେ ରାମରୂପରେ ଅବତରି । ୪୧୩ ।

ପିତୃବାକ୍ୟ ପାଳିବାକୁ ଦଣ୍ଡକକାନ୍ତାରେ ।
ବୁଲୁଥିଲେ ରାଜ୍ୟ ତେଜି ବୈରାଗୀ ପ୍ରକାରେ । ୪୧୪ ।

ଭବ ଭାବିଲେ ରାମ ତ ଗୂଢ଼ ରୂପ ଧରି ।
କ୍ରମେ ବନେ ତଦ୍ଦର୍ଶନ ଲଭିବି କପରି । ୪୧୫ ।

ମୁଁ ଗଲେ ସେଠାକୁ ଜନେ ହେବେ ଅବଗତ ।
ଅପ୍ରକଟିତ ଭାବ ହୋଇବ ପ୍ରକଟିତ । ୪୧୬ ।

ଏମନ୍ତ ଚିନ୍ତାକୁ ମହାଦେବ ମାନସର ।
ସ୍ୱଶ୍ରୀଦେବୀ ଜାଣେ କାହିଁ ସୋରଷ ମାତର । ୪୧୭ ।

ଏକାଳରେ ମାରୀଚ ରାବଣ ପ୍ରେରଣରେ ।
ଗଲା ଦଣ୍ଡକକୁ ହେମହରିଣାକୃତିରେ । ୪୧୮ ।
ତାକୁ ମାରିବାକୁ ରାମ ସୀତା ନିୟୋଗରେ ।
କାଣ୍ଡ କୋଦଣ୍ଡ ଧରି ଗମିଲା ତା ପଛରେ । ୪୧୯ ।
ଯେବେ ଲକ୍ଷ୍ମଣ ରାମମାର୍ଗ ଅନୁସରିଲା ।
ତେବେ ରାବଣ ସୀତାକୁ ଘେନି ଲଙ୍କା ଗଲା । ୪୨୦ ।
ହରିଣକୁ ମାରି ଫେରି ଆସି ବେନି ଭାଇ ।
ସୀତାକୁ ନ ଦେଖି ପ୍ରାକୃତଜନ ସମ ହୋଇ । ୪୨୧ ।
କାନ୍ଦି କାନ୍ଦି ଗିରି ବନସ୍ଥାନମାନଙ୍କରେ ।
ଖୋଜି ଖୋଜି ବୁଲୁଥିଲେ କାତର ଚିତ୍ତରେ । ୪୨୨ ।
ମାୟାସଂଯୋଗ ବିୟୋଗ ଯାର ନାହିଁ କେବେ ।
ସେ ରାମ ରାମାବିଚ୍ଛେଦେ ଦୁଃଖୀ ହେଲା ଏବେ । ୪୨୩ ।
ରାମ ଚରିତ୍ର ବିଚିତ୍ର ତାକୁ ଜାଣେ ସୁଧୀ ।
ମୋହବଶେ ବିପରୀତ ମଣେ ମନ୍ଦବୁଦ୍ଧି । ୪୨୪ ।
ସେ ନିର୍ଜନ କାଳେ ଉମାଯୁତ ପଶୁପତି ।
ରାମକୁ ଭେଟି ମୋଦେ ସ୍ତୁତି କଲା ଏମନ୍ତ । ୪୨୫ ।
ଜୟ ଜଗତ୍ପାବନ ଜୟ ସଚ୍ଚିଦାନନ୍ଦ ।
ଜୟ ଜୟ ସନାତନ ଜୟ ଆନନ୍ଦକନ୍ଦ । ୪୨୬ ।
ତା ପରେ ରାମାନୁଜ୍ଞାତ ହୋଇ ମାରପର ।
ମୋଦପୁଲକିତ ଗାତ୍ରେ ଗଲା ନିଜ ପୁର । ୪୨୭ ।

## ସତୀମୋହ

ନିଜ ପତି କାର୍ଯ୍ୟକୁ ସ୍ଥିତିକ ଦେଖି ସତୀ ।
ଏମନ୍ତେ ଭାବିଲା ହୋଇ ସନ୍ଦିହାନମତି । ୪୨୮ ।
ମୋ ସ୍ୱାମୀ ସୁରାସୁରମୁନିଜନବନ୍ଦିତ ।
ମହେଶ ତ୍ରିଲୋକଙ୍କ ଅତି ପୂତଚରିତ । ୪୨୯ ।
ଯେ ଯାଇ ବ୍ରହ୍ମ ବୋଲି ଏକରାଜସୁତକୁ ।
ପ୍ରଣାମି କଲେ ଅନେକ ବିଧରେ ସ୍ତୁତିକୁ । ୪୩୦ ।

ପୁଣି ତାର ରୂପ ଦେଖି ହୋଇଲେ ମୋହିତ ।
ପୁରେ ପ୍ରବେଶି ମଧ୍ୟ ହେଉଛନ୍ତି ମୋଦିତ । ୪୩୧ ।
ବ୍ରହ୍ମ ତ ଅଜ ନିତ୍ୟ ନିର୍ଗୁଣ ନିରାକାର ।
ପ୍ରଜ୍ଞାନ ସେ କିପରି ଧରିବ ନରାକାର । ୪୩୨ ।
ଅଥବା ବିଷ୍ଣୁ ସୁରହିତ ନିମିତ୍ତ ନର ।
ହୋଇଛନ୍ତି ପରା ବୋଇଲେ ସେହି ତ ଶ୍ରୀଧର । ୪୩୩ ।
ସର୍ବଜ୍ଞ ଶତ୍ରୁ ସୂଦନ ସଦ୍‌ଗୁଣ ନିଧାନ ।
ସକଳ କଲ୍ୟାଣଙ୍କ ଅଟଇ ଜନ୍ମସ୍ଥାନ । ୪୩୪ ।
ଏ ତ ଅଜ୍ଞାନୀ ରାଜ୍ୟକୁ ଜାୟାକୁ ହରାଇ ।
କାନ୍ଦି କାନ୍ଦି କାନନେ ବୁଲେ ବାତୁଳ ହୋଇ । ୪୩୫ ।
ମୋ ଧବ ତ ସର୍ବଜ୍ଞ ଅମୋଘ ତାଙ୍କ ଗିର ।
କିସ ଏହା କିମାକାର ନୁହେ ମୋ ଗୋଚର । ୪୩୬ ।
ଏପରି ଭଳି ଗୌରୀ ଅତି ସଂଶୟଯୁକ୍ତା ।
ନାଥଙ୍କୁ ପୁଚ୍ଛିବାକୁ ଅତି ଭୀତା ଲଜ୍ଜିତା । ୪୩୭ ।
ଅନ୍ତର୍ଯାମୀ ଶିବ ଶିବା-ମନୋଭାବ ଜାଣି ।
ମନେ ହସି ଅତ୍ୟାଦରେ ଭାଷିଲେ ଏ ବାଣୀ । ୪୩୮ ।
ଦେବି ! ଚିତ୍ତେ ସନ୍ଦେହ ରଖିବା ଅନୁଚିତ ।
ସଂଶୟାତ୍ମାର ମଙ୍ଗଳ ହୁଏ ନାହିଁ ସତ । ୪୩୯ ।
ଯାର ଚରିତକୁ ମୋତେ ଅଗସ୍ତି କହିଲେ ।
ଯା ଭକ୍ତିକି ମୋଠାରୁ ସେ ମୁନୀଶ ଶୁଣିଲେ । ୪୪୦ ।
ଯେ ମୁନୀଶ ସେବିତ ଯେ ଚରାଚରାଧାର ।
ସେ ରାମଚନ୍ଦ୍ର ଅଟଇ ଇଷ୍ଟଦେବ ମୋର । ୪୪୧ ।
ଯାକୁ ଋଷି ଯୋଗୀ ଧୀରଗଣେ କରେ ଧ୍ୟାନ ।
ଯାର କୀର୍ତ୍ତି ନେତି ବୋଲି ବେଦ କରେ ଗାନ । ୪୪୨ ।
ଯାର ବଶୀଭୂତା ମାୟା ଯେ ସର୍ବବ୍ୟାପକ ।
ଯେ ଭୁବନନିକାୟ ନାୟକାଧିନାୟକ । ୪୪୩ ।
ସେ ବ୍ରହ୍ମ ଭକ୍ତହିତ ପାଇଁ ରଘୁକୁଳରେ ।
ଅବତରି ଗ୍ରହଣ କଲେ ରାମରୂପରେ । ୪୪୪ ।

ଏମନ୍ତେ ବୁଝାଇ ଯେତେ କହିଲେହେଁ ଶିବ ।
ତୁଟିଲେ ନାହିଁ ଯିବା ଚିତ୍ତ ସଂଶୟ ଲବ । ୪୪୫ ।
ବିଷ୍ଣୁମାୟା ମହିମାକୁ ପାଞ୍ଚି ମନେ ହସି ।
ଶମ୍ଭୁ ବୋଇଲେ ପ୍ରେମେ ଶୁଣ ଗୋ ମଦାଳସି ! ୪୪୬ ।
ଏବେ ତୁମ୍ଭେ ନିଜେ ଯାଇ ପରୀକ୍ଷାକୁ କର ।
ଯେପରି ଯିବ ସନ୍ଦେହ ତୁମ୍ଭ ମାନସର । ୪୪୭ ।
ତୁମ୍ଭେ ବାହୁଡ଼ି ଆସିବା ପର୍ଯ୍ୟନ୍ତ ଏ ବର-
ଗଛ ସ୍ଥଳରେ ବସିଥିବ ଏହା ନିକର । ୪୪୮ ।
ଏପରି ଲଭି ନିଜ ପତିର ଅନୁଜ୍ଞାକୁ ।
ଗୌରୀ ଗଲେ ରାମର ପରୀକ୍ଷା କରିବାକୁ । ୪୪୯ ।
ଭବ ମନେ ଭାବିଲେ ଭବାନୀ ମୋ ବଚନ ।
ପ୍ରତେ କଲେ ନାହିଁ ଏ ଅମଙ୍ଗଳ ସୂଚନ । ୪୫୦ ।
ବିପରୀତ ବିଧିରୁ ତାହାର ବୁଦ୍ଧି ବାମ ।
ଅହୋ ! ପରୀକ୍ଷିତ ହେବ ତାହାରେ ଶ୍ରୀରାମ । ୪୫୧ ।
ସେ ପାଇବ ନିଜ କର୍ମ ସଦୃଶ ଫଳକୁ ।
ଏତେ ଭାଳି ଜପିଲେ ଶିବ ରାମନାମକୁ । ୪୫୨ ।
ତେବେଣେ ଉମା ଉପାୟ ଚିନ୍ତି ଚନ୍ଦ୍ର ବଦନ ।
ସୀତାର ସ୍ୱରୂପକୁ କଲେ କରି ଗ୍ରହଣ । ୪୫୩ ।
ସେ ପଥେ ଗଲେ ବେନି ଭାଇ ଯେଉଁ ମାର୍ଗରେ ।
ଆସୁଥିଲେ ସୀତାକୁ ଖୋଜି ଖୋଜି ଦୁଃଖରେ । ୪୫୪ ।
ତାଙ୍କୁ ଅଗେ ଲକ୍ଷ୍ମଣ ଦେଖିଲେ ଅଚମ୍ଭିତ ।
ଭାବିଲେ ରାମ ପ୍ରଭାବ ନୁହେଁ ତ ବିଦିତ । ୪୫୫ ।
ସତୀ ମଧ୍ୟ ଭ୍ରମ-ମୋହ-ସାଗରେ ବୁଡ଼ିଲେ ।
ଅହା ! ବୋଲି ଚିନ୍ତି ସେ ଧୀର ତୁନି ହୋଇଲେ । ୪୫୬ ।
ଯା ନାମ ସ୍ମରଣ ମାତ୍ରେ ତୁଟଇ ଅଜ୍ଞାନ ।
ସେ ସକଳାନ୍ତର୍ଯାମୀ ସର୍ବଜ୍ଞ ଭଗବାନ । ୪୫୭ ।
ସେ ରାମ ଦେଖି ସତୀର କପଟ ରୂପକୁ ।
ମନେ ହସି କହୁ ପିତୃନାମ ସ୍ୱନାମକୁ । ୪୫୮ ।

ପ୍ରଣମି ମୃଦୁ ବଚନେ ପୁଚ୍ଛିଲା ଏମନ୍ତ ।
ଦେବ ! ଏବେ କୋଠାରେ ଅଛନ୍ତି ତୁମ୍ଭ କାନ୍ତ ? । ୪୫୯ ।
ଏକାକୀ ହୋଇ ତୁମ୍ଭେ କାହିଁକି କାନ୍ତାରେ ।
ଭ୍ରମଣ କରୁଅଛ କହ ମୋତେ କୃପାରେ । ୪୬୦ ।
ଏ ବାଣୀ ରାମମୁଖଁ ଶୁଣି ସତୀ ମୌନରେ ।
ଭୀତ ଲଜ୍ଜା ଖେଦ ସଂଯୁକ୍ତ ନିଜ ମନରେ । ୪୬୧ ।
ଭାବିଲା ଅବସ୍ଥାଏ ମୋ ପତି ବୋଲ ପେଲି ।
ଅଜ୍ଞାନେ ଏଠାକୁ ଆସି ପରାଭୂତା ହେଲି । ୪୬୨ ।
ଏବେ ଯାଇ ପତି ମୁଖ କିପରି ଦେଖିବି ?
ସେ ମୋତେ ପଚାରିଲେ କିସ ମୁହଁ କହିବି । ୪୬୩ ।
ଏମନ୍ତେ ଚିନ୍ତି ଚିନ୍ତି ସତୀ ବାହୁଡ଼ି ଗଲା ।
ତା ଅବସ୍ଥା ଦେଖି ରାମ ମନ ତରଳିଲା । ୪୬୪ ।
ତାକୁ ଦେଖାଇବାକୁ ନିଜ ମହିମା ଲବ ।
ସୀତା ସୌମିତ୍ରୀ ସହିତେ ଦଶରଥଭବ । ୪୬୫ ।
ଦେଖା ଦେଲା ତାର ଅଗେ ତା ଦେଖି ଭବାନୀ ।
ଆଶ୍ଚର୍ଯ୍ୟେ ବୁଲି ଦେଖିଲା ପଛେ ଭାଇ ବେନି । ୪୬୬ ।
ପୁଣି ବୁଲି ଦେଖିଲା ସୀତା ରାମ ଲକ୍ଷ୍ମଣ ।
ତହୁଁ ଯେଣେ ଦେଖେ ତେଣେ ସେହି ତିନିଜଣ । ୪୬୭ ।
ସର୍ବତ୍ର ସୀତା ରାମ ଲକ୍ଷ୍ମଣ ସମାନରେ ।
ସେବିତ ତ୍ରିମୂର୍ତ୍ତି ତ୍ରିଶକ୍ତି ଦେବଗଣରେ । ୪୬୮ ।
ଏ ଦୃଶ୍ୟେ ଭୀତା ସତୀର ଶରୀର କମ୍ପିଲା ।
ବେନି ନୟନ ବୁଜି ସେ ବାଟରେ ବସିଲା । ୪୬୯ ।
କେତେକ୍ଷଣ ପରେ ସେହୁ ମେଲିଲା ନୟନ ।
ଆଉ ଦିଶିଲେ ନାହିଁ ସୀତା ରାମ ଲକ୍ଷ୍ମଣ । ୪୭୦ ।
ଧୀରେ ଉଠି ଧୀରେ ଚିନ୍ତି ଶ୍ରୀରାମ ମହିମା ।
ନିଜ ନାଥ ନିକଟକୁ ଗତି କଲା ଉମା । ୪୭୧ ।
ପ୍ରିୟାକୁ ଦେଖି ସାଦରେ ପୁଚ୍ଛିଲା ଈଶାନ ।
ଅଗେ କେମନ୍ତ ଗାର୍ଷ୍ଟ ପଛେ ପରୀକ୍ଷା ବିଧାନ । ୪୭୨ ।

ଉଚ୍ଚେ ଭବାନୀ ଏତେକ ମାତର ବୋଇଲେ ।
ଗମନାଗମନେ ମୋ ବିଶ୍ୱାସ ବଦଳିଲେ । ୪୭୩ ।
ସମସ୍ତ ପ୍ରତ୍ୟୟ ନ ପାଇ ପଞ୍ଚାନନ ।
ଯୋଗଧ୍ୟାନେ ସବୁ ଜାଣି ପାରିଲେ ଏସନ । ୪୭୪ ।
ସତୀ ତ ଧରିଲେ ସୀତା ଦେବୀର ଆକାର ।
କେହୁ ଅନ୍ୟ କରିବ ଏହା ସଙ୍ଗେ ବ୍ୟବହାର । ୪୭୫ ।
କଲେ ହେବ ଭକ୍ତିହୀନ ଅବର ପାତକୀ ।
ଏ କାନ୍ତାକୁ ତେଜି ମୁହିଁ ବଞ୍ଚି ପାରିବି କି ? ୪୭୬ ।
ଏ ଦେହେ ଏ ମୋ ଭୋଗ୍ୟା ନୁହେଁ କରିବି କ୍ଷୟ ।
ବୋଲି ଶିବ ଧ୍ୟାଇ ଶ୍ରୀରାମ-ପାଦ-ସାରସ । ୪୭୭ ।
ସତୀକୁ କିଛି ନ କହି ଅତି ଖିନ୍ନ ହୋଇ ।
ଆପଣାର ମନ୍ଦିରରେ ପ୍ରବେଶିଲେ ଯାଇଁ । ୪୭୮ ।
ତେବେ ଶୁଭିଲା ଏରୂପର ଆକାଶ ଗିର ।
ଜୟ ରାମଭକ୍ତବର ଜୟ ଯୋଗୀଶ୍ୱର । ୪୭୯ ।
ଏମନ୍ତ ପ୍ରତିଜ୍ଞାକୁ କେବେ ହେ ସଦାଶିବ ।
ତୋହର ବିନା ଅନ୍ୟ କିଏ କରି ପାରିବ । ୪୮୦ ।
ଏ ବଚନକୁ ସତୀ ଶୁଣି ହୋଇ ଚକିତା ।
ଶିବ ସମୀପକୁ ଯାଇ ଦେଖାଇ ନମ୍ରତା । ୪୮୧ ।
ବୋଇଲା, ହେ ନାଥ ! ତୁମ୍ଭେ କି ପ୍ରତିଜ୍ଞା କଲ ।
କୃପାକରି କହ ମୋ ମନ ତ ଥଳଥଳ । ୪୮୨ ।
ଏପରି ପଚାରି ପତି ମୁଖୁଁ ପ୍ରତିବାଣୀ ।
କିଛିହିଁ ନ ପାଇ ହୋଇ କାତରା ଭବାନୀ । ୪୮୩ ।
ଭାବିଲା ଅଟନ୍ତି ତ ସର୍ବଜ୍ଞ ମୋ ରମଣ ।
ଜାଣିଥିବେ ସମସ୍ତେ ମୋ ଅସଦାଚରଣ । ୪୮୪ ।
ଛି ଛି ଅଜ୍ଞାନେ ମୁଁ କେଡ଼େ ମନ୍ଦ କାର୍ଯ୍ୟ କଲି ।
ପତିଠାରେ କାପଟ୍ୟକୁ କ୍ଷମ୍ୟ ଅଟେବଲ୍ । ୪୮୫ ।
ସ୍ନେହଭରେ ନୀର କ୍ଷୀର ହୋଇ ଏକତ୍ରିତ ।
ସମାନଭାବେ ଧରାମଣ୍ଡଳେ ପ୍ରଚଳିତ । ୪୮୬ ।

ଯେବେ କପଟରୂପୀ ଖଡା ତହିଁ ମିଶଇ ।
ତେବେ ସଂଲଗ୍ନ ସଲିଳ ଅଲଗା ହୁଅଇ । ୪୮୭ ।
ଏଣେ ଧବ ବଚନକୁ ପ୍ରତେ ମୁଁ ନ କଲି ।
ତେଣେ ରାମପାଦେ ଅପରାଧକୁ ବହିଲି । ୪୮୮ ।
ଅହା ! ମୋର ପତି କେଡ଼େ ଦୟାଳୁ ଗମ୍ଭୀର ।
କୁଣ୍ଠିତ ପ୍ରକଟିବାକୁ ଅପରାଧ ମୋର । ୪୮୯ ।
ଏମନ୍ତ ପ୍ରଭୁ-ବିଶ୍ୱାସପାତ୍ରୀ ମୁଁ ନୋହିଲି ।
ସ୍ୱକର୍ମ ଦୋଷରେ ଦୁଃଖ-ସାଗରେ ବୁଡ଼ିଲି । ୪୯୦ ।
ଏମନ୍ତେ ଭାଳୁଥିଲେ ସତୀଙ୍କ ନ ବୋଲେଙ୍କ ।
ପ୍ରତିଜ୍ଞା ପୂର୍ଣ୍ଣ କରିବାକୁ ପାଇଁ ପିନାକୀ । ୪୯୧ ।
ଏକ ବଟମୂଳେ ବସି କମଳାସନରେ ।
ଚିତ୍ତକୁ ନିବେଶିଲେ ଅଖଣ୍ଡ ସମାଧିରେ । ୪୯୨ ।
ତା ଦେଖି ଖିନ୍ନା ସତୀ ମନକୁ ଯୁଗ ସର—
ମଣି ରହିଲେ କୈଳାସେ ଶ୍ରୀରାମକୁ ସ୍ମର । ୪୯୩ ।
ଏ ବିଷୟ ତ୍ରିଲୋକବାସୀଙ୍କ ଅଗୋଚର ।
ଏମନ୍ତେ ଗଲା ସତାଶୀ ସହସ୍ର ବତ୍ସର । ୪୯୪ ।
ତେବେ ଶିବ ସମାଧି ତେଜି ରାମ ସ୍ମରିଲେ ।
ତା ଶୁଣି ଶିବା ମୋଦେ ପତି କତିକି ଗଲେ । ୪୯୫ ।
ପ୍ରଣତା ହେଲେ ବାଳାକୁ ଆଦରେ ଆସନ ।
ଦେଇ ସମୀପରେ ବସାଇଲେ ପଞ୍ଚାନନ । ୪୯୬ ।
ମୃଦୁ ମଧୁର ବଚନେ କହୁ ହରି କଥା ।
ହରି କଷ୍ଟ ହରିଲେ ସତୀ ମାନସ ବ୍ୟଥା । ୪୯୭ ।
ସେ ସମୟରେ ବାରିଅଁ ହୋଇ କୃପାମତି ।
କରିଥିଲେ ଦକ୍ଷକୁ ପ୍ରଜାପତିଙ୍କ ପତି । ୪୯୮ ।
ଗର୍ବରେ ଅଥୟ ଦକ୍ଷ ହୋଇ ଅଧିକାରୀ ।
ଅଧିକାର ନ କରେ କାହାରେ ଅହଙ୍କାରୀ । ୪୯୯ ।
ତପସ୍ୱୀଙ୍କି ଡ଼କାଇ ସେ ଆରମ୍ଭି ଯଜ୍ଞକୁ ।
ନିମନ୍ତ୍ରଣ କଲେ ସେ ନିର୍ଜର ପ୍ରକରକୁ । ୫୦୦ ।

ତ୍ରିମୂର୍ତ୍ତି ବିନା ସର୍ବ ଦେବ ସିଦ୍ଧ କିନ୍ନର ।
ଗନ୍ଧର୍ବେ ଜାୟା ସହିତେ ବିମାନ ନାକର । ୫୦୧ ।
ଅପ୍ସରେ ମୁନିଚିତ୍ତମୋହନ ଗୀତ ଗାଇ ।
ମଖ ପାଇଁ ଚଳିଲେ ମୋଡେ କୈଳାସ ଦେଇ । ୫୦୨ ।
ତାଙ୍କର ବିପତ୍ତିକୁ ଶଙ୍କର ମୂର୍ଖ ଜାଣି ।
ଅନନ୍ଦ ଲଭି ମନରେ ଭାବିଲେ ଭବାନୀ । ୫୦୩ ।
ପତି ଅଜ୍ଞା ଦେଲେ ଯାଇ ଯାଗ ଦେଖି ମୁହିଁ ।
ଅସନ୍ତ୍ର କେତେକାଳ ଜନକପୁରେ ରହି । ୫୦୪ ।
ପତି ନପତି ହୋଇ ପିତା ସାମାନ୍ୟ ଜନ ।
ହେଲେ ହେଁ ଜନକପୁରସକ୍ତ ଚାନ୍ତ୍ରାମନ । ୫୦୫ ।
ଦୁଃଖିନୀ ହୋଇ ମଧ ପତି ପରିତ୍ୟାଗରେ ।
ନିଜ ଦୋଷ ସ୍ମରି ସତୀ ଥାଏ ମୌନରେ । ୫୦୬ ।
ତେବେ ଜନକ ଗୃହ ଗମନାଭିଳାଷକୁ ।
ବିନୟେ ସେ ଜଣାଇଲେ ମୃଦୁରେ ଶିବଙ୍କୁ । ୫୦୭ ।
ତା ଶୁଣି ହର ବୋଇଲେ ତୁମ୍ଭ ବାଞ୍ଛା ଭଲ ।
ମାତ୍ର ତୁମ୍ଭର ପିତା ତୁମ୍ଭଙ୍କୁ ଉପେକ୍ଷିଲେ । ୫୦୮ ।
ତୁମ୍ଭଙ୍କୁ ଛାଡ଼ି ସବୁ ଝିଅଙ୍କୁ ଡକାଇଲେ ।
ମୋଠାରେ ଥିବା ଦ୍ୱେଷ ତୁମ୍ଭରେ ଦେଖାଇଲେ । ୫୦୯ ।
ପୂର୍ବେ ଦକ୍ଷ ବିରଞ୍ଚି ସଭାରେ ମୋରେ ବୈର—
କରି ଅଜ୍ଞ ଯାଏ କରେ ସେହି ବ୍ୟବହାର । ୫୧୦ ।
ତୁମ୍ଭେ ମୋ ଅର୍ଦ୍ଧାଙ୍ଗୀ ହୋଇ ନିମନ୍ତ୍ରଣ ବିନା ।
ପ୍ରସ୍ଥାଣ ସମୁଚିତ କି ? କର ବିବେଚନା । ୫୧୧ ।
ପିତୃ ଗୁରୁ ମିତ୍ରେଶ ଯାଗ ସ୍ଥାନ ଗମନେ ।
ଅମନ୍ତ୍ରଣ ମୁଖ୍ୟ ନୁହେ ବୋଲନ୍ତି ସୁଜନେ । ୫୧୨ ।
ମାତ୍ର ଶାତ୍ରବ ଥିଲେ ସେ ସ୍ଥାନମାନଙ୍କରେ ।
ଅମଙ୍ଗଳ ଅବଶ୍ୟ ଘଟଇ ଗମନରେ । ୫୧୩ ।
ଏମନ୍ତେ କେତେ ମତେ କହିଲେ ହେଲେ ପତି ।
ସ୍ତ୍ରୀ-ଶିଷ୍ଟକୁ ତଳେ ଠେଲିଲେ ନାହିଁ ସତୀ । ୫୧୪ ।

ଭବିତବ୍ୟ ଫଳକୁ ଅନୁସରି ପ୍ରାଣୀର ।
ବୁଦ୍ଧି ପ୍ରସରୁ ଥାଏ ଏହା ଅଟେ ଆଗୃର । ୫୧୫ ।
ତେବେ ଶଙ୍କର ଶତେ ଚନ୍ତ୍ର ମୁଖ୍ୟଗଣକୁ ।
ସଙ୍ଗରେ ଦେଇ କଲେ ସତୀର ବିଦାୟକୁ । ୫୧୬ ।
ପତିକୁ ପ୍ରଣମି ମୁଦେ ଆରୋହି ବିମାନ ।
ପ୍ରମଥଗଣ ସଙ୍ଗେ ଦେବୀ କଲେ ପ୍ରସ୍ଥାନ । ୫୧୭ ।
ଦକ୍ଷ ପ୍ରଜାପତିର ଡରେ ବାପ ଘରର ।
ସବୁ ଲୋକେ ଭବାନୀଙ୍କି କଲେ ଅନାଦର । ୫୧୮ ।
ଭଗ୍ନୀମାନେ ମଧ୍ୟ କଲେ ତିରସ୍କାର ତାଙ୍କୁ ।
ମାତା ମାତ୍ର ଦେଖାଇଲେ ସ୍ୱବତ୍ସଳତାକୁ । ୫୧୯ ।
ଜନକ ବଦନୁଁ କଥା ପଦେ ହେଲେ ସେହି ।
ନ ଶୁଣି ଯାଗଶାଳାରେ ପ୍ରବେଶିଲେ ଯାଇ । ୫୨୦ ।
ତହିଁ ସ୍ୱ-ଧବ ଭାଗର ଅଭାବ ଦେଖିଲେ ।
ନାଥ କହିଥିଲେ କଥାମାନଙ୍କୁ ସ୍ମରିଲେ । ୫୨୧ ।
ଆପଣା ଅବଜ୍ଞାଠାରୁ ପତିର ଅବଜ୍ଞା ।
ଗୁରୁତର ଅଟେ ବୋଲି ଭାବିଲେ ସେ ବିଜ୍ଞା । ୫୨୨ ।
କ୍ରୋଧାପମାନ-ବାଡ଼ବ ତା ଚିତ୍ତ ଦହିଲା ।
ମାତୃସାନ୍ତ୍ୱନା-ତୁଷାର ନିଷ୍ଫଳ ହୋଇଲା । ୫୨୩ ।
ସତୀ ଅତି କୋପଭରେ ସଭ୍ୟଙ୍କୁ ବୋଇଲେ ।
ହେ ସଦସ୍ୟେ ! ଦୁର୍ଦ୍ଦଶା ତୁମ୍ଭଙ୍କୁ ଅବୋରିଲା । ୫୨୪ ।
ଶଙ୍କର ତିରସ୍କାର ଫଳ ତୁମ୍ଭେ ଭୁଞ୍ଜିବ ।
ମୋର ପିତାଙ୍କୁ ପଶ୍ଚାତ୍ତାପ ପ୍ରାପ୍ତି ହୋଇବ । ୫୨୫ ।
ଶକ୍ୟ ହେଲେ ହରହର ଗ୍ଳାନିପ୍ରଦଙ୍କର ।
ଜିହ୍ୱା ଶ୍ରବଣ କର୍ତ୍ତନ କର୍ତ୍ତବ୍ୟ ଜନର । ୫୨୬ ।
ପୁରହର ଅଟନ୍ତି ଜଗତ୍ପିତା ହିତଙ୍କର ।
ପରମାତ୍ମା ମହାଦେବ ଶଶାଙ୍କ ଶେଖର । ୫୨୭ ।
ତାହାଙ୍କର ଅବମାନ କରି ମୋ ଜନକ ।
ଜନସ୍ଥାନେ ଅର୍ଜିଲେ ଅମାପ ପାତକ । ୫୨୮ ।

ଏମନ୍ତ ପାପୀ ବାପଙ୍କଠୁ ଜାତ ମୋ ଶରୀର ।
ଅନୁଚିତ ଅଟେ ଅଉ ଧାରଣେ ଏହାର । ୫୨୯ ।
ଏବେ କହୁ ସତୀ କରି ଶଙ୍କର ସ୍ମରଣ ।
ଯୋଗାନଳେ ଭସ୍ମ କଲେ ସ୍ୱକାୟାପବନ । ୫୩୦ ।
ସତୀର ଏ ଗତିକି ଦେଖି ଯଜ୍ଞଶାଳାର ।
ସମସ୍ତେ ଏକନାଦରେ କଲେ ହାହାକାର । ୫୩୧ ।
ତା ଶୁଣି ଶିବଗଣ କରନ୍ତେ କରୁ ନାଶ ।
ଯଜ୍ଞର ସଂରକ୍ଷଣେ କଲେ ଭୃଗୁମୁନୀଶ । ୫୩୨ ।
ସେ ବାର୍ତ୍ତାକୁ ଶୁଣି ରୁଦ୍ର ଅତି ରୌଦ୍ର ହୋଇ ।
ପଠାନ୍ତେ ବୀରଭଦ୍ରଙ୍କୁ ସେ ଗୃଣ୍ଡରେ ଯାଇ । ୫୩୩ ।
ଯଜ୍ଞକୁ ବିଧ୍ୱଂସିଲେ ନାଶିଲେ ନିର୍ଜରଙ୍କୁ ।
ବନ୍ଧିଲେ ବହୁବିଧ ପରାଭବମାନଙ୍କୁ । ୫୩୪ ।
ଦକ୍ଷ ପରାଭୂତ ହୋଇ ଦୁର୍ଗତି ପାଇଲେ ।
ସେ ସବୁ ସମାଗ୍ୟର ଲୋକେ ଖ୍ୟାତ ହୋଇଲେ । ୫୩୫ ।

## ପାର୍ବତୀ ଜନ୍ମ

ଜନ୍ମେ ଜନ୍ମେ ଶିବପତ୍ନୀ ହେବି ବୋଲି ମୃତ ।
ସମୟେ ହରଙ୍କ ବର ମାଗିଥିଲେ ସତୀ । ୫୩୬ ।
ତେଣୁ ହିମାଳୟର ଆଳୟରେ ସେ ଜାତା ।
ହୋଇ ପାର୍ବତୀ ନାମେ ଜଗତରେ ବିଖ୍ୟାତା । ୫୩୭ ।
ସେହୁ ଅବତରନ୍ତେ ହିମାଳୟ ବିପୁଳ ।
ସମ୍ପଦରେ ପ୍ରସିଦ୍ଧିରେ ହୋଇଲା ପ୍ରବଳ । ୫୩୮ ।
ଋଷିମାନେ ମୁଦିତମାନସ ହୋଇ ଭଲେ ।
ଯଜ୍ଞ ଯାଗ ଯୋଗାଭ୍ୟାସ ତପ ଆଚରିଲେ । ୫୩୯ ।
ଭୂରୁହ ସମୂହ ସଦା ପୁଷ୍ପଫଳଯୁତ ।
ନୂତ୍ନ ରତ୍ନ ଖଣିଚୟେ ପର୍ବତ ସଜ୍ଜିତ । ୫୪୦ ।
ତଟିନୀଗଣ ନିର୍ମଳ ସଲିଳ ପୂରିତ ।
ଦ୍ୱେଷ ତେଜି ଖଗ ମୃଗ ଭୃଙ୍ଗାଳି ମୁଦିତ । ୫୪୧ ।

ସେ ଧରବର ହେଲା ନାନାମଙ୍ଗଳଯୁକ୍ତ ।
ତଦଧିବାସୀ ନରେ ହେଲେ ଶ୍ରୀହର-ଭକ୍ତ । ୫୪୨ ।
ହିମାଳୟର ଆଖ୍ୟାନ ଆନନ୍ଦ ବଢ଼ିଲେ ।
ଦେବ ଗନ୍ଧର୍ବ ସାଧୁ ଚାରଣେ ଗାନ କଲେ । ୫୪୩ ।
କୌତୁକେ ଦେଖିବାକୁ ଆସିଲା ନାରଦଙ୍କୁ ।
ଗିରିରାଜ କଲେ ବହୁବିଧ ପୂଜନକୁ । ୫୪୪ ।
ମୁନି ପାଦୋଦକ ନିଜ ମନ୍ଦିରେ ସିଞ୍ଚିଲା ।
ପତ୍ନୀ ପୁତ୍ରିକା ଦ୍ୱାରା ତାଙ୍କୁ ପ୍ରଣମାଇଲା । ୫୪୫ ।
ତହୁଁ ମୁନି ସମ୍ମୁଖରେ ସେ କଲେ ପ୍ରକାଶ ।
ପୁତ୍ରୀର ଗୁଣ ଦୋଷ ଶୁଣିବା ଅଭିଳାଷ । ୫୪୬ ।
ନାରଦ ମନେ ହସି ବୋଇଲା ତୋ ନନ୍ଦନୀ ।
ସୁନ୍ଦରୀ ପତିପ୍ରିୟା ମାତୃ ପିତୃ ବନ୍ଦନୀ । ୫୪୭ ।
ପତିବ୍ରତାଲଲାମା ସୁରନର ପୂଜିତା ।
ଅମ୍ବା ସର୍ବମଙ୍ଗଳା ଗୌର୍ଯ୍ୟାଦି ନାମଯୁତା । ୫୪୮ ।
ସୁଶୀଳା ସୁଲକ୍ଷଣା ସୁଗୁଣଗଣଖନି ।
ମାତ୍ର ଏହାର ଧବ ମାନହୀନ ଅଗ୍ରଣୀ । ୫୪୯ ।
ଅମଙ୍ଗଳ ଭୂଷଣ ଜଟିଳ ଦିଗମ୍ବର ।
କାମ ଶୂନ୍ୟ ଯୋଗୀ ଭୂତ ପ୍ରେତ ସହଚର । ୫୫୦ ।
ଏ ଅନ୍ତ୍ୟ ବଚନ ଶୁଣି ଦମ୍ପତି ଦୁଃଖିତ ।
ପାର୍ବତୀ ମାନସ ହେଲା ସନ୍ତୋଷ ପୂରିତ । ୫୫୧ ।
ଗିରିଜା ହୃଦୟେ ଶିବ ପ୍ରୀତି ଅଙ୍କୁରିଲା ।
ନୟନଯୁଗ ତନ୍ଦ୍ରିଲା ତନୁ ପୁଲକିଲା । ୫୫୨ ।
କଷ୍ଟେ ସେ ସବୁ ଲୁଚାଇ ସେ ସ୍ଥାନେ ନ ରହି ।
ଯାଇ ସଖୀଙ୍କ ମଧ୍ୟେ ବସିଲା ଚନ୍ଦ୍ରମୁହିଁ । ୫୫୩ ।
ସେ ଦମ୍ପତି ଗଦ୍ଗଦସ୍ୱରେ ପୋଛି ଲୋତକ ।
ବୋଇଲେ କରିବୁଁ କିସ ? ହେ ମୁନିନାୟକ ! । ୫୫୪ ।
ଏପରି ଅମ୍ଭ କନ୍ୟାକୁ ସେପରି ବରକୁ ।
କିପରି ଦେବୁଁ ? କହ କର୍ତ୍ତବ୍ୟ ସାଧନକୁ । ୫୫୫ ।

ତା ଶୁଣି ଋଷି ଭାଷିଲ୍ଲ ନୁହେ ଅନ୍ୟ ତାହା ।
ପ୍ରାଣୀ-ଭାଲପଟ୍ଟରେ ବିଧି-ଲିଖିତ ଯାହା । ୫୫୬ ।
କେବେହେଁ ନହିବ ମୁହିଁ ଗୋଟିଏ ଉପାୟ ।
ତାହା ଅବଶ୍ୟ ହୋଇବ ଦୈବର ସହାୟ । ୫୫୭ ।
ତୁମ୍ଭ ସୁତାକୁ ମୁହିଁ ବର୍ଣ୍ଣିଲି ପତି ବର ।
କାଷ୍ଟସ୍ୱରେ ପ୍ରାପ୍ତ ହେବ ସଂଶୟ ନ କର । ୫୫୮ ।
ଶିବରେ ଏବ୍ୟମାନ କହିତ ଦୋଷ ଗୁଣ ।
ତାଙ୍କୁ କନ୍ୟା ଦାନ କଲେ ସବୁ ହେବ ଗୁଣ । ୫୫୯ ।
ସର୍ପେ ଶୟନ କର ବସ୍ତ୍ର ହୁଏ ସନ୍ତୁତ ।
ସଦାଯାଦ୍ରସ ନେଇ ସୂର୍ଯ୍ୟାଗ୍ନି ଅନାଦତ । ୫୬୦ ।
ବହୁଲେହେଁ ଭଲ ମନ୍ଦ ପାଣି ଗଙ୍ଗା ପୂତା ।
ବଳୀଙ୍କ ଦୋଷାବଳୀ ହୁଏ ନାହିଁ ଗ୍ରାହ୍ୟତା । ୫୬୧ ।
ଗଙ୍ଗାଜଳ କଳୁଷିତ ହେଲେହେଁ ପବିତ୍ର ।
ମଦ୍ୟ ସ୍ୱଚ୍ଛ ହେଲେ ମଧ ଅଟେ ଅପବିତ୍ର । ୫୬୨ ।
ଦୋଷକରଣ ଅଟେ ନରର ଅନୁଚିତ ।
ମନ୍ଦବୁଦ୍ଧି ହୋଇ କଲେ ନରକେ ପତିତ । ୫୬୩ ।
ଜନ ନିଜ ମନେ ସଦା ରଖିବା ଉଚିତ ।
ଜୀବ ଈଶ୍ୱର ସମ ନୁହଇ କଦାଚିତ । ୫୬୪ ।
ଭବ ଅଟେ ସମର୍ଥ ସମସ୍ତ ଦୁଃଖହର ।
ଭକ୍ତସୁଲଭ ଶିବ ଭଗବାନ ଶଙ୍କର । ୫୬୫ ।
ଲୋକତ୍ରୟେ ତା ସମରେ ନାହିଁ ଅନ୍ୟ ବର ।
ତାଙ୍କୁ କନ୍ୟା ଦେଲେ ହେବ ମଙ୍ଗଳ ତୁମ୍ଭର । ୫୬୬ ।
ପାର୍ବତୀ ତପ କଲେ ଲଭିବ ଶଙ୍କରଙ୍କୁ ।
ଏତେ ବୋଲି ତାହାଙ୍କୁ ଦେଇ ଆଶୀର୍ବାଦକୁ । ୫୬୭ ।
ନାରଦ ହର ସ୍ମର ବ୍ରହ୍ମଲୋକକୁ ଗଲେ ।
ମେନକା ନିଜ କାନ୍ତକୁ ଏମନ୍ତ କହିଲେ । ୫୬୮ ।
ଦୂର ପାତ୍ର ସମେ ମାତ୍ର ବିବାହ ବିବାଦ ।
ଏଁ ଗୋପ୍ୟ ବୋଲି ଜଗତେ ଅଛି ତ ପ୍ରବାଦ । ୫୬୯ ।

କନ୍ୟା ବରଙ୍କ କୁଳ ଶୀଳ ରୂପ ବୟସ ।
ସବୁ ଦେଖି ବିଭାକୁ କରିବା ସମୀଚୀନ । ୫୭୦ ।
ଏଣୁ ଅମ୍ଭ ସୁଖ ପାଇଁ ଅନୁରୂପ ବର ।
ଅନ୍ୱେଷଣ କରିବା ସମୁଚିତ ତୁମ୍ଭର । ୫୭୧ ।
ତା ଶୁଣି ବୋଇଲେ ଗିରିରାଜ ଚନ୍ଦ୍ରମାରେ ।
କେବେହେଲେ ପାତକ ସମ୍ଭବ ହୋଇପାରେ । ୫୭୨ ।
ମାତ୍ର ନାରଦ ବଚନ ହୁଏ ନାହିଁ ଆନ ।
ଅତଏବ ତୁମ୍ଭେ କର ଜଗଦୀଶ ଧ୍ୟାନ । ୫୭୩ ।
ଯେ ଦେଇଛନ୍ତି ଜଗତେ ପାର୍ବତୀର ଜନ୍ମକୁ ।
ସେ ଅବଶ୍ୟ କରିବ ତାହାର କଲ୍ୟାଣକୁ । ୫୭୪ ।
ଚନ୍ଦ୍ରା ଛାଡ଼ ତୁମ୍ଭେ ଏବେ ସୁତାଠାକୁ ଯାଅ ।
କହି ତାଦ୍ୱାରା ନିଷ୍ଠାରେ ତପକୁ କରାଅ । ୫୭୫ ।
ତପସ୍ୟାରେ ଅବଶ୍ୟ ପ୍ରସନ୍ନ ହେବ ହର ।
ଆଉ କେଉଁ ଉପାୟ ନୁହେ ସମ୍ଭବପର । ୫୭୬ ।
ନାରଦ ବଚନ ଅଟେ ଗୂଢ଼ାର୍ଥ ସହିତ ।
ଏଣୁ ତୁମ୍ଭ ଚିତ୍ତକୁ କର ଶଙ୍କାରହିତ । ୫୭୭ ।
ହର ଅଟେ ସୁଗୁଣାକର ଅତି ସୁନ୍ଦର ।
କଳଙ୍କ ରହିତ ଅଜ ଅଜର ଅମର । ୫୭୮ ।
ପତିବାଣୀ ଶୁଣି ମୋଦେ ମେନକା ସତ୍ୱରେ ।
ଯାଇଁ ପ୍ରିୟ ନନ୍ଦନୀଙ୍କି ବସାଇ କୋଳରେ । ୫୭୯ ।
ମୋଦଖେଦଯୁକ୍ତା ହୋଇ ଏମନ୍ତ ବୋଇଲେ ।
ନାରଦ ତୋତେ ତପ କରିବାକୁ କହିଲେ । ୫୮୦ ।
ତପ ଦୁଃଖ ଦୋଷହର ଅତି ସୁଖକର ।
ଆଧାର ଅଟଇ ଏ ସମସ୍ତ ଜଗତର । ୫୮୧ ।
ତପେ ସୃଷ୍ଟି ସ୍ଥିତି ଲୟ କରନ୍ତି ତ୍ରିମୂର୍ତ୍ତି ।
ତପେ ଶିବଙ୍କୁ ମନାଇ ପାଅ ତୁ ସୁକୀର୍ତ୍ତି । ୫୮୨ ।
ମୋ ଚିନ୍ତା ଏତିକି ମାତ୍ର ତୋ ମୃଦୁ ଶରୀର ।
ସହି ପାରିବ କେହି କଠୋର ତପୋଭାର । ୫୮୩ ।

ତାହା ଶୁଣି ପାର୍ବତୀ ବୋଇଲେ ମାତା ! ଶୁଣ ।
ତପରେ କରିବି ତୁମ୍ଭ ଉଦ୍ଦେଶ୍ୟ ପୂରଣ । ୫୮୪ ।
ଏତେକ କଷ୍ଟ ହେଲେ ସହ୍ୟ ପାରିବି ବୋଲି ।
ମାତୃ ପିତୃ ପାଦଧୂଳି ନିଜ ଦେହେ ବୋଳି । ୫୮୫ ।
ବେଦଶିରେ ମୂନିଦ୍ୱାରା ହୋଇ ସୁଶିକ୍ଷିତା ।
ତପ ପାଇଁ କାନନକୁ ଗଲେ ଗିରିସୁତା । ୫୮୬ ।

## ପାର୍ବତୀ ତପସ୍ୟା ।

ସେ ସୁକୁମାରୀ ସକଳ ସୁଖ ତ୍ୟାଗ କରି ।
ପ୍ରାଣପତି ପାଦପଦ୍ମ ହୃଦୟରେ ଧରି । ୫୮୭ ।
ଏକାଗ୍ରମାନସା ହୋଇ ତପକୁ ଆଚରେ ।
ସହସ୍ରେ ବତ୍ସର ଫଳମୂଳ ଭୋଜନରେ । ୫୮୮ ।
ଶାକାହାରରେ ଶତାବ୍ଦ ଶୁଷ୍କ ବିଲ୍ୱପର୍ଣ୍ଣ ।
ମାତ୍ର ଖାଇ ତ୍ରିସହସ୍ର ବର୍ଷ କଲେ ପୂର୍ଣ୍ଣ । ୫୮୯ ।
ତାପରେ ପର୍ଣ୍ଣକୁ ତେଜି ଅପର୍ଣ୍ଣା ନାମରେ ।
ଖ୍ୟାତା ହୋଇ କେତେକାଳ ସଲିଳ ପାନରେ । ୫୯୦ ।
ତତ୍ପରେ କେତେକାଳ ବାତାହାରେ କାଟିଲେ ।
ପରଶେଷରେ ନିରାହାର ବ୍ରତକୁ କଲେ । ୫୯୧ ।
ଅତଶୀର୍ଣ୍ଣା ଅପର୍ଣ୍ଣାକୁ ଅନାଇଁ ଗଗନେ ।
ଧାତା ଗମ୍ଭୀର ବାଣୀ ପ୍ରକାଶିଲେ ଏସନେ । ୫୯୨ ।
ଗିରିରାଜକୁମାରି ! ତପ ଆଉ ନ କର ।
ତୋ ତପ ପରି ତପ ଜଗତେ ଅଗୋଚର । ୫୯୩ ।
ତୋ ମନୋରଥ ସଫଳ ହେଲା ନିଶ୍ଚୟରେ ।
ବରିଥିବୁ ଅଚିରମ୍ଭେ ଶିବ ସଦ୍ଭାବରେ । ୫୯୪ ।
ମୁହିଁ ବରି, ପ୍ରତେ କର ମୋହର ଗିରକୁ ।
ପିତା ବାନ୍ଧବ ମାନେ ଯାଅ ନିଜ ପୁରକୁ । ୫୯୫ ।
ଯେବେ ତୋ ସ୍ୱପ୍ନେ ଏକ ତପସ୍ୱୀ ଦେଖାଦେବ ।
ତେବେ ତୋହର ମନୋରଥ ସମ୍ପୂର୍ଣ୍ଣ ହେବ । ୫୯୬ ।

ଏ ବାଣୀ ଶୁଣି ପାର୍ବତୀ ଚିତ୍ତ ପ୍ରମୋଦିତ ।
ଏବେ ମନ ଦେଇ ଶୁଣ ମହେଶ ଚରିତ । ୫୯୭ ।
ଯେବେ ସତୀ କୋପରେ ତନୁକୁ କଲ ତ୍ୟାଗ ।
ତେବେ ଶଙ୍କର ଚିତ୍ତକୁ ଘୋଟିଲା ବୈରାଗ । ୫୯୮ ।
ସଦାଶିବ ସଦା ଜପେ ରଘୁପତି ନାମ ।
ଶୁଣଇ ମାତ୍ର ସୀତା-ନାୟକ-ଗୁଣଗ୍ରାମ । ୫୯୯ ।
ଧରଣୀରେ ଭ୍ରମି ଗତ ମଦ ମୋହ କାମ ।
ବାମଦେବ ସଦାନନ୍ଦ ଗୁଣଗୁଣଧାମ । ୬୦୦ ।
କେଉଁଠାରେ ଜ୍ଞାନଦାନ କରଇ ଯୋଗୀଙ୍କୁ ।
କେଉଁଠାରେ ରାମ କଥା କହଇ ମୌନୀଙ୍କୁ । ୬୦୧ ।
ଯଦ୍ୟପି ହେଲେହେଁ ସଦାନନ୍ଦ କାମନାରହିତ ।
ଭକ୍ତ ବିଯୋଗ ଦୁଃଖରେ ହୁଅଇ ଦୁଃଖିତ । ୬୦୨ ।
ରାମ ଭକ୍ତି ଶିବଚିତ୍ତେ କ୍ରମରେ ବଢ଼ିଲା ।
ଏ ରୂପରେ ବହୁତ ସମୟ ବିତିଗଲା । ୬୦୩ ।
ଜାଣି ମହାଦେବ ଗାଢ଼ ଭକ୍ତି ସାଧୁ ବ୍ରତ ।
ଶ୍ରୀରାମ ପ୍ରତ୍ୟକ୍ଷ ହୋଇ ବୋଇଲେ ଏମନ୍ତ । ୬୦୪ ।
ତୁହି ଧନ୍ୟ ଆଚରିଲୁ ଅଲୌକିକ ବ୍ରତ ।
ବ୍ରହ୍ମଚର୍ଯ୍ୟଦୀକ୍ଷାରୁ ହୁଅ ଏବେ ବିରତ । ୬୦୫ ।
ସତୀ ହୈମବତୀ ହୋଇ ଜନ୍ମିଛି, ତାହାର ।
ପାଣିଗ୍ରହଣ କର ହର ସନ୍ତାପ ଭାର । ୬୦୬ ।
ତା ଶୁଣି ହର କହିଲ ଆଦେଶ ତୋହର ।
ପରମ ଧର୍ମ ଅବଶ୍ୟ କର୍ତ୍ତବ୍ୟ ମୋହର । ୬୦୭ ।
ମାତ ପିତ ଗୁରୁ ପ୍ରଭୁ ପ୍ରଦତ୍ତାଦେଶକୁ ।
କଷ୍ଟେ ପାଳିବାକୁ ହେବ ନ କର ପାଞ୍ଚିକୁ । ୬୦୮ ।
ତୁହି ଜଗତର ମାତା ପିତା ଗୁରୁଦେବ ।
ତୋର ଆଜ୍ଞାକୁ କପର ଲଙ୍ଘିବାକୁ ହେବ । ୬୦୯ ।
ଏମନ୍ତ ଭକ୍ତିଜ୍ଞାନ ଧର୍ମ ଯୁକ୍ତ କଥନ ।
ଶିବ ମୁଖୁଁ ଶୁଣି ଶ୍ରୀରାମ ଲଭି ତୋଷଣ । ୬୧୦ ।

ବୋଇଲୁ ପଳାଇ ତ ଏବେ ତୋହର ପଣ ।
ବିଳମ୍ବ ଅଉ ନ କର ପାଳ ମୋ ବଚନ । ୬୧୧ ।
ଏତେ କହି ଶ୍ରୀରାମ ଅନ୍ତର୍ଦ୍ଧାନ ହୋଇଲା ।
ଉପଗତ ସପ୍ତର୍ଷିଙ୍କ ଶଙ୍କର ବୋଇଲା । ୬୧୨ ।

## ପାର୍ବତୀ ପରୀକ୍ଷା

ପରଶି ଗିରିଜା ପ୍ରୀତ ଏବେ ତୁମ୍ଭେ ଯାଇ ।
ତାଙ୍କୁ ପୁରେ ପହଞ୍ଚାଅ ପିତାଙ୍କୁ ପଠାଇ । ୬୧୩ ।
ହିମାଳୟ ଚିତ୍ତରେ ଜାତ ହେଲେ ସଂଶୟ ।
ନିବାରଣ କର କହି ସୁକ୍ତିବାଣୀଚୟ । ୬୧୪ ।
ଏପରି ଶିବାନୁଜ୍ଞାତ ହୋଇ ମୁନିମାନେ ।
ଯାଇ ପୁଚ୍ଛିଲେ ଗୌରୀଙ୍କ ଦେଖି ତପଃସ୍ଥାନେ । ୬୧୫ ।
କୁମାରି, ସତ କହ ଲକ୍ଷ୍ୟ କରି କାହାକୁ ।
କଷ୍ଟ ବାଞ୍ଛି କ୍ଷମା କରୁ ଘୋରେ ତପସ୍ୟାକୁ । ୬୧୬ ।
ତା ଶୁଣି ଗୌରୀ କହିଲା ମୁଁ କହଇ ସତ ।
ମାତ୍ର ମୋ ଜାଡ୍ୟ ଶୁଣି ହସିବା ଅନୁଚିତ । ୬୧୭ ।
ଉଦ୍ଧତ ମୋ ଚିତ୍ତ ଗୃହେଁ ସଲିଳ ଉପରେ ।
ଭିତ୍ତି ବାନ୍ଧିବାକୁ ନାରଦ ବଚନରେ । ୬୧୮ ।
ମୁଁ ସାହସିନୀ ଡେଣା ନ ଥାଇ ଉଡ଼ିବାକୁ ।
ବାଞ୍ଛଇ ଅନିଚ୍ଛନେ ଶିବଙ୍କୁ ବରିବାକୁ । ୬୧୯ ।
ମୁନିଏ ଉଚ୍ଚେ ହସି ବୋଇଲେ ତାହା ଶୁଣି ।
ତୁହି ତ ସ୍ୱଭାବେ ଗିରିଜାତା ଅଟୁ ପୁଣି । ୬୨୦ ।
ନାରଦ କହିଲା ଚିତ୍ର କଥାରେ ଭୁଲିଲୁ ।
କାହା ମନ୍ଦିରକୁ ମଣ୍ଡିବାକୁ ବରୁଥିଲୁ ? ୬୨୧ ।
ସେ ମୁନିବାଣୀ ଶୁଣି ସତୀ ବାପଘରକୁ ।
ଯାଇ ଫେରି ଆସିଲା ନାହିଁ ପତି ଗୃହକୁ । ୬୨୨ ।
ଚିତ୍ରକେତୁ ଜନକ କଶିପୁ ନୃପ ତ୍ରୟ ।
ତାହା କଥାକୁ ମାନି ଲଭିଲେ ଅପଚୟ । ୬୨୩ ।

ତାହାରେ ଶିକ୍ଷିତ ହେବା ନର ହବା·ନାସ୍ତି ।
ଘର ଛାଡ଼ି ବୁଲଇ ଦାଣ୍ଡେ ହୋଇ ଭିକାରି । ୬୨୪ ।
ତାର ରୂପ ସାଧୁମନ କପଟର ଗଣ୍ଠି ।
ସବୁଙ୍କୁ ତା ପରି କରିବାକୁ ତାର ପାଞ୍ଚି । ୬୨୫ ।
ତୁହି ଅଜଣା ସରଳା ବାଳା ତା ବଚନ ।
ପ୍ରତେ କରି ତୁମି ଶିବେ ବଳାଇଲୁ ମନ । ୬୨୬ ।
ଶିବ ଅଟେ ନିର୍ଗୁଣ ନିର୍ଲଜ୍ଜ ସର୍ପଧର ।
କୁବେଶ କୁଳ ଗୃହହୀନ କପାଳକର । ୬୨୭ ।
ଅବର ବିରୂପାକ୍ଷ ଦିଗମ୍ବର ଏମନ୍ତ ।
ବରକୁ ବରି ସୁଖିନୀ ହୋଇବୁ କେମନ୍ତ ? ୬୨୮ ।
କପଟି ମୁନି ବଚନ ଭ୍ରମରେ ପଡ଼ିଲୁ ।
ତୋ ମୃଦୁ ତନୁକୁ ବୃଥା କଷଣ ବାଧିଲୁ । ୬୨୯ ।
ଶିବ ସତୀଙ୍କୁ ଅତି କଷ୍ଟ ଦେଇ ଅନ୍ତରେ ।
ଅନ୍ତ କଲା ବୃତ୍ତାନ୍ତ ପ୍ରସିଦ୍ଧ ଜଗତରେ । ୬୩୦ ।
ଏକାକୀ ହୋଇ ଶଙ୍କର ଖାଏ ଭିକ ମାଗି ।
ଶୋଏ ଶ୍ମଶାନେ ନୋହେ କାନ୍ତାରେ ଅନୁରାଗୀ । ୬୩୧ ।
ଏବେ ହେଲେ ତାକୁ ଛାଡ଼ି ମାନ ଆମ୍ଭ ଗିର ।
ଆମ୍ଭେ ତୋତେ ଆଣି ଦେବୁଁ ଉପଯୁକ୍ତ ବର । ୬୩୨ ।
ସେ ଅତ୍ୟନ୍ତ ସୁନ୍ଦର ବେଦବେଦ୍ୟ ଚରିତ ।
ସୁଗୁଣୀ ସୁଶୀଳ ଶ୍ରୀପତି ଅତି ପବିତ । ୬୩୩ ।
ଦୋଷହୀନ ସୁଖକର ବୈକୁଣ୍ଠ ମନ୍ଦିର ।
ସବୁବିଧେ ଅଟେ ସେ ଅନୁରୂପ ତୋହର । ୬୩୪ ।
ମୁନିଙ୍କ ବାଣୀ ଶୁଣି ମନେ ହସି ପାର୍ବତୀ ।
ବୋଇଲା ସତ୍ୟ ଅଟଇ ତୁମ୍ଭର ଭାରତୀ । ୬୩୫ ।
ଏ ମୋ ତନୁ ଶୈଳଜ ଅଟେ ମାତ୍ର ଏ ଗଲେ ।
ମୋ ଦୃଢ଼ ଭାବନାକୁ ତେଜିବି ନାହିଁ ତଳେ । ୬୩୬ ।
ଶିଳାଜାତ କନକ ହେଲେ ବହ୍ନିଜ୍ୱଳିତ ।
ନିଜ କାନ୍ତିକି ଅଳ୍ପ ମଧ୍ୟ ଛାଡ଼େ ନାହିଁ ତ । ୬୩୭ ।

ଉପେକ୍ଷିବ ନାହିଁ ମୁଁ ନାରଦୋପଦେଶକୁ ।
ମୋର କିଛି ଡର ନାହିଁ ଏକାନ୍ତ ବାସକୁ । ୬୩୮ ।
ଗୁରୁବଚନେ ବିଶ୍ୱାସ ନାହିଁଟି ଯାହାର ।
ସ୍ୱପ୍ନରେ ମଧ୍ୟ ସୁଖ ସିଦ୍ଧି ନାହିଁ ତାହାର । ୬୩୯ ।
ହର ଗୁଣରହିତ ହରି ସୁଗୁଣାକର ।
ମନ ଯେ ଯହିଁ ରସେ ତାର ସେ ମନୋହର । ୬୪୦ ।
ପ୍ରଥମରେ ଉପଦେଶ ତୁମ୍ଭେ କରିଥିଲେ ।
ତୁମ୍ଭମାନଙ୍କ ଆଜ୍ଞାକୁ ପାଳିଥାନ୍ତି ଭଲେ । ୬୪୧ ।
କଲିଣି ମୋ ମାନସକୁ ଶିବସମର୍ପଣ ।
ବ୍ୟର୍ଥ ଏବେ ତାଙ୍କ ଗୁଣ ଦୋଷ ବିଚାରଣ । ୬୪୨ ।
ବିବାହଘଟନ ମାତ୍ର ତୁମ୍ଭ ଉଦ୍ଦେଶ୍ୟ ହେଲେ ।
ଧରାରେ ଅନେକ କନ୍ୟା ଲଭ୍ୟ ହେବେ ହେଲେ । ୬୪୩ ।
ଶତବାର ମୁଁ କହେ ଏ ଜନ୍ମେ ମାତ୍ର ନୁହେଁ ।
କୋଟିଜନ୍ମେ ମଧ୍ୟ ଯନ୍ଦ୍ର ଜନ୍ମକୁ ମୁଁ ବହେ । ୬୪୪ ।
ବରିଲେ ମହାଦେବଙ୍କୁ ମାତର ବରିବି ।
ନୋହିଲେ ଏହିପରି କନ୍ୟକା ହୋଇଥିବି । ୬୪୫ ।
ତୁମ୍ଭଙ୍କୁ ମୋର ପ୍ରଣାମ ହେଲଣି ଉତ୍ତର ।
ତୁମ୍ଭେମାନେ ସ୍ୱସ୍ଥାନ ପ୍ରତି ପ୍ରସ୍ଥାନ କର । ୬୪୬ ।
ଗିରିଜା ହୃଦୟେ ଶିବ ପ୍ରୀତିକି ଅନାଇ ।
ମୁନିଏ ବୋଇଲେ ସନ୍ତୁଷ୍ଟାନ୍ତରଙ୍ଗ ହୋଇ । ୬୪୭ ।
ଜୟ ଜଗଜ୍ଜନନି ଜୟ ଜୟ ଭବାନି ।
ଜୟ ଗିରିନନ୍ଦନି ଜୟ ଜୟ ମୃଡ଼ାନି । ୬୪୮ ।
ତୁହି ପ୍ରକୃତି ଶିବ ପୁରୁଷ ତୁମ୍ଭେ ଦୁଇ ।
ଜଗତର ଜନନୀ ଜନକ ଏତେ କହି । ୬୪୯ ।
ପାର୍ବତୀଙ୍କି ସେମାନେ ପ୍ରଣମି ତହୁଁ ଗଲେ ।
ତଥି ବୁଝାଇ ଗିରିରାଜଙ୍କୁ ପଠାଇଲେ । ୬୫୦ ।
ସେ ଯାଇ ପ୍ରବୋଧି ନିଜ ପ୍ରିୟ କୁମାରୀଙ୍କି ।
ଅଣିଲ ଆନନ୍ଦରେ ଆପଣା ନଗରୀକି । ୬୫୧ ।

ଶିବ ଜାଣି ମୁନିଙ୍କ ମୁଖରୁ ଗୌରୀଭାବକୁ ।
ତୁଷ୍ଟ ହୋଇ ରହିଲେ କରି ସମାଧାନକୁ । ୭୫୨ ।

## ମଦନ ଦହନ

ସେକାଳେ ତାରକାସୁର ପ୍ରତାପୀ ବଳିଷ୍ଠ ।
ଲୋକଙ୍କୁ ଲୋକେଶଙ୍କୁ ଜିଣିଲା ସେ ପାପିଷ୍ଠ । ୭୫୩ ।
ଦେବେ ଦୁଃଖୀ ଦରିଦ୍ରୀ ଭିକ୍ଷାଳୁ ହୋଇ ଯାଇ ।
ନିଜ ଗତି ଜଣାଇଲେ ବ୍ରହ୍ମାଙ୍କୁ ମନାଇ । ୭୫୪ ।
ବିଧି ବିଚାରି ବୋଇଲେ ରୁଦ୍ରବୀର୍ଯ୍ୟୋଦ୍ଭବ—
ପୁତ୍ର ମାତ୍ର ସେ ଦୈତ୍ୟଙ୍କୁ ସଂହାରି ପାରିବ । ୭୫୫ ।
ତହିଁ ପାଇଁ ଅଛି ଏକ ଉପାୟ ମାତର ।
ସିଦ୍ଧ ହେବ ଅନୁକୂଳ ହୋଇଲେ ଈଶ୍ୱର । ୭୫୬ ।
ଦକ୍ଷଯଜ୍ଞେ ସତୀ ତେଜି ନିଜ ଶରୀରକୁ ।
ଏବେ ଜନ୍ମିଛି ସୁତା ହୋଇ ହିମାଳୟଙ୍କୁ । ୭୫୭ ।
ଶିବାନୁରାଗରେ ସେ ବହୁତ ତପ କଲା ।
ମାତ୍ର ଶିବ ଯୋଗାସନେ ଦୃଢ଼ରେ ବସିଲା । ୭୫୮ ।
ମୋ ବୋଲ ଶୁଣି ତୁମ୍ଭେ ପଠାଅ ମନ୍ମଥକୁ ।
ସେ ଯାଇ ବାଧା ଦେଇ ଭାଙ୍ଗୁ ଶିବ ଯୋଗକୁ । ୭୫୯ ।
ତେବେ ଅମ୍ଭେମାନେ ଯାଇ ଶିବଙ୍କୁ ପ୍ରବୋଧି ।
ଗୌରୀ ହର ବିବାହ କରାଇବା ନିରୋଧି । ୭୬୦ ।
ତାହା ହେଲେ ତୁମ୍ଭ ହିତ ହୋଇବ ସାଧିତ ।
ଏତେ ଶୁଣି ଦେବତାଏ ହୋଇ ଆନନ୍ଦିତ । ୭୬୧ ।
ସ୍ତୁତି କରନ୍ତେ ବିଷମ କାମ ଉପଗତ ।
ହୋଇ ସକଳ ବିଷୟ ହେଲା ଅବଗତ । ୭୬୨ ।
ମାନସେ ଭଲେ ଭାବି ସେ ବୋଇଲା ଏପରି ।
ଶଙ୍କର ବିରୋଧ ନୁହେଁ ମଙ୍ଗଳ ମୋହରି । ୭୬୩ ।
ତଥାପି ତୁମ୍ଭ କାର୍ଯ୍ୟ ନିମନ୍ତେ କରିବି ମୁହିଁ ।
ପରୋପକାର ପୁଣ୍ୟର ଅସ୍ଥାନ ଅଟଇ । ୭୬୪ ।

ପରହିତ ପାଇଁ ଯେ ତେଜେ ନିଜ ତନୁକୁ ।
ପଣ୍ଡିତେ ସଦା କରନ୍ତି ତାହାର ସ୍ତୁତିକୁ । ୬୬୫ ।
ଏହି ରୂପେ କହି ସ୍ମର ସୈନ୍ୟ ସହିତରେ ।
ଚଳିଲେ ପୁଷ୍ପକାଣ୍ଡ କୋଦଣ୍ଡ ଧରି କରେ । ୬୬୬ ।
ବାଟରେ ସେହି ଭାବିଲେ ମହେଶ୍ୱର ବୈରି ।
ନିଃସନ୍ଦେହରେ କରିବେ ନିଧନକୁ ମୋର । ୬୬୭ ।
ତେବେହେଁ କର୍ତ୍ତବ୍ୟ କାର୍ଯ୍ୟ କରିବି ଧୈର୍ଯ୍ୟରେ ।
ବୋଲି ପ୍ରକଟିଲେ ନିଜ ପ୍ରଭାବ ପ୍ରଚୁରେ । ୬୬୮ ।
ସେ କ୍ଷଣି କାମବଶୀଭୂତ ହେଲେ ଜଗତ ।
ସୁରାସୁର ମୁନିଗଣ ମର୍ଯ୍ୟାଦାରହିତ । ୬୬୯ ।
ବ୍ରହ୍ମଚର୍ଯ୍ୟ ସଂଯମ ଯୋଗ ବୈରାଗ୍ୟ ଜପ ।
ସଦାଚାର ବ୍ରତ ଧୈର୍ଯ୍ୟ ଧର୍ମ କର୍ମ ତପ । ୬୭୦ ।
ଭୟେ ରଣେଭଙ୍ଗ ହୋଇ କରନ୍ତେ ଧାବନ ।
ନିଜ ସୈନ୍ୟ ଭଙ୍ଗ ଦେଖି ଜ୍ଞାନଭ୍ରମଣ । ୬୭୧ ।
ଅତି ଶୀଘ୍ରେ ପଳାଇ ସଦ୍‌ଗ୍ରନ୍ଥ କନ୍ଦରରେ ।
ଲୁଚି ରହିଲେ ଲଭି ବୈକଲ୍ୟମାନସରେ । ୬୭୨ ।
ସ୍ଥାବର ଜଙ୍ଗମଗଣେ ସର୍ବ ସ୍ତ୍ରୀ ପୁରୁଷେ ।
ସ୍ୱନିଯୂନକୁ ଛାଡ଼ି ମାତିଲେ ରାଗ ବଶେ । ୬୭୩ ।
ଲତାଙ୍କୁ ଦେଖି ବୃକ୍ଷେ ଶାଖାଙ୍କୁ ପ୍ରସାରିଲେ ।
ସରସୀଙ୍କୁ ଦେଖି ହ୍ରଦମାନ ଉଚ୍ଛୁଳିଲେ । ୬୭୪ ।
ନଦୀଙ୍କୁ ଦେଖି ସମୁଦ୍ର ଉନ୍ମତ୍ତ ହୋଇଲା ।
ସଜୀବ ପୁରୁଷ ସ୍ଥିତି କି କହିବି ଭଲା । ୬୭୫ ।
ସକଳ ପ୍ରାଣୀମାନେ ନିତ୍ୟେ କାମାନ୍ଧ ହୋଇ ।
ରଜନୀ ଦିନ ଅନ୍ତ ବାରି ପାରିଲେ ନାହିଁ ।୬୭୬ ।
ପୁରୁଷମୟ ସ୍ତ୍ରୀମୟ ରୂପେ ବ୍ରହ୍ମମୟ ।
ବିଶ୍ୱ ଯୋଗିନୀ ଯୋଗୀଙ୍କି ହୋଇଲା ପ୍ରତ୍ୟୟ । ୬୭୭ ।
ପାମରୀ ପାମରଙ୍କର ମାନସ ବିକାର ।
କି ପଚାରିବ ଥିବ ତାଙ୍କୁ ତୁମ୍ଭେ ବିଚାର । ୬୭୮ ।

ସ୍ମର-କୃପାପାତ୍ର ଜନେ ମାତ୍ର ସେ କାଳରେ ।
ଅବସ୍ଥାନ କଲେ ନିର୍ବିକାର ମାନସରେ । ୬୭୯ ।
ମୁହୂର୍ତ୍ତ ମାତ୍ର ଅଟେ କାମଯାତ୍ରା ସମସ୍ତ ।
ତେବେ ଉପୁଜିଲା ପୂର୍ବ କଥିତ ବିସ୍ମୟ । ୬୮୦ ।
ହର ନିକଟବର୍ତ୍ତୀ ହୋଇ ମାର ଉଦିଲା ।
ସେ କ୍ଷଣି ପ୍ରପଞ୍ଚ ପୂର୍ବ ରୂପକୁ ଧରିଲା । ୬୮୧ ।
ମଦାରାମଧାବଲ୍ଗିତ ମାନସ ପରାସ୍ତେ ।
ପୁଣି ସୁସ୍ଥିରାବସ୍ଥାକୁ ଲଭିଲେ ପ୍ରାଣୀଏ । ୬୮୨ ।
ଦୁର୍ଦ୍ଧର୍ଷ ଦୁର୍ଗମ ରୁଦ୍ର ରୂପକୁ ଲକ୍ଷ୍ୟାକୁ ।
ଡ଼ର ମନ୍ମଥ ଶଙ୍କିତ ଥିବାରୁ ଯିବାକୁ । ୬୮୩ ।
ଅନ୍ତେ ସେ ମରିବାକୁ ସାହାସ କରି ରହି ।
ବନକୁ ଝକସାଇଲା ବସନ୍ତକୁ କହି । ୬୮୪ ।
ଚତୁ ପ୍ରକାର ପଲ୍ଲବ କୁସୁମ ଭରିତ ।
ଶୁକ ପିକ ସାରିକା ରୁତ ଶ୍ରୁତ ରଞ୍ଜିତ । ୬୮୫ ।
ସରସୀଚୟ ନିର୍ମଳ ସଲିଲ ପୂରିତ ।
କଞ୍ଜ କୁବଳୟ କୋକନଦ ବିକସିତ । ୬୮୬ ।
ଚକ୍ର ମରାଳ ଭୃଙ୍ଗ-ନିନାଦ ପ୍ରକଟିତ ।
ବୃକ୍ଷ ହୃଦୟେ ମଧ୍ୟ ଅନୁରାଗ ଉଦିତ । ୬୮୭ ।
କାମାଗ୍ନି ମିତ୍ର ସୁଗନ୍ଧ ମଳୟ ମାରୁତ ।
ମନେ ବନ୍ଧ ମାନସକୁ କରେ ଉଲ୍ଲସିତ । ୬୮୮ ।
ଏମନ୍ତ ମାରସେନା କୋଲାହଳ କରିଲା ।
ମାତ୍ର ତାହାଦ୍ୱାରା ଶିବ ଯୋଗ ନ ଟଳିଲା । ୬୮୯ ।
ତା ଦେଖି ମନୋଜ ଅତି କୁପିତ ହୋଇଲା ।
ଏକ ବାଳ ରସାଳ-ଶାଖିକାରେ ବସିଲା । ୬୯୦ ।
ନିଜ ସୁମ ଧନୁରେ ବିଷମ ବାଣ ଯୋଖି ।
ଶ୍ରବଣ ଯାଏ ଟାଣି ଛାଡ଼ିଲା ଲକ୍ଷ୍ୟ ଦେଖି । ୬୯୧ ।
ଶର ଶିବହୃଦେ ବାଜି ସମାଧି ନାଶିଲା ।
ଚେତ ଭବ କ୍ରୋଧରେ ଚାରିଅଡ଼େ ଚାହିଁଲା । ୬୯୨ ।

ଅମ୍ବଗଛ ଡ଼ାଳପରେ ଦେଖି ମଦନକୁ ।
ରୁଦ୍ର ବହ୍ନି ନିକ୍ଷେପ ତ୍ର୍ୟମ୍ବକର କ୍ରୋଧକୁ । ୬୯୩ ।
ନିଜ ତୃତୀୟ ନେତ୍ରକୁ ମେଲି ଅନାଇଲା ।
ସେ କ୍ଷଣି ରତିପତି ଜଳି ଭସ୍ମ ହୋଇଲା । ୬୯୪ ।
ସେ ସମୟେ ହାହାକାର କରିଲା ଭୂତଳେ ।
ଦେବେ ଡରିଲେ ଦନୁଜେ ସନ୍ତୁଷ୍ଟି ଲଭିଲେ । ୬୯୫ ।
ସ୍ମରସୁଖକୁ ସ୍ମର ଭୋଗୀମାନେ ଭୁଲିଲେ ।
ଯୋଗୀଏ ତପସ୍ୱୀଏ ଅକଣ୍ଟକ ହୋଇଲେ । ୬୯୬ ।
ନିଜ ପ୍ରାଣପତିର ଦୁର୍ଗତି ଶୁଣି ରତି ।
ମୂର୍ଚ୍ଛିତା ହୋଇ ଚେତ କ୍ରନ୍ଦନ କରି ଅତି । ୬୯୭ ।
ଯାଇ ତ୍ରିପୁରାନ୍ତକ ଚରଣତଳେ ପଡ଼ି ।
ବହୁତ ବିଳାପ କଲା ଶୋକାବ୍ଧିରେ ବୁଡ଼ି । ୬୯୮ ।
ତା ଦଶା ଦେଖି ଆଶୁତୋଷ କୃପାଳୁ ଶିବ ।
ପ୍ରସନ୍ନ ହୋଇ ବୋଇଲା ଶୁଣ ତୋର ଧବ । ୬୯୯ ।

ଅନଙ୍ଗନାମେ ଖ୍ୟାତ ହୋଇ ଅଙ୍ଗହୀନରେ ।
ବାସ କରିବ ସର୍ବପ୍ରାଣୀଙ୍କ ମାନସରେ । ୭୦୦ ।
ଧରାଭାର ନାଶିବାକୁ ଶ୍ରୀକୃଷ୍ଣାବତାର ।
ଦ୍ୱାପର ଯୁଗେ ହୋଇବ ତେବେ ପତି ତୋର । ୭୦୧ ।
ଶ୍ରୀକୃଷ୍ଣ ତନୟ ହୋଇ ସମ୍ଭବିବ ତାକୁ ।
ବର ତେଜିବୁ ତୁହି ଏ ବିରହାବସ୍ଥାକୁ । ୭୦୨ ।
ଏ ବର ପାଇ ରତି ନିଜ ପୁରକୁ ଗଲା ।
ତେବେ ହରି ବ୍ରହ୍ମାଦି ସୁରସଙ୍ଘ ଆସିଲା । ୭୦୩ ।
ଆସି ମହେଶ୍ୱରଙ୍କୁ ନାନା ସ୍ତବ କରନ୍ତେ ।
ପ୍ରୀତ ହୋଇ ତଦାଗତ ହେତୁ ସେ ପୁଚ୍ଛନ୍ତେ । ୭୦୪ ।
ବିରଞ୍ଚି ଉତ୍ତର ଦେଲା ସର୍ବଜ୍ଞତ ତୁହ୍ମ ।
ତେବେହେଁ ଅମ୍ଭ ବାଞ୍ଛା ଏବେ କହଇ ମୁହିଁ । ୭୦୫ ।

ତୁମ୍ଭେ ଯୋଗ୍ୟ ରମଣୀ ପାଣି ଗ୍ରହଣ କରି ।
କର ମାନସ ନେତ୍ର ପର୍ବ ଅମ୍ଭ ସବୁରି । ୭୦୬ ।

ଦଗ୍ଧ କାମକୁ ଦଗ୍ଧି ବରଦାନ ତ କଲ ।
ତପ କଲା ପାର୍ବତୀଙ୍କ କର୍ମା ଉପେକ୍ଷିଲ ? ୭୦୭ ।
ତା ଶୁଣି ଶିବ ବୋଲେ ତୁମ୍ଭ ବୋଲ ପାଳିବି ।
ଗିରିସୁତାକୁ ଅବଶ୍ୟ ବିବାହ ହୋଇବି । ୭୦୮ ।
ଏ ବଚନ ଶୁଣି ଦେବେ ମୁଦିତ ହୋଇଲେ ।
ଦୁନ୍ଦୁଭି ବାଦ୍ୟ ବଜାଇ ଜୟଧ୍ୱନି କଲେ । ୭୦୯ ।

## ଗିରିଜା ଶଙ୍କର ବିବାହ

ପିତାମହ ପ୍ରେରଣେ ସପ୍ତଋଷି ସତ୍ୱରେ ।
ଯାଇ ପରିବେଶିଲେ ହିମାଳୟ ମନ୍ଦିରେ । ୭୧୦ ।
ତହିଁ ଗୌରୀଙ୍କ ଦେଖି ମୋଦ ଲଭି ମନରେ ।
ଏମନ୍ତ ଛଳବଚନ ଭାଷିଲେ ମଧୁରେ । ୭୧୧ ।
ନାରଦ ଶିକ୍ଷାରୁ ଅମ୍ଭ ବୋଲ ନ ଶୁଣିଲୁ ।
ତପସ୍ୟା କରି ବୃଥା ଶ୍ରମ ମାତ୍ର ପାଇଲୁ । ୭୧୨ ।
ତୋ ପ୍ରତିଜ୍ଞା ଆଜି କିପରି ସଫଳ ହେବ ?
କାମକୁ ତ ଭସ୍ମକଲେ କୋପି ବାମଦେବ । ୭୧୩ ।
ଏ ବାଣୀ ଶୁଣି ମନେ ହସି ବୋଇଲେ ଗୌରୀ ।
ତୁମ୍ଭ ମତରେ ପୂର୍ବେ ସକାମ ତ୍ରିପୁରାରି । ୭୧୪ ।
ବର୍ତ୍ତମାନ ନିଷ୍କାମ ହେଲେ କାମକୁ ଦହି ।
ତୁମ୍ଭେମାନେ ତ ବିଜ୍ଞ କିସ ବୋଲିବି ମୁହିଁ । ୭୧୫ ।
ମୋ ସ୍ଥିର ମତ ଶୁଣ ଶିବ ସଦା ସଯୋଗୀ ।
ନିଷ୍କାମ ନିରଞ୍ଜନ ନିର୍ଦ୍ଦୋଷ ଗତଭୋଗୀ । ୭୧୬ ।
ପାଳ ନିଆଁକୁ ଲାଗି ପାଉଁଶ ହେବା ପରି ।
କାମ ଭସ୍ମ ହେଲା ରୁଦ୍ରଠାରୁ ଗତିକରି । ୭୧୭ ।
ଏହା ଶୁଣି ଉମାରେ ଦେଖି ଶିବ ସ୍ନେହକୁ ।
ମୁନିଏ ସନ୍ତୁଷ୍ଟ ହୋଇ ଭେଟି ତା ତାତକୁ । ୭୧୮ ।
ସର୍ବ ବୃତ୍ତାନ୍ତ କହି ଘେନି ତାର ସମ୍ମତି ।
ସ୍ଥିର କଲେ ଭଲ ଲଗ୍ନ ଗୋଟିଏ ଝଟତି । ୭୧୯ ।

ତହୁଁ ନିମନ୍ତ୍ରଣ ପତ୍ର ତାହାଠାରୁ ନେଇ ।
ହରଷରେ ବ୍ରହ୍ମାଙ୍କୁ ଦେଲେ ସେମାନେ ଯାଇ । ୭୨୦ ।
ତାଙ୍କୁ ଦେଖି ଦେବେ ମୋଦେ ସୁମବୃଷ୍ଟି କଲେ ।
ଦଶଦିଗରେ ମଙ୍ଗଳ କଳସ ସ୍ଥାପିଲେ । ୭୨୧ ।
ମଙ୍ଗଳ ବାଦ୍ୟ ବାଜିଲା ଅପ୍ସରୀଙ୍କ ଗୀତ ।
ପ୍ରସରିଲା ସଜ୍ଜିତ-ଯାନ ବାହାନ-ବ୍ରାତ । ୭୨୨ ।
ନିଜ ଗଣକୃତ ବରବେଶେ ଶୋଭେ ହର ।
ଜଟାରେ ଶଶିକଳା ମୁକୁଟ ପ୍ରବର । ୭୨୩ ।
ଶିରେ ଗଙ୍ଗା ସର୍ପ ଚୂଳ ଶ୍ରବଣରେ ବ୍ୟାଳ ।
କୁଣ୍ଡଳ ହସ୍ତେ ଅସ୍ଥି କଙ୍କଣ ଅଙ୍ଗେ ସ୍ଥଲ୍ । ୭୨୪ ।
ଉପବୀତ ନାଗ ଲେପ ଭସ୍ମ କଣ୍ଠ ଦେଶେ ।
ମୁଣ୍ଡମାଳା କରେ ଶୂଳ ଡମରୁ ପ୍ରକାଶେ । ୭୨୫ ।
ଏମନ୍ତ ଅମଙ୍ଗଳ ବେଶେ ବୃଷବାହନ ।
ହୋଇ ମଙ୍ଗଳାଳୟ ଶିବ କଲେ ଗମନ । ୭୨୬ ।
ତାଙ୍କୁ ଦେଖି ମନେ ହସି ଦେବକାନ୍ତାମାନେ ।
ବୋଇଲେ ଲୋକେ କନ୍ୟା ନାହିଁ ଏହା ସମାନେ । ୭୨୭ ।
ହରି ବ୍ରହ୍ମାଦି ସୁରେ ନିଜ ନିଜ ବାହାନ ।
ଅରୋହି ଆନନ୍ଦରେ କଲେ ଅନୁଗମନ । ୭୨୮ ।
ଦେବତାମାନେ ହେଲେ ମଧ୍ୟ ଅତି ସୁନ୍ଦର ।
ତାଙ୍କ ମଧ୍ୟେ ନାହିଁ ଜଣେ ହର ତୁଲ୍ୟ ବର । ୭୨୯ ।
ହୃଷୀକେଶ ନିଦେଶରେ ଦିଗଧୀଶଗଣ ।
ଚଳିଲେ ବେଷ୍ଟିତ ହୋଇ ନିଜ ପରିଜନ । ୭୩୦ ।
ଭୃଙ୍ଗୀ ପ୍ରମୁଖ ରୁଦ୍ରଗଣ କଲେ ଗମନ ।
ଜନନ କର ଦେଖଣାହାରିଙ୍କ ହସନ । ୭୩୧ ।
କାହାର ମୁଖ ନାହିଁ କାଏ ବହୁବଦନ ।
କେ ହସ୍ତାଙ୍ଘ୍ରିହୀନ କେ ବହୁ-କରଚରଣ । ୭୩୨ ।
କାଏ ଲୋଚନେ ହୀନ କେ ଅନେକ ନୟନ ।
କାହାର ସ୍ଥୂଳ କାୟ କାଏ କ୍ଷୀଣାପଘନ । ୭୩୩ ।

କେ ଦୁର୍ବଳ କେ ବଳୀ କେ ଅପୂତକେ ପୂତ ।
କିଏ ହୁଏ ଭସ୍ମାନଙ୍କ ମଣ୍ଡି ଅସ୍ଥିବ୍ରାତ । ୭୩୪ ।

କିଏ ଖପର ଧରି କରେ ରକ୍ତ ସେବନ ।
କିଏ ଖରଳପନ କାର ଶ୍ୱାନବଦନ । ୭୩୫ ।

କେ ଉଷ୍ଟ୍ରମୁଖ କେହୁ ଶିବାସ୍ୟ ସମସ୍ତେ ତ ।
ଭୂତ ପ୍ରେତ-ପିଶାଚ-ଯୋଗିନୀ-ଯୋଗି-ବ୍ରାତ । ୭୩୬ ।

ବହୁଙ୍କରୂପେ ନାନା ବେଶେ ବିଚିତ୍ର ବାଣୀ ।
ଭଣି ଗାଇ ନାଚନ୍ତି ଅକଥ୍ୟ ତାଙ୍କ ଠାଣି । ୭୩୭ ।

କେଣେ ହିମାଳୟ ରଚି ରମ୍ୟ ମଣ୍ଡପକୁ ।
ସର୍ବ ନଦୀ ହ୍ରଦାବଧି ଗିରି-ବନ ଚୟକୁ । ୭୩୮ ।

ନିମନ୍ତ୍ରିଲ, ସେମାନେ ହୋଇ ସପରିଜନ ।
ଗଲେ ଦିବ୍ୟ କାମରୂପ ଧରି ତା ଭବନ । ୭୩୯ ।

ତାହା ପୁରର ମଣ୍ଡଣି ଅତ୍ୟଧିକ ଗୁରୁ ।
ବିଭବତର ପିତାମହ ନିର୍ମାଣଠାରୁ । ୭୪୦ ।

ଉପବନ ବନ କୂପ ତଟିନୀ ତଟାକ ।
କରନ୍ତି ଦର୍ଶକଗଣ ପ୍ରମୋଦାତିରେକ । ୭୪୧ ।

ପ୍ରତ୍ୟେକ ଗୃହ ପତାକା ତୋରଣ-ଶୋଭିତ ।
ମୁନିମୋହନରୂପେ ସ୍ତ୍ରୀ ପୁରୁଷେ ରଞ୍ଜିତ । ୭୪୨ ।

ଯହିଁ ଜଗଦମ୍ବାର ହୋଇଛି ଅବତାର ।
ସେ ସ୍ଥାନ ବର୍ଣ୍ଣିବାକୁ ସାମର୍ଥ୍ୟ ଅଛି କାର । ୭୪୩ ।

ସେହିଠାରେ ସକଳ ଋତୁ ସମ୍ପତ୍ତି ସିଦ୍ଧି ।
ନିତ୍ୟ ନୂତନ ରୂପରେ ହେଉଥାନ୍ତି ବୃଦ୍ଧି । ୭୪୪ ।

ନିଜ ପୁର ସମୀପକୁ ବରଜାତଙ୍କର ।
ଆଗମନ ସମାଚାର ଜାଣି ଗିରିବର । ୭୪୫ ।

ସବାହନ ବନ୍ଧୁଙ୍କ ସଙ୍ଗରେ ଘେନି ତରେ ।
ପାଛୋଟିବାକୁ ଗଲା ଅତି ସମାରୋହରେ । ୭୪୬ ।

ସର୍ବେ ଦେବଗଣଙ୍କୁ ଦେଖି ହେଲେ ମୁଦିତ ।
କମଳାରମଣଙ୍କୁ ଅନାଇଁ ପ୍ରମୁଦିତ । ୭୪୭ ।

ଏହାଙ୍କ ହସ୍ତ-ହସ୍ତି-ଚର୍ମ ରୁଦ୍ରଗଣଙ୍କୁ ।
ଗୃହିଁ ଭିତରେ ପାଇ ପଳାଇଲା ପଛକୁ । ୭୪୮ ।
ବାଲକେ ଡରି ଭାଗି ବରର ଚଦୁଗରେ ।
ଅଦ୍ଭୁତବେଶ ରୂପଙ୍କୁ ବର୍ଣ୍ଣିଲେ ସତ୍ୱର । ୭୪୯ ।
ତା ଶୁଣି ତାଙ୍କ ଜନନୀ ତାତ ବିବରଣ ।
କରି କହୁ ଥିଲେ ତାଙ୍କ ଭୟ ନିବାରଣ । ୭୫୦ ।
ଆଣି ସମସ୍ତ ବ୍ୟକ୍ତିଙ୍କି ବସା ସଖା ଦେଇ ।
ସମ୍ମାନ କଲା ଗିରିରାଜ ମୁଦିତ ହୋଇ । ୭୫୧ ।
ସଜନୀମାନେ ପାଇ ମେନକାର ଆଦେଶ ।
ଗିରିଜା ତାଙ୍କୁ କଲେ ବିବାହୋଚିତ ବେଶ । ୭୫୨ ।
ମେନକା ତେବେ ଭବ-ଭୟଙ୍କର ବେଶକୁ ।
ବାମାଙ୍କ ମୁଖୁଁ ଶୁଣି ଲଭି ଅତି ଦୁଃଖକୁ । ୭୫୩ ।
ନୟନ ନୀଳୋତ୍ପଳ-ଯୁଗଳେ ଅଶ୍ରୁ ଭରି ।
ବୋଇଲା କୁମାରୀଙ୍କି ସ୍ନେହରେ କୋଳେ ଧରି । ୭୫୪ ।
ବିଧି ଦେଇ ତୋତେ ଏତେ ସୁନ୍ଦରାକାରକୁ ।
ପାଞ୍ଚୁଛି ସମର୍ପିବାକୁ ବିକୃତ ବରକୁ । ୭୫୫ ।
କଳ୍ପପାଦପ ଯୋଗ୍ୟ ଫଳକୁ ବଳେ ନେଇ ।
ଲଗାଇବାକୁ କଣ୍ଟାଗଛେ ଭାବେ ସେ ବାଇ । ୭୫୬ ।
ଘରବୁଡ଼ା ନାରଦର କଥାରେ ଭୁଲିଲୁ ।
ଏ ବାତୁଳ ବର ପାଇଁ କିପାଁ ତପ କଲୁ । ୭୫୭ ।
ପ୍ରସବ ବାଧକୁ କନ୍ୟା ପର ବାତ୍ସଲ୍ୟକୁ ।
ସେ ବୃଦ୍ଧହୀନ-ସଜମୀ ନ ଜାଣେ ମନକୁ । ୭୫୮ ।
ଉମା ବୋଇଲା ଶୁଣି ମାତୃ ବିକଳ କଥା ।
ବିଧି ନିର୍ଣ୍ଣୟ କେବେହେଁ ନୁହଇ ଅନ୍ୟଥା । ୭୫୯ ।
ଲଭିବାକୁ ବାତୁଳ-ପତିଙ୍କ ଭାଲେ ମୋର ।
ଲିଖିତ ହୋଇଅଛି ଏଥିରେ ଦୋଷ କାର । ୭୬୦ ।
ସେ ଲେଖା ଲିଭାଇବା ଶକ୍ତି ନାହିଁ ତୁମ୍ଭର ।
ଅକାରଣେ ମୃଡଙ୍କୁ ନିନ୍ଦିବା ଅସୁନ୍ଦର । ୭୬୧ ।

କର୍ମାନୁରୂପେ ସୁଖ ଦୁଃଖ ଭୁଞ୍ଜିବ ସତ ।
ଜନନ୍ୟା ତୁମ୍ଭେ ଶୋକ କରିବା ଅନୁଚିତ । ୭୬୨ ।
ଏପରି ଗିରିଜା ଭାସୁଥିଲେ ସମୟରେ ।
ନାରଦ ତହିଁ ପ୍ରବେଶି ବୋଇଲେ ମୋଦରେ । ୭୬୩ ।
ତଥ୍ୟ ଅଟେ ମୋ ବାଣୀ ଶୁଣ ଅଗୋ ମେନକା ।
ତୋ ଦୁହିତା ଜଗନ୍ମାତା ଭବାନୀ ଅମ୍ବିକା । ୭୬୪ ।
ଶିବାର୍ଦ୍ଧାଙ୍ଗୀ ଅନାଦ୍ୟଶକ୍ତି ଅଜା ଅଚ୍ୟୁତା ।
ସୃଷ୍ଟିସ୍ଥିତ୍ୟନ୍ତକାରିଣୀ ଲୀଳାତନୁଯୁତା । ୭୬୫ ।
ସତୀ ନାମରେ ଦକ୍ଷକୁ ଜନମି ପୂର୍ବରେ ।
ଶିବପତ୍ନୀ ହେଲେ କଥା ଖ୍ୟାତ ଜଗତରେ । ୭୬୬ ।
ପତିବାଣୀ ନ ମାନି ରାମ ପରୀକ୍ଷା ପାଇଁ ।
ଯାଇ ସୀତାରୂପକୁ ଧରିଲେ ମୋହ ପାଇ । ୭୬୭ ।
ସେ ଦୋଷରୁ ପତିତ୍ୟକ୍ତା ହୋଇ ବହୁ କୋହ ।
ଦକ୍ଷଯଜ୍ଞେ ଯୋଗାଗ୍ନିରେ ଜାଳିଲେ ସ୍ୱଦେହ । ୭୬୮ ।
ଏବେ ତୋ ପୁତ୍ରୀରୂପେ ଜନ୍ମି ଶିବ ନିମନ୍ତେ ।
ଘୋର ତପ କଲେ ଏ ଶିବପତ୍ନୀ ନିରତେ । ୭୬୯ ।
ଏମନ୍ତ ନାରଦୋକ୍ତି ଶୁଣି ହୋଇ ତାଟକା ।
ଖେଦକୁ ତେଜି ମୋଦକୁ ଲଭିଲେ ମେନକା । ୭୭୦ ।
ସେ ବାର୍ତ୍ତା ନଗରେ ବେଗେ ହେଲା ପ୍ରକଟିତ ।
ଶୁଣି ସମସ୍ତଙ୍କ ମନ ଆନନ୍ଦ ଭରିତ । ୭୭୧ ।
ସକଳେ ଉତ୍ସାହୀ ହୋଇ କଲେ ମହୋତ୍ସବ ।
ଭୋଜିର ପ୍ରସଙ୍ଗ କିଏ ବଖାଣି ପାରିବ ? ୭୭୨ ।
ଯେଉଁ ପୁରେ ଅନ୍ନପୂର୍ଣ୍ଣା ମାତା ବାସ କରେ ।
କିସ ଊଣା ହୋଇଥିବ ସେ ଘର ଭୋଜିରେ । ୭୭୩ ।
ଷଡ଼୍‌ରସୋପେତ ଚର୍ବ୍ୟ ଚୋଷ୍ୟ ଲେହ୍ୟ ପାନୀୟ
ଭକ୍ତ ସର୍ବଙ୍କୁ ଦେଇ ହିମାଦ୍ରି ହେଲେ ଗେୟ । ୭୭୪ ।
ମୁନିଙ୍କ ଅନୁଜ୍ଞାରେ ସେ ମାହେନ୍ଦ୍ର ବେଳରେ ।
ସର୍ବଦେବଙ୍କୁ ବସାଇ ବହୁତାସନରେ । ୭୭୫ ।

ରମ୍ୟ ନିର୍ମିତ ବେଦୀରେ ମଞ୍ଜୁଳ ପୀଠକୁ
ଦେଖାଇଲେ ଅନନ୍ତରେ ମହାଦେବଙ୍କୁ । ୭୭୬ ।
ଶୁଣୁ ଶୁଭଗାନ ସ୍ତ୍ରୀଙ୍କ ମୁଖୁଁ ପ୍ରସରିଲା ।
ସମଙ୍କୁ ଧ୍ୟାଇ ଶଙ୍କର ସେ ପୀଠେ ବସିଲା । ୭୭୭ ।
ଋଷିଙ୍କ ଗିରେ ସଖୀଏ ଗୌରୀଙ୍କୁ ଅଣିଲେ ।
ତା ଦିବ୍ୟ ରୂପ ଦେଖି ଦେବେ ମୋହ ପାଇଲେ । ୭୭୮ ।
ପଛେ ନିଜ ଭ୍ରମଙ୍କୁ ଚିନ୍ତି ସ୍ୱସ୍ଥ ମନରେ ।
ନମିଲେ ଜଗନ୍ମାତା—ଭବାନୀଙ୍କ ଭକ୍ତିରେ । ୭୭୯ ।
ଯେ ତ୍ରିଲୋକସୁନ୍ଦରୀ ତାହା ସୁନ୍ଦରପଣ ।
ବର୍ଣ୍ଣନ କରିବାକୁ ଜଗତେ କେ ସୁଜନ । ୭୮୦ ।
ସଖି-ନୀତା ଗିରିଜା ପତି ନିକଟକ ଗଲା ।
ମାତ୍ର ଲଜ୍ଜାରେ ତଦ୍ରୂପ ଚାହିଁ ନ ପାରିଲା । ୭୮୧ ।
ତେବେହେଁ ତାହା ମାନସ ଭ୍ରମର ପତିର—
ଚରଣ ସାରସେ ଲାଗି ରହିଲା ନିକର । ୭୮୨ ।
ଉମା ମହେଶ ଦୁହେଁ ମୁନିଙ୍କ ଆଦେଶରେ ।
ପ୍ରଥମେ ଗଣେଶ୍ୱରଙ୍କୁ ପୂଜିଲେ ପ୍ରୀତିରେ । ୭୮୩ ।
ପଞ୍ଚଦେବତା ଏକ ହୋଇଥିବା କାରଣୁ ।
ସେ ପୂଜନରେ ସଂଶୟ କର ନାହିଁ ଅଣୁ । ୭୮୪ ।
ପରେ ବେଦ-ମନ୍ତ୍ର ପାଠ କଲେ ମୁନିବରେ ।
ପିତା ସମର୍ପିଲେ କନ୍ୟା କର ବର କରେ । ୭୮୫ ।
ପାଣିଗ୍ରହଣ ଶଙ୍କର କଲେ ମାତ୍ରେ ଦେବେ ।
ଭୂ-ନଭୋଽନ୍ତରାଳ ପୂରାଇଲେ ଜୟରବେ । ୭୮୬ ।
ବିବିଧ ବାଦ୍ୟ-ନାଦ ମାନସଙ୍କୁ ମୋହିଲା ।
ପୁଷ୍ପ-ବୃଷ୍ଟି ହେଲା ବିଶ୍ୱ ମୁଦିତ ହୋଇଲା । ୭୮୭ ।
ବିଧି ପ୍ରକାରେ ବିବାହ ହୋଇଲା ସମ୍ପୂର୍ଣ୍ଣ ।
ମେନକା ହିମାଳୟ ହୋଇ ସାନନ୍ଦ ତୂର୍ଣ୍ଣ । ୭୮୮ ।
ଅଳଙ୍କାର ଜଉତୁକ ସମର୍ପି ଶିବଙ୍କୁ ।
ପ୍ରଣମି ବିନୟେ ଜଣା କଲେ ଏ ଗିରକୁ । ୭୮୯ ।

ଏ ବାଳିକା ଅମ୍ଭର ପ୍ରାଣାଧିକା, ଏହାକୁ—
ସମର୍ପିଲୁଁ ତ୍ୱଦୀୟ ଚରଣେ ଖଟିବାକୁ ।୭୯୦।
ଅମ୍ଭ ବେନିଙ୍କଠାରେ ହୋଇ କରୁଣାଭର ।
ଏ କରିବା ଅପରାଧ ସବୁ କ୍ଷମା କର ।୭୯୧।
ଶୁଣି ଏମନ୍ତ ବାଣୀ ଶାଶୁ ଶଶୁରଙ୍କର ।
ଅଭୟ ବଚନରେ ଉତ୍ତର ଦେଲେ ହର ।୭୯୨।
ପରେ ପ୍ରିୟ ସୁତାକୁ ମେନକା କୋଳ କରି ।
ଉଚ୍ଚାରି କହିଲେ ମୃଦୁ ସ୍ୱରରେ ଏପରି ।୭୯୩।
ପତି ଏକା ଦେବତା ଅଟଇ ବନିତାର ।
ପତିଠାରୁ ବଳି ଅନ୍ୟ ଗତି ନାହିଁ ତାର ।୭୯୪।
ଏଣୁ ତୁମ୍ଭ ସଦା ପତି ପଦ ସେବା କର ।
ପତି-ମତାନୁସାରେ ସଞ୍ଚର ନିରନ୍ତର ।୭୯୫।
ବନିତା ସ୍ୱତନ୍ତ୍ରା ନୋହୁ ଅଧୀନା ପରର ।
ଏହି ବାକ୍ୟକୁ ଭଲେ ରଖ ମନେ ତୋହର ।୭୯୬।
ଏତେକ ଗଦ୍ଗଦେ କହି ସେ ସୁତା-ବତ୍ସଳା ।
ବିଯୋଗ-ଦୁଃଖରେ ମଜ୍ଜି ବିକଳେ କାନ୍ଦିଲା ।୭୯୭।
ତା ଦେଖି ସକଳ ସଖୀ ପରିବାରି ଜନ ।
କଲେ ଅଧିକତର ବିଷାଦରେ କ୍ରନ୍ଦନ ।୭୯୮।
ମୋଦାପ୍ତ ପୁରି ହେଲା କ୍ଷଣକେ ଖେଦଯୁତ ।
ଅହୋ ! ସଂସାର ସୁଖ ଅଚିର ଅଟଇ ତ ।୭୯୯।
ଗୌରୀ ଶୋକାକୁଳେ କିଛି କହି ନ ପାରିଲେ ।
ଲୋତକପୂର୍ଣ୍ଣ ଲୋଚନେ ମାତାକୁ ନମିଲେ ।୮୦୦।
ମେନକାଏ ଜନେ ମାତ୍ର ମୌନ ସାନ୍ତ୍ୱନାରୁ ।
ଶୋକ ସମ୍ଭାଳି ଦେଲେ ଅଶିଷ ଗିରିଜାକୁ ।୮୦୧।
ପଛକୁ ବୁଲି ବୁଲି ମାତାକୁ ଚାହୁଁଥିଲେ ।
ଗିରିଜାକୁ ଘେନି ସଖୀ ସମାଜ ଚଳିଲେ ।୮୦୨।
ତୋଷି ଦାନେ ଦରିଦ୍ରଙ୍କୁ ସମ୍ମାନେ ବୁଧଙ୍କୁ ।
ଶିବାଯୁକ୍ତ ହୋଇ ଶିବ ଗଲେ କୈଳାସକୁ ।୮୦୩।

ମୋଦେ ଦେବଗଣ କରି ପୁଷ୍ପବର୍ଷଣକୁ ।
ପ୍ରତିପ୍ରସ୍ଥାନ କଲେ ସ୍ବକୀୟ ସଦନକୁ । ୮୦୪ ।
ସ୍ବ-ସୁତା-ଜାମାତାଙ୍କୁ କୈଳାସେ ପହୁଞ୍ଚାଇ ।
ବାହୁଡ଼ିଲେ ଗିରିରାଜ ଦୁଃଖୀ ସୁଖୀ ହୋଇ । ୮୦୫ ।
ହିମାଳୟାର୍ଚ୍ଚିତ ହୋଇ ବନ୍ଧୁ ମୁନିମାନେ ।
ପ୍ରମୋଦରେ ପ୍ରବେଶିଲେ ନିଜ ନିଜ ସ୍ଥାନେ । ୮୦୬ ।
ଶିବା-ଶିବ ବିବିଧ ଭଙ୍ଗୀରେ କୈଳାସରେ ।
କେତେକ କାଳ ଯାଏ ବିଳାସ କଲେ ପରେ । ୮୦୭ ।
ସୁର-ସେନାନୀ-ଷଣ୍ମୁଖ ଜନ୍ମି ତାରକକୁ ।
ନାଶିଲେ ଚରିତ ସୁବିଦିତ ଜଗତକୁ । ୮୦୮ ।

## ଯାଜ୍ଞବଲ୍କ୍ୟ, ଭରଦ୍ବାଜ ସମ୍ବାଦ

ଏପରି ଯାଜ୍ଞବଲ୍କ୍ୟ ମୁଖୁ ଶିବ-ଚରିତ ।
ଶୁଣି ଭରଦ୍ବାଜ ହେଲେ ଅତ୍ୟନ୍ତ ମୁଦିତ । ୮୦୯ ।
ତା ରୋମାଞ୍ଚିତ ଗାତ୍ର ଅଶ୍ରୁପୂର୍ଣ୍ଣ ନୟନ ।
ଦେଖି ଯାଜ୍ଞବଲ୍କ୍ୟ ମୁନି ବୋଇଲେ ଏସନ । ୮୧୦ ।
ଧନ୍ୟ ତୁମ୍ଭ ଜନ୍ମ ତୁମ୍ଭେ ଅଟ ଶିବଭକ୍ତ ।
ଶିବଭକ୍ତିହୀନ ଚିତ୍ତ ନୁହେ ରାମେସକ୍ତ । ୮୧୧ ।
ରାମ ଗୌରବେ ବିନା ଦୋଷେ ସତୀଜାୟାକୁ ।
ତେଜି ଶିବ ଦେଖାଇଲେ ଭକ୍ତି-ଦୃଢ଼ତାକୁ । ୮୧୨ ।
ତାର ସମ ରାମଭକ୍ତ ରାମପ୍ରିୟ ଏହୁ ।
ସଚରାଚରେ ବ୍ରହ୍ମାଣ୍ଡେ ନାହିଁ ଆଉ କେହୁ । ୮୧୩ ।
ଅଗେ ତୁମ୍ଭଙ୍କୁ ଶୁଣାଇ ଶଙ୍କର ଚରିତ ।
ଜାଣିଲି ତୁମ୍ଭ ଚିତ୍ତ ରାମଭକ୍ତିରେ ରତ । ୮୧୪ ।
ଏଣୁ ମୁହିଁ ଆନନ୍ଦେ ରାମଲୀଳାକୁ ଏବେ ।
କହିବି, ଶ୍ରବଣ କର ଅତି ଭକ୍ତିଭାବେ । ୮୧୫ ।
ଶ୍ରୀରାମ ଦିବ୍ୟ ଚରିତ ଅଟଇ ଅଶେଷ ।
କୋଟିଏ ଶେଷେ କହିଲେ ତା ନୋହିବ ଶେଷ । ୮୧୬ ।

ତେବେ ହେଲେ ଯେପରି ମୁଁ ଶୁଣିଛି ସେପରି ।
ତୁମ୍ଭଙ୍କୁ କହିବି ଶିବ ସ୍ୱାମଙ୍କୁ ସୁମରି । ୮୧୭ ।

ସ୍ୱମଚନ୍ଦ୍ର ସୂତ୍ରଧାର ଅତି କୁତୂହଳେ ।
ନିଜ ଭକ୍ତ କବିର ହୃଦୟ ରଙ୍ଗସ୍ଥଳେ । ୮୧୮ ।

ଭାରତୀ ପୁତ୍ତଳିକାକୁ ସ୍ୱେଚ୍ଛାନୁରୂପରେ ।
ନଚ୍ଚାଏ ସୁଜନ ହିତ ପାଇଁ ଥରେ ଥରେ । ୮୧୯ ।

ସ୍ୱମଙ୍କୁ ପୁଣି ନମି କହେ ମୁଁ ତଚ୍ଚରିତ ।
ଶିବା ଶିବଙ୍କ ନିତ୍ୟ ନିବାସ କୈଳାସ ତ । ୮୨୦ ।

ସେ ଧରବର ଅତି ରମ୍ୟ ତହିଁ ନିର୍ଜର ।
ସିଦ୍ଧ-ଯୋଗିଜ୍ଞାନି-ମୁନି-କିନ୍ନର-ନିକର । ୮୨୧ ।

ବନ୍ଧି ଶିବାଶିବଙ୍କୁ ସେବି ମୋଦ ଲଭନ୍ତି ।
ହରିହର ବିମୁଖ ଯେ ତାହା ନ ଦେଖନ୍ତି ।୮୨୨।

ସେ ଗିରିଶିଖରେ ନିତ୍ୟ ନୂତନ ରୂପରେ ।
ଶୋଭେ ଏକ ବଟବୃକ୍ଷ ଅତି ବିଶାଳରେ । ୮୨୩ ।

ତହିଁ ବହେ ମନ୍ଦ ସୁଗନ୍ଧ ଶୀତଳ ବାତ ।
ତାର ଅନାତପ କରେ ଶୀତଳକୁ ଜାତ । ୮୨୪ ।

ତା ମୂଳ କେବେ ହେଲେ ଶିବ ବସିବା ସ୍ଥଳ ।
ଏକେ ତହିଁ ମିଳି ଶମ୍ଭୁ ଲଭି କୁତୂହଳ । ୮୨୫ ।

ଅପଣେ ଉଛୁଳ ବାଘଛାଲକୁ ବସିଲେ ।
ମୁନିମାନଙ୍କ ପରି ବସନ ପିନ୍ଧିଥିଲେ । ୮୨୬ ।

ସେ ତ କୃପାଳୁ ଜଗଜ୍ଜୁନ୍ଦେନ୍ଦୁ ଦରଗାତ୍ର ।
ଶାରଦ ପୂର୍ଣ୍ଣଚନ୍ଦ୍ର ମୁଖ ସାରସ ନେତ୍ର । ୮୨୭ ।

ତରୁଣାରୁଣାମ୍ବୁଜଚରଣ ସ୍ମର ହର ।
ନଖ ଚନ୍ଦ୍ରିକା ହୃତ ଭକ୍ତାଜ୍ଞାନ ତମିର । ୮୨୮ ।

ଥଜାନଲମ୍ବିତ ବାହୁ ଅର୍ଦ୍ଧେନ୍ଦୁଶେଖର ।
ଭୁଜଙ୍ଗଭୂତଭୂଷଣ ଜଟା ଗଙ୍ଗାଧର । ୮୨୯ ।

ନୀଳକଣ୍ଠ କାମାନ୍ତକ ଏମନ୍ତ ଦିଶିଲେ ।
କି ଅବା ଶାନ୍ତରସ ଅକୃତଙ୍କ ଧଇଲେ । ୮୩୦ ।

ଏମନ୍ତ ସୁପ୍ରସନ୍ନଙ୍କୁ ଜାଣି ଗିରିସୁତା ।
ପତି ସମୀପକୁ ଯାଇ ହୋଇ ସପ୍ରଣତା । ୮୩୧ ।
ତଦ୍‌ବାମଭାଗେ ବସି ପୂର୍ବ ଜନ୍ମ କଥାକୁ ।
ସ୍ମରି ପୁଣି ତରଙ୍ଗ ରମଣ ଭାବନାକୁ । ୮୩୨ ।
ମନେ ହସି ସକଳ ଲୋକହିତ କଥାକୁ ।
ପୁଚ୍ଛିଲା ପ୍ରକାଶ କରି ଏ ପ୍ରିୟ ଗିରିଶକୁ । ୮୩୩ ।

## ଶିବା-ଶିବ-ସମ୍ବାଦ

ମନାଥ ବିଶ୍ୱନାଥ ସକଳ ଗୁଣଧାମ ।
ଯୋଗ-ଜ୍ଞାନ-ବୈରାଗ୍ୟ-ଖନି ପବିତ୍ରନାମ । ୮୩୪ ।
ତ୍ରିଭୁବନ ବିଖ୍ୟାତ ମହିମ ପୁର ହର ।
ଦାସ କଲ୍ୟାଣ ଶିବ ସର୍ବଜ୍ଞ ସର୍ବେଶ୍ୱର । ୮୩୫ ।
ସୁରାସୁର-ନର-ନାଗ-ପୂଜିତ ଚରଣ ।
ପାଦ ଦାସୀ ମୁହିଁ ମୋରେ ହୋଇ ସକରୁଣ । ୮୩୬ ।
ମୋ ଯୋଗ୍ୟତାକୁ ବିଚାରି ଶ୍ରୀରାମଚରିତ ।
କହ ମୋର ଅଜ୍ଞାନକୁ ବିନାଶ ତ୍ୱରିତ । ୮୩୭ ।
କଳ୍ପତରୁର ତଳେ ଥାଏ ମନ୍ଦର ଯାର ।
ନ ଥାଏ କେବେ ହେଲେ ଦାରିଦ୍ର୍ୟ ଦୁଃଖ ତାର । ୮୩୮ ।
ହେ ସୁରେନ୍ଦ୍ର ବହ୍ନିନେତ୍ର ! ତୁମ୍ଭ ଦାସୀ ମୁଁ ତ ।
ମୋ ଚିତ୍ତେ ଅଜ୍ଞାନ ତମଃ ସ୍ଥିତ ଅନୁଚିତ । ୮୩୯ ।
ରାମଙ୍କୁ ବ୍ରହ୍ମବାଦୀମାନେ ବ୍ରହ୍ମ ବୋଲନ୍ତି ।
ତାଙ୍କୁ ବେଦେ ପୁରାଣେ ବାଣୀ ଶେଷ ଘୋଷନ୍ତି । ୮୪୦ ।
ପୁଣି ତୁମ୍ଭେ ମୁଦେ ସଦା ଜପ ତା ନାମକୁ ।
ସେହୁ ଜନ୍ମିଥିଲେ କି ସାକେତ-ଭୂନାଥଙ୍କୁ ? ୮୪୧ ।
ତାହା ହେଲେ ସେ ତ ଅଜ ନିର୍ଗୁଣ କିମ୍ପାଇଁ ।
ଭୂମିରେ ଜନ୍ମି ଭ୍ରମିଲା ଭାର୍ଯ୍ୟାକୁ ହରାଇ । ୮୪୨ ।
ତା ମହିମା ଶୁଣିଛି ବନେ ଦେଖିଛି ମୁହିଁ ।
ମାତ୍ର ସନ୍ଦେହ ଅଦ୍ୟାପି ମନୁ ନ ଛାଡ଼ଇ । ୮୪୩ ।

ଯଦ୍ୟ ସେ ଅନୀହ ବିଭୁ ବ୍ୟାପକ ପ୍ରଜ୍ଞାନ ।
ତାଙ୍କୁ କେମନ୍ତ ଅଚ୍ଛାଦ୍ୟ ପାରଇ ଅଜ୍ଞାନ । ୮୪୪ ।
ମୁହିଁ ଜ୍ଞାନହୀନା କିଛି ବୁଝି ପାରୁନାହିଁ ।
ତୁମ୍ଭେ କୋପୀ ନୋହି କହ ମୋତେ ସମଜାଇ । ୮୪୫ ।
ସେ ରହସ୍ୟ ଶ୍ରବଣେ ସ୍ତ୍ରୀ ଅନଧିକାରଣୀ ।
ବୋଲ ନାହିଁ ମୁହିଁ ତ ତୁମ୍ଭ ଅର୍ଦ୍ଧାଙ୍ଗୀ ପୁଣି । ୮୪୬ ।
ତୁମ୍ଭ ପାଦସେବାରେ ସର୍ବଦା ମୁଁ ନିରତା ।
ବିଶେଷରେ ସେ କଥା ଶ୍ରବଣେ ଉତ୍କଣ୍ଠିତା । ୮୪୭ ।
ମୋହର ପ୍ରଣତି ଘେନି କୃପାତରେ କରେ ।
ରାମ ଚରିତକୁ ମୋତେ କହ ସମଗ୍ରରେ । ୮୪୮ ।
ମୂଳାଗେସୁ ରାମତତ୍ତ୍ୱ ଜ୍ଞାନଭକ୍ତିଯୋଗ ।
ବୈରାଗ୍ୟକୁ ବଖାଣି ଏବେ କର ବିଭାଗ । ୮୪୯ ।
ହେ ସର୍ବଜ୍ଞ ! ତୁମ୍ଭେ ତ୍ରିଲୋକ ଗୁରୁ ସେ ସାର ।
ତତ୍ତ୍ୱକୁ ପ୍ରକାଶି କର ପରିତ୍ରାଣ ମୋର । ୮୫୦ ।
ଏମନ୍ତ ଉମାର ପ୍ରଶ୍ନ ଶୁଣି ମହେଶ୍ୱର ।
ପ୍ରମୋଦ ପାରାବାରେ ମଗ୍ନ ହେଲେ ସତ୍ୱର । ୮୫୧ ।
ତା ହୃଦୟେ ହେଲା ରାମ ଚରିତ ଉଦିତ ।
ଅପଘନ ହୋଇଲା ହୋଇ ପୁଲକିତ । ୮୫୨ ।
ଆନନ୍ଦାଶ୍ରୁ ପୂର୍ଣ୍ଣନେତ୍ର ମୁଦ୍ରିତ ହୋଇଲା ।
ମନ ଘଣ୍ଟାଏ ଯାଏ ରାମ ଧ୍ୟାନେ ଲାଗିଲା । ୮୫୩ ।
ପରେ ଚେତି ସେ ପ୍ରସନ୍ନ ହୋଇ ଗିରିଜାକୁ ।
ପ୍ରଶଂସି କହିଲେ ଏଭଳି ଶ୍ରୀରାମ କଥାକୁ । ୮୫୪ ।
ଯାକୁ ନ ଜାଣିଲେ ରଜ୍ଜୁ ଭୁଜଙ୍ଗ ପରାୟେ ।
ଅଳୀକ ବସ୍ତୁ ସତ୍ୟସ୍ୱରୂପେ ଜଣାଯାଏ । ୮୫୫ ।
ଯାକୁ ଜାଣିଲେ ଭ୍ରମମୟ ବସ୍ତୁ ନ ଥାଏ ।
ଚେତନା ପରେ ସ୍ୱପ୍ନଦୃଶ୍ୟ ପଦାର୍ଥ ପ୍ରାୟେ । ୮୫୬ ।
ଯେ ଦଶରଥାଙ୍ଗଣକ୍ରୀଡ଼ାକର ବାଳକ ।
ସେ ମଙ୍ଗଳାଳୟ ସେ ଅମଙ୍ଗଳହାରକ । ୮୫୭ ।

ଯା ନାମ ଜପିବା ମାତ୍ରେ ବ୍ରହ୍ମାପ୍ତି ଘଟଇ ।
ସେ ରାମଙ୍କୁ ସଦା ମୁଁ ସାଷ୍ଟାଙ୍ଗେ ପ୍ରଣମଇଁ । ୮୫୮ ।
ଗିରିରାଜକୁମାରି ! ଧନ୍ୟ ମନ ତୁମ୍ଭର ।
ଯେଣୁ ରାମଲୀଳା ଶୁଣିବାକୁ ସେ ତତ୍ପର । ୮୫୯ ।
ହରିଲୀଳାମୃତ ପାନ ନ କରିବା କାନ ।
ଘୋରପନ୍ନଗଗର୍ତ୍ତବାସ ବର୍ତ୍ମକ ସମାନ । ୮୬୦ ।
କେଶବଦାସ ଦର୍ଶନ ନ କରିବା ନେତ୍ର ।
ମୟୂରଚନ୍ଦ୍ରିକା ତୁଲ୍ୟ ପୁଣି ଅପବିତ୍ର । ୮୬୧ ।
ଗୋବିନ୍ଦଙ୍କୁ ଗୁରୁଙ୍କୁ ନ ପ୍ରଣମିବା ଶିର ।
ଶିର ନୁହେ ସେ କେବଳ କୁମ୍ଭୀର-ଖର୍ପର । ୮୬୨ ।
ସୀତା-ରାମ-ଗୁଣଙ୍କୁ ନ ଗାଇବା ରସନା ।
କରାଏ ଭେକ-ଜିହ୍ୱା ସହିତ ଗଣନା । ୮୬୩ ।
ରାମ ଲୀଳା-ରସେ ନ ତରଳିବା ମାନସ ।
ଅଟଇ ଅତି କଠୋର କୁଳିଶ ସଦୃଶ । ୮୬୪ ।
ମାଧବ-ଭକ୍ତି-ହୀନ ହୋଇଥିବା ମାନବ ।
ନିଶ୍ଚୟରେ ଗତାଗତ କରୁଥିବା ଶବ । ୮୬୫ ।
ଜଗତର ହିତ ପାଇଁ ପଚାରିଲ ଯାହା ।
ମନ ଦେଇ ଶୁଣ ଏବେ କହଇ ମୁଁ ତାହା । ୮୬୬ ।
ବିବୁଧାଳି ପାଳିତ କାମଧେନୁ ପରାୟେ ।
ବିବୁଧାରାଧ୍ୟ ରାମକଥା ବାଞ୍ଛା ପୂରାଏ । ୮୬୭ ।
ନିଶ୍ଚେ ଉଡ଼ାଇବାକୁ ସନ୍ଦେହ-ବିହଙ୍ଗାଳି ।
ସୁନ୍ଦର ରାମ-ଚରିତ ଅଟେ କରତାଳି । ୮୬୮ ।
ସେ ପୁଣି କଳି-କଳୁଷ-ପାଦପ କୁଠାର ।
ତାପତ୍ରୟ-ତୂଳପୁଞ୍ଜ ପ୍ରଚଣ୍ଡ ସମୀର । ୮୬୯ ।
ରାମ ଯେମନ୍ତ ତାହାର ଚରିତ ତେମନ୍ତ ।
ଅଗାଧ ଅବୋଧ ଶୁଦ୍ଧ ଅନାଦି ଅନନ୍ତ । ୮୭୦ ।
ତେବେ ହେଁ ତୁମ୍ଭ ପାଇଁ କରଇ ତା କଥନ ।
ଯେତେକ ମୋ ବୁଦ୍ଧି କରିପାରିବ ଗ୍ରହଣ । ୮୭୧ ।

ଯେମନ୍ତ ଅନ୍ଧ ଦେଖି ନ ପାରି ସ୍ୱରୂପକୁ ।
ମଳିନ ବୋଲି ନିନ୍ଦା କରଇ ମୁକୁରକୁ । ୮୭୨ ।
ତେମନ୍ତ ମୋହାନ୍ଧ ନ ବୁଝି ରାମ ତତ୍ତ୍ୱକୁ ।
ନିରର୍ଥକ ବୋଲି ତ୍ୟାଗ କରଇ ବେଦକୁ । ୮୭୩ ।
କାମାନ୍ଧଗ୍ରସ୍ତ ଚିତ୍ତକୁ କିପରି ରାମର—
ଅତୀନ୍ଦ୍ରିୟ ନିର୍ମଳ ତତ୍ତ୍ୱ ହେବ ଗୋଚର ? ୮୭୪ ।
ମୋହ-ମଦ୍ୟ ମତ୍ତ ନର ଅହଂଭାବଯୁକ୍ତ ।
ତା ପ୍ରଳାପ ଶ୍ରବଣ କରିବା ଅନୁଚିତ । ୮୭୫ ।
ନିର୍ଗୁଣର ସଗୁଣର ନାହିଁ କିଛି ଭେଦ ।
ଏ ବିଷୟ ସୁସ୍ପଷ୍ଟରେ ଉଦ୍‌ଘୋଷଇ ବେଦ । ୮୭୬ ।
ଅଜ ନିର୍ଗୁଣ ରୂପହୀନ ବ୍ରହ୍ମ, ସ୍ୱଭକ୍ତ ।
ହିତ ପାଇଁ ସ୍ୱରୂପରେ ହୁଏ ଗୁଣଯୁକ୍ତ । ୮୭୭ ।
ହିମଜଳ କରକା ହେବା ପରି ନିର୍ଗୁଣ ।
ବ୍ରହ୍ମ ସଗୁଣ ହୋଇ କରେ ଭ୍ରମୋତ୍ପାଦନ । ୮୭୮ ।
ଭ୍ରମ-ତିମିର-ରବି ଅଟଇ ରାମନାମ ।
ଶ୍ରଦ୍ଧାରେ ତାକୁ ଜପିଲେ ଭ୍ରମ ହୁଏ ବାମ । ୮୭୯ ।
ରାମ ସଚ୍ଚିଦାନନ୍ଦ ସ୍ୱପ୍ରକାଶ ନିରୀହ ।
ତାଠାରେ କେହ୍ନ ଥିବ ଅଜ୍ଞାନ କିବା ମୋହ । ୮୮୦ ।
ଅହଙ୍କାର ଆମୋଦ ଖେଦ ଜ୍ଞାନ ଅଜ୍ଞାନ ।
ଏମାନ ଜୀବର ଗୁଣ ବୋଲି ମନେ ଘେନ । ୮୮୧ ।
ରାମ ବ୍ରହ୍ମ ପୁରାଣ-ପୁରୁଷ ରଘୁନାଥ ।
ସର୍ବମସ୍ତ ସର୍ବେଶ୍ୱର ପରେଶ ମୋ ନାଥ । ୮୮୨ ।
ଯେମନ୍ତ ମେଘ ରୋଧେ ଶିଶୁ ଦେଖି ନ ପାରି ।
ଭାବଇ ଅସ୍ତମିତ ହୋଇଲା କୁମୁଦାରି । ୮୮୩ ।
ତେମନ୍ତ ମୋହବଶେ ଅଜ୍ଞ ଜାଣି ନ ପାରି ।
ସର୍ବେଶ ନାହିଁ ବୋଲଇ ବରୂବ ବଗୁର । ୮୮୪ ।
ନେତ୍ରଗତାଙ୍ଗୁଳିଦ୍ୱାରା ଶଶିଯୁଗ ଦିଶେ ।
ରାମ ରହିଲେ ପ୍ରତୀତ ହୁଏ ମୋହବଶେ । ୮୮୫ ।

ଅକାଶେ ତମୋଧୂମ ଧୂଳି ଥିବା ପରିଯେ ।
ପରଂବ୍ରହ୍ମରେ ତ୍ରିଗୁଣଯୁକ୍ତ ମାୟା ଥାଏ ।୮୮୬।
ବିଷୟ ଇନ୍ଦ୍ରିୟ ତଦ୍ଦେବତା ଜୀବ ଗୃହ ।
ଏକଠାରୁ ଅନ୍ୟ ଅଟେ ଚେତନାରେ ଭିନ୍ନ ।୮୮୭।
ଏ ସବୁଙ୍କର ଜଗତ ପ୍ରକାଶକ ରାମ ।
ସାକେତେଶ ମାୟାଧୀଶ ଜ୍ଞାନ-ଗୁଣ ଧାମ ।୮୮୮।

ଚୈତନ୍ୟତାର ମାୟା ସମ୍ମୋହାଦରେ ଶୋହେ ।
ଶୁକ୍ତିରେ ରୌପ୍ୟ ମରୀଚିକାରେ ଜଳ ପ୍ରାୟେ ।୮୮୯।
ମରୀଚିକାର ସଲିଳ ଶୁକ୍ତିର ରଜତ ।
ତ୍ରିକାଳ ମିଥ୍ୟା ହେଲେହେଁ ସେ ଭ୍ରମ ଅହତ ।୮୯୦।
ମାୟାସଂସାର ଅସତ୍ୟ ହୋଇ ରମାଶ୍ରିତ ।
ହେଲେ ମଧ୍ୟ ଭ୍ରମରୁ ଦୁଃଖକର ସତତ ।୮୯୧।
ସ୍ୱପ୍ନରେ ନିଜ ଶିର ଛେଦିତ ହେଲେ ନର ।
ଜାଗିବା ଯାଏ ଦୁଃଖେ ହୁଏ ତ ଜରଜର ।୮୯୨।

ଯେ କୃପାଳୁ, ଯା ଅଦ୍ୟନ୍ତ ବେଦ ନ ଜାଣଇ ।
ସେ ରାମର କୃପା ବିନା ଭ୍ରମ ନ ତୁଟଇ ।୮୯୩।
ସେ ତ କର୍ଣ୍ଣ ବିନା ଶୁଣେ, ପାଦ ବିନା ଚଳେ ।
ତୁଣ୍ଡ ବିନା ରସ ସ୍ୱାଦେ, ଜିହ୍ୱା ବିନା ବୋଲେ ।୮୯୪।
ନାସା ବିନା ଶୁଙ୍ଘଇ, ତନୁ ବିନା ସ୍ପର୍ଶଇ ।
ନେତ୍ର ବିନା ଦେଖଇ, କର ବିନା କରଇ ।୮୯୫।
ଏପରେ ସବୁ ତାହାର ଅଲୌକିକ କର୍ମ ।
କିଏ ଜାଣି ପାରିବ ତା ମହିମାର ମର୍ମ ।୮୯୬।

ଯେହୁ ବେଦ-ସ୍ତୁତ୍ୟ ମୁନିଧ୍ୟେୟ ଭଗବାନ ।
ଭକ୍ତହିତ ପାଇଁ ହେଲେ ଦଶରଥନାନ ।୮୯୭।
କାଶୀର ମରଣ କାଳେ ଯାହ ନାମ କହି ।
ପ୍ରାଣୀଙ୍କି ସଂସୃତିରୁ ରକ୍ଷା କରଇ ମୁହିଁ ।୮୯୮।
ଯେହୁ ସକଳାନ୍ତର୍ଯ୍ୟାମୀ ରଘୁକୁଳ-ବୀର ।
ସ୍ୱୀୟ ଚରଣଙ୍କର ପୂଜ୍ୟ ଅଟେ ମୋର ।୮୯୯।

ତା ନାମକୁ ବିବଶରେ ଉଚ୍ଚାରିବା ଜନ ।
ବହୁଜନ୍ମାର୍ଜ୍ଜିତ ପାପକୁ କରଇ ଦହନ । ୯୦୦ ।
ସାଦରେ ସ୍ମରିବା ନର ଗୋବିନ୍ଦଙ୍କୁ ପରି ।
ଘୋର-ଭବ-ସାଗରକୁ ଯାଏ ହେଲେ ତରି । ୯୦୧ ।
ରାମ ତ ପରମାତ୍ମା ତାରେ ସନ୍ଦେହ କଲେ ।
ଜ୍ଞାନ ବୈରାଗ୍ୟ ପ୍ରଭୃତି ଗୁଣଗଣ ଚଳେ । ୯୦୨ ।
ଏମନ୍ତ ଭବହର-ଗିର ଭବ ମୁଖରୁଁ—
ଶୁଣି ଭବାନୀ ବିମୁକ୍ତା ହୋଇ ସନ୍ଦେହରୁ । ୯୦୩ ।
ରାମପାଦ-ଭକ୍ତା-ହୋଇ ପ୍ରଣମି ନାଥଙ୍କୁ ।
ପ୍ରକାଶିଲେ ଏହି ପ୍ରେମ ପୂର୍ଣ୍ଣ ବଚନକୁ । ୯୦୪ ।
ସଂଶୟ ଶାରଦାତପ ତାପକୁ ମୋହର ।
ହରିଲ ତୁମ୍ଭ ବଚନ-ସୁଧାକର-କର । ୯୦୫ ।
ରାମ-ରୂପ-ତତ୍ତ୍ୱକୁ ଏବେ ଜାଣି ପାରିଲି ।
ତୁମ୍ଭ ଅପାର କୃପାରୁ ଧନ୍ୟା ମୁଁ ହୋଇଲି । ୯୦୬ ।
ମାତ୍ର ମୁଁ ବାଞ୍ଛିଲି ତାହା କଥା ଶୁଣିବାକୁ ।
ପୂରିଅ ମୋ ବାଞ୍ଛାକୁ କହି ସମଗ୍ରେ ତାକୁ । ୯୦୭ ।
ଏତେ ଶୁଣି ଶଙ୍କର ମଜ୍ଜି ଭକ୍ତି-ରସରେ ।
ଉମା ମୁଖକୁ ଦେଖି କହିଲେ ଏ ରୀତରେ । ୯୦୮ ।

## ଅବତାର କାରଣ

ଯେବେ ଦୁଷ୍ଟେ ପ୍ରବଳ କରନ୍ତି ଧର୍ମହାନି ।
ସାଧୁଜନଙ୍କୁ ବାଧନ୍ତି ହୋଇ ଅଭିମାନୀ । ୯୦୯ ।
ତେବେ ହରି ଅବତରି ଦୁଷ୍ଟଙ୍କୁ ସଂହାରି ।
ପାପକୁ ନାଶି ସୁଜନ କଷ୍ଟକୁ ନିବାରି । ୯୧୦ ।
କରନ୍ତି ଗତ ଧର୍ମକୁ ପୁଣି ସଂସ୍ଥାପନ ।
ଏ ପଦ୍ଧତି ଜଗତରେ ଅଛି ସନାତନ । ୯୧୧ ।
ରାମଚନ୍ଦ୍ରାବତାରର କାରଣ ବହୁତ ।
ଏଥିରୁ ଅପର ଅଛି ବଡ଼ ଅଦ୍ଭୁତ । ୯୧୨ ।

ତହୁଁ ଏକ ଦୁଇ ମୂର୍ତ୍ତି କରିବି ବର୍ଣ୍ଣନ ।
ଧରବରପୁତ୍ରୀ ! ଏବେ ସାବଧାନେ ଶୁଣ । ୯୧୩ ।

ହରିର ଖ୍ୟାତ-ଦ୍ୱାରପାଳ ଜୟ ବିଜୟ ।
ବିପ୍ର ଶାପୁଁ ଜନ୍ମିଲେ ହୋଇ ଦିତି ତନୟ । ୯୧୪ ।

ହେମକଶିପୁ ହେମନେତ୍ର ନାମ ବହିଲେ ।
ପ୍ରତାପେ ପ୍ରଚଣ୍ଡ ହୋଇ ଦେବଙ୍କୁ ବାଧିଲେ । ୯୧୫ ।

ତପସ୍ୱୀମାନଙ୍କୁ ଦେଲେ ନାନାବିଧ କଷ୍ଟ ।
ତାଙ୍କ ଧୃଷ୍ଟତାରୁ ମର୍ତ୍ତ୍ୟେ ଧର୍ମ ହେଲା ନଷ୍ଟ । ୯୧୬ ।

ସ୍ୱମ କୋଡ଼ରୂପେ ହେମନେତ୍ରକୁ ମାରିଲ ।
ନୃହରି ହୋଇ ହେମକଶିପୁକୁ ଚିରିଲ । ୯୧୭ ।

ହେମକଶିପୁ-ସୁତ ପରମ ଭାଗବତ ।
ପ୍ରହ୍ଲାଦ ନାମେ ଖ୍ୟାତ, ପ୍ରସିଦ୍ଧ ତା ଚରିତ । ୯୧୮ ।

ପରେ ସେ ସହୋଦର ଦ୍ୱୟ ଦ୍ୱିତୀୟ ବାର ।
ଜନମିଲେ ପୁଣି ବହି ରାକ୍ଷସ ଶରୀର । ୯୧୯ ।

ରାବଣ କୁମ୍ଭକର୍ଣ୍ଣ ନାମେ ହୋଇ ବିଖ୍ୟାତ ।
ବଳରେ ପ୍ରବଳ ଯୁଦ୍ଧେ ଜିଣି ସୁରବ୍ରାତ । ୯୨୦ ।

ସାଧୁଜନଙ୍କୁ ବହୁତ ବାଧା କରିଲେ ।
ବର୍ଣ୍ଣାଶ୍ରମ ଧର୍ମକୁ ସମୂଳେ ବିନାଶିଲେ । ୧୨୧ ।

ଜନ୍ମତ୍ରୟ ପରେ ମୁକ୍ତ ହେବାକୁ ସେ ବେନି ।
ଶାପାବସାନ ବିପ୍ର କହିଥିଲେ ସେ ଘେନି । ୯୨୨ ।

ହରି-କରେ ହତ ହୋଇଥିଲେ ହେଲେ ତେବେ ।
ମୁକ୍ତିକି ଲଭି ନ ପାରି ସମ୍ଭବିଲେ ଏବେ । ୯୨୩ ।

କୃପାଳୁ ରାମ ବାଞ୍ଛିଲ ପୁଣି ଅବତରି ।
ବିଶ୍ୱ ରକ୍ଷିବାକୁ ସେ ଦୁହିଙ୍କ ହତ କରି । ୯୨୪ ।

ଏ ପଞ୍ଚମାବତାରର ଜନନୀ ଜନକ ।
କୌଶଲ୍ୟା ଦେବୀ ଦଶରଥ ନରନାୟକ । ୯୨୫ ।

ସେ ଦୁହେଁ ପୂର୍ବଜନ୍ମରେ ଅଦିତି କଶ୍ୟପ ।
ଏ ଅବତାରେ ବିତଇ ଗୋଟିଏ କଳପ । ୯୨୬ ।

ଅନ୍ୟ କଳ୍ପେ ଜଳନ୍ଧର ନାମକ ଦାନବ ।
ଜନ୍ମାଇଲା ଦେବଙ୍କ ମନେ ଅତି ସାଧ୍ୱସ । ୧୨୭ ।
ସୁରଗଣ ପ୍ରାର୍ଥିତ ହୋଇ ଶମ୍ଭୁ ତା ସଙ୍ଗେ ।
ଯୁଝି ତାକୁ ଜିଣି ନ ପାରିଲେ ରଣରଙ୍ଗେ । ୧୨୮ ।
ତା ପତ୍ନୀର ସତୀତ୍ୱ-ପ୍ରଭାବୁଁ ସେ ଅସୁର ।
ହୋଇଥିଲା ଅତିବଳ ଅଜର ଅମର । ୧୨୯ ।
ହରି କପଟରେ ସେ ସତୀର ସତୀତ୍ୱକୁ—
ହରି ଅପହରିଲେ ସୁରସମୂହ ଦୁଃଖକୁ । ୧୩୦ ।
ପଛେ ସେ ରମଣୀ ଜାଣି ସମସ୍ତ ମର୍ମକୁ ।
କୋପ ଭରେ ଭରେ ଶାପ ଦେଲା କେଶବଙ୍କୁ । ୧୩୧ ।
ତା ଶାପ ସଫଳ କରିବାକୁ ନିଜେ ହରି ।
ରାମ ହୋଇ ରାବଣ ଜଳନ୍ଧରକୁ ମାରି । ୧୩୨ ।
ବଧ କରି ତାକୁ ଚକ୍ରଧର ପ୍ରସାଦରେ ।
ବାସ ଦେଲା ଆପଣାର ପରମ ପଦରେ । ୧୩୩ ।
ଅପର କଳ୍ପେ ନାରଦ ମୁନି ଶାପ ଦେଲା ।
ତେଣୁ ମର୍ତ୍ତ୍ୟେ ଶ୍ରୀରାମ ସମ୍ଭବିବାକୁ ହେଲା । ୧୩୪ ।
ଶୁଣି ସେ ଅବତାର ନାନାବିଧ କାରଣ ।
କହିଅଛନ୍ତି ବହୁବିଧ ମୁନି କବିଗଣ । ୧୩୫ ।
ଏତେ ଶୁଣି ଗିରିଜା ଏମନ୍ତ ପଚାରିଲା ।
କେଉଁ ଅପରାଧକୁ ମାଧବ ଆଚରିଲା । ୧୩୬ ।
କି ହେତୁରୁ ନାରଦ ମୁନି ଦେଲା ଶାପକୁ ।
ଶୁଣିବାକୁ ମୁଁ ବି ଇଚ୍ଛି ମୁନିର ମୋହକୁ । ୧୩୭ ।

## ନାରଦ ରୂପ

ଗୌରୀର ଏ ପ୍ରଶ୍ନକୁ ଶୁଣି ଶିବ ବୋଇଲେ ।
ହିମଗିରିରେ ଏକ ପୂତ ଗହ୍ୱର ଥିଲା । ୧୩୮ ।
ତାକୁ ଲଗି ଜାହ୍ନବୀ ବହେ ତା ନିକଟେ ।
ତପସ୍ୱି ମୁନିଜନ ପ୍ରଭାବ ପ୍ରକଟେ । ୧୩୯ ।

ସେ ଗୁହାର ରମ୍ୟତାକୁ ଦେଖିଲେ ନାରଦ ।
ତହିଁ ବସି ଧ୍ୟାଇ ହୃଦେ ଚନ୍ଦ୍ର ହରପଦ । ୯୪୦ ।
ଏକାନ୍ତ ସମାଧିରେ ମଗ୍ନ ହୋଇ ରହିଲେ ।
ସେ ସମ୍ବାଦ ଶୁଣି ଶକ୍ର ଚିତ୍ତେ ଚମକିଲେ । ୯୪୧ ।
ଭୟେ ସେ ଅଧୀର ନିଜ ପଦଲାଳସାରୁ ।
ମୁନି ତପ କରେ ବୋଲି ଭ୍ରମେ ଭାବିବାରୁ । ୯୪୨ ।
କାମଲୋଭାସକ୍ତ ଜୀବ ଏହୁ ଜଗତରେ ।
ଲୁଚିଲେ ବାଞ୍ଛି ପର ସମ୍ପତ୍ତିକୁ ଡରେ । ୯୪୩ ।
ଶ୍ୱାନ ଶୁଖିଲା ହାଡ଼ ଖଣ୍ଡେ ଚୋବାଉ ଥାଇ ।
ସିଂହଙ୍କୁ ଦେଖି ଭାବେ ଆସିଛି ବାଣ୍ଟ ପାଇଁ । ୯୪୪ ।
ସେପରି ନିଜ ପୁରୀ ତୁଚ୍ଛ ଭୋଗକୁ ମୌନୀ ।
ବାଞ୍ଛି ବୋଲି ଭାବିଲେ ଇନ୍ଦ୍ର ହୋଇ ଅଜ୍ଞାନୀ । ୯୦୫ ।
ପାଞ୍ଚି ସେ ପଠାଇଲେ ସସୈନ୍ୟ ଦର୍ପକଙ୍କୁ ।
ଭାଙ୍ଗିବାକୁ ସତ୍ୱର ନାରଦର ତପକୁ । ୯୪୬ ।
ସ୍ମର ସେ ଅସ୍ତ୍ରମନ୍ତ୍ର ଯାଇ ମାୟା ରଚିଲେ ।
ଯେସନି ଋତୁରାଜ ବସନ୍ତ ବିରାଜିଲେ । ୯୪୭ ।
ନାନା ଲତା ତରୁଚୟ କୁସୁମ ଭରିତ ।
ଶୁକ-ପିକ-ଭୃଙ୍ଗ-ନାଦେ ମାନସ ମୋହିତ । ୯୪୮ ।
ପ୍ରବହ ମନ୍ଦ ସୁଗନ୍ଧ ଶୀତଳ ପବନ ।
ରତିପତି-ପାବକଙ୍କୁ କଲା ଉଦ୍ଦୀପନ । ୯୪୯ ।
କାମକଳାକୁଶଳା ରମ୍ଭାଦି ଦେବାବଳୀ ।
ସାଜିନୃତ୍ୟ ସୁମଧୁର ଗାନେ ପ୍ରବର୍ତ୍ତିଲେ । ୯୫୦ ।
ଏପରି ସାହା ଦେଖି ହୃଷ୍ଟ ହୋଇ ମଦନ ।
ଚଳିଲେ ବହୁବିଧେ ମୁନି-ବଞ୍ଚନା-ସାଧନ । ୯୫୧ ।
କାମ-ବିକାର ମୁନିଙ୍କୁ ନ ଲେଶିବା ଗୁହିଁ ।
ପାପୀ ମନୋଜ ଡମ୍ଫିଲା ଅତି ଭୀତ ପାଇ । ୯୫୨ ।
କାହ ରେ କେବେ ହେଲେ ହର-ରକ୍ଷିତ ବୀର ।
ପରାଜିତ ହୁଏ ନାହିଁ, ଏ ନୁହେଁ ଅଦ୍ଭୁତ । ୯୫୩ ।

ସସୈନ୍ୟେ ପଞ୍ଚଶର ହୋଇଯାଇ ମଦନ ।
ମୁନିଙ୍କୁ ନମିଲା କହୁ ବିନୟ ବଚନ । ୧୫୪ ।
ରୁଷ୍ଟ କହନ୍ତି ନୋହୁ ସେ ସର୍ବଗୁଣରାଶି ।
ହୃଷ୍ଟ କଲେ ମାରଙ୍କୁ ପ୍ରିୟବାଣୀ ପ୍ରକାଶି । ୧୫୫ ।
କନ୍ଦର୍ପ ନାରଦଙ୍କୁ ପୁଣି ପ୍ରଣାମ କରି ।
ବିଦା ହୋଇ ସେନା ସହ ଗଲା ନିଜପୁରୀ । ୧୫୬ ।

## ନାରଦାଭିମାନ

ତହୁଁ ନାରଦ ସ୍ୱର୍ଗ ଯାଇ ସାର-କୃତ୍ୟଙ୍କୁ ।
ସ୍ୱ-ଘଟନକୁ କହିଲେ ଇନ୍ଦ୍ରାଦି ସୁରଙ୍କୁ । ୧୫୭ ।
ଶୁଣି ଚମତ୍କୃତ ହୋଇ ସେମାନେ ମୁନିଙ୍କୁ ।
ପ୍ରଶଂସି ପ୍ରଣାମ କଲେ ଚିତ୍ତରେ ହସନ୍ତି । ୧୫୮ ।
ସେଠାରୁ ନାରଦ ଶିବ ସମୀପକୁ ଯାଇ ।
କହିଲେ କନ୍ଦର୍ପକୁ ଜିଣି ଥିବା ବଡ଼ାଇ । ୧୫୯ ।
ସେ ବାଣୀ ଶୁଣି ବୋଇଲେ ଶଙ୍କର ଏସନ ।
ନାରଦ ! ମନରେ ଘେନ ମୋ ହିତ ବଚନ । ୧୬୦ ।
କଦାପି ଏ କଥା ନ କହ ହରି ଛାମୁରେ ।
ପ୍ରସଙ୍ଗ ପଡ଼ିଲେ ମଧ୍ୟ ରଖ ଗୋପନରେ । ୧୬୧ ।
ସ୍ତୁତିକି ନ ରୁଚେ ହରି ହୃଦ-ବସତୀ ।
ଭଗବାନଙ୍କ ଇଚ୍ଛା ଅଟେ ତ ବଳବତୀ । ୧୬୨ ।
ଜଗଦୀଶ ଯାହା ବାଞ୍ଛି ତାହା ମାତ୍ର ହୁଏ ।
ତାଙ୍କୁ ଅନାଦରେ କେବେ ନ ପାରେ ଛୁଏ । ୧୬୩ ।
ମୁନି ନ ମାନି ମହାଦେବଙ୍କ ଭାଷଣ ।
ସେକ୍ଷଣି ଚଳିଗଲେ ନିଜ ପିତୃଭୁବନ । ୧୬୪ ।
ତହିଁ ସେ ବୀଣାପାଣି ହୋଇ ହରିଗୁଣୀଙ୍କୁ ।
ଗାନ କରି କରି ଗଲେ କ୍ଷୀର ସାଗରକୁ । ୧୬୫ ।
ସେ କ୍ଷୀରାର୍ଣ୍ଣବର ତ ଅଟଇ ପ୍ରଭୁବାସ—
ଦେବାଦିନାଥଙ୍କର ମନୋହର ନିବାସ । ୧୬୬ ।

ମୁନିଙ୍କି ଦେଖି ସାନନ୍ଦେ ଉଠି ତା ସଙ୍ଗତେ ।
ଏକାସନେ ବସି ହରି ବୋଇଲେ ଏମନ୍ତେ । ୯୬୭ ।
ମୁନିବର ! ତୁମ୍ଭର ଚିରକାଳଦର୍ଶନ ।
କଲା ଅଦ୍ୟ ମୋହର ମୋଦକୁ ବିବର୍ଦ୍ଧନ । ୯୬୮ ।
ତେବେ କଥାବାର୍ତ୍ତାରେ ମୁନି କାମକଥାକୁ ।
କହିଲେ ନ ମାନି ଉମାକାନ୍ତର ମନାକୁ । ୯୬୯ ।
ସ୍ମରର ମାୟା ଅତି ଦାରୁଣୀ ଅଟଇ ତ ।
ତହିଁରେ ଅବା କିଏ ନୋହିବ ବିମୋହିତ । ୯୭୦ ।
କିନ୍ତୁ କଟାକ୍ଷେ ମୃଦୁରେ ବୋଇଲେ ମାଧବ ।
ତୋର ସ୍ମରଣେ ମୋହ କାମ ମଦ ତୁଟିବ । ୯୭୧ ।
ଯାହାର ହୃଦୟଟି ଜ୍ଞାନବୈରାଗ୍ୟ ଶୂନ୍ୟ ।
ତା ମନ ମାତ୍ର ମୋହଲିପ୍ତ ହେ ଜନମାନ୍ୟ । ୯୭୨ ।
ତୋର ପରି ବ୍ରହ୍ମଚର୍ଯ୍ୟବନ୍ତ ବଡ଼ ଟାଣ ।
ତାକୁ ବାଧିପାରିବ କି ସ୍ମର ପୁଷ୍ପବାଣ । ୯୭୩ ।
ଏହି ବାଣୀ ଶୁଣି ମୌନୀ ହୋଇ ଅଭିମାନୀ ।
ବୋଇଲେ ସବୁ ତବ କୃପା ହେ ରମାଜାନି । ୯୭୪ ।
ମାତ୍ର ତା ମନକୁ ଜାଣି କୃପାନିଧି ହରି ।
ଭାବିଲେ ଏହା ହୃଦେ ଗର୍ବ-ତରୁ ଅଙ୍କୁରି । ୯୭୫ ।
ବଢିଅଛି କରିବି ମୁଁ ତାର ଉତ୍ପାଟନ ।
ମୋ ଭକ୍ତ ଅଟଇ ତ ଭକ୍ତହିତସାଧନ । ୯୭୬ ।
ନାରଦର ହିତ ପୁଣି ମୋର କୁତୂହଳ ।
ସାଧିବି ହେବା ଉପାୟ କରିଣ ମଙ୍ଗଳ । ୯୭୭ ।
ପରେ ମୁନି ହରିଙ୍କ ପ୍ରଣମି ଅଭିମାନ—
ସମ୍ପୂର୍ଣ୍ଣ ମାନସରେ ତହୁଁ କଲେ ପ୍ରସ୍ଥାନ । ୯୭୮ ।

## ବିଶ୍ୱମୋହିନୀ-ସ୍ୱୟମ୍ବର

ତେବେ ନିଜ ମାୟାକୁ ବିସ୍ତାରି ଦାମୋଦର ।
ପଥେ କରିଲେ ଏକ ଅଦ୍ଭୁତ ନଗର । ୯୭୯ ।

ତାର ବିସ୍ତାର ଅଟେ ଏକଶତ ଯୋଜନ ।
ବୈକୁଣ୍ଠନଗରଠାରୁ ସେ ଅତି ଶୋଭନ । ୯୮୦ ।
ସେ ପୁରର ନାମ ନବ ରତ୍ନ ଧାମ ସମ ।
ହସ୍ତ ହସ୍ତୀ ସୈନ୍ୟ ଅଗଣିତ ଅନୁପମ । ୯୮୧ ।
ରାଜା ଶୀଳ-ଋଦ୍ଧି-ନୀତି-ରୂପ-ତେଜୋବଳ—
ପୂର୍ଣ୍ଣ, ଭୋଗେ ବିଳାସେ ଶତ ଶକ୍ରଙ୍କ ତୁଲ । ୯୮୨ ।
ବିଶ୍ୱ-ମୋହିନୀ ନାମ୍ନୀ ଅଟଇ ତା ଦୁହିତା ।
ତା ରୂପକୁ ଦେଖି ଲକ୍ଷ୍ମୀ ମଧ୍ୟ ବିମୋହିତା । ୯୮୩ ।
ପୁଣି ସେ ଗୁଣପୂର୍ଣ୍ଣା ତା ସ୍ୱୟମ୍ବର ପାଇଁ ।
ସେ ସ୍ଥାନେ ଉପଗତ ବହୁତ ନରସାଇଁ । ୯୮୪ ।
ମୁନି କୁତୁକେ ସେ ପୁରେ ମିଳି ବୃତ୍ତାନ୍ତକୁ ।
ପ୍ରଜା ମୁଖୁଁ ଶୁଣି ଗଲେ ନୃପ ଶୁଦ୍ଧାନ୍ତକୁ । ୯୮୫ ।
ତାଙ୍କୁ ପୂଜା କରି ରାଜା ଦେଖାଇ କନ୍ୟାକୁ ।
ନିବେଦନ କଲେ ଭଲ ମନ୍ଦ କହିବାକୁ । ୯୮୬ ।
ମୁନି ତା ରୂପ ଦେଖି ଭୁଲି ସ୍ୱ-ବିରାଗକୁ ।
ବହୁକାଳ ନିରେଖି ରହିଲେ ତା ଭୌଲକୁ । ୯୮୭ ।
ପୁଣି ତା ଲକ୍ଷଣେ ଅନ୍ତ-ବିସ୍ମିତ ହୋଇଲେ ।
ମାତ୍ର ନିଜ ମନୋମୋଦ ଲୁଚାଇ ରଖିଲେ । ୯୮୮ ।
ପରେ ଭାବିଲେ ଏହାର ରମଣ ଅମର ।
ସମରବିଜୟୀ ନର ସର୍ବ ଚରାଚର । ୯୮୯ ।
ତା ଲକ୍ଷଣକୁ ନ କହି ପ୍ରଶଂସି କନ୍ୟାକୁ ।
ଲୁଣାଥକୁ ଲୋପି ସେ ଗଲେ ଦେନ ବଦାକୁ । ୯୯୦ ।
ପଥେ ଯାଇଁ ସେ ଚିନ୍ତିଲେ କି ମନ୍ତ୍ର କରିବ ।
ନୃପତି ଦୁହିତାକୁ କେମନ୍ତେ ଲଭିବ ! । ୯୯୧ ।
ଜପେ ତପେ କାଳକ୍ଷେପ ନ କରି ହେବ ।
କନ୍ୟା ଯେତେ ବରିବ କରିବ ସେପରି । ୯୯୨ ।
ସେ ଯେତେ ଦେଖିବା ମାତ୍ରେ ମୋ ଗଳାରେ ହାର ।
ଦେବା ବିଶ୍ୱ ସୌନ୍ଦର୍ଯ୍ୟ ମୋହର ଉପକାର । ୯୯୩ ।

ମାଧବଙ୍କୁ ମାଗିବି ମୁହିଁ ସୁନ୍ଦରକାନ୍ତୁ ।
ମାତ୍ର ବିଳମ୍ବ ହେବ ବୈକୁଣ୍ଠକୁ ଯିବାକୁ । ୯୯୪ ।
ହରି ପରି ମୋ ହିତୈଷୀ ଆଉ କିଏ ନାହିଁ ।
ଏମନ୍ତ ବେଳେ ଅବଶ୍ୟ ସାହା ହେବ ସେହି । ୯୯୫ ।
ଏବେ ଭାବି ସେ ବହୁବିଧେ ସ୍ତବ କରନ୍ତେ ।
କୃପାଳୁ କୌତୁକୀ ପ୍ରଭୁ ପ୍ରତ୍ୟକ୍ଷ ହୁଅନ୍ତେ । ୯୯୬ ।
ମୁନି ଅନ୍ତରେ ସକଳ ବୃତ୍ତାନ୍ତ ଜଣାଇ ।
ବୋଇଲେ ତୋର ରୂପ ଦିଅ ମୋତେ ଗୋସାଇଁ । ୯୯୭ ।
ନୋହିଲେ ସେ କନ୍ୟାକୁ ଲଭି ପାରିବି ନାହିଁ ।
ମୋ-ହିତ ସାଧନ କରେ କର ଶ୍ରୀବତ୍ସାଙ୍କି ! ୯୯୮ ।
ତା ଶୁଣି ଉଚ୍ଚେ ସ୍ୱ-ମାୟା ବଳକୁ ପ୍ରଶଂସି ।
ରମାକାନ୍ତ ଏମନ୍ତ ବୋଇଲେ ମନେ ହସି । ୯୯୯ ।
ନାରଦ ! ତୋ ପରମ ହିତ ହେବ ଯେମନ୍ତ ।
ନିଃସନ୍ଦେହରେ ମୁହିଁ ଆଚରିବି ତେମନ୍ତ । ୧୦୦୦ ।
ଅପଥ୍ୟ ପଦାର୍ଥକୁ ରୋଗୀ ମାଗିଲେ ହେଲେ ।
ବିଜ୍ଞ ବୈଦ୍ୟ ଦିଏ ନାହିଁ କେଉଁଣସି କାଳେ । ୧୦୦୧ ।
ଏତେ କହି ଶ୍ରୀଧର ଅନ୍ତର୍ଦ୍ଧାନ ହୋଇଲେ ।
ମାୟା-ବିମୋହିତ ତ ତପସ୍ୱୀ ହୋଇଥିଲେ । ୧୦୦୨ ।
ହରିବାଣୀ ଗୂଢ଼ାର୍ଥ ତେଣୁ ଜାଣି ନ ପାରି ।
ସ୍ୱୟମ୍ବର ପ୍ରଦେଶକୁ ବେଗେ ଗଲେ ଫେରି । ୧୦୦୩ ।
ସେ ଭାବିଥିଲେ ଶ୍ରୀହରି-ବପୁରୁ ନିଜର ।
ଆକାର ହୋଇଅଛି ଅତ୍ୟନ୍ତ ମନୋହର । ୧୦୦୪ ।
ସେ କାରଣୁ ତାକୁ ଦେଇ ନରପତି-ବାଳା ।
ଆନର କଣ୍ଠେ ଦେବ ନାହିଁ କୁସୁମମାଳା । ୧୦୦୫ ।
ମାତ୍ର ମୁନିର ମଙ୍ଗଳ ନିମିତ୍ତ ଶ୍ରୀହରି ।
ତାକୁ ଅକଥନୀୟ କୁରୂପୀ ଥିଲେ କରି । ୧୦୦୬ ।
ସ୍ୱୟଂ ବରସ୍ଥାନରେ ମଞ୍ଚପୀଠନିକରେ ।
ବସିଥିଲେ ପରିବାର ସହ ଧାଡ଼ିରେ । ୧୦୦୭ ।

କାରଣ ଜାଣି ନ ପାରି ଶଙ୍କି ନାରଦଙ୍କୁ ।
ନମିଲେ ଗଭୀରେ ନତ କରି ମସ୍ତକକୁ । ୧୦୦୮ ।
ତହୁଁ ବିପ୍ରବେଶେ ଦୁଇ ଶିବଗଣେ ଥିଲେ ।
ସେ ମାନ ମୁନି ଚରିତ ଜାଣିଥିଲେ ଭଲେ । ୧୦୦୯ ।
ସେ ଦୁହେଁ ମୁନିର ପୀଠପାର୍ଶ୍ୱ ଦ୍ୱୟେ ବସି ।
ତାଙ୍କୁ ଶୁଣାଇ ଏମନ୍ତ ସମ୍ଭାଷିଲେ ହସି । ୧୦୧୦ ।
ଏ ତ ବିପ୍ରକୁଅଛି କେବଳ ହରି ପରି ।
ହୋଇବ ନିଶ୍ଚୟରେ ବରିବ ସେ ସୁନ୍ଦରୀ । ୧୦୧୧ ।
ଏହା ଶୁଣି ମାୟାମୂଢ଼ ମୁନି ଉଲ୍ଲସିଲା ।
ତାଙ୍କ ବକ୍ରୋକ୍ତି-ଭାବକୁ ବୁଝି ନ ପାରିଲା । ୧୦୧୨ ।
ତେବେ ମାଳା ଧରି ହଂସଗତି ନୃପସୁତା ।
ସଭାମଧ୍ୟେ ପ୍ରବେଶିଲା ହୋଇ ସଖୀଯୁତା । ୧୦୧୩ ।
ସେ ନାରଦର କପିମୁଖକୁ ଭୟଙ୍କର ।
ସ୍ଥୂଳତନୁକୁ ଦେଖି ତହୁଁ ଗଲା ସତ୍ୱର । ୧୦୧୪ ।
ଅନ୍ୟାନ୍ୟ ଭୂ-ଧବଙ୍କୁ ଉପେକ୍ଷି ଯାଇ ଯାଇ ।
ଏକ ନୃପଗଳାରେ ଦେଲା ମାଳା ଲମ୍ବାଇ । ୧୦୧୫ ।
ସେ ରୂପ-ଭୂପେ ହରି ସେଠାକୁ ଆସିଥିଲା ।
କନ୍ୟା ଘେନି ସେ ତତ୍କ୍ଷଣେ ସେଠାରୁ ଚଳିଲା । ୧୦୧୬ ।
ତାହା ଦେଖି ନରେଶବୃନ୍ଦ ହୋଇ ନିରାଶ ।
ପ୍ରତିସ୍ଥାନ କଲେ ତେଜି ଦୀର୍ଘ ନିଃଶ୍ୱାସ । ୧୦୧୭ ।

## ନାରଦ କୋପ

ମୁନି ଅତି ଦୁଃଖିତ ହୋଇ ମୋହମତରେ ।
ଚେଷ୍ଟିଲ ରଙ୍ଗିଧନ ହରଗଣ ପ୍ରତିରେ । ୧୦୧୮ ।
ହେନ ବେଳେ ମନେ ହସି ସ୍ୱମୁଖ ମୁକୁରରେ—
ଦେଖିବାକୁ ମୁନିଙ୍କ କହି ଗଲେ ଦୂରେ । ୧୦୧୯ ।
ନାରଦ ସ୍ୱବଦନକୁ ଦେଖିବ ଜଳରେ ।
ଶୈବଙ୍କୁ ଏମନ୍ତ ଶାପ ଦେଲା କୋପଭରେ । ୧୦୨୦ ।

ତୁମ୍ଭେ ତୁହିଁ କପଟୀ ପାପୀ ଦୁଷ୍ଟ ଦାନବ ।
ମୋତେ ହାସ୍ୟ କଲୁ ଫଳ କର ଅନୁଭବ । ୧୦୨୧ ।
ମୋ ଶାପ ଫଳରୁ ତୁମ୍ଭେ ଲଭିଲେ ଏଣିକି—
ଥଟା ଅଉ କରବ ନାହିଁ ଅନ୍ୟ ମୁନିଙ୍କ । ୧୦୨୨ ।
ଏତେ ବୋଲି ପୁଣି ଜଳେ ଶଙ୍କର ପ୍ରକୃତ ।
ରୂପକୁ ଦେଖିଲେ ହେଲେ, ସେ ନୋହୁ ମୁଦିତ । ୧୦୨୩ ।
କ୍ରୋଧେ ଥରଥର ହୋଇ ବୈକୁଣ୍ଠକୁ ତରେ ।
ଯାଉ ଯାଉ ପାଇଲ ଏପର ସ୍ୱମତରେ । ୧୦୨୪ ।
ହରଙ୍କ ଶାପ ଦେବ କବା ମୁହିଁ ମନବ ।
ଦୁଃସହ ପରାଭବକୁ କପର ସହିବ । ୧୦୨୫ ।
ତେବେ ପଥେ ସ୍ୱିକଜା ନପଜା ସତ୍ୱରେ ।
ଦାନବାର ଦେଖା ଦେଲ ପୃଚ୍ଛିଲ ମଧୁରେ । ୧୦୨୬ ।
ମୁନିବର ! କେଉଁଠାରୁ କରୁଛ ଗମନ ?
କାହିଁକି ତୋ ମୁଖ କଞ୍ଜ ହୋଇଛି ମଳିନ ? । ୧୦୨୭ ।
ସେପର ହରଙ୍କ ଦେଖି, ତାର ବାଣୀ ଶୁଣି ।
ସ୍ନେହରେ ଅଥୟ ହୋଇ ମାୟାଗ୍ରସ୍ତ ମୁନି । ୧୦୨୮ ।
ବୋଇଲ ତୋହର ଈର୍ଷା କପଟ ବହୁତ ।
ତୁହ ଅଟୁ ଅସହନ ଗୁଣ-ସମ୍ଭୂତ । ୧୦୨୯ ।
ସିନ୍ଧୁ-ମନ୍ଥନ କାଳେ ବାଇ କଲ ହରକୁ ।
ପାନ କରାଇଲ ତା ମୁଖେ ହଳାହଳକୁ । ୧୦୩୦ ।
ଦେଇ ସୁରା ଅସୁରଙ୍କୁ, ଗରଳ ହରଙ୍କୁ ।
ଆପେ ଅପହରିଲ ରମାକୁ କୌସ୍ତୁଭକୁ । ୧୦୩୧ ।
ତୁହ ସ୍ୱାର୍ଥୀ କ୍ଷୁଦ୍ରଜ ବଡ଼ କିଏ ତୋଠାରୁ ।
ନ ଥିବାରୁ ସ୍ୱତନ୍ତ୍ର ହୋଇ କରୁ ଯା ପାରୁ । ୧୦୩୨ ।
ଅନ୍ୟ ପ୍ରାଣୀ ତୃହଳ ଷଳଲ ହେଉଥିଲେ ।
ସୋଚନା ନ କରୁ ତୁହ ମୋଦ ପାଉ ଥିଲେ । ୧୦୩୩ ।
ତୋର ସବଳତା ନାହିଁ କାହାଠାରେ ହେବେ ।
କେଉଁ କର୍ମ ମଧ୍ୟ ତୋତେ ବାଧେ ନାହିଁ ଭାଳେ । ୧୦୩୪ ।

ତୁହି ଏବେ ଚଳେ କଲୁ ମୋର ନିବାସକୁ ।
ତା ପ୍ରତିଫଳରୂପେ ଘେନ ମୋ ଏ ଶାପକୁ । ୧୦୩୫ ।
ଯେଉଁ ଦେହ ବହି ମୋତେ କଲୁ ପ୍ରତାରଣ ।
କଲୁ ତୁହି କର ସେହି ଦେହକୁ ଧାରଣ । ୧୦୩୬ ।
ତୁହି ମୋତେ କରିଥିଲୁ ମର୍କଟ ସ୍ୱରୂପ ।
ତେଣୁ ତୋର ଯାହା ହେଉ ମର୍କଟ କଳାପ । ୧୦୩୭ ।
ତୁହି କରିଅଛୁ ମୋର ବହୁତ ଅନିଷ୍ଟ ।
ଯେ କାରଣରୁ ପାଅ ଜାୟା ବିଚ୍ଛେଦ କଷ୍ଟ । ୧୦୩୮ ।
ଯେ ଶାପ ଦିଅ ମୋତେ ଯେଣୁ ଦୈତ୍ୟ-ସୂଦନ ।
ପାଇଁଲ ଏହା ଅଟେ ସୁର-ହିତ ସାଧନ । ୧୦୩୯ ।
ପରେ ସେ ନିଜ ମାୟାକୁ ସଙ୍କୋଚ କରନ୍ତେ ।
ସିନ୍ଧୁସୁତା ରାଜସୁତା ଅଦୃଶ୍ୟ ହୁଅନ୍ତେ । ୧୦୪୦ ।
ନାରଦ ସ୍ତବ୍ଧ ହୋଇ ନମି ହରି ପାଦକୁ ।
ଏମନ୍ତ ବୋଲନ୍ତି ଲଭି ଅତ୍ୟନୁତାପକୁ । ୧୦୪୧ ।
ହେ ପ୍ରଣତାର୍ତ୍ତି ହର ! ମୋରେ କରୁଣା କର ।
ନିରର୍ଥକ ହୋଇ ଯାଉ ମୋର ଶାପ ଗୀର । ୧୦୪୨ ।
ପାପୀ-ପାପ-ହରତାରେ ପାପ ଅଛି ବୋଲି ।
ଲିପିବା ପାପୀର ପାପ-ଭାର ନୁହେ ତୌଲି । ୧୦୪୩ ।
ଅକାରଣେ ତୋତେ ଶାପ ଦେଇ ମୁହିଁ ଦ୍ରୋହୀ ।
ଅଛିଲି ପାତକରୁ କପର ହେବି ତ୍ରାହି ? ୧୦୪୪ ।
ତା ଶୁଣି ବିଷ୍ଣୁ ବୋଲନ୍ତି ତୋ ଶାପ ସାର୍ଥକ—
ହେବ, ଯେଣୁ ସେ ଅଟେ ଦେବହିତସାଧକ । ୧୦୪୫ ।
ତୁହି ବକ୍ତ୍ରରେ ଜପ ଶିବ ନାମ ଶତକୁ ।
ମୋ ନିନ୍ଦନ-ପାତକରୁ ହେବ ମୋଚନକୁ । ୧୦୪୬ ।
ଏ ବ୍ରହ୍ମାଣ୍ଡ ଭିତରେ ଲୋକରେ ବୁଲି ବୁଲି ।
ଦେଖ ନାହିଁ ମୋର ପ୍ରିୟ ସଦାଶିବ ତୁଲି । ୧୦୪୭ ।
ଯାହାରେ କୃପା ନ କରେ ଶିବଭାର ସାଇଁ ।
ସେ ପ୍ରାଣୀ ମୋର ଭକ୍ତିକି ପାଇପାରେ ନାହିଁ । ୧୦୪୮ ।

ଘେନ ମୋ ବର ମୋଦେ ଛଣ୍ଡେ ଭବ ଭ୍ରମଣ ।
ମୋ ମାୟା-ଜାଲରେ ଆଉ ନାହିଁ ତୋ ବନ୍ଧନ । ୧୦୪୯ ।
ଏତେ କହୁ ଭଗବାନ ହେଲେ ଅନ୍ତର୍ଦ୍ଧାନ ।
ମୁନି ସତ୍ୟଲୋକ ଯାଇଁ କଲେ ହରି ଧ୍ୟାନ । ୧୦୫୦ ।
ବାଟରେ ଭେଟିଲେ ସେ ଶିବଗଣଦ୍ୱୟଙ୍କୁ ।
ସେ ଦୁହେଁ ଜଣାଇଲେ ପ୍ରଣମି ନାରଦଙ୍କୁ । ୧୦୫୧ ।
ଅମ୍ଭେ ବିପ୍ର ନୋହୁ ଅଟୁ ହରସହଚର ।
ଅମ୍ଭ ଅପରାଧକୁ କୃପାରେ କ୍ଷମା କର । ୧୦୫୨ ।
ତାଙ୍କୁ କୃପାଳୁ ମୁନି କହିଲେ ଏହିପରି ।
ମାୟାମୋହେ ମୁଁ କରିଛି ଅନିଷ୍ଟ ତୁମ୍ଭର । ୧୦୫୩ ।
ମୋ ଶାପାନୁସାରେ ତୁମ୍ଭେ ଦାନବ ହୋଇବ ।
ମାତ୍ର ଅତି ସମ୍ପଦ ବଳବୀର୍ଯ୍ୟ ପାଇବ । ୧୦୫୪ ।
ବିଶ୍ୱବିଜୟୀ ହୋଇ ବିସ୍ତାରି ପ୍ରଭାବକୁ ।
ଚରଣେ ଲୋଟାଇବ ବୃନ୍ଦାରକ-ବୃନ୍ଦଙ୍କୁ । ୧୦୫୫ ।
ତେବେ ହରି ମନୁଜ ହୋଇ ତୁମ୍ଭଙ୍କୁ ରଣେ ।
ବଧ କରି କୈବଲ୍ୟକୁ ଦେବେ ସକରୁଣେ । ୧୦୫୬ ।
ଏତେ ଶୁଣି ସେ ବେନି ନମି ମୁନିଙ୍କ ପାଇ ।
ଜନ୍ମିଲେ କେତେକାଳ ପରେ ରାକ୍ଷସ ହୋଇ । ୧୦୫୭ ।
ହରି ନର ହେବାକୁ ଏହି ଏକ କାରଣ ।
ଏପରି କଳ୍ପେ କଳ୍ପେ ସମ୍ଭବ ନାରାୟଣ । ୧୦୫୮ ।
ଦୁଷ୍ଟଙ୍କୁ ମାରି ହରି ବସୁନ୍ଧରା-ଭାରକୁ ।
ତୋଷ କରେ ସୁପର୍ବ ସୁଜନ ସମୂହଙ୍କୁ । ୧୦୫୯ ।
ମୋ କଥିତ ଚରିତରୁ ହୁଅଇ ବିଦିତ ।
ନାରଦ ପରି ଜ୍ଞାନୀ ମଧ୍ୟ ମାୟା-ମୋହିତ । ୧୦୬୦ ।
ପୁଣି ଏତ ହରି ଭକ୍ତପ୍ରିୟ ଦୁଃଖହର ।
ଭୋଗୀଙ୍କ ସେବାନୁକୂଳ କରୁଣାସାଗର । ୧୦୬୧ ।
ମାୟାରେ ମୋହିତ ନୋହୁ ସୁରାସୁର-ନର—
କେବେହେଁ ଭଏ ନାହିଁ ? ସର୍ବେ ମାୟା-କିଙ୍କର । ୧୦୬୨ ।

ମାୟା ମୃତ୍ତିକ ବାନ୍ଧିବା ପ୍ରାଣୀର ଅଶ୍ରୟ ।
ଏମନ୍ତ ମହାମାୟା-ନାଥ ଲକ୍ଷ୍ମୀ-ପ୍ରିୟ । ୧୦୬୩ ।

## ଶତରୂପା ମନୁ ତପ

ଅବ ଏବେ କାରଣକୁ କହିବ ଶ୍ରୀରାମ—
ଜନ୍ମିବାକୁ ହୋଇ ରଘୁକୁଳାମ୍ଭୋଧି-ସୋମ । ୧୦୬୪ ।
ଯେ ଛଳ ସଙ୍ଗେ ବନେ ବାଳ ଯେବ ବୁଲିଲେ ।
ଯା ରୂପେ ସତୀରୂପ ଶମ୍ଭୁ ମନ ଭ୍ରମିଲା । ୧୦୬୫ ।
ଅଦ୍ୟାବଧି ଲୁଚେ ଯାହା ମାୟାମୋହଯୁକ୍ତା ।
ସେ ବ୍ରମର କଥା ଶୁଣ ହୁଅ ମାୟାମୁକ୍ତା । ୧୦୬୬ ।
ପୃଥ୍ୱୀର ପ୍ରଥମେଶ ସ୍ୱୟମ୍ଭୂ-ସୁତ ମନୁ ।
ତାରେ ସୃଜିତା ଶତରୂପା ନାମ୍ନୀ ସୁତନୁ । ୧୦୬୭ ।
ତାଙ୍କ ଜନ୍ମିଲେ ହେଲୁଟୁ ମାନବ ମନୁଜ ।
ନାମ୍ୟୁତ ହୋଇଲେ ନରଙ୍କର ସହଜ । ୧୦୬୮ ।
ସେ ଦମ୍ପତି ନରକୁଳର ଧର୍ମପରାୟଣ ।
ମନୁ ସ୍ମୃତି ଅଟଇ ସେ ମନୁର ବଚନ । ୧୦୬୯ ।
ଉତ୍ତାନପାଦ ନୃପ ତାହାଙ୍କ ଜ୍ୟେଷ୍ଠସୁତ ।
ଦ୍ୱିତୀୟ ତନୟ ଅଟେ ବୀର ପ୍ରିୟବ୍ରତ । ୧୦୭୦ ।
ଉତ୍ତାନପାଦ ନୃପ ପୁତ୍ର ଧ୍ରୁବ ନାମକ ।
ଯେ ବାଲ୍ୟରୁ ହେଲେ ଶ୍ରୀହରି-ଭକ୍ତ-ନାୟକ । ୧୦୭୧ ।
ପ୍ରିୟବ୍ରତ ନୃପତିର ଉଦାର ଚରିତ ।
ବେଦ-ପୁରାଣ ସକଳେ ହୋଇଅଛି ବର୍ଣ୍ଣିତ । ୧୦୭୨ ।
ସେ ଦମ୍ପତିଙ୍କ ନନ୍ଦନୀ ଦେବହୂତି ସତୀ ।
କର୍ଦ୍ଦମ ପ୍ରଜାପତିର ପ୍ରାଣ-ପ୍ରିୟବତୀ । ୧୦୭୩ ।
ଯାହାର ଉଦର ଶୁଭ୍ର ମୁକ୍ତା ଫଳ ପର ।
କପିଳ ମୁନିରୂପେ ଅବତରିଲେ ହର । ୧୦୭୪ ।
ସେ ମୁନିଙ୍କ ସାଂଖ୍ୟଶାସ୍ତ୍ର ଦର୍ଶନଗଣ—
ପ୍ରମୁଖ ହୋଇ କରେ ବୁଧ-ଚିତ୍ତ ତୋଷଣ । ୧୦୭୫ ।

ମନୁ ଚିରକାଳ ଧ୍ରୁବ ଧର୍ମମାର୍ଗେ ପାଳି ।
ଭୁଞ୍ଜିଲେ ସକଳ ସୁଖ ଭୋଗ-ଜଞ୍ଜାଳ । ୧୦୭୬ ।
ଏବେ ସେ ମନେ ଭାବିଲେ ନରଚନ୍ଦ୍ର ଜନା ।
ଅପଣାର ଜୀବନ କେବଳ ବ୍ୟର୍ଥ ସିନା । ୧୦୭୭ ।
ସେ କ୍ଷଣି ସେ ବିରାଗୀ ହୋଇ ରାଜ୍ୟ ସୁତଙ୍କୁ ।
ଦେଇ ପତ୍ନୀ ସହ ଗଲେ ନୈମିଷ ବନକୁ । ୧୦୭୮ ।
ସେ ବନ ତ ପବିତ୍ର ସିଦ୍ଧିଦ ସିଦ୍ଧାବାସ ।
ଗୋମତୀ ପ୍ରଭୃତି ପୁଣ୍ୟତୀର୍ଥଙ୍କ ନିବାସ । ୧୦୭୯ ।
ସେଠାରେ ସେ ମିଥୁନ ପ୍ରବେଶେ କଲୁବାସ ।
ପିନ୍ଧି ଗ୍ରହଣ କରି ସମ୍ପୂର୍ଣ୍ଣ ଋଷିବେଶ । ୧୦୮୦ ।
ତପସ୍ବୀଙ୍କ ମେଳେ ହୋଇ ତୀର୍ଥୋଦକ ସ୍ନାତ ।
ସ୍ୱଜନଙ୍କ ବଦନରୁ ଶୁଣି ପୁରାଣ-ବ୍ରାତ । ୧୦୮୧ ।
ବାସୁଦେବ-ମୁଖ୍ୟଚନ୍ଦ୍ର-ପରବଶ ହୋଇଁ ।
ସଚ୍ଚିଦାନନ୍ଦ ରୂପକୁ ମାନସରେ ଧ୍ୟାଇ । ୧୦୮୨ ।
ଦ୍ୱାଦଶାକ୍ଷର ମନ୍ତ୍ରରାଜଙ୍କୁ ଜପନ୍ତେ ।
ନିର୍ଗୁଣ-ବ୍ରହ୍ମ-ଦର୍ଶନେ ମନ ବଳାଇଲେ । ୧୦୮୩ ।
ବେଦ ପ୍ରମାଣ ମାନି ତାଙ୍କ ଦୃଢ଼ ବିଶ୍ୱାସ ।
ଯାହାର ଅଂଶ ମାତ୍ର ବିଧି ବିଷ୍ଣୁ ମହେଶ । ୧୦୮୪ ।
ସେ ଅଜ ନିର୍ବିକାର ହେଲେହେଁ ନିରାକାର ।
ସ୍ୱଭକ୍ତ-ହିତ ନିମିତ୍ତେ ହୁଅଇ ସାକାର । ୧୦୮୫ ।
ବର୍ଷାଶୀତାତପଙ୍କୁ ଚିନ୍ତୁ ନ କରି ମନେ ।
ନେଲେ କେତେକାଳ ଫଳ-ମୂଳ-ଶାକାଶନେ । ୧୦୮୬ ।
ପରେ ଜଳପାନେ ଛ ହଜାର ବତ୍ସର ।
ପବନାହାରେ ସାତ ହଜାର ସମ୍ବତ୍ସର । ୧୦୮୭ ।
ପୂରିଲ ନିରାହାର ବ୍ରତେ ଅଯୁତେ ସମ ।
ଏକପାଦେ ଛିଡ଼ା ହେଲେ ସେ ଦମ୍ପତି ଉତ୍ତମ । ୧୦୮୮
ତାଙ୍କ ଘୋରତପ ଦେଖି ବିଧି ବିଷ୍ଣୁ ହର ।
ତାହାଙ୍କ ସମୀପକୁ ଯାଇ ବହୁତ ଥର । ୧୦୮୯ ।

ଲୋକ ଦେଖାଇ ବରପ୍ରଦରକୁ ଯାଚିଲେ ।
ମାତ୍ର ତାଙ୍କ ଇଷ୍ଟମୂର୍ତ୍ତି ଟାଳି ନ ପାରିଲେ । ୧୦୯୦ ।
ସେ ସ୍ତୁତି ହେଲେ ମଧ୍ୟ ଅସ୍ଥିମାତ୍ର ଶରୀର ।
ପୀଡ଼ା-ରହିତ ଇଷ୍ଟଙ୍କ ମାନସ ତାଙ୍କର । ୧୦୯୧ ।
ସନ୍ତୋଷ ପ୍ରଭୁ ଜାଣି ତାଙ୍କ ଗାଢ଼ ଭକ୍ତିକି ।
"ବର ମାଗ, ବର ମାଗ" ବୋଲିବା ଉକ୍ତିକି । ୧୦୯୨ ।
କୃପାମୃତ ପୂର୍ଣ୍ଣ ତବ ଅତ୍ୟନ୍ତ ଗମ୍ଭୀରେ ।
ଅତଃପରେ ଶୁଭରସ ସ୍ତୁତିଗତ ପ୍ରକାରେ । ୧୦୯୩ ।
ସେ ବାଣୀ-ସୁଧାକୁ କର୍ଣ୍ଣ ସୁଖେ ପାନ କରି ।
ସେ ହୃଦେ ହୃଷ୍ଟପୁଷ୍ଟ ହୋଇଲେ ପୁରୁ ପରି । ୧୦୯୪ ।
ପ୍ରଦ୍ୟୁମ୍ନ-ନନ୍ଦନ ପୁଲକିତ ଶରୀରରେ ।
ସାଷ୍ଟାଙ୍ଗେ ପ୍ରଣମି ଜଣାଇଲା ଏ ସ୍ତୁତିରେ । ୧୦୯୫ ।
ଦାସବତ୍ସଳ ପ୍ରଣତ-ପାଳ ଜଗଦୀଶ ।
ସକଳସୁଖପ୍ରଦ ନତ ବାଞ୍ଛା ଦରଶ । ୧୦୯୬ ।
ତୋର ଦେଖଂ ରୂପ ଶିବ ଚାରୁ ଚିତ୍ରପଟ ।
ଯେ ଲକ୍ଷ୍ମୀଶ୍ରୀର ମାନସ ମାନସ-ବରଟ । ୧୦୯୭ ।
ଯାହା ପ୍ରାପ୍ତିକି ସାଧନରେ ଶ୍ରଦ୍ଧାକୁ କହେ ।
ଯାକୁ ନିର୍ଗୁଣ ସଗୁଣ ବୋଲି ବେଦ କହେ । । ୧୦୯୮ ।
ସେ ରୂପକୁ ଅମ୍ଭ ନେତ୍ର ପ୍ରତ୍ୟକ୍ଷ ଦେଖାଇ ।
କୃପାରେ ଅମ୍ଭଙ୍କୁ ଶାନ୍ତ କର ସର୍ବଶାନ୍ତା । ୧୦୯୯ ।
ଏତେ ଶୁଣି ସନ୍ତୁଷ୍ଟ ହୋଇ ନନ୍ଦର କାନ୍ତ ।
କୃପା-ପାରାବାର ସମ୍ମୁଖ ହେଲେ ବ୍ୟକ୍ତ । ୧୧୦୦ ।
କାନ୍ତି ଭକ୍ତ-ଚାଳାମୃତ ଜଳ ଜଳାବୃତ ।
ଅତୀବ ଲଳିତ ଚୋଟ ଚୋଟ ମୀନଧ୍ୱଜ । ୧୧୦୧ ।
ଶାରଦ ପୂର୍ଣ୍ଣଚନ୍ଦ୍ର-ମୁଖ ଅରବିନ୍ଦ ଶ୍ରୀର ।
ଭକ୍ତ-ପ୍ରବାଳାଧର ସ୍ଫୁରତ-ଦନ୍ତକାନ୍ତି । ୧୧୦୨ ।
ସୁବୃତ୍ତଳ ଲଳ-ଉତ୍ପଳ-ଲୋଚନ ।
ଜନ ସ୍ତବନ ଜବ ଉତ୍ସବ ନୟନ । ୧୧୦୩ ।

ଚନ୍ଦ୍ରିକା ସମ ମନ୍ଦହାସ ଗ୍ରୀବ ଶଙ୍ଖ ।
କମ୍ବୁ କଣ୍ଠ ସୁବିଶାଳ ହୃଦୟଫଳକ । ୧୧୦୪ ।
ଶ୍ରୀବତ୍ସ କୌସ୍ତୁଭମଣି ବନମାଳାଧର ।
ମନୋହରକରନ୍ୟସ୍ତବରଚାପଶର । ୧୧୦୫ ।
ରତ୍ନ କିରୀଟ କୁଣ୍ଡଳ କେୟୂର ଯୁକ୍ତ ।
ବଦ୍ଧାଙ୍ଗୁଳୀଷ୍ଟଙ୍କ ପୀତ-ଚେଲ ଶୋଭିତ । ୧୧୦୬ ।
ଆଜାନୁଲମ୍ବିତ ବାହୁ ଜିତ କଞ୍ଜ କର ।
ଯମୁନାତରଙ୍ଗ ଭ୍ରମ ସମ ନାଭିବର । ୧୧୦୭ ।
ମଧ୍ୟ ଜିତ-ହରି ବଳିତ୍ରୟଯୁତୋଦର ।
ପାଦ ଭୂଷଣାବ୍ଜ ତୃଷ୍ଣ ମୁନି-ଚିତ୍ତ-ଭ୍ରମର । ୧୧୦୮ ।
ତା ବାମେ ସ୍ଥିତା ଆଦ୍ୟଶକ୍ତି ତ୍ରିଗୁଣ-ଗଣା ।
ବିଶ୍ୱସୃଷ୍ଟିକାରିଣୀ ସର୍ବ ଯଜ୍ଞ ଜନନୀ । ୧୧୦୯ ।
ଏମନ୍ତ ଅତ୍ୟଦ୍ଭୁତ ସୀତା-ରାମ-ରୂପ ।
ଦେଖି ଆଶ୍ଚର୍ଯ୍ୟେ ନରେଶ୍ୱର ହୋଇ ହର୍ଷୀ-ଭୂପ । ୧୧୧୦ ।
କେତେକ୍ଷଣ ପରେ ଚେତ ପ୍ରାପ୍ତ ବେନାପାଦ ।
ହର୍ଷେ ସାଷ୍ଟାଙ୍ଗେ ନମିଲେ ଲଭି ଅତି ମୋଦ । ୧୧୧୧ ।
ତାଙ୍କୁ ସ୍ତବର କଲେ ତୋଷି କୃପାସାଗର ।
ବୋଇଲେ ମୁଁ ପ୍ରସନ୍ନ ମାଗ ବାଞ୍ଛିତ ବର । ୧୧୧୨ ।
ତାହା ଶୁଣି ମନୁ ହାତ ଯୋଡ଼ି ଧୈର୍ଯ୍ୟ ଧରି ।
ବିନୟରେ ଧୀରେ ଜଣା କଲେ ଏହିପରି । ୧୧୧୩ ।
ହେ ନାଥ ! ତୋର ଚରଣ-ସାରସ ଦର୍ଶନେ ।
ମୋର ମନୋରଥ ପୂର୍ଣ୍ଣ ହୋଇଲା ଯତନେ । ୧୧୧୪ ।
ତଥାପି ଅଛି ଏକ ଲଜ୍ଜା ମନ ଅଛି ।
ଜଣାଇବାକୁ ମୋ ମନ କୁଣ୍ଠିତ ହେଉଛି । ୧୧୧୫ ।
ନିର୍ଦ୍ଧନ ଜନ ପାଇ କଳ୍ପତରୁମୂଳକୁ ।
ତା ମହିମା ନ ଜାଣି ମାଗେ ଅଳ୍ପ ଧନକୁ । ୧୧୧୬ ।
ତୁହି ଦାନୀଶ, ତୋର ଅଦେୟ ନାହିଁ କିଛି ।
ତେବେହେଁ ସନ୍ଦେହ ମୋ ଚିତ୍ତକୁ ବାଧୁଅଛି । ୧୧୧୭ ।

ତୁ ସର୍ବଙ୍କ ହୃଦୟାନ୍ତ ସଂଗୋପିତ ତତ୍ତ୍ୱ ।
ମୁଁ ନ ଜାଣେ ମୋ ସ୍ପୃହା ଯୁକ୍ତ କିବା ଅଯୁକ୍ତ । ୧୧୧୮ ।
ଏମନ୍ତ ସଂଶୟାପନ୍ନ ଭକ୍ତଙ୍କୁ ଅନାଇ ।
ମୃଦୁସ୍ୱରେ ବୋଇଲେ ସୀତାଦେବୀର ସାଇଁ । ୧୧୧୯ ।
ବତ୍ସ ତୁ ସନ୍ଦେହକୁ ବରଜି ମାଗ ବର ।
ପୂର୍ଣ୍ଣ କରିବି ତୋର ବାଞ୍ଛାକୁ ଏ ନିକର । ୧୧୨୦ ।
ପ୍ରଭୁବାଣୀରେ ଧୈର୍ଯ୍ୟ ବହି ବୋଇଲେ ମନୁ ।
ଶୁଣ ଏବେ ପ୍ରକଟଇଁ ମୋ ବାଞ୍ଛାକୁ ମନୁ । ୧୧୨୧ ।
ତୋ ଏ ଦିବ୍ୟରୂପ ଦେଖି ତୋ ପରି ନନ୍ଦନ ।
ଲଭିବାକୁ ଅଭିଳାଷ କରଇ ମୋ ମନ । ୧୧୨୨ ।
ମନୁର ଏ ପ୍ରେମପୂର୍ଣ୍ଣ ବଚନକୁ ଶୁଣି ।
ତାହା ହୃଦକୁ ଜାଣି ପ୍ରଭୁ 'ତଥାସ୍ତୁ' ଭଣି । ୧୧୨୩ ।
ପୁଣି ବୋଇଲେ ଜଗତେ ତୋ ସମ କିଏ ନାହିଁ ।
ଅବଶ୍ୟ ସମ୍ଭବିବି ତୋର ତନୟ ହୋଇ । ୧୧୨୪ ।
ପରେ କରଯୋଡ଼ି ଥିଲେ ରାଣୀକି ଅନାଇ ।
ବୋଇଲେ ବର ମାଗ ସଂଶୟ କର ନାହିଁ । ୧୧୨୫ ।
ତା ଶୁଣି ସେ ଜଣାଇଲେ ମୋ ଚତୁର ପତି ।
ମାଗିଥିବା ବରେ ମୋର ସମ୍ପୂର୍ଣ୍ଣ ସମ୍ମତ । ୧୧୨୬ ।
ମାତ୍ର ତୁ ତ ସର୍ବଜ୍ଞ ବିଭୁ ସ୍ୱପ୍ରକାଶକ ।
ଅବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ପ୍ରପଞ୍ଚ-ଜନକ । ୧୧୨୭ ।
ସନ୍ତତ ଭକ୍ତେ ହେବେ ବଶ ହୋଇ ଚିତ୍ତରେ ।
ସବୁ ଅନ୍ତର ପୂତ ହେବୁ ତେବେଁ ସ୍ନେହରେ । ୧୧୨୮ ।
ଏ ସଂଶୟ ମୋ ମନକୁ ଅତ୍ୟନ୍ତ ବାଧଇ ।
ପୁଣି ମୁଁ ଜାଣେ ତୋ ବାଣୀ ଅନ୍ୟଥା ନୁହଇ । ୧୧୨୯ ।
ତୋ ବର ଦାନାନୁସାରେ ହେବୁ ଅମ୍ଭ ସୁତ ।
ତେଣିକି ମାତେ ମୋ ବାଞ୍ଛା ନୁହେ ସମାପତ । ୧୧୩୦ ।
ତୋ ଭକ୍ତ ନିକର ଯେଉଁ ସୁଖ ଗତି ଜ୍ଞାନ—
ଭକ୍ତି ମୁକ୍ତି, ସେସବୁ ଦିଅ ମୋତେ ପ୍ରଦାନ । ୧୧୩୧ ।

ଏମନ୍ତ ତା ମୃଦୁ ଗୂଢ ସୁତର ବଚନ ।
ଶୁଣି କୃପାରେ ତଥାସ୍ତୁ ଭଣି ନିରଞ୍ଜନ । ୧୧୩୨ ।
ପୁଣି କହିଲେ ଜନନୀ! ମୋ ଅନୁଗ୍ରହରୁ ।
କେବେ ନ ଯିବ ଆତ୍ମଜ୍ଞାନ ତୋର ଚିତ୍ତରୁ । ୧୧୩୩ ।
ମନୁ ପୁଣି ପ୍ରଣମି ଜଣାଇଲେ ଏମନ୍ତ ।
ହେ ଭକ୍ତବତ୍ସଳ କୃପା କର ସୀତାକାନ୍ତ । ୧୧୩୪ ।
ତୋ ପାଦାମ୍ବୁଜଯୁଗଳୁ ପ୍ରତ୍ୟକ୍ଷେ ଦେଖିଲି ।
ତେବେହେଁ ପୁତ୍ରୈଷଣାରୁ ବିମୁକ୍ତ ନୋହିଲି । ୧୧୩୫ ।
ଏ ସମ୍ବାଦ ଶ୍ରବଣ କରିବା ଜନଚୟ ।
ମୋତେ ଅଜ୍ଞାନ ବୋଲି ଭାବିବେ ନିଶ୍ଚୟ । ୧୧୩୬ ।
ମଣି ବିନା ଫଣି-ଫଣା ଜଳ ବିନା ମୀନ ।
ପରାୟେ ତୋହ ବିନା ମୋର ଜୀବନ ହୀନ । ୧୧୩୭ ।
ଏତେ କହି ଜଗଦୀଶ-ପାଦଯୁଗଳକୁ ।
ଧରି ମନୁ ଭୂମିଷ୍ଠ ହେଲେ ଭଜି ମୌନକୁ । ୧୧୩୮ ।
ତେବେ କୃପାଳୁ ପ୍ରଭୁ ବୋଇଲେ ତୋଷି ତାକୁ ।
ଜନକ ! ପୂରିବ ତୋ ବାଞ୍ଛା ବହ ମୁଦକୁ । ୧୧୩୯ ।
ଏବେ ଇନ୍ଦ୍ର ସମ ଭୋଗ ଭୁଞ୍ଜି ସ୍ୱର୍ଗପୁରେ ।
କେତେକାଳ ପରେ ନୃପ ହୁଅ ସାକେତରେ । ୧·୪୦ ।
ତୋ ବାଞ୍ଛାନୁସାରେ ତେବେ ନରାଙ୍ଗ ଧରିବି ।
ତୋ ସୁତ ହୋଇ ଭକ୍ତ-ହିତ-ଲୀଳା କରିବି । ୧୧୪୧ ।
ଯେ ସେ ଲୀଳାକୁ ଭକ୍ତିରେ ଶ୍ରବଣ କରିବ ।
ସେ ମୋହରୁ ମୁକ୍ତି ପାଇ ସଂସାରୁ ତରିବ । ୧୧୪୨ ।
ଏ ଆଦିଶକ୍ତି ଜଗଜ୍ଜନନୀ ମାୟା ମୋର ।
ଏ ମଧ୍ୟ ଧରଣୀରେ ଲଭିବ ଅବତାର । ୧୧୪୩ ।
ଏହା ସତ୍ୟ ସତ୍ୟ ସତ୍ୟ ବୋଲି ଭଗବାନ ।
ଆଦିଶକ୍ତି ସହିତରେ ହେଲେ ଅନ୍ତର୍ଦ୍ଧାନ । ୧୧୪୪ ।
ସେ ଦମ୍ପତି ହର୍ଷଚିତ୍ତ ହୋଇ ସେହୁ ସ୍ଥଳେ ।
କେତେକାଳ ରହି ତନୁ ତେଜି ସ୍ୱର୍ଗ ଗଲେ । ୧୧୪୫ ।

## ପ୍ରତାପଭାନୁ-ଚରିତ

ଏବେ ଶୁଣ ଆନ କଥା କେକୟ ନାମକ ।
ଦେଶ ତ ବିଖ୍ୟାତ ସତ୍ୟକେତୁ ତା ନାୟକ । ୧୧୪୬ ।
ଯେହୁ ଧର୍ମଧୁରନ୍ଧର ସୁନୀତି ନିଧାନ ।
ତାଙ୍କ ପ୍ରତାପ ସମ୍ପନ୍ନ ଅତି ବଳବାନ । ୧୧୪୭ ।
ତାର ବେନିପୁତ୍ର ମାତ୍ର, ସେ ଦୁହେଁ ଜନକ—
ସଦ୍ଗୁଣ ସକଳ ପୂର୍ଣ୍ଣ ଗୁଣ ସମ୍ପୃକ୍ତ । ୧୧୪୮ ।
ଜ୍ୟେଷ୍ଠ ତନୟଙ୍କୁ ରାଜ୍ୟ ସମର୍ପଣ କରି ।
ସେ ନୃପତି ବାନପ୍ରସ୍ଥ ହେଲେ ହରି ସ୍ମରି । ୧୧୪୯ ।
ପ୍ରଥମକ ପ୍ରତାପଭାନୁ ହେଲେ ରାଜନ ।
ବଳରାଶି ଦ୍ୱିତୀୟ ସୁତ ଅରିମର୍ଦ୍ଦନ । ୧୧୫୦ ।
ଅତିବ ସୌହାର୍ଦ୍ଦ ଭାଇବେନିଙ୍କ ମଧ୍ୟରେ ।
ପ୍ରତାପଭାନୁ ପ୍ରଜାଙ୍କୁ ପାଳନ୍ତି ଧର୍ମରେ । ୧୧୫୧ ।
ତାର ମନ୍ତ୍ରୀ ପ୍ରଜ୍ଞାବନ୍ତ ଧର୍ମରୁଚି ନାମ ।
ଶୁକ୍ର ସମାନ କାର୍ଯ୍ୟଦକ୍ଷ ସଜ୍ଞାନ-ଗ୍ରାମ । ୧୧୫୨ ।
ଅନେକ ପ୍ରଚଣ୍ଡ ବୀରଙ୍କ ବଳ ସେନା ।
ଦର୍ପ କମ୍ପୁ ଶମିଲେ ଚକ୍ଷେ ସେ ଭୂମିଭାଗ । ୧୧୫୩ ।
ସମସ୍ତ ଭୂମଣ୍ଡଳକୁ ଜିଣି, ରାଜାଙ୍କ ଭୃତ୍ୟ—
କର ସ୍ଥାପନ କଲେ ଏକଛତ୍ରାଧିପତ୍ୟ । ୧୧୫୪ ।
ଏପରି ସେ ରାଜଶ୍ରୀ ହୋଇ ନିଜ ନଗରେ ।
ପ୍ରବେଶି ଧର୍ମକାର୍ଯ୍ୟକୁ ସେବନ୍ତି ନମରେ । ୧୧୫୫ ।
ତା ପାଳନେ ଅଧ ତାପଶୂନ୍ୟ ହେଲ ଜଗ ।
ସବେ ନାରୀନରେ ବଡ଼ା ସୁଖୀ ଧର୍ମରତ । ୧୧୫୬ ।
ହରିଭକ୍ତ ଧର୍ମରୁଚି ମନ୍ତ୍ରୀ ନୃପତିକେ ।
ସଦା ଶିକ୍ଷାଦିଅଏ ନୃପେ ନୀତିକେ । ୧୧୫୭ ।
ସେ ଧେନୁ-ବ୍ରାହ୍ମଣ ଗୁରୁ-ସୁର-ପିତୃ-ଭୂପ—
ସଦା ସେବା କରେ ବେଦ ପଢ଼ଥାଏ ଯଥା । ୧୧୫୮ ।

ପୁଣି ବେଦ କଥିତ ସବୁ ଧର୍ମ କରଇ ।
ନିତ ଦାନ ତପ, ବେଦ ପୁରାଣ ଶୁଣଇ । ୧୧୫୯ ।
ନାନାପ୍ରକାର ବାପୀ, ତଡ଼ାଗାରାମ, କୂପ,
ସୁରାଳୟ, ବିପ୍ରସଦ କରାଇଲା ଭୂପ । ୧୧୬୦ ।
ଯେହୁ ବେଦପୁରାଣୋକ୍ତ ପ୍ରତ୍ୟେକ ଯଜ୍ଞକୁ ।
ସହସ୍ରେ ବାର କଲା ବହୁ ଅନୁରାଗକୁ । ୧୧୬୧ ।
ସେ ବିବେକୀ ସବୁ ଧର୍ମ, କର୍ମ ନିଷ୍କାମରେ ।
ଅତଏବ ଶ୍ରୀ ବାସୁଦେବେ ସମର୍ପଣ କରେ । ୧୧୬୨ ।
ଦିନେ ସେ ମୃଗୟା ପାଇଁ ଅରଣ୍ୟେ ଅଇଲା ।
ଗଲା ମୃଗାଙ୍କୁ ସେନା ଉଚ୍ଚ କାନ୍ତାରକୁ । ୧୧୬୩ ।
ସେ ବନେ ଅନେକ ମୃଗ ମାରି ପରେ ସେହୁ ।
ଦେଖିଲେ ଏକ କୋଳକୁ ଯେ ପ୍ରତ୍ୟକ୍ଷ ରାହୁ । ୧୧୬୪ ।
ଚନ୍ଦ୍ରକୁ ଗ୍ରାସି ବମି ବଡ଼ ହେବାରୁ ଗିଳି—
ପାଣ୍ଡୁ ନାହିଁ ବିରଞ୍ଚି ନାହିଁ କୋଧରେ ବଳି ।। ୧୧୬୫ ।
ତାର ବକ୍ରନଖ ଦଂଷ୍ଟ୍ର ଅତ୍ୟନ୍ତ କରାଳ ।
ନୀଳଗିରି-ଶିଖର ପରି ଦେହ ବିଶାଳ । ୧୧୬୬ ।
ତା ଘୋର ଘୁର୍ଘୁରନାଦେ ଅରଣ୍ୟ କମ୍ପିଲା ।
ନୃପ ହସ୍ତିବର ଶଙ୍କି ପଛକୁ ଘୁଞ୍ଚିଲା । ୧୧୬୭ ।
ସତର୍କ ଭୂପ ବାଗ ଖଡ଼୍ଗ ଦୁହେଁ ଧରିଲା ।
ବେଗେ ଲେଉଟରେ ତୋଳରେ ଅଶ୍ୱକୁ ମାରିଲା । ୧ ୬୮ ।
ତାହା ନ ସହୁ ଘୋଟକ ଠେକି ଦୂର ଜାନ ।
ସହୁର ପ୍ରବେଗେ ହୋଇଲା ଧାବମାନ । ୧୧୬୯ ।
ତା ଦେଖି ବରାହ ବାୟୁବେଗରେ ଉଡ଼ିଲା ।
ସଚ୍ଚିତ୍ରରୂପ ଭୂପ ତା ପଛେ ଗୋଡ଼ାଇଲା । ୧୧୭୦ ।
ବାଣଘାତ ଦୂରକୁ ଗଲା ବହୁତ ଦୂର ।
ଧାଇଁ ଧାଇଁ ଯାଇ ଅନ୍ତରେ ସେ କୁଦାର । ୧୧୭୧ ।
ଏକ ଗିରି ଗୁହାରେ ପଶିଲା, ଆଉ ତାକୁ ।
ଦେଖି ନ ପାରି ରାଜା ଲଭି ଅନୁତାପକୁ । ୧୧୭୨ ।

ବାହୁନ୍ତ ଯାତ୍ରୁ-ଭାଜନେ ବାଟବଣା ହୋଇ ।
ହସ୍ତି ସହୁତେ ଅପେ କ୍ଷୁଧାତୃଷାତ ପାଇ । ୧୧୭୩ ।
ପାଣି ପାଇଁ ଝିଲଉଦେ଼ ବୁଲି ବୁଲି ଯେ—
ଅଷ୍ଟମ ଦେଖି ଲଭିଲି ସେ ମୋଦାଭରେଇ । ୧୧୭୪ ।
ପୂର୍ବେ ତାରେ ପରାଜିତ ହୋଇ ଚୈନ୍ୟ ଦେଶ ।
ହରିଭଲ୍ଲ ଏବେଗଜା ଧରି ମୁନିବେଶ । ୧୧୭୫ ।
ପ୍ରତାପଶ୍ଚନ୍ଦ୍ରର ମନ ବାଣ୍ଡି ତର୍କୁ ବାର ।
ଭକ୍ତ୍ୟଭି ସେହିଠାରୁ ଗଲି ଭେକବେଶ । ୧୧୭୬ ।
ତାଙ୍କୁ କପଟ ମୁନି ଚିହ୍ନିଲି ମାତ୍ର ସେହୁ ।
ତାଙ୍କୁ କ ଚିହ୍ନି ନମିଲ୍ଲ ଅଶ୍ବରୁ ଓହ୍ଲାଇ । ୧୧୭୭ ।
କପଟ ମୁନି ଦର୍ଶିତ ଯେ ସ୍ୱେବରେ ।
ମଞ୍ଜଳ ପାନ କରି ସେ ହସ୍ତି ସହିତରେ । ୧୧୭୮ ।
ଶ୍ରମ ହରି ମୁକ୍ତ ହୋଇ ଗଲି ଅଷ୍ଟମରୁ ।
ଏମନ୍ତ ସମୟେ ଦେଖି ଲଭିଲି ଅସ୍ତ୍ରରୁ । ୧୧୭୯ ।
ସେ ମୁନି ଦେଇ ଅଶନ ନୃପଙ୍କୁ ପୃଚ୍ଛିଲ ।
କେ ତୁମ୍ଭେ କିପାଁ ବନେ ବୁଲି ହୋଇ ଏକେଲ । ୧୧୮୦ ।
ନୃପ କହିଲି ପ୍ରତାପଚନ୍ଦ୍ର ନୃପତିର ।
ମନ୍ତ୍ରୀ ଅଟେ ମୂର୍ଖ, ହୋଇ ଅଟେଟେ ଚତୁର । ୧୧୮୧ ।
ବନେ ବୁଲି ବୁଲି ବାଟବଣା ହୋଇଲି ।
ମୋ ଭାଗ୍ୟରୁ ତୁମ୍ଭପାଦ ଦର୍ଶନ ଲଭିଲି । ୧୧୮୨ ।
ମୁନି କୋଇଲ ଏବେ ଅସ୍ତ୍ର ହେଲା ତପନ ।
ଏଠାରୁ ତୁମ୍ଭ ନଗର ସକଳ ଯୋଜନ । ୧୧୮୩ ।
ବୃଥା ତ ଅନ୍ଧାର, ବଣ ପଥ, ବାଟ ନୂଆ ।
ଏଣୁ ଏଠାରେ ଯାଅ ରହିଲେ ଭୂଆ । ୧୧୮୪ ।
ମୋ ଅଳପ ଅରଣ୍ୟ ତୋଟେ କର ଗ୍ରହଣ ।
ଏ ରାତ୍ରି ଏ ଅଷ୍ଟମେ ସୁଖେ କର ଶୟନ । ୧୧୮୫ ।
ଏତେ ଶୁଣି ପ୍ରୀତ ହୋଇ ସେ ଯେ ଉତ୍ତରରେ ।
ଦେବାଙ୍କୁ ଭାଷ ଅତି ବିବିଧ ଯତନରେ । ୧୧୮୬ ।

ସ୍ୱବୃତ୍ତାନୁସାରେ ଜନ ଲଭନ୍ତି ଯାହାକୁ ।
ଏ ତାଠାରୁ ନ ଗଲେହେଁ ସେ ଜାଏ ଏହାକୁ । ୧୧୮୭ ।
ମୁନି ତ କପଟୀ ବେଶ ଧରିସ୍ଥ ନୃପତ ।
ଗୃହୁଥିଲେ ସ୍ୱକାମ ପୂର୍ଣ୍ଣେ କଲାଭଲ୍ଲ ମତ । ୧୧୮୮ ।
ସ୍ୱୀୟ ନାଶ ନତ, ଦେଖି ଶତ୍ରୁର ଜଳନ୍ତ ।
ତାର ହୃଦସ୍ଥ ଦ୍ୱିଧା ଯବ ଜଳାଗ୍ନି ଅନ୍ତ । ୧୧୮୯ ।
ବଳେ ନୋହିଲେ ଛଳେ ବୈରିର ପରିଶୋଧ
କରିବାକୁ ସମ୍ଭବଇ ତା ଶାସ୍ତ୍ରରେ ସାଧ । ୧୧୯୦ ।
ନୃପ ନମ୍ରେ ପଚାରଇ ଅହେ ତପଃଶାଳୀ !
ତୁମ୍ଭ ସୁନାମେ ପବିତ୍ର କେଉଁ ଅଞ୍ଚଳୀ ? । ୧୧୯୧ ।
ସେ ବୋଲଇ ସାର୍ଥ ଅଟେ ମୋ ଭିକାରି ନାମ ।
ଯେ ହେତୁ ନାହିଁ ମୋର ଧନ କିବା ଧାମ । ୧୧୯୨ ।
ରାଜା ଜଣାଇଲେ ତୁମ୍ଭେ ସନ୍ଥାରମାନ ।
ଅସାଧାରଣ ହରଭକ୍ତିପୂର୍ଣ୍ଣ ପାତ୍ରଜନ । ୧୧୯୩ ।
ତୁମ୍ଭ ପର ଧନ ଧାମ ହୀନ ହେବା ଲାଗି ।
ଶମ୍ଭୁ ତୁମ୍ଭଙ୍କୁ ସଦା ଅଟନ୍ତି ଅନୁରାଗୀ । ୧୧୯୪ ।
ପୁଣି ତୁମ୍ଭ ପର ଯୋଗୀ କୁତ୍ସିତ ବେଶରେ ।
ଜନତାକୁ ଭ୍ରମାଇ ଅଘ୍ରଗୋପନ କରେ । ୧୧୯୫ ।
ପୂର୍ବ ଭାଗ୍ୟରୁ ତୁମ୍ଭ ପାଦ ଦର୍ଶନ କଲି ।
ମୁନିବର ! ମୁହିଁ ଏବେ କୃତାର୍ଥ ହୋଇଲି । ୧୧୯୬ ।
ଶୁଣି ଏମନ୍ତ ନୃପର ସରଳ ଗିରକୁ ।
ଅଧିକତର ବିଶ୍ୱାସ ଜାତ କରିବାକୁ । ୧୧୯୭ ।
ସେ କପଟୀ ବୋଇଲା ବହୁକାଳରୁ ମୁହିଁ ।
ଏକାକୀ ହୋଇ ଏଠାରେ ବାସ କରଇ । ୧୧୯୮ ।
ତପୋବନ ଯାବକ ଅଟଇ ମାନ୍ୟତା ।
ଏଣୁ ଯୋଗୀ ତହିଁରେ ଦେଖାଏ ନିର୍ଲିପ୍ତତା । ୧୧୯୯ ।
ଜନସଙ୍ଗ ପରିହରି ଶିବଭକ୍ତ ରଙ୍କେ ।
କାଳ କାଟୁଅଛି ମୁହିଁ ଜପାଗ୍ନେ ମଜ୍ଜି ! ୧୨୦୦ ।

ତୁମ୍ଭେ ସାଧ୍ୱୀ ବଙ୍କ ପୂର୍ଣ୍ଣ ମୋରେ ସ୍ନେହଯୁକ୍ତ ।
ଏଣୁ ତୁମ୍ଭଠାରେ ହୋଇ ଅଳପ ଅସକ୍ତ । ୧୨୦୧ ।
ତଣ୍ଡ୍ରେବ ସଦାଳାପ କରିବାକୁ ଭାବଇଁ ।
ମାତ୍ର ତୁମ୍ଭଠାରେ କେ ଦୋଷକୁ ଦେଖଇଁ । ୧୨୦୨ ।
ତୁମ୍ଭ ପର ସୁଜନ ବଦାନ୍ୟ ଛନ୍ଦ ଗିର ।
ଲଭିଲବା ଅନୁଚିତ ଅଟେ ନୃପବର । ୧୨୦୩ ।
ତପୋନୃମାନ୍ତୁ ଅଛି ମୋର ଦିବ୍ୟ ଦୃଷ୍ଟି ।
ତପୋବଳ-ବଶୀ ଅଟେ ଏ ସମସ୍ତ ସୃଷ୍ଟି । ୧୨୦୪ ।
ତୁମ୍ଭେ ପ୍ରତାପସୂନୁ ଅଟ ସତ୍ୟବେତ୍ତାଜ ।
ଅରିନୃପଗଣ-କଞ୍ଜ-ବନମତ୍ତଗଜ । ୧୨୦୫ ।
ଏତେ ଶୁଣି ନୃପ ଅତି ଚକିତ ହୋଇଲେ
ସେ ଦେବୀକୁ ପ୍ରଣମି କ୍ଷମା ପ୍ରାର୍ଥନା କଲେ । ୧୨୦୬ ।
କେଉର ବାପୁ ସୁନ୍ଦର, ମତ ଶୁଭ ପ୍ରିୟ ।
ମାତ୍ର ସେ ସ୍ଥାୟ କରିଲ ବିଷଧରଚୟ । ୧୨୦୭ ।
ଜଳର ଘଉଲତା ଏତେ ପରିଚୟ ।
ଦେବନ୍ତୁ ବଚନକୁ ମିଳେ ନାହିଁ ନିଶ୍ଚୟ । ୧୨୦୮ ।
ଲଭ ମାନ୍ୟା-ପାଦ-ତଳେ ନୃପଟେଳି ଗୃହିଁ ।
ଶଠ ମୁନି ମାନସରେ ପରତୁଷ୍ଟ ହୋଇ । ୧୨୦୯ ।
ରାଜାକୁ ଅଶ୍ୱାସି ଧୀରେ ବୋଇଲେ ଏମନ୍ତ ।
ହେ ନୃପ ! ତୁମ୍ଭ ବୃତ୍ତୀ ନୁହେ ଅତି ଲଦତ । ୧୨୧୦ ।
ସବଲେ ପ୍ରବେଶ ଦେଲେ ସବୁଠାରେ ।
ଅଣ୍ଟିବ ସମ୍ଭବ ପରେ ବୋଲୁଥାନ୍ତି ଧୀରେ । ୧୨୧୧ ।
ତୁମ୍ଭେ ନାଜେ ସବଶୂନ୍ୟ ସ୍ତ୍ରବର ବକ୍ତ ।
ଏଣୁ ତୁମ୍ଭଠାରେ ମୋ ମାନସ ଅନୁରକ୍ତ । ୧୨୧୨ ।
ଏତେ ବୋଲି ସେ କହୁ କେତେକ ଧର୍ମ କର୍ମ ।
ପୂର୍ବ ଦେହ ବୈରାଗୀ ବୃନ୍ଦୁସନ ମର୍ମ । ୧୨୧୩ ।
କହିଲେ, ହେ ନୃପାଳ ! ଏବେ ଚଳ ଚାଗ ।
ଯାହା ତୁମ୍ଭର ବାଞ୍ଛା କହ ମୋତେ ମାଗ । ୧୨୧୪ ।

ତା ଶୁଣି ସେ କର ଯୋଡ଼ି ବୋଇଲେ ମୁହୂରେ ।
ଚତୁର୍ବର୍ଗ ପ୍ରାପ୍ତ ହେଲି ତୁମ୍ଭ ଦର୍ଶନରେ । ୧୨୧୫ ।
ତେବେ ହେ ସ୍ୱ-ସ୍ୱୀକାରକୁ ପ୍ରତିପାଳ ଏହି—
ଦୁର୍ଲଭ ବର ଦାନ କର ମୋତେ ଗୋସାଇଁ । ୧୨୧୬ ।
ଜରା-ମୃତ୍ୟୁ-ଦୁଃଖ-ଶୂନ୍ୟ ଦେହେ କଳ୍ପ ଶତ ।
ବସୁଧାରେ ସାର୍ବଭୌମ ହୋଇଥିବି ମୁଁ ତ । ୧୨୧୭
ତା ଶୁଣି 'ତଥାସ୍ତୁ' ବୋଲି ସେ କହିଲେ ପୁଣି ।
ମୋ ବର ଅମୋଘ ଅଟେ ଅହେ ନୃପମଣି ! ୧୨୧୮ ।
ମାତ୍ର ଏକା ବ୍ରାହ୍ମଣକୁଳ ବିନା ତୋହର ।
ଚରଣେ ଲୋଟାଇ ସବେ ଶତ୍ରୁବେ ନିକର । ୧୨୧୯ ।
କେବଳ ତପୋବଳେ ବ୍ରାହ୍ମଣ ବଳୀୟାର ।
ଅପ୍ରତିହତ ଅଟେ ପ୍ରସାଦ କ୍ରୋଧ ତାର । ୧୨୨୦ ।
ବିପ୍ର ଜାତିକି ମାତ୍ର ବଶ୍ୟ କରି ପାରିଲେ ।
ସରହିଁ ହରିହର ବଶ୍ୟ ହୋଇବେ ତଳେ । ୧୨୨୧ ।
ବ୍ରାହ୍ମଣଙ୍କୁ ଅତି କିଏ ବଡ଼ ନୁହେ ବୋଲି ।
ସର୍ବଶାସ୍ତ୍ରେ କହେ ମୁଁ ଦୁଇହାତ ଟେକି । ୧୨୨୨ ।
ବ୍ରାହ୍ମଣ କ୍ରୋଧପାତ୍ର ମାତ୍ର ତୁମ୍ଭେ ନୋହିଲେ ।
ବାଞ୍ଛିତ ସମସ୍ତ ଭାଗ୍ୟ ଭୁଞ୍ଜିବ ଅଚଳେ । ୧୨୨୩ ।
ତା ଶୁଣି ନୃପ ବୋଇଲେ ଅହେ ବୁଧ ନୃତ ।
ତପସ୍ୟା ବଳେ ଭବେ ହୁଏ ସବୁ ସାଧିତ । ୧୨୨୪ ।
ହେ ବିପ୍ରବର ! କୃପାରେ ମୋତେ କର ଜାହା ।
ବ୍ରାହ୍ମଣ-ବଶୀକରଣ-ସୂତ୍ରକ ବତାଇ । ୧୨୨୫ ।
ଏହିଁରୁ ଚିତ୍ରଭାବଣ-ବଂଶଜ ନୃପତି—
ସବୁ ଜାଣି ସନ୍ତୁଷ୍ଟ ହୋଇ ସେ କୁମତି । ୧୨୨୬ ।
ବୋଇଲେ ତୁମ୍ଭେ ବାଃବଣା ହୋଇ ଏଠାରୁ ।
ଅଗ୍ନି ମୋତେ ଭେଟିବା ଜନ ନାହିଁ କାହାରୁ । ୧୨୨୭ ।
ଅମ୍ଭ ବେନଙ୍କ ମେଳନ ପ୍ରକଟେ ହେବେ ।
ତବେ ତେବେ ତୁମ୍ଭକୁ ବ୍ରାହ୍ମଣ ଶାପ ଦେବେ । ୧୨୨୮ ।

ନଷ୍ଟପ୍ରାୟରେ ପ୍ରାପ୍ତ ହେବ ତୁମ୍ଭର ଅପାୟ ।
ଏଣୁ ଏ ବିଷୟେ ତୁମ୍ଭେ ସାବଧାନେ ଥାଅ । ୧୨୨୯ ।
ତା ଶୁଣି ବନସ୍ତେ ନୃପ ବୋଇଲେ ଶ୍ରେଷ୍ଠ ଦେବ ।
ମୁହିଁ ଜାଣେ ଗୁରୁ-ଦର୍ପ-କ୍ରୋଧ-ପ୍ରଭାବ । ୧୨୩୦ ।
ଦନ୍ତ ତୋହ ବନ୍ଧୁଲେ ଗୁରୁ ଅଭୟ ଦାତା ।
ଗୁରୁ କୁପିତ ହୋଇଲେ ନାହିଁ କାହିଁ ତ୍ରାତା । ୧୨୩୧ ।
ଅନ୍ୟ ମିଳନ କଥା ତୁମ୍ଭେ ରଖି ପାରିବ ।
ମାତ୍ର ଦର୍ପକ୍ରୋଧରୁ କେହୁ ରକ୍ଷା ପାଇବ । ୧୨୩୨ ।
ଏମନ୍ତ ସନ୍ଦେହ-ନୃପ-ବଚନକୁ ଶୁଣି ।
ଚନ୍ଦ୍ରାନନୟ ତଦ ବୋଇଲା ପାଟରାଣୀ । ୧୨୩୩ ।
ତହିଁକି ଅଛି ଉପାୟ ଗୋଟିଏ ମାତର ।
ମାତ୍ର ତାହା କଲେ ଯିବ ନିୟମ ମୋହର । ୧୨୩୪ ।
ମୁହିଁ ଛଦ୍ମାବୃତରେ ନଗରେ ଭେଟିବୋଲି ।
ତାଙ୍କ ଦେବତାଙ୍କୁ ହେବ ଅହେ ମହୀପାଳ । ୧୨୩୫ ।
ଯୌବନଂରେ ତୁମ୍ଭେ ଯେତେ କଲ ବଶୀକୃତ ।
ନିୟମ ତେଜି ନଷ୍ଟେ କରିବ ତୁମ୍ଭ ହିତ । ୧୨୩୬ ।
ଏତେ ଶୁଣି ନରପତି ଧରି ଆନନ୍ଦକୁ ।
ବନସ୍ତେ ଜଣାଇଲ ବନ୍ଦ ମୁନିପାଦକୁ । ୧୨୩୭ ।
ଧରି ତୁମ୍ଭର ଶିରରେ ଧବଳ ଚରଣକୁ ।
ସାଗର ଅପଣା ପରେ ବହଲ ଯୋନିକୁ । ୧୨୩୮ ।
ଧରଣୀ ତରେ ଜପରେ ଧୂଳିକି ଧାରଣ ।
ଲାଗେ ମହାଜନାଦର ନୂତନ ନୂତନ । ୧୨୩୯ ।
ତାହା ଶୁଣି ସେ ତପସ୍ୱୀ ବୋଇଲା, ଜଗତେ—
ମୋ ଅଗାଧ ହୋଇ କଛୁ ନାହିଁ କଦାଚିତେ । ୧୨୪୦ ।
ଯେ ଗ ମନ୍ତ୍ର ତପ ଯୋ ବଳବୋଧପାୟରେ ।
ଦିବ୍ୟ ହୁଏ ଏଣୁ ସବୁ ବର୍ତ୍ତିବା ଭୂତରେ । ୧୨୪୧ ।
ମୁଁ ତୁମ୍ଭ ଘରେ ରହିବ କରୁଥିବ ଭଜନ ।
ତୁମ୍ଭେ ସ୍ଥିତରେ ଲଭୁଅଅ ପରବେଶଣ । ୧୨୪୨ ।

ସେ ଅନ୍ନ ଭକ୍ଷିବା ଜନ ପୁଣି ତାହା ପରେ ।
ଭକ୍ଷିବା ନର ରହିବ ତୁମ୍ଭ ଅଧୀନରେ । ୧୨୪୩ ।
ନିତ ତୁମ୍ଭ ସଦନରେ ଲକ୍ଷେ ବ୍ରାହ୍ମଣଙ୍କୁ ।
ଭୋଜନ କରାଇବାକୁ କର ସଙ୍କଳ୍ପକୁ । ୧୨୪୦ ।
ଏମନ୍ତ ଅନ୍ନ କ୍ଷମେ ଅଚିର ସମୟରେ ।
ସକଳ ବିପ୍ରେ ରହିବେ ତୁମ୍ଭର ବଶରେ । ୧୨୪୫ ।
ତପ ଜପ ହୋମ ଯଜ୍ଞ ବ୍ରତ ଦେବବ୍ରାତ ।
ଅକ୍ଳେଶରେ ହୋଇବ ତୁମ୍ଭର ବଶୀଭୂତ । ୧୨୪୬ ।
ନିଜରୂପେ ଯିବ ନାହିଁ ତୁମ୍ଭ ନଗରକୁ ।
ତେଣୁ ଧରିବି ତୁମ୍ଭ ପୁରୋହିତ-ରୂପକୁ । ୧୨୪୭ ।
ତାକୁ ମୋ ତପୋବଳେ ହରି ଆଣି ମୋ ସମେ ।
ରଖିବି ଏକ ବର୍ଷ ପର୍ଯ୍ୟନ୍ତ ଏ ଆଶ୍ରମେ । ୧୨୪୮ ।
ଏବେ ଯାଅ ତେଜିବ ହେଲା ସୁଖେ ନିଦ୍ରା କର ।
ଏ ନିଶିରେ ତୁମ୍ଭେ ପୁଣି ତୁମ୍ଭ ହୟବର । ୧୨୪୯ ।
ମୋ ତପୋମହିମାରୁ ନିଜ ପୁରକୁ ଯିବ ।
ତୃତୀୟ ଦିନ ପୁଣି ଆମ୍ଭ ଭେଟ ହୋଇବ । ୧୨୫୦ ।
ପୁରୋଧା ପରି ଥିଲେ ମଧ୍ୟ ହେବି ଉଦ୍ଦିତ ।
ଏକାନ୍ତେ ତୁମ୍ଭଙ୍କୁ କହୁ ଏଠାର ଚରିତ । ୧୨୫୧ ।
ପରେ ତା ଆଜ୍ଞା ମାନି ନୃପ ଶୟନ କଲେ ।
ସେ ଶଠ ରଜନୀ ନିଜର ଆସନେ ବସିଲା । ୧୨୫୨ ।
ଶ୍ରମି ନୃପ ଶୀଘ୍ରେ ନିଦ୍ରାବଶଗ ହୋଇଲେ ।
ଚେତ୍ରାଶ୍ରୁ ଚେତ ନିଜ ନ ଆସିଲ । ୧୨୫୩ ।
ଯେ ଶୂକର ରୂପ ଧରି ଛଳିଲ ନୃପକୁ ।
ଆଣିଥିଲେ ଦିବସରେ ସେହି ଆଶ୍ରମକୁ । ୧୨୫୪ ।
ଯେ କପଟାକର ଯେ ଶଠ ମୁନିର ମିତ ।
ସେ କାଳକେତୁ ଦୈତ୍ୟ ତେବେ ହେଲା ଆଗତ । ୧୨୫୫ ।
ତା ଦଶ ସୋଦରେ ଜିତ ସୁତେ ହୋଇ ଦୃପ୍ତ ।
ଦେବଜନଙ୍କୁ ଦେଉଥିଲେ ଅତି କଷ୍ଟ । ୧୨୫୬ ।

ତାଙ୍କ ପ୍ରତାପବହ୍ନି ସୁଙ୍କେ ତବ ସହାର ।
ଅତଏବ ଅଳ୍ପ ଦଣ୍ଡର ବଡ଼ ଉପକାର । ୧୨୪୭ ।
ଏଠ ମୁନି ଅହ ମିଶି ଯେ ପୂର୍ବ ବୈରକୁ ।
ସାଧିବାକୁ ସେ ଦୈତ୍ୟ ଆସିଲା ଏ ସ୍ଥାନକୁ । ୧୨୪୮ ।
ଲୋକସ୍ତ୍ରୀ ବପୁ ଏକଲା ଦେଲେ ମଧ୍ୟ ସେହୁ ।
ନ୍ୟୂନ ବୋଲି କେବେହେଁ ଭାବିତ ନୁହ ନାହୁଁ । ୧୨୪୯ ।
ଇନ୍ଦ୍ର ମନ୍ତ୍ରତମାଳକେ ହୋଇ ଅବସିନ୍ନ ।
ଅତଏବ ଦେଖୁଛି ତ ବନ୍ଦନ୍ତୁ ଭଣ୍ଟ । ୧୨୫୦ ।
ଯେ ଏଠ ଶାନ୍ତ ମିତ୍ରକୁ ଦେଖି ସୁଖୀ ହୋଇ ।
ଶୁଣ୍ଡେ ସବ ସମଗ୍ରର ବନ୍ଧିଲା ପ୍ରବଳ । ୧୨୫୧ ।
ତା ଶୁଣି ଦୈତ୍ୟ ବୋଇଲା, ମୋ ବକ୍ତ୍ର ସ୍ୱରରେ ।
ନୃପଙ୍କୁ ତୁମ୍ଭେ ବନ୍ଦୀ କଲ ତ କୌଶଳରେ । ୧୨୫୨ ।
ଏବେ ଦୁଃଖକୁ ଏଣ୍ଡୁ ସୁଖେ କର ଶମନ ।
ଧାତା କଲା ଔଷଧ ବିନା ରୋଗ ମୋଚନ । ୧୨୫୩ ।
ଅକୂଳ ଶତ୍ରୁକୁ ନାଶି ଚତୁର୍ଥ ଦିବସେ ।
ଆସିବ ବୋଲି ମିତ୍ରକୁ ମନ୍ତ୍ରୀ ହରଷେ । ୧୨୫୪ ।
ମାତ୍ରାବଳେ ଯେ ନେଲ ବଣୀପାଶେ ନୃପଙ୍କୁ ।
ଶୁଆର ମନ୍ଦିରରେ ବାନ୍ଧି ହସ୍ତିବରଙ୍କୁ । ୧୨୫୫ ।
ହର ରାଜ-ସୁହେଥାର ଛଡ଼-ସ୍ଥିରତାକୁ ।
ଏ ତିନ-ଯୁଦ୍ଧରେ ରଖିଲ ଆଣି ତାଙ୍କୁ । ୧୨୫୬ ।
ପରେ ପୁରେନ୍ଦ୍ରଙ୍କର ରୂପେ ଯାଇ ତାହାର ।
ପଲ୍ଲବରେ ଶୟନ କଲ ଯେ ଦୁରାଚାର । ୧୨୫୭ ।
ହସ୍ତ ଭାଲେ ରାଜା ହୁଡ଼ି ଦେଖି ସ୍ୱପ୍ନଙ୍କୁ ।
ବର୍ତ୍ତିତ ହୋଇ ପଶଂସି ମୁନି ପଦ୍ମବନ୍ଧୁ । ୧୨୫୮ ।
ତାହା ଦୃଷ୍ଟିରେ ନ ପଡ଼ୁ ଯେ ଯୋଦ୍ଧାଙ୍କୁ ଦେଖି ।
ବନ ଯାଇ ସମ୍ମୁଖେ ଆସିଲ ବାହୁଡ଼ି । ୧୨୫୯ ।
ନବପତ୍ର ମୁକ୍ତାଙ୍କୁ ଯୋଗେ ଅତ୍ତ ।
ବୋଲି ସ୍ୱପ୍ନ ଏବେ ଜଣେ ହେବେ ପ୍ରତ୍ୟକ୍ଷ । ୧୨୬୦ ।

ଅଚମ୍ବିତେ ନୃପତି ଗୃହେଁ ପ୍ରବେଶିଲେ ।
ନିଜ ମାନସରେ ସବୁ କର୍ତ୍ତବ୍ୟ ଭାଳିଲେ । ୧୨୭୧ ।
ମୁନିର ଆଗମନକୁ ସେ ପ୍ରତୀକ୍ଷା କରି ।
ଦିନସମୂହ ମଣିଲେ ଯୁଗ ସମ ପରି । ୧୨୭୨ ।
ପରେ ସମସ୍ତ ଜାଣି ସେ ଛଦ୍ମପୁରୋହିତ ।
ରାଜାଙ୍କୁ ଗୁପ୍ତେ କହିଲେ ସକଳ ଚରିତ । ୧୨୭୩ ।
ରାଜା ତାଙ୍କୁ ଗୁରୁ ଭାବି ମାନସ ପ୍ରମାଦେ ।
ନିମନ୍ତ୍ରିଲେ ଲକ୍ଷେ ବିପ୍ର ବଶିଷ୍ଠଙ୍କୁ ମୋଦେ । ୧୨୭୪ ।
ପୁରୋଧା ଚତୁର୍ବିଧ ଖାଦ୍ୟ ନାନାବିଧରେ ।
ରନ୍ଧନ କଲେ ତହିରେ ନିଜ ମାୟାବଳରେ । ୧୨୭୫ ।
ବହୁବିଧ ମୃଗମାଂସ ବ୍ୟଞ୍ଜନ ରାନ୍ଧିଲେ ।
ତହିଁରେ ବ୍ରାହ୍ମଣ-ମାଂସ ସେ ଦୁଷ୍ଟ ସଜିଲେ । ୧୨୭୬ ।
ନୃପ ବିପ୍ରଙ୍କୁ ଆଣି ପଖାଳି ତାଙ୍କ ପାଦ ।
ପୀଠେ ବସାଇ ଅନ୍ନ ବାଢ଼ିଲେ ଲଭି ମୋଦ । ୧୨୭୭ ।
ସେ ସମୟେ ଆକାଶରୁ ଶୁଭିଲା ଏପରି—
ହେ ବ୍ରାହ୍ମଣେ ! ଉଠ ଉଠ ବିଳମ୍ବ ନ କରି । ୧୨୭୮ ।
ଏ ପରମ ବ୍ରାହ୍ମଣର ମାଂସରେ ଦୂଷିତ ।
ଏଣୁ ଏହାକୁ ଛୁଇଁବା ଅଟେ ଅନୁଚିତ । ୧୨୭୯ ।
ତାହା ଶୁଣି ବିପ୍ରବୃନ୍ଦ ଉଠିଲେ ବହନ ।
ଚକ୍ଷୁତେଜ ସର୍ବାବଶେ ଲଭିଲେ ମହନ । ୧୨୮୦ ।
ବ୍ରାହ୍ମଣେ କହିଲେ ବିଚାର ନ କରି ହିତ ।
ଏମନ୍ତ ଶାପ ଦେଲେ ହୋଇ କୁପିତମତି । ୧୨୮୧ ।
ଅରେ ପାମର ନୃପ ! ତୁମ୍ଭ ଦୁଷ୍ଟତ୍ୱ ଏହି ।
ଅଚିରେ ଲଭିବ ଦାନବ-ଦେହ ବହି । ୧୨୮୨ ।
ତୁ ଯେତେ ବଳେ ଆମ୍ଭଙ୍କୁ କଲୁ ଆମନ୍ତ୍ରଣ ।
ଧର୍ମ ନାଶିବାକୁ କଲୁ କୁତ୍ସିତ ଆଚରଣ । ୧୨୮୩ ।
ଭଗବାନ ରକ୍ଷା କଲେ ଧର୍ମକୁ ଆମ୍ଭର ।
ତୁମ୍ଭେମାନେ ଏବେଣି ଫଳ ଭୋଗ କର । ୧୨୮୪ ।

ତୁମ୍ଭମାନଙ୍କ ନାଶ ଏହାର ମଧ୍ୟେ ହେଉ ।
ପାଣି ଦେବାକୁ କେ ତୋ ବଂଶରେ ନ ଥାଉ । ୧୨୮୫ ।
ଏମନ୍ତ ବିପ୍ରଙ୍କର ଶାପବଚନ ଶୁଣି ।
ଦୁଃଖରେ ଅତ୍ୟାକୁଳ ହେଲେ ନୃପମଣି । ୧୨୮୬ ।
ତେବେ ପୁଣି ଶୁଭିଲା ଦୈବୀବାଣୀ ଏପରି ।
ହେ ବ୍ରାହ୍ମଣେ ! ଶାପ ଦେଲ ବିଚାରି ନ କରି । ୧୨୮୭ ।
ନୃପତି କେତେମାତ୍ର ନୁହଇ ଅପରାଧୀ ।
ତାହାରେ ତୁମ୍ଭେମାନେ ବୃଥାରେ ହେଲ କ୍ରୋଧୀ । ୧୨୮୮ ।
ତା ଶୁଣି ବିପ୍ରଚୟ ଲଭିଲେ ବିସ୍ମୟକୁ ।
ପରେ ନୃପତି ଗଲେ ନିଜ ମହାନସକୁ । ୧୨୮୯ ।
ପଚିତ ପଦାର୍ଥ ଜମ୍ବା ପାଚକ ଯେ ସ୍ଥଳେ ।
ଦ ଥିବା ଦେଖିଲେ ସେଥି ବହୁତ ଅଛୁଲେ । ୧୨୯୦ ।
ଦୈବାତ୍ ଆସି ବିପ୍ରଙ୍କୁ ସମସ୍ତ ବୃତ୍ତାନ୍ତ ।
କହୁ ମଧ୍ୟରେ ପଡ଼ିଲେ ହୋଇ ଶୋକାକ୍ରାନ୍ତ । ୧୨୯୧ ।
ବିପ୍ରେ ବୋଇଲେ ହେ ନୃପ ! ତୁମ୍ଭେ ଦୋଷହୀନ ।
ହେଲେହେଁ ବିଧିବିଧାତା ନୋହିବ ଟି ଆନ । ୧୨୯୨ ।
ବ୍ରାହ୍ମଣ ଶାପ ଅଟଇ ଅତ୍ୟନ୍ତ ଦାରୁଣ ।
ଲେଉଟାଇବାକୁ ତାକୁ କେ ନୁହେ ଭାଜନ । ୧୨୯୩ ।
ଏତେ କହି ବିପ୍ରେ ସେ ସ୍ଥାନୁ ପ୍ରସ୍ଥାନ କଲେ ।
ସେ ସମ୍ବାଦକୁ ଶୁଣି ପୁରବାସୀ ସକଳେ । ୧୨୯୪ ।
ଦୁଃଖାକୁଳ ହୋଇ ନିନ୍ଦା କଲେ ସେ ଦୈବକୁ ।
ଯେ ନରଙ୍କୁ ଅବନ୍ତି ଗଢ଼ିଲା ତାକୁ । ୧୨୯୫ ।
ତାଳକେତୁ ପଡୁଥିଲେ ପୁରେ ପ୍ରବୋଧାକୁ ।
ସମସ୍ତ ବୀର କହିଲେ ସ୍ୱଜାତି ସଖାଙ୍କୁ । ୧୨୯୬ ।
ସେ ଦୁଷ୍ଟ ଯେତେ ପବିତ୍ରା ଗଣେ ସବୁ ଜାଣି ।
ଚତୁରଙ୍ଗ ସୈନ୍ୟ ସହ ଆସି ରଣକ୍ଷୋଣୀ । ୧୨୯୭ ।
ନଗରକୁ ବେଢ଼ି ଜଗୁଥିବ ପୁଣି ଭଲ ।
ଶତ୍ରୁ ଏବେ ପ୍ରତାପସେନଙ୍କୁ ନାଶିଲ । ୧୨୯୮ ।

ପରେ ସେ ଚହୁଁ ଏକ ବୀଂଶ୍ରକ ନୃପବର ।
ବାହୁଡ଼ି ଗଲ ସଙ୍ଗେ ଜମ୍ବୁ ଲକ୍ଷ୍ମୀଙ୍କ ଧର । ୧୨୯୯ ।
ଧର୍ମନର ତ୍ର୍ୟମ୍ବକର ଶାପ ମହିମାରେ ।
ରହିଲ ନାହିଁ ସତ୍ୟକେତୁ-ବଂଶ ଧରାରେ । ୧୩୦୦ ।
ବିଧି ବାମ ହୋଇଲେ ଜନକ ହୁଏ ଯମ ।
ରେଣୁ ହୁଏ ଗିରି, ରଜ୍ଜୁ ହୁଏ ଭୁଜଙ୍ଗମ । ୧୩୦୧ ।
ବାନ୍ଧବ ସହିତରେ ପ୍ରତାପଭାନୁ ନୃପ ।
କାଳକ୍ରମେ ଜନ୍ମିଲା ନଐଁ ହୋଇ କୌଣପ । ୧୩୦୨ ।
ଦଶ ମସ୍ତକ ବିଂଶତି ଭୁଜ ଯୁକ୍ତ ଦେହ ।
ରାବଣ ନାମେ ଖ୍ୟାତ ପ୍ରଚଣ୍ଡ ବୀର ହୋଇ । ୧୩୦୩ ।
ତାହା ଅନୁଜ ଅରି ମର୍ଦ୍ଦନ, କୁମ୍ଭକର୍ଣ୍ଣ—
ନାମରେ ବିଖ୍ୟାତ ହେଲା ହୋଇ ବଳପୂର୍ଣ୍ଣ । ୧୩୦୪ ।
ମନ୍ତ୍ରୀ ଧର୍ମରୁଚି ତାଙ୍କ ବିମାତାର ସୁତ ।
ବିଭୀଷଣ ନାମେ ଖ୍ୟାତ ହରିଭକ୍ତି-ରତ । ୧୩୦୫ ।
ନୃପତିର ବଂଶରେ ବନ୍ଧୁମାନେ ତନୁଜେ ।
ଜନ୍ମିଲେ ହୋଇ ଅନ୍ୟାନ୍ୟ ଦୁଷ୍ଟ ଦନୁଜେ । ୧୩୦୬ ।
ସର୍ବେ କାମରୂପୀ ପାପୀ ତ୍ର୍ୟମ୍ବକର ଖଳ ।
ମୂଢ଼ କୃପାହୀନ ହିଂସ୍ର ଅବାଚ୍ୟ କୁଟିଳ । ୧୩୦୭ ।
ଜାତ ହେଲେହେଁ ପୁଲସ୍ତ୍ୟ-ପୁତ୍ର-ଦବ୍ୟକୁଳେ ।
ବିପ୍ର-ଶାପରୁ ସେମାନେ ପାପିଷ୍ଠ ହୋଇଲେ । ୧୩୦୮ ।
ରାବଣ କୁମ୍ଭକର୍ଣ୍ଣ ବିଭୀଷଣ ଜ୍ଞପଣ—
ତପସ୍ୟା କରିବାରୁ ତୁଷ୍ଟ ହୋଇ ଦ୍ରୁହିଣ । ୧୩୦୯ ।
ତାହାଙ୍କ ସମ୍ମୁଖରୁ ପାଇ ଯାଚିଲା ବର ।
ତାହା ଶୁଣି ଏମନ୍ତେ ମାଗିଲା ଦଶଶିର । ୧୩୧୦ ।
ହେ ପିତାମହ ! ନର ବାନରଙ୍କୁ ମୋହର ।
ମାନସରେ କ୍ଳେଶମାତ୍ର ହେଲେ ନାହିଁ ଡର । ୧୩୧୧ ।
ଅମର ସୁରାସୁର ପ୍ରଭୃତିଙ୍କର ହାତେ ।
ମୋ ମୃତ୍ୟୁ ନୋହିବା କଲା କର ଦେଅ ମୋତେ । ୧୩୧୨ ।

‘ତଥାସ୍ତୁ’ ବୋଲି ବିଧି ଦେଖି କୁମ୍ଭକର୍ଣ୍ଣଙ୍କୁ ।
ଶଙ୍କିଲେ ଏ ପେଟୁ ନାଶ କଲେ ଭୋଜନକୁ । ୧୩୧୩ ।
ଏ ବିଶ୍ୱ ନିଃଶେଷ ହେବ ଅଳ୍ପକାଳେ ଯେଣୁ ।
ଏହାର ବର୍ଷକେ ଦିନ ଖାଦ୍ୟ ଯୁକ୍ତ ତେଣୁ । ୧୨୧୪ ।
ଏତେ ପାମ୍ନ ଧାତା ବାଣୀ ଦ୍ୱାରା ତାହା ଶଠି ।
ବଦଳାଇଲେ ସେହି କାରଣରୁ ସେ ମତି । ୧୨୧୫ ।
ସଦା ଶୋଇ ରହି ଛ ମାସରେ ଏକ ଥର ।
ଉଠି ଖାଉଥିବାକୁ ମାଗି ମାଗିଲା ବର । ୧୩୧୬ ।
ବିଭୀଷଣ ବିଧାତାଙ୍କୁ ଚିତ୍ତରେ ନମିଲା ।
ହରିଚରଣୈକାନ୍ତଭକ୍ତି-ପ୍ରାପ୍ତି ମାଗିଲା । ୧୩୧୭ ।
ବାଞ୍ଛିତ ବରଦାନେ ତିନିଙ୍କି ତୃପ୍ତ କରି ।
ନୀରଜାତ ସମ୍ଭବ ଗମିଲେ ନିଜ ପୁରୀ । ୧୩୧୮ ।
ତିନିଭାଇ ଆନନ୍ଦରେ ଗଲେ ନିଜ ପୁର ।
ରାବଣଙ୍କୁ ଦେଲା ମୟ-ସୁତାଙ୍କୁ ମୟାସୁର । ୧୩୧୯ ।
ସେ ଅତି ସୁନ୍ଦରୀ ମନ୍ଦୋଦରୀ ନାମବତୀ ।
ତାଙ୍କୁ ପାଟରାଣୀ କଲେ ଦାନବାଧିପତି । ୧୩୨୦ ।
ପରେ ସେ ଉପଯୁକ୍ତ କନ୍ୟାମାନଙ୍କୁ ଆଣି ।
ଭାଇଙ୍କ ବିବାହ କଲେ ତାଙ୍କ ମନ ଜାଣି । ୧୩୨୧ ।
ସିନ୍ଧୁ ମଧ୍ୟେ ବର୍ତ୍ତୁଳ ତ୍ରିକୂଟ ପର୍ବତ ।
ଅଟଇ ତ ଅତ୍ୟନ୍ତ ଦୁର୍ଗମ ଅତ୍ୟୁନ୍ନତ । ୧୩୨୨ ।
ତାର ଶିଖରେ ମଣି-ଖଚିତ ହେମମୟ—
ଭବନଙ୍କ ବନ୍ଧୁ-ମଧ୍ୟେ ବିରଚିଲା ମୟ । ୧୩୨୩ ।
ସେ ପୁର ଅତି ସୁନ୍ଦର, ତା'ର ନାମ ଲଙ୍କା ।
ଯା ଆଗେ ଅମରାବତୀ ଭୋଗବତୀ ବଙ୍କା । ୧୩୨୪ ।
ବନ୍ଧୁ ଉନ୍ନତ-ହାଟକ ତା ଦୁର୍ଗ ପ୍ରାକାର ।
ପରିଖା ଅଟଇ ଅତି ଗମ୍ଭୀର ପାରାବାର । ୧୩୨୫ ।
ହରି ପ୍ରେରଣେ ଯେବେଁ କବେରେ ଯେନ୍ତୁ ଅସୁର ।
କାଳ ପ୍ରତାପି କଲ ହୋଇ ଉଗ୍ରଜଳ । ୧୨୨୬ ।

ଯକ୍ଷ ଭୂପ ସେ ସ୍ୱକୀୟ ସୈନ୍ୟ ସମେତରେ ।
ଅବସ୍ଥାନ କରୁଥାଏ ସେ ଲଙ୍କା ନଗରେ । ୧୩୨୭ ।
ତହୁଁ ଦାନବ ସୂତ୍ରେଠେ ବାସ କରୁଥିଲେ ।
ତାଙ୍କୁ ଦେବତାମାନେ ସମରେ ସଂହାରିଲେ । ୧୩୨୮ ।
ପରେ ବ୍ରହ୍ମାଙ୍କ ମତରେ କୁବେରର କୋଟ ।
ରକ୍ଷକ ଭୃତ୍ୟମାନେ ରହିଲେ ହୋଇ ଗୋଟ । ୧୩୨୯ ।

## ରାବଣ-ବିଭବ

ସେ ଜଗଦନ୍ତ ରାବଣ ଶୁଣି ସୈନ୍ୟ ସହିତେ ।
ଯାଇ ସେ ଲଙ୍କା ଦୁର୍ଗକୁ ଘେରିଲା ତ୍ୱରିତେ । ୧୩୩୦ ।
ଦାନୁଜ ଭୂପଙ୍କୁ ଦେଖି ଗଡ ତ୍ୟାଗ କରି ।
ଯକ୍ଷଗଣ ପଳାଇଲେ ନିଜ ପ୍ରାଣ ଧରି । ୧୩୩୧ ।
ଦେଖି ସେ ପୁର ସୁବିଧା, ତା ସୁନ୍ଦର ପଣ ।
ତାକୁ ନିଜ ରାଜଧାନୀ କଲା ରାବଣ । ୧୩୩୨ ।
ସେ ପୁରୀ-ଗୃହଚୟ ଉପଯୁକ୍ତ ସ୍ଥିତରେ ।
ବାଣ୍ଟି ରକ୍ଷଙ୍କୁ ଦେଲା ସେ ଅତି ପ୍ରୀତିରେ । ୧୩୩୩ ।
ପରେ ଦାନବେଶ୍ୱର ପୁଷ୍ପକ ବିମାନକୁ ।
ଆଣିଲା ବାହୁବଳରେ ଜିଣି କୁବେରକୁ । ୧୩୩୪ ।
ଅନେକ ସେ କୁତୂହଳେ ଟେକି କୈଳାସକୁ ।
ନିଜ ଭୁଜ ବଳ ଜାଣି ଲଭିଲା ମୋଦକୁ । ୧୩୩୫ ।
ଦେବ ନର କିନ୍ନର ଗନ୍ଧର୍ବ ଯକ୍ଷ ନାଗ—
ପ୍ରଭୃତିଙ୍କି ସମରେ ଜିଣି ହୋଇ ସରାଗ । ୧୩୩୬ ।
ସେମାନଙ୍କ ରୂପବତୀ କନ୍ୟାଙ୍କୁ ଆଣି ।
ବଳେ ନିଜର ସ୍ତ୍ରୀ କଲା ବାଂଶତପାଣି । ୧୩୩୭ ।
ତା ଜନ୍ମ ସହସ୍ର ସୁତ ସଙ୍ଗେ ସନ୍ତାନ ।
ସୈନ୍ୟସଜ୍ଜ ପ୍ରତାପ ମହତ୍ତ୍ୱ ନାନାଙ୍କନ । ୧୩୩୮ ।
ପ୍ରତ୍ୟେକ ସଭେ ଲୋଭ ପର ଧନକୁ ଧନ ।
ବୃଦ୍ଧି ପାଉଥାଏ ହୋଇ ନିତ୍ୟ ନୂତନ । ୧୩୩୯ ।

ତାର ଭ୍ରାତା କୁମ୍ଭକର୍ଣ୍ଣ ଅତି ବଳବାନ ।
ତେଜେ ଯୁଦ୍ଧେ କେଏ ନାହିଁ ବଳେ ଯା ସମାନ । ୧୩୪୦ ।
ସେ ଦିନେ ଖାଇ ମଦ ପିଇ ଛ ମାସ ଯାଏ ।
ଚେଷ୍ଟାହୀନ ହୋଇ ଘରେ ଶବ ପ୍ରାୟେ ଶୋଏ । ୧୩୪୧ ।
ଯଦି ସେ ଦନୁଜ ନିତ ଭୋଜନ କରନ୍ତା ।
ଏ ଚରାଚର ବିଶ୍ୱ ଛାରଖାର ହୁଅନ୍ତା । ୧୩୪୨ ।
ସେ ଦୁଷ୍ଟ ସଚେତ ହୋଇ ବହିବା ଦିନରେ ।
ଲୋକତ୍ରୟ ଥରଥର ହୁଅଇ ଭୟରେ । ୧୩୪୩ ।
ରାବଣର ଜ୍ୟେଷ୍ଠପୁତ୍ର ମେଘନାଦ ବୀର ।
ସମରେ ଅତି ନିପୁଣ ଜଗଦେକ ଶୂର । ୧୩୪୪ ।
ତାହା ସଙ୍ଗେ ଯୁଝିବାକୁ ଯୋଦ୍ଧା କେହୁ ନାହିଁ ।
ତା ନାମ ଶୁଣିଲେ ସୁରପୁର କମ୍ପିଯାଇ । ୧୩୪୫ ।
କୁମ୍ଭୀ ଧୂମ୍ରକେତୁ ଅତୀଂଗ ଅକମ୍ପନ ।
ବଜ୍ରଦନ୍ତାଦି ଯୁବଟେ ଅଛନ୍ତି ଅଗଣନ । ୧୩୪୬ ।
ଜଣେ ଜଣେ ଅନାୟାସେ ଜିଣି ସଂଗ୍ରାମକୁ ।
ଜୟ କରି ପାରନ୍ତି ସମସ୍ତ ଜଗତକୁ । ୧୩୪୭ ।
ସର୍ବେ ମାୟାବୀ କାମରୂପୀ ତାଙ୍କ ମନରେ ।
ଦୟା କିବା ଧର୍ମ ସ୍ୱପ୍ନେ ମଧ୍ୟ ନ ସ୍ଫୁରେ । ୧୩୪୮ ।
ଅନେକ ରାବଣ ସିଂହପୀଠାସୀନ ହୋଇ ।
ନିଜର ଅପରିମିତ ପୁତ୍ରପୌତ୍ରହୁସ୍ଥି । ୧୩୪୯ ।
ନିତ୍ୟ ବିବୁଧ ପଦଜନମାନଙ୍କୁ ଡକେଇ ।
ସର୍ବେ କ୍ରୋଧେ ଏମନ୍ତ ବୋଲନ୍ତି ତାଙ୍କୁ ଡାକି । ୧୩୫୦ ।
ହେ ଦାନବ ବୀରେ ! ଶୁଣ ଅମ୍ଭମାନଙ୍କର ।
ସହଜ ଶତ୍ରୁ ଅଟନ୍ତି ନିର୍ଜ୍ଜର ନିକର । ୧୩୫୧ ।
ସେମାନେ ଅମ୍ଭଙ୍କୁ ଦେଖି ପଳାନ୍ତି ଭୟରେ ।
କେବେହେଁ ସ୍ୱତନ୍ତ୍ର ନାହିଁ ରହି ସମ୍ମୁଖରେ । ୧୩୫୨ ।
ସେ ହେତୁରୁ ପଡ଼ୁ ନାହିଁ ତାହାଙ୍କ ନିଧନ ।
ଏ ଉପାୟକୁ ଏବେ କର ଅବଲମ୍ବନ । ୧୩୫୩ ।

ଯଜ୍ଞ ଯାଗ ଶ୍ରାଦ୍ଧକର୍ମ ବ୍ରାହ୍ମଣ ଭୋଜନ ।
ଧ୍ୱଂସ, ତୁମ୍ଭେମାନେ କର ଜଗତେ ଭ୍ରମଣ । ୧୩୫୪ ।
ଏପରି କଲେ ଦେବେ କ୍ଷୀଣ ହୋଇ ସେମାନେ ।
ଆସିବେ ମୋର ଗୃହକୁ ଅନାଗତଭାବେ । ୧୩୫୫ ।
ତେବେ ତାଙ୍କୁ ମାରନ୍ତ କିବା ପ୍ରାଣେ ରଖିବ ।
ମୋର ମାନସାନୁସାରେ ନିର୍ଣ୍ଣୟ କରିବ । ୧୩୫୬ ।
ମୋ ପୁତ୍ର ମେଘନାଦ । ସାହସରେ ତୁମ୍ଭର ।
ସମ୍ପ୍ରେଷିତ ଧ୍ୱଜ ବନ୍ଧୁଧମାନଙ୍କର । ୧୩୫୭ ।
ଯୌବନ ହର, ନତୁବା ତାଙ୍କୁ ବନ୍ଦ କର ।
ମୋ ଗୃହକୁ ଆଣ ଶତ୍ରୁ ଦସ୍ୟୁଙ୍କୁ ନ ଧର । ୧୩୫୮ ।
ଏପରି ଅନ୍ୟ ଦୈତ୍ୟଙ୍କୁ ମଧ୍ୟ କହୁ ସେହୁ ।
ତାଙ୍କୁ ସଙ୍ଗେ ସେନା ନେଇ ରଣୋତ୍ସାହୀ ହୋଇ । ୧୩୫୯ ।
ଅନେକ ପୁଷ୍ପକଯାନ ବାହାରନ୍ତେ ମନ୍ତ୍ରୀ ।
କମ୍ପିଲା ଚତୁରଙ୍ଗ ସୈନ୍ୟଗଣ ନ ସହୁ । ୧୩୬୦ ।
ରାକ୍ଷସ ବର୍ବରର ଘୋର ସିଂହନାଦରେ ।
ସୁରସ୍ତ୍ରୀଙ୍କ ଗର୍ଭପାତ ହେଲା ସ୍ୱର୍ଗପୁରେ । ୧୩୬୧ ।
ରାବଣର ଆଗମନ ଜାଣି ସର୍ବପୁରେ ।
ଦେବେ ପଳାଇ ଲୁଚିଲେ ମେରୁ କନ୍ଦରରେ । ୧୩୬୨ ।
ଦଶମୁଖ ଭ୍ରମଣ କରି ଶୂନ୍ୟ ସୁରପୁର ।
ଲୋକଙ୍କୁ ମାତ୍ର ଦେଖି ହୋଇ କୁପିତ ମନ । ୧୩୬୩ ।
ସିଂହନାଦ କଲା ବଜ୍ରବଧେ ଗାଳି ଦେଲା ।
ମାତ୍ର ପ୍ରତିବାଣୀ ଏ ଶୁଣି ନ ପାରିଲା । ୧୩୬୪ ।
ସୁଭାବଳାପେ ଜଗତ ଯାତ ସେ ବୁଲିଲା ।
ପ୍ରତିବାଟ ହୋଇ କିଏ ତାକୁ ନ ଦିଶିଲା । ୧୩୬୫ ।
ରବୀନ୍ଦ୍ର ବାଲ୍ମୀକି ତାର ବୃତ୍ତାନ୍ତ ବର୍ଣ୍ଣେ—
ପଞ୍ଚବିଂଶ ପ୍ରଭୃତି ଦୈବାଧିକାରଗଣ । ୧୩୬୬ ।
ଅନ୍ୟ ସୁର କାଳର ପଳାଇ ଛିଦ୍ର ନରେ ।
ସବେ ସ୍ୱଧର୍ମ ମାର୍ଗରୁ ଚ୍ୟୁତ ହେଲେ କରେ । ୧୩୬୭ ।

ପରମେଷ୍ଠି ସୃଷ୍ଟିର ସମସ୍ତ ସ୍ତ୍ରୀ ପୁରୁଷେ ।
ଦୁଃଜନର ବଶୀ ହୋଇ ଅତି ଭରସେ । ୧୩୬୮ ।
ତା ଚରଣେ ପ୍ରଣମି, ତା ଅଜ୍ଞାରୁ ଶିରରେ ।
ଧରି ତାଙ୍କୁ ଭଜୁଥିଲେ ସବୁ ସମୟରେ । ୧୩୬୯ ।
ମହାରାଜାଧିରାଜ ରାବଣ ଜଗତକୁ ।
ବଶୀକରି ଅଛନ୍ତି, କଲା ସମସ୍ତଙ୍କୁ । ୧୩୭୦ ।
ପ୍ରୟୋଗ କରି କେବଳ ଆପଣାର ମନ୍ତ୍ର ।
ପରିଚାଳନ କଲା ସକଳ ରାଜ୍ୟତନ୍ତ୍ର । ୧୩୭୧ ।
ତାହା ଆଦେଶେ ମେଘନାଦାଦି ନିଶାଚରେ ।
ଅମରଙ୍କୁ ବାନ୍ଧିଲେ ଅନେକ ଥରେ । ୧୩୭୨ ।
ପୁଣି ଧର୍ମ ଧ୍ୱଂସିବାକୁ ନାନାରୂପ ଧରି ।
ବୁଲିଲେ ବେଦ ନିଷିଦ୍ଧ କର୍ମମାନ କରି । ୧୩୭୩ ।
ଗୋ ବିପ୍ର-କ୍ଷିତି-ନଗର-ପୁର ଗ୍ରାମଚୟ ।
ଅଙ୍ଗାର ହବି କଲେ ଲଗାଇ ଧନଞ୍ଜୟ । ୧୩୭୪ ।
ଦୈତ୍ୟେ କରନ୍ତି ବେଦ- ବିପ୍ର-ଗୁରୁ-ନିନ୍ଦନ ।
ଘୋର ଏ ହେବେ କାହିଁ ତାଙ୍କ ଉଦାହରଣ । ୧୩୭୫ ।
ଆଚରନ୍ତି ନାହିଁ କିମ୍ବା ଯଜ୍ଞ ତପ ଦାନ ।
ଶୁଣନ୍ତି ନାହିଁ କି ବେଦ କଥା ପୁରାଣ । ୧୩୭୬ ।
ତପୋଜପ-ବିରାଗ ଯୋଗମୁଖ ପ୍ରଭୃତି ।
ସତ୍କର୍ମ ଶ୍ରବଣ ମାତ୍ରେ ଦୈତ୍ୟପତି । ୧୩୭୭ ।
ଯେତେ ଯେ ପୁଣ୍ୟକୁ ଫଳ ସରୁ କରି କ୍ରୁଷ୍ଟ ।
ସଂହାରନ୍ତି ସମୂହ ନିକର କରେ ନଷ୍ଟ । ୧୩୭୮ ।
ବେଦଶାସ୍ତ୍ର-ପୁରାଣ-ବକ୍ତାଙ୍କୁ ଅସୁର ।
ଦେଖି ସର୍ବେ ଦେଇ ବାଧା ନାନାପ୍ରକାର । ୧୩୭୯ ।
ଦୈତ୍ୟେ ତ ଧର୍ମର ହିଂସ୍ର ଦୁଷ୍କୃତାଚାରତ ।
ତାଙ୍କ ପାପାଚରଣ ଅଟଇ ଅଦ୍ଭୁତ । ୧୩୮୦ ।
କ୍ରମରେ ବଢିଲା କାଳ ରୌଦ୍ର ଦୁଃଖକର—
ପରନାରୀ ପରଧନ ଲମ୍ପଟ ପ୍ରବର । ୧୩୮୧ ।

ଦେବ ମାତୃ ପିତୃ ଗୁରୁ ବୃଦ୍ଧେ ନ ବନ୍ଦନ୍ତି ।
କେବେ ସଜ୍ଜନଙ୍କଠାରୁ ସେବନ ଘେନନ୍ତି । ୧୩୮୨ ।
ଏମନ୍ତ ନରଗଣ ପ୍ରତ୍ୟକ୍ଷ ଦେଖୁଅ ତ ।
ଏଣୁ ଧର୍ମଚ୍ୟୁତ ହେଲା ସମସ୍ତ ଜଗତ । ୧୩୮୩ ।
ସର୍ବସିଦ୍ଧ ସର୍ବଜ୍ଞାନ ଗୁରୁଠାରୁ ଜଣେ—
ଦ୍ରୋହୀ ଗୁରୁତର ହୋଇ ବସୁନ୍ଧରା ମଣେ । ୧୩୮୪ ।
ଶୁଣି ଦୁଃଖିତ ଧରା ଧରି ଗୋ ସ୍ୱରୂପକୁ ।
ଯାଇ ମୁନିମାନଙ୍କ କହିଲା ସ୍ୱ-କଷ୍ଟକୁ । ୧୩୮୫ ।
ମୁନି ସେମାନେ ଦୁଃଖ ପ୍ରକଟ ମାତ୍ର କଲେ ।
ପ୍ରତିକାର କିଛି ହେଲେ କରି ନ ପାରିଲେ । ୧୩୮୬ ।
ମାତ୍ର ସମସ୍ତେ ମିଶି ସଙ୍ଗେ ଘେନି ଭୂମିକୁ ।
ସତ୍ୟରେ ଗମନ କଲେ ବ୍ରହ୍ମ ନିକଟ । ୧୩୮୭ ।
ତାଙ୍କୁ ଦେଖି ସବୁ ଜାଣି ବୋଇଲେ ବିଧାତା ।
ମୁହିଁ ହୋଇ ପାରିବି ନାହିଁ ଧରଣୀ-ତ୍ରାତା । ୧୩୮୮ ।
ଅଗୋ ଧରା ! କେତେକାଳ ଧୀର ହୋଇଥାଅ ।
ଜଗଦୀଶ ମାତ୍ର ଆମ୍ଭମାନଙ୍କ ସହାୟ । ୧୩୮୯ ।
ସେହୁ ନାଥଙ୍କ ଆମ୍ଭମାନଙ୍କ ଈଶ୍ୱର ।
ସେ ଅବଶ୍ୟ ହୋଇବ ତୋହର ଦୁଃଖହର । ୧୩୯୦ ।
ଏବେ ଆମ୍ଭେ ସର୍ବେ ସେ ସର୍ବଶକ୍ତି-ଚରଣ—
ସାଦରରେ ସନ୍ତ୍ରରେ ପଶିବା ଶରଣ । ୧୩୯୧ ।
ଏମନ୍ତେ ହିରଣ୍ୟଗର୍ଭ ବଚନକୁ ଶୁଣି ।
ଧୈର୍ଯ୍ୟକୁ ଅବଲମ୍ବି ସର୍ବେ କଲେ ସ୍ତୁତି । ୧୩୯୨ ।
କେତେ ଋଷି ବୋଇଲେ ଯିବା ବୈକୁଣ୍ଠକୁ ।
ଅନ୍ୟେ ବୋଇଲେ ଯିବା କ୍ଷୀରସମୁଦ୍ରତଟକୁ । ୧୩୯୩ ।
ଏହି କଥା ସେ ସଭାରେ ମୁହିଁ ମଧ୍ୟ ଥିଲି ।
ସମସ୍ତ ଜାଣି ଏମନ୍ତ ଉପଦେଶ କଲି । ୧୩୯୪ ।
ହରି ଅନ୍ତର୍ଯ୍ୟାମୀରୂପେ ପୂର୍ଣ୍ଣ ସବୁ ଥାନରେ ।
ବ୍ୟକ୍ତରୂପରେ ସେ ଦିଶେ କେବଳ ପ୍ରେମରେ । ୧୩୯୫ ।

ତହୁଁ କି ନା ଦେଖିବ ଭାଳ ଜବା ଦେଶ ।
ସର୍ବରେ ସମ୍ପୂର୍ଣ୍ଣରୂପେ ନାହିଁ ଜଗଦୀଶ । ୧୩୯୬ ।
ଭକ୍ତରେ ଯେ ଦେବର ବନ୍ଧେ ସମେ ରହୁ ।
ଅରଣ୍ୟକୁ ଅଗ୍ନି ପର ପ୍ରେମେ ପ୍ରକଟଇ । ୧୩୯୭ ।
ଏ ମୋ ବାଣୀକି ଯଥାର୍ଥ ମାନିଅ ମାନବ ।
ସାଧୁ ସାଧୁ ବୋଲି ବ୍ରହ୍ମା ମୋତେ ପ୍ରଶଂସିଲ । ୧୩୯୮ ।
ପରେ ଆନନ୍ଦାଶ୍ରୁ-ନେତ୍ର ପୁଲକିତ-ଗାତ୍ର ।
ହୋଇ ଯେ କରଯୋଡ଼ି କଲେ ଏମନ୍ତ ସ୍ତୋତ୍ର । ୧୩୯୯ ।
ଜୟ ଭୁବନାଧିପ ଜନ ମୁଖ ଦାୟକ ।
ଗୋ-ବିପ୍ର-ସଂରକ୍ଷକ ଦୁଷ୍ଟଦାନବାନ୍ତକ । ୧୪୦୦ ।
ଷଡ଼ଧର୍ମକର ଶୀର୍ଷ-ମୁକୁ-ଟର ।
'ପାଳକ ଚକ୍ରଧର ଧରାପୀଡ଼ାହର । ୧୪୦୧ ।
ଭଗବାନ କୃପାକର ପାଳନାପାପର ।
ଭୋ ସଜ୍ଜନ କରୁଣାରେ ଅମ୍ଭକୁ ଉଦ୍ଧର । ୧୪୦୨ ।
ଜୟ ଦୀନବନ୍ଧୁ ଜୟ ସଚ୍ଚିଦାନନ୍ଦ ।
ଜୟ ସକଳଗତି ଜୟ ଜୟ ମୁକୁନ୍ଦ । ୧୪୦୩ ।
ଅବାଙ୍ମନସଗୋଚର ଅଚିନ୍ତ୍ୟ-ଚରିତ ।
ମାୟାତୀତ ପରିପୂର୍ଣ୍ଣ ଅନନ୍ତ ପବିତ୍ର । ୧୪୦୪ ।
ଭବରାଗୀ ଅନୁରାଗୀ ଜନ ତୋରେ ଲଗାଇ ।
ଭକ୍ତି ସନ୍ତୋଷୀ ତୋତେ ଧ୍ୟାଇ ତୋ ଗୁଣ ଗାଇ । ୧୪୦୫ !
ତୁ କଲୁ ଯନ ମାୟା ଛଡ଼ା ତ୍ରିଗୁଣମୟୀ ।
ବିଶ୍ୱର ସୃଷ୍ଟି ପାଳନ ଯେବେ ପ୍ରଳୟ । ୧୪୦୬ ।
କେ ପାରିବ ଗଣି ତବ ଗୁଣବର୍ଣ୍ଣନ ।
ମୁଁ ତୋର-ଭକ୍ତିହୀନ ନ ଜାଣେ ତୋ ପୂଜନ । ୧୪୦୭ ।
ଏ ପୁରେ କରେଣି ଜନ୍ମେ ତୋ ପଦ ଭଜିବ ।
ଅପଦୁଃଖାର ! ଏହାକୁ ଅପରେ ଉଦ୍ଧର । ୧୪୦୮ ।
ଯବସ୍ତୁତୀ ବେଦବେଦ ମହାତ୍ମ୍ୟତ୍ୱ ।
ତୋତେ ଜାଣନ୍ତି ନାହିଁ ଏହା ଅଟେ ଆଶ୍ଚର୍ଯ୍ୟ । ୧୪୦୯ ।

ମାତ୍ର ବେଦ କହେ ତୁହ୍ମ ଘାନପିସୁ ବୋଲ ।
ସେହି ବିଦ୍ଧାବୁ ମନ୍ଦର-ଧୃତ ସଦ୍‌ଗୁଣପାଳ । ୧୪୧୦ ।
ସେହି ମୃଗ-ପ୍ରକର ସର୍ବପ୍ରକାର ସୁନ୍ଦର ।
ଦେଖିଲୁ ସୁର ସିଦ୍ଧ ମୁନିଙ୍କି ରକ୍ଷା କର । ୧୪୧୧ ।
ତା ଶୁଣି ସର୍ବଙ୍କ ହରି ଅଭୟେଁ ଏମନ୍ତ ।
ଗମ୍ଭୀରେ ଭାଷିଲେ ଅପେ ନୋହୁ ଚିନ୍ତିତ । ୧୪୧୨ ।
ସେହି ସୁର-ସିଦ୍ଧ ମୁନି ପ୍ରକର । ତୁମ୍ଭ ସର୍ବେ—
ପରାତ ମିଶ୍ରବଂଶରେ ନରପତି ହୋଇ । ୧୪୧୩ ।
ଅବତରିବ ସର୍ବାଂଶ ସହିତେ ମାତର ।
ଅଦିତି କଶ୍ୟପଙ୍କୁ ତ ମୁଁ ଦେଇଛି ବର । ୧୪୧୪ ।
ସେ ଦୁହେଁ ସାକେତରେ କୌଶଲ୍ୟା ଦଶରଥ—
ରୂପେ ଜନ୍ମିଅଛନ୍ତି ମୁଁ ହେବି ତାଙ୍କ ସୁତ । ୧୪୧୫ ।
ନାରଦ-ବଚନ ମଧ୍ୟ ପାଳିତ ହୋଇବ ।
ଅଦଃଶ୍ରୁ ପଡିବବ, ତୁମ୍ଭ କଷ୍ଟ ଯିବ । ୧୪୧୬ ।
ଏମନ୍ତେ ପ୍ରଭୁ ବାଣୀ ସବେ କରି ଶ୍ରବଣ ।
ମହାନନ୍ଦରୁ ଲଭି ଗଲେ ସ୍ୱ ସ୍ୱ ଭବନ । ୧୪୧୭ ।
ବଧିର ଅନୁମତି ଗ୍ରହିରେ ସର୍ବଦେବେ ।
ଋକ୍ଷ ବାନର ହୋଇ ମର୍ତ୍ତ୍ୟେ ଜନ୍ମିଲେ ତେବେ । ୧୪୧୮ ।
ସେମାନେ ବଳଶାଳୀ ମହାବୀର ଚତୁର ।
ତାଙ୍କ ଆୟୁଧ କେବଳ ବୃକ୍ଷ ପ୍ରସ୍ତର । ୧୪୧୯ ।
ହରିର ଅଗମନକୁ ଜଗରେ ସକଳେ ।
ବାସ କଲେ ବିବିଧ ବିପିନ ଗିରିସ୍ଥଳେ । ୧୪୨୦ ।

## ଶ୍ରୀରାମାବତାର

ଅଯୋଧ୍ୟାରେ ଦଶରଥ ନାମକ ନୃପତି ।
ରଘୁବଂଶ-ଜନ୍ମ ହୋଇ ବିଦେଶେ ଖ୍ୟାତ । ୧୪୨୧ ।
ସେ ଧର୍ମ ଧୁରନ୍ଧର ସୁଗୁଣାକର ରାଜା ।
ଗୋବିନ୍ଦପଦ-ଚରଣ-ଆରାଧ୍ୟ ଭକ୍ତ ଦାନା । ୧୪୨୨ ।

ତାର ପତ୍ନୀ କୌଶଲ୍ୟା ପ୍ରଭୃତି କାନ୍ତାତତି ।
ସର୍ବେ ପତିବ୍ରତ ଚରିତା ହରିଭକ୍ତା ସତୀ । ୧୪୨୩ ।
ପୁତ୍ରାର୍ଥୀ ସେ ନୃପତି ଅନେକ ସୁଦେଶିକ ।
ସମୂହରେ ମିଳି ତାଙ୍କୁ ନମି ନିଜର ଦାକ । ୧୪୨୪ ।
ଜଣାନ୍ତେ ବଶିଷ୍ଠ ମୁନି ବୋଇଲେ ଚିନ୍ତନ ।
କର ନାହିଁ, ସମ୍ଭବେ ଗୃହେ ଶ୍ରେଷ୍ଠ ନନ୍ଦନ । ୧୪୨୫ ।
ଏତେ କହି ଡକାଇ ଋଷ୍ୟଶୃଙ୍ଗ ଋଷିଙ୍କ ।
ସେ ତାହାରେ କରାଇଲେ ପୁତ୍ରକାମେଷ୍ଟିକ । ୧୪୨୬ ।
ଯାଗ କୁଣ୍ଡେ ପାୟସ-ପାତ୍ର ଧରି ପାବକ ।
ପ୍ରତ୍ୟକ୍ଷ ହୋଇ ବୋଇଲେ ହେ ଭୂମିନାୟକ ! ୧୪୨୭ ।
ଏହା କ୍ରମେ ବାଣ୍ଟିଦିଅ ତୋ ପତ୍ନୀଗଣଙ୍କୁ ।
ହୃଷ୍ଟ ପାଇବୁ ବଶିଷ୍ଠ ଭାଷିତ ଫଳକୁ । ୧୪୨୮ ।
ଏତେ କହି ନୃପଙ୍କୁ ଦେଇ ପାୟସ-ପାତ୍ର ।
କ୍ଷଣେକେ ଅନ୍ତର୍ଦ୍ଧାନ ହୋଇଲେ ବୀତିହୋତ୍ର । ୧୪୨୯ ।
ପାୟସକୁ ଲଭି ଭୂପ ପ୍ରମୋଦିତ ହୋଇ ।
ନିଜ ପତ୍ନୀମାନଙ୍କୁ ସେ ସ୍ଥାନକୁ ଅଣାଇ । ୧୪୩୦ ।
ପ୍ରଥମେ କୌଶଲ୍ୟାକୁ ଦେଲେ ପାୟସୁଁ ଅର୍ଦ୍ଧେ ।
କୈକେୟୀକୁ ଦାନ କଲେ ଅର୍ଦ୍ଧକରୁ ଅର୍ଦ୍ଧେ । ୧୪୩୧ ।
ପରେ ବଳକା ଭାଗକୁ କରି ଭାଗ ବେନି ।
ପୁଣି ସେ ଦୁହିଙ୍କ ହସ୍ତେ ଦେଲେ ଭୂମିଜାନି । ୧୪୩୨ ।
ସେ ଦୁହେଁ ସେ ଭାଗଦ୍ୱୟ ଏକା ସମୟରେ ।
ସୁମିତ୍ରାର କରେ ଦେଲେ ସମାନ ପ୍ରେମରେ । ୧୪୩୩ ।
ତା ପରେ ତିନିରାଣୀ ଗର୍ଭଧାରଣ କଲେ ।
ଗୁଣେ ଶୀଳେ କାନ୍ତିରେ ଅଧିକେ ଶୋଭିଲେ । ୧୪୩୪ ।
ତାଙ୍କ ଗର୍ଭ ସିନ୍ଧୁରେ ବଢିଲେ ପ୍ରପଞ୍ଚର ।
ସର୍ବଜ୍ଞ ସକଳ ସ୍ରଷ୍ଟା ସନ୍ତେ ଶ ପ୍ରବର । ୧୪୩୫ ।
କ୍ରମେ କ୍ରମେ ନବମାସ ପୂରନ୍ତେ ବସନ୍ତ ।
ପୂରିବ ବସନ୍ତ ଏବେ ହେଲା ଉପଗତି । ୧୪୩୬ ।

ପବିତ୍ର ଚୈତ୍ରର ଶୁକ୍ଳନବମୀ ତିଥିରେ ।
ପୁନର୍ବସୁ ନକ୍ଷତ୍ରରେ ଅଭିଜିତ୍‌କାଳରେ । ୧୪୩୭ ।
ଉଚ୍ଚସ୍ଥ ଗ୍ରହପଞ୍ଚେ କର୍କଟ ଲଗ୍ନରେ ।
ଶୁଭଯୋଗେ ସୁକରଣେ ମାହେନ୍ଦ୍ରକ୍ଷଣରେ । ୧୪୩୮ ।
ସମଶୀତୋଷ୍ଣ ସମୟେ କୌଶଲ୍ୟା ମହୁଲା ।
ଲୋକମଙ୍ଗଳକର କୁମାରଙ୍କୁ ପାଇଲା । ୧୪୩୯ ।
ତେବେ ଚତୁର୍ଦିଗ ପ୍ରସନ୍ନବତ ହୋଇଲା ।
ପର୍ବତ ସମୂହ ମଣିଗଣେ ଝଟକିଲା । ୧୪୪୦ ।
ମନ୍ଦ ସୁଗନ୍ଧ ଶୀତଳେ ପବନ ବହିଲା ।
ନିର୍ମଳ ସଲିଳେ ନଦୀସମୂହ ଶୋହିଲା । ୧୪୪୧ ।
ସୁରମୁନିଙ୍କ ଚିତ୍ତଶାନ୍ତିକି ଲଭିଲା ।
ସମସ୍ତ ବିଶ୍ୱ ଆନନ୍ଦସାଗରେ ଭାସିଲା । ୧୪୪୨ ।
ବ୍ରହ୍ମାଦି ଦେବେ ଚଢ଼ି ନିଜ ନିଜ ବିମାନ ।
ଯାଇ ଶୂନ୍ୟେ ରହି କଲେ ହରିଗୁଣ ଗାନ । ୧୪୪୩ ।
ନାରଦ ମୌନୀଏ କଲେ ନାନା ପ୍ରକାରେ ସ୍ତୁତି ।
ରଙ୍ଗରେ ନର୍ତ୍ତନ କଲେ ଅପ୍ସରେବ୍ରାତେ । ୧୦୪୪ ।
ଗନ୍ଧର୍ବେ କଳରେ ଗୀତ ସୁତାନେ ଗାଇଲେ ।
ସକଳେ ପାରିଜାତ କୁସୁମ ବୃଷ୍ଟି କଲେ । ୧୪୪୫ ।
ସ୍ୱର୍ଗବାସୀଙ୍କ ଚହଳେ ଦୁନ୍ଦୁଭି-ଧ୍ୱନିରେ ।
ଧରାକାଶ ମଧ୍ୟ ଦେଶ ପୂରିଲା ସାନ୍ଦ୍ରରେ । ୧୪୪୬ ।
ପରେ ପଦ୍ମଭବଙ୍କୁ ସର୍ବେ ପ୍ରଣାମ କଲେ ।
ଆନନ୍ଦେ ନିଜ ନିଜ ନିବାସେ ପହଞ୍ଚିଲେ । ୧୪୪୭ ।
କୌଶଲ୍ୟାର କୁମାର ସଜଳ-ଜଳଦର ।
କୋଟିମନ୍ମଥଙ୍କର ଦର୍ପହାପର । ୧୪୪୮ ।
ସୁନ୍ଦର ନୀଳଘନ ସମାନ କଳେବର ।
ଶଙ୍ଖଚକ୍ର ଗଦାପଦ୍ମଯୁକ୍ତ ଚତୁର୍ଭୁଜର । ୧୦୪୯ ।
କୌସ୍ତୁଭମଣିଭୂଷିତ ପୁଣ୍ଡରୀକଲୋଚନ ।
ସର୍ବଲୋକନିଧାନ ମଳାସୁରସୂଦନ । ୧୪୫୦ ।

ଏପରି ନନ୍ଦନଙ୍କୁ ଦେଖି ହୋଇ ସୁଖିନୀ ।
କରଯୋଡ଼ି ଏମନ୍ତ ସ୍ତୁତି କଲା ଜନନୀ । ୧୪୫୧ ।
ତୁ ତ ତ୍ରିକରଣାତୀତ ଅଟୁ, ତୋର ସ୍ତୁତି ।
କେହୁ କରି ପାରିବ, ମୁହିଁ ତ ମନ୍ଦମତି । ୧୪୫୨ ।
ଜ୍ଞାନରୂପ କେବଳ ସାକ୍ଷୀ ମାୟାତୀତ ।
ଅନନ୍ତ ଅହଙ୍କାର-ରହିତ ନିରାଖ୍ୟାତ । ୧୪୫୩ ।

ତୁହି କମଳାବର କୃପାସୁଖସାଗର ।
ମୋ ହିତ ଲାଗି ଜନ୍ମିଲୁ ହୋଇ ମୋ କୁମର । ୧୪୫୪ ।
ତୋହ ପ୍ରତ୍ୟେକ ରୋମକୂପେ ମାୟା ନିର୍ମିତ ।
ବ୍ରହ୍ମାଣ୍ଡଗଣ ସଦା ହେଉଥାଏ ଘୂର୍ଣ୍ଣିତ । ୧୪୫୫ ।
କେମନ୍ତ ତୁହି ମୋ ଗର୍ଭେ ପ୍ରାପ୍ତ ଦଶମାସ ।
ବାସକଲୁ, ବୋଇଲେ କେ କରିବ ବିଶ୍ୱାସ ? ୧୪୫୬ ।
ପରେ ତାର ନିର୍ଗୁଣସଗୁଣାବେଦେଶନ ।
ଜାଣି ତୁଷ୍ଟ ହୋଇ ମନେ ହସି ଭଗବାନ । ୧୪୫୭ ।
ତାଙ୍କୁ ଏହୁ ବୁଝାଇ ସେ ଦେବେ ବାତ୍ସଲ୍ୟାଙ୍କୁ—
ଜନ୍ମାଇ ଗ୍ରହଣ କର ତା ଅବେଦନକୁ । ୧୪୫୮ ।
ପ୍ରାକୃତ ଶିଶୁ ରୂପରେ କୁଅଁ କୁଅଁ ବୋଲି ।
ମଡରେ ନନ୍ଦନ ହେଲେ ତେବେ ବନମାଳୀ । ୧୪୫୯ ।
ଶ୍ରାବଣ ବହୁଳରେ ମାୟା ଗୁଣେନ୍ଦ୍ରିୟପର ।
ଗୋ-ଦ୍ୱିଜ-ସାଧୁ-ସୁର-ହିତାର୍ଥେ ହେଲା ନର । ୧୪୬୦ ।
ଶିଶୁ କ୍ରନ୍ଦନ ଶୁଣି ଦୌବାରିକ ପାଶକୁ ।
ରାଣୀମାନେ ଆସିଲେ ଲଭି ଅତି ମୋଦକୁ । ୧୪୬୧ ।
ଦାସ ଦାସୀଙ୍କ ଚହଳ ଅଧିକ ହୋଇଲା ।
ପୁରବାସୀଙ୍କ ପ୍ରମୋଦ ସୀମା ନ ରହିଲା । ୧୪୬୨ ।

ଦଶରଥ ଶୁଣି ପୁତ୍ର-ଜନ୍ମ ବୃତ୍ତାନ୍ତକୁ ।
ମହାନନ୍ଦେ ଚଳାଇଲେ ବଶିଷ୍ଠ ଗୃହକୁ । ୧୪୬୩ ।
ମୁନିବର ଶିଷ୍ୟଗଣ ସହିତ ଆସିଲା ।
ବିବିଧ ବାଦ୍ୟମାନେ ନଗର ବୁଡ଼ାଇଲା । ୧୪୬୪ ।

ରାଜା ନାନ୍ଦୀମୁଖ ପରେ କରି ଜାତକର୍ମ ।
ବିପ୍ରଙ୍କୁ ଦେଲେ ବହୁ ଗୋରତ୍ନାମ୍ବରବର୍ମ । ୧୪୬୫ ।
ଗଗନୁ ପାରିଜାତ ପୁଷ୍ପ ବୃଷ୍ଟି ହୋଇଲା ।
ଧ୍ୱଜ-ତୋରଣ-କୁମ୍ଭଚୟେ ପୁର ଶୋହିଲା । ୧୪୬୬ ।
କସ୍ତୁରୀ ଚନ୍ଦ୍ର-ଚନ୍ଦନ କୁଙ୍କୁମ କେଶର—
ପ୍ରଭୃତି ସୁଗନ୍ଧରେ ଚହଟିଲା ନଗର । ୧୪୬୭ ।
ପୁରୀର ନାରୀ ନରେ ସର୍ବେ ଅତ୍ୟାନନ୍ଦରେ ।
ଭିକ୍ଷୁକମାନଙ୍କୁ ଦେଲେ ଅନେକ ବିଧରେ । ୧୪୬୮ ।
ପରେ କୈକେୟୀ ଏକ, ସୁମିତ୍ରା ବେନିସୁତ ।
ପାଇବାରୁ ହେଲା ପୁର-ମୋଦ ବିବର୍ଦ୍ଧିତ । ୧୪୬୯ ।

ନିଶା-ପୋଷା ଉତ୍କଣ୍ଠିତା ହୋଇ ସନ୍ଧ୍ୟାରେ ।
ସହସା ଦିନନାଥଙ୍କୁ ଦେଖି ଲଜ୍ଜାଭରେ । ୧୪୭୦ ।
ବିବର୍ଣ୍ଣା ହୋଇ ସନ୍ଧ୍ୟା-ରୂପ ଧରିଲା ପରି ।
ଯେ କାଳେ ପ୍ରତୀୟମାନା ଅଯୋଧ୍ୟା ନଗରୀ । ୧୪୭୧ ।
ଅଗୁରୁ-ଧୂପ ତହିଁ ନିଶାମୁଖ-ତିମିର ।
ଅଧିକ ଶସ୍ତେ ବିଭ୍ରମା ସାନ୍ଦ୍ରଂ ସମୀର । ୧୪୭୨ ।
ମନ୍ଦିରଜଡ଼ିତ ରତ୍ନଚୟ ତାରାଗଣ ।
ପୂର୍ଣ୍ଣ କଲସ ପୂର୍ଣ୍ଣିମା ତାରକା-ରମଣ । ୧୪୭୩ ।
ବେଦୋଦାତ୍ତାନୁଦାତ୍ତାଦି ସ୍ୱରାଳ ଗର୍ଜନ ।
ନାନାଜାତି ବିହଙ୍ଗମ ପ୍ରକର କୂଜନ । ୧୪୭୪ ।
ଏମନ୍ତ କୌତୁକ ଦେଖି ଲୋକ ବିବର୍ତ୍ତନ ।
କେମନ୍ତ ଯାଏ ଅସ୍ତ ନ କଲା ଗମନ । ୧୪୭୫ ।
ରବିସ୍ତମ୍ଭରୁ ଯାତ ଅସି ପାରିଲା ନାହିଁ ।
ମାସ ଦିନ ହେଲା ମୋତେ ନ ଜାଣିଲା କେହି । ୧୪୭୬ ।
ପରେ ବନ୍ଧୁବିଧରେ ହରିକ କଲେ ସୁତ ।
ପ୍ରଚଳିତ ଭ୍ରମଣ କଲେ ପଦ୍ମା-ପତ । ୧୪୭୭ ।
ହରିଜନୋତ୍ସବ ଦେଖି ଲଭି ଅତ୍ୟାନନ୍ଦ ।
ବାହୁଡ଼ିଗଲେ ଗର୍ବକ-ମୁନି-ନାର-ବୃନ୍ଦ । ୧୪୭୮ !

ହେ ଭଗବାନ ! ମୁଁ ଦେଖିଛି ବାସୁଦେବ ସଙ୍ଗରେ ।
ନରରୂପେ ସାକେତର ଜନ୍ମ ବାସରରେ । ୧୪୭୯ ।
ମଧ୍ୟ ଭୂଲି ଭୂଲି ଯେ ମହୋତ୍ସବକୁ ଦେଖି ।
କୃତାର୍ଥ କରଥିଲି ଯେବେ ମୋର ଆଖି । ୧୪୮୦ ।

ତେବେ ଏତୁକ୍ ସନ୍ତୁଷ୍ଟ ହେଲେ ନୃପବର ।
ଦେଲେ ଗୋ ଗଜାଶ୍ୱ ରଥ ରତ୍ନ ହେମାମ୍ବର । ୧୪୮୧ ।
ଭୂପତି ସୁତେ ଚିରଞ୍ଜୀବୀ ହୁଅନ୍ତୁ ବୋଲି ।
ସବେ ମୋତେ ଆଶୀର୍ବାଦ କଲେ କର ତୋଳି । ୧୪୮୨ ।
କେତେକ ଦିନ ପରେ ଆଣି ବଶିଷ୍ଠଙ୍କୁ ।
ନୃପ କହିଲେ ପୁତ୍ର ନାମ କରଣକୁ । ୧୪୮୩ ।

ମୁନି ବୋଇଲେ ହେ ଭୂପ ! ତୋ ଜ୍ୟେଷ୍ଠ ସୁତର ।
ଅନେକ ନାମ ଜଗତେ ପ୍ରସିଦ୍ଧ ଯାହାର । ୧୪୮୪ ।
ଏ ତ ଲୋକସୁଖକର ଆନନ୍ଦାକୂପାର ।
ଏହି ହେତୁରୁ ସୁତ ରାମ ନାମ ଏହାର । ୧୪୮୫ ।
ବିଶ୍ୱ ଭରଣ ପୋଷଣ କାରଣୁ ଭରତ—
ନାମରେ ତୋ ଦ୍ୱିତୀୟ ପୁତ୍ର ହେବ ବଦିତ । ୧୪୮୬ ।
ଜଗଦାଧାର-ଶମପ୍ରିୟଲକ୍ଷଣାକର ।
ଏଣୁ ଲକ୍ଷ୍ମଣ ନାମ ତୋ ତୃତୀୟାତ୍ମଜର । ୧୪୮୭ ।
ଶତ୍ରୁହର ହେବାରୁ ତୋ ଚତୁର୍ଥ ନନ୍ଦନ ।
ଶତ୍ରୁଘ୍ନ ନାମରେ ହେବ ମିତ୍ରନନ୍ଦନ । ୧୪୮୮ ।
ଏମନ୍ତ ନାମକରଣ କଲେ ମୁନିବର ।
ବୋଇଲେ ଆନନ୍ଦେ ଚିତ୍ତେ ହେ ଦଣ୍ଡଧର । ୧୪୮୯ ।
ତୋ ଗୃହ ସୁତେ ଅଟନ୍ତି ଚତୁର୍ବେଦସାର ।
ମୁନିଜନ ସର୍ବସ୍ୱ ଶଙ୍କର ପ୍ରାଣାଧାର । ୧୪୯୦ ।

ଏତେ ଶୁଣି ନୃପ ମୋତେ ମୁନିଙ୍କ ନମିଲ ।
'ସତ୍ୟ ତୁମ୍ଭ ଆଶୀର୍ବାଦ, ମହନ୍ତ' ବୋଇଲେ । ୧୪୯୧ ।
ଶୁକ୍ଳପକ୍ଷର ନବ-ସୁଧାକର ପ୍ରକାରେ ।
ଦିନଦିନାଭିବୃଦ୍ଧି ଲଭିଲେ କୁମାରେ । ୧୪୯୨ ।

ନାଗର ହୁଡ଼ ପୁଣି ପଛ ପର୍ଯ୍ୟେ ଯିବ ।
ଲକ୍ଷ୍ମଣ ସ୍ୱାମୀ ହୁଏ ନିତ ରାମଙ୍କୁ ସେବ । ୧୪୯୩ ।
ଭରତ ଶତ୍ରୁଘ୍ନ ପ୍ରଭୁସେବକ ସାଥରେ ।
ପରସ୍ପର ସ୍ନେହ-ପାଶେ ବଦ୍ଧ ନିରନ୍ତରେ । ୧୪୯୪ ।
ବେନି ଯୋଡ଼ଯାକ ଶ୍ୟାମ ଗୌର କଳେବର ।
ଲୋକ-ଲୋଚନ-ସୁଖଦ ଅତି ମନୋହର । ୧୪୯୫ ।
ତାଙ୍କ ସୌନ୍ଦର୍ଯ୍ୟ ଦେଖି ମାତାମାନେ ଲୁଣାନ୍ତି ।
ଛିଣ୍ଡାଇ ଫିଙ୍ଗନ୍ତି ସ୍ୱ-ଦୃଷ୍ଟି ଦୋଷ ଯିବାକୁ । ୧୪୯୬ ।
ସ୍ୱଭ ଭ୍ରାତ ସୌନ୍ଦର୍ଯ୍ୟଶାଳୀ ସୁଗୁଣାକର ।
ମାତ୍ର ରହିଁ ଅଗ୍ରଜ ଅଟେ ଅଧିକତର । ୧୪୯୭ ।
ଯାମ ହୃଦୟେ ସଦା କାରୁଣ୍ୟ ଚନ୍ଦ୍ର ଥାଏ ।
ତାର କିରଣ ମନ୍ଦହାସେ ପ୍ରକାଶ ପାଏ । ୧୪୯୮ ।
ଯେ ଅହ୍ଲାଦକ ନିର୍ଗୁଣ ବ୍ରହ୍ମ ନିରଞ୍ଜନ ।
ଜଗତ-ଜନୋଦ ଶିଶୁ ଅଜ ସନାତନ । ୧୪୯୯ ।
ସେହୁ ବାତ୍ସଲ୍ୟ ଭକ୍ତି ବଶେ ମର୍ତ୍ତ୍ୟଲୋକରେ ।
କୌଶଲ୍ୟା-କୋଳେ ଖେଳଇ ବାଳକାକୃତରେ । ୧୫୦୦ ।
ବାଳାମ୍ବୁଦ ନୀଳାମ୍ବୁଜ-ଶ୍ୟାମ-କଳେବର ।
ଅପାର ରଞ୍ଜିତ-ଶତକୋଟିସ୍ମରଶର । ୧୫୦୧ ।
କୁଳିଶ-ଧ୍ୱଜାଙ୍କୁଶାଦି ରେଖାଙ୍କିତ ପଦ ।
ତିରସ୍କୃତ-ପଦ୍ମଗର୍ବ-ଶୋଭନଦ । ୧୫୦୨ ।
ନଖ ନିନ୍ଦିତ-ନକ୍ଷତ୍ର ମୌକ୍ତିକକାନ୍ତି ।
ରତ୍ନ-ନୂପୁର ନାଦ ମୋହିତ ମୁନିମତି । ୧୫୦୩ ।
କିଙ୍କିଣୀଯୁକ୍ତ କଟି, ତ୍ରିବଳିଯୁତୋଦର ।
ଗମ୍ଭୀର ନାଭି ଜିତ ପୂର୍ଣ୍ଣ ସମୁନ୍ଦର । ୧୫୦୪ ।
ମଣି-କେୟୂର-ମଣ୍ଡିତ ଦୀର୍ଘ ଭୁଜଦ୍ୱୟ ।
ବହୁଧା ଅଳଙ୍କୃତ ବିଶାଳ ହୃଦୟ । ୧୫୦୫ ।
ଶର୍ଦ୍ଦୂଳ ନଖ ଯୁଗଳ ପଦକ ସଯୁତ ।
କମ୍ବୁକଣ୍ଠ ନବରତ୍ନ ହାର-ବିଭୂଷିତ । ୧୫୦୬ ।

କମ୍ବୁ ସମାନ କଣ୍ଠ, ମନୋହର ଚିବୁକ ।
ମୁଖ ଜିତ-ଶାରଦଶଶୀ-କଳାନାୟକ । ୧୫୦୭ ।
ଦନ୍ତଚନ୍ଦ୍ରପୁଷ୍ପ-ଦ୍ୟୁତି ଦୂଷିତ ହୀରକ ।
ଅରୁଣାଧର, କାନ୍ତି ନିର୍ଜିତ-ପ୍ରବାଳକ । ୧୫ ୮ ।
ନିରୁପମ କର୍ଣ୍ଣ ନାସା ଜିତ ତିଳସୁମ ।
ମାଂସଳ କପୋଳ ହତ ସମୁଦସ୍ପୋପମ । ୧୫୦୯ ।
ଅପୂର୍ବ ମୃଦୁଭ୍ରୂ ମୁଖକୃତ ଶୁଭଙ୍କୁଳ ।
ମନୋରମ ନିବିଡ଼ ନୀଳାଳକକୁନ୍ତଳ । ୧୫୧୦ ।
ଏମନ୍ତେ ଶିଶୁ ରାମ ହାମୁଡ଼େ ଭୂମିଗରେ ।
ଶୋଭୁ ଫିଙ୍ଗାଉଥିବା ହଳଦିଆ କାନ୍ଥରେ । ୧୫୧୧ ।
ସେ ମନୋହରାକାର ବେଦଶେଷାଗୋଚର ।
ଯେ ସ୍ୱପ୍ନେ ଦେଖିଅଛି, ଜାଣଇ ସେ ମାତର । ୧୫୧୨ ।
ଦୂରୀକୃତ ପ୍ରାଣୀଙ୍କ ମାୟାମୋହ ହର ହର ।
ଲକ୍ଷ୍ମୀବର ପ୍ରେମେ କ୍ରୀଡ଼େ ଶିଶୁତନୁ ଧରି । ୧୫୧୩ ।
କଶ୍ୟପାଦିତିରୂପ ଦମ୍ପତି ସକଳ ।
ଯାକେତେବୋଧିଙ୍କି କରେ ଆନନ୍ଦ ବହଳ । ୧୫୧୪ ।
ଯେତୁ ସ୍ୱରୂପ ଦେ ରତ କରେ ନିଜ ମତ ।
ସେତୁ ଅବଶ୍ୟ ଲଭଇ ସେତୁପଦ ଗତ । •୫୧୫ ।
ରାମ-ପାଦ-ଉନ୍ମୁଖ କେବେ ହେଲେ ଏ ଚୋର ।
ସଂସାର-ସାଗର ଲଙ୍ଘି ହୋଇ ନ ପାରେ ପାର । ୧୫୧୬ ।
ସର୍ବଦେବବନ୍ଦ୍ୟ ଯେ ପାଦ୍ୟ ହର—
ଭକ୍ତ ହୋଇ ନାହେ ତା ଦୁର୍ଭାଗ୍ୟ ଅନୁସର । ୧୫୧୭ ।
ଯେ ସ୍ୱରୂପ ଧ୍ୟାନ ଜୀବନ ଶୁଣିବେ ।
ପ୍ରଭୁଙ୍କୁ ଭଜନ୍ତେ, ତାହାରେ ପ୍ରଭୁ କୃପାକରେ । ୧୫୧୮ ।
ମାତାମାନେ ଯେମନ୍ତୁ କୋଳେ କରି ଦୋଳରେ ।
ବଢ଼ାଇ ଖାଆନ୍ତି ତା ବେନି ବଦଧରେ । ୧୫୧୯ ।
ପୁତ୍ରବତ୍ସଳା କୌଶଲ୍ୟା ଜାଣି ନ ପାରଇ ।
କେବେ ବନ ଅଙ୍କ କେବେ ଲଳନା ଦୁଷଇ । ୧୫୨୦ ।

## ବିଶ୍ୱରୂପ ଦର୍ଶନ

ଅନେକ ଧାତା ସମସ୍ତେ ମାଜଣା କରଇ ।
ବେଶ କରି ଗଜଦନ୍ତ-ଦୋଳାରେ ଶୁଅଇ । ୧୫୨୧ ।
ଇଷ୍ଟଦେବତା ପୂଜା ନିମିତ୍ତ ଜାଳ କରେ ।
ନାନାବିଧ ପିଷ୍ଟକ କରି ଭକ୍ତିଭାବରେ । ୧୫୨୨ ।
ଦେବତାଙ୍କୁ ପୂଜି ପଞ୍ଚଶାଳାକୁ ଗମିଲା ।
ଯେଉଁଠାରେ ବ୍ୟଞ୍ଜନ ଥିଲା ପୁତ୍ରକୁ ବଳେଇଲା । ୧୫୨୩ ।
ସେ ଚଳିତା ହୋଇ ଦେଲା କିଛି ଗମନ ।
ତହିଁ ଅନାଇଲା ତହୁଁ ଶୋଇଛି ନନ୍ଦନ । ୧୫୨୪ ।
ଫେରିଆସି ଦେଖିଲା ସ୍ୱମୂର୍ତ୍ତି ଏ ଠାବରେ ।
ପିଷ୍ଟକ ଭୋଜନ କରୁଅଛି ଆନନ୍ଦରେ । ୧୫୨୫ ।
ଏମନ୍ତ ସେ ସ୍ଥାନଦ୍ୱୟରେ ତନୟଦ୍ୱୟଙ୍କୁ ।
ଦେଖି ପାଇଲା ବିସ୍ମୟ ପୁଣି ବିଭ୍ରମକୁ । ୧୫୨୬ ।
ସତ୍ୟ କିବା ଭ୍ରାନ୍ତି କିବା ମହିମା କାହାର ।
କିଛି ନ ଜାଣି ପାରି ଆକୁଳ ଚିତ୍ତ ତାର । ୧୫୨୭ ।
ମାତାର ସମ୍ଭ୍ରମ ଜାଣି ମନ୍ଦହାସ କରି ।
ଅଖଣ୍ଡାଦ୍ଭୁତ ରୂପକୁ ପ୍ରକାଶିଲା ହରି । ୧୫୨୮ ।
କୋଟି କୋଟି ବ୍ରହ୍ମାଣ୍ଡ ସ୍ୱରୋମ ରୋମକୂପେ ।
ପରିକ୍ରମଣ କରନ୍ତି ଅଣୁର ସ୍ୱରୂପେ । ୧୫୨୯ ।
ଅନେକ ରବି ଶଶୀ ଦିବ ତରୁବନ,
ଭିନ୍ନ ପରିବାର ଧରାଧର କାନନ । ୧୫୩୦ ।
ଦେଶ କାଳ କର୍ମାଦି ସମସ୍ତ ଦୃଷ୍ଟିଗତ ।
ଯାହା ସ୍ୱପ୍ନରେ ମଧ୍ୟ ହୋଇ ନ ଥିଲା ଶ୍ରୁତ । ୧୫୩୧ ।
ଜଗନ୍ମୋହିନୀ ମାୟା ଭୟେ ଯୋଡ଼ିଛି ହାତ ।
ବିଦ୍ୟମାନ ମାୟା-କଳ୍ପିତ ଜୀବବ୍ରାତ ୧୫୩୨ ।
ଜୀବ-ମୁକ୍ତି-ଦାତ୍ରୀ ଶକ୍ତି ସେବା କରେ ସ୍ଥିତ ।
ସେ ସବୁ ଦେଖି ଜନନୀ କୌତୂହଳର ମତ । ୧୫୩୩ ।

ସେ ଅବଳା ଚକ୍ଷୁରେ ଯୋଡ଼ି ବେନି ପାଣି ।
ପୁଲକିତଗାତ୍ରରେ ହୋଇ ଗଦଗଦବାଣୀ । ୧୫୩୪ ।
ନେତ୍ରଯୁଗଳକୁ ନ୍ୟସ୍ତ ରାମ ଚରଣରେ ।
ପ୍ରଣମିଲ ଭୟ-ଭକ୍ତି-ଯୁକ୍ତ ମାନସରେ । ୧୫୩୫ ।
ଭୟଭୀତା ମାତାଙ୍କୁ ଦେଖି କରୁଣାରେ ହରି ।
ବର୍ତ୍ତମାନ ପୂର୍ବ ଶିଶୁ-ଶରୀରକୁ ଧରି । ୧୫୩୬ ।
ମାତା ସ୍ତବ କରି ନ ପାରି ସ୍ୱବଶ ଡରେ ।
ଜଗପିତାକୁ ମୁଁ ତ ମଣେ ସୁତ ରୀତରେ । ୧୫୩୭ ।
ହେ ପରାତ୍ପର ! ମୋହଠାରେ କରୁଣା କର ।
ମାୟାପ୍ରବର୍ତ୍ତନରୁ ମୋତେ ସନ୍ତତ ଉଦ୍ଧର । ୧୫୩୮ ।
ପରେ ରାମ ମାତାକୁ ବହୁତ ପ୍ରବୋଧିଲ ।
ସେ ରହସ୍ୟ ପ୍ରକାଶ କରିବା ନିଷେଧିଲ । ୧୫୩୯ ।
ଏପରି ବାଳକ୍ରୀଡ଼ା ବହୁବିଧରେ କରି ।
ସାକେତପୁରବାସୀଙ୍କି ସୁଖୀ କଲ ହରି । ୧୫୪୦ ।
ବଶିଷ୍ଠ ମୁନୀଶ ଆସି କେତେକାଳ ପରେ ।
ଚାରିଭାଇଙ୍କ ଚୂଡ଼ାକର୍ମ କଲ କ୍ରମରେ । ୧୫୪୧ ।
ଭ୍ରାତୃଚତୁଷ୍ଟୟ ଜନ-ମନସ-ନୟନ—
ଆନନ୍ଦପ୍ରଦ, ଖେଳନେ କରେ କାଳଯାପନ । ୧୫୪୨ ।
ଯେ ନିରୀହ ବ୍ରହ୍ମ ମନୋବଚନାଗୋଚର ।
ସେ ହେଲ ଦଶରଥ-ଚତ୍ୱରେ କ୍ରୀଡ଼ାପର । ୧୫୪୩ ।
ଭୋଜନ ପାଇଁ ଜନନୀ ଜନକ ଡାକିଲେ ।
ରାମ ପଳାୟନ କରେ ବାଳକଙ୍କ କୁଳେ । ୧୫୪୪ ।
ଯାକୁ ମହାଦେବ ବ୍ରହ୍ମା ବେଦ ଜାଣେ ନାହିଁ ।
ତାକୁ ଧରିବ ଜନନୀ କେଉଁଭାବେ ଗୋଡ଼ାଇ । ୧୫୪୫ ।
କଲେ ନ ଆସି ରାମ ଦଧି ଭାତ ମୁହଁରେ—
ଲଗିଥାଇ ଖେଳିବାକୁ ଧାଏଁ ତତ୍ପରରେ । ୧୫୪୬ ।
ରାମ ପୂର୍ବେ ନିଷ୍କଳ ଏବେ ଅତି ଚଞ୍ଚଳ ।
ତା ଚରିତ ତ ଅଗମ୍ୟ ଦୁରୂହ ନିର୍ମଳ । ୧୫୪୭ ।

ସେ ଚରାଚରମୟର ବାଲ୍ୟଲୀଳା ଚରିତ ।
ତାହାରେ ହେଲେ କେବେହେଁ ନୁହନ୍ତ ବର୍ଣ୍ଣିତ । ୧୫୪୮ ।
ବାଲ୍ୟ ସମୟୁ ସମସ୍ତେ ଗୃହସୁନ୍ଦରଙ୍କର ।
ଉପନୟନ କଲେ ଅଯୋଧ୍ୟାପୁରୀଶ୍ୱର । ୧୫୪୯ ।
ମୁନିଙ୍କର ବଶିଷ୍ଠର ଆଶ୍ରମକୁ ଯାଇ ।
ବିଦ୍ୟାଭ୍ୟାସ କଲେ ଅତି ଶ୍ରଦ୍ଧାଯୁକ୍ତ ହୋଇ । ୧୫୫୦ ।
ଯାହାର ନିଃଶ୍ୱାସରୁ ନିଗମ ବିନିର୍ଗତ ।
ସେ ଶିକ୍ଷାରେ ପଢିବା ନୁହେ କି ଅଦ୍ଭୁତ । ୧୫୫୧ ।
ଅତି ସ୍ୱଳ୍ପ ସମୟରେ ସେହୁ ଗୁରୁଙ୍କର ।
ବହିଲେ ସକଳ ବିଦ୍ୟାନିପୁଣ ହୋଇ । ୧୫୫୨ ।
ଭାଣ୍ଡ କୋଦଣ୍ଡ ଧରି ଯେମାନେ ଉଦ୍ଧରେ ।
ବିହରନ୍ତି ହର୍ଷେ ରମ୍ୟୋଦ୍ୟାନମାନଙ୍କରେ । ୧୫୫୩ ।
ତାଙ୍କ ରୂପ ଲାବଣ୍ୟ ଦେଖିବା ପ୍ରାଣୀଚୟ ।
ମୋହ-ପାରାବାରରେ ବୁଡେ ହୋଇ ଅଥୟ । ୧୫୫୪ ।
ରାମଙ୍କୁ କୋଶଳର ସକଳ ନାରୀ-ନରେ ।
ଦେଖନ୍ତି ସ୍ୱପ୍ରାଣଠାରୁ ଅଧିକ ପ୍ରେମରେ । ୧୫୫୫ ।
କେବେ କେବେ ଅନୁଜ ମିତ୍ରଙ୍କ ସଙ୍ଗେ ରାମ ।
ବନକୁ ଗମନ କରି ମାରି ମୃଗସ୍ତୋମ । ୧୫୫୬ ।
ସେ ମାଂସ କରେ ଭ୍ରାତୃମିତ୍ରସହ ଭୋଜନ ।
ପାଳେ ସର୍ବଦା ଜନନୀ-ଜନକ-ବଚନେ । ୧୫୫୭ ।
ଦିବ୍ୟବାଣ-ହତ ମୃଗ ଯାଏ ବୈକୁଣ୍ଠକୁ ।
ରାମ ସଦା କରେ ଲୋକହିତସାଧନକୁ । ୧୫୫୮ ।
ନିତ ସକାଳେ ଉଠି ମାତୃପିତୃ ଗୁରୁଙ୍କୁ ।
ପ୍ରଣମି ସେ କରନ୍ତି ଅନ୍ୟ କାର୍ଯ୍ୟମାନଙ୍କୁ । ୧୫୫୯ ।
ପୁଣି ସେ ଋଷିଙ୍କ ମୁଖୁଁ ବେଦଶାସ୍ତ୍ର ଶୁଣି ।
ଭ୍ରାତୃ ମିତ୍ରଙ୍କୁ ବୁଝାଏ ବେଦବେଦେ ଭଣି । ୧୫୬୦ ।
ଏମନ୍ତ ରାମଚନ୍ଦ୍ରର ପବିତ୍ରାଚରଣ ।
ନୃପର ମନକୁ କରେ ପୂର୍ଣ୍ଣ ଆନନ୍ଦେ । ୧୫୬୦ ।

ଯେ ଜନ୍ମ-ରୂପ-ନାମ ରହିତ ସର୍ବଗତ ।
ବ୍ରହ୍ମ ନିରୀହ ନିଷ୍କଳ ନିର୍ଗୁଣ ଅଚ୍ୟୁତ । ୧୫୬୨ ।
ସେ ମର୍ତ୍ତ୍ୟଲୋକରେ ଜନ୍ମି କଲା ଭକ୍ତଗଣ ।
ତାରଣ କାରଣ ବନ୍ଧୁ ବିଶ୍ୱାଭରଣ । ୧୫୬୩ ।

## ବିଶ୍ୱାମିତ୍ରାଗମନ

ଶୁଣ ଅନ୍ୟ ଚରିତ ବିଶ୍ୱାମିତ୍ରାଶ୍ରମର ।
ପାଶେ ଥାନ୍ତି ମାରୀଚ ସୁବାହୁ ନିଶାଚର । ୧୫୬୪ ।
ସେ ବେନିଙ୍କର ଭୟେ ଯେତେ ମୁନିକୁଳ ।
ଯଜ୍ଞଯାଗ କରି ନ ପାରି ବଡ଼ ଆକୁଳ । ୧୫୬୫ ।
ଋଷି ବିଶ୍ୱାମିତ୍ର ଏକ ଯଜ୍ଞ କରିବାକୁ ।
ପାଇଲେ ପ୍ରଥମେ ସେ ଦୁଷ୍ଟଙ୍କୁ ତାଡ଼ିବାକୁ । ୧୫୬୬ ।
ସେ କାର୍ଯ୍ୟ କରିବାକୁ ଶ୍ରୀରାମ ବିନା କେହି ।
ସମର୍ଥ ନୁହେ ବୋଲି ଚିତ୍ତନିଶ୍ଚୟ ହୋଇ । ୧୫୬୭ ।
ଶ୍ରୀରାମ ଲକ୍ଷ୍ମଣଙ୍କୁ ନେବାକୁ ସେ ମୁନୀଶ ।
ଦଶରଥ-ସିଂହଦ୍ୱାରେ ହୁଅନ୍ତେ ପ୍ରବେଶ । ୧୫୬୮ ।
ବାର୍ତ୍ତା ଶୁଣି ନୃପ ଆସି ନମି ସେ ଋଷିଙ୍କୁ ।
ନେଇ ରତ୍ନ ପୀଠ ଦେଇ ପଖାଳି ପାଦକୁ । ୧୫୬୯ ।
ବିଧାନରେ ପୂଜା କରି ବିବିଧ ଭୋଜନେ ।
ସନ୍ତୃପ୍ତ କରି ବସାଇ ସୁକୋମଳାସନେ । ୧୫୭୦ ।
ସେ ପୁତ୍ରଙ୍କୁ ଆଣି ତାଙ୍କୁ ପ୍ରଣାମ କରାଇ ।
ରାମ ମୁଖ ଦେଖି ମୁନି ବିରାଗ ତ୍ୟାଗିଲ । ୧୫୭୧ ।
ସଦାନନ୍ଦ-ରାମଚନ୍ଦ୍ର ଅଙ୍ଗେ ସେ ମୌନିର ।
ନେତ୍ରଯୁଗ-ମନ ହୋଇଲେ ଚକୋର । ୧୫୭୨ ।
ରାଜା ବୋଇଲେ କରଯୋଡ଼ି ହେ ତପୋଧନ ।
କହ କାର୍ଯ୍ୟ ଏଠାକୁ ତୁମ୍ଭ ଆଗମନେ । ୧୫୭୩ ।
କେଉଁ ଆଦେଶକୁ ମୁହିଁ ପାଳିବି ଆଦରେ ।
ପାଳିବ ଆଦେଶକୁ ତ କହି ମନରେ । ୧୫୭୪ ।

ତା ଶୁଣି ମୁନି ବୋଇଲେ ଅହେ ନରବର ।
ଏତ ଯଜ୍ଞ କରିବାକୁ ସଙ୍କଳ୍ପ ମୋହର । ୧୫୭୫ ।
ଭୂତଳ ପୀଡ଼ାରୁ ସେ ଯବନରକ୍ଷଣେଙ୍କୁ !
ମୋ ଯଜ୍ଞରେ ପଠାଅ ଲକ୍ଷ୍ମଣ ରାମଙ୍କୁ । ୧୫୭୬ ।
ରାଜା ହେଜ, ମିଥ୍ୟା ମାୟା ମୋହ କର ଦୂର ।
ଏଥିରେ ତୁମ୍ଭ ଧର୍ମ ଗୋତ ହେବ ବିସ୍ତାର । ୧୫୭୭ ।
ପୁଣି ତୁମ୍ଭ ନନ୍ଦନଙ୍କ ମଙ୍ଗଳ ହୋଇବ ।
ମୋହର ସଙ୍କଳ୍ପିତ ଯଜ୍ଞ ସିଦ୍ଧ ପୂରିବ । ୧୫୭୮ ।
ଏମନ୍ତ ଅପ୍ରିୟବାଣୀ ଶୁଣନ୍ତେ ନୃପବର ।
ହୃଦୟ କମ୍ପିଲା ମୁଖ ହେଲା ଅସୁନ୍ଦର । ୧୫୭୯ ।
ସେ ବୋଇଲେ ହେ ମୁନୀଶ ! ବୃଦ୍ଧ ସମୟରେ ।
ଲଭିଲି ଏ ଚାରିଗୋଟି ପୁତ୍ର ବହୁ ଯତ୍ନରେ । ୧୫୮୦ ।
ସେ ବିଷୟ ବିବେଚନା କିଛିହିଁ ନ କର ।
ତୁମ୍ଭେ କରୁଅଛ କଠିନ ଯାଚନା ଏପର । ୧୫୮୧ ।
ମାଗ ଗୋ, ପୃଥ୍ୱୀ କୋଷ ସର୍ବସ୍ୱ ଦେହ ପ୍ରାଣ ।
ସକଳେ ପ୍ରମୋଦ କରେ କରିବି ମୁଁ ଦାନ । ୧୫୮୨ ।
ମୋ ପ୍ରାଣଠାରୁ ସକଳ ସୁତେ ଅତିପ୍ରିୟ ।
ତାଙ୍କୁ ଦେଇ ପାରିବି ନାହିଁ ହେ ମହୋଦୟ । ୧୫୮୩ ।
ପୁଣି କେଉଁଠାରେ ଘୋର ରାକ୍ଷସ ପ୍ରକର ।
କେଉଁଠାରେ ସୁକୁମାର କୁମାରେ ମୋହର । ୧୫୮୪ ।
ଏତେ ଶୁଣି ନୃପତିର ବାତୁଳ୍ୟ ଭାବକୁ ।
ମନେ ରାଗ କରି ମୁନି କହିଲେ ମୋତେଲୁ । ୧୫୮୫ ।
ତେବେ ବଶିଷ୍ଠ ବୁଝାଇ ଅନେକପ୍ରକାରେ ।
ନୃପବର ମନ ସଂଶୟ ନିବାରିଲେ ପରେ । ୧୫୮୬ ।
ପରେ ନୃପ ବୋଲାଇଲା ରାମଙ୍କୁ ଲକ୍ଷ୍ମଣଙ୍କୁ ।
ବହୁବିଧେ ଉପଦେଶ ଦେଇ ବିଶ୍ୱାମିତ୍ରଙ୍କୁ । ୧୫୮୭ ।
କହିଲେ ଏ ମୋ ପ୍ରାଣପ୍ରିୟ ନନ୍ଦନ ଦ୍ୱୟ ।
ହେ ମୁନିବର ! ଏଣିକି ତୁମ୍ଭର ତନୟ । ୧୫୮୮ ।

ଏତେ ବୋଲି ପୁତ୍ରଙ୍କର ବେନି ଦକ୍ଷକର ।
ମୁନି କରେ ସମର୍ପଣ କଲେ ନରବର । ୧୫୮୯ ।
ପରେ ସେ ଦୁଇ ଭାଇ ଜନକଙ୍କୁ ପ୍ରଣମି ।
ଅନ୍ତଃପୁରରେ ପ୍ରବେଶି ଜନନୀଙ୍କି ନମି । ୧୫୯୦ ।
ମସ୍ତକରେ ଲଭେସି ତାହାଙ୍କ ଆଶୀର୍ବାଦ ।
ବିଶ୍ୱାମିତ୍ର ସଙ୍ଗେ ଗଲେ ଲଭି ଅତି ମୋଦ । ୧୫୯୧ ।
ସେ ପୁରୁଷ ସିଂହ ଦ୍ୱୟ ଅରୁଣ ଲୋଚନ ।
ନୀଳାମ୍ବୁଜ ଚମ୍ପକକାନ୍ତି ସୁଚାପଘନ । ୧୫୯୨ ।
ପୀତାରୁଣାମ୍ବରଧର ତୂଣଶର-କର ।
ବିଶ୍ୱାମିତ୍ର ମୁନିଭାଷା କରଣ ତତ୍ପର । ୧୫୯୩ ।
ସେ ତନହେଁ ଯାଇ ଘୋର ବନ ପ୍ରଦେଶରେ ।
ବଧିଲେ ତାଡ଼କାକୁ ଦେଖିଲେ ବାଟରେ । ୧୫୯୪ ।
ମୁନି ପ୍ରେରଣେ ଏକ ପାଷାଣେ ତାଙ୍କୁ ରାମ ।
ବହି କୃପାରେ ପ୍ରଦାନ କଲେ ନିଜ ଧାମ । ୧୫୯୫ ।
ସେକାଳେ ବଳାତିବଳା ବିଦ୍ୟାଯୁଗଳକୁ ।
ମୁନି ମୋଦେ ଦେଲେ ସ୍ୱପୁତ୍ର ବିଦ୍ୟାକରଙ୍କୁ । ୧୫୯୬ ।
ତା ପ୍ରଭାବେ କ୍ଷୁଧାତୃଷା କେବେ ନ ଲାଗଇ ।
ବଳ ବଢ଼ାଇ ପ୍ରତାପ ବେଶୀ ପ୍ରକାଶଇ । ୧୫୯୭ ।
ପରେ ସେ ଦୁହିଁଙ୍କି ସେ ନିଜର ଅସ୍ତ୍ରମନ୍ତ୍ରକୁ ।
ଦେଇ ଦାନ କଲେ ଦିବ୍ୟ ଶସ୍ତ୍ରାସ୍ତ୍ରଚୟଙ୍କୁ । ୧୫୯୮ ।
ପୁଣି ବନମୂଳଫଳ ଭୋଜନେ ତାଙ୍କୁ ସେ ।
ସନ୍ତୁଷ୍ଟ କଲେ ଅତି ପ୍ରେମଯୁକ୍ତ ମାନସେ । ୧୫୯୯ ।
ପରଦିନେ ମୁନୀଶ ସ୍ନାନପ୍ରେରିତ ହୋଇ ।
ସଙ୍ଗ କରନ୍ତେ ଚଳି ବହିଲେ ବେନି ଭାଇ । ୧୬୦୦ ।
ଯବନ ଉପାସ୍ୟର ଶ୍ରେଣୀ ମାସ୍ରାନ୍ତର ।
ସେକେ ସ୍ଥପତିଜନଙ୍କୁ ପାଅନ୍ତେ ସତ୍ୱର । ୧୬୦୧ ।
ହମ ଅତ୍ପାନ ଏକ ବାଣ ପ୍ରସ୍ଫୋଟିସ ।
[illegible] । ୧୬୦୨ ।

ପୁଣି ଯେ ପବକାସ୍ତ୍ରେ ସୁବାହୁକୁ ନାଶିଲ ।
ଅବଶିଷ୍ଟ ଦୈତ୍ୟଙ୍କୁ ଲକ୍ଷ୍ମଣ ସଂହାରିଲ । ୧୨୦୩ ।
ଦୈତ୍ୟେ ମରନ୍ତେ ଋଷିଏ ନିଶ୍ଚିନ୍ତ ହୋଇଲେ ।
ବେଦଗାନଙ୍କି ଦେବେ ମୁନିଏ ସ୍ତୁତି କଲେ । ୧୨୦୪ ।
ରାମଚନ୍ଦ୍ର କୃପା କର ବ୍ରାହ୍ମଣଜନରେ ।
କେତେ କାଳ ନିବାସ କଲେ ଯେ ଆଶ୍ରମରେ । ୧୨୦୫ ।
ଯେ ସବଙ୍କ ହେଲେ ମଧ୍ୟ ତାଙ୍କୁ ବଡ଼ ପାଳି ।
ଚନ୍ଦ୍ରରେ ଶୁଣୋଇଲ ପୁରାଣଚରିତାଳି । ୧୨୦୬ ।
ଅନେକ ବର୍ଣ୍ଣାମିଶ୍ର ମିଥିଳା-ଧନୁର୍ଯାଗ—
ବୃତ୍ତାନ୍ତକୁ ଶୁଣାନ୍ତେ ରାମ ହୋଇ ସରାଗ । ୧୨୦୭ ।
ତାଙ୍କୁ ଦେଖିବା ନିମିତ୍ତ ଲକ୍ଷ୍ମଣ ସହିତ ।
ମୁନିବର ପ୍ରଭାତରେ ଗମିଲ ତ୍ୱରିତ । ୧୨୦୮ ।
ଗୌତମ ସ୍ୱସ୍ଥାନ ଏକ ଆଶ୍ରମକୁ ।
ମାର୍ଗରେ ଦେଖି ରାମ ପୁଛନ୍ତେ ତା ହେତୁକୁ । ୧୨୦୯ ।
ମୁନିଏ ସେ କାରଣକୁ ବଖାଣି ବୋଇଲ ।
ଶାପ ହେତୁ ଗୌତମ ପତ୍ନୀ ହୋଇ ଶିଳା । ୧୨୧୦ ।
ତୋ ପାଦ-ରଜକୁ ବାଞ୍ଛି ଅଛି ଏହିଠାରେ ।
ହେ କୃପାକର ! ଏବେ କୃପା କର ତାହାରେ । ୧୨୧୧ ।

## ଅହଲ୍ୟା-ଶାପୋଦ୍ଧାର

ତା ଶୁଣି ନିଜ ପ୍ରଭାତ ପଦେ ରଘୁମଣି ।
ସ୍ପର୍ଶନ୍ତେ ଶିଳା ଅହଲ୍ୟା ହୋଇ ଯୋଡ଼ହସ୍ତିଣି । ୧୨୧୨ ।
ଲୋକାଭିରାମ ରାମଙ୍କୁ ସମ୍ମୁଖେ ଅନାଇ ।
ବେନି କରତଳ ଯୋଡ଼ି ଭକ୍ତିପୂର୍ଣ୍ଣା ହୋଇ । ୧୨୧୩ ।
ପୁଲକିତ ଶରୀରେ ଗଦ୍‌ଗଦ କଣ୍ଠସ୍ୱରେ ।
ପ୍ରଣମି ପଖାଳିଲା ତ ପାଦ ପ୍ରେମାଶ୍ରୁରେ । ୧୨୧୪ ।
ପରେ ହରି-କୃପା ପାତ୍ରୀ ହୋଇ ଧୈର୍ଯ୍ୟ ଧରି ।
ମଞ୍ଜୁଳ ବଚନରେ ସ୍ତୁତି କଲା ଏପରି । ୧୨୧୫ ।

ଜୟ ଜ୍ଞାନଗମ୍ୟ ରାମ ! ଅପୂତା ସ୍ତ୍ରୀ ମୁହିଁ ।
ସନତ୍କୁମାରବୃନ୍ଦଙ୍କର ଅଟୁ ପ୍ରଭୁ । ୧୨୧୬ ।
ହେ ଦୁଷ୍ଟାସୁରକୁଳ-ବନ ଦାବ-ପାବକ !
ଚନ୍ଦ୍ରେଶ-ଚକୋର-ସ୍ୱଚ୍ଛାନନ-ନାୟକ । ୧୨୧୭ ।

ହେ କରୁଣାଳବାଳ ! ସଜ୍ଜନଚିତ୍ତହର ।
ତୋ ଚରଣ ମୋ ଶରଣ, ମୋତେ ରକ୍ଷା କର । ୧୨୧୮ ।
ମୁନି ଶାପ ଦେଇ ଥିଲେ ମୋ ଅପଚାର ।
ଯେଣୁ ଦେଖି ପାରିଲି ହେଲେ ତୋ ବପୁକାର । ୧୨୧୯ ।
ତୋ ଦର୍ଶନ ଅଟଇ ଭବାମ୍ବୁଧି-ମୋଚନ ।
ତା ମର୍ମମାନ୍ତୁ ଜାଣେ କେବଳ ତ୍ରିଲୋଚନ । ୧୨୨୦ ।

ମୋ ଶିରାଳା ତୋ ପଦ-ପଦ୍ମ-ପରାଗାକ୍ତ ।
ସଦା ହେଉ, ଏହା ଦାନ କର ହେ ଶ୍ରୀଯୁକ୍ତ ! ୧୨୨୧ ।
ଯେଉଁ ପାଦଜାତଗଙ୍ଗାକୁ ଶିବ ଶିରେ ଧରେ ।
ଯାହାକୁ ବିଧାତା ପୂଜି ପାରିଥିଲା ଥରେ । ୧୨୨୨ ।
ସେ ପାଦେ ମୋ ମ୍ଳାନ ଶିର ଲଗାଇ ପାରିଲି ।
ଅଉ କେଉଁ ସ୍ୱର୍ଗ ଅଛି ଏହାଠାରୁ ବଳି ? ୧୨୨୩ ।
ଏହା ବୋଲି ଗୌତମ ପତ୍ନୀ ପୁଣ ପ୍ରଣମି—
ଚରଣ ଜଳଜାତ ଯୁଗେ କଲା ପ୍ରଣାମ । ୧୨୨୪ ।

ରାଘବଙ୍କୁ ଲଭି ସ୍ୱପାଳୁଙ୍କୁ ପାଇ ।
ନିଜ ପତି-ସନ୍ନିଧିକି ଗଲା ପ୍ରୀତା ହୋଇ । ୧୨୨୫ ।
ପରେ ସେ ତିନିହେଁ ସେହୁ ସ୍ଥାନରୁ ଚଳିଲେ ।
ଯାଇ ଗଙ୍ଗା ତଟିନୀ ତୀରରେ ପହୁଞ୍ଚିଲେ । ୧୨୨୬ ।
ପୂଜନୀୟ ଗଙ୍ଗାକୁ ସଲକ୍ଷ୍ମଣ ଶ୍ରୀରାମ ।
ଅତ୍ୟନ୍ତ ଭକ୍ତିଭାବେ ଅର୍ପିଲେ ପ୍ରଣାମ । ୧୨୨୭ ।

ମୁନି ମୁଖୁଁ ସେ ନଦୀର ସମସ୍ତ ଚରିତ ।
ଶ୍ରବଣ କରି ବେନିବନ୍ଧୁ ହେଲେ ମୁଦିତ । ୧୨୨୮ ।
ପରେ ସେ ତିନିହେଁ ସେ ତଟିନୀ-ସଲିଳରେ ।
ସ୍ନାନାଦି ଦୈବ କଳାପ ଥରେକ ସମରେ । ୧୨୨୯ ।

## ମିଥିଳାପ୍ରବେଶ

ସେଠାରୁ ଗମନ କରି ମିଥିଳା ନଗରେ ।
ଅନାୟାସେ ପ୍ରବେଶିଲେ ଯଥା ଅମରପୁରେ । ୧୬୩୦ ।
ସେ ପୁରବର-ବନିତା ଶ୍ରୀରାମ ଲକ୍ଷ୍ମଣ—
ମାନସଙ୍କୁ ଅବଲମ୍ବେ କଲେ ଆକର୍ଷଣ । ୧୬୩୧ ।
ବହୁବିଧ ବାପୀକୂପତଡ଼ାଗପ୍ରକର ।
ସୁଧାସମ ଜଳେ ମଣି-ସୋପାନେ ସୁନ୍ଦର । ୧୬୩୨ ।
ପୁଣି ବିବିଧ ଜଳଜାତବ୍ରାତେ ଶୋଭିତ ।
ନାନା କଳ-ଭୃଙ୍ଗ-କଳନାଦେ ମୁଖରିତ । ୧୬୩୩ ।
ପୁରର ଗୃହପାଶେ ଉପବନ ରଚିତ ।
ମନୋହର ପଲ୍ଲବ ପୁଷ୍ପ ଫଳ ଭରିତ । ୧୬୩୪ ।
ବହୁ ବିହଗ-ରୁତ କରେ କର୍ଣ୍ଣରଞ୍ଜନ ।
ବହେ ସଦା ମନ୍ଦଗନ୍ଧ ଶୀତଳ ପବନ । ୧୬୩୫ ।
ପଟ୍ଟଣେ ବାଟ ବେଦୀ ବିଚିତ୍ର ସଦ୍‌ଗଣ ।
କରନ୍ତି ଦର୍ଶକମନୋନୟନ ବନ୍ଧନ । ୧୬୩୬ ।
ପଣ୍ୟାପଣରେ ରତ୍ନାଦି ସର୍ବଦ୍ରବ୍ୟଚୟ ।
ସମସ୍ତ ସମୟରେ ହୁଏ କ୍ରୟ ବିକ୍ରୟ । ୧୬୩୭ ।
କର ବଳଦନ ମଧ୍ୟ ସୁଗନ୍ଧପୂର୍ଣ୍ଣ—
ହୋଇ ଘ୍ରାଣେନ୍ଦ୍ରିୟକୁ ତୋଷାଏ ନାନା ଚୂର୍ଣ୍ଣ । ୧୬୩୮ ।
ସକଳ ନାଗରେ ପବିତ୍ର ଶୁଚିବନ୍ତ ।
ଧାର୍ମିକ ସତ୍ୟସନ୍ଧ ଜ୍ଞାନୀ ପୁଣ୍ୟବନ୍ତ । ୧୬୩୯ ।
ପୁର ପ୍ରଶସ୍ତ ଚତୁରଙ୍ଗ-ବଳ-ସଙ୍କୁଳ ।
ବନ୍ଦି ବୈତାଳିକ ମାଗଧ ସ୍ତବ କୋଳାହଳ । ୧୬୪୦ ।
ତାହାର ମଧ୍ୟରେ ଶୋଭେ ରାଜଭବନ ।
ତାରକାଙ୍କ ମଧ୍ୟେ ପୂର୍ଣ୍ଣଚନ୍ଦ୍ର ଯେସନ । ୧୬୪୧ ।
ମଣିକାଞ୍ଚନ ମୟ ପ୍ରାକାର-ସୌଧ-ଯୁତ ।
ଅତି ମନୋହର ସଦନ ଜଗତେ ଅଦ୍ଭୁତ । ୧୬୪୨ ।

ଯେଉଁ ମନ୍ଦରବର ଇନ୍ଦ୍ରର ନିବାସ ।
ଯାହାକୁ ଅମରଗଣ କରେ ଅଭିଳାଷ । ୧୬୪୩ ।
ତାକୁ ବର୍ଣ୍ଣିବାକୁ କବି ହେଲେ ମଧ୍ୟ ଶେଷ ।
ବଖାଣି ପାରିବ ନାହିଁ ତା ସୌନ୍ଦର୍ଯ୍ୟ ଲେଶ । ୧୬୪୪ ।
ରାଜକର୍ମଚାରୀଙ୍କ ଦିବ୍ୟ ନିବାସମାନ ।
ଶୋଭାମାନ ହୋଇ ଭୂପ ଭବନ ସମାନ । ୧୬୪୫ ।
ତଟିନୀ-ତଟରେ ସେ ପୁରର ଏକପାଶେ ।
ଆଗତ ନୃପଙ୍କ ବସାମାନ ପ୍ରକାଶେ । ୧୬୪୬ ।
ସେ ଭବନେ ଯାଇ ଯାଇ ଏକ ଅଭିରାମ ।
ଶୀତଳ ଚୂତୋଦ୍ୟାନ-ବନେ କଲେ ବିଶ୍ରାମ । ୧୬୪୭ ।
ବିଶ୍ୱାମିତ୍ର ମୁନୀଶ୍ୱର ଆଗମନ ଜାଣି ।
ମନ୍ତ୍ରୀ ପୁରୋହିତାଦି ପରିଜନଙ୍କୁ ଘେନି । ୧୬୪୮ ।
ମିଥିଳାଧିପ ଜନକ ଯାଇ ତା ପାଦକୁ ।
ପ୍ରଣମି ଗ୍ରହଣ କଲେ ତା ଆଶୀର୍ବାଦକୁ । ୧୬୪୯ ।
ପରେ ମୁନୀଶ ନରେଶ ବସି ଆସନରେ ।
ପରସ୍ପର କୁଶଳ ପ୍ରଶ୍ନ କଲେ ସାଦରେ । ୧୬୫୦ ।
ତେବେ ନୃପତି-ଦୃଷ୍ଟିକି କଲା ଆକର୍ଷଣ ।
ସୁନ୍ଦର ଶ୍ୟାମ-ଗୌର-ମୂର୍ତ୍ତି-ଯୁଗ ବହନ । ୧୬୫୧ ।
ଦେଖି ସେ ଦେବ ରୂପ ତା ମାନସ ଦ୍ରବିଲା ।
ପୁଲକାଙ୍କୁରେ ସମସ୍ତ ଶରୀର ପୂରିଲା । ୧୬୫୨ ।
କେଣୁ ସେ ବାଞ୍ଛେ ବୋଇଲା ଅହେ ମୁନିବର ।
ଏ ଦିବ୍ୟ ବାଳକଦ୍ୱୟ କାହାର କୁମର । ୧୬୫୩ ।
ମୁନି-ତନୟ କିବା ଧରାବର-କୁମର ।
କିବା ପୁରୁଷୋତ୍ତମର ଯୁଗଳାବତାର । ୧୬୫୪ ।
ଏହାଙ୍କ ମୁଖେନ୍ଦୁତ ଦେଖି ଦ୍ରବୀଭୂତ ।
ମୋର ବିରକ୍ତ ମାନସ-ଚନ୍ଦ୍ରକାନ୍ତ । ୧୬୫୫ ।
ଏତେ ଶୁଣି ବୋଇଲେ ମୁନି ହସି ମନରେ ।
ଏ ମୂର୍ତ୍ତି-ଦ୍ୱୟ ଚିତ୍ରିତ-ଦେବଚିତ୍ରକରେ । ୧୬୫୬ ।

ରବି-କୁଳ-ଇନ୍ଦୁ ଦଶରଥଙ୍କୁ [illegible] ତ ।
ଏ ବେନି କୁମାରେ ସେହୁ ନୃପବର-ସୁତ । ୧୬୫୭ ।
ସେ ମୋରେ ସଦୟ ହୋଇ ମୋ ଯଜ୍ଞରକ୍ଷଣେ ।
ଆନନ୍ଦେ ଏହାଙ୍କୁ ମୋ ସଙ୍ଗେ କଲେ ପ୍ରେରଣେ । ୧୬୫୮ ।
ଏ ଶ୍ରୀରାମ ସେ ଲକ୍ଷ୍ମଣ ଏ ଦୁଇ କୁମର ।
ବିଦ୍ୟା-ବଳ-ଶୀଳ-ରୂପ-ପ୍ରତାପ-ସାଗର । ୧୬୫୯ ।
ଏ ଦୁହେଁ କୃପାରେ କଲେ ମୋ ମଖ ରକ୍ଷଣ ।
ହେଲେ ବିନାଶ ଭବ ଘୋର ରାକ୍ଷସଗଣ । ୧୬୬୦ ।
ତା ଶୁଣି ନୃପ ବୋଇଲେ ହେ ବ୍ରହ୍ମର୍ଷି ବର ।
ଧନ୍ୟ ହେଲି ଦର୍ଶନ କରି ପାଦ ଯୁଗ୍ମର । ୧୬୬୧ ।
ଏ ଦୁହେଁ ତ ଆନନ୍ଦର ଆନନ୍ଦ ଅତ୍ୟନ୍ତ ।
ବ୍ରହ୍ମ ଜୀବ ପରସ୍ପେ ଲୋପ୍ସମାନ ହୁଅନ୍ତି । ୧୬୬୨ ।
ତୁମ୍ଭେ ଦୁହେଁ ମୋଠାରେ ହୋଇ କୃପାପର ।
ଅଛି ଏବେ ପାବନ କର ମୋର ମନ୍ଦର । ୧୬୬୩ ।
ଏତେ କହି ସେ ତାଙ୍କୁ ନେଇ ଦିବ୍ୟ ଭବନେ ।
ରଖି ସନ୍ତୁଷ୍ଟ କଲେ ବହୁବିଧ ପୂଜନେ । ୧୬୬୪ ।
ଅନନ୍ତର ସାୟାହ୍ନ ସମୟେ ବେନିଭାଇ ।
ନଗରେ ଭ୍ରମଣ କଲେ ମୁନି ଆଜ୍ଞା ପାଇ । ୧୬୬୫ ।
ପୁରବାସୀଏ ତାଙ୍କ ଶୋଭା ଦେଖିବା ପାଇଁ ।
ନିଜ କାର୍ଯ୍ୟାବଳୀ ତେଜି ଅଛି ଲୁବ୍ଧ ହୋଇ । ୧୬୬୬ ।
ଏକଲୁ ଅନେକ ମୁଦେ କୁହାକୁହି ହୋଇ ।
ତାଙ୍କ ସୌନ୍ଦର୍ଯ୍ୟ ଏମନ୍ତ ବର୍ଣ୍ଣିଲେ ଉଠାଇ । ୧୬୬୭ ।
ତାପତ୍ରୟହର, ମୁଖ ଜିତ-ପୂର୍ଣ୍ଣଚନ୍ଦ୍ର ।
ନାସାକୁ କଣେ କୁହିଲେ ତେଣ ହୋଇ ସାନ୍ଦ୍ର । ୧୬୬୮ ।
ତିଳକ ସେ.ଭେ ଅର୍ଦ୍ଧେନ୍ଦୁ ସମାନ ଭାଲରେ ।
ଜବା ସମା ଦନ୍ତେ ମଣି-ମୁକୁରରେ । ୧୬୬୯ ।
ନବଜଳଧରଙ୍କୁ ନନ୍ଦାଇବେ ନୟନ ।
ଅନୁପମ କର୍ଣ୍ଣେ କନକୁଣ୍ଡଳ ଶୋଭନ । ୧୬୭୦ ।

ନାସା ଖଗ-ଚଞ୍ଚୁସମ, ପକ୍ୱବିମ୍ବାଧର ।
କଣ୍ଠର ପରିଭୂତ ଦକ୍ଷିଣାବର୍ତ୍ତଦର । ୧୬୭୦ ।
ବିଶାଳ ହୃଦୟ ଯାଉ ଗଜମୁକ୍ତାହାର ।
ପ୍ରଲମ୍ବ ବାହୁ ମଦ କରି-କର ପ୍ରକାର । ୧୬୭୧ ।
ସିଂହ ସମ ମଧ୍ୟ ପୀତ-କୌଶେୟ-ବସନ—
ବେଷ୍ଟିତ କଟିତଟ ମତ୍ତହସ୍ତି-ଗମନ । ୧୬୭୩ ।
ତନୁ ବର୍ଣ୍ଣ ବିକଚ-ନୀଳୋତ୍ପଳ, ସୁବର୍ଣ୍ଣ—
ଭୂଷଣ ଶୋଭାଏ ପିଠିରେ ତୂଣୀପୂର୍ଣ୍ଣ । ୧୬୭୪ ।
ଏପରି ଅନେକ ଲୋକେ ବହୁତ ପ୍ରୀତରେ ।
ତାଙ୍କ ବର୍ଣ୍ଣି ବର୍ଣ୍ଣି ତାଙ୍କ ପଛରେ ଗମିଲେ । ୧୬୭୫ ।
ସେ ସମୟେ ନାରୀଏ ପଞ୍ଜରରୁ ଚମକି ।
ଦେଖି ଅନ୍ୟାନ୍ୟା କହିଲେ ଲଭି ଉତ୍ସୁକି । ୧୬୭୬ ।
ବ୍ରହ୍ମା ଚତୁର୍ମୁଖ, ବିଷ୍ଣୁ ଚତୁର୍ଭୁଜ, ଶିବ,
ପଞ୍ଚାସ୍ୟ ବିରୂପାକ୍ଷ, ମାର ଗତାବୟବ । ୧୬୭୭ ।
ଇନ୍ଦ୍ର ସହସ୍ରାକ୍ଷ, ଅନ୍ୟ ସୁର ନର ନାଗ ।
ଧବଳା ବୃଥା କି ନୁହେ ଏହାପରି ଶ୍ୟାମ । ୧୬୭୮ ।
କିଏ ଏହି ? କି ଅଦ୍ଭୁତ ସ୍ୱରୂପ ଏହାର ।
ଭୁବନତ୍ରୟ-ଦୁର୍ଲଭ ଏ ମୋହନାକାର । ୧୬୭୯ ।
ବୃତ୍ତାନ୍ତ ଶୁଣିଥିବା ଏକ ବାମା କହିଲା ।
ଏ ଦୁଇ ସୁତ ଅଯୋଧ୍ୟା ନୃପତିର ବଳା । ୧୬୮୦ ।
ରାମ ଲକ୍ଷ୍ମଣ ନାମ ବଳ ପ୍ରତାପ ଘେନି ।
ଯଜ୍ଞ ରକ୍ଷା କରିବାକୁ ବିଶ୍ୱାମିତ୍ର ମୁନି । ୧୬୮୧ ।
ଏହାଙ୍କୁ ଆଣିଲେ, ଏ ଦୁହେଁ ରାକ୍ଷସଗଣ ।
ନାଶ କରି କଲେ ମୁନି-ମଖ ସଂରକ୍ଷଣ । ୧୬ ୨ ।
ରାମ-ଚରଣ-ରଜ ଲାଗି ଅହଲ୍ୟା-ଶିଳା ।
ସ୍ୱରୂପକୁ ବହି ପୁଣ୍ୟବତୀ ହୋଇଲା । ୧୬୮୩ ।
ଧନୁର୍ଦ୍ଧର ମହୋତ୍ସବ ଦେଖିବ ପିବାକୁ ।
ଏ ବେଳେ ଆସି ଏବେ ଅଛନ୍ତି ଏଠାକୁ । ୧୬୮୪ ।

ଦ୍ୱିତୀୟା କହିଁ ଶୁଣିସଖି, ଏ ରାମ ଅପୂର୍ବ ।
ରାଜକୁମାରୀ ସୀତାର ଅନୁରୂପ ବର । ୧୬୮୫ ।
ଊର୍ମିଳା କୁମାରୀର ଅନୁରୂପ ରମଣ ।
ଅଟଇ ଏ ସୁଲକ୍ଷଣ-ସମ୍ପନ୍ନ ଲକ୍ଷ୍ମଣ । ୧୬୮୬ ।
ତୃତୀୟା ପଚାରିଲା, ଏ ବେନି ମନୋହର ।
ହୋଇ ନାହାନ୍ତି କି ନୃପ-ନୟନ ଗୋଚର ? । ୧୬୮୭ ।
ପ୍ରଥମା କହିଲା, ଏ ଦୁହେଁ ମୁନି ସହିତ ।
ସଭାଗାରେ ଅଛନ୍ତି ନୃପେ ହୋଇ ଅଦ୍ଭୁତ । ୧୬୮ ।
ଦ୍ୱିତୀୟା ବୋଇଲା, ତା ହେଲେ ଭୂପ ଏହାଙ୍କୁ ।
ପ୍ରଦାନ କରିବ ନିଜ ପ୍ରିୟ ପୁତ୍ରିକାଙ୍କୁ । ୧୬୮୯ ।
ଅନ୍ୟା ଶୁଣିଣ କହେ ତା କେବେ ହେବ ନାହିଁ ।
ଧନୁପଣେ ନରପତି ଆବଦ୍ଧ ହୋଇ । ୧୬୯୦ ।
ଘୋର ପ୍ରତିଜ୍ଞା କରି ତାକୁ ଧରି ବସିଛି ।
ଏଣେ ନୃପାଙ୍କ ତରୁଣ ସମସ୍ତ ଯାଉଛନ୍ତି । ୧୬୯୧ ।
ଦ୍ୱିତୀୟା ବୋଇଲା, ସୁକୃତଫଳପ୍ରଦ ଦେବ ।
ଅନୁକୂଳ ହେଲେ ସବୁ ସଂଘଟନ ହେବ । ୧୬୯୨ ।
କେମାନଙ୍କର ଏହାଙ୍କର ବଳ ଧନୁପଣେ ।
ହେଲେ ସର୍ବେ ମଜ୍ଜିବେ ଆନନ୍ଦ ସୁଧାରସେ । ୧୬୯୩ ।
ପୁଣି ଅମ୍ଭେ ଏ ବେନିଙ୍କ ମନୋହରାକାର ।
ଦର୍ଶନ ପାଇବା ଏଠାରେ ବାରମ୍ବାର । ୧୬୯୪ ।
ଯଦି ଅମ୍ଭମାନଙ୍କ ସୁକୃତ-ଫଳ ଥିବ ।
ଏ ସଂଘଟନ ଅଚିରେ ଅବଶ୍ୟ ହୋଇବ । ୧୬୯୫ ।
ଅପରା ବୋଇଲା, ସତ୍ୟ ଯୋଗ୍ୟ ତୋ ବଚନ ।
ସବୁଙ୍କ ମଙ୍ଗଳ ହେବ ହେଲେ ଏ ମିଳନ । ୧୬୯୬ ।
ମାତ୍ର ବାମଦେବ-ଚାପ ଅତ୍ୟନ୍ତ କଠୋର ।
ଏହି ଶ୍ୟାମଳ କୋମଳ ସୁନ୍ଦର କଳେବର । ୧୬୯୭ ।
ଇତରା ବୋଇଲା, ମୁହିଁ ଶୁଣିଛି ଏ ବାର ।
ସୁକୁମାର ହେଲେହେଁ ଏହାଙ୍କ ବଳ ଅପାର । ୧୬୯୮ ।

ଯେଉଁ ବିଧାତା ସୀତାଙ୍କୁ ଦେଇଛନ୍ତି ଜନମ ।
ସେ ବିଶ୍ୱର କରିଥିବ ଏହାର ରଚନ । ୧୬୯୯ ।
ଏହା ଶୁଣି ସମସ୍ତେ ଆନନ୍ଦିତ ହୋଇଲେ ।
ତଥାସ୍ତୁ ତଥୈବାସ୍ତୁ ବଚନ ପ୍ରକାଶିଲେ । ୧୭୦୦ ।
ସରଣୀରେ ବେଳାଭିଳ ଯାଉଁ ନାସ୍ତି ନରେ ।
ଲୁପ୍ତ-ତୃପ୍ତି କି କହୁଥାନ୍ତି ପ୍ରମୋଦରେ । ୧୭୦୧ ।
ଏମନ୍ତେ ଦୁହେଁ ପୂର୍ବମୁଖେ ଯାଇ ଯାଇ ।
ହୃଷ୍ଟ ହେଲେ ଧନୁର୍ଯଜ୍ଞ-ମଣ୍ଡପ ଅନାଇଁ । ୧୭୦୨ ।
ସେ ଚତୁରସ୍ର ଅତି ବିଶାଳ ସୁଧାମୟ ।
ଚକ୍ରଣୀ ଶୁଭ୍ର ଶ୍ରେଣୀକୃତ ଦର୍ଶକଚୟ । ୧୭୦୩ ।
ତାର ଚୂଡ଼ପାଖେ ହେମନିର୍ମିତ ମଞ୍ଚାଳି ।
ସ୍ଥାପିତ, ବସିବା ପାଇଁ ନରପତିପାଳି । ୧୭୦୪ ।
ତା ପଛରେ ଅଳପ ତଳରେ ମଞ୍ଚଗଣ ।
ରଚିତ ବସିବା ପାଇଁ ସର୍ବସାଧାରଣ । ୧୭୦୫ ।
ତା ପଛେ ବେଣୀ ତଳେ ଥିବା ବର୍ଗମାନ ।
ଶ୍ରେଷ୍ଠତାନୁରୂପେ ନାସ୍ତି ସମ୍ଭ୍ରମର ସ୍ଥାନ । ୧୭୦୬ ।
ଜେନ ଲୋକଙ୍କ ସଙ୍ଗେ ଯାଇଥିବା ବାଳକେ ।
ତାଙ୍କୁ ସବୁ ଦେଖାଇଲେ ପୃଥକେ ପୃଥକେ । ୧୭୦୭ ।
ତାଙ୍କ ଆଦରେ ବରଷି ସେ ବାଳକମାନେ ।
ତାଙ୍କ ନଜର ଚଳ ବୁଲନ୍ତି ଏଣେ ତେଣେ । ୧୭୦୮ ।
ଯା ଅଗ୍ରରେ ମାତ୍ର ବଳେ ଫଳକେ ବାଲୁକୁ ।
ସେ ଜେନେ ଗୃହେଁ ବାଳେ ଦେଖାଇଲେ ସ୍ଥଳକୁ । ୧୭୦୯ ।
ଯା ତଳେ ତଳ କ୍ଷେତ୍ରେ ଡ଼ଳେ ସେ ସ୍ଥାନ ତଳେ ।
ଯେପରି ଦେଖି ହେଲା ବୋଲି ଗୁମ୍ଫର ଡ଼ରେ । ୧୭୧୦ ।
ବାଳକଙ୍କୁ ଦେଖି ଅତି ପ୍ରେମରେ ଦେବ ।
ଯାଇ ବିଶ୍ୱାମିତ୍ରଙ୍କୁ ପ୍ରଣମି ବେଳକ୍ଷର । ୧୭୧୧ ।
ତା ଆଦେଶେ ଅତେବ ସାଧୁଂ ଲକ୍ଷ୍ମୀବନ୍ଦନ ।
ଅବଲୋକି ଯାଏ ଚଳ ପ୍ରବଣ ଶ୍ରବଣ । ୧୭୧୨ ।

ମୂର୍ଦ୍ଧ୍ନି ଧରନ୍ତି ତାର ଚରଣ ସମ୍ଭାଜନ ।
ଭବ ତା ଅନୁଜ୍ଞାରେ ରାମ କଲେ ଶୟନ । ୧୭୧୩ ।
ଯାଙ୍କ ପଦାରବିନ୍ଦ ପାଇଁ ବିରାଗୀ ଜନେ ।
ଯୋଗାଦି ବହୁ ସାଧନ କରନ୍ତି ଯତନେ । ୧୭୧୪ ।
ସେ ବେଳ ଶ୍ରୀଲ ଗୁରୁ ହରବେ ଏକ ନବର ।
ପାଦ ସଞ୍ଚାଳନ୍ତି ହୋଇ ଅତିତତ୍ପର । ୧୭୧୫ ।
ପରେ ଲକ୍ଷ୍ମଣ ସହିତ ଶ୍ରୀରାମ ଚରଣ ।
ତା ଅନୁମତରେ ସେ ଯାଇ କଲେ ଶୟନ । ୧୭୧୬ ।
ପ୍ରଥମେ ସୌମିତ୍ରୀ ପରେ ଶ୍ରୀରାମ ତା ପରେ ।
ମୁନୀଶ ଉଠି ପ୍ରାତଃକ୍ରିୟା କଲେ ସତ୍ୱରେ । ୧୭୧୭ ।
ବେନିଭାଇ ଗୁରୁଙ୍କୁ ପ୍ରଣମି ତା ଆଦେଶ ।
ପାଇ ବାହାର କୁସୁମ ଆଣିବା ଉଦ୍ଦେଶ । ୧୭୧୮ ।
ଯାଇ ଦେଖିଲେ ନରପତି ସୁନ୍ଦରୋଦ୍ୟାନ ।
ଯହିଁ କେଳିରୂପ ରତ୍ନବାଟର ଅବସ୍ଥାନ । ୧୭୧୯ ।
ସୁମ-ଫଳ-ପୂର୍ଣ୍ଣ ନାନା ତରୁ-ଲତା-ଯୁତ ।
ହେଲ ସେ ଆରାମଦ୍ୱାରା ନନ୍ଦନ ହସିତ । ୧୭୨୦ ।
ଯହିଁ ଶୁକ ପିକ ଭୃଙ୍ଗ ଶିଖୀ ଚକୋର ।
ପ୍ରକୃତ ଗୀତ ମନୋହର ଶ୍ରୁତ ପ୍ରଚୁର । ୧୭୨୧ ।
ତା ମଧ୍ୟସ୍ଥ ସରସୀ-ସୋପାନ-ବାନ୍ଧର ।
ନିର୍ମଳ ନୀଳ ସ୍ୱଚ୍ଛ ଜଳ ପୂରିତ । ୧୭୨୨ ।
ଏମନ୍ତ ଉପବନେ ପ୍ରବେଶି ବେନିଭାଇ ।
ମୋଦକୁ ଲଭିଲେ ତା ଶୋଭାରେ ବଶ ହୋଇ । ୧୭୨୩ ।
ପରେ ସେ ଦୁହେଁ କରନ୍ତି କୁସୁମପତ୍ରକୁ ।
ସୀତା ତହିଁ ମିଳିଲେ ଗିରିଜା-ପୂଜନକୁ । ୧୭୨୪ ।
ସେ ସଖୀ-ସଂଶ୍ଳିଷ୍ଟ ଗିରିଜାଳୟକୁ ।
ଲକ୍ଷ୍ମଣଦେବେ ସଙ୍ଗେ ଯେତେ ସଖୀଗଣଙ୍କୁ । ୧୭୨୫ ।
ଚନ୍ଦ୍ରବଦନପ୍ରଭା ସୀତା ଯାଇ ପୂଜନ ।
କଲେ ଅଭୀଷ୍ଟ ପ୍ରାପ୍ତିରେ ପ୍ରସନ୍ନ । ୧୭୨୬ ।

ପ୍ରଚଳିତ ରୀତିରେ ସେ ଉମାଙ୍କୁ ପୂଜନ ।
କରି ମାଗିଲା ନିଜ ସମ ରମ୍ୟ ରମଣ । ୧୭୨୭ ।
ବୋଲେ ଏକ ସଖୀ ଉଦ୍ୟାନ ବିଲୋକନ ।
କରୁ କୁଞ୍ଜେ ଦେଖି ବେନି ବାଳକ ଶୋଭନ । ୧୭୨୮ ।
ଲଭି ଅଷ୍ଟ ପୁଲକାଦି ଭାବଦଶାଗଣ ।
ପେଖି ଅନ୍ୟେ ସଖୀଏ ପୁଚ୍ଛିଲେ କାରଣ । ୧୭୨୯ ।
ସେ ମୁଗ୍ଧା ବୋଇଲା, ଏ ବନେ ବେନି ଯୁବକ ।
ଶ୍ୟାମ ଗୌରାକାରେ ହୋଇ ନୟନରଞ୍ଜକ । ୧୭୩୦ ।
ଫୁଲ୍ଲ ବୋଲଚନ୍ଦ୍ର ମୂର୍ତ୍ତି ତାଙ୍କ ଅଦ୍ଭୁତ ।
ଦୂରୁଁ ଦେଖିବା ମାତ୍ରେ ପାଇଲି ଏ ଗତିକ । ୧୭୩୧ ।
ତାହା ଶୁଣି ସୀତାସହ ସକଳେ ବିସ୍ମିତା ।
ପରେ ଭାଷିଲା ଏହିପରି ଏକ ବନିତା । ୧୭୩୨ ।
ଭାଲ ବିଶ୍ୱାମିତ୍ର ସଙ୍ଗେ ନୃପପୁତ୍ରଦ୍ୱୟ ।
ଅଛନ୍ତି ତାଙ୍କୁ ଦେଖି କାମିନୀନିଚୟ । ୧୭୩୩ ।
ମୋହ ପାଇ ତାହାଙ୍କ ଅଲୌକିକ ଶୋଭନ ।
କରଇ ଅନବରତ ଉତ୍ସବ ବର୍ଣ୍ଣନ । ୧୭୩୪ ।
ବୋଧହୁଏ ସେହୁ ବେନି ହୋଇଥିବେ ଏଠୁ ।
ଦାରେ ବିଲୋକିବା ଯୋଗ୍ୟ ଲୋଚନ ପୂରାଇ । ୧୭୩୫ ।
ଏ ବଚନ ଜାନକୀର ମନକୁ ପାଇଲା ।
ଲୋକନେ ଲୋଚନଯୁଗ ଉନ୍ନତ ହୋଇଲା । ୧୭୩୬ ।
ନାରଦମୁନି ବଚନ ମନରେ ପଡ଼ିଲା ।
ହୃଦସ୍ଥାନବାଳେ ଶୁଦ୍ଧ ପ୍ରୀତି ଅଙ୍କୁରିଲା । ୧୭୩୭ ।
ପୂର୍ବ ପ୍ରୀତି ଜାଳିବାକୁ ସଖୀଙ୍କ ଅଗ୍ରରେ ।
ଚଳାଇ ସ୍ୱରିତ ହରିଣ ଶାବକବଧରେ । ୧୭୩୮ ।
ଏଣେ ତେଣେ ଦେଖି ଦେଖି ମନ୍ଦ ଗମନରେ ।
ସୀତା ଗଲେ ଲତାଦ୍ରୁମୋଦ୍ୟାନ ମନରେ । ୧୭୩୯ ।
ତା କାଳେ କିଙ୍କିଣୀ ନୂପୁରଧ୍ୱନି ଶୁଣି ।
ଭାଇକି କହନ୍ତି ରାମ ମନେ ଗୁଣି ଗୁଣି । ୧୭୪୦ ।

ଭବା ବସୁ ଚଳସ୍ପୃହାଖିରେ ମାର ଶର ।
ରଣଭେରୀ ବଜାଏ ଏବେ ହୋଇ ଅଧୀର । ୧୭୪୧ ।
ଏତେ ବୋଲି ଅନେ ସୀତା ମୁଖସୁଧାକର ।
ଏଣନ୍ତେ ତା ନୟନ-ଚକୋର ହେଲା ସ୍ଥିର । ୧୭୪୨ ।
ରାମ ନେତ୍ର ଦ୍ୱୟ କଲ ନିମିଷ ବର୍ଜନ ।
ନିଜର ଅନିମିଷତ୍ୱ କଲା ପ୍ରକଟନ । ୧୭୪୩ ।
ସୀତାଙ୍ଗଶୋଭାରେ ରାମ ବାହ୍ୟଜ୍ଞାନ ହୋଇଲେ ।
ନିଜ ଚିତ୍ତେ ଏତେକ ମାତ୍ର ବର୍ଣ୍ଣିପାରିଲେ । ୧୭୪୪ ।
ବିଶ୍ୱବିଧାତା ଏହାଙ୍କୁ ରଚରି ତାହାର ।
ସମସ୍ତ ନୈପୁଣ୍ୟ କରି ପାରିଲା ପ୍ରଚୁର । ୧୭୪୫ ।
ଏ ବାଳା-ମୁଖଚନ୍ଦ୍ରସୌନ୍ଦର୍ଯ୍ୟତା ସୁନ୍ଦର—
ମନର ଉନ୍ମାଦିକା ଅଟଇ ନିକର । ୧୭୪୬ ।
ଉପମାନ ସକଳ ତ ପରାସ୍ତ ଏହାରେ ।
ଏ ରମା-ରମଣୀଙ୍କୁ ମୁଁ କି ବର୍ଣ୍ଣିପାରେ । ୧୭୪୭ ।
ଏତେ ଭାବି ସ୍ପୃହଣୀୟ ଚନ୍ଦ୍ର ବଦନାର ।
ସୁଖଚିତ୍ତେ ଲକ୍ଷ୍ମଣଙ୍କୁ କହିଲେ ଏ ଗିର । ୧୭୪୮ ।
ଭାଇ ! ଏ ଜନକରାଜ-କୁମାରୀ, ଏହାର—
ନିମନ୍ତେ ସକଳତ ଧନୁର୍ଯଜ୍ଞ ସମ୍ଭାର । ୧୭୪୯ ।
ସଖୀଙ୍କି ନେଇ ଏ ଅଛି ଗୌରୀପୂଜା କରି ।
ଉଦ୍ୟାନ-ଶୋଭା ବଢ଼ାଏ ଏଠାରେ ବିହରି । ୧୭୫୦ ।
ଦେଖି ଏହା ଅଲୌକିକ ଲାବଣୀପୁଞ୍ଜଙ୍କୁ ।
ସହଜ ପବିତ୍ର ମୋ ମନ ଲୋଭେ ଯୋଡ଼ିଲୁ । ୧୭୫୧ ।
ଏବେ ସ୍ଫୁରୁଅଛି ତ ଦକ୍ଷିଣ ଭୁଜ ମୋର ।
ତାର କାରଣ ଜଣା ତୋତେ ବିଧାତାର । ୧୭୫୨ ।
ରଘୁବଂଶଜ ଧୀର ଚିତ୍ତ କେବେ ହେଲେ ।
ଅପଥରେ ଅଥବା କୁପଥରେ ନ ଚଳେ । ୧୭୫୩ ।
ମୋ ମନରେ ଦୃଢ଼ ପ୍ରତ୍ୟୟ କରେ ମୁହିଁ ।
ସେ ତ ସ୍ୱପ୍ନେ ମଧ୍ୟ ପରସ୍ତ୍ରୀକି ନ ହେରଇ । ୧୭୫୪ ।

ଯେ ନିଜ ପୃଷ୍ଠ ଦେଖାନ୍ତି ନାହିଁ ସ୍ୱବୈରୀଙ୍କି ।
ଯେ କଦାପି ବାଞ୍ଛନ୍ତି ନାହିଁ ପରନାରୀଙ୍କି । ୧୬୫୫ ।
ଯେ ସମ୍ପ୍ରାର୍ଥିତ ପଦାର୍ଥ ନାହିଁ, ନ ବୋଲନ୍ତି ।
ସେ ଏ ଜଗତେ ଅତ୍ୟନ୍ତ ଦୁର୍ଲଭ ଅଟନ୍ତି । ୧୬୫୬ ।
ରାମର ତୁଣ୍ଡ ସୁଲଳ କହିଲ ଏମନ୍ତ ।
ମାତ୍ର ମାନସ ଲୋଲୁପ ଦେଖି ସୀତାକୃତ । ୧୬୫୭ ।

ସେ ତ ମଧୁପ ପରି ଜାନକୀର ନୟନ ।
ସାରସ ଲାବଣ୍ୟରସ କରଇ ସେବନ । ୧୬୫୮ ।
ରଘୁବରରୂପଙ୍କୁ ସୀତା ଦେଖିବା ପାଇଁ ।
ଏ ଦିଗେ ସେ ଦିଗେ ଗୃହେ ସ୍ୱନେତ୍ର ବୁଲାଇ । ୧୬୫୯ ।
ଯେଉଁ ଦିଗକୁ ମୃଗାକ୍ଷୀ ଦର୍ଶନ କରଇ ।
ସେ ଦିଗେ ପୁଣ୍ଡରୀକଗଣ ବୃଷ୍ଟି କରଇ । ୧୬୬୦ ।
ତେବେ ଲତା ବହାଡ଼ରୁ ସଖୀ ମନୋହର ।
ଶ୍ୟାମ ଗୌରମୂର୍ତ୍ତି ଯୁଗ ଦେଖାନ୍ତେ ସତ୍ୱର । ୧୬୬୧ ।

ରାମରୂପେ ସୀତାର ଅଖି ଲଖି ରହିଲା ।
ସ୍ୱନିଧି ପୁଣି ପାଇ ମନ ତୁଷ୍ଟ ହୋଇଲା । ୧୬୬୨ ।
ରାମଙ୍କୁ ଦେଖି ଜନୁ ଶାରଦ ପୂର୍ଣ୍ଣେନ୍ଦୁଙ୍କୁ ।
ଦେଖିଲା ଚକୋରୀ ପରି ଲଭିଲା ପ୍ରେମକୁ । ୧୬୬୩ ।
ବନ୍ଧୁଲୋଚଂଶର ଛବିକି ଅଖି ବାଟେ ।
ଟାଣି ଅଣି ହୃଦୟ-ଗୃହେ ଜରି ନାଗୁଟେ । ୧୬୬୪ ।
ତାହା ପୁଣି ବହିର୍ଗତ ହେବା ଶଙ୍କା ଭଏ ।
ନେତ୍ରଛଦ-କବାଟ ବୁଜିଲା ସେ ଚତୁରୀ । ୧୬୬୫ ।

ତେବେ ଲତାନ୍ତରୁଁ ବେନି ଭାଇ ବାହାରିଲେ ।
ଖଣ୍ଡାଭ୍ର ନିର୍ଗତ ଚନ୍ଦ୍ର ପରି ଦିଶିଲେ । ୧୬୬୬ ।
ନୀଳ-ପୀତ-କମଳ ମନୋହର ଶରୀର ।
ଜଗ ଦ୍ୱୟ ସକଳ ରମଣୀପ୍ରଭାଧାର । ୧୬୬୭ ।
ଶିଖଣ୍ଡାନ୍ତ ମସ୍ତକ-ତୋରଣ-ଶୋଭିତ ।
ବିଶାଳ ଭୁଜ-କଟକ ସର୍ବଜନପୂତ । ୧୬୬୮ ।

ରମ୍ୟ ଶ୍ରବଣ ବନ୍ଧୁ କୁଣ୍ଡଳ ସୁଶୋଭନ ।
କଳାକୁଣ୍ଡ କାମର ତମାପୂର୍ଣ ସମାନ । ୧୭୬୯ ।
ଲଲିତ ଲୋଚନ ନବକଞ୍ଜଜାତସମ ।
ସ୍ନିଗ୍ଧ ତରଳ ତାରା ଶରଦ-ଜଳସୂମ । ୧୭୭୦ ।
ସୁନ୍ଦର କପୋଳ ମଣି ମୁକୁର ସଦୃଶ ।
ମନ୍ଦହାସ ହୃତ ଜନ ଶତସୃ ମାନସ । ୧୭୭୧ ।
ଯାହା ଦର୍ଶନେ କାମ କହିତ ପୂର୍ଣ୍ଣ ସ୍ମର ।
ସେ ବଦନ-ରମ୍ୟତ୍ୱ ଅଟେ ବର୍ଣ୍ଣନାତୀତ । ୧୭୭୨ ।
ହୃଦୟ ଦୀପ୍ତ, ମଣିହାର କମ୍ବୁ କନ୍ଧର ।
ବଳାକର ବାହୁ ଜିତ ସ୍ମର କଣ୍ଟକର । ୧୭୭୩ ।
ବାମକର ଧୃତ ପୁଷ୍ପ କରଣ୍ଡ ମୃଗେଶ ।
କଟିତଟ ଗୌରବିତ ରମ୍ୟ ପଟ୍ଟବାସ । ୧୭୭୪ ।
ଶୋଭୁଥିଲ ପାରିବାର ଦେବୀଙ୍କ ହୃଦୟ ।
କ୍ଷୀର ସାଗର କନ୍ୟା ଦେବୀ ରମ୍ୟଦ୍ୱୟ । ୧୭୭୫ ।
ତାଙ୍କୁ ଦେଖି ସଖୀମାନେ ଦୃଢ଼ ମୋହ ଗଲେ ।
ନିଜ ସୌନ୍ଦର୍ଯ୍ୟମାନ ବଞ୍ଚିତା ହୋଇଲେ । ୧୭୭୬ ।
ଏକ ଚତୁର ସଖୀ ଧୈର୍ଯ୍ୟ ଧାରଣ କରି ।
ଏମନ୍ତ ବୋଇଲା ସୀତା-କର-କଞ୍ଜ ଧରି । ୧୭୭୭ ।
ଅଗୋ ସଖୀ ! ଯତ୍ନେ କର ଗୌରବ ଧ୍ୟାନକୁ ।
ଏବେ ବନେ ବସେଛ ଏ କୁମାରତ୍ୱଗଳୁ । ୧୭୭୮ ।
ତା ଶୁଣି ସଲଜ୍ଜିତା ସୀତା ଅଶ୍ରୁ ପୂରିଲ ।
ଚନ୍ଦ୍ର କଳଙ୍କ ଅତୁଳ ସୌନ୍ଦର୍ଯ୍ୟ ଜନାଇ । ୧୭୭୯ ।
ସ୍ୱୟମ୍ବର ଅବସରୁ ଅଙ୍ଗଣର ବାସ ।
କେ ଯସବୁ ଚନ୍ଦ୍ର ନଖର ସନ୍ତାପ । ୧୭୮୦ ।
ସୀତା ସ୍ୱୟମ୍ବରଣରେ ହେବା ଉପୂରୁ ।
ସଜ୍ଜନମାନେ ଜାଣି ଯାଇ ଅନ୍ତ ଦେଖୁ । ୧୭୮୧ ।
ସ୍ୱଦେଶ ତନ୍ତ୍ରେ ପୂରେ ପ୍ରବେଶିବା ପାଇଁ ।
ଆଜ ତରିକ ବଂଶେ ଜାଣି ମଧ୍ୟ ରେଖା । ୧୭୮୨ ।

ଶ୍ୟାମ ମୂର୍ତ୍ତିକି ଚିତ୍ତେ ଧରି ବରଙ୍ଗଶାଳୀ ।
ଛଳରେ ବୁଲି ବୁଲି ଶ୍ୟାମକୁ ଦେଖି ଦେଖି । ୧୬୮୩ ।
ସଖୀଙ୍କ ମେଳେ ଚଳି ପୁଣି ଉମାଳୟରେ ।
ପ୍ରବେଶି ଧୀରେ ସ୍ତୁତି କଲେ ଏ ରୀତିରେ । ୧୬୮୪ ।
ଜୟ ଜୟ ଧରଣୀଧର ରାଜକୁମାରୀ ।
ଜୟ ଶଙ୍କର ବଦନ ଶଶାଙ୍କ ଚକୋରୀ । ୧୬୮୫ ।
ଜୟ ଗଜବଦନ ଷଡ଼ାନନ ଜନନୀ !
ଜଗଜ୍ଜନସ୍ତୁତି ! କାନ୍ତି ଜିତ-ସୌଦାମିନୀ । ୧୬୮୬ ।
ତୁହି ତ ଆଦିମଧ୍ୟାନ୍ତରହିତା, ତୋହର—
ମହାମହିମା ଅଟେ ବେଦଙ୍କ ଅଗୋଚର । ୧୬୮୭ ।
ତୁହି ନିର୍ମାଣ-ପାଳନ-ନାଶନ କାରିଣୀ ।
ତୁହି ଜଗନ୍ମୋହିନୀ ସ୍ୱେଚ୍ଛାବିହାରିଣୀ । ୧୬୮୮ ।
ତୁହି ମହାପତିବ୍ରତା ପରମ ଦେବତା ।
ତୋହର ସୁଗୁଣାବଳୀ ନୁହଇ ବର୍ଣ୍ଣିତା । ୧୬୮୯ ।
ତୋତେ ମାତ ସେବା କରି ସୁର ମୁନି ନରେ ।
ବର୍ଗଚତୁଷ୍ଟୟ ଫଳ ଲଭନ୍ତି ସୁଖରେ । ୧୬୯୦ ।
ସର୍ବପ୍ରାଣୀହୃଦୟବାସିନୀ ଅଟୁ ତୁହି ।
ଏଣୁ ମୋ ବାଞ୍ଛାକୁ ଜଣା କରୁ ନାହିଁ ମୁହିଁ । ୧୬୯୧ ।
ମୋ ମନୋରଥ ପୂରଣ ମୋତେ କର ଦୟା ।
ଏତେ ବୋଲି ଦେବୀଙ୍କି ନମିଲ ଭୂ-ତନୟା । ୧୬୯୨ ।
ଗୌରୀ ସୀତା-ବିନତି-ପ୍ରୀତିବଶ୍ୟା ହୋଇଲେ ।
ମୂର୍ତ୍ତି ମସ୍ତକ ପୁଷ୍ପମାଲ୍ୟ ଖସି ପଡ଼ିଲା । ୧୬୯୩ ।
ତାକୁ ହସ୍ତରେ ସୀତା ହୃଦୟରେ ଧରିଲା ।
ଦେବୀ ପ୍ରସନ୍ନା ଭବାନୀ ଏଭଳି କହିଲା । ୧୬୯୪ ।
ସୀତା ! ତୋ ମନୋରଥ ସୁଫଳକୁ ପାଉ ।
ମୋର ଏ ଆଶୀର୍ବାଦ ଅବଶ୍ୟ ଫଳୀ ହେଉ । ୧୬୯୫ ।
ଏବେ ପୁଣି ଯଥେଷ୍ଟ ନାରଦର ଗୀତ ।
ସ୍ମରବ ତୋ ମନ ରହିବ ସେ ଚୌହକ ବର । ୧୬୯୬ ।

ସଖୀ ମୁଖା-ସୀତା ଏ ବାଣୀ ଶୁଣି ମୋଦରେ ।
ଦେଖିଲେ ପୁଣି ପ୍ରଣମି ପ୍ରବେଶିଲେ ପୁରେ । ୧୭୯୭ ।
ରାମ ନିଜ ହୃଦୟେ ନିବେଶି ସୀତାରୂପ ।
ଗଲେ ଲକ୍ଷ୍ମଣ ସେନି ବିଶ୍ୱାମିତ୍ର ସମୀପ । ୧୭୯୮ ।
ଯାଇ ସକଳ ସ୍ୱକର ଘଟନ ସମସ୍ତ ।
ବୃତ୍ତାନ୍ତ କହନ୍ତେ ଶୁଣି ସେ ମୁନି ପ୍ରଶସ୍ତ । ୧୭୯୯ ।
ଆନନ୍ଦେ ଦୁଇ କୁମରଙ୍କି ଆଶୀର୍ବାଦ କଲେ ।
ଫୁଲ ପାଇ ପୂଜନାଦି କ୍ରିୟା ଆଚରିଲେ । ୧୮୦୦ ।
ଭୋଜନ ପରେ ସେନି ଶୁଭ ପୂର୍ବ ଚରିତ ।
ଗୁରୁ ମୁଖୁଁ ଶୁଣି ହୋଇ ଆନନ୍ଦ ଭରିତ । ୧୮୦୧ ।
ସାୟଂ ସମୟରେ କଲେ ସନ୍ଧ୍ୟା ବନ୍ଦନକୁ ।
କ୍ରମରେ ଅହ୍ଲାଦିଲେ ଭମିବ ଜଗତକୁ । ୧୮୦୨ ।
ଧନୁ ଟାଳି ନ ପାରିବା ନୃପଗଣ ଭଳି ।
ଦୃଷ୍ଟିତମ ଟାଳି ନ ପାରିବା ରକ୍ଷାବଳୀ । ୧୮୦୩ ।
ତେବେ ଚନ୍ଦ୍ର ପୂର୍ବରେ ମଣ୍ଡିଲେ ଗଗନକୁ ।
ତାଙ୍କୁ ଦେଖି ରାମ ସ୍ମରି ସୀତା ବଦନକୁ । ୧୮୦୪ ।
ଭାବିଲେ ଏ ବାପୁଡ଼ା ତ ସାଗର ଜନନ ।
ବପ ସହିତ କଳଙ୍କୀ ଦିବସେ ମଳିନ । ୧୮୦୫ ।
ଷୋଡଶ ବୃଦ୍ଧି ଧ୍ୱଂସନ ଭୋଗ ଯୋଗ କର ।
ବୃଦ୍ଧି-କ୍ଷୀଣ-ଯୁକ୍ତ ରାହୁ-ଗ୍ରସ୍ତ ନିଶାଚର । ୧୮୦୬ ।
ଦୋଷାକର ବକ୍ର ଦୁଃଖଦ ଏ ଉପରେ ।
ହେବ ସୀତାର ଅତୁଳ ରମ୍ୟ ମୁଖ ସର ? । ୧୮୦୭ ।
ଏବେ କେତେ କାଳ ସୀତା-ଶୋକକୁ ଧାର ।
ମୁନି କ୍ରମକୁ ଯାଇ ତାରେ ଅଦୃଷ୍ଟ ହୋଇ । ୧୮୦୮ ।
ଭାବ ଏମେ ପ୍ରଭାତ ବିଶ୍ରାମ ମତି କଲେ ।
ସୀତା ଭାବନାରୁ ତାଙ୍କୁ ନିଦ୍ରା ନ ଛୁଇଁଲ । ୧୮୦୯ ।
କ୍ରମେ ନିଶାନ୍ତ ହେଲ ଶୀତ ନିଳ ବହିଲ ।
କୁମୁଦର ମୁଦ କଲ ଅରୁଣ ଉଇଁଲ । ୧୮୧୦ ।

ସ୍ୱପ୍ନ ଅନ୍ତେ ରାଜାଙ୍କ ମୁଖ ତେଜ ପଦ୍ମ ।
ମଳିନତାକୁ ବହିଲେ ଗୂଢ଼ଚୋର ଛଦ୍ମ । ୧୮୧୧ ।
ଭୃଙ୍ଗ ଶୁକ ପିକ'ଦି କଳକଳ ବଢ଼ିଲା ।
ଭଣ୍ଡ ଚୋର ଲୋକ ମୁଖ ଭରେ ନ ଶୋଭିଲା । ୧୮୧୨ ।
ବେନିଭାଇ ଉଠି ପ୍ରାତଃକୃତ୍ୟ ପୂର୍ଣ୍ଣ କଲେ ।
ଯାଇ ଗୁରୁ ଚରଣେ ଭକ୍ତିରେ ପ୍ରଣମିଲେ । ୧୮୧୩ ।
ତେବେ ଜନକ ପ୍ରେରିତ ଶତାନନ୍ଦ ଆସି ।
ଆମନ୍ତ୍ରଣ କଲେ ତାଙ୍କ ବିନୟ ପ୍ରକାଶି । ୧୮୧୪ ।
ମୁନି ବେନି ଭାଇଙ୍କି ବୋଇଲେ ଚାଲ ଯିବା ।
ସୀତା ସ୍ୱୟମ୍ବରେ କେ ଜୟୀ ହେବ ଦେଖିବା । ୧୮୧୫ ।
ତାହା ଶୁଣି ଲକ୍ଷ୍ମଣ ବୋଇଲେ ଯା ଉପରେ ।
ଗୁରୁ କୃପ ହେବ ସେ କୃତୀ ଏ ସ୍ୱୟମ୍ବରେ । ୧୮୧୬ ।
ତା ଶୁଣି ମୁନି ସନ୍ତୁଷ୍ଟ ହୋଇ ଶୁଦ୍ଧମନେ ।
ବେନି ଭାଇଙ୍କି ଭଲ ଆଶୀର୍ବାଦ ବଚନେ । ୧୮୧୭ ।
ତାଙ୍କୁ ଘେନି ଶତାନନ୍ଦ ଅଭିଷ୍ଟ ମାର୍ଗରେ ।
ଯାଇ ପ୍ରବେଶିଲେ ସ୍ୱୟମ୍ବର ପ୍ରଦେଶରେ । ୧୮୧୮ ।
ପୁରର ସକଳ ନୟନରେ କୃତାର୍ଥିଲେ ।
ଜନ ଭାବି ଲୋକ ତାଙ୍କ ପଛେ ଗୋଡ଼ାଇଲେ । ୧୮୧୯ ।

## ଧନୁର୍ଭଙ୍ଗ

ଜନକ ନୃପତିର ଆଦେଶରେ ସୁଖରେ ।
ସମସ୍ତେ ବସିଲେ ଯୋଗ୍ୟ ପୀଠମାନଙ୍କରେ । ୧୮୨୦ ।
ଦେବ ଋଷି ଆସି ନଭ ଯାନମାନରେ ।
ମେଳେ ପୂର୍ଣ୍ଣେନ୍ଦୁ ସୁଶୀଳ ନକ୍ଷତ୍ରଗଣରେ । ୧୮୨୧ ।
ଯେସନ୍ତ ଜ୍ୱରରେ ସେ ପ୍ରାଣୀ ସୁଜନା ଭଲ ।
ତେସନ୍ତ ଭାବରେ ତାଙ୍କୁ ସମ୍ଭ୍ରମ ଘଟିଲା । ୧୮୨୨ ।
ରଣ ଧୀର ନୃପଙ୍କ ମହାନଦ ପ୍ରକାରେ ।
ସ୍ୱର୍ଣ୍ଣ ଧରଣୀଶ୍ୱରଙ୍କ ଧନ୍ୟ ଜନକ ଦ୍ୱାରେ । ୧୮୨୩ ।

ଭାଲ ଏବ କୃପାକୂପଧର ରାଜନ୍ତଙ୍କୁ ।
ମହେନ୍ଦ୍ରଦ ସୁବନ୍ତ ପଦ ସୁରଞ୍ଜନଙ୍କୁ । ୧୮୨୪ ।
ସୁଁଗେଳି ମାର ରୁକ୍ମ ଲଳି ଅନେକ ।
ବିର୍ବେନେକ-ପଦସୁତ ବସ୍ତୁ ପ୍ରାପ୍ତେ । ୧୮୨୫ ।
ଜନକଙ୍କୁ ଚେହ୍ନିଲି ନନ୍ଦନ ପର୍ବତେ ।
ତାଙ୍କ ବାନ୍ଧବମାନଙ୍କୁ ପ୍ରିୟବନ୍ଧୁ ପ୍ରାପ୍ତେ । ୧୮୨୬ ।
ଯୋଗିଙ୍କି ଲକ୍ଷ୍ମଣଙ୍କ ପରଂତ୍ରସ୍ତ ବଧରେ ।
ବନ୍ତ୍ର ସମୁହନ୍ତ୍ର ବସ୍ତ୍ର ଦେବତାକୁଳରେ । ୧୮୨୭ ।
ତାଙ୍କର ନୟନଙ୍କୁ ଯେ ଦୃଷ୍ଟିସ ଯେମନ୍ତ ।
ତାହା ତ ଅବଧୀ କବ ବର୍ଣ୍ଣିବ କେମନ୍ତ ? ୧୮୨୮ ।
ଲକ୍ଷ୍ମଣ ମଧ୍ୟ ଜନକ ସ୍ୱବନାନ୍ତୁ ରୂପେ ।
ପ୍ରଣତପ୍ରମାଣ ହୋଇଲେ ବନ୍ଧୁ ଉପରୂପେ । ୧୮୨୯ ।
ଏମନ୍ତେ ବେନି ସ୍ତ୍ରୀର ଶ୍ୟାମଳ ଗୌରାଙ୍ଗରେ ।
ସଭ୍ୟଙ୍କ ଦୃଷ୍ଟିହର ଯୋଡ଼ିଲେ ସେ ସ୍ଥାନରେ । ୧୮୩୦ ।
ତେବେ ବିଶ୍ୱାମିତ୍ରଙ୍କୁ ଜନକ ନମି ରଙ୍ଗେ ।
ତାଙ୍କୁ ତୋଷକ ନୃପମୂର୍ତ୍ତିଙ୍କୁ ବେନି ସଙ୍ଗେ । ୧୮୩୧ ।
ପୁଣ ସମସ୍ତ ସ୍ଥାନ ଦେଖାନ୍ତେ ଜନତଯୁ ।
ବେନି ଭ୍ରାତଙ୍କି ନିରେଖି ପାଇଲେ ବିସ୍ମୟ । ୧୮୩୨ ।
ସେ ଶକତିହେଁ ରଚନା ସବୁ ଦେଖି ମୋଦରେ ।
ଯାଇ ବସିଲେ ଏକ ମନୋହର ମଞ୍ଚରେ । ୧୮୩୩ ।
ବିସ୍ମୟ ଜନ୍ମିଲା ସଭ୍ୟଙ୍କ ମନରେ ।
ଧନୁ ନିଷ୍ପ୍ରୁ ନତ ହେବ ଆରୁପ ଭରେ । ୧୮୩୪ ।
ହେ ନୃପ ତୋଷକ ଉତ୍ତମଙ୍କୁ ହକାର ।
ଧନୁ ନ ନୁଆଁଇଲେ ମଧ୍ୟ ଉତ୍ତମୁମାସ୍ତ । ୧୮୩୫ ।
ହମ୍ଭ କଷ୍ଟେ ବଦର, ଏଣୁ ହୃଦ ଦିବା ।
ବଳ ଶୌର୍ଯ୍ୟ ମାନ୍ତ ତବ କଥା ଥୁଅ ଥିବା ? ୧୮୩୬ ।
ତା ଶୁଣି ହସି ହେ ମୁଖ ରବିନୃପତ ।
ଲକ୍ଷିଣ ଦେଖେ ଲକୋତ୍ର ଶୁଣିସ ମେ ସୁତ । ୧୮୩୭ ।

ଧନୁ ନୁଆଁଇଲେ ମଧ୍ୟ କେମାନ୍ତୁ କେ ଟେକିବ ।
ପାରିବ ନାହିଁ କେମନ୍ତ ନେବ ନ ନୁଆଁଇ । ୧୮୩୮ ।
ସେହୁଭାଳ ହେଲେ ମଧ୍ୟ ତା ଭାଳ ହୋଇବ ।
କଣରେ କନ୍ୟାଙ୍କୁଇ ଗ୍ରହଣ କରିବ । ୧୮୩୯ ।
ତା ଶୁଣି ଏକ ବସ୍ତୁ ଚିନ୍ତି ନୃପ ମନରେ ।
ହରି ଇଚ୍ଛାର ସୀତା ଜାତା ହେବ ରାମରେ । ୧୮୪୦ ।
ଦାଶରଥିଙ୍କ ପୁତ୍ର ଶ୍ରେଣୀ ସମସ୍ତଙ୍କଣରେ ।
ଜନ୍ମ ହେବା ଲୋକ ନାହିଁ ଗୋଷ୍ଠିଲେ ଲୋକରେ । ୧୮୪୧ ।
ବାର୍ଦ୍ଧକେ ତୁମ୍ଭେ ମନ ନାହିଁ ଚକିଅ ହୋଇ ।
ଲଜ୍ଜ ବୋଲିବା ମାତ୍ରକ ସ୍ନେହ ଯାଏ ନାହିଁ । ୧୮୪୨ ।
ମୋହର କଥାରେ ସମ୍ପୂର୍ଣ୍ଣ ବିଶ୍ୱାସ କର ।
ସୀତାଦେବୀ ଅଟନ୍ତି ମାତା ଜଗତର । ୧୮୪୩ ।
ରାମ ଅଟେ ଜଗତ୍ପିତା ସୌନ୍ଦର୍ଯ୍ୟର ସ୍ଥାନ ।
ସୁଖସ୍ୱଦାତା ସକଳ ସୁଗୁଣ ନିଧାନ । ୧୮୪୪ ।
ଏ ବେନି ଯୁଗ ସଦା ହଂସସୁଗ ରୂପରେ ।
କ୍ରୀଡ଼ନ୍ତି ସଦାଶିବ-ମାନସ ମାନସରେ । ୧୮୪୫ ।
କଣ୍ଠସ୍ଥିତ ସୁଧା-ସିନ୍ଧୁକୁ ପରିହରି ।
କିଏ ଧାଇଁବ ମୃଗତୃଷ୍ଣାକୁ ଅନୁସରି ? ୧୮୪୬ ।
ଯେମନ୍ତ ତୁମ୍ଭ ମନୋବାଞ୍ଛା ତେମନ୍ତ କର ।
ଧନ୍ୟ ହୋଇଲ ଅତ ପାଇ ଫଳ ଜନ୍ମର । ୧୮୪୭ ।
ସେ ଏତେ ବୋଲି ବେନି ସ୍ୱଭକ୍ତି ଗୁହ୍ୟ ଥିଲା ।
ଶୂନ୍ୟରୁ ସୁର-କର୍ତ୍ତୃ ସୁମ-ବୃଷ୍ଟି ହୋଇଲା । ୧୮୪୮ ।
ଜନକ ସୁଅବସ୍ଥା ଜାଣି ଅସ୍ତ ଉଠିଲ ।
ସଖୀ-ବେଷ୍ଟିତା ସୀତା ସଭାରେ ପ୍ରବେଶିଲା । ୧୮୪୯ ।
ସୀତା ଜଗଜ୍ଜନନୀ ସେ ସମ୍ପୂର୍ଣ୍ଣାଙ୍ଗୀ ।
ତା ରୂପ ବର୍ଣ୍ଣନା ହୋଇ ପାରିବ କପରି ? ୧୮୫୦ ।
ତାଙ୍କୁ ପ୍ରକୃତ ସ୍ତୁତି ଜ୍ଞାନମାନେ ଦେବ ।
ରତ୍ନ ସ୍ୱର୍ଣ୍ଣନକୁ ଜାତ କରିବ କେହୁ । ୧୮୫୧ ।

କହୁଥିବା ବୋଲବେ ମଧ୍ୟ ତାଙ୍କ ଉପମାନେ ।
ତେବେ କେଉଁ ସୁନ୍ଦରୀ ତାହାଙ୍କ ତ ଗା ସମାନେ ।୧୮୫୨।
ବାଣୀ ବାଗ୍ମିତା ରମା ହାଲା ହର-ଘରଣୀ ।
ଶିବଜାତା ଅର୍ଦ୍ଧାଙ୍ଗୀ ବଟପଟ ଦୂଷିଣୀ ।୧୮୫୩।
ଯେମାନେ ନୁହନ୍ତି ତ ଜାନକୀର ତୁଳନା ।
ତାହୁଁ କି ଅଙ୍ଗ ଶୋଭା ଅନ୍ୟଙ୍କ ଗଣନା ? ୧୮୫୪ ।
ଶୋଭା-ସୁଧା-ସିନ୍ଧୁରେ ଉନ୍ମାଦ ଊର୍ମିପରେ ।
ଭୂଷା ଦେହର କର୍ଣ୍ଣ ଦୀପ୍ତି ସର୍ପ ଶିରରେ ।୧୮୫୫।
ଯୁବ ସୁନ୍ଦର-ଶ୍ରେଷ୍ଠ ମନ୍ଥନ କଲେ ତାକେ ।
ଜନ୍ମିବା ସୁଖ ସୌନ୍ଦର୍ଯ୍ୟ ଲକ୍ଷ୍ମୀ ଭଳେ ହେଲେ ।୧୮୫୬।
ଜନକ-ନନ୍ଦନା-ଶୋଭା ସମାନା ନୁହଇ ।
ସେହୁ କେବଳ ତାହାର ତୁଳନା ଅଟଇ ।୧୮୫୭।
ସର୍ବାଭରଣ-ଭୂଷିତା ଦେବୀ ଚେଳାବୃତା ।
ହୋଇ ପଟ୍ଟଦଣ୍ଡେ ସଖୀବୃନ୍ଦେ ଭୂମିସୁତା ।୧୮୫୮।
ତାଙ୍କୁ ଦେଖି ନାଗରନରେ ମୋହିତ ହୋଇଲେ ।
ଦେବେ ପୁଷ୍ପବୃଷ୍ଟି କରି ମଙ୍ଗଳରେ ଗାଇଲେ ।୧୮୫୯।
ସୀତା ଧରି କର-କଞ୍ଜେ ବରଣମାଳାକୁ ।
ପାର ପାର ଗୃହଁ ଗୃହଁ ନୃପତ ସମାଜକୁ ।୧୮୬୦।
ମୁନି-ପାର୍ଶ୍ୱ ସ୍ଥିତ ଭ୍ରାତୃଦ୍ୱୟରେ ରାମଙ୍କୁ ।
ଦେଖି ସୁଗିତା ହେଲ ନିଅଁ ମସ୍ତକକୁ ।୧୮୬୧।
ପରେ ଲଜ୍ଜେ ଗୁରୁଜନଙ୍କ ପ୍ରେ ସେ ନନ୍ଦନା ।
ନିଜ ସଖୀଙ୍କ ମୁଖ ଦେଖି ରତ୍ନାସ୍ପମାନା ।୧୮୬୨।
ସଙ୍କେତ ସ୍ପୃହିଁ ସୀତା ରୂପ ଭୂପେନ୍ଦ୍ରଙ୍କୁ ।
ଏମନ୍ତ ଭାବିଲେ କିଉ ଅନୀମପଟଙ୍କୁ ।୧୮୬୩।
ହେବ ତୁଅନ୍ତା କେବେ ଏ ଦୁହିଙ୍କ ଶଙ୍କାକୁ ।
ଜନକ ସୁନ୍ଦ ନିଜ କଠୋର ପ୍ରତିଜ୍ଞାକୁ ।୧୮୬୪।
ସେ ତ ଲେ ଜନକ ଦେଖ ଘାସ ବନ୍ଦନା ।
ଶୁଦ୍ଧବତେ ଶୂନ୍ୟ ହୋଇବ ଏମନ ।୧୮୬୫।

ହେ ସଜ୍ଜନବର୍ଗ ! ଦେଖ ଏ ଶିବଧନୁକୁ ।
ପରେ ଶୁଣ ମିଥିଳେଶ-ପ୍ରତିଜ୍ଞା-ବାକ୍ୟକୁ ।୧୮୫୬।
ଏ ଧନୁକୁ ନ ତୋଳି ରାବଣ ବାଣାସୁରେ ।
ଲଜ୍ଜିତ ହୋଇ ଚଳିଲେ ନତ ବଦନରେ ।୧୮୫୭।
ତୁମ୍ଭ ବାହୁବଳ ହେଲେ ପୂର୍ଣ୍ଣଚନ୍ଦ୍ର ସମ ।
ଏ କଠୋର ଧନୁ ନିଶ୍ଚେ ଅଟେ ରାହୁସମ ।୧୮୫୮।
ଏବେ ଏହାକୁ ଯେଉଁ ନତ କରି ପାରିବ ।
ଗଳାରେ ମାଳା ଦେଇ ତାକୁ ଜେମା ବରିବ ।୧୮୫୯।
ଏହା ମାତ୍ର ସତ୍ୟ ସତ୍ୟ ପୁଣି ସତ୍ୟ ବୋଲି ।
ମହାରାଜ ବାଣୀ ଅମ୍ଭେ କହୁଁ ବାହୁତୋଳି ।୧୮୬୦।
ଏ ବଚନ ଶ୍ରବଣେ ବଳାଭିମାନୀ ନୃପେ ।
ଉଠି ବକ୍ଷପଞ୍ଜର ହୋଇ ମହାଟୋପେ ।୧୮୬୧।
ଇଷ୍ଟ ଦେବତାଙ୍କୁ ସ୍ମରି ଜଣେ ଜଣେ ଯାଇ ।
ସେ ମହା ଶରାସନକୁ ଝୁଲାଇ ଝୁଲାଇ ।୧୮୬୨।
ଅତି ଶ୍ରାନ୍ତ ପାଇ ଚେଷ୍ଟା ହେବ ବାହୁଡ଼ିଲେ ।
କେହୁ ହେଲେ ଧନୁକୁ ହଲାଇ ନ ପାରିଲେ ।୧୮୬୩।
ଯତ୍ନ କଲେହେଁ ଅନେକ ନୃପେ ଏକ ହୋଇ ।
ସତୀ ମତ ପରି ଧନୁ ଡୋହଲିଲା ନାହିଁ ।୧୮୬୪।
ସେମାନେ ବୈସ୍ୱଗ୍ଲାନ ସନ୍ୟାସିବ୍ରତରେ ।
ଉପହସିତ ହୋଇ ବସିଲେ ସ୍ୱସ୍ଥାନରେ ।୧୮୬୫।
ଚତୁଷ୍କ ନୃପେ ନ ଯାଇ ଧନୁର ପାଖକୁ ।
ବସି ଅନାଉଥିଲେ ସର୍ବ. ଘଟଣାକୁ ।୧୮୬୬।
ନୃପତଙ୍କର ଏମନ୍ତ ଗତିକି ଅନାଇଁ ।
ଜନକ ବୋଇଲେ ଚିନ୍ତା କୋପଯୁକ୍ତ ହୋଇ ।୧୮୬୭।
ସବ ଦେଶାଧୀଶେ ପୁଣି ଭୂପ ରୂପ ଧରି ।
ପ୍ରତି ସ୍ୱୟମ୍ବରେ ଶୁଣି ମୋ ପ୍ରତିଜ୍ଞା ଗିର ।୧୮୬୮।
ଏଠାକୁ ଆସିଲେ ମାତ୍ର କନ୍ୟାକୁ ଯଶକୁ ।
ଲଭିବା କରି ଯୋଗ୍ୟ ନାହିଁ ମୋ ଜେମାକୁ ।୧୮୬୯।

ଧନୁକୁ ନୁଆଁଇବା ବୟସ ଥାଉ ଦୂରେ ।
ତାକୁ ସ୍ପର୍ଶିବା ଶକ୍ତି ନାହିଁ ତ ଏଠାରେ । ୧୮୮୦ ।
ଏବେ ଜାଣିଲି ଧନୁ ବଜ୍ରଶିଳା ହୋଇଛି ।
ତନୟାରୂପେ କର୍ଷିବାକୁ ମୋ ସୁତା ଜନ୍ମିଛି । ୧୮୮୧ ।
ପ୍ରତିଜ୍ଞା ଭଙ୍ଗ ହେବ ନାହିଁ ଧର୍ମବନ୍ଧନ ।
ଏଣୁ ଏବେ ସ୍ୱ ସ୍ୱ ପୁରେ ଚଳିବା ଉଚିତ । ୧୮୮୨ ।
ଏମନ୍ତ ନୃପତି ବାଣୀ ଶୁଣି ସେ ସ୍ଥାନର ।
ନାଗରର ସୀତା-ଦଶା ଚିନ୍ତି ଚିନ୍ତାତୁର । ୧୮୮୩ ।
ଜନକର ବାଣୀ-ବାଣାହତ ଲକ୍ଷ୍ମଣ ।
କ୍ରୋଧଭରେ ଉଠନ୍ତେ ତା ନୟନ ଅରୁଣ । ୧୮୮୪ ।
ଭ୍ରୂ ଭୃକୁଟିଳ ହେଲା ଅଧର କମ୍ପିଲା ।
ରାମକୁ ନମି ସେ କହେ ଏମନ୍ତ ବୋଇଲା । ୧୮୮୫ ।
ଯେଉଁ ସମାଜରେ ରଘୁବଂଶଜାତ ଥାଏ ।
ସେ ସମାଜେ ଅଯୋଗ୍ୟ ବାଣୀ କୁହା ନ ଯାଏ । ୧୮୮୬ ।
ଏଠାରେ ରଘୁର ବଂଶ ଥିବା ଜାଣି ଜାଣି ।
ଜନକ ମୁଖୁଁ ନିର୍ଗତ ଅନୁଚିତ ବାଣୀ । ୧୮୮୭ ।
ହେ ! ରାମ ଦିନେଶ-ବଂଶ-ସାଗର ଦିନେଶ ।
ସ୍ୱାମୀ ମୁଁ କହିବି ଏଥେ ନାହିଁ ଗର୍ବ ଲେଶ । ୧୮୮୮ ।
ତୁମ୍ଭ ଆଦେଶ ହେଲେ ମୁହିଁ ଏ ଭୂଗୋଳକୁ ।
କନ୍ଦୁକ ପରି ହେଳେ ଟେକିବି ଉପରକୁ । ୧୮୮୯ ।
ପୁଣି କଞ୍ଚା ହାଣ୍ଡି ପରି ତାହାକୁ ଫୋଡ଼ିବି ।
ମୂଳକ ପ୍ରାୟେ ମେରୁଗିରିକି ଉପାଡ଼ିବି । ୧୮୯୦ ।
ତୁମ୍ଭ ମହାପ୍ରତାପ ଆଗରେ ପିନାକର ।
ଏ ପୁରୁଣା ଚାପଗୁଣ ନୁହଇ କି ଛାର ! ୧୮୯୧ ।
ହେ ରଘୁକୁଳବର ! ତୁମ୍ଭ ଆଜ୍ଞା ହେଲେ ।
ଏ ଧନୁ ଦେଖୁଁ ମୁଁ ଲୀଳାପରି ଟୋକି ହେଲେ । ୧୮୯୨ ।
ମୃଣାଳ ସମ ହେବା ଏ ଗୃହେ ଭଣି ଦେବି ।
ଏହାକୁ ଧରି ଦିବି ଶଏ ଯୋଜନ ଧାଇଁବି । ୧୮୯୩ ।

ତୁମ୍ଭ ପ୍ରତାପ ବଳେ ଏହାଙ୍କୁ ହରଦଣ୍ଡ ।
ପଦ୍ମେ ଅନାୟାସେ କରିବ ବେନି ଖଣ୍ଡ । ୧୮୯୪ ।
ସେପରି ନ କଲେ ତୁମ୍ଭ ଶ୍ରୀଚରଣ ରେଣ ।
କେବେ ଅଙ୍ଗେ ଧରିବି ନାହିଁ କାର୍ମୁକ ବାଣ । ୧୮୯୫ ।
ଏମନ୍ତ ଅତ୍ୟନ୍ତ କୋପେ ଭାଷନ୍ତେ ଲକ୍ଷ୍ମଣ ।
ଧରା ଥରିଲ କମ୍ପିଲ ଦିଗ୍ବାରଣଗଣ । ୧୮୯୬ ।
ସଙ୍କୁଚିତ ନୃପେ ପୁଣି ସର୍ବ ନାରୀ ନରେ ।
ପ୍ରହର୍ଷଯୁକ୍ତ ହୋଇଲେ ଅଧିକ ଭୟରେ । ୧୮୯୭ ।
ସୀତା ମୂର୍ଚ୍ଛିତା ହେଲା, ଜନକ ସଙ୍କୁଚିତ ।
ବିଶ୍ୱାମିତ୍ର ରାମ ମୁନିଗଣ ଆନନ୍ଦିତ । ୧୮୯୮ ।
ତେବେ ରାମ ଅନୁଜଙ୍କୁ ନେବାର ଠାରରେ ।
ପ୍ରେମଭରେ ବସାଇଲେ ନିଜ ନିକଟରେ । ୧୮୯୯ ।
ପରେ ବିଶ୍ୱାମିତ୍ର ମୌନୀ ସୁଭକାଳ ଜାଣି ।
ରାମଙ୍କୁ କହିଲେ ଏହି ପ୍ରେମମୟ ବାଣୀ । ୧୯୦୦ ।
ବାପୁ ! ନ କର ମତ ଉଠ ଭାଙ୍ଗ ଚାପକୁ ।
ଖଣ୍ଡ ଜନକ ନୃପତି ମନ ସନ୍ତାପକୁ । ୧୯୦୧ ।
ତା ଶୁଣି ତାଙ୍କୁ ରାମ ନମି ସମ ଚିତ୍ତରେ ।
ଉଭା ହୁଅନ୍ତେ ସୁବା-ସିଂହକଣା ଠାଣିରେ । ୧୯୦୨ ।
ମହୋଦୟାଦ୍ରୁ ରାମ ବାଳାର୍କରେ ଶୋଭିଲେ ।
ସୁଜନଙ୍କ ମାନସ-ସାରସ ବିକଶିଲା । ୧୯୦୩ ।
ପୁଣି ତାଙ୍କ ନେତ୍ରାଳୋକ ଦୃଷ୍ଟି ହୋଇଲା ।
କୁଜନଙ୍କର ଚନ୍ଦ୍ର-କୁମୁଦ ମଉଳିଲା । ୧୯୦୪ ।
ନୃପତିଙ୍କ ଆଶା-ନିଶା ନାଶକୁ ପାଇଲା ।
ଜନ ବଚନ ଚକ୍ଷେ ଲୀନ ହୋଇଲା । ୧୯୦୫ ।
ଅଭିମାନୀ ଜନ ପ୍ରତାପ ସଙ୍କୁଚିଲେ ।
ସୁବର୍ଣ୍ଣ ରତ୍ନ ରତ୍ନ ଆନନ୍ଦ କରିଲେ । ୧୯୦୬ ।
ପ୍ରଭୁ ନାରୀଜନେ ଏକ ମନରେ ଭାବିଲେ ।
ରାମ ଧନୁକୁ ନୁଆଁଇ ଆମ୍ଭ ପୁଣ୍ୟଫଳେ । ୧୯୦୭ ।

ସୀତା ମାତା ସ୍ୱୀୟ ଚିତ୍ତେ ସନ୍ଦେହକୁ ପାଇ ।
ଏମନ୍ତ ପଚାରିଲେ ସଜନୀଙ୍କ ଅନାଇଁ । ୧୯୦୮ ।
ଏ ସୁବଳ ହଂସପୋତ ନୃପ ନନ୍ଦନଙ୍କୁ ।
ଟେକିବା ପାଇଁ କ୍ଷମା କରୁଛନ୍ତି ସାହାସକୁ ? । ୧୯୦୯ ।
ତାଙ୍କୁ ସଖୀ ବିନୟେ ଏପରି କଲା ଜଣା ।
ଦେବି ! ତେଜସ୍ୱୀଠାରେ ଲଘବ ନହେ ଗଣା । ୧୯୧୦ ।
କୁମ୍ଭ-ସମ୍ଭବ କେତେ, ସେହୁ ଏକା ଚୁଳୁରେ ।
ପାନ କଲେ ତ ମହାସମୁଦ୍ରକୁ ସୁଖରେ । ୧୯୧୧ ।
ଦେଖିବାକୁ ତପନମଣ୍ଡଳ ଅଟେ ସାନ ।
ସେ ଘୋର ତମକୁ ନାଶି କରେ ବିଶ୍ୱଜନ । ୧୯୧୨ ।
ଲଘୁମଲବର୍ଣ୍ଣୀ ବଧି ହରିହର ସୁରେ ।
ମଦମତ୍ତ ମାତଙ୍ଗ ଅଙ୍କୁଶ ଦେଖି ଡରେ । ୧୯୧୩ ।
ଅନଙ୍ଗ ସୁମଗୃହଲେପବଳେ ସକଳ—
ଭୁବନ ନିବାସୀଙ୍କି କରଇ ଅତ୍ୟାକୁଳ । ୧୯୧୪ ।
ଏଣୁ ଦେବି ! ସଂଶୟକୁ ମନୁ ଦୂର କର ।
ଧନୁକୁ ନୁଆଁଇବେ ନିଷ୍ଟେ ଏ ନୃପବର । ୧୯୧୫ ।
ଜନକ-ମହିଷୀ ସଖୀ ବାଣୀ ଶ୍ରବଣରେ ।
ଶ୍ରୀରାମଙ୍କୁ ନିରେଖୁଥିଲେ କୁତୂହଳରେ । ୧୯୧୬ ।
ତେବେ ସୀତା ପ୍ରୀତିଭରେ ବିଲୋକି ରାମଙ୍କୁ ।
ଏମନ୍ତ ଭାବିଲେ ମନେ ଲଭି ସନ୍ତାପକୁ । ୧୯୧୭ ।
କୋମଳ ତନୁ ଏହୁ କଠୋର ଧନୁ ସେହୁ ।
କିସ୍ପର୍ଶ ସୁମେ ହାରକ ବଙ୍କା ହେବ କେହୁ ? । ୧୯୧୮ ।
କରନ୍ତୁ କୃପା ଶିବାଶିବଚରଣାମ୍ବୁଜ ।
ହନକରବଣୀ ହେଉ ସେ ମହାତ୍ମମୂର୍ତ୍ତି । ୧୯୧୯ ।
ସେ ମନୀଷିଙ୍କ ଏମନ୍ତ ଅନେକ କଥାରେ ।
ପ୍ରେମାସ୍ପଦ ସୁଜନେତେ ଚିନ୍ତାକୁଳ ଚିତ୍ତରେ । ୧୯୨୦ ।
ସୀତା ରାମଙ୍କୁ ଧନୁକୁ ଧରିବୁ ରାମଙ୍କୁ ।
ଦାରମ୍ବ ବ ପ୍ରେଁ କଲ ପ୍ରେମକୁ ସଙ୍କୁ । ୧୯୨୧ ।

ତା ଚଞ୍ଚଳାକ୍ଷିଯୁଗ ମାର ମୀନ ଯୁଗଳ ।
ଚନ୍ଦ୍ରମଣ୍ଡଳେ ଖେଳିବା ପରାଏ ମଞ୍ଜୁଳ ।୧୯୨୨।
ତା ଲଜ୍ଜା ନଶାବନ୍ତି କୁଣ୍ଡଳଜାତରେ ।
ବଚନ-ମଧୁପଚୟ ବନ୍ଦୀ ହେଲେ ତରେ ।୧୯୨୩।
ମହାଲକ୍ଷ୍ମୀ ଲଙ୍କାସ୍ଥିତ କାଞ୍ଚନ ପ୍ରାସାଦ ।
ତା ନେତ୍ରର ଏକ କୋଣେ ରହିଲା ଲୋତକ ।୧୯୨୪।
ମନେ ସେ ସ୍ଥିର କଲେ ସର୍ବାନ୍ତର୍ଯ୍ୟାମୀ ହରି ।
ସକଳଜନ ହୃଦୟେ ରହନ୍ତି ତ ପୂରି ।୧୯୨୫।
ସେ ପ୍ରଭୁ ମୋ ତ୍ରିକରଣ ଶୁଦ୍ଧି କି ଜାଣିବ ।
ସେତେ ଶ୍ରୀରାମ-ପାଦ ଦାସୀ ନିଶ୍ଚେ କରିବ ।୧୯୨୬।
ଯେ ଯାହାରେ ଅକୃତ୍ରିମ ପ୍ରୀତିକି କରଇ ।
ସେ ତାହାକୁ କାଳକ୍ରମେ ଅବଶ୍ୟ ଲଭଇ ।୧୯୨୭।
ଏମନ୍ତ ସୀତାଙ୍କବକୁ ଜାଣି ପ୍ରୀତିଭରେ ।
ରାମ ତାର ସୁନ୍ଦର ମୁଖକୁ ଚାହିଁ ପରେ ।୧୯୨୮।
ଗରୁଡ଼ ଶିଶୁ ସର୍ପକୁ ଦେଖିବା ରୀତିରେ ।
ଧନୁକୁ ଦେଖି ଗମିଲ ମତ୍ତେଭ ଗତିରେ ।୧୯୨୯।
ରାମ ପଛେ ଲକ୍ଷ୍ମଣ ଯାଇ ଧନୁକୁ ଚାହିଁ ।
ଭାବିଲ ଏହାକୁ ଜିତ କରନ୍ତେ ମୋ ଭାଇ ।୧୯୩୦।
ଚରଣେଶ୍ୱର ନ ସହୁ ଭୂମି କମ୍ପିହବ ।
ତାହାହେଲେ ଜଗତର ଅନିଷ୍ଟ ସମ୍ଭବ ।୧୯୩୧।
ଏତେ ପାଇଁ ସେ ବର ପୁଲକିତ ଗାତ୍ରରେ ।
ଏହି ପ୍ରକାରେ କହିଲ ଅଭ୍ୟନ୍ତରରେ ।୧୯୩୨।
ହେ କଚ୍ଛପ ! ହେ ବରାହ ! ହେ ଦିଗ୍‌ଗଜଜାଳ !
ହେ ଶେଷ ! ତୁମ୍ଭେମାନେ ମୋ ଆଦେଶକୁ ପାଳ ।୧୯୩୩।
ବସୁନ୍ଧରାଙ୍କି ଚନ୍ଦ୍ର—ରାମଚନ୍ଦ୍ର ଏବେ—
ଚାପ ନତ କରିବାକୁ ହେଲେଣି ତତ୍ପର ।୧୯୩୪।
ଏଣୁ ତୁମ୍ଭେମାନେ ମେଳ ହୋଇ ଧୀରକୁରେ ।
ଧରଣୀକି ଧରିଥିବ ଅତ୍ୟନ୍ତ ଦୃଢ଼ରେ ।୧୯୩୫।

ତେବେ ଜନକ ସନ୍ଦେହ ଅବର ଅଜ୍ଞାନ ।
ଭୂମିଗ୍ରାନ ଧରଣୀପତିଙ୍କ ଅପମାନ । ୧୯୩୬ ।
ପରସ୍ତ୍ରୀମନର ଗର୍ବ ସୁବର୍ଣ୍ଣନଙ୍କର ।
ତାଡ଼କା ପଞ୍ଚାଶ୍ରାପ ଜନକ ନଗର । ୧୯୩୭ ।

ରାଣୀମାନଙ୍କର ଦୁଃଖ ସୀତା ଶୋକଭର ।
ଏ ସବୁ ପ୍ରବଳ ଝଡ଼ବଳ ପାରାବାର । ୧୯୩୮ ।
ଲଙ୍ଘିବାକୁ ମୂଳ ହେଲେ ଶବରୂପ ନାବେ ।
ମାତ୍ର କର୍ଣ୍ଣଧାର କେହୁ ନାହିଁ ସେହୁ ଠାବେ । ୧୯୩୯ ।
ପ୍ରତମାବାରଧର ସଜ୍ଜନଙ୍କୁ ଦେଖି ।
ପରେ ରାମ ଉତ୍କଣ୍ଠିତା ସୀତାଙ୍କୁ ନିରେଖି । ୧୯୪୦ ।
ସ୍ତବଳ ଚିତ୍ରିତ ବାବ ବନା ହେଲେ ମୃତ ।
ପଞ୍ଚାଳିମିତ୍ର ସୁଧା-ସରୋବର ବାର୍ତ୍ତ ତ । ୧୯୪୧ ।
ସର୍ଯ୍ୟ ଶୁଖିବା ବୃକ୍ଷାରୁ ବର୍ଷଣ ରଚିଲ ।
ଏତେ ପାଶ୍ଚେ ସେ ପ୍ରଭୁ ହୋଇ ଅତି ଚଞ୍ଚଳ । ୧୯୪୨ ।

ଅତି ସୁକରେ ଭବେ ସ୍ନହଣ କଲେ ବେଳେ ।
ଗୃପ ଶୋଭଲ ଯେସନ୍ତେ ଚପଳା ମେଘମାଳେ । ୧୯୪୩ ।
ଥିବାର ନତ କଲେ ସମ୍ମୁଖରେ ଗଗନ—
ମଣ୍ଡଳ ପରି ଦିଶିଲା ସେହୁ ଶରାସନ । ୧୯୪୪ ।
ସଜ୍ଜନେ କୁତୂହଳେ କର ଜାଚ ଗାତ ।
ଅନିମିଷ ନୟନରେ ଅନାଉଁଲେ ମାତ । ୧୯୪୫ ।
ତେ କୁହଁ ନାହିଁ ଚମଳ କାର୍ମୁକ ଧାରଣ ।
ଗୁଣାରୋପଣ ପୂର୍ଣ୍ଣ ଆକର୍ଷନ ଲଞ୍ଜନ । ୧୯୪୬ ।

ସଞ୍ଚାଳନ ହେଲା ଖଣ୍ଡ ହେଲ ରାମ-କରେ ।
ପୂର୍ଣ୍ଣ ହୁଅନ୍ତେ ବ୍ରହ୍ମାଣ୍ଡ ସେ ଘୋର ନାଦରେ । ୧୯୪୭ ।
ମୂର୍ଛାଗଲେ ବାହବଳା ହେବେ ଦଶକଣ୍ଠ ।
ଦୂରିବଳ ବାସୁକି ବଞ୍ଚ କୂର୍ମେ ଆଶ୍ରୁ । ୧୯୪୮ ।
ସ୍ଥିର ଅଛିନ୍ତ ହେଲ ମୁହୂର୍ତ୍ତ ମାତ୍ରେ ।
ମନ୍ଦେବଙ୍କ ଦେବ ତାଙ୍କ ଭୂଜରେ କଲେ । ୧୯୪୯ ।

ମୋହବଶେ ଶିବ-ଚାପ-ନାବେ ଚଢିଥିଲା ।
ସମାଜ ରାମବାହୁବଳାବ୍ଧିରେ ବୁଡ଼ିଲା । ୧୯୫୦ ।
ଧୀମ ପକାନ୍ତେ ଭୂରେ ଚାପଖଣ୍ଡ ଦ୍ୱୟଙ୍କୁ ।
ଦେଖି ସକଳ ଜନେ ଲଭିଲେ ଆନନ୍ଦକୁ । ୧୯୫୧ ।
ରାମଚନ୍ଦ୍ର-ଚନ୍ଦ୍ରମାକୁ ବିଲୋକି କୌଶିକ ।
ପୟୋବ୍ଧିରେ ଉଚ୍ଛୁଳିଲା ପୂତ ପ୍ରେମୋଦକ । ୧୯୫୨ ।
ନାନାବିଧେ ଗଗନରେ ବାଜଣା ବାଜିଲା ।
ଅପ୍ସରୋଗଣ-ଗାନନର୍ତ୍ତନ ପ୍ରସରିଲା । ୧୯୫୩ ।
ବ୍ରହ୍ମାଦି ଦେବେ ସିଦ୍ଧେ ମୁନିଏ ଶ୍ରୀରାମଙ୍କୁ ।
ସ୍ତୁତି କରି କଲେ ଦିବ୍ୟ ପୁଷ୍ପ ବର୍ଷଣକୁ । ୧୯୫୪ ।
ଜୟ ଜୟ ନିନାଦରେ ଜଗତ ପୂରିଲା ।
ବନ୍ଦୀମାଗଧସୂତଙ୍କ ସ୍ତୁତି-ପ୍ରକଟିଲା । ୧୯୫୫ ।
ଶ୍ରୀରାମଙ୍କୁ ଭକ୍ତିରେ ଜନେ ମଣି କାଞ୍ଚନ ।
ଚେଲ ଘୋଟକ ମାତଙ୍ଗ କଲେ ନିର୍ମଞ୍ଛନ । ୧୯୫୬ ।
ବାଜିଲା ବଙ୍କଘୋଡ଼ ମୃଦଙ୍ଗ ଭେରୀ ଢୋଲ ।
ଦୁନ୍ଦୁଭି କାହାଳୀ ଶଙ୍ଖ ବେଣୁ କରତାଳ । ୧୯୫୭ ।
ପ୍ରମୋଦଭରେ ହୋଇ କୁଳପ୍ରମଦାମାନେ ।
ସୁସ୍ୱରେ ମଙ୍ଗଳ ଗାନ କଲେ ନାନା ସ୍ଥାନେ । ୧୯୫୮ ।
ସ୍ୱର୍ଗ ଖେଚର ଶସ୍ୟ ବୃଷ୍ଟି କରିବା ପରି ।
ବଂଶୀ ସଙ୍ଗୀତ ଅଦ୍ଭୁତେ ହେଲା ସୁଖକରି । ୧୯୫୯ ।
ଜନକ ତୁଷ୍ଟ ହେଲେ ଚିନ୍ତାକୁ ଦୂର କରି ।
ପ୍ଲବଶ୍ରାନ୍ତ ମାନବ ଥଳ ପାଇବା ପରି । ୧୯୬୦ ।
ଚାପଭଞ୍ଜନ ଦେଖି ସକଳ ମହୀପାଳେ ।
ଦିବସର ଦୀପ ପରି ଦୀପ୍ତିହୀନ ହେଲେ । ୧୯୬୧ ।
ଯେସନ ମ୍ଳାନ-ନାଳ-ପ୍ରସୂ ବୃନ୍ଦରେ ।
ତେସନ ଅନୁକୂଳା ତ ଜନକନୃପ । ୧୯୬୨ ।
ଶଶୀକି ଚକୋର ଯେମ୍ଭେ ଦେଖିବା ସୁଖରେ ।
ରାମଚନ୍ଦ୍ରୁ କନ୍ୟା ତୃପ୍ତିରେ ଚାହିଁଲେ । ୧୯୬୩ ।

ଶତାନନ୍ଦର ବୋଲନ୍ତ ମାନ ମଦ୍ଯମୁଦ୍ରା ।
ଶ୍ୟାମ ଚନ୍ଦ୍ର ଗଲେ ହୋଇ ସଖୀବେଷ୍ଟିତା । ୧୯୬୪ ।
ରମା ପ୍ରତିମାଙ୍କ ମଧ୍ୟେ ସୁରମା ପ୍ରତିମା ।
ପ୍ରାଏ ସଖୀଙ୍କ ମଧ୍ୟେ ସୀତା ଲଭ ସୁଷମା । ୧୯୬୫ ।
ରତରେ ନନ୍ଦନଙ୍କ ସିଦ୍ଧମଲ୍ଲିକାଳ ।
କଗଳୁମ୍ବ ପୃତନ୍ତ ଭବ ବରଣମାଳ । ୧୯୬୬ ।
ତନୁ ଏବେ ଚୋଟଲା ମାତ ମନ ଉଦ୍ଧାପିତ ।
ଅନୁରାଗ ପ୍ରୀତି ଅନୀମାନ ବା ବଢ଼ିତ । ୧୯୬୭ ।
ଏମନ୍ତେ ଯେ ଶ୍ରୀରାମ ଚନ୍ଦ୍ର ଗତ କଲେ ।
ତତ୍କାଳ ନିବେଶି ଦୃଷ୍ଟି ଦେଖ ଛବି ପଦେ ୧୯୬୮ ।
ପରେ ଚଳୁଥି ସଖୀ ଇଙ୍ଗିତା ହୋଇ ବାଳା ।
ବରବାଲୁ ଦେଖିଲ ଉଦ୍ଧମୁଗଲେ ମାଳା । ୧୯୬୯ ।
ମାତ ପ୍ରେମପରବଶା ହୋଇ ଯେହୁ ଏଥିର ।
ରାମଚନ୍ଦ୍ରେ ପିନ୍ଧାଇ ପାରିଲ ନାହିଁ ସେ । ୧୯୭୦ ।
ସୀତା ଭୁଜ କରତଳ ଏନାଲ କମଳ ।
ମୁରଳବୈରି ଦର୍ପେ ହୋଇ ଅତ୍ୟାନ୍ତାକୁଳ । ୧୯୭୧ ।
ଜୟମାଳା ବଦନ-ଚନ୍ଦ୍ରମାକୁ ପ୍ରଦାନ—
କରୁଛି ପଦ୍ମ ବୋଲି ଦେଖ ପ୍ରତୀୟମାନ । ୧୯୭୨ ।
ତେବେ ସଖୀଙ୍କ ମୁଖୁଁ ସ୍ତବଗାନ ଶୁଭିଲା ।
ସୀତା-ଦତ୍ତ ହାର ରାମ ହୃଦୟେ ଶୋଭିଲା । ୧୯୭୩ ।
ନଭୁଁ ପୁଷ୍ପବୃଷ୍ଟି ହେଲା ରବ ଚମତ୍କୃତ ।
କୁମୁଦ ପରି ନୃପସମୂହ ସଙ୍କୁଚିତ । ୧୯୭୪ ।
ଗଗନରେ ନଗରରେ ବାଜିଲ ବାଜଣା ।
ହୁଲ୍ଲି ଶଙ୍ଖଧ୍ୱନିରେ ଦିଗେ ହୋଇଲେ ପୂରଣା । ୧୯୭୫ ।
ବୃନ୍ଦାରକ ଦଳର ନଭ ପଥର ମୁଖୁ ।
ମୁଖୁ ବାହାରିଲି ହେଲା ଜୟ ଜୟ ଧ୍ୱନି । ୧୯୭୬ ।
ଅପ୍ସରାମାନେ ନାଚିଲେ, ଗନ୍ଧର୍ବେ ଗାଇଲେ ।
ପୁଣି ବାରମ୍ବାର ପାରିଜାତ ବୃଷ୍ଟି କଲେ । ୧୯୭୭ ।

ବଂଶାବଳୀଙ୍କ ବନ୍ଦୀମାଗଧେ ଉଚ୍ଚାରିଲେ ।
ବିପ୍ରେ ବେଦ ପଢ଼ିଲେ ନାରୀଏ ବନ୍ଦାଇଲେ । ୧୯୭୮ ।
ଶିବଧନୁକୁ ଭାଙ୍ଗି ସୀତା ଗ୍ରହଣ କଲା ।
ଶ୍ରୀରାମ-ଶୌର୍ଯ୍ୟ ତ ଭୁବନବିତତେ ପୂରିଲା । ୧୯୭୯ ।
ସୀତା ରାମ ଏକତ୍ର ରତ୍ନ ଶୋଭା ଶୃଙ୍ଗାର ।
ମେଳନ ପରି ହେଲେ ଜନକ ରାଜଦ୍ୱାର । ୧୯୮୦ ।
ସଖୀମାନେ ରାମପାଦ ସ୍ପର୍ଶ କରିବାକୁ ।
କହିଲେହେଁ ସୀତା ସ୍ମରି ଅହଲ୍ୟା ଦଶାକୁ । ୧୯୮୧ ।
ନ ଛୁଇଁବା ଜାଣି ତା ଅସାଧାରଣ ପ୍ରୀତି ।
ଚିତ୍ତେ ହସିଲେ ମନେ ମନେ କୌଶଲ୍ୟା ସୁତ । ୧୯୮୨ ।
ସୀତାକୁ ଦେଖି ତେବେ ପାତକ ମୂର୍ଚ୍ଛି ଦୂର ।
ନୃପତିମାନେ ଏକେ ହୋଇ କରି ବାଗୁର । ୧୯୮୩ ।
ଉଠି ସଜ ହୋଇ କହେ ଭାଷିଲେ ଏମନ୍ତେ ।
ଦେଖୁଛ କିଏ ଏଥି ଅଛେ ଅବନୀକାନ୍ତେ ? ୧୯୮୪ ।
କନ୍ୟାକୁ ଧରି ଦୁଇଭାଇଙ୍କି ବାଳ ଦୁଷ୍ଟ ।
ନୃପ କୁଳରେ ତ କାର୍ଯ୍ୟ ହୋଇ ନାହିଁ ପୂର୍ଣ୍ଣ । ୧୯୮୫ ।
ଥିଲେ ଆମ୍ଭ ଅପରନାମ ନକେ ଜୀବନ ।
କେ କରିପାରିବ ଏ କନ୍ୟା-ପାଣି-ପୀଡ଼ନ । ୧୯୮୬ ।
ବିଦେହ-ନନ୍ଦଧର ଗଲେ ତାଙ୍କ ସାହାକୁ ।
ମାରିବା ନିଷ୍ଠେ ତୁଳ ସ୍ୱରକ ସଙ୍ଗେ ତାଙ୍କୁ । ୧୯୮୭ ।
ଏତେ ଶୁଣି ସାଧୁ ନୃପେ କହିଲେ ଏମନ୍ତ ।
ଏ ରାଜ ସମାଜ କରେ ସ୍ୱଜନକୁ ଲଜ୍ଜିତ । ୧୯୮୮ ।
ତୁମ୍ଭ ପ୍ରଭୁତ୍ୱ ଧୈର୍ଯ୍ୟ ଶୌର୍ଯ୍ୟ ବଳ ପ୍ରତାପ ।
ସବୁ ତ ସମ୍ପନ୍ନ ସହ ପାଇଲା ଲୋପ । ୧୯୮୯ ।
ସେ ସବୁ ପୁଣି ତୁମ୍ଭେ କେଉଁଠାରୁ ଲଭିବ ?
ଏବେ ତୁଚ୍ଛରେ ମୃତ୍ୟୁ ଲଭିବ ଅକୂଳ । ୧୯୯୦ ।
ଏଣୁ ଦେହ ମତ ଚେଲେ ରାମଙ୍କୁ ଅନାଇ ।
ଲକ୍ଷ୍ମଣ କୋପାନଳେ ଜଳିଲା ତ୍ରୁଟ ନାହିଁ । ୧୯୯୧ ।

ଦାଭ ସନ୍ଧ୍ୟାଂଶକୁ ଏସ ସିଂହ ସ୍ତନକୁ ।
ଅକାରଣ କୋପଶୀଳ ନୃପ ମଣ୍ଡଳକୁ । ୧୯୯୨ ।
ଶଙ୍କରଦ୍ରୋହୀ ମୂର୍ଖକୁ ପୁଣି ଈର୍ଷାଳୁକୁ ।
ଲୋଲପ ଶଠକୁ କାମୀ ନୃପଲଙ୍କୁକୁ । ୧୯୯୩ ।
ଯାଦବଚନ୍ଦ୍ରହୀନ ଜନ ମୂଢ଼ଦଶାକୁ ।
ବାଞ୍ଛି ଲଭ ପର ଭୂମେ ବାଞ୍ଛି ଉଛ ସୀତାକୁ । ୧୯୯୪ ।
ଏମନ୍ତ କୋଳାହଳ ଶୁଣି ସୀତା ହୃଦୟରେ ।
ଆଶା ଲଭିବ ସଖୀ ସମୀପ ସହୃଦରେ । ୧୯୯୫ ।
ହେଲି ଯୁଦ୍ଧ ସବ ଶୁଭାନ୍ତ ନାଶ ଜନେ ।
ବଚାତାକୁ ଧ୍ୟାନ କଲେ ଅତ୍ୟାକୁଳମନେ । ୧୯୯୬ ।
ସାଧୁବ୍ରତବ ହମ ଜାନକୀର ପ୍ରେମକୁ ।
ଶଙ୍କି ଧର ଗଲ ନିଜ ଗୁରୁ ସମୀପକୁ । ୧୯୯୭ ।
ଲକ୍ଷ୍ମଣ ନୃପ ହୁଅନ୍ତେ ତା ମୁଖ ଅରୁଣ ।
ନେତ୍ରେ ଲୁଚିଲ କ୍ରୁଦ୍ଧେ ଦଶିଲ ଶ୍ରୀପଣ । ୧୯୯୮ ।
ଯେ ବରସିଦ୍ଧ ମୌନ ହୋଇ ହମ ହୃଦୟରେ ।
ନୃପମାତଙ୍ଗଯୂଥକୁ ଗୃଧ୍ରଙ୍କ ବନରେ । ୧୯୯୯ ।
ନଗରବ ନାରୀ ନରେ ପାଇ ବୈମୁଖକୁ ।
ନାନା ଭଙ୍ଗିରେ ଗାଳି ଦେଲେ ଭୂପସବକୁ । ୨୦୦୦ ।

## ପରଶୁରାମାଗମନ

ଯେଠାକୁ ବଡନୃପଙ୍କ ଧାର୍ତ୍ତାକୁ ଶୁଣି ।
ତେବେ ଅଇଲ ଭୃଗୁକୁଳାମ୍ବୁଜ-ତରଣୀ । ୨୦୦୧ ।
ଭୂତଭୂତିର ଗୌରତାମ୍ର ବଶାଳସ୍ତବ ।
ଚନ୍ଦ୍ର ସମ ମୁଖ କୋପେ ହୋଇଅଛି ଲାଲ । ୨୦୦୨ ।
ଭ୍ରୂକୁଟିଲ ଭୃକୁଟିତ ରକ୍ତାମ୍ବୁଜାକ୍ଷତ ।
ଜଟାଜୁଟ ବନ୍ଧିତ ବିପୁଳ ମସ୍ତକ । ୨୦୦୩ ।
ବକ୍ଷୋବିସ୍ତୃତ ହୃଦୟ, ବାହୁ ଭଜ-ଭର-ଭର ।
କଳୁଷ ବଚନ ଦୁର୍ଗ୍ଧାରକର୍ମଧର । ୨୦୦୪ ।

ତ୍ରିପୁଣ୍ଡ୍ର ରୁଦ୍ରାକ୍ଷମାଳା ଯଜ୍ଞସୂତ୍ରଯୁତ ।
ତୂଣବାଣ ବାଣାସନ କୁଠାର ଶୋଭିତ । ୧୦୦୫ ।
ସାଧୁରୂପେ ଘୋର କର୍ମେ ସେ ମହାନୁଭାବ ।
ବର୍ଣ୍ଣନାତୀତ ଅଟଇ ତାହାର ସ୍ୱଭାବ । ୧୦୦୬ ।
ଏମନ୍ତ ଭଙ୍ଗୀରେ ତବେ ସେ ହେଲା ପ୍ରବେଶ ।
ଧରିଅଛି କିବା ବୀରରସ ମୁନିବେଶ । ୧୦୦୭ ।
ଶଞ୍ଚାଣଙ୍କୁ ଦେଖିବା କପୋତ ପକ୍ଷୀରୂପେ ।
ପରଶୁରାମଙ୍କୁ ଦେଖି ସାଙ୍କୁଡ଼ିଲେ ଭୂପେ । ୧୦୦୮ ।
ପୁଣି ବିନୟଭାବେ ନିଜାସନ ତେଜିଲେ ।
ପିତୃନାମ ସ୍ୱନାମ କହି ତାଙ୍କୁ ବନ୍ଦିଲେ । ୧୦୦୯ ।
ଯେ ଯାହାର ବଦନକୁ ଅଳପେ ଚାହିଁଲା ।
ସେ ବ୍ୟକ୍ତି ନିଶ୍ଚୟେ ମଲି ବୋଲି ଭାବିଲା । ୧୦୧୦ ।
ଜନକ ଭୂନାୟକ ଭକ୍ତିରେ ପ୍ରଣମିଲା ।
ସ୍ୱକୀୟ ନନ୍ଦିନୀରେ ତାଙ୍କୁ ପ୍ରଣମାଇଲା । ୧୦୧୧ ।
ଜାନକୀ ଲଭି ଭାର୍ଗବ ଶୁଭାଶୀର୍ବାଦକୁ ।
ସଖୀମେଳେ ଫେରିଗଲା ମାତାର ସମ୍ମୁଖକୁ । ୧୦୧୨ ।
ବିଶ୍ୱାମିତ୍ର ମୁନି ଯାଇ ତାହାଙ୍କୁ ଭେଟିଲା ।
ରାମଲକ୍ଷ୍ମଣଙ୍କରେ ପ୍ରଣାମ କରାଇଲା । ୧୦୧୩ ।
ବିଶ୍ୱାମିତ୍ର କହନ୍ତେ ଦୁଇ ରାଘବଙ୍କି ଜାଣି ।
ବର୍ଦ୍ଧିତ ଆଶୀର୍ବାଦ କଲେ ପରଶୁପାଣି । ୧୦୧୪ ।
ଶୁଣି ବାଳ ରାମ ହର ଚାହିଁ ଜନକଙ୍କୁ ।
ପଚାରିଲେ ଜନେ ଦୂଳ ହେଲା କାରଣକୁ । ୧୦୧୫ ।
ଜନକ ମୁଖରୁ ଶୁଣି ସବୁ ସମ୍ବାଦକୁ ।
ଦେଖି ଭୂମିପତିତ ଧନୁଖଣ୍ଡଯୁଗକୁ । ୧୦୧୬ ।
ସେ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଏପରି ବୋଇଲା ।
ଅରେ ଜନକ ! କେହୁ ଏ ଧନୁକୁ ଭାଙ୍ଗିଲା । ୧୦୧୭ ।
ତାକୁ ଆଣି ଏବେ ମୋତେ କରାଅ ଦର୍ଶନ ।
ନୋହିଲେ ତୋ ସବଂଶେ କରିବି ଧ୍ୱଂସନ । ୧୦୧୮ ।

ତାହା ଶୁଣି ଜନକ ବପ୍ରେ ଦୁନ୍ନ ହେଲ ।
ଦୁଷ୍ଟ ନରପତିଙ୍କର ଆନନ୍ଦ ବଢିଲ । ୧୦୧୯ ।
ଦେବେ ନାଗେ ମୁନିଏ ପୁରର ନାରୀନରେ ।
ପାଇଲେ ବିଷାଦକୁ ଚିତ୍ତେ ଅତି ଦୁଃଖରେ । ୧୦୨୦ ।
ଶୁଭାନ୍ତ ଅତ୍ୟନ୍ତ ଚିନ୍ତା-ସାଗରେ ବୁଡ଼ିଲ ।
ସର୍ବ ଗୁଣ ଗୁଣି ସୀତା ଦୁଃଖୀ ହୋଇଲ । ୧୦୨୧ ।
ସମସ୍ତଙ୍କ ବପୁଳୁ ସୀତା-ଖେଦକୁ ଜାଣି ।
ବନ୍ଧୁରେ ଭାଷିଲେ ରାମ ଏମନ୍ତ ବାଣୀ । ୧୦୨୨ ।
ହେ ନାଥ ! କୃପାଧନ-ସେବ୍ୟଧନବନ୍ତ ।
ଅଟେ ତୁମ୍ଭ ପାଦାବ୍ଜର ଜଣେକ ସେବକ । ୧୦୨୩ ।
ତା ଶୁଣି ସେ ବୋଇଲେ ଯେତୁ ସେବା କରଇ ।
ସେ ମାତ୍ର ସେବକ ନାମେ କଥିତ ହୁଅଇ । ୧୦୨୪ ।
ଶତ୍ରୁ କର୍ମ କରିବା ଲୋକ ଅଟଇ ପର ।
ତାହା ସହ ସମର ହୁଏ ସମ୍ଭବପର । ୧୦୨୫ ।
ଯେ ଏହୁ କାର୍ମୁକକୁ ଭାଙ୍ଗିଲା ସେ ପାମର ।
ସହସ୍ରବାହୁ ସମେ ଅଟେ ଶତ୍ରୁ ମୋହର । ୧୦୨୬ ।
ସେ ଏବେ ଏ ସଙ୍ଗରୁ ଅଲଗ ହେବା ଉଚିତେ ।
ନୋହିଲେ ସକଳ ଧନୁର୍ଦ୍ଧରେ ହେବେ ମୃତ । ୧୦୨୭ ।
ଏତେ ଶୁଣି ମନେ ହସି ସୁମିତ୍ରାନନ୍ଦନ ।
ଅବମାନ ସୂଚିତରେ ବୋଇଲେ ଏସନ । ୧୦୨୮ ।
ମୁହିଁ ବାଲ୍ୟରେ ଅନେକ ଧନୁ ଭାଙ୍ଗିଅଛି ।
ହେ ମୁନିଏ ! କେବେ ତବ ନାହିଁ କୋପ କଲ । ୧୦୨୯ ।
ଏବେ ଏ ଧନୁଟାରେ କାହିଁ ଏତେ ମମତା ।
ତା ଶୁଣି ଭୃଗୁ କହିଲେ ପାଇ ବ୍ୟଗ୍ରତା । ୧୦୩୦ ।
ଅରେ ଚଞ୍ଚଳକଳ୍ପ ନୃପନନ୍ଦନ ।
ତୋର ତରଳ ଭଳାରୁ ସମ୍ଭାଳ ବଦନ । ୧୦୩୧ ।
ମହେଶର ପ୍ରସିଦ୍ଧ ମହା ଚାପ ଏହିତ ।
ଆପାମର ଭୂପଙ୍କ ତୁଳନା ଅନୁଚିତ । ୧୦୩୨ ।

ତା ଶୁଣି ଲକ୍ଷ୍ମଣ ହସି ବୋଇଲେ ହେ ଦେବ ।
ସବୁ ଧନୁ ସମାନ ବୋଲି ମୋ ମନୋଭାବ । ୧୦୩୩ ।
ଏ ଜୀର୍ଣ୍ଣ କାର୍ମୁକ ଭଗ୍ନ ହୁଅନ୍ତେ କାହାର ।
ଯତ କ୍ଳେଶମାତ୍ର ହେଲେ ନାହିଁ ତ ବିଗୁର । ୧୦୩୪ ।
ଏହାକୁ ନୂତନ ଭାବି ରାମ ଅକର୍ଷଣ ।
କରନ୍ତେ କେଳି ଖଣ୍ଡ ହେଲା ଏ କମାପୂଣ । ୧ ୩୫ ।
ଯେଥିରେ ଶ୍ରୀରାମ-ଦୋଷ ଟିକେ ହେଲେ ନାହିଁ ।
ଅକାରଣରେ ତୁମ୍ଭେ କୋପକର କିମ୍ପାଇଁ ? ୧୦୩୬ ।
ତେବେ ପରଶୁରାମ ଦେଖି ପରଶୁଧାର ।
ବୋଇଲେ ଶୁଣି ନାହୁଁ କିରେ ସ୍ୱଭାବ ମୋର ? ୧୦୩୭ ।
ଅରେ ଶଠ ! ତୁ ବାଳକ, ତେଣୁ ତୋର ପ୍ରାଣ—
ଘେନିବାକୁ ମୋର ମନ ବଳୁ ନାହିଁ ଜାଣ । ୧୦୩୮ ।
ଜଡ଼ମୁନି ବୋଲି ମୋତେ ଭାବୁଅଛୁ ତୁହି ।
ମାତ୍ର ଶୁଣ ବ୍ରହ୍ମଚାରୀ ଅତିକୋଧୀ ମୁହିଁ । ୧୦୩୯ ।
ପୃଥ୍ୱୀ ଯହିଁରୁ କ୍ଷତ୍ରବଳ-ମଣ୍ଡଳ ବୋଲି ।
ସ୍ୱକୀୟ ପ୍ରତାପରେ ଶତଶେ ବିଶୋଧିତ ହେଲି । ୧୦୪୦ ।
ବାହୁବଳେ ବସୁଧାର ଭୂପହୀନା କରି ।
ମେଦିନୀକୁ ଦାନ କଲି ବିପ୍ରଙ୍କୁ ଆଦରି । ୧୦୪୧ ।
ଅରେ ନୃପସୁତ ! ଭଲେ ଦେଖ ଏ କୁଠାର ।
ଛେଦିଅଛି ସହସ୍ରବାହୁ-ବାହୁ-କାନ୍ତାର । ୧୦୪୨ ।
ଜନନୀ ଜନକଙ୍କୁ ଦୁଃଖୀ ତୁହି ନ କର ।
ଏ କଠୋର କୁଠାର ଗର୍ଭସ୍ଥ ଶିଶୁହର । ୧୦୪୩ ।
ତା ଶୁଣି ହସି ଲକ୍ଷ୍ମଣ କହିଲେ ମୃଦୁରେ ।
ଅହେ ମହାବୀର ବୋଲି ଭାବଛ ମନରେ । ୧୦୪୪ ।
ବାରମ୍ବାର ମୋତେ ତୁମ୍ଭେ ପରଶୁ ଦେଖାଅ ।
ଫୁତ୍କାରେ କି ଫୁଙ୍କି ଗିରି ଉଡ଼ାଇବା ପାଇଁ ? ୧୦୪୫ ।
ଅଙ୍ଗୁଠି ଦେଖିବା ମାତ୍ରେ ଝଡ଼ି ପଡ଼ିବାକୁ ।
କଦ୍ରୁ ଫୁଲ ନୁହ ତେ ଯାଇ ଜାଣୁଁ ଏତାକୁ । ୧୦୪୬ ।

ତୁମ୍ଭ ପରଶୁ ରୂପ ଏବକୁ ବଳେ ଦେଖି ।
କହୁଥିଲି ତ ମୁହିଁ କୁପରୋଷ ଉପେକ୍ଷି । ୧୦୪୭ ।
ଏବେ ତୁମ୍ଭ ସୂତ୍ର ଯଜ୍ଞ-ସୂତ୍ରକୁ ଦେଖିଲି ।
ତୁମ୍ଭେ ଭୃଗୁବଂଶରେ ଜନ୍ମଥିବା ଜାଣିଲି । ୧୦୪୮ ।
ଏଣୁ ତୁମ୍ଭେ ଯାହା ପାର ତାହା କହୁଥିଲେ ।
ସହୁଥିଲୁଁ ତ ମୁହିଁ କ୍ରୋଧୀ ନୋହୁ ତଳେ । ୧୦୪୯ ।
ସୁରବିପ୍ରହରି ଭକ୍ତଗୋଗଣଠାରେ ।
ନମ୍ରତାକୁ ବହନ୍ତି ଆମ୍ଭ ବଂଶଜ ଧୀରେ । ୧୦୫୦ ।
ସେମାନଙ୍କ ମାରିଲେ ତ ପ୍ରାପ୍ତ ହୁଏ ପାପ ।
ହାରିଲେ ହୁଅଇ ନିଜ ଅଖ୍ୟାତି-ଆକ୍ଷେପ । ୧୦୫୧ ।
ଏଣୁ ତୁମ୍ଭେ କରିଲେ ହେଲେ ମୋତେ ତାଡ଼ନ ।
ସମୁଚିତ ଅଟେ ତୁମ୍ଭ ପାଦେ ମୋ ପତନ । ୧୦୫୨ ।
କୋଟି କୁଳିଶ ସମାନ ଅଟେ ତୁମ୍ଭ ଶାପ ।
ବ୍ୟର୍ଥରେ ଧରଅଛ ପରଶୁ ଶର ଚାପ । ୧୦୫୩ ।
ହେ ମୁନି ! ମୁହିଁ ଦେଖି ତୁମ୍ଭ ଶାନ୍ତବେଶକୁ ।
ଅଜ୍ଞେ କହିଲି କେତେ ଅଯୁକ୍ତ ବଚନକୁ । ୧୦୫୪ ।
ସେଥି ପାଇଁ ତୁମ୍ଭଙ୍କୁ ମୁଁ କ୍ଷମା ଭିକ୍ଷା କରେ ।
ଏତେ ଶୁଣି ଭାର୍ଗବ ବେ ଜଳି କ୍ରୋଧଭରେ । ୧୦୫୫ ।
ହେ କୌଶିକ ! ତୁମ୍ଭେ ଶୁଣ ଏ ମନ୍ଦ ବାଳକ ।
କୁଟିଳ ନିର୍ବୁଦ୍ଧି ନିଜକୁଳଘାତକ । ୧୦୫୬ ।
ଭାନୁବଂଶ ଶାରଦରାକା-ଚନ୍ଦ୍ରକଳଙ୍କ ।
ମୂର୍ଖ ହଠୀ ମରଣବଶ ନିଃଶଙ୍କ । ୧୦୫୭ ।
ତୁଣ୍ଡେ ମୁଁ କହଇ ଏହି କ୍ଷଣେ ତାହାର ।
ପଛେ ପଡ଼ିବ ଏବେ ନ ଦୋଷ ନାହିଁ ମୋହର । ୧୦୫୮ ।
ଏହାକୁ ବଞ୍ଚାଇବାକୁ ତୁମ୍ଭେ ଚାହିଁ ଥିଲେ ।
ମୋ ଶାପ ତୁଟାଅ ଏହା ତୁମ୍ଭ ତୁଚ୍ଛ ବଳେ । ୧୦୫୯ ।
ତାହା ଶୁଣି ଲକ୍ଷ୍ମଣ ବୋଇଲେ ମୁନିବର !
ତୁମ୍ଭେ ଥିଲେ କେ ବର୍ଣ୍ଣିପାରେ ଯଶ ତୁମ୍ଭର । ୧୦୬୦ ।

ସ୍ୱଚାପାଳିଙ୍କ ବଢୁବାର ନିଜ ମୁଖରେ ।
ବଖାଣି ଅଛ ତ ତୁମ୍ଭେ ଅନେକ ବିଧରେ । ୨୦୬୧ ।
ତହିଁରେ ତୁଷ୍ଟ ନ ହେଲେ ଅବ କିଛି କହ ।
ସେପରି ହେଉ ଦୁଃସହ ଦୁଃଖକୁ ନ ସହ । ୨୦୬୨ ।
ତୁମ୍ଭ କରନ୍ତିଉ ତ ଧୀର କ୍ଳେଶ ବହୁତ ।
ଗାଳି ଦେବାରେ ସେହୁ ହେବ ନାହିଁ ଶୋଭିତ । ୨୦୬୩ ।
ବୀରମାନେ ଦେଖାନ୍ତି ଶୂରତାକୁ ସମରେ ।
ସ୍ୱକର୍ମଙ୍କ ବର୍ଣ୍ଣନ୍ତି ନାହିଁ ନିଜାନନରେ । ୨୦୬୪ ।
ସ୍ୱଭେ ଶତ୍ରୁ ସମ୍ମୁଖୀନ ହେଲେ ଭୀରୁ ଜନେ !
ଭାଳି ଯେପରି କରନ୍ତି ପ୍ରଳାପ-ବଚନେ । ୨୦୬୫ ।
ଅହୋ ! ମୁନୀଶ ! ତୁମ୍ଭେ ମୋ ନିମିଁ ଭାଳକୁ ।
ଡାକ ଡାକ ପାଇଲ ବ୍ରହ୍ମ ପରଶ୍ରମକୁ । ୨୦୬୬ ।
ଶୁଣି ଏମନ୍ତ ଲକ୍ଷ୍ମଣ କଟୁ ବଚନକୁ ।
ବୋଇଲେ ସେ କୋପେ ଧରି ଘୋର ପରଶୁକୁ । ୨୦୬୭ ।
ଅହେ ଜନେ ! ନାହିଁଃ କିଛି ଦୋଷ ମୋହର ।
ଏ ବାତୁଳ ବାଳକ ଯୋଗ୍ୟ ଅଟେ ବଧର । ୨୦୬୮ ।
ଏ ତୁମ୍ଭ ବୋଲି ଏତେ ସମ୍ଭାଳିଲି କ୍ରୋଧକୁ ।
ମାତ୍ର ଏବେ ନିଶ୍ଚେ ନେବି ଏହାର ଜୀବକୁ । ୨୦୬୯ ।
ତେବେ କୌଶିକ କହନ୍ତି ଏହାକୁ କ୍ଷମା କର ।
ସାଧୁଜନେ ଧରନ୍ତି ନାହିଁ ଦୋଷ ତୁମ୍ଭର । ୨୦୭୦ ।
ତା ଶୁଣି ସେ ବୋଇଲେ ମୁହିଁ ଅକାରଣେ ।
କୁପିତ ହେବା ଉଚିତ ସକଳ ଲୋକରେ । ୨୦୭୧ ।
ଅପରାଧୀ ଗୁରୁଦ୍ରୋହୀ ବଳେ ଅଗ୍ରେ ମୋର ।
ହେ କୌଶିକ ! ଟେକିଲି ତ କଠୋର କୁଠାର । ୨୦୭୨ ।
ମୋ ଗୁରୁଋଣ ମୁକ୍ତି ଅନ୍ତି ମାରି ଏହାକୁ ।
ମାତ୍ର ମୁଁ ନିବାରିଲି ମାତ୍ର ତୁମ୍ଭ ଖାତିରୁ । ୨୦୭୩ ।
ତା ଶୁଣି ବିଶ୍ୱାମିତ୍ର ମନେ ହସି ଭାବିଲେ ।
ଅହୋ ! ମୁନିଙ୍କ ବଳ ପର ପର ଦଶିଲା । ୨୦୭୪ ।

ଅଗ୍ନିଦଗ୍ଧା ଦେହ ସିଦ୍ଧ ଭାର୍ଗବ ଖଣ୍ଡିତ ।
ହୋଇଥିଲେ ହେଲେ ଏ ଜାଣିପାରୁ ନାହିଁତ । ୨୦୭୫ ।
ତେବେ ଲକ୍ଷ୍ମଣ ବୋଇଲା ଅହେ ମୁନିବର ।
ଜଗତେ ବିଖ୍ୟାତ ତୁମ୍ଭ ସଦ୍‌ଗୁଣନିକର । ୨୦୭୬ ।
ଜନନୀ-ଜନକ-ଋଣ ମୁକ୍ତିର ତ ହେଲେ ?
ଗୁରୁଋଣ ପାଇଁ ମାତ୍ର ତୁମ୍ଭ ଚିନ୍ତା ବଳେ । ୨୦୭୭ ।
ତାହା ମୁହିଁ ତୁଅନ୍ତା ଛେଦିଲେ ମୋର ଶିର ।
ମାତ୍ର ଦିନ ବଳ ବଢ଼ିଅଛି କଳେବର । ୨୦୭୮ ।
ସୂକ୍ଷ୍ମାସ୍ତ୍ର ଗଣଙ୍କୁ ଅଣିଲେ ତୁମ୍ଭେ ଘୋର ।
ମୁଣ୍ଡକୁ ପଠାଇ ତେବେ ଦେଖ କେଣ୍ଡା ହେବ । ୨୦୭୯ ।
ଲକ୍ଷ୍ମଣ ମୁଖୁଁ ଏମନ୍ତ ଭଙ୍ଗୀଭରା ଶୁଣି ।
କୁଠାରକୁ ନୋଧରବେ ହୁଟାନ୍ତେ ସେ ମୁନି । ୨୦୮୦ ।
ସକଳ ନାସ୍ତିକରେ କଲେ ହାହାକାର ।
ଏମନ୍ତ ବୋଇଲେ ପୁଣି ସେ ଛତ୍ରିପ୍ରବର । ୨୦୮୧ ।
ମୋ ଉପରେ ବଢ଼ୁଥାର ପରଶୁ ଉଠାଇଲ ।
ରେ ଦୁର୍ବଳ ! ତୁମ୍ଭେ ବଧ୍ୟ ହେବାକୁ ବସିଲ । ୨୦୮୨ ।
ଅରେ ନୃପଦ୍ରୋହୀ ! ଅଜ୍ଞାଏ ତୁମ୍ଭ କେତେ ।
ଦେଖି ନାହିଁ ଆମ୍ଭ ଘରକୁ ପ୍ରବେଶେତେ । ୨୦୮୩ ।
ବ୍ରାହ୍ମଣ ଦେବତା ସରେ ମାତ୍ର ବଡ଼ ଦୁଏ ।
ଏତେ ସଙ୍ଗ୍ରାମେଣେ ସେ କାହିଁହିଁ ନୁହେଁ । ୨୦୮୪ ।
ଏତେ ଶୁଣି ସମସ୍ତେ ବୋଇଲେ ଏକ ନାଦେ ।
ରେ ଦେବ ! ବାଟୁ ଲକ୍ଷ୍ମଣେ ଅଯୁକ୍ତ ସମ୍ବାଦେ । ୨୦୮୫ ।
ତେବେ ରାମ ଠାରବେ କଲେନ୍ତେ ନିବାରଣ ।
ମୌନକୁ ଭଜି ରହିଲ ସୁମିତ୍ରାନନ୍ଦନ । ୨୦୮୬ ।
ଲକ୍ଷ୍ମଣ-ବିଦ୍ଧୃତ-ଘୃତ ଲଭି ଭାର୍ଗବ ।
କୋପ-ପାବକ-ଜାଜ୍ୱଲ୍ୟ ମନାପି ରାଘବ । ୨୦୮୭ ।
ସୁଭଷ୍ଟ ମୃଦୁବଚନ-ଶୀତଳ ସଲିଳ ।
ସେଚନ କଲେ ଏପ୍ରକାର କୋପ ଶାନ୍ତିଳ । ୨୦୮୮ ।

ହେ ଦେବ ! ଏହାରେ ଏବେ ତୁମ୍ଭ କୃପା ରଖ ।
ଏ ଦୁମ୍ଭଙ୍କ ଅଟଇ କେବଳ କ୍ଷୀରମୁଖ । ୨୦୮୯ ।
ତୁମ୍ଭ ମହାପ୍ରଭାବକୁ ଏହୁ ଜାଣିଥିଲେ ।
ମୁଖାମୁଖିରେ ଭାଷନ୍ତା ନାହିଁ ତୁମ୍ଭ ତୁଲେ । ୨୦୯୦ ।
ମାତୃ ପିତୃ ଗୁରୁ ଏ ଦୁମ୍ଭର ଅନୁଚିତ—
କୃତ୍ୟକୁ ମନେ କରନ୍ତି ହୋଇ ଅନନ୍ଦିତ । ୨୦୯୧ ।
ତୁମ୍ଭ ସମ ଶୀଳଶାଳୀ ମୁନି ଜ୍ଞାନୀ ଧୀରେ ।
ଶିଶୁ ସେବକ ଦୋଷ ଧରନ୍ତି ନାହିଁ ଧୀରେ । ୨୦୯୨ ।
ଏମନ୍ତ ରାମଚନ୍ଦ୍ର ବାଣୀ ଶ୍ରବଣ କରି ।
ଅନ୍ତଃଶାନ୍ତିକି ଚଞ୍ଚଳ ବୋଇଲା ସେ ଏପରି । ୨୦୯୩ ।
ହେ ରାମ ! ମହାପାତକୀ ଅଟେ ଭ୍ରାତ ତୋର ।
ତା ଦେହ ରୋଗ ହେଲେହେଁ ମନ ଚଙ୍ଗା ତାର । ୨୦୯୪ ।
ସେ ପଦ୍ମୋମୁଖ ନୁହେ ମାତ୍ର ରୋଷ-ବଦନ ।
ସେ ତୋ ଅନୁଜ ନୁହେଁ, ତା ସ୍ୱଭାବ କଠିନ । ୨୦୯୫ ।
ଜନେ ମରଣକୁ ହେତୁ କରିବା ସ୍ୱତରେ ।
ସେ ନୀଚ ବାଳକ ଯେତେ ଅତି ତୁଚ୍ଛ କରେ । ୨୦୯୬ ।
ତା ଶୁଣି ସୁମିତ୍ରାସୁତ ବୋଇଲେ ହେ ଧୀର ।
କ୍ରୋଧ ଅଟଇ ନିଶ୍ଚୟେ ପାତକର ଭେର । ୨୦୯୭ ।
ତାହା ବଶୀଭୂତ ଅପୂର୍ବ କାର୍ଯ୍ୟ କରେ ।
ପୂର୍ଣ୍ଣ ଜଗତେ ପ୍ରତିକୂଳରେ ସଞ୍ଚରେ । ୨୦୯୮ ।
ଏଣୁ ତୁମ୍ଭେ କୋପ ତେଜ, ମୋରେ କୃପା କର ।
ଅହେ ମୁନି ! ମୁଁ ଅଟଇ ତ ତୁମ୍ଭ ଅନୁଚର । ୨୦୯୯ ।
ବୃଦ୍ଧ ହୋଇଥିବାରୁ ତୁମ୍ଭ ବେନି ଚରଣ—
ବଥ ହୋଇବ, ତେଣୁ କର ପୀଠ ଗ୍ରହଣ । ୨୧୦୦ ।
ବୃଦ୍ଧ ନୃପତିଙ୍କ ସୁତ କ୍ରୋଧରେ ସମ୍ଭୃତି—
ହେବ ନାହିଁ ତହିଁରେ ତୁମ୍ଭେ ହେବେ ଅଯୁକ୍ତ । ୨୧୦୧ ।
ବଳି କାହଳକୁ ଅଣାଇ ଆର୍ଜ୍ଜ କର ।
ସ୍ୱପୋଷକ ନିମିତ୍ତ ଜଳଦ ଯତ୍ନ କର । ୨୧୦୨ ।

ତେବେ ଦ୍ୱିଜ ଜନକ ବୋଇଲେ ଲକ୍ଷ୍ମଣଙ୍କୁ ।
ତୁମ୍ଭେ ଅଛ ନ କହ ଅଯୁକ୍ତ ବଚନକୁ । ୨୧୦୩ ।
ଏହା ଶାସ୍ତ୍ର ଶ୍ରେଷ୍ଠ, ଯାହ ଭଣ ମୋଠ ବୋଲି ।
କ୍ଷତ୍ର ଯାଇ ନାଶି-ଜନେ ହେଲେ କୋଳି ବୋଲି । ୧୦୪ ।
ଶୁଣି ଶୁଣି କ୍ଷତ୍ରସ୍ଥାନ ବଚନ ସମୂହ ।
କୋପାନଳରେ ଜଳିଲା ଭାର୍ଗବର ଦେହ । ୨୧୦୫ ।
ବଳନ୍ଦନେ ହୁ.ଏ ହେଲା ତେଣୁ ସେ ରାମଙ୍କୁ ।
ଏହି ରୂପରେ କହିଲା ଯାମ-ବଚନଙ୍କୁ । ୨୧୦୬ ।
ହେ ରାମ ! ମନ. କର ସାନ କ୍ଷତ୍ରିୟ ତୋର ।
ସେ ଲକ୍ଷଣ ନ କର ସ୍ୱପ୍ରାୟସ୍ତବଶୁର । ୨୧୦୭ ।
ତାର ଦେହ ସୁନ୍ଦର ମାତ୍ର ମନ ମଳିନ ।
ହେମଯୁକ୍ତ ଘଟଙ୍କି ଭିତା ଉତପୂରଣୀ । ୨୧୦୮ ।
ଏତେ ଶୁଣି ଲକ୍ଷ୍ମଣ ହସିଲେ ମାତ୍ର ତାଙ୍କୁ ।
ରାମ ବାରନ୍ତେ ସେ ମୌନେ ରହିଲେ ଗୁରୁଠାରୁ । ୨୧୦୯ ।
ପରେ ରାମ ପେଷ୍ଟା ପାଣି ବୋଇଲେ ମୃଦୁରେ ।
ହେ ମୁନି ! ତୁମ୍ଭବାଣୀ ଭର ନାହିଁ ସୁତରେ । ୨୧୧୦ ।
ବାଳକ ମାନେ ସମ ପ୍ରକୃତ ଅଟନ୍ତି ।
ତେଣୁ ତାଙ୍କ ଦୋଷ ବୁଧେ ଚିତ୍ତେ ନ ଧରନ୍ତି । ୨୧୧୧ ।
ପୁଣି ମୋର ଭ୍ରାତ କର ନାହିଁ କିଛି ଦୋଷ ।
ତୁମ୍ଭ ଅପରାଧୀ ମୁହିଁ ଜାଣ ହେ ମୁନୀଶ । ୨୧୧୨ ।
ଦ୍ୱିଜ କୋପ କର ବଧ ଏ ଶ୍ରୀବ ଜାଣୁମୁଁ ।
ଯାହା ଇଚ୍ଛା ତାହା କର ଦାସ ଅଟଇ ତ ମୁଁ । ୨୧୧୩ ।
କହ ତୁମ୍ଭ କୋପ ଯିବ କେଉଁ ବିଧାନରେ ?
ସେହୁ ଉପାୟକୁ ମୁହିଁ ଅଚରିବା ତରେ । ୨୧୧୪ ।
ଏତେ ଶୁଣି ସେ ବୋଇଲେ ହେ ରାମ ! ତୋ ଭ୍ରାତ ।
ଏବେ ମୋ ବଚନକୁ ଯେତେ କଲେ ଅନାଦ । ୨୧୧୫ ।
ତା କଣ୍ଠକୁ ମୋ ଏହି କୁଠାରେ ନ ଛେଦିବେ ।
ମୋ କ୍ରୋଧ ମୁଁ ଶାନ୍ତ ତ କଦାଚ ନାହିଁ ଚଳେ । ୨୧୧୬ ।

ଯେଉଁ ପରଶୁରେ ଘୋର କର୍ମ କୃତ ହେଲେ ।
ବ୍ରଜବନିତାଙ୍କ ଗର୍ଭପାତ ହୁଏ ହେଲେ । ୨୧୧୭ ।
ସେ ପରଶୁକୁ ଧରି ଏବେ ସମ୍ମୁଖେ ମୁହିଁ ।
ନୃପ-ବାଳକ ଶବୁକୁ ଜୀବନ୍ତ ଦେଖଇଁ । ୨୧୧୮ ।
କେସେ ହ୍ରଦ ଜଳେ ମାତ୍ର ସ୍ଥିର କର ମୋର ।
କୁଣ୍ଠିତ ହେଲା ପରା ନୃପାନ୍ତକ କୁଠାର । ୨୧୧୯ ।
କବା ଦୈବ ଦୁର୍ବିପାକୁ ମୁହିଁ ବଦଳିଲି ।
ଦୁଃସହ ଦୁଃଖ ସହୁ କୃପାଶ୍ରିତ ହୋଇଲି । ୨୧୨୦ ।
ଏତେ ଶୁଣି କହେ ହସି ସୁମିତ୍ରାନନ୍ଦନ ।
କେ ଭଲି ଅହେ ଭୃଗୁମୁନିକୁଳପାବନ ! ୨୧୨୧ ।
ତୁମ୍ଭ ହୃଦ୍‌ବହ୍ନିଗର୍ଭ ଅତି କାରୁଣ୍ୟ-ବାତ ।
ଝାଡ଼ି ଦେଉଅଛି ତ ବଚନସୁମବ୍ରାତ । ୨୧୨୨ ।
ଯେଉଁ ବୀରବର ରାଜ କରୁଣାରେ ଜଳଇ ।
କ୍ରୋଧେ ଜଳିବା କେଜେ ତାକୁ ସମ୍ଭବଇ । ୨୧୨୩ ।
ତାହା ଶୁଣି ଭାର୍ଗବ ବୋଇଲା ହେ ଜନକ !
ଦେଖ ମୋ ତୁଲେ ଝଗଡ଼ କରେ ଏ ବାଳକ । ୨୧୨୪ ।
ଏ ପାଞ୍ଚିଭ ଯମପୁରେ ବାସ କରିବାକୁ ।
ତରେ ମୋ ନେଜସଥୁଁ ଦୂର କର ଏହାକୁ । ୨୧୨୫ ।
ତା ଶୁଣି ଲକ୍ଷ୍ମଣ ହସି ବୋଇଲେ ତୁମ୍ଭର ।
କେବଳ ଅଛି ଭୁଜ କଣ୍ଠ ନୋହିବ ଗୋଚର । ୨୧୨୬ ।
ଅଭ ନ୍ୟୋ ନ କର ଲକ୍ଷ୍ମଣ ବଚନକୁ ।
ଭାର୍ଗବ କେବଳ କ୍ରୋଧେ ବଲେକ ଶମ୍ଭୁକୁ । ୨୧୨୭ ।
ପରେ ଶଠ ! ତୁ କୁଳଙ୍କ ଲଂଘଣ-ସାଧନ ।
ବନ୍ଧୁଅକୁ ସର୍ଥୀରେ ହୋଇବେ ପାପ-ବଚନ । ୨୧୨୮ ।
ତୋ ସମ୍ମତରେ ହବ କରେଁ କରୁଅ ଭେର ।
ତୁହ କଣ୍ଠ ବଳମ୍ବ କରୁ ଯୋଡ଼ କର । ୨୧୨୯ ।
ସେତେ ତୁ ତୋଷ ଏବେ ମୋ ତୁଲେ ସୁବଚବ ।
ତୋର୍ଯ୍ୟକୁ ତୋହ କୁମନାଙ୍କୁ ପଚାରବ । ୨୧୩୦ ।

ଅରେ ଶିବଦ୍ରୋହୀ । ଛଳ ଛାଡ଼ ସ୍ତବ କର ।
ନୋହିଲେ ଛେଦିବି ତୁମ୍ଭ ବେନିଙ୍କର ଶିର । ୨୧୩୧ ।
ଏତେ କହି କୋପେ ସେ ପରଶୁ ଉଠାଇଲେ ।
ମନେ ହସି ମଞା ପୋତ ସୁବବ ବୋଇଲେ । ୨୧୩୨ ।
ଲକ୍ଷ୍ମଣ କସ ଦୋଷୁଁ ତୁମ୍ଭେ କୁପିତ ମୋରେ ।
ସରଳତାରେ ଦୋଷ ଘଟେ କୌଣସିଠାରେ । ୨୧୩୩ ।
କୁଟିଳ ବଂଶଠାରେ ହୁଏ ସବୁଙ୍କ ଶଙ୍କା ।
ରାହୁ ଗ୍ରାସେ ନାହିଁ ଚନ୍ଦ୍ର ହୋଇଥିଲେ ବଙ୍କା । ୨୧୩୪ ।
କୋପ ତେଜ, ତୁମ୍ଭ ହସ୍ତେ ଅଛି ତ କୁଠାର ।
ତୁମ୍ଭ ସମ୍ମୁଖରେ ହେଟ ଉତ୍ତମାଙ୍ଗ ମୋର । ୨୧୩୫ ।
ଏଣୁ ତୁମ୍ଭ ଅଭିଳାଷ ପୂରଣରେ କର ।
ହେ ମୁନୀଶ ! ମୁହିଁ ଅଟେ ତୁମ୍ଭର କିଙ୍କର । ୨୧୩୬ ।
ପୁଣ୍ୟ-ସେବକଙ୍କର ସମର ଅନୁଚିତ ।
ତୁମ୍ଭ କଳବେଶ ଦେଖି ମୋ ହୃଦ କମ୍ପିତ । ୨୧୩୭ ।
ଦେଖି ତୁମ୍ଭଠାରେ ବାଣ ପରଶୁ କାର୍ମୁକ ।
କହିଲି ଦର୍ପୋଚିତ ବଚନ ସେ କାଳତ । ୨୧୩୮ ।
ତୁମ୍ଭ ଏବେ ନାମକୁ ଶୁଣିଛି ମାତ୍ର ସେହୁ ।
ହେ ବ୍ରାହ୍ମଣପୁଙ୍ଗବ ! ତୁମ୍ଭଙ୍କୁ ଚିହ୍ନି ନାହିଁ । ୨୧୩୯ ।
ଯେବେ ଦେଖିଥିଲେ ତୁମ୍ଭଙ୍କୁ ତପସ୍ୱି ବେଶରେ ।
ତୁମ୍ଭ ପଦଧୂଳି ବୋଳିଆନ୍ତା ନିଜ ଶିରେ । ୨୧୪୦ ।
ଏଣୁ ତା ଅଜ୍ଞାନକୃତ ଦୋଷ କ୍ଷମା କର ।
ବ୍ରାହ୍ମଣ ହୃଦୟ ତ କୃପାରେ ତତ୍ପର । ୨୧୪୧ ।
ତୁମ୍ଭ ସଙ୍ଗେ ମୁହିଁ ସମ ହୋଇବି କେମନ ।
ମସ୍ତକ ତୁଲେ ସମାନ ହୁଏ କି ଚରଣ ? ୨୧୪୨ ।
ରାମ ବୋଲି ଅତ୍ୟନ୍ତ କ୍ଷୁଦ୍ର ନାମ ମୋହର ।
ପରଶୁ ମିଶି ବଡ ଲମ୍ବା ଅଟେ ତୁମ୍ଭର । ୨୧୪୩ ।
ମୁହିଁ ତ ଏକଗୁଣ-ଶରାସନ-ସହିତ ।
ତୁମ୍ଭେ ନବଗୁଣ-ଉପବୀତେ ଶୋଭିତ । ୨୧୪୪ ।

ତୁମ୍ଭଠାରୁ ମୁହିଁ ନ୍ୟୂନ ସବୁ ପରକାରେ ।
ହେ ବାପ ! ମୋ ଦୋଷକୁ କ୍ଷମା କର କୃପାରେ । ୨୧୪୫ ।
ବାରମ୍ବାର ମୁନି ବାପ ବୋଲି ସମ୍ବୋଧନ ।
ରାମ ମୁଖୁଁ ଶୁଣି ସେ ହୋଇ ଅତି କୋପନ । ୨୧୪୬ ।
ବୋଇଲା ତୁ ମଧ୍ୟ ଦୁଷ୍ଟ ଚୋର ରାଜ ପରି ।
ତୁମ୍ଭେ ମଣୁଛ ମୋତେ ସାମାନ୍ୟ ବାପ କରି । ୨୧୪୭ ।
ମୁଁ ବାପ ଅଟେଁ ସତେ ମାତ୍ର ମୋ ତତ୍ତ୍ୱ ଶୁଣ ।
ସ୍ରୁକ ମୋର କମାସ୍ୱଣ, ସ୍ରୁବ ମୋ ମାର୍ଗଣ । ୨୧୪୮ ।
ଅଗ୍ନି ମୋ କ୍ରୋଧ-ସମିଧ ଚତୁରଙ୍ଗ ବଳ ।
ପଶୁଗଣ ଅଟଇ ଧବ୍ରମଣ କୁଳ । ୨୨୪୯ ।
ଯଜ୍ଞ ବେଦୀ ରଣାଙ୍ଗନ, ଏ ପରଶୁବର ।
ନୃପ ପଶୁ-ପ୍ରାଣ-ଚାପୁ-କାଳ-କାକୋଦର । ୨୧୫୦ ।
ଜଗତେ ଏମନ୍ତ କୋଟି ଯଜ୍ଞଯାଜୀ ମୁହିଁ ।
ବେଦଜଡ଼ ବୋଲି ମୋତେ ତୁଚ୍ଛ କରୁ ତୁହି । ୨୧୫୧ ।
କାର୍ତ୍ତିକୁ ଲାଗି ତୁହି ଦୁରଣମାନରେ ।
ବିଶ୍ୱଜୟ କଲୁ ପ୍ରାୟେ ଭାବୁଛୁ ମନରେ । ୨୧୫୨ ।
ତେବେ ରାମ ବୋଇଲେ ତୁମ୍ଭେ ବଗୃହ ରୋଷ ।
ଗୁରୁତର ତୁମ୍ଭ କୋପ ଅଳପ ମୋ ଦୋଷ । ୨୧୫୩ ।
ଟାଣିଲ ଯଣେ ଛିଡିଲେ ପୁରୁଣା କାର୍ମୁକ ।
ସେଥିକି ଗର୍ବୀ ହେବଟି କିପାଁ ମୁଣ୍ଡନାୟକ । ୨୧୫୪ ।
ତୁମ୍ଭଙ୍କୁ ବାପ ଭାବ ନିଗ୍ରହପଃ ବର୍ଣ୍ଣରେ ।
ପ୍ରଣାମ କରଇ ମୁହିଁ ତୁମ୍ଭ ଚରଣରେ । ୨୧୫୫ ।
ମୁହିଁ ବଂଶରେ ଜନ୍ମ କରିବା ବଳ ଘର ।
ଜଗତେ କେହୁ ନାହିଁ ସତ୍ୟ ଏ ବାକ୍ୟ ମୋର । ୨୧୫୬ ।
ମୋ ସମବଳ କରା ଅଟୁଳ ବଳାସ୍ତ୍ର ।
ଦେବ ଦାନବ ତୁଷବ ନର କରା କାଳ । ୨୧୫୭ ।
ସେ ବାଛିଛ ମୋ ସଙ୍ଗେ କରିବାକୁ ସମର ।
ତାହା ସଙ୍ଗେ ଯୁଦ୍ଧେ ଯୁଦ୍ଧ କରିବ ନିକର । ୨୧୫୮ ।

ତେ କ୍ଷତ୍ରିୟ-ଦେହ ଧର ସୁଖକୁ ତ୍ୟଜ ।
ଯେ କୁଳ ଭଜଇ ନଷ୍ଟେ ପାମର ଅଟଇ । ୨୧୫୯ ।
ଶୁଣିବ ମୁ ଭେଦ ନୃବେଁ ସ୍ବଦେଶର ଛେଦ ।
ସମରେ କାଳକୁ ମଧ୍ୟ ଜୟିବେ ନିର୍ଭୀକ । ୨୧୬୦ ।

ବ୍ରାହ୍ମଣଙ୍କର ପ୍ରାଣବ ଅଟେ ନଷ୍ଟେ ଏହୁ ।
ଯେ ଭବେ ବସୁଧାଜ ତରେ ତୁମ୍ଭକୁ ଯେହୁ । ୨୧୬୧ ।
ରାମ ମୂର୍ତ୍ତି ନେତ୍ର ମୁହୁ ଶୁଣି ବଚନ ।
ଶ୍ରବଣେ ପିଇନ୍ତେ ଭକ୍ତ୍ୟୁପତ ଛନେଷଣେ । ୨୧୬୨ ।

ଯେ ବେଳ ଜଣ ହେ ରାମ । ଏ ବୈଷ୍ଣବ ଧନ୍ୟ ।
ନେଇ ଟାଣି କର ମୋ ଏଦେହ ବନ୍ଧନକୁ । ୨୧୬୩ ।
ଏତେ କହୁ ସେ ରାମକୁ ଗୃପ ବହାଇଲା ।
ତାଙ୍କୁ ରାମ ଧରନ୍ତେ ଗୁଣ ନାଶେ ଚଳିଲା । ୨୧୬୪ ।
ତାହା ଦେଖି ସର୍ବ ବସୁଧାପ୍ରାଣ୍ଡ ।
ରାମ ଦର୍ଶନ କ୍ଷଣେ ତା ଅଙ୍ଗ ପୁଲକିଲା । ୨୧୬୫ ।

ତେବେ ଦ୍ୱୟ କରଯୋଡ଼ି କଲେ ଅନେକ ସ୍ତୁତି ।
ଜୟ ରଘୁକୁଳ-ଜୀବନ-ଧନପତି । ୨୧୬୬ ।
ଜୟ ବୃନ୍ଦାବନ ଗୋ-ରାପ ହୃତୟାଧକ ।
ଦନୁଜଘୋର କପିଳ-ଦହନ-ପାବକ । ୨୧୬୭ ।
ଜୟ ଜୟ ନନ୍ଦ-କ୍ରୀଡ଼-ମୋହ ତେ ଧହର ।
କନକୃଣୀଳ କୃପାଦ ମୁକୁଣ ସାଗର । ୨୧୬୮ ।
ମଧୁରବାଣୀ ଶୋଭିତ ଶତ୍ରୁଧ ପ୍ରକର ।
ସୁନ୍ଦର ଧନୁର କଳ-ଭୋଃ-ସୁନ୍ଦର । ୨୧୬୯ ।
ମହାଦେବ ମାନସ-ମାନସ ହଂସ ।
ଦାସଜନ ସୁଖଦ ମହାପାତକ ଧ୍ୱଂସ । ୨୧୭୦ ।

ଭେଦ ଦେବ ଏବେ ମୁଖେ ସ୍ତୁତି ତୁମ୍ଭର ?
ଯାହା ଅସାଧ୍ୟ ଅଟଇ ବ୍ରହ୍ମ ଶେଷାଦିଙ୍କର । ୨୧୭୧ ।
ଅଜ୍ଞାନେ ମୁଁ କହୁଛି ଅନୁଚିତ ବଚନ ।
କ୍ଷମିବ, ତୁମ୍ଭେ ଦୀନ ଜନ ଦୟା-ଯତନ । ୨୧୭୨ ।

ଏଣୁ ମୋ କୃତ ସମସ୍ତ ଦୋଷ କ୍ଷମା କର ।
ସର୍ବଦା ମୋ ଠାରେ ସମ୍ପୂର୍ଣ୍ଣ କୃପା ଭର । ୨୧୭୩ ।

ଭାର୍ଗବ କହି ଏମନ୍ତ ନମ୍ର ବଚନକୁ ।
ତପ ନିମନ୍ତେ ଗଲେ ନିର୍ଜନ କାନନକୁ । ୨୧୭୪ ।

ଦୁଷ୍ଟ ନୃପତିମାନେ ଭୟରେ ଥରୋଇଲେ ।
ସ୍ତ୍ରୀ ପୁତ୍ରେ ଏଣେ ତେଣେ ପଳାଇଲେ । ୨୧୭୫ ।

ଦେବେ ଦୁନ୍ଦୁଭି ବଜାଇ ପୁଷ୍ପବୃଷ୍ଟି କଲେ ।
ପୁର-ନାରୀଜନରେ ଅତି ମୋଦକୁ ଲଭିଲେ । ୨୧୭୬ ।

ଘରଘରେ ମଙ୍ଗଳ ବାଦ୍ୟ ମଞ୍ଜୁଳେ ବାଜିଲା ।
ସୁନ୍ଦରୀ କଳକଣ୍ଠୀଙ୍କ ଗାନ ପ୍ରସରିଲା । ୨୧୭୭ ।

କହୁ ନୁହେ ଜନକ ସନ୍ତୋଷ ପରିମାଣ ।
ଜନମ ଦରିଦ୍ର ଯେବା ଲଭିଲା ନିଧାନ । ୨୧୭୮ ।

ଭୃଗୁ ତେଜ ଜାନକୀ ଶଶାଙ୍କୋଦୟ ବେଳା ।
ଚକୋରୀ ପରି ଅତି ମୋଦବତୀ ହେଲା । ୨୧୭୯ ।

ତେବେ ଜନକ ନମି କୌଶିକଙ୍କୁ କହିଲେ ।
ତୁମ୍ଭ ପ୍ରସାଦୁଁ ସକଳ ବିପଦ୍‌ଗଣ୍ଡ ହୋଇଲା । ୨୧୮୦ ।

ମୁହିଁ କୃତକୃତ୍ୟ ହେଲି ଏ ସବୁ ଯୁଗଳେ ।
ଅଦ୍ୟ କରଣୀୟ କାର୍ଯ୍ୟ ଆଜ୍ଞା ଦିଅ ଭଲେ । ୨୧୮୧ ।

ତା ଶୁଣି ମୁନି ବୋଇଲେ ଶୁଣ ନରେଶ ! ଜାଣ ।
କନ୍ୟାପରିଣୟ ହୋଇଥିଲା ପଣାଧୀନ । ୨୧୮୨

ନୃପବର୍ଗ ତୁଅନ୍ତେ ପରିଣୟ ବଟିଲ ।
ତାହା ତ ପୂର ସମୟକୁ ସିଦ୍ଧ ହୋଇଲା । ୨୧୮୩

ତଥାପି ସ୍ବକୀୟ କୁଳ ଧର୍ମକୁ ବିଚାର ।
ବେଦୋକ୍ତ ବିଧିରେ କର କୁଳକୁ ପ୍ରଚାର । ୨୧୮୪

ଉପଯୁକ୍ତ ବାର୍ତ୍ତା ପଠାଅ ଅଯୋଧ୍ୟାକୁ ।
ଦ୍ରୁତର ସମ୍ରାଟଙ୍କ ଆଣିବାକୁ ଏଠାକୁ । ୨୧୮୫ ।

## ବିବାହ

ତା ଶୁଣି ନୃପ ତୋଷେ ତତ୍‌କ୍ଷଣେ ସାଜେଇଲ ।
ପେଷି ଦୂତଙ୍କୁ ଦେଇ ନିମନ୍ତ୍ରଣ ପଠାଇଲ । ୨୧୮୬ ।
ଦେବଙ୍କୁ ଆଜ୍ଞା ଦେଇ ମନ୍ତ୍ରୀଙ୍କ ପୁରକୁ ।
ନିର୍ମାଇବା ନିମନ୍ତେ ବିବାହ ମଣ୍ଡପକୁ । ୨୧୮୭ ।
ଧନବିଶ୍ୱଦେଶରେ ବି.ମ ଶିଳ୍ପିଗଣ ।
ଅତି କୌଶଳରେ କଲେ ମଣ୍ଡପ ରଚନ । ୨୧୮୮ ।
ତା ସ୍ତମ୍ଭମାନ ହେମ-ରମ୍ଭାତରୁ ନିର୍ମିତ ।
ଯା କୁସୁମ ପତ୍ରଚୟ, ଫଳ ମରକତ । ୨୧୮୯ ।
ସୁବର୍ଣ୍ଣୀ ବାର୍ଣ୍ଣଶମାନ ସ୍ତମ୍ଭେ ସବଳେ ।
ମରକତ-ରଚିତ ଉଦାଭାରେ ମଞ୍ଜୁଳେ । ୨୧୯୦ ।
କୁସୁମ ସ୍ତବକ ନାଗବଲ୍ଲୀଦଳଚୟେ ।
ଶୌଭାଗ୍ୟ ହୋଇ ଭରତ୍ ଦୃଷ୍ଟିର ଆଶ୍ରୟ । ୨୧୯୧ ।
ମୁକ୍ତା-ଦାମ-ବନ୍ଧ ବନ୍ଦ-ପଲ୍ଲବ ତୋରଣ ।
ତହିଁ ସ୍ୱର୍ଣ୍ଣ-ମାଣିକ୍ୟ-ମାଳାମୁକ୍ତ ଶୋଭନ । ୨୧୯୨ ।
ପୁଣି ତହିଁ ନିର୍ମିତ ବିବିଧ ଗବାକ୍ଷେ ।
ବାୟୁ ଖେଳନ୍ତେ ପଞ୍ଚ ଗୃହ ରଚନ୍ତି ରଙ୍ଗେ । ୨୧୯୩ ।
ସ୍ତମ୍ଭଶୀର୍ଷେ ହେମ ଦେବତା ପ୍ରତିମାଳ ।
ଧରି ବେଷ୍ଟିତ ନାନା ମଙ୍ଗଳ ଦ୍ରବ୍ୟ ପାଳ । ୨୧୯୪ ।
କୁଙ୍କୁମ ଅମ୍ବୁ ସଂସୌତ୍ରିକ ଘଟେ ।
ହେଉ ଭରେ ଦର୍ପଣ-କେଶଙ୍କୁ ଅନନ୍ତ । ୨୧୯୫ ।
ମରକତ ପତ୍ର ଫଳ ହେମଦୁମ୍ପତ ।
ରସାଳ ବୃକ୍ଷ ପଞ୍ଚପୂର ଲମ୍ବିତ । ୨୧୯୬ ।
ଦ୍ୱାରସ୍ଥ ଲମ୍ବିତ ବନ୍ଦ୍ର-ପଟସ୍ଥ ମାଳ ।
ଦର୍ପଣ-ଛତ୍ର-ଚାମର ମାନଙ୍କେ ଶୋଭାଳ । ୨୧୯୭
ଚନ୍ଦ୍ର ବିତାନ ମୁକ୍ତ ଭରସ ଗୁମ୍ଫ ।
ଧୂପଦୀପ ମଣି ଦୀପଗଣ ମନୋହର । ୨୧୯୮ ।

ଯେଉଁ ମଣ୍ଡପେ ବୈଦେହୀ-ବିବାହ ହୋଇବ ।
ତାହାର ବୈଭବ କେହୁ ବଖାଣି ପାରିବ ? ୧୧୯୯ ।
ବରଜାତଙ୍କ ନିମନ୍ତେ କଲା ବସାଘର ।
ଅତି ବିଚିତ୍ର ଲୋକଦୃଷ୍ଟିର ଅଗୋଚର । ୧୨୦୦ ।
ଅନନ୍ତର ନୃପତି ପ୍ରାସାଦ-ମଣ୍ଡନକୁ ।
ପୁରବାସୀଏ ମଣ୍ଡିଲେ ସ୍ୱ ସ୍ୱ ଭବନକୁ । ୧୨୦୧ ।
ସେ କାଳେ ଜନକପୁର-ଦର୍ଶକର ମନ ।
ଅସାର ବୋଲି ଭାବିଲା ଚଉଦ ଭୁବନ । ୧୨୦୨ ।
ସୁରଗୃହ-ବିଭବ ଜନଚିତ୍ତମୋହନ ।
ବଡ଼ ଘର କଥା ଆଉ କହିବ କଅଣ । ୧୨୦୩ ।
ଯେ ପୁରେ ଲକ୍ଷ୍ମୀ ସ୍ଥିତା ବନିତାସ୍ୱରୂପରେ ।
ତାହା ବର୍ଣ୍ଣିତ ନୋହିବ ବାଣୀରେ ଶେଷରେ । ୧୨୦୪ ।
ତେଣେ ଜନକ-ଦୂତେ ପ୍ରବେଶି ସାକେତରେ ।
ଭୂମିନାଥଙ୍କୁ ଭେଟି ପ୍ରଣମି ଭକ୍ତିରେ । ୧୨୦୫ ।
ପତ୍ର ଦିଅନ୍ତେ ତାଙ୍କୁ ପଢ଼ି ପଢ଼ି ନୃପର ।
ନେତ୍ର ଚନ୍ଦ୍ର ହୋଇଲା ଗାତ୍ର ପୁଲକିତର । ୧୨୦୬ ।
ରାମ ଲକ୍ଷ୍ମଣଙ୍କ ହୃଦେ ଚିନ୍ତାବହ୍ନି ଭରେ ।
ଧରି ନୃପତି ବକ୍ଷ ସ୍ୱସନ୍ତୋଷବଶରେ । ୧୨୦୭ ।
କେତେକ କ୍ଷଣ ସ୍ତମ୍ଭୀଭୂତ ହୋଇ ବସିଲେ ।
କେହିଁ ଶବ୍ଦ ବଚନକୁ କହି ନ ପାରିଲେ । ୧୨୦୮ ।
ପରେ ଧୈର୍ଯ୍ୟ ଧରି ପତ୍ର ସ୍ପଷ୍ଟରେ ପଢ଼ିଲେ ।
ତା ଶୁଣି ସର୍ବଜଣ ଆନନ୍ଦିତ ହୋଇଲେ । ୧୨୦୯ ।
ସେ ହର୍ଷ କୋଳାହଳ ଶୁଣି ତେଜି ଖେଳକୁ ।
ଭରତ ଶତ୍ରୁଘ୍ନ ଦୁହେଁ ଆସି ସ୍ଥାନକୁ । ୧୨୧୦ ।
ପିତାଙ୍କୁ ପୁଚ୍ଛିଲେ ଅମ୍ଭ ପ୍ରିୟ ଭ୍ରାତାଙ୍କର ।
କେମ ସମାଚାର ଏବେ ହେଲା କି ଗୋଚର ? ୧୨୧୧ ।
ସେ କେବେ ଅବସ୍ଥାନ କରନ୍ତି କେ ସ୍ଥାନରେ ।
ଏଠାରେ ପ୍ରବେଶିବେ ଅଉ କେତେ ଦିନରେ ? ୧୨୧୨ ।

ଏମନ୍ତ ତାଙ୍କ ବାଣୀ ସାକେତ-ପତି ଶୁଣି ।
ଲକ୍ଷ୍ମଣପତିଙ୍କୁ ପଚିଲେ ସ୍ପଷ୍ଟେ ପୁଣି । ୨୨୧୩ ।
ତା ଶୁଣନ୍ତେ ତାଙ୍କ ହର୍ଷ ନ ଲଭି ହୃଦରେ ।
ବାହାରକୁ ଉଚ୍ଛୁଳିଲା ରୋମାଞ୍ଚ ରୂପରେ । ୨୨୧୪ ।
ତାଙ୍କ ଭ୍ରାତୃସୌହାର୍ଦ୍ଦକୁ ଜାଣି ସସ୍ୱଦେ ।
ଭରତ ଶତ୍ରୁଘ୍ନଙ୍କୁ ପ୍ରଶଂସା କଲେ ମୋଦେ । ୨୨୧୫ ।
ତେବେ ଦୂତଙ୍କୁ ନୃପତି ବସାଇ ସପ୍ରେମେ ।
ପୁଚ୍ଛିଲେ ମୋ ବେନି ସୁତେ ଅଛନ୍ତି କି କ୍ଷେମେ ? ୨୨୧୬ ।
ତାଙ୍କୁ ଚିହ୍ନେ ଜାଣ କି ? ଶୁଣ ତାଙ୍କ ଚେହେରା—
ଜ୍ୟେଷ୍ଠ ଶ୍ୟାମଳକାୟ, କନିଷ୍ଠ-ଦେହ ଗୋରା । ୨୨୧୭ ।
ସେ ଦୁହେଁ କିଶୋର ଶର-ଶରାସନଧର ।
ଅଛନ୍ତି ବିଶ୍ୱାମିତ୍ର ମୁନିଙ୍କ ସହଚର । ୨୨୧୮ ।
ବିଦେହେ ସେମାନେ ଛତ ହୋଇଲେ କେମନ୍ତ ?
ତା ଶୁଣି ମୁଖ୍ୟ ଦୂତ କହିଲା ଏମନ୍ତ । ୨୨୧୯ ।
ହେ ନୃପତି ଚୂଡ଼ାମଣି ! ତୁମ୍ଭେ ଅତି ଧନ୍ୟ !
ଯେ ହେତୁ ଅଟ ରାମ ଲକ୍ଷ୍ମଣଙ୍କ ଜନ୍ୟ । ୨୨୨୦ ।
ସେ ଦୁହେଁ ବନ୍ଧୁପଣ ବଳପୌରୁଷରେ ।
ପ୍ରତ୍ୟକ୍ଷ ପଞ୍ଚାନନ ତ୍ରିପୁର ମନୋହର । ୨୨୨୧ ।
ତାଙ୍କ ଶକ୍ତି ପ୍ରତାପ ସମ୍ମୁଖେ ନିଶାକର ।
ମଳିନ ଅଟେ, ଦିବାକର ହୁଏ କାତର । ୨୨୨୨ ।
ଗଠନ ଯନ୍ତ୍ରଯୋଜନ ତାଙ୍କୁ ଭାଣିବାକୁ ।
ଦୀପ ଲୋଡ଼ା ହୁଏ କି ରବିକି ଦେଖିବାକୁ ? ୨୨୨୩ ।
ଅମ୍ଭ ରାଜକୁମାରୀ-ସ୍ୱୟମ୍ବର-ସନ୍ଦେଶ ।
ତୁମ୍ଭେ ଅବଗତ ହୋଇଥିବ ତ ନୃପେଶ । ୨୨୨୪ ।
ତହିଁ ପାଇଁ ଶିବ-ଧନୁ ଥୋଇଥିବା ଆଗାରେ ।
ବହୁ ନୃପ ତୁଳି ଦେଲେ ଅମ୍ଭ ନଗରରେ । ୨୨୨୫ ।
ଟାଣିବା ତେଣେ ଥାଉ ତହୁଁ ଉଠାଇବାକୁ ।
ତୋଳିଲେ ବଳୀ ଜଣେ ନ ପାରିଲେ ନେତକୁ । ୨୨୨୬ ।

ଲୋକତ୍ରୟ-ବୀରଙ୍କ ବଳ ଧୈର୍ଯ୍ୟ ସାହସ ।
ଶଙ୍କର-ଚାପ ସମ୍ମୁଖେ ହୋଇଲା ପାଉଁଶ । ୧୨୨୭ ।
ମନ୍ଦରଧରଙ୍କୁ ଟେକିଥିଲା ସୁରାସୁରେ ।
ହାରିଲେ ମହାଧନୁ ଟେକି ନ ପାରି କରେ । ୧୨୨୮ ।
ଯେ କୌତୁକେ କୈଳାସ ନଗକୁ ଟେକିଥିଲା ।
ସେହୁ ମଧ୍ୟ ପରାଭୂତ ହୋଇ ପଳାଇଲା । ୧୨୨୯ ।
ପରେ ମୃଣାଳକୁ ଗଜ ଭାଙ୍ଗିବା ପ୍ରାୟରେ ।
ସେ ଧନୁକୁ ଭାଙ୍ଗିଲେ ରାମ ଅନାୟାସରେ । ୧୨୩୦ ।
ପରଶୁରାମ ଶୁଣି ଧନୁର୍ଭଙ୍ଗ-ନାଦକୁ ।
ଆସି ପରୀକ୍ଷା କରି ରାମ ପରାକ୍ରମକୁ । ୧୨୩୨ ।
ନିଜ ଧନୁ ରାମଙ୍କୁ ଦେଇ ଗୃହେ ଗିରିକୁ ।
କରି ତପସ୍ୟା ନିମନ୍ତେ ଗଲେ କାନ୍ତାରକୁ । ୧୨୩୧ ।
ବଳ-ପାରାବାର ଧୀର ଶ୍ରୀରାମ ଯେମନ୍ତ ।
ପ୍ରତାପାକୂପାର ଶୂର ଲକ୍ଷ୍ମଣ ତେମନ୍ତ । ୧୨୩୩ ।
ଯୁବସିଂହଙ୍କୁ ଦେଖିବା ଗଜଯୂଥ ପରି ।
ତାଙ୍କୁ ଦେଖି ରାଜବୃନ୍ଦ ସଙ୍କୁଚିତ ଡରି । ୧୨୩୪ ।
ରୂପ ଚନ୍ଦ୍ରଦ୍ୱୟଙ୍କୁ ଦେଖିବା ମାନବ ।
ଅନ୍ୟ ଦର୍ଶନେ ମନ ଆଉ ନ ବଳାଇବ । ୧୨୩୫ ।
ଏମନ୍ତ ବରବରସୁତ ପ୍ରିୟ ବଚନ ।
ଦୂତ ମୁଖୁଁ ଶୁଣି ତୁଷ୍ଟ ନୃପ ସତ୍ୟାନନ । ୧୨୩୬ ।
ପୁରସ୍କାର ଦାନେ-ନୃପ ତୁଷନ୍ତେ ଉଦ୍ଯୁକ୍ତ ।
ଦୂତେ କର୍ଣ୍ଣେ କର ଦେଇ ବୋଇଲେ ଅଯୁକ୍ତ । ୧୨୩୭ ।
ତାହାଙ୍କ ଧର୍ମବୃତ୍ତି ବାକ୍ୟ ବୁଝି ସକଳେ ।
ଦୂତମାନଙ୍କୁ ବହୁବିଧରେ ପ୍ରଶଂସିଲେ । ୧୨୩୮ ।
ତେବେ ନୃପତି ଉଠି ଗୁରୁ କତେ ଯାଇ ।
ପତ୍ର ଦେଖାଇଲେ ତାଙ୍କୁ ବସ୍ତୁ ବୁଝାଇ । ୧୨୩୯ ।
ବୋଇଲେ ବଶିଷ୍ଠ ମୁନି ହୋଇ ଆନନ୍ଦିତ ।
ପୁଣ୍ୟାତ୍ମାଙ୍କୁ କରନ୍ତି ପ୍ରଭୁ ସୁରକ୍ଷିତ । ୧୨୪୦ ।

ଯେପରି ସିନ୍ଧୁର ଇଚ୍ଛା ବିନା ନଦୀ ଗ୍ରାମ ।
ତଟରେ ଯାଇ ତଳ୍ପରେ କରଇ ବିଶ୍ରାମ । ୨୨୪୧ ।
ସେପରି ଧର୍ମସ୍ୱାର ବାଞ୍ଛା ବିନା ସକଳ ।
ମଙ୍ଗଳ ଅପେ ଆସି ତ ହାରେ ହୁଏ ତୁଳ । ୨୨୪୨ ।
ତୁମ୍ଭେ ଅଃ ଧେନୁ-ଦେବ-ବିପ୍ର-ଗୁରୁ ସେବା ।
ତୁମ୍ଭର ଅନୁରୂପା କନ୍ୟେ କୌଶଲ୍ୟା ଦେବୀ । ୨୨୪୩ ।
ତୁମ୍ଭ ବେନିଙ୍କ ତୁଲ୍ୟ ମୂର୍ତ୍ତୀ ଜଗତରେ ।
ନ ଥିଲେ ନାହାନ୍ତି ଆଉ ନ ଥିବେ କାଳରେ । ୨୨୪୪ ।
ଶ୍ରୀରାମ ସମ ମୂର୍ତ୍ତିକୁ ଲଭିବା ଧାର୍ମିକ ।
ଲୋକତ୍ରୟେ କେହି ନାହିଁ ଅବେ ତୁମ୍ଭାଧିକ । ୨୨୪୫ ।
ତୁମ୍ଭ ଗୃହ ପୂର୍ବରେ ମୁଗ୍ଧ ସାଗର ।
କର ବନଦ୍ୱିନଧାନ ଧର୍ମବ୍ରତଧର । ୨୨୪୬ ।
ସବୁ ସମ୍ୟରେ ହୁଏ ତୁମ୍ଭର କଲ୍ୟାଣ ।
ପଃ ଅର ସଜର ବିଜାଭ ନିଶାଣ । ୨୨୪୭ ।
ଏମନ୍ତ ଗୁରୁଙ୍କ ଅଶ୍ରୁ ପାଇ ଧରଣୀଶ ।
ଶୀଘ୍ରେ ଚଳେ ଗୃହକୁ ଦେଇ ବନ୍ଧୁତାଦେଶ । ୨୨୪୮ ।
ସ୍ୱଗୃହେ ପ୍ରବେଶି ସର୍ବସ୍ୱଳ୍ପ ସନ୍ତୋଷେ ।
ନାନାରତ୍ନ ପଡ଼ିବାକୁ ଘଟି ମହାମୂଲ୍ୟେ । ୨୨୪୯ ।
ଘନ ଲକ୍ଷଣଙ୍କ ବରବୃତା ବସ୍ତ୍ରାଦିକ ।
ପ୍ରସାଦ ବୁଝାଇଲ ତାଙ୍କୁ ଧନ୍ୟ-କରଣ । ୨୨୫୦ ।
ଯେପରି ଭାଲ ନୃପ-ନାରୀ ଭାବ ଶ୍ରବଣି ।
ଅତି ମୋଦକୁ କରଇ ଗାଳବ୍ୟୂହଣ । ୨୨୫୧ ।
ସେପରି ନୃପଙ୍କ ଶ୍ରୀ ସ୍ପୃହ ଶ୍ରେଣୀରକରେ ।
ପଞ୍ଚଜନ ସ୍ତ୍ରତେ ମହାନନ୍ଦ ପାଇଲେ । ୨୨୫୨ ।
ପୁଣି ସେମାନେ ସେହି ଦିନେ ପ୍ରଦୋଷରେ ।
ଚତୁର୍ଦ୍ଦଶ କରେ ବିଦ୍ୟାଧରେ । ୨୨୫୩ ।
ନୃପଦେଶରେ କେଶ ବାଜନ୍ତେ ସନସନ ।
ଶୁଣି ଶକତ ହେଲେ ପୁରବାସୀଙ୍କ ମନ । ୨୨୫୪ ।

ସୀତା-ରାମ-ବିବାହ-ସମ୍ବାଦ ନଗରରେ ।
ପ୍ରକଟିତ ହୁଅନ୍ତେ ସମସ୍ତ ନାରୀନରେ । ୨୨୫୫ ।
ମହାନନ୍ଦ ପାରାବାରେ ଭାସି-ଉଚ୍ଛବରେ ।
ନିଜ ନିଜ ମନ୍ଦିରଙ୍କୁ ମଣ୍ଡିଲେ ସତ୍ବରେ । ୨୨୫୬ ।
ସବୁ ଘର ସାହି ଗଳି ବିବିଧେ ମଣ୍ଡିତ ।
ଧାତୋତ ଭାସମାନ ହୋଇ ଲୋଚନାଦ୍ଭୁତ । ୨୨୫୭ ।
ପତାକା ଗୃହଦ୍ୱାରରେ ପଙ୍କ୍ତି ସୁଶୋଭିତ ।
ସକଳ ପଥ ସୁବାସ-ସଲିଲ-ସେଚିତ । ୨୨୫୮ ।
ହେମକୁମ୍ଭତୋରଣ ହରିଦ୍ରାଦୂର୍ବାକ୍ଷତ ।
ଦଧିମାଲ୍ୟାଦି ମଙ୍ଗଳ ଦ୍ରବ୍ୟ ବିରାଜିତ । ୨୨୫୯ ।
ଶୋଭାଙ୍ଗଧାରନ୍ତ ନାଟ୍ୟନ୍ତି ସ୍ଥାନେ ସ୍ଥାନେ ।
କର୍ଣ୍ଣପେୟ କଳ ପିକସ୍ୱରେ ସ୍ତୁତିଗାନେ । ୨୨୬୦ ।
ସେ ନଗରବର ଅଟେ ସର୍ବଦା ସୁନ୍ଦର ।
ରାମର ବିଭାବେଳେ ହେଲା ସୁନ୍ଦରତର । ୨୨୬୧ ।
ଭୂପଭବନମଣ୍ଡନ ଅଟେ ଅଦ୍ଭୁତ ।
ସେ ତ ସମସ୍ତ ମଙ୍ଗଳ ଦ୍ରବ୍ୟ ସମ୍ଭୃତ । ୨୨୬୨ ।
ରତ୍ନଖଚିତ ବିତାନ ବିବିଧ ତୋରଣ ।
ପଟ୍ଟକେତନ ଗୃହମାନଙ୍କେ ଶୋଭନ । ୨୨୬୩ ।
ବେଦଧ୍ୱନି ମାଗଧ ସୂତ ମଙ୍ଗଳଗାନ ।
ବହୁବିଧ ବାଦ୍ୟନାଦ ତହିଁ ବିଦ୍ୟମାନ । ୨୨୬୪ ।
ଅନ୍ତଃପୁରନିବାସୀଙ୍କ ଉତ୍ସାହ ବହୁତ ।
ପ୍ରାସାଦର ବର୍ଣ୍ଣନ ଅଟେ ପରମିତ । ୨୨୬୫ ।
ତେଣୁ ତାହା ତହିଁ କହୁ ନ ପାରୁ ଉର୍ଦ୍ଧ୍ବୁ ।
ବହୁଳ ପ୍ରସଙ୍ଗ ପାଇ ଗ୍ରନ୍ଥ ଅଙ୍ଗକୁ । ୨୨୬୬ ।
ଯେ ନୃପ-ନିକେତନ ଅଟେ ବର୍ଣ୍ଣନାତୀତ ।
ଯହିଁ କୃପାଳୁ-କୃପା-ବନ୍ଦ୍ୟ ରାମ ଜାତ । ୨୨୬୭ ।
ତେବେ ଅଯୋଧ୍ୟାପତି ବୋଇଲେ ନୃପତିଙ୍କୁ ।
ଚତୁରଙ୍ଗ ବଳ ସାଜି ଦିଅ ବେଦେହକୁ । ୨୨୬୮ ।

ତାହା ଶୁଣି ବେନି ଭାଇ ହେଲେ ଆନନ୍ଦିତ ।
ତହିଁ ଉପଦେଶରେ ସୈନ୍ୟ ହେଲା ସୁସଜ୍ଜିତ । ୧୧୬୯ ।

ବିବିଧ ବର୍ଣ୍ଣ ଘୋଟକେ ଗୃହୀତାବସରେ ।
ଧଇଲେ ଅଲଙ୍କାର ଭୂଷିଥିଲେ ସ୍ଵର୍ଣ୍ଣ-ଗୁରେ । ୧୧୭୦ ।

ଯେମାନ ଚନ୍ଦ୍ର ଜ୍ୟୋତ୍ସ୍ନାପକ୍ଷରେ ଗତ କଲେ—
ପର ଦର୍ପଣର ବସ୍ତୁ ହେଉଥିଲେ । ୧୧୭୧ ।

ଧାବନ ସମୟେ ସେ ତୁରଙ୍ଗମ ପ୍ରକର ।
ପ୍ରଚଣ୍ଡନ ବେଗରୁ କରେ ନାହିଁ ଗୋଚର । ୧୧୭୨ ।

ଅଶ୍ୱାରୋହ-ରାଜପୁତ୍ରେ ଯୌବନନ୍ଵିତ ।
ରତ୍ନାଳଙ୍କାର-ତୂଣ ବାଣ-ଚାର୍ମ ଭୂ-ମୁକ୍ତ । ୧୧୭୩ ।

ପ୍ରତ୍ୟେକ ନୃପସୁତ ସଙ୍ଗରେ ଅଛିଲା ।
ପ୍ରବଣ ପଦ ତେଜୁରେ ଗମନ କଲା । ୧୧୭୪ ।

ଶ୍ୟାମକର୍ଣ୍ଣ-ତୁରଙ୍ଗ-ଯୋଜିତ ରଥଗଣ ।
ଧୃତ କିଙ୍କିଣୀ ଗୃହର ଧ୍ୱଜାଦ ଭୂଷଣ । ୧୧୭୫ ।

ସକ୍ତ ରଥ ସାରଥୀ ହୋଇ ଥିବେ—
ରଥଙ୍କୁ ନନ୍ଦ-ମୋହିଲା ମନ ମୁନିଙ୍କର । ୧୧୭୬ ।

ପୁଣି ଭୂଷଣ ବିବିଧ ଶସ୍ତ୍ରାସ୍ତ୍ର ପୂରିତ ।
ହୋଇ ହେଲା ସ୍ୟନ୍ଦନ-ମାନସ ଶୋଭିତ । ୧୧୭୭ ।

ସେ ସ୍ୟନ୍ଦନସମୂହ ପଳିଲେ ମଧ୍ୟ ଚଳେ ।
ବୁଝିଲୁ ଯେ ତାଙ୍କ ଗତି ନ ବୁଝିଲ କଲେ । ୧୧୭୮ ।

ପ୍ରତ୍ୟେକ ମାତଙ୍ଗ ହୋଇ ବିବିଧେ ଭୂଷିତ ।
ପୁନ ଅଙ୍ଗରେ ଅଳଙ୍କାରରେ ସଯୁକ୍ତ । ୧୧୭୯ ।

ସୌଦାମିନୀ-ପ୍ରଦତ୍ତ-ସ୍ୱତ ନୀଳ ଜଳଦ ।
ପରେ ଜାଣି ହୋଇଲେ ନୟନସୁଖଦ । ୧୧୮୦ ।

ପିତା ପ୍ରଭୃତି ନାନାବିଧ ଯାନଗଣେ ।
ପ୍ରସ୍ଥାନ କଲେ ନୃପସ୍ତ୍ରୀ ପୁରେ ବ୍ରାହ୍ମଣେ । ୧୧୮୧ ।

ସନ୍ଦୋହଣି ବେଦତତ୍ତ୍ୱ ନର ଉତ୍କଳବର—
ଧରିଲେ ପରକାରେ ଯେମାନେ ଭୁଷୁର । ୧୧୮୨ ।

ଗାନକାରୀ ବନ୍ଦୀଗଣ ମାଗଧ ପ୍ରଭୃତ ।
ଜନେ ଉପଯୁକ୍ତ ଯାନ ଚଢି ଚଳେ ଗତ । ୧୧୮୩ ।
ଭୂଷିତ ପଦାତିକ ହୋଇ ଗଣନାତୀତ ।
ଯୋଦ୍ଧାହରେ ଗମିଲେ ଧରି ଅସ୍ତ୍ରଧବ୍ରାତ । ୧୧୮୪ ।
ଫଳ ଫଳ ହୋଇ ଉଠେ ବଳଦେ ଖଡ଼୍ଗରେ ।
ଧଡ଼ ପଡ଼ ଚାଲିଲେ ବୋଝ ବନ୍ଧି ପିଠିରେ । ୧୧୮୫ ।
ଭେରୀ ଢକ୍କା ପଟହାଦି ନାନା ବାଦ୍ୟଘୋଷ ।
ପୂରିତ ହେଲା ଧ୍ୱନି ଗଗନ-ମଧ୍ୟଦେଶ । ୧୧୮୬ ।
ସେ ଘୋଷେ ରଥଘୋଷ ହସ୍ତି-ହ୍ରେଷା ସନ୍ଧୁର ।
ବୃଂହିତ ମିଶି କଲା ମାନବଙ୍କୁ ବଧିର । ୧୧୮୭ ।
ପଦରଜ ମେଘାକାରେ ପ୍ରସରି ଉର୍ଦ୍ଧ୍ୱରେ ।
ଚଣ୍ଡାଂଶୁମଣ୍ଡଳକୁ ଘୋଡ଼ାଇଲା ସାନ୍ଦ୍ରରେ । ୧୧୮୮ ।
ଅଟ୍ଟାଳିକାଳିରେ ପୁରସ୍ତ୍ରୀଏ ଲୁଚି ହେଲେ ।
ଅର୍ଘ୍ୟଥାଳିମାନ ଧରି ଉଭା ହୋଇଥିଲେ । ୧୧୮୯ ।
ତେବେ ନୃପତି ବେଦବାକ୍ୟ ଅନୁସରି ।
କୁଳାଚାର ମତେ ଯାତ୍ରା କାଳ କର୍ମ କରି । ୧୧୯୦ ।
ସୁମନ୍ତ୍ରାନୀତ ରଥଦ୍ୱୟକୁ ବଶିଷ୍ଠଙ୍କୁ ।
ଗୋଟିଏ ଦେଇ ହୃଦେ ଭାବି ଅମରୁପତ୍କୁ । ୧୧୯୧ ।
ଗୌରୀ-ଗିରିଶ-ଗଣେଶ ଗୁରୁଙ୍କୁ ସ୍ମରିଲା ।
ଆପେ ଦ୍ୱିତୀୟ ସ୍ୟନ୍ଦନବରରେ ବସିଲା । ୧୧୯୨ ।
ବଶିଷ୍ଠ ଆଗଟିରୁ ଦଶରଥ ନୃବର ।
ଲଭ ପରୀଭୂତ ଶକ୍ର ପରି ସୁସ୍ଥିର । ୧୧୯୩ ।
ଗଗନେ ଅପ୍ସରାଙ୍କର, ପୁରେ ନାରୀଙ୍କର ।
ମଙ୍ଗଳଗାନ ଶୁଭିଲା ହୋଇ ମନୋହର । ୧୧୯୪ ।
ଆକାଶୁ ଦେବୀ ପୁଷ୍ପବର୍ଷଣ ହେଲା ।
ଅନେକ ପ୍ରକାରେ ଶୁଭ-ଶକୁନ ଦଶିଲା । ୧୧୯୫ ।
ଦଶିଲା ଗାଲଭଙ୍କ ଚାଳ ଧରି ତାପରେ ।
ବାମ୍ଭୁଏ ପୁଣି ଜମ୍ବୁକ ଡାହାଣେ ବାମରେ । ୧୧୯୬ ।

ମନ୍ଦ ସୁଗନ୍ଧ ଶୀତଳ ପବନ ବହିଲା ।
ଜଳ-ଘଟ ଶିଶୁ ସହ ଅନ୍ଧା ସ୍ତ୍ରୀ ଦିଶିଲା । ୧୨୯୭ ।
ଏକ ଶୃଗାଳ ପୁଣି ପୂର୍ଣ୍ଣ ନେତ୍ରେ ପଡ଼ିଲା ।
ଗାଈ ନିଜ ବତ୍ସାଙ୍କୁ ଦୁଧ ପିଆଉଥିଲା । ୧୨୯୮ ।
ହରିଣଗଣ ଦକ୍ଷିଣ ଭାଗକୁ ଆସିଲା ।
ସେଥିଲେ କର୍ଣ୍ଣ ଦେଶେ ଜନ୍ତୁ ରୁତ କଲା । ୧୨୯୯ ।
ବାମଭାଗରେ ବୃକ୍ଷେ ଶାମା ପକ୍ଷୀ ବସିଥିଲା ।
ଦନ୍ତେ ମାଂସ ଧରି ସପ୍ତଶୃଙ୍ଗରୁ ଆସିଲା । ୧୩୦୦ ।
ସୁସ୍ତ୍ରୀକ ହସ୍ତରେ ପୁଷ୍ପ ବ୍ରାହ୍ମଣ ଯୁଗଳ ।
ଦୃଷ୍ଟାନ୍ତ ପର୍ବ ପର ଶୁଭଶକୁନେ ଚଳ । ୧୩୦୧ ।
ଯାହା ନନ୍ଦନ ସଗୁଣ ଚିହ୍ନ ହୋଇ ବର ।
ଉଦୀତ ହରଷେ ଯଦୁବଂଶ-ସୀତାବର । ୧୩୦୨ ।
ତା ଯାତ୍ରା କାଳେ ଶୁଭ ଶକୁନାଳି ଏତେ ।
ଘଟିବା ନୁହେ ଦୈବାତ ହେଲେ ବହୁତେ । ୧୩୦୩ ।
ପରେ ସେମାନେ ଅତି ସନ୍ତୁଷ୍ଟ-ମାନସରେ ।
ପ୍ରସ୍ଥାନ କଲେ ତହୁଁ ବିଦେହାଙ୍କ ମୂଳରେ । ୧୩୦୪ ।
ସେ ଅଟେ ବାଦ୍ୟମାନ ମୃଦଙ୍ଗ ନାଦଗାନ ।
ହାତୀଙ୍କ ପଦଘାତ ତୁରଙ୍ଗମାଳମାନ । ୧୩୦୫ ।
ହୃଦପୁରେ ମୃଦଙ୍ଗ ଶବ୍ଦକୁ ଅନୁସର ।
ଭୂତଳେ ନୃତ୍ୟନ୍ତି ନଟଙ୍କ ଭାବା ଭର । ୧୩୦୬ ।
ଏପରି ସମାରୋହେ ଆନନ୍ଦ କୋଳାହଳେ ।
ପରିଶ୍ରମ ନ ଜାଣି ସମସ୍ତେ ଯାଉଥିଲେ । ୧୩୦୭ ।
ତେଣେ ଜନକ ବରଯାତ୍ରଙ୍କ ଆଗମନ ।
ଜାଣି ଜନକ ନଦୀତଟେ ସେତୁ ବନେ । ୧୩୦୮ ।
ବାଟ ସବୁଠାରେ ସୁବିଶ୍ରାମସ୍ଥାନମାନଙ୍କରେ ।
ଜଳ ବ୍ୟବସ୍ଥାମାନ କରାଇ ଆଦରେ । ୧୩୦୯ ।
ଯୋଗାଇ ଅଶନ ପୁଣି ବସନ ଶୟନ ।
ଯୋଗାଡ଼ିରେ ରଖାଇଲା ସମସ୍ତଙ୍କ ମନ । ୧୩୧୦ ।

ମିଥିଳାର ନିକଟକୁ ଆସନ୍ତେ ସେ ଦଳ ।
ତାଙ୍କୁ ପାଛୋଟିବା ପାଇଁ ଚତୁରଙ୍ଗ ବଳ । ୨୩୧୧ ।
ପୁଣି ଦିବ୍ୟଚେଳ ମଣିଭୂଷା ମୁକ୍ତାହାର ।
ହେମଭାଜନ ଭରତ ଚତୁର୍ବିଧାହାର । ୨୩୧୨ ।
ରୁଚ୍ୟ ଫଳ ସୁବାସ ଦ୍ରବ୍ୟ ବିବିଧ ଖଗ ।
ନାନା ମଙ୍ଗଳ ପଦାର୍ଥ ବହୁବିଧ ମୃଗ । ୨୩୧୩ ।
ଉପହାର ସ୍ୱରୂପରେ ବିଦେହମହୀଶ ।
ବହନ ପ୍ରେରଣ କଲ୍ଲ ଲଭି ଅତି ତୋଷ । ୨୩୧୪ ।
ପରସ୍ପର ବେନି ଦଳେ ମିଶି ଆନନ୍ଦରେ ।
ଏକ ହୋଇ ଆଗମନ କଲେ ଆଡ଼ମ୍ବରେ । ୨୩୧୫ ।
ପ୍ରତେ ହେଲା କି ଉଚ୍ଛୁଳ ଆନନ୍ଦାବ୍ଧି ଦୁଇ ।
ମିଶ୍ରିତ ହୋଇ ଅଭେଦେ ଅସୁଅଛି ବହି । ୨୩୧୬ ।
ଏସନେ ବରଜାତ ସଗୌରବେ ଆନୀତ ।
ରମ୍ୟଗୃହ ପ୍ରତିଷ୍ଠ ହୋଇ ଅତ୍ୟନ୍ତ ପ୍ରୀତ । ୨୩୧୭ ।
ସେ ସଦନନିକର ସକଳ ସୁଖାକର ।
ନିଖିଳଜନମନନୟନବଶୀକର । ୨୩୧୮ ।
ତହିଁ ପତିତ ହେଲା ଯାହାଙ୍କୁ ଧନଦ ।
ଦେଖିଲେ ନିଶ୍ଚେ ତେଜନ୍ତେ ନିଜ ଧନମଦ । ୨୩୧୯ ।
ବରଜାତ ନଗରେ ପ୍ରବେଶିଲା କାଳରେ ।
ସୀତା ନିଜ ମନ୍ଦପାକୁ ବିସ୍ତାର ସ୍ଥଳରେ । ୨୩୨୦ ।
ସ୍ୱର ସଖୀଗଣକୁ ଅଷ୍ଟ ସିଦ୍ଧିଙ୍କି ଅଣିଲା ।
ଭୋଜନ-ବାସୀଙ୍କି ଭଳେ ଚରଚ ବୋଇଲା । ୨୩୨୧ ।
ସିଦ୍ଧି ଏ ନିଜ ଶିରେ ନିବେଶି ସେ ଆଦେଶ ।
ସ୍ୱର୍ଗୀୟ ସବଧନ ସୁଖ ସ୍ୱେଚ୍ଛ ବିଳାସ । ୨୩୨୨ ।
ସଙ୍ଗେ ଯେତେ ଯାକ ବସାଘରମାନଙ୍କରେ ।
ପ୍ରବେଶି ରହିଲେ ଅଦୃଶ୍ୟ ସ୍ୱରୂପରେ । ୨୩୨୩ ।
ସମସ୍ତେ ଏକଙ୍କେଇଙ୍କୁ ଆନନ୍ଦିତ କଲେ ।
ତତ୍ତ୍ୱ ନ ଜାଣି ସୀତା-ଧାତଙ୍କୁ ପ୍ରଶଂସିଲେ । ୨୩୨୪ ।

ରାମ ମାତ ସୀତାର ମହିମାକୁ ଜାଣିଲ ।
ନିଜ ମନରେ ଅତି ହର୍ଷକୁ ପାଇଲ । ୨୩୨୫ ।
ଭାରତ ଅଗତ ବାର୍ତ୍ତା ଶୁଣି ବେଳକର ।
ତାହା ଦର୍ଶନ ନିମିତ୍ତ ଅତି ବ୍ୟସ୍ତ ହୋଇ । ୨୩୨୬ ।
ଚଳିଲେ ନିଜ ବାହିଁ ଗୁରୁକୁ କହିବାକୁ ।
ମାତ ବଶ୍ୟାମିତ ଜାଣି ତାହାଙ୍କ ସ୍ପୃହାକୁ । ୨୩୨୭ ।
ତାଙ୍କ ଅନୁଗମନ ପ୍ରେମରେ କଲ ପରେ ।
ସାକେତପୁରଧୀଶ ରମାକୁ ନେଲ ଚଲେ । ୨୩୨୮ ।
ତୃଷିତ ବାନ୍ଧ ସରସ୍ତ୍ରୀବକୁ ପିବା ପ୍ରାଏ ।
ସେମାନେ ସେଠାକୁ ଗଲେ ପୁଲକିତ କାଏ । ୨୩୨୯ ।
ରାମ ଲକ୍ଷ୍ମଣ ସହିତ ମୁନୀଶଙ୍କୁ ଗୃହଁ ।
ଦଣ୍ଡବତ ଅନନ୍ଦସାଗରେ ମଗ୍ନ ହୋଇ । ୨୩୩୦ ।
ମନେ ପାଗ୍ଲେଷ ଯାଇ ମୁନିଙ୍କ ପ୍ରଣମିଲ ।
ତାଙ୍କୁ ତପସ୍ୱୀ ପୋଷାକ ଅଶୀର୍ବାଦ କଲ । ୨୩୩୧ ।
ବେଳପୁରେ ପ୍ରଶମନ୍ତେ ତାଙ୍କୁ କହ ଭୋଳ ।
ପୁର ଦୁଃସହ ଦୁଃଖକୁ ପାସୋର କୃପାଳ । ୨୩୩୨ ।
ପରମାନନ୍ଦବର୍ଦ୍ଧକ ମାନସ ହୋଇଲ ।
ମୃତ କଳେବରେ ଯେବା ପ୍ରାଣ ସଞ୍ଚରିଲ । ୨୩୩୩ ।
ବେଳାକୁର ବସିଷ୍ଠକୁ ଅପର ରଘୁଙ୍କୁ ।
ନମି ବେଳଲେ ତାଙ୍କ ଅଶୀର୍ବାଦମାନଙ୍କୁ । ୨୩୩୪ ।
ଭରତ ଶତ୍ରୁଘ୍ନ ସେହେ କରନ୍ତେ ପ୍ରଣାମ ।
ତାଙ୍କୁ ପରିରମ୍ଭଣ କଲ ପ୍ରେମରେ ରାମ । ୨୩୩୫ ।
ଲକ୍ଷ୍ମଣଙ୍କୁ ଭରତ ଶତ୍ରୁଘ୍ନ ବେଳକର ।
ଗାଢ଼ାଲିଙ୍ଗନ କଲେ ଅତ୍ୟନ୍ତ ପ୍ରୀତ ହୋଇ । ୨୩୩୬ ।
ପ୍ରଜାପୁରବାସିମାନଙ୍କ ବନ୍ଧୁମିତ୍ରଙ୍କର ।
ଜ୍ୟେଷ୍ଠ ପର୍ଯ୍ୟନ୍ତରେ କଲ ରାମ କୃପାକର । ୨୩୩୭ ।
ପରେ ରୂପ ସୁତେ ବସି ପିଅର କେତେ ।
ଶକୁନ୍ତ ହୋଇବେ ଚତୁର୍ବର୍ଗଙ୍କବେ । ୨୩୩୮ ।

ମୈଥିଳମାନେ ସଗୁଣ-ବ୍ରହ୍ମ ଶ୍ରୀରାମଙ୍କୁ ।
ବରଜାତକି ଦେଖି ପାଇ ଅତି ତୋଷଙ୍କୁ । ୨୩୩୯ ।
ଜଜମା ଏବସ ବୃଦ୍ଧିକରଣ ନିମିତ୍ତ ।
ବ୍ରହ୍ମାଙ୍କୁ ବନ୍ଦିଲେ ହୋଇ ଭକ୍ତି ଯୁକ୍ତ ଚିତ୍ତ । ୨୩୪୦ ।
ତାଙ୍କ ପ୍ରତେ କନ୍ୟା ବରେ ଗୁଣରୂପ ତୁଲ୍ୟ ।
ସମ୍ଭବ ଭୂପେନ୍ଦ୍ରସ୍ୟ ସୁକୃତ ସାଫଲ୍ୟ । ୨୩୪୧ ।
ସୀତା ଜନକ ପୂର୍ବ ସୁକୃତର ଫଳ ।
ଶ୍ରୀରାମ ଦଶରଥ ପୂର୍ବ ପୁଣ୍ୟର ଫଳ । ୨୩୪୨ ।
ତେଣୁ ସେ ନୃପଦ୍ୱୟ ସମେ ଶିବପୂଜନ ।
କରିଥିଲେ ପୁଣ୍ୟବନ୍ତ ନାହିଁ କେହି ଜନ । ୨୩୪୩ ।
ଦେଖିବୁ ସୀତାରାମ-ଯୁଗ୍ମ ଅଙ୍ଗ ପୂର୍ବ ।
ତେଣୁ ଆମ୍ଭ ସମ ଧନ୍ୟ ମଧ୍ୟ କେହୁ ନାହିଁ । ୨୩୪୪ ।
ପୁଣି ସେମାନେ ଭରତ ଶତ୍ରୁଘ୍ନଙ୍କୁ ଗୃହିଁ ।
ଭାବନା କଲେ ଅଶ୍ରୁପାଣି ଭକ୍ତି ମଗ୍ନ ହୋଇ । ୨୩୪୫ ।
ଅଦ୍ଭୁତରେ ସୁତମାନେ ଏହୁ ଦୁଇଜଣ ।
ରାମ ଲକ୍ଷ୍ମଣ ସମ ଭେଦ କିଛି ହିଁ ନାହିଁ । ୨୩୪୬ ।
ଏ ଯୁଗଳ ଯୁଗ୍ମମାନେ ଜଣେ ପରସ୍ପର ।
ଉପମାନୋପମେୟ ଅନ୍ୟ ନାହିଁ ଇତର । ୨୩୪୭ ।
ପରେ ଭୂପତିଦ୍ୱୟରେ କରାଇଲେ ସ୍ଥିର ।
ମଙ୍ଗଳ ପରିଣୟ ଚାରିକୁମାରଙ୍କର । ୨୩୪୮ ।
ଧାତା ପଠାନ୍ତେ ନାରଦ ହୋଇ ମୋହେ ମଗ୍ନ ।
ବିବାହ-ଲଗ୍ନ ଶୁଦ୍ଧ ଶୋଧିଲେ ବେଳା ଲଗ୍ନ । ୨୩୪୯ ।
ଏମନ୍ତ କହନ୍ତେ ଶୁଣି ସର୍ବେ ହୃଷ୍ଟ ହୋଇଲେ ।
ଜ୍ୟୋତିଷିକେ ସେ ଲଗ୍ନକୁ ବେଶୀ ପ୍ରଶଂସିଲେ । ୨୩୫୦ ।
ମିଥିଳାଗତନୃପେ ପାଇ ଜନକାଦେଶ ।
ରାମ ପଣ ବର୍ଣ୍ଣି ବର୍ଣ୍ଣି ଗଲେ ସ୍ୱ ସ୍ୱ ଦେଶ । ୨୩୫୧ ।
ବିବାହ ଦିନେ ଜନକ ନୃପତି ନଗର ।
ମନ ମୋହିଲ ହୋଇ ଅଳଙ୍କାରର । ୨୩୫୨ ।

ଭର୍ତ୍ସି ସ୍ୱର୍ଣ୍ଣ-ପୁଷ୍ପବୃନ୍ଦ ଯଶ ସମ୍ପାଦିତ ।
ମୁକ୍ତ ଆବାସ ଶ୍ରୀ ନାଥ ପ୍ରତ୍ୟକ୍ଷ । ୨୩୪୩ ।
ବେଶ ବର୍ଣ୍ଣାଦ ବହୁ ରଥ ବଳୀ ବାଦକ ।
ମୁକ୍ତାନନ୍ଦଭଣ ସୁବ ସାଜ ପ୍ରଭାତିକ । ୨୩୪୪ ।
ବସବର ବନ୍ଧୁଙ୍କ ଧୂଳ ବଦ ଜଳ ।
ଶ୍ରୁବରବ ବନ୍ଧୁଙ୍କ ସ୍ତବଣ ଜନ । ୨୩୪୫ ।
ଶୋଭନ ଲଳିତ ଲଳିତେ ମୁକ୍ତାବଳେ ।
ଧନ୍ଦିର ମଣ୍ଡଳ ଦେବୀ ହୋଇ ଯାଉ ଭାଳେ । ୨୩୪୬ ।
ମହୀ ସାମନ୍ତ ପଟ୍ଟଳ ସମେତ ହେବ ।
ବଳଭଦ୍ର ବରାବେ ପଦ୍ମ ପଦ । ୨୩୪୭ ।
ସମ୍ମୁଖ ଉତ୍କଳ ଭୂଲକ୍ଷ୍ମୀ ଅଳେ ।
ସାଜେ ସେ ବଚ ଦେଇ ମୃଦଙ୍ଗ ସଙ୍ଗେ ଧର । ୨୩୪୮ ।
ଶୀଙ୍କ-ସ୍ନାନ-ଶୋଭ ଦେଇ ଲେଖ ସାଜ ।
ଦେବାଙ୍କୁ ଲକ୍ଷେ ଗଉର ହେବେ ପୂର୍ଣ୍ଣ । ୨୩୪୯ ।
ଦେବ-ଦୁନ୍ଦୁଭି ବଜେ, ଦୃଷ୍ଟି ବର୍ଷିଲ ।
ଅପ୍ସରେ ନାଚ-ଗାନ-କୀର୍ତ୍ତନ ପ୍ରବର୍ତ୍ତିଲ । ୨୩୫୦ ।
ପୁଷ୍ପାଞ୍ଜଳି ଦେଲେ ସିଦ୍ଧ-ଯୋଗିଜନ୍ମ ।
ଭଜ ବୃନ୍ଦାବନେ ବନ୍ଦେ ବୈଷ୍ଣବଙ୍କୁ । ୨୩୫୧ ।
ରୂପରେ ବର୍ଣ୍ଣରେ ସଜେ କୃଷ୍ଣ ଧର୍ମରେ ।
ଉଦେଶବାରିକ ସୂକରେ ଅସରେ । ୨୩୫୨ ।
ଶରତପୂର୍ଣ୍ଣମା-ଲଗନ ସମ୍ପୂର୍ଣ୍ଣ ।
ନକ୍ଷତ୍ରବର ପଦ ହେବେ ଚନ୍ଦ୍ରନ । ୨୩୫୩ ।
ଅପଣାର ଲକ୍ଷଣ ଦେବଙ୍କୁ ଦେଲା ।
ସିନ୍ଧୁରେ ଯେଣେ ଦାଣ୍ଡିକ ହେଲ ଭବନ । ୨୩୫୪ ।
ତିଳ ଦ୍ରବ୍ୟଲେ ଗର୍ବ ଶାନ୍ତିନାଥ ।
ଦୃଶ୍ୟ ସମେ ନାଗ ବୋଲ ଅସ୍ତ୍ର ଗ୍ରାମ । ୨୩୫୫ ।
ଲକ୍ଷ୍ମୀର୍ଣ୍ଣ ପ୍ରଶ୍ନ ବଚ ଲବ ଚକ୍ର—
ଶସ୍ତ୍ର ଏବେ ଭାବ ତୋତ ଭୂଷେ ବ୍ୟୁହ । ୨୩୫୬ ।

ଏସବୁ ଶିବବୋଧିତ ହୋଇ ଦେବବ୍ରାତ ।
ନିଜ ମନୋଗ୍ଲାନି ଘୁଞ୍ଚ ହୋଇଲା ସମ୍ପ୍ରୀତ । ୧୩୬୭ ।
ଏଣେ ଦଶରଥ ସାଧୁ ବିପ୍ରାବୃତ ହୋଇ ।
ଚଳେ ଦେବାବୃତ-ଶକ୍ର ପରି ଶୋଭା ପାଇ । ୧୩୬୮ ।
ସମାତା ତା ସହିତେ ଥିଲେ ଚାରି କୁମାରେ ।
ଚତୁର୍ଦ୍ଧାପବର୍ଗ ଚତୁଷ୍ଟୟପ୍ରକାରେ । ୧୩୬୯ ।
ଭ୍ରାତୃତ୍ରୟ ଦୂର୍ବାଦଳ ଶ୍ୟାମ ନୀଳଧାମ ।
ସୋଦର ସୁଭ କାନ୍ତି ରଜତ ଶୁଭ୍ର ହେମ । ୧୩୭୦ ।
ତାଙ୍କୁ ଦେଖି ଦେବତାଏ ହେଲେ ଚମତ୍କୃତ ।
ବିଶେଷେ ରାମଙ୍କୁ ଦେଖି ହୋଇଲେ ମୋହିତ । ୧୩୭୧ ।
ନର୍ତ୍ତକୀ ଶିଖିପାଏ ଘନରୂପ ଦେଖି ନେତ୍ରେ ।
ରମା ହର ହେଲେ ସୁଖୀ ପୁଲକିତ ଗାତ୍ରେ । ୧୩୭୨ ।
ଶିତ-ମେଚକାଙ୍ଗ ନୀଳସୁନ୍ଦରଘନ ।
ତଡ଼ିତ ଚପଳା ରୁଚି ପୀତବସନ । ୧୩୭୩ ।
ମଙ୍ଗଳକର ସୁନ୍ଦର ଅନେକ ପ୍ରକାର ।
ବିବାହଭୂଷଣରେ ଭୂଷିତ ଶରୀର । ୧୩୭୪ ।
ଶାରଦ-ପୂର୍ଣ୍ଣିମାଚନ୍ଦ୍ର ଦର୍ପହ ବଦନ ।
ନବ କଞ୍ଜଦଳ ପରି ନୟନ ଶୋଭନ । ୧୩୭୫ ।
ସେ ଅଲୌକିକ ଶୋଭା ମନ ମାତ୍ର ଜାଣଇ ।
ବଚନେ ବର୍ଣ୍ଣିବା ସାଧ୍ୟଜାତ ଅଟଇ । ୧୩୭୬ ।
ରମାକାରେ ଭୂଷଣମଣ୍ଡନଙ୍କୁ ଅବେକ୍ଷି ।
ନୟନ ନ ମୁଦି ପାଉଥିଲେ ତୃପ୍ତ ସୁଖ । ୧୩୭୭ ।
ରାମର ବପୁବର ଅଟଇ ସୁନ୍ଦରତର ।
ତାହାଙ୍କୁ ଦେଖି ଲଜ୍ଜିତ ହେଲା ପଞ୍ଚଶର । ୧୩୭୮ ।
ବଚନେ କହି ନୁହେ ଏବେ ଯୌବନ ତାର ।
କିବା ଗୁଣ ରୂପ ଦର୍ଶି ମାର ଦର୍ପହାରେ । ୧୩୭୯ ।
ନିଜାବସ୍ଥା ତଥି କେହୁ ପ୍ରତ୍ୟୁଣ କରେ ।
ସେ ଜଟ ରୈବତାଦ୍ରିଂ ଉପେହୃତ କରେ । ୧୩୮୦ ।

ବ୍ରଜର ଗୋପାଙ୍ଗନା ଯା ରୂପରେ ବୁଡ଼ନ୍ତି ।
ଋଷି ଭକ୍ତିଏ ଯା'ର ଭାବରେ ଝୁରନ୍ତି । ୨୩୮୧ ।
ଯା ମୁଖରେ ବ୍ରଜବୃନ୍ଦ କାନ୍ତର ସେବନ ।
ପଦ୍ମ ମୁଖମଣ୍ଡଳ ଯାଚଇ ସେବନ । ୨୩୮୨ ।
ଦୀନବନ୍ଧୁ-ଭକ୍ତ-ବତ୍ସଳ ନାମର ।
ତେଣୁ କାହୋ ତେଜ ପଦ ଯେ ଦୃଢ଼ ମୁକ । ୨୩୮୩ ।
ଗୋପୀ-ଚନ୍ଦ୍ରମାରେ ନ ଡ଼ କାଳ ଭଲେ ।
ଯେ ତୋଷିତ ବାଣୀ କହୁ ନ ପଦ୍ମ ଲୀଳେ । ୨୩୮୪ ।
ଶ୍ୟାମ ରୂପକୁ ଦେଖ ଅଷ୍ଟରେ ଭରିତ ।
ଅନନ୍ତାନନ୍ଦ ଦୋଷର ପିଠାର । ୨୩୮୫ ।
ଶ୍ୟାମ ତେଣ ଧନ ଦବ ଦେବେ ଯୋଗତ ।
ବୃନ୍ଦେଶ ଭକ୍ତ ବୋବ୍ ଧାତା ଦେବ ଦୃଷ୍ଟିତ । ୨୩୮୬ ।
କୃଷ୍ଣପାଦେ ବୁଝେ ଅଷ୍ଟ ଗୁଣକୁ ଦେଖି ।
ମୁଖ-ଚନ୍ଦ୍ରମା ଦେବ ବନ୍ଧୁ ପକ୍ଷୀଣୀ । ୨୩୮୭ ।
ମୁରଳୀର ଅମୃତର ସିନ୍ଧୁରେ ଭରିବ ।
ଗୌରବ ଦେବକୁ ବନ୍ଦନୀୟ ପ୍ରଣମିବ । ୨୩୮୮ ।
ଯେ ବୃନ୍ଦାବନର ଅଟେ ପେ ପଦ ଧର ।
ଅଜସ୍ର କୃପାରେ ଦ୍ୱାର ଖୋଲ ନ ଦେବ । ୨୩୮୯ ।
ରାଧା ମଧୁର ଅତେଜ ଅନନ୍ତ ମୁଦଣ୍ଡ ।
ଭେ ଚନ୍ଦ୍ରେଶ୍ୱରେ ଗଗନ ଘାଟ ଭେ । ୨୩୯୦ ।
ଦବନନ୍ଦ କାନ୍ତ ବସିବେ ନନ୍ଦନ୍ତ ।
ଅଜନ୍ତ କୋପକ ଭବେ ମୁଦଣ୍ଡ ଦେବ । ୨୩୯୧ ।
ପଡ଼େ ବରେ ସୁଧ ପଦ ପ ଦ୍ରୋ କୃପରେ ।
ପଦ ଶ୍ରେୟେ ଦାରେ ନିଷ୍ଠିତ ସ୍ଥାନରେ । ୨୩୯୨ ।
ରାଜ ତେଜେ ନାଥ ବନ୍ଧୁ ଦୁ ଭେ ।
ବୃନ୍ଦିତ ସ୍ୱଭାବେ ପଦପୁଣ୍ଡରୀକେ । ୨୩୯୩ ।
ଶ୍ରୀବତ୍ସର କୃଷ୍ଣ ଦୂର ଦୃଷ୍ଟି ଦେବାଶ୍ରୟ ।
ଘନାନନ୍ଦ ପ୍ରେମରସ ଦେବ । ୨୩୯୪ ।

ବିପ୍ରବେଶରେ ବିଧି ପ୍ରଭୃତି ବୃନ୍ଦାରକେ ।
ଅଛି ଯେ ସ୍ଥଳରେ ଥିଲେ ଅତ୍ୟନ୍ତ କୌତୁକେ । ୨୩୯୫ ।
ସମ୍ପ୍ରୀତ ଦଶରଥ ଜନକଙ୍କ ମେଳନ ।
ମହାସୁଖଦ ତାହା କରି ନୁହେ ବର୍ଣ୍ଣନ । ୨୩୯୬ ।
ସତ୍ୱ ବରଯାତ୍ରିଙ୍କି ବିଦେହ-ନରପତି ।
ସମ୍ବଧୀ ପରି ପୂଜି ଲଭିଲେ ଅତି ପ୍ରୀତି । ୨୩୯୭ ।
ଭୂମି ସୁରବେଶ ଧରି ବୃନ୍ଦାରକବୃନ୍ଦ ।
ଜନକପୂଜିତ ହୋଇ ପାଇଲେ ଆନନ୍ଦ । ୨୩୯୮ ।
ମିଥିଲାନାଥର ଦାନ ସମ୍ମାନ ବିନୟ ।
ଦେଖି ସମସ୍ତେ ଲଭିଲେ ଅଧିକ ବିସ୍ମୟ । ୨୩୯୯ ।
ଯେମନ୍ତ ଶଙ୍କର ଆଗେ ମେନକା ସହିତ ।
ହିମ ପର୍ବତ ପୂର୍ବେ ହୋଇଥିଲେ ଶୋଭିତ । ୨୪୦୦ ।
ତେମନ୍ତ ନିଜ ସଙ୍ଗୀ—ସୁନୟନା ସହିତ ।
ଜନକ ରାମ ପୁରତେ ଏବେ ପ୍ରକାଶିତ । ୨୪୦୧ ।
ସେ ସମୟରେ ବୈଦିକ ଲୌକିକ ମତରେ ।
ବରପୂଜନ ବିଧାନ ପୂର୍ଣ୍ଣ ହେଲା ପରେ । ୨୪୦୨ ।
ବଶିଷ୍ଠର ଆଦେଶରେ ଶତାନନ୍ଦ ଗଲେ ।
ସହଚରୀ ପରିବେଷ୍ଟିତା ସୀତାଙ୍କୁ ଆଣିଲେ । ୨୪୦୩ ।
ଉତ୍ତମ ଦେବସ୍ତ୍ରୀଏ ବ୍ରାହ୍ମଣୀ ବେଶ ଧରି ।
ତାଙ୍କ ସଙ୍ଗେ ଆସିଲେ ମଙ୍ଗଳ ଗାନ କରି । ୨୪୦୪ ।
ତାଙ୍କ କିଙ୍କିଣୀ-ମଞ୍ଜୀରରବ ଯେ ରାଜର ।
ତାଳ ହୋଇ ମୋହିଲା ମାନସ ମୁନିଙ୍କର । ୨୪୦୫ ।
ସୁଶ୍ରୀ ମଧ୍ୟେ ଅନେକ ଦେବ ସହଚରୀ ।
ମଧ୍ୟେ ଜନକକନ୍ୟା ସୀତା ଅତି ସୁନ୍ଦରୀ । ୨୪୦୬ ।
ଏପରି ଜାନକୀ କରି ମଣ୍ଡପ ଭିତରେ ।
ଅଣି ବସିଲେ ନିଜ ତାତର ଦକ୍ଷିଣରେ । ୨୪୦୭ ।
ସୀତା ରାମ ପରସ୍ପର ଦେଖନ୍ତି ଭାତି ।
ମନୋଲ୍ଲାସ ଯେ ଦେହୁଁଙ୍କୁ ନାହିଁ ଅନ୍ତ । ୨୪୦୮ ।

ତେଣୁ ଯେ କେବଳ କୃଷ୍ଣ ଭଜନ୍ତି ସୁମତି ।
ନିଜର ଶରୀର ଦୁଃଖ ଦଶାନ୍ତରୁ । ୨୮୦୯ ।
ଯେ ସ୍ଥାନରେ ସେତେ ଦିନ ଥାଏ ବୈଷ୍ଣବ ।
ସେଠାରେ ପ୍ରଭୁ ଛନ୍ତି କୃପାନୁସନ୍ଧାନ । ୨୮୧୦ ।
କେବଳ ପୁଣ୍ୟରେ କେତେକ ଜଣାଉ ।
ଗୌର ସୁନ୍ଦର ବଳି ଦେଖନ୍ତି ସଙ୍ଗ । ୨୮୧୧ ।
ତେବେ କଥା ଭକ୍ତିପୂର୍ଣ୍ଣ ପୁରୁଷ—
ଭକ୍ତି ଯାଇଁ କାଳକ୍ଷେ ଦିନ ମହୋତ୍ସବ । ୨୮୧୨ ।
ଯାନ୍ତୁ ବୃନ୍ଦା ଘରେ ଜୀବନ ଦୂର ଯାନ ।
ସେ ହେଲେ କେବଳ ଦେଖ ଭକ୍ତ ନାଚନ । ୨୮୧୩ ।
ଯା ଦୁର୍ଲଭ ସୁନ୍ଦର ପଦ୍ମ ପଦର ଚିହ୍ନ ।
ଏହି ସୁଦର୍ଶନ ଚକ୍ର ଯେ ବାସସ୍ଥାନ । ୨୮୧୪ ।
ଯା ଦେଖି ଜଗତ ସେବେ ଶିରେ ଦେବେ ।
ତାହିଁ ଶୋଭେ ଦେଖି ଯଶୋଦା ଯନ୍ତ୍ରରେ । ୨୮୧୫ ।
ଯେ ପଦ ଲକ୍ଷ୍ମୀଙ୍କୁ ଭକ୍ତ ସେବା ଦେବେ ।
ପାଷାଣର ସଙ୍ଗେ ସୁନ୍ଦର ସେବାସୁରେ । ୨୮୧୬ ।
ପୁଣି ତୋହର ଯମୁନା ଦର୍ଶନ କରୁ ।
ଦୁର୍ଲଭ ପଦ ସେ ଶିବ ବନ୍ଦନ୍ତୁ । ୨୮୧୭ ।
ଦାନ ଦେଇବେ, ଯୋଗୀ ସିଦ୍ଧ ଦେବେ ।
ଶାନ୍ତି ପ୍ରଭୁ ସେହି ଦେବ ଶୋଭନ । ୨୮୧୮ ।
ପ୍ରଭୁ ତାହାର ସେ ଜନନୀର ।
ଭକ୍ତେ ଗୋଟିଏ ଦଣ୍ଡ ଦେବଙ୍କ ଜଣେ । ୨୮୧୯ ।
ସ୍ୱୟଂ ପୁଣ୍ୟରେ ଦେଖ ଯୋଗ ସ୍ଥଳ ।
ଏତ ଏ ଅନ୍ତରରେ ସୁଖେ ଶିଶୁ-ଦେହ । ୨୮୨୦ ।
ଏ ତେଣି ନନ୍ଦରେ ଦକ୍ଷ ଦଶା ଯୋଗ ।
ପୂର୍ବେ ନରେ ଜାଣେ ଜନେ ଜପ ଜପ ନାଦ । ୨୮୨୧ ।
ଅନ୍ତର ପଦର ସୁଖ ଜନଙ୍କ ।
ସେହି ହୋଇ ଜଗତ ଜଗତ ଗୌରାଙ୍ଗ । ୨୮୨୨ ।

ହୋମାଦି ସର୍ବବିଧାନ ହେଲା ସମାପନ ।
ଅଦ୍ଭୁତ ନେଇଲା ପ୍ରତ୍ୟକ୍ଷରୂପେ ହୁତାଶନ । ୨୪୨୩ ।
ପରେ ସୀତା ରାମ ପରସ୍ପରେ କର ଧରି ।
ଅଗ୍ନି ପ୍ରଦକ୍ଷିଣ କଲେ ବିଧି ଅନୁସରି । ୨୪୨୪ ।
ତେବେ ତାଙ୍କ ସମ୍ପାରୂପ ମର୍ତ୍ତ ସ୍ତମ୍ଭଗଣେ ।
ପ୍ରତିଫଳି ସନ୍ଦେହ ଜନ୍ମିଲା ଜନ ମନେ । ୨୪୨୫ ।
କିବା ଅଛି ରତ୍ନମାର ବହୁରୂପ ହୋଇ ।
ସେ ବିବାହ ଦର୍ଶନ ସ୍ପୃହାରେ ଦେଖା ଦେଇ । ୨୪୨୬ ।
ଶିବ ଦର୍ଶନ ଇଚ୍ଛେ ଲଭି ଥିଲେ ଥିବ ।
ଦର୍ଶି-ପଲାଗ୍ର ଫଳେ ହୋଇ ନ ପାରି ଥିବ । ୨୪୨୭ ।
ରାମ ସ୍ପର୍ଶରେ କଣ୍ଠେ ସୀତା-ମୁଖ-ଚନ୍ଦ୍ରରେ ।
ଲଗାଇଲେ ସିନ୍ଦୂର ବିନ୍ଦୁକୁ ଅନନ୍ଦରେ । ୨୪୨୮ ।
ଦର୍ଶନେ ଅର୍ଥିସେଲ କିବା ଦାମୋଦର ।
ପୀୟୂଷ ପାନ କରେ ହୋଇ ଲାଳସାଭରେ । ୨୪୨୯ ।
ବଶିଷ୍ଠାଦେଶରେ ଏକ ପୀଠେ ସୀତା ରାମ ।
ବସି ହେଲେ ସର୍ବଜନ-ନୟନାଭିରାମ । ୨୪୩୦ ।
ଅନନ୍ତର ଭରତଙ୍କୁ ଅପଣାର ଝିଅ ।
କୁଶଧ୍ୱଜର ଜ୍ୟେଷ୍ଠା ମାଣ୍ଡବୀଙ୍କ ଦେଇ । ୨୪୩୧ ।
ଲକ୍ଷ୍ମଣଙ୍କୁ ନିଜ ପୁତ୍ରୀ ଉର୍ମିଳାକୁ ପୁଣି ।
ଶତ୍ରୁଘ୍ନଙ୍କୁ କୁଶଧ୍ୱଜ କନିଷ୍ଠା ନନ୍ଦନୀ । ୨୪୩୨ ।
ଶ୍ରୁତକୀର୍ତ୍ତି ଅର୍ପି ବର୍ଦ୍ଧନରେ ଜନକ ।
ବିବାହ କଲେ ସକଳ ଅତ୍ୟନ୍ତ କୌତୁକ । ୨୪୩୩ ।
ଏ କନ୍ୟାଚତୁଷ୍ଟୟ ସୌନ୍ଦର୍ଯ୍ୟ-ମନ୍ଦିର ।
ସକଳ ସୁଗୁଣାକର ବିଜ୍ଞାନଧାରର । ୨୪୩୪ ।
କନ୍ୟା ବରେ ପରସ୍ପର ସଂଲଗ୍ନ କଲେ ।
ମହାନନ୍ଦ ସମ୍ପୂର୍ଣ୍ଣ ହୃଦୟ ହୋଇଲେ । ୨୪୩୫ ।
ସେ ମଣ୍ଡପେ ସେକାଳେ ସର୍ବ ବ୍ରହ୍ମାସନ ।
ହୋଇ ଥିଲେ ଶତଦଳ-ଲୋଚନ ଲକ୍ଷଣ । ୨୪୩୬ ।

ଜବର ଗୃହ ଅବସ୍ଥା ଶଠ ଚିନ୍ତା ।
ପତ୍ୟେ ଯେ ତନ୍ୟ ଏ ବର ଘର ଯୋଜନା । ୨୭୭ ।
ବଧୂ ବନ୍ଧୁକ ମୁଣ୍ଡୁ ଦେଖି ତରକ ।
ନୃପବର ହୋଇ ବନ୍ଧୁକ ସଜେ ରଥ । ୨୭୮ ।
ହେଲେ ମୁକ୍ତ ପୁଣ୍ୟ ଭବପଦରେ ।
ନୁତନ ପଳ ପଲସ ଏକେ ଜାଳପରେ । ୨୭୯ ।
ଅଦ୍ଭୁତ ଏବେ ଚିତ୍ରାବଳୁକ୍ତ ସ୍ନେହ ।
ଜ୍ଞାନବର୍ଣ୍ଣ ପଳ ହେଲ ମୋର କବଚ । ୨୮୦ ।
ଜନର ଅଙ୍ଗନ ବହୁ ବଳଚ-କୁଣ୍ଡଳ ।
ଯେନ ଦେବକ ଶୈଳା ଦାସୀ ତାରଣ । ୨୮୧ ।
ବଜନ ବାହାନାଦ ବନ୍ଧୁବଧ ସୌଜନ୍ୟ ।
ଦେଖ ପ୍ରଭାଶ ଅନ୍ୟେ ବେଦ୍ୟ ବୌଦ୍ଧ । ୨୮୨ ।
ଯଦା ବେ ତତ୍‌ଜଳକୁ ଅପୂର୍ବ ବନ୍ଧନ ।
ଜାଗ ଦେବପରେ ଏ ଜନ୍ମରେ ଭୂତ । ୨୮୩ ।
ଜେଜ-ଦୂରକ ହୋଇ ଦୃଢ଼ବନ୍ଧନ ।
ପୁଷ୍ଟି ମୂତ୍ରପତର ବଳେଳ ସନ୍ତାନ । ୨୮୪ ।
ବନ୍ଧୁ ବରନାଦଏ ନବେ କାର ବସ୍ତୁ ।
ମିତ୍ରଜ୍ଞାତକ ଦେବେ ବନ୍ଧୁନ ଭୂତ । ୨୮୫ ।
ଜନନ ଜଲଦେମୁ ବନ୍ଧୁକ ବସ୍ତୁ ଳେବେ ।
କସ ଦେବ ଯେବ ଦେଶ ଜନ୍ମରେ । ୨୮୬ ।
ସମୁଦ୍ରକୁ ଜୋଡ଼ିଶ ଏହିକ ଭଜବେ ।
ଭୂତକୁ ପାଦ ବନ୍ଧୁ ସମ୍ପତ୍ତି ବନ୍ଧବେ । ୨୮୭ ।
ଜାଳୁ ଭୂଷଣ ଜଳ କୃତ୍ୟପତେ ଧାରବେ ।
ଯେବ ସନ୍ତୋଷକୁ ଜଣ୍ଣୁର ସନ୍ତରେ । ୨୮୮ ।
ପରେ ଏମନ୍ତ ଯେ ତଳବନ୍ଦ ନୃପକୁ ।
ଭଜେବେ ପ୍ରଭୁର ବନ୍ଧୁ-ଦଳଜଳୁ । ୨୮୯ ।
ହେ ମହାବଳବସ୍ତୁ । କୃଷ୍ଣ ଜଣାଇଲୁ ।
ଅସ୍ତ୍ର ବଳ ପୂର୍ବାର୍ଦ୍ଧ ହୋଇବ ଅଜପାଳୁ । ୨୯୦ ।

ସ୍ୱରାଜ୍ୟ ସହିତେ ଅମ୍ଭେ ସେବକ ତୁମ୍ଭର ।
ଏ ଗୃହ କନ୍ୟାଙ୍କୁ ପାଳ ପାଦଦାସୀ କରି । ୨୪୫୧ ।
ଅମ୍ଭେ ତୁମ୍ଭଙ୍କୁ ନମନ୍ତି ଦେବ ଶ୍ରମହର ।
ଏତେଦୂର ଆଣିଲୁ ଦୋଷକୁ କ୍ଷମା କର । ୨୪୫୨ ।
ଏତେ ଶୁଣି ପ୍ରୀତ ହୋଇ ଦଶରଥେଶ୍ୱର ।
ବିନୟେ କହିଲେ ଉପଯୁକ୍ତ ପ୍ରତ୍ୟୁତ୍ତର । ୨୪୫୩ ।
ସେ ସମ୍ଭବଙ୍କ ପ୍ରେମ ସରଳତା ବିନୟ ।
ଅନନ୍ୟଜନସାମାନ୍ୟ ଅଟଇ ନିଶ୍ଚୟ । ୨୪୫୪ ।
ଜନକାନୁମତ ହୋଇ କୋଶଳେଶ ପରେ ।
ପ୍ରବେଶିଲେ ଆପଣା ବସାରେ ଆନନ୍ଦରେ । ୨୪୫୫ ।
ତେବେ ପୂରିଲା ଗଗନେ ଦୁନ୍ଦୁଭିର ଧ୍ୱାନ ।
ମିଥିଳେଶ୍ୱର ନଗରେ ସାମବେଦଗାନ । ୨୪୫୬ ।
ନରଲୋକ ସୁରଲୋକ ଏକା ସମୟରେ ।
ମଜ୍ଜିଲ ଆନନ୍ଦ ସୁଧା ସଲିଳ ରାଶିରେ । ୨୪୫୭ ।
ସଖୀଏ ପାଇ ଗୌତମ-ସୁତର ଆଜ୍ଞାକୁ ।
କନ୍ୟାବରଙ୍କୁ ନେଲେ ବିବାହ-ବେଦିକାକୁ । ୨୪୫୮ ।
ରାମରୂପ ଦର୍ଶନ ଲୋଭେ ସୀତା-ନୟନ ।
ଥରକୁ ଥର ହୁଅଥାଏ ଉନ୍ମୀଳନ । ୨୪୫୯ ।
ପୁଣି ଲଜ୍ଜାବଶେ ହେଉଥାଏ ନିମୀଳିତ ।
ମାତ୍ର ମାନସ କେବେହେଁ ନୁହଇ ଚଳିତ । ୨୪୬୦ ।
ପ୍ରୀତଲଜ୍ଜାବଶତ ଜାନକୀ-ନେତ୍ରଦ୍ୱୟ ।
ରମ୍ୟ ଖଞ୍ଜନ-ଗଣଙ୍କୁ କରଇ ବିଜୟ । ୨୪୬୧ ।
ନୈସର୍ଗିକ ମନୋହର ଶ୍ୟାମଳାୟତନ ।
[illegible] । ୨୪୬୨ ।
ଅଳକ୍ତ-ରଞ୍ଜିତ ରମା ପଦ-କୋକନଦ ।
[illegible] । ୨୪୬୩ ।
ପୂତ ପୀତବାସ ହରେ ବାଳାର୍କ ତେଜକୁ ।
[illegible] । ୨୪୬୪ ।

ବେଣୀ ଶୋଭୁଛି ବେଷ୍ଟିତ ମାଳାରେ ।
ଚନ୍ଦ୍ରଦ୍ୟୁତି ପୀତ ଶୋଭୁଛି ସୁନ୍ଦର । ୧୦୫୬ ।
ରତ୍ନକୁଣ୍ଡଳ କର୍ଣ୍ଣରେ ଶୋଭିତ ।
ପୀତାମ୍ବରବର ବନମାଳରେ ଭୂଷିତ । ୧୦୫୭ ।
ଚନ୍ଦନ ଚର୍ଚ୍ଚିତ ଅଙ୍ଗ ସାର ।
ମନ୍ଦ ହସିତ ମୁଖ ଶୋଭା ଅପାର । ୧୦୫୮ ।
ମୁରଲୀ କର ପଲ୍ଲବେ ଶୋଭନ ।
ମନେ କୁ ମାୟା, ଯୌବନ ଲାବଣ୍ୟ ଧନ । ୧୦୫୯ ।
ଏମନ ରୂପ ମନୋହର ଦେଖିଲି ।
ତୁମ୍ଭେ କେବଳ ପୁରୁଷ ଅଟଇ । ୧୦୬୦ ।
ଏ ସବୁ ପ୍ରକୃତି ଅଟନ୍ତି ସେହି ।
ଏ ଜଗତ ଜନ୍ତୁ ସମସ୍ତେ ନାରୀ । ୧୦୬୧ ।
ପୁଲକାଙ୍ଗ ଦେଖି ଯୌବନ ଜନର ।
କୃଷ୍ଣ ଲୀଳାର ବର୍ଣ୍ଣି ନ ପାରି । ୧୦୬୨ ।
ସତ୍ୟ ସବୁ ଅଟଇ ତେବେ ପୁଣି ଏବେ ।
ପୂର୍ବ କୃଷ୍ଣ ଦେବ ବର ମାଗିବେ ପୁଣିବେ । ୧୦୬୩ ।
ମୂର୍ତ୍ତିମନ୍ତ ଜନାର୍ଦ୍ଦନ ଦେଖିଲେ ।
ମୋତେ କୃଷ୍ଣଙ୍କୁ ଦେଖାଇବାକୁ ନେବେ । ୧୦୬୪ ।
ଶୁଣ ସ୍ୱାମୀ ବାଣୀ ଶୀଘ୍ର ଦେଖାଇବେ ।
ଏବେ ଜନାର୍ଦ୍ଦନ ଦେବ ସତ୍ୟ ଜାଣିବେ । ୧୦୬୫ ।
ଶୀଘ୍ର ରଥ ବେଗ ଯାଇବେ ପୁରୁଷ ।
ସଦେହ ଦେଖି ଦେବ ବସୁଦେବ ଦେବ । ୧୦୬୬ ।
ଏ ଜଗତ ସତ୍ୟ ତାଙ୍କୁ ଦେଖିବେ ।
ମୋ ମନ ପ୍ରେମ ପ୍ରସାଦ କରିବେ ଏମନ୍ତେ । ୧୦୬୭ ।
ଏହି ଭଣି ଶିବେ ଏହା ଆପଣାକୁ ।
କେତେବେ ଦେଖାଇ ଦେବେ ଦେବ ସାକ୍ଷାତ୍ତୁ । ୧୦୬୮ ।
ଏ ଜଗତରେ ଦେଖିଲି ଶୋଭା ପୁଣେ ।
ମନ୍ଦିରୁ କେଶବ ଆସି ପୁଣେ ଜନ୍ମେ ଦେବେ । ୧୦୬୯ ।

ଯୋଗୀଏ ମୁନିଏ ସୁରେ ପୁଷ୍ପବୃଷ୍ଟି କରି ।
ଦୁନ୍ଦୁଭି ବଜାଇ ଗଲେ ନିଜ ନିଜ ପୁରୀ ।୨୪୭୯।
ବରେ କନ୍ୟାଙ୍କ ସହ ଚଳିଲେ ପୀତାବାସ ।
ସେ ବଧୂ ଶୋଭାରେ ଶୁଭେ ପାଇଲା ବିକାଶ ।୨୪୮୦।
ପରେ ସବୁ ବାନ୍ଧବଙ୍କୁ ବିଦେହରମଣ ।
ଭୋଜି ପାଇଁ ପ୍ରମାଦରେ କରି ନିମନ୍ତ୍ରଣ ।୨୪୮୧।
ସମ୍ବନ୍ଧୀ ଜାମାତାଙ୍କୁ ପାଠ ପାହାଡ଼ା କରି ।
ନେଇ ଦିବ୍ୟ ପୀଠଗ୍ରାମେ ବସାଇ ଆଦରି ।୨୪୮୨।
ତାହାଙ୍କର ପାଦପଦ୍ମ ସେ ଗୁଣୀ ପ୍ରେମରେ ।
ପଖାଳି ସୁନିର୍ମଳ ଜଳରେ ନିଜ କରେ ।୨୪୮୩।
ପୁଣି ପଖାଳିଲେ ରାମଚରଣ ବସ୍ତ୍ରରେ ।
ଯାହା ନିହିତ ଶିବ-ହୃଦୟ-କମଳରେ ।୨୪୮୪।
ମଣିଖଚିତ ହେମପାତ୍ରମାନ ପକାଇ ।
ପରେ ସୂପକାରମାନେ ଅତି ବେଗ ହୋଇ ।୨୪୮୫।
ପରଷିଲେ ଅନ୍ନ ଘୃତ ଚଳୁ ଅନନ୍ତର ।
ଦେଲେ ସୂପ ଶାକାଦି ସେମାନେ ତ ତତ୍ପର ।୨୪୮୬।
ବହୁବିଧ ପିଷ୍ଟକ ନାନାବିଧ ବ୍ୟଞ୍ଜନ ।
ଯେତେ ବଢ଼ା ହେଲା ତା କେ କରିବ ଗଣନ ? ୨୪୮୭।
ରସ ଷଟ୍‌କମୟ ଲୁଚି ଏକତ୍ର ଅନେକ ।
ସ୍ୱର ପ୍ରକାର ଆହାର ସୁସ୍ୱାଦୁ ଅଧିକ ।୨୪୮୮।
ତେବେ ନାରୀଏ ଶ୍ରବଣପ୍ରିୟରେ ମଞ୍ଜୁଳେ ।
ପ୍ରତୋଷ ବ୍ୟଙ୍ଗ ନାମରେ ଗାଳି ଗାନ କଲେ ।୨୪୮୯।
ସେ କାଳ ଗାଳି ଶୁଣିବ ମନେ ମୋଦ ଦିଏ ।
ମନ୍ଦ କି ଭଲ ମନ୍ଦ କାଳବଶେ ହୁଏ ।୨୪୯୦।
ପ୍ରମୋଦେ ସର୍ବେ ଭୋଜନ ସମାପନ କଲେ ।
ସନ୍ତୁଷ୍ଟ ହୋଇ ସୁଗନ୍ଧ ଜଳେ ଆଚମିଲେ ।୨୪୯୧।
କନକ-ଡବି ତାମ୍ବୁଳ ପ୍ରଭୃତି ପାଇଲେ ।
ତଦନନ୍ତ ବାନ୍ଧବେ ବସାକୁ ଗମିଲେ ।୨୪୯୨।

ମିଳିଲ ଲକ୍ଷ୍ମୀ ନୃପର ରୂପେ ଶୋଭେ ।
ପ୍ରବଚାରୀଙ୍କି ଲୁଚ ଦଳ ଦଳ ଶୋଭେ । ୧୪୯୩ ।
ବସିଲ ମୁଖରୁ ଲକ୍ଷ ରଶ୍ମି ଯାଇ ସୁଣି ।
କୃପାରେ ଆଦୃତ ଅଯୋଧ୍ୟା ନୃପମଣି । ୧୪୯୪ ।
ଅନନ୍ତରେ ଜାନକୀ ଆସନ ଦେ ।
ବନ୍ଦି ଚରଣ ଚାରୁ ପ୍ରଣାମ କରେ । ୧୪୯୫ ।
ଶୋଭନ ଅତି ରୂପ ମୂରତିର ଭଲ ।
ସେଥାର ଦେବୀଙ୍କୁ ମୁଁ କୋଳରୁ ଘେନ । ୧୪୯୬ ।
ଏ ଶୁଣି ସେ ମୋହରେ ବୋଲନ୍ତି ମୁଖରେ ।
ଭୈରବ ଆନନ୍ଦରାଗ ଅଙ୍ଗରେ ଘୋଷରେ । ୧୪୯୭ ।
ଜନ୍ମରେ ଏଥିପାଇଁ ଦେଖିଲେ ନୃପ ।
ତାହାଙ୍କୁ ପ୍ରଣମି ଦେଲେ କୁଳକୁ ଦେନୁ । ୧୪୯୮ ।
ପ୍ରଭାତ ଧେନୁ ଯେବଣ ବେଦ କ୍ଷୁରଣେ ।
ପୁଣି ଲକ୍ଷ ଧେନୁକୁ ବରଦାନ ଗଣେ । ୧୪୯୯ ।
ଚଉଦ ସେ ପୀଡରେ ଦେଲ ଗୋବିନ୍ଦଙ୍କୁ ।
ଦଶ ବେଳ ଥଳ ବାହନ ପ୍ରଭୁଙ୍କୁ । ୧୫୦୦ ।
ଏବେ ଲୁପ୍ତ ହେଲ ଲଭେ ଜନ୍ମ ଜନ୍ମ ଦଶ ।
ଏମନ୍ତ ସମ୍ପୂର୍ଣ୍ଣ ସେ ଦାନ ସମ୍ପୂର୍ଣ୍ଣ । ୧୫୦୧ ।
ଦଶରଥ ପୁଣି ପୁଣି ଚୌଦିଗେ ଚାହିଁ ।
ପ୍ରଣମି ବୋଲେ ଏଲେ ଦେବ ପ୍ରଭୁଙ୍କୁ । ୧୫୦୨ ।
ଅବେ ମୁଖ । ଲୁପ୍ତ ନୃପ କହନ୍ତୁ ଅଟେ ।
ଏ ଲୋକ ପ୍ରଭାତ ସଙ୍କଟ ଗଣେ । ୧୫୦୩ ।
ପୁଣି ସେ ଜନକ ରାଜ ପ୍ରୋତ୍ସାହ କରେ ।
ସମୁଦ୍ର ହୋଇ ବାଜେ ପ୍ରଭାତ ଲଭେ । ୧୫୦୪ ।
ସେ ନୃପ ପ୍ରଭୁଙ୍କ ଆଗ ଚନ୍ଦ୍ର ଲଭେ ।
ଜନକପ୍ରାଣକୁ ସେହି ଯାଇ ନ ପାରେ । ୧୫୦୫ ।
ଯୋଗରେ ଜନକରେ ଭଣ୍ଡାର ଭରେ ।
ହେଲ ସବୁ ଅନ୍ତେ ସମୁଦ୍ରେ ପ୍ରବେଶେ । ୧୫୦୬ ।

ତେଣୁ କୋଶଳନାଥ ଅଳ୍ପ କେତେକ ଦିନ ।
ରହୁ ବୋଲି ସବୁଙ୍କ ମୁଖୁଁ ଏକ ବଚନ । ୧୫୦୭ ।
ବିଦେହେ ବରଜାତମାନେ ପ୍ରେମପାଶରେ ।
ବନ୍ଧ ହୋଇ ରହନ୍ତେ କେତେକ ଦିନ ପରେ । ୧୫୦୮ ।
ବିଶ୍ୱାମିତ୍ର ଶତାନନ୍ଦ ଦିନେ ଜନକଙ୍କୁ ।
ସାମେ ବୋଧ କଲେ ଦେବା ପାଇଁ ବିଦାୟକୁ । ୧୫୦୯ ।
ସେ ସମ୍ମତ ହୋଇ ସୁମନ୍ତ୍ରୀଙ୍କି କୋଶଳେଶ ।
ପ୍ରୟାଣ ପ୍ରକଟିବାକୁ ଦିହଲ ଅଦେଶ । ୧୫୧୦ ।
ଶୁଣନ୍ତେ ସେ ପ୍ରକଟନ ସବୁର ବଦନ ।
ଦୁଃଖରେ ମ୍ଳାନ ସନ୍ଧ୍ୟାକାଳ କଞ୍ଜ ଯେସନ । ୧୫୧୧ ।
ବରଜାତ ମେଲଣିରୂପେ ନାନା ପିଷ୍ଟକ ।
ଫଳ ଖାଦ୍ୟ ଦ୍ରବ୍ୟ ବହୁସଂଖ୍ୟକ ଘୋଟକ । ୧୫୧୨ ।
ଦିଗ୍‌ଗଜସମାନେକଗଜଦାସୀଦାସାଳି ।
ଗୋମହିଷସମୂହ ଶିବିକାରଥପାଳି । ୧୫୧· ।
ଦିବ୍ୟ ବସ୍ତ୍ର ଭୂଷଣ ବହୁ ରତ୍ନ କାଞ୍ଚନ ।
ଯେତେ ପ୍ରେରନ୍ତି ତାହା କରିବ କେ ବର୍ଣ୍ଣନ ? ୧୫୧୪ ।
ସେମାନଙ୍କ ବିଲୋକି ନିଜ ସମ୍ପଦ ନ୍ୟୂନ ।
ବୋଲି ଲଜ୍ଜେ କଲେ ଲୋକପାଳେ ମୁଖ ମ୍ଳାନ । ୧୫୧୫ ।
ଜନକ ସାଦର ଦେଇ ସର୍ବୋପକରଣ ।
ଦଶରଥ ଅଯୋଧ୍ୟାକୁ କରନ୍ତେ ପ୍ରେରଣ । ୧୫୧୬ ।
ବରଜାତଙ୍କ ଯାତ୍ରା ଉଦ୍ୟ ଜାଣି ସକଳ ।
ଶୋକାକ୍ରାନ୍ତ ନର ନାରୀ ହେବ ଅକୁଳ । ୧୫୧୭ ।
ମାତା ସୀତାଙ୍କୁ କୋଳରେ ଧରି ପ୍ରେମେ ଗଣ୍ଡ ।
ପଖାଳିଲା ହୋଇ ପଥ ଅପୂର୍ଣ୍ଣ ଅଖଣ୍ଡ । ୧୫·୮ ।
ବୋଲି କଲ୍ୟାଣ କର ଶ୍ୱଶ୍ରୂ ଶ୍ୱଶୁର ଗୁରୁ ।
ସେବାସକ୍ତା ହୋଇ ପତିବେଦନବସି ତୁ । ୧୫୧୯ ।
ତାଙ୍କ ଭାବ ଜାଣି ସଦା ଚଳିବୁ ସେ ପଥରେ ।
ବୋଲି ଭସାଇଲେ ଅଶ୍ରୁପୂରିତ ନେତ୍ରରେ । ୧୫୨୦ ।

ସଖୀଏ ଚୁମ୍ବନ୍ତି ତୋଳ କରେ ଯୋଡ଼େ ।
ନାସିକାରୁ ଫୁଲ ତ ବୋଲନ୍ତି ଲେଖୁରେ । ୨୦୨୧ ।
ପରେ ଯେତ ଅମ୍ଭେ ନାହାର୍ଣ ଫୁଲ ।
ଦେଖିବେ ଅପଣାର ଅନୁଭବ ଦର୍ପଣ । ୨୦୨୨ ।
ତେବେ ଗେହ୍ନୁକ-ପାପ ଦୃଷ୍ଟ ଭବ ବରେ ।
ଯେତେ ବେଳେ ବେଦାକୁ ପଢ଼େ ଜନରଞ୍ଜନ । ୨୦୨୩ ।
ତାହା ଅନୁଭବ ଭଲ ସୁରବାର୍ତ୍ତିକ ।
ବୋଲ ହେଉନଥିବ ଲୋଭା-ବଶୀଭୂତ । ୨୦୨୪ ।
ଭଏ ଭଏ ହରେ ବୈକୁଣ୍ଠକୁ ପାଇଁ ।
ଘରେ ହେଉ ଅନୁଭବ ଜାଣ ଦେଖି ଗୁଣୀ । ୨୦୨୫ ।
ତେବେ ଦଣ୍ଡ ହଞ୍ଜିବେ ଯୋଗୀ ମୁଖାସ୍ୱାଦନେ ।
ମୁଣ୍ଡ ହେଲା ଘର ହେଲା ଯୋଗ ଦର୍ଶନେ । ୨୦୨୬ ।
ଅନେକ ବୋଲନ୍ତି ଦେହ ଭାବକୁ ପରବା ।
ପର ଯେଉଁ ଜୀବ ଚିତ୍ତ ବୁଦ୍ଧି ଜ୍ଞାନ ହୋଇବା । ୨୦୨୭ ।
ଏହିପରି ଯୋଗୀଙ୍କ ମାୟା-ବନ୍ଧନ ।
ଭଗବାନଙ୍କ ଦର୍ଶନ ଦେଇ ଅଛ । ୨୦୨୮ ।
ଏ ଦେହ ନାଭିରୁ ହୃଦ ପାର ଯାଇ ।
ଉଠିଲେ ଜନ ନାମରେ ସୁଖରେ । ୨୦୨୯ ।
ଏ ଦୂରକୁ ଦେଖି ଶୁନ୍ୟରେ ଯାଇ ।
ଛାଡ଼ି ଉଦ୍ଧବ ଦେବ ଦୃଷ୍ଟି ଅନନ୍ତ । ୨୦୩୦ ।
ଦେହଲକ୍ଷ୍ମୀ ଶୁଦ୍ଧ ଚରଣ ଛୁଇଁବେ ।
ରୂପ ଭ ନ ଅଟେ ଦୁଃଖ ବାଞ୍ଛିବା ପୂରବେ । ୨୦୩୧ ।
ଦେହରେ ଅନନ୍ତ ମୂଳ ଦେବାକୁ ଯେହ ।
ତେଣିକି ଅନୁଭବ ଶୋଭନ ଭାବ । ୨୦୩୨ ।
ସ୍ୱା ହୋଇଲେ ପ୍ରକାଶ ଦେହ ଅନ୍ତ ।
ମନ ତ ଅଛ ଦେବେ ପାଇ ଶୁଦ୍ଧ । ୨୦୩୩ ।
ଦେଖୁ ଅନୁରୂପ ତୋଷଦେବେ ଏକ ଏକାଗ୍ର ।
ଅନୁଭବ ଦେହକାମ ଶରୀରେ ରହିଅଛ । ୨୦୩୪ ।

ସେମାନେ ଦୁଃଖାକୁଳା ହେଲେ ଶୁଣି ସେ ବାଣୀ ।
କେତେକ୍ଷଣ ପରେ ନିଜ କୁମାରୀଙ୍କି ଆଣି । ୧୫୩୫ ।
ପ୍ରେମଭରେ କୋଳ କରି ଜାମାତାଙ୍କ କରେ ।
ସମର୍ପି କହିଲେ ବହୁବିଧେ ବିନୟରେ । ୧୫୩୬ ।
ବିଶେଷରେ ସୀତା-ମାତା ଉଦ୍ଦେଶି ଶ୍ରୀରାମଙ୍କୁ ।
କୋମଳରେ ବୋଇଲା ପ୍ରକାଶି ବିନୟକୁ । ୧୫୩୭ ।
ତୁମ୍ଭେ ତ ଭବପ୍ରିୟ ଗୁଣଙ୍କ ବଶ୍ଵର ।
ପରିପୂର୍ଣ୍ଣକାମ କୃପାମୟ ଦୋଷହର । ୧୫୩୮ ।
ଏ ମୋ ଦୁହିତା ଅତ୍ୟନ୍ତ ଲାଳିତା ପାଳିତା ।
କୁମାରୀ ସୁକୁମାରୀ ଲୋକଲୋଚନରଞ୍ଜିତା । ୧୫୩୯ ।
ଏ ତ ତୁମ୍ଭ ଗୃହଶ୍ରୀ ଏହା ଦୋଷ ନ ଧରି ।
ଏହାକୁ ସଦା ପରିପାଳ ଭଲେ ଆଦରି । ୧୫୪୦ ।
ଏତେ ଶୁଣି ସୁପ୍ରୀତ ହୋଇ ରଘୁନନ୍ଦନ ।
ଉଚିତ ପ୍ରତ୍ୟୁକ୍ତିରେ ତୋଷିଲେ ଶାଶୁମନ । ୧୫୪୧ ।
ପରେ ଶାଶୁମାନଙ୍କ ଚକ୍ରରେ ଗୃହସ୍ଥଇ ।
ପ୍ରଣାମ କରି ଗମନ୍ତେ ବିଦାୟକୁ ନେଇ । ୧୫୪୨ ।
ତାହାଙ୍କ ବିନୟ ଶୀଳ ସୌନ୍ଦର୍ଯ୍ୟ ବାହୁନି ।
ସନ୍ତୁଷ୍ଟା ହେଲେ ସବୁ ଅନ୍ତଃପୁରବାସିନୀ । ୧୫୪୩ ।
ରାଣୀଏ କୁମାରୀଙ୍କି ପ୍ରେମେ କୋଳେ ଧରନ୍ତି ।
ଏମିତ କୋଳେ କେତେକ୍ଷଣ ପରେ ଅର୍ପନ୍ତି । ୧୫୦୪ ।
ପୁଣି କୋଳ କରନ୍ତି ପୁଣି ଚାହିଁ ରୁଅନ୍ତି ।
ଚକ୍ଷୁପୂତାଧେନୁ ପଦ ଅସ୍ଥିର ହୁଅନ୍ତି । ୧୫୪୫ ।
ରାଣୀଏ ମାତ୍ର ବାହୁଡ଼ି ସବେ ଶୋକାତୁର ।
ସମସ୍ତ ବିଦେହ ହେଲେ କିବା ଦୁଃଖାତୁର । ୧୫୪୬ ।
ହେମପିଞ୍ଜରସ୍ଥିତ ଶାରୀଏ ଅକୁଳେ ।
ଅହା ସୀତା, ଅହା ସୀତା, ବୋଲି ରଡ଼ କଲେ । ୧୫୪୭ ।
ଗୋଠରେ ପଶୁପକ୍ଷୀ ସୀତା ବିଚ୍ଛେଦେ ଦୁଃଖୀ ।
କେତେ ଜନଙ୍କ ଖେଦ ହୋଇବାବେ କି କହି । ୧୫୪୮ ।

ତେବେ ଅନୁଭବ ଅଧୁ ପୂର୍ଣ୍ଣ ହେଲେ ।
ଭକତ ପ୍ରବେଶିଲେ ବୈଦେହୀଙ୍କ ସମୀପରେ । ୧୫୪୯ ।
ପୂଜା ଦର୍ଶନ ଉଦେ ଭାବ ଲୋକଯନ୍ତ୍ର—
ସୁଦୃଢ଼ ଲେଲୁ ଯେଉଁ ଗୋଲକ ରତ୍ନ । ୧୫୫୦ ।
ଏକ ପର୍ଯ୍ୟନ୍ତରୁ ଲକ୍ଷ୍ମୀ ସେ ପୂଜାରୁ ଭୋଗ ।
ସର୍ବ ଦେବାଦିରୁ ସର୍ବ ଯେତେ ଦେବ ଲୋକ । ୧୫୫୧ ।
ପରେ ସନ୍ଧି ଦ୍ୱାରରେ ପ୍ରବେଶିଲା ହୋଇ ।
ସନ୍ତୋଷର ଦେବୀ ଦେଖୁଥିବା ଅଟଇ । ୧୫୫୨ ।
ଦ୍ୱିତୀୟ ନିର୍ଭର ରଖି ପାଣ୍ଡବିରେ ।
ଦର୍ଶନେ ସର୍ବେ ପୂଜ ପୂଜକରୁରେ । ୧୫୫୩ ।
ସେ ଭାବରେ ସକଳ ଦେବାର ପ୍ରକୃତ ।
ଗୋଲକ ତୃତୀୟ ଏକ ଦୃଷ୍ଟିକାଳ । ୧୫୫୪ ।
ଶ୍ରୀବଦ୍ଧ ବେଦନ ହେବାରେ ପ୍ରତି ଦିନେ ।
ସମସ୍ତ ଦେବାନନ୍ଦରେ ଯଜ୍ଞ ପୂଜନ । ୧୫୫୫ ।
ଦ୍ୱିତୀୟର ସେଇ ପ୍ରତି ଦର୍ଶନରେ ।
ଦଶ ଦୋଷ ଦେଖ ସେଇ ଦେବେ ଅର୍ପଣରେ । ୧୫୫୬ ।
ଭକତ ସଖୀ ଦଣ୍ଡାଲେ ଅନୁରାଗ ।
ସେ ଭୂମିଙ୍କ ସେଇ ଦେବଅର୍ପଣ । ୧୫୫୭ ।
ପରେ ଦେବଙ୍କ ଦେବୀଙ୍କୁ ସଂପୂର୍ଣ୍ଣ ।
ନାନାଦିନେ ଭୃଙ୍ଗାରଙ୍କୁ ଭୁଞ୍ଜ ଦେଇ । ୧୫୫୮ ।
ଭକ୍ତ ପଦ୍ମରେ ଏହି ଅନେକ ପର ।
ଅନେକ ଦେବଙ୍କ ଦେଲୁ ସମାନ । ୧୫୫୯ ।
ତାହା ପରେ ଦେବେ ନାନାବିଧ ଭାବେ ।
ଶ୍ରୀବଦ୍ଧନନ ଜଣେ ଦେବେ ଭକତ । ୧୫୬୦ ।
ତେବେ ଦୃଢ଼ ଦେବ ପୂର୍ଣ୍ଣ ଦେବେ ।
ଅନୁରାଗେ ଭକତ ଭାବ ଦେଇ ନବେ । ୧୫୬୧ ।
ସେ ଦୃଢ଼ ଦେବେ ଦେବ ଭକ୍ତ ଦେଖାଇ ।
ନାନା ଦେବେ ଭୁଞ୍ଜ ଦେବ ଦେଖେ ଦେବ । ୧୫୬୨ ।

ସେମାନେ ଫେରିଲେ ନୃପ-କୀର୍ତ୍ତି ଗାଇ ଗାଇ ।
ଶ୍ରୀରାମ-ମନୋହର-ରୂପକୁ ଧ୍ୟାଇ ଧ୍ୟାଇ । ୨୫୨୩ ।
ପରେ ପ୍ରମୋଦଚିତ୍ତେ ଦଶରଥ ଚଳିଲେ ।
ସାନୁଚର ଜନକ ତାଙ୍କୁ ଅନୁସରିଲେ । ୨୫୨୪ ।
ଫେର ବୋଲି ବାରମ୍ବାର କୋଶଳନାୟକ ।
କହିଲେହେଁ ନ ଫେରେ ସ୍ନେହାସକ୍ତ ଜନକ । ୨୫୨୫ ।
ତେବେ ବାହନରୁ ଦଶରଥ ଓହ୍ଲାଇଲେ ।
ସମ୍ବନ୍ଧୀଙ୍କ କ୍ଷୁଣ୍ଣେ ଫେର ଏଥୁ ବୋଇଲେ । ୨୫୨୬ ।
ତେଣୁ ସେ ବାଧ୍ୟ ହୋଇ ଦଶରଥଙ୍କୁ ନମି ।
ବଶିଷ୍ଠାଦି ମୁନିଙ୍କି ଭକ୍ତିସହ ପ୍ରଣମି । ୨୫୨୭ ।
ତାଙ୍କରେ ଅଦୃଷ୍ଟ ହୋଇ ଜାମାତାଙ୍କ ଭତ ।
ଯାଇ ରହଣିକର ତାହାଙ୍କ ଅନୁମତ । ୨୫୨୮ ।
ରାମଚନ୍ଦ୍ରଙ୍କୁ ଉଦ୍ଦେଶି ବୋଇଲେ ଏମନ୍ତ ।
ହେ ରାମ ! ତୁ ପରଂବ୍ରହ୍ମ ଅଚ୍ୟୁତ ଅନନ୍ତ । ୨୫୨୯ ।
ମୁନି-ଶିବ-ମାନସ-ମାନସ-ହଂସ ତୁହି ।
ତୋତେ କି ସ୍ତୁତି କରିବି ଅଜ୍ଞାନୀ ତ ମୁହିଁ । ୨୫୩୦ ।
ତୁ ମନୋବାକ୍ୟଗମ୍ୟ ତର୍କରୁ ମଧ୍ୟ ଦୂର ।
ନେତି ବୋଲି ମାତ୍ର ବେଦ କହେ ତୋ ଆକାର । ୨୫୩୧ ।
ସଚ୍ଚିଦାନନ୍ଦ ନିର୍ଗୁଣ ବ୍ରହ୍ମ ଗୁଣାକର ।
ତୋତେ ଚିନ୍ତେ ଭାବାଦିବର୍ଜିତ ଯୋଗିବର । ୨୫୩୨ ।
ତୁ ସର୍ବବ୍ୟାପକ ସର୍ବସୁଖମୂଳ ମୋର ।
ନୟନ-ଗୋଚର ହେଲୁ ହେ ଜଗଦାଧର ! ୨୫୩୩ ।
ଏଣୁ ଅନୁକୂଳ ହେଲେ ଗ୍ରହ ତ ଈଶ୍ୱର ।
ଅତି ଜନ ଭବ ମୋତେ ଭଲ ଗୁରୁତର । ୨୫୩୪ ।
ତୋ ଗୁଣ ମୋ ଗାଇବା କଷ୍ଟେ ବାଣୀ ଅନନ୍ତ ।
କୋହିଏ କନ୍ତୁ କହିବେ ହେଲେ କି ଅନ୍ତ ? ୨୫୩୫ ।
ତୋରେ ଅନ୍ତ ହେବେ ପ୍ରୀତ କରିବା ଜନର ।
କଣ ବୁଦ୍ଧି ଅଛୁ ବୋଲି କହୁଛି ମୋହର । ୨୫୩୬ ।

ଦେଣୁ ବାନ୍ଧବ ଜନ ଯେତେ ସବେ ଜୀବ ।
ହେଲେ ଘର ଜେ ଧନ ନ ହୁଏ ତୋ ଜୀବ । ୨୫୭୭ ।
ଏମନ୍ତ ଜ୍ଞାନପୂର୍ଣ୍ଣ ହେଲୁ ବଣି ଭ୍ରମି ।
ଅଳ୍ପ ଭୂମି ହୋଇ ପୂର୍ଣ୍ଣ ଆନନ୍ଦ ସ୍ୱରୂପ । ୨୫୭୮ ।
ଭୂତ ଚିନ୍ତ ଦେଖୁ ସ୍ୱାମିଙ୍କ ସମାନ ।
ସର୍ବରୂପ ଏକମେ ଭଜ ଅଭ ଅଜ୍ଞାନ । ୨୫୭୯ ।
ଚତୁର୍ବେ ଦଶରାଦ ଭବାନାଙ୍କ ପ୍ରଭେଦ—
ସବେ ଭୁଞ୍ଜୁ ଭଜେ ତତ୍ତ୍ୱ ଅପବାଦ । ୨୫୮୦ ।
ତାହାଙ୍କୁ ଗୁରୁ ଜେ ସ୍ୱାମିଙ୍କୁ ଦେଇ ।
ଜମି ଗୁଣେ ନେତେ ହୋଇ ତା ଦେଉ ଯାଇ । ୨୫୮୧ ।
ତୋହର ଦେହ ମୃନ୍ମୟ । ଦର୍ଶନ ଭୂମିର ।
ସମସ୍ତ ଭାବର ଦେହ ସ୍ୱୀୟ ମୋହର । ୨୫୮୨ ।
ଦେହେ ମୁଖ ଯଶ ଦାଣ୍ଡି କ ଯନ୍ତ୍ର ଉଡ଼ାଇଲେ ।
ଭୂମି ଦେଖିଲେ ଜେ ସବୁ ଅନ୍ତ୍ର ଦେଖେ । ୨୫୮୩ ।
ଏବେ ଦେହ ସୁଖ ସୁଖ ପ୍ରଣାମି ଗୌରବ ।
ଅପବାଦ ସବୁ ଜେ ଭବ ଭବ ସ୍ୱଭାବ । ୨୫୮୪ ।
ତୋହର ଅବଲମ୍ବ ସବେ ଲକ୍ଷଣ—
ଭଜାଇ ସମାଜରେ ଭବନ୍ତେ ପ୍ରମାଣ । ୨୫୮୫ ।
ବାହର ଛାଇବାରିରେ ଲମ୍ଫୁଫୁଲ ।
ତେଇ ଦେହ ତେବ ଲଭ ଲଭ ନେଇଲୁ । ୨୫୮୬ ।
ଠାବେ ଠାବେ ସତ୍ତ୍ୱ ଗୁଣେ ବସା ଦେ ।
ତୋଷଣ ଦେଖିଲା ଦେହ ନେ ତୋଷ କରେ । ୨୫୮୭ ।
ଏତୁଁ ମନ ହୃଦରେ ଅପେକ୍ଷା ଲଭେ ।
ଦେହ ଘଟଲମ୍ବନ ପଞ୍ଚ ରେ ପ୍ରଭେଦେ । ୨୫୮୮ ।
ତେଣୁ ତାନ-ଦାନ୍ତି ଧୃଷ୍ଟି ଅଣ ସାଧନେ ।
ମୃତ୍ତିକ ଦେହେ ଅସ୍ଥାନରେ ସନେ । ୨୫୮୯ ।
ସାଧୁ ଜନ ଦେଖେ ସବୁ ଧର୍ମ ତାହା ।
ଅଜ୍ଞାନ ଭଜନ ଦେହ ଲୋଭ ପଦାରେ । ୨୫୯୦ ।

ହାଟ ବାଟ ନଗ୍ରେ ପୁରଦ୍ୱାର ମଣ୍ଡିଲେ ।
ବିବିଧ ବିତାନ ଧ୍ୱଜ ତୋରଣ ବାନ୍ଧିଲେ । ୨୫୯୧ ।

ସଫଳ ରମ୍ଭାପୂଗଚୂତାଦ୍ୟ ବୃକ୍ଷ ଭଲେ ।
ରତ୍ନାଳବାଳିକାଳେ ସ୍ଥାନେ ସ୍ଥାନେ ରୋପିଲେ । ୨୫୯୨ ।

ସ୍ଥାପିଲେ ଧନ୍ୟ ପୂର୍ଣ୍ଣକୁମ୍ଭ ପ୍ରତି ଦ୍ୱାରରେ ।
ଅଯୋଧ୍ୟା ପୁରୀ ଶୋଭା ଦେବଙ୍କ ମନ ହରେ । ୨୫୯୩ ।

ନହରର ମଣ୍ଡନ କେ କରିବ ବର୍ଣ୍ଣନ ?
ତା ମଦନମୋହନ ମନୋନେତ୍ରବନ୍ଧନ । ୨୫୯୪ ।

ଶ୍ରୀ ସୀତା-ରାମ-ଦର୍ଶନ ଲାଳସରେ ରୁଦ୍ଧି ।
ସଙ୍ଗତି ଶୁଭ ଶକୁନ ମନୋଜ୍ଞତା ସିଦ୍ଧି । ୨୫୯୫ ।

ମୂର୍ତ୍ତିମାନ ହୋଇ ତହିଁ ଥିବା ପ୍ରକାରରେ ।
ପ୍ରତୀୟମାନ ହୁଏ ଦର୍ଶକ-ମାନସରେ । ୨୫୯୬ ।

ଶୋଭିକର ରତିଦେବୀ ସୁବାସିନୀମାନେ ।
ଅର୍ଘ୍ୟ-ସ୍ଥାଳୀ ପୂର୍ଣ୍ଣକୁମ୍ଭ ଧରି ଏକତାନେ । ୨୫୯୭ ।

ଅନେକ ରୂପଧାରିଣୀ ସରସ୍ୱତୀ ପରି ।
ମଙ୍ଗଳ ଗାନ କରନ୍ତି ଶବ୍ଦାଦି ମଧୁରୀ । ୨୫୯୮ ।

ନହରର କୋଳାହଳ ଅଟେ ଅସଦୃଶ ।
କୌଶଲ୍ୟାଦ୍ୟ ରାଣୀଗଣ ପ୍ରେମରେ ବିବଶ । ୨୫୯୯ ।

ଚତୁର୍ବର୍ଗ ପାଇବା ନିତ୍ୟ ଦରିଦ୍ର ପରି ।
ବଣିଏ ଟେକେ, ଅତି ମୋଦାନୁଭବ କରି । ୨୬୦୦ ।

ଗଣେଶ ମହେଶଙ୍କୁ ପୂଜି ବିପ୍ରଗଣଙ୍କୁ ।
ଅତି ତୃପ୍ତ କଲେ ଦେଇ ଦାନନିଚୟଙ୍କୁ । ୨୬୦୧ ।

ସେମାନେ ପ୍ରେମରେ ନିତ୍ୟେ ମଙ୍ଗଳାରୋପଣ—
ପ୍ରଧାନ ଉଦ୍‌ବାସମନ୍ତ୍ର କଲେ ପଠନ । ୨୬୦୨ ।

ତାହାଙ୍କ କରେ ହେମାର୍ଘ୍ୟସ୍ଥାଳୀଫଳ ସାଜେ ।
ନାନାବିଧେ ମଙ୍ଗଳବାଦ୍ୟ ମଧୁର ବାଜେ । ୨୬୦୩ ।

ତହୁଁ ସୁପୀତ କନକ ପୂର୍ଣ୍ଣ-କୁମ୍ଭଗଣ ।
ମାଳବ ପଟିଜ ପର ପଙ୍କ୍ତିପୂରଣ । ୨୬୦୪ ।

ଅନ୍ନରୁ ଧୂପ ଦୀପ ସ୍ତବଣ ଜଳଦାନ ।
ପୂର୍ବରୁ ପତିତ ପୁଣ ଅଟେ କଳ୍ପତାନ । ୧୨୦୫ ।
ବହୁଳେକ ପୂଜ୍ୟଲୋକଙ୍କ ଜଗୂପ ।
ପଟଳ ବ୍ରହ୍ମପଣ ସଭେ ଦୃଷ୍ଟି ଅପାପ । ୧୨୦୬ ।
ଯୌବନପର୍ବରେ ଲୀଳାପଦର ଧରଣ ।
ଘଟେକ ବୃତ୍ତେ ଗର୍ଭ ବେଦାବଳୀ । ୧୨୦୭ ।
ପୁବଳନ ଏହା ମୁକ୍ତର ଯେ ଜାଣିବେ ।
ଦର୍ଶନୁଂ ଦେବଙ୍କ ସର୍ବେ ପ୍ରବେଶିବେ ପୁରେ । ୧୨୦୮ ।
ଦଶରଥ ସୁତ ରୌଦ୍ର-ସହେ-ସଂଶୟ ।
ସପଦବାର ଘନଲ୍ଲ ଅଂଶ ସନ୍ତୋଷ । ୧୨୦୯ ।
ଶରଣ ଲକ୍ଷ୍ମଣ ପ୍ରଭାଣ ପଡ଼ିବେ ।
ଦଶ-ମାତ୍ୟେ ସର୍ବ ଅଗ୍ରତେ ଗାଇବେ । ୧୨୧୦ ।
ମୁକ୍ତେ ମୁନ୍ତ ବଳଶି ଦୁନ୍ଦୁଭ ବଜାଇବେ ।
ଅପ୍ସରୀ ଗାନ ଦେବ ପୁଷ୍ପରେ ବର୍ଷିବେ । ୧୨୧୧ ।
ଦେବପତେ ଚତୁରାଗେ ରଚନ ପୁରର ।
ମୁନିଗଣର ସ୍ତୁତେ ଶେଷ କୁଶଳ । ୧୨୧୨ ।
ପୁରନରେ ଦୃପ୍ତରୁ ସ୍ତୁତି ସଂସାରୁ ।
ଦେଖି ଅନନ୍ତ ଲକ୍ଷ ମୁନିଗଣ ପାଶରୁ । ୧୨୧୩ ।
ସଂଗ୍ରଣ ଲୁବର୍ଣ ଲକ୍ଷ୍ମଣ ଦେବ ।
ସମ୍ପ୍ରୀତ ଭୁବନ ଅଳକ ଦେଖିବେ । ୧୨୧୪ ।
ପୁଣି ଶିବଙ୍କର ଦେବ ସେବ ସଦେ ।
ଭୁବନ ଭୂପ ମୂର୍ତ୍ତି ପୂଜିବେ ଆନନ୍ଦେ । ୧୨୧୫ ।
ଏତେ ମୁନି ପ୍ରଭୁଙ୍କୁ ନବ ବନ୍ଧୁ କରେ ।
ତେବେ ଦେବ ପ୍ରଦକ୍ଷିଣେ ନବର ଚାହିବେ । ୧୨୧୬ ।
ବ୍ରହ୍ମୀଣ ଚନ୍ଦ୍ରେଶ ଅଛି ଅଳ ଲୋଚ ପଦ ।
ଅଳକ ଦେବ ଦୃଷ୍ଟେ ଦେବ କଲ୍ପୂର । ୧୨୧୭ ।
କୃତ୍ଵର ଏହ ପୁନର୍ ଦେଖି ପ୍ରମୁଦେ ।
ଶ୍ରୀମନ୍ନାମରୁ ପ ମୂର୍ତ୍ତି ଅପାରନନ୍ଦେ । ୧୨୧୮ ।

ବୋଇଲେ ଏ ମୁରଲର ଉପମାନ ବାଣୀ ।
ଖୋଜି ଖୋଜି ନ ପାଇ ହୋଇବ ତ ବାଗ୍ୱାଣୀ । ୧୨୧୯ ।
ବେଦବିଧିପ୍ରକାରେ କୁଳାଗ୍ରବସିତରେ ।
ଅର୍ଘ୍ୟପାଦ୍ୟାଦି ବିଧାନ ସମାପନ ପରେ । ୧୨୨୦ ।
ପାଠ ପାହାଡ଼ା ଉପରେ ବଧୂବରେ ଯାଇ ।
ପ୍ରବେଶିଲେ ନିକେତନେ ଆନନ୍ଦିତ ହୋଇ । ୧୨୨୧ ।
ଯେଠାରେ ସିଂହାସନ ସ୍ନେହେ ସୁସଜ୍ଜିତ ।
ଯେମନ୍ତ ସତେ କି ମୀନକେତନ-ନିର୍ମିତ । ୧୨୨୨ ।
ସେ ପୀଠାଳରେ ବଧୂବରଙ୍କୁ ବସାଇଲେ ।
ମେଳେ ମଙ୍ଗଳାରୋପଣବିଧାନକୁ କଲେ । ୧୨୨୩ ।
ରାଣୀଏ ବହୁଭୂଷଣ ବସ୍ତ୍ର ନିଅଇଲ ।
ଆନନ୍ଦେ ହେଲେ ବଧୂମୂର୍ତ୍ତିଙ୍କୁ ବନାଇ । ୧୨୨୪ ।
ଧନ୍ୟଧାନ ପରମ୍ପ ବେଦକ ଯେ ଶିବର ।
ବୈକୁଣ୍ଠକୁ ଜନ୍ମାଇ ଦୃଷ୍ଟିକି ମୂଳ ନର । ୧୨୨୫ ।
ବାଣୀକି ଶୂଳ କମ୍ବୁ ପତ୍ରେ ତୋଷ ଯେତେ ।
ଭିନ୍ନ ଉତ୍ତମଣି ତୋଷ ଶ୍ରୀଣୀକ ତେବେ । ୧୨୨୬ ।
ଏଥ ନଦବଶେ ସୁଖୀମନ୍ଦ ଦର୍ପିତ ।
ବଧୂବରମାନେ ନିଦ୍ରାକରେ ସନ୍ତୁଷ୍ଟେ । ୧୨୨୭ ।
ସ୍ୱଶର ନବୈଶ ଯେ ଦର୍ପିଣ୍ଡି ସଙ୍ଗକୁ ।
ମଦନ.ସେ ସ୍ନେହ ସ୍ତମୂଳ-ସରୋଜକୁ । ୧୨୨୮ ।
ଲଜ ବାଧି ପୂର୍ଣ୍ଣ ବେଲ ଦେବୀଙ୍କୁ ନର୍ତ୍ତିକ ।
ପଡ଼ ପ୍ରଭୁ ଶ୍ରୀଣୀମାନେ ନିଜ ପୁରକବ । ୧୨୨୯ ।
ଏକ ମଙ୍ଗଳ ଦେଖି ବୋଲ୍ କର ମଣିବେ ।
ରଥାଗ୍ର ବୋଲ୍ ଦେବେ ରାଜନ୍ୟ ଛାଡ଼ିବେ । ୧୨୩୦ ।
ଯେ ବାଣୀ ସ୍ନେହ ଯୋଗେ ସନ୍ତୁଷ୍ଟ ହୋଇବେ ।
ବାଲୁକାଟର ମୂଳକୁ ପାଦାଲିଙ୍ଗନ କରେ । ୧୨୩୧ ।
ପଦ୍ମକଳଙ୍କୁ ତରଣୀ ବହୁଭୂଷଣ ।
ଦଶନ ପାନଗଣ କନ୍ୟା ଦକ୍ଷଣା । ୧୨୩୨ ।

ଯେଉଁଠାରେ ସତ୍ତ୍ୱ ହୋଇ ସ୍ୱରୂପ ଯାଇ ।
ଗୁହ୍ୟଙ୍କ ତାର ବନ୍ଧରେ ସୁଖୀ ହୋଇ । ୨୨୪୩ ।
ପୁରବାସୀ ସର୍ବେ ନୃପଙ୍କ ନଗରେ ।
ଚିତ୍ତ ଶୁଦ୍ଧରେ ସମ୍ଭବ କରେ ଦେବେ ହେଉ । ୨୨୪୪ ।
ଏଣେ ସେ ମନ୍ତ୍ରୀଙ୍କ ଶ୍ରେଣୀ ଆ ପଦରେ ।
ସବେ କୃଷ୍ଣ ହୋଇ କର କର ଧ୍ୟାନ କରେ । ୨୨୪୫ ।
ତେବେ ଦେବଙ୍କ କୃଷ୍ଣ ତପ ସଦ୍ଭାବେ ।
ସତ୍ତ୍ୱ ଦେହ ପ୍ରବେଶି ଆପଣା ପଦରେ । ୨୨୪୬ ।
ଏହି ଧର୍ମ ସେ କୃଷ୍ଣ-ଚରଣାଶ୍ରୟରେ ।
ବେଦବ୍ୟାସଙ୍କ ହୃଦୟେ ସ୍ନେହାନୁରାଗରେ । ୨୨୪୭ ।
ଶ୍ରୀଦାମ ସଖାଙ୍କୁ ଦେଖି ଆନନ୍ଦରେ ।
ପଦ ପଙ୍କଜ ପୂଜା କରେ ବନ୍ଦନରେ । ୨୨୪୮ ।
ଶ୍ରୀକୃଷ୍ଣ ଦେବ କୃଷ୍ଣ ଶ୍ରେଷ୍ଠ ଦେବତା ।
ନାନାଦେଶେ ପ୍ରଭୁ କରେ ଭକ୍ତ ମନୋରଥ । ୨୨୪୯ ।
ସେହି କୃଷ୍ଣଙ୍କରେ ଆଶ୍ରୟ ଦେବ କରେ ।
ବୈଷ୍ଣବଙ୍କୁ ଶ୍ରୀଦାମ ପୂଜା ପୂଜା କରେ । ୨୨୫୦ ।
ପଦ୍ମ ଆ ପଦରେ ଶିରେ ଦେଇ କରରେ ।
ପୁଣ ସେ ତାଙ୍କୁ ଦୟା ଦେଇ ଅନୁରାଗରେ । ୨୨୫୧ ।
ତାଙ୍କୁ ସେବେ ପରମ ସୁଖ ସୁନ୍ଦର ଯଶ ।
ସନ୍ତୋଷ ପ୍ରଭୁ କୃଷ୍ଣ ଦାସଙ୍କର । ୨୨୫୨ ।
ଅନେକ ଦେବ ପ୍ରଣମି ସ୍ତୁତି କଲେ ।
ସର୍ବେ ଭକ୍ତ ପୁଷ୍ପମାଳ ସୁନ୍ଦରେ । ୨୨୫୩ ।
ନେଇ, ଏହେ ଦେଇ ଶିରେ ବନ୍ଦନ ଯଶ ।
ଆନନ୍ଦେ ଭକ୍ତ ଗ୍ରନ୍ଥରେ ପ୍ରବେଶ ପଦ । ୨୨୫୪ ।
ସତ୍ୟ ନାମଙ୍କ ଗୁଣ କର୍ମ ରୂପ ତାଙ୍କ ।
ଦୋଷିବେ ଦେବ ଜନ କୃଷ୍ଣ ସେବକ । ୨୨୫୫ ।
ଅଷ୍ଟ-ସିଦ୍ଧ-ସାମ୍ରାଜ୍ୟ-ଭୁକ୍ତି ସମ୍ପଦ ।
ହୋଇ ପ୍ରଭୁଙ୍କ ସେ ପଦ ସେବା କରିବ । ୨୨୫୬ ।

ଦେବେ ବିବାହୋତ୍ସବ ଦେଖିବ ହୃଷ୍ଟ ହୋଇ ।
କୁସୁମାଳି ବୃଷ୍ଟିକରି ଦୁନ୍ଦୁଭି ବଜାଇ । ୨୬୪୭ ।
ସୀତାରାମଗୁଣଗଣ ପ୍ରେମେ ଗାଇ ଗାଇ ।
ସ୍ୱର୍ଗଧାମେ ପ୍ରବେଶିଲେ ଆକାଶରୁ ଯାଇ । ୨୬୪୮ ।
ସବୁ କାର୍ଯ୍ୟ ପୂର୍ଣ୍ଣ କରି ସୁଚାରୁରୂପରେ ।
ଦଶରଥ ପ୍ରମୋଦ ପ୍ରବେଶି ଅନ୍ତଃପୁରେ । ୨୬୪୯ ।
ପତ୍ନୀଙ୍କ ମେଳେ ବସି ବଧୂଙ୍କୁ କୋଳେ ଧରି ।
ବାତ୍ସଲ୍ୟ ପ୍ରକାଶି ବହୁବିଧେ ଗେଲ କରି । ୨୬୫୦ ।
ବିବାହର ବିବରଣ ପୁଣି ଜଣକରି ।
ସମସ୍ତ ଗୁଣସ୍ୱଜନ ପ୍ରେମକାର୍ଯ୍ୟପ୍ରକର । ୨୬୫୧ ।
ବର୍ଣ୍ଣନ୍ତେ ରାଣୀମାନେ ଏକ ଧ୍ୟାନରେ ଶୁଣି ।
ମହାନନ୍ଦକୁ ଲଭିଲେ ମନେ ଗୁଣି ଗୁଣି । ୨୬୫୨ ।
ପରେ ପୁତ୍ର ସ୍ନାତ ସହ ନୃପତି ଭୁଞ୍ଜିଲେ ।
ତେବେ ପାଞ୍ଚବାଦ୍ୟ ଶଙ୍ଖଧ୍ୱନି ହୋଇଲା । ୨୬୫୩ ।
ମଙ୍ଗଳଗୀତମାନେ ଶବ୍ଦ ଚୌଦିଗରେ ।
ତୃପ୍ତ ହୋଇ ସମସ୍ତେ ଚଳି ଗଲେ ଘରେ । ୨୬୫୪ ।
ଯେ ସମ୍ପଦେ ଏମନ୍ତ ମନୋହରକୁ ସ୍ମରି ।
ଯେ ଆନନ୍ଦ ପ୍ରମୋଦ ସ୍ୱରୂପକ ପ୍ରାପ୍ତି । ୨୬୫୫ ।
ରତ ବାଣୀ ରଚି ମେଘ ମଙ୍ଗଳ ଗଣେଶେ ।
ଏକୁ ରାମ ଚରଣ ପାଦରେ ନାହିଁ ଲେଖେ । ୨୬୫୬ ।
ଶ୍ରୀନନ୍ଦନେ କି ମୁହିଁ ବର୍ଣ୍ଣ ପାରେ କି ?
ତୁମିଲୁଣ ସର୍ଷ ବହୁ ପରେ କି ତୁମିତ । ୨୬୫୭ ।
ତେବେ ରାଣୀଙ୍କ ଏମନ୍ତେ ହୋଇଲା ସୁଖର ।
ବଧୂଙ୍କ ସ୍ନେହ ତାଙ୍କ କରନ୍ତି ନାହିଁ ପୂର । ୨୬୫୮ ।
ଅତିଶୟ ତାହାଙ୍କ ଜନନ୍ତି ତାତ ଅଟେ ।
ମଧୁସୂଦନ ଯଥା ବହୁ ଅଙ୍କ ପଦ ନାମ । ୨୬୫୯ ।
ଏବେ ତାଙ୍କ ସ୍ନେହେ ସେମାନେ ଚକୋରୁମା ।
ଏକେ ବହୁ ରୂପ ଲଭି ମନକୁ ଭଣ । ୨୬୬୦ ।

ଦିଁ ଏ ସ୍ୱେଦମଧେ ପଦ୍ମକନ୍ଦ ।
ବକୁଳରେ କନକ-ପଦ୍ମାକ-ସମ୍ପୁଟ । ୨୨୬୧ ।
କିଂଶୁକପୁଷ୍ପ ମୃଦୁ ଯେମା କେତକ ।
ଶୀଘ୍ର ଯୋଗ ସମ ସ୍ରୁତ୍ କରନାକ୍ଷାଦକ । ୨୨୬୨ ।
କେଶ ମୂର୍ଚ୍ଛା ଯେବେ ମୂର୍ଚ୍ଛାଗର୍ ଯାଜେ ।
ମହାନ୍ଦ୍ରା ମଣିଘଟ ପ୍ରକାଶ କରନ୍ତେ । ୨୨୬୩ ।
ସେବୁ ଲେଖ ଦେଖିବାକୁ ମନ ହୁଏ ସତ ।
କହିବାକୁ ବଚନ ମୁଖଁ କୁହେ କର୍ଣ୍ଣ । ୨୨୬୪ ।
ହସ୍ତୁ କେବ ମମାଏ ପ୍ରଯତ୍ନେ ଯୋଷାବେ ।
ଲଭଏ ଯେସନେ ମନ ସଖେ ଦେଖଣେ । ୨୨୬୫ ।
ମମାଏ ହସ୍ତୁ ଯେବେ ପୁଚ୍ଛିବେ କେତ୍ର ।
ଯୋଇବଃଶା ଦାହିକାରୁ ଶ୍ରେଦସ କେତ୍ର । ୨୨୬୬ ।
ମସ୍ତକ ମୁହାନ୍ତୁ ଦୂର୍ବେ ଅହଂବୃଦ୍ଧି ।
ଚେତନଯୋଗ ଦାନ ଅନ ଦୁର୍ବୁଦ୍ଧି । ୨୨୬୭ ।
ଅନ୍ତୁଜ ଏହୁଚେ ଯେ ଦୁଃଖ ଭୁଞ୍ଜନ୍ତ ।
ଦେବ ଗଲେ ତାହା ଚରୁସ ଅନୁଭ । ୨୨୬୮ ।
କଣ୍ଠାସିଦ ମୁକ୍ତକେ ତୁଟନ୍ତୁ ସବେ ।
ବଂଶେନ୍ତ୍ର ଏବୁ ଲୁପ୍ତ ଦୂର ଲଭବ । ୨୨୬୯ ।
ଲୁପ୍ତ ଦୁର୍ବି ଅବୃଦ୍ଧି ସଜନ୍ତୁ ଲିଖ ।
ଗନ୍ଧକେ କେ ପୂର୍ଣ୍ଣା ଦସ ଦେଦକ । ୨୨୭୦ ।
ତୋ ପଦକରେ ମୁଖପଦ୍ମ ଦାନକ ।
ଗନ୍ଧପୁଷ୍ପ ବିଦେଶ ଲୁଟିନ । ୨୨୭୧ ।
ଅସଙ୍କ ନି ଦାନ୍ତ୍ୟାଏହୁଚେ ଯିନ୍ତାକେ ।
ଶ୍ରୀକୃଷ୍ଣ କେ କେ କୋହ ଲଭବ । ୨୨୭୨ ।
ତୋ ଏକବର୍ଣ୍ଣ ଦେବେ ତ ଅନନ୍ତ ଦେହ ।
ଅତି ଅଷ୍ଟେନବେ ଧନ୍ୟ ତୋ ମୁକ୍ତେ ବୃନ୍ଦ । ୨୨୭୩ ।
ତୋତେ ନ ଦେଖିବା ଦନ ପୁଣ ଚନ୍ଦ୍ରବନ ।
ଏବେ ଶ୍ରୀକୃଷ୍ଣ ସମ ବୁଦ୍ଧି ନନ୍ଦ ଦେବ । ୨୨୭୪ ।

ତେଣୁ ମୋର ବଚନ ପୂତ କରିବା ପାଇଁ ।
ତହିଁରୁ କିଛିମାନ ବର୍ଣ୍ଣିଲି ମନ ଦେଇ । ୨୭୦୩ ।
ଶ୍ରୀରାମଚରିତ ତ ଅପାର ପାରାବାର ।
କେଉଁ କବି ମଧ୍ୟ ବର୍ଣ୍ଣି ପାରେ କି ତା ପାର । ୨୭୦୪ ।
ଯେ ଶୁଭକର୍ମେ ଏହାକୁ ଶୁଣେ କିବା ଗାଏ ।
ସୀତାରାମ କୃପାରୁ ସେ ମଙ୍ଗଳକୁ ପାଏ । ୨୭୦୫ ।
ହରିଭକ୍ତିରସେ ମାତି ଲୋଭାଗ୍ନି ଲିଭଇ ।
ତାହା ଜାଣି ଭକ୍ତିରେ ଏହା ରଚିଲି ମୁହିଁ । ୨୭୦୬ ।
ତନୁ ତ ମଳଗ୍ରସିତ କାଳ ତ କଠିନ ।
ନିତ୍ୟ ସୁଖ ପାଇବାକୁ ନ ଦିଶେ ସାଧନ । ୨୭୦୭ ।
ଏତେ ଜାଣି ଯେ ଜନ କରେ ହରିସ୍ମରଣ ।
ସେ ଅଟେ ଜ୍ଞାନବାନ ଧନ୍ୟ ତାର ଜନନ । ୨୭୦୮ ।
ଅରେ ମନ ! ମହା ମୋହ ନିଶାନ୍ଧକାରରେ ।
ବହୁତ ସମୟ ଯାଏ ଶୋଇଲୁଣି ଗାଢ଼ରେ । ୨୭୦୯ ।
ଏବେ ହେଲେ ତୁ ଚେତ ଛାଡ଼ି କପଟାଦିକି ।
ଭଜ ନିଷ୍ଠଳେ ପୁଣି ପ୍ରେମରେ ଶ୍ରୀହରିଙ୍କି । ୨୭୧୦ ।
ଶ୍ରୀରାମଚରିତ ଅଟେ ମଙ୍ଗଳାୟତନ ।
ତହୁଁ ଯେ ସୀତା ରାମ ବିବାହକୁ ପଠନ । ୨୭୧୧ ।
କିମ୍ବା ଶ୍ରବଣ କରଇ ସେ ପାଏ ସକଳ ।
ସମ୍ପତ୍ତି କୀର୍ତ୍ତି ସନ୍ତତି ସନ୍ତୋଷ ମଙ୍ଗଳ । ୨୭୧୨ ।
ରାଧା ରମ୍ୟାଲପନ-ସୁଧାକର-ଚକୋର ।
ଧୃତ-ପୀତାମ୍ବର ବରଦାସାଳମନ୍ଦାର । ୨୭୧୩ ।
ଗୋବର୍ଦ୍ଧନଧର ଧର ନବନୀତଚୋର ।
ନତବିଧି-ଶଙ୍କର ସମସ୍ତଲୋକାଧାର । ୨୭୧୪ ।
ସକଳଦୁରିତହର କରୁଣାସାଗର ।
ମୁନୀଶ-ବୃନ୍ଦ-ମାନସ-ସାରସ ଭ୍ରମର । ୨୭୧୫ ।
ବଦନ ଜିତ-ଶାରଦ-ରଜନୀଶାକର ।
ଶ୍ରୀ ବିକ୍ରମଦେବ ଚିତ୍ତ ଜଳଜ ଭାସ୍କର । ୨୭୧୬ ।

ଶ୍ରୀ ତୁଳସୀ-ବିକ୍ରମ ରାମାୟଣବରର ।
ଆଦିକାଣ୍ଡ ବିରଚିତ କୃପାରୁ ତୋହର । ୨୭୧୭ ।
ଶାଳିବାହନ ଶଙ୍କ ଶରବିନ୍ଦୁ ଗଜେନ୍ଦୁରେ ।
ଏ ଆଦିକାଣ୍ଡ ସମ୍ପୂର୍ଣ୍ଣ ହୋଇଲା ଶୁଭରେ । ୨୭୧୮ ।





# ଶ୍ରୀଗୋବିନ୍ଦମଞ୍ଜରିକାବଳିଃ

ମୂଳଂ—ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ । ଭଜ ଗୋବିନ୍ଦଂ ମୂଢମତେ ।
ସମ୍ପ୍ରାପ୍ତେ ସନ୍ନିହିତେ କାଳେ । ନହି ନହି ରକ୍ଷତି ଡୁକୃଞ୍‌କରଣେ ॥

ଅନୁବାଦ—ଗୋବିନ୍ଦଙ୍କୁ ଭଜ ଗୋବିନ୍ଦଙ୍କୁ ଭଜ ।
ଗୋବିନ୍ଦଙ୍କୁ ଭଜ ମୂଢ଼ ! ସଦା ।
କାଳ ଉପସ୍ଥିତ ହୋଇବ ଯେବେ ।
ନ ରଖିବଟି ଡୁକୃଞ୍‌କରଣେ ତେବେ ॥

ମୂ—ମୂଢ଼ ଜହୀହି ଧନାଗମତୃଷ୍ଣାଂ । କୁରୁ ସଦ୍‌ବୁଦ୍ଧିଂ ମନସି ବିତୃଷ୍ଣାଂ ।
ଯଲ୍ଲଭସେ ନିଜକର୍ମୋପାତ୍ତଂ । ବିତ୍ତଂ ତେନ ବିନୋଦୟ ଚିତ୍ତଂ ।୧।

ଅ—ମୂଢ଼ ! ତୁ ଛାଡ଼ ଧନାଗମତୃଷ୍ଣା ।
ମନରେ ଭର ସଦ୍‌ବୁଦ୍ଧି ବିତୃଷ୍ଣା ।
ନିଜ କର୍ମାର୍ଜିତ ଧନରେ ତୋହର ।
ଚିତ୍ତକୁ ରଞ୍ଜନ କରଟି ନିରନ୍ତର ।୧।

ମୂ—ନାରୀସ୍ତନଭରନାଭୀଦେଶଂ । ଦୃଷ୍ଟ୍ୱା ମାଗା ମୋହାବେଶଂ ।
ଏତନ୍ମାଂସବସାଦିବିକାରଂ । ମନସି ବିଚିନ୍ତୟ ବାରଂ ବାରଂ ।୨।

ଅ—ଯୁବତୀର କୁଚକୁ ନାଭିଦେଶକୁ ।
ଦେଖି ତୁ ଲଭ ନା ମୋହାବେଶକୁ ।
ସେମାନ ପଲବସାଦି ବିକାର ତି ।
ଚିତ୍ତେ ଉତ୍ତମରେ ତୁ ବିଚାର ତ ।୨।

ମୂ—ନଳିନୀଦଳଗତଜଳମତିତରଳଂ । ତଦ୍‌ବଜ୍ଜୀବିତମତିଶୟଚପଳଂ ।—
ବିଦ୍ଧି ବ୍ୟାଧ୍ୟଭିମାନଗ୍ରସ୍ତଂ । ଲୋକଂ ଶୋକହତଞ୍ଚ ସମସ୍ତଂ ।୩।

ଅ—ନଳିନୀଦଳଗତନୀର ଅତିଚଳ ।
ସେପରି ଜନ୍ତୁର ଜୀବନ ଚଞ୍ଚଳ ।
ରୋଗେ ଅଭିମାନେ ଜଗ ଅଭୂତ ।
ସବୁ ଶୋକାହତ ଏହାକୁ ତୁ ଜାଣ ତ ।୩।

ମୂ—ଯାବଦ୍ବିତ୍ତୋପାର୍ଜନସକ୍ତ—ସ୍ତାବନ୍ନିଜପରିବାରୋରକ୍ତଃ ।
ପଶ୍ଚାଜ୍ଜୀବତି ଜର୍ଜରଦେହେ । ବାର୍ତ୍ତାଂ କୋଽପି ନ ପୃଚ୍ଛତି ଗେହେ । ୪ ।

ଅ—ନର ବିତ୍ତାର୍ଜନ କରିବାଯାଏ ।
ନିଜ ପରିବାରଦର ଲଭୁଥାଏ ।
ଜିଇଁଲେ ତ ପଛେ ଜର୍ଜର ଦେହେ ।
ତା ବିଷୟକୁ କେ ନ ବୁଝେ ଗେହେ । ୪ ।

ମୂ—ଯାବତ୍ପବନୋ ନିବସତି ଦେହେ । ତାବତ୍ପୃଚ୍ଛତି କୁଶଳଂ ଗେହେ ।
ଗତବତି ବାୟୌ ଦେହାପାୟେ । ଭାର୍ଯ୍ୟା ବିଭ୍ୟତି ତସ୍ମିନ୍ କାୟେ । ୪ ।

ଅ—ପବନ ଥିବାଯାଏ ତୋ ଦେହେ ।
ତୋ ଯତ୍ନକୁ ବୁଝୁଥାଏ ଗେହେ ।
ବାୟୁ ଚଳିଗଲେ କାୟାପାୟେ !
ଭାର୍ଯ୍ୟା ଭୟ ପାଏ ସେ କାୟେ । ୫ ।

ମୂ—ଅର୍ଥମନର୍ଥଂ ଭାବୟ ନିତ୍ୟଂ । ନାସ୍ତି ତତଃ ସୁଖଲେଶଃ ସତ୍ୟଂ ।
ପୁତ୍ରାଦପି ଧନଭାଜାଂ ଭୀତିଃ । ସର୍ବତ୍ରୈଷା ବିହିତା ରୀତିଃ । ୬ ।

ଅ—ଅର୍ଥ ଅନର୍ଥ ବିଚାର ତୁ ସତତ ।
ତହିଁରେ ସୁଖ ଲବ ନିଶ୍ଚେ ନାହିଁ ତ ।
ସୁତଠାରୁ ବି ଭୟ ଧନବାନଙ୍କର ।
ସବୁଠାରେ ଏ ରୀତିଟି ଭାସୁର । ୬ ।

ମୂ—ବାଲସ୍ତାବତ୍କ୍ରୀଡାସକ୍ତ-ସ୍ତରୁଣ-ସ୍ତାବତ୍ତରୁଣୀରକ୍ତଃ ।
ବୃଦ୍ଧସ୍ତାବଚ୍ଚିନ୍ତାସକ୍ତଃ । ପରମେ ବ୍ରହ୍ମଣି କୋଽପି ନ ସକ୍ତଃ । ୭ ।

ଅ—ଖେଳେ ବାଳକ ଆସକ୍ତ ହୁଏ
ତରୁଣୀଠାରେ ତରୁଣ ରତ ହୁଏ ।
ଚିନ୍ତାଗହନେ ରତ ବୃଦ୍ଧ ହୁଏ ।
କେହି ବି ବ୍ରହ୍ମେ ଆସକ୍ତ ନୁହେ । ୭ ।

ମୂ—କା ତେ କାନ୍ତା କସ୍ତେ ପୁତ୍ରଃ । ସଂସାରୋଽୟମତୀବ ବିଚିତ୍ରଃ ।
କସ୍ୟ ତ୍ୱଂ ବା କୁତ ଆୟାତ-ସ୍ତତ୍ତ୍ୱଂ ଚିନ୍ତୟ ତଦିହ ଭ୍ରାତଃ । ୮ ।

ଅ—କେ ତୋହର ଜାୟା କେ ତୋ ସୁତ ।
ଏ ସଂସାର ତ ଅତ୍ୟନ୍ତାଦ୍ଭୁତ ।
କାର ତୁ କେବଣ ଥାନରୁ ଆଗତ ।
ଏ ତତ୍ତ୍ୱ ଭଲେ ଭାଇ ! ବିଚାର କ । ୮ ।

ମୂ—ସତ୍ସଙ୍ଗତ୍ୱେ ନିଃସଙ୍ଗତ୍ୱଂ । ନିଃସଙ୍ଗତ୍ୱେ ନିର୍ମୋହତ୍ୱଂ ।
ନିର୍ମୋହତ୍ୱେ ନିଶ୍ଚଳତତ୍ତ୍ୱଂ । ନିଶ୍ଚଳତତ୍ତ୍ୱେ ଜୀବନ୍ମୁକ୍ତିଃ । ୯ ।

ଅ—ସତ୍ସଙ୍ଗତ୍ୱେ ନିଃସଙ୍ଗତ୍ୱଟି ।
ନିଃସଙ୍ଗତ୍ୱେ ନିର୍ମୋହତ୍ୱଟି । ।
ନିର୍ମୋହତ୍ୱେ ନିଶ୍ଚଳ ତତ୍ତ୍ୱଟି ।
ନିଶ୍ଚଳତତ୍ତ୍ୱେ ଜୀବନ୍ମୁକ୍ତିଟି । ୯ ।

ମୂ—ବୟସି ଗତେ କଃ କାମବିକାରଃ । ଶୁଷ୍କେ ନୀରେ କଃ କାସାରଃ ।
କ୍ଷୀଣେ ବିତ୍ତେ କଃ ପରିବାରୋ । ଜ୍ଞାତେ ତତ୍ତ୍ୱେ କଃ ସଂସାରଃ । ୧୦ ।

ଅ—ବୟସ ଗଲେ କାମୁକତା କୋଠେଁ ?
ଜଳ ଶୁଖିଲେ ପୁଷ୍କରଣୀ କୋଠେଁ ?
ଧନ ସରିଲେ ବାନ୍ଧବଗଣ କୋଠେଁ ?
ତତ୍ତ୍ୱକୁ ବୁଝିଲେ ସଂସୃତି କୋଠେଁ ? । ୧୦ ।

ମୂ—ମା କୁରୁ ଧନଜନଯୌବନଗର୍ବଂ । ହରତି ନିମେଷାତ୍କାଳଃ ସର୍ବଂ ।
ମାୟାମୟମିଦମଖିଳଂ ହିତ୍ୱା । ବ୍ରହ୍ମପଦଂ ତ୍ୱଂ ପ୍ରବିଶ ବିଦିତ୍ୱା । ୧୧ ।

ଅ—କର ନା ଧନଜନଯୌବନଗର୍ବକୁ ।
ପଲକେ କାଳ ହରେ ତ ସମସ୍ତକୁ ।
ଏ ମାୟାମୟ ଅଖିଳକୁ ଛାଡ଼ିଣ ।
ପାଅ ତୁ ବ୍ରହ୍ମସ୍ଥାନକୁ ଜାଣିଣ । ୧୧ ।

ମୂ—ଦିନଯାମିନ୍ୟୌ ସାୟଂ ପ୍ରାତଃ । ଶିଶିରବସନ୍ତୌ ପୁନରାୟାତଃ ।
କାଳଃ କ୍ରୀଡ଼ତି ଗଚ୍ଛତ୍ୟାୟୁ-ସ୍ତଦପି ନ ମୁଞ୍ଚତ୍ୟାଶାବାୟୁଃ । ୧୨ ।

ଅ—ଦିନ ନିଶି ସଞ୍ଜ ସକାଳ ବିଶେଷେ ।
ଶିଶିର ବସନ୍ତ ବି ପୁଣି ପୁଣି ଆସେ ।
କ୍ରୀଡ଼େ କାଳ ଗମେ ଆୟୁ ଘଟେ ।
ତେବେହେଁ ଆଶାନିଳ ନ ଛୁଟେ । ୧୨ ।

ମୂ—ଦ୍ୱାଦଶମଞ୍ଜରିକାଭିରଶେଷଃ । କଥିତୋ ବୈୟାକରଣସ୍ୟୈଷଃ ।
ଉପଦେଶୋଽଭୂଦ୍‌ବିଦ୍ୟାନିପୁଣୈଃ । ଶ୍ରୀମଚ୍ଛଙ୍କରଭଗବଚ୍ଚରଣୈଃ । ୧୩ ।

ଅ—ଏ ଦ୍ୱାଦଶମଞ୍ଜରିକାରେ ଭଲେ ।
କୌଣସି ବୈୟାକରଣକୁ କହିଲେ ।
ବିଦ୍ୟାନିପୁଣ ଶ୍ରୀମଚ୍ଛଙ୍କର ।
ଭଗବତ୍ପାଦେ ହୋଇ କୃପାଭର । ୧୩ ।

ମୂ—କା ତେ କାନ୍ତା ଧନଗତଚିନ୍ତା । ବାତୁଳ କିଂ ତବ ନାସ୍ତି ନିୟନ୍ତା ।
ତ୍ରିଜଗତି ସଜ୍ଜନସଙ୍ଗତିରେକା । ଭବତି ଭବାର୍ଣ୍ଣବତରଣେ ନୌକା ।୧୪।

ଅ—ଧନଗତ ଚିନ୍ତାରେ ସଖା କାହିଁକି ?
ବାତୁଳ ! ତୋର ନିୟନ୍ତା ନାହିଁକି ?
ଜଗତେ ସଜ୍ଜନସଙ୍ଗତ ମାତର ।
ନୌକା ତରଣେ ଏ ଭବସାଗର । ୧୪ ।

ମୂ—ଜଟିଳୋ ମୁଣ୍ଡୀ ଲୁଞ୍ଚିତକେଶଃ । କାଷାୟାମ୍ବରବହୁକୃତବେଶଃ ।
ପଶ୍ୟନ୍ନପି ଚ ନ ପଶ୍ୟତି ମୂଢ଼ୋ । ହ୍ୟୁଦରନିମିତ୍ତୋ ବହୁକୃତବେଶଃ ।୧୫।

ଅ—ହୋଇ ବିକେଶ ସଜଟ ମୁଣ୍ଡୀ ଧୃତ ।
ବସ୍ତ୍ରାମ୍ବର ଧରି ବହୁବିଧରେ ସତ ।
ପାମର ଚାହିଁଣ ମଧ୍ୟ ନ ଚାହେଁ ।
ପେଟ ନିମନ୍ତେ ବହୁ ବେଶ ବହେ । ୧୫ ।

ମୂ—ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ । ଦଶନବିହୀନଂ ଜାତଂ ତୁଣ୍ଡଂ । — ୨
ବୃଦ୍ଧୋ ଯାତି ଗୃହୀତ୍ୱା ଦଣ୍ଡଂ । ତଦପି ନ ମୁଞ୍ଚତ୍ୟାଶାପିଣ୍ଡଂ । ୧୬ ।

ଅ—ଗଳିତାଙ୍ଗକରେ ମୁଣ୍ଡପଳିତରେ । — ୨
ବିଗତରଦନବୟମୁଖରେ ଅକରେ ।
ଦଣ୍ଡ ଧରି ବୁଢ଼ା ଗମିଲେ ହେଲେ ।
ଆଶାତ୍ୟାଗକୁ ନ କରେ ଜୀବଲେ । ୧୬ ।

ମୂ—ଅଗ୍ରେ ବହ୍ନିଃ ପୃଷ୍ଠେ ଭାନୁଃ । ରାତ୍ରୌ ଚବୁକସମର୍ପିତଜାନୁଃ । — ୨
କରତଳଭିକ୍ଷସ୍ତରୁତଳବାସ-ସ୍ତଦପି ନ ମୁଞ୍ଚତ୍ୟାଶାପାଶଃ । ୧୭ ।

ଅ—ପାବକ ଅଗ୍ରେ ଭାସ୍କର ପଛରେ ।
ଚବୁକସମର୍ପିତଜାନୁ ରଜନୀରେ ।
ଭିକ୍ଷା କରରେ ବାସ ତରୁତଳେ ।
ଆଶା ପାଶ ତଥାପି ନ ମୁକଳେ । ୧୭ ।

ମୂ—କୁରୁତେ ଗଙ୍ଗାସାଗରଗମନଂ । ବ୍ରତପରିପାଳନ ମଥବା ଦାନଂ । — ୨
ଜ୍ଞାନବିହୀନଃ ସର୍ବମତେନ । ମୁକ୍ତିଂ ନ ଭଜତି ଜନ୍ମଶତେନ । ୧୮ ।

ଅ—ଗଙ୍ଗାବ୍ଧିଗମନ ସୁବ୍ରତ ପାଳନ ।
ଅଥବା ଦାନାଳି କଲେହେଁ ଜନ ।
ଜ୍ଞାନ ବିହୀନେ କୌଣସି ମତରେ ।
ମୁକ୍ତି ନ ପାଏ ସମ୍ଭବଶତରେ । ୧୮ ।

ମୂ—ସୁରମନ୍ଦିରତରୁମୂଳନିବାସଃ । ଶଯ୍ୟା ଭୂତଳମଜିନଂ ବାସଃ । — ୨
ସର୍ବପରିଗ୍ରହ ଭୋଗତ୍ୟାଗଃ । କସ୍ୟ ସୁଖଂ ନ କରୋତି ବିରାଗଃ । ୧୯ ।

ଅ—ଦେବାଳୟ ଭୂରୁହତଳ ମନ୍ଦିର ।
ଭୂତଳ ଶଯ୍ୟା ମୃଗଚର୍ମାମ୍ବର ।
ସକଳପରିଗ୍ରହ ଭୋଗବିବର୍ଜ୍ଜନ ।
ବୈରାଗ୍ୟ କି ନ କରେ କା ତୋଷଣ ? । ୧୯ ।

ମୂ—ଯୋଗରତୋ ବା ଭୋଗରତୋ ବା । ସଙ୍ଗରତୋ ବା ସଙ୍ଗବିହୀନଃ ।
ଯସ୍ୟ ବ୍ରହ୍ମଣି ରମତେ ଚିତ୍ତଂ । ନନ୍ଦତି ନନ୍ଦତି ନନ୍ଦତ୍ୟେବ । ୨୦ ।

ଅ—ଯୋଗୀ କିଂବା ଭୋଗୀ ସଙ୍ଗୀ ।
କିଂବା କେବଳ ସଙ୍ଗତ୍ୟାଗୀ ।
ରମଇ ପରଂବ୍ରହ୍ମେ ଯା ମାନସ ।
ସେ ଲଭଇଟି ଆନନ୍ଦ ସୁଧାରସ । ୨୦ ।

ମୂ—ଭଗବଦ୍‌ଗୀତା କିଞ୍ଚିଦଧୀତା । ଗଙ୍ଗାଜଲଲବକଣିକା ପୀତା ।
ସକୃଦପି ଯେନ ମୁରାରିସମର୍ଚ୍ଚା । କ୍ରିୟତେ ତସ୍ୟ ଯମେନ ନ ଚର୍ଚ୍ଚା । ୨୧ ।

ଅ—ଭଗବଦ୍‌ଗୀତା କିଞ୍ଚିପାଠକୁ ।
ଗଙ୍ଗାଜୀବନକଣିକାପାନକୁ ।
ଶ୍ରୀଶାର୍ଚ୍ଚାକୁ ଥରେ ଯେହୁ କରେ ।
ତା ଚର୍ଚ୍ଚାକୁ ଯମାଧିପ ନ କରେ । ୨୧ ।

ମୂ—ପୁନରପି ଜନନଂ ପୁନରପି ମରଣଂ । ପୁନରପି ଜନନୀଜଠରେ ଶୟନଂ ।
ଇହ ସଂସାରେ ବହୁଦୁସ୍ତାରେ । କୃପୟା ପାରେ ପାହି ମୁରାରେ । ୨୨ ।

ଅ—ପୁଣି ପୁଣି ସମ୍ଭବ ପୁଣି ପୁଣି ନାଶନ ।
ପୁଣି ଜନନୀଜଠରେ ଉପବେଶନ ।
ବହୁ ଦୁସ୍ତାରେ ଏ ସଂସାରେ ।
ଶ୍ରୀଧର ! ରଖ ମୋତେ କରୁଣାରେ । ୨୨ ।

ମୂ—ରଥ୍ୟାକର୍ପଟବିରଚିତକନ୍ଥଃ । ପୁଣ୍ୟାପୁଣ୍ୟବିବର୍ଜ୍ଜିତପନ୍ଥଃ ।
ଯୋଗୀ ଯୋଗନିଯୋଜିତଚିତ୍ତୋ । ରମତେ ବାଲୋନ୍ମତ୍ତବଦେବ । ୨୩ ।

ଅ—ସରଣୀକର୍ପଟକୃତକନ୍ଥାରେ ।
ପୁଣ୍ୟାପୁଣ୍ୟରହିତପନ୍ଥାରେ ।
ଯୋଗୀ ଯୋଗାର୍ପିତମାନସରେ ।
କ୍ରୀଡ଼ଇଁ ବାଳକ ବାତୁଳବଧରେ । ୨୩ ।

ମୂ—କସ୍ତ୍ୱଂ କୋଽହଂ କୁତ ଆୟାତଃ । କୋ ମେ ଜନନୀ କୋ ମେ ତାତଃ ।
ଇତି ପରିଭାବିତ ନିଜସଂସାରଃ । ସର୍ବଂ ତ୍ୟକ୍ତ୍ୱା ସ୍ୱପ୍ନବିଚାରଃ । ୨୪ ।

ଅ—କେ ତୁହ କେ ମୁହିଁ କାହିଁକି ଆଗତ ।
କେ ମୋ ମାତା କେ ମୋ ତାତ ତ ।
ଏପରି ଭାବଣି ନିଜ ସଂସାରକୁ ।
ସ୍ୱପ୍ନଗତକୁ ପରି ଛାଡ଼ ସମସ୍ତକୁ † । ୨୪ ।

ମୂ—ତ୍ୱୟି ମୟି ସର୍ବତ୍ରୈକୋ ବିଷ୍ଣୁ-ର୍ବ୍ୟର୍ଥଂ କୁପ୍ୟସି ମୟ୍ୟସହିଷ୍ଣୁଃ ।
ଭବ ସମଚିତ୍ତଃ ସର୍ବତ୍ର ତ୍ୱଂ । ବାଞ୍ଛସ୍ୟଚିରାଦ୍ୟଦି ବିଷ୍ଣୁତ୍ୱଂ । ୨୫ ।

ଅ—ତୋରେ ମୋରେ ସବୁରେ ବିଷ୍ଣୁ ହି ।
ଏଣୁ ତୁଚ୍ଛେ ମୋରେ ରୁଷ ନାହିଁ ହି ।
ହଂସକ ! ବହ ସର୍ବତ୍ର ସମତ୍ୱକୁ ।
ଯଦି ବାଞ୍ଛ ତରେ ଗୋବିନ୍ଦଙ୍କୁ । ୨୫ ।

ମୂ—ଶତ୍ରୌ ମିତ୍ରେ ପୁତ୍ରେ ବନ୍ଧୌ । ମା କୁରୁ ଯତ୍ନଂ କଲହେ ସନ୍ଧୌ ।
ସର୍ବସ୍ମିନ୍ନପି ପଶ୍ୟାତ୍ମାନଂ । ସର୍ବତ୍ରୋତ୍ସୃଜ ଭେଦଜ୍ଞାନଂ । ୨୬ ।

ଅ—ଅରିରେ ମିତ୍ରେ ପୁତ୍ରେ ସ୍ୱଜନେ ।
ରସ ନା କଲହର ସନ୍ଧିର ଯତନେ ।
ଆତ୍ମାକୁ ଅନାଇଣି ସବୁଠାରେ ।
ଭେଦଜ୍ଞାନ ନ କର କୋଠାରେ । ୨୬ ।

ମୂ—କାମଂ କ୍ରୋଧଂ ଲୋଭଂ ମୋହଂ । ତ୍ୟକ୍ତ୍ୱାତ୍ମାନଂ ପଶ୍ୟ ବିମୋହଂ ।
ଆତ୍ମଜ୍ଞାନବିହୀନା ମୂଢ଼ା-ସ୍ତେ ପଚ୍ୟନ୍ତେ ନରକନିଗୂଢ଼ାଃ । ୨୭ ।

ଅ—ଲୋଭକୁ ମୋହକୁ କାମକ୍ରୋଧକୁ ତୁ ।
ଛାଡ଼ି ଅନାଅ ବିମୋହାତ୍ମାକୁ ତୁ ।
ଆତ୍ମଜ୍ଞାନ ବିବର୍ଜିନ ମୂଢେ ।
ଯାଇ ପଡ଼ନ୍ତି ନରକରେ ଗାଢ଼େ । ୨୭ ।

† ପାଠାନ୍ତର—ସ୍ୱପ୍ନଗତ ପରି ଛାଡ଼ ସମସ୍ତକୁ ।

ମୂ—ଗେୟଂ ଗୀତାନାମ ସହସ୍ରଂ । ଧ୍ୟେୟଂ ଶ୍ରୀପତିରୂପମଜସ୍ରଂ ।
ନେୟଂ ସଜ୍ଜନସଙ୍ଗେତମନିଶଂ । ଦେୟଂ ଦୀନଜନାୟ ଚ ବିତ୍ତଂ । ୨୮ ।

ଅ—ଗୀତା ନାମ ସହସ୍ର ପଢ଼ ଜନେ ।
ଧ୍ୟାନ କର ସଦା ହରି ରୂପ ମନେ ।
କାଳକୁ କାଟ ସୁଜନସଙ୍ଗତରେ ।
ଧନ ଦିଅ ଦୀନଜନଙ୍କୁ ସୁମତିରେ । ୨୮ ।

ମୂ—ଗୁରୁଚରଣାମ୍ବୁଜନିର୍ଭରଭକ୍ତଃ । ସଂସାରାଦଚିରାଦ୍ଭବ ମୁକ୍ତଃ ।
ଇନ୍ଦ୍ରିୟମାନସନିୟମାଦେବଂ । ଦ୍ରକ୍ଷ୍ୟସି ନିଜହୃଦୟସ୍ଥଂ ଦେବଂ । ୨୯ ।

ଅ—କର ଗୁରୁପଦକଞ୍ଜରେ ସ୍ଥିରଭକ୍ତିକି ।
ସଂସାରରୁ ଲଭ ଅଚିରେ ମୁକ୍ତିକି ।
ଇନ୍ଦ୍ରିୟମାନସନିୟମେ ହୃତ୍‌ସ୍ଥିତ ।
ଦେବକୁ ଦେଖିବୁ ନିଶ୍ଚୟ ଏହି ତ । ୨୯ ।

ମୂ—ମୂଢ଼ଃ କଶ୍ଚନ ବୈୟାକରଣୋ । ଡୁକୃଞ୍କରଣୋଽଧ୍ୟୟନଧୁରୀଣଃ ।
ଶ୍ରୀମଚ୍ଛଙ୍କରଭଗବଚ୍ଛିଷ୍ୟୈ-ର୍ବୋଧିତ ଆସୀଚ୍ଛୋଧିତକରଣଃ । ୩୦ ।

ଅ—ବୈୟାକରଣ ଡୁକୃଞ୍ କରଣେ ରତ ।
କୌଣସି ପାମର ଲଭିଲା ଜ୍ଞାନ ତ ।
ଶ୍ରୀଶଙ୍କରଗୁରୁଶିଷ୍ୟାବଳୀରେ ।
ବୋଧିତ ହୋଇ କୃପାରେ ଜଗରେ । ୩୦ ।

ଶ୍ରୀମଚ୍ଛଙ୍କରଶଙ୍କରଗଣରେ ।
ରଚିତା ମଞ୍ଜରିକାଳକୁ ସୁକରେ ।
ଉତ୍କଳରେ ଅନୁବାଦ କଲା ବରି ।
ବିକ୍ରମବର୍ମା—ଶ୍ରୀହରି କିଙ୍କର ॥

ସମ୍ପୂର୍ଣ୍ଣ

( "ସାଇଁ ଲୋ ସାଇଁ" ଗୀତ ବୃତ୍ତ )

ଜୀବ ରେ ମୂଢ଼ ଜୀବ । ଛାଡ଼େ ମମକାର ଭାବ । ପଦ ।
ଏ ଘଟକୁ ଛାଡ଼ । ଧନେ ଯିବୁ ଉଡ଼ି ।
ତେଣୁ ବୋଲୁଅଛି ତୁ ଜୀବ । ଜୀବରେ ।

କିଏ ତୋର ମାତା । କିଏ ତୋର ପିତା ।
କିଏ ତୋର ବନ୍ଧୁ ମିତ ?
କେ ତୋର ମାଇପ । କେ ତୋର ମିଣପ
କେ ତୋହର ସୁତା ସୁତ ? ୧ ।

ନିଜ ଶରୀରକୁ । ଭଲେ ପାଳିବାକୁ ।
ନାନା ଦ୍ରବ୍ୟ ସମ୍ପାଦନ ।
କରିବା ନିମିତ୍ତ । ତୁହି ଅକୁଳିତ ।
ସେ ହେବ ମାଟିରେ ଲୀନ । ୨ ।

ପାଇ ନାନା କ୍ଳେଶ । ଧନ ଧାନ୍ୟ ବାସ
ସଞ୍ଚିଅଛୁ ତୋର ଘରେ ।
ତୁହି ଯିବା ବେଳେ । କୁଟାଟିଏ ହେଲେ ।
ଯିବ କି ତୋର ସଙ୍ଗରେ ? ୩ ।

ତୁହି ଗଲେ ତୋର । ପ୍ରିୟ ପରିବାର ।
ବାରଦିନ ଯାଏ ତୋତେ ।
ମନେ ରଖି ଥିବେ । ପରେ ପାଶୋରିବେ ।
ଏହା ଭରିଥା ତୋ ଚିତ୍ତେ । ୪ ।

ତୋର ପ୍ରିୟଜନେ । ତୋ ଦେହ ଶ୍ମଶାନେ ।
ତେଜି ପୁରକୁ ଫେରିବେ ॥
ତୋର ଆଚରିତ । ସୁକୃତ ଦୁଷ୍କୃତ ।
ମାତ୍ର ତୋ ସାଥିରେ ଯିବେ । ୫ ।

ପୁଣ୍ୟ ଉପକାର । ପାପ ଅପକାର ।
ଏତେ ଜାଣି ପ୍ରାଣୀଠାରେ ।
ଆଚରଣ କରେ । ତତ୍ଫଳ ନାକରେ ।
ଭୋଗ କରିବୁ ତୁ ପରେ । ୬ ।

ଶ୍ରୀବିକ୍ରମଦେବ । ବନ୍ଦିତ ମାଧବ ।
ଚରଣଜଳଜଧ୍ୟାନେ ।
ଭବାବ୍ଧିରେ ତୁହ । ପୁଣି ମଗ୍ନ ନୋହ ।
ନିତ୍ୟସୁଖୀ ହେବୁ ଜାଣେ । ୭ ।

# ପୁରୁଷୋତ୍ତମ ଚାତୁରୀ

ଅଧୁନା ଉତ୍କଳ ପ୍ରଦେଶାନ୍ତର୍ଗତ ଜୟପୁର ରାଜ୍ୟର ପ୍ରାଚୀନ ରାଜଧାନୀ ନନ୍ଦପୁର । ସେ ପୁରବର ରାଜଶେଖର ବିରାଜିତ ହୋଇ କୈଳାସ ପରି, ବେଦଚତୁଷ୍ଟୟ ଭାସୁର ହୋଇ ଚତୁରାନନଭବନ ପରି, ବହୁଧନୀବାସ ହୋଇ ନିଧିବ ପରି, ପୁଣ୍ୟଜନାଗାର ହୋଇ ଲଙ୍କାପୁର ପରି, ବସୁପୂର୍ଣ୍ଣ ହୋଇ ସୂର୍ଯ୍ୟମଣ୍ଡଳ ପରି, କୁବଳୟହୃଦ୍ୟ ହୋଇ ଚନ୍ଦ୍ରମଣ୍ଡଳ ପରି, ବିଦ୍ୟାଧର ଯୁକ୍ତ ହୋଇ ହିମାଚଳ ପରି, ହରି ଲଳିତ ବଚନ ଲଳିତ ହୋଇ କମଳାହୃଦୟକମଳ ପରି, ଶିଖିଗମନ ଯୁତ ହୋଇ ସୁରସୈନ୍ୟ ପରି, ପରଶୁକଳିତ ହୋଇ ଭୃଗୁରାମ କର ପରି ଏବଂ ପ୍ରବାଳଭାସିତ ହୋଇ ଭାରତୀ ହସ୍ତ ପରି ଦର୍ଶକ ମନୋହର ହୋଇଥିଲା । ଦ୍ୱାତ୍ରିଂଶ ସୋପାନ ସହିତ ଏବଂ ଶିଳାନିର୍ମିତ ରାଜସିଂହାସନ ଏବଂ କେତୋଟି ଦେବତାବିଗ୍ରହ ଅଦ୍ୟାବଧି ସେ ସ୍ଥାନରେ ବିଦ୍ୟମାନ ହୋଇଥିଲେ ହେଁ, ମୋ ପ୍ରପିତାମହ—ମହାରାଜ ଶ୍ରୀ ରାମଚନ୍ଦ୍ରଦେବ ତାକୁ ତ୍ୟାଗ କରି ଜୟପୁରକୁ ରାଜଧାନୀ କଲା କାରଣରୁ ସେ ପତ୍ତନ ପଲ୍ଲୀରୂପ ଧାରଣ କରିଅଛି ।

ବହୁକାଳ ପୂର୍ବେ ନନ୍ଦପୁରରେ ନାରାୟଣ ନାମକ ଜନୈକ ବୈଶ୍ୟ ପ୍ରବେଶି ସେଠା ଅଧିବାସୀ ହୋଇ ନାନାବିଧ ବ୍ୟବସାୟ କରି ବହୁଧନ ଅର୍ଜିଲା । ତାହାର ପତ୍ନୀ ସୁଶୀଳା । ସେ ଦମ୍ପତି ପରସ୍ପର ପ୍ରୀତିଯୁକ୍ତ ହୋଇ ରାଜଯୋଗ୍ୟ ଭୋଗ ଭୋଗ କରି କାଳଯାପନ କରୁଥିଲେ । କେତେକାଳ ପରେ ତାହାଙ୍କର ନନ୍ଦନଟିଏ ଜନ୍ମିଲା । ଭବନ୍ତେ ସନ୍ତାନ—ନବଦମ୍ପତି ପ୍ରଣୟ-ସୁନ୍ଦରାରାମଫଳିତ ମଧୁର ଫଳ, ଦମ୍ପତି ପ୍ରଣୟବାହିନୀ ଯୁଗଳଧର୍ପଣ ବଶୁଁ ଉଚ୍ଛଳନ୍ତେ ତହୁଁ ନିଷ୍କଳିବା ସୁତଳ ନାଳ; ଏବଂ ଦମ୍ପତି ପ୍ରଶଂସାର୍ହ ପ୍ରଣୟନିଦର୍ଶନ ସ୍ଥିର ଚିହ୍ନ । ସେ ନନ୍ଦନର ନାମ ମଧୁସୂଦନ । ତାହାର ଲାଳନପାଳନ ଭଲରୂପେ କରାଯାଉଥିଲା ବୋଲି କହିବା ବାହୁଲ୍ୟ ମାତ୍ର । କିନ୍ତୁ ଦୁର୍ଦ୍ଦୈବବଶରୁ ସେ ତୃତୀୟ ବର୍ଷ ବୟସରେ ମାତୃକୋଡ଼ ସୁଖରୁ ବଞ୍ଚିତ ହେଲା । ସୁଶୀଳା ପତିପୁତ୍ରଙ୍କୁ ଦୁଃଖସାଗରରେ ମଗ୍ନ କରି ପରଲୋକ-

ବାସିନୀ ହେଲା । ନାରାୟଣ ଚାଳିଶ ବରଷିଆ ହୋଇଥିଲେହେଁ, ବିମାତା ଦ୍ୱାରା ନିଜ ତନୁଜର ସୁଖରସ କ୍ଷୁଣ୍ଣ ହେବ ବୋଲି ଭାବି ଦ୍ୱିତୀୟ ଦାର ଗ୍ରହଣ ନ କରି ନିଜେ ଜନନୀ ଜନକରୂପେ ପୁତ୍ରକୁ ପ୍ରତିପାଳିଲା । ମଧୁସୁଦନ ସବିଦ୍ୟ ଏବଂ ଯୁବକ ହୁଅନ୍ତେ, ତାହାକୁ ନାରାୟଣ ସୁନ୍ଦରୀ ନାମ୍ନୀ ସୁନ୍ଦର କନ୍ୟାର କରଗ୍ରହଣ କରାଇଲା । କେତୋଟି ବର୍ଷ ପରେ ତାହାର ପୁରୁଷୋତ୍ତମ ନାମକ ପୌତ୍ର ଲାଭ ହୁଅନ୍ତେ, ସେ ପିତାମହ ହେଲା ।

ସମୟ ସହିତରେ ବୟସ ଅତୀତ ହୁଏ । ନାରାୟଣ ତୃତୀୟାବସ୍ଥାରେ ପ୍ରବେଶନ୍ତେ ତାହାର କେଶ କାଶକୁସୁମ ସଦୃଶ ହେଲା । ଦନ୍ତହୀନ ତୁଣ୍ଡରୁ ଲାଳ ପ୍ରସରିଲା । ତେଜୋହୀନ ନୟନଯୁଗଳର ଦୃଷ୍ଟି ମନ୍ଦ ହେଲା । ଗାତ୍ର ବାତଚଳିତ ଶୁଷ୍କପତ୍ର ପରି କମ୍ପିଲା । ଚର୍ମ ଶୁଷ୍କ ଖର୍ଜୁର ଫଳାକୃତିକୁ ଧାରଣ କଲା ଏବଂ ସେ ଦଣ୍ଡଧାରୀ ହେବାକୁ ବାଧ୍ୟ ହେଲା । ଅତଏବ ସେ ଜରାଜରିତ ହୋଇ ସକଳ ବ୍ୟବସାୟ ତନୟ ହସ୍ତରେ ସମର୍ପଣ କଲା ।

ମଧୁସୂଦନ କାର୍ଯ୍ୟଦକ୍ଷ, କିନ୍ତୁ ଭାର୍ଯ୍ୟାବଶୀଭୂତ । କାନ୍ତା କାଟିଲା ଗାରକୁ ଡେଇଁ ପାରେ ନାହିଁ । ସୁନ୍ଦରୀ ଲବ୍ଧା, ସ୍ୱାର୍ଥଯୁକ୍ତା ଏବଂ ହିଂସାପୂର୍ଣ୍ଣ-ହୃଦୟା, ତାହାର ପ୍ରରୋଚନାରୁ ମଧୁସୂଦନ ଜନକକୁ ସ୍ୱୀୟ ସୌଧର ପଛେ ଥିଲା ଗୋଟିଏ ଛପର ଘରରେ ରଖାଇ ଭାତ ଖାଇବା ପାଇଁ ଗୋଟିଏ ସରା, ପାଣି ପିଇବା ପାଇଁ ଗୋଟିଏ କଳସୀ, ପିନ୍ଧିବା ପାଇଁ ମୋଟା ସୂତା ଯଥା ଏବଂ ଶୋଇବା ପାଇଁ ଗୋଟିଏ ମସିଣା ଏବଂ ଗୋଟିଏ କନ୍ଥା ଦେଇ ତାହା ହାତରେ ଅହରହ ଛୋଟ ଡଉଡ଼ି ପ୍ରସ୍ତୁତ କରାଏ । ନାରାୟଣ ଅପରାହ୍ଣ ସମୟରେ ସରା ଧରି ରନ୍ଧନ ସଦନ ସମୀପକୁ ଗଲେ ସୁନ୍ଦରୀ ସେ ସରାରେ କେବଳ ଲବଣ ମିଶ୍ରିତାନ୍ନକୁ ମାତ୍ର ଦିଏ ।

ଯେଉଁ ବ୍ୟକ୍ତିର ତୁଣ୍ଡ ରୌପ୍ୟପାତ୍ରାତରେ ଚତୁର୍ବିଧାହାର ଭୋଜନ କରୁଥିଲା, ଅପଘନ କ୍ଷୀଣ ବସନ ପରିଧାନ କରି ହଂସତୁଳିକା-ତଳ୍ପରେ ଶୟନ କରୁଥିଲା; ଲୋଚନ କେବେ କେବେ ହର୍ଷବାଷ୍ପରେ ମାତ୍ର ଆର୍ଦ୍ର ହେଉଥିଲା, ଦୈବଦୁର୍ବିପାକ ବଶତଃ ସେ ତୁଣ୍ଡ ସରାରେ ଲୁଣ ଭାତ ମାତ୍ର ଖାଇବାକୁ, ଅପଘନ ମୋଟା ଖଦ୍ଦି ପିନ୍ଧି କନ୍ଥାରେ ଶୋଇବାକୁ ଏବଂ ଲୋଚନ ଲୋତକକୁ ସଦା ଗଡ଼ାଇବାକୁ ବାଧ୍ୟ ।

ପୁରୁଷୋତ୍ତମ ବାଳକ ହୋଇଥିଲେହେଁ, ଧର୍ମପରାୟଣ ହେଲା ହେତୁରୁ ନିଜ ପିତାମହଙ୍କୁ କରାଯାଉଥିଲା ଅନ୍ୟାୟ ଏବଂ ଅତ୍ୟାଚାର ଦେଖି, ସେ ମନରେ ଦୁଃଖିତ ହୁଏ । କିନ୍ତୁ ଜନନୀ ଜନକଙ୍କୁ ଡର କିଛି କହେ ନାହିଁ । ତଥାପି ପ୍ରତ୍ୟେକ ଦିନ କେତେକ ଘଣ୍ଟା ଜେଜେବାପା ପାଖରେ ବସି ନିଜ ଲଳିତ ବଚନ ଦ୍ୱାରା ବୁଢ଼ାର ମନୋରଞ୍ଜନ କରେ । ବୋଧହୁଏ ସେତିକି ସନ୍ତୁଷ୍ଟି ହେଲେ ଲବ୍ଧ ନୋହିଥିଲେ ବୁଢ଼ାର ଅନ୍ତ୍ୟେଷ୍ଟି କର୍ମ ସମାପ୍ତ ହୋଇଥାନ୍ତା ।

ଏପରି କେତେକ ବର୍ଷ ସନ୍ତତରେ ପୁରୁଷୋତ୍ତମର ପୌଗଣ୍ଡ ବିତିଗଲା । ଏକଦାନେ ସେ ପିତାମହର ଦୁରବସ୍ଥା ଦୂରୀକରଣସାଧନକୁ ଭାବି ମନରେ ସ୍ଥିର କରି ତତ୍ସମୀପବର୍ତ୍ତୀ ହୁଅନ୍ତେ, ଅଧ୍ୟକଥିତ ବିଧିରେ ସେ ଉଭୟଙ୍କର କଥୋପକଥନ ପ୍ରବର୍ତ୍ତିଲା ।

ପୁରୁ—ବାପା ! ତୁମର ଦଶା ଦେଖି ମୁଁ ଦୁଃଖୀ । ଆମେ ରୁପା ବାସନରେ ଖାଉଛୁଁ, ତୁମେ ସରାରେ ଖାଉଛ; ଆମେ ପଲଙ୍କରେ ଶୋଉଛୁ; ତୁମେ କନ୍ଥାରେ ଶୋଉଛ । ଆମେ ପାଟପତନୀ ପିନ୍ଧୁଛୁ, ତୁମେ ମୋଟା ମଳିଆ ଖଦି ପିନ୍ଧୁଛ । ମଧ୍ୟ ଜପାମାଳି ଗଡ଼ାଇବା ବଦଳରେ ଝୋଟ ଦଉଡ଼ି ତିଆର କରୁଛ ।

ନାରା—ବାବୁ ! ସକଳ ସମ୍ପତ୍ତି ମୁଁ ସମ୍ପାଦିଲି । ବୁଢ଼ା ହୋଇ ସେ ସବୁ ତୋ ନନାର ହାତରେ ସମର୍ପିଲି । ଏବେ ଗୁଣ୍ଡାଏ ଲୁଣଭାତ ଛଡ଼ା ଟିକିଏ ତିଅଣ ସୁଦ୍ଧା ମୋ ଜିଭ ଚାଖି ପାରୁ ନାହିଁ । ମୁଁ ଖାଇ ଥାଳିକୁ ଲିପି ସରା-କଳସୀ ଧୋଇ ରଖିବାକୁ ବାଧ୍ୟ ହେଉଛି । ସେ ଦିଓଟି ଭାଗି ଗଲେ ବୋଧହୁଏ—ତଳେ ଭାତ ଖାଇ ଅଞ୍ଜୁଳିରେ ପାଣି ପିଇବାକୁ ହେବ । ପୁରୁ ! ଦୁଃଖ କର ନା । ମୁଁ ପୂର୍ବଜନ୍ମରେ କଲା କୁକର୍ମ ଫଳ ଭୁଞ୍ଜୁଛି ।

ପୁରୁ—ଏସବୁ ତୁମ୍ଭ ଦୋଷ ନୁହେଁ, ମୋ ବାପୁର ଦୋଷ-ନନାର ଦୋଷ ।

ନାରା—ବାବୁ ! ତାଙ୍କୁ ନିନ୍ଦା କର ନା । ଜନ୍ତୁ କଲା କର୍ମଫଳ ନିଟଷ୍ଟ ଭୋଗେ ।

ପୁରୁ—ବାପା ! ମୁଁ କହିବା ପରି ତୁମେ କର; ତୁମ କଷ୍ଟ ଯିବ ।

ନାରା—ତାହାହେଲେ, ଅବଶ୍ୟ କରିବି । "ଯୁକ୍ତିଯୁକ୍ତ ବଚୋଗ୍ରାହ୍ୟଂ ବାଲାଦପି ସୁଭାଷିତଂ ।"

ପୁରୁ—ତୁମେ ଭାତ ପାଇଁ ସବୁ ଧରି ରନ୍ଧାଘରଠାକୁ ଥରଥର ଯାଉଚ ତ । ବହୂ-ନନା ଦୁହେଁ ସେଠାରେ ଥିବା ସମୟରେ ତଳେ ପଡ଼ିବା ମାନେ ଭାଗିଯିବା ପରି ସବୁକୁ ହାତରୁ ଖସାଇ ଦିଅ । ମୁଁ ମଧ୍ୟ ସେଠାରେ ଥିବି ।

ନାରା—ନା—ବାବୁ ! ତାହା କରି ପାରିବି ନାହିଁ । ସବୁ ଭାଗିଲେ ତୋ ବହୂ ମୋ ମେରୁହାଡ଼ ଭାଙ୍ଗିବ । ତୁହି ମୋ ପକ୍ଷରେ ପଦେ ଅଧେ କହିଲେ ଗାଳି ଖାଇବୁ ।

ପୁରୁ—ଡର ନାହିଁ, ମୁଁ କହିଲା ପରି କଲେ, ତୁମ କଷ୍ଟ ତୁଟିଯିବ ।

ତପରେ ଦିନେ ନାରାୟଣ ନିଜ ପୌତ୍ରର ଉପଦେଶାନୁସାରେ କଲା । ପୁଅ, ବହୁ ଏବଂ ନାତିଙ୍କ ଆଗରେ ସବୁ ତଳେ ପଡ଼ି ଖଣ୍ଡ ଖଣ୍ଡ ହେଲା । ତାହା ଦେଖି ପୁରୁଷୋତ୍ତମ ଅତ୍ୟନ୍ତ କୁପିତ ହୋଇ ଏପରି ରଡ଼ ଛାଡ଼ିଲା—ଏ ବୁଢ଼ା—ହଡ଼ା ! କି କାମ କଲୁ ? ତୋ ଆଖି ତାଳୁକୁ ଚଢ଼ିଲା କି ? ଆମ ଘରର ପ୍ରଥାକୁ ପଣ୍ଡ କରିଦେଲୁ । ପେଟେ ଖାଉଛୁ, ହାତେ ବଳ ନାହିଁ କି ? ସୁନ୍ଦର ସବୁଟିକ ପିଙ୍ଗି ଭାଙ୍ଗିଲୁ । ସେ ସବୁ ରହି କେତେ କାଳ ହେଲା ? ଆଉ କେତେକାଳ ଯାଏ ରହନ୍ତା ? ତାହା ତୋହର ଜଣା ନାହିଁକି ? ତୁ ଖାଉଥିବା ସବୁରେ ତୋ ପୁଅ ଖାଇବ ବୋଲି ଜାଣି ନାହୁଁ କି ? ଏଣିକି ମନା କାହିଁରେ ଖାଇବ ?

ନିଜ ତନୁଜର ବଚନଗଣ ଶ୍ରବଣରେ ପ୍ରବେଶନ୍ତେ ମଧୁସୁଦନର ଜ୍ଞାନନୟନ ଉନ୍ମୀଳିତ ହେଲା । ସ୍ୱକୀୟ ଦୋଷ ଦିଶିଲା । ସେ ପଶ୍ଚାତ୍ତପ୍ତ ହୋଇ ସୁନ୍ଦରୀଙ୍କି ସମ୍ବୋଧନ କରି ଏକାନ୍ତରେ କହିଲା—ପୁଅର ବଚନଚୟକୁ ଶୁଣିଲ ତ ? ଶାସ୍ତ୍ର ମଧ୍ୟ କହୁଛି—"ଅବଶ୍ୟମନୁଭୋକ୍ତବ୍ୟଂ କୃତଂ କର୍ମ ଶୁଭାଶୁଭଂ ।" ବୁଢ଼ାଙ୍କୁ ଯାହା କରିବା, ଅମ୍ଭେ ତାହା ଭୋଗିବା, ଏହା ଧ୍ରୁବ ।

ଅତଏବ ବୃଦ୍ଧାଙ୍କ ପାଳନ ଭଲରୂପେ କରୁଥିବାକୁ ହେବ । ପତି, ପୁତ୍ରଙ୍କ ବଚନ ଶ୍ରବଣ କରି ସୁନ୍ଦରୀର ମନ୍ଦ ବୁଦ୍ଧି ଦୂର ହେଲା । ସେ ଶ୍ୱଶୁରର ସେବା ଶୁଶ୍ରୂଷା ଭଲେ କଲା ।

ନାରାୟଣ ଛିନ୍ନବସନ ପରିଧାନ କଲା; ରୁପା ବାସନରେ ଦ୍ରବ୍ୟ-ଭୋଜନ ଭୁଞ୍ଜିଲା; ହଂସତୂଳିକାତଳ୍ପରେ ଶୟନ କଲା; ନାତିକି ଆଶୀର୍ବାଦ କରି ଜପାମାଳି ଧରି ଶ୍ରୀହରି ନାମ ଜପିଲା । ଇତି ।

ଶ୍ରୀ ବିକ୍ରମଦେବ ବର୍ମା D. L. T. ସାହିତ୍ୟ ସମ୍ରାଟ
ବୈଶାଖ ଓ ଜ୍ୟେଷ୍ଠ......ସନ ୧୩୪୮

---

# ଗୋବରିଆ

ଓଡ଼ିଶାର ଦକ୍ଷିଣ ଭାଗରେ ଜୟପୁରପତ୍ତନ ବିଦ୍ୟମାନ । ତାହା ପୁରାତନ ସଭ୍ୟତାକୁ କ୍ରମେ କ୍ରମେ ଛାଡ଼ି ନବ୍ୟସଭ୍ୟତାକୁ ଗ୍ରହଣ କରିବା ପାଇଁ ଉଦ୍ୟତ ହେଉଅଛି । ତାହାର ନିଦର୍ଶନ ରୂପରେ ଗୋଟିଏ ବିଷୟ କହିଲେ ସହଜରେ ଜଣାଯାଇ ପାରିବ ଯେ ସେଠାରେ ଅନ୍ୟୂନ ପଞ୍ଚବିଂଶତି "କାଫି ହୋଟେଲ" କିମ୍ବା "ଚା ପାନାଳୟ" ସୂର୍ଯ୍ୟୋଦୟ ପୂର୍ବରୁ ରାତ୍ରି ଦ୍ୱିତୀୟ ପ୍ରହର ପର୍ଯ୍ୟନ୍ତ ଜନାକୀର୍ଣ୍ଣ । ସେ ଆଲୟମାନଙ୍କରେ କେବଳ ପାନର ମାତ୍ର ବ୍ୟବସ୍ଥା କରି ନ ଯାଇ ବିରୁଆ ବଡ଼ା, ବିରୁଆ ଚଣା, ଏଣ୍ଡୁରି, ଲୁଣ ଲଙ୍କାମରିଚ ମିଶା ଗହମଖୁଦ ଭାତ, ବିଲାତିଆଳୁ ତିଅଣ ହେବାକାର ବ୍ୟବସ୍ଥା ମଧ୍ୟ କରାଯାଇ ଥାଏ । ସେ ଆଲୟମାନଙ୍କରେ ସ୍ପର୍ଶଦୋଷ କିମ୍ବା ଉଚ୍ଛିଷ୍ଟଦୋଷ ଲେଶମାତ୍ର ହେଲେ ନ ଥିବାରୁ ପ୍ରତ୍ୟେକାଳୟ ପୁରୁଷୋତ୍ତମ କ୍ଷେତ୍ର ବୋଲାଯାଇ ପାରେ । ତଥାପି ସେ ଆଲୟମାନଙ୍କରେ ଧର୍ମକର୍ମନିରତ ଦ୍ୱିଜଙ୍କର ଏବଂ ଗଉଡ଼ଙ୍କର ଦର୍ଶନ ପ୍ରାପ୍ତ ହୁଏ ନାହିଁ ! ଗଉଡ଼ ଜାତିରେ ଏପରି କଡ଼ା ନିୟମ ଅଛି ଯେ ଯେଉଁ ବ୍ୟକ୍ତି ସେ ଆଲୟରେ ପଦାର୍ପଣ କରିବ, ସେ ନିଜ ସମାଜରୁ ବହିଷ୍କୃତ ହେବ । ଏପରି ନିୟମ ବହୁତ ସେ ଜାତିରେ ଅଛିଯାଏ ରହିଥିବାରୁ ସେ ଜାତିଜାତିଙ୍କୁ ନବ୍ୟ ସଭ୍ୟମାନେ ମୂର୍ଖ ବୋଲନ୍ତି ।

ସେ ପଞ୍ଚଣରେ ରାମ ମହାନ୍ତି ନାମକ ଗଉଡ଼ ଦୁଃଖେ ସୁଖେ କାଳଯାପନ କରୁଥିଲା । ତାର ଏକମାତ୍ର ପୁତ୍ର । ସେ ନିଜେ ତନୁଜକୁ ଗୋବର୍ଦ୍ଧନଧର ବୋଲି ନାମକରଣ କରିଥିଲେହେଁ, ସେ ବାଳକକୁ ଜନେ ଗୋବରିଆ ବୋଲି ମାତ୍ର ବ୍ୟବହାର କରନ୍ତି । ରାମ ତାର ପୁଅକୁ ପାଠୁଆ କରିବାକୁ ପାଇଁ ତାକୁ ନେଇ ସେ ପଞ୍ଚଣସ୍ଥିତ ପଣ୍ଡିତ ଗୋବିନ୍ଦ ଶତପଥୀଙ୍କୁ ସମର୍ପିଲା । ସେ ବାଳକ ପ୍ରତ୍ୟେକ ଦିନ ଗୁରୁଙ୍କ ଅଗଣା ଝାଟିଆଏ; ଗୋରୁ-ଗୁହାଳ ପୋଛେ; ଗୋରୁଙ୍କୁ କୁଣ୍ଡାପାଣି ଦିଏ; କୁଅରୁ ପାଣି କାଢ଼େ; ଘାସ ଆଣେ; ଗୁରୁପତ୍ନୀଙ୍କ ଆଦେଶ କର୍ମ କରେ; ଗୁରୁଙ୍କଠାରୁ ପାଠ ଶିଖେ; ପ୍ରତ୍ୟେକ ରାତିରେ ଗୁରୁଙ୍କ ପାଦ ସଂବାହନ କରେ; ଗୁରୁ ଶୟନ କଲା ପରେ ପାଠ ଘୋଷି ଶୋଏ । ଏପରି କରି ସେ କେତେ ବର୍ଷରେ ନାମଲିଙ୍ଗାନୁଶାସନର କାଣ୍ଡଦ୍ୱୟ, ଜ୍ଞାନ୍ୟପଞ୍ଜିକ ଏବଂ ସାରସ୍ୱତ ବ୍ୟାକରଣ ଶିଖିଲା । ପରେ ପାଠପଢ଼ା ବନ୍ଦ କରି ଗୋଟିଏ କନ୍ୟାର ପାଣିଗ୍ରହଣ କଲା । ତାହାର ଜନନୀଜନକ ପରଲୋକ ଗମନ କଲେ । ତାହା ପଢ଼ାଦ୍ୱାରା ଧନୋପାର୍ଜ୍ଜନ ହୋଇ ପାରିଲା ନାହିଁ । ସେ ବହୁ ସମୟ ପାଠପଢ଼ାରେ କାଟିଥିଲା ହେତୁରୁ କୃଷି କିମ୍ବା ଅନ୍ୟ ବ୍ୟବସାୟ କରିବାକୁ ଅକ୍ଷମ ହେଲା । ଦାରିଦ୍ର୍ୟ ଦିନାଦିନାଭିବର୍ଦ୍ଧିତ ହୋଇ ତାର କ୍ଷୁଧାଜ୍ୱାଳାକୁ ବଢ଼ାଇଲା । ଜୟପୁର ଜନେ ତାକୁ କୌଣସି ପ୍ରକାର ସମାଦର କରନ୍ତି ନାହିଁ । ଗୋବର୍ଦ୍ଧନଧର କିମ୍ବା ଗୋବର୍ଦ୍ଧନ ବୋଲି ନ ଡାକି ଗୋବରିଆ ବୋଲି ମାତ୍ର ଡାକନ୍ତି । ଅତଏବ ତାହା ମନରେ ଜନସମାଜଠାରେ—ମୁଖ୍ୟରେ ଜୟପୁର ରାଜ୍ୟବାସୀଙ୍କଠାରେ—ଅତ୍ୟଧିକ ଘୃଣା ଜନ୍ମିଲା । ପ୍ରକୃତିର ପ୍ରଥମ ସ୍ଥାନକୁ ଅଧିକାରୀ ମାନବ ଜ୍ଞାନବାନ୍ ହୋଇଥିଲେହେଁ, କେବେ କେବେ ଶାସ୍ତ୍ର ମାୟାଜାଲରେ ପଡ଼େ । କୁହାଯାଇଛି —

"ଶ୍ଳୋ । ସରସୋ ବିପରୀତଶ୍ଚେତ୍ସରସତ୍ୱଂ ନ ମୁଞ୍ଚତି ।
ସାକ୍ଷରା ବିପରୀତାଶ୍ଚେଦ୍ରାକ୍ଷସା ଏବ କେବଲଂ ।"

ସତେ ସେ ପ୍ରତ୍ୟକ୍ଷ ରାକ୍ଷସ ହେଲା; ଏବଂ ଡକାଏତ ହୋଇ ଧନ ଅର୍ଜିବାକୁ ସିଦ୍ଧ ହେଲା । ତାର ମାନସରେ ମାନବର ଜୀବନ ଓଡ଼ଶର ଜୀବନଠାରୁ [illegible] ପରି ପ୍ରତୀୟମାନ ହେଲା ।

ସେ ଏକ ରାତିରେ ଭାର୍ଯ୍ୟା ସହିତ ହୋଇ ଜୟପୁର ତ୍ୟାଗ କରି ପ୍ରାୟଶଃ ଷାଠିଏ ମାଇଲ୍ ଗମି ମଲ୍‌କାନଗିରିର ଅରଣ୍ୟାନୀରେ ଗୋଟିଏ କୁଡ଼ିଆ ଗଠନ କରି ତହିଁ ରହି କେତେଜଣ ପାହାଡ଼ିଆ ଖଣ୍ଡଙ୍କୁ ସ୍ୱାଧୀନ କରି ଡ଼କାଏତି ଜୀବିକା ଅବଲମ୍ବିଲା । ଯେ ସେ ବାଟରେ ମାଲ୍ ଘେନିଯାଏ, ତାକୁ ସେ ବଧକରି ତାହାର ମାଲ୍ ନିଏ, ଯାହାଠାରେ ମାଲ୍ କିଛି ନ ଥାଏ, ମାଲ୍ ନ ଥିବା ହେତୁ ଦଣ୍ଡାଇ, ତାକୁ ମଧ୍ୟ ବଧ କରେ । ଏପରି କରି ସେ ପଥିକ-ଭୟଙ୍କର ହେଲା । କିଏ ଜନକ ହୀନ ହୋଇ, କିଏ ଜନନୀ ହୀନ ହୋଇ, କିଏ ପୁତ୍ରହୀନ ହୋଇ, କିଏ ପୁତ୍ରୀହୀନ ହୋଇ, କିଏ ପତ୍ନୀହୀନ ହୋଇ, କିଏ ପତିହୀନା ହୋଇ ଏପରି ଶତଶତ ମାନବେ ତାକୁ ଅନବରତ ଗାଳି ଦିଅନ୍ତି ଏବଂ ଶାପ ବର୍ଷାନ୍ତି । କିନ୍ତୁ ସେମାନେ ତାକୁ ଦବାଇ ପାରନ୍ତି ନାହିଁ, କିମ୍ବା ବଧକରି ପାରନ୍ତି ନାହିଁ ।

ଶ୍ରୀମଚ୍ଚୈତନ୍ୟଦେବଙ୍କ ପାଦପଦ୍ମରଜରେ ଜୟପୁର ପ୍ରଦେଶ ପବିତ୍ରୀକୃତ ହୋଇଥିଲା ସମାଚାର ଅବଗତ ହୋଇ ଚୈତନ୍ୟଚରଣ ଦାସ ନାମକ ବୈଷ୍ଣବ ଗୋଦାବରୀ ନଦୀରେ ସ୍ନାତ ହୋଇ "ମୋଟଗ୍ରାମ" ଦେଇ ଜୟପୁର ପ୍ରଦେଶରେ ପ୍ରବେଶି ଭ୍ରମଣ କରୁଁ କରୁଁ ଗୋବରିଆ ଥିଲା କାନନର ଅନତିଦୂରବର୍ତ୍ତୀ ହୁଅନ୍ତେ, କେତେ ଜଣ ତାଙ୍କୁ କହିଲେ ଯେ, "ଗୋସାଇଁ ! ତୁମ୍ଭେ ସେ ବାଟେ ଯାଅ ନାହିଁ । ସେ ବଣରେ ଜଣେ ପଥିକକଣ୍ଟକ ଅଛି । ତା ଦୃଷ୍ଟିରେ ସାଧୁ ଏବଂ ଅସାଧୁ ସମାନ । ସେ ସମସ୍ତଙ୍କୁ ବଧ କରେ ।" ଏତେ ଶୁଣି ସେ ବୋଇଲା ଯେ "ଚିନ୍ତା କର ନାହିଁ । ବୈଷ୍ଣବ ମରଣକୁ ଡରିବା ଅନୁଚିତ । ଯେଉଁ କୃପାସାଗର କୃପାରେ ଜଗାଇ ଏବଂ ମାଧାଇ ବୈଷ୍ଣବ ହୋଇଥିଲେ, ସେହି କୃପାସାଗର କୃପାରେ ଏ ଦୁଷ୍ଟ ଶିଷ୍ଟ ହୋଇପାରେ ।" ଏତେ କହି ସେ ବୈଷ୍ଣବ ଶ୍ରୀହରି ନାମ କୀର୍ତ୍ତନ କରି କରି ସେ ବନ ସମୀପବର୍ତ୍ତୀ ହୁଅନ୍ତେ, କୀର୍ତ୍ତନଧ୍ୱନି ଶୁଣି ଗୋବରିଆ ଗୋଟିଏ ବଡ଼ ଠେଙ୍ଗା ଧରି ସେ ବୈଷ୍ଣବର ସମ୍ମୁଖୀନ ହୋଇ ଉଚ୍ଚେ ବୋଇଲା ଯେ "ଅରେ—ବୈଷ୍ଣବ ! ତୋଠାରେ ଥିବା ସବୁ ମାଲ୍ ତଳେ ଥୋଇ ମରିବାକୁ ପ୍ରସ୍ତୁତ ହୁଅ ।"

ଚୈତ ।—ମୋଠାରେ ପ୍ରେମ ବୋଲିବା ମାଲ୍ ଗୋଟିଏ ମାତ୍ର ଅଛି । ତାହା ଇହରେ ଏବଂ ପରତ୍ରରେ ସୁଖପ୍ରଦ ଅଟେ । ବାବା ! ତୁହି ତାକୁ ଗ୍ରହଣ କରିପାରୁ ।

ଗୋବ ।—ତୋଠାରେ କଛିହିଁ ନ ଥିବାରୁ ତୋ ମୁଣ୍ଡ ଫଟାଇବ ।

ଚୈତ ।—ମୁଁ ମରଣକୁ ଡ଼ରେ ନାହିଁ । ଏ ମାଲ ତୋର ମନୋମତ ହେଉ ନାହିଁ କି ? ଏହାକୁ ଅନ୍ୟ ମାଲ ପରି ପରକୁ ଦେଇ ପାରିବୁ । ସେପରି ଦେଲେହେଁ ନିଃସ୍ବ ହେବୁ ନାହିଁ ।

ଗୋବ ।—ତୋ ବେଲ୍ ମୋ ଆଗେ ଦେଖା ନା । ମୁଁ ଗୁରୁ ଅକ୍ଷର ପଢ଼ିଅଛି ।

ଚୈତ ।—ତାହାହେଲେ, ଅଟଏମ । "ସୁଖତରମାଦ୍ଧତେ ବିଶେଷଜ୍ଞଃ ।" ବାବା ! ନର ପାଠ ପଢ଼ିବାରେ ଚରିତାର୍ଥ ହୁଏ ନାହିଁ ; ତତ୍ତ୍ଵ ଜାଣିବା ଆବଶ୍ୟକ । ଭାବନା କରେ—ତୋର ଏହି ବ୍ୟବସାୟ ହେୟତମ ନୁହେ କି ?

ଗୋବ ।—ମୁଁ ଭଲେ ଭାବି ଏ ବ୍ୟବସାୟକୁ ଅବଲମ୍ବି ଅଛି । ଏହାକୁ ଛାଡ଼ିବି ନାହିଁ । କୁକ୍କୁଟ ଯୁଦ୍ଧକୁ ଆରମ୍ଭିଲେ, ମରିବାଯାଏ ବିରମଇ ନାହିଁ ।

ଚୈତ ।—କୁକ୍କୁଟ ଜ୍ଞାନହୀନ ଜୀବ । ଅତଏବ ସେ ନିଜ ମନରେ ଜନ୍ମିବା ଦ୍ଵେଷକୁ ଛାଡ଼ ପାରେ ନାହିଁ । କିନ୍ତୁ ତା ଠାରେ ମଧ୍ୟ ନିଷ୍କାମ କର୍ମ ଏବଂ ପରର ଉପକାର-ପରିଲକ୍ଷିତ ହୁଏ । ସେ ନିଷ୍କାମରେ କୂଜନ କରି କୃଷକକୁ ଉଠାଏ; ତଦ୍ଦ୍ୱାରା କୃଷକ ଲାଭ ଲଭେ । ତୁହି ଜ୍ଞାନଯୁକ୍ତ ଜୀବ । ତୋର ମନ ଦ୍ଵେଷ କଳୁଷିତ ନୋହି ପ୍ରେମଯୁତ ହୋଇଥିବା ସମୁଚିତ ।

ଗୋବ ।—ପ୍ରେମ ମୋର ଅଗୋଚର ନୁହେ । ମୋ ମାଇପଠାରେ ଏବଂ ସ୍ଵଜନଙ୍କଠାରେ ଥିବା ପ୍ରେମବଶରୁ ଧନ ସମ୍ପାଦି ତାହାଙ୍କ ଭରଣ-ପୋଷଣ କରିବା ବିହିତ ବୋଲି ଭାବି, ଧନାର୍ଜ୍ଜନ ନିମିତ୍ତ ଇତର ବ୍ୟବସାୟ ମୋର ସାଧ୍ୟାତୀତ ହେଲା ହେତୁରୁ ଏହି ବ୍ୟବସାୟକୁ ଅବଲମ୍ବିଲି ଏହା ହେୟ ହେଲେହେଁ, ମୋର ପ୍ରୟୋଜନୀୟ ।

ଚୈତ ।—ମଧ୍ୟାହ୍ନର ପ୍ରଚଣ୍ଡ ଚଣ୍ଡାଂଶୁର ତାପରେ ନାନାସ୍ଥାନ ଭ୍ରମଣ କରି ସମ୍ପାଦିବା ମଧୁକୁ ପରଙ୍କ କରଗତ କରିବା ପରି ତୁହି ବନ୍ଧୁ 'ବାଧା' ସହି ଏହି ଦୁଷ୍କବ୍ୟବସାୟଦ୍ୱାରା ସମ୍ପାଦିବା ସମ୍ପଦକୁ ନେଇ ତୋ ଭାର୍ଯ୍ୟାର ଏବଂ ସ୍ୱଜନଙ୍କର ହସ୍ତଗତ କରୁଅଛୁ । ତୁ ତରୁଣ ଏବଂ ବଳବାନ୍ । ଅତଏବ ଏ ଘୋର ବ୍ୟବସାୟ ସୁକର ବୋଲି ଭାବୁଅଛୁ । ତୁ ବୃଦ୍ଧ ହେଲେ, ଏ କଠୋର କର୍ମ କରି ପାରିବୁ ନାହିଁ; ମଲେ, ଘୋର ନରକରେ ପଡ଼ିବୁ । ତୋ ଭାର୍ଯ୍ୟା କିମ୍ବା ସ୍ୱଜନେ ତୋ ସାଥି ହେବେ ନାହିଁ; କିମ୍ବା ନରକରୁ ତୋତେ ଉଦ୍ଧାରିବେ ନାହିଁ । ବାବା ! ଭଲେ ଭାବନା କର ।

ଗୋବ ।—( କେତେକାଳ ନୀରବ ରହି ) ମହାଶୟ ! ବୋଧହୁଏ ତୁମ୍ଭ ବଚନ ସତ୍ୟ ଏବଂ ଗ୍ରାହ୍ୟ । ଏବେ ମୁଁ କଅଣ କରିବାକୁ ହେବ ?

ଚୈତ ।—ଏ ଜଗତରେ ସବୁପଦାର୍ଥ ଅନିତ୍ୟ ହୋଇ ଥିବାରୁ କୌଣସି ପଦାର୍ଥରେ ଅନୁରକ୍ତ ହେବା ଅନୁଚିତ । ଅନୁରକ୍ତ ପଦାର୍ଥର ଅଭାବରେ ଅନୁରାଗ ଶୋକ ରୂପରେ ପରିଣତ ହୁଏ । ପ୍ରତ୍ୟେକ ପଦାର୍ଥ ଜଗଦୀଶସୃଷ୍ଟ ହୋଇ ଥିବାରୁ କୌଣସି ପଦାର୍ଥକୁ ଦ୍ୱେଷ କରିବା ଅସମୀଚୀନ । ପଦାର୍ଥଦ୍ୱାରା ପ୍ରାପ୍ତହେବା ସୁଖ କ୍ଷଣିକ ମାତ୍ର । ଶ୍ରୀରାଧାକୃଷ୍ଣ ପାଦପଦ୍ମ ପ୍ରେମମାତ୍ର ନିତ୍ୟସୁଖପ୍ରଦ ଅଟେ । ଅତଏବ କାମାଦି ଷଡ଼ରିପୁଙ୍କୁ ଦୂର କରି, ସକଳ ପ୍ରାଣୀଙ୍କଠାରେ ପ୍ରେମ ଦର୍ଶାଇ, ଶ୍ରୀରାଧାକୃଷ୍ଣ ଚରଣାରବିନ୍ଦରେ ଭକ୍ତି କରେ । ଶ୍ରୀ ମଚ୍ଚୈତନ୍ୟ ଦେବଙ୍କ ଉପଦେଶ ଏହି—

"ଶ୍ଳୋ । ତୃଣାଦପିସୁନୀଚେନ ତରୋରିବ ସହିଷ୍ଣୁନା ।
ଅମାନିନା ମାନଦେନ କୀର୍ତ୍ତନୀୟଃ ସଦାହରିଃ ।"

ବାବା ! ଏ ଉପଦେଶ ଅନୁସରେ । ଶ୍ରୀହରି କୃପାରୁ ତୋ ର ମଙ୍ଗଳ ହେବ । ନିଃସନ୍ଦେହ ।

ଗୋବ ।—(ସାଷ୍ଟାଙ୍ଗ ପ୍ରଣାମ କରି ଉଠି ମୁକୁଳିତକରକମଳଯୁଗଳ ହୋଇ) ମହାତ୍ମା ! ତୁମ୍ଭ ଉପଦେଶ ବଶରୁ ମୋର ଜ୍ଞାନୋଦୟ ହେଲା । ଏବେ ନରକ ମୋ ମାନସର ପ୍ରତ୍ୟକ୍ଷ । ମୁଁ ଘୋରାତିଘୋର ପାପିଷ୍ଠ ।

ମୋଠାରେ କୃପାକରି ମୋତେ ନରକରୁ ଉଦ୍ଧାର । ମୁଁ ପ୍ରତିଜ୍ଞାକରି କହୁଅଛି ଯେ ମୋ ମନରୁ ଶତ୍ରୁଷଡ଼୍ରିପୁଙ୍କୁ ଦୂରକରି କର୍ମବିରତ ହେଲି । ମୋତେ ଶିଷ୍ୟରୂପେ ଗ୍ରହଣ କରି ପ୍ରେମଭକ୍ତି ପ୍ରାପ୍ୟ ହେବାପରି କର । (ଏତେବୋଲି ପୁନଶ୍ଚ ପ୍ରଣିପାତ କରି ବୈଷ୍ଣବଚରଣଯୁଗଳ ଧରିଲା । )

ଚୈତ ।—(କରଦ୍ୱୟରେ ତୋଳି ଆଲିଙ୍ଗନ କରି) ବାବା ! ଜନ ସକଳକର୍ମବିରତ ହୋଇ ଜୀବନଯାତ୍ରା ଯାପନ କରି ପାରେ ନାହିଁ । ଅତଏବ ଦୁଷ୍ଟ କର୍ମରୁ ବିରତ ହୋଇ ନିଷ୍କାମରେ ଶିଷ୍ଟକର୍ମ କରୁଥିବାକୁ ହେବ । ଯେପରି ନୀଳକଣ୍ଠ କାଳ ଜଳଦ ନାଦରେ ଭୋଳ ହୋଇ ନର୍ତ୍ତନ କରୁଥିଲେହେଁ, ସର୍ପକୁ ବିସ୍ମରେ ନାହିଁ, ସେପରି ଭକ୍ତି ନିଷ୍କାମ କର୍ମରେ ସଂଲଗ୍ନ ହୋଇଥିଲେହେଁ, ଭକ୍ତିକି ପାସୋରେ ନାହିଁ, ସେହିପରି ତୁହ ନିଷ୍କାମ କର୍ମ କରି ପ୍ରେମଭକ୍ତି ସାଧନ କଲେ; ତଦ୍ଦ୍ୱାରା ତୋ ପାପ ପଙ୍କ କ୍ଷାଳିତ ହେବ ଏବଂ ନିତ୍ୟାନନ୍ଦ ପ୍ରାପ୍ତ ହେବ । ତୋତେ ଶିଷ୍ୟରୂପେ ଗ୍ରହଣ କଲି । ଏ ଜଗତରେ ଏକ ବ୍ୟକ୍ତିକି ହେଲେ ସତ୍ପଥଗାମୀ କରି ପାରିଲି ବୋଲି ମୁଁ ସନ୍ତୁଷ୍ଟ ।

ପରେ ଗୋବର୍ଦ୍ଧନଧର ଗୁରୁଙ୍କୁ ଅନୁସରି ଜୟପୁର ଦେଇ ପ୍ରସ୍ଥାଣ କରନ୍ତେ, ଜନେ ତାକୁ ଚିହ୍ନି ଭୟରେ ଦୂରକୁ ପଳାଇଲେ । ପରେ ସେ ସାଧୁବ୍ରତାବଲମ୍ବୀ ହୋଇଥିବା ବିଷୟ ଅବଗତ ହୋଇ ସେମାନେ ତାର ସମୀପବର୍ତ୍ତୀ ହୋଇ, ତାକୁ କିଏ ଠେକାରେ ପିଟିଲା; କିଏ ପ୍ରସ୍ତର ପ୍ରହାର କଲା; କିଏ, ବାଡ଼ିରେ ବାଡ଼େଇଲା । ଏପରି ନାନାବିଧ ପ୍ରହାର ବଶରୁ ତାହା ନୟନ ଯୁଗଳରୁ ଅଶ୍ରୁ ବର୍ଷିଲା; କିନ୍ତୁ ତାହା ତୁଣ୍ଡରୁ ଗୋଟିଏ ଶବ୍ଦ ସୁଦ୍ଧା ବାହାରିଲା ନାହିଁ । କେତେ କ୍ଷଣପରେ ସେ ସଂଜ୍ଞାହୀନ ହୋଇ ଭୂମିରେ ପତିତ ହେଲା । ପରେ ସେ ବୈଷ୍ଣବ ସମସ୍ତଙ୍କୁ ଉଦ୍ଦେଶି ବୋଇଲା ଯେ "ଏ ବ୍ୟକ୍ତି ଏବେ ସାଧୁ ହୋଇଅଛି । ଏହାକୁ ପ୍ରହାର କରିବା ଅନୁଚିତ ।" ଏହା ଶୁଣି ସେମାନେ ଏକସ୍ୱରରେ ପ୍ରତ୍ୟୁତ୍ତର ଦେଲେ ଯେ "ଡ଼କାଏତ କେବେହେଁ ସାଧୁ ହୋଇ ପାରେ ନାହିଁ ।" ବୈଷ୍ଣବ ଭାଷିଲା ଯେ "ଏ ନିଶ୍ଚୟରେ ସାଧୁ ହୋଇଅଛି; କିନ୍ତୁ ତୁମ୍ଭେମାନେ ଅସାଧୁ ହୋଇଅଛ ।" ବୈଷ୍ଣବଙ୍କ ଏ ବାଣୀ ଶୁଣି ସେମାନେ ଲଜ୍ଜିତ ହୋଇ

ବାହାରି ଗଲେ । ପରେ ସେ ବୈଷ୍ଣବ ଗୋବର୍ଦ୍ଧନଧରଙ୍କୁ ସଚେତ କରି "ବାବା ! ଏ ଦଣ୍ଡ ଦ୍ୱାରା ତୋର ପୂର୍ବପାପ କ୍ଷାଳିତ ହେଲା । ଆଉ ଚିନ୍ତା କର ନା " ବୋଲି ପ୍ରବୋଧି ତାଙ୍କୁ ସଙ୍ଗରେ ନେଇ ବୃନ୍ଦାବନକୁ ପ୍ରସ୍ଥାନ କଲେ । ଇତି

ଶ୍ରୀ ବିକ୍ରମଦେବ ବର୍ମା

—o—

# ଗୁଣବତୀ ପତ୍ନୀ

## ( ଲେଖକ—ବିକ୍ରମଦେବ ବର୍ମା )

ନିପଟ ନିଦାଘ ସମୟ । ଜଗତ ଅତପାନଳର ଅହୁତ ହୁଏ । ଦିନ ଦଶ ଘଣ୍ଟାପୂର୍ବରୁ ପକ୍ଷୀପକ୍ଷିଚୟ ତରୁ-ଛାୟାଶ୍ରିତ; ଭୋଗିଗଣ ବଲ୍ମୀକ ଗର୍ଭସ୍ଥିତ; ଭୋଗିଜନ କର୍ପୂର ମିଶ୍ରିତ ଚନ୍ଦନ ଚର୍ଚ୍ଚିତ । କିନ୍ତୁ ରନ୍ଧନାଦି ଗୃହକୃତ୍ୟ କାରଣୀ ଗୃହିଣୀର ମାନ ବିଶ୍ରାନ୍ତି କିମ୍ବା ଶୈତ୍ୟୋପଲବ୍ଧି ଘଟେ ନାହିଁ । କୋର୍ଟ ଏବଂ ସ୍କୁଲ ବନ୍ଦ । ଧନାଢ୍ୟମାନେ ଜଳଦକମଣ୍ଡଳାଦି ସ୍ଥାନମାନଙ୍କରେ ବାସ କରନ୍ତି । ଧନହୀନ କୋଠାରେ ବସି ବ୍ୟଜନ ଗୁଳି ଗୁଳି ଅର୍ଦ୍ଧଦଗ୍ଧାଗୃହିଣୀକୃତ ରନ୍ଧନର ସମାଲୋଚନା କରେ ।

ଏମନ୍ତ ସମୟରେ ଆପଣାର ଏକମାତ୍ର ପୁତ୍ର-ପୂର୍ଣ୍ଣଚନ୍ଦ୍ର ଲଣ୍ଡନରେ ତିନି ବର୍ଷ ପଢ଼ି ବାରିଷ୍ଟର ପରୀକ୍ଷା ପାଶ କରି ଘରକୁ ବାହୁଡ଼ି ଆସୁଥିଲା ସମ୍ବାଦ ଜାଣି ନାରାୟଣ ନାୟକର ଗୃହିଣୀ—କମଳା ଚୁଲ୍ଲୀମୁହଁରେ ବସି ପିଠା ଭାଜୁଥିଲା । ପୁଅଠାରେ ଥିଲା ପ୍ରେମ ବଶରୁ ସେ କଷ୍ଟ ପାଉ ନ ଥିଲା । ଇତପୂର୍ବଦିନ ତାର ପୁତ୍ରବଧୂ ହୀରାମଣି ମାଆ ଘରରୁ ଆନୀତା ହୋଇଥିଲା । ସେ ଶାଶୁ ପାଖେ ବସି ପିଠା ଗଢ଼ୁ ଥିଲା । କମଳା ସରଳା ଏବଂ କୋମଳା । ସେ ବୋହୂକୁ ଅତ୍ୟନ୍ତ ଲାଳନ କରେ ।

ନାରାୟଣ କେବଳ ନାୟକୋପାଧିଧାରକ ମାତ୍ର ନୁହେଁ । ସେ ଲକ୍ଷ୍ମୀପୁର ଗ୍ରାମର ଅଧିକାରୀ । ବଣାଖାପଛଣି ମଣ୍ଡଳର ଗ୍ରାମାଧିକାରୀ ନାୟକ ବୋଲାଏ । ନାରାୟଣ ଗୃହବାସ, ହଳ ବଳଦ, ହଳିଆ, ମୂଲିଆ ଇତି ଏବଂ କିଛି ମହାଜନୀ କରି କେତେ ସହସ୍ର ଟଙ୍କାର ଅଧିକାରୀ ମଧ୍ୟ ହୋଇଥିଲା । ସେ ଲୋଭୀ ହୋଇଥିଲେହେଁ, ନିଜ ତନୁଜକୁ ଆପଣାଠାରୁ ବଡ଼ କରିବା ଉଦ୍ଦେଶ୍ୟରେ ଆଙ୍ଗ୍ଲ ଭାଷା ପଠନ ପାଇଁ ଜୟପୁରର ହାଇସ୍କୁଲକୁ ପଠାଇଲା । ପୂର୍ଣ୍ଣଚନ୍ଦ୍ରର କୁଶାଗ୍ର ବୁଦ୍ଧି । ସେ କେଉଁ କ୍ଲାସରେ ଫେଲ୍ ନୋହି ମେଟ୍ରିକୁଲେସନ ପାସ କରି ବିଜୟନଗରର କଲେଜରେ ଚାରିବର୍ଷ ପଢି ବି.ଏ. ଉପାଧି ସମ୍ପାଦିଲା । ତେବେ ନାରାୟଣ ପୁତ୍ରକୁ ପଢ଼ା ଛଡ଼ାଇ ରେଭେନ୍ୟୁ ଡିପାର୍ଟମେଣ୍ଟରେ ପ୍ରବେଶ କରାଇବାକୁ ଉଦ୍ୟତ ହେଲା । ସେ ବିଭାଗରେ ପ୍ରବେଶିଲେ, କାଳେ ପୁଅ ମେଜିଷ୍ଟ୍ରେଟ ହେବ ବୋଲି ତାର ଆଶା । କିନ୍ତୁ ପୂର୍ଣ୍ଣଚନ୍ଦ୍ର ଚାକରି କରିବାକୁ ଅସମ୍ମତ ହୋଇ ଆଇନ ପଢିବା ପାଇଁ ଜିଗର କଲା । ସେ ସରକି ପୁଅର ପଢ଼ା ପାଇଁ ବେଶୀ ଧନ ବ୍ୟୟିତ ହୋଇଥିଲା କାରଣରୁ ତାହା ବନ୍ଦ କରାଇବାକୁ ବାପ ବହୁବିଧ ଯତ୍ନ କଲା । କିନ୍ତୁ ପୁଅର ଜିଗରବଶ୍ଚ ଏବଂ ମାଇପର ଅନୁରୋଧବଶୁଁ ସେ ପୁଅକୁ ମାନ୍ଦ୍ରାଜର ଲ କଲେଜରେ ପଢ଼ାଇବାକୁ ମଙ୍ଗିଲା । କମଳା ସର୍ବଦା ପୁତ୍ରପକ୍ଷପାତିନୀ । ଜନନୀ ସର୍ବଦା ସନ୍ତାନ ପକ୍ଷପାତିନୀ ସିନା ।

ପୂର୍ଣ୍ଣଚନ୍ଦ୍ର ବିଜୟ ନଗରରେ ପଢ଼ୁଥିଲା ସମୟରୁ ପୂରୋଦଗମନୋଦ୍ଦେଶ ନିଜ ହୃଦୟରେ ପୋଷଣ କରୁଥିଲା ହେତୁରୁ ସେ ବୋଇଲା—ଦେହର ହାଡ଼ ଗୁଣ୍ଡ କରି ଏବଂ ମୁଣ୍ଡର ଦହି ପାଣି କରି ମାନ୍ଦ୍ରାଜରେ ଆଇନ ପଢ଼ି ପାସ କଲେ, ଓକିଲ ହୋଇ ମକ୍କେଲଙ୍କ ଏବଂ ଅଧିକାରୀଙ୍କ ଖୁସାମତି କରୁ କରୁ ମୋ ଜୀବନ ଅନ୍ତ ହେବ । ଚାକରର ପ୍ରାୟଶଃ ଏକମାତ୍ର ପ୍ରଭୁ; କିନ୍ତୁ ଓକିଲର ସମଗ୍ର ଜଗତ ଯାକ ପ୍ରଭୁ । ଅତଏବ ମୁଁ ଓକିଲ ହେବି ନାହିଁ । ଲଣ୍ଡନରେ ଆଇନ ପଢି ବାରିଷ୍ଟର ହେବି । ବାରିଷ୍ଟର ହେଲା କେତେକ ସମୟରେ ଜିଲ୍ଲା ଜଜ କାର୍ଯ୍ୟ ପାଇବି ।

ଏତିକି ଶୁଣିଲା ମାତ୍ରେ କମଳା ଆନନ୍ଦାବ୍ଧିରେ ଭାସିଲା । ନାରାୟଣ ବୋଇଲା—ଏବେ ଏ ଦେଶରେ ଯେତେ ଲୋକ ବାରିଷ୍ଟର ହୋଇ ଅଛନ୍ତି,

ସେମାନେ ସମସ୍ତେ ତ ଜଜ ହୋଇ ନାହାନ୍ତି । ତୁ ଆଜି ବିଲାତ ଯାଇ କାଲିକି ବାରିଷ୍ଟର ହୋଇ ଫେରିଆସିବା ମାତ୍ରେ ଜଜ କାର୍ଯ୍ୟ ପାଇ ପାରିବୁ ବୋଲିଯାଇ ନ ପାରେ । ତୁ ବିଲାତରେ ତିନି ଚାରି ବର୍ଷ ରହି ଜାତିକି ଏବଂ ସମ୍ପତ୍ତିକି ମାଟି କରିବୁ ମାତ୍ର । ତୁ ବିଲାତରେ ଆଇନ ପଢ଼ିବା ପାଇଁ ଯେତେ ଧନ ଖର୍ଚ୍ଚ କରିବୁ—ସେତେ ଧନ ଏଠାରେ ଋଣ ଦେଲେ ତାର କାଳାନ୍ତରରେ ତୁହି ଏବଂ ତୋ କୁଟୁମ୍ବ କୌଣସି କାର୍ଯ୍ୟ ନ କରି ସୁଖ୍ୟା ସୁଖରେ ବଞ୍ଚି ପାରିବ । ମଧ୍ୟ ସେତେ ଧନ ତୋତେ ଦେବାକୁ ମୋଠାରେ ନାହିଁ । ଅତଏବ ଦୁରାଶା ଛାଡ଼ି କାର୍ଯ୍ୟ ପାଇଁ ଯତ୍ନ କରେ; ନତୁବା ବିଲାତ ନ ଯାଇ ମାନ୍ଦ୍ରାଜରେ ଆଇନ ପଢ଼େ ।

ଏତେ ଶୁଣି ପୁତ୍ର ପ୍ରତ୍ୟୁତ୍ତର ଦେଲା;—ଏବେ ଯେଉଁ ଜଣେ ବାରିଷ୍ଟର ହୋଇଅଛନ୍ତି, ତାଙ୍କର ଚାକିରି କରିବା ସ୍ପୃହା ନ ଥିବ; କିମ୍ବା ସେମାନେ କୌଶଳହୀନ ହୋଇଥିବେ । ମୁଁ ବାରିଷ୍ଟର ହେଲେ, ମୋ କୌଶଳ ବଳରେ ଜଜ୍ କାର୍ଯ୍ୟ ନିଶ୍ଚେ ଲଭିବି । ବିଲାତ ଗଲେ ଜାତି ଯାଏ ବୋଲିବା ଧାରଣା ନିହାତି ପୁରୁଣା । ଆଜି କାଲି ବିଲାତ ହୋଇଛି ପରମ ପବିତ୍ର ତୀର୍ଥସ୍ଥାନ; ବିଲାତଫେରା ବଂଶ ହେଉଛି ସଭ୍ୟବର ।

ତେବେ କମଳା ନିଜ ପତିଙ୍କ ଉଦ୍ଦେଶି ବୋଇଲା;—ଅହେ, ତୁମେ ଧନ ଲୋଭରୁ ଗୋଟିଏ ମାତର ପୁଅକୁ ଭଲ ପାଠ ପଢ଼ାଇ ବଡ଼ କରିବାକୁ ମଙ୍ଗୁନାହଁ । ଧନ ଅରଜି ରଖି ଭଲ କାମରେ ଖରଚ ନ କଲେ ସେ ତ ସଙ୍ଗରେ ଯାଏ ନାହିଁ । ଭଲ କାମରେ ଖରଚ ହେବ ତ ହେଉ । ତା ପାଇଁ ଭାବନା କାହିଁକି ? କାଲିକି ପୁଅ ଜଜ୍ ହେଲେ, ସେ କଣ ଧନ ଅରଜିବ ନାହିଁ ? ଜନ ଧନକୁ ଅରଜେ ନା ଧନ ଜନକୁ ଅରଜେ ? ଏଣୁ ତୁମେ ଅବଶ୍ୟ ଧନ ଦେବାକୁ ହେବ; ପୁଅ ବିଲାତ ଯିବାକୁ ହେବ ।

ମାଇପର ଝଗଡ଼ରେ ଏବଂ ପୁଅର ଅଳିରେ ବାଧ୍ୟ ହୋଇ ସେ ବାପୁଡ଼ା ପାଞ୍ଚ ହଜାର ଟଙ୍କା ପୁଅହାତରେ ଦେଲା । କମଳା ନିଜ ପତିର ଅଜଣାରେ ଅଳଙ୍କାର ବନ୍ଧକ ଦେଇ ଏକ ହଜାର ଟଙ୍କା କରଜ କରି ଆଣି ପୁଅକୁ ଦେଇ ବୋଇଲା;—ଏବେ ଏତିକି ଟଙ୍କା ନେଇ ଯା । ଲୋଡ଼ା ହେଲେ ଅଧିକ ପଠାଯିବ ।

ପୂର୍ଣ୍ଣଚନ୍ଦ୍ର ଲଣ୍ଡନ ଯାଇ ମିଡ଼ିଲ ଟେମ୍ପିଲରେ ପୂର୍ଣ୍ଣଚନ୍ଦ୍ର ରାଓ ବୋଲି ନିଜ ନାମ ଲେଖାଇ ପ୍ରବେଶିଲା । ଅତଏବ ସେ ସେଠାରେ ପି: ସି: ରାଓ ନାମରେ ପରିଚିତ । ଏଣିକି ଆମ୍ଭେମାନେ ମଧ୍ୟ ସେହି ନାମ ବ୍ୟବହାର କରିବା । ବିଲାତରେ ଦୁଷ୍ଟ ସହବାସ ବଶୁଁ ରାଓର ଆଚରଣ ପରିବର୍ତ୍ତିତ ହେଲା । ସେ ସିଗରେଟ ପୋଡ଼ାଏ; ମଦ ପିଏ; ବ୍ୟଭିଚାରିଣୀଙ୍କ ସ୍ନେହ ସମ୍ପାଦେ; ପ୍ରାୟଶଃ ପ୍ରତ୍ୟେକ ନିଶା ସିନେମା କିମ୍ବା ନାଟକ ଦେଖିବାକୁ ଯାଏ; ଛୁଟି ଦିନମାନଙ୍କରେ ଦେଶ ଭ୍ରମଣ କରେ । ଅତଏବ ସେ ବାରମ୍ବାର ଧନ ପ୍ରେରଣ ନିମିତ୍ତ ବାପଠାକୁ ପତ୍ର ପଠାଏ । ବାପ ଆଖିରୁ ଲୁହ ନୁହେ—ଲୋହ ଗଡ଼ାଇ କରଜ କରି ଧନ ପଠାଉଥାଏ । ବର୍ଷ ତ୍ରୟରେ ତାର ସକଳ ଚର ସମ୍ପତ୍ତି ନିଲାମ ପାଇ ସ୍ଥିର ସମ୍ପତ୍ତି ବନ୍ଧକ କରାଗଲା । କିପରି ହେଉ ପୁଅ ବାରିଷ୍ଟର ହୋଇ ଫେରି ଆସୁଥିଲା ସମ୍ବାଦ ଅବଗତ ହୋଇ ତାର ମନ ଥୋଡ଼ା ଖୁସି ହୋଇଥିଲା । ସେ ପୁତ୍ର ପ୍ରେମ-ବଶଗ ହୋଇ ସାଲରୁ ରେଲ-ଷ୍ଟେସନରେ ନିର୍ଦ୍ଦିଷ୍ଟ ସମୟେ ହାଜର ହୋଇଥାନ୍ତେ, ମେଲ ଗାଡ଼ି ଆସି ପହଞ୍ଚିଲା । ନାରାୟଣ ଇଣ୍ଟର କ୍ଲାସ ଗାଡ଼ିରେ ଏବଂ ସେକେଣ୍ଡ କ୍ଲାସ ଗାଡ଼ିରେ ଖୋଜି ନିଜ ତନୁଜକୁ ନ ଦେଖି ଚିନ୍ତାନ୍ୱିତ ହୋଇ ଠିଆ ହୋଇଥାନ୍ତେ, ପାଦେ ବୁଟ୍, ଅଙ୍ଗେ ଓଭର କୋଟ, ଶିରେ ହ୍ୟାଟ ଧାରଣ କରିଥିଲା ଏକ ବ୍ୟକ୍ତି ଫାଷ୍ଟ କ୍ଲାସ ଗାଡ଼ିରୁ ଓହ୍ଲାଇ ପ୍ଲାଟଫାରମରେ ତାର ପୂର୍ବ ପରିଚିତ ଜନୈକ ବ୍ୟକ୍ତି ତୁଲେ କର ଧାରଣ କରି ଆଙ୍ଗ୍ଳ ଭାଷାରେ ସମ୍ଭାଷଣ କରୁଥିଲା ସମୟରେ ପୋର୍ଟର ଗାଡ଼ିଭିତରୁ ସୁଟକେଶଟିଏ ଆଣି ସେଠାରେ ରଖି ଆପଣାର ହେବା ପାଉଣା ପାଇ ସଙ୍ଗମ କରି ଗଲା । ନାରାୟଣ ମଧ୍ୟ ସାହେବ ବୋଲିବା ଶଙ୍କାରେ କିଛିଦୂର ଘୁଞ୍ଚିଲା । କଥୋପକଥନ କରୁଥିଲା ବ୍ୟକ୍ତି ଦ୍ୱୟରେ ପୂର୍ବସ୍ଥିତ ବ୍ୟକ୍ତି ଆଗତ ବ୍ୟକ୍ତିକୁ ଉଦ୍ଦେଶି "ଗୁଡ଼୍‌ବାଇ, ପୂର୍ଣ୍ଣଚନ୍ଦ୍ର" ବୋଲି ଯାନ୍ତେ, ଆଗତ ବ୍ୟକ୍ତି ନିଜାତ୍ମଜ ବୋଲି ତେବେ ଜାଣି ତା ନିକଟକୁ ନାରାୟଣ ଯାଇ ସୁଟକେଶ ବହନ କଲା । ମୋଟର ବସରେ ଯିବାକୁ ରାଓ ଅନିଚ୍ଛୁକ ହେଲା ହେତୁରୁ ଗୋଟିଏ ଭଡ଼ା ମୋଟରକାରରେ ବାପ ଏବଂ ପୁଅ ବସି ସ୍ୱପୁରେ ପହଞ୍ଚିଲେ ।

ଭାରତ ପ୍ରଥା ଏବଂ ପାଶ୍ଚାତ୍ୟ ପ୍ରଥା ମଧ୍ୟରେ ଅନ୍ତର ବହୁତ । ପ୍ରାୟଶ ତ୍ରିଂଶତ ବର୍ଷ ଅଭ୍ୟସ୍ତ ହୋଇଥିଲା ହାଲଚାଲ ତିନିବର୍ଷ ବ୍ୟବଧାନରେ

ରାଓଠାରୁ ଦୂର ହୋଇଯାଇ ତାକୁ ପାଶ୍ଚାତ୍ୟ ରୀତି ସମ୍ପୂର୍ଣ୍ଣ ନୂତନ ବୋଧ-ଦେଲା । ଭାରତୀୟ ଭଙ୍ଗୀରେ ଶାଢ଼ୀ ଏବଂ ଖଦି ପିନ୍ଧିଥିଲା କାରଣରୁ ପରି ସେ ନିଜ ଜନନୀ ଏବଂ ଜନକ ସହିତରେ ଭଲେ କଥୋପକଥନ କଲା ନାହିଁ । ହୀରାମଣିର ବର୍ଣ୍ଣ ପୁଣ୍ଡରୀକ ପରି ନୋହି କେତକୀ ପରି ଏବଂ କେଶ ସୁନା, ରୂପା, କମ୍ବା ତମ୍ବା ପରି ନୋହି ନୀଳମଣି ପରି ଦିଶୁଥିଲା; ତା ଦେହରୁ ସାବୁନ ବାସନା ନ ବାସି ହରିଦ୍ରା ଗନ୍ଧ ପ୍ରସରୁଥିଲା; ତାର ଶିରରେ ଓଢ଼ଣି; ନାସାରେ ବସଣି; ଭାଲରେ ସିନ୍ଦୁର ବିନ୍ଦୁ; ହାତରେ ଶଙ୍ଖା; ପାଦରେ ନୂପୁର; ଅପଧନ ପେଟୀକୋଟ ବିହୀନ ହୋଇ ଶାଢ଼ୀରେ ଆବୃତ । ଅଧିକନ୍ତୁ ସେ ଲଜ୍ଜାନ୍ୱିତା । ଅତଏବ ସେ ରାଓର ମନକୁ ଟାଣି ଆଣି ପାରିଲା ନାହିଁ । ରାଓ ମୁଣ୍ଡରୁ ମାଇପ ମୁହଁକୁ ଚାହିଁଲା ନାହିଁ । କାନ୍ଥ ମାଟି; ଛପର ଛଣ; ଘର କୁଟିର; ପୁଣି ଅସଜ୍ଜିତ; ଗ୍ରାମ ପଡ଼ା; ଗ୍ରାମବାସୀ ଅସଭ୍ୟ । ଅତଏବ ଜନନ ସ୍ଥାନ ହୋଇଥିଲେହେଁ, ସେଠାରେ ସେ ଦୁଇଦିନ ମଧ୍ୟ ରହି ନ ପାରି ମାନ୍ଦ୍ରାଜରେ ବାସକରି ଓକାଲତି କରିବାକୁ ଉଦ୍ୟତ ହେଲା । କିନ୍ତୁ ବାଞ୍ଛିତ ଧନ ଜନକ ଯୋଗାଇ ନ ପାରିଲା ହେତୁରୁ କେତେ କାଳ ବିଶାଖପଟ୍ଟଣରେ ଓକାଲତି କରି ପରେ ମାନ୍ଦ୍ରାଜ ଯିବା ସ୍ଥିର କରି ଘରରୁ ବାହାରି ବିଶାଖ-ପଟ୍ଟଣ ଯାଇ ସମୁଦ୍ର ତୀରର ଗୋଟିଏ ବଙ୍ଗଳାର ଆଗରେ "ମିଃ ପିଃ ସିଃ ରାଓ, ବାରିଷ୍ଟର" ବୋଲି ଲିଖିତ ହୋଇଥିଲା ଗୋଟିଏ ପଟା ଲମ୍ବାଇ ତହିଁ ବାସକଲା । ସେ ବଙ୍ଗଳାର ମାସିକ ଭଡ଼ା ପଚିଶ ଟଙ୍କା । ରାଓର ଓକାଲତି ନୂଆ ହୋଇଥିଲେହେଁ, ଉପାଧିବଶରୁ ପରି ଉପାର୍ଜନ ମନ୍ଦ ନୋହି ଆଶାଜନକ ହୋଇଥିଲା । ସେ ଘରକୁ ଚିଠି ପଠାଏ ନାହିଁ; କିମ୍ବା ଘରରୁ ପ୍ରେରିତ ହେଲା ପତ୍ରର ପ୍ରତ୍ୟୁତ୍ତର ଲେଖେ ନାହିଁ ।

ତେଣେ ମହାଜନ ନାରାୟଣର ସକଳ ଚର ସ୍ଥିର ସମ୍ପତ୍ତି ବିକାଇ ନିଜ ଋଣ-ଧନ ଅସୁଲ କରି ନେଲେ । ସେ ସମସ୍ତ ସମାଚାର ଅବଗତ ହୋଇ ସୁଦ୍ଧା ରାଓ ଏକ ପଇସାଟିଏ ହେଲେ ଘରକୁ ପଠାଇଲା ନାହିଁ । ଅଭିମାନୀ-ନାରାୟଣ ଗ୍ରାସବାସହୀନ ହୋଇ ଦାମ ବିକୁଥିଲା ଗ୍ରାମରେ ଦାରୁ ବିକିବା ଅନୁଚିତ ବୋଲି ଭାବି ଲକ୍ଷ୍ମୀପୁର ତେଜି ତେଲୁଙ୍ଗୁ ଦେଶକୁ ଯାଇ ଏକ ଗ୍ରାମୋପ୍ରାନ୍ତରେ ଗୋଟିଏ ପତରର କୁଡ଼ିଆ ତୋଳି ତହିଁ ଜାୟା ଏବଂ ପୁତ୍ରବଧୂ ସହିତରେ ରହି କୁଲି ହୋଇ ଜୀବନ ଯାପନ କଲା । ପୂର୍ବଠାରେ

ଆଶା ଭରସା ସ୍ଥାପିଥିଲା କମଳା ତାର ଉପେକ୍ଷାରୁ, ଘଇତାର ଗଞ୍ଜଣାରୁ ଏବଂ ଦରିଦ୍ରତାରୁ ଖିନ୍ନା ହେଲା । ହୀରାମଣିର ଦୁଃଖ କଥନାତୀତ; ଅନୁଭବୈକ ବେଦ୍ୟ ମାତ୍ର । କଷ୍ଟୀ ସୁଖୀ ହେବା ସହ୍ୟ; କିନ୍ତୁ ସୁଖୀ , କଷ୍ଟୀ ହେବା ଦୁଃସହ ।

ଏକ ଦିନେ କମଳା ହୀରାମଣିକି କୋଳରେ ବସାଇ କହିଲା;—ମା, ତୋ ଭାଲରେ ପତିସୁଖଲାଭ ତ ଲେଖା ଯାଇ ନାହିଁ; ତୁ ନିଜେ ଦାରିଦ୍ର୍ୟ କଷ୍ଟ ମଧ୍ୟ ଭୁଞ୍ଜିବୁ କାହିଁକି ? ମୋ କଥା ଶୁଣେ—ମାଆ ଘରକୁ ଯା— ସେଠାରେ ଭାତ ଗୁଣ୍ଡାଏ ଏବଂ ଖଦି ଖଣ୍ଡିଏ ହେଲେ ପାଇବୁ ।

ଏତେ ଶୁଣି ହୀରାମଣି ଶୋକାକୁଳା ହୋଇ ଶାଶୁର ପଦଯୁଗ ଧରି ବୋଇଲା;—ମା, ସେପରି କହ ନାହିଁ । ତୁମ ପୁଅ ବିଲାତରେ ଥିଲାବେଳେ ମୁଁ ମାଆ ଘରେ ତିନି ବରଷକାଳ କାଟିଲି । ତାହା ନିତାନ୍ତ ନିନ୍ଦ୍ୟ । ମାଆ ଘରେ ସଧବାର ସ୍ଥାନ ନାହିଁ । ମୋ କପାଳରେ ପତିସେବା କରିବା ଲେଖି ଯାଇନାହିଁ । ତାହା ବୋଲି ଗୁରୁଜନ ସେବନ ଛାଡ଼ିବି କାହିଁକି ? ମୋର ମାଆଘରର ଖୀର ଖେଚଡ଼ି ଠାରୁ ଶାଶୁଘରର ଜାଉ ପେଜ ବଡ଼ ମଧୁର; ସେଠା ପାଟ ପତନୀ ଠାରୁ ଏଠା ଚିରା ଲେଙ୍କଡ଼ା ବେଶୀ ସୁନ୍ଦର । ମାଆଘରେ ରହି ନିନ୍ଦିତା ହୋଇ ପାରିବି ନାହିଁ । ମା, ମୋତେ ତୁମ ପାଖରେ ମାତ୍ର ରଖ; ତୁମ ବେନିଙ୍କ ସେବା କରି ଦିନ ନେବି; ସେତିକି ମୋତେ ଅଣ୍ଟିବ ।

ତାହା ଶୁଣି କମଳା ଶୋକଭରେ ବହୂକୁ କୁଣ୍ଢେଇ କହିଲା;—ମା, ତୋ କଷ୍ଟ ଦେଖି ନ ପାରି ସେପରି ବୋଇଲି । ପୁଅ ବୋଇଲେ ତୁ; ବୋହୂ ବୋଇଲେ ତୁ । ତୋତେ ଛାଡ଼ି ପାରିବି ନାହିଁ । ତୁ ଆମ ପାଖେ ଏକା ଥା । ପାଠକେ, ହୀରାମଣିର ଚାଲିଚଳଣି ପୂର୍ବେ ରାଜାତ୍ମଜା ହୋଇ ସ୍ବଇଚ୍ଛା ବନବାସକ୍ଲେଶ ଭୁଞ୍ଜି ଶାଶୁ ଶ୍ୱଶୁରଙ୍କ ସେବା କରୁଥିଲା ସାବିତ୍ରୀ ଚରିତକୁ ଜ୍ଞାପନ କରାଏ ନାହିଁ କି ?

ଆଉ ଏକଦିନେ କମଳା ନିଜ ନାଥକୁ ଉଦ୍ଦେଶି ବୋଇଲା;— ଆହେ, ତୁମେ ସିନା ଅଭିମାନୀ ହୋଇ ପୁତ୍ରଠାକୁ ଯାଉନାହିଁ; ମୋର ତ

ଅଭିମାନ ନାହିଁ; ମୁଁ ଥରେ ଯାଇ ତାଙ୍କୁ ଦେଖି ଆସିବି । ସେ ସିନା ଏବେ ପାରଗ ହୋଇ ମୋତେ ଦୂର କଲେ; ପାଇଲେ ପେଟ ତାଙ୍କୁ ଦୂର କରିପାରିବ କି ଏଣୁ ମୋତେ ଅନୁମତି ଦିଅ ।

ଏତକ ଶୁଣିଲା ମାତ୍ରେ କ୍ରୋଧାରୁଣିତଲୋଚନ ହୋଇ ନାରାୟଣ ଉଚ୍ଚେ ଭାଷିଲା;—କିସ ? ସେ କୁଳାଙ୍ଗାରକୁ ଦେଖିବାକୁ ଯିବୁ ? ତୋ ତୋ ଲାଜ ମାଡୁନାହିଁ ? ମୋ ପ୍ରାଣ ଖାଇ ସର୍ବସ୍ୱ ସେ ଦ୍ରୋହୀ ପାଇଁ ଧ୍ୱଂସ କରାଇଲୁ; କୁଳଅଣୀ ହେଲୁ । କୋଡ଼ରେ ଥିବାଯାଏ ପୁତ୍ର; ଥୋଡ଼ ବଢିଲେ ସେ ଅମିତ୍ର । ଏହି ଲୋକୋକ୍ତି ଅନ୍ତର ଜଣା ଯାଇନାହିଁ କି ? ସେ ତୋତେ ପଶୋର ଦେଇଥିଲେହେଁ, ତୁ ତାଙ୍କୁ ଯାଇ ହାତ ପାତିବାକୁ ପାଉ । ମୁଁ ଦାରିଦ୍ର୍ୟକଷ୍ଟକୁ ସହିଲି; କିନ୍ତୁ ଅପମାନକୁ ସହି ପାରିବି ନାହିଁ । ଯିବୁ ତ ଯା । ସେ ବିଶ୍ୱାସଘାତୁକ ତୋତେ ଆଦର କରୁ ହେଲେ ଦେଲେ, ଅଣି ଖା, ମାତ୍ର ତାହା ଦ୍ୱାରା ତିରସ୍କୃତା ହୋଇ ଅସିଲେ, ତୋର ଏଠାରେ ଆଉ ସ୍ଥାନ ଥିବ ନାହିଁ । ଖବରଦାର !

ପୁଅଠାରେ ଥିଲା ମମତାରୁ ଏବଂ ଭରସାରୁ କମଳା ଗିରସ୍ତର ଗିର ଠେଲିଦେଇ ବିଶ ଖପଛେଣି ଯାଇ ରାଓର ଗୃହଦ୍ୱାରରେ ହାଜର ହୋଇ ଦ୍ୱାରପାଳ ଦ୍ୱାରା ନିଜାଗମନ ବାର୍ତ୍ତା ଭିତରକୁ ପଠାଇଲା । ଦ୍ୱାରୀ ଫେରି ଆସି "ବାବୁ କାର୍ଯ୍ୟରେ ବ୍ୟସ୍ତ ହୋଇ ଅଛନ୍ତି; ତୁମେ କିଛି କାଳ ଏଠାରେ ବସିଥାଅ" ବୋଲି କହନ୍ତେ, ସେ ମର୍ଦ୍ଦିତ-ପୁଚ୍ଛଫଣିନୀ ପରି କ୍ରୁଦ୍ଧା ହୋଇ "କିସ ? ତାର ଆଖି ଦିଓଟି ଏବେ ତାଳୁ ଚଢିଲା ! ମାଆକୁ ଦାଣ୍ଡେ ବସାଇ ଘରେ କାର୍ଯ୍ୟ କରୁଛି ? ମୋର ବାରଣ ମାନେ କେ ?" ବୋଲି ଜବରଦସ୍ତିରେ ଭିତରେ ପଶି ପୁଅର ଅଗରେ ଉଭା ହୋଇ ବୋଇଲା;—ପୂର୍ଣ୍ଣେ, ତୁ ଏବେ କେତେ ବଡ଼ ହେଲୁ ରେ !!

ଏତକ ଶୁଣି ରାଓ ଦୁଇ ଆଖି ତରାଟି ଚାହିଁ ବୋଇଲା;—"ପୂର୍ଣ୍ଣଚନ୍ଦ୍ର ରାଓ ମହାଶୟ" କିମ୍ବା "ପୂର୍ଣ୍ଣଚନ୍ଦ୍ର ବାବୁ" ବୋଲି ପାରୁନାହୁଁ ? ବାରିଷ୍ଟର ମହାଶୟଙ୍କୁ "ପୂର୍ଣ୍ଣେ" ବୋଲି ଡାକୁଛୁ ? ଅନୁଜ୍ଞା ବିନା ଭିତରକୁ ଅସିଛୁ ?

ଏତକ ଶୁଣିଲାମାତ୍ରେ କମଳା କୁପିତା ହୋଇ ଉଚ୍ଚ ସ୍ୱରରେ ବୋଇଲା;—ଅରେ ମୂର୍ଖ, ତୁ ଆନ ଜନଙ୍କର "ମହାଶୟ" "ବାବୁ"

ଆଜ "ବାରଷ୍ଟର"; କିନ୍ତୁ ମା ବାପଙ୍କର ନୋହୁଁ । ତୁ ମଦାନ୍ଧ ହୋଇ ଭଲ ମନ୍ଦ ଜାଣି ପାରୁନାହୁଁ । ତୋତେ ପାଇ ପାଳି ତୋ ପାଇଁ ସବୁ ସମ୍ପତ୍ତି ହରାଇ କଷ୍ଟ ସହି ତୋତେ ମଣିଷ କଲ ମା ବାପଙ୍କୁ ପାସୋରିଲୁ । ହାତ ଧରି ବାଉ ହେଲା ମାଇପକୁ ଛାଡ଼ିଲୁ । ତୁ ମୋ ପୁଅ ନୋହୁ; ବିଶ୍ୱାସଘାତୁକ; ତୋଠାରୁ କୁକୁର ଅଧିକ । ଧର୍ମ ଯଦି ଥାଏ, ତୋ ଗରବ ଗୁଣ୍ଡ ହେବ; ପାପ ଫଳ ଅବଶ୍ୟ ଭୁଞ୍ଜିବୁ । ଛି—ତୋ ମୁହଁ ଆଉ ଦେଖିବି ନାହିଁ । ଗିରସ୍ତଙ୍କ ଗିର ନ ମାନି ଏଠାକୁ ଆସି ବେଶୀ ଖୁସି ହେଲି; ତାର ଶାସ୍ତି ପାଇଲି । ଏତେ ବୋଲି ସେ ସେଠାରୁ ବାହାରି ଗଲା; ମାଇ ସ୍ୱଗୃହକୁ ଯାଇ ନାହିଁ । ସେ କେଉଁଠାକୁ ଗଲା କିମ୍ବା କ'ଣ ହେଲା, ସେ ସମ୍ବାଦ ଜଗତ ଆଜ ଯାଏ ଜାଣି ପାରି ନାହିଁ । ସୁଓ ଜନନୀ-ବଚନ ଶୁଣି ମନେ ହସି ନିଜ କାର୍ଯ୍ୟରେ ରତ ହେଲା ।

ପ୍ରପଞ୍ଚର ପ୍ରତ୍ୟେକ ପଦାର୍ଥ ବଦଳୁଥିବା ପରି ମାନବର ଦଶା ମଧ୍ୟ ବଦଳଇ । ଦୁର୍ଦ୍ଦଶା ଘଟିବା କାଳରେ ସୁଧୀର ମଧ୍ୟ ବୁଦ୍ଧି ଭ୍ରଂଶ ଘଟେ । ଦଶାନନ ଜନକସୁତାସକ୍ତ; ନଳ ଏବଂ ଧର୍ମଜ ଦ୍ୟୁତାନୁରକ୍ତ; ଦଶରଥ ଏବଂ ପରୀକ୍ଷିତ ମୃଗୟାଭିଳାଷୀ; ଶିଶୁପାଳ ଦୁର୍ଭାଷାଭାଷୀ; ଯାଦବେ ମଦ୍ୟ-ପାନରତ; ଦୁର୍ଯ୍ୟୋଧନ ଦାୟ୍ପଲବ୍ଧ ! ତେବେ ବିନୟ ନିମିତ୍ତ କେତୋଟି ମୋଟରକାର ଇଣାଖପଛଣିକୁ ଅଣାଗଲା । ତାବଲ୍ଲାଲ ଯାଏ ଦୋକରର ବାଇଶିକଲରେ ଗମନାଗମନ କରୁଥିଲା ସୁଓ ଧାର କରି ମୋଟରକାରଟିଏ କିଣିଲା । ମନୁଜ ସମାଜ ନୂତନ ପଦାର୍ଥ ପ୍ରିୟ ସିନା ! ସେ ବେଶ୍ୟା ସହବାସ କଲା; ମଦ୍ୟ ପାନ ବଢ଼ାଇଲା; କାଳକ୍ଷେପ ନିମିତ୍ତ ଜୁଆ ଖେଳକୁ ଅବ-ଲମ୍ବିଲା । କଥିତ କର୍ମାସକ୍ତିବଶରୁ ତାର କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି ଘଟି ଆୟ କମିଲା; ଏବଂ ବ୍ୟୟ ବଢିଲା । ଅତଏବ ସେ କୃତ୍ରିମ ଲେଖନାଦି କୁତ୍ସିତ କର୍ମମାନ କରିବାକୁ ବାଧ୍ୟ ହେଲା; ପାପ ସର୍ବଦା ଲୁଚି ରହେ ନାହିଁ । ତାର ପାପାଚରଣ ପ୍ରକଟିତ ହୁଅନ୍ତେ, ସେ କେତେ କାଳ ଯାଏ ନ୍ୟାୟ ସ୍ଥାନ ପ୍ରବେଶସ୍ୱତ୍ୱରୁ ଚ୍ୟୁତ ହେଲା । ମଧ୍ୟ ନିଃସ୍ୱ ହୋଇ ଦେଉଳିଆ ହେଲା । ଦୁରବସ୍ଥା ଏକଲା ଆସେ ନାହିଁ । ସୁଓ ଆଧିବ୍ୟାଧିଗ୍ରସ୍ତ ହୋଇ, ଜେନେରଲ ହାସ୍ପିଟାଲର ଦରିଦ୍ର ରୋଗୀଙ୍କ ପାର୍ଶ୍ୱରେ ଏକାକୀ ପଡ଼ି ରହିଲା । ତୃଷା କଲେ ତା ତୁଣ୍ଡକୁ ପାଣି ଓଟାପାଏ ମଧ୍ୟ ମିଳେ ନାହିଁ । ଜନନୀର ଲାଳନ ପାଳନ·

ଏବଂ ନିଜର ଉଦରସ୍ଥକରଣ ସ୍ମୃତ ହୁଅନ୍ତେ, ତା ଉପରେ ପ୍ରଜ୍ୱଳିତ ପଶ୍ଚାତ୍ତାପ ଆଧିବ୍ୟାଧି ସଙ୍ଗରେ ମିଶି ପୀଡ଼ା ବଢ଼ାଇଲା ।

ଅନ୍ଦାଜ ଏକ ବର୍ଷ ଅତିକ୍ରମ କଲେହେଁ, ଶାଶୁର ଖବର ଅଗୋଚର ହେଲା ହେତୁରୁ ହୀରାମଣି ଦୁଃଖିନୀ ହୋଇ ତଦନୁସନ୍ଧାନ ନିମିତ୍ତ ନିର୍ଗମିବାକୁ ଅନୁରୋଧ କରନ୍ତେ, ନାରାୟଣ ବାଧ୍ୟ ହୋଇ ବନ୍ଧୁ ସଙ୍ଗରେ ବଣାଖପଞ୍ଚଣରେ ପ୍ରବେଶିଲା । ସେଠାରେ ଯେତେ ଭଙ୍ଗୀରେ ଅନ୍ୱେଷଣ କଲେ ହେଁ, କମଳାର ବୃତ୍ତାନ୍ତ ବିଦିତ ହେଲା ନାହିଁ; କିନ୍ତୁ ରାଓର ଅବସ୍ଥା ଜଣାଗଲା । ତାକୁ ଜାଣିଲାକ୍ଷଣି ହୀରାମଣି ଅଧୀରା ହୋଇ ସହସା ହାସ୍ପିଟାଲକୁ ଯିବା ପାଇଁ ଶ୍ୱଶୁରଙ୍କୁ ଅନୁରୋଧ କଲା । ତଥାପି ନାରାୟଣ ନନ୍ଦନବଦନ ବିଲୋକନ କରିବାକୁ ଅସମ୍ମତ ହେଲା; ମାତ୍ର ଯିବା ପାଇଁ ବଧୂଙ୍କୁ ଅନୁମତି ଦେଲା । ହୀରାମଣି ହାସ୍ପିଟାଲକୁ ଯାଇ ବହୁବିଧ ଯତ୍ନ କରି ରାଓର ଖଟ ନିକଟରେ ଉପସ୍ଥିତା ହୋଇ ସୁଦ୍ଧା କଙ୍କାଳାକୃତି ଧାରଣ କରିଥିଲା କାରଣରୁ ତାକୁ ଚିହ୍ନି ପାରିଲା ନାହିଁ । କିନ୍ତୁ ରାଓ ନିଜ ଜାୟାଙ୍କୁ ଚିହ୍ନି କ୍ରନ୍ଦନ କରି କହିଲା;—ଏ ଦୋଷୀର ଦୋଷ କ୍ଷମା କଲୁ କି ? ଏ କୃତଘ୍ନଠାରେ ତୋ କୃପା ପ୍ରସରିଲା କି ?

ତାହା ଶୁଣି ସାଶ୍ରୁନୟନା ହୀରାମଣି ପତିପଦଯୁଗ ଧରି ବୋଇଲା—; ତୁମେ ବ୍ୟଥିତ ହେବା ଅନୁଚିତ । ତୁମର ଦୋଷ କିଛିହେଁ ନାହିଁ । କଳି ପ୍ରଭାବରୁ ନଳଙ୍କ ମତି ବଦଳି ଯାଇଥିଲା ପରି ଦୁର୍ଦ୍ଦଶା ବଶୁଁ ତୁମ ବୁଦ୍ଧି ବଦଳି ଥିଲା । ଭଲେ ଭାବିଲେ ମଣିଷ ସ୍ୱତନ୍ତ୍ର ନୁହେ । ପ୍ରଳୟର ମଧ୍ୟ ଅନ୍ତ ଅଛି । ଜଗଦୀଶକୃପାରୁ ଆମ୍ଭ ଦୁର୍ଦ୍ଦଶା ଦୂର ହେବ । ବିଷାଦକୁ ତେଜ; ପ୍ରମୋଦକୁ ଭଜ । ତାପରେ ରାଓ ପତ୍ନୀମୁଖରୁ ନିଜ ଜନନୀଜନକଙ୍କ ଗତିସ୍ଥିତି ଅବଗତ କରି ଦୁଃଖିତ ହେଲା ।

ହୀରାମଣିର ଶୁଶ୍ରୂଷା ବଶୁଁ ଏବଂ ଡାକ୍ତରଙ୍କ ଚିକିତ୍ସା ବଶୁଁ ରାଓ କ୍ରମକ୍ରମରେ ଆରୋଗ୍ୟଲାଭ କରି ହାସ୍ପିଟାଲରୁ ମୁକ୍ତ ହୋଇ ଯାଇ ପିତାର ପାଦେ ପଡ଼ି କ୍ଷମା ପ୍ରାର୍ଥନା କଲା । ସଜଳଲୋଚନନାରାୟଣ ନନ୍ଦନକୁ ଆଲିଙ୍ଗନ କରି ପ୍ରବୋଧିଲା । ରାଓ ପୂର୍ବାଭ୍ୟସ୍ତ ସମସ୍ତ ଦୁର୍ଗୁଣ ପରିତ୍ୟାଗ କରି ପୁନଶ୍ଚ ଆଇନ ବ୍ୟବସାୟ ଆରମ୍ଭିଲା । ତାହା କ୍ରମେ ବର୍ଦ୍ଧିତ ହେଲା ।

ଗୃହର କମଳାକାନ୍ତ ନାମକ ବାଳକଟିଏ ଜନମି ଜନମୀଜନକଙ୍କୁ ଏବଂ ପିତାମହଙ୍କୁ ଆନନ୍ଦାବ୍ଧିରେ ଭସାଉଅଛି । ଅଦ୍ୟ ଗୃହର କୌଣସି ଅଭାବ ନାହିଁ । ତଥାପି ମାତା ସ୍ମୃତା ହେବା ସମୟରେ ମାତ୍ର ତାର ଆନନ କିଞ୍ଚିନ୍ମଳିନ ହୁଏ ।

---

# ସୁଲକ୍ଷଣା

ଜଗତରେ ନିର୍ଧନର ଜୀବନ ନିରର୍ଥକ । ଧନହୀନର ମାନ୍ୟ ଶୂନ୍ୟ । ତାର ସୁଖ ଏବଂ ଭୋଗ ଗଗନକୁସୁମ ମାତ୍ର । ଧନବାନ କୁଳୀନ, ବିଜ୍ଞ, ଗୁଣଜ୍ଞ, ସୁନ୍ଦରଗାତ୍ର ଏବଂ ଗୌରବପାତ୍ର ଅଟେ । ସେ ଯାହା ଭାବେ, ତାହା କରି ପାରେ । ଧନୀ ଖଳ ହୋଇଥିଲେ, ମଦାନ୍ଧ ହୁଏ । ଚଞ୍ଚଳା—ଲକ୍ଷ୍ମୀ ତାହାର ବଶୀଭୂତା ହୋଇଥିବାରୁ ସେ କାହାକୁ ଖାତର କରେ ନାହିଁ । ଦରିଦ୍ର ଆଦୌ ତା ଦୃଷ୍ଟିଗୋଚର ହୁଏ ନାହିଁ । ସେ ଉଚ୍ଛୃଙ୍ଖଳ ହୋଇ ପରଲୋକ ବିଷୟ ଭାବେ ନାହିଁ । ମଧ୍ୟ ଧର୍ମ ଦୂର ହୋଇ ପରକୁ ପୀଡ଼ନ କରି ମୋଦକୁ ଲଭଇ ।

ଆସିକା ଗଞ୍ଜାମ ଜିଲ୍ଲାର ଗୋଟିଏ ସାମାନ୍ୟ ପତ୍ତନ । ନଦୀ ଦ୍ୱୟ ମଧ୍ୟଗତ ହୋଇଥିବାରୁ ତାର ଆକାର ଲମ୍ବା । ତହିଁ କେତୋଟି ନ୍ୟାୟସ୍ଥାନ, ଚିକିତ୍ସାଳୟ ଏବଂ ଆଙ୍ଗ୍ଲ ବିଦ୍ୟାଳୟ ବିଦ୍ୟମାନ । ସେଠା ନିବାସୀ କିଶୋରଚନ୍ଦ୍ର ପ୍ରଧାନ ଓକାଲତି କରେ । ତାର ପୈତୃକ ଚର ସ୍ଥିର ସମ୍ପତ୍ତି ଥିଲା କାରଣରୁ ସେ ଆଗର୍ଭ ଶ୍ରୀଯୁକ୍ତ । ତା ଘରେ ସେ ଏବଂ ସୁଲକ୍ଷଣା ନାମ୍ନୀ ଭାର୍ଯ୍ୟା ମାତ୍ର । କିଶୋରଚନ୍ଦ୍ର ନବ୍ୟ ସଭ୍ୟ । ସୁଲକ୍ଷଣା ରୂପବତୀ, ଗୁଣବତୀ, ବିଦ୍ୟାବତୀ, ପତିବ୍ରତା ଏବଂ ସନାତନଧର୍ମନିରତା । ପତିସେବା ଚିନ୍ତା ଛଡ଼ା ତାର ମନରେ ଅନ୍ୟଚିନ୍ତା ଥାଏ ନାହିଁ । ତାର ଗୌରାଙ୍ଗ ହାରିଦ୍ର ରସଯୁକ୍ତ ହୋଇ ଷୋଳବାନି ସୁନାକୁ ତିରସ୍କାର କରେ, ଅଞ୍ଜନରଞ୍ଜିତ ନୟନଯୁଗଳ ଖଞ୍ଜନକୁ ନିନ୍ଦେ, ଲଲାଟଫଳକର ସିନ୍ଦୁରବିନ୍ଦୁ ବାଳ ତପନକୁ

ଉପହାସ କରେ । ନାସାରେ ବସଣି, ହାତରେ ସୁନାଚୁଡ଼ି, କଣ୍ଠରେ ପରିଣୟ ସମୟରେ ପତିଦତ୍ତ ହାଟକହାର ବିନା ଅନ୍ୟ ଅଳଙ୍କାର ତାର ଶରୀରରେ ନ ଥାଏ । ସେ ସାଧାରଣ ବସ୍ତ୍ର ମାତ୍ର ଧାରଣ କରେ । ତାକୁ ଦେଖିଲେ ଲୋକେ "ସର୍ବାଙ୍ଗସୁନ୍ଦରୀର ପୋଷାକ ଅନାବଶ୍ୟକ" ବୋଲନ୍ତି । ମାତ୍ର ତାର କେଶରେ କେଶରଞ୍ଜନୀ ତୈଳ, ଚଳକସ୍ମିନାନନରେ "ଫେସ୍ ପୌଡର" ଅଧରୋଷ୍ଠରେ "ଲୋହିତ ଚୂର୍ଣ୍ଣ" ଅଙ୍ଗରେ "ବୋଡିସ୍ ଏବଂ ସିଲ୍କଶାଢ଼ୀ", କଣ୍ଠଦେଶରେ "ବ୍ରୁଚ୍" ପଣନ୍ତରେ "ପିନ୍" ମଣିବନ୍ଧରେ "ରିଷ୍ଟ ୱଅଚ୍" ,ଆଖିରେ "ସୁନାଚଶମା" ଏବଂ ପାଦରେ "ବୁଟ" ନ ଥିଲା କାରଣରୁ ସେ ନବ୍ୟସଭ୍ୟ—କିଶୋରଚନ୍ଦ୍ରର ମନକୁ ଆକର୍ଷି ପାରିଲା ନାହିଁ । ସୁଲକ୍ଷଣା ସୁରୂପିଣୀ ଏବଂ ପତିପରାୟଣା ହୋଇଥିଲେ ହେଁ, ନବନାଗରୀଙ୍କ ଚାଲିଚଳଣିର ବିରୋଧିନୀ ହୋଇଥିଲା ହେତୁରୁ ତାର ପ୍ରୀତିକି ଏଡ଼ି କିଶୋରଚନ୍ଦ୍ର ବେଶ୍ୟାସଙ୍ଗରତ ହେଲା । କେବେ କେବେ ସେ ପରଦାର ସଂଗ୍ରହଣ ମଧ୍ୟ କରେ । କୁଳଟା ଧନଲୋଭବଶୁଁ ବିଟବଶବର୍ତ୍ତିନୀ ହେଉଥିବା ସ୍ୱାଭାବିକ । କିଶୋରଚନ୍ଦ୍ର "ସ୍ୱେତାଶ୍ୱଚିହ୍ନ" ବିଲାତି ମଦ ପିଇବା ଶିଖିଲା । ତାକୁ ସ୍ୱଦେଶୀୟ ମଦ୍ୟ ରୁଚେ ନାହିଁ । ସେ ଅବସର ସମୟ ତାସ ଖେଳରେ ହରଣ କରେ । ଦୁରଭ୍ୟାସ କ୍ରମବୃଦ୍ଧି ଲଭିବା ନିଶ୍ଚିତ । ଉକ୍ତ ଦୁରଭ୍ୟାସ ନିଚୟବଶରୁ କିଶୋରଚନ୍ଦ୍ରର କାର୍ଯ୍ୟକରଣରେ ତ୍ରୁଟି ଘଟି ଆୟ ହ୍ରାସ ଏବଂ ବ୍ୟୟ ବିଶେଷ ହୁଅନ୍ତେ ସେ କରଜ କରିବାକୁ ବାଧ୍ୟ ହେଲା । ପତି ପ୍ରବୃତ୍ତି ଦେଖି ଦୁଃଖିନୀ ହୋଇ ସୁଲକ୍ଷଣା ନିଜ ମୃଦୁହିତୋପଦେଶ ଦ୍ୱାରା ପତିର ଦୁରଭ୍ୟାସ ଦୂର କରିବାକୁ ପ୍ରାଣପଣେ ପ୍ରଯତ୍ନ କରି ଭଗ୍ନମନୋରଥା ହୋଇ ଯାତନା ଲଭିଲା । ତଥାପି ସେ କ୍ଷୁବ୍ଧା ନୋହି ପତିର ସେବାରେ ସଦା ରତା ହୋଇଥାଏ ।

ଦିନେ କିଶୋରଚନ୍ଦ୍ର ନିଜ ମନ୍ଦିରର ଉପର ମହଲରେ ଗୋଟିଏ ଚୌକିରେ ବସିଥିଲା । ତା ଆଗରେ ଥିଲା ପଠା ଉପରେ ଦିଓଟି ବିଲାତି ମଦଶିଶି, କେତୋଟି ସୋଡ଼ାବୋତଲ, ସିଗରେଟ ଡବା, ନିଆଁ କାଠି ପେଡ଼ି ଏବଂ କାଚଗିଲାସ ନ୍ୟସ୍ତ । ସେ ଗୋଟିଏ ମଦଶିଶି କେତୋଟି ସୋଡା ବୋତଲ ଏବଂ କେତେକ ସିଗରେଟ ନିଃଶେଷ କରି ଦ୍ୱିତୀୟ ମଦଶିଶିକି ଧରନ୍ତେ ତା ହାତକୁ ସୁଲକ୍ଷଣା ନିଜ କୋମଳ କରପଲ୍ଲବରେ ଧରି :—

ସୁଲ:—ନା—ନା, ନାଥ ! ଅଉ ପାନ କର ନାହିଁ । ଏ ଦୁଷ୍ଟ ପାନୀୟ ପିଅ ନାହିଁ । ନବାବପଣିଆ ଦେବି—ପାନ କର । ତନୁ ଧନ ମାନ ମନ ଖରାପ କରିବା ମଦ୍ୟପାନ ସର୍ବଥା ତ୍ୟାଜ୍ୟ ଅଟେ । ତୁମ୍ଭ ଶରୀର ଶୀର୍ଣ୍ଣ ହେଲାଣି, ବଳ ହ୍ରାସ ହେଲାଣି । ଏ ଦାସୀର ବୋଲ ଗ୍ରହଣ କର ।

କିଶୋ—( ଆରକ୍ତ ବର୍ଣ୍ଣ ନୟନରେ ତରଟି ଚାହିଁ, ଖନା ପର ସ୍ୱନରେ ) ଯା—ଯା, ଦୂର ହୋଇଯା । ଏ ଆସବ ସାମାନ୍ୟ ନୁହେ । ଏହା ତୋର ଅଗୋଚର । ଏହାର ବର୍ଣ୍ଣ ଶ୍ୱେତ, ଅମୃତ ଶ୍ୱେତ, ଇନ୍ଦ୍ରର ଘୋଡା ଶ୍ୱେତ, ତାର ହାତୀ ଶ୍ୱେତ, କ୍ଷୀରବ୍ଧି ଶ୍ୱେତ, ଶେଷ ଶ୍ୱେତ, ମହେଶ ଶ୍ୱେତ, କୈଳାସ ଶ୍ୱେତ, ଶଶୀ ଶ୍ୱେତ, ତୁହ ଶ୍ୱେତ, ମୁହିଁ ଶ୍ୱେତ ଓ ସମଗ୍ର ପ୍ରପଞ୍ଚ ଶ୍ୱେତ । ଜାଣିଥା ଶ୍ୱେତ ତ୍ୟାଜ୍ୟ ନୁହେ । ଏଣୁ ଏହାକୁ କଦାପି ତେଜିବି ନାହିଁ—ନାହିଁ—ନାହିଁ ।

ସୁଲ—ଏ ବିସ୍ତୃତ ଜଗତରେ ତୁମ୍ଭେ ମାତ୍ର ମୋର ଗତି । ମୁଁ ତୁମ୍ଭ ପାଦ ସେବକୀ । ମୁଁ ବିନୟରେ ଜଣାଉଛି । ଏତିକି ମାତ୍ର ମୋ ମାଗୁଣି । ଅଉ ପାନ କର ନାହିଁ । ମଦ୍ୟକୁ ଅବଶ୍ୟ ତ୍ୟାଗ କର ।

କିଶୋ—ଏହା ମଦ୍ୟ ନୁହେ । ମଧୁ—ମଧୁ—ମଧୁ— । ଏ ଇହଲୋକର ଅମୃତ । ଏହା ଦ୍ୱାରା ଆନନ୍ଦ ବର୍ଦ୍ଧିତ । ଏହା ତୋ' ଅଧରାମୃତଠାରୁ ମଧୁରତର । ଜାଣିଲୁ କି ? ତୁ ତୋତେ ପାନ କରେ । ତେବେ ଏହାର ମଜା ଜାଣିବୁ । ନ ଜାଣି ନିନ୍ଦ ନା । ମୁଁ ଏହାକୁ ଛାଡ଼ି ପାରିବି ନାହିଁ—ଛାଡ଼ିବି ନାହିଁ—ନାହିଁ । ଏହା ନିଷ୍ଚୟ ।

ସୁଲକ୍ଷଣା ଉପାୟଶୂନ୍ୟା ହୋଇ ମୌନମୁଦ୍ରା ଧାରଣ କଲା, କିନ୍ତୁ ପତିର ହାତକୁ ଛାଡ଼ିଲା ନାହିଁ । କିଶୋରଚନ୍ଦ୍ର "ପାପିନୀ ! ମୋ ହାତ ଛାଡ଼ିବୁ ନା ନାହିଁ ?" ବୋଲି ପଚାରନ୍ତେ, ସୁଲକ୍ଷଣା ନିଜ ପ୍ରତ୍ୟୁତ୍ତର ମନ୍ଦହାସରେ ମାତ୍ର ପ୍ରକଟିଲା । ତାହା ଦେଖି ସେ ମଦ୍ୟପାନମଦାନ୍ଧ—ପାଷାଣହୃଦୟ ନିଜ ହସ୍ତକୁ ପତ୍ନୀର କରକମଳରୁ ବଳପୂର୍ବକ ମୁକ୍ତ କରି ଗୋଟିଏ ସୋଡ଼ା ବୋତଲ ଘେନି ପତ୍ନୀର ମସ୍ତକରେ ପ୍ରହାର କଲା । ସୁଲକ୍ଷଣା ରଡ଼ିଟିଏ ଛାଡ଼ି

ଭୂମିରେ ପଡ଼ିଲା, ତାର ଚେତା ବୁଡ଼ିଲା, ଖପୁରି ଫାଟି ଶରୀର ରକ୍ତସିକ୍ତ ହେଲା । ତାହା ଦେଖି କିଶୋରଚନ୍ଦ୍ର ଉଚ୍ଚେ ହସି "ପିଶାଚୀ ପରିଭବ ପାଇଲା, ମୋ ଅଟକ ତୁଟିଲା," ବୋଲି ଶିଶିରୁ ମଦ ପିଇ ଉଠି କବାଟ ଅଉଜାଇ ଘରୁ ବାହାରିଗଲା ।

ସୁଶୀଲ ବାବୁ ସୁଲକ୍ଷଣାର ଜ୍ୟେଷ୍ଠଭ୍ରାତା । ସେ ଅସିଷ୍ଟାଣ୍ଟ ମେଜିସ୍‌ଟ୍ରେଟ୍ । ସେ କିଶୋରଚନ୍ଦ୍ରର ଚାଲିଚଳଣିରେ ଦୁଃଖିତ ହୋଇ ତାକୁ ସତ୍ପଥଗାମୀ କରିବାକୁ ନାନାବିଧ ଯତ୍ନ କରି ଅକୃତକାର୍ଯ୍ୟ ହେଲା । ମାତ୍ର ସେ କେବେ କେବେ ସୁଲୋଚନା ନିକଟକୁ ଯାଇ ତାକୁ ପ୍ରବୋଧି ଆସୁଥାଏ । ଦୈବାତ୍ ସେ ତେବେ ସେ ଘରକୁ ଯାଇ କବାଟ ପେଲି ଘର ଭିତରେ ପଶି ଦେଖିଲା ଯେ ଘର ନିସ୍ତବ୍ଧ । ପରେ ସେ ଉପର ମହଲାକୁ ଯାଇ ରକ୍ତ-ସିକ୍ତା ହୋଇ ଅଚେତନାବସ୍ଥାରେ ଭୂମିରେ ପଡ଼ିଥିଲା ନିଜ ଭଗ୍ନୀକି ଦେଖି ବ୍ୟସ୍ତ ହୋଇ ଡ଼ାକ୍ତରକୁ ଆଣିବା ପାଇଁ ପାଇକକୁ ପଠାଇ ନିଜେ ପାଣି ଆଣି ଭଉଣୀର ମୁହଁ ଧୋଇ ମନ୍ଦାଏ ପାଣି ପିଆଇଲା ।

ସୁଲ—( ଚେତି, ମଥାର ଖଣ୍ଡିକୁ ଚେଲାଞ୍ଚଳରେ ଘୋଡ଼ି ) ନନା ! କେବେ ଆସିଲ ?

ସୁଶୀ—ଏହିକ୍ଷଣି ଆସିଲି । ଏ ଖଣ୍ଡ କ'ଣ ? ଏହା ସେ ଦୁଷ୍ଟ ପାପିଷ୍ଠର କାର୍ଯ୍ୟ କି ?

ସୁଲ—ନନା ! ବୃଥାରେ ତାଙ୍କୁ ନିନ୍ଦା କର ନାହିଁ । ସେ ନିର୍ଦ୍ଦୋଷୀ, ଗୋଡ଼ ଖସି ମୁଁ ପଡ଼ିଗଲେ; ଏ ପଥର ମଥାକୁ ବାଜି ଖଣ୍ଡ କଲା । ମୋ କର୍ମଦୋଷ ।

ସୁଶୀ—ସେ ପାପୀ କାହିଁ ?

ସୁଲ—ସେ ବାହାରକୁ ଯାଇ ବହୁକାଳ ହେଲା । ସେ ଘରୁ ଗଲାପରେ ମୋର ଏ ଦଶା ।

ଏତିକିମାତ୍ର କହି ସେ ପୁନଶ୍ଚ ସଂଜ୍ଞାହୀନା ହେଲା । ପରେ ଡ଼ାକ୍ତର ଆସି ସୁଲକ୍ଷଣାକୁ ଭଲେ ପରୀକ୍ଷା କରି ମସ୍ତକରେ ପଟୀବନ୍ଧନାଦି ପ୍ରଥମ

ପ୍ରୟୋଜନୀୟୋପଚାର କରି ସୁଶୀଳଙ୍କୁ ଉଦ୍ଦେଶି ବୋଇଲା କି ବାବୁ ! ଆଘାତ ଖପୁରିକି ଫଟାଇ ମସ୍ତିଷ୍କକୁ ଭେଦିଅଛି । ଏ ଖୁଣ ସାମାନ୍ୟ ନୁହେ । ମଧ୍ୟ ମସ୍ତିଷ୍କଜ୍ୱର ହେବା ସମ୍ଭବପର । ଏହାର ଉପଯୁକ୍ତ ଚିକିତ୍ସା ଏଠାରେ କରାଯାଇ ପାରିବ ନାହିଁ । ଅତଏବ ଆପଣ ଏହାକୁ ଅବିଲମ୍ବେ ବ୍ରହ୍ମପୁରକୁ ନେଇ ସେଠା ହାସ୍ପିଟାଲରେ ରଖାଇ ଚିକିତ୍ସା କରାନ୍ତୁ । ଡାକ୍ତର ପରାମର୍ଶାନୁରୂପେ ସୁଶୀଳ ଭଗ୍ନୀକି ନିଜ ମୋଟରକାରରେ ବ୍ରହ୍ମପୁରକୁ ନେଇ ସେଠା ହାସ୍ପିଟାଲରେ ରଖାଇ ଉପଯୁକ୍ତ ବ୍ୟବସ୍ଥା କରି ଫେରି ଆସିଲା ।

ପତ୍ନୀଚିନ୍ତା କିଶୋରଚନ୍ଦ୍ର ମନକୁ ଲେଶମାତ୍ର ହେଲେ ସ୍ପର୍ଶିଲା ନାହିଁ । ତାର ଦୁରଭ୍ୟାସମାନଙ୍କ କ୍ରମ ବୃଦ୍ଧି ସହିତରେ ଋଣ ବୃଦ୍ଧି ହେଲା । ଉତ୍ତମର୍ଣ୍ଣେ ତାହାର ସମସ୍ତ ସମ୍ପତ୍ତି ଗ୍ରହଣ କରି ତାକୁ ଘରରୁ ଘଉଡ଼ିଲେ । ତାହା ଜାଣି ତାହାର ସକଳ ଦୁରଭ୍ୟାସ ପରିତ୍ୟାଗ କରି ଆସି ନିଜ ଗୃହରେ ରହିବା ପାଇଁ ସୁଶୀଳ ଅନୁରୋଧ କଲେହେଁ, ସେ ପାମର ସେ ହିତ ବଚନ ନ ଶୁଣି ପାଗଳ ପରି ହୋଇ ଗ୍ରାମେ ଗ୍ରାମେ ଅହର୍ନିଶ ଭ୍ରମଣ କଲା ।

ସୁଲକ୍ଷଣା ବ୍ରହ୍ମପୁର ହାସ୍ପିଟାଲର ଖଟରେ ଛଅ ମାସ ପଡ଼ି ରହି ଡାକ୍ତରଙ୍କ ସୁଚିକିତ୍ସାବଶୁଁ ଦେହାରୋଗ୍ୟକୁ ଲଭିଲା; କିନ୍ତୁ ନିଜ ପତିର ଗତି ଅବଗତା ହୁଅନ୍ତେ ତାର ମନଃକ୍ଳେଶ ବଢିଲା । ଏକଦିନ ପ୍ରାତଃକାଳରେ ହାସ୍ପିଟାଲର ଧାତ୍ରୀ ଡାକ୍ତରଙ୍କୁ ଜଣାଇଲା ଯେ ସୁଲକ୍ଷଣା ଅଦୃଶ୍ୟ; ଏବଂ ତାର ଖଟଉପରେ ଏହି ଚିଠି ପଡିଥିଲା । ଏତେ କହି ସେ ଡାକ୍ତରଙ୍କୁ ଚିଠି ଦେଲା । ଡାକ୍ତର ଚିଠିକି ଏପରି ପଢିଲା ।

"ଡାକ୍ତର ମହାଶୟଙ୍କୁ—

ଅଭାଗିନୀ ସୁଲକ୍ଷଣାର ଶତାଧିକ ପ୍ରଣାମ ।

ଆପଣଙ୍କ ସୁଚିକିତ୍ସାରୁ, ମୋ ନନାଙ୍କ ଅଖଣ୍ଡ ବାତ୍ସଲ୍ୟରୁ ଏବଂ ଜଗଦୀଶ କୃପାରୁ ମୁଁ ରୋଗମୁକ୍ତା ହେଲି । ମୋ ପ୍ରାଣ ଦାନ କରିଥିବାରୁ ଆପଣ ମୋ ଧର୍ମପିତା । ଆପଣ ଜାଣନ୍ତି ଯେ ସତୀର ଗତି ପତି ମାତ୍ର । ସେ ମୋତେ ପାସୋରିଥିଲେହେଁ, ମୁଁ ତାଙ୍କୁ ପାସୋରି ପାରିବି ନାହିଁ । ସେ ଅନ୍ନବସ୍ତ୍ରବାସହୀନ ହୋଇ ଭ୍ରମଣ କରୁଥିଲେ, ମୁଁ ମିଷ୍ଟାନ୍ନ ଖାଇ ଦିବ୍ୟ

ଭବନରେ ରହି ପାରିବି ନାହିଁ । ଗୃହିଣୀ ପତି ସହଧର୍ମିଣୀ । ମୋ ପତି ଯେଉଁ ଦଶା ଭୋଗୁଛନ୍ତି, ମୁହିଁ ସେହି ଦଶା ତାଙ୍କ ସହିତରେ ଭୋଗିବି ଅତଏବ ବିଦାୟ । ମୋ ଅପରାଧ କ୍ଷନ୍ତବ୍ୟ । ଇତି ।

ନନା !

ମୋ ପ୍ରଣାମ ଗ୍ରହଣ କର । ମୋ ଅପରାଧ କ୍ଷମା କର । ମୋ ଭାଉଜଙ୍କୁ ମୋ ପ୍ରଣାମ ଜଣା କର । ଇତି ।

ଅଭାଗିନୀ—
ସୁଲକ୍ଷଣା ।"

ଡ଼ାକ୍ତର ଚିଠିକି ପଢି ଖେଦକୁ ଲଭି ସେ ଚିଠି ଡାକରେ ସୁଶୀଳ ନୀଳକଣ୍ଠଙ୍କୁ ପଠାଇ ଦେଲେ । ତାଙ୍କୁ ଛାଡି ସପତ୍ନୀକ—ସୁଶୀଳ ଅତ୍ୟନ୍ତ ଦୁଃଖିତ ।

କୃଷ୍ଣପକ୍ଷ ନିଶୀଥ, ସମଗ୍ର ଗଗନ କାଳଜଳଧରାଚ୍ଛନ୍ନ; ତଡ଼ିତ୍ ପୁନଃପୁନଃ ବିରାଜିତ; ସ୍ତନିତ ଘନ ଘନ ଶ୍ରୁତ; ଏକୈକ କ୍ଷୁଦ୍ର ଜଳବିନ୍ଦୁ ଭୂପତିତ । ଏମନ୍ତ ଭୟଙ୍କର ସମୟରେ ଏକାକିନୀ ସୁଲକ୍ଷଣା ନାଥାନ୍ୱେଷଣୋଦ୍ଦେଶରେ ହାସ୍ପିଟାଲରୁ ରହସ୍ୟରେ ନିର୍ଗମି ଏକ ପଥରେ ଗମିଲା । ପାର୍ଶ୍ୱ ଯୁଗଳ ତରୁ ଲତା ଗୁଳ୍ମସଙ୍କୁଳ ହୋଇଥିଲା ହେତୁରୁ ସେ ପଥ ନିବିଡ ତମିସ୍ରାଚ୍ଛନ୍ନ । କେବେ କେବେ ତରୁଶାଖାନ୍ତରଲକ୍ଷିତ ତଡ଼ିତ୍କିରଣ ବିନା ସେ ପଥରେ ଆଲୋକ ସ୍ୱପ୍ନଗତମାତ୍ର । ତଥାପି ସେ ଧୈର୍ଯ୍ୟଙ୍କୁ ମାତ୍ର ଅବଲମ୍ବି ଭୀତିହୀନା ହୋଇ ବହୁଦୂର ଗଲାପରେ ତା'ର ପଥକୁ ଜନୈକ ପୁରୁଷ ନିରୋଧି;—

ପୁରୁ—ତୁ କିଏ ? ଏଡ଼େ ଅନ୍ଧାରରେ ଏକାକିନୀ କେଉଁଠାକୁ ଯାଉଛୁ ?

ସୁଲ ।—ମୁଁ ଜଣେ ଅଭାଗିନୀ । ଗୋଟିଏ ଅବଶ୍ୟକ କାର୍ଯ୍ୟ କରିବାକୁ ଏପରି ଯାଉଛି ।

ପୁରୁ ।—ରହ । ତୋର ସବୁ ଅଳଙ୍କାର ମୋତେ ଦେ । ନୋହିଲେ ମରିବୁ ।

ସୁଲ ।—ମୋଠାରେ ଅଳଙ୍କାର କିଛି ହିଁ ନାହିଁ ।

ପୁରୁ ।—ମାଇପେ ମିଛ କହନ୍ତି । ତାଙ୍କ ବଚନ ବିଶ୍ବାସଯୋଗ୍ୟ ନୁହେଁ । ତୋ ଦେହ ନ ଦରଣ୍ଡି ତୋତେ ଛାଡ଼ିବି ନାହିଁ ।

ସୁଲ ।—ଅହୋ ଚୋର ! ମୁଁ କୁଳସ୍ତ୍ରୀ;ମୋତେ ଛୁଅଁ ନା । ମୋ ବଚନବିଶ୍ବସିତ । ଧର୍ମ ପାଳନ କର ।

ପୁରୁ ।—ମୁଁ ଚୋର ନୁହେଁ; କିନ୍ତୁ ଚୋରଚକ୍ରବର୍ତ୍ତୀ । ମୋର ନାମ ଶ୍ରୀଯୁକ୍ତ କିଶୋରଚନ୍ଦ୍ର ପ୍ରଧାନ ମହାଶୟ, ଅଦ୍ବକେଟ । ପାରିଲେ, ମୋ ନାମରେ ନାଲିଶ କରେ ।

ଏତେ ବୋଲି ସୁଲକ୍ଷଣାର ଭୁଜରେ ସେ କର ନିବେଶି ଚିତ୍କାର କରି ଭୂମିରେ ପଡ଼ିଲା । ପାର୍ଶ୍ବରେ ସର୍ସର ଧ୍ୱନି ଶୁଣି ସୁଲକ୍ଷଣା ତଳକୁ ଚାହିଁାନ୍ତେ ବିଜୁଳି ଝଟକିବାରୁ ଦେଖାଗଲା ଯେ, ଗୋଟିଏ ସାପ ଲଟା ଭିତରକୁ ଯାଉଛି । ସେ ଅତ୍ୟନ୍ତ ତ୍ରସ୍ତା ହୋଇ ନାଥର ମଥ ଆପଣା ଅଙ୍କରେ ଭରି "ହା—ନାଥ ! ତୁମ୍ଭ ଦୁର୍ଦ୍ଦଶା ଏପରି ଦୁର୍ମରଣକୁ ମଧ ଘଟାଇଲା କି ? ମୋତେ କାହାକୁ ସମର୍ପି ଯାଉଛ ? ମୁଁ କେମନ୍ତେ ବଞ୍ଚିବି ? ରେ—ସର୍ପ ! ମୋତେ ନ ଦଂଶି ମୋ ନାଥଙ୍କୁ କିପାଁ ଦଂଶିଲୁ ?" ବୋଲି ଉଚ୍ଚେ କାନ୍ଦୁଥିଲା । ତେବେ ଗୋଟିଏ ମୋଟରକାର ଆସି ମାର୍ଗ ମଧରେ ଦୁଇ ଜଣ ଥିଲା କାରଣରୁ ତାଙ୍କ ସମ୍ମୁଖରେ ସ୍ଥଗିତ ହେଲା । ତାକୁ ଦେଖି "ହେ—ଡ୍ରାଇଭର ! ମୋ ନାଥ ସର୍ପଦଷ୍ଟ । ମୁଁ ଅଭାଗିନୀ । ମୋଠାରେ କୃପା କରି ଏହାଙ୍କୁ କୌଣସି ଏକ ହାସ୍ପିଟାଲକୁ ନେଇ ପୁଣ୍ୟକୁ ଲଭ;" ବୋଲି ସୁଲକ୍ଷଣା ବିନୟରେ କହନ୍ତେ,ତା କଣ୍ଠସ୍ୱନରୁ ତାକୁ ଚିହ୍ନି ପାରି ସେ କାରର ମାଲିକ କାରରୁ ସେହିକ୍ଷଣି ଓହ୍ଲାଇ "ଭଉଣୀ ! ଏ କ'ଣ ?" ବୋଲିଲା । ସୁଲକ୍ଷଣା ତାର ପାଦ ତଳେ ପଡ଼ି "ଜନା ! ତୁମ୍ଭ ଉଣୋଇ

ସର୍ପଦଷ୍ଟ ।" ବୋଲନ୍ତେ ସୁଶୀଳ ସମ୍ଭ୍ରମାଶ୍ଚର୍ଯ୍ୟ ବିଷାଦାନ୍ୱିତ ହୋଇ ଡ୍ରାଇବରର ସାହାଯ୍ୟରେ କିଶୋରଚନ୍ଦ୍ରକୁ କାରରେ ଭରି, ଭଉଣୀଙ୍କି ନିଜ ପାର୍ଶ୍ୱରେ ବସାଇ ଅସିକା ହାସ୍ପିଟାଲ୍‌କୁ ନେଇ ଡାକ୍ତରଙ୍କୁ ସମର୍ପିଲା । ଡାକ୍ତରର ସୁଚିକିତ୍ସାବଶତଃ ଏବଂ ସୁଲକ୍ଷଣାର ପୁଣ୍ୟ ବଶତଃ କିଶୋରଚନ୍ଦ୍ର ତତ୍ପରଦିନ ସୁସ୍ଥ ହୋଇ ସକଳ ସମାଚାର ଜାଣି ପଶ୍ଚାତ୍ତପ୍ତ ହେଲା । ସେ ତଦ୍ଦିନାବଧି ସମସ୍ତ ଦୁରଭ୍ୟାସ ପରିତ୍ୟାଗ କରି ଭାର୍ଯ୍ୟାନୁରାଗୀ ହୋଇ କେତେକାଳ ଶ୍ୟାଳକାଳୟରେ ସଭାର୍ଯ୍ୟାକ ବାସ କରି ଓକାଲତିକି ପୁଣି ଅବଲମ୍ବି ଅଳ୍ପ ସମୟରେ ଧନୀ ହୋଇ ପୂର୍ବ ଚରିତ୍ରର ସମ୍ପତ୍ତିତି ପୁନଷ୍ଟ ସମ୍ପାଦ୍ୟ ନିଜ ନିବାସରେ ବାସ କରୁଅଛି । ସେ ଦମ୍ପତି ରତିମଦନଙ୍କ ପରି ଏବଂ ବନଲକ୍ଷ୍ମୀ ବସନ୍ତଙ୍କ ପରି ଆମୋଦପ୍ରମୋଦ ଉପଲବ୍ଧି କରୁଅଛନ୍ତି । ପୂର୍ଣ୍ଣଚନ୍ଦ୍ର ନାମକ ନବଜାତ ପୁତ୍ର ତାଙ୍କ ଆନନ୍ଦକୁ ଦିନଦିନାଭିବୃଦ୍ଧି କରୁଅଛି । ସକଳ ଜନେ ସୁଲକ୍ଷଣାର ଗୁଣଗାନ କରୁଅଛନ୍ତି ।

ସୁଗୁଣବତୀ ସତୀ ଅସାଧ୍ୟକୁ ସାଧ୍ୟ କରି ପାରେ । ଇତି ।

ଶ୍ରୀ ବିକ୍ରମଦେବ ବର୍ମା ।

ମୁ ବିଶାଖପଟ୍ଟଣ ୪-୮-୩୭

---

# ଲଳିତା

ବିଶାଖାପଟ୍ଟଣ ଜିଲ୍ଲାର ନାଗାବଳୀ ନଦୀତୀରରେ ସିକାକୋଲ୍ ନାମକ ପଟ୍ଟଣ ବିଦ୍ୟମାନ । ଗଞ୍ଜାମ, ବିଶାଖାପଟ୍ଟଣ, ଗୋଦାବରୀ ଏବଂ କୃଷ୍ଣା ଏହି ଚାରୋଟି ଜିଲ୍ଲା "ଉତ୍ତର ସର୍କାର" ନାମରେ ହାଇଦରାବାଦ୍ ନିଜାମଙ୍କ ଶାସନାଧୀନ ଥିଲା ସମୟରେ ନିଜାମଙ୍କ ପ୍ରତିନିଧିରୂପେ ଜଣେ ନବାବ ସିକାକୋଲ୍‌ରେ ରହି ଶାସନ କରୁଥାଏ । ହାଇଦରାବାଦରୁ ଜଉମୁଦରେ ମୁଦ୍ରିତ ହୋଇ ପଠା ଯାଉଥିଲା ଲଫାଫା ଏବଂ ଟିକ୍କାଟୁଣି ସିକାକୋଲ୍‌ରେ

ଖୋଳା ଯାଉଥିଲା କାରଣରୁ ଏବଂ ମୁଦ୍ରାକୁ ଯାବନିକ ଭାଷାରେ "ସିକ୍କା" ବୋଲି ଥିବାରୁ ଯବନମାନେ ଉକ୍ତ ପଲ୍ଲୀକୁ "ସିକ୍କା ଖୋଲ୍" ନାମ ଦେଇଥିଲେ। ଅଦ୍ୟ ସେ ପଲ୍ଲୀର ରଙ୍ଗଢ଼ଙ୍ଗ ସହିତ ନାମ ମଧ୍ୟ ବିରୂପ ଧାରଣ କରି "ସିକାକୋଲ୍" ବୋଲି ବ୍ୟବହୃତ ହେଉଅଛି।

ସେ ପଲ୍ଲୀର ରାମରାଓ ନାମକ ଜମିଦାର ମହାଜନୀ କରି ବହୁ ଧନ ସମ୍ପାଦି ଥିଲା। ତାହାର ରଙ୍ଗରାଓ ନାମକ ଏକମାତ୍ର ପୁତ୍ର। ରଙ୍ଗରାଓ ପ୍ରାପ୍ତ ଯୌବନ ହେଲା ପୂର୍ବରୁ ମାତୃପିତୃବିହୀନ। ତାର ବର୍ଣ୍ଣ ଗୌର; ଶରୀର ନାତିଦୀର୍ଘ ଏବଂ ନାତିହ୍ରସ୍ୱ; ଆସ୍ୟ ସହାସ। ତାର ଅଭିଭାବକ ହୋଇ କେହି ନ ଥିଲା କାରଣରୁ ସେ ଦୁଷ୍ଟଜନସଙ୍ଗୀ ହୋଇ ନାନା ଦୁରଭ୍ୟାସ-ବଶଗ ହେଲା।

ସେ ପଲ୍ଲୀରେ ମାଧବରାଓ ନାମକ ଜନୈକ ବ୍ୟକ୍ତି ବାଣିଜ୍ୟ କରି ସାମାନ୍ୟ ଧନୀ ହୋଇ ସୁଖରେ କାଳ ଯାପନ କରେ। ତାହାର ଗୋଟିଏ ମାତ୍ର ଝିଅ। ତାର ନାମ ଲଳିତା; ଶରୀର ଶିରୀଷକୁସୁମ ସଦୃଶ; ନୟନ-ଯୁଗଳ ବିଜିତନୀଳୋତ୍ପଳ; ବୟସ ଷୋଳ ବର୍ଷର। ସେ ଗୁଣବତୀ ଏବଂ ବିଦ୍ୟାବତୀ।

ରଙ୍ଗରାଓ ବନ୍ଧୁଭାବରେ ମାଧବରାଓର ଘରକୁ କେବେ କେବେ ଗମନାଗମନ କରୁଥାଏ। କ୍ରମକ୍ରମରେ ସେ ଗମନାଗମନ ପ୍ରଚୁର ହୋଇ ତାର ଏବଂ ଲଳିତାର ପରିଚୟ ଘଟିଲା। କେତେକାଳ ପରେ ସେ ପରିଚୟ ସ୍ନେହରୂପେ ପରିଣତ ହେଲା। ଆଉ କେତେକାଳ ପରେ ସେ ସ୍ନେହ ପ୍ରୀତି-ରୂପ ଧାରଣ କଲା। ସ୍ୱରୂପ ଯୁବତୀଯୁବକଙ୍କର ପ୍ରାୟଶୋ ମେଳନରେ ପ୍ରୀତି ସମ୍ଭବିବା ଅସ୍ୱାଭାବିକ ନୁହେଁ। ସରଳହୃଦୟା ଲଳିତା ରଙ୍ଗରାଓର ସୁନ୍ଦର ରୂପରେ ଏବଂ ମଧୁର ଭାଷଣରେ ନିତାନ୍ତ ବଶ୍ୟା ହେଲା, କିନ୍ତୁ ଭବିଦଶାକୁ ଭାବି ପାରିଲା ନାହିଁ। ସର୍ପଗ୍ରାହୀ ନାଗସ୍ୱରକୁ ହଲାଇ ଫୁଙ୍କୁ ଥିଲେ, ନାଗ ସେ ଗାନରେ ଭୋଳ ହୋଇ ଖେଳଇ; କିନ୍ତୁ ସେ ସର୍ପଗ୍ରାହୀ ଆପଣାକୁ ଧରି ବନ୍ଧନ କରିବ ବୋଲି ଜାଣି ପାରେ ନାହିଁ। ଭବିତବ୍ୟ ଅଗୋଚର ତ!

ଋତୁରାଜ ଚୈତ୍ରପୂର୍ଣ୍ଣିମା ସନ୍ଧ୍ୟା। ସୁଧାକର ବିଶଦରଜତଚକ୍ର ପରି ଉଦୟଶିଖରିଶିଖରେ ବିରାଜିତ। ଧରିକାଶଙ୍କୁ ଚକ୍ରବାଳରେ ଝାଳିବା କମିତ

ପ୍ରକୃତି ଜାଳିଲା ସନ୍ଧ୍ୟାରାଗ ଜ୍ୱଳନର ସ୍ଫୁଲିଙ୍ଗସମୂହ ପରି ନକ୍ଷତ୍ରଗଣ ଗଣନଯୋଗ୍ୟଭଳି ଦର୍ଶିତ । କୁମୁଦ, ଚକୋର ଏବଂ ଚନ୍ଦ୍ରକାନ୍ତ ଚନ୍ଦ୍ର ଦର୍ଶନରେ ପ୍ରମୁଦିତ । ଚନ୍ଦ୍ର ତାଙ୍କୁ ପ୍ରତାରଣା କରି ଦର୍ଶରେ ଅଦୃଶ୍ୟ ହୋଇ ତାଙ୍କ ଦୁଃଖକୁ ଜନ୍ମାନ୍ତେ କ୍ଷୀଣପ୍ରଭ-ଋକ୍ଷରାଜି ପ୍ରଚୁରେ ପ୍ରକାଶଇ ଏବଂ ଜାରଚୌର-ନିଚୟ ମୋଦକୁ ଲଭଇ ।

ସେ ସନ୍ଧ୍ୟା ସମୟରେ ରଙ୍ଗରାଓ ମାଧବରାଓର ଗୃହରେ ପହଞ୍ଚି ଦେଖିଲେ ଯେ ଲଳିତା ଏକାକିନୀ ହୋଇ ମେଜ ନିକଟେ ଥିଲା । ଚୌକିରେ ବସି ଦୀପାଲୋକରେ ଭଗବତ୍‌ଗୀତା ପଢଇ । ରଙ୍ଗରାଓ ତତ୍ସମୀପବର୍ତ୍ତୀ ହୋଇ ଆନ ଚୌକିରେ ବସନ୍ତେ, ଲଳିତା ବାଧ ହୋଇ ପାଠ ବନ୍ଦ କଲା । ସେ ଯୁବକ ମଧୁରାଳାପ କରୁ କରୁ ପରେ ରମଣୀ ନିମିତ୍ତ ବାହୁଦ୍ୱୟ ପ୍ରସାରନ୍ତେ, ସେ ଯୁବତୀ ସହସା ଚୌକିରୁ ଉଠି କେତେ ପାଦ ପଛକୁ ଘୁଞ୍ଚି ବୋଇଲା କି "ତୁମ୍ଭେ ଏପରି ଅନ୍ୟାୟାଚରଣ କର ନାହିଁ । ମୁଁ କୁଳପାଳିକା । ତୁମ୍ଭେ ମୋ ବାପାଙ୍କୁ ମାଗି, ମୋତେ ବିଭା କରି ତୁମ୍ଭର ସର୍ବସ୍ୱ କରି ପାର" । ଏ ବାକ୍ୟାବଳୀରେ ରଙ୍ଗରାଓ ତୁଷ୍ଟ ହୋଇ ନିଜ ଭବନକୁ ଯାଇ ତତ୍ପର ଦିନ ଉପଯୁକ୍ତ ବ୍ୟକ୍ତିଙ୍କୁ ମାଧବରାଓ ନିକଟକୁ ପଠାଇ ଲଳିତାକୁ ମଗାଇଲା । ମାଧବରାଓ ରଙ୍ଗରାଓର ଗୁଣ ଗ୍ରାମକୁ ଭଲେ ଜାଣିଥିଲେହେଁ, ତାର ସମ୍ପଦକୁ ଭାବି ଏବଂ ନିଜ ନନ୍ଦନୀର ମନୋଭାବ ଅବଗତ ହୋଇ କନ୍ୟା ପ୍ରଦାନ କରିବାକୁ ସମ୍ମତ ହେଲା ।

ବୈଶାଖ ଶୁକ୍ଳପକ୍ଷରେ ଲଳିତା ରଙ୍ଗରାଓଙ୍କ ବିବାହ ଅତି ସମାରୋହ ସହ ସମ୍ପନ୍ନ ହେଲା । ନବ ଦମ୍ପତି ପ୍ରାୟଶଃ ଏକବର୍ଷ ସୁଖରେ କାଳାତିପାତ କଲେ । ରଙ୍ଗରାଓର ଦ୍ୟୂତ ମଧୁପାନ ବ୍ୟଭିଚାରାଦି ଦୁର୍ଗୁଣଗଣ ଦିନ-ଦିନାଭିବୃଦ୍ଧି ଲଭିଲା । ଲଳିତାଠାରେ ଥିଲା ସେ ଯୁବକର ପ୍ରୀତି କ୍ରମେ ସ୍ନେହ ହୋଇ, ପରେ ଦୟା ହୋଇ, ତତ୍ପରେ ଔଦାସୀନ୍ୟ ହୋଇ ଅନ୍ତରେ ଶୂନ୍ୟ ହେଲା । ମାତ୍ର ଲଳିତାର ପତିପ୍ରୀତି ଊଣା ନୋହି ତାହାକୁ ସର୍ବଦା ପତିସେବାପରାୟଣା କଲା । ପଦ୍ମ ବାଳତପନକରସ୍ପର୍ଶରେ ପ୍ରମୁଦିତ ହୋଇ ନିଜ କୋଳରେ ଥିବା ଅଳିକି ତ୍ୟାଗ କରେ; କିନ୍ତୁ ସହସ୍ର କିରଣ ପ୍ରବଳ ପଦ୍ମର ମାର୍ଦ୍ଦବକୁ ନାଶ କରେ ।

ରଙ୍ଗରାଓ ରାମମଣିନାମ୍ନୀ ବେଶ୍ୟାକୁ ବିଜୟ୍ନ ନଗରରୁ ଆଣି ଆପଣା ସଦନରେ ରଖିଲ । ତଥାପି ସହନଶୀଳା ଲଳିତା ତାହା ସହନ କଲା । ସେ ପତିନିକେତନରୁ କେତେଦିନ ପାଇଁ ମଧ ପିତ୍ରାଳୟକୁ ଗଲା ନାହିଁ । ମୃଗରାଜ ଶୋଇଥିଲେ, ମୃଗଙ୍କ କୋଳାହଳ ପ୍ରବଳ ହୁଏ । କେତେକ ଦିନରେ ରାମାମଣୀ ଗୃହନେତ୍ରୀ ହେଲା । ତାହାର ସେବା ମଧ କରିବାକୁ ରଙ୍ଗରାଓ ଲଳିତାକୁ ବାଧ କଲା । ସେ ପତିବ୍ରତା ମନୋଦୁଃଖକୁ ଏବଂ ଶରୀରକଷ୍ଟକୁ ସହ୍ୟ କରି ପତିର ଆଦେଶକୁ ପ୍ରତିପାଳି ବେଶ୍ୟାର ସେବା ମଧ୍ୟ କରେ । ରାମାମଣୀ ଏବଂ ରଙ୍ଗରାଓ ଗମ୍ଭୀରଘରେ ପଲ୍ୟଙ୍କରେ ସୁଖେ ଶୟନ କରିଥିଲେ ଲଳିତା ଦ୍ୱାର ବାହାରେ ବସି ରହି ତାହାଙ୍କ ଆଦେଶକୁ ପ୍ରତୀକ୍ଷା କରିଥାଏ । ସେପରି ସମୟରେ ତାର ମନୋଭାବ ସ୍ତ୍ରୀଜାତିର ମାତ୍ର ବୋଧଗମ୍ୟ ।

ଦୁର୍ଯୋଗ ପରେ ଦୁର୍ଯୋଗ ଘଟେ । ଏପରି କେତେକାଳ ଅତିବାହିତ ହେଲା ପରେ ଲଳିତାର ପେଟରେ ବଲ୍ମୀକରୋଗ (Cancer) ଜାତ ହେଲା । ବଲ୍ମୀକରୋଗର ପ୍ରାରମ୍ଭରୁ ଉପଯୁକ୍ତ ଚିକିତ୍ସା କରାଇଲେହେଁ, ତାହା ନିବାରଣ ହେବ ବୋଲି କୁହାଯାଇ ପାରେ ନାହିଁ । ସେପରି ଥାନ୍ତେ ଲଳିତାର ଚିକିତ୍ସା ଜମାରୁ କରାଗଲା ନାହିଁ । ଅତଏବ ଲଳିତା ଛଅ ମାସ ପରେ ପରଲୋକ ଗମନ କରି ମନୋଦୁଃଖରୁ ଏବଂ ଶରୀରକଷ୍ଟରୁ ମୁକ୍ତା ହେଲା ।

ଶ୍ରୀ ବିକ୍ରମଦେବ ବର୍ମା

# ନିଜଗାଡେ ନିଜେ ପଡେ

"ନିଜ ଗାଡେ ନିଜେ ପଡେ ।" ଏହି ଲୋକୋକ୍ତି ପ୍ରାୟଶଃ ସମସ୍ତଙ୍କର ମୁଖସ୍ଥ, କିନ୍ତୁ ତାହାର ଯାଥାର୍ଥ୍ୟ ସମସ୍ତଙ୍କର ଅଗୋଚର । ଏ କ୍ଷୁଦ୍ର ଗଳ୍ପ ତାର ନିଦର୍ଶନ । ଏହା କେବଳ କଳ୍ପିତ ନୋହି, ସତେ ଚଳିଲି ବିଷୟ ଅଟେ ।

ଜୟପୁର ରାଜ୍ୟରେ କୋରାପୁଟ ଗୋଟିଏ ପ୍ରସିଦ୍ଧ ଗ୍ରାମ । ତାର ପୂର୍ବଦିଗେ ପ୍ରାୟଶଃ ସାତ ମୈଲ ଦୂରରେ ଉମିରପୁଟ ନାମକ ଗୋଟିଏ କ୍ଷୁଦ୍ର ଗ୍ରାମ ଅଛି । ସେ ଗ୍ରାମର ଅନତିଦୂରରେ ଥିବା ବଡ଼ ମଇଦାନରେ ପ୍ରତ୍ୟେକ ଶନିବାର ଗୋଟିଏ ବଡ଼ହାଟ ବସେ । ସେ ହାଟକୁ ଅନ୍ୟୂନ ପଞ୍ଚଶତ ଶକଟରେ ନାନାବିଧ ପଣ୍ୟ ପଦାର୍ଥ ଆନୀତ ହୁଏ । ତହିଁ ପାଞ୍ଚ ହଜାରରୁ ବେଶୀ ଲୋକେ ସମବେତ ହୋଇ ପ୍ରାୟଶଃ ଏକ ଲକ୍ଷ ଟଙ୍କାର ଜିନିଷ କ୍ରୟ ବିକ୍ରୟ କରନ୍ତି । କୋରାପୁଟ ଏବଂ ଉମିରପୁଟ ମଧ୍ୟପ୍ରଦେଶ ଏବେ ସଫା ହୋଇ ନିରାପଦ । ମାତ୍ର ତାହା ପଚିଶ ବର୍ଷ ପୂର୍ବେ ଅରଣ୍ୟାକୀର୍ଣ୍ଣ ଏବଂ ଦସ୍ୟୁଶ୍ୱାପଦ ସଙ୍କୁଳ ହୋଇ ସାପଦ ହୋଇଥିଲି । ଭଲ ସଡ଼କ ନ ଥାଇ ପଥ ସୁଗମ ନୋହିଥିଲି ।

କୋରାପୁଟରେ ନୀଳକଣ୍ଠ ସାହୁ ନାମକ ଜଣେ ସୁବର୍ଣ୍ଣ ବଣିକ ନିବାସ କରି ସାମାନ୍ୟରୂପେ ବାଣିଜ୍ୟ କରୁଥିଲି । ତାହାର ନାରାୟଣ ନାମକ ଷୋଡ଼ଶ ବର୍ଷର ବୟସ୍କ ପୁତ୍ର ମାତ୍ର । ସେ ନିଜ ପୁତ୍ର ସହିତରେ ଶନିବାର ହାଟକୁ ଯାଇ ବିକାକିଣା କରି ଆସୁଥାଏ ।

ପୌଷ ମାସର ଶନିବାର । ନୀଳକଣ୍ଠ ନିଜ ପୁତ୍ର ସହ ପ୍ରାତଃକାଳରେ ଶେଯ ଡେଇଁ ମୁହଁ ଧୋଇ ପଖାଳରେ ପେଟ ପୂରାଇ ସୁନାମୁଣି ଧରି ହାଟକୁ ଗଲି । ଦୈବବଶରୁ ତାଙ୍କ ବିକାକିଣା ସେ ଦିନ ପାଞ୍ଚଘଣ୍ଟା ଯାଏ ସରିଲି ନାହିଁ । ସୂର୍ଯ୍ୟ ଅସ୍ତ ହେଉଥିବା ଦେଖି ସେ ଦୁହେଁ ନିଜ ଗୃହାଭିମୁଖରେ ତର ତର ଗମନ କରିବାକୁ ବାଧ୍ୟ ହେଲେ । କିୟତ୍‌ସମୟପରେ ସୂର୍ଯ୍ୟ ଅଦୃଶ୍ୟ ହୁଅନ୍ତେ ଅନ୍ଧକାର ଆକାଶକୁ ଆଚ୍ଛାଦିଲି । ଶୀତଳାନିଳ ପ୍ରବର୍ତ୍ତିତ ।

ଝିଲ୍ଲୀଝଙ୍କାର ଏବଂ ଘୁକନାଦ ପ୍ରକଟିତ । ପଥ ଜନରହିତ । ସେ ଉଭୟଙ୍କ ଗାତ୍ର ଶୀତରେ ଏବଂ ଚଉ ଭୟରେ ପ୍ରକମ୍ପିତ । ଶୀଘ୍ର ନିଜ ନିବେଶନ ପ୍ରବେଶୋଦ୍ଦେଶରେ ତାହାଙ୍କ ଗମନ ଯଥାସାଧ୍ୟ ତ୍ୱରିତ । ପ୍ରାୟଶଃ ଅଧେକ ପଥ ଗମନ କଲା ପରେ "ବିଲଅ ଶୀ ଶୀ" * ନାଦ ଶୁଣି ସେ ଦୁହେଁ ଅତ୍ୟନ୍ତ ତ୍ରସ୍ତ ହେଲେ । ଆଉ କେତେ କ୍ଷଣ ପରେ ଗୋଟିଏ କାଣ୍ଡ ନୀଳ-କଣ୍ଠର ହୃଦୟକୁ ଭେଦନ କରନ୍ତେ ସେ ଚିତ୍କାର କରି ଭୂମିରେ ପଡ଼ି, ପୁତ୍ରକୁ ସମ୍ବୋଧି ତାହାର ହାତରେ ଧନମୁଣି ଦେଇ ଏମନ୍ତ କହିଲା :—"ନାରଣ ! ମୁଁ ନିଶ୍ଚେ ଏଠାରେ ମରିବି । ତୁ ଆଉ କିଛି ହିଁ ବିଲମ୍ବ ନ କରି ଶୀଘ୍ର ବାହାରିଯା' ମା—ଠାକୁରାଣୀ ତୋର ମଙ୍ଗଳ କରନ୍ତୁ ।" ନାରାୟଣ ଜନକାଦେଶ ପାଳନ କରି ଧନମୁଣିକି ଅଣ୍ଟାରେ ବାନ୍ଧି ସାଶ୍ରୁ ନୟନ ଯୁଗଳକୁ ହାତରେ ପୋଛୁ ପୋଛୁ ଧାଇଁଲା । ଅନତିଦୂର ଗଲାପରେ ସେ ଅତି କ୍ଳାନ୍ତ ହେଲା । ତାର ପାଦ ଆଉ ଚଳିଲା ନାହିଁ । ସେ ବସୁମତୀରେ ବସିପଡ଼ିଲା । ଜନକର ପରି ଦୁର୍ମରଣ ତାର ମଧ୍ୟ ସେଠାରେ ଘଟିବ ବୋଲି ସେ ନିଶ୍ଚୟ କଲା । ପିତୃ ମରଣ ଦୁଃଖଠାରୁ ମାତୃଦର୍ଶନ ବଞ୍ଚିତ ଦୁଃଖ ଅଧିକତର ହେଲା । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଚତୁଃପାର୍ଶ୍ୱ ନିରୀକ୍ଷଣ କରନ୍ତେ ତାର ବାମ ପାର୍ଶ୍ୱର କିୟଦ୍ଦୂରରେ ଗୋଟିଏ ଦୀପର ଆଲୋକ ଦେଖାଗଲା । ସେ ଅତି-କଷ୍ଟରେ ଉଠି ମନ୍ଦଗମନରେ ଯାଇ ଦୀପ ଦିଶିଲା କୁଟୀରର କବାଟକୁ ହାତରେ ଠୁକିଲା ।

ଗୋଟିଏ ବୁଢ଼ୀ କବାଟ ଫିଟାଇଲା । ତାର ବୟସ ପ୍ରାୟଶଃ ଷାଠିଏ, ବର୍ଣ୍ଣ କୋଇଲା ପରି, ମୁଣ୍ଡର ବାଳ ତେନ୍ତୁଳି ପାଛୁ ପରାୟେ, ଆଖି ଦିଓଟି ତେନ୍ତୁଳି ପତର ପରି ଓସାର, ମୁହଁ ଘୋଡ଼ାର ପରି, ଆଗକୁ ବାହାରିଥିଲା ଦିଓଟି ଦାନ୍ତ ଲଉମଞ୍ଜିପରି ଦିଶେ, ଗାତ୍ର "ଏ ମାନା" ପରି ଆଗକୁ ନତ, ବାଁ ହାତରେ ବାଉଁଶ ବାଡ଼ିଟିଏ । ତାହାର ଦର୍ଶନରେ ନାରାୟଣର ଆପାଦ ମସ୍ତକ କମ୍ପିତ । ତଥାପି ବୁଢ଼ୀ ଆଶ୍ୱାସନା କରି ପଚାରନ୍ତେ ନାରାୟଣ

* ( ବନ୍ୟ ବିଲଅ କୁକୁରମାନଙ୍କର ସିଟିପରି ଶୁଣାଯାଉଥିବାରୁ ) ତର୍ଜ୍ଜନୀକୁ କୁଞ୍ଚିତ କରି କମ୍ପା ଅଙ୍ଗୁଷ୍ଠ ଓ ତର୍ଜ୍ଜନୀକୁ ମିଶାଇ ତୁଣ୍ଡରେ ଭରି ଫୁଙ୍କିଲେ କନଷ୍ଟେବଲ୍‌ମାନଙ୍କ ସିଟି ( whistle ) ଭଳି ଯେଉଁ ଧ୍ୱନି ହୁଏ ତାକୁ ବିଲଅ ଶୀ ଶୀ ବୋଲୁଯାଏ ।

ସକଳ ବୃତ୍ତାନ୍ତ ସରଳରେ କହିଲା । ତାହା ଶୁଣି ବୃଦ୍ଧା ଖେଦ ପ୍ରକାଶି ବୋଇଲା "ଏଠାରେ ଡ଼ର ନାହିଁ, ଦୁଧ ଦେବି, ପିଇ ସୁଖରେ ଶୁଅ, ରାତି ପାହିଲେ ଘରକୁ ଯାଅ ।" ଏତେ କହି ବୃଦ୍ଧା ନାରାୟଣଙ୍କୁ କୁଟୀର ଭିତରକୁ ନେଇ ଦୁଧ ପିଆଇଲା । ପରେ ଯେଉଁ ବଖରାରେ ତାର ସତର କିମ୍ବା ଅଠର ବର୍ଷର ପୁଅ ଗୋଟିଏ ଖଟରେ ଶୋଇଥିଲା, ସେ ବଖରାରେ ଆଉ ଗୋଟିଏ ଲଗବୁଣା ଖଟ ପକାଇ ତହିଁ ଉପରେ ନାରାୟଣଙ୍କୁ ଶୟନ କରାଇ ଦୀପ ଲିଭାଇ କବାଟ ବନ୍ଦ କଲା । ଦୁଃଖ ଏବଂ ଭୟବଶରୁ ନାରାୟଣ ଅନିଦ୍ର । କେତେକ ସମୟ ପରେ ଦାଣ୍ଡ କବାଟ ଠୁଙ୍କା ଏବଂ କଡ଼ା ଶବଦ ଶୁଣି ସେ କାନ ଡେ଼ରି ଅଧଃକଥିତ ସମ୍ଭାଷଣ ଶୁଣି ପାରିଲା ଃ—

ପ୍ରଥମ ଃ—ଆମେ ଗୋଟେ ମଣିପବେଷ୍ଟ କଲୁ । ମାବ ଲାଭ କିଛି ନାହିଁ । ଆରକଟା ଚେ଼ଇଁଗଲା ।

ଦ୍ୱିତୀୟ ଃ—ଡ଼େଇଁଯିବ କୁଆଡ଼େ ? ଅସି ଜନ୍ତାରେ ପଡ଼ିଛି ।

ପ୍ରଥମ ଃ—କିସ ? ସେ କୋଠେ ?

ଦ୍ୱିତୀୟ ଃ—ମୁଁ ଘରେ ଶୁଆଚି । ତାର ବେଷ୍ଟି ମୋର ବଣ୍ଟା ।

ପ୍ରଥମ ଃ—ଅଚ୍ଛା । ତେବେ ଆମଙ୍କୁ ଦାଠା ଖାଇବାକୁ ଦେ । ଆମେ ଏବେ ଗାଁକୁ ଯିବୁ ।

ଉକ୍ତ ସମ୍ଭାଷଣର କେତେକ ସମୟ ପରେ ଦାଣ୍ଡ କବାଟ କଡ଼ା ଏବଂ ଦାଆ ଶବ୍ଦ ଶ୍ରୁତ ହେଲା । ସେ ସମସ୍ତ ଶ୍ରବଣ କରି ନାରାୟଣ ପ୍ରକମ୍ପିତ, ତାର ଦୁଃଖ ଏବଂ ଭୟ ପରିବର୍ଦ୍ଧିତ । ସେ ସେହିକ୍ଷଣି ଉଠି ପଳାୟନମାର୍ଗ ନିମନ୍ତେ ଚାରି କାନ୍ଥ ଧରଣ୍ଡନ୍ତେ ଭାଗ୍ୟବଶରୁ ଗୋଟିଏ ବାଉଁଶ ପାତିଆଖଞ୍ଜା ଝରକା ଜଣାଗଲା । ସେ ଖଟ କାନ୍ଥକୁ ଆଉଜାଇ ତା ଉପରେ ଚଢ଼ି ବାଉଁଶ ପାତିଆ ଭାଙ୍ଗି ଝରକାବାଟେ ବାହାରି ଯାଇ କରପୁଟେ ପୋଲିଶ ଷ୍ଟେସନରେ ରିପୋର୍ଟ କଲା । ଜଣେ ସବ୍ଇନ୍ସପେକ୍ଟର ଏବଂ ଦୁଇଜଣ କାନଷ୍ଟେବୁଲ ଅବିଳମ୍ବେ ଅସି ସେ ବୃଦ୍ଧାକୁ ଗିରଫ କରି ତାର କୁଟୀର ତଦାରଖ କରନ୍ତେ ଦେଖାଗଲା ଯେ ତାର ତୃତୀୟ ପୁତ୍ର ଛେଦିତକଣ୍ଠ ହୋଇ ଖଟରେ

ପଡ଼ିଅଛି । ସେ ବିଷୟ ତେବେ ମାତ୍ର ଜାଣି ବୃଦ୍ଧା "ଭୋ-ଭୋ" ରଡ଼ି ଛାଡ଼ି ଭୂମିରେ ପଡ଼ିଲା ଏବଂ କେତେକ୍ଷଣ ପରେ ଚେତ ସ୍ୱୟଂକୃତ ଏବଂ ନିଜ ପୁତ୍ରଦ୍ୱୟକୃତ ସକଳ ଘୋରକୃତ୍ୟ ପ୍ରକଟିବାକୁ ବାଧ୍ୟ ହେଲା । ପରେ ଅନ୍ୟ ଗ୍ରାମକୁ ଯାଇଥିଲା ପୁତ୍ରଦ୍ୱୟ ମଧ୍ୟ ଗିରଫଦାର । ସେ ତିନି ଜଣ ଉପଯୁକ୍ତ ଶାସ୍ତି ଲଭିଲେ ।

ଶ୍ରୀ ବିକ୍ରମଦେବ ବର୍ମା

# ବାଳିକା ବିବାହ

ଗଞ୍ଜାମ ଜିଲ୍ଲାର ପାରଳାଖେମୁଣ୍ଡି ଜମିଦାରୀରେ ଦଶରଥପୁର ନାମକ ବ୍ରାହ୍ମଣଶାସନ ବିଦ୍ୟମାନ । ସେ ଗ୍ରାମରେ ବିଶ୍ୱନାଥ ଦାଶ ନାମକ ବ୍ରାହ୍ମଣ ବାସ କରେ । ତାହାର ଲୋକନାଥ ନାମକ ପୁତ୍ର ଏବଂ ପାର୍ବତୀ ନାମ୍ନୀ ଦ୍ୱାଦଶବର୍ଷୀୟା ପୁତ୍ରୀ ମାତ୍ର । ବିଶ୍ୱନାଥର ବୟସ ପ୍ରାୟଶଃ ପଚାଶ, ଶରୀର ନାତିଦୀର୍ଘ, ନାତିହ୍ରସ୍ୱ ଏବଂ ନାତି ସ୍ଥୂଳ, ନାତିଶୀର୍ଣ୍ଣ, ବର୍ଣ୍ଣ ଶାମଳ; କେଶ ତିଳତଣ୍ଡୁଳ ମିଶ୍ରଣ ପରି କଳା ଏବଂ ଧଳା । ତାର ପତ୍ନୀବିୟୋଗ ଘଟି ଦୁଇବର୍ଷ ମାତ୍ର ହୋଇଅଛି । ଲୋକନାଥ ପାରଳାଖେମୁଣ୍ଡିରେ ଅଇ, ଏ, ପଢି, ପରୀକ୍ଷା ଦେଇ ଘରକୁ ଆସିଅଛି । ତାର ବୟସ ଅଠର; ବର୍ଣ୍ଣ ଗୌର । ସେଦିନ ବେଲ ତିନିପହର । ବିଶ୍ୱନାଥ ଦାଣ୍ଡର ଗୋଟିଏ ପିଣ୍ଡାରେ ମସିଣା ପାରି ବସି ପଇତା ପାଇଁ ସୂତା ତାକୁଡ଼ିରେ କାଟୁଅଛି । ଲୋକନାଥ ଅରେକ ପିଣ୍ଡାରେ ବସି ଗୋଟିଏ ଅଙ୍ଗ୍ଳ ପୁସ୍ତକ ପଢୁଅଛି ।

ଲୋକ:—ନନା ! ପାର୍ବ କାନ୍ଦୁଅଛି—ସେ ଅଜାକୁ ବିଭା ହେବ ନାହିଁ ବୋଲି ।

ବିଶ୍ୱ :—ତାର ମୁଣ୍ଡ; ତାକୁ କ'ଣ ଜଣା—କହ ? ସେ ତ ଟୋଭି ପାକଲା ପର ନିକ୍ଷିପ ।

ଲୋକ :—ସେ ଠିଆ ପାକଲା ପରି ହେଉ କମ୍ବା କଇଠ ପାକଲା ପରି ହେଉ, ତାର ବୟସ କେତେ ? ପାତ୍ରୀର ବୟସ କେତେ ? ସେ ଷାଠିଏ ବରଷିଆ । ପାତ୍ରୀର ବୟସ ବାର ମାତ୍ର । ଏପରି ଦାମ୍ପତ୍ୟ ଯୁକ୍ତ ଅଟେ କି ?

ବିପ୍ର :—ଷାଠିଏ ବରଷ ହେଲେ, କ'ଣ ହେଲା ? ସେ ପ୍ରଚାଳିଶ ବରଷିଆ ପରି ଦିଶେ । ପୁଣି ନିରୋଗ ଦୃଢ଼ ଶରୀର । ତାର ଓଜ ତେଜର ଅନ୍ତକ ? ସେ ପ୍ରତ୍ୟେକ ଦିନ ବ୍ରାହ୍ମ ମୁହୂର୍ତ୍ତରେ ଉଠି ଥଣ୍ଡା ପାଣିରେ ଗାଧୋଇ ଆସନରେ ନିଷ୍ଠରେ ବସି ଦିନ ପହରେ ଯାଏ ଜପ ତପ କରେ; ମଧ୍ୟ ଶ୍ରାଦ୍ଧବ୍ରାହ୍ମଣଠାରୁ ବେଶୀ ଖାଏ । କେଡ଼େ ଜୀର୍ଣ୍ଣଶକ୍ତି !

ଲୋକ :—ଦେଲେ, ଆମ୍ଭ ବୁଢ଼ୀ ମଇଁଷୀ ଦୁଇମାଣ କୁଣ୍ଡା ଖାଇବ । ଯେତେ ଖାଇଲେହେଁ ବୁଢ଼ା ଭେଣ୍ଡା ହେବ କି ? ପାତ୍ରୀ ତାର ଝିଅ ବୋଇଲେହେଁ କିଏ ବିଶ୍ୱାସ କରିବେ ନାହିଁ; ନାତୁଣୀ ବୋଇଲେ ବିଶ୍ୱାସ କରିବେ ପରି !

ବିପ୍ର :—ଯେ ଯେମନ୍ତ ବିଶ୍ୱାସ କରନ୍ତୁ, ତହୁଁ ଆସେ କେତେ— ଯାଏ କେତେ ? ପରଶୁରାମପୁରର ବାମଦେବ ନନ୍ଦ ଏହାଠାରୁ ବଡ଼ । ସେ ତୃତୀୟ ବିବାହ କରି ନାହିଁ କି ? ତାର ଭାର୍ଯ୍ୟା ଆନନ୍ଦରେ ଘର କରି ଦିଓଟି ପୁଅ ପାଇ ନାହିଁ କି ?

ଲୋକ :—ନନ୍ଦ ତ ମାନ୍ତ୍ରିକ । ସେ ମନ୍ତ୍ର ବଳରେ ପିଲା ପାଇଥିବ ପରି ! ନନା ! ତୁମ୍ଭେ ଦାନ ଦେଇଥିଲା ବାଛୁରୀକି କେତେ ଟଙ୍କାରେ ବିକିଲ ?

ବିପ୍ର :—ପନ୍ଦର ବୋଇଲେ, କେ ମଗିଲେ ନାହିଁ । ସେ ହେତୁରୁ ଦଶଟଙ୍କାରେ ବିକିଦେଲି ।

ଲୋକ :—ବାଛୁରୀକି ଦଶ ଟଙ୍କାରେ ବିକିଲ; ଝିଅକୁ ଦୁଇଶହ ଟଙ୍କାରେ ବିକୁଅଛ । ନନା ! ଦିଓ ହେଲା ବାଛୁରୀର ଏବଂ ଜନ୍ମକଲା ଝିଅର ପ୍ରଭେଦ ନ୍ୟୂନାଧିକ ମୂଲ୍ୟରେ ମାତ୍ର ପରିଲକ୍ଷିତ ।

ବିଶ୍ୱ :—କଅଣ—ମୁଁ ଝିଅକୁ ବିକୁଛି ? ସେ ସମ୍ବନ୍ଧ ଅତ୍ୟୁତ୍ତମ ବୋଲି ମୁଁ ତାକୁ କରୁଅଛି । ଅମ୍ଭ ଭବ୍ୟତାକୁ ଭାବି ସେ ଦୁଇଣ ଦେବାକୁ ରାଜି । ଆମ୍ଭେ ନାହିଁ ବୋଲିବା ଭଲ କି ? ସେ ଦୁଇଣ ତ ବିଃ ଏଃ ଶ୍ରେଣୀର ବେତନ ହୋଇ ପାରିବ ।

ଲୋକ :—ମୋ ପାଠ ପାଇଁ ଭଉଣୀ ବିକା ଟଙ୍କା ଲୋଡ଼ା ନାହିଁ । ତୁମ୍ଭେ ଦେଇ ନ ପାରିଲେ, ମୁଁ ଭିକ ମାଗି ଟଙ୍କା ଅରଜି ପଢ଼ିବି । ସେ କଥା ଛାଡ଼ । ଅମ୍ଭ ଗାଁର କୃଷ୍ଣରଥ ମୋର ସହପାଠୀ । ସେ ଗୁଣବାନ୍, ରୂପବାନ୍ ଏବଂ ପାତ୍ରୀର ଉପଯୁକ୍ତ ବର ।

ବିଶ୍ୱ:—ଅଚ୍ଛା ବରକୁ ବାଛିଲୁ ! କୃଷ୍ଣ୍ୟାର ଗୁଣ ରୂପ କେତେଣେ ରଖେ । ତାଙ୍କ କି ସମ୍ପତ୍ତି ଅଛି କହ ? ତା ପାଠ ଶେଷ ହେବା ସମୟକୁ ଘରଖଣ୍ଡିକ ନିଲାମ । ଆଜିକାଲି ଚାକିରିଟିଏ ଲଭ୍ୟ ହେବା ଅସମ୍ଭବ । ସେ ହେତୁରୁ ସେ ବାସହୀନ ହୋଇ ମାଇପକୁ ସଙ୍ଗେ ଘେନି ବୁଲି ବୁଲି ଭିକମାଗିବ । ଭୁଲ—ଭୁଲ ! ଆଗ୍ଳ ପାଠୁଆ ଭିକାରପଣିଆକୁ ମଧ୍ୟ ଅଯୋଗ୍ୟ । ଶିବ ମିଶ୍ରକୁ ଦେଖେ । ସେ ଲକ୍ଷ୍ମୀପୁତ୍ର । ତାର ଜମିବାଡ଼ି ବହୁତ; ଘର କବାଟଆ କାଠ ପଥର ଅଡ଼ଙ୍ଗରେ ଗଢ଼ା । ସେ ବାହାରକୁ ବାହାରିଲେ, ଓଣ୍ଠାରେ ମାଣେ ଚାଉଳର ବୁଜୁଲା କାନ୍ଧରେ ଏବଂ ଅଠଅଣା ପଇସା ଅଣ୍ଟାରେ ନ ଧରିଲେ, ଘରକୁ ଫେରେ ନାହିଁ ! ତାକୁ ଦେଲେ, ପାତ୍ରୀ କେତେ ସୁଖ ପାଇବ, ଭାବେ ।

ଲୋକ:—ପତ୍ନୀର ସତ୍ୟ ସୁଖ ପତିରୁ ଲଭ୍ୟ ହୁଏ; କିନ୍ତୁ ଧନାଢ୍ୟରୁ ଲଭ୍ୟ ହୁଏ ନାହିଁ । ପାରଳାର ବାସୁଦେବ ପାଢ଼ୀ ସ୍କୁଲ ମାଷ୍ଟର କାର୍ଯ୍ୟକର ମାସିକ କୋଡ଼ିଏ ଟଙ୍କା ପାଉଥିଲେହେଁ, ସେ ଦମ୍ପତି ଉପଯୁକ୍ତ ବୟସ୍କ ହୋଇଥିବାରୁ ଅତି ସୁଖରେ କାଳଯାପନ କରନ୍ତି ।

ବିଶ୍ୱ:—ଆରେ ! ତୁ ପିଲା । ତୋର ଲୋକାନୁଭବ ନାହିଁ । "ସର୍ବେ ଗୁଣାଃ କାଞ୍ଚନମାଶ୍ରୟନ୍ତି" । ଧନ ଥିଲେ ସବୁ ଅଛି । ଧନୀର ମାଇପ ହେବା ଗୌରବ । ମୁଁ ସ୍ଥିର କରି ଦେଲିଣି । ଏବେ ପଛ ଘୁଞ୍ଚିବା ଅନୁଚିତ । ନିର୍ବନ୍ଧ କରିବାକୁ ସେମାନେ ଏବେ ଆସୁଥିବେ । ସାବଧାନ ! ସେମାନଙ୍କୁ ଅଣ୍ଟା କର ନା ।

ଲୋକ:—ତୁମ୍ଭେ ତ ମୋ ବୋଲ ମାନ୍ ନାହିଁ, ତୁମ୍ଭ ଇଚ୍ଛାନୁରୂପେ କର ।

ବିଶ୍ୱ:—ସେପରି କହିବା ଉଚିତ ୧ ମୁଁ ବଡ଼ ଦୁଃଖିଅ ହୋଇ ଅଛି । ସବୁ ଲୋକ ମୋ ମୁଣ୍ଡେ ଲଦି ଦେଇ ନିଶ୍ଚିନ୍ତ ହୋଇ ଥା ।

ଆଉ ଦୁଇ ଘଡ଼ି ପରେ ଶିବ ମିଶ୍ର ଏବଂ ରାମ ଶତପଥୀ ଆସି ପହଞ୍ଚିଲେ । ସେ ଦୁହେଁ ଅଙ୍ଗାରଶିଙ୍ଗୀ ଶାସନ ନିବାସୀ । ଶିବ ମିଶ୍ର ବର । ତାର ବୟସ ଷାଠିଏରୁ ବେଶୀ, ଶରୀର ଶୀର୍ଣ୍ଣ, ଝିଲ ଗୋଟ; ମୁଖ ଇସ୍ପି ନୋହି ଚଉଡା ହୋଇଥିବା ଖଦ୍ଦାପର ବଳୀଯୁକ୍ତ; ନାସାପୁଟଯୁଗ ନାସରେ ପୂର୍ଣ୍ଣ; ହାତରେ ଛନି ହାତ ଲମ୍ବର ଗୋଟିଏ ବାଉଁଶ ବାଡ଼ି; ଅଣ୍ଟାରେ ମୋଟ ଖଦି; ଡେବର କାନ୍ଧରେ ପାଛୁଡ଼ା; ଆରେକ କାନ୍ଧରେ ମଳି ଗାମୁଛା; ଅଣ୍ଟାରେ ଖୋସା ହୋଇଥିଲା ନାସଦାନି ବୋଥ ବୋଲି ଭ୍ରମ ଜନ୍ମାଏ । ସେ ପଣ୍ଡିତ ନୋହି-ଥିଲେହେଁ, "କୁଣ୍ଡଳଂ କର୍ଣ୍ଣଭୂଷଣଂ" ପର୍ଯ୍ୟାୟକୁ ଶୁଣି ଦୁଇଟି ମକରକୁଣ୍ଡଳ ଗଢ଼ାଇ ଧାରଣ କରିଅଛି । ରାମ ଶତପଥୀର ବୟସ ପ୍ରାୟଶଃ ପଞ୍ଚାଳିଶ; ଶରୀର ସ୍ଥୂଳ, ବର୍ଣ୍ଣ ଶ୍ୟାମଳ; ଜୀବିକା ପୁରୋହିତ କାର୍ଯ୍ୟ । ବରକୁ କନ୍ୟା ଘଟାଇବାରେ ଏବଂ କନ୍ୟାକୁ ବର ଘଟାଇବାରେ ସେ ପଟୁ । ବିଶ୍ୱନାଥ ସେ ଦୁଇଜଣଙ୍କୁ ବହୁତ ସମ୍ମାନ କରି ଅର୍ଘ୍ୟ ପାଦ୍ୟ ଦେଇ ଆପଣାର ମସିଣାରେ ବସାଇଲା ।

ଶିବ: ଦାସ—ଆପଣେ ! ସେ ତୁମ୍ଭ ପୁଅ କି ?

ବିଶ୍ୱ:—ହଁ, ଆଜ୍ଞା ।

ଶିବ:—( ଲୋକନାଥକୁ ଉଦ୍ଦେଶି ) ମୁଁ ତୁମ୍ଭଙ୍କୁ ଆଜଯାଏ ଦେଖି ନାହିଁ ।

ଲୋକ:—ମୁଁ ପ୍ରାୟଶଃ ଏଠାରେ ଥାଏ ନାହିଁ । ପାଠପଢ଼ା ପାଇଁ ପାରଳାରେ ଥାଏ ।

ରାମ:—ଦାସ ଆପଣେ ! ଅମ୍ଭଙ୍କୁ ଶୀଘ୍ର ବିଦାୟ ଦିଅନ୍ତୁ । ସନ୍ଧ୍ୟା ହେଉଅଛି ।

ବିଶ୍ୱ:—ହଁ । ଘରେ ସବୁ ସମ୍ମତ । ଚାଲନ୍ତୁ ।

ରାମ:—ଏବେ ଚୂଡ଼ିଆନର ଅଲଙ୍କାର ମାନ ଆଣିଛୁଁ । ବାହାବେଳେ ବାକି ଅଲଙ୍କାର ଏବଂ ଦୁଇଶ ଟଙ୍କା ଦିଆଯିବ ।

ବିଶ୍ୱ:—ତୁମ୍ଭମାନଙ୍କ ଇଚ୍ଛାନୁରୂପେ କର । ମୋର କୌଣସି ଆପତ୍ତି ନାହିଁ ।

ରାମ:—ବିଭା କେବେ ନିର୍ଣ୍ଣୟ କଲ ? ଜାଣ ତ "ଶୁଭସ୍ୟ ଶୀଘ୍ରଂ" ବୋଲି ।

ବିଶ୍ୱ:—ପରଦିନ ରାତ୍ରି ଧନୁର୍ଲଗ୍ନ ଭଲ ହୋଇ ଅଛି ।

ରାମ:—ଅତ୍ୟୁତ୍ତମ । ଆମ୍ଭେମାନେ ପ୍ରସ୍ତୁତ । ତୁମ୍ଭେ ସବୁ ଠିକ୍ କର ।

ବିଶ୍ୱ:—ଗୋଟିଏ ବିଷୟମାତ୍ର ସନ୍ଦେହାସ୍ପଦ ।

ରାମ:—କଣ ?

ବିଶ୍ୱ:—ଆମ୍ଭ ଗାଁରେ ଶାରଦା ଅଇନର ଗୋଳ ବେଶୀ । ମଧ୍ୟ ମୋର ଏବଂ କୃଷ୍ଣ ରଥର ଅପଡ଼ । ଅତଏବ ସେ ବାଧା ଦେବ ବୋଲି ମୋର ଭୟ ।

ଶିବ:—ସେପରି ସନ୍ଦେହ ତୁମ୍ଭର ଥିଲେ, କନ୍ୟାକୁ ଘେନି ଆମ୍ଭ ଘରକୁ ଆସ । କବାଟ କଳି ଘରଭିତରେ ବିଭା କରିବା । ମଧ୍ୟ ଆମ୍ଭ ଗାଁର ସମସ୍ତ ମୋର ବଶୀଭୂତ ।

ବିଶ୍ୱ:—ତଥୈବାସ୍ତୁ ।

ତତ୍ପରେ ଶିବ ଏବଂ ରାମ ନିବନ୍ଧ ବିଧାନ ସମାପନ କରି ବାହାରି-ଗଲେ । ଲୋକନାଥ ନିଜ ପରୀକ୍ଷାଫଳ ବୁଝିବା ପାଇଁ ତତ୍ପର ଦିନ ପ୍ରାତଃ-କାଳରେ ପାରଳା ଗଲା ।

ସମୟ ରାତ୍ରି, ଶିବମିଶ୍ର ଘରର ଦାଣ୍ଡକବାଟ ବନ୍ଦ; ବାଜାବାଜେଣୀର ଶବଦ କିମ୍ବା ବନ୍ଧୁବାନ୍ଧବଙ୍କ ଚହଲ ଶୁଭୁ ନାହିଁ । ଭିତରେ ବିବାହ କର୍ମାରମ୍ଭ ହୋଇଅଛି । ଦାଣ୍ଡଘରେ ଶିବ ମିଶ୍ର ଏବଂ ବିଶ୍ୱନାଥ ଦାସ ଦୁଇଟି ପିଢ଼ାରେ ବସିଅଛନ୍ତି । ତାଙ୍କ ସମ୍ମୁଖରେ ରାମଶତପଥୀ ବସି କର୍ମ କରୁଅଛି । ବାଡ଼ି-ଘରେ ପାର୍ବତୀ ଏକାକିନୀ ବସି କାନ୍ଦୁଅଛି । ଏମନ୍ତ ସମୟରେ ଏକ ବ୍ୟକ୍ତି ଦାଣ୍ଡ କବାଟକୁ ମାରି "କବାଟ ଫାଡ଼—କବାଟ ଫାଡ଼" ବୋଲି ଉଚ୍ଚେ ଡ଼ାକ ଦେଲା । ତାହା ଶୁଣି ଭିତର ମିଶ୍ରପ ତିନିଜଣ ସ୍ତବ୍ଧ ହେଲେ; କିନ୍ତୁ କବାଟ ଫିଟାଇଲେ ନାହିଁ । କେତେକ୍ଷଣ ପରେ "କବାଟ ନ ଫିଟାଇଲେ, କବାଟ ଭାଙ୍ଗି ଭିତରେ ପଶିବି" ବୋଲିବା ଶବ୍ଦ ଶ୍ରୁତ ହୁଅନ୍ତେ ରାମ ବାଧ୍ୟ ହୋଇ ଉଠି କବାଟ ଫିଟାଇଲା, ଦ୍ୱାର ଫିଟିଲା ମାତ୍ରେ ଜଣେ ପୋଲିଶ ଇନସ୍ପେକ୍ଟର, ଜଣେ ସବ୍‌ଇନ୍‌ସ୍ପେକ୍ଟର ଏବଂ ଜଣେ କନଷ୍ଟେବଲ ଘରେ ପେଲି ପଶିଲେ । ସବ୍‌ଇନ୍‌ସ୍ପେକ୍ଟରର ମୁହଁରେ ଦାଢ଼ି ଏବଂ ନିସ; ବାକୀ ଦୁଇଜଣଙ୍କ ମୁହଁରେ ନିସ ମାତ୍ର ।

ଇନ୍ଃ—ଏଠି କିସ କରାଯାଉଛି ?

ରାମଃ—ବାବୁ ! ପୂଜା ।

ଇନ୍ଃ—ପୂଜା ? ବଦମାଶ୍ ! ମିଛ କହୁଛୁ ?

ଖବରଦାର ! ଏଠାରେ ବିଭା କରା ଯାଉଛି । ବୋଧ ହୁଏ ତୁ ପୁରୋହିତ; ଏ କାଳିଆ କନ୍ୟାର ବାପ; ସେ ବୁଢ଼ାମାଙ୍କଡ଼ ବର, କନ୍ୟା କାହିଁ ?

ରାମଃ—( ହାତଯୋଡ଼ି ) ବାବୁ ! ଦୋଷ କ୍ଷମାକର—କ୍ଷମା କର । କନ୍ୟା ବାଡ଼ିଘରେ ଅଛି ।

ଇନ୍ଃ—ତାକୁ ଶୀଘ୍ର ଏଠାକୁ ଆଣ ।

ଏହା ଶୁଣି ବିଶ୍ୱନାଥ ଉଠି ଥର ଥର ଯାଇ କନ୍ୟାକୁ ଆଣିଲା । ଇନସ୍ପେକ୍ଟର କନ୍ୟାର ଓଢ଼ଣା କାଢ଼ି ତାକୁ ନିରେଖି ଦେଖିଲା ।

ଇନ୍ଃ—ଏ କନ୍ୟା କେଡ଼େ ସୁନ୍ଦରୀ ! ଏ କାନ୍ଦୁଥିଲେ ହେଁ ମୁହଁ ବିବର୍ଣ୍ଣ ହୋଇ ନାହିଁ, ଆଖି ଦୁଇଟି ପାଣି ପୂରିଥିବା କଳା କଇଁପାଖଡ଼ା ପରି ଶୋଭେ; ଓଠର ଫୁଲ ପହିଲା ରଙ୍ଗକୁ ନିନ୍ଦେ, ଏହାର ବୟସ ଅନ୍ଦାଜ ଦଶ ।

ବିଷ୍ଣୁ:—ନାହିଁ—ବାବୁ ! ବାର ପୂରିଲା ।

ଇନ:—ତୁ ଏ ବାଳିକାର ବାପ କି ?

ବିଷ୍ଣୁ:—ଆଜ୍ଞା ।

ଇନ:—ଏଁ ସୁନା ପିତୁଳାକୁ ସେ ବୁଢା ପାତ୍ର ମାଙ୍କଡ଼ ହାତରେ ଦେଉଛୁ ? ବେଖୁବ୍ ! ତୋର ଆଖି ନାହିଁ ; ମମତା ନାହିଁ । ଧନ ଲୋଭରେ ଝିଅକୁ ବିକୁଛୁ । ଝିଅର ମାଉଁସରେ ପେଟ ପୋଷିବୁ । ଭଲା—କହିତ ? ଝିଅକୁ କେତେ ଟଙ୍କାରେ ବିକୁଛୁ ?

ବିଷ୍ଣୁ:—ବାବୁ ! କ୍ରୋଧ କର ନାହିଁ । ମୁଁ ଝିଅକୁ ବିକୁ ନାହିଁ । ଶିବମିଶ୍ରେ ଧନବାନ୍, ବଳବାନ୍ ଏବଂ ଦାରକୁମାର ହୀନ ହୋଇଥିବାରୁ ତାଙ୍କୁ ଦେଲେ, ମାତୃହୀନା କନ୍ୟା ସୁଖିନୀ ହେବ ବୋଲି ପାଇଁ କନ୍ୟାଦାନ କରୁଅଛି । କନ୍ୟାର ଅଳଙ୍କାର ଛଡ଼ା ମିଶ୍ରେ ମୋ ମହତକୁ ବତିଶ ଦୁଇଶ ଟଙ୍କା ମାତ୍ର ମୋତେ ଦେବେ ।

ଇନ:—ଅରେ—ନରପିଶାଚ ! ତୁ କେଡ଼େ ସୁତାବତ୍ସଳ ! ତୁ ତ ଝିଅକୁ ବିକୁଛୁ । ତୋ କାର୍ଯ୍ୟରୁ ତୋ ମହତ ଫୁଲ ଫୁଟି ମହକୁଛି । ତା ପାଇଁ ଦୁଇଶ ଟଙ୍କା ପୁରସ୍କାର ! ( ଶିବ ମିଶ୍ରଙ୍କୁ ଉଦ୍ଦେଶି ) ଏ ବୁଢ଼ା ? ତୋତେ ମଶାଣି ଡ଼ାକୁଛି—ତୋର ବିଭାମଧ କାହିଁକି ମ ? ନିର୍ବୁଦ୍ଧିଆ !

ଶିବ:—ବାବୁ ! ସତ କହୁଛି । ମୋ ମାଇପ ମରି ପାଞ୍ଚ ବରଷ ବିତିଗଲା । ମୁଁ ବିଭା ଭାବନା ଛାଡ଼ି ଦେଇଥିଲି । ଏ ଦୁହେଁ ମୋତେ ଭୁଲାଇ ଏ ବାଳିକାକୁ ମୋ ବେକରେ ବାନ୍ଧୁଛନ୍ତି ।

ଇନ:—ଏ ପୁରୋହିତ ବି ବଦମାଶ୍ । ଏ ସେ କାଳିଆଠାରୁ ମଧ କିଛି ଖାଇଥିବ । ତୁ ଶୀଘ୍ର ମଲେ, ତୋ ସମ୍ପତ୍ତିର ମାଲିକ ହେବା ପାଇଁ ସେ କନ୍ୟାଦାନ କରୁଛି । ସେ ଯାହାକରେ ଆମ୍ଭର କି କାର୍ଯ୍ୟ ? ତୁମ୍ଭେମାନେ ଶାରଦା ଆଇନ ଜାଣି ନାହିଁ କି ?

ରାମ:—ଜାଣୁ—ବାବୁ ।

ଇନ୍ଃ—ଏବେ ସେ ଆଇନ ବଦଳି ଅଛି । ବରକୁ ଛଅ ମାସ ସଶ୍ରମ କାରାଦଣ୍ଡ ଏବଂ ଏକ ହଜାର ଟଙ୍କା ଜରିମାନା, କନ୍ୟାର ବାପକୁ ଠିକ୍ ସେହିପରି । ପୁରୋହିତକୁ ମାତ୍ର ଦୁଇ ମାସ ସଶ୍ରମ କାରାଦଣ୍ଡ ଏବଂ ଦୁଇଶ ଟଙ୍କା ଜରିମାନା । କନ୍‌ଷ୍ଟେବଲ୍ ! ଏ ତିନିଙ୍କି ଗିରଫ୍ କର ।

ତିନି ଜଣଃ—( ହାତ ଯୋଡ଼ି ) ବାବୁ ! ରକ୍ଷା କର—ରକ୍ଷା କର । ଆମ୍ଭ ଦୋଷ କ୍ଷମା କର ।

ଇନ୍ଃ—ଆମ୍ଭେମାନେ ଆଇନକୁ ଅନୁସରି କାର୍ଯ୍ୟ କରିବାକୁ ବାଧ୍ୟ । କ୍ଷମା କରିବା ଅଧିକାର ଆମ୍ଭ ହାତରେ ନାହିଁ ।

ରାମଃ—ବାବୁ ! ତୁମ୍ଭ ପାଦ ଧରି କହୁଛୁଁ । ଆମ୍ଭେ ବୈଦିକ ବ୍ରାହ୍ମଣ । ଜେଲକୁ ଗଲେ, ଜାତି ଭ୍ରଷ୍ଟ ହେବୁଁ । ପାଣି ଟୋପାଏ ମଧ୍ୟ ଆମ୍ଭଙ୍କୁ କିଏ ଦେବ ନାହିଁ । ମରିଯିବୁଁ ।

ଇନ୍ଃ—ଆଇନର ମତରେ ବ୍ରାହ୍ମଣାବ୍ରାହ୍ମଣ ପ୍ରଭେଦ ନାହିଁ ।

ବିଶ୍ୱ—ବାବୁ ! ତୁମ୍ଭେ ସେପରି କହ ନାହିଁ । ତୁମ୍ଭଙ୍କୁ ମୋର ନମସ୍କାର । କିପରି ହେଉ ଆମ୍ଭଙ୍କୁ ରକ୍ଷାକର ।

ଇନ୍ଃ—ଜାଣି ଜାଣି ଆଇନ ଅମାନ୍ୟ କାର୍ଯ୍ୟ କାହିଁକି କରୁଛ ?

ଶିବଃ—ବାବୁ । ତୁମ୍ଭେ ବୋଇଲା ପରି ଏହା ମୋ ବୁଦ୍ଧିମାନ୍ଦ୍ୟରୁ ଘଟିଲା । ମୁଁ ତ୍ରିବାର ସତ୍ୟ କରୁଛିଁ । ଆଉ ବିବାହିତ ହେବି ନାହିଁ, ହେବି ନାହିଁ, କଦାପି ହେବି ନାହିଁ । ତୁମ୍ଭ ଦୁଇ ହାତ ଧରି ମାଗୁଛିଁ । ଆମ୍ଭଙ୍କୁ ରଖ ।

ରାମଃ—(ଜନାନ୍ତିକରେ) ମିଶ୍ରେ ! କେବଳ ପ୍ରାର୍ଥନା ବୃଥା । ଦାସଙ୍କୁ ଦେବା ପାଇଁ ଏଠାରେ ରଖାଯାଇଥିବା ଟଙ୍କାମୁଣି ବାବୁଙ୍କ ହାତକୁ ବଢାଇ ଦେଇ ପ୍ରାର୍ଥନା କର । ତେବେ ଗୁହାରି ଶୁଣାଯିବ । "ଜନବଶ୍ୟକରଂ ଧନଂ" ।

ଶିବଃ—( ଟଙ୍କାମୁଣି ଇନ୍‌ସ୍ପେକ୍ଟରର ହାତରେ ଦେଇ ) ବାବୁ ! "ଅନ୍ୟଥା ଶରଣଂ ନାସ୍ତି ତ୍ୱମେବ ଶରଣଂ ମମ" ।

ଇନ୍ଃ—( ଟଙ୍କାମୁଣିକି ଧରି ) ମୁଁ କାହାଠାରୁ କିଛିହିଁ ଗ୍ରହଣ କରେ ନାହିଁ । ମାତ୍ର ଏହା ବ୍ରାହ୍ମଣ ପ୍ରସାଦ । ଏଣୁ ତ୍ୟାଜ୍ୟ ନୁହେଁ । କନ୍‌ସଟେବଲ ! ଏହା ତୁମ୍ଭେମାନେ ବାଣ୍ଟିନିଅ । ( ମୁଣି କନେଷ୍ଟବଲଙ୍କୁ ଦେଇ ) ବ୍ରାହ୍ମଣେ ! ତୁମ୍ଭେମାନେ ଏ ବିଭା ବନ୍ଦ କରି ବିନତି କରୁଥିବାରୁ ମୋ ମନ ତରଳିଲା; ଖୁସି ହେଲି ତୁମ୍ଭଙ୍କୁ ବାନ୍ଧିବି ନାହିଁ । ମାତ୍ର ସିଦ୍ଧ ହୋଇଥିବା ବିଭାକୁ ଭାଙ୍ଗି, କନ୍ୟାର ଅନିଷ୍ଟ କରିବା ଅନୁଚିତ । ଏ ସବ୍-ଇନସ୍ପେକ୍ଟରର ଏବଂ ତୁମ୍ଭମାନଙ୍କର ଶାଖା ଏକ । ଏ ଅବିବାହିତ । ଅତଏବ ଏହା ସହିତରେ ଏ କନ୍ୟାର ବିଭା ଏବେ କର । ଆଉ ତୁଣ୍ଡ ଫିଟାଅ ନାହିଁ । ଖବରଦାର ।

ରାମଃ—ଅତ୍ୟୁତ୍ତମ ।

ବିଶ୍ୱଃ—( ସ୍ୱଗତ ) ମୋ ଝିଅର ବିଭା ଏବେ ନୋହିଲେ, ତାକୁ ବିରପୂବା ବୋଲି ଆଉ କିଏ ବିଭା କରିବେ ନାହିଁ । ( ପ୍ରକାଶ୍ୟେ ) ମୁଁ ସମ୍ମତ ।

ଶିବଃ—ବାବୁ ! ଯା ତୁମ୍ଭଇଚ୍ଛା, ତା କର ।

ତତ୍ପରେ ସବ୍‌ଇନ୍‌ସ୍ପେକ୍ଟର ଆପଣାର ପୋଷାକ କାଢି କନେଷ୍ଟବଲଙ୍କୁ ଦେଇ, ଶିବମିଶ୍ରଦତ୍ତ ନୂତନ ବସ୍ତ୍ରଯୁଗ୍ମ ପରିଧାନ କରି, ପିଢ଼ାରେ ବସିଲା । ରାମ ମହାସଙ୍କଳ୍ପ ପଢିଲା । ବିଶ୍ୱନାଥ କନ୍ୟାଦାନ କଲା । ସବ୍‌ଇନ୍‌ସ୍ପେକ୍ଟର ଆପଣାର ଦାଢ଼ି ଏବଂ ନିଶ କାଢି ଫୋପାଡ଼ି ଦେଲା । ଦେଖାଗଲା ଯେ ସେ ଦଶରଥପୁରର କୃଷ୍ଣ ରଥ ମାତ୍ର ! ଶିବ, ବିଶ୍ୱନାଥ ଏବଂ ରାମ ଆଶ୍ଚର୍ଯ୍ୟାନ୍ୱିତ । ଇତି ।

ଶ୍ରୀ ବିକ୍ରମଦେବ ବର୍ମା

# ଭୂତଭୟ

ଜୟପୁରର ଜୟକୃଷ୍ଣ ମିଶ୍ରେ ଏକଦିନ ଚତୁର୍ଥ ପ୍ରହରରେ ଆପଣାର ପିଣ୍ଡାରେ ବସି ଭାବୁଥିଲେ "କଅଣ ! ବାମିଆ ରଣ୍ଡବାଭ କରିବ ? ସମାଜୋଚ୍ଛାର କରିବ ? ଗୋଷୀର ପବି ବଶୁଦ୍ଧ ବଂଶରେ କାଳି ଲଗାଇବ ? ତା ବାପ—ମୋ ମିତ ବାସୁଦେବ ରଥେ କେଡ଼େ ପଣ୍ଡିତ ! କେଡ଼େ କର୍ମନିଷ୍ଠାପର ! ତାଙ୍କ ଭାର୍ଯ୍ୟା ଲକ୍ଷ୍ମୀ ନିଶ୍ଚେ ମହାଲକ୍ଷ୍ମୀ । ସେ ସାଧ୍ୱୀର ସୁଗୁଣ ଏବଂ ପତିପରାୟଣତ୍ୱ ଅକଥନୀୟ । କ୍ଷୀରସାଗରରୁ ହଳାହଳ ପରି ସେ ପୁଣ୍ୟଦମ୍ପତିଙ୍କଠାରୁ ଏ କୁଳାଙ୍ଗାର ଜନ୍ମିଲା । କିବା ସିଂହଠାରୁ ଶୃଗାଳ ପରି ସେ ସାଧୁକର୍ମନିଷ୍ଠଙ୍କଠାରୁ ଏ ଦୁଷ୍ଟ କର୍ମୀ ସମ୍ଭବିଲା । ଏ ଟୋକା ନିଜ କୁଳୋଦ୍ଧାରକ ହେବ ବୋଲି ମୋ ମିତ କେଡ଼େ ଆଶା ପୋଷଣ କରିଥିଲେ । କିନ୍ତୁ ଏପରି କୁଳଧ୍ୱଂସକ ହେବ ବୋଲି ସେ ଭୁଲେ ହେଲେ ଭାବି ନ ଥିଲେ । ଆହା—ମୋ ମିତ ! ଅଦ୍ୟ ତାଙ୍କ ଆକାର ମୋ ମନୋଗୋଚର । ମୋତେ ସେ ନିଜ ପ୍ରାଣରୁ ଅଧିକତର ମଣୁଥିଲେ । ମୋ ବଚନଭଙ୍ଗୀରେ ସେ ସନ୍ତୁଷ୍ଟ ହେଉଥିଲେ । ବେଶର ଏବଂ ସ୍ୱରର ଅନୁକରଣ କରିବା ମୋର ସହଜ ଗୁଣ । ଦିନେ ମୁଁ କାନ୍ଥ ଉହାଡ଼ରେ ରହି ମୋ ମିତଙ୍କ କଣ୍ଠସ୍ୱରର ଅନୁକରଣରେ କେତେକ କଥା କହନ୍ତେ, ସେ ଏବଂ ତାଙ୍କ ପାଖରେ ବସିଥିଲା ବ୍ୟକ୍ତିମାନେ ଚମତ୍କୃତ ହେଲେ । ମୋ ମିତ "ମୋ ପ୍ରତିଧ୍ୱନି ! ଏଠାକୁ ଆସ" ବୋଲି ଡାକିଲେ । ତତ୍ପରେ ମୁଁ ମୋ ମିତଙ୍କ ପରି ଚାଲି ଚାଲି ସମୀପବର୍ତ୍ତୀ ହୁଅନ୍ତେ, ସେ ବ୍ୟକ୍ତିମାନେ ମୋତେ "ବାସୁଦେବ ରଥ ପ୍ରତିବିମ୍ବ" ବୋଲିଥିଲେ । ମୋ ମିତ ଉଠି ମୋତେ ଆଲିଙ୍ଗନ କରି ଭାଷିଲେ, ମିତ ! ମୁଁ ମଲେହେଁ, ତୁମ୍ଭ ଦେହରେ ଥିବି ।" ତାହା ଶୁଣି ମୁଁ କହିଲି, "ନାଁ ନାଁ—ମିତ ! ମୋପରି ନଗଣ୍ୟ ବ୍ୟକ୍ତି ମଲେ, ସୋରିଷେ ସୁଦ୍ଧା କ୍ଷତି ଘଟିବ ନାହିଁ; ମାତ୍ର ତୁମ୍ଭପରି ଧର୍ମନିଷ୍ଠ ଚିରଜୀବୀ ହୋଇଥିବା ସର୍ବଥା ବାଞ୍ଛନୀୟ ।" ସେ ମୌଜକାଳ ବାହାରିଗଲା । ଏବେ ଦୁଷ୍ଟ ଏବଂ ପାପବୁଦ୍ଧିଷ୍ଟ କାଳ ଉପସ୍ଥିତ । ଯେଉଁ ଜନେ ପରଲୋକ ଗମନ କରିଅଛନ୍ତି, ସେମାନେ ଧନ୍ୟ । ମୋପରି

ବ୍ୟକ୍ତିମାନେ ପାପାଚରଣ ଦେଖିବାକୁ ଜାଇଁଅଛନ୍ତି । କପଟ ହେଉ ବାମିଆର ଭିତ୍ତି ବନ୍ଧ କରିବାକୁ ପ୍ରଯତ୍ନ କରିବ । ଫଳ ଦୈବାଧୀନ । "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ ।"

ଏପରି ଭିନ୍ନ ଭିନ୍ନ ଭାବ ମିଶ୍ରେ ବିପର୍ଯ୍ୟସ୍ତ ହୋଇଥିଲା ସମୟରେ ତାଙ୍କ ଦାଣ୍ଡ ଦେଇ ବାମଦେବ ରଥ ଠେଙ୍ଗାଟିଏ ଧରି ଯାଉଥିଲା । ତାର ବୟସ ପ୍ରାୟଶଃ କୋଡ଼ିଏ ବର୍ଷ; ବର୍ଣ୍ଣ ଗୌର । ସେ ନାତିଦୀର୍ଘ କମ୍ବା ନାତିହ୍ରସ୍ୱ । ସେ ରୂପରେ ଜନକତୁଲ୍ୟ ହୋଇଥିଲେହେଁ, ଗୁଣରେ ଏବଂ ଜ୍ଞାନରେ ତଦ୍‌ବିପରୀତ । ତାର ବାଲ୍ୟାବସ୍ଥାରେ ଜନନୀଜନକ ଇହଲୋକ ତ୍ୟାଗ କଲେ । ବୁଢ଼ୀ—ପିଉସୀଟିଏ ଛଡ଼ା ତାର ରକ୍ତସମ୍ବନ୍ଧ ବାନ୍ଧବ ଆଉ କିଏ ନାହିଁ । ସେ ଉପବିଷ୍ଟ ମିଶ୍ରଙ୍କୁ ଦେଖି ଠେଙ୍ଗା ଭୂମିରେ ପକାଇ ହାତ ଯୋଡ଼ି "କକା ! ନମସ୍କାର !" ବୋଇଲା । ତାକୁ ଦେଖିଲା ମାତ୍ରେ ନିଜ ହୃଦୟ-କୁଣ୍ଡରୁ କ୍ରୋଧାନଳ ପ୍ରଜ୍ୱଳି ଉପରକୁ ଉଠିଲେହେଁ, କାର୍ଯ୍ୟସାଧକ—ମିଶ୍ରେ ସେ ଜ୍ୱଳନକୁ ଗର୍ଭଗତ କରି ପ୍ରସନ୍ନ ମୁଖରେ "ଆୟୁଷ୍ମାନ୍ ଭବ । ବାମ ! ଆସେ; ମୋ କତିରେ ବସେ" ବୋଇଲେ । ତାହା ଶୁଣି ଠେଙ୍ଗାକୁ ପିଣ୍ଡା ଉପରେ ରଖି ସେ ଉପବିଷ୍ଟ ହେଲା ।

ମିଶ୍ରେ ।—ବାମ ! କୋଠାକୁ ଯିବାକୁ ବାହାରିଲୁ ?

ବାମ ।—ରଇତ—ଭଗିଆ କାଲି ବଜାରରେ ଆମ୍ବ ବିକୁଥିଲା ବୋଲି ଶୁଣିଲି । ସେ ହେତୁରୁ ବଗିଚାକୁ ଯାଇ ବିଷୟ ବୁଝି ଆସିବାକୁ ବାହାରିଲି ।

ମିଶ୍ରେ ।—ଉତ୍ତମ, ମାତ୍ର ବାହାରିବାରେ ବିଳମ୍ବ କଲୁ । ଏବେ ସନ୍ଧ୍ୟା ସମୟ ସମୁପସ୍ଥିତ ହେଲାଣି ।

ବାମ ।—ଅଦ୍ୟାବଧି ଅଶ୍ରଦ୍ଧାରେ କାଳ କାଟିଲି । ଆଉ ବିଳମ୍ବ କରିବା ଅନୁଚିତ ବୋଲି ଭାବି ବାହାରି ପଡ଼ିଲି ।

ମିଶ୍ରେ ।—ଅଚ୍ଛା ! ଆଉ ଡେରି ନ କରି ଶୀଘ୍ର ଯା ।

ମିଷ୍ଟାନ୍ନୂକ୍ଷାତ ହୋଇ ବାମଦେବ ଠେଙ୍ଗା ଧରି ବଗିଚା ଅଭିମୁଖରେ ପ୍ରସ୍ଥାନ କଲା । ଅଳ୍ପ କିଛିକାଳ ପରେ ମିଶ୍ରେ କଅଣ ଭାବିଲେ କେଜାଣି ସ୍ୱୀୟ ନିଳୟରେ ପ୍ରବେଶି ଗୋଟିଏ ମଶାଲ ଗ୍ରହଣ କରି ଅନ୍ୟ ମାର୍ଗରେ ଚାଲିଗଲେ ।

ତେବେ ପଥଶ୍ରାନ୍ତ—ଛାୟାକାନ୍ତ ବିଶ୍ରାମ ଲଭିବା ଆଶାରେ ପଶ୍ଚିମାଶାକାନ୍ତାକ୍ରୋଡ଼କୁ ଆଶ୍ରୟ କରନ୍ତେ, ବାରୁଣୀ-ତରୁଣୀର ରାଗ-ରକ୍ତିମାଞ୍ଚଳରେ ପ୍ରକଟିତ ହେଲା । ତାହା ଦେଖି ଅସୂୟାନ୍ୱିତା-ଛାୟା ଇହଧାମ ତ୍ୟାଗ କଲା । ମଳୟାନିଳ ପ୍ରତ୍ୟେକ ଲତାକୁ ଆଲିଙ୍ଗି ଉତ୍ତରାଭିମୁଖେ ଯାଉଥିଲା । ଲତାତତି ମୋଦରେ ମାତି ନାଚୁଥିଲା । ଖଗକୁଳ ନିଜ କୁଳାୟାଭିମୁଖରେ ଉଡ଼ୁଥିଲା । ଗୋଗଣ ଘରକୁ ବାହୁଡୁଥିଲା । ଏମନ୍ତ ସମୟରେ ବାମଦେବ ବଗିଚାରେ ପ୍ରବେଶିଲା ।

ସେ ବଗିଚା ଜୟପୁରର ଯାମ୍ୟ ଦିଗରେ ପ୍ରାୟଶଃ ଛଅ ମୈଲ୍ ଦୂରରେ ବହି ଯାଉଥିବା "କଲାପ" ନଈର ନିକଟରେ ବିଦ୍ୟମାନ । ସଦା କଳନାଦରେ ପ୍ରବାହିତା ହେଉଥିବାରୁ ସେ ନଦୀର "କଲାପ" ନାମ ସାର୍ଥକ । ସେ ବଗିଚାରେ ଅନ୍ୟାନ୍ୟ ଫଳବୃକ୍ଷ କେତୋଟି ଥିଲେହେଁ, ଆମ୍ବଗଛର ସଂଖ୍ୟା ବେଶୀ । ବାମଦେବ ତହିଁ ପ୍ରବେଶି ଭଗିଆକୁ ଅନ୍ୱେଷିଲା; କିନ୍ତୁ ତାର ପତା ପାଇ ପାରିଲା ନାହିଁ । ଭଗିଆକୁ ଧମକ ଚମକ ଦେଇଯିବା ବାମଦେବର ଉଦ୍ଦେଶ୍ୟ । ଅତଏବ ଭଗିଆ ସେଠାକୁ ଆସିବ ବୋଲିବା ବିଶ୍ୱାସରେ କେତେ କାଳ ପ୍ରତୀକ୍ଷା କରିବାକୁ ସେ ନିଶ୍ଚୟ କରି ଗୋଟିଏ ଗଛ ମୂଳରେ ବସି ରହିଲା ।

ତେବେ ତମିର କ୍ରମକ୍ରମରେ ବର୍ଦ୍ଧିତ ହେଲା । ତାହା କୃଷ୍ଣପକ୍ଷ ରଜନୀ ହେଲା ହେତୁରୁ ତହିଁ ଦ୍ୱିଜରାଜର ଚନ୍ଦ୍ରବର୍ତ୍ତି ଦେଖାଗଲା ନାହିଁ । ଦିଗଙ୍ଗନାମାନେ ନୀଳଚେଲାବୃତା ପରି ପରିଲକ୍ଷିତା । ସେ ଚେଲର ଜରି-ଫୁଲି ପରି ଉଡୁଗଣ ପ୍ରତୀୟମାନ । ଝିଲ୍ଲୀପେଚକାଦି ନିଶାଚରସତ୍ତ୍ୱନିନାଦ ପ୍ରସରିଲା । ତଥାପି ଭଗିଆର ଆଗମନ ଘଟିଲା ନାହିଁ । ବାମଦେବ ବିମୁଖ ହୋଇ, ଭଗିଆକୁ ଅଭିଶାପ ଦେଇ ଘରକୁ ବାହୁଡ଼ିବାକୁ ଉଦ୍ୟତ ହୋଇ ଉଠିଲା । ସେକାଳେ ତା ମନରେ ଭୂତଭାବନା ଜନ୍ମିଲା । ଦୁଃଖର ବିଷୟ

ଏହି ଯେ, ଅସ୍ମ ଦେଶର ମାତାମାନେ ନିଜାଭୀଷ୍ଟ କାର୍ଯ୍ୟ ସୁଲଭରେ ସମାଧା କରିବା ପାଇଁ କୋକ, କୋକୀ, ଗୋସାଣୀ, ଚିରଗୁଣୀ, ଡାଆଣୀ, ପିଶାଚୀ, ଭୂତ, ପ୍ରେତ ପ୍ରଭୃତି ନାମୋଚ୍ଚାରଣ କରି ପିଲାଙ୍କୁ ଡରାନ୍ତି । ଶିଶୁମସ୍ତିଷ୍କଲବ୍ଧ ଜ୍ଞାନ ନବବସ୍ତ୍ରରଞ୍ଜିତ ରଙ୍ଗ ପରି ଚିରସ୍ଥାୟୀ । ଭୂତସ୍ମୃତି ହେଲା ମାତ୍ରେ ବାମଦେବର ସର୍ବାଙ୍ଗ କମ୍ପିଲା, ହାତରୁ ଠେଙ୍ଗା ଖସି ପଡ଼ିଲା, ପାଦ ଅଗ୍ରସର ହୋଇ ପାରିଲା ନାହିଁ । କ୍ଷଣପରେ ହେଉ ସେଠାରୁ ସତ୍ୱର ବାହାରିଯିବା କର୍ତ୍ତବ୍ୟ କାର୍ଯ୍ୟ ବୋଲି ନିର୍ଣ୍ଣୟ କରି; ଠେଙ୍ଗାକୁ ତୋଳି, ତଳେ "ଠକ୍ ଠକ୍" ଶବ୍ଦ କରି କରି, ଏଣେ ତେଣେ ନ ଚାହିଁ ସେ ଚରଣ ଚାଳନ କଲା । ତା ପାଦ ତଳର ଶୁଷ୍କପତ୍ର ଜାତ "ମର୍ମର" ଶବ୍ଦ ତାହାକୁ ଚମକାଉଥିଲା । ତା ପାଦରେ ଗୋଟିଏ ଶୁଖିଲା ଡ଼ାଳ ବାଜି "ସର୍ସର" ଧ୍ୱନି ପ୍ରତୀୟମାନ ହୁଅନ୍ତେ, ସର୍ପଭ୍ରମରେ ତାର ଧୈର୍ଯ୍ୟ ଚ୍ୟୁତ ହେଲା । ପରେ ସେ ଡ଼ାଳ ଭାଙ୍ଗିଲା ଧ୍ୱନି ଶୁଣି ସେ ଅଳପ ଆଶ୍ୱସ୍ତ ହୋଇ କେତେକ ପଦାନ୍ତ ଗମିଲା ପରେ "ବାମ" ବୋଲିବା ଶବ୍ଦ ଶୁଣି ସ୍ତମ୍ଭିତ ହେଲା । ତା ପାଦ ଆଉ ଚଳିଲା ନାହିଁ । ପରେ ସେ ଶବ୍ଦ ଅଶ୍ରୁତ । ସେ ହେତୁରୁ ତାହା ନିଜ ମନୋବିକାର ମାତ୍ର ବୋଲି ଭାବି ସେ ଗମନୋଦ୍ୟତ ହୁଅନ୍ତେ, ପୁନଶ୍ଚ "ବାମ" ଶବ୍ଦ ଶ୍ରୁତ ହେଲା । ତେବେ ତାର ନିଶ୍ୱାସ ବନ୍ଦ ହେଲା, କଲିଜା ପାଣି ହେଲା । ସେ ଅନିଳଚାଳିତ ଶୁଷ୍କ ପତ୍ର ପରି ଥରିଲା, ଭାଗ୍ୟବଶରୁ ମୂର୍ଚ୍ଛିତ ହୋଇ ଭୂତଳେ ପଡ଼ିଲା ନାହିଁ । ତେବେ "ବାମ ! ମୁହିଁ ତୋ ନନା" ବୋଲିବା ଶବ୍ଦ ଶ୍ରୁତ ହେଲା । ସେ ଧ୍ୱନିତ ଦିଗକୁ ଦୃଷ୍ଟି ପ୍ରସାରି ଦେଖିଲା ଯେ କିୟଦ୍ଦୂରରେ ଗୋଟିଏ ଆମ୍ବଗଛର ତଳେ ମନୁଜ ପ୍ରମାଣର ଶ୍ୱେତଲିଙ୍ଗାକାର ବିଦ୍ୟମାନ । ତାକୁ ଭୂତ ବୋଲି ନିଶ୍ଚୟ କରି ସେ ପୁଲକିତଗାତ୍ର ହୋଇ ସେଠାରୁ ପଳାୟନ କରିବାକୁ ଚାହିଁଲା । କିନ୍ତୁ ତା ଚରଣ ଚଳିଲା ନାହିଁ । ଅତଏବ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସ୍ତମ୍ଭାକୃତି ଧାରଣ କଲା ।

ଆକାର ।—ବାମ ! ଭୟ କାହିଁକି ? ମୁହିଁ ତୋ ନନା ସିନା ।

ସେହି ଆକାର ତାର ପ୍ରିୟଜନଙ୍କର ବୋଲି ନିଶ୍ଚିତ ହେଲେହେଁ, ତାହା ଭୂତ ହୋଇଥିଲା ହେତୁରୁ ବାମଦେବ ଭୀତ ହେଲା ।

ଆକାର ।—ବାମ ! ଡ଼ର୍ ନାଁ. କଥା କହ ।

ବାମ ।—( କମ୍ପିତ ସ୍ୱରରେ ) କ-ଅ-ଣ କ-ହି-ବି ? ନ-ନା ?

ଅକାର ।—ତୋର ବାଲ୍ୟାବସ୍ଥାରେ ମାତ୍ର ତୋତେ ଦେଖିଥିଲି । ଏବେ ଯୁବାବସ୍ଥାରେ ଦେଖି ଆନନ୍ଦିତ ହେଲି । ମୋ ପାଖକୁ ଆସିବୁ କି ?

ବାମ ।—ବାପ ରେ ! !

ଅକାର ।—ଯାଉ—ନିସ୍ତ ହୋ ନାଁ । ତୁ ମୋର ପୁଅ । ମୋ ଆତ୍ମାର ସୁଖକରଣ ତୋ କର୍ତ୍ତବ୍ୟ କାର୍ଯ୍ୟ ନୁହେ କି ?

ବାମ ।—କି-ଅ-ଣ-କ-ରି-ବି ?

ଅକାର ।—ମୁହିଁ ଧର୍ମନିଷ୍ଠ ବୋଲି ପ୍ରସିଦ୍ଧି ପାଇଥିଲି । ମୋ ପୁତ୍ର ହେବା ତୁହି ଧର୍ମଭ୍ରଷ୍ଟ ହୋଇ ମୋ କୀର୍ତ୍ତିରେ କାଳି ଲଗାଇବୁ କିରେ ?

ବାମ ।—ନା-ହିଁ-ନ-ନା !

ଅକାର ।—ତୁ ବିଧବା-ବିବାହ କରିବୁ ବୋଲି ଅବଗତ ହୋଇ ମୁଁ ଅତ୍ୟନ୍ତ ଦୁଃଖିତ । ତାହା କୁଳକଳଙ୍କିତ କାର୍ଯ୍ୟ । ଅତଏବ ତାହା କର ନାଁ ।

ବାମ ।—କ-ରି-ବି-ନା-ହିଁ ।

ଅକାର ।—ସତ୍ୟ କରେ ।

ବାମ ।—ତି-ବା-ର-ସ-ତ୍ୟ ।

ଅକାର ।—ଅଦ୍ୟ ସନ୍ତୁଷ୍ଟ ହେଲି । ତୁ ଘରକୁ ଯାଇ କୁଳୀନ କନ୍ୟାର ପାଣିଗ୍ରହଣ କରି ସୁଖୀ ହୋ ।

ଏତେ ବୋଲି ସେ ଅକାର ହଠାତ୍ ଗଛ ଉହାଡ଼କୁ ଯାଆନ୍ତେ, ଭୂତ ଅନ୍ତର୍ହିତ ହେଲା ବୋଲି ଭାବି ବାମଦେବ ଧାଇଁ ଧାଇଁ ନିଜ ନିଳୟରେ ପ୍ରବେଶିଲା । ମିଶ୍ରେ ଆପଣାର ମନୋରଥ ପୂର୍ଣ୍ଣ କରି ସହାସ୍ୟ ବଦନରେ ମନ୍ଦେ ମନ୍ଦେ ଚାଲି ସ୍ୱୀୟ ସଦନରେ ପହଞ୍ଚିଲେ । କେତେ କାଳ ପରେ ବାମଦେବ ଗୁଣବତୀ କନ୍ୟାର କର ଗ୍ରହଣ କଲା ।

ଶ୍ରୀ ବିକ୍ରମଦେବ ବର୍ମା

---

# ଅଙ୍ଗହୀନ ଅନ୍ନକଷ୍ଟୀ ଅଷ୍ଟୈଶ୍ୱର୍ଯ୍ୟଶାଳୀ

ଯେ ଅଙ୍ଗହୀନ ହୋଇ ଅତିଶୀତଳ ଦେଶରେ ଅନ୍ନ ନିମିତ୍ତ ଭ୍ରମଣ କରୁଥିଲା; ସେ ନିଜେ ରସିଲା କନ୍ୟାକୁ ଲଭିପାରିଲା, ବଣର ସପୁରୀ ଏବଂ ନଡ଼ିଆ ମାନ ଖାଇ ବଞ୍ଚିଥିଲା ଦରିଦ୍ର, ବାର୍ଷିକ ତିନିକୋଟି ପଞ୍ଚାଳିଶ ଲକ୍ଷ 'ଗିନି' ମୂଲ୍ୟର ବିସ୍କୁଟ୍ ପଇଦା କରୁଥିବା ଫାକ୍ଟରିର ମାଲିକ ହେଲା; ସମୁଦ୍ରରେ ଏକାଧିକବାର ପତିତ ହୋଇ ଜୀଇଁଥିଲା ମୂଲିଆ, ବାର୍ଷିକ ତେର ଲକ୍ଷ 'ଗିନି' ଲାଭ ଲଭୁଥିବା ଚୂନା ( ଗହମ ଅଟା ) କାରଖାନାର ସ୍ୱାମୀ ହେଲା; ଯାହାର ଜୀବନ ନିତାନ୍ତ ବ୍ୟର୍ଥ ବୋଲି ତାତଦ୍ୱାରା ନିଶ୍ଚିତ ହୋଇଥିଲା, ସେ ପଞ୍ଚଶତ ବର୍ଗ ମାଇଲ୍ ଜମିର ଜମିଦାର ହେଲା । ସେପରି ଜନର ଜୀବନବୃତ୍ତାନ୍ତ ଜ୍ଞାତବ୍ୟ ନୁହେ କି ?

ସେ ୧୮୫୦ ଖ୍ରୀଷ୍ଟାବ୍ଦରେ ଡେନ୍ମାର୍କ ଦେଶାନ୍ତର୍ଗତ ଠାଣ୍ଡରନ୍ ନାମକ ଗ୍ରାମରେ ଜନ୍ମିଥିଲା । ତାର ଅଙ୍ଗ ଛିଣ୍ଡା ଲେଙ୍କଡ଼ା କନାରେ ଆବୃତ । ତାକୁ ଦେଖିଲାମାନେ ଅନୁମେୟ ହେଉଥିଲା କି ଜନ୍ମାବଧି ସେ ପେଟଭରି ଖାଦ୍ୟ ଖାଇ ପାରି ନାହିଁ । ସେ ୧୮୭୩ ଖ୍ରୀଷ୍ଟାବ୍ଦର ଏକଦିନେ ସ୍କଟଲାଣ୍ଡ୍‌ର "ଲିତ୍" ପୋତାଗାରରୁ ସିଙ୍ଗାପୁରକୁ ଯିବାପାଇଁ ଉଦ୍ୟତ ହେଉଥିଲା ଗୋଟିଏ ପୋତର ପାଖରେ ଛିଡ଼ାହୋଇ ତହିଁ ଗୋଟିଏ କାର୍ଯ୍ୟ ଦେବାପାଇଁ ତଦଧିକାରୀମାନଙ୍କୁ ଅନୁନୟ କରୁଥିଲା । ତାର ବୟସ ତେର ହୋଇଥିଲେହେଁ, ସେ ଯୁବକ ପରି ପ୍ରତୀୟମାନ । ୟୁରୋପରେ "କୋଟ୍" ନ ଥିବା ବ୍ୟକ୍ତି ନ ଥାଏ, କିନ୍ତୁ ସେ ବାଳକ ଜନ୍ମାବଧି "କୋଟ୍" ପରିଧାନ କରି ପାରି ନ ଥିଲା । ସେ ନିଜ ଜନନସ୍ଥାନକୁ ଏବଂ ଜନନୀଜନକଙ୍କୁ ପରିତ୍ୟାଗ କରିଥିଲା । ସେ କୌଣସି କାର୍ଯ୍ୟ କରି ପାରୁ ନ ଥିଲା । ସେ ହେତୁରୁ ତାର ବାପ ତାକୁ "କୁଳାଙ୍ଗାର"

ଏବଂ "ବ୍ୟର୍ଥଜୀବନ" ବୋଲି ଭର୍ତ୍ସନା କରୁଥିଲା । ସେ ଗାଳି ସହି ନ ପାରି ସେ ବାଳକ ସ୍ୱଗୃହ ତ୍ୟାଗ କରିବାକୁ ବାଧ୍ୟ ହେଲା । ତାର ନାମ ମାରିଓ୍ୱ୍ ଥାମ୍ସନ୍ ।

ସିଙ୍ଗାପୁରକୁ ଯାଉଥିଲା ସେ ପୋତରେ ତାକୁ କ୍ଷୁଦ୍ର କାର୍ଯ୍ୟଟିଏ ପ୍ରାପ୍ତ ହେଲା । ସେ ପୋତର ମାଲିକ ଅତି କ୍ରୁର । ସେ ନିଜ କର୍ମକରଙ୍କୁ ଏପରି ଆହାର ଦେଉଥିଲା ଯେ, ଯାହାକୁ ଦାନ୍ତରେ ହାଡ଼ମାନ ଚଗାଉଥିବା କୁକୁର ମଧ୍ୟ ଛୁଇଁବ ନାହିଁ, ଏବଂ ଯାହାକୁ ଦେଖିଲାମାନେ ଖାଦ୍ୟବିହୀନ ଥାମ୍ସନ୍‌ର ବମନ ଜାତ ହେଉଥିଲା । ସେ ଖାଦ୍ୟ ପଦାର୍ଥ ଅକଥନୀୟ । ସେ ପୋତ ସିଙ୍ଗାପୁରରେ ପହଞ୍ଚିଲାମାନେ ଥାମ୍ସନ୍ ଏବଂ ଅଉ ଏଗାରଜଣ କର୍ମକର ପୋତକୁ ପରିତ୍ୟାଗ କରି ଗୋଟିଏ ବଣକୁ ପଳାଇଲେ । ସେମାନଙ୍କୁ ପୋତଠାରୁ ବଣ ସୁଖତର ହୋଇଥିଲା । ସେ ବାର ଜଣ ସେ ବଣରେ ସପୁରି ଏବଂ ନଡ଼ିଆ ମାତ୍ର ଖାଇ ଜୀବନ ଧାରଣ କରିଥିଲେ । ସେମାନେ ସେପରି ଅଠଦିନ ଯାପନ କଲା ପରେ ତାଙ୍କୁ ଆଣିଥିଲା ପୋତ ପ୍ରସ୍ଥାନ କରିଥିବ ବୋଲି ନିଶ୍ଚୟ କରି ପୋତାଶ୍ରୟକୁ ଫେରି ଆସିଲେ । ତେବେ ହଙ୍ଗ୍‌କଙ୍ଗକୁ ଯିବାକୁ ଉଦ୍ୟତ ହେଉଥିଲା, ଗୋଟିଏ କ୍ଷୁଦ୍ର ପୋତ ମାତ୍ର ସେଠାରେ ଥିଲା । ତହିଁ ଥାମ୍ସନକୁ ମାତ୍ର କାର୍ଯ୍ୟଟିଏ ଲବ୍ଧ ହେଲା ।

ସେ ପୋତ ଦୁଇଦିନ ପ୍ରୟାଣ କଲା ପରେ ତାକୁ ଚୀନଦେଶର ପୋତ ଚୋରମାନେ ଲୁଣ୍ଠନ କରି ଜଳମଗ୍ନ କଲେ । ଦୈବବଶରୁ ପୋତର ଖଣ୍ଡିଏ କାଠ ଥାମ୍ସନ୍‌କୁ ପ୍ରାପ୍ତ ହୁଅନ୍ତେ ସେ କାଠର ଆଶ୍ରାରେ ସେ ପିଇବାକୁ ପାଣି ଏବଂ ଖାଇବାକୁ ଖାଦ୍ୟ ନ ପାଇ ଦୁଇଦିନ ସମୁଦ୍ରଗର୍ଭରେ ଭାସୁଥିଲା । ମେକ୍ସିକୋକୁ ଯାଉଥିଲା ଗୋଟିଏ ଅର୍ଣ୍ଣପୋତ ତୃତୀୟଦିନ ତାକୁ ଉଦ୍ଧରିଲା । କିନ୍ତୁ ସେ ପୋତ ବାତ୍ୟାକ୍ରାନ୍ତ ହୋଇ ଭଉଁରି ପରି ପରିଭ୍ରମଣ କଲା । ତେବେ ପୋତସ୍ତମ୍ଭଶିଖରକୁ ଆରୋହି ରଜ୍ଜୁଚ୍ଛେଦନ କରି ପଟମାନଙ୍କର ଏବଂ ପଟାଶ୍ରୟ କାଷ୍ଠମାନଙ୍କର ବିମୁକ୍ତକରଣ କର୍ତ୍ତବ୍ୟ । ମାତ୍ର ସେ କାର୍ଯ୍ୟ କରିବାକୁ କେହିଁ କର୍ମକର ସାହସୀ ହେଲା ନାହିଁ । ପୋତାଧ୍ୟକ୍ଷ ଅତ୍ୟନ୍ତ ବ୍ୟସ୍ତ । ତାହା ଦେଖି ଥାମ୍ସନ୍ ଧୈର୍ଯ୍ୟରେ ସେ କାର୍ଯ୍ୟ କରି ପୋତକୁ ବିପଦରୁ ବଞ୍ଚାଇଲା । ପରେ ସେ ପୋତ ହନଲୁଲୁ

ବନ୍ଦରରେ ପହଞ୍ଚନ୍ତେ ଥାମ୍‌ସନ୍ ପୋତପଠନନିର୍ମାଣାଗାରରେ ଦୈନିକ ବାଂଶତ "ପେନୀ" ବେତନର କାର୍ଯ୍ୟଟିଏ ଲଭିଲା । ସେଠାରେ ସେ ଶହେଲଶ "ଗିନୀ" ସଞ୍ଚୟନ କରି ମନିଅର୍ଡ଼ରରେ ତା ବାପଠାକୁ ପଠାଇଲା । ତତ୍ପରବର୍ଷ ପୁନଶ୍ଚ ଶହେଲଶ ଗିନୀ ପଠାଇଲା । ତାର କୁଟୁମ୍ବ ସେତେଧନ କେବେହେଁ ଦେଖି ନ ଥିଲା ।

ପୋତରେ ପୁନଶ୍ଚ କାର୍ଯ୍ୟ କରିବାକୁ ତାର ମନ ଅଭିଳଷିଲା । ସେ ଗୋଟିଏ ପୋତରେ ଦ୍ୱିତୀୟାଧ୍ୟକ୍ଷରୂପେ ନିଯୁକ୍ତ ହୋଇ ସନ୍ତୁଷ୍ଟ ହେଲା । ତାହାର ଗ୍ରାମନିବାସ ପୂର୍ବୋଭାଗସ୍ଥ ପଥପ୍ରାନ୍ତସ୍ଥିତ କୁଟୀରରେ ମେରି ନିସ୍ସେନ୍ ନାମ୍ନୀ କନ୍ୟା ବାସ କରୁଥିଲା । ସେ କନ୍ୟା ଏବଂ ଥାମ୍‌ସନ୍ ବାଲ୍ୟାବଧି ପରସ୍ପର ରସାରସି ହୋଇଥିଲେ । ବାରବର୍ଷ ପରେ ଅର୍ଥାତ୍ ତାର ପଚିଶବର୍ଷ ସମୟରେ ଥାମ୍‌ସନ୍ ନିଜ ଗ୍ରାମକୁ ଯାଇ ମେରି କନ୍ୟାର କରଗ୍ରହଣ କରି ସଭାର୍ଯ୍ୟ ଫେରି ଆସି ନିଜ କାର୍ଯ୍ୟରେ ନିଯୁକ୍ତ ହେଲା । କେତେ କାଳ ପରେ ସେ ଦମ୍ପତି ପ୍ରୟାଣ କରୁଥିଲା ପୋତ ଜଳମଗ୍ନ ହୁଅନ୍ତେ, ସେ ଦୁହେଁ ଗୋଟିଏ ନାବକୁ ଆରୋହି ବଞ୍ଚିଲେ । ଥାମ୍‌ସନ୍ ନିଉୟର୍କରେ ନିବାସ କରି ଭାର୍ଯ୍ୟାକୁ ଘରେ ରଖି ଆପେ ଆଉ ଗୋଟିଏ ପୋତରେ କେତେକାଳ କାର୍ଯ୍ୟ କଲା ।

ପରେ ସେ ଭାର୍ଯ୍ୟାର ଅନୁରୋଧବଶରୁ ପୋତ କାର୍ଯ୍ୟ ପରିତ୍ୟାଗ କରି ଅନ୍ୟ କାର୍ଯ୍ୟାବଲମ୍ବନ ନିମିତ୍ତ ସଭାର୍ଯ୍ୟ ଚିକାଗୋ ଯାଇ ସେଠାରେ ଗୋଟିଏ ଗୋଶାଳାରେ ବାସ କରି ଦୈନିକ ଛଅ 'ଶିଲିଙ୍ଗ୍' ବେତନର କାର୍ଯ୍ୟଟିଏ ପାଇ ପାରିଲା । ସେ ବହୁକାଳ ପରିଶ୍ରମଫଳରୂପେ ଷାଠିଏ 'ଗିନୀ' ସଞ୍ଚୟନ କରି ସେ ଧନରେ ଗୋଟିଏ ଜମିକିଣି, ତହିଁ ଥିଲା ଲଠା ବୁଦା ପରିଷ୍କାର କରି ଏବଂ ଖତ ଦେଇ, ତାକୁ ଛଅବର୍ଷରେ ଉତ୍ତମ କେଦାର କରି ଦୁଇ ହଜାର ପାଞ୍ଚଶ 'ଗିନୀ' ମୂଲ୍ୟରେ ବିକିଲା । ପରେ ଏକ ଲୁହା ଦୋକାନ କରି ଏକବର୍ଷ ପରେ ତାକୁ ତିନିହଜାର ତିନିଶ 'ଗିନୀ' ମୂଲ୍ୟରେ ବିକିଲା । ତତ୍ପରେ ସେ ପଶ୍ଚିମ ଦେଶ ଗମନାଭିଳାଷୀ ହୋଇ ସଭାର୍ଯ୍ୟ ଓରିଗାନ୍ ଯାଇ ସେଠାରେ ଗୋଟିଏ ଚୂନାକଳ ସ୍ଥାପି, ତହୁଁ ବାର୍ଷିକ ତେରହଜାର ଗିନୀ ଲାଭ ଲଭି ପାରିଲା । ତହିଁ ଦୈନିକ ଦଶ ହଜାର 'ବାରେଲ୍' ମଇଦା ପଇଦା ହୁଏ । ସେ କଲରୁ ବାରଲକ୍ଷ 'ଗିନୀ' ତାଙ୍କୁ ଲବ୍ଧ ହେଲା । ସେ

ଜାପାନରେ ଅଉ ଗୋଟିଏ ବଡ଼ ଚୂନା କାରଖାନା; କାନାଡ଼ାରେ କାଠ କରତ କଳ ଏବଂ ଓଲ୍ଟଗାନ୍‌ରେ ଇଷ୍ଟକନିର୍ମାଣ ଶାଳା ସ୍ଥାପନ କଲା । ମଧ୍ୟ ଉଏଲସ୍‌ରୁ କୋଇଲା ଅସ୍ତ ବ୍ୟବସାୟ କଲା । ସେ କିଣି ଚଳାଉଥିବା ବ୍ରିକ୍ସ ନିର୍ମାଣଶାଳା ୧୯୨୯ ସାଲରେ ତେଇଶି ଲକ୍ଷ ପୌଣ୍ଡ ବ୍ରିକ୍ସ ବିକ୍ରୟ କଲା । ଥାମ୍‌ସନ୍ ମେକ୍‌ସିକୋରେ ପଞ୍ଚଶତ ବର୍ଗ ମାଇଲ୍ ଜମି ସମ୍ପାଦିଲା । ବହୁସଂଖ୍ୟକ ବ୍ୟବସାୟ ସଙ୍ଘ ମାନଙ୍କରେ ତାର ଭାଗ ଅଛି । ସେ ଚତୁର୍ଦ୍ଦଶ ବ୍ୟବସାୟ ସଙ୍ଘାଧ୍ୟକ୍ଷ ।

ପଦେ ଲାଟିନ ବଚନ ଏବଂ ଶୀତନିବାରକ 'କୋଟ୍' ପରିଧାନ ପାଇ ନ ପାରି ଗୃହତ୍ୟାଗ କରି ପଳାଇଥିଲା ତେର ବରଷର ଟୋକା ଛଦୋଟି ଜଲଗଣ୍ଡରୁ ବଞ୍ଚି ଏବେ ଧନପତି, ରସାଧିପତି ଏବଂ ବଣିଗ୍‌ବର ହୋଇଅଛି ।

ସେ ଅନେକ ଦରିଦ୍ରଙ୍କୁ ଧନ ସାହାଯ୍ୟ କରି ତାଙ୍କ ଦ୍ୱାରା ବିବିଧ ବ୍ୟବସାୟ କରାଉଅଛି । ତାର ପରାମର୍ଶରେ ଅନେକ ଲୋକେ ଧନୀ ହୋଇ ଅଛନ୍ତି । ସେ ଅଦ୍ୟ ଛୟୁଶୀ ବରଷ ବୟସରେ ଭାର୍ଯ୍ୟା, ଗୋଟିଏ ପୁଅ ଏବଂ ଛଦୋଟି ଝିଅ ସଙ୍ଗରେ ସାଟିଲ୍‌ରେ ନିର୍ମିତ ହୋଇଥିବା ଏକ ବୃହଦ୍-ଭବନରେ ବାସ କରଅଛି । ତାର ଭାଇ ଭଉଣୀମାନେ ତତ୍ସମୀପରେ ବାସ କରିଅଛନ୍ତି । ସେ ସ୍ୱୀୟ ସନ୍ତାନଙ୍କୁ ଏବଂ ବାନ୍ଧବଙ୍କୁ ବହୁ ଧନ ଦାନ କରି ଅଛି । ଡେନ୍‌ମାର୍କ ଦେଶରେ ଅତ୍ୟୁନ୍ନତ ଲଭିଥିବା ବ୍ୟକ୍ତିଙ୍କ ମଧ୍ୟରେ ମାରଟେନ୍ ଥାମ୍‌ସନ୍ ଅଗ୍ରଗଣ୍ୟ । ଉନ୍ନତର ସଦ୍ଗୁଣ ଔଦାର୍ଯ୍ୟ ମଧ୍ୟ ତାହାଠାରେ ବିଦ୍ୟମାନ । ସେ ଅନେକ ବାର କହିଅଛି ଯେ, ଯୁବକ ସମୟରେ କଷ୍ଟ ସହ୍ୟ କରି କାର୍ଯ୍ୟ ଶିକ୍ଷାକରଣ ଏବଂ ତଦାଚରଣ ମାତ୍ର ତାର ଉନ୍ନତିର କାରଣ । ଇତି ।

ଶ୍ରୀ ବିକ୍ରମଦେବ ବର୍ମା ।

# କାଦମ୍ବରୀ କଥାସାର

ଶ୍ରୀକଣ୍ଠ ହୋଇ ବିଦିଶା ନାମରେ ଗୋଟିଏ ନଗରୀ ବିରାଜୁଥିଲା । ତାର ଅଧିନାୟକର ନାମ ଶୂଦ୍ରକ ମହାରାଜ । ସେ ଯୌବନ ପରିପୂର୍ଣ୍ଣ ହୋଇ ସୁଦ୍ଧା ନାରୀପରାଙ୍ମୁଖ । ଆଖେଟରେ ତାଙ୍କ ଅଭିଲାଷ ଅତ୍ୟଧିକ । ଦିନେ ସେ ନିଜ ସଭାରେ ବିରାଜମାନ । ତେବେ ସେଠାକୁ ଏକ ମାତଙ୍ଗାଙ୍ଗନା ଆସିଲା, ଯେ କି ଅତି ସୁନ୍ଦରୀ । ତାର କରରେ ଗୋଟିଏ ସୁବର୍ଣ୍ଣ ପଞ୍ଜୁରୀ । ତହିଁରେ ଗୋଟିଏ ମନୋହର କୀର ଥିଲା । ସେ ସାମାନ୍ୟ ଶୁକ ପକ୍ଷୀ ନୋହି ସମ୍ଭାଷଣ ଶକ୍ତି, ସକଳ କଳାନୁରକ୍ତି ଏବଂ ପୂର୍ବଜନ୍ମ ସ୍ମୃତିସମ୍ପନ୍ନ ଅଟେ । ପଞ୍ଜୁରୀଟିକି ସଭା ମଧ୍ୟରେ ରଖି ସେ ବାଳା ବାହାରିଗଲା । ତତ୍ପରେ ସେ ଶୁକ ମହାରାଜାଙ୍କୁ ଚାହିଁ ମୃଦୁମଧୁର ବଚନ ଚୟରେ ମୁନିମାନଙ୍କ ପରି ଆଶୀର୍ବାଦ କଲା । ଧରାଧିପତି ସେ ଆଶୀର୍ବଚନାଳି ଶ୍ରବଣ ବଶରୁ ଆଶ୍ଚର୍ଯ୍ୟରସମଗ୍ନିତ ଏବଂ ଆନନ୍ଦରସପ୍ଲାବିତ ହୋଇ ଶୁକକୁ ଦେଖି "ହେ କୀରବର ! ତୋ ଉଦନ୍ତ କଣ ? କେଉଁ ସ୍ଥାନରେ ଜନ୍ମିଲୁ ? କେଉଁଠାରେ ବଢ଼ିଲୁ ? କେଉଁ ପ୍ରଦେଶରେ ଥିଲୁ ? ତୋ ଜନନୀ ଜନକ କିଏ ? ତୋ ବୟସ କେତେ ? କିପରି ଶାସ୍ତ୍ରଜ୍ଞ ହେଲୁ ? କେମନ୍ତ ପଞ୍ଜୁରୀ ବନ୍ଧନ ପାଇଲୁ ?" ବୋଲି ପଚାରନ୍ତେ ଶୁକ ନିମ୍ନୋକ୍ତ ବିଧିରେ ପ୍ରତ୍ୟୁତ୍ତର ଦେଲା ।

ବିନ୍ଧ୍ୟାଚଳ ନିକଟରେ ଗୋଟିଏ ମହାରଣ୍ୟ ଅଛି । ତହିଁରେ ଏକ ଶାଳ୍ମଳୀ ବୃକ୍ଷ କୋଟରରେ ମୁଁ ନିଜ ଜନକ ସହିତରେ ବାସ କରୁଥିଲି । ମୁଁ ଜନ୍ମିଲାକାଳରେ ମୋ ଜନନୀ ପ୍ରସବ ବେଦନାତିଶଯ୍ୟ ବଶରୁ ପରଲୋକ ଗମନ କଲା । ଜନକ ମଧ୍ୟ କାଳବଶରୁ ଶବର କରଗତ ହେଲା । ମୁଁ କ୍ଷୁଧା ବାଧା ସହି ନ ପାରି କୋଟରରୁ ତଳେ ପଡ଼ି ପରିତପ୍ତ ହେଉଥିଲି । ଏମନ୍ତ ସମୟରେ ଭୂତଦୟାପୂର୍ଣ୍ଣ ଜନୈକ ମୁନିତନୟ ମୋ ନିକଟକୁ ଆସି ମୋତେ ଉତ୍ତମ ଖାଦ୍ୟ ପଦାର୍ଥ ଖୁଆଇ ଶୀତଳ ଜଳ ପିଆନ୍ତେ ମୋର ସକଳଶ୍ରମ ଦୂର ହେଲା । ତତ୍ପରେ ମୋତେ ସେ ମୁନିବାଳକ ନିଜାଶ୍ରମକୁ ନେଲା । ସେ ଆଶ୍ରମର ସୌନ୍ଦର୍ଯ୍ୟ ବର୍ଣ୍ଣି ଶେଷ ମଧ୍ୟ ଶେଷ କରି ପାରିବ ନାହିଁ । ସେଠା

ଋଷିତତି କେବଳ ଶାନ୍ତ୍ୱାକୃତି । ମୋତେ ଧେନିଗଲା ବାଳକର ପିତା ବ୍ରହ୍ମ-ଋଷି । ସେ ନିଜ ଦିବ୍ୟ ଦୃଷ୍ଟି ପ୍ରଭାବରୁ ମୋ ଚରିତକୁ ସମଗ୍ରରେ ଅବଗତ ହୋଇ ଉଚ୍ଚରେ ହସନ୍ତେ ଅନ୍ୟ ମୁନିମାନେ ପଚାରିଲେ "ମୁନିବର ! ଏ କୀର ପୂର୍ବଜନ୍ମରେ କିପରି ଥିଲା ? 'ଏବେ କାହିଁକି ଏପରି ହେଲା ? ଏଣିକି କ'ଣ ହେବ ?" ତତ୍ପ୍ରତ୍ୟୁତ୍ତରକୁ ଉକ୍ତ ମୁନିପୁଙ୍ଗବ ନିମ୍ନୋକ୍ତ ବିଧରେ କହିଲେ—

[୧] ଅଛନ୍ତି ସକଳ ସମ୍ପଦାକର ହୋଇ ଉଜ୍ଜୟିନୀ ନାମରେ ଏକ ନଗରୀ । ତଦଧିପତି ତାରାପୀଡ଼ । ତାର ମନ୍ତ୍ରୀ ଶୁକନାଶ । ମହାଦେବୀର ନାମ ବିଳାସବତୀ । ମନ୍ତ୍ରୀ ପତ୍ନୀର ନାମ ମନୋରମା । ସେମାନଙ୍କ ସମ୍ପତ୍ତି, ବିଳାସ ଏବଂ ସଦ୍‌ଗୁଣ ବର୍ଣ୍ଣନାତୀତ । ସେମାନେ ଚିରକାଳ ଯାଏ ସନ୍ତାନହୀନ ହୋଇଥିଲା ହେତୁରୁ ତାଙ୍କର ସେ ଗୋଟିଏ ମାତ୍ର ଅଭାବ ପରିଲକ୍ଷିତ ହେଉ-ଥିଲା । ଏକ ରାତିରେ ସେ ଭୂପତି ସ୍ୱପ୍ନରେ ଦେଖିଲେ ଯେ, ଆପଣା ରାଣୀର ଆନନରେ ସକଳକଳା ପରିପୂର୍ଣ୍ଣ ମଣ୍ଡଳ ଚନ୍ଦ୍ର ପ୍ରବେଶିଲା । ତଦବଧି ବିଳାସବତୀ ଗର୍ଭବତୀ ହୋଇ ନବମାସାନନ୍ତର ଏକ ଶୁଭ ଦିବସରେ ନିଖିଳ ଲୋକ ହୃଦୟାନନ୍ଦକର କୁମରକୁ ପ୍ରସବିଲା । ସେ ବାଳକର ମନୋଜ୍ଞତ୍ୱ ଦୁର୍ଲଭ ଅଟଇ । ସେହି ସମୟରେ ମନୋରମା ମଧ ପୁତ୍ରଟିଏ ପ୍ରସବିଲା । ସେ ବାଳକ ସୁଦ୍ଧା ଅତି ସୁନ୍ଦର ଅଟେ । ଅହୋ ! କି ମଙ୍ଗଳ ପରମ୍ପରା ! ତାଙ୍କ ଅଭାବଟି ତୁଟି ମନୋରଥ ଫଳ ଫଳିଲା । ଦଶ ଦିବସ ପରେ ଶୁଭ ସମୟରେ ସେ ବାଳକ ଦ୍ୱୟର ଜାତକର୍ମ ନାମକରଣାଦି କ୍ରିୟା କଳାପ ବିଧିମତେ ନିର୍ବର୍ତ୍ତିତ ହେଲା । ରାଜପୁତ୍ରର ନାମ ଚନ୍ଦ୍ରାପୀଡ଼ ଏବଂ ମନ୍ତ୍ରୀ ନନ୍ଦନର ନାମ ବୈଶମ୍ପାୟନ ।

ସେ ବେନି ବାଳକେ ଦିନ ଦିନ ପ୍ରବର୍ଦ୍ଧମାନ ହୋଇ ବାଲ୍ୟା-ବସ୍ଥାରେ ସୁଲଭେ ସମସ୍ତ ବିଦ୍ୟା ପାରଙ୍ଗତ ହେଲେ । ପରେ ତାଙ୍କ ଅଙ୍ଗ ଯୁଗଳେ ଯୌବନ ଅଙ୍କୁରିଲା । ତାରାପୀଡ଼ ନିଜ ତନୁଜକୁ ଯୁବରାଜ କଲା । ସେ ସମୟରେ ପାରଶୀକ ଦେଶାଧୀଶ ଗୋଟିଏ ଘୋଟକ ପାରିତୋଷିକରୂପେ ଚନ୍ଦ୍ରାପୀଡ଼କୁ ଦେଲା । ତାର ନାମ ଇନ୍ଦ୍ରାୟୁଧ । ସେ ଘୋଡ଼ୀ ପେଟରୁ ଜାତ ନୋହି, ସମୁଦ୍ର ଗର୍ଭରୁ ସମ୍ଭବିଥିଲା । ସେ ଜ୍ଞାନଯୁକ୍ତ ଏବଂ ବେଗାସକ୍ତ । ତାକୁ ଆରୋହିବାରେ ଯୁବରାଜ ଅତ୍ୟନୁରକ୍ତ । ବିଳାସବତୀ ସ୍ୱୀୟ ତନୟ-

ଠାରେ ତାମ୍ବୁଲକରଣ୍ଡ ବାହିନୀରୂପେ ଖଟୁଥିବା ନିମିତ୍ତ ଏକ ରାଜକନ୍ୟାକୁ ପଠାନ୍ତେ, ଚନ୍ଦ୍ରାପୀଡ଼ ସୁପ୍ରୀତ ହୋଇ ସଗୌରବେ ତାକୁ ଗ୍ରହଣ କଲା । ସେ ଅତି ସୁନ୍ଦରୀ, ତା ନାମ ପତ୍ରଲେଖା । ସେ ମଧ୍ଯ ସାନୁରାଗା ହୋଇ ରାଜ-ସୂନକୁ ସେବୁଥାଏ ।

ଏକଦିନେ ରାଜପୁତ୍ର ଏବଂ ମନ୍ତ୍ରିପୁତ୍ର ହସ୍ତୀ ହସ୍ତୀ ଚଢି ଏବଂ ସସୈନ୍ୟ ହୋଇ ଦିଗ୍‌ବିଜୟ ନିମିତ୍ତ ବହିର୍ଗତ ହେଲେ । ପତ୍ରଲେଖା ମଧ୍ଯ ରାଜତନୁଜ ସଙ୍ଗରେ ଗଲା । ସେମାନେ ନ ଜିଣିଲା ଦେଶ ନାହିଁ । ସକଳ ନରବରେ ଚନ୍ଦ୍ରାପୀଡ଼ର କରଦ ହେଲେ । ଫେରି ଆସିଲା ସମୟରେ ସ୍କନ୍ଧାବାର ସୁବର୍ଣ୍ଣପୁରନାମକ କିରାତ ନଗର ସମୀପରେ ଅବସ୍ଥାନ କରି, ଶ୍ରମ ପରିହାର ନିମିତ୍ତ ସେଠାରେ କେତେ କାଳ ବାସ କରିବାକୁ ନିଷ୍ଟୟ କଲା । ଏକ ଦିନେ ଯୁବରାଜ ମାତ୍ର ଶିକାର ନିମନ୍ତେ ହୟାରୋହଣ କରି ବାହାରି ଗୋଟିଏ ଧରାଧର ଶିଖରରେ ଏକ କିନ୍ନର ମିଥୁନକୁ ଦେଖି, ତାକୁ ଧରିବା ଲୋଭରେ ଗୋଡ଼ାନ୍ତେ, ସେ ମିଥୁନ ଧରାବର କୁମାରରେ ଧରା ନ ଯାଇ ପଞ୍ଚାଶ ଯୋଜନ ପଳାୟନ କରି ସେଠାରେ ଅଦୃଶ୍ୟ ହେଲା । ରାଜାତ୍ମଜ ଦୁଃଖିତ ହୋଇ ବିବେଚନା ବିହୀନରେ ଡେତେ ଦୂର ଆସିଲା ହେତୁରୁ ନିଜ ବିବେକକୁ ନିନ୍ଦାକଲା । କିନ୍ତୁ ତା ପ୍ରଯତ୍ନ ବ୍ୟର୍ଥ ନୋହି; ଅନ୍ୟ ବିଧରେ ସଫଳ ହେଲା ।

ସେଠାରେ ଅଚ୍ଛୋଦ ନାମକ ସରୋବରଟିଏ ଥିଲା । ତାର ନୀର ଅତି ନିର୍ମଳ । ତହିଁରେ ମହୀଶସୁତ ସ୍ନାତ ହୋଇ ଜଳପାନ କରି ଘୋଟକକୁ ଜଳପାନ କରାଇ ତୀରସ୍ଥିତ ତରୁମୂଳରେ କନକଶୃଙ୍ଖଳ ଦ୍ୱାରା ବନ୍ଧନ କରି ତା ଆଗେ ଘାସ ପକାଇ ନିଜେ ଗୋଟିଏ କୁଞ୍ଜଚ୍ଛାୟାରେ ବିଶ୍ରମି ଥିଲା ସମୟରେ ସଙ୍ଗୀତ ନାଦ ଶ୍ରୁତହୋଇ ତା ମନରେ ଆନନ୍ଦକୁ ଜନ୍ମାଇଲା ।

[ ୩ ] ତେଣୁ ସେ ଅଶ୍ୱକୁ ଆରୋହି ଧ୍ୱନି ଆସୁଥିଲା ଆଡ଼ିରେ ଯାଇ ଯାଇ ଗୋଟିଏ ଶିବାଳୟ ସମ୍ମୁଖସ୍ଥିତ ମଣ୍ଡପରେ ବସି ଶିତିକଣ୍ଠ ସ୍ତୁତି କରୁଥିଲା ଏକ ଦେବକନ୍ୟାକୁ ଦେଖିଲା । ସେ କନ୍ୟାର କଣ୍ଠସ୍ୱର ଅତି ମନୋହର ହୋଇ ଶ୍ରବଣକୁ ଏବଂ ସୁଢ଼ଳଶରୀର ଅତି ସୁନ୍ଦର ହୋଇ ନୟନକୁ ରଞ୍ଜୁଥିଲା । ଘୋର କାନ୍ତାରରେ କାନ୍ତାରତ୍ନଟିଏ ଏକାନ୍ତରେ ବାସକରି

ତାପ୍ସ କ୍ଲେଶକର କଠିନ ବ୍ରତରେ ଏକାନ୍ତ ନିଷ୍ଠିତା ହୋଇଥିବା ଭୂକାନ୍ତ ସନ୍ତାନଙ୍କୁ ବିସ୍ମିତ କଲା ।

ସେ କନ୍ୟା ଭଜନ ସମାପନ କରି ଉଠି ରାଜାତ୍ମଜଙ୍କୁ ଦେଖି ବୋଇଲା "ଭଦ୍ର ! ମୋସହ ଆଶ୍ରମକୁ ଆସି ଅତିଥି ସତ୍କାର ଗ୍ରହଣ କର ।" ତାହା ଶୁଣି ଯୁବରାଜ ତାଙ୍କୁ ନମସ୍କାର କରି ସଗୌରବରେ "ଜନନୀ ! ତୁମ୍ଭ ସମ୍ଭାଷଣ ମାତ୍ରେ ଧନ୍ୟ ହେଲି," ବୋଲି ତାଙ୍କୁ ଅନୁସରି ଚାଲିଲା । ସେ କନ୍ୟା ନିଜାଶ୍ରମରେ ପ୍ରବେଶି ଚନ୍ଦ୍ରାପୀଡ଼ଙ୍କୁ ଏକ ଚନ୍ଦ୍ରକାନ୍ତ ଶିଳା ଉପରେ ଉପବେଶନ କରାଇ ବନ୍ୟ ଫଳାଦି ଦାନରେ ତୃପ୍ତ କଲା । ଅତିଥି ସେ ସତ୍କାର ଲଭି ସନ୍ତୁଷ୍ଟ ହୋଇ ବୋଇଲା "ଜନନୀ ! ତୁମ୍ଭ ବଚନ ଚରିତ୍ର ଆଶ୍ଚର୍ଯ୍ୟକର ଅଟେ । ତୁମ୍ଭ ଜନ୍ମରୁ କେଉଁ ଗନ୍ଧର୍ବ ଗୋତ୍ର କିମ୍ବା ଦେବବଂଶ ପବିତ୍ର ହୋଇଅଛି ? ଏ କୁସୁମ ସୁକୁମାର ନବଯୌବନ କେଉଁଠାରେ— କଠୋର ତପ କେଉଁଠାରେ ? ଏ ନିର୍ଜନ କାନନରେ ତୁମ୍ଭେ ରହିଥିବା କାରଣ କ'ଣ ?" ତାହା ଶୁଣି ସେ କନ୍ୟା ନିମ୍ନୋକ୍ତ ବିଧରେ ପ୍ରତ୍ୟୁତ୍ତର ଦେଲା ।

ଆୟୁଷ୍ମାନ ! ଏ ଦୀନାର ବୃତ୍ତାନ୍ତ ଶୁଣ । ହଂସନାମକ ଜନୈକ ଗନ୍ଧର୍ବରାଜ ଗୌରୀନାମ୍ନୀ ଏକ କନ୍ୟାରତ୍ନକୁ ବିଭାହେଲା । ତାଙ୍କୁ ମୁଁ ଜନ୍ମିଲି । ତାଙ୍କର ଅନ୍ୟ ସନ୍ତାନ ନୋହିଲା ହେତୁରୁ ଏବଂ ମୋର ଅତି ମନୋଜ୍ଞତା କାରଣରୁ ସେମାନେ ମୋତେ ଅତି ବାତ୍ସଲ୍ୟରେ ଲାଳନପାଳନ କରୁଥିଲେ । ମୁଁ ମହାଶ୍ୱେତା ନାମରେ ବିଦିତା । ମୋ ସଖୀର ନାମ ତରଳିକା । କାଳକ୍ରମେ ମୋ ଅପଘନରେ ଯୌବନ ଅଙ୍କୁରିଲା । ଏକଦିନେ ମୁଁ ସଖୀ ଦ୍ୱିତୀୟା ହୋଇ ପରିଦୃଶ୍ୟମାନ ଏହି ସରୋବରକୁ ସ୍ନାନ ନିମନ୍ତେ ଆସିଥିଲି । ଏଥି ମଜ୍ଜନ କରିବାକୁ ଜନୈକ ମୁନିପୁତ୍ର ମଧ୍ୟ ନିଜ ମିତ୍ର ସହ ଆସିଥିଲେ । ତାଙ୍କ ନାମ ପୁଣ୍ଡରୀକ ଏବଂ ତାଙ୍କ ମିତ୍ର ନାମ କପିଞ୍ଜଳ । ପୁଣ୍ଡରୀକଙ୍କ ମୁଖ ପୁଣ୍ଡରୀକକୁ ଜିଣଇ । ତାଙ୍କ ସୌନ୍ଦର୍ଯ୍ୟ ତ୍ରିଲୋକ ଦୁର୍ଲଭ । ତାଙ୍କୁ ମୋ କାନ୍ତ କରିବା ନିମନ୍ତେ ଭଗବନ୍ତଙ୍କୁ ଚିତ୍ତରେ ଚିନ୍ତନ କରି କରି ନିଜ ନିଶାନ୍ତକୁ ଗମିଲି । ସେ ମୁନିପୁତ୍ର ମଧ୍ୟ ମୋଠାରେ ଅନୁରକ୍ତ ହୋଇ ନିଜ ମିତ୍ର ଦ୍ୱାରା ଗୋଟିଏ ପ୍ରଣୟପତ୍ର ମନ୍ନିକଟକୁ ପ୍ରେରଣ କଲେ । ମୋ ଜନନୀ ଜନକଙ୍କ ଅନୁମତି ଲଭି ଗମିବାରେ ବିଳମ୍ବ ଘଟିବ ବୋଲି ଭାବି ତରଳିକା ଦ୍ୱିତୀୟା

ହୋଇ ମୁନିନନ୍ଦନ ଥିଲି ବନକୁ ଗମନ କଲି । କିନ୍ତୁ ମୁଁ ଗଲାବେଳକୁ ପୁଣ୍ଡରୀକ ପୁଷ୍ପକୋଦଣ୍ଡ ଚଣ୍ଡକାଣ୍ଡ ଖଣ୍ଡିତ ଚିତ୍ତ ହୋଇ ଆଖଣ୍ଡଳ ଲୋକକୁ ଗମନ କରି ଅଛନ୍ତି ଏବଂ କପିଞ୍ଜଳ ତଦ୍ବିୟୋଗ ଦୁଃଖିତ ହୋଇ କ୍ରନ୍ଦନ କରୁଅଛନ୍ତି । ମୁଁ ସମୀପକୁ ଯାଇ ରମଣ ମରଣକୁ ଅନାଇ ମରଣୈକ ନିଶ୍ଚିତା ହୋଇ ସହୀଙ୍କ ଗୃହିଁ 'ସଖୀ' ! ସତ୍ବରେ ରଇକ ଯୋଗ ଡ଼, ପ୍ରାଣେଶ୍ୱରଙ୍କୁ ଅନୁସରିବି'' ବୋଇଲି । ତେବେ ଗୋଟିଏ ଅଚମ୍ବିତ ଘଟିଲା । ଚନ୍ଦ୍ରମଣ୍ଡଳରୁ ଏକ ଦିବ୍ୟ ପୁରୁଷ ଆସି ମୋତେ ଦେଖି ''କୁମାରି ମହାଶ୍ୱେତା ! ପ୍ରାଣତ୍ୟାଗ କର ନାହିଁ, ତୁମ୍ଭର ପ୍ରିୟସହ ସମାଗମ ପୁନଶ୍ଚ ହେବ;'' ବୋଲି ପୁଣ୍ଡରୀକ ଶରୀରକୁ ଘେନି ଗଗନେ ଉଡ଼ି ଗଲା । କପିଞ୍ଜଳ ତାହା ଗୃହିଁ ''ଆରେ— ଦୁରାତ୍ମା ! ମୋ ସଖାକୁ କୋଠାକୁ ନେଉଛୁ ?'' ବୋଲି ତାକୁ ଅନୁସରିଲେ । ଦେଖୁ ଦେଖୁ ସେମାନେ ତାରାଗଣ ମଧ୍ୟବର୍ତ୍ତୀ ହେଲେ ।

ମୋ ଦୁଃଖ ଦୁଇଗୁଣ ହେଲା । ''ମୋ ଜନନ କାହିଁକି ? ଜନନୀ-ଜନକ କାହିଁ କି ? ସୁଖ ଆଉ କେଉଁଠାରେ ?'' ବୋଲି ଭାବି ଭୂଷଣ ବର୍ଜ୍ଜନ କରି ଏ ବେଶ ଧାରଣ କଲି । ଏ ଅକ୍ଷମାଳା ଏବଂ କମଣ୍ଡଳୁ ସେ ପୁଣ୍ଡରୀକଙ୍କର ମାନ । ତଦବଧି ବ୍ରହ୍ମଚର୍ଯ୍ୟବ୍ରତା ହୋଇ ଏ ସ୍ଥାଣୁକୁ ଆଶ୍ରୟ କରି ଏ ସ୍ଥାନରେ ବାସ କରଇ । ମୋ ଜନନୀ-ଜନକ ଏଠାକୁ ଆସି ମୋତେ ଗୃହକୁ ନେଇ ଯିବା ପାଇଁ ବହୁବିଧ ପ୍ରଯତ୍ନ କରି ଦୃଢ଼ନିଶ୍ଚୟା ହେଲି ମୋତେ ଛାଡ଼ି ହତାଶ ଏବଂ ସଶୋକ ହୋଇ ବାହୁଡ଼ି ଗଲେ ।

ଏତେ କହି ସେ ସତୀ ସ୍ୱୀୟ ନୟନାରବିନ୍ଦ ନିଷ୍ୟନ୍ଦ ବାଷ୍ପକଣଗଣ ମୁକ୍ତାହାରକୁ ବଢ଼ମ୍ବନ୍ତେ ମୁକ୍ତଗଳା ହୋଇ କ୍ରନ୍ଦନ କଲା । ପରେ ଚନ୍ଦ୍ରାପୀଡ଼ ବହୁବିଧୋପାୟରେ ସାନ୍ତ୍ୱନା କରନ୍ତେ ସେ ଧୀରେ ଉଠି ସନ୍ଧ୍ୟୋପାସନ କରି ପ୍ରକ୍ଷାଳିତ ଚରଣ କମଳା ହୋଇ ବଲ୍କଳ ଶୟନରେ ଉପବେଶନ କଲା । ତେବେ ଚନ୍ଦ୍ରାପୀଡ଼ ''ଜନନୀ ! ତୁମ୍ଭ ବେଦ ବଚନ ଅଟଇ । ସଖୀ ତରଳିକା କେଉଁଠାକୁ ଗଲେ ? ଦୋଷ ନୋହିଲେ ମୋତେ କହ'' ବୋଲି ପ୍ରାର୍ଥନା କରନ୍ତେ ସେ ନିମ୍ନୋକ୍ତ ବିଧରେ କହିଲା ।

( ୪ ) ଗନ୍ଧର୍ବ କୁଳରେ ଚିତ୍ରରଥ ନାମେ ଆଉ ଏକ ନୃପ ବିଦ୍ୟ-ମାନ । ଏହି ନିକଟରେ ଥିବା ହେମକୂଟ ପର୍ବତ ତାର ନିବାସ ସ୍ଥାନ । ସେ

ମଦିରା ନାମ୍ନୀ କନ୍ୟାକୁ ବିଭା ହୁଅନ୍ତେ ତାଙ୍କୁ ଅତ୍ୟନ୍ତ ସୁନ୍ଦରୀ କାଦମ୍ବରୀ ନାମ୍ନୀ କୁମାରୀ ଜନ୍ମି କାଳକ୍ରମେ ଯୌବନବତୀ ହେଲା । ବାଲ୍ୟାବଧି ଆମ୍ଭେ ଦୁହେଁ ପ୍ରାଣସଖୀ । ମୋ ଏ ଚରିତ୍ରକୁ ଶ୍ରବଣ କରି ସେ ଯୁଭିତା ହୋଇଅଛି । ତାକୁ ସାନ୍ତ୍ୱନା କରି ନ ପାରି ତା ଜନନୀ ଜନକ ମୋ ନିକଟକୁ ଖବର ପଠାନ୍ତେ, ତାକୁ ପ୍ରବୋଧିବା ପାଇଁ ସଖୀ ତରଳିକାକୁ ପଠାଇଲି ।

ଏପରି ମହାଶ୍ୱେତା କହୁଁ ଚଣ୍ଡକର ଚରମଧରକୁ ଯାନ୍ତେ ନିଶା ପ୍ରସରିଲା । ସେ ସତୀ ଶୟନ କରନ୍ତେ, ଚନ୍ଦ୍ରାପୀଡ଼ ଦୂରରେ ଥିଲା ଗୋଟିଏ ଚନ୍ଦ୍ରକାନ୍ତ ଶିଳା ଉପରେ ଶୋଇଲା ।

ପ୍ରାତଃକାଳେ ସେ ଦୁହେଁ ଉଠ ସନ୍ଧ୍ୟୋପାସନ ସାରି ବସିଥିଲା ସମୟରେ ହେମକୂଟକୁ ଯାଇଥିଲା ତରଳିକା ଏକ ଯୁବକ ସହିତ ହୋଇ ଆସି ମହାଶ୍ୱେତାକୁ ଚାହିଁ "ଭର୍ତ୍ତୃଦାରିକା ! ମୁଁ କାଦମ୍ବରୀକି ଭେଟି ତୁମ୍ଭ ସନ୍ଦେଶ ଜଣାଇଲି । ତାଙ୍କ ପ୍ରତ୍ୟୁତ୍ତର ଏ ନିବେଦନ କରିବେ । ଏହାଙ୍କ ନାମ କେୟୂର । ଏ କାଦମ୍ବରୀଙ୍କ ବୀଣାବାହକ" ବୋଲି ବିଶ୍ରମିଲା । ତେବେ କେୟୂର କହିଲା "ଜନନୀ ମହାଶ୍ୱେତା ! କାଦମ୍ବରୀ କାହାକଥା ଶୁଣୁନାହାନ୍ତି । ତାଙ୍କ ଚିତ୍ତ ସୁସ୍ଥ କରିବାକୁ ତୁମ୍ଭେ ମାତ୍ର ସମର୍ଥା । ତୁମ୍ଭେ ଏକ୍ଷଣି ନ ଗଲେ; ସେ ଜୀଇଁବେ ନାହିଁ ।" ଏତେ ଶୁଣି ମହାଶ୍ୱେତା "ଅହା ! କେଡ଼େ କଷ୍ଟ ଘଟିଲା । ମୁଁ ଯାଇ ମୋ ସଖୀକି ସାନ୍ତ୍ୱନା କରିବି," ବୋଲି କେୟୂରକୁ ପଠାଇ ଚନ୍ଦ୍ରାପୀଡ଼କୁ ଲକ୍ଷ୍ୟକରି "ଭଦ୍ର ! ଆସ ଗନ୍ଧର୍ବ ଲୋକକୁ, ମୋ ସଖୀ କାଦମ୍ବରୀର ଦର୍ଶନ ତୁମ୍ଭଙ୍କୁ ତୁଷ୍ଟ କରି ପାରିବ । ହେମକୂଟ ରମଣୀୟ, ଚିତ୍ରରଥ ପତ୍ତଣ ଚିତ୍ରତର ଅଟଇ" ବୋଲନ୍ତେ, ଚନ୍ଦ୍ରାପୀଡ଼ ସମ୍ମତ ଏବଂ ଅଶ୍ୱାରୂଢ଼ ହୋଇ ତାକୁ ଅନୁସରି ଚଳିଲା ।

ସେ ଦୁହେଁ ହେମକୂଟରେ ପହଞ୍ଚି ଗନ୍ଧର୍ବ ରାଜକୁଳକୁ ଦେଖି କନ୍ୟାନ୍ତଃପୁରେ ପ୍ରବେଶିଲେ । ସେଠା ଶ୍ରୀ ମଣ୍ଡପ ମଧ୍ୟଦେଶେ ପ୍ରତ୍ନମଲ୍ଲ ପଲ୍ୟଙ୍କରେ କାଦମ୍ବରୀ ପହୁଡ଼ିଥିଲା । ସେ ସ୍ଥାନ ଅତି ମନୋରଞ୍ଜନ । ସେଠା ସକଳ କୋମଳାଙ୍ଗୀଙ୍କ କଳେବର କନକ ପ୍ରତିମାକୁ ନିନ୍ଦା କରଇ । କାଦ-ମ୍ବରୀର ଆକାର ଅତ୍ୟନ୍ତ ମନୋହର । ତାକୁ ଦେଖି ନୃପସୁତ ମଦନଙ୍କ ପୀଡ଼ା

ପୀଡ଼ିତ ହେଲା । ସେ କାନ୍ତା ମଧ୍ୟ ସେ ଯୁବକଙ୍କୁ ଅନାଇ ପ୍ରୀତା ହେଲା । ମହାଶ୍ୱେତାଙ୍କୁ ଗୃହଁଲା ମାତ୍ରେ ନିର୍ଭରାନନ୍ଦ ପରବଶା କାଦମ୍ବରୀ ଉଠି ତାଙ୍କୁ ଗାଢ଼ାଲିଙ୍ଗନ କରି ଖେଦହୀନା ହୋଇ ତାଙ୍କୁ ଏବଂ ଚନ୍ଦ୍ରାପୀଡ଼ଙ୍କୁ ସଗୌରବରେ ଆଦରିଲା । ସେ ଦୁହେଁ ସେଦିନ ମାତ୍ର ସେଠାରେ ରହି ପରଦିନ କାଦମ୍ବରୀ କନ୍ୟାନୁଜ୍ଞାତ ହୋଇ ପ୍ରସ୍ଥାନ କଲେ । କିନ୍ତୁ ଚନ୍ଦ୍ରାପୀଡ଼ର ମାନସ କାଦମ୍ବରୀଠାରେ ବାସ କଲା ଏବଂ କାଦମ୍ବରୀର ଚିତ୍ତ ଚନ୍ଦ୍ରାପୀଡଠାରେ ସଂଯତ ହେଲା । ରାଜନନ୍ଦନ ନିଜାନ୍ୱେଷଣୋତ୍କଣ୍ଠିତ ସୈନ୍ୟଙ୍କୁ ମହାଶ୍ୱେତାଶ୍ରମ ନିକଟରେ ଭେଟିଲା । ବୈଶମ୍ପାୟନ ପ୍ରଭୃତି ପରିଜନଗଣ ଯୁବରାଜଙ୍କୁ ଦେଖି ପ୍ରମୋଦିତ । ନୃପକୁମାର ସ୍ୱୀୟ ଶିବିରରେ ରହି ବୈଶମ୍ପାୟନଙ୍କୁ ଏବଂ ପତ୍ରଲେଖାଙ୍କୁ ମହାଶ୍ୱେତାର ବାତ୍ସଲ୍ୟାଦି ଗୁଣ ଏବଂ କାଦମ୍ବରୀର ରୂପଲାବଣ୍ୟ କହୁ କହୁ ଏକ ଦିନ ବିତଗଲା । ପରଦିନ ପ୍ରାତଃକାଳରେ କେୟୂର ଅତିଶୀଘ୍ରେ ଆଗମନ କରି "ଆୟୁଷ୍ମାନ ! ତୁମ୍ଭେ ତୁରନ୍ତ ନ ଆସିଲେ କାଦମ୍ବରୀ କୁମାରୀ ବଞ୍ଚିବା ଅସମ୍ଭବ" ବୋଲି ଚନ୍ଦ୍ରାପୀଡ଼ଙ୍କୁ ଜଣାନ୍ତେ ସେ ସସମ୍ଭ୍ରମ ହୋଇ ସୈନ୍ୟଙ୍କୁ ସେହି ସ୍ଥାନରେ ରଖାଇ ପତ୍ରଲେଖା ସହ ଇନ୍ଦ୍ରାୟୁଧଙ୍କୁ ଆରୋହି କେୟୂର ସହିତରେ ହେମକୂଟଙ୍କୁ ଯାଇ କାଦମ୍ବରୀଙ୍କ ଗୃହଁ ମୁଦିତ ହେଲା । କେୟୂର କାଦମ୍ବରୀଙ୍କ ସମ୍ବୋଧି ଏବଂ ପତ୍ରଲେଖାଙ୍କୁ ଦେଖାଇ କହିଲା ଯେ ଏ ଭାମିନୀ ଚନ୍ଦ୍ରାପୀଡଙ୍କୁ ତାମ୍ବୁଲବାହିନୀ ପତ୍ରଲେଖା ନାମ୍ନୀ । ତାହା ଶୁଣି କାଦମ୍ବରୀ ପତ୍ରଲେଖାଙ୍କୁ ଆଲିଙ୍ଗନ କରି ତା ସୁନ୍ଦରତା ଗୃହଁ ଚମତ୍କୃତ ହୋଇ ଭାବିଲା "ଏ ରୂପ ଲାବଣ୍ୟ ଦେବ ଲୋକ ଦୁର୍ଲଭ, ବିଧାତା ନିଶ୍ଚୟରେ ମାନବ ପକ୍ଷପାତୀ ଅଟେ ।" ବହୁଦିନ ପର୍ଯ୍ୟନ୍ତ ପତ୍ରଲେଖା, ଚନ୍ଦ୍ରାପୀଡ଼ କାଦମ୍ବରୀ ନିବାସରେ ବାସ କଲେ । ପରେ କାଦମ୍ବରୀ ପ୍ରାର୍ଥନାରୁ ପତ୍ରଲେଖାଙ୍କୁ ତାଠାରେ ରଖି, ନୃପତନୟ ସ୍ୱୀୟାନୁରକ୍ତା କାଦମ୍ବରୀଠାରୁ ବିଦାୟ ଗ୍ରହଣ କରି ସ୍ୱକୀୟ ଶିବିରରେ ପ୍ରବେଶିଲେ । ଉକ୍ତ କାନ୍ତାଦ୍ୱୟ ହର୍ଷରେ କାଳକାଟି ହେମକୂଟରେ ସଂସ୍ଥିତ ।

( ୫ ) ଏଣେ ଶିବିରରେ ମଧ୍ୟ ସମସ୍ତେ ସନ୍ତୋଷରେ କାଳକ୍ଷେପ କରୁଥିଲା ବେଳେ ଜନୈକ ସେବକ ଆସି ଯୁବରାଜଙ୍କୁ ପ୍ରଣମି ଗୋଟାଏ ରତ୍ନାଙ୍ଗ ସମର୍ପନ୍ତେ, ତାଙ୍କୁ ସେ ନିମ୍ନୋକ୍ତ ବିଧରେ ପଢ଼ିଲା :—

ସ୍ୱସ୍ତି ଶ୍ରୀ ସମସ୍ତ ରାଜନ୍ୟ ବନ୍ଦିତ ଚରଣାରବିନ୍ଦ—ପରମ ମହେଶ୍ୱର—ଉଜ୍ଜୟିନୀ କେତନ—ତାରାପୀଡ଼ ସକଳ ସମ୍ପଦାବାସ—ଚନ୍ଦ୍ରାପୀଡ଼ର ସୁନ୍ଦର ବଦନାରବିନ୍ଦକୁ ଚୁମ୍ବି ସନ୍ତୁଷ୍ଟ । ତୋତେ ଦେଖି ବହୁକାଳାତୀତ ଅନ୍ତଃପୁରେ ତୋ ଜନନୀ କ୍ଷୀଣ । ତୋତେ ବିଲୋକିବା ପାଇଁ ଆମ୍ଭେମାନେ ଉତ୍କଣ୍ଠିତ । ଏପତ୍ର ପଠନ କରିବା ମାତ୍ରେ ବାହାରି ଆସିବାକୁ ହେବ ।

“ଜନକାଦେଶ ଅବଶ୍ୟ ପାଳନୀୟ” ବୋଲି ଯୁବରାଜ ମୁଖ ସରୋଜରୁ ବାହାରନ୍ତେ, ପ୍ରସ୍ଥାଣ ପଟହ ବାଜିଲା । “ଏଠାକୁ କେୟୂରକଦ୍ୱାରା ଆନୀତା ପତ୍ରଲେଖାକୁ ଘେନିଆସ । ତାବତ୍ପର୍ଯ୍ୟନ୍ତ ଏ ସ୍ଥାନେ ବାସ କରିଥାଅ” ବୋଲି ମେଘନାଥ ନାମକ କଞ୍ଚୁକୀକି ଆଦେଶ ଦେଇ ନୃପପୁତ୍ର ମାତ୍ର ନିର୍ଗମି କତିପୟ ଦିବସରେ ଉଜ୍ଜୟିନୀରେ ପହୁଞ୍ଚିଲା । ପୁତ୍ରଗାତ୍ର ପରିଷ୍ୱଙ୍ଗ ସୁଖକୁ ଲଭି ରାଜ ଦମ୍ପତି ଅମନ୍ଦାନନ୍ଦକନ୍ଦଳିତଚିତ୍ତ ହେଲେ । ରାଜକୁମାର ଭବନରେ ରହି, ସଦା କାଦମ୍ବରୀ ଧ୍ୟାନ ମାନସ ହୋଇ ଏକ ନିମେଷ ଏକ ଯୁଗ ପରି ମଣୁଥିଲା । ଏକ ଦିନ ମେଘନାଥ ସହ ଆଗତା ପତ୍ରଲେଖା କାଦମ୍ବରୀର ସମସ୍ତ ବୃତ୍ତାନ୍ତ ଯୁବରାଜକୁ ବିବରଣରେ ଜଣାଇଲା । ଆପେ ବହନ ଗମନ ନ କଲେ, କାଦମ୍ବରୀ ବଞ୍ଚିବା ଅସମ୍ଭବ ବୋଲି ସେ ବୀର ବିଚାରି ଜନନୀ ଜନକାଜ୍ଞାପ୍ତ ହୋଇ ଇନ୍ଦ୍ରାୟୁଧକୁ ଆରୋହି ହେମକୂଟାଭିମୁଖେ ପ୍ରସ୍ଥାନ କରି ମାର୍ଗେ ମହାଶ୍ୱେତାଶ୍ରମ ନିକଟେ ଥିଲା ନିଜ ସ୍କନ୍ଧାବାରରେ ପ୍ରବେଶିଲା ।

[୬] ଆଶ୍ଚର୍ଯ୍ୟ ! ସର୍ବେଶ୍ୱର ମାୟା ଅତି ଗୂଢ଼ । ସେ ମାନବର ଅଗୋଚର । ଏକ ନିମେଷରେ ସୁଖ ଦୁଃଖ ଏବଂ ଦୁଃଖ ସୁଖ ହୁଏ । ସ୍କନ୍ଧାବାରରେ ମନ୍ତ୍ରୀ ନନ୍ଦନ ବୈଶମ୍ପାୟନ ନାହିଁ । ନୃପ କୁମାର ଅନୁସନ୍ଧାୟୀ ହୋଇ ପଚାରନ୍ତେ, ପରିଜନମାନେ ଚିନ୍ତାଭରେ ମୌନ ମୁଦ୍ରା ଧାରଣ କଲେ । ଚନ୍ଦ୍ରାପୀଡ଼ର ମନଃ ପୀଡ଼ା ବର୍ଣ୍ଣନାତୀତ । ସେ ସ୍ୱୀୟ ବୟସ୍ୟର ବୃତ୍ତାନ୍ତ ବୁଝିବା ଅଭିଳାଷରେ ମହାଶ୍ୱେତାର ଆଶ୍ରମକୁ ଯାଇ “ଜନନୀ ! ବୈଶମ୍ପାୟନକୁ ଦେଖିଲକି ?” ବୋଲି ପଚାରନ୍ତେ, ସେ କାନ୍ତା ଶୋକାକ୍ରାନ୍ତା ହୋଇ ନିମ୍ନୋକ୍ତ ବିଧରେ କହିଲା ।

ଭଦ୍ରେ ! ମୋ ମାନସ ପୁଣ୍ଡରୀକାର୍ପିତ ହୋଇଥିବା ବିଷୟ ତୁମ୍ଭେ ଜାଣିଅଛତ । ପତିବ୍ରତା ହୋଇଥିବା ମୋ କତିକି ତୁମ୍ଭ ମିତ୍ର ଆସି କାମାନ୍ଧ ହୋଇ ପ୍ରଣୟୋକ୍ତିରେ ନାନାପ୍ରକାରେ ପ୍ରକାଶିଲେ । ତାହା ଉଚ୍ଚାରଣ ଯୋଗ୍ୟ ନୁହେ । ସେ ତୁମ୍ଭ ମିତ୍ର ବୋଲିବା ବିଷୟ ଜାଣିଥିବାରୁ ମୁଁ ଶାନ୍ତ ଏବଂ ସହନ ଚିତ୍ତରେ ଯେତେ ମତେ ପ୍ରବୋଧି କହିଲେହେଁ ସେ ଶୁଣିଲେ ନାହିଁ । ପରେ ମୁଁ କୁପିତା ହୋଇ "ଅରେ ମୂଢ଼ ! ମୋ ସଦ୍‌ଗୁଣ ନ ଜାଣି ମୋତେ ରସି ଶୁକପକ୍ଷୀ ପରି ଜଣ ଜଣ ବକୁଥିବାରୁ ଶୁକ ହୁଅ" ବୋଲି ଶାପ ଦେଲାମାତ୍ରେ ସେ ଅଦୃଶ୍ୟ ହେଲା ।

ଉକ୍ତ ଦାରୁଣ ବଚନ ଶ୍ରବଣ କଲାକ୍ଷଣରେ ଚନ୍ଦ୍ରାପୀଡ଼ର ହୃଦୟ ଫାଟନ୍ତେ ସେ ଭୂପତିତ ହୋଇ ବିଗତ ଜୀବ ହେଲା । ସ୍କନ୍ଧାବାରର ପରିଜନେ ଉଚ୍ଚରେ କ୍ରନ୍ଦନ କଲେ । ମହାଶ୍ୱେତା ମଧ୍ୟ ମୁକ୍ତକଣ୍ଠରେ ବିଳାପ କଲା । ଅତଏବ ସେ ପ୍ରଦେଶ ରୋଦନ ଧ୍ୱନିରେ ପୂରିଲା ।

କାଦମ୍ବରୀ ଉକ୍ତ ସମାଚାର ଶୁଣି ମନୋବେଗଠାରୁ ବେଗତରରେ ମହାଶ୍ୱେତାଶ୍ରମକୁ ଆସି ଚନ୍ଦ୍ରାପୀଡ଼ ମୃତଦେହ ଉପରେ ପଡ଼ି ପ୍ରଳାପିଲା । ଅହୋ ! ଦୈବ କିସ କରିପାରିବ ? ସେ ଗନ୍ଧର୍ବ ତନୟା ଅନନ୍ୟୋପାୟା ହୋଇ ମହାଶ୍ୱେତାକୁ ଚାହିଁ "ସଖି ! ତୁମ୍ଭ ପୁରୁଷ ପୁନରପି ଆସିବେ ବୋଲି ଦିବ୍ୟପୁରୁଷ ତୁମ୍ଭଙ୍କୁ କହି ଅଛନ୍ତି । ସେପରି ଆଶା ମୋର ନାହିଁ । ଅତଏବ ପ୍ରାଣ ତ୍ୟାଗ କରିବି" ବୋଲି, ଅଶରୀର ବଚନ ନିମ୍ନୋକ୍ତ ବିଧରେ ଶ୍ରୁତ ହେଲା ।

'କୁମାରୀ-କାଦମ୍ବରୀ ! କାହିଁକି ଶୋକାକୁଳା ହୋଇ ସାହସ କରୁଛୁ ? ତୋ ପ୍ରିୟ ଚନ୍ଦ୍ରାପୀଡ଼ ଅଚିରେ ପୁନର୍ଜୀବିତ ହେବ । ମୁଁ ଚନ୍ଦ୍ର ଅଟଇ । ତୋହର ପ୍ରିୟର ଏହି ଦେହ ମୋହର ଅଂଶ ହୋଇ ଥିବାରୁ ଏହାର କୌଣସି କ୍ଷତି ନାହିଁ; ବିଶେଷରେ ତୋ କରସ୍ପର୍ଶ ହେତୁରୁ ଶୁଭରେ ଥିବ । କୌଣସି ଶାପ କାରଣରୁ ଏତେକ ବିପତ୍ତି ଏତେ ବ୍ୟକ୍ତିଙ୍କି ଘଟିଲା । ତାହା ପରେ ବିଦିତ ହେବ । ଶାପ ବିମୋଚନ ପର୍ଯ୍ୟନ୍ତ ଏ କଳେବରକୁ ପାଳୁଥାଅ । ପୁଣ୍ଡରୀକ ଶରୀର ମହାଶ୍ୱେତା ସମାଗମ ନିମନ୍ତେ ମୋ ଦ୍ୱାରା ପାଳିତ ହେଉ-

ଅଛି । ମହାଶ୍ୱେତା ନିଜ ପ୍ରାଣତ୍ୟାଗୋଦ୍ୟମ କଲାବେଳେ ମୁହିଁ ତାକୁ ପ୍ରବୋଧି ଥିଲି ।” ଏତେ ଶୁଣି କାଦମ୍ବରୀ ଏବଂ ମହାଶ୍ୱେତା ସନ୍ତୁଷ୍ଟା ହେଲେ ।

ପତ୍ରଲେଖା ଉକ୍ତ ସକଳ ବୃତ୍ତାନ୍ତ ଅବଗତା ହୋଇ ଇନ୍ଦ୍ରାୟୁଧ ପୁରଃସରରେ ଅଚ୍ଛୋଦ ସରୋବରକୁ ଯାଇ ତହିଁ ମଗ୍ନା ହୋଇ ତିରୋହିତା ହେଲା । ଅଶ୍ୱଟି ମଧ୍ୟ ତଦୁଦକରେ ଅନ୍ତର୍ହିତ ହେଲା । ଅନ୍ୟଜନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଏବଂ ପରସ୍ପର ମୁଖାବଲୋକନ କରି ପ୍ରତିମାକାର ଧାରଣ କଲେ ।

ତେବେ ଗୋଟିଏ ଆଶ୍ଚର୍ଯ୍ୟ ସମ୍ଭବିଲା । କପିଞ୍ଜଳ ସେ ସରୋବରରୁ ବାହାରି ମହାଶ୍ୱେତାକୁ ହେରି “ମୁଁ କିଏ ? ସ୍ମରଣ ଅଛିକି ?” ବୋଲି ପଚାରନ୍ତେ, ସେ ଯୋଷା ତୋଷିତା ହୋଇ ପାଖେଟି ଯାଇ ସଭକ୍ତିରେ ପ୍ରଣମି “ତୁମ୍ଭଙ୍କୁ ବିସ୍ମରି ପାରିବିକି ? ମୋ ମନୋନାୟକଙ୍କ ପ୍ରିୟ ବୟସ୍ୟ ନୁହଁକି ? ତୁମ୍ଭ ନାମ କପିଞ୍ଜଳ ନୁହେଁକି ? ତୁମ୍ଭ ମିତ୍ର ଏବଂ ମୋ ପ୍ରୀତିପାତ୍ର ପୁଣ୍ଡରୀକ ଅଦ୍ୟ କେଉଁଠାରେ ଅଛନ୍ତି ? ତାଙ୍କ ଉଦନ୍ତ କ’ଣ ?” ବୋଲି ପଚାରନ୍ତେ ସେ ନିମ୍ନୋକ୍ତ ବିଧରେ କହିଲା ।

ମହାଶ୍ୱେତା ! ଶୁଣ, ତୁମ୍ଭେ ଦେଖୁ ଦେଖୁ ପୁଣ୍ଡରୀକ ମୃତ ଶରୀରକୁ ନେଇ ଯାଉଥିଲା ଦିବ୍ୟପୁରୁଷଙ୍କୁ ଅନୁସରି ଗଗନ ମାର୍ଗରେ ଉଡ଼ି ଯାଇଥିଲି ତ । ସେ ପୁରୁଷ ଚନ୍ଦ୍ରମଣ୍ଡଳରେ ପ୍ରବେଶିଲା । ସେଠାରେ ମହୋଦୟ ନାମକ ଦିବ୍ୟ ସଭା ଗୋଟିଏ ଅଛି । ତହିଁ ଇନ୍ଦୁ କାନ୍ତମୟ ପଲଙ୍କରେ ସେ ବସି ବୋଇଲା “ଯେ, କପିଞ୍ଜଳ ! ମୋତେ ଚନ୍ଦ୍ର ବୋଲି ଜାଣ । ତୋ ମିତ୍ର ପୁଣ୍ଡରୀକ ନିଷ୍କାରଣରେ ମୋତେ “ଦୁଷ୍ଟ ଚନ୍ଦ୍ରହତକ ! ତୋ କର ନିକର ସନ୍ତାପିତ ହୋଇ, ହେଟ ମୁଁ ମରୁଛି । ତୁ ଭାରତବର୍ଷରେ ଜନ୍ମି ଅଲବ୍ଧ ସମାଗମସୁଖ ହୋଇ ତୀବ୍ରତର ହୃଦୟ ବେଦନାଳି ଭୁଞ୍ଜି ମୃତହୁଅ ।” ବୋଲି ଶାପ ଦେଲା । ବିନା କାରଣରେ ଲଭ୍ୟ ହେଲା ଶାପ ବଶରୁ ମୁଁ ରୋଷକଷାୟିତେକ୍ଷଣ ହୋଇ ପୁଣ୍ଡରୀକଙ୍କୁ “ ତୁ ମଧ୍ୟ ମଓୁଲ୍ୟ ସୁଖ ଦୁଃଖାକ୍ରାନ୍ତ ହୁଅ;” ବୋଲି ପ୍ରତିଶାପ ଦେଲି । ପରେ ମହାଶ୍ୱେତାକୁ ସାନ୍ତ୍ୱନା କରି ପୁଣ୍ଡରୀକ ଶରୀରକୁ ଆଣିଲି । ଏ ସ୍ୱୟଂକୃତ କର୍ମବଶରୁ ମତ୍ସହିତରେ ମର୍ତ୍ତ୍ୟଲୋକେ

ଜନ୍ମି କେତେକ ଦିନ ରହିବ । ସେହି ପର୍ଯ୍ୟନ୍ତ ଏହି ଶରୀରର କ୍ଷତି ଘଟିବ ନାହିଁ । ଅତଏବ ତୁମ୍ଭେ ଯାଅ ।

ଏତେ ଶୁଣି ମୁଁ ବାହାରି ଆସୁଥିଲି । ବାଟରେ ଜନୈକ ମହାକୋପ ଯୁକ୍ତ ବୈମାନିକ ଆସୁଥିଲା । ମୁଁ ତାକୁ ନ ଦେଖି ତା ପଥରୋଧ କଲା ହେତୁରୁ ସେ କ୍ରୁଦ୍ଧ ହୋଇ "ଅଶ୍ୱରୂପେ ଜନ୍ମ" ବୋଲି ମୋତେ ଶାପ ଦେଲା । ମୁଁ ପ୍ରାର୍ଥନା କରନ୍ତେ ଶାପାବଧି କହିଲା ।—ମୁଁ ଅଶ୍ୱରୂପରେ ଜନ୍ମିଲି, ସେହି ହୟଟି ଚନ୍ଦ୍ରାପୀଡ଼ ଚଢୁଥିଲା ଇନ୍ଦ୍ରାୟୁଧ । ସେହି ଚନ୍ଦ୍ରଟି କାଦମ୍ବରୀପ୍ରିୟ ଚନ୍ଦ୍ରାପୀଡ଼ । ସେ ପୁଣ୍ଡରୀକଟି ମନ୍ତ୍ରିନନ୍ଦନ-ବୈଶମ୍ପାୟନ । ତାକୁ ତୁମ୍ଭେ ଶାପ ଦେଲ । ସେ ଶୁକ ହୋଇଗଲା ।

କପିଞ୍ଜଳ ନିଜ ଗତାଗତ ବୃତ୍ତାନ୍ତ ଏମନ୍ତ କହନ୍ତେ; "ଅହୋ ! କି ଆଶ୍ଚର୍ଯ୍ୟ ! ବୈଶମ୍ପାୟନ ମୋ ପ୍ରିୟ ପୁଣ୍ଡରୀକ କି ? ହା ! ଦେବ ! ଜନ୍ମାନ୍ତରରେ ମଧ୍ୟ ମୋତେ ନ ପାସୋରି ରହିଲ । ମୁଁ ପାପିନୀ ତୁମ୍ଭ କାଳରାତ୍ରି ହେଲି" ବୋଲି ମହାଶ୍ୱେତା ବିଳାପ କଲା । "କଲ୍ୟାଣୀ ! ଶୋକକୁ ସମ୍ଭାଳ । ଅଚିର କାଳରେ ତୁମ୍ଭମାନଙ୍କର ମଙ୍ଗଳ ହେବ ବୋଲି କପିଞ୍ଜଳ ମହାଶ୍ୱେତାକୁ ପ୍ରବୋଧି ଚନ୍ଦ୍ରାପୀଡ଼ ବୈଶମ୍ପାୟନ ସମାଚାର ଜାଣିବାକୁ ପ୍ରସ୍ଥାନ କଲା ।

ଯୁବରାଜ ମନ୍ତ୍ରୀ ତନୁଜଙ୍କ ବୃତ୍ତାନ୍ତ ଉଜ୍ଜୟିନୀରେ ପ୍ରକଟିତ ହୁଅନ୍ତେ ତାରାପୀଡ଼ ସଦାର ମନ୍ତ୍ରୀ ପରିଜନ ହୋଇ ମହାଶ୍ୱେତାଶ୍ରମକୁ ଗଲା । ସେଠାରେ ସେ ଏବଂ ମହାଦେବୀ ବିଳାପ କରନ୍ତେ, ଶୁକନାଶ ତାଙ୍କୁ ଅନେକ ପୁରାଣତତ୍ତ୍ୱ ଏବଂ ଜଗଦୀଶ ମାୟା ମହତ୍ତ୍ୱ କହି ଜଗତର ଅସ୍ଥିରତ୍ୱ ବୁଝାଇଲା । ସେ ଦୁହେଁ ଜ୍ଞାନଲବ୍ଧ ସେଠାରେ ନିବାସ କରି ରହିଲେ ।

( ୭ ) ପାଠକ ! ଏକଥା ପଢୁଥିବା ତୁମ୍ଭେ ଏହାର ଅଭ୍ୟନ୍ତର ତତ୍ତ୍ୱ ଅବଗତ ହୋଇଥିବ । ପ୍ରଥମାଧ୍ୟାୟରେ ଏ କଥାକୁ ଏକ ଶୁକ ଶୁଦ୍ରକ ମହାରାଜକୁ କହୁଥିବା ଏବଂ ସେହି କଥାକୁ ଏକ ମୁନିବର ଅନ୍ୟ ମୁନିଙ୍କି କହୁଥିବା ତୁମ୍ଭର ସ୍ମରଣ ଥିବତ । ସେ ଶୁକ ନିମ୍ନୋକ୍ତ ବିଧରେ ବୋଇଲା —ମହାରାଜ ! ସେ ମୁନିବର ଏ କଥାରୁ ଏତେ କହୁ ପ୍ରଭାତ ହୁଅନ୍ତେ ତପ

ସ୍ନାନ କରିବାକୁ ଚଳିଲି, ଅନ୍ୟ ମୁନିମାନେ ତାଙ୍କୁ ଅନୁସରିଲେ । ସେ କଥା ଶୁଣୁ ଶୁଣୁ ମୋର ପୂର୍ବଜ୍ଞାନ ଜନ୍ମିଲା । ସେହି ସମୟରେ କପିଞ୍ଜଳ ସେଠାକୁ ଆସି ମୋତେ ଦେଖି ପ୍ରୀତ ହୋଇ ମୋ ସ୍ବର୍ଗସୁଖ କେତେ କାଳ ଉପଲବ୍ଧି କରି ମୋତେ ସେହି ସ୍ଥାନରେ ରଖି ମୁନିଜନ ଶୁଶ୍ରୂଷା ନିମିତ୍ତ ଗଲା । ମୁଁ ସଞ୍ଚାର କରୁଥିଲି ସମୟରେ କର୍ମବଶରୁ ମୋତେ ଜନୈକ ବ୍ୟାଧ ଧରି ଏ ସୁବର୍ଣ୍ଣ ପଞ୍ଜରରେ ଭରି ମାତଙ୍ଗ କନ୍ୟା ହସ୍ତଗତ କଲା । ସେ ମୋତେ ଆଣି ତୁମ୍ଭଙ୍କୁ ସମର୍ପିଲା । ଜାଣ ମହାଶ୍ୱେତା ପ୍ରିୟ ପୁଣ୍ଡରୀକ ଶୁକ ନାମ ମନ୍ତ୍ରୀ ନନ୍ଦନ ବୈଶମ୍ପାୟନ ରୂପେ ମହାଶ୍ୱେତାଙ୍କୁ ରସି ତାଙ୍କର ଶାପ ବଶରୁ ଜନ୍ମକୁ ଗ୍ରହଣ କରିଥିବା ଶୁକ ମୁହିଁ ମାତ୍ର । ପୁଣ୍ଡରୀକ ଶାପ ବଶରୁ ଶୀତକର ତାରାପୀଡ଼ାତ୍ମଜ ଚନ୍ଦ୍ରାପୀଡ଼ାକୃତରେ ଜନ୍ମି କାଦମ୍ବରୀଙ୍କ ରସି ପ୍ରିୟ ବୟସ୍ୟ ମରଣ ସମ୍ବାଦ ଶ୍ରବଣ କରି ପ୍ରାଣତ୍ୟାଗ କଲା । ସେହି ପୁଣ୍ଡରୀକ ତୁମ୍ଭେ ମାତ୍ର । ଆମ୍ଭ ଉଭୟଙ୍କ ଶାପାବସାନ ସମୟ ଅଦ୍ୟ ଉପସ୍ଥିତ । ଏତେ କହି ସେ ଶୁକ ତିରୋହିତ ହେଲା ।

ତେବେ ଲୋକମାତା—ରମା ପ୍ରବେଶି ଶୂଦ୍ରକ ମହାରାଜଙ୍କୁ ଉଦ୍ଦେଶି "ମୁଁ ମାତଙ୍ଗ କନ୍ୟାରୂପେ ଆସିଥିଲି । ତୁମ୍ଭେ ମୋ ସୋଦର । ପୁଣ୍ଡରୀକ ମୋ ଅଂଶ ସମ୍ଭୂତ" ବୋଲି ଅନ୍ତର୍ହିତା ।

କି ଆଶ୍ଚର୍ଯ୍ୟ ! କି ଆଶ୍ଚର୍ଯ୍ୟ ! ଶୂଦ୍ରକ ମହାରାଜ ପୂର୍ବଜ୍ଞାନ ସମ୍ପନ୍ନ ହୋଇ ଜୀବାତ୍ମାକୁ ଭେଦ କରି ଚନ୍ଦ୍ରମଣ୍ଡଳରେ ପ୍ରବେଶିଲା ।

ପାଠକ ! ଆମ୍ଭେ ଏଣିକି ଶୂଦ୍ରକ ମହାରାଜାଙ୍କୁ ବସୁରି ମହାଶ୍ୱେତା-ଶ୍ରମଙ୍କୁ ଯିବା । କାଦମ୍ବରୀ ନିଜପ୍ରିୟର ଶରୀରକୁ ଭଲେ ରକ୍ଷଣ କରୁଥାଏ । ଧନେ ସେ ତାଙ୍କୁ ଉତ୍ସଙ୍ଗରେ ଭରି ଆଉଁସୁଥିଲା । ତେବେ ସେ ଶରୀରରେ ବିଚିତ୍ର କାନ୍ତି ପ୍ରସରି ମୁଖ ବିକଶିତ ହୁଅନ୍ତେ କାଦମ୍ବରୀ ଆଶ୍ଚର୍ଯ୍ୟାନ୍ୱିତା ହୋଇ ପ୍ରିୟ ମୁଖକୁ ନିରେଖୁଥିଲା । ସେକାଳେ ଏକ ଜ୍ୟୋତି ଚନ୍ଦ୍ରାପୀଡ଼ ବଦନରେ ପ୍ରବେଶିଲା । ତାହା ଚନ୍ଦ୍ରଜ୍ୟୋତି । ତତ୍କ୍ଷଣେ ଚନ୍ଦ୍ରାପୀଡ଼ ନିଦ୍ରାରୁ ଉଠିଲା ପ୍ରକାରେ ଉଠି ଦାଦମ୍ବରୀଙ୍କ ଆଲିଙ୍ଗନ କରି ଆନନ୍ଦିତ ହେଲା । ସେହି ସମୟରେ ଗଗନରୁ 'ପୁଣ୍ଡରୀକ ସେଠାକୁ ଆସନ୍ତେ ମହାଶ୍ୱେତା ପ୍ରମୋଦିତା

ହୋଇ ତାଙ୍କୁ ପ୍ରଣମିଲା । ସର୍ବେ ନିର୍ଭରାନନ୍ଦ ପରବଶ ହେଲେ । ସେହି ଗହନରେ କାଦମ୍ବରୀ ଚନ୍ଦ୍ରାପୀଡ଼ଙ୍କର ଏବଂ ମହାଶ୍ୱେତା ପୁଣ୍ଡରୀକଙ୍କର ବିବାହ ନିର୍ବର୍ତ୍ତିତ ହେଲା ଜଉଁଠାରୁ ସମସ୍ତେ ଉଜ୍ଜୟିନୀରେ ପ୍ରବେଶିଲେ । ସେଠାରେ ଚନ୍ଦ୍ରାପୀଡ଼ ନୃପତି ହେଲା ଏବଂ ପୁଣ୍ଡରୀକ ମନ୍ତ୍ରୀ ହେଲା ।

ଦିନେ କାଦମ୍ବରୀ ଚନ୍ଦ୍ରାପୀଡ଼ଙ୍କୁ ପଚାରିଲା । "ଆର୍ଯ୍ୟପୁତ୍ର । ଅମ୍ଭେ-ମାନେତ ସୁଖୀ ହୋଇଅଛୁଁ । ପତ୍ରଲେଖା ମାତ୍ର ସେହି ମତି ଗତିକି କାହିଁକି ପାଇଲା ?" ତତ୍ପ୍ରତ୍ୟୁତ୍ତର ରୂପେ ସେ ବୋଇଲା "ମୁଁ ଚନ୍ଦ୍ର ହୋଇ ଥିବା ବିଷୟ ସୁବିଦିତ । ପରମ ପତିବ୍ରତା ରୋହିଣୀ ଜନ୍ମାନ୍ତରରେ ସୁଦ୍ଧା ମୋତେ ସେବୁ ଥିବାକୁ ପତ୍ରଲେଖା ରୂପରେ ଜନ୍ମିଲା । ମୋ ମରଣରେ ସେ ଦୁଃଖିତା ହୋଇ ପୁନରପି ଚନ୍ଦ୍ରମଣ୍ଡଳରେ ପ୍ରବେଶିଲା ।" ଏହା ଶୁଣି କାଦମ୍ବରୀ ରୋହିଣୀକି ବହୁବିଧରେ ପ୍ରଶଂସିଲା ।

ସେ ମିଥୁନ ଯୁଗଳ ଇହଲୋକରେ ସକଳ ସୁଖ କଳାପ ଚିରକାଳ ଭୁଞ୍ଜିଲା । ଚନ୍ଦ୍ରାପୀଡ଼ ଧର୍ମପରାୟଣ ହୋଇ ପ୍ରଜାଙ୍କୁ ଯୋଗକ୍ଷେମ ବିଚାରି ରାଜ୍ୟକୁ ପାଳିଲା । ପୁଣ୍ଡରୀକ ଶକ୍ରର ବୃହସ୍ପତି ପରି ତାହାର ଅନୁକୂଳ ମନ୍ତ୍ରୀ ହୋଇଥିଲା । ଇତି ।

ଶ୍ରୀ ବିକ୍ରମଦେବ ବର୍ମା

ଭେଦ କେବଳ ପାଣ୍ଡାଳିରେ ।
ଜଣା ନ ଯାଏ ତାହା କ୍ଷୀରେ ॥

ଯୌବନ, ସମ୍ପଦ, ପ୍ରାଭବ, ଅଜ୍ଞାନ
ପ୍ରତ୍ୟେକ ଅନର୍ଥକର ।
ଏକଠାବେ ଠୁଳ ହେଲେ ସେ ଗୃହେତି
ବଚନାତୀତ ନିକର ।

ଗୃଧବରାଜ ଉପର୍ଯ୍ୟୁକ୍ତ ଲକ୍ଷଣ ଚତୁଷ୍ଟୟଯୁକ୍ତ । ନିଜ ଜନକର ମରଣ ପରେ ସେ କଳିଙ୍ଗ ଦେଶାଧୀଶ ହେଲେ । ତାଙ୍କ ବୟସ କୋଡ଼ିଏ ବତ୍ସର, ଶରୀର ସୁନ୍ଦର ଏବଂ ସବଳ । ସେ ରାଜସିଂହାସନାରୋହଣ କଲାମାତ୍ରେ ଜନକର ମନ୍ତ୍ରୀ ପ୍ରଭୃତି କର୍ମ୍ମକରଙ୍କୁ ଦୂର କରି, ସେମାନଙ୍କ ସ୍ଥାନରେ ଅଯୋଗ୍ୟବ୍ୟକ୍ତିଙ୍କୁ ନିଯୁକ୍ତ କଲେ । ଦୌଡ଼ଖେଳାର ଉପଯୁକ୍ତ ତୁରଙ୍ଗଙ୍କୁ, ନେପାଳୀ ହାତୀଙ୍କୁ, କୁକ୍କୁଟଙ୍କୁ, କୁଳୀନଶ୍ୱାନଙ୍କୁ ଏବଂ ବିଚିତ୍ର ବିହଙ୍ଗଙ୍କୁ ଭେଟୀରୂପେ ସମର୍ପି ବିଦେଶୀୟ ବ୍ୟକ୍ତିମାନେ ରାଜକୋଷରୁ ଧନାକର୍ଷଣ କରୁଥିଲେ । ନଟୀନଟ ଭଟ ଗାୟକମଲ୍ଲାଦି ଜନଙ୍କଦ୍ୱାରା ରାଜ-ଭବନ ଅନବରତ ମୁଖରିତ । ପ୍ରାଚୀନ ଭୃତ୍ୟଗଣ ଦୂରୀକୃତ ହେଲେହେଁ, ନୃପାବଲୋକନ ପତିତ ନୋହିଲା କାରଣରୁ ପରା ପୁରୋହିତ ମାତ୍ର ବଳି ରହିଥିଲେ । ସେ ସିଂହଦ୍ୱାରଦେଇ ନ ଯାଇ ପଛବାଟେ ମାତ୍ର ରାଜପ୍ରାସାଦରେ ପ୍ରବେଶି ବିହିତ କର୍ମ୍ମ କରି ଆସୁଥିଲେ । ତାଙ୍କ ନାମ ବିଶ୍ୱେଶ୍ୱରଶର୍ମ୍ମା । ସେ ବୟସ୍କ, ପଣ୍ଡିତ, ଧର୍ମ୍ମନିଷ୍ଠ ଏବଂ ତପଃଶାଳୀ । ଗୃଧବରାଜ ସ୍ମାର୍ତ୍ତକର୍ମ୍ମରେ ଅବିଶ୍ୱାସୀ ହେଲା ହେତୁରୁ ସେସବୁ ବିଧିବିଧାନ ପୁରୋହିତ କରୁଥିଲେ । ସ୍ୱେଚ୍ଛାଗୃହୀ ହୋଇ ପ୍ରବର୍ତ୍ତୁଥିଲା ସେ ନୃପସନ୍ନିଧିରେ ଏକଦାନେ ଜନୈକ ଚିତ୍ରକାରବିପଟକର ପ୍ରବେଶି ନିଜ ନିର୍ମ୍ମିତ ପଟମାନଙ୍କୁ ଦେଖାଇଲା । ସେ ଚିତ୍ରପଟମାନଙ୍କରେ ରାଜା ଦେଖିଲେ ଯେ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ଚନ୍ଦ୍ରୋ-ଦୟ, ଚନ୍ଦ୍ରାସ୍ତ; ବନପ୍ରକର ପର୍ବତ ପଂକ୍ତି, ସୁନ୍ଦରରମଣୀଚୟ, ସଂଗ୍ରାମଭୂମି, ଦେବାଳୟନିଚୟ, ଦେବତାବିଗ୍ରହସମୂହ, ପୋତସଂକୁଳସାଗର, ବିବିଧ-

ବିହଙ୍ଗ; ନାନାବିଧ ମୃଗ, ସୁନ୍ଦରୀବୃନ୍ଦ ଏବଂ ପୁରୁଷନିବହ । ସେ ପଟମାନଙ୍କ ମଧ୍ୟରୁ ଗୋଟିଏ ପଟ ରାଜାଙ୍କ ନୟନ ଯୁଗଳକୁ ଏବଂ ମାନସକୁ ବନ୍ଦୀକଲା । ସେ ପଟରେ ଏକ ରୂପସୀର ରୂପ ବିଦ୍ୟମାନ । ତାକୁ ମାତ୍ର ରାଜା ଗ୍ରହଣ କରି "ଏ ସୁନ୍ଦରୀ କେଉଁ ପ୍ରଦେଶରେ ବାସ କରେ ? ଏହାର ଡେ଼ବାର-ହାତରେ ଫୁଲବଟା; ଭୁଞ୍ଜିବା ହାତରେ ଗଡୁ । ଏ ସୌନ୍ଦର୍ଯ୍ୟରେ ରମ୍ଭା-ଦମୟନ୍ତୀକୁ ତୁଚ୍ଛ କରେ;" ବୋଲି ପଚାରନ୍ତେ, ସେ ଚିତ୍ରକାର ଜଣାଇଲା ଯେ ସେ ସତୀର ନିବାସ ପ୍ରଭୁଙ୍କ ପତ୍ତନରେ, ବୋଧହୁଏ ସେ ବ୍ରାହ୍ମଣୀ । ସେ ଗୋଟିଏ ପୁଷ୍ପବାଟିକାରୁ ବାହାରି ଗମନ କରୁଥିଲା ସମୟରେ ତାହାର ଅଜାଣାରେ ଏ ପଟଗୃହୀତ । ଏତେ ଶୁଣି ରାଜା ସେହି ପଟକୁ ମାତ୍ର ରଖି, ଉପଯୁକ୍ତ ପାରିତୋଷିକ ଦାନ କରି ଚିତ୍ରକାରକୁ ବିଦାୟ ଦେଲେ ।

ପରେ ସେ ନିଜ ଦୂତିକାମାନଙ୍କୁ ଡକାଇ ତାହାଙ୍କୁ ସେହି ପଟ ଦେଖାଇ "ତୁମ୍ଭ ଭିତରରୁ କିଏ ଏ ରମଣୀକୁ ଆଣି ମୋତେ ଦେବ ?" ବୋଲି ପଚାରନ୍ତେ, ସେମାନେ ଅନ୍ୟାନ୍ୟାନନାବଲୋକନ କରୁଥିଲା ସମୟରେ ସୁଲୋଚନା ନାମ୍ନୀ ଦୂତିକା କର ଯୋଡ଼ି ଜଣାଇଲା—"ମହାରାଜ ! ଏ ସାଧ୍ୱୀକି ଛାଡ଼ି ଆଉ କାହାକୁ ହେଉ ଆଣିଦେବାକୁ ହୁକୁମ ଦେଲେ, ମୁଁ ନିଶ୍ଚେ ଆଣିଦେଇ ପାରିବି । ସେ ମହିଳାର ଶୀଳ ବଜ୍ରଦୁର୍ଗ, ତାହା ମନ୍ମଥର ମଧ୍ୟ ଦୁର୍ଭେଦ୍ୟ ଏବଂ ଦେବତାଙ୍କର ମଧ୍ୟ ଦୁଃସାଧ୍ୟ ।" ଏତେ ଶୁଣି ରାଜା ପଚାରିଲେ—"ସେ କାନ୍ତା କିଏ ? ତୋ ମୁଖରୁ ନିରୁତ୍ସାହ ବଚନ ତ ଆଜଯାଏ ଶ୍ରୁତ ହୋଇ ନ ଥିଲା, ତାହାର ବୃତ୍ତାନ୍ତ କଅଣ ?" ସେ ଦୂତିକା ପ୍ରତ୍ୟୁତ୍ତର ଦେଲା—"ପ୍ରଭୁଙ୍କ ପୁରୋହିତ ବିଶ୍ୱେଶ୍ୱରଶର୍ମା ଯୁବକ ହୋଇ ଥିଲେହେଁ ଜ୍ଞାନବୃଦ୍ଧ । ସେ ନିସ୍ପୃହ ଏବଂ ତପଃସମ୍ପନ୍ନ । ତାହାଙ୍କ ପତ୍ନୀ ସେହି ପତିବ୍ରତା, ସେ ସାର୍ଥକନାମ୍ନୀ ସୁଶୀଳାଦେବୀ । ଲୋକେ କହନ୍ତି ଯେ—

( ଶ୍ଳୋକ ) ସାବିତ୍ରୀ ମନସୂୟାଂଚ ଲୋପାମୁଦ୍ରାମରୁନ୍ଧତୀଂ ।
ସୀତାଂ ସ୍ମରତଚେନ୍ନିତ୍ୟଂ ପାପଂ ନାଶୟତି ଧ୍ରୁବଂ ।

ସୁଶୀଳା ଦେବୀଙ୍କୁ ସେ ପଞ୍ଚମହାସତୀଙ୍କଠାରୁ ଅଧିକତରା ନ ବୋଲି-ଲେହେଁ ତାହାଙ୍କ ସମାନା ବୋଲିବା ନିଃସନ୍ଦେହ । ରାଜା ତାହା କଥାରେ

ବାଧା ଦେଇ କହିଲେ—"ତୋ ବଞ୍ଚନା ବନ୍ଦ କର । ତୁ ତାକୁ ଆଣି ମୋତେ ସମର୍ପିଲେ, ଉପଯୁକ୍ତ ପୁରସ୍କାର ପାଇବୁ, ନୋହିଲେ ତୋ ଗଣ୍ଡିରେ ମୁଣ୍ଡ ରହିବ ନାହିଁ ।"

ରାଜାଙ୍କ କଠୋରାଦେଶ ଶୁଣି ସୁଲୋଚନା ନତ ମସ୍ତକରେ ନିଜ ନିବାସରେ ପ୍ରବେଶି ଏମନ୍ତ ଭାବିଲା—"ଅହା ! ମୁଁ ଏତେକାଳ ଜୀଇଁ କଲି କିସ ? ମାତୃମମତାବିହୀନା କୋମଳାଙ୍ଗୀଙ୍କ କୋମଳ ହୃଦୟକ୍ଷେତ୍ରରେ ମୋହବୀଜାରୋପଣ କରି ତାହାଙ୍କୁ ଭଣ୍ଡାଇ ଆଣି ଏ ଭଣ୍ଡଦଣ୍ଡଧରର କରରେ ସମର୍ପି ଅମାପ ପାପ ଅର୍ଜିଲି । ସେ ପାପ ଫଳ ଏବେ ମୋ ପ୍ରାଣ ହରଣ କରିବ । ମଲେ ନରକନିବାସ ତ ନିଶ୍ଚୟ । ସୁଶୀଳାଦେବୀଙ୍କୁ ଭୁଲାଇବା ମୋ ସାଧ୍ୟାତୀତ । କିସ କରିବି ? ଏବେ ଯାଇ ସେ ସତୀର ପାଦତଳେ ପଡ଼ି ସକଳ ସମାଚାର ଫେଡ଼ି କହିଲେ, ସେ ଦୟାମୟୀ ନିଜର ମାନକୁ ଏବଂ ମୋର ଜୀବନକୁ ରକ୍ଷା କରି ପାରିବ ।" ଏପରି ଭାବି ସେ ରଜନୀରେ ଶୟନ କରି ପ୍ରାତଃକାଳରେ ଉଠି ସ୍ନାନ ସାରି ଧୌତବସନ ପରିଧାନ କରି ମନ୍ଦେ ମନ୍ଦେ ଯାଇ ସୁଶୀଳାଦେବୀଙ୍କ କୁସୁମାରାମରେ ପ୍ରବେଶି ଦେଖିଲା ଯେ ସେ ଦେବୀ ତାରକାତତି ସହ ଚନ୍ଦ୍ରମା ପରି ବିରାଜି କେତେ ବନିତାଙ୍କ ସହିତରେ ଅଶ୍ୱତ୍ଥ ପ୍ରଦକ୍ଷିଣ କରୁଥିଲେ । ସୁଲୋଚନା ତାହାଙ୍କ କତକୁ ଯିବାକୁ ଶଙ୍କି ଗୋଟିଏ ନିକୁଞ୍ଜ ଉହାଡ଼ରେ ରହି ଚାହୁଁଥିଲା । ସେ ସତୀ ପ୍ରଦକ୍ଷିଣ ପରେ ବନିତାମାନଙ୍କୁ ପଠାଇଦେଇ, କେତେକ ସୁବାସ କୁସୁମ ଚୟନ କରି ବଟାରେ ଭରି ଆଣି ଗୋଟିଏ ବେଦିକାର ଉପରେ ବସି, ଦେବୀ ନାମ ସ୍ମରଣ କରି କରି ମାଳା ରଚନ କରୁଥିଲେ । ତେବେ ସୁଲୋଚନା ତାହାଙ୍କ ସମୀପକୁ ଯାଇ ସାଷ୍ଟାଙ୍ଗ ପ୍ରଣାମ କରି କରଯୋଡ଼ି ଦଣ୍ଡାୟମାନା ହେଲା । ସୁଶୀଳାଦେବୀ ତାକୁ କଲ୍ୟାଣ କରି ତାର ବୃତ୍ତାନ୍ତ ପଚାରନ୍ତେ ସେ କହିଲା—"ମୁଁ ମହାପାପିନୀ; ପରମ ପବିତ୍ରକୁଳରେ ଜନ୍ମିଲି, ସୁଲୋଚନା ନାମରେ ଖ୍ୟାତା ହେଲି । ଯୌବନମଦରେ ଜନକଭବନ ବର୍ଜ୍ଜନ କରି, ଏ ରାଜା-ଶ୍ରୟରେ ଥିବା ଜନୈକ ଦ୍ୱିଜର ଆଶ୍ରୟ ଗ୍ରହଣ କଲି । ତାହାର ପ୍ରରୋ-ଚନାରେ ଏବଂ ଧନାଶାରେ ରାଜାଙ୍କ ଦୂତିକା ହୋଇ ଅନେକ କୁଳବଧୂଙ୍କ ଶୀଳରେ କାଳି ବୋଳିଲି । ରାଜାଙ୍କ ପିପାସା କ୍ରମାଭିବୃଦ୍ଧି ହେଉଅଛି । ତାହାର ସୀମା ଦେଖାଯାଉ ନାହିଁ । ଯେଉଁ ପତିବ୍ରତାଙ୍କ ଅଗ୍ରେରତପତି ଖ୍ୟାତି

ପାଇ ପ୍ରଣତି କରଇ, ତାହାଙ୍କ ନିଷ୍କଳଙ୍କ ଚରିତରେ ମୁଁ ପାମରୀ କଳଙ୍କ ଦେଇ ପାରିବି କି ? ରାଜା ଜ୍ଞାନହୀନ ହୋଇ ତୁମ୍ଭଙ୍କୁ ଲଭିବା କାମନା କରି କହିଅଛନ୍ତି ଯେ ମୁଁ ତୁମ୍ଭଙ୍କୁ ନେଇ ତାହାଙ୍କୁ ସମର୍ପିବାକୁ ହେବ; ନୋହିଲେ ମୋ ଗଣ୍ଡିରେ ମୁଣ୍ଡ ରହିବ ନାହିଁ । ମାଆ ! ତୁମ୍ଭେ ପରମ ପତିବ୍ରତା । ତୁମ୍ଭର ଅସାଧ ହୋଇ କିଛିହିଁ ନାହିଁ । ତୁମ୍ଭେ ବିଚାରିଲେ, ତୁମ୍ଭ ଶୀଳକୁ ରକ୍ଷି ମୋତେ ବଞ୍ଚାଇ ପାରିବ । ଅଧିକନ୍ତୁ ମଧ୍ୟ ରାଜାଙ୍କ ଯଶଶ୍ଚନ୍ଦ୍ରଂଶୁରେ କଳଙ୍କକୁ ପୋଛି ଦେଇ ପାରିବ । ମୁଁ ପ୍ରଣାମ ପୂର୍ବକରେ ଜଣାଉଅଛି । ରାଜାଙ୍କ ଅଜ୍ଞାନ ମୋର ଜ୍ଞାନକୁ ଜାତ କଲା । ମୁଁ ନିଷ୍ଠପୂର୍ବରେ ପଶ୍ଚାତ୍ତପ୍ତା ହେଲି । ମୁଁ ଜୀଇଁ ରହିଲେ, ସେ ଦ୍ବିଜକୁ ଏବଂ ରାଜସମ୍ପର୍କକୁ ବର୍ଜନ କରି ତୁମ୍ଭର ଗୃହଦାସୀ ହୋଇ ଶେଷ ଜୀବନ ଯାପନ କରିବି । ଏହା ସତ୍ୟ, ସତ୍ୟ, ସତ୍ୟ ।

ଏତେ ଶୁଣି ସୁଶୀଳା ଦେବୀ ମନ୍ଦେ ହସି ବୋଇଲେ—“ବନିତା ! ତୁ ନିଷ୍ଠପୂର୍ବରେ ପଶ୍ଚାତ୍ତାପକୁ ଲଭିଅଛିଲେ, ପୂତା ହେଲୁ । ପଶ୍ଚାତ୍ତାପ ସର୍ବୋ-ତ୍କୃଷ୍ଟ ପ୍ରାୟଶ୍ଚିତ୍ତ, ଭଗବତୀ ତୋର ମଙ୍ଗଳ ଅବଶ୍ୟ କରିବେ । କାଲି କି ଶୁକ୍ଲାଷ୍ଟମୀ ମଙ୍ଗଳବାର । ତୁ ଯାଇ ରାଜାଙ୍କୁ ମାଗି ଗୋଟିଏ ରୂପାର, ଗୋଟିଏ କଂସାର, ଗୋଟିଏ ପିତଳର, ଗୋଟିଏ କାଚର ଏବଂ ଗୋଟିଏ ପଥରର ଏପରି ପାଞ୍ଚୋଟି ଗିନା ଆଣି ମୋତେ ଦେ । କାଲି ରାତ୍ରି ଦ୍ବିତୀୟ ଯାମରେ ରାଜା ପଞ୍ଚବସ୍ତ୍ର ଧାରଣ କରି ଏକାକୀ ହୋଇ ଆମ୍ଭ ବାଡ଼ି ବାଟେ ପୂଜା ମନ୍ଦି-ରକୁ ଆସି ପ୍ରସାଦ ଗ୍ରହଣ କରନ୍ତୁ ।” ଏତେ ଶୁଣି ସୁଲୋଚନା ସେ ପତି-ବ୍ରତାଙ୍କୁ ପ୍ରଣମି ତଦନୁଜ୍ଞାତା ହୋଇ ବାହାରି ଯାଇ ତତ୍ପରଦିନ ପ୍ରୋକ୍ତ ପାତ୍ରପଞ୍ଚକ ଆଣି ସେ ସତୀଙ୍କୁ ସମର୍ପିଲା ।

ସେ ଦିନ ବିଶ୍ବେଶ୍ବର ଶର୍ମା ସାୟଂ ସନ୍ଧ୍ୟାବନ୍ଦନାଦି ବିହିତ କର୍ମା-ନୁଷ୍ଠାନ ସମାପନ କରି ଶରୀରାଧିକ୍ୟବଶରୁ ଶୀଘ୍ର ଶେଯକୁ ଆଶ୍ରୟ କଲେ । ନିଜ ଜାୟା ଉପୋଷିତା ହୋଇଥିଲା ବିଷୟ ସେ ଜାଣି ନ ଥିଲେ । ସେ ସତୀ କତିପୟ ଘଟିକାଯାଏ ପତିଚରଣ ସମ୍ବାହନ କରି ତଦନୁଜ୍ଞାତା ହୋଇ କଣ୍ଠ-ସ୍ନାନ କରି ରକ୍ତପଟ୍ଟ ପଠା ପିନ୍ଧି ପୂଜା ମନ୍ଦିରରେ ପ୍ରବେଶି ଦୁର୍ଗା ମୂର୍ତ୍ତିଙ୍କୁ ବିଧିମତେ ପୂଜନ କରି ଉପରିକଥିତ ପାତ୍ର ପଞ୍ଚକ ପୂରିତ କ୍ଷୀର ସମର୍ପି ପଦ୍ମା-ସନା ହୋଇ ରୁଦ୍ରାକ୍ଷ ମାଳା ଧରି ଜପ କରୁଥିଲେ ।

ରାଜା ପ୍ରାୟଶଃ ପ୍ରହର ଦ୍ୱୟ ସମୟରେ ପଞ୍ଚଚେଲ ଯୁଗଳ ପିନ୍ଧି ଗୋଟିଏ କଳା ସାଲ୍ ଓଢ଼ଣୀ କରି ସୁଲୋଚନା ଦ୍ୱିତୀୟ ହୋଇ ସୁଶୀଳା ଦେବୀଙ୍କ ବାଡ଼ଦ୍ୱାର ଦେଇ ଭିତରେ ପ୍ରବେଶିଲେ । ସୁଲୋଚନା କବାଟ ବନ୍ଦ କରି ସେଠାରେ ରହିଲା । ରାଜା ମାନ୍ଦ ମନ୍ଦେ ମନ୍ଦେ ଗମନ କରି ଗୋଶାଳାରେ ପ୍ରବେଶି ଗୋପୁଚ୍ଛତାଡ଼ନ ସହନ କରି ତହୁଁ ବାହାରି ପ୍ରଭୁ ସମ୍ମୁଖିକୁ ଶୀତତସ୍କର ପରି ପ୍ରକମ୍ପିତ ଶରୀର ହୋଇ ଯାଇ ପୂଜାମନ୍ଦିର ଦ୍ୱାର-ଦେଶେ ପ୍ରବେଶ ସୁଶୀଳା ଦେବୀଙ୍କ ଆଡ଼କୁ ଦୃଷ୍ଟି ପ୍ରସାରନ୍ତେ; ତାହାଙ୍କ ମନକୁ ସେ ବ୍ରାହ୍ମଣୀ ମାନବୀ ପରି ପ୍ରତୀୟମାନା ନୋହି ସାକ୍ଷାତ୍ ଦୁର୍ଗାଦେବୀ ପରି ପ୍ରତୀୟମାନା ହେଲେ । ତେଣୁ ରାଜା ସହସା ସେ ସତୀକୁ ଦଣ୍ଡପ୍ରଣାମ କରି "ଜନନି ! ମୁଁ ଅପରାଧୀ ଏବଂ ପାତକୀ । ମୋ ଅପରାଧ କ୍ଷମା କର । ସନ୍ତତିର ଦୋଷ କ୍ଷନ୍ତବ୍ୟ ନୁହେଁ କି ?" ବୋଇଲେ ! ସେ ଦେବୀ ଜପ ସମାପନ କରି "ଆୟୁଷ୍ମାନ୍ ଭବ । ସ୍ମୁ କୃତାର୍ଥ । ଏବେ ଏ ଦେବୀପ୍ରସାଦ୍ ଗ୍ରହଣ କର;" ବୋଲି ପ୍ରତ୍ୟେକ ପାତ୍ରରୁ କ୍ଷୀର ରାଜାଙ୍କ ହସ୍ତପଦ୍ମରେ ଢାଳନ୍ତେ, ସେ ଅତ୍ୟନ୍ତ ଭକ୍ତିରେ ପାଞ୍ଚବାର ପାନ କଲେ । ପରେ ସେ ସାଧ୍ୱୀ "କେଉଁ ପାତ୍ରର କ୍ଷୀର ମଧୁରତମ ?" ବୋଲି ପଚାରନ୍ତେ, ରାଜା ଅତ୍ୟନ୍ତ ଲଜ୍ଜିତ ହୋଇ "ସବୁ ସମାନ, ଉପାଧି ମାତ୍ର ଭେଦ । ଜନନି ! ତୁମ୍ଭ କୃପାରୁ ମୋ ହୃଦୟରେ ଜ୍ଞାନ ପ୍ରସରିଲା । ମୁଁ ଏ ଦେବୀଙ୍କର ଏବଂ ତୁମ୍ଭର ସନ୍ନିଧିରେ ପ୍ରତିଜ୍ଞା କରି କହୁଅଛି ଯେ ଏଣିକି ଅଜ୍ଞାନୀ ହୋଇ ମନ୍ଦକର୍ମ ଆଉ ଆଚରିବି ନାହିଁ । ଏହା ମୋହର ତିନିବାର ସତ୍ୟ," ବୋଲି ଅଧଃକଥିତ ପଦ୍ୟଚତୁଷ୍ଟୟ ଗାନ କଲେ ।—

ବାହ୍ୟରେ ପ୍ରଭେଦ ବ୍ୟକ୍ତ ଏ;
ଅନ୍ତର ପଦାର୍ଥ ଗୋଟିଏ ।
ମୂଢ଼ ହୋଇ ମୁଁ ସେ ତଥ୍ୟକୁ,
ନ ଜାଣି ଲଭିଲି ଭ୍ରମକୁ ।
ଜନନି ! କ୍ଷମି ମୋ ଦୋଷକୁ,
ବୁଝାଇ ଦେଲ ତ ସତ୍ୟକୁ ।
ଭେଦ କେବଳ ପାତ୍ରାଳିରେ,
ଜଣା ନ ଯାଏ ତାହା କ୍ଷୀରେ ।

ପରେ ସୁଶୀଳା ଦେବୀ କହିଲେ ମହାରାଜ "ସ ପିତା ଯସ୍ତୁ ପାଳକଃ।" ରାଜା ପାଳକ ଏବଂ ପ୍ରଜାଗଣ ପାଳିତ। ଅତଏବ ଆପଣ ପ୍ରଜାବତ୍ସଳ ହୋଇ ନ୍ୟାୟାବଲମ୍ବନ କରି ପାଳନ କରନ୍ତୁ। ଭଗବତୀ ରାଜାଙ୍କ ମଙ୍ଗଳ କରିବେ।"

ରାଜା ସେ ସତୀଙ୍କୁ ପ୍ରଣମି ତଦନୁଜ୍ଞାତ ହୋଇ ନିଜ ଭବନରେ ପ୍ରବେଶି ସର୍ବ ଦୁର୍ଗୁଣ ପରିତ୍ୟାଗ କରି ନ୍ୟାୟମାର୍ଗରେ ପ୍ରବର୍ତ୍ତି ଚିରକୀର୍ତ୍ତି ଲଭିଲେ।

ଶ୍ରୀ ବିକ୍ରମଦେବ ବର୍ମା

---

# ଗ୍ରୀକ ପୁରାଣ କଥା

ଅସ୍ମଦେଶର ଦେବତାଙ୍କ ଚରିତ ଅସ୍ମଦେଶର ପୁରାଣଗଣରେ କଥିତ ହୋଇଥିବାବଧରେ ଗ୍ରୀକଦେଶର ଦେବତାଙ୍କ ଚରିତ ଗ୍ରୀକଦେଶର ପୁରାଣରେ କଥିତ। ଗ୍ରୀକର ଦେବତାମାନେ ପ୍ରାୟଶଃ ଅସ୍ମ ଦେବତାଙ୍କ ତୁଲ୍ୟ। ଗ୍ରୀକ ପୁରାଣରୁ ଗୋଟିଏ ଚରିତ ଅଧଃ କଥିତ :—

ଜନୈକ ଗ୍ରୀକଭୂପାଳକର ତିନୋଟି ଝିଅ। ତହିଁ ତୃତୀୟାପୁତ୍ରିକାର ନାମ ସୈକି (Psyche)। ସେ ଅତିସୁନ୍ଦରୀ। ସୌନ୍ଦର୍ଯ୍ୟରେ ତାହାର ସମ ହୋଇ ଆଉ କିଏ ନ ଥିଲା। ତାହାର ଦୁଇ ଭଉଣୀ ମଧ୍ୟ ତା ସମ ସୁନ୍ଦରୀ ହୋଇ ନ ଥିଲେ। ସୈକିର ପ୍ରସିଦ୍ଧି ପ୍ରପଞ୍ଚରେ ପ୍ରସରିଲା। ସେ ସମାଚାର ସୌନ୍ଦର୍ଯ୍ୟଦେବତା ଭୀନସ (Venus) ର ଶ୍ରୁତିଗୋଚର ହୁଅନ୍ତେ, ସେ ସୈକିପ୍ରତି ଅସୂୟା ଗ୍ରସ୍ତା ହେଲା। "ସୌନ୍ଦର୍ଯ୍ୟରେ ଭୀନସ ଅସଦୃଶା" ବୋଲି କେବଳ ମାନବ ବଦନରୁ ମାତ୍ର ନୁହେ, ଦେବତାଙ୍କ ବଦନରୁ ମଧ୍ୟ ବାହାରୁ ଥାନ୍ତେ, ଜନୈକ ମାନବୀ ଆପଣାଠାରୁ ବଳିଥିବା ଜାଣି ଭୀନସ ସହି ରହି ପାରିଲା ନାହିଁ। ଅତଏବ ନିଜପୁତ୍ର କ୍ୟୁପିଡ଼ (Cupid-ମଦନ) କୁ ଆଦେଶିଲା କି ସେହିକ୍ଷଣି ମର୍ତ୍ତ୍ୟକୁ ଯାଇ ସୈକିକୁ ବାଣବିଦ୍ଧ କରିବାକୁ ହେବ।

କ୍ୟୁପିଡ଼ ମାତାଦେଶ ଲଭି ରାତିରେ ଦେବଲୋକରୁ ବାହାରି ସୈକର ଶୟନାଗାରରେ ରହସ୍ୟେ ପ୍ରବେଶିଲା । ସେ ସମୟରେ ସୈକ ଗାଢ ନିଦ୍ରା ଲଭିଥିବା ଦେଖି, ସେ ନିଜ ପୁଷ୍ପଧନୁରେ କୁସୁମ ଶର ଯୋଚି ପ୍ରୟୋଗ କଲା । ସେ ଶରାଘାତବଶୁଁ ନିଦ ଭାଗନ୍ତେ ସୈକ ଚେତି ଲୋଚନ ମେଲିଲା । ସେ କାନ୍ତା ଦେବସ୍ତ୍ରୀଙ୍କଠାରୁ ସୁନ୍ଦରତରୀ ହୋଇଥିବା ବିଷୟ କ୍ୟୁପିଡ଼ ଅବଗତ ହୋଇ ଆନନ୍ଦାମ୍ବୁନିଧିରେ ମଗ୍ନ ଏବଂ ସେ ମୋହିନୀ ମୋହ ପାଶରେ ବନ୍ଧ ହେଲା । ପରେ ସେ ସୌନ୍ଦର୍ଯ୍ୟରାଶିର ମୃଦୁଲାଙ୍ଗକୁ ଶରବିଦ୍ଧ କଲା କାରଣରୁ କ୍ୟୁପିଡ ଅତି ଦୁଃଖିତ ହୋଇ ସେ ନାରୀ ଶରୀରରେ କେତେକ ରସାୟନିକ ବିନ୍ଦୁ ସେଚନ କରି ନିଜ ବାଣରେ ସ୍ୱ ଶରୀରକୁ ବିନ୍ଧି କରି ଧେନି ପକ୍ଷଦ୍ୱୟ ମେଲି ଊର୍ଦ୍ଧ୍ୱ ଲୋକକୁ ଉଡ଼ିଗଲା ।

କ୍ୟୁପିଡ଼ ସେହିଠି ଦିବ୍ୟୌଷଧବଶରୁ ସୈକର ଶରୀରବାଧା ସହିତ ଜନାକର୍ଷଣ ଶକ୍ତି ଅପସରିଲା । ଅତଏବ କୌଣସି ରାଜା ତାକୁ ରସିଲା ନାହିଁ । ସେହିହେତୁରୁ ତାହାର ଜନନୀଜନକ ସନ୍ତତ ଚିନ୍ତାନ୍ୱିତ । ତାହାର ଜନକ ଅନନ୍ୟୋପାୟ ହୋଇ "ଅପ୍ପଲୋ'' ( Apolo ) ଦେବଙ୍କ ଶରଣାଗତ ହୁଅନ୍ତେ, ସେ ଦେବ କୃପା କରି କହିଲେ ଯେ, ମାନବମାନଙ୍କ ଏ ମଧ୍ୟ ସୈକର ପତି ହୋଇ ପାରିବ ନାହିଁ । ତାର ପତି ଗୋଟିଏ ଭୂତ । ସେ ଅଦୃଶ୍ୟ ରୂପେ ଏ ନଗର ନିକଟସ୍ଥିତ ପର୍ବତରେ ବାସ କରଇ । ସୈକକୁ ସେ ପର୍ବତ ପାଦ ପ୍ରଦେଶରେ ଛାଡ଼ି ଦେବା କର୍ତ୍ତବ୍ୟ ।

ସେ ଆଦେଶ ଶ୍ରବଣ କରି ରାଣୀ, ରାଜା ଏବଂ ପ୍ରଜାମାନେ ଖେଦାନ୍ୱିତ । ତେବେ ସୈକ ଧୈର୍ଯ୍ୟାନ୍ୱିତା ହୋଇ "ବିଧିବିଧାନ ଅମୋଘ'' ବୋଲି ପ୍ରବୋଧନ୍ତେ, ରାଜାଦେଶରେ ଜନୈକ ବ୍ୟକ୍ତି ତାକୁ ସେ ପର୍ବତର ମୂଳରେ ଛାଡ଼ିଦେଇ ଆସିଲା । ସୈକ ସେଠାରେ ପ୍ରବେଶନ୍ତେ ତାକୁ ମନ୍ଦମାରୁତ ( Zephyr ) ଟେକି ନେଇ ଗୋଟିଏ ମନୋହର କନ୍ଦରର କୋମଳ ଦୂର୍ବାପୂରିତ ପ୍ରଦେଶରେ ଶୟନ କରାଇଲା । ସେ ଚେତିଲା ପରେ ଦେଖିଲା ଯେ ତା ଆଗରେ ଗୋଟିଏ ନବରତ୍ନ ଖଚିତ ସୌଧ ବିଦ୍ୟମାନ । ସେ ସୌଧର ଦ୍ୱାରମାନ ଉନ୍ମୀଳିତ । ଭିତରୁ ଆହ୍ୱାନଧ୍ୱନି ଶ୍ରୁତ । ମଧ୍ୟ ଅନେକଙ୍କର କଳକଳ ଏବଂ ମଧୁର ଗାନ ଶୁଭିଲା । ଜନୈକ ବ୍ୟକ୍ତି ସୈକକୁ

ଭିତରକୁ ନେଲା ପରି ପ୍ରତୀୟମାନ ହୁଅନ୍ତେ, ସେ ସୌଧ ଭିତରେ ପ୍ରବେଶି ଦେଖିଲା ଯେ ତହିଁ ସୁନ୍ଦର ଖରଡ ପକା ଯାଇଅଛି । ମଧ୍ୟ କେଉଁ ସ୍ଥାନରେ ସୁବାସିତ କୁସୁମଗୁଚ୍ଛଚୟ, କେଉଁ ସ୍ଥାନରେ ସୁମଧୁର ଫଳଜାଳ ଏବଂ କେଉଁ ସ୍ଥାନରେ ଦ୍ରବ୍ୟ ପାନୀୟ ପୀଠମାନଙ୍କ ଉପରେ ନ୍ୟସ୍ତ । ହଂସ ତୂଳିକା-ତଳ୍ପାଦି ନାନାବିଧ ଭୋଗୋପଯୁକ୍ତ ପଦାର୍ଥଗଣ ପୂରିତ ହୋଇଥିଲେହେଁ, ସେ ସୌଧ ପ୍ରାଣୀଶୂନ୍ୟ । ସୈକ ଗୋଟିଏ ଦ୍ରବ୍ୟ ପୀଠରେ ବସନ୍ତେ ତା ସମ୍ମୁଖରେ କେତୋଟି ରୁଚ୍ୟଫଳ ଏବଂ ମଧୁର ପାନୀୟ ନ୍ୟସ୍ତ । ସେ ଭୁଞ୍ଜି ଗୋଟିଏ କୋମଳ ଶଯ୍ୟାରେ ଶୟନ କଲା ।

କ୍ୟୁପିଡ୍ ଆସି ତାହାର ଦେହକୁ ଲାଗି ଶେଯ ଉପରେ ବସନ୍ତେ ସୈକ ରେତ କ୍ୟୁପିଡ୍‌ର ଆକାରକୁ ଦେଖି ନ ପାରିଲେହେଁ, ସେ ଏକ ସୁନ୍ଦର ଦ୍ରବ୍ୟ ପୁରୁଷ ବୋଲି ଭାବି ପାରିଲା । 'କ୍ୟୁପିଡ୍ ବୋଇଲା "ମୁଁ ତୋତେ ଭଲେ ରସିଅଛି । ମୁଁ ତୋହର ପତି । ତୋହର ସବୁ ସୁଖ ଏବଂ ଶୁଭ କରିବି । ମାତ୍ର ତୋତେ ଦିଶିବି ନାହିଁ । ପ୍ରତ୍ୟେକ ରାତ୍ରରେ ତୋଠାକୁ ଆସୁଥିବି । ତୁ ଏଠାରେ ଚନ୍ଦ୍ରାହ୍ଲାନା ହୋଇ ରହିଥା । ତୁ ମୋ ରୂପ ଦେଖିବା ପାଇଁ କେବେହେଁ ଯତ୍ନ କର ନା । ସେପରି କଲେ, ଘୋରାନିଷ୍ଟ ଘଟିବ ।

ସୈକ କେତେଟି ମାସ ସେ ସୌଧରେ ସୁଖେ କାଳ ଯାପନ କଲା ପରେ ନିଜ ଭଗ୍ନୀଦ୍ୱୟଙ୍କୁ ଦେଖିବା ଅଭିଳାଷରେ ଜେଫୀର ( ପବନ— Zephyr ) ଙ୍କୁ ପ୍ରାର୍ଥନା କରନ୍ତେ, ସେ ଦୁଇ ଭଉଣୀଙ୍କୁ ସୈକର କତିକି ଆଣିଦେଲା । କନିଷ୍ଠଭଗ୍ନୀ ପରମସୁଖ ଲଭୁଥିବା ଜାଣି ସେ ଦୁହେଁ ଈର୍ଷାଯୁକ୍ତା ହେଲେ । "ମୋ ପତିର ସ୍ୱରୂପ ମୁଁ ଦେଖି ନାହିଁ" ବୋଲି ସୈକ ମୁଖରୁ ଶୁଣି ସେ ଦୁହେଁ ବୋଇଲେ, "ଅପୁଲୋ ଦେବ କହିଲା ପରି ତୋ ପତି ନିଶ୍ଚୟେ ଗୋଟିଏ ଭୂତ ହୋଇଥିବ । ତୁ ତା ରୂପକୁ ଅବଶ୍ୟ ଦେଖିବାକୁ ହେବ । ସେ ରାତିରେ ନିଦ୍ରାବସ୍ଥାରେ ଥିବା ସମୟରେ ଗୋଟିଏ ଦୀପ ଜାଳି ତାହାର ରୂପକୁ ପରଖି କରେ ।"

ଉଦାସୀନା ସୈକ ନିଜ ଭଗ୍ନୀଙ୍କ ପ୍ରବୋଚନାବଶୁଁ ଧବାଦେଶକୁ ଲଙ୍ଘି ଏକ ରାତିରେ ଦୀପ ଜାଳି ନିଜ ପତିର ଆକାରକୁ ବିଲୋକିଲା । ସେ

ଭୂତାକୃତି ନୋହି, ଦିବ୍ୟ ସୁନ୍ଦର ବିଗ୍ରହ । ସେ ପୁରୁଷ ଜରାମରଣରହିତ ମଦନ ( କ୍ୟୁପିଡ଼ ) । ତାହାର ଠାଣି ଦେଖି ସୈକି କମ୍ପମାନା ହୁଅନ୍ତେ, ଆପଣା ହାତରେ ଥିଲା ଦୀପରୁ ତାତଲା ତେଲ ଟୋପାଏ କ୍ୟୁପିଡ଼ର ଦେହରେ ପଡ଼ିଲା । ତତ୍‌କ୍ଷଣେ ସେ ଚେତି ଉଠି ଶଯ୍ୟାବିଗତ ହୋଇ ଅତି କୋପଭରେ ଭାର୍ଯ୍ୟାକୁ ଦୂଷଣ କରି ତୋ ମୁଖ ଆଉ ଦେଖିବି ନାହିଁ ବୋଲି ନିଜ ପକ୍ଷଦ୍ୱୟ ବିସ୍ତାରି ଉଡ଼ିଗଲା ।

ପରେ ସୈକି ନିଜ ମନ୍ଦାଚରଣକୁ ନିନ୍ଦି କାନ୍ଦି କାନ୍ଦି ଧବାନ୍ୱେଷଣୋଦ୍ଦେଶରେ ନାନା ସ୍ଥାନ ଭ୍ରମଣ କରି ଅତ୍ୟନ୍ତ କ୍ଲେଶ ଲଭିଲା । ତାହାର କଷ୍ଟ ଦେଖି ଭୂଦେବୀ ଶିରସ ( Ceres ) ତାହାଠାରେ କରୁଣା କରି କହିଲା, 'ତୁ ତାହାର ପୁଅକୁ ପ୍ରତାରଣା କଲୁ ବୋଲି ତୋ ପ୍ରତି ଭିନସ ଦେବୀ କୁପିତା ହୋଇଅଛି । ତା ଦେଉଳକୁ ଯାଇ ତାକୁ ପ୍ରାର୍ଥନା କରେ । ସେ ଯେଉଁ ଦଣ୍ଡ ବିହିବ, ତାକୁ ନତମସ୍ତକରେ ଗ୍ରହଣ କରେ ।'

ସୈକି ସେହିପରି ଆଚରିଲା । ଭିନସ ତାକୁ ଗୋଟିଏ ଧାନକୋଠି ଦେଖାଇ ତହିଁ ଥିଲା ବିବିଧ ଧାନ୍ୟ ବାଛି ଭିନ୍ନ ଭିନ୍ନ ଗଦା କରିବାକୁ ଆଦେଶିଲା । ସୈକି କିଂକର୍ତ୍ତବ୍ୟବିମୂଢ଼ା ହୋଇଥାନ୍ତେ, କ୍ୟୁପିଡ଼ ପ୍ରେରଣରେ ପିମ୍ପୁଡ଼ିମାନେ ଆସି ସେ କାର୍ଯ୍ୟ ନିର୍ବାହ କଲେ । ପରେ ଭିନସ ତାକୁ ପାତାଳପୁରରେ ଥିଲା ଶୃଙ୍ଗାରଭରିତ ସୁବର୍ଣ୍ଣ ପେଟିକା ଆଣିବାକୁ ଆଦେଶିଲା । ସୈକି ନାନାବିଧ କଷ୍ଟ ସହ୍ୟ କରି ପାତାଳ ପୁରକୁ ଯାଇ ସେ ପେଟିକାକୁ ସମ୍ଭାଳିଲା, କିନ୍ତୁ ସେ ପେଟିକାରେ ଥିଲା ପଦାର୍ଥକୁ ଦେଖିବା ଅଭିଳାଷରେ ତାକୁ ମେଲନ୍ତେ, ତହିଁ ଶୃଙ୍ଗାର ରୂପର ବନ୍ଦୀମଧ୍ୟରେ ଥିଲା ମୃତ୍ୟୁଦେବତା ପ୍ରତ୍ୟକ୍ଷ ହେଲା । ତାହାର ଦର୍ଶନମାତ୍ରେ ସୈକି ଚେତନାହୀନା ହୋଇ ଭୂମିରେ ପଡ଼ିଲା ।

କ୍ୟୁପିଡ଼ ଭାର୍ଯ୍ୟାନ୍ୱେଷଣୋଦ୍ଦେଶରେ ନାନା ଦେଶ ପରିଭ୍ରମଣ କରି ତେବେ ସେ ସ୍ଥାନରେ ପ୍ରବେଶି ନିଜ ଭାର୍ଯ୍ୟାର ଅବସ୍ଥା ଦେଖି ତତ୍‌କ୍ଷଣେ ସ୍ୱର୍ଗକୁ ଯାଇ ନିଜ ପିତା—ଜୁପିଟର ( Jupiter, ଗ୍ରୀକର ପ୍ରଧାନ ଦେବତା ) କୁ ସୈକିର ପ୍ରାଣଦାନ ନିମନ୍ତେ ପ୍ରାର୍ଥନା କଲା । ପରେ ସେ

ପିତୃଦତ୍ତ ପୀୟୂଷକୁ ପାନ କରାଇ ଭାର୍ଯ୍ୟାକୁ ଜୀଆଁଇଲା । ପୀୟୂଷ ପାନବଶୁଁ ସୈକ ଦେବତା ହୋଇ କ୍ୟୁପିଡ଼ ସହିତରେ ବାସ କଲା । ସେ ହିଁ ଗ୍ରୀକଦେଶର ରତି ମଦନ ।

ଶ୍ରୀ ବିକ୍ରମଦେବ ବର୍ମା

---

# ରାଜାଶ୍ରୟବିଧାନ

ଭାରତଖଣ୍ଡରେ ମଗଧଦେଶ ସୁପ୍ରସିଦ୍ଧ । ସେ ଦେଶରେ ପୂର୍ବେ ଉଦୟାର୍କ ନାମକ ନରପତି ପ୍ରଜାପାଳନ କରୁଥିଲେ । ସେ ସାଧୁପ୍ରକୃତିକ ହୋଇଥିଲେହେଁ ତାଙ୍କର ଲୋକଜ୍ଞାନ ନ୍ୟୂନ ହୋଇଥିଲା । ସେ ଦେଶସ୍ଥିତ ଭୈରବ ଶାସ୍ତ୍ରୀନାମକ ବ୍ରାହ୍ମଣ ଶ୍ରୁତିସ୍ମୃତିଜ୍ଞ; କିନ୍ତୁ ଲୋକଜ୍ଞ ନୁହନ୍ତି । ସେ ପଣ୍ଡିତ ରାଜସଭା ପ୍ରବେଶ ଲଭି, କ୍ରମେ କ୍ରମେ ରାଜାଙ୍କ ପ୍ରିୟପାତ୍ର ହେଲେ । ପ୍ରତ୍ୟହ ରାଜା ଶୁଦ୍ଧାନ୍ତପ୍ରବିଷ୍ଟ ହେବା ପର୍ଯ୍ୟନ୍ତ ପଣ୍ଡିତଙ୍କ ସଙ୍ଗ ଛାଡ଼ନ୍ତି ନାହିଁ । ପଣ୍ଡିତଙ୍କ ସହିତରେ ଆଳାପ ନ କଲା ସମୟ ଦୁଃସମୟ ରୂପରେ ରାଜାଙ୍କ ଦ୍ୱାରା ପରିଲକ୍ଷିତ ହେଉଥିଲା । ଏପରି ରାଜାଦର ଲଭ୍ୟ ହେବା ହେତୁରୁ ମନ୍ତ୍ରୀ ପ୍ରଭୃତି କର୍ମଚାରୀଙ୍କୁ ସେ ପଣ୍ଡିତ ଖାତିର କରନ୍ତି ନାହିଁ । ନୃପସମ୍ମାନ ଅତ୍ୟଧିକରେ ଲଭିଥିବା କାରଣରୁ ସେ ବ୍ରାହ୍ମଣ ବାପୁଡ଼ା ପ୍ରତି ମନ୍ତ୍ରୀଠାରୁ ପଦାତି ପର୍ଯ୍ୟନ୍ତ ସମସ୍ତଙ୍କ ହୃଦୟକ୍ଷେତ୍ରରେ ଅସୂୟାଲତା ଅଙ୍କୁରି କ୍ରମରେ ସୁମଫଳ ଧାରଣ କଲା । ଅତଏବ ସେ ସମସ୍ତେ ଏକମାନସ ହୋଇ ସେ ବ୍ରାହ୍ମଣଙ୍କୁ ନୃପ ନିକଟରୁ ଦୂର କରିବାକୁ ନିଶ୍ଚୟ କଲେ । ତତ୍ପର ଦିନ ସେ ପଣ୍ଡିତ ରାଜଦର୍ଶନ ନିମନ୍ତେ ଯାଆନ୍ତେ ଦ୍ୱାରୀ ତାଙ୍କୁ ନବର ଭିତରକୁ ନ ଛାଡ଼ି ସିଂହଦ୍ୱାରରୁ ତଡ଼ି ଦେଲା । ସେ ବିଚାରା କଅଣ କରି ପାରିବେ ? ଆପଣା ମୁଣ୍ଡକୁ ଆଉଁସି ଆଉଁସି ନିଜ ମନ୍ଦିରକୁ ଗଲେ । ତଦବଧି ସେ ନୃପଦର୍ଶନରୁ ବଞ୍ଚିତ ହେଲେ । କିପରି ହେଉ ସେ ନୃପସମ୍ମୁଖୀନ ହୋଇ ପାରିଲେ, ପୂର୍ବ ସମ୍ମାନ ପୁନଶ୍ଚ ପ୍ରାପ୍ତ ହେବ ବୋଲି ତାଙ୍କର ବିଶ୍ୱାସ ଥିଲା । ଅତଏବ ନୃପଦର୍ଶନ ଲାଭ ପାଇଁ ସେ ଅପେକ୍ଷା କରୁଥାନ୍ତି ।

"ଭୈରବ ଶାସ୍ତ୍ରୀ ଅସ୍ମ ନାହାନ୍ତି କାହିଁକି ?" ବୋଲି ରାଜା ପ୍ରଶ୍ନ କରି, ତତ୍ପ୍ରଶ୍ନୋତ୍ତର ରୂପେ ଅବଗତ ହେଲେ ଯେ ଶାସ୍ତ୍ରୀ ଜ୍ୱରରେ ପ୍ରପୀଡ଼ିତ ହୋଇ ରାଜବୈଦ୍ୟଙ୍କ ଦ୍ୱାରା ଚିକିତ୍ସିତ ହେଉଅଛନ୍ତି । କେତେକ ଦିନ ପରେ "ଶାସ୍ତ୍ରୀଙ୍କ ରୋଗ ଗୁରୁତର ହେଲା" ବୋଲି ଏବଂ ଆଉ କେତେକ ଦିନ ପରେ "ଶାସ୍ତ୍ରୀ ପଞ୍ଚତ୍ୱକୁ ପାଇଲେ" ବୋଲି ରାଜା ଅବଗତ ହୋଇ ବିଷାଦାକ୍ରାନ୍ତ ହେଲେ ।

ଆଉ କେତେ କାଳ ପରେ ଦଶହରାର ଆଗମନ । ବିଜୟାଦଶମୀ ରାତିରେ ରାଜା ପଟ୍ଟବାରଣାରୋହଣ କରି ବଡ଼ ପଠୂଆର ସହିତରେ ନଗରରୁ ନିର୍ଗମିଲେ । ସେ ସମୟରେ ଶାସ୍ତ୍ରୀ ପଥପାର୍ଶ୍ୱରେ ଥିଲା ଗୋଟିଏ ତେନ୍ତୁଳି ଗଛ ଚଢ଼ି ତାର ଡ଼ାଳ ଉପରେ ବସିଥିଲେ । ପଟ୍ଟଗଜ ସେ ଗଛର ସମୀପବର୍ତ୍ତୀ ହୁଅନ୍ତେ ଶାସ୍ତ୍ରୀ ଉଚ୍ଚ ସ୍ୱରରେ ବୋଲିଲେ ଯେ "ହେ ମହାରାଜ, ତୁମ୍ଭଙ୍କ ପରିଚାରକେ ଛନ୍ଦ ଭିଆଇ ମୋତେ ତୁମ୍ଭଙ୍କ ସମ୍ମୁଖରୁ ଦୂର କରିଅଛନ୍ତି ।" ଏତେ ଶୁଣି ରାଜା ହାତୀକି ସେଠାରେ ଠିଆ କରାଇବା ପାଇଁ ମାହୁନ୍ତକୁ ଆଦେଶ ଦେଲେ । ସେହିକ୍ଷଣି ମନ୍ତ୍ରୀ ନୃପ ସମୀପବର୍ତ୍ତୀ ହୋଇ ରାଜାଙ୍କୁ ଜଣାଇଲେ ଯେ "ମହାରାଜ, ଭୈରବଶାସ୍ତ୍ରୀ ମରି ବ୍ରହ୍ମରାକ୍ଷସ ହୋଇ ଏ ଗଛକୁ ଆଶ୍ରୟ କରି ରହିଅଛି । ଅତଏବ ଅତିଶୀଘ୍ର ଏ ସ୍ଥାନକୁ ତ୍ୟାଗ କରିବା ବିଧେୟ ।"

ରାଜା ମନ୍ତ୍ରି ବଚନ ପ୍ରତେ କରି ଶାସ୍ତ୍ରୀଙ୍କ ଗୁହାରି ନ ଶୁଣି ସେଠାରୁ ପ୍ରସ୍ଥାନ କଲେ । ତତ୍ପର ଦିନ ମନ୍ତ୍ରୀ ଶାସ୍ତ୍ରୀଙ୍କୁ ସେ ଦେଶରୁ ଘଉଡ଼ାଇ ଦେଲେ । ଶାସ୍ତ୍ରୀ ପାର୍ଷଦଙ୍କୁ ଅବମାନନା କଲା ଫଳ ଭୁଞ୍ଜିବାକୁ ବାଧ୍ୟ ହେଲେ । ଏହି କାହାଣୀକୁ ଶୁଣିଲା ଜନୈକ କବି ଅଧଃ କଥିତ ଶ୍ଳୋକକୁ ରଚିଲେ :—

ଚନ୍ଦ୍ରଃ ସେବ୍ୟୋ ନୃପଃ ସେବ୍ୟୋ ନ ସେବ୍ୟଃ କେବଳଂ ନୃପଃ ।
ପୁରଚନ୍ଦ୍ରାବମାନେନ ଭୈରବୋ ଭୂତତାଂ ଗତଃ ॥

ଶ୍ରୀ ବିକ୍ରମଦେବ ବର୍ମା

# ଆର୍ଯ୍ୟବିବାହାତଙ୍କ

ନବ୍ୟସଭ୍ୟ—କିଶୋରଚନ୍ଦ୍ର ପାଡ଼ି ପୂର୍ବ ଦିଗରୁ ଏବଂ ସନାତନ ଧର୍ମି—ବାସୁଦେବ ନନ୍ଦ ପଶ୍ଚିମ ଦିଗରୁ ପ୍ରବେଶ କଲେ ।

କିଶୋର ।—( ସ୍ୱଗତ ) ଏ ବାସୁଦେବ ନନ୍ଦ ପୂର୍ବାଗ୍ରହପରାୟଣ, ମଧ୍ୟ ଶ୍ରୁତସ୍ମୃତଜ୍ଞ । କିନ୍ତୁ ଅଙ୍ଗ୍ଳବିଦ୍ୟାବିହୀନ ହୋଇ ଥିବାରୁ ଲୌକିଜ୍ଞାନ-ଶୂନ୍ୟ । ଆର୍ଯ୍ୟସଙ୍ଘର ଉପକାରକ—ଶାରଦା ଆଇନ୍‌କୁ ଏ ନିନ୍ଦା କରେ । ଅତଏବ ଅଦ୍ୟ ଏହା ସଙ୍ଗେ ସେ ଆଇନ୍ ସମ୍ବନ୍ଧ ତର୍କୋକିର ଅଳପ ଆନନ୍ଦ ଲଭିବି । ( ପ୍ରକାଶ୍ୟେ ) କିହେ—ନନ୍ଦେ ! ଆପଣ ବ୍ୟଗ୍ରଚିତ୍ତରେ ଥିବା ପରି ପରିଲକ୍ଷିତ ହେଉଛନ୍ତି ।

ବାସୁ ।—କିଶୋରଚନ୍ଦ୍ର ପାଢ଼ି ମହାଶୟ କି ? ବାବୁ । କଅଣ କରିବି ? ସମୟତ ସେପରି ହୋଇଛି । ମୋ ଝିଅର ବିଭା ନିକଟବର୍ତ୍ତୀ । ତାହା ମୋତେ ବ୍ୟତିବ୍ୟସ୍ତ କରୁଅଛି ।

କିଶୋର ।—ଆପଣଙ୍କ ଝିଅର ବୟସ କେତେ ?

ବାସୁ ।—ଦଶମ ବର୍ଷ ।

କିଶୋର ।—କଅଣ ? ଦଶମ ବର୍ଷ ମାତ୍ର ! ଅପଣ ଶାରଦା ଆଇ-ନକୁ ଭୁଲିଗଲେ କି ?

ବୋଲି

ବାସୁ ।—( ମନ୍ଦେ ହସି ) ମୁଁ ଭୁଲି ନାହିଁ । ଅମ୍ଭେମାନେ ଭୁଲି-ଲେହେଁ, ଆପଣମାନେ ଭୁଲାଇବେ କି ? ସେତ ଅମ୍ଭମାନଙ୍କ ହୃଦୟ ଶଲ୍ୟ, ତାକୁ ଭୁଲି ହେବ କି ?

କିଶୋର ।—ନାସ୍ତିଙ୍କ ପରମ ମଙ୍ଗଳକର ଶାସନ ଆପଣମାନଙ୍କ ହୃଦୟଶଲ୍ୟ ହେଲା କିପରି ?

ବାସୁ ।—ତାହା ଦ୍ୱାରା ନାରୀଙ୍କ ମଙ୍ଗଳ ଲେଶ ମାତ୍ର ହେଲେ ଘଟେ ନାହିଁ ।

କିଶୋର ।—ସେ ଆଇନର ପ୍ରଭାବରୁ ଏଣିକି ଭାରତରେ ବାଲ-ବିଧବା ଦେଖାଯିବେ ନାହିଁ । ତାହା ନାରୀଙ୍କ ମଙ୍ଗଳକର ନୁହେ କି ?

ବାସୁ ।—ବାବୁ ! ଦୃଷ୍ଟିହୀନ ନୟନ ନିମୀଳିତ ହୋଇଥିଲେ କି ? ଉନ୍ମୀଳିତ ହୋଇ ଥିଲେ କି ? ବାଳିକା ପ୍ରାୟଶଃ ଚତୁର୍ଦ୍ଦଶ ବର୍ଷ ବୟସ୍କା ହେବା ଯାଏ ବିଧବା ହୋଇ ଥିଲେ କି ? ବିଧବା ନୋହିଥିଲେ କି ? ତାର ବୈଧବ୍ୟ କଷ୍ଟ ଚଉଦ ବର୍ଷ ବୟସ ପରେ ମାତ୍ର ଜ୍ଞାତ ହୁଏ । ଏଣିକି ବାଲବିଧବାଏ ଦେଖା ନ ଗଲେହେଁ, ଚଉଦ ବର୍ଷ ବୟସର ଏବଂ ତଦୁର୍ଦ୍ଧ୍ୱର ବିଧବାମାନେତ ଅବଶ୍ୟ ଦେଖା ଯିବେ । ସେ ଆଇନ୍ ଦ୍ୱାରା ନାରୀଙ୍କ ମଙ୍ଗଳ ସାଧିତ ହେବ କିପରି ? ତାହା ଅନାବଶ୍ୟକ, ଅବାଞ୍ଛନୀୟ ଏବଂ ଅଶାସ୍ତ୍ରୀୟ ବୋଲି ଅଧୁନା ଅନେକ ଯୁକ୍ତି ଦ୍ୱାରା ପ୍ରତିପାଦନ କରି ପାରିବି । କିନ୍ତୁ ତାହା ତ ନିର୍ଦ୍ଧାରିତ ହେଲାଣି । ତତ୍ସମ୍ବନ୍ଧେ ବଚନ ବ୍ୟୟ ନିଷ୍ପ୍ରୟୋଜନ ମାତ୍ର । ଆପଣ ଭଲେ ଭାବନ୍ତୁ—ତାହା ନାରୀ ମଙ୍ଗଳକାରକ ନୁହେଁ; ମାତ୍ର ସନାତନ ଧର୍ମଧ୍ୱଂସକ ଅଟେ ।

କିଶୋର ।—(ସ୍ୱଗତ) ଏ ଅଙ୍ଗ୍ଲପାଠୁଆ ନୋହି ଥିଲେହେଁ, ଏହାର ଯୁକ୍ତି ଠାଣି ଅଟେ । ( ପ୍ରକାଶ୍ୟେ ) ଆପଣ ନିର୍ଦ୍ଧାରିତ ଶାସନ ଧିକ୍କାର କରିବେ କି ? ତାହାହେଲେ କଷ୍ଟ ଭୋଗିବାକୁ ହେବ !

ବାସୁ ।—(ମନ୍ଦେହସି) ଆମ୍ଭେମାନେ ପୂର୍ବାଗୁରୁ ପରାୟଣ ସିନା ।

୨୭

କିଶୋର ।—(ଅଟ୍ଟହାସକରି) ସେ ଆଇନ୍ ପୂର୍ବାଗୁରୁଙ୍କୁ ଉପେକ୍ଷିବ ନାହିଁ । ସାବଧାନ !

ବାସୁ ।—(ମନ୍ଦେ ହସି) ତାହା ମୁଁ ଭଲେ ଜାଣେଁ । ଆପଣଙ୍କ ପରି ଦେଶୋପକାରୀଙ୍କ ଦୃଷ୍ଟି ସର୍ବଦା ଆମ୍ଭମାନଙ୍କ ଉପରେ ନ୍ୟସ୍ତ ବୋଲି ମଧ୍ୟ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ।

କିଶୋର ।—( କ୍ରୋଧରେ ) ଦୋଷ ଆପଣମାନଙ୍କଠାରେ ରଖି ଅସ୍ମମାନଙ୍କୁ ନିନ୍ଦିବା ଅନୁଚିତ । ଆପଣ ରାଜଶାସନୋଲ୍ଲଙ୍ଘନ କରି ବାଳିକା ବିବାହ କରିବା ସମୁଚିତ କି ?

ବାସୁ ।—ସନାତନ ଧର୍ମୀ କେବେହେଁ ଶାସନୋଲ୍ଲଙ୍ଘନ କରେ ନାହିଁ ।

କିଶୋର ।—ତାହା' ହେଲେ,ଆପଣ ଦଶମବର୍ଷୀୟା କନ୍ୟାର ବିଭା କରିବାକୁ ଉଦ୍ୟତ କିପରି ? ଶାରଦା ଆଇନରେ କନ୍ୟାର ବୟସ ଅନ୍ୟୂନ ଚଉଦ ବର୍ଷ ବୋଲି ସୁସ୍ପଷ୍ଟରେ ନିର୍ଦ୍ଧାରିତ ହୋଇଅଛି ତ । ତାହା ଆପଣଙ୍କର ଅଜ୍ଞାତ କି ?

ବାସୁ ।—ଶାରଦା ଆଇନର ନିୟମମାନଙ୍କୁ ମୁଁ ଭଲରୂପେ ଜାଣେଁ । ଶାସନ ଧିକ୍କାର ଅନୁଚିତ ବୋଲିବା ବିଷୟ ମୋର ଅଗୋଚର ନୁହେ । ସେହି କାରଣରୁ ସିନା ମୋ ଝିଅର ବିଭା କରିବାକୁ ମୁଁ ତ୍ୱରିତ ହେଉଅଛି ।

କିଶୋର ।—( ଆଶ୍ଚର୍ଯ୍ୟରେ ) ଆପଣଙ୍କ ଭାଷଣ ଅର୍ଥବିହୀନ ! ସନାତନଧର୍ମୀଙ୍କ ଭାଷଣରେ ପୂର୍ବାପର ସନ୍ଦର୍ଭ ଥାଏ ନାହିଁ । ତାହା ଶୋଚନୀୟ ।

ବାସୁ ।—(ମନ୍ଦେ ହସି) ପୂର୍ବାପର ସନ୍ଦର୍ଭ ଭାବନା ନ କରି ଆପଣ ଭାଷୁଁଛନ୍ତି । ତାହା ନିଶ୍ଚୟରେ ଶୋଚନୀୟ ।

କିଶୋର ।—ଆପଣ "ଶାରଦା ଆଇନର ନିୟମମାନଙ୍କୁ ଭଲରୂପେ ଜାଣେଁ" ବୋଲୁଅଛନ୍ତି; ଏବଂ "ଶାସନ ଧିକ୍କାର ଅନୁଚିତ" କହୁଅଛନ୍ତି । ମଧ୍ୟ ଦଶମବର୍ଷୀୟା କନ୍ୟାର ବିଭା ପାଇଁ ଯତ୍ନ କରୁଅଛନ୍ତି । ଏ ସବୁ ତ ଅସଙ୍ଗତ । ଅତଏବ ଆପଣଙ୍କୁ ଲୋକଜ୍ଞାନଶୂନ୍ୟ ବୋଲିବାକୁ ହେବ ।

ବାସୁ ।—ଆପଣ ବିଲାତରେ ପାଠ ପଢି ଆସିଥିବାରୁ ଆପଣଙ୍କ ଲୋକଜ୍ଞାନ ଅତ୍ୟଧିକ ହୋଇ ଥାଇ ପାରେ ! କିନ୍ତୁ ମାନବର ଆବଶ୍ୟକ ସମଗ୍ର ଜ୍ଞାନ ଲୋକଜ୍ଞାନରେ ମାତ୍ର ପରିସମାପ୍ତ ହୁଏ ନାହିଁ । ଲୋକଜ୍ଞାନକୁ

ବିଳ ବୈଦିକ ଜ୍ଞାନ ବିଦ୍ୟମାନ । ତାହା ଲୋକଜ୍ଞାନର ଅପ୍ରାପ୍ୟ ଆଧ୍ୟାତ୍ମିକ ଜ୍ଞାନକୁ ଜାତ କରେ । ତାକୁ ଧର୍ମ କିମ୍ବା ମତଜ୍ଞାନ ବୋଲନ୍ତି । ସେ ଜ୍ଞାନଦ୍ୱୟ ଦୃଷ୍ଟିରେ ଶାରଦା ଆଇନକୁ ଦେଖି ଯଥାସାଧ୍ୟ ଶାସନାନୁସାରୀ ହେବା ସମୁଚିତ ।

କିଶୋର ।—(ଅଷ୍ଟର୍ଯ୍ୟରେ) ତାହା କିପରି ?

ବାସୁ ।—ଆମ୍ଭେମାନେ ବିବାହ ସମ୍ବନ୍ଧେ ବାଧ୍ୟ ହୋଇ ଅନୁସରିବା ଶାସନ ଅଦ୍ୟ ଦୁଇଟି । ପ୍ରଥମଟି ତ୍ରିଲୋକଜ୍ଞ ଋଷିଗଣ ଶାସନ । ଦ୍ୱିତୀୟଟି ବର୍ତ୍ତମାନ ନବ୍ୟସଭ୍ୟକୃତ ଶାସନ । ପ୍ରଥମଟିର ନାମ ସ୍ମୃତି । ଦ୍ୱିତୀୟଟିର ନାମ ଶାରଦା ଆଇନ୍ । ପ୍ରଥମଟି ଦୈବ ଶାସନ । ଦ୍ୱିତୀୟଟି ରାଜଶାସନ । ଅତଏବ ଉକ୍ତ ଶାସନଦ୍ୱୟ ଆମ୍ଭମାନଙ୍କ ଶିରୋଧାର୍ଯ୍ୟ । କିନ୍ତୁ ଦୁଃଖର ବିଷୟ ଏହି ଯେ ଉକ୍ତ ଶାସନଦ୍ୱୟ ପରସ୍ପର ବିରୋଧୀ । ପ୍ରଥମଟି ଶାସଇ ଯେ, ଦଶବର୍ଷରୁ ଅଧିକବୟସ୍କାକୁ ବିଭା କରିବାକୁ ହେବ ନାହିଁ; ସେପରି କଲେ, ଯମଦଣ୍ଡ ଲଭ୍ୟ ହେବ । ଦ୍ୱିତୀୟଟି ଶାସଇ ଯେ ଚଉଦବର୍ଷରୁ ନ୍ୟୂନବୟସ୍କାକୁ ବିଭା କରିବାକୁ ହେବ ନାହିଁ; ସେପରି କଲେ, ରାଜଦଣ୍ଡ ଲଭ୍ୟ ହେବ । ଏ ପରିସ୍ଥିତିରେ ଶାସନ ତରସ୍କାରୀକିଙ୍କ ହେବା ମୁହିଁ ଯମଦଣ୍ଡରୁ ଏବଂ ରାଜଦଣ୍ଡରୁ ରକ୍ଷା ପାଇବା ପାଇଁ ଦଶମବର୍ଷୀୟା କନ୍ୟାର ବିଭା କରିବାକୁ ବ୍ୟଗ୍ର ହେଉଅଛି । ଏବେ ଆପଣ ଭଲେ ଜାଣିଲେ ତ ?

କିଶୋର ।—( ଅଷ୍ଟର୍ଯ୍ୟରେ ) ଆପଣଙ୍କ ଭାଷଣ ଅୟୋମୟସଦୃଶ ! କାରଣ;—ଆପଣ ଉଦ୍ଦିଷ୍ଟ ବିବାହ ବଳେ ଯମଦଣ୍ଡରୁ ବଞ୍ଚିତ ହୋଇ ପାରନ୍ତି, କିନ୍ତୁ ରାଜଦଣ୍ଡରୁ ବଞ୍ଚିତ ହେବେ କିପରି ?

ବାସୁ ।—ଦଶବର୍ଷ ବୟସ୍କାର ବିଭା କରିବା ସର୍ବଥା ରାଜଶାସନ ବିରୁଦ୍ଧ ନୁହେ । ସେ ଶାସନାନୁସାରେ ଚଉଦ ବର୍ଷରୁ ନ୍ୟୂନବୟସ୍କାର ବିଭା ବ୍ରିଟିଶ ଭାରତରେ ମାତ୍ର କରିବାକୁ ହେବ ନାହିଁ; କିନ୍ତୁ ଅନ୍ୟତ୍ର କରିବାକୁ ହେବ । ଆପଣ ଶାରଦା ଆଇନକୁ ଭଲେ ପଢି ନାହାନ୍ତି ।

କିଶୋର ।—( ବ୍ୟଗ୍ରରେ ) ଆପଣ ଝିଅଙ୍କ ବିଭା ଅନ୍ୟ ସ୍ଥାନରେ କରିବେ କି ?

ବାସୁ ।—ଆଉ କଅଣ କରିବ ? ସନାତନ ପ୍ରଥା ରକ୍ଷଣ ନିମିତ୍ତ ବର୍ତ୍ତମାନ ଅନ୍ୟ ସ୍ଥାନ ମାତ୍ର ଶରଣ । ପରସ୍ପରବିରୁଦ୍ଧ ଶାସନଦ୍ୱୟ ମଧ୍ୟରେ ରହି ପୀଡ଼ା ପାଉଥିବା ସନାତନ ଧର୍ମୀମାନେ ଆଧୁନିକ ପରିଷତ୍‌ସଭ୍ୟମାନଙ୍କୁ ଅତି ଦୀନ ଭାବରେ ପ୍ରାର୍ଥନା କଲେ ସୁଦ୍ଧା ତାଙ୍କ ନିବେଦନ ଅରଣ୍ୟ ରୋଦନରେ ପରିଣତ ହେଲା । ବରଂ ତାଙ୍କ ଉପରେ ଦଣ୍ଡଯୁକ୍ତ ଶାସନ ପ୍ରୟୋଗ କରାଗଲା । ସେମାନେ କନ୍ୟାଙ୍କ ବିଭା ଭାବନା କରିବାମାତ୍ରେ ଏକ ଦିଗରେ ଯମଦୂତେ, ଅନ୍ୟ ଦିଗରେ ରାଜଦୂତେ ଡରାଇବାକୁ ଆରମ୍ଭିଲେ । ଶାସନବଦ୍ଧ ସନାତନଧର୍ମୀମାନେ ଗତିବିହୀନ ହୋଇ ଦୀନବାନ୍ଧବ ମାଧବଙ୍କୁ ପ୍ରାର୍ଥନା କରନ୍ତେ, ସେମାନଙ୍କ ଅନ୍ତରାତ୍ମା କହିଲା ଯେ, "ଅନ୍ୟନ ଶରଣଂ ବ୍ରଜ" । ଅତଏବ ଅନ୍ତରାତ୍ମାଦେଶାନୁସାରେ ମୋ ଝିଅର ବିଭା ଫ୍ରାନ୍‌ସ ପ୍ରଭୁଙ୍କ ପାଳିତ ଚନ୍ଦନ ନଗରରେ କରିବି । ସେଠାରେ ବିଭା କରି ପ୍ରୋକ୍ତ ଦଣ୍ଡ ଦ୍ୱୟରୁ ବଞ୍ଚିତ ହେବି ।

କିଶୋର ।—( ବିମୁଖ ହୋଇ, ସ୍ୱଗତ ) ଏମାନଙ୍କ ପାଇଁ ବାଟଟିଏ ଫିଟିଛି ତ ! ( ପ୍ରକାଶ୍ୟେ ) ଆପଣ ଲୋକମଙ୍ଗଳ କାର୍ଯ୍ୟକୁ କୁପନ୍ଥାଶ୍ରୟରେ ପଣ୍ଡ କରିବାକୁ ଉଦ୍ୟତ ହେଉ'ଛନ୍ତି । ଆଚ୍ଛା—ଅଦ୍ୟ ମୁଁ ଗୋଟିଏ ଅତ୍ୟାବଶ୍ୟକ କାର୍ଯ୍ୟରେ ଏବଂ ଆପଣ ବିବାହ କାର୍ଯ୍ୟରେ ବ୍ୟସ୍ତ । ଅତଏବ ଅନ୍ୟ ସମୟରେ ଶାରଦା ଆଇନର ଲାଭାଲାଭ ସମ୍ବନ୍ଧେ ଚର୍ଚ୍ଚା କରିବା ।

ବାସୁ । ମୁଁ ସର୍ବଦା ପ୍ରସ୍ତୁତ ।

( ଉଭୟଙ୍କ ପ୍ରସ୍ଥାନ )

ଶ୍ରୀ ବିକ୍ରମଦେବ ବର୍ମା ।

# ଭଣ୍ଡଧର୍ମୀ

ଭାରତରେ ଶ୍ରୀଶପୁର ନାମକ ପତ୍ତନ ବିଦ୍ୟମାନ । ତହିଁ କେତୋଟି ଅଦାଲତ, କେତୋଟି ବିଦ୍ୟାଳୟ, ଚିକିତ୍ସାଳୟ; କାରାଗାର, ପୁରନ୍ଦର, ଟେନିସ୍ କୋର୍ଟ୍, ବହୁ ସଂଖ୍ୟକ କାଫି ହୋଟେଲ, କେତୋଟି ଅନାବିନୟାଳୟ, ରିଫ୍ରେସ୍‌ମେଣ୍ଟ୍ ରୁମ୍ ଏବଂ ନାନାବିଧ ପଣ୍ୟ ଥିବାରୁ, ମୋଟର କାର୍, ମୋଟର ବସ୍, ମୋଟର୍ ବାଇସିକଲ୍, ଘୋଡାଗାଡ଼ି, ବଳଦଗାଡ଼ି ପ୍ରଭୃତି ଯାନ ବାହନମାନଙ୍କ ଘର୍ଘରଶବ୍ଦ ସର୍ବଦା ଶ୍ରୁତ ହେଉଥିବାରୁ, ଧୂଳିରଜ ଉପରକୁ ଉଡ଼ି ପଥିକଙ୍କୁ ଅନ୍ଧପ୍ରାୟ କରୁଥିବାରୁ, ମଶକମକ୍ଷିକାଙ୍କ ପ୍ରଭାବ ପ୍ରବଳ ହୋଇ ଥିବାରୁ ଏବଂ ସଂକ୍ରାମକ ରୋଗନିଚୟ ନିରନ୍ତର ନିବାସ କରୁଥିବାରୁ ତାହା ସର୍ବବିଧରେ ଆଧୁନିକ ପତ୍ତନମାନଙ୍କ ସମକକ୍ଷ ।

ତାହାର ଅନତିଦୂରରେ ଅନନ୍ତପୁର ନାମକ ବ୍ରାହ୍ମଣଶାସନ । ତହିଁ ଜଗନ୍ମୋହନ ଷଡ଼ଙ୍ଗୀ ବାସ କରନ୍ତି । ସେ ନାତିଦୀର୍ଘ, ନାତିହ୍ରସ୍ୱ ଏବଂ ସବଳ, ଦୃଢ଼କାୟ । ତାଙ୍କ ବୟସ ପଞ୍ଚାଶକୁ ବଳି ଥିଲେହେଁ, ସେ ତ୍ରିଂଶ ବରଷିଆ ପରି ପ୍ରତୀୟମାନ । ବର୍ଣ୍ଣ ସାବର୍ଣ୍ଣ । ସେ ପଣ୍ଡିତ ନୋହି ଥିଲେହେଁ ପଣ୍ଡିତମ୍ମନ୍ୟ । ତାହାଙ୍କ ସନ୍ତାନ ସ୍ତ୍ରୀ ପୁରୁଷ ମିଶି ପାଞ୍ଚୋଟି । ତନ୍ମଧ୍ୟରେ ଗୋଟିଏ ଦୁହିତା ବିଧବା । ତାହାଠାରେ ଷଡ଼ଙ୍ଗୀଙ୍କର ଅନୁରାଗ ବେଶୀ ବୋଲି ପ୍ରବାଦ । ସେ ବ୍ରାହ୍ମଣ ଗୋସ୍ୱାମୀ ମତାବଲମ୍ବୀ ହୋଇଥିବାରୁ ତାଙ୍କ କାନ୍ଧରେ ତିନିପଟ ପଇତା, କଣ୍ଠରେ ତିନି ସୋର ତୁଳସୀ କଣ୍ଠୀ, ଅଙ୍ଗରେ ଗୋପ ଚନ୍ଦନ ସହିତ ଦ୍ୱାଦଶାଙ୍ଗ ପୁଣ୍ଡ୍ର ଏବଂ ଦକ୍ଷିଣ ହସ୍ତରେ ଝୁଲି ବିଦ୍ୟମାନ । ତାଙ୍କର ପୈତୃକ ଧନ କିଛି ଥିଲା । ସେ ସେ ଧନକୁ ସେ ଶାସନର ଅନ୍ୟାନ୍ୟ ବ୍ରାହ୍ମଣଙ୍କୁ ବେଶୀ ସୁଧରେ ଋଣ ଦେଇ କ୍ରମ କ୍ରମରେ ସମସ୍ତଙ୍କ ସର୍ବବିଧ ଘରର ସମ୍ପତ୍ତି ନିଜେ ଦଖଲ କରି ସେ ଶାସନର ଏକାଧିପତି ହୋଇ ଅଛନ୍ତି । ସେ ପ୍ରତ୍ୟେକ ଦିନ ଦେବାର୍ଚ୍ଚନ କରି ଜଗନ୍ନାଥ ଦାସଙ୍କ ଭାଗବତରୁ ଗୋଟିଏ ଅଧ୍ୟାୟ ପାରାୟଣ ନ କଲେ ଭୋଜନ କରନ୍ତି ନାହିଁ । ତାଙ୍କ ଘରର ସମସ୍ତେ "ମାସୋପବାସୀ" । ତଦ୍ଭିନ୍ନ ଏକାଦଶୀରେ, ଶ୍ରୀକୃଷ୍ଣା-

ଷ୍ଟମୀରେ, ରାଧାଷ୍ଟମୀରେ, ବାମନଜନମ ଦିନରେ, ଚୈତନ୍ୟ ଜନ୍ମ ଦିନରେ, ଶ୍ରୀରାମନବମୀରେ ଏବଂ ନୃସିଂହ ଚତୁର୍ଦ୍ଦଶୀରେ ତାଙ୍କ ଘରେ ଚୁଲ୍ଲୀ ଆଦୌ ଜଳେ ନାହିଁ । ତାଙ୍କ ଘରେ ବାଲବୃଦ୍ଧାତୁରମାନେ ମାତ୍ର କିଛି ଜଳଖିଆ କରନ୍ତି । ସେହିଦିନମାନଙ୍କରେ ମଧ୍ୟ ଷଡ଼ଙ୍ଗୀ ମହାଶୟ ସାୟଂସମୟରେ ମୋଟରକାର୍ ଚଢିଯାଇ ରିଫ୍ରେସ୍‌ମେଣ୍ଟ ରୁମ୍‌ରେ ଘଣ୍ଟାଏ ବସିଆସିବା ବନ୍ଦ କରନ୍ତି ନାହିଁ । ତାହାଙ୍କ ଆଶୟ ଏହି ଯେ, ଏ ଜନ୍ମରେ ଯେ ଯାହାକୁ କିଛି ଦିଏ, ପର ଜନ୍ମରେ ସେ ତାହାଠାରୁ ତାହା ଗ୍ରହଣ କରିବାକୁ ବାଧ୍ୟ ହୁଏ । ଅତଏବ ସେ କାହାକୁ କିଛିହିଁ ଦିଅନ୍ତି ନାହିଁ । ସେ ରଇତଙ୍କ ରକ୍ତଶୋଷଣ କରିବାରେ ଅକୁଣ୍ଠିତ । ତାଙ୍କ ହୃଦୟଦେଶେ ଜୀବରେ ଦୟା ଏବଂ ହରି-ନାମରେ ବିଶ୍ୱାସ ଲେଶମାତ୍ର ହେଲେ—ନ ଥିଲେହେଁ ବାହ୍ୟକୁ ସସ୍ମିତ ବଦନରେ ମୃଦୁ ମଧୁର ଭାଷଣ କରି ବାରଂବାର "ରାଧେ ଶ୍ୟାମ—ରାଧେ ଶ୍ୟାମ" ବୋଲୁଥାଆନ୍ତି । ମଧ୍ୟ ପ୍ରତ୍ୟେକ ବିଷୟରେ ସନାତନ ଧର୍ମ ନାମ ରଟନ କରୁଥିବାରୁ ସେ "ଖାଣ୍ଟି ସନାତନଧର୍ମୀ" ବୋଲି ପ୍ରସିଦ୍ଧ ହୋଇ ଅଛନ୍ତି । ସେ ଧନୀ ହୋଇଥିବାରୁ ତାଙ୍କୁ ସମସ୍ତେ ମାନ୍ୟ କରନ୍ତି । "ସର୍ବେ ଗୁଣାଃ କାଞ୍ଚନମାଶ୍ରୟନ୍ତି" । ନବ୍ୟସଭ୍ୟ ସମ୍ମେଳନୀ ବ୍ୟତୀତ ଅନ୍ୟାନ୍ୟ ସଭାସମ୍ମେଳନୀ ମାନଙ୍କରେ ପ୍ରାୟଶଃ ସେହି ହୁଅନ୍ତି ସଭାଧ୍ୟକ୍ଷ । ଷଡ଼ଙ୍ଗୀଙ୍କ ପରି ଭଣ୍ଡଧର୍ମୀ ଏ ଦେଶରେ ବହୁ ସଂଖ୍ୟକ ବିଦ୍ୟମାନ । ସେମାନଙ୍କ ବାହ୍ୟା-ଡ଼ମ୍ବରକୁ ମାତ୍ର ଦେଖି ଲୋକେ ଭ୍ରମି ସେମାନଙ୍କୁ ଅଗ୍ରାସନ ଦିଅନ୍ତି । ଭଣ୍ଡ-ଧର୍ମୀମାନେ ଘୃଣିତ ଏବଂ ସଦ୍ଧର୍ମୀମାନେ ପୂଜିତ ହେବାଯାଏ ଦେଶର ଉନ୍ନତି ଅସମ୍ଭବ । ଇତି ।

ଶ୍ରୀ ବିକ୍ରମଦେବ ବର୍ମା

ବିଶାଖାପଟ୍ଟଣ, ୨୪।୫।୩୬

# ବୁଦ୍ଧ ଚରିତ ନାଟକ

ଶ୍ରୀ ବିକ୍ରମଦେବ ବର୍ମ୍ମା

## ନାଟକର ପାତ୍ରାବଳୀ

### ● ପୁରୁଷ ●

| | |
|---|---|
| ଗୌତମ-ବୁଦ୍ଧ— | କପିଳବସ୍ତୁ ନଗର ଯୁବରାଜ—କଥାନାୟକ |
| ଭୀମ, ସୋମ— | ଯୁବରାଜଙ୍କ ସେବକଦ୍ୱୟ |
| ଛନ୍ନ— | ଯୁବରାଜଙ୍କ ସାରଥି |
| ରାହୁଲ — | ଯୁବରାଜଙ୍କ ଶିଶୁ ପୁତ୍ର |
| ଆନନ୍ଦ ମିଶ୍ର—<br>ଗୋପାଳ ଗୌଡ଼—<br>ନିଶାକର, ଦିବାକର—<br>ଦତ୍ତାତ୍ରେୟ ଶର୍ମ୍ମା—<br>ବୀରବର ବର୍ମ୍ମା—<br>ଧନଦ ଗୁପ୍ତ—<br>ସାଧୁଚରଣ ଦାସ—<br>ଆଉ କେତେ ଜଣ । | କପିଳବସ୍ତୁ ନଗରନିବାସୀ |
| ସୂତ୍ରଧାର— | ନାଟ୍ୟାଧ୍ୟକ୍ଷ |
| ମାରିଷ | ନଟ |

### ● ସ୍ତ୍ରୀ ●

| | |
|---|---|
| ଯଶୋଧାରା— | କପିଳବାସ୍ତୁ ନଗର ଯୁବରାଜ୍ଞୀ—କଥା ନାୟିକା |
| ଚେଟୀ— | ଯୁବରାଜ୍ଞୀଙ୍କ ଦାସୀ |
| ସୁଜାତା ଗୌଡୁଣୀ— | ଗୟା ସମୀପସ୍ଥିତ ପଲ୍ଲୀବାସିନୀ |

# ବୁଦ୍ଧ ଚରିତ

—ନାନ୍ଦୀ—

ଶ୍ଳୋକ— ଶ୍ରିତଜନପରିପାଳଂ ସାମଗାନାତିଲୋଲଂ
କଳିତସୁଗୁଣବାରଂ ଜ୍ଞାନବିଜ୍ଞାନପୂରଂ ।
ଭବଜଲନିଧିସେତୁଂ ବିଶ୍ୱକଲ୍ୟାଣହେତୁଃ
ମୁନିହୃଦୟଚରନ୍ତଂ ନୌମି ସର୍ବେଶ୍ୱରଂ ତଂ ।

ଶ୍ଳୋକ— ଯସ୍ୟ ଜ୍ଞାନମସୀମଞ୍ଚ କାରୁଣ୍ୟଂ ସାଗରୋପମଂ,
ଗୁଣୈଃ କଲ୍ୟାଣସମ୍ପୂର୍ଣ୍ଣୋ ମଙ୍ଗଳଂ ସଦାଦାତୁ ବଃ ।

( ନାନ୍ଦ୍ୟନ୍ତରେ )

ସୂତ୍ରଧାର—( ଯବନିକାକୁ ଚାହିଁ ) ମାରିଷ, ଅବସର ଥିଲେ ଥରେ ଏଠାକୁ ଆସ ।

ମାରିଷ—( ପ୍ରବେଶ ) ଆର୍ଯ୍ୟଙ୍କ ଆଦେଶ କଅଣ ?

ସୂତ୍ର—ଦେଖୁ ନାହିଁ ଏ ବିଜ୍ଞ ସଭାମଣ୍ଡଳୀକୁ ? ଗୋଟିଏ ନୂତନ ନାଟକ ଅଭିନୟ କରି ଏହାର ରଞ୍ଜନ କରିବାକୁ ହେବ ?

ମାରି—କେଉଁ କବି ବିରଚିତ, କେଉଁ ନାଟକ ଅଦ୍ୟ ଅଭିନୀତ ହେବ ?

ସୂତ୍ର— ଭାରଦ୍ୱାଜ-ଗୋତ୍ର ପବିତ୍ର ଚରିତ୍ର
କୃଷ୍ଣଚନ୍ଦ୍ର ଦେବ ସୁତ
ଶ୍ରୀ ବିକ୍ରମ ଦେବ ବର୍ମ ଧରାଧବ-
ରଚିତ ବୁଦ୍ଧ ଚରିତ ।

ମାରି—କଅଣ ! ତାହା ସମ୍ଭବ ? ବୁଦ୍ଧ ଚରିତ ତ ଶାନ୍ତରସପ୍ରଧାନ, ବୃଦ୍ଧକବି ଆପଣାର ଅବସ୍ଥାନୁସାରେ ସେ ଚରିତକୁ ନିର୍ବାଚନ କରିଥିବେ । ତାହା ଶ୍ରାବ୍ୟକାବ୍ୟ ହୋଇଥିଲେ ସମୀଚୀନ ହୋଇଥାନ୍ତା, କିନ୍ତୁ ଦୃଶ୍ୟକାବ୍ୟ ହେବା ଅସମୀଚୀନ ଆଲଙ୍କାରିକ ମତ ଏହି କି—

ଶୃଙ୍ଗାର ବା ବୀରରସ ଅଙ୍ଗୀ ନାଟକର,
ଅନ୍ୟ ରସମାନ ଅଙ୍ଗ ତାହାର ନିକର ।

ସୂତ୍ର—ତାହା କବିଙ୍କ ଅବିଦିତ ନୁହେଁ । ତାହାଙ୍କ ଅଭିମତ ଏହିଯେ ଅନେକ ବିଷୟରେ ଆଧୁନିକ ଜନଙ୍କ ମତ ବଦଳି ଯାଇଥିବାରୁ ନାଟକ ରସସମ୍ବନ୍ଧେ ମଧ୍ୟ ତାହା ପରିବର୍ତ୍ତିତ ହୋଇଥିବ । ମଧ୍ୟ କେବଳ ମଧୁର ରସାସ୍ୱାଦନ କରୁଥିବା ରସନା ମଧ୍ୟେ ମଧ୍ୟେ ଅନ୍ୟ ରସ-ଲାଳସୀ ହେବା ପରି ଶୃଙ୍ଗାରବୀରରସପ୍ରଧାନ ନାଟକ ଦର୍ଶକଙ୍କ ମାନସ ଶାନ୍ତରସପ୍ରଧାନ ନାଟକରେ ଇଚ୍ଛୁକ ହୋଇଥିବ ।

ମାରି—ଆର୍ଯ୍ୟ, ମୋ ମନରୁ ସନ୍ଦେହ ଦୂର ହେଉ ନାହିଁ ।

ସୂତ୍ର—ଆମ୍ଭମାନଙ୍କ କର୍ତ୍ତବ୍ୟ—ଅଭିନୟ କରିବା ମାତ୍ର, ଗୁଣାଗୁଣ ନିର୍ଣ୍ଣୟ କରଣଭାର ଗୁଣୀଙ୍କଠାରେ ନ୍ୟସ୍ତ ।

ମାରି—ତେବେ, ମୋତେ ଏବେ କଅଣ କରିବାକୁ ହେବ ?

ସୂତ୍ର—ଗୋଟିଏ ଋତୁକୁ ଆଶ୍ରୟ କରି ଗାଇ ଏ ସଦସ୍ୟଙ୍କ ଆରାଧିବା କର୍ତ୍ତବ୍ୟ ।

ମାରି—କେଉଁ ଋତୁକୁ ଆଶ୍ରୟ କରି ?

ସୂତ୍ର—ପ୍ରଥମ ଋତୁକୁ ପରିତ୍ୟାଗ କରି ପର ଋତୁକୁ ଆଶ୍ରୟ କରିବା ଅନୁଚିତ ।

ମାରି—

—ଗୀତ—

ପୁନ୍ନାଗ ରାଗିଣୀ—ଆଦିତାଳ

ଦେଖ ହେମନ୍ତ ସମୟ,
ଅଖଣ୍ଡଳ ଗୃପଶୂନ୍ୟ ଶୂନ୍ୟ ହିମମୟ । ପଦ ।

ସର ସ୍ୱଚ୍ଛଜଳେ ହଂସକୂଳେ ସୁଶୋଭିତ
ପୁରବ୍ରଜ ଅବିରତେ ହସନ୍ତୀ ସଂଯୁତ । ୧ ।
ନରଚର ଗୁରୁପଦଧାରଣେ ଆସକ୍ତ
କର ଦେଇ କୃଷ୍ଣକାଳି ଋଣରୁ ବିମୁକ୍ତ । ୨ ।
ଅରବିନ୍ଦମିନ୍ଦ କରେ ମାନସ ସବିଗ ।
ସରସିଜାତ ଶାନ୍ତିବ କରେ ସେ ବିସ୍ମିଗ । ୩ ।

ସୂତ୍ର—ମାରିଷ,

ସଙ୍ଗୀତରାଗରେ ଅନନ୍ଦସାଗରେ
ଭାସଇ ମୋହର ମନ,
ଏ ଉଦ୍ୟାନବନେ ବିହାରକରଣେ
ଗୌତମଚରି ଯେସନ ।

( ଉଭୟଙ୍କ ପ୍ରସ୍ଥାନ )

## ଏହା ପ୍ରସ୍ତାବନା

## ପ୍ରଥମାଙ୍କ

ଦୃଶ୍ୟ—ଉଦ୍ୟାନବନ

( ଗୌତମ ଆସୀନ )

ଗୌତମ—( ସ୍ୱଗତ )

—ଗୀତ—

ଝିଂଝୋଟୀ ରାଗିଣୀ—ଏକ୍ତାଲ

ଭଲ୍ଲ ଦିଶେ ଅଦ୍ୟ ଉଦ୍ୟାନ କେଡେ ଶୋଭନ । ପଦ ।
ବହେ ଗୋଲାପ ସେବତୀ ସୁବାସ ପବନ । ଭଲ୍ଲ ।
ଖଗାଳି ମଞ୍ଜୁଳ ସ୍ୱରାଳି କର୍ଣ୍ଣରଞ୍ଜନ
ଲତାସମୂହ ବାତବଶୁଁ କରେ ନର୍ତ୍ତନ । ୧ ।
ମରାଳଦମ୍ପତି ପ୍ରଯୁକ୍ତ ନିର୍ମଳୋଦକ
ସରୋବରେ ବିରାଜ ନେତ୍ରମୋଦକାରକ । ୨ ।

ଏହି ଉଦ୍ୟାନବନ ମନୋହର ହୋଇଥିଲେହେଁ, ପ୍ରିୟାସଙ୍ଗ-ବିହୀନରୁ ଏହା ହୃଦୟଙ୍ଗମ ହୋଇ ପାରୁ ନାହିଁ । ତାଙ୍କର ଏଠାକୁ ଆସିବାରେ ବିଳମ୍ବ ଘଟିଲା କାହିଁକି ? ( ଏକଦିଗ ନିରୀକ୍ଷଣ କରି ) ଏଇଟି, ସେ ଆସୁଅଛନ୍ତି !

ଯଶୋଧାରା—( ପ୍ରବେଶି ) ଜୟ ଆର୍ଯ୍ୟପୁତ୍ର !

ଗୌ—ପ୍ରିୟା, ତୁମ୍ଭେ ମୋ କତରେ ନ ଥିବାରୁ ଏ ଉଦ୍ୟାନ ଅସୁନ୍ଦର ହୋଇଥିଲା । ଏବେ ଏହା ନନ୍ଦନବନ ସମାନ, ଆସ ମୋ କତରେ ବସ ।

ଯଶୋ—( ବସି ) ତାହା ମୋ ପ୍ରତି ଆର୍ଯ୍ୟପୁତ୍ରଙ୍କ କୃପାର ପରିଚାୟକ ।

ଗୌ—ତାହା ମୋ କୃପାର ପରିଚାୟକ ନୁହେଁ, କିନ୍ତୁ ତୁମ୍ଭ ଲାବଣ୍ୟର ପରିଚାୟକ ।

ସନ୍ତତ ବିକାଶ ମାର୍ଦ୍ଦବର କୋଶ
ନିଷ୍କଳଙ୍କ ତୁମ୍ଭ ମୁହଁ,
ତା ସମ ନଳିନ ଚିକ୍କଣ ଦର୍ପଣ
ଚନ୍ଦ୍ର ବୋଲିବ କି କହ ?
କୁରଙ୍ଗେ ଖଞ୍ଜନେ ନାହିଁ ଘେନ ମନେ
ତୁମ୍ଭ ନେତ୍ରଭଙ୍ଗୀ ଛଳେ,
ମଧ୍ୟମର ଡ଼ମ୍ବୁ କେଶରୀ ଡ଼ମ୍ବରୁ
ଶିବା ଶିବଙ୍କୁ ଭଜିଲେ ।
ଶ୍ରୀକରଚରଣ ଭୟରୁ ନଳିନ
କିଶଳୟ ବନସ୍ଥିତ,
ଶରୀରର ଛଟା ବିଲୋକି ବିଜୁଳି
କ୍ଷଣପ୍ରଭା ହେଲା ସତ ।

ଯଶୋ—ଆର୍ଯ୍ୟପୁତ୍ର ତ କବିରାଜ !

ଗୌ—( ସହାସ୍ୟେ ) କଳିଙ୍ଗ ଦେଶର ବୈଦ୍ୟବୃତ୍ତିଜାତିକ ପଣ୍ଡିତ ବୋଲାଉଥିବା ପରି ବଙ୍ଗଦେଶର ବୈଦ୍ୟବୃତ୍ତିଜାତିକ କବିରାଜ ବୋଲାଏ । ମୋତେ ସେ ଜାତିକ କଲ କି ?

ଯଶୋ—ବଙ୍ଗଦେଶରେ "ଚକ୍ରବର୍ତ୍ତୀ" ପଦ ନିରର୍ଥକ ହୋଇଥିବା ପରି କବିରାଜ ପଦ ମଧ୍ୟ ନିରର୍ଥକ । କବି ବୋଲନ୍ତେ ବ୍ରହ୍ମଜ୍ଞାନୀ ଏବଂ ଗଦ୍ୟପଦ୍ୟ-ରଚୟିତା । ତୁମ୍ଭେ କବିବର ଏବଂ ରାଜା ହୋଇଥିବାରୁ ତୁମ୍ଭଠାରେ କବିରାଜ ପଦ ଉଭୟାର୍ଥରେ ସାର୍ଥକ ।

ଗୌ— ତୁମ୍ଭ ସୌନ୍ଦର୍ଯ୍ୟ ଏବଂ ଚାତୁର୍ଯ୍ୟ ସ୍ୱଦେଶେ ଏବଂ ବିଦେଶେ ବିଖ୍ୟାତ ହୋଇଥିବାରୁ ତୁମ୍ଭ ଯଶୋଧାରା ନାମଟି ସାର୍ଥକ ଅଟେ ।

ଚେଟୀ—( ପ୍ରବେଶି ) ଦେବୀ ! ତୁମ୍ଭଙ୍କୁ ଦେଖିବା ଲାଳସାରେ ମହାଦେବୀ ବିରାଜମାନା ।

ଗୌ—ଏବେ ତୁମ୍ଭେ ଯାଇ ଶାଶୁଙ୍କ ଦର୍ଶନ କର । ପ୍ରିୟା, କେତେକ୍ଷଣ ମୁଁ ଭ୍ରମଣ କରି ପରେ ଯାଇ ମାତୃପାଦାଭିବନ୍ଦନ କରିବି ।

( ସମସ୍ତଙ୍କ ପ୍ରସ୍ଥାନ )

ଦୃଶ୍ୟ—ଉଦ୍ୟାନ

( ଗୌତମ ଗୃହି ଗୃହି ପ୍ରବେଶ

ଗୌ—( ତଳକୁ ଦେଖି, ସ୍ୱଗତ ) ଏ କଅଣ ! ହଂସପକ୍ଷୀଟି ଏଠାରେ ପଡ଼ିତ ! ( ହଂସକୁ ଟେକି ଧରି ବିଷାଦରେ )

—ଗୀତ—

ନାଟକୁରଞ୍ଜି ରାଗିଣୀ—ରୂପକତାଳ

ଅହା କେଉଁ କ୍ରୂର ଏ କୁକର୍ମ କରିଲା । ପଦ ।
ପାଷାଣ ସମାନ ହିଆ କିମ୍ପା ବହିଲା ? ଅହା !
ଏହା ମୃଦୁଳାଙ୍ଗ ଚଣ୍ଡ କାଣ୍ଡେ ଫୋଡ଼ିଲା
ହଂସର ଅମୂଲ୍ୟ ପ୍ରାଣବାୟୁ ହରିଲା । ୧ ।
ଆପଣା ରସନାସୁଖ ମାତ୍ର ପାଇଁଲା
ସବୁ ଜୀବ ସମ ବୋଲି କି ନ ଜାଣିଲା ? । ୨ ।

ଅହା ! ଅଜ୍ଞବ୍ୟକ୍ତି ରସନାଚାପଲ୍ୟରେ, ବିଳାସବଶରେ କିମ୍ବା ନିଜର ଅନ୍ୟ ପ୍ରୟୋଜନରେ ପ୍ରାଣିପ୍ରାଣହରଣ କରେ । ଦୁଃଖର ବିଷୟ ଏହି ଯେ, ପରର ଜୀବନ ନିଜର ଜୀବନ ପରି ବୋଲି ଭାବେ ନାହିଁ । ଅହା ! କରୁଣାହୀନ ଜନଠାରୁ ବନର ବ୍ୟାଘ୍ର ଶ୍ରେଷ୍ଠତର । ରସନାଲାଳସ-ନର ସକରୁଣ ହେବ କିପରି ? "ମଦ୍ୟପସ୍ୟ କୁତଃ ସତ୍ୟଂ କୁତୋ ମାଂସାଶିନୋ ଦୟା" ଅହୋ !

ଜୀବନ ଜନ୍ତୁର ହରଣ ସୁକର
ଦୁଷ୍କର ଜୀବନଦାନ,
ସ୍ୱାର୍ଥପର ହୋଇ ବିବେକ ହରାଇ
ନର ହରେ ପରପ୍ରାଣ ।
ମଡ଼ାପୋଡ଼ା ସ୍ଥାନ ଅଟେ ତ ଶ୍ମଶାନ
ନିଜ ଗର୍ଭେ ପୋତି ତାକୁ,
ବାଞ୍ଛିବ କି ଧୀର ପେଟ ଆପଣାର
ଶ୍ମଶାନ କରି ଦେବାକୁ ?

( ପଶ୍ଚିମ ଦିଗକୁ ଦେଖି )

—ଶ୍ଳୋକ—

ନାମସମ୍ବନ୍ଧଚଣ୍ଡାଂଶୁ ହଂସାଙ୍ଗ ଅପଣା କରେ
ଦୁଃଖେ ସ୍ପର୍ଶି ପ୍ରତୀଚ୍ୟବ୍ଧି ନୀରସ୍ନାନାର୍ଥରେ ଗଲା ।
ବର୍ଣ୍ଣସମ୍ବନ୍ଧୁ ଡାକିଲା ଦୁଃଖୋଡରେକ ହେତୁରୁ
କାନ୍ତି ଯାନ୍ତେ ଦିଗେ ଦୃଶ୍ୟାଦୃଶ୍ୟାକାରେ ନଭସ୍ଥଲେ ।

ଏବେ ଯାଇ ଏ ପକ୍ଷୀର କଳେବର ଭୂସ୍ଥାପିତ କରାଇ ମାତୃପାଦାଭି-ବନ୍ଦନ କରିବି ।

( ପ୍ରସ୍ଥାନ )

---

# ଦ୍ୱିତୀୟାଙ୍କ

## ଦୃଶ୍ୟ—ପଥ

[ ଭୀମ ଏବଂ ସୋମଙ୍କର ପୂର୍ବାପର ଦିଗରୁ ପ୍ରବେଶ ]

ଭୀମ—ସୋମ, ତେଡ଼େ ଶୀଘ୍ର ଶୀଘ୍ରରେ କୋଠାକୁ—?

ସୋମ—ଯୁବରାଜଙ୍କ ଆଦେଶରୁ ସାରଥିକି ଡାକି ଆଣିବାକୁ ଯାଉଛି, ଭୀମ !

ଭୀମ—ଏଡ଼େ ସଅଳ ସାରଥିର ଲୋଡ଼ା କାହିଁକି ?

ସୋ—ଆଜ ଯୁବରାଜଙ୍କ ଇଚ୍ଛା କପିଳବସ୍ତୁରେ ଭ୍ରମଣ କରିବାକୁ ।

ଭୀ—ଜାଣି ନାହିଁ କି ମହାରାଜ ଶୁଦ୍ଧୋଦନଙ୍କ ଆଦେଶ—"ଯୁବରାଜ ଏ ଉଦ୍ୟାନ ଏବଂ ଏହାର ପ୍ରାନ୍ତର ଡେଇଁ ଯିବାକୁ ହେବ ନାହିଁ" ବୋଲି ?

ସୋ—ଭଲେ ଜାଣେଁ । ତେଣୁ ମହାରାଜ ଏବଂ ମହାଦେବୀ ଯୁବରାଜଙ୍କୁ ଏବଂ ଦେବୀଙ୍କୁ ଦେଖିବାକୁ ବାରମ୍ବାର ଏଠାକୁ ବିଜେ କରନ୍ତି, ମାତ୍ର ମହାରାଜଙ୍କ ଆଉ ଏକ ଆଦେଶ ଏହି ଯେ, ଯୁବରାଜଙ୍କ ଆଦେଶ ଅକ୍ଷରେ ଅକ୍ଷରେ ପାଳୁଥିବାକୁ ହେବ ।

ଛ୍ରୀ—ମୋ ଭାବନା—ଯୁବରାଜଙ୍କ କପିଳବସ୍ତୁ ପ୍ରୟାଣ ଅନୁଚିତ । ତଦ-ବଗତରେ ବିମାତା ହୋଇଥିଲେହେଁ ମହାଦେବୀ ଖିନ୍ନା ହେବେ । ତାଙ୍କ ବାତ୍ସଲ୍ୟ ଅତୁଲ୍ୟ ଅଟେ ।

ସୋ—ମହାଦେବୀ ଯୁବରାଜଙ୍କ ଜନନୀ ବୋଲି ମୋ ଭାବନା । ସେ ବିମାତା ଅଟନ୍ତି କି ?

ଛ୍ରୀ—ସେ ମାତୃଷ୍ୱସା ଏବଂ ବିମାତା ଅଟନ୍ତି । ଯୁବରାଜଙ୍କ ଅତି ଶୈଶବାବସ୍ଥାରେ ତାଙ୍କ ଜନନୀ ଏବଂ ମହାରାଜଙ୍କ ପ୍ରଥମ ପତ୍ନୀ ମାୟାଦେବୀ ପରଲୋକ ଗମନ କରନ୍ତେ ତାଙ୍କ କନିଷ୍ଠା ଭଗ୍ନୀ ଏବଂ ସପତ୍ନୀ ମହାପ୍ରଜାବତୀ ଗୌତମୀ ନାମଦ୍ୱୟଯୁକ୍ତା ମହାଦେବୀ ଆତ୍ମଜ ପରି ଯୁବରାଜଙ୍କୁ ଲାଳନ ପାଳନ କରନ୍ତି ।

ସୋ—ମହାଦେବୀ ଖିନ୍ନା ହେବେ କାହିଁକି ?

ଛ୍ରୀ—ଜାଣି ନାହୁଁ ? ଯୁବରାଜଙ୍କ ଜନ୍ମ ସମୟରେ ଗଣକ କହିଲେ କି, ଯୁବରାଜ ତନୋଟି ଅପ୍ରିୟ ପଦାର୍ଥ ଦେଖିଲେ ବିରାଗୀ ହେବେ । ତେଣୁ ପଥଣରେ ଅପ୍ରିୟ ପଦାର୍ଥ ଦର୍ଶିତ ହେବ ବୋଲି ଏ ଉଦ୍ୟାନବନର ଗଠନ, ଏ ବିଚିତ୍ର ଉପବନର ନିର୍ମାଣ, ଅତ୍ୟନ୍ତ-ସୁନ୍ଦରୀ-ରାଜକୁମାରୀ ସମ୍ପାଦନ, ଯୌବନାରମ୍ଭରେ ପାଣିପୀଡ଼ନ, ସେବାକରଣରେ ଯୁବାଜନ ନିଯୋଜନ, ଇତ୍ୟାଦି, ଇତ୍ୟାଦି ପୂର୍ବୋପାୟମାନ ।

ସୋ—ପଥଣରେ ପଦାର୍ପଣ କରିବା ମାତ୍ରେ ଅପ୍ରିୟ ପଦାର୍ଥଟିଏ ଦିଶିବ କି ?

ଛ୍ରୀ—ଦିଶିବ ନାହିଁ ବୋଲି ନିର୍ଦ୍ଧାରଣ କରି ହେବ କି ? ତାହା ଦୈବ-ସଂଘଟନ । ମାତ୍ର ଘଟନା ଘଟିବା ପୂର୍ବରୁ ସତର୍କ ହେବା ସମୀଚୀନ ।

ସୋ—ତେବେ କଅଣ କରିବ ?

ଛ୍ରୀ—ଆଦେଶ ପାଳନ ଛଡ଼ା ଆଉ କରିବୁ କଅଣ ? ଶୁଭାଶୁଭଫଳ ଦୈବାଧୀନ । ତୁ ଯାଇ ତୋ କାର୍ଯ୍ୟ କର । ମୁଁ ରାଜପ୍ରାସାଦକୁ ଯାଇ ମୋ କାର୍ଯ୍ୟରେ ରତ ହେବି ।

( ଉଭୟଙ୍କ ପ୍ରସ୍ଥାନ )

ଦୃଶ୍ୟ-କୋଠରୀ

( ଗୌତମ ଆସୀନ ଏବଂ ସାରଥି ଦଣ୍ଡାୟମାନ )

ଗୌ—ଛନ୍ନ, ପୂର୍ବଦିନ ଗୋଟିଏ, କାଲି ଗୋଟିଏ ଏବଂ ଆଜି ଗୋଟିଏ ଏପରି ତିନୋଟି ବିଭତ୍ସ ପଦାର୍ଥ ଆମ୍ଭ ନୟନଗୋଚର । ମୁଁ ବୁଝି ନ ପାରି ତୋତେ ପଚାରିଲି, "କିଛି ନାହିଁ—କିଛି ନାହିଁ" ବୋଲି ମାତ୍ର ତୁ ଭଣିଲୁ । କିନ୍ତୁ ବିବରଣ କରି କହିଲୁ ନାହିଁ । ମୋ ଅନୁରୋଧ—ସେ ତିନୋଟିର ବିବରଣ ଏବେ ଅବଶ୍ୟ କହ !

ଛ—ଯୁବରାଜ ! ବଡ଼ଲୋକଙ୍କର କେତୋଟି ପଦାର୍ଥ ନ ଜାଣିବା ସମୁଚିତ ।

ଗୌ—ସେ ତିନୋଟି ତ ମୋ ଆଖିରେ ଲାଗି ରହିଛନ୍ତି, ତାଙ୍କୁ ନ ଜାଣି ରହି ପାରିବି କିପରି ?

ଛ—ତୁମ୍ଭଙ୍କ ଚିତ୍ତ ପ୍ରଶସ୍ତ ବିଷୟରେ ନ୍ୟସ୍ତ ହେଲେ ସେ କୁତ୍ସିତ ପଦାର୍ଥ-ତ୍ରୟ ବିସ୍ମୃତ ହୋଇଯିବ ।

ଗୌ—ନା, ନା, ସେପରି କଦାପି ହୋଇ ପାରିବ ନାହିଁ । ପୂର୍ବଦିନ ଯାହା ବାଟରେ ଦେଖାଗଲା, ତାହା ଗୋଟିଏ କିମାକାର । ସେ ମନୁଷ୍ୟ ହୋଇଥିଲେ ଦୁଇ ଗୋଡ଼ରେ, ମୃଗ ହୋଇଥିଲେ ଚାରି ଗୋଡ଼ରେ ଛିଡ଼ା ହୋଇଥାନ୍ତା, ମାତ୍ର ତିନି ଗୋଡ଼ରେ ଠିଆ ! ତାର ତିନିଆ ଗୋଡ ବାଡ଼ିଟିଏ ! ମୁଣ୍ଡ ଏବଂ ଦେହ ଝୋଁଠରେ ଭର୍ତ୍ତି । ଊର୍ଦ୍ଧ୍ୱ କାୟ ସରଳ କିମ୍ବା ଭୂଲଗ୍ନ ନୁହେ, ନମ୍ର ମାତ୍ର । ସେ କିଏ ?

ଛ—ସେ ବୃଦ୍ଧ ମନୁଷ୍ୟ ।

ଗୌ—ବୃଦ୍ଧ ମନୁଷ୍ୟ ନାମରେ ଗୋଟିଏ ଜୀବ ଅଛି କି ?

ଛ—ସେପରି ପୃଥକରେ ଜୀବଟିଏ ନାହିଁ । ମନୁଷ୍ୟର ଏକଆ ଅବସ୍ଥା ବାଲ୍ୟ, ଦୁଇଆ ଅବସ୍ଥା ଯୌବନ, ତିନିଆ ଅବସ୍ଥା ବାର୍ଦ୍ଧକ୍ୟ । ସେ ମନୁଷ୍ୟ ଏବେ ତିନିଆ ଅବସ୍ଥାରେ ଅଛି ।

ଗୌ—କ'ଣ—କ'ଣ ? ସେ ଏବେ ତିନିଆ ଅବସ୍ଥାରେ ଅଛି କି ? ତୁହି ମଧ୍ୟ ତିନିଆ ଅବସ୍ଥା ଲଭି ତାହାର ପରି ହେବୁ କି ?

ଛ—ଅବଶ୍ୟ ।

ଗୌ—ମୁଁ ମଧ୍ୟ ଓସପରି ହେବି କି ? ଅମ୍ଭମାନଙ୍କ ଏ ସୁନ୍ଦର ଏବଂ ସୁଦୃଢ଼ ଦେହ ସେପରି ହେବ କି ?

ଛ—ସ୍ୱଭାବ ତ ।

ଗୌ—ଅହା ! ତାହା ମନୁଷ୍ୟର କେଡ଼େ ଗର୍ହିତାବସ୍ଥା ! ଆଚ୍ଛା—କାଲି ସେ ବଟଗଛ ମୂଳେ ପଡ଼ିଥିଲା ବ୍ୟକ୍ତି ମନୁଷ୍ୟ ଅଟେ, ମାତ୍ର ତାର ଦେହ ଆମ୍ଭ ଦେହପରି ନୁହେ, ସେ ଅତିଶୀର୍ଣ୍ଣ, ତାର ହାଡ଼ମାନ ଫୁଟି ଦିଶନ୍ତି, ସେ ନିତାନ୍ତ ବଳହୀନ ପରି ପ୍ରତୀୟମାନ । ସେ ସେପରି ଅଛି କାହିଁକି ?

ଛ—ସେ ମନୁଷ୍ୟ ରୋଗଗ୍ରସ୍ତ ।

ଗୌ—ରୋଗ ବୋଲନ୍ତେ କଅଣ ? ତାହା ମନୁଷ୍ୟକୁ ଗ୍ରାସେ କି ?

ଛ—ରୋଗ ଗୋଟିଏ ପୀଡ଼ାକରଅବସ୍ଥା, ତାହା କେବଳ ମନୁଷ୍ୟ ଦେହକୁ ମାତ୍ର ନୁହେ, ସକଳ ଜନ୍ତୁ ଦେହକୁ ଗ୍ରାସି ପାରେ ।

ଗୌ—ତାହା ତୋ ଦେହକୁ ଗ୍ରାସିବ କି ?

ଛ—ସମ୍ଭବପର ।

ଗୌ—ମୋ ଦେହକୁ ମଧ୍ୟ ଗ୍ରାସିବ କି ?

ଛ—"ନାହିଁ" ବୋଲିଯାଇ ନ ପାରେ ।

ଗୌ—ଅହା ! ତାହା କେଡ଼େ ଦାରୁଣ ! ଆଚ୍ଛା—ଆଜ ଦେଖାଗଲା ଯେ, ଏକ ଜଣକୁ ଚାରି ଜଣ ବହି ନେଉଥିଲେ । ତାଙ୍କ ଆଗରେ ଜଣେ ନିଆଁ ଧରି ଚାଲିଥିଲା । ପଛରେ କେତେ ଜଣ ବିଷାଦବଦନ ହୋଇ ଯାଉଥିଲେ । ବାହକ, ସେ ଦୃଶ୍ୟ କଅଣ ?

ଛ—ତାହା ଶବ କିମ୍ବା ମନୁଷ୍ୟର ଚତୁର୍ଥାବସ୍ଥା, ସେ ଅବସ୍ଥାକୁ ମରଣ ବୋଲନ୍ତି ।'

ଗୌ—ମନୁଷ୍ୟର ମଧ୍ୟ ମରଣ ଅଛି କି ? ନିଆଁ କିମ୍ପା ନିଆଯାଉଥିଲା ?

ଛ—ମନୁଷ୍ୟ ମାତ୍ର ନୁହେ, ସକଳ ପ୍ରାଣୀଙ୍କର ମରଣ ସୁନିଶ୍ଚିତ । ସେ ମୃତ କଳେବରକୁ ଦହିବା ପାଇଁ ସେ ଦହନ ।

ଗୌ—ସେ ମନୁଷ୍ୟର ଦେହକୁ ଦହିବେ କି ?

ଛ—ନ ଦହିଲେ ମାଂସ ତାହା ପର୍‌ଯ୍ୟନ୍ତ ନୋହି ରହି ଯାଇବ କି ?

ଗୌ—କି ଭୟାନକ ! ବାହକ, ଆମ୍ଭମାନଙ୍କର ମଧ୍ୟ ସେ ଗତି ଘଟିବ କି ?

ଛ—ତାହା ଅନିବାର୍ଯ୍ୟ ।

ଗୌ—( ସ୍ୱଗତ ) କ'ଣ ? ଏ ଜଜମଜ ଦେହ କ୍ରମରେ ଚିଲ୍ଲା ହୋଇଯିବ ! ପୁଣି ରୋଗବଶୁଁ କଙ୍କାଳ ହେବ ! ସେତିକି ମାତ୍ର ନୁହେ—ଦିନେ ମରଣ ଲଭି ପୋଡ଼ାଯାଇ ଭସ୍ମ ହୋଇଯିବ ! ଛି—ଛି ! ନଶ୍ୱର ଦେହର ପୋଷଣ ନିମନ୍ତେ ମନୁଷ୍ୟର ଛଟପଟ ! ମଧ୍ୟ ତାକୁ ଦେଖି ସେ ବିମୋହିତ ! କି ଭ୍ରମ ! କି ଭ୍ରମ ! ନଶ୍ୱର ଦେହରେ ମୋହ ପାଇବା କେଡ଼େ ଅବିବେକିତା ! ନର ଜରାମୃତ୍ୟୁମରଣ ନ ଘଟିବା ଉପାୟର ଉଦ୍ଭାବନ କରି ପାରିବ ନାହିଁ କି ? ( ପ୍ରକାଶ୍ୟରେ ) ଛନ୍ନ, ଏବେ ତୋ ଘରକୁ ଯାଅ, ମୁଁ ମଧ୍ୟ ଅନ୍ତଃପୁରକୁ ଯିବି ।

[ ଉଭୟଙ୍କ ପ୍ରସ୍ଥାନ ]

## ତୃତୀୟାଙ୍କ

ଦୃଶ୍ୟ—ପଥ

( ଅନନ୍ଦ ମିଶ୍ର ଏବଂ ଗୋପାଳ ଗୌଡ଼ ପୂର୍ବାପର ଦିଗରୁ ପ୍ରବେଶ )

ଗୋପାଳ—ଅନନ୍ଦ ମିଶ୍ର ଗୋସାଇଁ ! ଦଣ୍ଡବତ ।

ଅନନ୍ଦ—ଗୋପାଳ ଗୌଡ଼ କି ହୋ ! ଆୟୁଷ୍ମାନ୍ ଭବ ।

ଗୋପା—ଆଜି ଏଆଡ଼େ କେଉଁଠାକୁ ?

ଅନ—ଉଦ୍ୟାନବନକୁ ଯାଉଛି ।

ଗୋପା—ବନବିହାର ପାଇଁ ବାହାରିଲ ? ତୁମର ତ ଜପ ତପ ଆଉ ପଢ଼ା ଶୁଣା ନାହିଁ, ଆଉ କିସ କରିବ ?

ଅନ—ମୁଁ ବିହାର କରିବାକୁ ବାହାରି ନାହିଁ, ହୋ !

ଗୋପା—ତେବେ ଆଜ କାହିଁକି ଗୋସାଇଁ ?

ଅନ—ଜାଣି ନାହିଁ ? ଆଜ ଯୁବରାଜଙ୍କ ଏକମାତ୍ର ପୁତ୍ର—ରାହୁଲଙ୍କ ତୃତୀୟ ଜନ୍ମନକ୍ଷତ୍ରୋତ୍ସବ । ମୁଁ ସେଠାକୁ—

ଗୋପା—କାହିଁକି ଯାଉଛ ?

ଅନ—ସେଠାରେ ଭଲ ଭୋଜନ ଏବଂ ଧନ ଦାନ ପାଇବି ।

ଗୋପା—ସେଠାରେ ପାଠୁଆ ବ୍ରାହ୍ମଣ ତ ଥିବେ । ତାଙ୍କୁ ଛାଡ଼ି ତୁମକୁ ଭୋଜନ ପୁଣି ଧନ ଦେବେ କି ?

ଅନ—ଅହୋ, ବ୍ରାହ୍ମଣପଣର ଚାରୋଟି ଲକ୍ଷଣ—ଚିତା, ପଇତା, ବେଶ, ବାସ । ସେ ଚାରୋଟି ତ ମୋର ଭଲ ଅଛି । ପାଠ ସାଠ କଥା କେ ପଚାରେ ମ ? ତୁ ଚିତା ଲଗାଇ, ପଇତା ପକାଇ, ଲମ୍ବା ଜୁଡ଼ା ବାନ୍ଧି, କଚ୍ଛ ଫେର ନ ଲମ୍ବାଇ ଖଦି ପିନ୍ଧି ମୋ ସଙ୍ଗରେ ଆସ । ତୁ ମଧ୍ୟ କିଛି ପାଇ ପାରିବୁ ।

ଗୋପା—ନା—ନା, ସେପରି କରିବା ଭଲ ନୁହେ । ଜଣା ନ ପଡ଼ିଲେ ଚଳିଯିବ, ମାତ୍ର ଜଣାପଡ଼ିଲେ ପିଠି ଫାଟିବ ।

ଅନ—ତେବେ, ବେଶ ନ ବଦଳାଇ ଆସ । ଭଲ ଖାଦ୍ୟ ପାଇବୁ, ମାତ୍ର ଧନ ପାଇବୁ ନାହିଁ । ଅନ୍ନଦାନରେ ଜାତି ବିବେଚନା ସେଠାରେ କରାଯାଏ ନାହିଁ ।

ଗୋପା—ତାହା ସତ ହୋଇପାରେ । ଭୋଜିରେ ଖାଦ୍ୟ ପ୍ରଚୁର ହୁଏ । ମଧ୍ୟ ଠିକ ସମୟ ଜଣାଯାଏ ନାହିଁ । କାମଦାମ ନ ଥିବାରୁ ବ୍ରାହ୍ମଣେ ଖାଦ୍ୟ ପାଇଁ ଠାକ ବସି ପାରନ୍ତି । ମାତ୍ର ବସି ରହିଲେ ପାଠକ ଜାତର ରୋଜଗାର ଯିବ ।

ଅନ—ତେବେ ମୁଁ ଯାଏଁ ।

ଗୋପା—ମୁଁ ମଧ୍ୟ ହାଟକୁ ଯିବି, ଦଣ୍ଡବତ ଗୋସାଇଁ ।

ଅନ—ଦୀର୍ଘାୟୁରସ୍ତୁ !

( ଉଭୟଙ୍କ ପ୍ରସ୍ଥାନ )

ଦୃଶ୍ୟ—ପ୍ରାଙ୍ଗଣ

( ଗୌତମ ଟହଲି ଟହଲି ପ୍ରବେଶ )

ଗୌ—( ଆକାଶକୁ ଚାହିଁ, ସ୍ୱଗତ )

—ଶ୍ଳୋକ—

ତାରେଶ ଷୋଡ଼ଶ କଳା ପରିପୂର୍ଣ୍ଣ ହୋଇ
ଭୂମିସତୀସୁତାନୁତାପର ଶାନ୍ତି ପାଇଁ,
ଆକାଶରେ ଉଦିତ ହୋଇ ପରୋପକାର
କର୍ତ୍ତବ୍ୟ କାର୍ଯ୍ୟ କର ବୋଲି କରେ ପ୍ରଚାର ।

ଅହା ! ଏ ଜଗତରେ ଜଡ଼ ପଦାର୍ଥ ମଧ୍ୟ ପରୋପକାର କରୁଥିବା ଦେଖି କେଉଁ ବିଜ୍ଞଜନ ତାର ବର୍ଜନ କରିବ ? ଅଜ ରାହୁଲଜନନନ୍ଦନୋପଲକ୍ଷେ ବହୁଜନେ ଭୋଜନେ ତୃପ୍ତ ହୋଇଛନ୍ତି । ତାହା ନିଷ୍ଟୟରେ ମହତ୍କାର୍ଯ୍ୟ । ସମସ୍ତେ ଆନନ୍ଦୀ, ମୁଁ ମାତ୍ର ନୁହେ । ସେ ଗର୍ହିତ ଦୃଶ୍ୟନିଚୟ ନୟନରେ ନାଚୁଥିଲେ ଆନନ୍ଦ ଜନ୍ମିବ କେଉଁଠୁ ? ଆହା, କେଡ଼େ ଦୁଃଖର ବିଷୟ ।

—ଗୀତ—

ଧନ୍ୟାସୀ ରାଗିଣୀ—ଆଦିତାଳ

ନର ତ ନିପଟ ଅଜ୍ଞାନୀ । ଦେହାଭିମାନୀ । ପଦ ।

ଶିରାସ୍ଥି-ରୁଧିର-ମାଂସ—
ନିର୍ମିତ ତନୁ ବିକାଶ—
କରି ଯୌବନ କରଇ ପରି ଭରେ ହୁଏ ନାଶ । ୧ ।

ପୟୋଦଧିଘୃତାଦିରେ
ପୋଷିତ ତନୁ ରୋଗରେ
ପୀଡ଼ିତ ହୋଇ ଦିଶଇ ନେତ୍ରକଣ୍ଟକ ରୂପରେ । ୨ ।

ଯେତେ ଶ୍ରଦ୍ଧାରେ ପାଳନ
କଲେ ମଧ୍ୟ ଅପଘନ
ଜୀବ ଯିବା ପରେ ଅହା ହୁଏ ମାଟିରେ ମେଳନ । ୩ ।

—ଶ୍ଳୋକ—

ଦେହ ଶାଶ୍ୱତ ବୋଲି ମାନବ ଭାବ ସବଂବଧେ ସଦା
ତାର ରକ୍ଷଣ ଅଚରେ ସତ ବୃଦ୍ଧତା ପୁଣି ରୁଗ୍ଣତା ।
ମୃତ୍ୟୁ ଗାତ୍ରର ଶତ୍ରୁ ହୋଇ କରନ୍ତି ନାଶନ କେସନ
ସେ ଉପଦ୍ରବ ରୁଦ୍ଧ ହୋଇବ ଜାଣୁ ନାହିଁ ତ ମୋ ମନ ।

ଅହୋ ! ମନୁଷ୍ୟ କେଡ଼େ ମୂଢ଼ ! ବୃଦ୍ଧତ୍ୱ, ରୁଗ୍‌ଣତ୍ୱ ଏବଂ ମୃତ୍ୟୁଯୁକ୍ତ ଦେହାଭିମାନୀ ହୋଇ ଗେଡ଼ା ଲମ୍ବା ଗଛର ପାଚିଲା ଆମ୍ବ ପାଇଁ ହାତ ବଢ଼ାଇବା ପରି ଆନନ୍ଦ ପାଇବାକୁ ପାଞ୍ଚଇ ! ଯାକୁ ଆନନ୍ଦ ବୋଲି ଭାବ ଉଲ୍ଲସଇ, ତାହା କେବଳ ଆନନ୍ଦାଭାସମାତ୍ର । ଭଲେ ଭାବିଲେ, ଏ ଜଗତ କେବଳ ଦୁଃଖମୟ ମାତ୍ର, ଏଥି ତିଳେହେଲେ ସୁଖ ନାହିଁ—ନାହିଁ—ନିଶ୍ଚୟରେ ନାହିଁ । ତେବେ କ'ଣ ଏ ଦୁଃଖପୂର୍ଣ୍ଣ ଜଗତରେ ନିତ୍ୟସୁଖ ଲଭିବା ଉପାୟ ନାହିଁ ? ପ୍ରଯତ୍ନ କଲେ ତାହା କି ଅସାଧ୍ୟ ଅଟେ ? ଦେଖାଯାଉ । ଅଚ୍ଛା, ଏବେ ପ୍ରିୟାର ପାଖକୁ ଯିବି ।

[ ପ୍ରସ୍ଥାନ ]

ଦୃଶ୍ୟ—ଶୟନାଗାର

( ଯଶୋଧାରା ଓ ରାହୁଲ ଏକତ୍ର
ଏବଂ ଚେଷ୍ଟୀ ଅନ୍ୟତ୍ର ଶୟନ ଏବଂ ଗୌତମ ଦଣ୍ଡାୟମାନ )

ଗୌ—( ସ୍ୱଗତ ) ଅହୋ ! ଆଜ ପ୍ରିୟାର ମୁଖସୁଧାକର କେଡ଼େ ଭାସମାନ ! ତନୟଜନନନ୍ଦନୋତ୍ସବାନନ୍ଦାନୁଭବ ନିଦ୍ରାବସ୍ଥାରେ ମଧ୍ୟ ପରିଲକ୍ଷିତ ହୁଏ ! ଏ ସୁନ୍ଦରୀ, ସୁକୁମାରୀ, ନୃପକୁମାରୀ, ଚତୁରୀ ଏବଂ ସୁଗୁଣାକରୀ । ଏତେ ଗୁଣ ଅନ୍ୟତ୍ର ଏକତ୍ର ହେବା ଅସମ୍ଭବ । ଏ ମୋର ଭାଗ୍ୟଦେବତା । ମୋର ଭାଗ୍ୟ ନିଶ୍ଚୟରେ ଅନୁପମ । ଏ ପୁତ୍ରରତ୍ନ ଆମ୍ଭ ବେନି ପ୍ରାଣୀଙ୍କ ପ୍ରେମପାଶଦୃଢ଼ୀକରଣରଜ୍ଜୁ । ଏହାର ବିଶାଳ ଲୋଚନ ଏବଂ ବିକଶିତ ବଦନ ଠିକ୍ ତନ୍ମାତାର ପରି ଅତୁଳନୀୟ । ଏ ଧୂଳିରେ ଖେଳି ଧୂସରିତାଙ୍ଗରେ ଆସି ମୋତେ

ଆଲିଙ୍ଗନ କଲେ ମୋ ମନ କର୍ପୂରଚନ୍ଦନକୁ ତୁଚ୍ଛ କରେ । ମୁଁ ଜନନୀ ଜନକଙ୍କୁ ଛାଡ଼ିପାରିବି, ବନ୍ଧୁବାନ୍ଧବଙ୍କୁ ଛାଡ଼ି ପାରିବି, ସକଳ ଭୋଗ ବିଳାସ ଛାଡ଼ି ପାରିବି, ରାଜ୍ୟାଧିକାର ଛାଡ଼ି ପାରିବି, କିନ୍ତୁ ଏ ପତିପ୍ରାଣା ସୁଲକ୍ଷଣାକୁ ଏବଂ ଏ ଶିଶୁକୁ ଛାଡ଼ି ପାରିବି ନାହିଁ । ପତ୍ନୀତ୍ୟାଗ ଗର୍ହିତ ନୁହେଁ କି ? ଶିଶୁତ୍ୟାଗ ଦୂଷିତ ନୁହେଁ କି ?

ଜନନୀ ଜନକ ସୋଦରୀ ସୋଦର
ସଙ୍ଗିନୀ ସଙ୍ଗୀମାନଙ୍କର ଆଦର ।
ଜନ୍ମସ୍ଥାନ ପ୍ରେମ ଛାଡ଼ିବା ଏ କାନ୍ତା
ପତି ମାତ୍ର ଗତି ବୋଲି କରି ଚିନ୍ତା ।
ସେପରି ଜାୟାକୁ ତେଜିବା ଧବର
ପାତକଭାର ନୁହଇ କି ଦୁର୍ଭର ।
ଶିଶୁତ୍ୟାଗୀ ତାତ ନିକୃଷ୍ଟ ଧର୍ମଭ୍ରଷ୍ଟ
ତା କୀର୍ତ୍ତିକଲାପ ହୁଅଇ ବିନଷ୍ଟ ।

ନା, ନା, ମୁଁ ଗୃହତ୍ୟାଗ କରିବି ନାହିଁ, କେବେହେଁ କରିବି ନାହିଁ, ଏବେ ଶୟନ କରିବି । ( ଶଯ୍ୟାସମୀପକୁ ଯାଇ, ଫେରି ଆସି ସ୍ୱଗତ ) କଅଣ ? ମୁଁ କେଡ଼େ ଅଜ୍ଞାନୀ! ମୁଁ କୁଟୁମ୍ବ ମୋହରେ ମୋହିତ !

କାହା ମାତା କିଏ କାହା ପିତା କିଏ
କା ସୁତ କିଏ ଜଗତେ,
କାହା ପତ୍ନୀ କିଏ କାହା ପତି କିଏ
ଯାହାର ସେ ମାତ୍ର ସତେ ।

କାଲି ଏବେ ମୋ ନିକଟବର୍ତ୍ତୀ ହେଲେ ଜାୟା ତନୟଙ୍କୁ କୁଣ୍ଢାଇ ରହି ପାରିବି କି ? ନତୁବା ଏମାନେ ମୋ ଅନୁଗାମୀ ହେବେ କି ? କାଳ ଛିଣ୍ଡାଇବା ମୋହବନ୍ଧନ ମୁଁ କାହିଁକି ଛିଣ୍ଡାଇବି ନାହିଁ ? ମୋହବନ୍ଧନକୁ ଜ୍ଞାନକୃପାଣରେ ଛେଦନ କରିବାକୁ ହେବ ? ମିଥ୍ୟା—ମିଥ୍ୟା ! ତାହା କେବଳ ଚିତ୍ତଭ୍ରମ ମାତ୍ର । ଏ ଭ୍ରମଭ୍ରମରେ ଲାଗି ରହିବା ଅନୁଚିତ । କଣ୍ଟକ ନାମକ ଘୋଟକକୁ ସାଜ ରଖିଥିବାକୁ ମୁଁ ସାରଥିକି କହିଅଛି । ସେ

ସେପରି ଅବଶ୍ୟ କରିଥିବ । ଏ ଉପଯୁକ୍ତ ସମୟ । ଏବେ ଯାଇ ଅଶ୍ୱାରୋହଣ କରି ପ୍ରସ୍ଥାନ କରିବି । ଧୀରର ନିର୍ଣ୍ଣୟ ଅଟଳ ଅଟଇ । ଆଉ ବିଳମ୍ବ କରିବା ଅନୁଚିତ । ( ପୂର୍ବମୁଖ ନିରେଖି ) ପୁଅର ଗୁନ୍ଦପରି ମୁହଁରେ ସରୁ ଚୁମ୍ବାଟିଏ ଦେଇ ବାହାରିଯିବି । ( ଦୁଇ ପାହାଣ୍ଡ ଯାଇ ଫେରି ଆସି ) ନା, ନା, ସେପରି କରିବି ନାହିଁ । ଚୁମ୍ବା ଦେଲେ ବାଳକ ଚେଇଁ କାନ୍ଦିବ । କ୍ରନ୍ଦନଧ୍ୱନିବଶୁଁ ମାତାର ନିଦ ଭାଙ୍ଗିବ । ତାହାହେଲେ, ମୋ ଉଦ୍ଦେଶ୍ୟର ସର୍ବନାଶ ଘଟିବ । ଏବେ ପଳାୟନ ମାତ୍ର କର୍ତ୍ତବ୍ୟ ।

( ପ୍ରସ୍ଥାନ )

ଦୃଶ୍ୟ—ପ୍ରକୋଷ୍ଠ

( ଯଶୋଧାରା ଆସୀନା ଏବଂ ଚେଟୀ ଦଣ୍ଡାୟମାନା )

ଯଶୋ—

—ଗୀତ—

( ହିନ୍ଦୁସ୍ଥାନୀ କାଫୀ ରାଗିଣୀ—ଆଦିତାଳ )

ଆହା ମୋ ପରାଣନାଥ ! କରିଲ ମୋତେ ଅନାଥ । ପ ।
ହୋଇଲି ଯେମନ୍ତ ତନୁ ଦେଖାଯାଏ ବନାମାଥ । ଆହା ।
ମୋରଠାରେ ପ୍ରାଣପ୍ରିୟ, ହୋଇଲ ଅତି ନିର୍ଦ୍ଦୟ
ଅନପରାଧରେ ତୁମ୍ଭେ ବିସର୍ଜିଲ ମୋ ପ୍ରଣୟ । ୧ ।

କି ଉପାୟ ଆଚରିବି, ବିରହ-ତାପ ନାଶିବି,
କେମନ୍ତେ ତୁମ୍ଭଙ୍କୁ ଲଭି ପୁଣି ସୁଖିନୀ ହୋଇବି । ୨ ।

ପ୍ରାଣନାଥ; ମୋଠାରେ କେତେ ପ୍ରୀତି କରିଥିଲ ! ଆହା, ତାହା ଭୁଲି ପାରିବି କି ? ମୋର କି ଦୋଷ ଦେଖିଲ ? କାହିଁକି ମୋତେ ଅନାଥା କରି ବାହାରିଗଲ ? ମୁଁ ସ୍ୱପ୍ନରେ ସୁଦ୍ଧା କୌଣସି ଅପରାଧ ଆଚରେ ନାହିଁ ! ଯଦି ମୁଁ ତୁମ୍ଭ ମତରେ ଅପରାଧିନୀ, ତାହାହେଲେ ମୋର ଉପଯୁକ୍ତ ଦଣ୍ଡ ବିଧିଥାନ୍ତ, କିନ୍ତୁ ମୋତେ ଛାଡ଼ିଯିବା ଉଚିତ ହେଲା କି ? ଖଡ଼ାଘାତରେ କି ମୁଣ୍ଡକଟା ଦଣ୍ଡ ? ମୋତେ ତେଜିଲେ ସୁଦ୍ଧା 'ରାହୁଲଙ୍କୁ' କିପରି ଛାଡ଼ି ପାରିଲ ? ସେ ତ ନିଷ୍କପଟ ବାଳୁତ ! ସେ କିସ କଲା-ଚି ଗୀ'ରେ ଗେଲ କିପରି

ଭୁଲି ପାରିଲ ? ମୋତେ ଅନାଥା ଏବଂ ତାଙ୍କୁ ଅପିତା'କରିଦିବା ସମୁଚିତ କି ? ତୁମ୍ଭଙ୍କୁ ଘରେ ରଖିବାରେ ପୁରୁଣା ପ୍ରୀତି ବଳବତୀ ହୋଇ ପାରି ନ ଥିବ । ଯାଉ, କିନ୍ତୁ ନୂତନ ବାତ୍ସଲ୍ୟ ମଧ୍ୟ ଅସମର୍ଥ ହେଲା କି ? ଆହା ! ବାର୍ଦ୍ଧକ୍ୟ ସମୟରେ ସକଳ ନଷ୍ଟ ହେଲା ! ( ପ୍ରକାଶ୍ୟେ ) ଚେଟୀ, କୌଣସି ଖବର ଶୁଣିଲୁ କି ?

ଚେଟୀ—ଦେବି, ଯୁବରାଜଙ୍କୁ ଖୋଜି ଆଣିବା ପାଇଁ ଅନେକ ଲୋକଙ୍କୁ ମହାରାଜ ଚାରିଆଡେ ଦରଗିଅଛନ୍ତି । ଅନେକ ଲୋକେ ମଧ୍ୟ ଯୁବରାଜଙ୍କ ଠାରେ ଥିବା ଭକ୍ତିବଶରୁ ନିଜେ ଯାଇ ତାଙ୍କୁ ଖୋଜୁଅଛନ୍ତି ।

ଯଶୋ—( ସ୍ୱଗତ ) —ଗୀତ—

( ହିନ୍ଦୁସ୍ଥାନୀ ଭୈରବୀ ରାଗିଣୀ—ଆଦ୍ଧା ତାଳ )

ଉପାୟ କିସ ଆଉ
ଘୋର—ଅଟେ ବିଯୋଗର ଦାଉ । ପଦ ।
ସତୀର ମଣ୍ଡନ ବିଳାସ କାମନା
ଭୋଗ ସୁଖ ଧନ ପ୍ରାଣପତି ବିନା । ୧ ।
ଯେଉଁ ଜଗ ତେବେ ଅତି ଭାସମାନ
ତାହା ଦିଶେ ଏବେ ଶ୍ମଶାନ ସମାନ । ୨ ।
କେଉଁ ଠାକୁ ଯିବି ? କାହାକୁ ପୁଚ୍ଛିବି ?
କେଉଁଠାରେ ପତିଶ୍ରୀପଦ ଦେଖିବି ? ୩ ।
ବିରହ-ସାଗର କିପରି ତରିବି ?
କାନ୍ତସଙ୍ଗ ବିନା କେମନ୍ତ ବଞ୍ଚିବି ? ୪ ।

ଚେଟୀ—ଦେବି, ଧୈର୍ଯ୍ୟଧର, ଅଧୀରା ହୁଅ ନାହିଁ । ଯାଇଥିବା ଲୋକେ ଯୁବରାଜଙ୍କୁ ଖୋଜିଆଣିବେ ।

ଯଶୋ—ଧୈର୍ଯ୍ୟ ! ଧରିବି ? ଆଶା ନିରାଶା ହେଲା ପରେ ଧୈର୍ଯ୍ୟ ଆସିବ କୋଉଁ ? ଏତେ କାଳ ବିତିଗଲାଣି । ଆହା ! ଏ ଜନ୍ମରେ ମୋର **ପତିସଙ୍ଗ ଆଉ ଘଟିଲା ନାହିଁ—ଘଟିବ ନାହିଁ !**

—ସୀସକ ପଦ୍ୟ—

ପତି ମୁଖଶଶୀ ଦେଖି ମୋ ଲୋଚନ-ଚକୋର—
ଯୁଗ ପରିତୁଷ୍ଟ ହୋଇବ କି ଆଉ ?
ପତି-ମଧୁରାଳାପ ଶୁଣି ମୋର ଶ୍ରୁତିଯୁଗ
ଅତ୍ୟନ୍ତ ତୁଷ୍ଟି ପାଇବ କି ଆଉ ?
ପତି-ବିମ୍ବାଧର-ସୁଧାପାନ ଆଚରି ମୋର
ରସନା ପ୍ରମୋଦ ଲଭିବ କି ଆଉ ?
ପତି-ଦେହସୌରଭ ଆଘ୍ରାଣ କରି ମୋର
ନାସିକା ତୃପ୍ତି ପାଇବ କି ଆଉ ?
ପତି-ଶରୀରକୁ ଆଲିଙ୍ଗି ମୋ ଶରୀର
ତାପକୁ ବିସର୍ଜି ଶୈତ୍ୟ ପାଇବ କି ଆଉ ?
* ପତି ସମାଗମ ପାଇ ମୋ ଇନ୍ଦ୍ରିୟଚୟ
ଖେଦ ବରଜି ସନ୍ତୃପ୍ତ ହୋଇବ କି ଆଉ ?

( ମୂର୍ଚ୍ଛିତା, ଚେଟୀର ଶୀତଳୋପଚାରବଶୁଁ ଚେତ )

ଆହା ! ଏତେ କଷଣ ସହି ସୁଦ୍ଧା ମୋର ଏ ନିଷ୍ଠୁର ଜୀବନ ବାହାରି ନ ଯାଇ ଅଛି ରହିଛି !

ଚେଟୀ—ଦେବି, ତୁମ୍ଭ ଶ୍ରୀଅଙ୍ଗ ଏବଂ ଚିତ୍ତ ବଡ଼ ଅସୁସ୍ଥ । ଏବେ ପହୁଡ଼ିବା ଉଚିତ ।

( ଚେଟୀ କର ଧରି ନିଅନ୍ତେ ଯଶୋଧାରା ପ୍ରସ୍ଥାନ )

* ପାଠାନ୍ତର—
ପତି ପଦଦ୍ୱନ୍ଦ୍ୱସେବାକୁ କରି ମନସ୍ଥ
ହସ୍ତ ଯୁଗଲ ପବିତ୍ର ହୋଇବ କି ଆଉ ?

## ଚତୁର୍ଥାଙ୍କ

ଦୃଶ୍ୟ—ଗୟାପ୍ରାନ୍ତ କାନ୍ତାର

[ ଗୌତମ ସନ୍ନ୍ୟାସବେଶରେ ପ୍ରବେଶ ]

ଗୌ—( ପଶ୍ଚିମ ଦିଗକୁ ଦେଖି ) ଅହୋ !

ନିଜ ଜାୟା ଭୁଲେ ଗଗନରେ ଥିଲେ
ନଳିନୀ ଚକ୍ରବାକୀଙ୍କ
ବିରହ ସନ୍ତାପ ନ ପାଇବ ଲୋପ
ବୋଲି ଅଦୃଶ୍ୟ ଶଶାଙ୍କ ।
ଧବାନୁଗାମିନୀ ହୋଇଲା ରଜନୀ
ପରକାଶି ସନ୍ତାପଣ
ପରସୁଖ ଲାଗି ନିଜ ସୁଖତ୍ୟାଗୀ
ହୁଏ ତ ଉଦାର ଜନ ।
ଶୀତଳ ପବନ ବହୁ ଅପଘନ
ତାପ ହରଣ କରଇ
ନାନା ପକ୍ଷୀଙ୍କର ସୁସ୍ୱରପ୍ରକର
କର୍ଣ୍ଣ ମାନସ ତୋଷଇ ।

( ପୂର୍ବ ଦିଗକୁ ଦେଖି )

—ଗୀତିକା—

ଅନ୍ଧକାର-ବିନାଶକ ଚଣ୍ଡ କିରଣ,
ଚକ୍ରବାକାନୁଭୂତ ସନ୍ତାପହରଣ ।
ଲୋକରଞ୍ଜନ କଳାତୈକଚକ୍ରଯାନ,
ପୂର୍ବ ପର୍ବତ-ଶିଖରରେ ଭାସମାନ ।

ଅହୋ ! ଏ ସରକ ତମସାଚ୍ଛନ୍ନ ହୋଇ ନିର୍ଜୀବ ତୁଲ୍ୟ ପ୍ରତୀୟ-
ମାନ ହୋଇଥିଲା ପ୍ରପଞ୍ଚ ଦିବାକରଙ୍କରବର୍ଷୁଁ ସଜୀବ ରୂପେ

ଭାସମାନ! ପ୍ରତ୍ୟେକ ପ୍ରାଣୀ ସ୍ୱାର୍ଥୀ ହୋଇ ବ୍ୟର୍ଥ କାର୍ଯ୍ୟରେ ବ୍ୟସ୍ତ ! ଆହା ! ଏ ଜଗତ ଅଜ୍ଞାନାଚ୍ଛନ୍ନ ! ଏଥି ନିଜେ ବିଜ୍ଞ ବୋଲି ଭାବିବା ବ୍ୟକ୍ତି ନିଶ୍ଚେ ଅଜ୍ଞ ଅଟେ ।

ଜରା ରୋଗ ଦୁଃଖ-ମୃତ-ବହ୍ନିରେ ସନ୍ତପ୍ତ
ଦଗ୍ଧ ହୋଇ ଲୋକସମୂହ କଲ୍ୟାଣନିହତ ।
ଭୃଙ୍ଗ ପରି ଭ୍ରମି ଭ୍ରମି ନ ପାଏ ନିସ୍ତୃତ
ଶାରଦାଭ୍ର ପରି ଧ୍ରୁବ ହୀନ ତାର ସ୍ଥିତି ।
ବିଶ୍ୱ ଅଟେ ରଙ୍ଗଭୂମି ତହିଁ ଅନୁକ୍ଷଣ
କ୍ରମରେ ନୃତ୍ୟ କରନ୍ତି ଜନନ ମରଣ ।
ଗିରିଶୃଙ୍ଗୁ ବହୁଥିବା ପ୍ରବାହସଙ୍କାଶ
ସୌଦାମିନୀ ପରି ପରମାୟୁ ପାଏ ନାଶ ।
ତୃଷ୍ଣାବଶୁଁ ଅଜ୍ଞାନରୁ ମୂଢ଼ ହୋଇ ନର
କୁମ୍ଭକାରଚକ୍ର ପରି ବୁଲେ ନିରନ୍ତର ।
ଯେସନ ଲୋଭାପ୍ତ ମୃଗ ବ୍ୟାଧଜାଲେ ରୁଦ୍ଧ
ତେସନ ବିଷୟାସକ୍ତ ପାପପାଶେ ବଦ୍ଧ ।
ନରର ଅତ୍ୟନ୍ତ ଭୀତଜନକ ପ୍ରଧାନ
ଶତ୍ରୁ ଅଟେ ମୃତ୍ୟୁ କିଏ ନୁହେ ତା ସମାନ ।
ବିବିଧୋପଦ୍ରବଙ୍କର ଅନନ୍ତ ଶୋକର
ମୂଳକାରଣ ବାସନା ଅଟଇ ନିକର ।
ପୁଣି ତାହା ମଧୁଲିପ୍ତ କ୍ଷୁରଧାର ସମ
ତାକୁ ଭାବନ୍ତେ ଥରଇ ସାଧୁଙ୍କ ମରମ ।
ଭୋଗବିଷୟାଳି ବିଷଯନ୍ତ୍ର ତୁଲ୍ୟ ସତ
ମଳଘଟ ପରି ତାକୁ ତେଜିବା ଉଚିତ ।
କାମନାର ଆକାର ତ ଅତି ଭୟଙ୍କର
ପୁଣି ମୂଳ ସବଂବାଧ ଦୁଃଖମାନଙ୍କର ।

ବାଲ୍ୟାବସ୍ଥାରେ କେତୋଟି କାବ୍ୟ ଏବଂ ବ୍ୟାକରଣ ପଢି ଭାଷାଜ୍ଞାନ ସମ୍ପାଦିଥିଲି; ସନ୍ନ୍ୟାସୀ ହେଲା ପରେ ବାରାଣସୀରେ ବାସ କରି

ତତ୍ତ୍ୱାନୁସନ୍ଧାନ ନିମିତ୍ତ ଦର୍ଶନଶାସ୍ତ୍ରକ ଏବଂ ଉପନିଷଦଗଣକ ପଢ଼ିଲି । ତଦ୍ଦ୍ୱାରା ମୁଁ ଲଭିଲି କଷ୍ଟ ଏବଂ ସମସ୍ତ ହେଲା ନଷ୍ଟ । ଚିତ୍ତଶାନ୍ତି ତିଳେହେଲେ ଲଭ୍ୟ ହେଲା ନାହିଁ । ଅତଏବ ଅଧ୍ୟୟନରେ ଏବଂ କୋବିଦ କଥନରେ ଆସ୍ଥା ଆଉ ନ ରଖି ତତ୍ତ୍ୱ ଜାଣିବା ପାଇଁ ତପ କରିବି । "ତପଃ ସର୍ବାର୍ଥ ସାଧନଂ" ବୋଲନ୍ତି । ଦେଖାଯାଉ, ତପର ଫଳ, ଏ ବୋଧିବୃକ୍ଷମୂଳ ଉପଯୁକ୍ତ ସ୍ଥାନ । ଏଠାରେ ତପ କରିବି ।

[ବସି ତପୋନିଷ୍ଠ]

[ସୁଜାତା ଗୌଡ଼ୁଣୀର ପ୍ରବେଶ]

ସୁଜାତା—( ସ୍ୱଗତ ) ଆଜକୁ ଦଶ ଦିନ ହେଲା ମୁଁ ଏ ତପୀଙ୍କ ଏ ଗଛ-ତଳେ ଦେଖୁଛି । ଏ ଏକଲା ଆଖି ମୁଦି ଏକା ଭଳି ରହିଥାଏ; କାକୁ କିଛି ମାଗେ ନାହିଁ । ଆଜିକାଲି ଦେଶରେ ବହୁତ ମିଛତପୀ କାମ ଦାମ କରି ନ ପାରି ଲୋକଙ୍କୁ ଠକି ଦିଅନ୍ତି । ଠକଲୋକେ ତପୀ ବେଶରେ ବୁଲୁଥିବାରୁ ସତ ତପୀଠାରେ ପ୍ରତେ ଜନମୁ ନାହିଁ । ମାତ୍ର ଏ ସତ ତପୀ ପରି ପ୍ରତେ ହେଉଛି । ଖାଦ୍ୟ ନ ଖାଇ ଯାହାର ଦେହ ଶୁଖିଥିଲେ ହେଲେ, ଝଳ ଫୁଟୁଛି ।

ଖତଗଦାରେ ଥିଲେହେଁ ରତନର ଦର
ଖତ ନୁହେ ତିଳେ ହେଲେ ଏ କଥା ନିକର ।

ମୁଁ ଶୁଣିଛି ଭଲ ତପୀର ସେବା କଲେ ମଙ୍ଗଳ ହେବ, ଏଣୁ ଯାହାର ସେବା କରିବି । ( ତତ୍ସମ୍ମୁଖେ କର ଯୋଡ଼ି ବସି, ସ୍ୱଗତ ) ଏ ଆଖି ମେଲୁଛି । ଏବେ ଓଲଗି କରିବି । ( ପ୍ରକାଶ୍ୟେ ) ବାବା, ଓଲଗି ।

ଗୌ—ସୁଖିନୀ ଭବ । ମା, ତୁମେ କିଏ ?

ସୁଜା—ମୁଁ ଗୌଡ଼ୁଣୀ, ମୋ ନାଁ ସୁଜାତା ।

ଗୌ—ଏଠାକୁ ଆସିଛ କାହିଁକି ?

ସୁଜା—ତୁମ୍ଭ ସେବା କରିବାକୁ ।

ଗୌ—ମୋ ସେବା ?

ସୁଜା—ହଁ ।

ଗୌ—ମା; ମୋ ସେବାରେ ତୁମର କି ଲାଭ ? ଯାଇ ଗୃହକାର୍ଯ୍ୟ କର ।

ସୁଜା—ବାବା, ମୋର ପୁଅ ଆଉ ବୋହୂ ଅଛନ୍ତି । ସେ ଦୁହେଁ ଘରକାମ ଚଳାଇ ନିଅନ୍ତି, ମୋତେ କାମ କରିବାକୁ ଦିଅନ୍ତି ନାହିଁ । ଆମର ଖାଇବାକୁ ପିଇବାକୁ ଭାବନା ନାହିଁ । ବାବା, ଆମ ଘର ଏଠାକୁ ଧାପେ ବାଟ । ତୁମେ ଖାଇବାକୁ କିସ ଆଣି ଦେବି ?

ଗୌ—ଏ ଦୀନଠାରେ ତୁମର ଏତେ କରୁଣା କାହିଁକି ? ମୋ ନିମିତ୍ତ ତୁମେ ଶ୍ରମ ସ୍ୱୀକାର କର ନାହିଁ ।

ସୁଜା—ତୁମ ପରି ବଡ଼ଲୋକ ଭୋକେ ଥିବ, ଆମେ ଖାଇ ପିଇ ସୁଖେ ଥିବୁ ? ନା, ନା; ତା ହେବ ନାହିଁ । ତୁମକୁ କିସ ଲୋଡ଼ା—କହ ? ଏବେ ଆଣି ଦେବି !

ଗୌ—ମନୁଷ୍ୟର ସ୍ୱାଭାବିକାହାର ଦୁଧ । ତାହା ପୋଷେ ମାତ୍ର ହେଲେ ଯଥେଷ୍ଟ । ଆଉ କିଛିହିଁ ଦରକାର ନାହିଁ—ମା !

ସୁଜା—ପୋଷେ ଦୁଧ ତ ବାଳୁତ ପିଲାକୁ ନିଅଣ୍ଟ—

ଗୌ—ଆହାର ଶରୀରଧାରଣ ନିମନ୍ତ ମାତ୍ର ତାକୁ ଯେତେ ବଢ଼ାଇଲେ ତେତେ ବଢ଼େ, ଯେତେ ଛିଣ୍ଡାଇଲେ ତେତେ ଛିଡ଼େ । ବିଶେଷତଃ ତପସ୍ୱୀର ଅଧିକାହାର ଅନୁଚିତ ।

ସୁଜା—ବାବା, ତୁମେ ଦିଅଁ ପରି ଲୋକ, ମୁଁ ଜଣେ ଗୌଡ଼ୁଣୀ । ତୁମେ ମୋତେ ମା ମା ବୋଲି ମାନ୍ୟ କଲେ ମୋ ମୁଣ୍ଡ ଫାଟିଯିବ ।

ଗୌ—ନା ମା', ତାହା ହେବ ନାହିଁ, ଡ଼ର ନାହିଁ । ପ୍ରତ୍ୟେକ ସ୍ତ୍ରୀ ମୋର ମାଆ । ବିଶେଷତଃ ତୁମେ ଦୁଧ ଦେଇ ମୋତେ ପୋଷିବ ।

ସୁଜା—ବାବା, ମୁଁ ଯାଇ ଦୁଧ ଆଣିବି ।

ଗୌ—ମୁଁ ମଧ୍ୟ ଯାଇ ତ୍ରିଶାସ୍ଥ ସ୍ନାନ କରି ଆସିବି ।

[ ଉଭୟଙ୍କ ପ୍ରସ୍ଥାନ ]

ଦୃଶ୍ୟ—ବୋଧିବୃକ୍ଷମୂଳ

( ଗୌତମ ଆସୀନ )

ଗୌ—( ସ୍ୱଗତ ) ମୁଁ କଠୋର ତପସ୍ୟା ଆରମ୍ଭି ଛଅ ବର୍ଷ ହେଲା । ମୋ କାମନା ପୂରିଲା ନାହିଁ । ଅଧିକନ୍ତୁ ଆହାର ନିୟମରୁ ଶରୀର ଶୀର୍ଣ୍ଣ ହେଲା । ବଳ ହ୍ରାସ ହେଲା । ତନୁବଳ ହ୍ରାସ ହେଲେ, ମନୋବଳ ହ୍ରାସ ହୁଏ ବୋଲିବା ବାହୁଲ୍ୟ ମାତ୍ର ।

ବୀଣାତନ୍ତ୍ରୀ ବେଶୀ ଟାଣିଲେ
ନାଦ କର୍ଣ୍ଣକଠୋର
ତାକୁ ଅତି ଶ୍ଳଥ କରିଲେ
ନାଦ ପୂର୍ଣ୍ଣାନୁସ୍ୱାର ।
ତାହାର ମଧ୍ୟମ ସ୍ଥିତିରେ
ମାତ୍ର ନାଦ ମଞ୍ଜୁଳ
ତେମନ୍ତ ଆହାର ବର୍ଜନେ
ଦେହ ହୁଏ ଦୁର୍ବଳ ।
ଅମିତ ଭୋଜନକରଣେ
ତନୁ ମନ ଅସୁସ୍ଥ
ନିୟମିତ ସାତ୍ତ୍ୱିକାହାରେ
ମାତ୍ର ସେ ହେବନି ସୁସ୍ଥ ।

ଏତିକି ମାତ୍ର ଜାଣିପାରିଲି ଯେ, ପାଠ ପଢିବା ଦ୍ୱାରା କିମ୍ବା ତପ କରିବା ଦ୍ୱାରା ତତ୍ତ୍ୱ ଜଣା ଯାଏ ନାହିଁ, ତନୁର ଏବଂ ମନର କ୍ଳେଶ ସମ୍ଭବେ । ତତ୍ତ୍ୱ ଜାଣିବାକୁ ବାଞ୍ଛିଲେ, ଚଞ୍ଚଳ ମନକୁ ନିଶ୍ଚଳ କରିବାକୁ ହେବ । ବୁଦ୍ଧିଦ୍ୱାରା ମନ ସ୍ଥିର କରାଯାଇ ପାରେ । ମନ ସ୍ଥିରୀକୃତ ହେଲେ ତତ୍ତ୍ୱଜ୍ଞାତ ହେବ । ଅତଏବ କଠୋର ନିୟମ ପରିତ୍ୟାଗ କରି ମନକୁ ସୁସ୍ଥିରେ ଏବଂ ନିଶ୍ଚଳରେ ରଖି ତତ୍ତ୍ୱାନ୍ୱେଷଣ କରିବି । ( ଆଖି ମୁଦି ବସି, କେତେ କ୍ଷଣ ପରେ ଆଖି ମେଲି ଆନନ୍ଦରେ ) ଅହୋ ! ଜଣାଗଲା ! ଜଣାଗଲା ! ତତ୍ତ୍ୱ ଜଣାଗଲା ! !

ଦେହରୂପ ଗୃହନିର୍ମାଣକାରିଣୀ
　　　　　　ତୃଷ୍ଣାକୁ ନ ଜାଣି ମୁହିଁ
ବହୁଜନ୍ମ ଲଭି କଲି ଅଜପାଏ
　　　　　　ବହୁତ ସନ୍ତାପ ସହି ।
ତାକୁ ଏବେ ଜାଣି କୁଡ଼୍ୟସ୍ତମ୍ଭାଦିଙ୍କି
　　　　　　ଭାଙ୍ଗିଦେଲି ଯୋଗବଳେ
ସେ ଆଉ ମନ୍ଦିରନିର୍ମାଣକୁ କରି
　　　　　　ପାରିବ ନାହିଁ କୌଶଳେ ।
ବାସନାବିହୀନ ମାନସ ମୋହର
　　　　　　ହେଲା ତୃଷ୍ଣାନ୍ତସାଧନ
ଏଣିକି ନିର୍ବାଣ ସୁଖ ନିଶ୍ଚୟରେ
　　　　　　ମୋର କରଗତ ଧନ ।

ମଧ୍ୟ ଆକାଶବାଣୀ ଶୁଣାଗଲା ଯେ—ବୁଦ୍ଧୋଽସି—ବୁଦ୍ଧୋଽସି—ବୁଦ୍ଧୋଽସି । ଅତଏବ ମୁଁ ଆଜିଠାରୁ ବୁଦ୍ଧ ଏବଂ ତଥାଗତ । ତତ୍ତ୍ୱଜ୍ଞାନାନନ୍ଦକୁ କେବଳ ମୁଁ ମାତ୍ର ଅନୁଭବ କରିବା ଅନୁଚିତ । ମନୁଷ୍ୟ ବିଗତସ୍ୱାର୍ଥ ହେବା ସମୁଚିତ, ତେଣୁ ଏବେ ଦେଶରେ ଭ୍ରମଣ କରି ଜନସମାଜକୁ ଜ୍ଞାନଦାନ କରିବି ।

( ପ୍ରସ୍ଥାନ )

## ପଞ୍ଚମାଙ୍କ

ଦୃଶ୍ୟ—କପିଳବସ୍ତୁ ପୁର ରାଜପଥ

( ନିଶାକର ଏବଂ ଦିବାକର ପୂର୍ବାପର ଦିଗରୁ ପ୍ରବେଶ )

ନିଶା—ଅହୋ ! ଦିବାକର, ବହୁକାଳଦର୍ଶନ !

ଦିବା—ମୁଁ ତୀର୍ଥସେବନ ନିମନ୍ତେ ଯାଇଥିଲି ସମାଚାର ତୁ ଜାଣିଅଛୁ । ଫେରି ଏବେ ତ ଆସୁଅଛି । ନିଶାକର, ଖବର କ'ଣ ? ସବୁ କୁଶଳ ତ ?

ନିଶା—ଯୁବରାଜ ଫେରି ଆସିଛନ୍ତି, ମାତ୍ର ସେ ଏବେ ଗୌତମ ନୁହନ୍ତି, ବୁଦ୍ଧ ହୋଇଛନ୍ତି ।

ଧାବା—ସେ ସନ୍ନ୍ୟାସୀ ହେଲା ପରେ ବୁଦ୍ଧନାମ ଗ୍ରହଣ କରିଥିବେ । ଯାହା ହେଉ, ସେ ସ୍ୱଦେଶକୁ ଫେରି ଆସିବା ମଙ୍ଗଳକର ।

ନିଶା—ଅମଙ୍ଗଳକର ବୋଲୁ ନାହୁଁ କାହିଁକି ?

ଧାବା—କିଆଁ ?

ନିଶା—ସେ ଆସି ଯଶୋଧାରା ଦେବୀଙ୍କୁ ସନ୍ନ୍ୟାସିନୀ କରି ଆଶ୍ରମକୁ ପଠାଇଲେ ।

ଧାବା—ତାହା ଅମଙ୍ଗଳକର ନୁହେ । ସତୀର ଗତି ପତି ମାତ୍ର । ଭରିବା ହେବାରୁ ଭାର୍ଯ୍ୟା, ଭରଣ କରିବାରୁ ଭର୍ତ୍ତା । ପତିତ୍ୟକ୍ତାର ଗତି ସନ୍ନ୍ୟାସିଧର୍ମ ଛଡ଼ା ଆଉ କଅଣ ଅଛି ?

ଅଙ୍ଗାର ଜଳିଲେ ନିଭିଏ ଜଳ
ଜଳ ଜଳିଲେ ଆଉ ନାହିଁ କଳ ।
ପତି କେବଳ ସଧବାର ଗତି
ପତିତ୍ୟକ୍ତାର ନାହିଁ ତ ନିଷ୍କୃତି ।

ନିଶା—ସେତିକିରେ ସମାପନ ହୋଇ ନାହିଁ । ରାହୁଲ ମଧ୍ୟ ବୌଦ୍ଧ ସନ୍ନ୍ୟାସୀ । ବୁଦ୍ଧଙ୍କ ବୋଧନବଶରୁ ମହାରାଜ ଏବଂ ମହାଦେବୀ ବୌଦ୍ଧମତାବଲମ୍ବନ କଲେ ।

ଧାବା—କ'ଣ ? ତାହା ଅସମ୍ଭବ, ଅସମ୍ଭବ ! ଯୌବନଚାପଲ୍ୟରୁ ରାହୁଲ ନୂତନ ମତପ୍ରିୟ ହୋଇ ସନ୍ନ୍ୟାସର କଠୋରତା ନ ଜାଣି ସନ୍ନ୍ୟାସୀ ହୋଇଥିବେ, କିନ୍ତୁ ବୃଦ୍ଧବୟସ୍କ ପୁଣି ବୈଦିକ ଧର୍ମନିଷ୍ଠ ମହାରାଜ ସ୍ୱମତ ପରିତ୍ୟାଗପୂର୍ବକ ପରମତ ଗ୍ରହଣ କଲେ ବୋଇଲେ କିଏ ବିଶ୍ୱାସ କରିବ ? ନିଶାକର ! ନିଶା ଖାଇ ନିଜ ନାମ ସାର୍ଥକ କରି ନାହୁଁ ତ ?

ନିଶା—କେବଳ ମହାରାଜଙ୍କ ମତ ମାତ୍ର ବଦଳିଅଛି, ଆଉ କିଛିହିଁ ବଦଳି ନାହିଁ । ତୁ ବୁଦ୍ଧଙ୍କ ବୋଧନ ଶୁଣିବା ମାତ୍ରେ ତୋ ଗର୍ବ ଖର୍ବ



ବୈଦିକ ଓ ତାନ୍ତ୍ରିକ ମତାବଲମ୍ବୀ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ପ୍ରଭୃତି
ଧର୍ମ ଚର୍ଚ୍ଚାରେ ବୁଦ୍ଧଦେବଙ୍କ ଦ୍ୱାରା ପରାସ୍ତ ହୋଇ
ବୌଦ୍ଧଧର୍ମ ଗ୍ରହଣ କରିବା ।

ହେବ । ତୁହି ଘରକୁ ଆଉ ନ ଯାଇ, ନିଜ ଧର୍ମରେ ଜଳାଞ୍ଜଳି ଦେଇ, ମୁଣ୍ଡିତ ହୋଇ କନ୍ଥା କାନ୍ଧେଇ, ଭିକ୍ଷାପାତ୍ର ବହି ବୁଲିବୁ ।

ଦିବା—ଦିନେ ବୁଦ୍ଧଙ୍କୁ ଭେଟିବି ତ । କଅଣ ହେବ—ଦେଖାଯିବ । କଥାଳହସରେ ପାସୋରିଥିଲି । ଭଲ ସ୍ମରଣ କରାଇଲୁ । ଏବେ ଘରକୁ ଯିବି । ତୁ କେଉଁଠାକୁ— ?

ନିଶା—ପଣ୍ଡିତର କେତେକ ବ୍ୟକ୍ତି ଉତ୍ତ୍ୟକ୍ତ ହୋଇ ବାଦପ୍ରତିବାଦରେ ବୁଦ୍ଧଙ୍କୁ ପରାଭୂତ କରିବାକୁ ତାଙ୍କଠାକୁ ଯାଉଅଛନ୍ତି । ସେ ତାମସା ଦେଖିବାକୁ ମୁଁ ଯାଉଛି ।

ଦିବା—ସାବଧାନ ! ବୁଦ୍ଧବୋଧନରେ ଭ୍ରମି ବୌଦ୍ଧ ହୁଅନା ।

( ଉଭୟଙ୍କ ପ୍ରସ୍ଥାନ )

ଦୃଶ୍ୟ—ମଣ୍ଡପ

( ବୁଦ୍ଧ, ଦତ୍ତାତ୍ରେୟ ଶର୍ମା, ବୀରବର ବର୍ମା, ଧନଦ ଗୁପ୍ତ, ସାଧୁଚରଣ ଦାସ ଆସୀନ ଏବଂ କେତେ ଜଣ ଦଣ୍ଡାୟମାନ )

ବୁଦ୍ଧ—ପ୍ରିୟ-ଜନସମାଜ ! ମୋ ବଚନ ମନ ଦେଇ ଶ୍ରବଣ କର, ଶୁଣି ହୃଦୟଙ୍ଗମ କର—

ଇନ୍ଦ୍ରିୟବିଷୟ-ଦେହ-ଶରୀ ବହ୍ନିକୁଣ୍ଡେ
ପ୍ରଜ୍ଜ୍ୱଳୁଥାଏ ବାସନା-ହୁତାଶ ପ୍ରଚଣ୍ଡେ ।
ସେ କୁଣ୍ଡରେ ଜୀବ ଦଗ୍ଧ ହୁଏ ନିରନ୍ତର
ତାର ପ୍ରଶମନେ ଜ୍ଞାନୀ ସର୍ବଦା ତତ୍ପର ।
ବାସନା ପ୍ରଶମନର କେବଳ ସାଧନ
ବ୍ରହ୍ମଚର୍ଯ୍ୟ ଅଟେ କର ତା ଅବଲମ୍ବନ ।
ପ୍ରେମଗ୍ରସ୍ତ ବ୍ୟକ୍ତି ପାଏ ଶୋକ ଭୟ ଦ୍ୱୟ
ପ୍ରେମବିମୁକ୍ତ ବ୍ୟକ୍ତିର ନାହିଁ ଶୋକ ଭୟ ।

ପ୍ରିୟଦ୍ରବ୍ୟର ଅଲାଭେ ଅପ୍ରିୟ ପଦାର୍ଥ—
ଲାଭେ ମାନସ ବିଷାଦଗ୍ରସ୍ତ ଏ ଯଥାର୍ଥ ।
ଜୟୀ ସୁଖୀ ହୁଏ, ଦୁଃଖୀ ହୁଏ ପରାଭୂତ
ତାହା ଦ୍ୱେଷ ଯା ସେ ବୈର ଜନ ମଧ୍ୟେ ଜାତ ।
ତେଣୁ ପ୍ରିୟାପ୍ରିୟ ଦ୍ରବ୍ୟ ଜୟେ ପରାଜୟେ
ଧୀରେ ନ ଲଭନ୍ତି ମୋଦ ଖେଦ ସ୍ୱହୃଦୟେ ।
କେଉଁ ପ୍ରାଣୀକି ନ ମାର, ପରସ୍ୱ ନ ହର,
ବ୍ୟଭିଚାର କର ନାହିଁ ତେଜ ମିଥ୍ୟାଗିର ।
ପରୁଷ ଗିରେ ନ ବାଧ ଚିତ୍ତକୁ ପରର
କାୟକ୍ଳେଶଠାରୁ ଚିତ୍ତକ୍ଳେଶ ଗୁରୁତର ।
ସୁରାଦି ମାଦକ ଦ୍ରବ୍ୟ ନ କର ସେବନ
ଅପରାହ୍ଣର ଉର୍ଦ୍ଧ୍ୱକୁ ନ କର ଭୋଜନ ।
ଦେଖ ନାହିଁ ନୃତ୍ୟଗୀତବାଦ୍ୟଯୁକ୍ତୋତ୍ସବ
ଭୂଷାଗନ୍ଧମାଲ୍ୟ ଧେନ ନାହିଁ ଏହା ଧ୍ରୁବ ।
ଉନ୍ନତାସନ ପଲ୍ୟଙ୍କ ପରିତ୍ୟାଗ କର
ହେମ ରଜତ ନିମିତ୍ତ ନ ପ୍ରସାର କର ।
ଦୁଃଖର ଅସ୍ତିତ୍ୱ ଦୁଃଖମୂଳ ଦୁଃଖଲୟ
ଦୁଃଖନାଶୋପାୟ ଆର୍ଯ୍ୟ ସତ୍ୟ ଚତୁଷ୍ଟୟ ।
ସେ ଉପାୟପ୍ରାପ୍ତିମାର୍ଗ ଅଷ୍ଟାଙ୍ଗସଂଯୁତ
ସତ୍ୟଦୃଷ୍ଟି ସତ୍ସଙ୍କଳ୍ପ ଯଥାର୍ଥଜୀବିତ ।
ପ୍ରଶସ୍ତକର୍ମାଚରଣ 'ସୂନୃତକଥନ
ସତ୍ୟସ୍ମୃତି ସତ୍ସମାଧି ସତ୍ୟପ୍ରବର୍ତ୍ତନ ।
ଦୁଃଖର ଜନକ ଅଟେ ବିଷୟାଳିଭୋଗ·
ସୁଖର କାରଣ ନିଶ୍ଚେ ବିଷୟାଳିତ୍ୟାଗ ।

ଦଣ୍ଡୀ—ବୁଦ୍ଧଦେବ ! ଆପଣଙ୍କ ଉପଦେଶ ଅତୀବ ସମୀଚୀନ ଏବଂ ଆଦରଣୀୟ, ମାତ୍ର ଆମ୍ଭମାନଙ୍କ ହୃଦୟ କତିପୟ ସଂଶୟମୟ ।

ବୁଦ୍ଧ"ସଂଶୟାତ୍ମାବିନଶ୍ୟତି", ଅତଏବ ତୁମ୍ଭ ସଂଶୟ ପ୍ରକଟନ କର ।

ଦତ୍ତ—ଅପଣଙ୍କ ଉପଦେଶ "କେଉଁ ପ୍ରାଣୀକି ନ ମାର ।" ମାତ୍ର ବେଦରେ "ଅଗ୍ନିସୋମୀୟଂ ପଶୁମାଲଭେତ" ବୋଲି ସୁସ୍ପଷ୍ଟରେ କଥିତ । ଅତଏବ କଅଣ କରିବାକୁ ହେବ ?

ବୁଦ୍ଧ— —ଗୀତିକା—

ଜନ୍ତୁ ଜୀବନନାଶନ ଦୃଷ୍ଟ ହୁଅଇ
ଦେବତାତୃପ୍ତିଲାଭ ଅଜ୍ଞାତ ଅଟଇ ।
ଜ୍ଞାତ ନୋହିବା ପୁଣ୍ୟରେ ହୋଇ ନିରତ
ଜାଣି ଜାଣି ପାପାର୍ଜନ ନିନ୍ଦ୍ୟଟି ସତ ।

ଦତ୍ତାତ୍ରେୟ ଶର୍ମା ! ତୁମ୍ଭ ଉଦାହୃତ ବାକ୍ୟସ୍ଥିତ "ଆଲଭେତ" ପଦର ଅର୍ଥ "ବିଶସନ କରିବ" ବୋଲି ତୁମ୍ଭେ ଭାବୁଛ; ମାତ୍ର ତାର ସତ୍ୟାର୍ଥ ଏହି ଯେ, ଆ=ସର୍ବତୋଭାବେ; ଲଭେତ=ଲଭିବ; ଭଲେ ପ୍ରତିପାଳିବ ବୋଲି ତାତ୍ପର୍ଯ୍ୟ । ଭଲେ ଭାବିଲେ ମୁଁ କହିଲା ଅର୍ଥ ମାତ୍ର ଉପଯୁକ୍ତ ଅଟେ । ପଶୁମାରଣରେ ଅଗ୍ନିସୋମଙ୍କର ଲାଭ ଲେଶ ହେଲେ ହୁଏ ନାହିଁ; କିନ୍ତୁ ପଶୁପାଳନ ଦ୍ୱାରା ଲବ୍ଧ ହେବା ଦୁଗ୍ଧଦଧିଘୃତ ବସ୍ତୁଁ ଅଗ୍ନିସୋମ ତୁଷ୍ଟ ହେବା ସମ୍ଭବପର ।

ଦତ୍ତ—ବ୍ରାହ୍ମଣ ମାନ ସନ୍ନ୍ୟାସୀ ହେବା ବିଧେୟ । ଆପଣ ଯଶୋଧାରା ଦେବୀଙ୍କୁ ସନ୍ନ୍ୟାସିନୀ ଏବଂ ରାହୁଲକୁମାରଙ୍କୁ ସନ୍ନ୍ୟାସୀ କଲେ । ତାହା ଉଚିତ କି ?

ବୁଦ୍ଧ—ଭବଲାଥିତ ନିୟମ ସ୍ୱାର୍ଥଜନକୃତ ଅଟେ । ସଂସାରରେ ବିରକ୍ତ ଲଭିବା ପ୍ରତ୍ୟେକ ବ୍ୟକ୍ତି ସନ୍ନ୍ୟାସିଧର୍ମ ଗ୍ରହଣ କରି ପାରେ । ତହିଁ କୌଣସି ପ୍ରତ୍ୟବାୟ ନାହିଁ ।

ବ୍ୟକ୍ତି ବିରକ୍ତ ଯେଉଁ ଦିନେ
ସନ୍ନ୍ୟାସୀ ହେବ ସେହି ଦିନେ ।

ଦାର—ଏ ଜଗତରେ ଦରିଦ୍ର ଅଭାବବଶୁଁ ଦୁଃଖ ଲଭୁଥିବାରୁ ସେ ମାନ ବିରକ୍ତ ହେବା ସମୁଚିତ । "ଅଭାବେ ବିରକ୍ତଃ" ପଦାର୍ଥ ସମୂହ

ମନୁଷ୍ୟର ଭୋଗବିଳାସ ନିମିତ୍ତ ସୃଷ୍ଟି । ଧନୀ ସକଳ ପଦାର୍ଥ ଭୋଗ କରି ସୁଖୀ ହୋଇ ପାରେ । ଅତଏବ ସେ ବିରକ୍ତ ହେବା ଅନୁଚିତ । ଭୋଗବିଳାସ ଦ୍ୱାରା ନଷ୍ଟ କିଏଁ ?

ବୁ—ବିରବର ବର୍ମା ! ତୁମ୍ଭର ଆଶୟ ଏହି ଯେ, ପଦାର୍ଥ ସମୁଦାୟ ତୁମ୍ଭ ନିମିତ୍ତ ସୃଷ୍ଟ । କିନ୍ତୁ ବାଘର ଆଶୟ ଏହି ଯେ, ତୁମ୍ଭେ ତାର ନିମିତ୍ତ ସୃଷ୍ଟ । ଏଥି କେଉଁ ଆଶୟ ସତ୍ୟ ଅଟେ ? ତୁମ୍ଭେ ଭାବିବା ପରି ଦରିଦ୍ର କେବଳ ଦୁଃଖୀ ନୁହେଁ; ଧନୀ କେବଳ ସୁଖୀ ନୁହେ । ଦରିଦ୍ର ଜାଉ ଖାଇ କମ୍ବା ପେଜ ପିଇ, ତଳେ ଗଡ଼ି, ଶୋଇ ସୁଖାନୁଭବ କରେ । ଧନୀ ବାର୍ଦ୍ଧକ୍ୟରୋଗାଦି ବାଧାରୁ ବଞ୍ଚିତ ନୋହି, ପୁଣି ବହୁତ ଧନ୍ଦାରେ ବ୍ୟସ୍ତହୋଇ ଦୁଃଖାନୁଭବ କରେ । ତୁମ୍ଭେ ଯାହା ସୁଖ ବୋଲି ଭାବୁଛ, ତାହା କ୍ଷଣସ୍ଥାୟୀ ମାତ୍ର । ପରିଣାମରେ ତାହା ଦୁଃଖ ହେଉଥିବାରୁ ତାହା ସୁଖାଭାସ ଅଟେ । ସବୁ କ୍ଷଣିକ—ନିତାନ୍ତ କ୍ଷଣିକ । ଏ ଜଗତ୍ ଦୁଃଖମୟ—କେବଳ ଦୁଃଖମୟ । ଭୋଗବିଳାସବସ୍ତୁ ସର୍ବାନର୍ଥକାରିଣୀ ତୃଷ୍ଣା ବୃଦ୍ଧି ପାଏ ।

ବିଷୟଭୋଗେ ତୃଷ୍ଣା ବଢ଼େ
ବିଷୟତ୍ୟାଗେ ତାହା ଛିଡ଼େ ।

ଅତଏବ ପ୍ରତ୍ୟେକ ବ୍ୟକ୍ତି ବିରକ୍ତ ହୋଇ ସନ୍ନ୍ୟାସୀ ଧର୍ମ ଗ୍ରହଣ କରି ନିର୍ବାଣ ଲଭିବା ନିଯୁକ୍ତ ।

ଧନ—ଜଗତ୍ ନିତ୍ୟ ନା ଅନିତ୍ୟ ?

ବୁଦ୍ଧ—ତାହା ପରିଣାମ ଲଭୁଥିବାରୁ ଅନିତ୍ୟ ବୋଲି କେତେ ଜଣ ଏବଂ ଅଦୃଷ୍ଟ ପରମାଣୁରୂପେ ପରିଣତ ହୋଇ ରହୁଥିବାରୁ ନିତ୍ୟ ବୋଲି କେତେ ଜଣ ବାଦ ପ୍ରତିବାଦରେ କାଳ ହରଣ କରନ୍ତି । ଧନଦ ଗୁପ୍ତ ! ତଦ୍‌ବିଚାର ନିତାନ୍ତ ନିଷ୍ପ୍ରୟୋଜନ ।

ଦତ୍ତ—ବ୍ରହ୍ମ ସତ୍ୟ, ନା ଅସତ୍ୟ ?

ବୁଦ୍ଧ—ବ୍ରହ୍ମ ସତ୍ୟ ବୋଲିବା ମାତ୍ରେ ଆମ୍ଭମାନଙ୍କ ପୁଷ୍ଟି ହେବ ନାହିଁ କିମ୍ବା ଅସତ୍ୟ ବୋଲିବା ମାତ୍ରେ ନଷ୍ଟ ହେବ ନାହିଁ । ବାସନା-

ରହିତ୍ୟ ବିନା ନିର୍ବାଣ ଲଭ୍ୟ ହୁଏ ନାହିଁ । କାରଣରୂପିଣୀ ତୃଷ୍ଣା ତ୍ୟକ୍ତା ନୋହିଲେ, କାର୍ଯ୍ୟରୂପିଣୀ ବାସନାର ନାଶ ଅସମ୍ଭବ । ଅତଏବ ତୃଷ୍ଣା ପରିତ୍ୟାଗର ପ୍ରଯତ୍ନ କର—ବ୍ରହ୍ମ, ବ୍ରହ୍ମ ବୋଲି ବସି ରହ ନାହିଁ । ତଦ୍‌ବିଚାର ଅନାବଶ୍ୟକ ।

ପୋଡୁଥିବା ଘରୁ ବାହ୍ୟକୁ
ପଳାଇବାକୁ ନର
ବ୍ୟଗ୍ର ହେବା ଯିତ ଅଟଇ
ସଂସାରମ୍ମୁଖି ତର ।

ସାଧୁ—ଦେବ ! ଲୋକେ ଧର୍ମ, ଧର୍ମ ବୋଲନ୍ତି । ତାହା କେତେ ପ୍ରକାର ?

ବୁଦ୍ଧ—ସାଧୁଚରଣ ଦାସ ! ପ୍ରବୃତ୍ତିମୂଳକ, ନିବୃତ୍ତିମୂଳକ ଏବଂ ପ୍ରବୃତ୍ତି-ନିବୃତ୍ତିମୂଳକ ବୋଲି ଧର୍ମ ତ୍ରିବିଧ ଅଟେ ।

ସତ୍ୟବାକ୍ୟଭାଷଣାଦି ପ୍ରବୃତ୍ତିମୂଳକ
ଜୀବହିଂସାବର୍ଜନାଦି ନିବୃତ୍ତିମୂଳକ ।
ଫଳାଶାତ୍ୟକ୍ତ ପରୋପକାରାଦି ସୁକର୍ମ
ଅଟଇଟି ପ୍ରବୃତ୍ତିନିବୃତ୍ତିମୂଳ ଧର୍ମ ।

ସର୍ବେ—ଆମ୍ଭେମାନେ ଆପଣଙ୍କ ବୋଧନରେ ସନ୍ତୃପ୍ତ ହୋଇ ଆପଣଙ୍କ ଶିଷ୍ୟତ୍ୱ ସ୍ୱୀକାର କରୁଅଛୁଁ ।

ବୁଦ୍ଧଂ ଶରଣଂ ଗଚ୍ଛାମି !
ଧର୍ମଂ ଶରଣଂ ଗଚ୍ଛାମି !
ସଂଘଂ ଶରଣଂ ଗଚ୍ଛାମି !

ଦତ୍ତ—ସ୍ୱାମୀ ! ଆଉ ଆବଶ୍ୟକ କଅଣ ?

ବୁଦ୍ଧ—ଆନନ୍ଦର ବିଷୟ ଏହି ଯେ, ତୁମ୍ଭେମାନେ ସତ୍ୟମତ ଗ୍ରହଣ କଲ । ତୁମ୍ଭମାନଙ୍କର ନିର୍ବାଣସୁଖପ୍ରାପ୍ତି ହେବା ନିଶ୍ଚୟ । ଅତଏବ ଆଉ କିଛିହିଁ ଆବଶ୍ୟକ ନାହିଁ । ତଥାପି ଏପରି ହେଉ ।

( ଭରତ ବାକ୍ୟ )

ଶ୍ଳୋକ —ଘୋରେତି ବାଧା ଜଗତେ ନ ଆଉ
ଲୋକଙ୍କ ଅଜ୍ଞାନ ବିନଷ୍ଟ ହେଉ ।
ହୃଦେଶୁଁ ସନ୍ତାପ ତୁରନ୍ତ ଯାଉ
ଜୀବାଳି ନିର୍ବାଣ ଦଶାକୁ ପାଉ ।

[ ସମସ୍ତଙ୍କର ପ୍ରସ୍ଥାନ ଏବଂ ଯବନିକାର ପତନ ]

ନେପଥ୍ୟେ— —ଗୀତ—

ସୌରାଷ୍ଟ୍ର ରାଗିଣୀ—ଆଦାତାଳ

ଶ୍ରୀ ବୁଦ୍ଧ ବୌଦ୍ଧଙ୍କର ହେଉ ସଦା ମଙ୍ଗଳ । ପ ।
ବିଜ୍ଞାନଜ୍ଞାନୀଙ୍କର, ସଭକ୍ତ ଜନଙ୍କର । ଶ୍ରୀ । ୧ ।
ନିର୍ଧନୀମାନଙ୍କର, ସମସ୍ତ ଜନ୍ତୁଙ୍କର । ଶ୍ରୀ । ୨ ।

ସମାପ୍ତ

ଶ୍ରୀ ବିକ୍ରମଦେବ ବର୍ମା

ଶ୍ରୀ

# ଉତ୍କଳ କୁନ୍ଦମାଳା ନାଟକ

ଶ୍ରୀ ବିକ୍ରମଦେବବର୍ମବିରଚିତା

## ଭୂମିକା

ଏ ନାଟକର ଇତିବୃତ୍ତ ରାମାୟଣାନ୍ତର୍ଗତୋତ୍ତରକାଣ୍ଡରୁ ଚୟନ ହୋଇଥିଲେହେଁ, ସୀତାହସ୍ତରଚିତା କୁନ୍ଦମାଳା ଶ୍ରୀରାମରେ ପ୍ରଥମତଃ ଦର୍ଶିତା ହୋଇ ତନ୍ମାନସ କରୁଣାର୍ଦ୍ର କଲା କାରଣରୁ ଏହା "କୁନ୍ଦମାଳା" ନାମରେ ଅଭିହିତ । ଏହା ଅଧୁନା ଉତ୍କଳୀକୃତା ହୋଇ "ଉତ୍କଳକୁନ୍ଦମାଳା" ନାମ ଧାରଣ କଲା ।

ଏ ନାଟକକୁ ସଂସ୍କୃତଭାଷାରେ ଅରାଳପୁରନିବାସୀ ମନୀଷୀ ଦିଙ୍ ନାଗକବି ରଚିଲା ପରି ସୂତ୍ରଧାରୋକ୍ତିରୁ ବିଦିତ ହୁଏ, କିନ୍ତୁ ସେ ପୁରସ୍ଥିତ ପ୍ରଦେଶ ଏବଂ କବିକୁଳଗୋଷ୍ଠୀ ଅଗମ୍ୟଗୋଚର । କିଏ କିଏ ଦିଙ୍ ନାଗକୁ ବୌଦ୍ଧ ବୋଲନ୍ତି । ସେ ଅନ୍ୟ ବ୍ୟକ୍ତି ହୋଇଥିବ । ମାତ୍ର ସୂତ୍ରଧାରଦ୍ୱାରା ଗଣେଶପାଦରଜ ଏବଂ କପର୍ଦ୍ଦି ସ୍ତୁତ ହୋଇଥିବାରୁ ଏ ଦିଙ୍ ନାଗ କବି ଆର୍ଯ୍ୟମତାବଲମ୍ବୀ ।

—ଶ୍ଳୋ—

ଅଦ୍ରେଃଶୃଙ୍ଗଂ ହରତିପବନଃ କିଂସ୍ୱିଦିତ୍ୟୁନ୍ମୁଖୀଭି
ର୍ଦୃଷ୍ଟୋତ୍ସାହଶ୍ଚକିତଚକିତଂ ମୁଗ୍ଧସିଦ୍ଧାଙ୍ଗନାଭିଃ

ସ୍ଥାନାଦସ୍ମାତ୍ସରସନିଚୁଳାଦୁତ୍ପତୋଦଙ୍ମୁଖଃ ଖଂ
ଦିଙ୍ନାଗାନାଂ ପଥି ପରିହରନ୍ ସ୍ଥୂଳହସ୍ତାବଲେପାନ୍ ।

ଏହି ପୂର୍ବ ମେଘ ଚତୁର୍ଦଶ ଶ୍ଳୋକର ଟୀକାରେ ଦିଙ୍ନାଗ କବି କାଳିଦାସମହାକବିର ସମସାମୟିକ ବୋଲି ମହାମହୋପାଧ୍ୟାୟ କୋଲାଚଲ ମଲ୍ଲିନାଥସୂରିଦ୍ୱାରା ସୁନିଶ୍ଚିତ । କାଳିଦାସ ସମୟ ଏକ ପ୍ରକାର ନିଶ୍ଚିତ ହୋଇଥିବାରୁ ଏ କବିର ସମୟ ତାହା ମାନି ବୋଲିବାକୁ ହେବ ।

ଏ କୁନ୍ଦମାଳାର ଏବଂ ମହାକବି—ଭବଭୂତି ବିରଚିତୋତ୍ତର ରାମଚରିତର ଇତିବୃତ୍ତ ପ୍ରାୟଶଃ ଏକବିଧରେ ଥିବାରୁ ଏକର ନାଟକ ଦେଖି ଆରେକ ରଚିଥିବା ସମ୍ଭବପର । ତାହା ହେଲେ, କେଉଁ ନାଟକ ପ୍ରାଚୀନ, ତଦ୍‌ବୃତ୍ତାନ୍ତ ବିର୍ଣ୍ଣୟମାଣ । ଦିଙ୍ନାଗ କାଳିଦାସ ସମସାମୟିକ ବୋଲି ଏବଂ ଭବଭୂତି ଅର୍ବାଚୀନ ବୋଲି ପଣ୍ଡିତନିଶ୍ଚିତ । ମଧ୍ୟ ଉତ୍ତରରାମଚରିତର ରଚନାଚମତ୍କାର ସୁନ୍ଦରତର । ଅତଏବ ଉତ୍ତରରାମଚରିତ ଅର୍ବାଚୀନ ଅଟେ ।

ଦୁଃଖର ବିଷୟ ଏହି ଯେ, ମୁଦ୍ରିତ ସଂସ୍କୃତ ପୁସ୍ତକର ଗଦ୍ୟରେ ମାନ କେତୋଟି ସ୍ଥାନରେ କେତୋଟି ବାକ୍ୟ ଲୁପ୍ତ ହୋଇଥିବାରୁ ସେଗୁଡ଼ିକ ଅନନୁବାଦିତ ଏବଂ ଠୋପା ଧାଡ଼ିରେ ସୂଚିତ ।

ଏ ନାଟକ ଏବଂ ଅନୁବାଦ ବିଧି ଉତ୍କଳ ଦେଶରେ ନୂତନ । ଏ ଅନୁବାଦ ବିବୁଧାନୁମୋଦିତ ହେବା ଯାଏ ସମଞ୍ଜସ ବୋଲି ଯାଇ ନ ପାରେ । ମୁଁ ମୁକ୍ତକଣ୍ଠରେ ସ୍ୱୀକାର କରେଁ କି, ଏ ନାଟକର ଗୁଣ ଦିଙ୍ନାଗ କବିର, ଦୋଷ ମୋହର—ଏହା ନିଶ୍ଚୟ । ଇତି ।

ଜୟପୁର
୧ । ୨ । ୩୩ } ଶ୍ରୀ ବିକ୍ରମଦେବ ବର୍ମା

# ଏ ନାଟକର ପାତ୍ରାବଳୀ

## —ପୁରୁଷ—

| | |
|---|---|
| ରାମ— | ଅଯୋଧ୍ୟାଧିପତି— କଥାନାୟକ |
| ଲକ୍ଷ୍ମଣ— | ରାମଭ୍ରାତା |
| ସୁମନ୍ତ୍ର— | ସାରଥି |
| ବାଲ୍ମୀକି— | ମହର୍ଷି— ରାମାୟଣକାବ୍ୟକର୍ତ୍ତା |
| ତାପସ— | ରାମାଶ୍ୱମେଧ ନିମିତ୍ତ ଯାଉଥିବା ପଥିକ |
| ବାଦରାୟଣ— | ବାଲ୍ମୀକି ଶିଷ୍ୟ |
| କଣ୍ୱ— | ବାଲ୍ମୀକି ଶିଷ୍ୟ ଏବଂ ରାମଙ୍କ ବାଲ୍ୟ ମିତ୍ର |
| କୌଶିକ— | ବିଦୂଷକ |
| କୁଶ ଏବଂ ଲବ— | ସୀତାଙ୍କ ଯାମଳ ପୁତ୍ର |
| କଞ୍ଚୁକୀ— | ଅନ୍ତଃପୁର ଦ୍ୱାରପାଳ |
| ସୂତ୍ରଧାର— | ନାଟ୍ୟକାଧ୍ୟକ୍ଷ |

## —ସ୍ତ୍ରୀ—

| | |
|---|---|
| ସୀତା— | ରାମମହିଷୀ— କଥାନାୟିକା |
| ପ୍ରଥମା<br>ଯଜ୍ଞବେଦୀ } | ବାଲ୍ମୀକ୍ୟାଶ୍ରମର ମୁନିକନ୍ୟା ଦ୍ୱୟ |
| ବେଦବତୀ— | ମୁନିକନ୍ୟା ଏବଂ ସୀତାସଖୀ |
| ପୃଥିବୀ— | ଭୂଦେବୀ |



ଶ୍ରୀ ରାଧାକୃଷ୍ଣାଭ୍ୟାଂ ନମଃ

# ଉତ୍କଳ କୁନ୍ଦମାଳା

## ପ୍ରଥମାଙ୍କ

ସୁରେଶ ଶେଖର ମନ୍ଦାର ସୁବାସ, ମକରନ୍ଦ-ଧାରାଚୁମ୍ବିତ ଗଣେଶ ।
ଚରଣସରୋଜାତରଜୋଜାଳକର, ଶୋଷୁ ବିଘ୍ନପୟୋରାଶି କି ସତ୍ୱର ।

( ନାନ୍ଦ୍ୟନ୍ତେ ସୂତ୍ରଧାର ପ୍ରବେଶି )

ସୂତ୍ର— ପରିଣତ ତପୋଜ୍ଜ୍ୱଳିତ ବହ୍ନିର
ଊର୍ଦ୍ଧ୍ୱଗତ ଶିଖା ପର
ମନ୍ଦାକିନୀ ବୀଚିସଂସ୍ପୃଷ୍ଟପାଂବଳୀ
ନିବାସ ବଲ୍ମୀକ ସର ।
ମନୋହର ଶଶ ମୃଦୁଳାଙ୍ଗ ଚନ୍ଦ୍ରା
ନିତ୍ୟ ସନ୍ଧ୍ୟାର ସଦୃଶ
ଦୀପ୍ତ ପ୍ରାତଃସୂର୍ଯ୍ୟରୁଚି ଶିବଜଟା
ପାଳୁ ତୁମ୍ଭଙ୍କୁ ଅନିଶ ।

ଅଖିଳ ପୁରଜନବାସୀ—ମହାଶୟ—ଦିଙ୍ଗ୍‌ନାଗ କବିଦ୍ୱାରା ସଂସ୍କୃତରେ ବିରଚିତ ଏବଂ ଜୟପୁରାଧୀଶ୍ୱର ଶ୍ରୀ ବିକ୍ରମଦେବବର୍ମାଙ୍କ ଦ୍ୱାରା ଉତ୍କଳଭାଷାରେ ଅନୁବାଦିତ କୁନ୍ଦମାଳା ନାଟକକୁ ପ୍ରୟୋଗ କର ବୋଲି ସବ୍ୟସ୍ତାରେ ଆଜ୍ଞା ଦେଲେ । ଅତଏବ ତନ୍ନାଟକସନ୍ଦର୍ଭପ୍ରୟୋଗ ସାଚିବ୍ୟବିଧାୟିନୀ—ଆର୍ଯ୍ୟା—ମୋଭାର୍ଯ୍ୟାକୁ ଡକାଇ ରଙ୍ଗସ୍ଥଳକୁ ଯିବି ।

ନେପଥ୍ୟେ—ଆର୍ଯ୍ୟ, ଏଠାରେ ଓହ୍ଲାଅ ।

ସୂତ୍ର—ହୋଇଛି ! କିଏ ଏହି ଆର୍ଯ୍ୟସମାହ୍ୱାନରେ ମୋର ସହାୟ ହେଉଛନ୍ତି ।

(ଦେଖି) ଅହା ! କେଡ଼େ କଷ୍ଟ ! କେଡ଼େ କଷ୍ଟ !

ଅତି ଦୁଃଖକର କର୍ମ ପ୍ରବର୍ତ୍ତୁଅଛି ତ ! !

ସ୍ୱବଶ ମନ୍ଦର ଶରସ୍ଥିତ ବର୍ଣ୍ଣ ଜନ—
ନିନ୍ଦା ଭୟୁଁ ବିକଳ ଶତ୍ରୁ କୌଶଲ୍ୟାନନ୍ଦନ ।
ତେଜନ୍ତେ ଗର୍ଭବତୀ ସୀତାଙ୍କୁ ଘେନି ତୁଲେ,
ଘୋର ବନେ ଛାଡ଼ିବାକୁ ଏ ଲକ୍ଷ୍ମଣ ଚଳେ ।

( ସୂତ୍ରଧାର ନିଷ୍କ୍ରାନ୍ତ ) ଇତି ପ୍ରସ୍ତାବନା ।

( ରଥାରୂଢ଼ ହୋଇ ସୀତା ଲକ୍ଷ୍ମଣ ସାରଥିଙ୍କ ପ୍ରବେଶ )

ଲକ୍ଷ୍ମ—ଆର୍ଯ୍ୟା, ଏଠାରେ ଓହ୍ଲାଅ । ଏ ଭାଗୀରଥୀ ତୀର କାନ୍ତାରବାରର ବିଟପିପାଳି ଏବଂ ଲତାଜାଳସଙ୍କୁଳ ହୋଇ ପଥନିରୋଧ କରୁଥିବାରୁ ଏଠାରୁ ସ୍ୟନ୍ଦନଗମନ ଅଶକ୍ୟ, ଏଠାରେ ଅବତର ।

ସୀତା—ବତ୍ସ—ଲକ୍ଷ୍ମଣ, ଅତ୍ୟନ୍ତ ପ୍ରବୃତ୍ତ ତୁରଗ ବେଗରୁ ସମଗ୍ର ଶରୀର ବିଚଳିତ ହୋଇ ଉଠିବାକୁ ମଧ୍ୟ ମୁଁ ଅଶକ୍ୟା ହେଲିଣି । ଅବତରଣ ବାଞ୍ଛନୀୟ ।

ଲକ୍ଷ୍ମ—ସୁମନ୍ତ୍ର, ଘୋଟକଙ୍କୁ ଅଟକିବା ଯତ୍ନ କର ।

ସାର—ମୁଁ ରୋକିବାକୁ ଯେତେ ପ୍ରଯତ୍ନ କଲେହେଁ, ଗାନରସପ୍ରିୟ ହୋଇଥିବାରୁ ଏ ହୟଦ୍ୱୟ ଅତିକ୍ରମଇ ।

—ଶ୍ଳୋକ—

ଉଚେ ହଂସ ନିନାଦାଳି ହୁଅନ୍ତେ କର୍ଣ୍ଣଗୋଚର
ନ ରହୁ ଧାନ୍ତି ଏ ଅଶ୍ୱେ ଟାଣିଲେ ମଧ୍ୟ ବାଗକୁ ।

ଲକ୍ଷ୍ମ—ସୁମନ୍ତ୍ର, ଅତିରଭସ ପ୍ରବୃତ୍ତ ବେଗ ହୋଇଥିବାରୁ ଏ ତୁରଗଯୁଗ ସମ ବିଷମ ପ୍ରଦେଶ ଲକ୍ଷ୍ୟ ନ କରି ଏ ଶତାଙ୍ଗକୁ ଗଙ୍ଗା ପ୍ରବାହରେ ଠେଲିପାରେ । ରଥ ରଖିବାକୁ ସର୍ବଥା ପ୍ରଯତ୍ନ କର ।

ସାରଥି—( ବାଗ ଟାଣିବା ଅଭିନୟ )

ଲକ୍ଷ୍ମ—ଦେବୀ, ରଥ ସ୍ଥଗିତ; ଅବତର

ସୀତା—( ଓହ୍ଲାଇ ଚାଲିବା )

ଲକ୍ଷ୍ମ—ଏ ତୁରଙ୍ଗଯୁଗ ଦୀର୍ଘମାର୍ଗଧାବନବଶରୁ ଅତ୍ୟନ୍ତ ପରିଶ୍ରାନ୍ତ । ଏହାଙ୍କୁ ବିଶ୍ରାନ୍ତ କରାଅ ।

ସାରଥି—ଯେ ଆଜ୍ଞା—ଦେବ ! ( ରଥ ଅବରୋହଣ ଗମନ )

ଲକ୍ଷ୍ମ—( ଚୁଲ, ସ୍ୱଗତ ) ଭାଇ—ନା—ପ୍ରଭୁ, ମୋତେ ଦେଖି "ବତ୍ସ ଲକ୍ଷ୍ମଣ, ରାବଣଭବନ ନିବସନ କାରଣରୁ ସୀତା ଦେବୀ ଚରିତ୍ର ସମ୍ବନ୍ଧେ ସମୁତ୍ପନ୍ନ ବିମର୍ଶନ ହୋଇ ପୁରଜନେ ଅନ୍ୟଥା ପ୍ରଳପନ୍ତି । ଛାର ସୀତା ପାଇଁ ଶରଚ୍ଚନ୍ଦ୍ର ନିର୍ମଳ ହେବା ଇକ୍ଷ୍ୱାକୁ କୁଳରେ କଳଙ୍କ ଦେଇ ପାରିବା ନାହିଁ । ଗର୍ଭିଣୀଭାବସୁଲଭ ଦୌହ୍ରଦ ବଶରୁ ସୀତା ଭାଗୀରଥୀ ଦର୍ଶନାଭିଳାଷ ମୋ ନିକଟରେ ପ୍ରକାଶ କରୁଛନ୍ତି । ଅତଏବ ଏ ଗଙ୍ଗା ଦର୍ଶନ ଗମନ କୈତବରେ ସୁମନ୍ତ୍ରାଧିଷ୍ଠିତ ରଥାରୋହଣ କରାଇ କୌଣସି ଏକ ଅରଣ୍ୟ ପ୍ରଦେଶରେ ତାଙ୍କୁ ଛାଡ଼ିଆସ" ବୋଲି ଆଜ୍ଞା ଦେଲେ ହେତୁରୁ ପାଳିତ ହରିଣକୁ ବଧ ଭୂମିକି ନେବା, ପରି ଦେବୀଙ୍କୁ ଅଟବୀକୁ ଘେନି ଆସିଲି ।

ସୀତା—ବତ୍ସ—ଲକ୍ଷ୍ମଣ, ଗୁରୁଗର୍ଭଭାରୋଦ୍‌ବହନବଶରୁ ଶ୍ରାନ୍ତ ହୋଇ ମୋ ପାଦଯୁଗ ଚଳି ପାରୁ ନାହିଁ । ତୁମ୍ଭେ ଆଗକୁ ଯାଇ ଭଗବତୀ ଭାଗୀରଥୀ କେତେ ଦୂରେ ଅଛନ୍ତି ଦେଖି ଆସି କହ ।

ଲକ୍ଷ୍ମ—ଦେବୀ, ବିଷାଦ ଲଭ ନାହିଁ, ଭଗବତୀ ସମୀପବର୍ତ୍ତିନୀ, ହେଉଛି ! ପାଖକୁ ଆସିଲୁଁ ।

ଅରବିନ୍ଦଠାରୁ ମଧୁର ମଧୁର—
ବାସନା ଘେନି ସଙ୍ଗରେ
ମରାଳ ମୁଖରୁ ପ୍ରଚୁର ନିନଦ
ପ୍ରସରାଇ ବହୁଳରେ ।
ଚଳଦୂର୍ମି ଜଳକଣଙ୍କୁ ବିକ୍ଷେପି
ଗାଙ୍ଗ ଶୀତ ବାତ ଭଲେ
ସାଦରେ ତୁମ୍ଭଙ୍କୁ ସମ୍ଭାଳିବା ପାଇଁ
ପାଛୋଟିବା ପରି ଚଳେ ।

ସୀ—( ସ୍ପର୍ଶାନୁଭବ କରି ) ଜନନୀକରସ୍ପର୍ଶସୁଖଶୀତଳ ଭାଗୀରଥୀତରଙ୍ଗ-ମାରୁତସ୍ପର୍ଶରୁ ପରିଶ୍ରମର ଏବଂ ପାତକର ପରିକ୍ଷୟ ଘଟିଲା । କିନ୍ତୁ ଗଙ୍ଗାବଗାହନ ନିମିତ୍ତ ଦୋହଦ କୌତୂହଳ ମୋତେ ଉତ୍ସାହିତ କରେ । ଅତଏବ ଏ ବିଷମ ତଟରୁ ନିରାୟାସରେ ଓହ୍ଲାଇବା ବାଟ ମୋତେ ଦେଖାଅ ।

ଲକ୍ଷ୍ମ—( ହସ୍ତରେ ଦେଖାଇ ) ଅତ୍ୟନ୍ତ ବିରଳ ନରସଞ୍ଚାର ହୋଇଥିବାରୁ ଏ ତଟ ପ୍ରଦେଶ ଅବତରିବାରେ କଷ୍ଟକର । ଅତଏବ ଅଙ୍ଗୁଳ୍ୟଗ୍ର ଧରିରେ ଦୃଢ଼େ ଚିପି—

—ଗୀତିକା—

ବାମ ହସ୍ତରେ ନୀବାରଗୁଚ୍ଛ ଧରି,
ହସ୍ତରେ ଆପଣା ଜାନୁ ଧାରଣ କରି ।
ମୋର ପଦଚିହ୍ନରେ ପାଦ ଥୋଇ ଥୋଇ,
ଏଠି ମନ୍ଦରେ ଚାଲ ନିମେଷ ମାତ୍ର ।”

ସୀ—( କହ୍ଲଣ ବିଧରେ ଓହ୍ଲାଇ ) ବତ୍ସ, ଅତି ଶ୍ରାନ୍ତା ହେଲି । ମୁହୂର୍ତ୍ତେ ମାତ୍ର ଏ ପାଦପଚ୍ଛାୟାରେ ବିଶ୍ରମିବି ।

ଲକ୍ଷ୍ମ—ଦେବୀ, ଯେ ଇଚ୍ଛା ।

ସୀ—( ଛାୟାକୁ ଯାଇ ବିଶ୍ରାମ କରିବା )

ଲକ୍ଷ୍ମଣ—ଅହୋ ! ସୁକୃତଜନଙ୍କର ପରିଜନନ୍ୟୂନତା କେଉଁ ସ୍ଥାନରେ ମଧ୍ୟ ଘଟଇ ନାହିଁ ତ?

ନିର୍ମଳାମ୍ବୁକଣିକାଧିକାର୍ଦ୍ରିତାରେ
ବାତ ବହଞ୍ଚି ଶୀତାନିଳ
କଳ ମୃଦୁ ଗାନ ମଧୁର କଣ୍ଠରେ
କରନ୍ତି ମରାଳକୁଳ ।
ସଖୀ ପରି ଛାୟା ଆଲିଙ୍ଗନ କରେ
ଆର୍ଯ୍ୟାଙ୍କ କ୍ଲାନ୍ତି ନାଶନେ
ନିର୍ଜନ କାନନେ ମଧ୍ୟ ଲଭ୍ୟ ହେଲେ
ସେବିକା ଏ ଅଯତନେ ।

ସୀ—ବତ୍ସ—ଲକ୍ଷ୍ମଣ, ସତେ ସ୍ୱଜନ ମଧ୍ୟେ ଥିଲା ପରି ମୋ ହୃଦୟ ଆନନ୍ଦ ଲଭଇ ।

ଲକ୍ଷ୍ମ—( ସ୍ୱଗତ ) ଏ ଏବେ ଗତଶ୍ରାନ୍ତା ହୋଇ ସୁଖରେ ବସିଛନ୍ତି । ଯଥା ସ୍ଥିତି ଜଣାଇବାକୁ ଏ ସମୁଚିତ ସମୟ । ( ହଠାତ୍ ପ୍ରଣମି ପ୍ରକାଶ୍ୟେ ) ଅନବରତ ପ୍ରବାସ କ୍ଳେଶଭାଜନ—ନିର୍ଲଜ୍ଜ—ଏ ଲକ୍ଷ୍ମଣ ବନ୍ଦାପନ କରେ । ଦେବୀ, ନିଜ ହୃଦୟକୁ ଦୃଢ଼ କର ।

ସୀ—( ସସମ୍ଭ୍ରମେ ) ଆର୍ଯ୍ୟପୁତ୍ରଙ୍କର କୁଶଳ ତ ?

ଲକ୍ଷ୍ମ—( ବନକୁ ଦେଖାଇ ) ଏପରି ସ୍ଥିତିରେ ଆର୍ଯ୍ୟଙ୍କ କୁଶଳ କେମନ ?

ସୀ—ଅମ୍ବା—କୈକେୟୀ ପୁନଶ୍ଚ ବନବାସାଦେଶ ଦେଲେ କି ?

ଲକ୍ଷ୍ମ—ବନବାସ ସମାଦିଷ୍ଟ, କିନ୍ତୁ କୈକେୟୀ ମାତାଙ୍କ ଦ୍ୱାରା ନୁହେ ।

ସୀ—ଅଉ କାହାଦ୍ୱାରା ?

ଲକ୍ଷ୍ମ—ଆର୍ଯ୍ୟଙ୍କ ଦ୍ୱାରା ।

ସୀ—ଆର୍ଯ୍ୟଙ୍କ ଦ୍ୱାରା କେମନ୍ତ ?

ଲକ୍ଷ୍ମ—( ଲୋତକ ସମ୍ଭାଳି )

—ଗୀତିକା—

ମୋ ନନାଙ୍କର ଆଦେଶ-ମାତ୍ର ବୋଲି,
ଭାଷିବାକୁ ଭାବେଁ ଅତି ଯତନରେ ମୁଁ ।
ମାତ୍ର ବାଣୀ ମନେ ମୋର ହୋଇ ନାହିଁ,
ସୁଦୃଢ଼ ଭାବରେ ବାଗ୍‌ବନ୍ଧ କରଇ ହାୟ !

ସୀ—ମୋର ବନବାସ ଆଦିଷ୍ଟ ହେଲା କି ?

ଲକ୍ଷ୍ମ—ଦେବୀ, ତୁମ୍ଭର ମାତ୍ର ନୁହେଁ, ତାଙ୍କର ମଧ୍ୟ ।

ସୀ—ତାହା କିପରି ?

ଲକ୍ଷ୍ମ—
ନିଜର ବୋଲିବା ଅଭିମାନ ମାତ୍ରରେ
ତ୍ୟାଗ ବହ୍ନି ଯୁକ୍ତ ପୁଟେ ମିତ୍ର ସହିତରେ ।

ଆର୍ଯ୍ୟ ବାସ କରୁଥିଲେ ହେଲେ ତୁମ୍ଭ ବିନା
ସେ ନିବାସ ନିଶ୍ଚୟରେ ବନବାସ ସିନା ।

ସୀ—ବତ୍ସ, ସୁସ୍ପଷ୍ଟରେ କହ, ଏବେ ମୋର ବନବାସ କାହିଁକି, ଆର୍ଯ୍ୟପୁତ୍ରଙ୍କର ବନବାସ କାହିଁକି ?

ଲକ୍ଷ୍ମ—ଦେବୀ, ଆଉ ଅଛି କିସ ? ମନ୍ଦଭାଗ୍ୟ—ମୁଁ କହେଁ, ଶୁଣ ।

ଜନନୀ, ଗୁରବର୍ଯ୍ୟ ଗୁଣ ଧନ୍ୟ ନନା
ତୁମ୍ଭଙ୍କୁ କରି ବର୍ଜନ
ଭୟଙ୍କର ବନ ମଧ୍ୟେ ଛାଡ଼ିବାକୁ
ନିଷ୍ଟେ କରିଲେ ପ୍ରେଷଣ ।
ଅଧୁନା ତୁମ୍ଭଙ୍କୁ ଏ ଘୋର ବନକୁ
ମୁହିଁ କରି ସମର୍ପଣ
ପୁରକୁ ବାହୁଡ଼ି ଗମିବାକୁ ହେବ
କରି ଆଦେଶ ପାଳନ ।

ସୀ—ହା ! ତାତ—ଆର୍ଯ୍ୟ—କୋଶଳାଧୀଶ, ତୁମ୍ଭେ ଏବେ ମୃତ ।
( ମୂର୍ଚ୍ଛିତା )

ଲକ୍ଷ୍ମ—ଆହା, କେଡ଼େ କଷ୍ଟ ! କେଡ଼େ କଷ୍ଟ ! ଅଶନି ପତନ ସମାନ ଦାରୁଣ ପରିତ୍ୟାଗ ବାର୍ତ୍ତା ଶ୍ରବଣରେ ଦେବୀ ନିଶ୍ଚୟରେ ମୃତା । ( ନିରୂପଣ କରି ) ଭାଗ୍ୟବଶତଃ ନିଶ୍ୱାସ ଅଛି ଅଛି । ଏହାଙ୍କୁ ପୁନଶ୍ଚ ସଚେଷ୍ଟା କରିବା ଉପାୟ କିସ ? ( ବିଷାଦାଭିନୟ କରି ) ଆଶ୍ଚର୍ଯ୍ୟ ! ଆଶ୍ଚର୍ଯ୍ୟ !

—ଗୀତିକା—

ଗାଙ୍ଗଶୀକରଶୀତଳ ଗନ୍ଧ ବହରୁ
ମୋର ପ୍ରାକ୍ତନ ଭାଗ୍ୟ ବିଶେଷ ବଶରୁ ।
ଦେହରେ ପ୍ରାଣ ରହିବାରୁ କପରି କପରି
ଚହିାଇଲେ ପ୍ରସନ୍ନା ସତୀ ଜ୍ଞାନ ପାଇ କରି ।

ସୀ—ବତ୍ସ—ଲକ୍ଷ୍ମଣ, ବାହାରଗଲ କି ?

ଲକ୍ଷ୍ମ—ଦେବୀ, ହତଭାଗା ଏଠାରେ ତ ଅଛି, ଆଦେଶ ଦିଅ ।

ସୀ—ମୋଠାରେ ନିନ୍ଦାରୋପଣ କରି ତେଜିଲେ କି ?

ଲକ୍ଷ୍ମ—ଦେବୀ, ତୁମ୍ଭଠାରେ ନିନ୍ଦା ଥାଇ ପାରେ କି ?

ସୀ—ଅହା ! ମୁଁ କେଡ଼େ ଅଧନ୍ୟା ! ଦୋଷ ଲେଶ ନ ଥାଇ ମଧ୍ୟ ମୁଁ ନିଗୃହୀତା ! ବତ୍ସ, ମୋ ନିମିତ୍ତ କି ତାହାଙ୍କ ଠାରୁ ସନ୍ଦେଶ ଅଛି କି ?

ଲକ୍ଷ୍ମ—ଅଛି ।

ସୀ—କହ, କହ ।

ଲକ୍ଷ୍ମ—
ତୁମ୍ଭେ ତୁଲ୍ୟ ଗୁଣା ସମାନବଂଶଜା
ପତିବ୍ରତରତା ପୁଣି
ସୁଖରେ ଦୁଃଖରେ ମୋ ଅନୁଗାମିନୀ
ବୋଲି ଜନକନନ୍ଦିନୀ ।
ଭଲେ ଜାଣି ମୁହିଁ ତୁମ୍ଭଙ୍କୁ ତେଜିଲି
ଲୋକନିନ୍ଦା ଭୟେ ସତ
ତୁମ୍ଭ ଅପରାଧ ତିଳେ ହେଲେ ମୋତେ
ହୋଇ ନାହିଁଟି ବିଦିତ ।

ଏହା ମାତ୍ର ଆର୍ଯ୍ୟଙ୍କ ସନ୍ଦେଶ ।

ସୀ—ବତ୍ସ, ଲୋକନିନ୍ଦା ବୋଲନ୍ତେ କିସ ? ମୋ ସମ୍ବନ୍ଧେ କୌଣସି ଦୂଷଣ ହେଲେ ଅଛି କି ?

ଲକ୍ଷ୍ମ—ଦେବୀ, ତୁମ୍ଭ ସମ୍ବନ୍ଧେ ଦୂଷଣ କେମନ୍ତ ?

ଋଷିଙ୍କର ଦିକ୍‌ପାଳଗଣର ଆର୍ଯ୍ୟଙ୍କର
ମୋହର ସମ୍ମୁଖରେ ମା ଗୋ ତୁମ୍ଭେ ନିକର ।

ବଶୁନ୍ଧା ଅଛ ଜ୍ୱଳନ୍ତ ଜ୍ୱଳନରେ କିନ୍ତୁ—

ସୀ—( ଲଜ୍ଜାଭିନୟ କରି ) କିନ୍ତୁ ବୋଇଲି କାହିଁକି ? କହ ।

ଲକ୍ଷ୍ମ—ଶଙ୍କିତ ଜଗତ ନିରଙ୍କୁଶ ଅର୍ଥକନ୍ତୁ ।

ସୀ—ଅଗ୍ନିଶୁଦ୍ଧି ବିଷୟ କଥିତ ହେଲା ହେତୁରୁ „ସୀତାର ମଧ୍ୟ ଏପରି ଅପବାଦ ସମ୍ଭବପର, କି ?" ବୋଲି ମୁଁ ଭାବନ୍ତେ ରାବଣଭବନ ବୃତ୍ତାନ୍ତ ସ୍ମୃତହୋଇ ମୋତେ ଅଦ୍ଭୁତ ବାଧୁଛି । ‹ମନ୍ତ ପରିତ୍ୟକ୍ତା ହେଲି ତ ! କେବେହେଁ ସ୍ତ୍ରୀ ଜନ୍ମ ଲଭିବା ଅନୁଚିତ । ଅଗ୍ନି— ପରିତ୍ୟକ୍ତା ହେଲି । ଆର୍ଯ୍ୟପୁତ୍ର ତେଜିଲେ ମୋତେ ମୁଁ ମଧ୍ୟ ତ୍ୟାଗ କରି ଯୋଗିବା ସମୁଚିତ ନୁହେ କି ? ତଥାପି ସେ ନିରନୁକ୍ରୋଶଙ୍କ ସମ ହେବା ଏ ପ୍ରସବ ପରିପାଳନୀୟ ବୋଲି ଭାବି, ପରିବାଦ କଷ୍ଟ କୋପହତ ଏ ଜୀବିତକୁ ରଖିବି ।

ଲକ୍ଷ୍ମ—ଦେବୀ, ମହାନୁଗ୍ରହ । ( ଦଣ୍ଡାୟମାନ ହୋଇ ପ୍ରଣମି ) ଆର୍ଯ୍ୟଙ୍କର ଆଜ୍ଞ ଏକ ସନ୍ଦେଶ ।

ସୀତା—ତାହା କେମନ୍ତ ଅଟେ ?

ଲକ୍ଷ୍ମ—ମୋର ହୃଦୟର ଅଭୀଷ୍ଟ ଦେବତା
ସ୍ୱପ୍ନେ ଦିଶିବା ସଙ୍ଗିନୀ
ମୋର ଶଯ୍ୟା ତୁମ୍ଭେ; ଗ୍ରହଣ କରିବ
ନାହିଁଟି ଅନ୍ୟ କାମିନୀ ।
ଯଜ୍ଞ ବିଧି ପାଇଁ ତୁମ୍ଭର କନକ—
ପ୍ରତିମା ମାତ୍ର ମୋହର
ପତ୍ନୀ ହୋଇଥିବ ସତୀଶିରୋମଣି
ନିଷ୍ଚୟ ଅଟେ ଏ ଗିର ।

ସୀତା—ବତ୍ସ, ଆର୍ଯ୍ୟପୁତ୍ରଙ୍କର ଏ ସନ୍ଦେଶବଶରୁ ମୋତେ ବାଧୁଥିବା ପରିତ୍ୟାଗ ଦୁଃଖ ନିଃଶେଷିତ ହେଲା । ଅନ୍ୟାସକ୍ତ ପୁରୁଷ ବଶରୁ ସ୍ତ୍ରୀର ଯେତେ ଦୁଃଖ ଘଟେ, ଅନ୍ୟାସକ୍ତା ସ୍ତ୍ରୀବଶରୁ ପୁରୁଷର ତେତେ ଦୁଃଖ ଘଟେ ନାହିଁ ।

ଲକ୍ଷ୍ମ—ଦେବୀ, ପ୍ରତିସନ୍ଦେଶ କିସ ?

ସୀତା—କାହାକୁ ?

ଲକ୍ଷ୍ମ—ଆର୍ଯ୍ୟଙ୍କୁ ।

ସୀତା—ଏପରି ଅବସ୍ଥାରେ ଆର୍ଯ୍ୟଙ୍କୁ ପ୍ରତିସନ୍ଦେଶ କି ? ମୋ ବଚନରେ ପାଦାଭିବନ୍ଦନ ଆଚରି, ଶାଶୁଙ୍କୁ ଏପରି ଜଣାଅଃ—ଏମନ୍ତ ଅଶରଣ୍ୟା ହୋଇ ଶ୍ୱାପଦସମାକୀର୍ଣ୍ଣ ମହାରଣ୍ୟରେ ଥିବା ମୋତେ ପୂଜ୍ୟା ହେବା ତୁମ୍ଭେମାନେ ନିଜ ହୃଦୟରେ ଅନୁଗ୍ରହ କର ବୋଲି...

ଲକ୍ଷ୍ମ—ଦେବୀ ! ଏ ଆଜ୍ଞାକୁ ପରିଗ୍ରହ କଲି । ଆର୍ଯ୍ୟଙ୍କୁ କିଛି ହେଲେ ସନ୍ଦେଶ ନାହିଁ କି ?

ସୀତା—ସେଭଳି ନିଷ୍ଠୁରଙ୍କୁ ସନ୍ଦେଶ ପ୍ରେଷଣ ଲକ୍ଷ୍ମଣଙ୍କ ବଚନ ନିରାକରଣ କରି ନ ପାରି ମାତ୍ର; କିନ୍ତୁ ସୀତା ଧନ୍ୟତାରୁ ନୁହେ । "ଏ ହତଭାଗିନୀ ନିମନ୍ତେ ଚିନ୍ତିତ ହୋଇ ବର୍ଣ୍ଣାଶ୍ରମ ପରିପାଳନ ବିରଜି ନିଜକୁ କ୍ଳାନ୍ତ କର ନାହିଁ; ଏବଂ ସଦ୍ଧର୍ମରେ ପୁଣି ସ୍ୱଶରୀରରେ ସାବଧାନ ହୋଇ ରହିବା ବିଧେୟ ଅଟେ" ବୋଲି ମୋ ସ୍ୱାମୀଙ୍କୁ ଜଣାଅ—ବତ୍ସ ଲକ୍ଷ୍ମଣ—ମୁଁ ମହାରାଜାଙ୍କ ଉପାଳମ୍ଭ କଲି କି ?

ଲକ୍ଷ୍ମ—ଦେବୀ, ଏତିକି ମାତ୍ର ବୋଲିବାକୁ ତୁମ୍ଭେ ଅଯୋଗ୍ୟା କି ?

ସୀତା—ହୃଦୟରୁ ପରିତ୍ୟକ୍ତା ନୋହିବା ଏ ନିରପରାଧିନୀକୁ ଦେଶରୁ ଘଉଡ଼ିବା ସମୁଚିତ କି ? ବୋଲି ମଧ୍ୟ ତାଙ୍କୁ ଜଣାଅ ।

ଲକ୍ଷ୍ମ—ଆର୍ଯ୍ୟା, କଥନୀୟ ସନ୍ଦେଶ କହିଲି ।

ସୀତା—ବନବାସିନୀକୃତା ସୀତା ସୀମନ୍ତନିହିତାଞ୍ଜଳି ହୋଇ 'ମୁଁ ଗୁଣହୀନା ହେଲେହେଁ, ଚିରପରିଚିତା କିମ୍ବା ଅନାଥା କିମ୍ବା ସୀତା ବୋଲି ସ୍ମରଣ ମାତ୍ରରେ ହେଲେ ମୋଠାରେ ଅନୁଗ୍ରହ କର ବୋଲି ଜଣାଇଲା" ବୋଲି ମଧ୍ୟ ମହାରାଜାଙ୍କୁ ବିଜ୍ଞାପନ କର ।

—ଗୀତିକା—

ଲକ୍ଷ୍ମ—

ସ୍ରାବିତ ବ୍ରଣରେ ଲବଣ ଗୁଞ୍ଜିବାର
ରୀତିରେ ଏହି ବାର୍ତ୍ତା ଅହିତ ଅଟଇ ।
ଆର୍ଯ୍ୟ ଏହାର ଶ୍ରବଣରେ ଅଧିକ ଶୋକ
ତାପଗ୍ରନ୍ଥ ପାଇବେ ବ୍ୟକ୍ତିଭାବରେ ତ ।

ସୀତା—ଯେତେ ବଡ଼ ପରିବାର ଥିଲେ ମଧ୍ୟ ଦୁଃଖରେ ସଙ୍ଗୀ ହେବା ସ୍ତ୍ରୀଜନ କେମନ୍ତ ପ୍ରାପ୍ତ ହେବ ? "ମୁଁ ପ୍ରବାସିନୀ ହୋଇଥିବା ସମୟରେ ମହାରାଜଙ୍କୁ ତୁମ୍ଭେ ମାନ ଦେଉଥାଅ; ତାଙ୍କ ଶରୀର ସମ୍ବନ୍ଧେ ତୁମ୍ଭେ ସାବଧାନ ହୋଇଥାଅ" ବୋଲି ମୋ ଜଣାଣ ।

ଲକ୍ଷ୍ମ—ଦେବୀ, ଏହା ତୁମ୍ଭ ମହାନୁଭବତାର ଅନୁରୂପ ।

ସୀତା—ବତ୍ସ—ଲକ୍ଷ୍ମଣ, ରଘୁକୁଳ ରାଜଧାନୀ ଅଯୋଧ୍ୟାକୁ ମୋର ପ୍ରତ୍ୟାମ୍ନାୟରେ ପ୍ରଣାମ, ପ୍ରତିମାଗତ ମହାରାଜଙ୍କ ଶୁଶ୍ରୂଷା କର, ପ୍ରିୟମ୍ବଦା ହେବା ମୋ ପ୍ରିୟ ସଖୀମାନଙ୍କୁ ଆଶ୍ୱାସ, ହତଭାଗିନୀ ହେବା ମୋତେ ସଦା ଚିନ୍ତ । (କ୍ରନ୍ଦନ କରିବା)

ଲକ୍ଷ୍ମ—[ଉଦ୍‌ବେଗରେ]

ଆର୍ଯ୍ୟାଙ୍କୁ ଆଣି ମୁଁ ବନରେ
ଛାଡ଼ନ୍ତେ ଏହାଙ୍କର
ଦୈନ୍ୟ ବିଳାପ ଶୁଣିବାକୁ
କାନ ଭରି ମୋହର ।
ଲଙ୍କା ଯୁଦ୍ଧକ୍ଷେତ୍ରରେ ସୁଖେ
ମୃତ ହୋଇଲି ମୋତେ
ଜିଆଁଇଲା ମାରୁତି ସେ ମୋ
ଗର୍ଭଶତ୍ରୁ ସାକ୍ଷାତେ ।
( ଦେଖି ) ହରିଣେ କାନ୍ଦନ୍ତି ଲୋତକ ବୁହାଇ
ନ କରି ତୃଣ ଗ୍ରହଣ,
କରୁଣ ସ୍ୱରରେ ବିଳାପ କରନ୍ତି
ଏଥି ରାଜହଂସଗଣ ।
ଆର୍ଯ୍ୟାଙ୍କ ବିଲୋକି ନର୍ତ୍ତନ ଉପେକ୍ଷି
ନିଶ୍ଚେଷ୍ଟ ମୟୂରତତି
ସହାନୁଭୂତିରେ ତିର୍ଯ୍ୟଗ୍‌ଜନ୍ତୁ ଶ୍ରେଷ୍ଠ;
ନହେ ମାନବ ସନ୍ତତି ।

ସୀତା—ବତ୍ସ—ଲକ୍ଷ୍ମଣ, ସୂର୍ଯ୍ୟାସ୍ତ ହେଉଅଛି । ଏଠାରେ ନର ସଞ୍ଚାର ଦୂର ହେଲା, ଖଗନିଚୟ ନିଜ କୁଲାୟାଭିମୁଖ, ଶ୍ୱାପଦ ସଞ୍ଚାର ପ୍ରାରମ୍ଭ ହେଲାଣି । ତୁମ୍ଭେ ଆଉ ବିଳମ୍ବ କରିବା ଅନୁଚିତ; ଗମନ କର ।

ଲକ୍ଷ୍ମ—( କୃତାଞ୍ଜଳି ହୋଇ ) ଦେବୀ, ଲକ୍ଷ୍ମଣର ଅନ୍ତିମ ପ୍ରଣାମ ସାବଧାନରେ ଗ୍ରହଣ କର ।

ସୀତା—ମୁଁ ସର୍ବଦା ସାବଧାନା ମାତ୍ର ।

ଲକ୍ଷ୍ମ—ଏହା ମୋ ବିନତିପୂର୍ବକ ବିଜ୍ଞାପନ ।

ହେ ଦେବୀ, ଆର୍ଯ୍ୟଙ୍କୁ ମିତ୍ରଙ୍କୁ ବନ୍ଧୁଙ୍କୁ
ଚିତ୍ତେ ସ୍ମର, ସାହସରେ ।
ଶୋକଭରେ ତୁମ୍ଭେ ସ୍ୱଜନ୍ମୁ ନ ଭର
ମୃତ୍ୟୁ ଦେବତା ମୁଖରେ ।
ଇକ୍ଷ୍ୱାକୁ ବଂଶର ରାଜା ଅଛି ତୁମ୍ଭ
ପବିତ୍ର ଗର୍ଭାଳିବାଲେ
ତାହା ସର୍ବବିଧେ ରକ୍ଷଣୀୟ ବୋଲି
ଦୈନ୍ୟେ ମୁଁ ଜଣାଏଁ ତାଳେ ।

ସୀତା—ସୌମିତ୍ରି, ତୁମ୍ଭ କଥାର ଅଠେକ ଘଟିବ ନାହିଁ ।

ଲକ୍ଷ୍ମ—ଏ ଆଉ ଏକ ଜଣାଣ ।

ସୀତା—ତାହା କଅଣ ?

—ଶ୍ଳୋ—

ଲକ୍ଷ୍ମ—ମୁହିଁ ଭ୍ରାତାଙ୍କ ଆଦେଶୁଁ ତୁମ୍ଭଙ୍କୁ ଅର୍ପି କାନନେ ଛାଡ଼ିଯାଏ ମହାଦେବୀ, ମୋ ଦୋଷକୁ କ୍ଷମାକର ।

ସୀତା—ଭ୍ରାତାଙ୍କ ବଚନକୁ ଅନୁସରିଲା ତୁମ୍ଭେ ଅଦ୍ୟ ସନ୍ତୋଷିତ ହେବା ସମୁଚିତ, ଶଙ୍କିତ ହୁଅ କାହିଁକି ?

ଲକ୍ଷ୍ମ—( ସୀତାଙ୍କୁ ପ୍ରଦକ୍ଷିଣପୂର୍ବକ ପ୍ରଣାମ କରି ଗମିବା ଏବଂ ସୀତା ରୋଦନ କରିବା ) । ( ଲକ୍ଷ୍ମଣ ଦିଙ୍‍ନିରୀକ୍ଷଣ କରି ) ଅହେ ଲୋକପାଳମାନେ, ଶୁଣ—

ଏହି କୁଳବଧୂ ଦଶରଥ ମହା
ରଥଚକ୍ରବର୍ତ୍ତୀଙ୍କର

ସୀତା—ଅତଣ୍ଣାଧାମାସ୍ଥ ବର୍ତ୍ତନାଳଚସ୍ଥ କର୍ଣ୍ଣରେ ପଡ଼ିତ ।

ଲକ୍ଷ୍ମ—ପତ୍ନୀ ମନୋହରରାମନାମସ୍ଥିତ
ମଧୁକୈଟଭାରିଙ୍କର ।

ସୀତା—ସେମନ୍ତ ଗଡ଼ ମୋର କାହିଁ ?

ଲକ୍ଷ୍ମ—ପଡ଼ ପୁରୁଁ ତଡ଼ି

ସୀତା—( ବେଳ କରେ ବେଳ କର୍ଣ୍ଣ ମୁଦ୍ରିବା )

ଲକ୍ଷ୍ମ—ପେଷିଲେ ନିର୍ଜନ, ବାସ ପାଇଁ ଏ ବନୀକୁ ।

ସୀତା—( ନିଜ ଗର୍ଭକୁ ଦେଖିବା )

ଲକ୍ଷ୍ମ—ତୁମ୍ଭେ ସାହା ହୋଇ ସଂରକ୍ଷଣ କର
ଏକାକିନୀ ଏ ସତୀକୁ ।

ଦେବୀଙ୍କ ନିମିତ୍ତ ଭାଗୀରଥ୍ୟାଦିଙ୍କୁ ଏମନ୍ତ ଜଣାଇବ ।

ଏହି ରାଜ୍ଞୀ ଶ୍ରାନ୍ତା ହେଲେ ଜାହ୍ନବୀ ଗୋ
କୃପା କର ଏହାଙ୍କରେ
ଶ୍ରମ ହର କଞ୍ଜ ବାସନା ବାସିତ
ତରଙ୍ଗାଳି ପବନରେ ।
ପୁଣି ଏହି ଦେବୀ ମାଜଣା ନିମନ୍ତେ
ତୁମ୍ଭ ସଲିଳେ ପଶିଲେ
ତୁମ୍ଭ ଅତିପୂତ ନୀରର ବେଗକୁ
ଦଣ୍ଡେ ବନ୍ଧ କର ଭଲେ ।

ନମି ଜଣାଏଁ ମୁଁ ଏ ବନ—
ସ୍ଥିତ ମୁନିସମୂହ
ଏ ସ୍ତ୍ରୀ ପୂଜ୍ୟା ଗଡ଼ବତ୍ସୀନା
ନାହିଁ ଏହାଙ୍କ ଟଗେହ ।

ପୁଣି ଉଚ୍ଚିତା; ସେ ହେତୁରୁ
ତୁମ୍ଭ କରୁଣା ପାଣୀ
ସବଂଦିଧେ ସଂରକ୍ଷଣୀୟା
ସୁମ କୋମଳ ଗାତ୍ରୀ ।

ମୁଁ ନମି ଜଣାଏଁ ବନ ଦେବତା ପ୍ରକର
କୃପାରେ ଶ୍ରବଣ କର ମୋ ବିନୟ ଗିର ।
ବିପଦ୍ଦଶାରେ ବିଷମ ସ୍ଥିତରେ ଶୟନ
କାଳରେ ଏହାଙ୍କୁ ରଖ ହୋଇ ସକରୁଣ ।

* * *

ଘାତୁକ ଜନ୍ତୁଏ ତୁମ୍ଭେ ଆଜ ଏ ବନେ
ନ ରହ ଅନ ଆନକୁ ଯାଅ ବହନେ ।
ଏଣିକି ଇତର ଜୀବଙ୍କର ପ୍ରବେଶ
ନିଷିଦ୍ଧ ଅଟଇଟି ଏ ବନ ପ୍ରଦେଶ ।
ଏଣମାନ ତୁମ୍ଭେଟି ପ୍ରବାସିନୀଙ୍କର
ସଙ୍ଗୀ ଅଟ ସାହା ହୁଅ ଏ ଦୀନାଙ୍କର ।

* * *

ଦେବ-ଦିକ୍ପାଳ ପ୍ରକର, ସଖୀ ଦଶଚୟ
ମା ଜାହ୍ନବୀତଟିନୀ, ଭାଇ ଗିରି ନିଚୟ ।
ଏ ଲକ୍ଷ୍ମଣ ଜଣାଇରେ ବିନୟକୁ ବହି
ଏହାଙ୍କୁ କୃପାରେ ଦେଖି ରଖ ଯାଏଁ, ମୁହିଁ ॥

( ନମି ନିଷ୍କ୍ରାନ୍ତ )

ସୀତା—ମୋତେ ଏକାକିନୀ ରୂପେ ତ୍ୟାଗ କରି ଲକ୍ଷ୍ମଣ ନିଶ୍ଚୟରେ ପ୍ରସ୍ଥାନ କଲେ କି ? ( ଦେଖି ) ଆହା ! ସୂର୍ଯ୍ୟାସ୍ତ ହେଲଣି । ଲକ୍ଷ୍ମଣଙ୍କ ବଚନ ମଧ୍ୟ ଶୁଣା ଯାଉ ନାହିଁ । ଏଣଗଣ ନିଜ ସଦନକୁ ଯାଏ । ବିହଗକୁଳ ନିଜ କୁଳାୟାଭିମୁଖେ ଉଡ଼େ । ଘାତୁକ ମୃଗ ସଞ୍ଚାର ଦେଖା ଦିଏ । ତମିର ନୟନାଚ୍ଛାଦନ କରେ । ଅରଣ୍ୟ ନିର୍ମାନୁଷ । ହତଭାଗିନୀ ମୁଁ କଅଣ କରିବି ? ଏ କାନନରେ ଏକାକିନୀ କିପରି ସଞ୍ଚରିବି ? ମୁଁ

କେଉଁ ପାପ କଲିଚି ? ଏବେ ଏବାଧ ବିରହ ଦୁଃଖ ଭୁଞ୍ଜୁଅଛି······ ···
କେମନ୍ତ·········କେମନ୍ତ ଲକ୍ଷ୍ମଣୋକ୍ତ ବନଦେବତାଳି·········
କେମନ୍ତ ରଘୁବଂକୁଳ କ୍ରମାଗତ ବଶିଷ୍ଠ ବାଲ୍ମୀକ ପ୍ରମୁଖ ମହାମହିମ
ମହର୍ଷିପାଳି ଏବେ ମୋତେ ପରିତ୍ୟାଗ କର·········( ମୂର୍ଚ୍ଛିତା )

( ବାଲ୍ମୀକି ପ୍ରବେଶ )

ବାଲ୍ମୀକି— ସାୟଂକାଳେ ସ୍ନାନ ପାଇଁ ଜାହ୍ନବୀନଦୀକି
ଗଲମୁନି ସୁତେ ଗର୍ଭଭାର୍ଯାଙ୍କୁ ବିଲୋକି ।
ଜଣାନ୍ତେ ବନସ୍ଥା ଦୀନା ବିଗତଶରଣା
ଏକାକୀକୁ ଖୋଜିବାକୁ ମୁଁ ଆସିଛି ସିନା ।

ସୀତା—( ଚେତି ) ଏ କିଏ ? ମୋତେ ଦେଖୁଛନ୍ତି । (ଅବଲୋକନ କରି) କିଏ ନାହାନ୍ତି । ଲକ୍ଷ୍ମଣଙ୍କ ବିଜ୍ଞାପନ ଶ୍ରବଣ କରି ଭଗବତୀ ଭାଗୀରଥୀ ନିଜ ତରଙ୍ଗମାଳା ଦ୍ୱାରା ମୋତେ ଅନୁଗ୍ରହ କରୁଛନ୍ତି ।

ବାଲ୍ମୀ—ପ୍ରଚୁର ତମିରବଶରୁ ମୋ ଆଖି ଦେଖି ପାରୁ ନାହିଁ, ଅତଏବ ସମ୍ବୋଧିବି, ଆଗୋ ! ହେଇଟି ମୁହିଁ ।

ସୀତା—( ସହର୍ଷରେ ) ବତ୍ସ—ଲକ୍ଷ୍ମଣ, ଫେରି ଆସିଲ କି ?

ବାଲ୍ମୀକି—ମୁଁ ଲକ୍ଷ୍ମଣ ନହେଁ ।

ସୀତା—( ଅବଗୁଣ୍ଠିତା ହୋଇ ସ୍ୱଗତ ) ଅହୋ ! ମହାପଦସମ୍ପ୍ରାପ୍ତ ହେଲି ତ ! ଏ କିଏଟି ପରପୁରୁଷ । ଏହାକୁ ଏବେ କିପରି ବାରଣ କରି ପାରିବି ? ଏ ତ ମହାକଷ୍ଟ । (ଭାବି) ଏମନ୍ତେ ବୋଲିବି । (ପ୍ରକାଶ୍ୟେ) ମୁଁ ଅବଳା ଏବଂ ଏକାକୀ ।

ବାଲ୍ମୀ—ହେଇଟି, ମୁଁ ଅଛି । ବତ୍ସା, ପର ପୁରୁଷଙ୍କ ଶଙ୍କା ଦୂର କର । ସାୟଂ ସମୟ ସ୍ନାନ ନିମିତ୍ତ ଭାଗୀରଥୀକି ସେବି ବାହୁଡ଼ି ଆସିଲି ମୁନିବାଳକଙ୍କ ମୁଖରୁ ତୁମ୍ଭ ସମାଚାର ଗୋଚର ହୁଅନ୍ତେ ତପୋଧନ ହୋଇଥିବା ମୁଁ ତୁମ୍ଭ ଅନୁସନ୍ଧାନ ନିମନ୍ତେ ଆଗମନ କଲି । ବତ୍ସା, ତୁମ୍ଭଙ୍କୁ ଗୋଟିଏ ପ୍ରଶ୍ନ କରିବି ।

ଧର୍ମ ନିକେତନ କନ୍ଦନ—ରାମ ଭୂରମଣ
ଧରା ପାଳନ୍ତେ ଏପରି ହୃଦୟ ଦାରୁଣ
ଦୁର୍ଯୋଗ ତୁମ୍ଭଙ୍କୁ କେଉଁ ବିଧେ ସଙ୍ଘଟିତ,
କହ କହ ଜନନୀ ଗୋ ମୋତେ ତାର ସତ ।

ସୀତା—ସେହିଠାରୁ ମାତ୍ର; ପୂର୍ଣ୍ଣଚନ୍ଦ୍ରଠାରୁ ପଙ୍କୀ ଉପରେ ଅଶନି ପତନ ।

ବାଲ୍ମି—କଅଣ ! ରାମଙ୍କର ହେତୁରୁ ତୁମ୍ଭର ଏ ଘୋର ବିପତ୍ତି ସମ୍ଭବିଲା କି ?

ସୀତା—ଆଜ୍ଞା କି ?

ବାଲ୍ମି—ବତ୍ସା, ବର୍ଣ୍ଣାଶ୍ରମ ବ୍ୟବସ୍ଥାପକ ଭୂକାନ୍ତଙ୍କଦ୍ୱାରା ମାତ୍ର ତୁମ୍ଭେ ନିର୍ବାସିତା ହୋଇଥିଲେ, ତୁମ୍ଭର ସ୍ୱସ୍ତି, ମୁଁ ଯାଏଁ ।

( ଗମନୋଦ୍ୟତ )

ସୀତା—ମହାଭାଗ, ମୋର ଗୋଟିଏ ବିଜ୍ଞାପନ ।

ବାଲ୍ମି—କହ ।

ସୀତା—ମହାଭାଗ, ରଘୁ ବରେଣ୍ୟଙ୍କଦ୍ୱାରା ନିର୍ବାସିତା ହେଲି ବୋଲିବା କାରଣରୁ ଏ ଦୀନା ତୁମ୍ଭର ଅନୁକମ୍ପନୀୟା ନୋହିଲେହେଁ, ମୋ ଗର୍ଭଗତ ସନ୍ତାନ ତାଦୃଶ ରଘୁ ସଗର ଦିଲୀପ ଦଶରଥାଦିଙ୍କର ବୋଲି ହେଲେ, ଅନୁଗ୍ରହ କରି, ଏବେ ମୋତେ ପାଳ ।

ବାଲ୍ମି—( ପଛକୁ ଫେରି ସ୍ୱଗତ ) କଅଣ ! ଏ ଇକ୍ଷ୍ୱାକୁ ବଂଶୋଦ୍‌ଘାଟନ କରଇ । ତାହା କିପରି ପଚାରି ଜାଣିବି । ( ପ୍ରକାଶ୍ୟେ ) ବତ୍ସା, ତୁମ୍ଭେ ଦଶରଥ ମହାରାଜଙ୍କ ବଧୂ ଅଟ କି ?

ସୀତା—ଆଜ୍ଞା କି ?

ବାଲ୍ମି—ମଧ୍ୟ ବିଦେହାଧିପ ଜନକ ଭୂପନନ୍ଦନୀ ଅଟ କି ?

ସୀତା—ହିଁ ।

ବାଲ୍ମି—ପୁଣି ସୀତା ଅଟ କି ?

ସୀତା—ମହାଭାଗ, ମୁଁ ସୀତା ନୁହେଁ; କିନ୍ତୁ ହତଭାଗିନୀ ।

ବାଲ୍ମି—ହା ! ମୁଁ ହତଭାଗା ମଲି, ବତ୍ସା ! ସୌଧୋପରିଭାଗରୁ ତୋର ଏ ଅଧଃପତନ କେମନ୍ତେ ସମ୍ଭବିଲା ମା ?

ସୀତା—( ଲଜ୍ଜାଭିନୟ )

ବାଲ୍ମି—ଲଜ୍ଜ ଲଭୁଛୁ ? ହେଉ—ଯୋଗ ଦୃଷ୍ଟିରେ ଦେଖିବି । ( ଯୋଗାଭିନୟ କରି ) ବତ୍ସା, ରାମଚନ୍ଦ୍ର କେବଳ ଜନାପବାଦ ଭୟବଶରୁ ମାତ୍ର ତୋତେ ତେଜିଲେ; କିନ୍ତୁ ହୃଦୟରେ ତେଜି ନାହାନ୍ତି । ନିରପରାଧିନୀ ତୁ ଆମର ତ୍ୟାଜ୍ୟା ନୋହୁ । ଆଶ୍ରମପଦକୁ ଯିବା, ଆସ ।

ସୀତା—ମହାଭାଗ, ତୁମ୍ଭେ କିଏ ?

ବାଲ୍ମି—କହିବି ? ଶୁଣ—

ମୁଁ ଅଟେ ତପସ୍ୱୀ ଚିରମିତ୍ର ତତ୍ତ୍ୱ-
ଜ୍ଞାନୀ ଜନକେଶଙ୍କର,
ପୁଣି ବାଲସଖା ଇକ୍ଷ୍ୱାକୁ କୁଳଜ
ଦଶରଥ ନୃପଙ୍କର ।
ମୋ ନାମ ବାଲ୍ମିକି ପର ବୋଲି ମୋରେ
ଶଙ୍କା ନ କର ମନରେ
ତୋହର ଜନକ ଅବର ଶ୍ୱଶୁର
ହୋଇବି ମୁହିଁ ନିକରେ ।

ସୀତା—ମହାଭାଗ, ପ୍ରଣମଇଁ ।

ବାଲ୍ମି—ବୀରପ୍ରସବା ହୁଅ, ତୋର ପତିପୁନର୍ଦର୍ଶନଲାଭ ହେଉ ।

ସୀତା—ମହାଭାଗ, ତୁମ୍ଭେ ଲୋକର ବାଲ୍ମିକି; କିନ୍ତୁ ମୋହର ତାତ ମାତ୍ର । ଆଶ୍ରମପଦକୁ ଯିବା, ଚାଲ । ( ଗଙ୍ଗାକୁ ଦେଖି କରଯୋଡ଼ି ) ଭଗବତୀ ଭାଗୀରଥୀ ଜନନୀ, ତୁମ୍ଭ ଅନୁଗ୍ରହରୁ ମୁଁ ଶୁଭପ୍ରସବା ହେଲେ, ପ୍ରତ୍ୟେକ ଦିନରେ ଗୋଟିଏ କୁନ୍ଦମାଳା ରଚି ଉପହାରରୂପେ ତୁମ୍ଭଙ୍କୁ ସମର୍ପୁଥିବି ।

ବାଲ୍ମି—ବତ୍ସା, ଏ କାନ୍ତାର ମାର୍ଗ ଅତ୍ୟନ୍ତ ଦୁଃଖସଞ୍ଚାର । ଅଧିକନ୍ତୁ ତୋର ଅତି କଷ୍ଟକର । ଅତଏବ ଯେଉଁ ମାର୍ଗ ଦେଖାଇବି, ସେହି ମାର୍ଗେ ଚାଲ ।

ପାଦ ଧୀରେ ରଖ, ଏଠାରେ କୁଶାଗ୍ର
କଣ୍ଟକ, ଅଳ୍ପ ଆଗରେ,
ନତ। ହୋଇ ଚାଲ, ଏ ବିଟପ ନତ,
ବଡ଼ ଖାଲଟି ବାମରେ ।
ଅଶ୍ୱାଳ ଦକ୍ଷିଣେ ବଡ଼ ଗଛଟିଏ,
ଏଣିକି ସମାନ ସ୍ଥଳ;
ଏ କମଳାକରେ ପ୍ରକ୍ଷାଳନ କର
ତୁମ୍ଭ ଚରଣକମଳ ।

ସୀତା—( କହୁଲି ପର ଗମିବା )

ବାଲ୍ମୀ—( ନିର୍ଦ୍ଦେଶି )
ପୁଂସବନାଦ୍ୟ ସୁକର୍ମ ଆମ୍ଭେ କରୁଁ
ଇକ୍ଷ୍ୱାକୁ ବଂଶଜଙ୍କର,
ଅତଏବ ତୋର ଗର୍ଭ ସମ୍ବନ୍ଧରେ
ଚିନ୍ତା ଚିତ୍ତରେ ନ ଧର ।
ବୃଦ୍ଧାଙ୍କ ଠାବରେ କୌଶଲ୍ୟାଚରଣ
ଶୁଶ୍ରୂଷା ଲଭିବୁ ନିତ;
ତୋହର ସଙ୍ଗିନୀ ଅବର ଭଗିନୀ
ଏଠା ମୁନି ସୁତା ଡତ ।

( ସର୍ବେ ନିଷ୍କ୍ରାନ୍ତ )

## ଦ୍ୱିତୀୟାଙ୍କ

( ମୁନିକନ୍ୟାଦ୍ୱୟର ପ୍ରବେଶ )

ପ୍ରଥମା—ସଖୀ—ବେଦବତୀ, ତୁ ଭାଗ୍ୟବତୀ, ତୋ ପ୍ରିୟ ସଖୀ ସୀତାର ରାମ ସଦୃଶ ଶ୍ୟାମଳବର୍ଣ୍ଣ ପୁତ୍ରଦ୍ୱୟ ସଞ୍ଜାତ ।

ବେଦ—ସନ୍ତୋଷ, ସନ୍ତୋଷ । ସଖୀ, ସେ ବାଳକଙ୍କ ନାମ କଅଣ ?

ପ୍ରଥ—ପ୍ରଥମ କୁଶ ବୋଲି ଏବଂ ଦ୍ୱିତୀୟ ଲବ ବୋଲି ଭଗବାନଙ୍କ ଦ୍ୱାରା ଆହୂତ ।

ବେଦ—ସେ କେବେ ଗମନୋଦ୍ୟତ କି ?

ପ୍ରଥ—ଗମନୋଦ୍ୟତ ବୋଲି ଭାବ କାହିଁକି ?

ହରିଣଙ୍କ ସଙ୍ଗେ ଧାଆଁନ୍ତି, ଯୁଝନ୍ତି
ସିଂହ ଶିଶୁଙ୍କ ସହିତେ,
ଗୋଡ଼ାରେ ମୋହନ୍ତି ତପସ୍ୱିନୀ ଚିତ୍ତ
ସେ କେବେ ସୁନ୍ଦର ସୁତେ ।

ସେ ପ୍ରେମାସ୍ପଦ ବାଳକେ ମୁନିଜନଙ୍କର ଏକ କାଖରୁ ଆରେକ କାଖକୁ ଚଢ଼ି ଏବେ ବାଲ୍ମୀକି-ବିରଚିତ ରାମାୟଣ ପଢ଼ୁଛନ୍ତି ।

ବେଦ—ସଖୀ, ଏ ବୃତ୍ତାନ୍ତ ମୁଁ ଅବଗତା ହୋଇ ଏତଦର୍ଥରେ ପ୍ରିୟସଖୀ-ସୀତା ମହାଭାଗ୍ୟଶାଳିନୀ ବୋଲି ମୋ ଭାବନା ।

ପ୍ରଥ—ଏହା ନିଶ୍ଚୟରେ ମହାଭାଗ୍ୟ ମାନ । ଅଭ ନୈମିଷ ବୃତ୍ତାନ୍ତ କିସ ହେଲେ ଜଣାଗଲା କି ?

ବେଦ—ମହାରାଜଙ୍କ ଯଜ୍ଞସମ୍ଭାରସମୂହ ସିଦ୍ଧ ହେଲା, ସପତ୍ନୀକ ହୋଇ ଆସିବା ପାଇଁ ସଂଯମି ସଙ୍ଘାତ ନିମନ୍ତ୍ରିତ ।

ପ୍ରଥ—ଭଗବାନ ବାଲ୍ମୀକି ନିମନ୍ତ୍ରିତ କି ?

ବେଦ—ଶୁଣିଲି କି ବାଲ୍ମୀକି ତପୋବନକୁ ମଧ୍ୟ ରାମଦୂତ ଆଗତ । ସୀତାକୁ ଦେଖିବି । ଏବେ ସେ କେଉଁଠାରେ ?

ପ୍ରଥ—କପର କାଳ ହରଣ କରିବ ବୋଲି ଭାବି ସେ ଏହିଠାରେ ଶାଳପାଦପଛାୟାରେ ଆସୀନା ।

( ଦୁହେଁ ନିଷ୍କ୍ରାନ୍ତ )

( ପରେ ଚିନ୍ତାକ୍ରାନ୍ତା ସୀତା ଅବନୀରେ ଆସୀନା ହୋଇ ପ୍ରବିଷ୍ଟା )

ସୀତା—( ଦୀର୍ଘରେ ନିଶ୍ୱସି ) ଆହା ! ସ୍ୱଭାବକଠିନ ଜନଙ୍କ ମନ ତଳେ ହେଲେ ବିଶ୍ୱସନୀୟ ନୁହେ, ଶିଳାକ୍ଷର ପ୍ରାୟ ପ୍ରଣୟସୂଚକ ଦମ୍ପତି ପ୍ରସଙ୍ଗରେ ସେ ଲୋକରେ ଉମା ମହେଶ୍ୱର ଏବଂ ଏ ଲୋକରେ ସୀତା ରାମ ବୋଲି ପ୍ରସିଦ୍ଧି ଆରୋପି ଏବେ ନିରପରାଧିନୀ ହେବା ମୋତେ ଈଦୃଶ ଦୁସ୍ତର ଦୁରବସ୍ଥାଭାଗିନୀ କଲ ତ ! ଏ ବିଷୟରେ ଆର୍ଯ୍ୟପୁତ୍ରଙ୍କୁ କେମନ୍ତେ ନିନ୍ଦିବି ? ପୂର୍ବେ ଆର୍ଯ୍ୟପୁତ୍ରଙ୍କ ସଙ୍ଗରେ ରହି ପର ଥିଲି ମୁହିଁ, ଏବେ ନିଷ୍କାରଣରେ ଅନେକ ଯୋଜନାନ୍ତରିତା ହୋଇ ମହର୍ଷିଙ୍କ ପୂର୍ଣ୍ଣ ଦୁଃଖକାରିଣୀ ହେଲି । ମୁଁ ଆର୍ଯ୍ୟପୁତ୍ରଙ୍କ ସହିତରେ ଚନ୍ଦ୍ରୋଦୟ ଦେଖେଁ, କୋକିଳକଳାଳାପ ଶୁଣେ ଏବଂ ମଳୟ ମାରୁତସ୍ପର୍ଶ ଅନୁଭବ କରେଁ । ଆଜି ଏବେ ମୁଁ ଜଣେ ମାତ୍ର ଦେଖୁଛି, ଶୁଣୁଛି ଏବଂ ଅନୁଭବ କରୁଛି । ମୋ ପରି ନାରୀର ମରଣ ଘଟେ ନାହିଁ । ପୂର୍ବେ ପତିଲାଳନ ବଶୁଁ ସକଳ ମିଥିଳା ଜନସମ୍ମାଥନୀୟା ହୋଇ ଥାଇ ଏବେ ଏପରି ଦୁର୍ଗତି ଲଭିଲି ତ ବୋଲି ପରିତ୍ୟାଗ ଦୁଃଖ ଅପେକ୍ଷା ଲଜ୍ଜା-ଦୁଃଖକୁ ମାତ୍ର ମୁଁ ଅଧିକତରରେ ଭୁଞ୍ଜୁଅଛି । କନ୍ଦିଲି ବେଳ ବାଳକେ ବଢିଲେ, ବାଲ୍ମୀକି ମହର୍ଷି ସାଦର ହୋଇଅଛନ୍ତି । ଅତଏବ ତପୋବନ ବାସ ବିରୁଦ୍ଧରେ ଦୀର୍ଘନିଶ୍ୱାସ ସହ କାଳହରଣ ମୋର ଅନୁଚିତ । ଯାଉ—ସ୍ମରିବ ବୋଇଲେ, ମୋ ପ୍ରିୟସଖୀ ବେଦବତୀ ନିକଟକୁ ସନ୍ଦେଶ ପ୍ରେଷଣ କିମ୍ବା ତଦାମନ୍ତ୍ରଣ ସମ୍ଭବପର ନୋହିଲା ହେତୁରୁ ପ୍ରତିବନ୍ଧ ଘଟିଅଛି ।

( ବେଦବତୀର ପ୍ରବେଶ )

ବେଦ—( ସ୍ୱଗତ ) ଏବେ ତପୋଧନଙ୍କ ବନ୍ଦନ ଏବଂ ଅତିଥିଜନଙ୍କ ସେବନ ନିବର୍ତ୍ତିତ । ଅତଏବ ଏ ଶାଳପାଦପ ସମୀପକୁ ଯାଇ

ପ୍ରିୟସଖୀଙ୍କି ଭେଟିବି । ( ଗମନ କରି ) ହେଇଟି ! ବିଦେହରାଜଦୁହିତା ଗ୍ରୀଷ୍ମସମୟ ବଲ୍ଲରୀ ପରି ଅତି ଶ୍ୟାମ ପାଣ୍ଡୁରାଙ୍ଗୀ ହୋଇ—ହୃଦୟକୁ ପ୍ରବୋଧି—ଶାଳପାଦପ ମୂଳକୁ ମଣ୍ଡୁଅଛି । ନିକଟବର୍ତ୍ତିନୀ ହେବି । ( ସମୀପକୁ ଯାଇ ) ଲମ୍ବାଳକ ଅମ୍ବକ ଆଚ୍ଛାଦନେ ଏ ଚିନ୍ତାପରବଶା ପରି ଦୀନଦୃଷ୍ଟି ସହିତରେ ଅଧୋମୁଖୀ । ଡକାଇବି । ( ପ୍ରକାଶ୍ୟେ ) ସଖୀ—ବୈଦେହୀ !

ସୀତା—( ସସମ୍ଭ୍ରମେ ଦେଖି ) ଆନନ୍ଦ—ଆନନ୍ଦ ! ପ୍ରିୟସଖୀ ବେଦବତୀଙ୍କ ଆଗମନ । ପ୍ରିୟସଖୀ, ତୁମ୍ଭର ସ୍ୱାଗତ ।

ବେଦ—ସଖୀ, କୁଶ ଲବଙ୍କର କୁଶଳ ତ ?

ସୀତା—ବନବାସୀଙ୍କ ଉପଯୁକ୍ତ ବିଧରେ—

ବେଦ—ସଖୀ, ତୁମ୍ଭ ବୃତ୍ତାନ୍ତ କଅଣ ?

ସୀତା—( ବେଣୀକି ନିର୍ଦ୍ଦେଶି ) ଏହା କିପରି ଅଛି ?

ବେଦ—( ସ୍ୱଗତ ) ଏ ଦୀନା ଅତି ଦୁଃଖିତା । ରାମ କୃତାବହେଳନ କଥାନୁଷ୍ଠାନରେ ବହନ ଏହାଙ୍କ ଚିନ୍ତାପନୋଦନ କରିବି । (ପ୍ରକାଶ୍ୟେ) ଆଗୋ ମୁଗ୍ଧା, ନିରପେକ୍ଷ ଏବଂ ନିରନୁକ୍ରୋଶ ହେଲା ତାଦୃଶ ଜନ-ପାଇଁ କୃଷ୍ଣପକ୍ଷ ଚନ୍ଦ୍ରରେଖା ପରି ଦିନ ଦିନ କୃଶା ହୁଅ କାହିଁକି ?

ସୀତା—ଆର୍ଯ୍ୟପୁତ୍ର ନିରନୁକ୍ରୋଶ କିପରି ?

ବେଦ—ସେ ତୁମ୍ଭଙ୍କୁ ପରିତ୍ୟାଗ କଲେ ତ !

ସୀତା—ସଖୀ, ଆର୍ଯ୍ୟପୁତ୍ର ମୋତେ ପରିତ୍ୟାଗ କଲେ କି ?

ବେଦ—( ହସି ଏବଂ ବେଣୀକି ଆଙ୍ଗିସି ) ଜନେ ତେମନ୍ତ କହନ୍ତି । ସତେ ପରିତ୍ୟାଗ କଲେ କି ?

ସୀତା—କେବଳ କଳେବରରେ ମାତ୍ର, କିନ୍ତୁ ହୃଦୟରେ ନୁହେ ।

ବେଦ—ସଖୀ, ପରହୃଦୟ କିପରି ତୁମ୍ଭର ଗୋଚର ?

ସୀତା—ଆର୍ଯ୍ୟପୁତ୍ର ହୃଦୟ ସୀତାର ପରହୃଦୟ କିପରି ହେବ ?

ବେଦ—ଅହୋ ! ତୁମ୍ଭ ଅପରିତ୍ୟକ୍ତାନୁରାଗିତା !

ସୀତା—ଆର୍ଯ୍ୟପୁତ୍ର ମାନ ମୋଠାରେ ପରତ୍ୟକ୍ତାନୁରାଗ ବୋଲିବାକୁ ହେବ କି ? ଏ ହତଭାଗିନୀ ନିମନ୍ତେ ମାତ୍ର ସେ ମହାପୁରୁଷ ସେତୁବନ୍ଧାଦି ପରିଶ୍ରମ ପାଇଥିବା ସୁପ୍ରସିଦ୍ଧ ତ ।

ବେଦ—ଅଗୋ ଅସ୍ମଶ୍ଳାଘିନୀ, ତାହା ସୁକ୍ଷତ୍ରିୟୋଚିତ ରାବଣୋପରି ଦ୍ୱେଷାବେଶ ମାତ୍ର, ସୀତୋପରେ ପ୍ରୀତି ନୁହେ ।

ସୀତା—ସଖୀ, ଆଉ ଗୋଟିଏ ଦେଖୁ ନାହିଁ କି ?

ବେଦ—ଆଉ ଗୋଟିଏ କିସ ?

ସୀତା—ଏହା ମାତ୍ର ।

ବେଦ—ଏହା ବୋଲନ୍ତେ ?

ସୀତା—( ଲଜ୍ଜାରେ ) ସଖୀ, ସପତ୍ନୀଜନ ନିଶ୍ୱାସାନୁପଲବ୍ଧ ରହିତ— ଆର୍ଯ୍ୟପୁତ୍ର ବକ୍ଷଃସ୍ଥଳରେ ଚିରସମ୍ଭାବିତା ହେଲି ତ ।

ବେଦ—ସଖୀ, ତୁରିତା ହୁଅ ନାହିଁ । ରାମଭଦ୍ର ଯଜ୍ଞ ଦୀକ୍ଷା ସମୟ ଆସନ୍ନ ହେଲାଣି ।

ସୀତା—ତଦ୍ଦ୍ୱାରା କି ଲଭ ?

ବେଦ—ସହସା ଯଜ୍ଞରେ ଯଜମାନର ସହଧର୍ମଚାରିଣୀ ପାଣିଗ୍ରହଣ କରିବାକୁ ହେବ ତ ।

ସୀତା—ସଖୀ, ମୁଁ ଆର୍ଯ୍ୟପୁତ୍ରଙ୍କ ପାଣିରେ ମାତ୍ରକ ନୁହେ, ହୃଦୟରେ ମଧ୍ୟ ପ୍ରାଭବଯୁକ୍ତା ଅଟେଁ ।

ବେଦ—( ସ୍ୱଗତ ) ଅହୋ ! କି ! ଏହାଙ୍କ ସୁଦୃଢ଼ାନୁରାଗ ! ( ପ୍ରକାଶ୍ୟେ ) ସଖୀ ପୁତ୍ରମୁଖ ସନ୍ଦର୍ଶନ ବଶୁଁ ହେଲେ ତୁମ୍ଭ ପ୍ରବାସ ଦୁଃଖ ଅପନୀତ ହୋଇ ନାହିଁ କି ?

ସୀତା—ସଖୀ, ଦୁଃଖ ପରିହାରରୁ ମଧ୍ୟ ସେ ଦୁଃଖ ପରିବର୍ଦ୍ଧିତ ହେଉଛି ।

ବେଦ—ତା କିପରି ?

ସୀତା—ବେନି ବାଳକେ କିଞ୍ଚିଦଙ୍କୁରିତରଦନାଙ୍କୁରଦର୍ଶିତ କୋମଳ ବଦନରେ ମୋ ଲପନ ଅବଲୋକନ କରି ହସିଲା ସମୟରେ ଏବଂ ଅତ୍ୟନ୍ତ ମୃଦୁଳାଳାପ କରିଲା ସମୟରେ—ତାଙ୍କ ବାଲ୍ୟାବସ୍ଥାରେ ତ—ସାଦୃଶ

ବଶତଃ ଆର୍ଯ୍ୟପୁତ୍ର ସୌନ୍ଦର୍ଯ୍ୟଲହରୀ ନିମଗ୍ନା ହେଉଥିଲି । ଏବେ କାଳକ୍ରମରେ ପରିତ୍ୟକ୍ତ ବାଳ ଭାବ ହୋଇ ମୋର ଅଧିକତର ସନ୍ତାପକାରକ ହେଉଅଛନ୍ତି ।

ବେଦ—ପୁତ୍ରଜନନୀ—ସୀତା ଏମନ୍ତ ସନ୍ତାପସଂଯୁତା । ଆହା ! ତାଙ୍କ ନୃଶଂସତ୍ୱ କେଡ଼େ ବଡ଼ ।

ସୀତା—ସଖୀ, ବେଦବତୀ, କେବେ ହେଲେ—( ଲଜ୍ଜାଭିନୟ )

ବେଦ—ସଖୀ, ଲଜ୍ଜା କାହିଁକି ? କହ । ଆର୍ଯ୍ୟପୁତ୍ରଙ୍କୁ ଦେଖିବ ବୋଲି କି ?

ସୀତା—(ସ୍ୱଗତ) ଲଜ୍ଜିତା ହେବି କାହିଁକି ? ଏପରି କହିବି । ( ପ୍ରକାଶ୍ୟେ ) କେବେ ହେଲେ କୁଶ ଲବ ତାତ ଦର୍ଶନରେ ମୋ ଜନ୍ମ ଧନ୍ୟ ହେବ କି ?

ବେଦ—ସଖୀ, ରାଜଦର୍ଶନ ତୁମ୍ଭର ସମାସନ୍ନ ମାତ୍ର ।

ସୀତା—କେମନ୍ତେ ?

( ନେପଥ୍ୟେ ଋଷି )

ଭୋ ଆଶ୍ରମବାସିଜନେ ! ଶୁଣ, ହେଇଟି ! ଏ ସମୀପରେ ଅଶ୍ୱମେଧ ଯାଗ ଅନୁଷ୍ଠିତ ହେଉଛି । ସକଳ ଯଜ୍ଞୋପକରଣ ସମ୍ଭୃତ । ନାନା ଦେଶାଶ୍ରମବାସୀ—ବଶିଷ୍ଠାତ୍ରେୟ ପ୍ରଭୃତି ମହାମୁନିମାନେ ସମାଗତ, କେବଳ ଭଗବାନ୍ ବାଲ୍ମୀକିଙ୍କ ଆଗମନ ମାତ୍ର ପ୍ରତୀକ୍ଷା କରି ମହାରାଜ ଯଜ୍ଞଦୀକ୍ଷାରେ ଅଦ୍ୟାପି ପ୍ରବେଶ ନାହାନ୍ତି । ସେ ଭଗବାନଙ୍କ ଆଶ୍ରମବାସୀଙ୍କୁ ମଧ୍ୟ ନିମନ୍ତ୍ରଣ କରିବାକୁ ରାମ ଦୂତ ଆଗତ, ଅତଏବ ବିଳମ୍ବ କର ନାହିଁ ।

କୁଶ ତୀର୍ଥ ଜଳ ସମିଧଙ୍କୁ ଧରି
ମୁନିକନ୍ୟାଏ ମୁନିଏ
ଯିବାକୁ ପ୍ରସ୍ତୁତ ହୁଅ ଆଶ୍ରମରେ
ଡେରି ନ କରି ଘଡ଼ିଏ ।
ମଙ୍ଗଳ ନିମିତ୍ତ ବିଧାନ ପ୍ରକାରେ
ଜମାଇ ଦ୍ରବ୍ୟାନିକର,
ଉଟଜ ପ୍ରାଙ୍ଗଣମାନଙ୍କରେ ଏବେ
ମୋଦେ ବଳି ଦାନ କର ।

ସୀ—ବିଳମ୍ବ ଅନୁଚିତ । ପ୍ରସ୍ଥାନ ଘୋଷଣାନନ୍ତର ଆର୍ଯ୍ୟ କଶ୍ୟପ ଯଜ୍ଞୋପକରଣ ଗ୍ରହଣ କରି ହେଉଛି ପ୍ରସ୍ଥାଣୋଦ୍ୟତ ହେଲେଣି । ମୁଁ ମଧ୍ୟ କୁଶ ଲବଙ୍କ ପ୍ରସ୍ଥାନ ମଙ୍ଗଳାଚରଣ କରିବି ।

( ସର୍ବେ ନିଷ୍କ୍ରାନ୍ତ )

## ତୃତୀୟାଙ୍କ

( ମାର୍ଗ ପରିଶ୍ରାନ୍ତ—ତାପସର ଧାଇଁ ଧାଇଁ ପ୍ରବେଶ )

ତାପ—( ସ୍ୱଗତ ) ହାୟ ! ଏ ସନ୍ତାପ ଦୀର୍ଘ ଗ୍ରୀଷ୍ମ ସମୟରେ ଅତ୍ୟନ୍ତ ଶ୍ରାନ୍ତ ହେଲି । ଗମନବଶୁଁ କ୍ଲାନ୍ତ ହେଲା ଜଙ୍ଘାଯୁଗ ଉପରକୁ କମ୍ବା ତଳକୁ ଚଳୁ ନାହିଁ । ମୋ ପ୍ରପଦଦ୍ୱନ୍ଦ୍ୱ ସ୍ଫୋଟକଯୁକ୍ତ ହୋଇ ଫାଟିଲାଣି । ଆଉ ଗୋଟିଏ ପ୍ରସଙ୍ଗ—ତେଡ଼େ ସୁକୁମାରୀ ସୀତା ଏବଂ ତାଦୃଶ କୋମଳ କୁଶ ଲବ ତାପସସମୂହ ସହିତରେ ସୂର୍ଯ୍ୟାସ୍ତ ପୂର୍ବରୁ ନୈମିଶାରଣ୍ୟରେ ପହଞ୍ଚିଲେ । ମୁଁ ଅହୁରି ଅରଣ୍ୟ ଆଡ଼କୁ ମଧ୍ୟ ଯାଇପାରି ନାହିଁ । (ଭାବି) ମୋତେ ଏବେ ନୈମିଶମାର୍ଗ କିଏ ଦେଖାଇବ ? ( ଦେଖି ) ହେଉଛି ! ଏମାନେ ନୈମିଶାରଣ୍ୟଗାମୀ । ଏ ଦୁହେଁ ନିଶ୍ଚେ ରାମ ଏବଂ ଲକ୍ଷ୍ମଣ, ଅତଏବ ଏହାଙ୍କୁ ଅନୁସରିବି ।

( ନିଷ୍କ୍ରାନ୍ତ )

( ଶୋକସନ୍ତପ୍ତ ରାମ ଏବଂ ଲକ୍ଷ୍ମଣଙ୍କର ପ୍ରବେଶ )

ଲକ୍ଷ୍ମ—ଆର୍ଯ୍ୟ, ଏଆଡେ—ଏଆଡ଼େ । ( ସ୍ୱଗତ )

ଲେଶ ହେଲେ ଦୋଷ ନ ଥିବା ଆର୍ଯ୍ୟାଙ୍କୁ
ନିର୍ଜନ ଘୋର ବନରେ
ତେଜି ଆସିବାକୁ ବଡ଼ପଣେ ମୁହିଁ
ବାହାରିଲି ସେ କାଳରେ ।

ଏବେ ବଂଶ ଶେଷ ଶ୍ରୀରାମନୃପଙ୍କୁ
କେଉଁଠାକୁ ନେବ ଛୁଟି
ମୁଁ ଅଭାଗା ପୁଣି ସ୍ୱଜନାଉଁ ଦାନ
ଦଗ୍ଧ ହୋଇ ରହିଅଛି ।

ଏହା ଭଲେ କଥିତ ।

"ପ୍ରମାଦରେ ସମ୍ପଦ୍, ବିସ୍ମୃତିରେ ପ୍ରଶ୍ରୟ
ବ୍ୟସନରେ ବିନୟ, ଶୋକରେ ଧୈର୍ଯ୍ୟ କ୍ଷୟ ।"

ମନ୍ଦର ମହୀଧର ସମାନ ଧୀର ହେବା ଏ ବାଲ୍ମୀକିଭଗବାନଙ୍କ ଅଗମନ ଅବଗତ ହୋଇ ତଦୀୟ ଦର୍ଶନ-ନିମିତ୍ତ ଗୋମତୀ ତୀରାଶ୍ରମପଦକୁ ଉଦ୍ଦେଶି ବାହାର ଶୋକାବେଗ ସମାକ୍ଷିପ୍ତ ହୃଦୟତ୍ୱବଶୁ ସେ ପଥ ଛାଡ଼ି ମହାବନାଭିମୁଖୀ ହୋଇ ଗୁଲୁ ଅଛନ୍ତି । ଏହା ଏହାଙ୍କୁ କହିବ କି ? ତାହା କାହିଁକି କହିବ ? ଏ ପ୍ରତିହାରୀ ଯାଉଥିବା ବାଟ ଦେଖାଇବ । ତଦ୍ଦ୍ୱାରା ଅଜ୍ଞାତରେ ବାଲ୍ମୀକ୍ୟାଶ୍ରମରେ ପ୍ରବେଶିବେ । ( ପ୍ରକାଶେ ) ଆର୍ଯ୍ୟ, ଏଆଡ଼େ—ଏଆଡ଼େ ।

ରାମ—( ଦୀର୍ଘରେ ନିଶ୍ୱସି )

ସାଗରେ ଗିରିଚୟେ ସେତୁ
ନିର୍ମାଣକୁ ଭୁଲିଲି
ବିଶୁଦ୍ଧିର ସାକ୍ଷି-ପାବକ
ଦେବଙ୍କୁ ନ ଗଣିଲି ।
ଇକ୍ଷ୍ୱାକୁଙ୍କ ଲୋକବନ୍ଦିତ
ବଂଶକୁ ନ ଚିନ୍ତିଲି
ଅଉ କି କରିବ ସୀତାଙ୍କୁ
ଅତି ମୋହେ ତେଜିଲି ।

ହା ! ହା ! ଅତ୍ୟନ୍ତ ନିରାଲମ୍ବ ହେବା ସେ ତପସ୍ୱିନୀଙ୍କ ପ୍ରବାସ ମହାକଷ୍ଟ ସିନା !

କେଉଁ ସ୍ଥାନରେ ଦୁଷ୍ଟିକ ନିବେଶିବେ ?
କାହିଁ ମନ ଦେଇ ସାନ୍ତ୍ୱନା ପାଇବେ ?

ଶ୍ୱାଶ୍ରା ତ ଲଭ୍ରା, ଭୂମିସୁତା କପର,
ସର୍ପାଗାର ବନେ ଥିବେ ପ୍ରାଣ ଧର ?

ଲକ୍ଷ୍ମ—(ସ୍ୱଗତ) ଆର୍ଯ୍ୟ ଭାଉଜଙ୍କ ପ୍ରବାସକୁ ଏବଂ ନିଜର ଅବନାଶକୁ ଭାବି ଅତ୍ୟନ୍ତ ସନ୍ତାପିତ । ଅନ୍ୟ ପ୍ରସ୍ତାବରେ ଦେବୀ ବୃତ୍ତାନ୍ତ ପାସୋରିଇବ । (ପ୍ରକାଶ୍ୟ) ଆର୍ଯ୍ୟ, ହେଇଟି ! ଏହାକୁ ଦେଖ ।

ଆର୍ଯ୍ୟ ଦେଖ ଆଗେ ମରକତପ୍ରଭା
ହରିତସଲିଲଘଟା
ଫୁଲ୍ଲ କଳହଂସ ମଧୁର କୂଜିତ
ସଂଯୁତ ସୁନ୍ଦର ଛଟା ।
ଗୁରୁତର ନୀରଜାତାଳି ବାସନା
ସୁବାସିତ ଦିକ୍‌ପ୍ରକର
ଭରିଜେ ପବିତ୍ରା ଗୋମତୀ ତଟିନୀ
ହୋଇ ଲୋକମନୋହର ।

ରାମ—(ସ୍ପର୍ଶାଭିନୟ କରି)

ସୀତାଙ୍କୁ ତେଜିଲା ଦିନରୁ
ମଲୟାନିଲୋତ୍ତମ
ଚନ୍ଦ୍ରକର ପଟୀର ମୁକ୍ତା
ହାର ମୋତେ ଗରମ ।
ଗୋମତୀ ତଟିନୀ ମାରୁତ
ଶୀତଳ ମୋତେ ଏବେ
ସେ ପ୍ରୋଷିତା ବରାକୀ ହୋଇ
କଷ୍ଟେ ଥିବେ ଏ ଠାବେ ।

ଲକ୍ଷ୍ମ—ଆର୍ଯ୍ୟ, ତୀର ଅତୀବ ନିମ୍ନୋନ୍ନତ । ଅତି ସାବଧାନରେ ଅବତରିବାକୁ ହେବ । ( ଉଭୟଙ୍କ ଅବତରଣାଭିନୟ ) ।
(ଲକ୍ଷ୍ମଣନିରୂପି) ଏ ପୁଳିନରେ ପଦାଙ୍କ ବ୍ରଜ ଅବିରଳରେ ଦେଖାଯାଏ । ଏ ତୀରୋପରି ବଲ୍ଲରୀତତିରେ ବୃନ୍ତବ୍ରାତ ମାନ ଅବଶିଷ୍ଟ ହୋଇ କୁସୁମବହନ ଚିହ୍ନ ପରିଲକ୍ଷିତ ହୁଏ । କଶଳାସ୍ଥ ଗୁଚ୍ଛକୁନ୍ତନବସ୍ଥିଁ ଏ

ବନସ୍ପତିଙ୍କ ସ୍ପୃହା କ୍ଷୀଣ ହୋଇଛି; ଅତଏବ ମୋ ଭାବନା ଏହି ଯେ ଏ ସମୀପରେ ଜନେ ବାସ କରନ୍ତି ।

ଜଳସୁମାଳରେ ନୂତନେ ଦେବତା
ପୂଜାଛି ପୁଳିନ ରମ୍ୟ
ଏହି କୁନ୍ଦମାଳା ଭାସେ ବୀଚିଚୟେ
ବହି ଭୁଜଗୀର ସାମ୍ୟ ।

ରାମ—ଲକ୍ଷ୍ମଣ, କେବଳ ଏ ସମୀପେ ମାତ୍ର ନୁହେ, ଏ ପ୍ରତିସ୍ରୋତର ନିକଟ ପ୍ରଦେଶରେ ମଧ୍ୟ ମାନବେ ବାସ କରୁଥିବେ ।

ଲକ୍ଷ୍ମ—ଆଶ୍ଚର୍ଯ୍ୟ, ଆଶ୍ଚର୍ଯ୍ୟ ! ଆର୍ଯ୍ୟ, ଭବଦୀୟ ଚରଣପଦ୍ମଚର୍ଯ୍ୟାଚରଣାପେକ୍ଷିତାରେ ପରସାଗରଗାମିନୀତରଙ୍ଗପରମ୍ପରା ହେଉଛି କ୍ରମରେ ଏ କୁନ୍ଦମାଳାକୁ ଆଣି ଭବତ୍ପାଦସନ୍ନିଧିରେ ସମର୍ପିଲା । ଏ ରଚନାନିପୁଣତାକୁ ଅବଲୋକନ କର ।

( ମାଳାକୁ ଗ୍ରହଣ କରି ରାମଙ୍କରେ ପ୍ରଦାନ କରିବା )

ରାମ—( ଭଲେ ବିଲୋକି ଏବଂ ରୋମାଞ୍ଚାଭିନୟ କରି ) ଲକ୍ଷ୍ମଣ, କୁସୁମରଚନାବିନ୍ୟାସକୌଶଳ ପୂର୍ବେ ଦେଖିଲା ପରି ପ୍ରତୀତ ।

ଲକ୍ଷ୍ମ—କେଉଁଠାରେ ?

ରାମ—ଇନ୍ଦୁଶାବସ୍ଥାନ ଅଉ ଅନ ସ୍ଥାନରେ କପରି ?

ଲକ୍ଷ୍ମ—ଦେବୀଙ୍କ ଠାରେ କି ?

ରାମ—ଆଉ କଅଣ ?

ଲକ୍ଷ୍ମ—ଦୁର୍ବିଦଗ୍ଧ ବିଧାତୃକ୍ରୀଡ଼ନ ଭଙ୍ଗୀ କାହାର ଗୋଚର ? ଆର୍ଯ୍ୟ, ଏ କୁନ୍ଦମାଳା ନିର୍ଗମିଲା ସ୍ଥଳ ପର୍ଯ୍ୟନ୍ତ ପ୍ରତିସ୍ରୋତୋଽନୁସାରୀ ହୋଇ ଏ ଗୋମତୀ ତୀରରେ ଗମିବା ।

ରାମ—ଭାଇ, ରଚନା ବିନ୍ୟାସ ଏକର ପରି ଅପରେକର ଏ ଲୋକରେ ଥାଇପାରେ । ଆମ୍ଭର ସେତେ଼ ଭାଗ୍ୟ କି ? କୌଣସି ଅଜ୍ଞାତ ଦୂରସ୍ଥାନରେ ପରିତ୍ୟକ୍ତା ସୀତା ଏ ସ୍ଥାନକୁ ଆସିବା ଅସମ୍ଭାବ୍ୟ ସିନା ! ତଥାପି ଅମ୍ଭେ ଏ ନଦୀକି ନ ଛାଡ଼ି ତତ୍ସମ୍ଭବ ସ୍ଥାନଯାଏ ଯିବା । ବାଟ ଦେଖାଅ ।

ଲକ୍ଷ୍ମ—ଏ ନଈତଟରୁ କଣ୍ଟା ଲତାମାନଙ୍କରେ, ଗୁଣ୍ଡ ପଥରମାନଙ୍କରେ, ପୁଣି ଗେଣ୍ଡ୍ରାମାନଙ୍କରେ ପୂର୍ବ ଅତି ଦୁଃଖେ ସଞ୍ଚାର ହୋଇଅଛୁ । ମୁଁ ଦେଖାଇବା ବାଟରେ ମାତ୍ର ତୁମ୍ଭେ ଚାଲିବାକୁ ହେବ ।

ରା—ଅଚ୍ଛା, ଏ କୁନ୍ଦମାଳା ମୋର ପ୍ରିୟତମା ହେଲେହେଁ, ଦେବତୋପହାର ଶଙ୍କାରୁ ଏହାକୁ ମୁଁ ଉପଭୋଗାର୍ହା କରିପାରିବି ନାହିଁ ।

( ମାଳା ପରିତ୍ୟାଗ )

ଲକ୍ଷ୍ମ— ବେଦନକୁ ଲଙ୍ଘ, ଏ ଶୁକ୍ତିଯୁକ୍ତସ୍ଥାନେ
ଚରଣଯୁଗ ନ ଭର ।
ଆଗରେ ରସାଳ ବିଟପ ନଇଁଛି
ନତ କର ତୁମ୍ଭ ଶିର ।
ଧନୁ ଆଗେ ରଖି ଶାଖାରୁଦ୍ଧ ପଥ
ଦେଖି ମନ୍ଦେ ମନ୍ଦେ ଚାଲ,
ଅମ୍ବ ଚହଲରୁ ଭୀତ ହେବ ପରା
ହଂସ୍ର ଭୀରୁ ସନ୍ଧ୍ୟାକାଳ ।

ରା—( ଯଥୋକ୍ତ ବର୍ତ୍ମରେ ଚାଲି ) ଭାଇ, ଏ ପ୍ରଦେଶରେ ବାଲ୍ମୀକି ଭଗବାନଙ୍କ ଅଶ୍ରମପଦ ଅଛି କି ?

ଲକ୍ଷ୍ମ—ଆର୍ଯ୍ୟଙ୍କୁ କଅଣ ଦିଶିଲା ?

ରା— କ୍ଷୀଣ ହେବାରୁ ସାବଧାନେ ଦେଖିଲେ,
ଦିଶଇ ହୋମଧୂମରେଖା ବିରଳେ ।
ମନ୍ଦ ମାରୁତରେ ହୋଇ ସମାକୃଷ୍ଟ,
ସାମଗାନ କରଇ କାନକୁ ହୃଷ୍ଟ ।

ଲକ୍ଷ୍ମ—ଆର୍ଯ୍ୟ, ଭଲେ ବିଲୋକିଲ ! ମୁଁ ମଧ୍ୟ ଅଗ୍ରଗାମୀ ହୋଇ ନିରୂପିବି । ( ଗମି ଏବଂ ଅଶ୍ଚର୍ଯ୍ୟାଭିନୟ କରି ସ୍ୱଗତ ) ଏ କଅଣ ! ଏଠାରେ ପଦାର୍ପଣ କରନ୍ତେ ମୋ ହୃଦୟ ଉତ୍କମ୍ପିତ, ଜାନୁଯୁଗ ସ୍ତମ୍ଭିତ, ପାଦଦ୍ୱୟ ବିଚଳିତ । ଏହାର କାରଣ କଅଣ ? ( ବିଚାରି ) ସ୍ପଷ୍ଟମାତ୍ର! ଏ ପ୍ରଦେଶ ଗୁରୁଜନ ସମାକ୍ରାନ୍ତ ହୋଇଥିବ । ହେଉ ! ଏଠାରେ ପଦାଙ୍କବ୍ରଜ ପରିଲକ୍ଷିତ ହୁଏ ।

( ଭୂମିକୁ ବିଲୋକିବା ).

ସୀ—ଭାଇ; କାହିଁକି ଏ ମହୀକି ସେତେ ଆଦରରେ ଦେଖୁଛ ?

ଲକ୍ଷ୍ମ—ମଞ୍ଜୁଳ ମୁଦ୍ରିତ ଚରଣତଳ ସୌକୁମାର୍ଯ୍ୟଯୁତ ହୋଇ ଲଳିତ ଗତିଯୁକ୍ତ ବିନ୍ୟାସବଶରୁ ସ୍ତ୍ରୀପଦାଙ୍କାବଳୀ ବୋଲି ପ୍ରତୀତ କରାଇ ଏ ପୁଳିନ ତଳରେ ପାଦଚିହ୍ନଜାଳ ଦୃଶ୍ୟ ହୁଏ । ଦେଖ ।

ଶାନ୍ତିରୁ କିବା ବିଳାସରୁ, କିମ୍ବା କେବଳ ସ୍ୱଭାବରୁ ।
ଜନୈକ ମହିଳା ଏଠାରେ, ସଞ୍ଚାର କଲା ଧୀରେ ଧୀରେ ।
ତାହାର ପଦଚିହ୍ନମାନ, ପୁଳିନେ ହୋଇ ବିଦ୍ୟମାନ ।
ମତ୍ତ ମରାଳ ବିକ୍ରମର, ଭଙ୍ଗୀକି କରାଏ ଗୋଚର ।

ସୀ—( ବିଲୋକି ହର୍ଷରେ ) ଭାଇ, ଜନୈକ ମହିଳାର ବୋଲି କାହିଁକି ? ସୀତା ପଦାଙ୍କନମାନ ବୋଲି ମାତ୍ର କହିବାକୁ ହେବ, ଦେଖ ।

ଅଙ୍କିତ ରଚନ ରମ୍ୟତା ନମ୍ରତା
କଞ୍ଜାଦ୍ଧ ରେଖା ଆବର,
କମ ସରସମ, ଯେ ପାଦକୁ ପୂର୍ବେ
ବିଲୋକି ଆତ୍ମା ମୋହର,
ପୂତ ହେଉଥାଏ, ସେ ପାଦର ଚିହ୍ନ
ଦେଖି ଏଠାରେ ଏବେ ସେ,
ଅନିର୍ବଚନୀୟ ସନ୍ତୋଷ-ସାଗର-
କଲ୍ଲୋଳନିଚୟେ ଭାସେ ।

ଲକ୍ଷ୍ମ—ଆର୍ଯ୍ୟ, ଯେପରି ହେଲେ, ଏ ପଦାଙ୍କନପଙ୍କ୍ତିକି ମାତ୍ର ଅନୁସରି ବାଲ୍ମୀକ୍ୟାଶ୍ରମ ପଦରେ ପହଞ୍ଚିବା । ଏ ନୂତନ ପଦାଙ୍କନବଶରୁ ଦେବୀ ମଧ୍ୟ ଏଠାକୁ ନିକଟରେ ଥିବେ ବୋଲି ମୋ ଭାବନା ।

( ପରେ ସୀତାଙ୍କର ପ୍ରବେଶ )

ସୀ—( ସ୍ୱଗତ ) ସୋମଲତା କର୍ତ୍ତନ ହେଲା, ସାନ୍ଧ୍ୟୋପାସନ ସମ୍ପନ୍ନ ହେଲା, ହୋମକାର୍ଯ୍ୟ ପୂର୍ଣ୍ଣ ହେଲା, ଗଙ୍ଗାସ୍ନାନ ସମାପନ ହେଲା । ଭଗବତୀ ଭାଗୀରଥୀଙ୍କି ସ୍ୱହସ୍ତଗ୍ରଥିତା କୁନ୍ଦମାଳା ସମର୍ପିଲି । ଆଜ ଏ କୁଞ୍ଜ ଏବଂ ଶୀତଳ କୁଞ୍ଜରେ ପ୍ରବେଶି ଅତିଥି ଜନ ପୂଜନଯୋଗ୍ୟ ପୁଷ୍ପ ତୋଳିବି ।

( କୁଞ୍ଜ ପ୍ରବେଶ )

ଲକ୍ଷ୍ମ—ଆର୍ଯ, ଏ ପଦଚହ୍ନବ୍ରଜ କ୍ରମରେ ପୁଳିନତଳ ଅତିକ୍ରମି ସ୍ଥଳ ଅବେହ୍ଣ ଅଦ୍ଭୁତ ହେଲା । ଅତଏବ ଅଗ୍ରଷ୍ଠିତ ମଞ୍ଜୁଳ ଲତା ଗୁଳ୍ମର ଛାୟାରେ ବିଶ୍ରମି ଶ୍ରମାପନୋଦନ କରି ବାଲ୍ମୀକି ମହର୍ଷିଙ୍କି ଭେଟିବା ।

ରା—( ଦୀର୍ଘରେ ନିଶ୍ୱସିସି ଲୋତକ ଲୋଚନରେ ) ଭାଇ—ଭାଇ !

ସୀତା—( ଶୁଣି ସ୍ୱଗତ ) ଏ କିଏ ? ସଜଳଜଳଧରସ୍ତନିତ ଗମ୍ଭୀରସ୍ୱର ବିଶେଷ ଦ୍ୱାରା ଅତ୍ୟନ୍ତ ଦୁଃଖଭାଜନ ହୋଇଥିବା ମୋ ଅପଧନକୁ ପୁଲକିତ କରୁଅଛନ୍ତି ! ହେଉ କିଏଟି ନିରୂପଣ କରିବି, କିନ୍ତୁ ଯଥାର୍ଥ ନ ଜାଣି ଅସ୍ଥାନରେ ଦୃଷ୍ଟି ପ୍ରସାରିବା ମୋର ଉଚିତ ନୁହେ । ମାତ୍ର ଏଠାରେ ଜାଣିବାକୁ ହେବ କଅଣ ? ପର ପୁରୁଷ ଶବ୍ଦ ମୋ ଶରୀରରେ ରୋମାଞ୍ଚ ବିକାର ଜନ୍ମାଇପାରେ ନାହିଁ । ସେ ନିରନୁକ୍ରୋଶ ଏଠାକୁ ଆସିଥିବା ସୁବ୍ୟକ୍ତ । ଅତଏବ ଦେଖିବି, ନାହିଁ । ସେପରି ପରାଙ୍‌ମୁଖ ହେଲା ଜନଠାରେ ଏପରି ଅଭିମୁଖୀ ହେବି ବୋଲି ଭାବିବା ନିଷ୍ଟୟରେ ମୋରେ ମୋତେ ମାତ୍ର ଲଜ୍ଜାମାଡେ । ଅତଏବ ଅନାଇବି ନାହିଁ । ( ପରାଙ୍‌ମୁଖୀ ହୋଇ ) ଏହା କଅଣ ? ମୋତେ ମୁଁ ବଶ୍ୟ କରି ପାରୁ ନାହିଁ । ବଳେ ମୋ ଦୃଷ୍ଟି ସେ ଦିଗକୁ ମାତ୍ର ପ୍ରସରଇ, ଆଉ କିସ କରିବି ? ରାଜପରାଧୀନା ହୋଇଥିବାରୁ ମୁଁ ତାକୁ ସେପରି ମାତ୍ର ନିଯୁକ୍ତ କରିବି । ( ବିମର୍ଷି ) ଅହୋ । ଦିଶିଲେ ବୋଲି ଆନନ୍ଦ ! ଚିର ବିରହପ୍ରାପ୍ତ ହେଲି ବୋଲି ଦୁଃଖ । ଶୁଷ୍କ ହେଲେ ବୋଲି ଭୟକମ୍ପ. ନିରନୁକ୍ରୋଶ ବୋଲି ଅଭିମାନ, ଚିରପରିଚିତ ବୋଲି ଅନୁରାଗ, ଦର୍ଶନୀୟ ବୋଲି ଉତ୍କଣ୍ଠା, ଭର୍ତ୍ତା ବୋଲି ବହୁମାନ, କୁଶଲବଙ୍କ ତାତ ବୋଲି କୁଟୁମ୍ବିନୀ ସଦ୍ଭାବ ଏବଂ ଅପରାଧ ପ୍ରବେଶିତା ମୁଁ ବୋଲି ଲାଜ, ଆର୍ଯପୁତ୍ରଙ୍କ ସନ୍ଦର୍ଶନରେ କିଭଳି ଅବସ୍ଥା ଭୋଗିବିଟି ମୁଁ ଜାଣେ ନାହିଁ ।

ଲକ୍ଷ୍ମ—ଆର୍ଯ, ମୋତେ କାହିଁକିଟି ହଠାତ୍ ହକାରି ଲୋଚନ ଲୋତକପୂର୍ଣ୍ଣ ହୁଅନ୍ତେ ବଦନ ଅବନତ କରି ମୌନକୁ ଭଜିଲ କାହିଁକି ?

ରା—ଭାଇ, ଜନସଞ୍ଚାରଶୂନ୍ୟ ହେବା ଏ ଅରଣ୍ୟକୁ ଏବଂ ତଟରୁହତରୁ-ଛାୟାସମାକୀର୍ଣ୍ଣରମଣୀୟସୈକତଶାଳିନୀ ଏବଂ ସାଗରଗାମିନୀ ହେବା ଏ ପ୍ରସନ୍ନସଲିଳବାହିନୀକୁ ଦେଖନ୍ତେ ଦଣ୍ଡକ ବନବାସ ସ୍ମୃତ ହେଲା ହେତୁରୁ ସେପରି ବିହ୍ୱଳ ହେଲି ।

ସୀତା—ଆର୍ଯ୍ୟପୁତ୍ର, ବନବାସ ମାତ୍ର କିନ୍ତୁ ବନବାସିନୀ ସ୍ମୃତା ହୋଇ ନାହିଁ ତ ?

ଲକ୍ଷ୍ମ—ଦୁଃଖୈକବାସ ହେଲା ସେ, ବନବାସରେ ସ୍ମରଣଯୋଗ୍ୟ ହୋଇ କଅଣ ଅଛି ?

ରା—ଭାଇ, ଦୁଃଖୈକବାସ ହେଲା ସେ ବନବାସରେ ସ୍ମରଣଯୋଗ୍ୟ ହୋଇ କଅଣ ଅଛି ବୋଲି କାହିଁକି ? ଦେଖ—

ପ୍ରିୟାଙ୍କର ଜାତପଲ୍ଲବପାଣିକି
ଧରି କରେ ମୁଁ ପ୍ରୀତିରେ
ବିବିଧସୁରତପ୍ରସଙ୍ଗ ଆଚରି
ସାୟଂକାଳେ ରଭସରେ ।
ଅମ୍ଭର ଚରଣ ଭରନ୍ତେ ସ୍ଫୁରିତ
ସଲିଳନଦୀପୁଳିନେ,
ଅତିବିଳାସରେ ବିହାରକରଣ
ସ୍ମରେଁ ମୁହିଁ ନିଜ ମନେ ।

ସୀତା—ହେ କରୁଣାକୋଣ, ସେପରି ସଦାଳାପକୁ ଉଠାଇ ଦୁଃଖିତା ଏବଂ ଶରଣରହିତା ହୋଇଥିବା ଏ ଜନକୁ ଅଧିକତରରେ ବାଧୁଛ କାହିଁକି ?

ଲକ୍ଷ୍ମ—ଆର୍ଯ୍ୟ, ଶୋକ କର ନାହିଁ ।

ରା—ଭାଇ, ହତଭାଗା ଶୋକ ନ କରିବ କିପରି ? ଦେଖ—

ଅଧମକୁ ମୋତେ ଲଭି ପୂର୍ବେ ବନେ,
ପରେ ଲଙ୍କାରେ ଏବେ ପୁଣି କାନନେ ।
ପ୍ରବାସ କରି ସୀତା ସ୍ୱ ଜୀବନରେ,
ପାଇଲେ ଆହା, କଷ୍ଟକୁ କଷ୍ଟ ପରେ ।

ସୀ—ଆର୍ଯ୍ୟପୁତ୍ର, ବନବାସିନୀ ହେଲି ମୋ ନିମନ୍ତେ ଏବେ ଏପରି ଦୁଃଖିତ ହେବା ତୁମ୍ଭର ଅନୁଚିତ ।

ରା—ହା, ଜନକ ରାଜପୁତ୍ରୀ !

ସୀ—ଅଳ୍ପ ପୁଣ୍ୟଭାଗିନୀ—ବର୍ଜନୀୟା ।

ରା—ହା ! ବନବାସ ସହାୟିନୀ !

ସୀ—ଆଉ ଏବେ ତାହା ନାହିଁ ତ ?

ରା—ହା ! କେଉଁଣେ ଗଲ ?

ସୀ—ହତଭାଗିନୀ ଏ କେଉଁ ଠାକୁ ଯିବ ?

ରା—ମୋତେ ପ୍ରତିବଚନ ପ୍ରଦାନ କର ।

ସୀ—ଏ ଜନ ତ ଅସମ୍ଭାବନୀୟ, ପ୍ରତିବଚନ କେମନ୍ତେ ?

ରା—( ଶୋକାକୁଳ )

ଲକ୍ଷ୍ମ—ଆର୍ଯ୍ୟ, ଶୋକ ପରିତ୍ୟାଗ କର ବୋଲି ମୋ ଜଣାଣ ।

ରା—ଭାଇ, ବୈଦେହୀ ଶୋଚନୀୟା ହୋଇଥାନ୍ତେ, ମୁଁ ଶୋକ ପରିତ୍ୟାଗ କରିବି କେମନ୍ତେ ?

ସୀ—ଆର୍ଯ୍ୟପୁତ୍ର, ବୈଦେହୀକି ଶୋଚନୀୟା ବୋଲ ନାହିଁ । ଯାହାକୁ ଭାବ ବଲ୍ଲଭ ଏଭଳି ଶୋକାକୁଳ, ସେ ଲେଶ ମାତ୍ର ହେଲେ ଶୋଚନୀୟା ନୁହେ ।

ରା—ଭାଇ, ସୀତା କେଉଁ ଠାରେ ଅଛନ୍ତି ତୁମ୍ଭେ ଜାଣି ପାରିବ କି ?

ସୀ—ଆର୍ଯ୍ୟପୁତ୍ର, ଦିବସାବସାନନିବାରିତ ସମାଗମା ଚକ୍ରବାକୀ ପରି ସେ ଏଠାରେ—ପ୍ରବାସରେ ଅଛି ବୋଲି ଜାଣ ।

ଲକ୍ଷ୍ମ—ଆର୍ଯ୍ୟ, କେଉଁ ଠାରେ ଅଛନ୍ତି ଜାଣିବା ଅଶକ୍ୟ ।

ରା—ଭାଇ, ଚିରକାଳାବଚ୍ଛିନ୍ନ ରଘୁକୁଳ ମୋଦ୍ୱାରା ଅଦ୍ୟ ବିଚ୍ଛିନ୍ନ ହେଲା ।

( ରୋଦନ କରିବା )

ସୀ—( ଶୋକଭରରେ ) ଅହା ! ଆର୍ଯ୍ୟପୁତ୍ର ଅତ୍ୟନ୍ତ ସନ୍ତାପିତ ତ, କିସ କରିବି ? ସାହସ କରି ଦୃଷ୍ଟି ନିରୋଧକ ଲୋତକ ପୋଛିବି । (ପାଦ ଠେକ)

ନା, ଏପରି ନୁହେଁ । ଜନ-ପ୍ରବାଦକୁ ପାଳିବାକୁ ହେବ ତ ! ମୁଁ ଶୋକାବେଗବଲାକ୍ରାନ୍ତା ହେଲେହେଁ ଆର୍ଯ୍ୟପୁତ୍ର ମୋତେ ନ ଦେଖିବା ପୂର୍ବରୁ ସେପରି କରି ପାରିବି ନାହିଁ । ଏବେ ଏ ସ୍ଥାନ ମୁନିଜନା-ଗମନଯୋଗ୍ୟ ଅଟେ । ଅତଏବ ହଠାତ୍ କିଏ ହେଲେ ଆସି ମୋତେ ଦେଖିବେ ପରା ! ଏ ଲତାଗୁଳ୍ମରେ ପ୍ରଚ୍ଛନ୍ନ ହୋଇଥିବା ସୁଖସଞ୍ଚାର-ସରଣୀରେ ଆଶ୍ରମକୁ ଯାଇ କୁଶଲବଙ୍କୁ ଆଦରିବି ।

[ ପ୍ରସ୍ଥାନ ]

( ବାଦରାୟଣ ଋଷିଙ୍କ ପ୍ରବେଶ )

ବାଦ—"ବତ୍ସ—ବାଦରାୟଣ, ଲକ୍ଷ୍ମଣସହାୟ—ରାମଭଦ୍ର ଏ ବନକୁ ଆଗମନ କଲା ପରି ଶ୍ରୁତ ହେଲା । ସେ କେତେବେଳୁଁ ଆମ୍ଭ ଦର୍ଶନାପେକ୍ଷାରେ ଆସି, ଆମ୍ଭେ ମାଧ୍ୟାହ୍ନିକକ୍ରିୟାବ୍ୟଗ୍ର ବୋଲି ଭାବି ବାହ୍ୟରେ ବସିଥିବେ । ତୁ ତାଙ୍କ ନିକଟକୁ ଯାଇ ଆମ୍ଭେ ମାଧ୍ୟାହ୍ନିକ କୃତ୍ୟମାନଙ୍କୁ ସମାପନ କରି ତଦ୍ଦର୍ଶନ ବାଞ୍ଛୁଥିବା ସମାଚାର ତାଙ୍କୁ ଜଣାଅ" ବୋଲି ବାଲ୍ମୀକି-ଭଗବାନ ମୋତେ ଆଦେଶ ଦେଲେ ତ । ଅତଏବ ଭଗବାନଙ୍କ ଆଜ୍ଞାନୁସାରେ ରାମଚନ୍ଦ୍ରଙ୍କୁ ଅନ୍ୱେଷିବି ।

( ଗମନ କରିବା )

ଲକ୍ଷ୍ମ—( ଦେଖି ସସମ୍ଭ୍ରମରେ ) ଆର୍ଯ୍ୟ, ହେଉଛି ! ଜଣେ ତପୋଧନ ଏ ଆଡ଼େ ଆସୁଅଛନ୍ତି ।

ରା—( ଲୋତକ ପୋଛି ସଧୈର୍ଯ୍ୟେ ସ୍ଥିତ )

ବାଦ—( ନିରୂପି ) ହେଉଛି ! ଏ ଲତା ଗୁଳ୍ମ ପ୍ରଚ୍ଛାୟରେ ପୁରୁଷଯୁଗଳ ଦେଖାଯାଏ । ଲକ୍ଷ୍ମଣସହାୟ—ରାମଚନ୍ଦ୍ର ହୋଇଥିବେ । ( ଭାବି ) ଆଉ ସନ୍ଦେହ କଅଣ ?

ତପନ-କିରଣ ତୀବ୍ରତାବିହୀନ
ମନ୍ଦେ ମନ୍ଦେ ବହେ ବାତ,
ସ୍ଥିତ ଏଣ୍ଡ଼ ସ୍ନେହେ ମୃଗେନ୍ଦ୍ରସହିତେ
ବିଚରଇ ମୃଗୀବ୍ରାତ ।

ଧନାର୍କ୍ଷ ହେଲେହେଁ ଛାୟା ନ ସ୍ପର୍ଶଇ
ସେ ରହିଥିବା କୁଞ୍ଜକୁ,
ରାମନାମଯୁକ୍ତ ଶ୍ରୀହରି ନିଶ୍ଚୟେ
ଆସିଛନ୍ତି ଏ ବନକୁ ।

କେବଳ ଅତିମାନୁଷ ପ୍ରଭାବଦ୍ୱାରାମାନ ନୁହେ, ଆକାର ଦ୍ୱାରା ମଧ୍ୟ ସେପରି ନିଶ୍ଚୟକରଣଯୋଗ୍ୟ ହୋଇଛନ୍ତି । ( ନିରୂପି )

ମଲ୍ଲକ୍ରୀଡ଼ାବଶୁଁ କଠିନ ଶରୀର
ଆକର୍ଣନେତ୍ର ଉନ୍ନତ
ସୁବିଶାଳ ବକ୍ଷଃସ୍ଥଳ, ଦୀର୍ଘବାହୁ
ଏ ନିଶ୍ଚେ ଅଜଙ୍କ ସୁତ ।

ମୁଁ ଏହାଙ୍କ ନିକଟବର୍ତ୍ତୀ ହୋଇ ବୃତ୍ତାନ୍ତ ଜଣାଇବି । (ସମୀପକୁ ଯାଇ) ମହାରାଜ, ସ୍ୱସ୍ତି ।

ରା—ମୁନୀନ୍ଦ୍ର, ମୁଁ ନମଇଁ ।

ବାଦ—ବିଜୟୀ ଭବ ।

ରା—ମୁଁ ଆର୍ଯ୍ୟଙ୍କ ଆଗମନ ପ୍ରୟୋଜନ ଜାଣିବା ଇଚ୍ଛୁକ ।

ବାଦ—ପରିସମାପ୍ତସକଳକୃତ୍ୟ ହୋଇ ବାଲ୍ମୀକି ଭଗବାନ ମହାରାଜାଙ୍କ ଆଗମନାପେକ୍ଷିତ ।

ରା—ଅହୋ ! ମଧ୍ୟାହ୍ନ ଅତିକ୍ରମିଲା ।

ମଧ୍ୟାହ୍ନତାପରୁ ବୃକ୍ଷମୂଳେ ରହି
ଆତପ ଯାନ୍ତେ ସେ ସ୍ଥଳୀ
ତେଜି ଇଷ୍ଟମାର୍ଗେ ଯିବା ପାନ୍ଥ ପରି
ଛାଇ ମନ୍ଦେ ଗଲା ଚଳି ।

ଆହୁରି—ମଧ୍ୟାହ୍ନାର୍କକରତାପକ୍ଳିଷ୍ଟଶାନ୍ତ
ପାଇଁ ସ୍ନାତ ହୋଇ ନୀରେ,
ଜଳାଦ୍ରୁ ଶ୍ରବଣପବନେ ମୁଖକୁ
ପ୍ରସନ୍ନ କରି ହୁଅରେ ।

ସ୍ଥିତ ବାରି ମଧ୍ୟେ ପାର୍ଶ୍ବ କୁ ବହନ୍ତେ
ନଦୀରେ ତୁଙ୍ଗତରଙ୍ଗ
କରିଘାତଧ୍ୱନିସହିତେ ଜନ୍ମାଇ
ତୀର ଅରୋହେ ମାତଙ୍ଗ ।

[ ସର୍ବେ ନିଷ୍କ୍ରାନ୍ତ ]

# ଚତୁର୍ଥାଙ୍କ

( ବେଦବତୀ ଯଜ୍ଞବେଦୀ ନାମ୍ନୀ ତାପସୀଦ୍ୱୟର ପ୍ରବେଶ )

ବେଦ—ସଖୀ—ଯଜ୍ଞବେଦୀ, ରାମାୟଣସଙ୍ଗୀତନିମିତ୍ତ ବାଲ୍ମୀକି ତପୋବନକୁ ଆସିଲା ତିଲୋତ୍ତମା ନିଜ ପ୍ରଭାବନିର୍ମିତ ସୀତା ରୂପରେ ରାମଙ୍କୁ ଦେଖି ସୀତାଦେବୀ ଠାରେ ତାଙ୍କର ଅନୁକମ୍ପା ଅଛି କି ନାହିଁ ଜାଣିବାକୁ ପାଇଁଥିବା ପରି କହି, ରାମଚନ୍ଦ୍ରସ୍ଥିତସ୍ଥାନ ଜାଣି ଆସ ବୋଲି ମୋତେ ପଠାଇଲା । ଅତଏବ ସଖୀ, ରାମ କେଉଁଠାରେ ଅଛନ୍ତି, ମୋତେ ଦେଖାଅ ।

ଯଜ୍ଞ—ସଖୀ—ବେଦବତୀ, ତୋତେ ତିଲୋତ୍ତମା କହିଲା ସମୟରେ ସେ ସମୀପଲତାଗୁଳ୍ମଗହନରେ ପ୍ରଚ୍ଛନ୍ନ ହୋଇଥିଲା ରାମବୟସ୍ୟ—କୌଶିକ ନାମକ ବିପ୍ର ଏ ସକଳ ପ୍ରସଙ୍ଗ ଶୁଣିଲା ।

ବେଦ—ଅହା ! ମହାନର୍ଥ ଘଟିଲା ତ ! ସମସ୍ତ ରହସ୍ୟ ବୃତ୍ତାନ୍ତ ଜାଣିଲା ତାଙ୍କ ସମ୍ମୁଖରେ ତିଲୋତ୍ତମା ସୀତା ଚରିତ କିପରି ଅନୁକରଣ କରି ପାରିବ ? ଏହା ଖଟେଇ ହେବାକୁ ଯାଇ ଲଜ୍ଜିତ ହୋଇ ପଡ଼ିବା ପରି ହେବ । ଅତଏବ "ସେ କର୍ମ କର ନା" ବୋଲି ପ୍ରିୟସଖୀ—ତିଲୋତ୍ତମାକୁ ବାରଣ କରିବି ।

ଯଜ୍ଞ—ସଖୀ—ବେଦବତୀ, ସୀତାଦେବୀ ଏବେ କେଉଁଠାରେ ?

ବେଦ—ସଖୀ ଶୁଣ, ଏ ସପ୍ତମ ଦିବସରେ ସମାଗତା ହେଲା ତପସ୍ୱିନୀମାନେ ବାଲ୍ମୀକି ମହାମୁନିଙ୍କୁ ଭେଟି "ମହାଭାଗ, ମହାରାଜ ସନ୍ନିହିତ ହୋଇ

ଥିବାରୁ ପଦ୍ମାପିଂଚସ୍ଥାଦ୍ଧିକାତ୍ତୋପଭୋଗମାନପ୍ରବର୍ତ୍ତିତ ହେବା ସମୟରେ ଏ ଅଶ୍ରମଦୀର୍ଘିକା ନିଷ୍ଟୟରେ ପରସ୍ପରୁଷ ନୟନଗୋଚର ହେବ । ଅତଏବ ତାହା ସ୍ତ୍ରୀଜନସ୍ନାନର ଅନନୁକୂଳା” ବୋଲି ଜଣାନ୍ତେ ସେ ଭଗବାନ ନିଧାନ ନିଷ୍ଟଳ ନେନରେ ମୁହୂର୍ତ୍ତେ ମାତ୍ର ବିଲୋକି “ଏ ଦୀର୍ଘିକାତୀର ସଞ୍ଚରିତ ସ୍ତ୍ରୀଜନ ପୁରୁଷନୟନଗୋଚର ନୋହୁ” ବୋଇଲେ । ତଦବଧି ସୀତା ଦେବୀ ରାମ-ନୟନଗୋଚରା ନୋହି ଦୀର୍ଘିକାତୀରରେ କାଳକ୍ଷେପ କରେ ।

ଯକ୍ଷ—ସଖୀ, ରାମଙ୍କର ଏବଂ ଆପଣାଙ୍କର ସମ୍ବନ୍ଧ କୁଶଲବ ଜାଣନ୍ତି କି ?

ବେଦ—ଶୈଶବରୁ ଏବଂ ମୁନିଜନସଂସର୍ଗରୁ ନିଜଜନନୀ ନାମ ତ ଜାଣନ୍ତି ନାହିଁ । ଦୀର୍ଘ ପ୍ରବାସବିଚ୍ଛିନ୍ନ ରାମ-ବୃତ୍ତାନ୍ତ ଜାଣିବେ କେମନ୍ତେ ?

ଯକ୍ଷ—ସଖୀ, ତୁ ତିଲୋତ୍ତମା ନିକଟକୁ ଯାଅ; ମୁଁ ସୀତାପାର୍ଶ୍ୱବର୍ତ୍ତିନୀ ହେବି । ( ଉଭୟଙ୍କ ପ୍ରସ୍ଥାନ )

( ଉତ୍ତରୀୟାବଗୁଣ୍ଠିତା ସୀତା ଏବଂ ଯକ୍ଷବେଦୀଙ୍କର ପ୍ରବେଶ )

ଯକ୍ଷ—ସଖୀ ବୈଦେହୀ, ଅପୂର୍ବ ହୋଇଥିବା ଏ ଉତ୍ତରୀୟଦ୍ୱୟର ଧାରଣ କିଏ ତୁମ୍ଭଙ୍କୁ ବତାଇଲା ?

ସୀତା—ସଖୀ, ଏ ତ ଦୀର୍ଘିକାତରଙ୍ଗାଗତାତିଶୀତ ବାତ ।

ଯକ୍ଷ—ସଖୀ, ଶାରଦଚନ୍ଦ୍ରିକାସମ ଧବଳ ଏବଂ ଅତି ପରିମଳାସକ୍ତସଂକୁଳ-ସହାଗତଭୃଙ୍ଗଗତ ମଧୁହରଗାନମଞ୍ଜୁଳ ହୋଇଥିବା ଏ ଦୁକୂଳ ପ୍ରବାସଜନାନନୁକୂଳ ସିନା !

ସୀତା—ସଖୀ, ତେବେ ମହାରାଜଶାସନପ୍ରାପ୍ତବନବାସସମୟରେ ଶଙ୍କରକୂଟ ତ୍ୟାଗ କରି ଦକ୍ଷିଣାପଥ ପ୍ରୟାଣୋଦ୍ୟମ କରନ୍ତେ ଚିରବନବାସସମ୍ପୃକ୍ତ-ସଖୀସ୍ନେହବିଚ୍ଛିନ୍ନାକୁଳା ହୋଇ ବନଦେବତା—ମାୟାବତୀ ସ୍ମୀୟ ସ୍ମରଣ ନିମିତ୍ତ ଚନ୍ଦ୍ରଧବଳ ଏବଂ ବହୁଳ ପରିମଳ ହେବା ତାଙ୍କ ଉତ୍ତରୀୟ ଉପହାରରୂପେ ମୋତେ ପ୍ରଦାନ କଲେ । ସେକାଳେ ଆର୍ଯ୍ୟପୁତ୍ର ମଧ୍ୟ ସେ ସ୍ଥଳେ ଥିଲେ । ଆମ୍ଭ ଉଭୟଙ୍କ ହସ୍ତମାନଙ୍କରେ

ସଖୀଭୂତ ଏବଂ ଚିରଦୁଃଖ ସହାୟ ହେଲ୍ଗି ବୋଲି ଏଠାରେ ମଧ୍ୟ ଏହାଙ୍କୁ ମୁଁ ସାଦରେ ଧରଇଁ ।

( ବେଦନ କରିବା )

ଯକ୍ଷ—ସଖୀ, କାନ୍ଦ ନା—କାନ୍ଦ ନା, ତପୋବନବାସ ବନବାସ ନୁହେ ବୋଲନ୍ତି ।

ସୀତା—ସଖୀ, ମୁଁ ନ କାନ୍ଦି ରହି ପାରିବି କେମନ୍ତେ ? ଆର୍ଯ୍ୟପୁତ୍ର ଏ ତପୋବନକୁ ଆସିଲେ......ମୁଁ ଏକାକିନୀ ହୋଇ ଦୀର୍ଘନିଶ୍ୱାସ ତ୍ୟାଗ କରି ରାତି ଦିନ ଅତି କଷ୍ଟରେ ବଞ୍ଚାଉଅଛି । ଏହା ମାତ୍ର ମୋର ବଳୀୟୀବେଗକାରଣ ।

ଯକ୍ଷ—ସଖୀ, ଏହା ଅନର୍ଥଜାତ—ଅନୁଭବିତବ୍ୟ । ତୁମ୍ଭେ ଏ ଦୀର୍ଘିତୀରରେ ବିହଙ୍ଗମିଥୁନବିଭ୍ରମ ବିଲୋକି ବିନୋଦକୁ ପାଅ । ମୁଁ ମଧ୍ୟ ନିଜ କାର୍ଯ୍ୟରେ ଆସକ୍ତା ହେବି । (ଗମନ କରିବା)

ସୀତା—( ଦୀର୍ଘିକାକୁ ଦେଖି ସ୍ୱଗତ ) ଏ ରାଜହଂସମିଥୁନ ଅତି ଧନ୍ୟ ସିନା । ବିରହଶୂନ୍ୟ ହୋଇ ଏସନ ସମାଗମ-ସୁଖ ଅନୁଭୋଗ କରେ । ଦମ୍ପତିଙ୍କୁ ମୋ ବିରହ ସମ ବିରହ ଶିକ୍ଷା ଦେବା ଦକ୍ଷ ଶିକ୍ଷକ କେଉଁଠାରେ ହେଲେ ନ ଥିବା ନିଶ୍ଚୟ । ବିହଗଗଣ ମଧ୍ୟ ପରସ୍ପର ହୃଦୟଗ୍ରହଣସମର୍ଥଲଳିତମଧୁର ହୋଇ ଗୃହି ପ୍ରସଙ୍ଗ କରେ ।

ଯକ୍ଷ—( ନିରୂପି ସ୍ୱଗତ ) ଅହୋ ! ଏ ମୁନିଜନ ସମସ୍ତେ ସସମ୍ଭ୍ରମରେ ହଠାତ୍ ଆପଣା ଆସନମାନଙ୍କୁ ତେଜି କାନ୍ଧରେ ବଲ୍କଳାମ୍ବରମାନଙ୍କୁ ସଜାଡ଼ି ଏବଂ ବିସ୍ମୟୋତ୍‌ଫୁଲ୍ଲଲୋଚନ ହୋଇ ଏକମୁଖିତାରେ ଚାହାନ୍ତି ! ମୁଁ ଭାବେଁ ମହାରାଜ ବିଜୟ କରିଥିବେ ।

( ନିଷ୍କ୍ରାନ୍ତ )

( ଚିନ୍ତାକ୍ରାନ୍ତ ରାମ ଏବଂ କଣ୍ୱଙ୍କର ପ୍ରବେଶ )

କଣ୍ୱ—"କଣ୍ୱ, ନୈମିଷାରଣ୍ୟ ରମଣୀୟକ ଦର୍ଶନରେ ରାମଚନ୍ଦ୍ରଙ୍କୁ ବିନୋଦୀ କର" ବୋଲି ବାଲ୍ମୀକି ଭଗବାନ ମୋତେ ଆଦେଶ

କଲେ । କିନ୍ତୁ ଏ ଚିନ୍ତାପରାଧୀନ ମାନସ ହୋଇ, ସମ୍ମୁଖସ୍ଥିତ ହୋଇଥିଲେହେଁ ମୋତେ ଜାଣି ପାରୁ ନାହାନ୍ତି ।

ଅବନ୍ଧୁର ପଥେ ମଧ୍ୟ ବାରମ୍ବାର
ଭ୍ରଂଶ ପାଇ ପାଦଯୁଗ
ମନ୍ଦେ ମନ୍ଦେ ଭରି ଆସନ୍ତି ବିଳମ୍ବେ,
ହେଲେ ମଧ୍ୟ ଅଦୂରଗ ।
ମୁଖ ନତ କରି ଅତି ଶୋଭାସ୍ପଦ,
ହେଲେହେଁ ଏ ଅଠବକ୍ର ।
ଅନାଇ ନାହାନ୍ତି ଭଲେ ହେଲେ ଅହୋ !
ପ୍ରସାରି ନିଜ ଦୃଷ୍ଟିକି ।

( ନିକଟବର୍ତ୍ତୀ ହୋଇ ପ୍ରକାଶ୍ୟେ ) ହେ ମହାରାଜ !

ରାମ—ଆହା ! ବୟସ୍ୟ, ତାପସ ବାଟୁଙ୍କରେ ସମ୍ବୋଧିଲ ! ତଥାପି ଏ ଅପରାଧ ବୟଃପରିଣାମର; କିନ୍ତୁ ତୁମ୍ଭର ନୁହେ ।

ଶୈଶବେ ତୁମ୍ଭର ରାମ ମୁହିଁ; ମୋର
କଣ୍ୱ ତୁମ୍ଭେ ଏ ନିକର ।
ବଦଳନ୍ତେ ଆମ୍ଭ ବୟସ ଅଧୁନା
ତୁମ୍ଭେ ଆର୍ଯ୍ୟ ମୁଁ ନୃବର ।

କଣ୍ୱ—ଅହୋ ! ଏ ଉପାଳମ୍ଭ ଧୀରୋଦାତ୍ତ ସିନା !

ରାମ—ବୟସ୍ୟ, ତୁମ୍ଭ କଥନୀୟ ବିଷୟ କହ ।

କଣ୍ୱ— ସୁରଭିକୁସୁମବାସନାରେ ସବୁ
ଦିଗ କରି ସୁବାସିତ,
ପରିଣତ ରୁଚ୍ୟ ଫଳଭରି ରମ୍ୟ
ତରୁତତି ବିରଚିତ ।
ନୀଳପରିବେଷ ପରି ଦେଖା ଦେବା
ଉପାନ୍ତ ରେଖା ସଂଯୁତ,
ଏ ରମ୍ୟକାନନ ତୁମ୍ଭ ମାନସକୁ
ଉଲ୍ଲାସାଏ କି କହ ତ ?

ରାମ—ବହୁମାନନିରନ୍ତରସିକ୍ତମାନସ ହେବା ମୋତେ ଏ ତପୋବନ ମୁଦ୍ରିତ କରେ । ମୁଦ୍ରିତ କରେ ନାହିଁ ବୋଲିବାକୁ ହେବ ନାହିଁ । ଦେଖ—

ଦାବାଗ୍ନିଙ୍କ କ୍ରତୁ ହୋମାନଳ, ବୃକ୍ଷ—
ପ୍ରକରଙ୍କୁ ଯୂପଚୟ,
ବିହଗରୁତଙ୍କୁ ସାମଗାନ, ମୃଗ—
ବ୍ରାତଙ୍କୁ ମୁନିଜନଚୟ ।
ବୋଲି ସଭକ୍ତିରେ ଭାବ ମୁହିଁ ଏହି
ନୈମିଶବନଭୂମିରେ,
ମନ୍ଦେ ମନ୍ଦେ ପାଦ ଭରୁଅଛି ଅତି
ଯନ୍ତ୍ରଣାଯୁକ୍ତଚିତ୍ତରେ ।

କଣ୍ୱ—ସକଳ ଜଗଦଭ୍ୟୁଦୟ ନିଃଶ୍ରେୟସ କାରଣ ଏବଂ ଧର୍ମୈକପରାୟଣ ହେବା ମହାରାଜାଙ୍କର ପୂର୍ବ ରାଜର୍ଷିବଂଶାଧ୍ୟାସିତ ଏବଂ ନିଷ୍ପ୍ରତ୍ୟୂହ-ତପଃସିଦ୍ଧିକ୍ଷେତ୍ର ହେବା ନୈମିଶରେ ଏଭଳି ବହୁମାନ ଯୁକ୍ତରୂପ ସିନା !

ବର ଶରାସନେ ନାଇଯାଏ ଲୋକ
ବିଜୟଙ୍କୁ ଲଭ ପରେ,
ଗୁରୁକ୍ରତୁପୁଣ୍ୟଫଳରେ ସ୍ୱର୍ଗଗ
ମାର୍ଗଙ୍କୁ ରଚି ସୁକରେ ।
ଇକ୍ଷ୍ୱାକୁବଂଶଜେ ସୁତଙ୍କରେ ରାଜ୍ୟ
ଭାରଙ୍କୁ ଦେଇ ଅନ୍ତରେ,
ମୋକ୍ଷ ବାଞ୍ଛି ଅବଲମ୍ବନ୍ତି ଏହି
ବନଙ୍କୁ ମୁନି ବୃତ୍ତରେ ।

ରାମ—[ ନମସ୍କାର କରିବା ]

କଣ୍ୱ—ମହାରାଜ, ଅନନ୍ୟତପୋବନସାମାନ୍ୟ ହେବା ଏହି ନୈମିଶାରଣ୍ୟ-ମାହାତ୍ମ୍ୟ ଅବଲୋକନ କର ।

ଶିବଶିରସ୍ଥିତ ହିମାଂଶୁଶୀତଳ
କିରଣମିଶ୍ରିତ ହୋଇ
ହ୍ରାସ କଲା ଗ୍ରୀଷ୍ମକାଳଚଣ୍ଡକର
କରଜାଳର ବଢ଼ାଇ ।
ଚନ୍ଦନପଲ୍ଲବେ ସରସୀନୀରେ
ତାପ ହୁଅନ୍ତେ ରହିତ,
ତାପଶୂନ୍ୟ ତେଜମାନ ପ୍ରାଣିନେତ୍ର—
ଯୁଗଳର ଅଧିଗତ ।

ଅସ୍ତୁର—

ଏ ଯଜ୍ଞବଶରୁ ହୁଅନ୍ତେ ପ୍ରତ୍ୟହ
ସମାଗମ ଶକ୍ରଙ୍କର
ଛଡ଼ାଇ ନନ୍ଦନବନସ୍ଥ ସନ୍ତାନ
ତରୁ ପ୍ରତାନ ପ୍ରକାର ।
ଆଲାନରୂପରେ କରନ୍ତେ ଊର୍ଦ୍ଧ୍ୱକୁ
ଗୁହିଁବା ଏ ବୃଷବାର
ଐରାବଣକଣ୍ଠରଜ୍ଜୁ ଘର୍ଷଣରୁ
କ୍ଷତସଂଯୁତଶରୀର ।

ରାମ—( ଦେଖି ) ସତତପ୍ରବୃତ୍ତମହାଧ୍ୱର ହେବା ଏ ଧର୍ମାରଣ୍ୟ କାରଣରୁ ପୁରନ୍ଦର ନନ୍ଦନବନକୁ ବସ୍ମରଲେ ।

ଏ ମହାଯାଗରେ ସୁରେଶବାହନ
ବେଦମନ୍ତ୍ର ପ୍ରକରକୁ
ମନକାନ ଦେଇ ଶୁଣି ଭ୍ରୀତା ହୋଇ
ବରଜ ଦାମଚୟକୁ ।
ପୁଲମନନ୍ଦନୀ ବପ୍ରଯୋଗଜନ
ଯୋଗ୍ୟ ବେଣୀକାବନ୍ଧକୁ
ସର୍ବଦା ଧାରଣ କରଇ ହୃଦରେ
ତ୍ୟଜି ଅତି ସନ୍ତାପକୁ ।

କଣ୍ବ—ଅସ୍ତୁର ଏହା ଦେଖ ନାହିଁ କି ?

ବାସିତକପୋଲମଦପାନଲୋଲ
ମାନସରେ ପଲ ହୋଇ
ଅସିଲ ଧ୍ୱନିତ ଭ୍ରମରଙ୍କ ବାଞ୍ଛା
ପୂରାଇବା ପାଇଁ ନୋହି ।
ସ୍ଥିର ଚିତ୍ତେ ଯାଗସାମଗାନରବ
ଶ୍ରବଣବଶୁଁ କେବଳ
ଏ ବଣର ମଦଗଜଗଣ ଗୁରୁ
ଶ୍ରବଣତାଳ ନିଶ୍ଚଳ ।

ରାମ—( ହସି ) ଏଠାରେ ଅଶ୍ଚର୍ଯ୍ୟ କଅଣ ?

ମୁନିବରପୁଣ୍ୟତମମଧୁର
ସାମଗାନରବ ପ୍ରବାସିନର—
ଗଣର ମଧ୍ୟ କର୍ଣ୍ଣସୁଖକର
ହେଉଥାନ୍ତେ ଏହି ତପୋବନର;
ସିନ୍ଧୁରଙ୍କ କଥା, କହଣା ହୋଇବ ନାହିଁ କି ବୃଥା ।

କ—(ସ୍ୱଗତ) ଅହା ! ପ୍ରବାସରେ ରାମଙ୍କର କେଡ଼େ ନିର୍ବେଦ ! ବିରହି ଜନେ ପଶୁପକ୍ଷୀଙ୍କ ଅପେକ୍ଷା ଶୂନ୍ୟହୃଦୟ ବୋଲି ଭାବନ୍ତି । (ପ୍ରକାଶେ୍ୟ) ସାବଧାନରେ ଏ ଆଡ଼େ ଦେଖ ।

ବସନ୍ତ ଗଲେହେଁ ଅଧିକରେ ମୁନି
ମହା ପ୍ରଭାବୁଁ ବାସିତ
ସୁମଗୁଚ୍ଛଯୁତ ସହକାର ଶାଖା—
ନିଚୟରେ ନୋହି ରତ ।
ଭ୍ରମରେ ଅଯୁକ୍ତ ହେଲେହେଁ ଘୋଟନ୍ତେ
ସପ୍ତତନ୍ତୁ ହୋମ ଧୂମ,
ସରୋବରଚୟେ ବକଶତକଞ୍ଜ
ଗର୍ଭକୁ କରନ୍ତି ଧାମ ।

ରା—କଅଣ ଏ ! ଅନବରତ ହୋମ ସଂବର୍ଦ୍ଧିତ ହେବା ଏ ଧୂମସମୂହ କେବଳ ଭ୍ରମରଙ୍କୁ ମାତ୍ର ନୁହେ, ଅମ୍ଭଙ୍କୁ ମଧ୍ୟ ବ୍ୟସ୍ତ କରୁଅଛି ।

( ଧୂମ ବାଧାଭିନୟ )

କ—ଧୂମବଶ୍ଚ ନୟନାତିପୀଡ଼ିତବ୍ୟକ୍ତି ପର ତୁମ୍ଭେ ବ୍ୟକ୍ତ ।

ରା—ଶ୍ଳୋକ— ସୀତା ବିଯୋଗସନ୍ତାପୁଁ ସଦାଗଳିତଲୋଚକ
ଷୁବ୍ଧ ମନେଲେବ ଅତ୍ୟନ୍ତପୀଡ଼ାପ୍ତ ହୋମଧୂମରୁ ।

କ—ଅତଏବ ମହାରାଜ, ତୁମ୍ଭ ପୁରତେ ଥିବା ଅଶ୍ରମଦୀର୍ଘିକାରେ ସ୍ନାନ କରି ଏବଂ ଶୀତଳଜଳରେ ନୟନ ପଖାଳି ବ୍ୟପଗୀତବାଧାତରେକ ହୋଇ ମୁହୂର୍ତ୍ତେ ମାନ ଏଠାରେ ବିଶ୍ରାନ୍ତି ଲଭ । କୁଳପତିଙ୍କ ଅଗ୍ନିହୋତ୍ର-ବେଳା ହେବାରୁ ତାଙ୍କ ସନ୍ନିଧିକି ଯାଇ ସମ୍ଭାବିବି ।

( ନିଷ୍କ୍ରାନ୍ତ )

ରା—(ଗମି) ଏ ଦୀର୍ଘିକାରେ ଓହ୍ଲାଇବି । (ଓହ୍ଲାଇ) ଅହୋ, ଏ କମଳାକର-ନୀର କେଡ଼େ ପ୍ରସନ୍ନ ! ( ନୀରେ ସୀତାଚ୍ଛାୟା ଦେଖି ସସମ୍ଭ୍ରମରେ ) କଅଣ ଏ ! ସୀତା ମଧ୍ୟ ଏଠାରେ ଅଛନ୍ତି !

( ହର୍ଷ ବିସ୍ମୟାଭିନୟ )

ସୀତା—ଅହା ! ମରାଳମିଥୁନଦର୍ଶନସକ୍ତା ହୋଇ ଅତର୍କିତ ସମାଗତାର୍ଯ୍ୟପୁତ୍ରଙ୍କୁ ଦେଖି ପାରିଲି ନାହିଁ । ଅପସରିବି ।

[ ଘୁଞ୍ଚିବା ]

ରା—ଏ କଅଣ ! ମୋତେ ନ ସମ୍ଭାଷି ସୀତା ବାହାରି ଯାଉଛନ୍ତି !

ଅଳକାତତିପତିତପାଣ୍ଡୁ ରଲ୍ଲପନ,
ମୋହର ବିରହଦୁଃଖ କରନ୍ତେ ଜ୍ଞାପନ ।
ବହୁ କାଳେ ବହୁ ବାଞ୍ଛା ଦଶିଲେହେଁ ପୁଣି,
ମୋତେ ଛାଡ଼ି ଆନଠାକୁ ଯାନ୍ତି ଭୂନନ୍ଦନୀ ।

ଏହାଙ୍କ ଧରିବି । ( କର ପ୍ରସାର ) ଏ ସୀତା ନୁହେ ।

ଏ ସରସୀନୀରସରଣିରେ ଗଲି
ସୀତା ପ୍ରତିବିମ୍ବ ହାନେ,
ଜଳ ଭିତରେ ସେ କଞ୍ଜମୁଖୀ ମାନ
ବୋଲି ଦେଖିଲି ଆନନ୍ଦେ ।

ଅତଏବ ସେ ପ୍ରକୃତିର ମୂଳପ୍ରକୃତିକି ଖୋଜିବି । ( ଖୋଜି ) ଏ ଦୀର୍ଘିକାତୀର ନିଃସମ୍ପାତଶଦବିକ୍ତ ଅଛେ । ବିମ୍ବବିନା ପ୍ରତିବିମ୍ବ ଅସମ୍ଭାବ୍ୟ । ଏହା କିଅଣ ?

ସୀ—ଆର୍ଯପୁତ୍ର ଏଠାରେ ମୋ ପ୍ରତିବିମ୍ବକୁ ତ ଦେଖିଲେ, ମୋତେ ନ ଦେଖିବା କାରଣ କିଅଣ ? ( ଭାବି ) ହଁ ! ବିଦିତ, ଏ ତପୋବନ-ସ୍ଥିତ ସ୍ତ୍ରୀଜନ ଏ ଦୀର୍ଘିକାତୀରରେ ପୁରୁଷନୟନଗୋଚର ନୋହିବା ମହର୍ଷିପ୍ରସାଦ । ପ୍ରତିବିମ୍ବ ମଧ୍ୟ ଅଦୃଶ୍ୟ ହେଉ ବୋଲି ମହର୍ଷି ଆଦେଶ ଦେଇଥିଲେ, ତାହା ଏ ଜନର ମହାନୁଗ୍ରହ ହୋଇଥାନ୍ତା । ମୁଁ ମଧ୍ୟ ପ୍ରତିକୃତି ଦୃଶ୍ୟ ନ ହେଉ ଧୂଆଁଯାଇଥାନ୍ତି ।

ରା—ଯାଉ, ପ୍ରସନ୍ନ ସଲିଳ ମଧ୍ୟରେ ଦିଶିଲା ସେ ପ୍ରତିମା ସୀତାକୁ ମାତ୍ର ଦେଖିବି । ( ଦେଖି ) ଆହା ! ଅନ୍ତର୍ଦ୍ଧାନ ହୋଇଗଲା ତ !

( ମୂର୍ଚ୍ଛିତ )

ସୀ—ଆହା ! ଆର୍ଯପୁତ୍ର ମୂର୍ଚ୍ଛିତ ହେଲେ ତ ! ସମୀପକୁ ଯିବି । ( ଗମି ) ନା, ଆର୍ଯପୁତ୍ର ସଂଲକ୍ଷିତ ହୋଇ ପୁଣି କୁପିତ ହେଲେ, ମୁନିଜନେ ମୋତେ ଅବିନୀତା ବୋଲି ଭାବିବେ । ଅତଏବ ଫେରିବି । ( ଫେରି ) ତଥାପି ଏ ଯୁକ୍ତାଯୁକ୍ତବିଚାରଣସମୟ ନୁହେ । ଆର୍ଯପୁତ୍ରଙ୍କ କୋପ ମୋଠାରେ ପ୍ରସରୁ, ମୁନିଗଣ ମୋତେ ଅବିନୀତା ବୋଲୁ, ଏପରି ଅବସ୍ଥାରେ ଥିବା ଆର୍ଯପୁତ୍ରଙ୍କୁ ଉପେକ୍ଷା କରି ପାରିବି ନାହିଁ । ( ଅଗ୍ରସରି ହୋଇ ) ହେ ଲୋକପାଳେ, ଶୁଣ ! ମୁଁ ଆର୍ଯପୁତ୍ରଙ୍କ ଦ୍ୱାରା ନିର୍ବାସିତା । ତଥାପି ଅବିନୀତବଶୁଁ ତାଙ୍କ ଶାସନକୁ ଏବେ ମୁଁ ଲଙ୍ଘୁ ନାହିଁ । କିନ୍ତୁ ଶୋକାବେଗବଳାତ୍କାରବଶୁଁ ରହି ନ ପାରି ମୁଁ ଏପରି ସାହସ କରୁଅଛି । ( ନିକଟକୁ ଯାଇ ଏବଂ ପରିଶୀଳନ କରି ) ଆହା ! ଆର୍ଯପୁତ୍ର ପରିତ୍ୟକ୍ତ ଚେତନ ପରି ଦୃଶ୍ୟ ହେଉଛନ୍ତି !

( ଆଲିଙ୍ଗନ କରିବା )

ରା—( ଚେତନାଭିନୟ )

ସୀ—( ରାମଙ୍କଠାରୁ ଦୂର ହେବା )

ରା—କିଂଣ ଏ ? ମୋ ଶରୀର ହଠାତ୍ ପୁଲକିତ !

ସୀ—ସେପରି ନିର୍ବାସିତା ହୋଇ ଏପରି ସାହସ କଲି ହେତୁରୁ ମୁଁ ଲଜ୍ଜିତା ହେଉଛି ।

ରା—( ସବିଲାପରେ ) ଜାନକୀ, ଗାଢ଼େ ଆଲିଙ୍ଗନ କର

ସୀ—ଆର୍ଯ୍ୟପୁତ୍ର, ମୁଁ ଅପରାଧିନୀ ହେଲି ।

ରା—ମୋତେ ଦିଅ ଦର୍ଶନ ତୁମ୍ଭର ।

ସୀ—ଆର୍ଯ୍ୟପୁତ୍ର, ସ୍ୱେଚ୍ଛାଶାସନ ବାରଣ କରଇ, ମୁଁ ହତଭାଗିନୀ, କିସ କରିବି ?

ରା—ଦୀର୍ଘ କୋପ ଏଣିକି ପରିହର ।

ସୀ—ମୁଁ ମଧ୍ୟ ଆର୍ଯ୍ୟପୁତ୍ରଙ୍କୁ ସେହିପରି ଜଣା କରୁଅଛି ।

ରା—କିମ୍ପା ଅକରୁଣା ମୋରେ ଅଚର ?

ସୀ—ଆର୍ଯ୍ୟପୁତ୍ର, ଏହା ବିପରୀତୋପାଳମ୍ଭ ସିନା !

ରା—ଦେବୀ, ମୋ ଜଣାଣ ଶ୍ରବଣ କର

ସୀ—ମୁଁ ଅବହିତା, ଆଜ୍ଞା ଦିଅ, ଆର୍ଯ୍ୟପୁତ୍ର !

ରା—ତୁମ୍ଭେ ପରିବର୍ଜିନୀ ନକର ।

ସୀ—ଅହୋ ! ମୋ ପ୍ରାଣ ଆଜ ବର୍ଜନୀୟ ନୁହେ ତ ।

ରା—କଲି ତୁମ୍ଭଙ୍କୁ ଦେଶରୁ ବାହାର

ସୀ—ଆର୍ଯ୍ୟପୁତ୍ର ସକଳ ପରିଜନଙ୍କ ନିଗ୍ରହାନୁଗ୍ରହ ସମର୍ଥ ସିନା !

ରା—ହୁଅ ପ୍ରସନ୍ନା ଷମି ଦୋଷ ମୋର ।

ସୀ—ଆର୍ଯ୍ୟପୁତ୍ର, ତୁମ୍ଭେ ପ୍ରସନ୍ନ ହୁଅ, ମୁଁ ସର୍ବଦା ପ୍ରସନ୍ନା ମାତ୍ର ।

ରା— ବାହୁ ଉପଧାନ କରି ଚନ୍ଦ୍ରରଜନୀରେ
ସୁନ୍ଦରସୌଧଚତ୍ୱରେ କୋମଳଶେଯରେ ।
ଦେବୀ ତୁମ୍ଭ ପାଖେ ଶୋଇ ସୁଖରେ ରାତକି
ବଞ୍ଚାଇବା ଭାଗ୍ୟ ଆଜ ଲଭି ପାରିବି କି ?

ସୀ—ଜନପଦବାଦଭୀରୁକ-ଆର୍ଯ୍ୟପୁତ୍ର, ଏ ଜନସ୍ଥାନରେ ଥାନ୍ତେ ଏଡ଼େ ସନ୍ତାପିତ କାହିଁକି ?

ରା—ହା ! ପ୍ରିୟା—ଜନକରାଜତନୟା, ପ୍ରତିବଚନ ପ୍ରଦାନ କର ।

(ମୂର୍ଚ୍ଛିତ)

ସୀ—ଅହା ! ଏ କିସ ! ଆର୍ଯ୍ୟପୁତ୍ର ପୁଣି ମୂର୍ଚ୍ଛିତ ! ପ୍ରବୋଧିବି ।

(ପଣନ୍ତରେ ବାଞ୍ଛିବା)

ରା—(କର ପ୍ରସାରି ପଣନ୍ତ ଧରି) କଅଣ ! ପଣନ୍ତ ପରି ପ୍ରତୀୟମାନ ! ଏହା କିସ ହୋଇଥିବ ? (ଭାବି)

ଜଗତେ ସୀତା ପରି ପ୍ରଭାବାନ୍ୱିତା,
ମୋତେ ଦିଶି ନାହିଁ ତ ଆନ ବନିତା ।
ମୋ ଶରୀରକୁ ନିଜ ପଟାଞ୍ଚଳରେ,
ମନେ ସେ ବାନ୍ଧୁ ଅଛନ୍ତି ନିଶ୍ଚୟରେ ।

ଏହାଙ୍କୁ ମୁଁ ଦେଖିବି । (ଆଖି ମେଲି) ଅନବରତ ବାଷ୍ପପିହିତ ଲୋଚନଦ୍ୱୟରୁ କିଛିହିଁ ଦିଶୁ ନାହିଁ । ଏହାକୁ ଟିକିଏ ନୟନ ପୋଛିବି ।

(ସେପରି କରିବା)

ସୀ—(ଉତ୍ତରୀୟ ବରଜି) ଆର୍ଯ୍ୟପୁତ୍ର, ତୁମେ ପ୍ରଣୟକୋବିଦ ପରକୀୟୋ-ତ୍ତରୀୟରେ ଭବଦୀୟାଶ୍ରୁ-ସମ୍ମାର୍ଜ୍ଜନ ଅବିଧେୟ ଅଟେ ।

ରା—(ଭୂପତିତୋତ୍ତରୀୟକୁ ଦେଖି) କେବଳୋତ୍ତରୀୟକୁ ମାତ୍ର ମୁଁ ଦେଖୁଅଛି । ପରିଧାନ (ଦୃଶ୍ୟ) ଦୃଶ୍ୟ ହୁଏ ନାହିଁ କାହିଁକି (ପରଖି)

ଅବିବେଚକ ହୋଇ ଅନ୍ୟାର ବସନ,
କରିଲି ମୁହିଁ ତ୍ୱରିତ ଅବକର୍ଷଣ ।
କି ଅବା ଏହା ଚନ୍ଦ୍ରିକା କବଚବର,
ଗଗନଗଳିତ ହୋଇ ସୁନ୍ଦରତର ।

(ପୁଣି ପରଖି) ଆହା ! କଅଣ ଏ ! ହଠାତ୍ ଅନ୍ୟାଂଶୁକ ବୋଲି ଭାବିଲି । ଏବେ ଜାଣିଲି, ଏହା ତେବେ ଚିତ୍ରକୂଟ ବନଦେବତା ମନ୍ୟୁଦେବୀ ପ୍ରଦତ୍ତ ମାତ୍ର ! ନିଶ୍ଚୟ ଅସମୀକ୍ଷକାରୀ ହୋଇ ହଠାତ୍ ଏହାକୁ ଅନ୍ୟାଂଶୁକ ବୋଲି ଭାବିଲି ।

## ଶ୍ରୀ ବିକ୍ରମଦେବବର୍ମ୍ମ ରଚନାଳି—



ପୁଷ୍କରିଣୀରେ ସୀତାଙ୍କ ପ୍ରତିବିମ୍ବ ଦେଖି ରାମ ମୂର୍ଚ୍ଛିତ ହେବା—
ସୀତା, ରାମଙ୍କୁ ଚେତନା କଲା ସମୟରୁ ରାମ ସଚେତ
ହେବାରୁ ସୀତାଙ୍କର ଅନ୍ତର—ସୀତାଙ୍କ ଉତ୍ସପୃ
ରାମ ମୁକୁଟରେ ଦେଖି ଚନ୍ଦ୍ରାନ୍ୱିତ । ସୀତା
ପାଖରେ ଥିଲେ ମଧ୍ୟ ତେଜଃ-ପ୍ରଭା-
ବରେ ରାମଙ୍କୁ ଅଦୃଶ୍ୟ ।

ପ୍ରଣୟ-କେଳିରେ କଣ୍ଠପାଶ; ଦ୍ୟୁତେ ପଣ,
ରତାନ୍ତ ଜାତତନୁଶ୍ରମହରବ୍ୟଜନ ।
ପ୍ରଣୟକୋପେ ନାଶୀଥେ ଶେଯ ପ୍ରିୟାଙ୍କର,
ଏ ଚେଳ, ଭାଗ୍ୟେ ଏଠାରେ କରାପ୍ତ ମୋହର ।

ସୀ—ଭାଗ୍ୟ ! ଆର୍ଯ୍ୟପୁତ୍ର ଚହ୍ନିଲେ ।

ରା—ପ୍ରିୟାଙ୍କ ପ୍ରେମାସ୍ପଦ ହେବା ଏହାକୁ କେସନ ସମ୍ମାନ କରିବ ? (ଭାବି) ଏହା ମାତ୍ର ଏହାର ଅନନ୍ୟସାଧାରଣ ସମ୍ମାନ ବିଶେଷ । ( ଢୋଡ଼ାଇ ହୋଇ ନିଜକୁ ଦେଖି ) ପ୍ରାବରଣୋପରି ପ୍ରାବରଣ ଧାରଣ କଲି ମୋତେ ଦେଖି ମୁନିଜନେ ଆକ୍ଷେପ କରିବେ । ଅତଏବ ମୋର ଉତ୍ତରୀୟକୁ ବରଜିବି । ( ନିଜୋତ୍ତରୀୟକୁ କାଢି ଉଡ଼ାଇବା )

ସୀ—( ଉତ୍ତରୀୟକୁ ଗ୍ରହଣ କରି ସହର୍ଷରେ ) ଅହୋ ! ମୋର କେଡ଼େ ପ୍ରିୟ ପାତ୍ର । ଏହା ଜୀଇଁଥିବାର ମହାଫଳ । ( ଶୁଙ୍ଘି ) ଅହା ! ମୋ ଅଦୃଷ୍ଟ ! ଆର୍ଯ୍ୟପୁତ୍ରଙ୍କ ଉତ୍ତରୀୟ ଅଙ୍ଗରାଗାଦିରହିତ ହୋଇଅଛି । ରାଘବମାନେ ସର୍ବଥା ସତ୍ୟସନ୍ଧ । ( ଅବଗୁଣ୍ଠନ କରି ) ପ୍ରିୟଜନ-ସଂସର୍ଗ ସୁଖସ୍ପର୍ଶ ହେବା ଏ ଉତ୍ତରୀୟକୁ ଢୋଡ଼ାଇ ହୋଇ ଆର୍ଯ୍ୟପୁତ୍ର ବକ୍ଷଃସ୍ଥଳ-ପରିଶ୍ରାନ୍ତା ହେଲି ପରି ମୁଁ ସମୁଦ୍ଭିନ୍ନରୋମାଞ୍ଚା ହେଉଅଛି ।

ରା—କଅଣ ଏ ! ମୋ ଉତ୍ତରୀୟ ମହୀରେ ନ ପଡ଼ୁ କିଏ ହରଣ କଲା । ସେ ହେତୁରୁ ମୋ ମନୋରଥ ଅସମ୍ପନ୍ନ ଫଳ ବୋଲି ମୁଁ ଭାବେଁ । ଉତ୍ତରୀୟାପହରଣ ଜଳଚ୍ଛାୟାରେ ଦିଶିଲା । ସୀତା ଅଦୃଶ୍ୟା । ଏ କଅଣ ? ସିଦ୍ଧାଶ୍ରମୀଙ୍କ ଦ୍ୱାରା ତାଙ୍କୁ ପ୍ରାପ୍ତ ହେଲା ପ୍ରଭାବ ତାହା ହୋଇଥିବ । ତାଙ୍କୁ ମୋ ପୁରତେ ବିଲୋକିବା ଉପାୟ କଅଣ ? ହେ ବୈଦେହୀ, ପୂର୍ବ ବୃତ୍ତାନ୍ତ ଲେଶ ହେଲେ ସ୍ମରୁ ନାହିଁ ତ ! ମୋତେ ଦର୍ଶନ ମାତ୍ରରେ ସୁଦ୍ଧା ସମ୍ମାନ କରୁ ନାହିଁ ।

ସୀ—ଆର୍ଯ୍ୟପୁତ୍ର, ଅଦ୍ୟ ମଧ୍ୟ ପୂର୍ବବୃତ୍ତାନ୍ତ କଅଣ ?

ରା—ଚିତ୍ରକୂଟେ ତୁମ୍ଭେ କୁସୁମାପଚୟ
ନିମନ୍ତେ ଏକଦା ଯାନ୍ତେ,
ତୁମ୍ଭ ଅଜଣାରେ ପଛେ ପଛେ ଯାଇ
ପଣାନ୍ତକୁ ମୁଁ ଧରନ୍ତେ ।

ତୋଳିଲା ସୁମାଳା ବାସ୍ପି ହୋଇଗଲା
ସେ ବିଷୟ କେବେ ହେଲେ,
ଶାରଦପୂର୍ଣ୍ଣେନ୍ଦୁବଦନା ତୁମ୍ଭର
ସ୍ମରଣ ହୁଏ କି ତାଳେ !

ସୀ—ସାହସିକ, ସେହି ହେତୁରୁ ମୋର ଦୂରୀକରଣ ହେଲା ।

ରା—ଏ କଅଣ ! ପଦେ ହେଲେ ପ୍ରତିବଚନ ଦେଉ ନାହାନ୍ତି !

ସୀ—ସାୟଂ ସମୟ ସମୀପ ହେଲା । ଏପରି ଅବସ୍ଥାରେ ଥିବା ଆର୍ଯ୍ୟପୁତ୍ରଙ୍କୁ ଦେବତା ଦ୍ୱିତୀୟ କରି ବାହାରିଯିବା ଅନୁଚିତ । ଏବେ କଅଣ କରିବି ? ( ଦିଗ୍ ନିରୀକ୍ଷଣ କରି ) ହେଉଛି ! ଭାଗ୍ୟବଶୁଁ ପ୍ରିୟବୟସ୍ୟ —କୌଶିକ ନିଜେ କପଟ ଖୋଜୁଥିବା ବ୍ୟକ୍ତି ପରି କୌତୂହଳ ସମାବେଶନିକ୍ଷିପ୍ତନୟନ ହୋଇ ଏ ଅଡ଼େ ଆସୁଅଛନ୍ତି । ମୁଁ ବାହାରିଯିବି । [ନିଷ୍କ୍ରାନ୍ତା]

( ଖୋଜି ଖୋଜି କୌଶିକର ପ୍ରବେଶ )

କୌ—ପୂଜ୍ୟ ମହାରାଜ କେଉଁଠାରେ ଅଛନ୍ତି ? ( ଗମି ଏବଂ ଦେଖି ) ହେଉଛି ! ଏଠାରେ ପ୍ରିୟ ବୟସ୍ୟ ଚିନ୍ତାକୁଳ ବ୍ୟକ୍ତି ପରି ନିଭୃତ ମନୋହରାକାରରେ ଦୀର୍ଘିକା ତୀର ମଣ୍ଡନ କରିଅଛନ୍ତି । ସମୀପବର୍ତ୍ତୀ ହେବି । [ ସମୀପକୁ ଯାଇ ] ଜୟ—ଜୟ ।

ରା—( ସ୍ୱଗତ ) ଅହୋ ! ଭାଗ୍ୟ । ପ୍ରିୟବୟସ୍ୟ କୌଶିକ ଆଗତ । [ ପ୍ରକାଶ୍ୟେ ) ବୟସ୍ୟ—କୌଶିକ, କେଉଁଠାରୁ ?

କୌ—ସୂର୍ଯ୍ୟୋଦୟାରମ୍ଭରୁ ତୁମ୍ଭଙ୍କୁ ମୁଁ ଖୋଜୁଅଛି । ଏବେ ସାୟଂ ସମୟ ହେଲା ।

ରା—ମୋତେ ସେଭଳି ଖୋଜିବାକୁ ଏଡ଼େ ପ୍ରୟାସ ତୁମ୍ଭର କି ନିମିତ୍ତ ?

କୌ—ଆଜି ପ୍ରାଭାତିକ ସମୟରେ ମୁନିକନ୍ୟାମାନେ ଏବଂ ଅପ୍ସରାମାନେ ରହସ୍ୟ ସମ୍ଭାଷଣ କରୁଥାନ୍ତେ ମାଧବୀମଣ୍ଡପାଭ୍ୟନ୍ତରରେ ପ୍ରଚ୍ଛନ୍ନରେ ଥାଇ ତୁମ୍ଭର ଅପ୍ରିୟକର ହେବା ଗୋଟିଏ ତପୋବନରହସ୍ୟ ଶୁଣିଲି । ଅଭ୍ୟନ୍ତରସ୍ଥିତଗୂଢଗର୍ଭ ପରି ତାହା ମୋତେ ଅଧିକତରେ ବାଧୁଅଛି ।

ରା—ସେ ତପୋବନ ରହସ୍ୟ କେଉଁ ବିଧ ?

କୌ—ଜାଣ ନାହିଁ କି ? ତନ୍ତ୍ର ଭବତୀ—

ରା—( କାନ ବୁଜି ) ସେ ରହସ୍ୟ ସ୍ତ୍ରୀ ସମ୍ବନ୍ଧ କି ? ଅଚ୍ଛଇ, ଶୁଣିବା ଆବଶ୍ୟକ ନାହିଁ ।

କୌ—ଭୀତ ହୁଅ ନାହିଁ । ମୁଁ ତିମ-ବୟସ୍ୟ ପିନା, ତନ୍ତ୍ର ଭବତୀ ପୁରାଣ ସ୍ୱର୍ଗବାସୀ, ତାକୁ ଜାଣ ନାହିଁ କି ?

ରା—( ସ୍ୱଗତ ) ସେ କଥା ଦେବଗଣିକାସମ୍ବନ୍ଧ; ତାକୁ ଶୁଣିବାରେ ଲେଶ ହେଲେ ଦୋଷ ହେବ ନାହିଁ । ( ପ୍ରକାଶ୍ୟେ ) ସେ ପୁରାଣ ସ୍ୱର୍ଗବାସୀ କିଏ ? ଉର୍ବଶୀ ନା ତିଲୋତ୍ତମା ?

କୌ—ତିଲୋତ୍ତମା କିମ୍ବା ଶିଲୋତ୍ତମା ମୁଁ ଜାଣେ ନାହିଁ । କିନ୍ତୁ ସେ ଚିରକାଲବୟୁତା—ବିଦେହ ରାଜସୁତାଙ୍କ ଚରିତାନୁଷ୍ଠାନ କରି ପ୍ରିୟ-ବୟସ୍ୟଙ୍କୁ ପରିହାସ କରିବାକୁ ଇଚ୍ଛୁକା ।

ରା—( ସ୍ୱଗତ ) କୌଶିକ ନିଷ୍ଟୟରେ ଅତି କଷ୍ଟ ବିଷୟ ଅବଗତ । ପ୍ରିୟାସନ୍ନିହିତା ହୋଇଥିବା ଚିହ୍ନ ଦୃଶ୍ୟ ହେଉଥିଲେହେଁ, ସେ ମୋତେ ଧାଶକ୍ତି ନାହିଁ ତ । ଏହା ମାନୁଷୀଙ୍କଠାରେ ଅସମ୍ଭାବ୍ୟ । କାମରୂପିଣୀ—ତିଲୋତ୍ତମା ଦ୍ୱାରା ମୁଁ ସର୍ବଥା ବଞ୍ଚିତ ହେଲି ।

—ଶ୍ଳୋ—

ପାନେଚ୍ଛାରେ ମହାମୋହେ ନିର୍ମଳୋଦକ ବୋଲି ମୁଁ
ହାତ ପାତଲି କାନ୍ତାର ମୃଗତୃଷ୍ଣାକୁ ବ୍ୟର୍ଥରେ ।

( ଉତ୍ତରୀୟକୁ ଦେଖି ) ସେ ମାୟାବିନୀ ଉତ୍ତରୀୟକୁ ମଧ୍ୟ କେସନ ଗଠନ କଲା ? ଅହୋ ! ସେ ପରବଞ୍ଚନରେ କେଡ଼େ ବଡ ନିପୁଣା !

କୌ—ବୟସ୍ୟ, ତୁମ୍ଭେ ଆଚମ୍ବିତ ହେଲା ପରି ପ୍ରତୀୟମାନ । ସେ ତୁମ୍ଭଙ୍କୁ କି ହେଲେ ପ୍ରତାରଣା କଲା କି ?

ରା—ବୟସ୍ୟ, ମୁଁ କେବଳ ବଞ୍ଚିତ ହେଲି ।

କୌ—ମିତ୍ର, ମୁଁ ଶୁଣିଲା ରହସ୍ୟ ଅନ୍ୟଥା ହେବ କି ?

—ନେପଥ୍ୟେ—

ଉଗ୍ର ନୃପତି ପ୍ରଚଣ୍ଡ ପ୍ରତାପ
ପ୍ରସାରି ଅଚିରି ଲୋକ ସନ୍ତାପ
ବୃଦ୍ଧଦଶାରେ ପ୍ରଶାନ୍ତ ତେଜକୁ
ଲଭିବା ପରି ଶୀତଳ କିରଣକୁ,
ବହି ବିକର୍ତ୍ତନ
ଦିନାନ୍ତେ କରେ ଲୋଚନରଞ୍ଜନ ।

ସା—( ନିରୂପି ) ହୋଇଛି ଭଗବାନ—ଭାସ୍କର ଅସ୍ତଙ୍ଗତ ହେଉଛନ୍ତି ।

ପ୍ରୋଷିତ ପତିଙ୍କ ଆସିବା ଦିନ
ଶେଷ ଜାଣିବାକୁ କରି ଗଣନ
ଯୁବତୀଏ ମୁଦୁଥିବା ଅଙ୍ଗୁଳି
ସଦୃଶରେ ସରସୀଜାତ ଦଳ
ଗୋଟି ଗୋଟି ହୋଇ
ମୁଦ୍ରିତ ହୁଅନ୍ତେ ପଦ୍ମିନୀ-ସାଇଁ ।

ଆତ୍ରେୟୀ— ବାଗକୁ ଟାଣି ରହି, ସାରଥିକଶାହତ
ଯାଇ ରହି ନ ପାରି ଦିନେଶହୟବ୍ରତ ।
ଅସ୍ତାଦ୍ରି ନିମ୍ନୋନ୍ନତ ଶିଖରେ ନିଜ ଖୁରେ
ନ ଚଳନ୍ତେ ଅତି କଷ୍ଟେ ପଶିଲେ ଜଳଧିରେ ।

( ସର୍ବେ ନିଷ୍କ୍ରାନ୍ତ )

## ପଞ୍ଚମାଙ୍କ

( କୌଶିକର ପ୍ରବେଶ )

କୌ—( ନେପଥ୍ୟକୁ ଦେଖି ) ମିତ୍ର, ତପୋଧନମାନେ ଆଗମନ କରିବା ସମୟ ହେଲା । ତ୍ୱରିତ ହୁଅ—ତ୍ୱରିତ ହୁଅ ।

( ରାମଙ୍କ ପ୍ରବେଶ )

ରା—( ସ୍ୱଗତ ) ସରେ ସ୍ନାନ, ବୀତହୋତେ ହୋମ, ପୂର୍ବ
ସନ୍ଧ୍ୟାପ୍ତ ସୂର୍ଯୋପାସନ
ଏମନ୍ତ ଦିନାଦିବିଧି କୃତ୍ୟ ଭକ୍ତି
ସହ କରି ଆଚରଣ ।
ଯୋଗିବରଦିବ୍ୟଚରଣସଲିଲ—
ଜାତ ଭ୍ରମର ଭାବକୁ
ଲଭିବା ନିମନ୍ତେ ଆଗମନ କଲି
ଏ ପବିତ୍ର ପ୍ରଦେଶକୁ ।

କୌ—ମିତ୍ର, ଏହା ଆସ୍ଥାନ ମଣ୍ଡପ, ଏଥି ପ୍ରବେଶ କର ।

ରା—( ପ୍ରବେଶି ଚନ୍ଦ୍ରାଭରେ ସ୍ୱଗତ ) ଅହୋ ! ଆଶ୍ଚର୍ଯ ! କାଲି କେଡ଼େ କାର୍ଯ ଘଟିଲା !

ପାଣ୍ଡୁରକପୋଳା ପ୍ରଲମ୍ବକୁନ୍ତଳା
ଆସୃତ କଞ୍ଜନୟନା
କୃଶାଙ୍ଗୀ ଉପମାରହିତ ପ୍ରସନ୍ନ
ବରଲଳିତଲପନା ।
ସଲିଳରେ ପ୍ରତଫଳିତା ସୀତାଙ୍କୁ
ପ୍ରତ୍ୟକ୍ଷରେ ମୁଁ ଦେଖିଲି
ମାନ ବନ୍ଧୁ କାଳ ବିତଲା ହେତୁରୁ
ଅନ୍ୟ ସ୍ତ୍ରୀ ବୋଲି ଭାବିଲି ।

ଅଥବା ତଲୋତ୍ତମା କୃତ ପରିହାସକୁ ମାନ ଦେଖିଲି ପରି ?

ଜନକ-ନନ୍ଦନୀ ସ୍ୱକର-ରଚିତ
କୁନ୍ଦମାଳାର, ଅବର
ଗୋମତୀ ପୁଳିନସ୍ଥଳ ପଦାଙ୍କର,
ସରସୀ ପ୍ରଭବସ୍ୱର ।
ତୁଲ୍ୟରେ ସବୁ ସେ ନିଦ୍ଧବଗଣିକା
ଅବା କରି ପାରିଥିବ
ମାତ୍ର ଅପଣାର ପଣାନ୍ତକାଳରେ
ରାମକୁ କର୍ମ୍ମା ବାନ୍ଧିବ ?

( ଚନ୍ଦ୍ରାରସ୍ତ ]

କୌ—( ସ୍ୱଗତ ) ଏ ଚନ୍ଦ୍ରାରସ୍ତ ପର ପ୍ରତୀସ୍ମମାନ । ମୁଁ ସମୀପକୁ ଯାଇ ସବିଶେଷରେ ପ୍ରାର୍ଥନା କରିବି । ( ଯାଇ ପ୍ରକାଶ୍ୟେ ) ଭୋ ବୟସ୍ୟ, ତୁମ୍ଭେ କେଉଁଠାରେ ଅଛ ? ସେଠାରେ ତୁମ୍ଭେ ରହିବା ଅନୁଚିତ । ନବନୀରଦ ସ୍ନିଗ୍ଧଶ୍ୟାମଳ ଏବଂ ପରିଣଦ୍ଧମୁକ୍ତାହାର ହେବା ତୁମ୍ଭେ ହରିନୀଳମଣିମୟ ଏବଂ ଅତ୍ୟନ୍ତ ସମୁନ୍ନତଦୁରାରୋହଣ ହେବା ଭବନସ୍ତମ୍ଭଗଣରେ ଗୋଟିଏ ପରି ମୋ ହୃଦୟରେ ସଂଶୟ ଜନ୍ମାଉଛ । ଅତଏବ ଲକ୍ଷ୍ମୀନିବାସାବାସ ଏବଂ ସେବାସମୟସମୁପାଗତ ଦାସେରଙ୍କ ସାମନ୍ତ ନରେଶ୍ୱର ମଧୁରଶବ୍ଦୋପଗୀତ ହେବା ଏ ଆସ୍ଥାନ ମଣ୍ଡପ ପୁଣ୍ଡରୀକର କର୍ଣ୍ଣିକାମଣ୍ଡଳ ପରି ଥିବା ସିଂହାସନରେ ମଧୁମଥନନାଭିକମଳ କର୍ଣ୍ଣିକାରୂଢ଼ ପିତାମହ ମହତ୍ତ୍ୱଙ୍କୁ ନିନ୍ଦ ଉପବିଷ୍ଟ ହୁଅ ।

ରା—ମିତ୍ର, ତୁମ୍ଭେ କହିଲା ପରି କରିବି । ( ବସି ବିଷାଦରେ ) ଏବେ ମୁହିଁ ଅଭିନବ ସୁଖଦୁଃଖାନୁଭୂତରୁ ସଚେତନ ହେଲି । ( ଧ୍ୟାନ କରି ଏବଂ ବକ୍ଷରେ ହସ୍ତ ଭରି )

କାହାଙ୍କୁ ଭୟଦ ବନକୁ ଘଉଡ଼ି
ନାରିଣୀ ଲୁପ୍ତ ଚିତ୍ତରେ
କରୁଣାସୁଖଙ୍କୁ ଲଭି ନ ପାରି ମୁଁ
ଦୁର୍ଦ୍ଦିବସନ୍ନଚୟରେ ।

ତାଙ୍କ ପ୍ରତିବିମ୍ବ ପଦ ଚନ୍ଦ୍ରମାଳା
ହୁଅନ୍ତେ ନେତ୍ରଗୋଚରେ
ସୁଖକୁ ଦୁଃଖକୁ ପୁନର୍ବାର ଏବେ
ଲଭେ ମାନସ ମୋହରେ ।

( ଚିନ୍ତାଗ୍ରସ୍ତ )

କୌ—(ନିରୂପି ସ୍ୱଗତ) ଅହୋ ! ଏବେ ଏହାଙ୍କ ଅଭିପ୍ରାୟ ଜାଣି ପାରିବି । ( ପ୍ରକାଶ୍ୟେ ) ମହାରାଜ,ଏ ଆସନକେଶରପ୍ରକର ଗୁରୁତର ଭାରବହନ ଜାତଶ୍ରମରୁ ପରି ମୁଖବିବରବିନିର୍ଗତ ମୁକ୍ତାକଳାପକୈତବରେ ଫେନ-ବମନ କରେ । ବାହୁଯୁଗଳରେ ମହୀକୁ ଏବଂ ହୃଦୟରେ ମହୀଦୁହି-ତାଙ୍କୁ ବହି ତୁମ୍ଭେ ବହୁତ ଭଗ୍ନ ହେଲ ବୋଲି ମୋର ଉହ ।

ରା—(ସ୍ୱଗତ ) ସୀତାବୃତ୍ତାନ୍ତ ପ୍ରସ୍ତାବତାକୁ ନିଷ୍ଟୟରେ ଜାଣିବାକୁ କୌଶିକ ଇଚ୍ଛୁକ । ଏ ବାଲ ସଖା ତ । ଏହାଙ୍କୁ ଯାଥାତଥ୍ୟ କହିବି । (ପ୍ରକାଶ୍ୟେ) ବୟସ୍ୟ, ତାହା ସତ୍ୟ । ମୁଁ ଅବିଚ୍ଛେଦରେ ବିଦେହଜାଙ୍କୁ ସ୍ମରୁଅଛି ।

କୌ—ମିତ୍ର, ଦୋଷବଶରୁ ନା ଗୁଣବଶରୁ ?

ରା—ଦୋଷବଶରୁ ନୁହେ; କିମ୍ବା ଗୁଣବଶରୁ ନୁହେ ।

କୌ—ସେ ଉଭୟକୁ ଉପେକ୍ଷି ସୀମନ୍ତିନୀଙ୍କୁ ସ୍ମରିବା କେମନ୍ତେ ?

ରା—ବୟସ୍ୟ; କାରଣାନୁରୋଧିପ୍ରେମାବେଶ ଅନ୍ୟ ଦମ୍ପତିଙ୍କ ବିଷୟ । ସୀତା-ରାମଙ୍କ ପ୍ରେମାବେଶ ତେମନ୍ତ ନୁହେ ।

ଅକୁଟିଳ ଭାବବନ୍ଧ ସୁଖରେ ଦୁଃଖରେ
ଅନ୍ତଭିତରେ ପ୍ରକଟ ହୋଇ ସୁସ୍ପଷ୍ଟରେ ।
ଯେହ୍ନେ ତଦ୍‌ଗୁଣ ଦୋଷ ଭାବନାରହିତରେ
ଅକାରଣେ ଚିର ସିଦ୍ଧ ହୁଏ ମୋ ମନରେ ।
ତେହ୍ନେ ମୋହର ଗୁଣଦୋଷ ଭାବନା ବିନା
ନିଷ୍କାରଣେ ତାଙ୍କଠାରେ ନିତ୍ୟେ ଦୃଢ଼ ସିନା ।

କୌ—ମିତ୍ର, ଅଳୀକ ମଧୁର ବଚନଚୟରେ ବୈଦେହୀଙ୍କୁ ଏବଂ ଅସ୍ମାଦୃଶ ବ୍ୟକ୍ତିଙ୍କୁ ପ୍ରତାରିବା ପ୍ରଯତ୍ନ କର ନାହିଁ । ସୀତା ବିନା ତୁମ୍ଭ କାଳକ୍ଷେପ ହେଉଛି ତ !

ରା—ମିତ୍ର, ରାମ ଏକାନ୍ତରେ ସୀତାଙ୍କଠାରେ ନିରପେକ୍ଷ ବୋଲିବା ତୁମ୍ଭ ନିଶ୍ଚୟ ଅଯୁକ୍ତ ଅଟେ ।

ପ୍ରେମଗର୍ଭ ହୋଇ ବାହ୍ୟକୁ କର୍କଶ
ପରି ଦିଶିବା ମୋ ମନେ,
ଚନ୍ଦ୍ରାତନୁ, କଞ୍ଜନାଳାନ୍ତରସ୍ଥିତ
ସୁସୂକ୍ଷ୍ମ ତନ୍ତୁ ଯେସନେ ।

କୌ—ମିତ୍ର, ବଡ଼ବାନଳ ବଶୁଁ ଭଗବାନ—ମହାସମୁଦ୍ରର ଗରିମା ପରି ପ୍ରବଳ ହୃଦୟ-ସନ୍ତାପରୁ ତୁମ୍ଭର ବଡ଼ିମା ହ୍ରାସ ହେଉଅଛି । ଆଉ ମୁହିଁ ସୀତାଦେବୀ ଗତିକି ଭାବି ସ୍ୱଭାବଲଘୁତ୍ୱବଶୁଁ ଦାବାନଳରେ ହ୍ରମକଣ ପରି ସମଗ୍ରରେ ଶୋଷିତ ହେଉଅଛି ।

[ ରୋଦନ କରିବା ]

ରା—ସୀତା ସ୍ମରଣଯୋଗ୍ୟା ବୋଲି ତୁମ୍ଭେ ଜାଣିଥିଲେ, ତାଙ୍କୁ ମୁଁ ପରିତ୍ୟାଗ କଲାବେଳେ କାହିଁକି ନିଷେଧିଲ ନାହିଁ ?

କୌ—ପ୍ରସାଦସୁମୁଖ ପ୍ରଭୁଙ୍କୁ ତ ବିଷୟ ନିବେଦନ କରିବାକୁ ସେବକେ ଶଙ୍କନ୍ତି । କୋପଭୀଷଣ ପ୍ରଭୁଙ୍କୁ କିପରି ଜଣା କରିପାରିବେ ?

ରା—ବୟସ୍ୟ, ମାଦୃଶବ୍ୟକ୍ତିମାନେ ତାଦୃଶ କୋପାବସ୍ଥାର ବଶୀଭୂତ ହୁଅନ୍ତି ନାହିଁ, ଯେପରି ଅବସ୍ଥାରେ ଥିଲେହେଁ, ସୁହୃଦଙ୍କର ଅନାଶ୍ରବ ମଧ୍ୟ ହୁଅନ୍ତି ନାହିଁ ।

ମହାତେଜେ ଅନଯେ ପ୍ରବର୍ତ୍ତିଲେ ନୃପତି,
ତାଙ୍କୁ ନିରୋଧିବା ଯୁକ୍ତ ବିଜ୍ଞ ମନ୍ତ୍ରୀ ତତି ।
ଅତ୍ୟନ୍ତୋଷ୍ଣ ଦୁଃସହ ସହସ୍ରାଂଶୁରେ ଲୋକ—
ତାପକର ରଶ୍ମିକୁ ରୋଧେ କି ନୀମେଘାନୀକ ।

ବୟସ୍ୟ, ବର୍ତ୍ତମାନ ସୀତାବୃତ୍ତାନ୍ତ ଅସ୍ମ ଉଭୟଙ୍କର ମଧ୍ୟ ସନ୍ତାପକର ମାନ । ଅତଏବ ତୁମ୍ଭେ ସିଂହଦ୍ୱାର ନିକଟକୁ ଯାଇ ତପୋଧନଙ୍କ ଆଗମନ-ସମୟ ହେବାରୁ ସବୁ ଦ୍ୱାର ସମ୍ମୁଖ ବେସକର ବୋଲି ଦ୍ୱାରପାଳଙ୍କୁ ଆଦେଶ କର ।

କୌ—ମହାରାଜ, ଫଳମୂଳ ଖାଇ, ଶଣପଠ ପିନ୍ଧି, ଠେଙ୍ଗା ଧରି, ଜଙ୍ଗଲରେ ବୁଲିବା ସେମାନେ ଅସ୍ମଦ୍ୱାରା ଏତେ ଆଡ଼ମ୍ବରରେ ସମ୍ମାନିତ ହେବାକୁ କେତେ ବଡ଼ ଅଟନ୍ତି ।

ରା—ମିତ୍ର, ଏହା ତୁମ୍ଭର ଜାତଯୋଗ୍ୟ ସନ୍ଦେହ ନୁହେଁ । ପରମାତ୍ମଜୀବାତ୍ମ-ଯୋଗମୂଳକସକଳପୁରୁଷାର୍ଥସାଧକ ସିନା ଜ୍ଞାନ ଧନ ! ଦେଖ—

ଦୀପ୍ତ କରଣଦୀପିତ ବିନା ଅଭ୍ୟନ୍ତର,
ଜ୍ୟୋତି ପ୍ରକାଶିତ ହେବା ଅଶକ୍ୟ ନିକର ।
ବାତ ବିନା ଜ୍ୱଳନାଖ୍ୟ ଜ୍ୟୋତି ଅପଶାର,
କର୍ମୀତରଣେ ଅଶକ୍ତ ଏହା ନିରଧାର ।

କୌ—ମିତ୍ର, ତପୋଧନସମାଗମ ମହାର୍ଥ ହେଲେ, ମୁଁ ମଧ୍ୟ ତରେ ଯାଇ ଅଜ୍ଞାନୁସାରେ ଆଚରିବି । ( ନିଷ୍କ୍ରମି ପୁଣି ପ୍ରବେଶି ) ଇ, ହ, ହ, ! ମୁଁ ଏବେ ଭବଦାଜ୍ଞାନୁସାରେ ପ୍ରତୀହାର ନିକଟକୁ ଯାଇ ସେହିଠାରେ ସୁସ୍ନିଗ୍ଧ ଶ୍ୟାମଳବର୍ଣ୍ଣ, ଅନୁଦ୍ଭିନ୍ନତାରୁଣ୍ୟାପ୍ରଧାନ, ବାଲଭାବରେ ମଙ୍ଗଳାଙ୍କୁରଶଙ୍କାଧର, ରୂପସୌଭାଗ୍ୟରେ କନ୍ଦର୍ପଦାରକ ସନ୍ଦେହକର, ଶାଳବଛ୍ଛିଇତର, ଲୋଳତର, ମହାବଳ ଏବଂ ଅତି କୋମଳ ହେବା ତାପସକୁମାରଯୁଗଳ ତୁମ୍ଭଙ୍କୁ ସଙ୍ଗୀତ-କଳା ପ୍ରଦର୍ଶନ କରାଇବାକୁ ଆଗତ ହୋଇ ତୋରଣସ୍ତମ୍ଭ ସମୀପେ ଥାନ୍ତେ ଦେଖି ଆସିଲି ।

ରା—( ସାଭିପ୍ରାୟରେ ) ମୋ ଦୃଷ୍ଟିଗୋଚର ହେବାକୁ ତାଙ୍କର କି ପ୍ରତିବନ୍ଧ ?

କୌ—ମିତ୍ର, ବାଲଭାବଲଳିତ ଏବଂ କୌତୂହଳସମ୍ପନ୍ନ ହେବା ସେ ଦୁହେଁ ମୋତେ କହିଲା କଥା ଶୁଣ ।

ରା—ମିତ୍ର, କହ—କହ ।

କୌ—ସେ ଦୁହେଁ ବାଲ୍ମୀକି ମହର୍ଷି ଶିଷ୍ୟ । ବୀଣାକଳାପ୍ରବୀଣ ଏବଂ ଅପୂର୍ବ ବିଜ୍ଞାନବିଶିଷ୍ଟ ବୋଲି ଆତ୍ମପରିଚୟ ଦେଇ କହିଲେ କି ରାଜର୍ଷି ଦେବ ତୁମ୍ଭର ତପୋଧନବନ୍ଧୁମାନଙ୍କୁପେ ଭୂସ୍ଥାନ ମାନ ଆସନ କର······ ଦୁଷ୍କରବିନ୍ୟାସ ମହାକବିସଂଗ୍ରଥିତ ମହାପୁରୁଷଚରିତବନ୍ଧ, ମହାର୍ଥଗମ୍ଭୀର, ଅଶ୍ରୁତପୂର୍ବାଗମ, ଗାନ୍ଧର୍ବ ବେଦ ସମ୍ବାଦଯୁକ୍ତ, ସରସ, ଯୋଗବିରଚିତ ବର୍ଣ୍ଣରମଣୀୟ ଏବଂ ବୀଣାତନ୍ତ୍ରୀ ରସିତାନୁବିଦ୍ଧ ହେବା ସଙ୍ଗୀତ ଗାଇ, ପରେ ବିଜ୍ଞାନ ବିଶେଷ ପ୍ରସନ୍ନହୃଦୟ—ମହାରାଜ କଅଣ କରିବେ, ସେ ବୃତ୍ତାନ୍ତ ଜାଣିବାକୁ ହେବ ବୋଲି ଭଗବାନ—ବାଲ୍ମୀକି ମହର୍ଷି ତାଙ୍କୁ ଆଦେଶ କଲେ ।

ରା—ଅହୋ ! ବାଳକଙ୍କ ବିଜ୍ଞାପନାବଲେପ ! ଏ ଉପନ୍ୟାସ କେତେ ଗର୍ବଗର୍ଭିତ ହୋଇଅଛି ! ବୟସ୍ୟ, ତୁମ୍ଭ ଇଚ୍ଛା ବୋଲି କହି ତାଙ୍କୁ ତରେ ଆଣ । ପ୍ରତୀକ୍ଷା କରିବାରେ ଡେରି ଘଟିଲା ବୋଲି ଚଟାରେ ଚାଲିବେ ପରା !

କୌ—ଚଟା ଘଟିବ କେମନ୍ତେ ? ସେ ଦେବଙ୍କ ବାତ୍ସଲ୍ୟକୁ, ଆକାର ସାଦୃଶ୍ୟକୁ ଏବଂ କାକପକ୍ଷପରିଭୂଷିତାସ୍ୟଙ୍କୁ ଦେଖି, ଦଶରଥ ମହାରାଜ ଜୀବିତସମୟରେ ରାମଲକ୍ଷ୍ମଣ ଏହି ଠାଣିରେ ଥାଇ ରାଜସ୍ଥାନ ମଣ୍ଡନ କରନ୍ତି ବୋଲି ତୁମ୍ଭ ବାକ୍ୟକୁ ଏବଂ ମହାରାଜ ଦଶରଥଙ୍କୁ ସ୍ମର ଲୋତକପୂରିତଲୋଚନ—କଞ୍ଚୁକୀମାନେ ତାଙ୍କ ସହିତରେ ସଲ୍ଲାପ କରନ୍ତେ ସୁଖରେ ବସିଅଛନ୍ତି ।

ରା—ମିତ୍ର, ତାହାଙ୍କ ଆକୃତି ଅସ୍ମଦୀୟ ଶୈଶବାନୁକାରିଣୀ ମାତ୍ର କି ?

କୌ—ଆଉ କଅଣ ?

ରା—ମିତ୍ର, ମୁଁ ଅତି କୁତୂକୀ; ସତ୍ୱରେ ତାଙ୍କୁ ଆଣ ।

କୌ—ଯେ ଆଜ୍ଞା । ( ନିଷ୍କ୍ରାନ୍ତ )

( ପରେ କୌଶିକ ପଥ ଦେଖାନ୍ତେ ତାପସଦ୍ୱୟ—କୁଶଲବଙ୍କ ପ୍ରବେଶ )

କୌ—ଆର୍ଯ୍ୟେ, ଏଆଡ଼େ—ଏଆଡ଼େ ।

କୁ—( ପଛକୁ ଚାହିଁ ) ଭାଇ—ଲବ, ଏବେ ମାତାଙ୍କୁ ପ୍ରଣମି ବାଲ୍ମୀକି ଭଗବାନଙ୍କ ଆଦେଶାନୁସାରେ ମୁଁ ରାଜଭବନାଭିମୁଖ ହୋଇ ଗଲି-ଥାନ୍ତେ, ମାତା କାକ ପକ୍ଷ ଗ୍ରହଣ ସଂଜ୍ଞାରେ ତୁମ୍ଭଙ୍କୁ ପର୍ଣ୍ଣଶାଳାକୁ ନେଇ ରହସ୍ୟରେ କହିଲା ଅନ୍ୟ ବିଷୟ କଅଣ ?

ଲ—ଅନ୍ୟ ବିଷୟ କିଛିହିଁ ନାହିଁ । ତେବେ ତାପସ ଜନ ସଙ୍କୀର୍ଣ୍ଣପର୍ଣ୍ଣକୁଟୀରା-ଭ୍ୟନ୍ତରରେ ପ୍ରବେଶି, କର ଯୁଗେ ତନୂଦରରେ ମୋତେ ଦୃଢ଼େ ଭିଡ଼ି ଆଲିଙ୍ଗି, ସୀତ୍କାରଲକ୍ଷିତସ୍ମିତମଧୁରରେ ଶିର ସୁଙ୍ଘି, ମନ୍ଦେ ମନ୍ଦେ କର୍ଣ୍ଣପଦକୁ ସଜାଡ଼ି ଏବଂ ତାଙ୍କ ମୁଖ ମୋ ମୁଖେ ଭିଡ଼ି "ବତ୍ସ, ତୁମ୍ଭେ ବେନି ସ୍ୱାଭାବିକାବଲେପକୁ ବରଜି ମହାରାଜଙ୍କୁ ପ୍ରଣମି କୁଶଳ ପୁଚ୍ଛ" ବୋଲି ଉପଦେଶ କଲେ ।

କୁ—ଭାଇ, କୁଶଳ ପ୍ରଶ୍ନ ଯୁକ୍ତ ମାତ୍ର; କିନ୍ତୁ ପ୍ରଣାମ କେମନ୍ତେ ?

ଲ—କେମନ୍ତେ ବୋଲିବା ଅଯୁକ୍ତ ।

କୁ—ଭାଇ, ଅମ୍ଭ ବଂଶଜମାନେ ପ୍ରଣାମ କରନ୍ତି ନାହିଁ ବୋଲି ପ୍ରବାଦ ।

ଲ—ତୁମ୍ଭଙ୍କୁ ସେପରି କହିଲେ କିଏ ?

କୁ—ମାତା ।

ଲ—ପ୍ରଣାମକୁ ମଧ୍ୟ ସେ ତ ଉପଦେଶ କଲେ । ଗୁରୁ ନିଯୋଗ ଅନାଚରଣୀୟ ନୁହେଁ ।

କୁ—ହେଉ—ଯିବା । ସେଠାରେ କାଳୋଚିତ କରିବା ।

( ଗମିବା )

କୌ—ଆର୍ଯ୍ୟେ, ଏଆଡ଼େ—ଏଆଡ଼େ ।

ରା—( ଦେଖି ସ୍ୱଗତ ) ଏ ନିଷ୍ଟସ୍ତରେ ସେ ବାଳକ ଦ୍ୱୟ ! କୌଶିକୋପଦେ-ଶ୍ୟମାନମାର୍ଗ ହୋଇ ଏଆଡ଼େ ଆସୁଅଛନ୍ତି । ଏ କଅଣ ? ମୋତେ ମୁଁ ବିସ୍ମୃତ !

ଏ ଦୁହେଁ କିଏ ମୋହର ଅଗୋଚର
ମଧ୍ୟ ଅଜ୍ଞାତ ଆଶୟ ଏହାଙ୍କର ।
ତଥାପି ଏ ବେନିଙ୍କୁ ଦେଖିଲା ମାତ୍ରେ
ଲୋତକ ପୂର୍ଣ୍ଣ ହେଲା ମୋହର ନେତ୍ରେ ।

ହେଲେ ଏଥି ଅଷ୍ଟର୍ଯ୍ୟ କଅଣ ?

ଶୈବାଲ ସମ୍ବନ୍ଧ ବର୍ଗ ଗୁଣ ଦୋଷ,
ହ୍ରଦେ ଜାଣି ମଧ୍ୟ ଭଣିଲେ ତାରେଶ ।
କୌଣସି ଅଜ୍ଞାତ ଯୁକ୍ତିବଶୁଁ ଶଶ—
ଧରକାନ୍ତ ଦ୍ରବଯୁକ୍ତ ତ ଅଳ୍ପଶ ।

ଏହାଙ୍କ ରୂପ ଉପର ବିଦ୍ୟମାନ ଦେଖିବି । କଅଣ ଏ ! ମୁଁ ଦେଖି ତ ପାରୁ ନାହିଁ ! ଏ ବେନକୁମାରଙ୍କୁ ଦେଖୁ ଦେଖୁ ଅନନୁଭୂତପୂର୍ବ ସାଧ୍ୱସ ପ୍ରହର୍ଷ ଶୋକାନୁକ୍ରୋଶ ସମ୍ଭେଦ ଚବାବସ୍ଥା ବିଶେଷ ମୋ ହୃଦୟକୁ ଅନମି ମୂର୍ଚ୍ଛା ପର ତରୋହିତ କରୁଅଛି । ( ମୂର୍ଚ୍ଛିତ ହୋଇ ଚେତ ) କଅଣ ଏ ବାଷ୍ପଘାତ । ଏଥିରୁ ମୋ ହୃଦୟସ୍ତମ୍ଭ ଶାନ୍ତ ହୁଅନ୍ତେ, ସ୍ୱଚ୍ଛୀକୃତ ହେଲି । ଏ ବ୍ୟପନୀତବାଷ୍ପବ୍ୟବଧାନ ଲୋଚନରେ ପୁଣି ବିଲୋକିବି । ( ଭଲେ ଦେଖି ) ଆକାର ଅତି ଗମ୍ଭୀର; ବେଶରଚନ ପ୍ରଶାନ୍ତମନୋହର, ସ୍ୱଭାବ ବିନୟୋଦାର । ଏଣୁ ଏ ବାଳକେ କୁଳୀନ ହେବା ସୁବ୍ୟକ୍ତ ।

କୌ—ଏ ମହାରାଜ, ତୁମ୍ଭ ଇଚ୍ଛାନୁସାରେ ସମୀପବର୍ତ୍ତୀ ହୁଅ ।

କୁ—ଭାଇ—ଲବ, ମୁଁ ଏବେ ପ୍ରଣାମ ସମ୍ବନ୍ଧେ କହିଲା କଥା ତୁମ୍ଭଙ୍କ ଜଣାଗଲା କି ?

ଲ—ଅଭ ଏବେ କଅଣ ?

କୁ—ଏ ପାର୍ଥିବଙ୍କ ପାଖକୁ ଯାଉ ଯାଉ ଭୟରେ ହୃଦୟ କମ୍ପନ୍ତେ ମୁଁ ବିବଶାଙ୍ଗ ହେଉଅଛି । କେଜାଣି କାହିଁକି ତୁଲ୍ୟାବଲେପ ଦୂର ହେଲା । ଏ ମହୋଦୟଙ୍କ ସମ୍ମୁଖରେ ଅବନତ ନୋହି ଉତ୍ତମାଙ୍ଗ ଉନ୍ନତ ହୋଇ ପାରୁ ନାହିଁ । ବହୁଭାଷଣ ନିଷ୍ପ୍ରୟୋଜନ । ପ୍ରଣମିବି ।

ଲ—(ସ୍ୱଗତ) ଏ କଅଣ ! ଅର୍ଯ ମଧ୍ୟ ମୋର ପର ପରବଶତ୍ୱଭାଗୀ ହେଲେ ।

ଉଭୟେ—( ପ୍ରଣାମ କରିବା )

ରା—ତୁମ୍ଭେ ମର୍ଯାଦାତିକ୍ରମଣ କର ନାହିଁ—କାହିଁକି ପ୍ରଣତ ହେଲ ? ବ୍ରହ୍ମଶିରୋନମିତ ହେଲି । କଷ୍ଟ ସିନା । ( ବିଷାଦଗ୍ରସ୍ତ )

କୌ—ମିତ୍ର, ତୁମ୍ଭେ ବିଷର୍ଣ୍ଣ ହୁଅ କାହିଁକି ? ଏହାଙ୍କ ପ୍ରଣାମ ପ୍ରତିଗୃହୀତ ହୋଇ ନାହିଁ ତ । ଏଥି ତୁମ୍ଭର ହାନି କଅଣ ?

ରା—(ସ୍ୱଗତ) କୌଶିକ ଭଲି ବୁଝିଲେ । ( ପ୍ରକାଶ୍ୟେ ) ଦାକ୍ଷିଣ୍ୟ ବିଶେଷ ପେଶଲ ପୂଜ୍ୟ, ଶୁଣ ।

ଅତ୍ୟାଦରେ କୋମଳ କର—
ଯୁଗ ଯୋଡ଼ି ମଥାରେ ,
ତୁମ୍ଭେ ମୋତେ କଲ ପ୍ରଣତି
ବ୍ୱୟି ମୋ ଅନୁଜ୍ଞାରେ ।
ତୁମ୍ଭ ଗୁରୁଙ୍କ ପ୍ରବିମଳ
ଚରଣଯୁଗଳରେ
ଉପଯୁକ୍ତୋପହାର ହେଉ
ନିଷ୍ଟେ ଅବଲମ୍ୱରେ ।

କୌ—ଏହା ମାତ୍ର ପ୍ରଣାମ ପରିଣାମ ବୋଲି ପ୍ରିୟ ବୟସ୍ୟ ପ୍ରତିହତ ଶାସନ ହେଲେ ।

କୁଶ }
ଲବ } —(ନତ ମସ୍ତକ ଉନ୍ନତ କରି) ମହାରାଜଙ୍କ କୁଶଳ ତ ?

ରା—ତୁମ୍ଭ ଦର୍ଶନ ବଶୁଁ କୁଶଳ ମାତ୍ର । ମୁଁ ଏଠାରେ ତୁମ୍ଭର ଅତିଥିସଭାଜନୋଚିତ କଣ୍ଠଗ୍ରହର ଭାଜନ; କିନ୍ତୁ କୁଶଳ ପ୍ରଶ୍ନର ନୁହେ । ( ଆଲିଙ୍ଗନ କରି ସ୍ୱଗତ ) ଅହୋ ! ଏ ସ୍ପର୍ଶ ହୃଦୟଗ୍ରାହୀ ତ ! ତନୟାଲିଙ୍ଗନ ସୌଖ୍ୟରେ ମୁଁ ଅନଭିଜ୍ଞ ମାତ୍ର । ତଥାପି ତାଦୃଶାନନ୍ଦ ଲଭୁଅଛି । ଗୃହମେଧୀ ତପୋବନ ପରାଙ୍ମୁଖ ହୁଏ । ତାହା ଉଚିତ ସିନା । ( ସିଂହାସନ ଦେଖାଇ ପ୍ରକାଶ୍ୟେ ) ଏ ଆସନାର୍ଦ୍ଧରେ ଉପବେଶନ କର ।

ଉଭୟେ—ଏହା ରାଜାସନ ତ । ଅମ୍ଭେ ଏଥି ବସିବା ଅନୁଚିତ ।

ରା—ବ୍ୟବଧାନରେ ଚ୍ଛତ୍ରିକ ଦୋଷ ଘଟି ପାରିବ ନାହିଁ । ଅଙ୍କ ବ୍ୟବହିତରେ ସିଂହାସନ ମଣ୍ଡନ କର ।

( ରାଜାଙ୍କରେ ଉଭୟଙ୍କୁ ବସାଇବା )

ଉଦୟ—( ଅନାଚ୍ଛା ପ୍ରକାଶି ) ମହାରାଜ, ଏତେ ଦାକ୍ଷିଣ୍ୟ ଅନୁଚିତ ।

ରାମ—ତୁମ୍ଭର କାହିଁକି ଏ ଶାଳୀନତ୍ବ ?

ବର ଗୁଣୀଙ୍କର ମଧ୍ୟ ବୟୋଽନୁରୋଧରେ
ଅର୍ଭକ ଲାଳନୀୟ ହୁଅଇ ଜଗତରେ ।
ବାଲ ଭବ କାରଣରୁ ଶୂଳୀଙ୍କ ମୌଳିରେ
ବିଧୁ ଲଭେ ତ କେତକପଦନ୍ତ ଶିଖରେ ।

( ଲୋତକପୂର୍ଣ୍ଣଲୋଚନରେ ପୁଣି ଅଲିଙ୍ଗି କୌଶିକକୁ ଉଦ୍ଦେଶି )

ମିତ୍ର, ସୀତାଙ୍କୁ ତେଜ୍ୟ କେତେ ବତ୍ସର ହେଲା ତୁମ୍ଭର ସ୍ମରଣ ଅଛି କି ?

କୌ—ହଁ, ସ୍ମରଣ ଅଛି । ( ହସ୍ତାଙ୍ଗୁଳି ପ୍ରମାଣ ସଂଖ୍ୟା ଗଣି, ପରେ ପାଦାଙ୍ଗୁଳିତ୍ରିତୟକୁ ଦେଖାଇ ) ଏହାର ଏତେ ଗଣିବ କାହିଁକି ? ସୀତା ଦେବୀଙ୍କୁ ସ୍ୱହସ୍ତରେ ବନସ୍ଥକୁ ପଠାଇ କେତେ ବତ୍ସର ହେଲା ବୋଇଲେ, ସର୍ବଥା ଏବେ ଦଶମ ବତ୍ସର ।

ରା—ସୀତା ଶୁଭରେ ପ୍ରସବିଥିଲେ ଏବଂ ନନ୍ଦନଜନନ ହୋଇଥିଲେ, ଏବେ ସେ ତନୟର ଠିକ୍ ଏ ବୟସ ।

କୌ—ଆହା ! ଏତଦଜ୍ଞାତ ବିପ୍ରଯୁକ୍ତବୃତ୍ତାନ୍ତବର୍ଣ୍ଣେ ମୁଁ ହତଭାଗା ଦୁଃଖିତ ସିନା । ( କ୍ରନ୍ଦନ କରିବା )

ରା—ଏ ତାପସ କୁମାରଙ୍କୁ ଦେଖି ମୁଁ ମଧ୍ୟ ଦୁଃସହ ବେଦନାବସ୍ଥାକୁ ଲଭୁଅଛି ।

ପ୍ରବାସିମାନବଦୂରସ୍ଥିତାତ୍ମଜ
ଯେଉଁ ଅବସ୍ଥାରେ ଥିବ
ବୋଲି ଭାବେ, ସେହି ଅବସ୍ଥାର ଅନ୍ୟ
ଶିଶୁକୁ ଯଦି ଦେଖିବ ।
ତାହା ମାନସରେ ବାତ୍ସଲ୍ୟ ଉଚ୍ଛୁଳି
ଅଶ୍ରୁ ପୂରିତନେତ୍ରରେ,
ସେକ୍ଷଣି ସେ ଦୀନ ନିଷ୍ଟଯେ ବୁଡ଼ିବ
ଦୁଃସହ ଦୁଃଖ-ସାଗରେ ।

( ଉଦୟଙ୍କୁ ଅଲିଙ୍ଗି କାନ୍ଦିବା )

କୌ—( ସସମ୍ଭ୍ରମରେ ) ଶରଣ, ଶରଣ, ସର୍ପ, ସର୍ପ, ଛାଡ଼, ଛାଡ଼ । ମୁନି-ତନୟେ କିଅନ୍ତୁ, ସିଂହାସନରୁ ଉତ୍ତରନ୍ତୁ ।

ରା—( ସସମ୍ଭ୍ରମରେ କୁମାରଙ୍କୁ ଦେଖି ) ଏ କଅଣ ?

କୌ—ସାକେତସ୍ଥିତ ବୃଦ୍ଧଙ୍କଠାରୁ ମୁଁ ଶୁଣିଛି କି ରଘୁବଂଶଜ ବିନା ଯେ ଏ ସିଂହାସନ ଚଢ଼ିବ, ତାର ଶିର ଶତଧା ଭଗ୍ନ ହେବ ।

ରା—( ଆବେଗରେ ) କୁମାରେ, ତରେ ଉତ୍ତର, ତରେ ଉତ୍ତର ।

ଉଭୟ—( ଉତ୍ତରି ବସୁଧାରେ ବସିବା । )

ରା—ମୁନିତନୟେ, ତୁମ୍ଭେ ସୁଖରେ ଅଛ କି ? ତୁମ୍ଭ ଶିରମାନଙ୍କର କୌଣସି ଅପାୟ ଘଟି ନାହିଁ ତ ?

ଉଭ—ମହାରାଜ, ଅମ୍ଭେ ସୁଖେ ଅଛୁଁ । ଅମ୍ଭ ଶିରମାନଙ୍କର କୌଣସି ଅପାୟ ଘଟି ନାହିଁ ।

କୌ—କଅଣ ? ଏ କୁମାରେ ଅକ୍ଷତପ୍ରକୃତସ୍ଥଶରୀର ହୋଇଅଛନ୍ତି ।

ରା—ମିତ୍ର, ଏଥି ଆଶ୍ଚର୍ଯ୍ୟ କଅଣ ? ତପଃଶରୀରସ୍ୱସ୍ତ୍ୟୟନ ପରିଗୃହୀତ ସିନା । ଦେଖ—

ତପୋନାମକ ବର କବଚଧର
ମୁନିଙ୍କଠାରେ ବ୍ୟର୍ଥ ଶରପ୍ରକର ।
ସେ ମହାତ୍ମାଙ୍କଠାରେ ଶକଭଦ୍ରର—
ଧାରାଚୟ ମଧ୍ୟ କୁଣ୍ଠିତ ନିକର ।

( କୁମାରଙ୍କୁ ଉଦ୍ଦେଶି ) ପୂଜ୍ୟେ, ତୁମ୍ଭେ ଅବ୍ୟବହୃତ ମହୀକି ଅବ-ଲମ୍ବିଲ କି ?

ଉଭ—ମହାରାଜ, ଏ ଅର୍ଥ ପ୍ରଥମ ପରଣୀତ ।

ରା—ହଁ ।

କୌ—ମହାରାଜ, ଏମାନେ ଅତଥି ତ, ସମ୍ଭାଷଣରେ ଆତଥ୍ୟକର ।

ରା—ପୂଜ୍ୟେ, ଯୁଷ୍ମଦୀୟ ସୌନ୍ଦର୍ଯ୍ୟାବଲୋକନଜନିତ କୁତୂହଳ ପ୍ରେର୍ଯ୍ୟମାଣ ହୋଇ ମୁଁ ପଚାରୁଅଛି, ତୁମ୍ଭ ଜନ୍ମ ଏବଂ ଦୀକ୍ଷା ଦ୍ୱାରା କେଉଁ ବର୍ଣ୍ଣ ଏବଂ ଆଶ୍ରମ ଅଳଙ୍କୃତ ?

କୁ—( ଠାରରେ ଆଦେଶ ଦେବା )

ଲ—ବର୍ଣ୍ଣ ଦ୍ୱିତୀୟ, ଆଶ୍ରମ ପ୍ରଥମ ।

ରା—ତୁମ୍ଭେ ଅଗ୍ରଭବ ନୁହ କି ? ତାହାହେଲେ ପ୍ରଣାମ ପ୍ରୟୋଗ ଏବଂ ନ୍ୟୂନାସନପରିଗ୍ରହ ଅଧିକାପରାଧ ନୁହେ, ଆଉ କ୍ଷତ୍ରିୟ କୁଳ ପିତାମହ ସୂର୍ଯ୍ୟ ଅଥବା ଚନ୍ଦ୍ର । ତୁମ୍ଭ ବଂଶକର୍ତ୍ତା କିଏ ?

ଲ—ଭଗବାନ—ସହସ୍ରକିରଣ !

ରା—କଅଣ ! ଅସ୍ମତ୍ସମାନାଭିଜନ ହେଲ ତ !

କୌ—ବେନିଙ୍କର ଏକମାତ୍ର ପ୍ରତ୍ୟୁତ୍ତର କି ?

ରା—ତୁମ୍ଭ ଉଭୟଙ୍କର ଗର୍ଭ ସମ୍ବନ୍ଧ କି ହେଲେ ଅଛି କି ?

ଲ—ଅମ୍ଭେ ଦୁହେଁ ଏକଗର୍ଭଜାତ—ଅଗ୍ରଜାବରଜ ।

ରା—ଆକାର ଭିନ୍ନ ମାତ୍ର, କିନ୍ତୁ ବୟସରେ ଲେଶ ହେଲେ ଅନ୍ତର ନାହିଁ ।

ଲ—ମହାରାଜ, ଅମ୍ଭେ ଯାମଳ ।

ରା—ଏବେ ଯୁକ୍ତ ହୋଇଛି । ଆଉ ତୁମ୍ଭରେ ଜ୍ୟେଷ୍ଠ କିଏ ? ନାମ କିସ ?

ଲ—( ଅଞ୍ଜଳିବଦ୍ଧ ହୋଇ ) ଆର୍ଯ୍ୟ, ପାଦାଭିବନ୍ଦନ ସମୟରେ ମୁଁ "ଲବ" ବୋଲି ଜଣାଏଁ, ( କରେ ମାନ୍ୟରେ ନିରୂପି ) ପୂଜ୍ୟପାଦ ଆର୍ଯ୍ୟ !

କୁ—ମହାରାଜ, ଗୁରୁଚରଣାଭିବନ୍ଦନ ସମୟରେ ମୁଁ "କୁଶ" ବୋଲି ଜଣାଏଁ ।

ରା—ଅହୋ ! ଏ ସମୁଦାୟର ଉଦାତ୍ତ ରମଣୀୟ ସିନା !

କୌ—ନାମଧେୟ ବିଦିତ, କିନ୍ତୁ ଜ୍ୟେଷ୍ଠ କିଏ ତତ୍ପ୍ରତ୍ୟୁତ୍ତର ରହିତ ।

ରା—ଅଞ୍ଜଳି ନିର୍ଦ୍ଦେଶରୁ ଏବଂ ଅନାମଗ୍ରହଣରୁ ଅଗ୍ରଜ "କୁଶ" ବୋଲି ପ୍ରତ୍ୟୁତ୍ତର ପ୍ରଦତ୍ତ ତ ।

କୌ—ଏବେ ମୋତେ ଭଲେ ବିଦିତ ।

ରା—କୁମାର ତୁମ୍ଭ ଗୁରୁଙ୍କ ନାମଧେୟ କଅଣ ?

ଲ—ଭଗବାନ—ବାଲ୍ମୀକି ।

ରା—ସେ କେଉଁ ସମ୍ବନ୍ଧେ ତୁମ୍ଭ ଗୁରୁ ?

ଲ—ଉପନୟନୋପଦେଶଦ୍ୱୟରୁ ।

ସ—ତୁମ୍ଭ ଶରୀର ଧାତା—ପିତାଙ୍କୁ ଜାଣିବାକୁ ମୁଁ ଇଚ୍ଛୁକ ?

ଲ—ତାଙ୍କ ନାମ ମୋର ଅଗୋଚର । ଏ ତପୋବନର କିଏ ହେଲେ ତାଙ୍କ ନାମ ଉଚ୍ଚାରନ୍ତି ନାହିଁ ।

ସ—ଅହୋ । ମାହାତ୍ମ୍ୟ !

କୁ—ତାଙ୍କ ନାମ ମୁଁ ଜାଣଇଁ ।

ସ—କହ ।

କୁ—ନିରନୁକ୍ରୋଶ ।

ସ—( କୌଶିକଙ୍କୁ ଉଦ୍ଦେଶି ) ମିତ୍ର, ଏ ନାମ ଅପୂର୍ବ ଅଟଇ ତ !

କୌ—( ଭାବ ) ମୁଁ ପଚ୍ଛୁରେଁ ନିରନୁକ୍ରୋଶ ବୋଲି କିଏ କହନ୍ତି ?

କୁ—ଆମ୍ଭ ମାତା ।

କୌ—କୁପିତାବସ୍ଥାରେ ନା ସ୍ୱାଭାବିକାବସ୍ଥାରେ ?

କୁ—ବାଲଭାବଜନିତ ହେବା ଆମ୍ଭ ଅବିନୟ ଦୃଷ୍ଟ ହେଲେ "ନିରନୁକ୍ରୋଶ ପୁତ୍ରେ ଚାପଲ ଅବଧେୟ" ବୋଲି ଆମ୍ଭଙ୍କୁ ତର୍ଜନ୍ତି ।

କୌ—ଏହାଙ୍କ ପିତା ନିରନୁକ୍ରୋଶ, ସେ ଏହାଙ୍କ ମାତାଙ୍କୁ ଘରଡ଼ନ୍ତେ, ସେ ବାପୁଡ଼ୀ କଷ୍ଟହିଁ କର ନ ପାଇ ସେ ବଚନରେ ଏମାନଙ୍କୁ ଡ଼ରାଏ ।

ସ—କୌଶିକ, ଭଲେ ଅବଗତ ହେଲି । ( ଦୀର୍ଘ ନିଶ୍ୱସି ସ୍ୱଗତ ) ଛି ! ମୋର କି ଜୀବିତ ? ମୋ ଅପରାଧରୁ ସେ ଦୀନା ମନ୍ୟୁ ଗର୍ଭିତା ସଙ୍କଟରେ ନିଜ ତନୁଜଙ୍କୁ ଏପରି ଡ଼ରାନ୍ତି । ( ଲୋତକପୂରିତଲୋଚନ ହୋଇ ପ୍ରକାଶ୍ୟେ ) ସେ ପୂଜ୍ୟ—ନିରନୁକ୍ରୋଶ ତୁମ୍ଭ ଆଶ୍ରମରେ ଅଛନ୍ତି କି ?

ଲ—ଆମ୍ଭ ଆଶ୍ରମରେ ନାହାନ୍ତି ।

ସ—( ସସମ୍ଭ୍ରମରେ ) ଶ୍ରୁତ ହୁଅନ୍ତି କି ?

ଲ—( କୁଶ ମୁଖ ଦେଖିବା )

କୁ—ତାଙ୍କ ପାଦଦ୍ୱୟ ଆମ୍ଭ ନମସ୍କୃତପୂର୍ବ ନୁହେ; କିନ୍ତୁ ମାତାଙ୍କ ଏକ ବେଣୀ ତାଙ୍କ ଜୀବିତକୁ ସୂଚନ କରେ ।

ରା—ତୁମ୍ଭେ କେବେ ହେଲେ ସେ ନିରନୁକ୍ରୋଶଙ୍କଦ୍ୱାରା ଅଜ୍ଞାତପୂର୍ବ ଅଛ କି ?

କୁ—ତାହା ମଧ୍ୟ ଘଟି ନାହିଁ ।

ରା—କୁମାର, ତୁମ୍ଭେମାନେ ଏତେ କାଳ ଯାଏ ଅନ୍ୟୋନ୍ୟ ଲୋଚନା-ଗୋଚର ହୋଇଥିବା ଏ ଅତି ଦୀର୍ଘପ୍ରବାସ ମହାଦାରୁଣ ସିନା ! (କୌଶିକଙ୍କୁ ଉଦ୍ଦେଶି ଜନାନ୍ତିକେ) ମୁଁ କୁତୂହଳାବିଷ୍ଟ ହୋଇ ଏହାଙ୍କ ମାତୃନାମ ଜାଣିବାକୁ ବାଞ୍ଛିଇଁ । ସ୍ତ୍ରୀ ନାମ ପଚାରିବା ମୋର ଅନୁଚିତ; ବିଶେଷତଃ ତପୋବନରେ । ଏହାର କି ଉପାୟ ?

କୌ—( ଜନାନ୍ତିକେ ) ବ୍ରାହ୍ମଣ ଜାତି ଅପ୍ରତିହତବଚନ ମହତ୍ତ୍ୱ ତ । ତେଣୁ ମୁଁ ପଚାରିବି । (ପ୍ରକାଶ୍ୟେ) କୁମାର, ତୁମ୍ଭ ମାତାଙ୍କ ନାମ କଅଣ ?

ଲ—ତାଙ୍କର ଦ୍ୱିବିଧ ନାମ ।

କୌ—କି କି ?

ଲ—ତପୋବନବାସୀମାନେ "ଦେବୀ" ବୋଲି ଏବଂ ବାଲ୍ମୀକି ଭଗବାନ "ବଧୂ" ବୋଲି ଡାକନ୍ତି ।

ରା—ବାଲ୍ମୀକି ମୁନିମୁଖନିର୍ଗତ ବଧୂ ଶବ୍ଦରେ କେଉଁ ଋଷିପୁତ୍ରକୁଳ ବୁଝିପାଏ ଟି !

କୌ—କ୍ଷତ୍ରିୟ ବଂଶ ବିସ୍ତୀର୍ଣ୍ଣ । କେଉଁ କ୍ଷତ୍ରିୟ ବଂଶ୍ରେଟି, ତାହା ଅଗୋଚର ।

ରା—ବୟସ୍ୟ, ଏକ ନିମେଷ ଏଠାକୁ ଆସ ।

କୌ—( ସମୀପବର୍ତ୍ତୀ ହୋଇ ) ଆଦେଶ ଦିଅ ।

ରା—ଏ କୁମାରଙ୍କର ଏବଂ ଆମ୍ଭର କୁଟୁମ୍ବ ବୃତ୍ତାନ୍ତ ସର୍ବାକାରସମଞ୍ଜସ ହୋଇଅଛି ତ !

କୌ—କିପରି ?

ରା—ଦେଖ । ଏହାଙ୍କର ଏବଂ ସୀତାଗର୍ଭର କାଳଯାପନ ସମାନ, ଏ ଦୁହେଁ ମଧ୍ୟ କ୍ଷତ୍ରିୟ, ସୂର୍ଯ୍ୟାନ୍ୱୟଜ, ଅଜାତପ୍ରୋଷିତ ଏବଂ ରାଜାସନାରୋହଣରେ ନିର୍ବିକାର, ଏହାଙ୍କ ପିତାର ଦାରୁଣତ୍ୱସୂଚକ ନିରନୁକ୍ରୋଶ ଶବ୍ଦ, ମାତାର ମହତ୍ତ୍ୱସୂଚକ ଦେବୀ ଶବ୍ଦ, ଏ ସାଦୃଶ୍ୟବାହୁଲ୍ୟରୁ ସର୍ବଥା ମୁଁ ହତଭାଗା ବିକଳ । ( ବିହ୍ୱଳ ହେବା )

କୌ—ମିତ୍ର, ତୁମ୍ଭ ଅଭିମତ ଏ ବାଳକେ ସୀତାଗର୍ଭଗତ ବୋଲି କି ?

ରା—ଆହା ! ନାହିଁ ହେ ! ତପୋବନବାସିଜନଠାରେ ଏପରି ସମ୍ବନ୍ଧ କପରି ଆରୋପି ପାରିବ ? କିନ୍ତୁ—

ଏ ବେନି କୁମାରେ ବୟଃସମତାରେ
ଜାତିରେ ଶ୍ୟାମଲୋଜ୍ଜ୍ୱଳ
କାନ୍ତିରେ ଜନକନନ୍ଦିନୀନନ୍ଦନ
ପରକାରେ ଅନୁମିତ ।
ସେହି କାରଣରୁ ଏହି ଦୁର୍ଦ୍ଦଶାରେ
ନିର୍ଦ୍ଦୟ ହୃଦୟ ମୋର
ନ ପାରି ତରଳି ତରଳି କେବଳ
ଦ୍ରବିତ ଯେମନ୍ତ ନୀର ।

[ ବିଷାଦାକ୍ରାନ୍ତ ]

ନେପଥ୍ୟେ—ହେ ! ଇକ୍ଷ୍ୱାକୁକୁଳଜ ହୋଇଥିବା କୁଶଳବଙ୍କରେ କିଏ ଏଠାରେ ?

ଉଭୟ—( ଶୁଣି ) ଆମ୍ଭେ ଦୁହେଁ ମଧ୍ୟ ଏଠାରେ ଅଛୁଁ ।

ନେପଥ୍ୟେ—ଏ କଅଣ ? ନିଯୋଗକୁ ଏତେବେଳ ଯାଏ ଉପେକ୍ଷା କରୁଅଛ ?

ପୁରାଣପୁରୁଷ—ଧୀର—ରଥୀଶଙ୍କ
ମନୋଜ୍ଞ ଚରିତବର
ବିରଚିଲେ ଦିବ୍ୟ କାବ୍ୟ ସ୍ୱରୂପରେ
ବାଲ୍ମୀକି ଋଷି ପ୍ରବର ।
ତାକୁ ରଘୁପତି ଶ୍ରୁତିରଥ୍ୟାତିଥି ,
କର ବିନା ବିଳମ୍ବରେ
ମାଧ୍ୟାହ୍ନିକ ସ୍ନାନ କରିବାକୁ ହେବ
ବର୍ତ୍ତମାନ ସମୟରେ ।

ଉଭୟ—ମହାରାଜ, ଆମ୍ଭଙ୍କୁ ଉପାଧ୍ୟାୟଦୂତ ତ୍ୱରିତ କରୁଛନ୍ତି ।

ସ—କୁମାରେ, ମହାର୍ଥ ସଂବଧାସ୍ମି ସୁଜନନିଯୋଗ ମୋର ମଧ୍ୟ ସମ୍ଭାବନୀୟ ଚ ।

ଭବଭୂତିନାଥ ସୁପୁରାଣବକ୍ତା
ତୁମ୍ଭେ ହୁହେଁ ତ ଗାୟକ
ଧରାରେ ପ୍ରଥମେ ଅବତୀର୍ଣ୍ଣ ହୋଇ
ରଚେ ସେ କାବ୍ୟନାୟକ ।
ସୁରବରଚରିତ ଅତ୍ୟନ୍ତ ପ୍ରସ୍ତୁତ୍ୟ
ଏ ସବୁ କଣ୍ଟେ ଶ୍ରୋତାଙ୍କୁ
ସୁତମତ ଭର ପ୍ରଦାନ୍ତ କରବ
ଅପରିମିତ ମୁଦାଙ୍କୁ ।

ମିତ୍ର, ଏହା ମାନବସମାଜରେ ଶାରଦାବତାର, ଅପୂର୍ବ ଏବଂ ସର୍ବସୁହୃଜ୍ଜନ ସଂଶ୍ରବଣୀୟ ଚ, ମୁଁ ଶୁଣିବାକୁ ଇଚ୍ଛୁକ । ସଦସ୍ୟଙ୍କ ସନ୍ନିଧିକୁ ଅଣାଇବାକୁ ହେବ । ସୌମିତ୍ରିଙ୍କ ଡ଼ାକାଇବାକୁ ହେବ, ମୁଁ ମଧ୍ୟ ଏହାଙ୍କ ଚରଣସଂପର୍କଖେଦକୁ ପାଦବନ୍ଧରଣ ଜନ୍ମାଇ ପରିହରିବ ।

( ସର୍ବେ ନିଷ୍କ୍ରାନ୍ତ )

## ଷ ଷ୍ଠା ଙ୍କ

( କଞ୍ଚୁକୀର ପ୍ରବେଶ )

କଞ୍ଚୁ—( ସ୍ୱଗତ ) କୌଶିକ ମୁଖସଙ୍କ୍ରାନ୍ତ ମହାରାଜାଦେଶ ଲଭିଲି ମୁଁ ଏଠାରେ ଥିବା ପ୍ରଭୁଙ୍କୁ ବିଲୋକିବି । ( ଦେଖି ) ହେଇଟି ! ପ୍ରଭୁ ବିରାଜମାନ ।

ଅନୁସରନ୍ତେ ବିମଳଶୀଳ ତିନି ଜଣ
ଏ ବେଗେ ବିଜେ କରନ୍ତି ଧରଣୀରମଣ ।
ଯେପରି ଋଗ୍‌ଯଜୁଃସାମବେଦ ପରିଷ୍କୃତ
ସାକାର ଘୋଟକମେଧଯଜ୍ଞ ଉପଗତ ।

( କୁଶଲବାନୁଗମ୍ୟମାନ ରାମଚନ୍ଦ୍ର ଲକ୍ଷ୍ମଣସହିତରେ ଚାଲି ଚାଲି ପ୍ରବେଶ )

କଞ୍ଚୁ—( ନିକଟବର୍ତ୍ତୀ ହୋଇ ) ଜୟ ଜୟ ଆର୍ଯ୍ୟ; ହେଇଟି ! ଅସ୍ଥାନମଣ୍ଡପ ସଜ୍ଜିତ; ଏହି ଆସନ ।

( ସମସ୍ତଙ୍କର ଉପବେଶନ )

କଞ୍ଚୁ—ଦେବ; ହେଇଟି ଦେଖନ୍ତୁ । ଏମାନେ ରାଘବ; ଏମାନେ ପୌର-ଜାନପଦ; ଦେବଙ୍କୁ ସମ୍ମାନ କରନ୍ତି ।

ରା—( ଦେଖି ) ଆଉ ଏମାନେ କିଏ ? ପରଦାବଶୁଁ ଅଦୃଶ୍ୟ ।

କଞ୍ଚୁ—ଏ ନିକଟସ୍ଥ କୌଶଲ୍ୟାମୁଖମହାରାଜ୍ଞୀଏ
ଏ ତିନି ଜଣ ତୁମ୍ଭର ଭ୍ରାତାଙ୍କ ପତ୍ନୀଏ ।

ଲକ୍ଷ୍ମ—( କଞ୍ଚୁକୀକି ଉଦ୍ଦେଶି ) ଆର୍ଯ୍ୟ, ମହାରାଜ୍ଞୀମାନଙ୍କରେ କମ୍ବା ବଧୂମାନଙ୍କରେ ବୈଦେହୀ ପରିଗଣିତା ନୋହିଲେ ତ ।

ରା—( ଦୀର୍ଘେ ନିଶ୍ୱସି ) କଞ୍ଚୁକୀ, ତୁମ୍ଭେ ଯାଇ ନିଜ ସ୍ଥାନରେ ରହ ।

କଞ୍ଚୁ—ଯେ ଆଜ୍ଞା— ( ନିଷ୍କ୍ରାନ୍ତ )

ରା—( କୁମାରଙ୍କୁ ଉଦ୍ଦେଶି ) ପୂଜ୍ୟେ, ପ୍ରାରମ୍ଭ କର ।

ଭଦ୍ର— ପରେ ଦଶରଥ ନୃପତିବର
କୌଶଲ୍ୟାଙ୍କୁ କୈକେୟୀଙ୍କୁ ଆଉର ।
ସୁମିତ୍ରାଙ୍କୁ ବର ପତ୍ନୀ ରୂପରେ
ଗ୍ରହଣ କଲେ ଅତ୍ୟନ୍ତ ପ୍ରେମରେ ।

ରାମ ଏବଂ ଲକ୍ଷ୍ମଣ—( ଆନନ୍ଦରେ ) ମହାକବିତାତପାଦଙ୍କୁ ତ କଥାନାୟକ କଲେ ।

( ନମସ୍କାର କରି ଆସନରୁ ଓହ୍ଲାଇବା )

ଭଦ୍ର— ପ୍ରଥମେ କୌଶଲ୍ୟା ପାଇଲେ ରାମଙ୍କୁ,

ଲକ୍ଷ୍ମ— ( ନମସ୍କାର କରିବା, )

ଭଦ୍ର— ପରେ କୈକେୟୀ ପାଇଲେ ଭରତଙ୍କୁ ।
ଲକ୍ଷ୍ମଣ ଶତ୍ରୁଘ୍ନଙ୍କୁ ତଦନନ୍ତର,
ସୁମିତ୍ରା ପ୍ରସବ କଲେ ଏକ ଥର ।

ରା— ( ଲକ୍ଷ୍ମଣଙ୍କୁ ଆଲିଙ୍ଗିବା )

ଭଦ୍ର— ସୀତାଙ୍କୁ ରାମ ଊର୍ମିଳାଙ୍କୁ ଲକ୍ଷ୍ମଣ,
କୁଶଧ୍ୱଜଙ୍କ ସୁତାଦ୍ୱୟଙ୍କୁ ପୁଣି ।
ଭରତ ଶତ୍ରୁଘ୍ନ କଲେ ପରିଗ୍ରହ,
ପ୍ରାଦୁର୍ଭୂତ ପ୍ରବିମଳ ପ୍ରୀତି ସହ ।
ବାଲ୍ୟ ତାରୁଣ୍ୟ ମଧ୍ୟସ୍ଥିତ ସମୟେ
ଷଡ଼ଙ୍ଗ ବସୁନ୍ଧରାଧିପନନ୍ଦନୟେ ।
ଜାୟାଙ୍କଠାରେ ନବୋତ୍କଣ୍ଠା ବହନ୍ତେ,
ମନୋବିକାରଙ୍କୁ ଲଭିଲେ ଅତ୍ୟନ୍ତେ ।

ଲକ୍ଷ୍ମ— ଅହୋ ! ରମଣୀୟ, ରମଣୀୟ !

ରା— କାଳାତିପାତ ଅନୁଚିତ, ଗାନ କର ।
କରିବଣ୍ଟି ପୂଜ୍ୟପାଦ ତାତଙ୍କ ମସ୍ତକ,
ପଳିତ ହେଲା ଆମ୍ଭେ କାକପକ୍ଷ ଶୀର୍ଷକ ।
ତେଣୁବେ ସାକେତୋପବନ ବାଟପିକକର,
ଜାନୁଦଘ୍ନବାବଶରୁ ମନୋହରତର ।

ଭର— ରାମଚନ୍ଦ୍ରଙ୍କ ଅଭିଷେକ ନିମନ୍ତେ,
ସମସ୍ତ ସମ୍ଭାର ପ୍ରସ୍ତୁତ ହୁଅନ୍ତେ ।
ମାତୁଳ ଦର୍ଶନେ ହୋଇ ଉତ୍କଣ୍ଠିତ,
ମାତାମହପୁରକୁ ଯାନ୍ତେ ଭରତ ।

ରା—(ସ୍ୱଗତ) ନଷ୍ଟପ୍ରାୟ; ଏଣିକି ମଧ୍ୟମାସ୍ୱାଦିତା ହେବେ । (ପ୍ରକାଶ୍ୟେ) ଯେ କଥାଭାଗକୁ ଛାଡ଼ିଅଇଁ, ସୀତାପହରଣକୁ ପ୍ରାରମ୍ଭି ଗାନ କର ।

ଭର— ସୂର୍ପଣଖା ମୁଖରୁ ଜାନକୀଙ୍କର,
ମନୋହରତ୍ୱକୁ ଶୁଣି ଦଶଶିର ।
ହରଣ କଲା ତାଙ୍କ ଗାତ୍ରକୁ ମାତ୍ର,
ହରଣୀୟ ନୁହେ ତ ତାଙ୍କ ଚରିତ୍ର ।

ଲକ୍ଷ୍ମ— (ରାମଙ୍କୁ ଦେଖିବା)

ଭର— ତାହା ପରେ ରାମ ସାଗରେ ସେତୁକୁ,
ନିର୍ମାଣ କରି ସଂହରି ରାବଣକୁ,
ବୈଦେହୀସହିତେ ଅତି କୁତୂହଳେ
ପ୍ରବେଶି ଅଯୋଧ୍ୟାପୁରକୁ ମଣ୍ଡିଲେ ।

ରା—ଅହୋ ! ସଂକ୍ଷେପ !

ଭର— ରାଜ୍ୟଶାସନଭାର କରି ଧାରଣ
ରାମ ଜନାପବାଦ କରି ଶ୍ରବଣ ।
"ସୀତାଙ୍କୁ କାନନେ ଛାଡ଼ିଆସ" ବୋଲି
ଲକ୍ଷ୍ମଣଙ୍କୁ ରହସ୍ୟେ କହିଲେ ଭାଳି ।

ରାମାଦେଶ ମାନି ଅଚିରେ ଲୋତକ—
ସଙ୍କୁଳମୁଖାମ୍ବୁଜାଙ୍କୁ
ଅନାଥାଙ୍କୁ ଶୋକଭରିତାଙ୍କୁ ଗର୍ଭେ
ରୂଢ଼ ସନ୍ତତିଧରାଙ୍କୁ ।

ପୁତ୍ରାଙ୍କୁ ସୀତାଙ୍କୁ ଭୟଙ୍କର କ୍ରୂର
ମୃଗଗଣବାସ-ନିର୍ଜନ
ଘୋର କାନନରେ ବିସର୍ଜନ କରି
ବାହୁଡ଼ିଗଲେ ଲକ୍ଷ୍ମଣ ।

ଲକ୍ଷ୍ମ—ଆହା ! ଲକ୍ଷ୍ମଣ ଅପକୀର୍ତ୍ତିଭାଗୀ ହେଲେ ସିନା !

ରା—ଭାଇ, ତୁମ୍ଭ ଦୋଷ କିସ ଅଛି ? ଏସବୁ ରାମର ପରାକ୍ରମ ରୂପେ ଗୃହୀତ ହେବ ତ ! ତପୁରେ ?

ଭର୍—ଆମ୍ଭ ଗୀତ ସମାପ୍ତ ।

ରା—( ଉଦ୍‌ବେଗରେ ) ସୌମିତ୍ର, କଷ୍ଟପ୍ରାପ୍ତ ହେଲେ ସିନା ।

ମରଣ ସମ୍ପ୍ରାପ୍ତା ସୀତା ଜୀବନରେ,
ବିସର୍ଜିତା ହେଲେ ଘୋର କାନନରେ ।
ଅପ୍ରତ୍ୟାଖ୍ୟାନ ଭ୍ରାତରୁ ତାହାପର,
କଥାକୁ ରଚିଲେ ନାହିଁ କବିବର ।

କୁ—( ପଛକୁ ବୁଲି ) ଭାଇ, ଏ ମହାତ୍ମାଗେ ସୀତାବୃତ୍ତାନ୍ତ ବର୍ଣ୍ଣ ଅତ୍ୟନ୍ତ ବିଷାଦ ପାଉଅଛନ୍ତି । ଅତଏବ ପଚ୍ଚାରିବି । ( ଲକ୍ଷ୍ମଣଙ୍କୁ ଉଦ୍ଦେଶି ) ତୁମ୍ଭେ ରାମାୟଣ କଥାନାୟକ ହେବା ରାମଲକ୍ଷ୍ମଣ କି ?

ଲକ୍ଷ୍ମ—ଦୁଃଖଭାଗୀ ହେବା ଆମ୍ଭେ ସେହି ବେନି ମାନ୍ଦ ।

କୁ—ସୀତା ତୁମ୍ଭଦ୍ୱାରା ନୀତା କି ?

ଲକ୍ଷ୍ମ—( ଲଜ୍ଜାଭରେ ) ହତଭାଗା ହେବା ମୋ ଦ୍ୱାରା ମାନ୍ଦ ।

କୁ—ସୀତା ରାମଙ୍କ ଧର୍ମପତ୍ନୀ କି ?

ଲକ୍ଷ୍ମ—ଆଉ କଅଣ ?

କୁ—ସୀତାବୃତ୍ତାନ୍ତ କିମ୍ବା ତଦ୍‌ଗର୍ଭବୃତ୍ତାନ୍ତ ତୁମ୍ଭେ ଅବଗତ କି ?

ଲକ୍ଷ୍ମ—ଏବେ ତୁମ୍ଭ ଗୀତବର୍ଣ୍ଣ ବିଦିତ ।

ରା—( ସ୍ୱଗତ ) ଅତଃପର ପୁଣି କି ହେଲେ ମଙ୍ଗଳ କଥିତ ହେବ କି ? [ ଭାବି ] ଏହାଙ୍କୁ ଏପରି ପଚ୍ଚାରିବି । ( ପ୍ରକାଶ୍ୟେ ) ସୁତେଜ୍ୟ, ଏ ଅବସ୍ଥା ତୁମ୍ଭ ଆଗମନର ନା ଗ୍ରନ୍ଥ ସନ୍ଦର୍ଭର ?

କୁ—ଅମ୍ଭର ଅଗୋଚର ।

ରା—ବର୍ଣ୍ଣଙ୍କୁ ପଚାରିବାକୁ ହେବ । ଲକ୍ଷ୍ମଣ, କଣ୍ୱଙ୍କୁ ଡାକ ।

ଲକ୍ଷ୍ମ—[ ନିଷ୍କ୍ରମି କଣ୍ୱ ସହିତରେ ପ୍ରବେଶିବା ]

କଣ୍ୱ—( ଦେଖି ସ୍ୱଗତ )

ସନ୍ନିଧିସଂସ୍ଥିତ ଜନକଜାସୁତ
ଦ୍ୱୟରେ ହୋଇ ସେବିତ
ଜନନୟନାଭିରାମ ପୂର୍ଣ୍ଣକାମ—
ଶ୍ରୀରାମ ଅଦ୍ୟ ଶୋଭିତ ।
ଯେପରି ଉଜ୍ଜ୍ୱଳ ପୁଷ୍ୟ ପୁନର୍ବସୁ
ତାର ଯୁଗ ମଧ୍ୟସ୍ଥିତ
ପୂର୍ଣ୍ଣ ସୁଧାକର ମାନବଲୋଚନ
ରଞ୍ଜନ କରି ରାଜିତ ।

ଲକ୍ଷ୍ମ—ଆର୍ଯ୍ୟ, ହେଉଛି ! କଣ୍ୱ ଆସିଲେ ।

ରା— ନମସ୍କାର କରି ଏ ଆସନ, ବସ ।

କ—ବସି, ରାମାୟଣ ଶ୍ରବଣକୌତୁକ ଥିଲେ, କୁଶଲବଙ୍କ ଦ୍ୱାରା କେତେ ଯାଏ କଥିତ ହେଲା ତାହା କହ ।

ଲକ୍ଷ୍ମ—( "ପୂତାଙ୍କୁ ସୀତାଙ୍କୁ ଭୟଙ୍କର କ୍ରୂର ମୃଗନିବାସ ନିର୍ଜନ ଘୋର କାନନରେ ବିସର୍ଜନ କରି ବାହୁଡ଼ିଗଲା ଲକ୍ଷ୍ମଣ ।" ବୋଲି ପଢି ) ଏ ପର୍ଯ୍ୟନ୍ତ କୁଶଲବଙ୍କ ଗାନ ।

କ—ତାହା ପରେ ଶୁଣ ।

ସୀ—( ସ୍ୱଗତ ) ଗତ କଅଣ ? ବାଧ୍ୟ ହୋଇ ଶୁଣିବାକୁ ହେବ ।

କୁଶ ଏବଂ ଲବ—( ସ୍ୱଗତ ) ଏ ଥର ଭାର୍ଯ୍ୟାଙ୍କ ମଙ୍ଗଳ ଗାଇବେ ।

କ— ନିଜ ଶିଷ୍ୟଙ୍କଠାରୁ ବୃତ୍ତାନ୍ତ ଶୁଣି,
ତଟରେ ଯାଇ ପ୍ରବୋଧି ବାଲ୍ମୀକି ମୁନି ।
ଜନକନନ୍ଦନୀଙ୍କୁ ଘେନି ସଙ୍ଗରେ,
ପ୍ରବେଶିଲେ ଅପଣା ତପୋବନନ୍ତରେ ।

ରା—ଭଗବାନଙ୍କଦ୍ୱାରା ରାଘବକୁଳ ଅନୁଗୃହୀତ, ମହର୍ଷିଙ୍କଦ୍ୱାରା ମୁଁ ଉପକୃତ !

କୁଶ ଏବଂ ଲବ—ଭାଗ୍ୟ ! ରାମଭାର୍ଯ୍ୟାଙ୍କର କୁଶଳ ।

ସର୍ବେ—[ ହର୍ଷଯୁକ୍ତ ]

କୁ—ଭାଇ—ଲବ, ବାଲ୍ମୀକି ତପୋବନରେ ସୀତା କିଏ ?

ଲ—ଆର୍ଯ୍ୟ, କେହି ନାହାନ୍ତି । "ସୀତା—ସୀତା" ବୋଲିବା ବର୍ଣ୍ଣଦ୍ୱୟ କେବଳ ଗୀତିକାବ୍ୟବନ୍ଧନ ମାତ୍ର ।

ରା—ତାହା ପରେ ?

ଭ— ତଦନନ୍ତର ମାସ ଦୁଇଅନ୍ତେ ଭରି,
ସୂର୍ଯ୍ୟ ସୁଧାକରଙ୍କ ଗଗନ ପରି,
ତେଜୋମୟ ଯାମଳସୁତଙ୍କୁ ଭଲେ,
ସୀତା ଶୁଭମୁହୂର୍ତ୍ତରେ ପ୍ରସବିଲେ ।

ଲକ୍ଷ୍ମ—ଆର୍ଯ୍ୟ ଜୟ ! ଭାଗ୍ୟବଶୁଁ ରାଘବକୁଳ ବର୍ଦ୍ଧିତ ହେଉ ।

କୁଶ ଏବଂ ଲବ—ପୁତ୍ର ଜନନବଶୁଁ ମହାରାଜ ସର୍ବୋତ୍କୃଷ୍ଟ ।

ରା—( ସ୍ୱଗତ ) ଏ କୁଶଲବ ମାତ୍ର ପରି !

—ଶ୍ଳୋ—

ଭ— ଜାତ କର୍ମକୁ ବାଲ୍ମୀକି କରି ସକ୍ରମରେ କୁଶ,
ଲବ ବୋଲି ମୁଦେ ନାମ ଦେଲେ ସେ ଶିଶୁ ଯୁଗକୁ ।

ରା—ଅହୋ ! ଏ ଦୁହେଁ ସୀତା-ସୁତ ! ହା ପୁତ୍ର କୁଶ ! ହା ପୁତ୍ର ଲବ !

ଲକ୍ଷ୍ମ—ଏ ଯୁଗଳ ଦେବୀସମ୍ଭବ ହେବା ଆର୍ଯ୍ୟଙ୍କ ଅମୃହାନ୍ତି ।

କୁଶ ଏବଂ ଲବ—କିଅଣ ! ଏ ମାତ୍ର ସେ ? ହା ! ତାତ, ରକ୍ଷା କରନ୍ତୁ

( ପରସ୍ପର ଆଲିଙ୍ଗି ରାମ, ଲକ୍ଷ୍ମଣ, କୁଶ ଏବଂ ଲବ ମୂର୍ଚ୍ଛିତ )

ଭ—( ବିଷାଦରେ ସ୍ୱଗତ ) ଏ କିଅଣ ? କଷ୍ଟ ଅପାଦିତ ହେଲା ତ ।



ରାମ, ଲକ୍ଷ୍ମଣ, କୁଶ, ଲବ,—ଯୁଦ୍ଧର ପରିଶେଷେ ଚାରି
ମୂର୍ଚ୍ଛିତ, ବାଲ୍ମୀକି ଓ ସୀତାଙ୍କର ଜଳ ସେଚନ
ଦ୍ୱାରା ସଚେତ କରିବା ।

ମନ୍ଦଭାଗ୍ୟ ହୁତ ମୁଁ ଏକା
କଥା ଗାଇ ଶୁଭିବେ
ଏ ଗୃହ ରଘୁବୀରଙ୍କୁ ଭୁ—
ଶାସ୍ତି ଭଲ ବ୍ୟର୍ଥରେ ।

( ନିରୂପି ) ଭାଗ୍ୟ, ନିଶ୍ୱାସ ବହୁଅଛି । ଏ ବୃତ୍ତାନ୍ତ ଦେବୀଙ୍କୁ ଏବଂ ଭଗବାନଙ୍କୁ ନିବେଦିବ । ( ନିଷ୍କ୍ରାନ୍ତ )

( ବାଲ୍ମୀକି ଏବଂ ସସମ୍ଭ୍ରମା ସୀତାଙ୍କର ପ୍ରବେଶ )

ବାଲ୍ମୀ—ବତ୍ସା, ତ୍ୱରିତା ହୁଅ; ବିଲମ୍ବ କର ନା । ଅପ୍ରତିକ୍ରିୟମାଣା ହୋଇ ଏ ମୁର୍ଚ୍ଛାମରଣ ରୂପରେ ପରିଣତା ହୋଇପାରେ ।

ସୀତା—ତାତ, କହ-କହ । ବତ୍ସେ ନିଶ୍ଚେ ଜୀବିତ କି ?

ବାଲ୍ମୀ—ବତ୍ସା, ଶାନ୍ତା ହୁଅ । ବତ୍ସେ ଜୀବିଁ ଅଛନ୍ତି । ଏ ଉଚ୍ଛ୍ୱସିତଙ୍କୁ ଦେଖୁ ନାହୁଁ କି ?

ସୀତା—ତାତ, ମୋତେ ଦୃଢ଼ ପ୍ରତ୍ୟୟ ଜନ୍ମାଇଲ ।

ବାଲ୍ମୀ—( ଅନ୍ୱେଷଣ କରି )

ମନ ଦୃଢ଼ କରି ଆଖି ମେଲି ଏବେ
ପୁତ୍ରି ଦେଖ ସତର୍କରେ
ଅଗୋ ସୀତା ତୋର ଚରିତ ନାମକ
ଘନ ଜଳସ୍ଥାନିଳରେ ।
ଜନନୀତପାଦ ରଘୁକୁଳାରାମ
ହୋଇ ସମୂଳୋତ୍ପାଟିତ,
ବିକଟ ଦୁର୍ବିଧି ପରିଣାମ ବହ୍ନି
ଧରଣୀରେ ନିପତିତ ।

ସୀ:—( ସଲଜ୍ଜା ହୋଇ ) ତାତ, ମୋତେ ଅପୂର୍ବ ଦର୍ଶନାଦେଶ ଦେଇ ନାହାନ୍ତି ତ ।

ରା—( ଅବଷ୍ଟମ୍ଭରେ ) ବତ୍ସା, ମୁଁ ଆଉଥରେ ଆଜ କାଏ ଆଦେଶିବ କିମ୍ବା ନିଷେଧିବ ? ଚାଲ, ବାଲ୍ମୀକି ମୁହିଁ ତ ତଦ୍ଦର୍ଶନ ନିମିତ୍ତ ତୋତେ ଅଭ୍ୟନୁଜ୍ଞା ଦେଲି । ନାଃଶଙ୍କରେ ତୋ ପତିଙ୍କ ନିକଟକୁ ଯାଅ ।

ସୀ—( ପାଖକୁ ଯାଇ ଦେଖି ) ଆହା ! ଏପରି ଘଟିଲା କିସ ? ମୁଁ ସବଆ ହତଭାଗା ହେଲା ହେଲି । ( ଭୂମିରେ ପଡ଼ି କାନ୍ଦିବା )

ବାଲ୍ମୀ—ବତ୍ସା, ଉଠ ଉଠ; ଶୋକ ସମ୍ବରଣ କର । ମୁଁ ରାମଲକ୍ଷ୍ମଣଙ୍କୁ ସଚେତ କରିବି । ବତ୍ସ—ରାମ, ବତ୍ସ—ଲକ୍ଷ୍ମଣ, ସାନ୍ତ୍ୱନା ଲଭ; ସାନ୍ତ୍ୱନା ଲଭ ।

ସୀ—ବତ୍ସ—କୁଶ, ବତ୍ସ—ଲବ, ଚେତ ଚେତ । ( ପାଣି ଛୁଇଁବା )

ରା—( ଚେତ ) ଆର୍ଯ୍ୟ-ଇଣ୍ଡ୍ର, ସୀତା ଜୀବିତା କି ?

ବାଲ୍ମୀ—ତୁମ୍ଭ ପୁରତେ ତ ଅଛି ।

ରା—ଅହୋ ! ଭଗବାନ ବିଜେ କଲେ ତ ! ( ସଲଜ୍ଜ )

ବାଲ୍ମୀ—ବତ୍ସ, ଲଜ୍ଜା ଅନୁଚିତ । କଲଙ୍କ ସମ୍ବନ୍ଧେ ସିନା ତୁମ୍ଭ କରୁଣା ।

ଲକ୍ଷ୍ମ—( ସୁସ୍ଥ ହୋଇ ) ଆର୍ଯ୍ୟ ଚେତଲେ କି ?

ରା—ଭାଇ, ମୁଁ ହତଭାଗା ଚେତିଲି ।

କୁଶ ଏବଂ ଲବ }—( ଚେତ ) ହା ! ତାତ, ରକ୍ଷାକର ।

( ରାମ ପାଦେ ଲୋଟି କାନ୍ଦିବା )

ରାମ ଏବଂ ଲକ୍ଷ୍ମଣ }—( କୁଶଲବଙ୍କୁ ଆଲିଙ୍ଗି ପ୍ରବୋଧୋକ୍ତିରେ )

କୁମାରେ, ଆବେଗ ଅନୁଚିତ ।

ବାଲ୍ମୀ—ହା ! ତାତ ଦର୍ଶନ ଦୁର୍ଲଭ ଲତେ, କାହା ପାଇଁ କେଉଁଠାରେ କାନ୍ଦୁଅଛ, ଲୁହ ପୋଛ ।

କୁଶ ଏବଂ ଲବ }—( ଲୁହ ପୋଛି ରାମଙ୍କୁ ଦେଖୁଥିବା )

ସୀ—( ପଛକୁ ଚାଲି ) ତୁମ୍ଭେ କେଜା ଅନାଉଥିବା ଏ ଜନ କାଏ ?

ରା—( ସ୍ୱଗତ ) ଅହୋ ! କଅଣ ! ଏ ବୈଦେହୀଙ୍କ ଔଦାସୀନ୍ୟ । ମୋ ସନ୍ନିଧାନ ଚିରକାଳ ସମ୍ପ୍ରାପ୍ତ ହେଲେହେଁ କେବଳ ମୁଖବିକାଶରେ ମଧ୍ୟ ସମ୍ମାନ କରନ୍ତି ନାହିଁ ।

ବାଲ୍ମୀ—( କୋପଭରେ ) ହେ ଭୂପ, ଧୃତସୌହାର୍ଦ୍ଦ, ମହାକୁଳୀନ, ସମୀକ୍ଷକାରି, ଜନକଚକ୍ରବର୍ତ୍ତୀପ୍ରତିପାଦିତା, ଦଶରଥ ମହାରାଜପ୍ରତିଗୃହୀତା, ଅରୁନ୍ଧତୀକୃତମଙ୍ଗଳା—ବାଲ୍ମୀକି ବସ୍ତୁଭୂରଦା, ବୈଶ୍ୱାନରସ୍ୱୀକୃତ ବିଶୁଦ୍ଧି, କୁଶଲବ ଜନନୀ, ବିଶ୍ୱମ୍ଭରା ଭଗବତୀ ଦୁହିତା—ଏପରି ସୀତାଙ୍କୁ ସ୍ୱୀୟ ମହିଷୀଙ୍କୁ ଜନାପବାଦ ମାତ୍ର ଶ୍ରବଣରେ ନିରାକରଣ କଲ; ତୁମ୍ଭର ଏ କୃତ୍ୟ ଉଚିତ କି ?

ରା—( ବୈକ୍ଲବ୍ୟ ଲଭିବା )

ବାଲ୍ମୀ—ଲକ୍ଷ୍ମଣ, ଏହା ସମୁଚିତ କି ? ତୁମ୍ଭଙ୍କୁ ନିନ୍ଦିବା ଅନୁଚିତ । ତୁମ୍ଭେ ତ ନିଯୋଜ୍ୟ ଏବଂ କନୀୟ । ( ରାମଙ୍କୁ ଉଦ୍ଦେଶି ) ଭୂପ, ଦଶଗ୍ରୀବବୀରବଧାବସାନରେ ସୀତାପରିଗ୍ରହ ସମ୍ବନ୍ଧେ କେଉଁ ଦେବ ପ୍ରମାଣରେ ସାକ୍ଷ୍ୟ ଦେଲେ ?

ରା—ଭଗବାନ—ବୈଶ୍ୱାନର ।

ବାଲ୍ମୀ—ତାହାହେଲେ ଅବିଶ୍ୱାସର କାରଣ କଅଣ ?

ସୀ—(ସ୍ୱଗତ) ଅ ହା ହା ! ହତଭାଗିନୀ ହେଲି ମୋ ନିମିତ୍ତ ଆର୍ଯ୍ୟପୁତ୍ର ଏଭଳି ଭର୍ତ୍ସିତ ହିନା ! ( ବେନି କରେ ବେନି କର୍ଣ୍ଣ ବୁଜିବା )

ବାଲ୍ମୀ—କୁଶ ଲବଙ୍କର ମାତାର ଶୁଦ୍ଧିର
ସାକ୍ଷୀ ହେଲେ ତ ପାବକ,
ପ୍ରାକୃତ ଜନଙ୍କ ନିନ୍ଦାକୁ କାହିଁକି
ତୁମ୍ଭ ମାନସରେ ଦକ ।

ରା—( ସ୍ୱଭରେ ମୁନିଙ୍କି ଅଳପ ଛୁଇଁବା )

ବାଲ୍ମୀ—ଭୂପ, କାର ହସ୍ତରେ ମୋତେ ପେଲ କାହିଁକି ?

ଅନୁକୃତ ସରଳ ପ୍ରାକୃତ ଜନ-ହୃଦେ,
ଅନୁରାଗ ଅଛେ କରିଥାଏ ନିରିପଦେ ।

ନୃପ ହୃଦୟ ଅହଲ୍ୟ ଭୂମି ଅଟଇ ତ,
ତହିଁ ଅନୁରାଗ ହୋଇ ପାରବ କି ସ୍ଥିତ ।
ଯେ ପ୍ରକାରେ ରାଶି ଗଛ କେବଳ ପୁଳିନ,
ସ୍ଥଳରେ ରହିପାରେ ନାହିଁ ପାଇ ଜନନ ।

ବତ୍ସ, ଏ ଧର୍ଷଣ କାହିଁକି ? କୁଶଳବଙ୍କୁ ଗ୍ରହଣ କର; ଅମ୍ଭେ ନିଜାଶ୍ରମପଦକୁ ଗମିବୁଁ । [ ଚାଲିବା ]

ରାମ ଏବଂ ଲକ୍ଷ୍ମଣ } ପ୍ରସନ୍ନ ହୁଅ, ଦୟା କର ।

ବାଲ୍ମୀ—( ଫେରି ) ବୈଦେହୀ, ତପୋବନଗତଙ୍କର ମଧ୍ୟ ଦଣ୍ଡକୁ ଏ ଆଦେଶନ୍ତି । ଅତଏବ ନିଜକୁ ପରିଶୋଧ ।

ସୀ—ମୁଁ କି ପରିଶୋଧ କରିବି ?

ବାଲ୍ମୀ—ନିଷ୍ପାପା ହେବା ଭଲ ।

ସୀତା—( ଲଜ୍ଜାଭରେ ) ମୁଁ ହତଭାଗିନୀ ଜନମଧ୍ୟଗତା ହୋଇ "ବିଦେହ-ରାଜସୁତା ଅଭିନ୍ନଚାରିଣୀ" ବୋଲି ଭାଷିବି ।

ବାଲ୍ମୀ—ବିକାରାନୁରୂପ ପ୍ରତିକାର ବୋଲି ଘୋଷଣା କର ।

ସୀତା—ଗୁରୁନିୟୋଗ ପ୍ରାଭବବନ୍ତ । ( କର ଯୋଡ଼ି ଦିଗାବଳୀକି ଦେଖି ) ଅହେ ଲୋକପାଳମାନେ, ଗଗନ ମଧ୍ୟ ଚାରି ଗନ୍ଧର୍ବ ସିଦ୍ଧ ବିଦ୍ୟାଧର ଦେବତାମାନେ, ପ୍ରଭାବ ପ୍ରତ୍ୟକ୍ଷୀକୃତସର୍ବଲୋକ ରହସ୍ୟ ହେବା ବାଲ୍ମୀକି ବଶିଷ୍ଠ ବିଶ୍ୱାମିତ୍ରପ୍ରମୁଖ ମହର୍ଷିମାନେ, ସକଳ ଲୋକଶୁଭାଶୁଭ-କର୍ମ ସାକ୍ଷୀ—ରାଘବକୁଳ ପିତାମହ—ସୂର୍ଯ୍ୟ ଭଗବାନ, ଚାରିତ୍ରଶୁଦ୍ଧି-ନିମିତ୍ତ ଅନ୍ୟ ପରିହରି ସୀତା ଏପରି ସତ୍ୟପ୍ରମାଣ କରୁଅଛି । ତୁମ୍ଭେ-ମାନେ ସମସ୍ତେ ଶୁଣ ।

ବାଲ୍ମୀ—ମହାପ୍ରଭାବାଲୌକିକସୀତାମାହାତ୍ମ୍ୟସମ୍ଭୂତାଶ୍ଚର୍ଯ୍ୟକୁ ତୁମ୍ଭେ ସର୍ବେ ବିଲୋକ ।

ସର୍ବେ—( ବିସ୍ମୟରେ ) ଆଶ୍ଚର୍ଯ୍ୟ—ଆଶ୍ଚର୍ଯ୍ୟ, ହେଉଛି ! ଦେବୀ ବଚନାନନ୍ତର ସ୍ଥାବରଜଙ୍ଗମପ୍ରପଞ୍ଚ ସମସ୍ତ ନିଃଶବ୍ଦ, ପ୍ରଶାନ୍ତ ଏବଂ ନିବୃତ୍ତ ସର୍ବାରମ୍ଭ ହୋଇ ଦତ୍ତାବଧାନରେ ଅଛି ।

ତରଙ୍ଗ ଚଳନ ବିନା ଶାନ୍ତ ଅବ୍ଧି ଗଣ,
ନିଶ୍ଚଳ ହେଲା ଗଗନେ ଚଞ୍ଚଳ ପବନ ।
କାନ ନ ଗୁଞ୍ଜେ ସ୍ଥଗିତ ଏଠାର ବାରଣେ,
ସବୁ ଲୋକେ ସତର୍କ ସୀତା-ବାକ୍ୟ ଶ୍ରବଣେ ।

ସୀ——( ରାମଙ୍କୁ ନିରୂପି ) ସକଳ ଲୋକ ମହାର୍ଥପ୍ରତ୍ୟୟାପୂରିତ ଗୁରୁଶାସନଙ୍କୁ, ଉନ୍ମୂଳିତମହାମହୀଧରସହସ୍ରବିରଚିତ ସେତୁବନ୍ଧ ବିଭକ୍ତମହାସମୁଦ୍ରଙ୍କୁ, ସୁରାସୁରଭୁବନୈକଧନୁର୍ଦ୍ଧରଙ୍କୁ, ରାଘବକୁଳ-ନନ୍ଦନଙ୍କୁ, ତୁମ୍ଭଙ୍କୁ ବିନା ଅନ୍ୟଙ୍କୁ କାହାକୁ ହେଲେ ପତିବ୍ରତା ବିରୁଦ୍ଧ ଭାବରେ ମୁଁ ଆଖିରେ ଦେଖି କିମ୍ବା ମୁଖରେ ଭାଷି ଅଥବା ହୃଦୟରେ ଚିନ୍ତି ନ ଥିଲେ, ଏ ମୋ ସତ୍ୟବଚନରେ ନିଖିଳଲୋକପ୍ରତ୍ୟକ୍ଷ ଦୃଶ୍ୟମାନଦିବ୍ୟରୂପଧାରିଣୀ ହୋଇ ମହାପ୍ରଭାବବତୀ, ଭଗବତୀ-ଧାରିଣୀ ଦେବୀ ମୋର ଶଉଚ୍ଚକୁ ଲୋକଙ୍କୁ ପ୍ରକଟନ୍ତୁ ।

ସବେ——( ସସମ୍ଭ୍ରମ )

ବାଲ୍——ଏ କଅଣ ! ଅବ୍ୟକ୍ତ ଭୀଷଣ ହୋଇ ଲୋକର ରସାନ୍ତର ଆବିର୍ଭୂତ ।

ପାତାଳୋଦରରେ ଗୁଞ୍ଜି ବିଳଦ୍ୱାର
ପୂର୍ଣ୍ଣ ନାଦ ଜାତ ମୋଟେ,
ଗୁରୁଦ୍ୱାରେ ଗବପ୍ରକର ଗଡ଼ଇ
ଯେହ୍ନେ ପଦ୍ମ ପାତେ ଲୋଟେ !
ନଦୀସାଗରଜଳ ବଢ଼ି ବେଳାତତ
ନିଜନୀରପ୍ରବାହରେ,
ପ୍ରଶାରକାନନନିଚୟକୁ ମଗ୍ନ
କରଇ ଜାତ ପ୍ରେମରେ ।

ସୀତା, ତୋତେ ଉଦ୍ଦେଶି ଲକ୍ଷ୍ମଣଭ୍ରାତ ପାଦଭୂର୍ତ୍ତ । ସତ୍ୟ ପ୍ରମାଣ ପୁଣ କର ।

( ସୀ——ସକଳଲୋକମହାର୍ଥେତ୍ୟାଦାଙ୍କ ପୁଣି ବୋଲିବା । )

ନେପଥ୍ୟେ—ଗୋରୁଙ୍କର ସ୍ୱସ୍ତି, ବ୍ରାହ୍ମଣଙ୍କର ସ୍ୱସ୍ତି, ରଘୁକୁଳର ସ୍ୱସ୍ତି ।

ସୀତା ସତ୍ୟବଚନେ ଅକ୍ଳିଷ୍ଟା କାଅଁକୃତ,
ସାଗର-ଧରା ସ୍ଥାବରରୂପକୁ ତୁରିତ ।
ତେଜ ଦ୍ରବ୍ୟ କାନ୍ତାକୃତି ଧରି ପାତାଳକୁ,
ବରଜି ଜନେ ଦେଖନ୍ତେ ଅଗତା ମଞ୍ଚକୁ ।

ସର୍ବେ—( ଶୁଣି ଶମ୍ଭୁସ୍ୱୟଂକାନ୍ତ )

ବାଲ୍ମୀ—ଏ କଅଣ ? ଏ ଅଶ୍ଚର୍ଯପରମ୍ପରାବୃତ୍ତ ଅଦୃଷ୍ଟପୂର୍ବ ଏବଂ ଅଶ୍ରୁତପୂର୍ବ ହୋଇଅଛି ।

ହେଇଟି ! ଦ୍ରବେ ପାତାଳପୂରୁଁ ମହାତେଜ,
ପୁଣି ଚହଟେ ନଳିନମାଲ୍ୟବାସ ହେଜ ।
ଦେଖ ଭୂଦେବୀ ଅଗତା ତାଙ୍କୁ ରାମ ନମ,
ଲକ୍ଷ୍ମଣ ପ୍ରଣମ; କୁଶଲବ ବାଞ୍ଛ ସୁମ ।

ରାମାଦ୍ୟ—( ଯଥୋକ୍ତବିଧରେ ଆଚରିବା )

( ପାତାଳୋଦ୍ଭେଦ କରି ପୃଥିବୀଦେବୀର ପ୍ରବେଶ )

ସର୍ବେ—( କୃତାଞ୍ଜଳି ହୋଇ )

ଦେବୀ, ତୁମ୍ଭେ ଧରିଛ ସର୍ବଚରାଚରଙ୍କୁ,
ଶେଷ ନିଜ ମସ୍ତକରେ ଧରଇ ତୁମ୍ଭଙ୍କୁ ।
ତୁମ୍ଭଙ୍କୁ ଗୋରୂପିଣୀ କରି ସର୍ବ ସୁପର୍ବେ,
ଅଭିମତ ଦ୍ରବ୍ୟଚୟ ଦୁହିଁଲେ ତ ପୂର୍ବେ ।
ଧରାଦେବୀ, ହିମ୍ୟରଜତଧର,
ଅଟନ୍ତି ତୁମ୍ଭର ଉରୁପୟୋଧର ।
ପୂତା ଜାହ୍ନବୀ ଉରଦାମ ହାର,
ରତ୍ନମେଖଳା ଅଟେ ପାରାବାର ।
ଯଜ୍ଞ ପରିକରଚୟ ଜନ୍ମ ପାଇଁ,
ବର୍ଷା ଦ୍ରଅନ୍ତି ତୁମ୍ଭଙ୍କୁ ଶଚୀସାଇଁ ।

ଔଷଧିମାନଙ୍କର ଜନ୍ମବସୁଧର,
ଜନନୀ ଅଟ ଦେବୀ, ତୁମ୍ଭେ ସଭଙ୍କର ।

ଭଗବତୀ—ବିଶ୍ୱମ୍ଭରା, ତୁମ୍ଭଙ୍କୁ ନମସ୍କାର । ( ନମିବା )

ପୃଥି—( ଚତୁର୍ଦ୍ଦିଗେ ଦେଖି ସ୍ୱଗତ ) ଅହୋ ! ପତିନିବୃତ୍ତା—ପତିବ୍ରତା ଶାସନ ଅନତିକ୍ରମଣୀୟ ସିନା !

ଯହିଁ ନାହିଁ ଦ୍ୟାବା ପୃଥିବୀ
ପୂର୍ତ୍ତିତପନଙ୍କର,
ଯେଉଁ ସ୍ଥାନ ଅଗମ୍ୟ ବେଗ—
ପ୍ରଥିତ ଗରୁଡ଼ର ।
ସ୍ୱଳ୍ପତପସ୍ୱୀର ଅପ୍ରାପ୍ୟ
ଯାହା ଦୂରବଣରୁ,
ଜନକସୁତାକାଙ୍କ୍ଷା ହୋଇ
ଅସିଲି ସେ ସ୍ଥାନରୁ ।

ଅତଏବ ତାହା ସହ ସମ୍ଭାଷିବି । ( ପ୍ରକାଶ୍ୟେ ) ବତ୍ସା—ମୈଥିଲୀ ତୁ କାହିଁମିତ ପ୍ରାର୍ଥିନୀ ?

ସୀ—( ବିସ୍ମୟରେ ଦେଖି ) ଭଗବତୀ, ତୁମ୍ଭେ କିଏ ?

ପୃଥି—ଅଗୋ, ତୁହି ମୋତେ ଜାଣୁ ନାହୁଁ କି ?

ମୁନିଏ ପଣ୍ଡିତେ ପ୍ରଣବବ୍ରତୀଗଣ
କରି ମୋତେ ଉଚ୍ଚରନ୍ତି
ଅଗୋ ସୀତାଦେବୀ ମୋରଠାରୁ ସବ—
ଚରାଚର ସମ୍ଭବନ୍ତି ।
ମୋହର ହେତୁରୁ ମୁନିବରଙ୍କର
ତପସ୍ୟା ସିଦ୍ଧ ହୁଅଇ
ଭୂତଧାତ୍ରୀ ବୋଲି ଜାଣ ମୋତେ ଏବେ
ଅସିଲି ଡାକନ୍ତେ ତୁହି ।

ବତ୍ସା, ତୁହି ଏହା ମଧ୍ୟ ଜାଣ ।

—ଶ୍ଳୋ—

ମହାବରାହରେ ପୂର୍ବେ ବଳାତ୍କାରେ ମୁଁ ଉଦ୍ଧୃତା,
ଏବେ ସେହି ପରି ହେଲି କୁମାରୀ ତୋ ପ୍ରଭାବରୁ ।

ସୀ—( କରଯୋଡ଼ି ) ଭଗବତୀ, ଗୃହବାସକଳଙ୍କରେ ତୁମ୍ଭ ଦ୍ୱାରା ମୁଁ, କ୍ଷାପର ବାଞ୍ଛିତା, କରୁଣାକରି ତାହା ଲୋକଙ୍କୁ ବିଦିତ କର ।

ପୃଥ୍ୱୀ—ତଥାସ୍ତୁ । ( ସର୍ବନ ବିଲୋକି )

ଦିକ୍ପତିଏ ବିଦ୍ୟାଧରେ ଯକ୍ଷେ ସିଦ୍ଧେ
ପରମ ତପସ୍ୱିଜନେ
ଅସୁରେ କିନ୍ନରେ ନରେ ତୁମ୍ଭେ ସର୍ବେ
ସାବଧାନ ହୁଅ କ୍ଷଣେ ।

ଶୁଣ ଦାଶରଥି ରାମଙ୍କୁ ବରଜି
ଅନ୍ୟ ପୁରୁଷରେ ଆପଣା ମରଜି;
ବଳାଇ ନାହିଁ ଜାନକୀ କେବେ ହେଲେ,
ଜାଣିଅଛ ତ ଏହା ତୁମ୍ଭେ ନିରୋଳେ ।

( ଆକାଶରୁ ପୁଷ୍ପବୃଷ୍ଟି ଏବଂ ଦୁନ୍ଦୁଭିଧ୍ୱନି )

ସର୍ବେ—( ସହର୍ଷରେ ) ଅହୋ ! ମହାଶ୍ଚର୍ଯ୍ୟ ! ବସୁନ୍ଧରାସମ୍ପାଦିତ ଶୁଦ୍ଧିଙ୍କ ଅନୁସରି ଏମାନ ବହୁବିଧରେ ଆବିର୍ଭୂତ !

ଦେବଦୁନ୍ଦୁଭିନାଦ ସବୁ ଦିଗେ ଭରନ୍ତି,
ଗଗନରୁ ବର୍ଷଇ ବାସିତସୁମନତତି ।
ଆକାଶରୁ ଦେବୀଙ୍କ ଉପରେ ବିତାନ
ଅବିଦିତବ୍ୟକ୍ତିଧୃତ ହୋଇ ଭାସମାନ ।

ନେପଥ୍ୟେ— ଜୟ ଦଶରଥସୁତ ଜୟ ସତ୍ୟଧାମ,
ଜୟ ସର୍ବଜଗଦ୍ଭୂପ ଜୟ ରଘୁରାମ !
ଜୟ ରଘୁକୁଳମା ଜୟ ପୂତଚରିତା,
ଜୟ ସୀତା ଜୟ ବୁଧପ୍ରକର ବନ୍ଦିତା ।

ପୃଥି—ବୈଦେହ୍ୟାଂ ଶୁଦ୍ଧିମତୀ ହେଲା କି ?

ସର୍ବେ—( କୃତାଞ୍ଜଳି ହୋଇ )

ପରମପବିତ୍ରା ନିର୍ମଳା—
ଗୁଣୀ ଜନକସୁତା,
ଜନାପବାଦପୟୋଧରେ,
ସେକାଳେ ଆଚ୍ଛାଦିତା ।
ଶରଦୃତୁଲକ୍ଷ୍ମୀ ନିକଟେ,
ଚନ୍ଦ୍ରିକା ପରି ଭଲେ,
ଭୂମି, ତୁମ୍ଭ ଦର୍ଶନବଶୁଁ,
ଏବେ ଶୁଦ୍ଧା ହୋଇଲେ ।

(ପୃଥିବୀଙ୍କ ପ୍ରଣମି) ମିଥୁନ ପୁନଶ୍ଚ ସଲଗ୍ନ । ଏହା ଆଶ୍ଚର୍ଯ୍ୟ ସିନା !

ବାଲ୍ମୀ—ହେ କୌଶଲ୍ୟାକୁମାର, ପରଶୁଦ୍ଧି ପରଗ୍ରହଣରୁ ସୀତା ସମ୍ମାନିତା ହେଉ ।

ରା—ଯେ ଗୁରୁଜନାଦେଶ । ଭାଇ ଲକ୍ଷ୍ମଣ, ପାଦପ୍ରଣାମ କର ।

ସୀ—(କର ଯୋଡ଼ି ସହର୍ଷରେ ) ଜୟ—ଜୟ, ଆର୍ଯ୍ୟପୁତ୍ର !

ରା—ଏ ପ୍ରଭିଗ୍ରହପ୍ରକାର କଦାଊଶାଳୀନ ତ ।

ଲକ୍ଷ୍ମ—( ହର୍ଷରେ ଏବଂ ଲଜ୍ଜାରେ ) ଆର୍ଯ୍ୟା, ବଧୂ—ପାପାତ୍ମା—ଲକ୍ଷ୍ମଣ ପ୍ରଣମଇ । ( ପ୍ରଣମିବା )

ସୀ—ବତ୍ସ, ନିଜକୁ କାହିଁକି ନିନ୍ଦ ? ଏହାପର ନିଜଗୁରୁନିଯୋଗବର୍ତ୍ତୀ ହୋଇ ଚିରକାଳ ବଞ୍ଚ ।

ବାଲ୍ମୀ—ବତ୍ସ, ରାମଚନ୍ଦ୍ର, ଏତଦ୍ଦ୍ୱାରା ସୀତା ଗୃହୀତା ହେଲା ! ଅତ ତୁମ୍ଭେ ନିଜେ ସମ୍ପ୍ରତି ପାଣିଗ୍ରହଣପୂର୍ବକ ଯଜ୍ଞକାର୍ଯ୍ୟରେ ନିଯୁକ୍ତା କର ।

ରା—( ଲଜ୍ଜାଭର )

ବାଲ୍ମୀ—ରାମଚନ୍ଦ୍ର, ଯଜ୍ଞାଙ୍ଗାଳି ବିନା ସର୍ବସାକ୍ଷିକପାଣିଗ୍ରହଣ ଅନୁଚିତ ଏବଂ ଅପୂର୍ବ ବୋଲି ଲଜ୍ଜିତ ହୁଅ ନାହିଁ ।

ରା—ଏହା ଲୋକାଗୃର ଏବଂ ଗୁରୁଜନଯୋଗ । (ସୀତା କର ଧରି) କଲ୍ୟାଣୀ ବୈଦେହୀ—

ଦାରଗ୍ରାହକଙ୍କର ଇଷ୍ଟ ଅଟଇ ସନ୍ତତି,
ବେନି ଫଳ ବୋଲି ଭାଷେ ବିଶେଷଜ୍ଞଙ୍କତତି ।
ସତୀ, ଦ୍ୱିତୀୟ ଫଳ ଫଳିଲା ତୁମ୍ଭଠାରେ,
ପ୍ରଥମ ଫଳକୁ ଲଭି ପ୍ରବେଶି ଅଗାରେ ।

ସୀତା—ଯେ ଆର୍ଯ୍ୟପୁତ୍ରଙ୍କ ଆଦେଶ । (ସ୍ୱଗତ) ମୋ ହୃଦୟ ଏବେ ନିଶ୍ୱାସ ବୁହାଇଲା; ମୋ ପ୍ରାଣ ଫେରି ଆସିଲା ।

ପୃଥ୍ୱୀ— ସୀତା ରାମ ଦୁହେଁ ହେଲେ ମିଳିତ,
ଯଜ୍ଞଚୟ୍ୟବିଘ୍ନ ହେଉ ଖଣ୍ଡିତ ।
କାଳରେ ବୃଷ୍ଟି କରୁ ପୁରୁହୂତ,
ଭୟରହିତ ହେଉ ପ୍ରଜାବ୍ରାତ ।

( ଅନ୍ତର୍ହିତା )

ରା—କଅଣ ! ପୃଥ୍ୱୀ ଦେବୀ ଅନ୍ତର୍ହିତା !

ବାଲ୍ମୀ—ଦେବତା ଅତିଦୀର୍ଘସନ୍ନିଧାନା ହୁଅନ୍ତି ନାହିଁ ତ !

ରା—ଭଗବାନ, ମୁଁ ମଧ୍ୟ ତୁମ୍ଭଦ୍ୱାରା ଅନୁଜ୍ଞାତ ହେବି । ଲକ୍ଷ୍ମଣକୁ ଅଭିଷିକ୍ତ କର ।

ଲକ୍ଷ୍ମ—( କୃତାଞ୍ଜଳି ହୋଇ ) ଆର୍ଯ୍ୟ ପ୍ରସନ୍ନ ହେଲେ, ଯୁବରାଜ ଶବ୍ଦ ଅଦ୍ୟ ତନୟସଙ୍କ୍ରାମୀ ହେଲା ହେତୁରୁ ଚିରକାଳାନ୍ତରେ ସୌମିତ୍ରି ତଦ୍ଧୁସ୍କୃତ ହେଉ ।

ବାଲ୍ମୀ—ଏହା ଇକ୍ଷ୍ୱାକୁ କୁଳର ଉପଯୁକ୍ତ ବଚନ ।

ରା—କଅଣ କରିବି ? ଲକ୍ଷ୍ମଣପ୍ରାର୍ଥନ ରାମର ଅନୁଲ୍ଲଙ୍ଘନୀୟ । ଏ କାର୍ଯ୍ୟ ପୁନର ଆବଶ୍ୟକ ହେଲେ ଅବଶ୍ୟ କରିବି । ସୌମିତ୍ରି, ଅଭିଷେକ ସମ୍ଭାର ଅଣ ।

ଲକ୍ଷ୍ମ—ଆର୍ଯ୍ୟ, ବୀଣାହସ୍ତ ହୋଇ ଅଭିଷେକସମୟୋଚିତ ସମସ୍ତଙ୍କୁ ଦେବତା-
ମାନେ ଉପସ୍ଥିତ ହେଲେ । ହେଉଛି !

ଶାରଦଚନ୍ଦ୍ର ସମାଚ୍ଛନ୍ନଙ୍କୁ ଶଙ୍ଖଧରେ,
ଶଚୀ ଗଙ୍ଗା ଚାମରହସ୍ତା ବେଣ୍ଣ ପାଖରେ ।
ଅହୋ ! ହୈମ କଳଲକୁମ୍ଭଯୁକ୍ତକରନରେ,
ଏମନ୍ତ ଦ୍ରବ୍ୟ ସମ୍ପଦ ସୁଲଭ ସ୍ନେହରେ ।

ରା—ସେପରି ହେଲେ ବେବାଧିକାରୀ ଆମ୍ଭର ।

ଲକ୍ଷ୍ମ—ସେ ଅଧିକାରସଂବିଭାଗ ମହାନୁଗ୍ରହ ।

ରା—ଭାଇ, ବେଶଧାରଣା କର । (ବାଲ୍ମୀକିଙ୍କ ଉଦ୍ଦେଶି) ଭଗବାନ,
ପୌରର ଅଭିଷେକ କର ।

ବାଲ୍ମ—(କଳଶ ଧରି ସମୀପବର୍ତ୍ତୀ ହୋଇ) ହେ ସାକେତନଗରବାସୀ ପୌରେ,
ହେ ନାନା ଦେଶାନ୍ତରବାସୀ ନୃପେ, ହେ ବିଭୀଷଣ ସୁଗ୍ରୀବ ହନୁମଦ୍‌ପ୍ରଭୃତି
ମହାରଥେ, ତୁମ୍ଭେ ସର୍ବେ ଶୁଣ ।

ସୀତା ଜ୍ୟେଷ୍ଠପୁତ୍ର ଶ୍ରେଷ୍ଠ ଶକ୍ତିଯୁକ୍ତ,
କୁଶ ପ୍ରାଜ୍ୟ ସାମ୍ରାଜ୍ୟରେ ଅଭିଷିକ୍ତ ।
ତାର ଉତ୍ତମ ଶାସନ ଜଗତରେ,
ଅଭିମାନ୍ୟତାକୁ ପାଉ ନିରନ୍ତରେ ।

(କୁଶଙ୍କୁ ଉଦ୍ଦେଶି)

ଯେପରି ମଙ୍ଗଳ ସ୍ୱର୍ଗେ ପୁରନ୍ଦରର,
ପାତାଳ ଭୁବନେ ବାସୁକିନାଗର ।
ମର୍ତ୍ତ୍ୟରେ ମନୁର ମାନ୍ଧାତୃ ନୃପର,
ତେପରି ମଙ୍ଗଳ ହେଉ କୁଶ ତୋହର !

ନେପଥ୍ୟେ—(ଅଭିଷେକ କୋଳାହଳ) ଜୟ ଜୟ, ମହାରାଜ !

ସୀ—ଭାଗ୍ୟବଶୁଁ ମୋର ଶୁଭ ସଙ୍ଘଟିତ ।

ରା—ଭାଇ, ତୁମ୍ଭ ମନୋରଥ ସମ୍ପୂର୍ଣ୍ଣ ।

ସର୍ବେ—( ହର୍ଷଭର )

ରା—( କୁଶକୁ ଉଦ୍ଦେଶି ) ଭୂପ, ତୋ ଅନୁମତି ଲଭି ଯୌବରାଜ୍ୟରେ
ଲବକୁ ଅଭିଷିକ୍ତ କରିବାକୁ ମୁଁ ଇଚ୍ଛୁକ ।

କୁ—ତାତ, ଯଥା ଭବଦଭିପ୍ରାୟ ।

ରା—ହେଉ । ( କଳଶ ଧରି )

ଏ ଲବ କୁଶମହାରାଜସୋଦର
ଏହାଙ୍କୁ ଅନୁମତିରେ ମହୀଶୂର ।
ଯୌବରାଜ୍ୟପଦବୀରେ ଅଭିଷିକ୍ତ
କରଇଁ ଏବେ ମୁଁ ହୋଇ ଅନୁରକ୍ତ ।

ସର୍ବେ—( ହର୍ଷନିର୍ଭର )

ବାଲ୍ମ—ଅଉ ତୁମ୍ଭର କେଉଁ ପ୍ରିୟ ସଙ୍ଘଟାଇବି ?

ରା—ଦେବ, ତୁମ୍ଭ ଦର୍ଶନବଶୁଁ
ମୋ ବହୁତାଧ୍ୱରର
ପୁଣି ପ୍ରିୟପତ୍ନୀର ଶୁଦ୍ଧି—
ବାର୍ତ୍ତା ହେଲା ନିକର ।
ରାଜତ୍ୱକୁ ଦେଇ ପାରିଲି
କରେ ପୁତ୍ରଦ୍ୱୟର
ମାଗିବାକୁ ଅଉ କି ଅଛି
ହୋଇ ଆଦରଭର ।

ବା—ତଥାପି ଏପରି ହେଉ ।

ହରିହରକଞ୍ଜସମ୍ଭବେ
ବନ୍ଦିବା ତସାଗରେ
ସୁବଳଭ ନାଗଭୂବନେ
ତପସ୍ୱୀଏ ସୁସ୍ଥରେ ।

ବେଦେ ବୈଦ୍ୟବେତ୍ତାଏ ହୋଇ
ସକଳେ ସଦ୍ଗୁଣି
ଭରନ୍ତୁ ନୃପର ମଙ୍ଗଳ
ବୃଦ୍ଧି ପାଉ ଗୋଗଣ ।

( ସର୍ବେ ନିଷ୍କ୍ରାନ୍ତ )

● ସମ୍ପୂର୍ଣ୍ଣ ●

## —ଏ ନାଟକର ନିଗୂଢ଼ଶବ୍ଦ ଏବଂ ତଦର୍ଥ—

ଅନାଶ୍ରବ=ଅବଚନେ ସ୍ଥିତ

ଅବଲେପ=ଗର୍ବ

ଅବଷ୍ଟମ୍ଭ=ସମୀପାବଲମ୍ବନ

ଅହଲ୍ୟ=ଅକୃଷ୍ଟ—କୃଷ୍ଟ ନୋହିବା

ଆଲାନ=ଗଜବନ୍ଧନସ୍ତମ୍ଭ

ଇଷ୍ଟି=ଯଜ୍ଞ

ଉଦାତ୍ତଶାଳୀନ=ଅତ୍ୟନ୍ତଲଜ୍ଜାବହ

ଦାସେରକ=ପରଗୃହରକ; ଦାସୀପୁତ୍ର

ନିଃସମ୍ପାତ=ଗମନାଗମନଶୂନ୍ୟ

ନିଧ୍ୟାନ=ଦର୍ଶନ

ନିରନୁକ୍ରୋଶ=ନିର୍ଦ୍ଦୟ

ପ୍ରାଭବ=ପ୍ରଭୁତା

ରଭସ=ହର୍ଷ

ବଟପିପାଳ=ବୃକ୍ଷପଙ୍କ୍ତି

ବିବକ୍ତ=ବିଜନ

ଶଶଧରକାନ୍ତ=ଚନ୍ଦ୍ରକାନ୍ତଶିଳା

ଶାଳୀନତ୍ୱ=ସଲଜ୍ଜତା

ଶ୍ୱାପଦ=ହିଂସ୍ରପଶୁ

ସପ୍ତତନ୍ତୁ=ଯଜ୍ଞ

ସଭାଜନ=ଅଭିନନ୍ଦନ—ଆଲିଙ୍ଗନ କୁଶଳପ୍ରଶ୍ନାଦିପୂର୍ବକ ସମ୍ଭାବନା

ସାଚିବ୍ୟ=ସହାୟତା